'oaob.nitrkl.ac.in' images reprocessed

ଶ୍ରୀମା

ଜନ୍ମଗ୍ରହଣ

ଫେବୃଆରି ୨୧, ୧୮୭୮

ଭାରତବର୍ଷରେ ପଦାର୍ପଣ

ମାର୍ଚ୍ଚ ୨୯, ୧୯୧୪

ମହାପ୍ରୟାଣ

ନଭେମ୍ବର ୧୭, ୧୯୭୩

ଜନ୍ମଶତବାର୍ଷିକୀ

ଫେବୃଆରି ୨୧, ୧୯୭୮

'oaob.nitrkl.ac.in' images reprocessed

# ମାତୃରଚନାବଳି

## ତ୍ରୟୋଦଶ ଖଣ୍ଡ

## ମାତୃବାଣୀ

'oaob.nitrkl.ac.in' images reprocessed

# ମାତୃରଚନାବଳି : ୧୩ଶ ଖଣ୍ଡ

## ମାତୃବାଣୀ

ଶ୍ରୀମା'ଙ୍କ ଜନ୍ମ ଶତବାର୍ଷିକୀ ଗ୍ରନ୍ଥମାଳା (ଇଂ)ର ୧୩ଶ ଖଣ୍ଡ
*"The Words of the Mother"* ର ଓଡ଼ିଆ ଅନୁବାଦ

ଅନୁବାଦ : ଚିତ୍ତରଂଜନ ଦାସ

ପ୍ରଥମ ମୁଦ୍ରଣ : ୨୦୦୪

ସର୍ବସ୍ୱତ୍ୱ ସଂରକ୍ଷିତ :
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ – ୬୦୫ ୦୦୨

ପ୍ରକାଶକ :
ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ – ୬୦୫ ୦୦୨

**MATRIRACHANABALI** (Oriya) – **Vol. 13**
**Words of the Mother**

Translated by : Chittaranjan Das

1st Edition : 2004

© Sri Aurobindo Ashram Trust, 2004

Published by Navajyoti Karyalaya
A unit of Sri Aurobindo Ashram Publication Department
Pondicherry - 605002

Printed at Sri Aurobindo Ashram Press, Pondicherry
PRINTED IN INDIA

'oaob.nitrkl.ac.in' images reprocessed

# ପ୍ରକାଶକଙ୍କ ସୂଚନା

ଏହି ଖଣ୍ଡଟିରେ ପ୍ରଧାନତଃ ମାଆଙ୍କର ଯେଉଁ ବିବୃତିମାନ ରହିଛି, ସେସବୁ ଶ୍ରୀଅରବିନ୍ଦଙ୍କ ବିଷୟରେ, ତାଙ୍କ ନିଜ ବିଷୟରେ, ବିଭିନ୍ନ ବ୍ୟକ୍ତିଙ୍କ ସହିତ ରହିଥିବା ତାଙ୍କର ସମ୍ବନ୍ଧ ବିଷୟରେ, ଶ୍ରୀଅରବିନ୍ଦ ଆଶ୍ରମ ବିଷୟରେ, ଅରୋଭିଲ୍ ବିଷୟରେ ତଥା ଭାରତବର୍ଷ ଏବଂ ଅନ୍ୟାନ୍ୟ ଜାତିମାନଙ୍କ ବିଷୟରେ । ସେଗୁଡ଼ିକୁ ତାଙ୍କର ନାନା ବାଣୀରୁ, ସାଧକମାନଙ୍କ ସହିତ ହୋଇଥିବା ତାଙ୍କର ପତ୍ରାଳାପରୁ ଏବଂ ବ୍ୟକ୍ତିଗତ ଟିପ୍ପଣୀମାନଙ୍କରୁ ସଂଗ୍ରହ କରାଯାଇଛି । ସେଗୁଡ଼ିକରୁ ଅଧିକାଂଶ ବିଭିନ୍ନ ପୁସ୍ତକରେ ଏବଂ ଆଶ୍ରମ ସହିତ ସମ୍ବନ୍ଧିତ ନାନା ପତ୍ରିକାରେ ପୂର୍ବରୁ ପ୍ରକାଶିତ ହୋଇଥିଲା । ଅଧିକାଂଶ ଫରାସୀ ଭାଷାରେ ଲେଖା ଯାଇଥିଲା, ଅବଶିଷ୍ଟ ଇଂରାଜୀରେ । ଏଠାରେ ପ୍ରଦତ୍ତ ଅନୁବାଦଗୁଡ଼ିକ ମଧ ସାଧାରଣତଃ ପୂର୍ବରୁ ପ୍ରକାଶିତ ହୋଇସାରିଛି, ଆବଶ୍ୟକତା ଅନୁସାରେ ଠାଏଠାଏ ସେଥିରେ କିଞ୍ଚିତ୍ ସଂଶୋଧନ କରି ଦିଆଯାଇଛି । ଗୋଟିଏ ବିଭାଗ ମଧରେ ରହିଥିବା ତାରିଖ ଦିଆ ବିବୃତିଗୁଡ଼ିକୁ କାଳ-ଅନୁକ୍ରମରେ ରଖାଯାଇଛି; ଯେଉଁଗୁଡ଼ିକରେ ତାରିଖ ନ ଥିଲା, ସେଗୁଡ଼ିକ ଯେଉଁଠି ଯିଏ ସର୍ବୋତ୍ତମ ଭାବରେ ଖାପଖାଇଲା, ସେଠାରେ ଦିଆଯାଇଛି ।

ଲିଖିତ ବିବୃତିଗୁଡ଼ିକ ବ୍ୟତୀତ ଟେପ୍‌ରେ ରେକର୍ଡ଼ କରାଯାଇଥିବା ଏକାଧିକ ପ୍ରବଚନ ରହିଛି, ବିଶେଷତଃ ଅରୋଭିଲ୍ ସମ୍ପର୍କରେ ରହିଥିବା ବିଭାଗଟିରେ ଏଗୁଡ଼ିକ ଦେଖିବାକୁ ମିଳିବ । କେତୋଟି ପ୍ରବଚନ ପ୍ରଥମ ଥର ପାଇଁ ଏହି ପୁସ୍ତକରେହିଁ ପ୍ରକାଶିତ ହେଉଛି । କେବଳ ଗୋଟିକୁ ଛାଡ଼ିଦେଲେ ବାକିଗୁଡ଼ିକ ମାଆ ଫରାସୀ ଭାଷାରେ କହିଥିଲେ । ସେଗୁଡ଼ିକର ପ୍ରଥମ କରି ଇଂରାଜୀରେ ଅନୁବାଦ କରାଯାଇଛି ଅଥବା ଆଗରୁ ଥିବା ଅନୁବାଦଗୁଡ଼ିକୁ ସଂଶୋଧିତ ଆକାରରେ ପ୍ରକାଶ କରାଯାଇଛି ।

ପରିଶେଷରେ, ଏଥିରେ କେତେକ ମୌଖିକ ମନ୍ତବ୍ୟ ମଧ ରହିଛି, ଯେଉଁଗୁଡ଼ିକୁ କି ସାଧକମାନେ ସ୍ମୃତିରେ ସଂଗ୍ରହ କରି ଟିପି ରଖିଥିଲେ । ପ୍ରକାଶିତ ହେବା ସକାଶେ ସେଗୁଡ଼ିକ ପରେ ମାଆଙ୍କର ଅନୁମୋଦନ ଲାଭ କରିଥିଲା । ଏଗୁଡ଼ିକୁ ଶେଷରେ § ଚିହ୍ନ ଦ୍ୱାରା ସୂଚିତ କରାଯାଇଛି ।

ପାଠକର ଜାଣିରଖିବା ଉଚିତ ଯେ, ଏହି ବିବୃତିଗୁଡ଼ିକରୁ ଅଧିକାଂଶ ବ୍ୟକ୍ତିମାନଙ୍କ ଲାଗି ଲେଖା ହୋଇଥିଲା ଓ ସେତେବେଳେ ସମସ୍ତଙ୍କର ଅବଗତି ଲାଗି କିଂବା ସାଧାରଣ ପ୍ରୟୋଗ ଲାଗି ଆଦୌ ଉଦ୍ଦିଷ୍ଟ ନ ଥିଲା ।

ଏଇଟି ହେଉଛି ମାତୃ-ରଚନାବଳୀର ତ୍ରୟୋଦଶ ଖଣ୍ଡ ।

'oaob.nitrkl.ac.in' images reprocessed

# ବିଷୟ-ସୂଚୀ


| | | ପୃଷ୍ଠା |
|---|---|---|
| ପ୍ରଥମ ଭାଗ : | ଶ୍ରୀଅରବିନ୍ଦ | ୧ |
| | ମହାସମାଧି | ୬ |
| | ଶାଶ୍ୱତ ଉପସ୍ଥିତି | ୧୧ |
| | ଶତବାର୍ଷିକୀ | ୧୫ |
| | କାର୍ଯ୍ୟ ଏବଂ ଶିକ୍ଷା | ୨୩ |
| | ବିବିଧ ପ୍ରସଙ୍ଗ | ୨୯ |
| | ଶ୍ରୀଅରବିନ୍ଦ ଓ ମାଆ | ୩୫ |
| ଦ୍ୱିତୀୟ ଭାଗ : | ମାଆ | ୩୭ |
| | ବାହ୍ୟ ଜୀବନ | ୪୬ |
| | କାର୍ଯ୍ୟ ଓ ଶିକ୍ଷା | ୫୦ |
| | ଶରୀରର ସାଧନା | ୫୯ |
| | ଆଶୀର୍ବାଣୀ | ୬୬ |
| | ବିବିଧ ପ୍ରସଙ୍ଗ | ୬୮ |
| | ଅନ୍ୟମାନଙ୍କ ସହିତ ସମ୍ବନ୍ଧ | ୭୩ |
| | *"ମୁଁ ତୁମ ସହିତ ରହିଛି"* | ୭୩ |
| | *"ମୋ' ନିକଟରେ ରହିବା"* | ୮୬ |
| | *ସ୍ଥୂଳ ସାନ୍ନିଧ୍ୟ* | ୮୭ |
| | *ପଥପ୍ରଦର୍ଶକର ଭୂମିକା* | ୯୦ |
| | *"ଯେଉଁଟି ଭଲ ଲାଗୁଛି, ସେଇଟିକୁ କର"* | ୯୫ |
| | *"ମୁଁ ଆଦୌ ଅସନ୍ତୁଷ୍ଟ ହୋଇ ନାହିଁ"* | ୯୮ |
| | *କର୍ମଧାରାର ଶୈଳୀ* | ... ୧୦୨ |
| | *ଉଡ଼ା ଖବର* | ... ୧୧୦ |
| | *ବିରୋଧ ଓ ପ୍ରତିବାଦ* | ... ୧୧୫ |


'oaob.nitrkl.ac.in' images reprocessed

| ବିଷୟ-ସୂଚୀ | | | ପୃଷ୍ଠା |
|---|---|---|---|


| | | | |
|---|---|---|---|
| ତୃତୀୟ ଭାଗ : | ଶ୍ରୀଅରବିନ୍ଦ ଆଶ୍ରମ | ... | ୧୧୯ |
| | ପ୍ରବେଶାନୁମତିର ସର୍ତ୍ତ | ... | ୧୨୮ |
| | ଯଥାର୍ଥ ଆଚରଣ | ... | ୧୩୨ |
| | ରାଜନୀତି ଲାଗି ସ୍ଥାନ ନାହିଁ | | ୧୩୭ |
| | ଆରାମ ଓ ସୁଖ | ... | ୧୪୬ |
| | ଆଶ୍ରମକୁ ଆସିବା ବିଷୟରେ | ... | ୧୫୦ |
| | ଆଶ୍ରମରୁ ଚାଲିଯିବା ବିଷୟରେ | ... | ୧୫୮ |
| | ଆଶ୍ରମ ବାହାରେ ଥିବା ବ୍ୟକ୍ତିମାନଙ୍କ ସହିତ ସମ୍ବନ୍ଧ | ... | ୧୬୮ |
| | ଅର୍ଥ ଏବଂ ବ୍ୟୟ ବ୍ୟବସ୍ଥା | | ୧୭୪ |
| | ସଂଗଠନ ଓ କାର୍ଯ୍ୟ | ... | ୧୮୦ |
| | ବେତନଭୋଗୀ କର୍ମୀ | ... | ୧୯୯ |
| | ବିବିଧ ପ୍ରସଙ୍ଗ | | ୨୧୨ |
| ଚତୁର୍ଥ ଭାଗ : | ଅରୋଭିଲ୍ | ... | ୨୧୯ |
| | ଲକ୍ଷ୍ୟ ଏବଂ ସିଦ୍ଧାନ୍ତ | ... | ୨୨୧ |
| | ମାତୃମନ୍ଦିର | ... | ୨୬୩ |
| | ଗୋଷ୍ଠିଜୀବନର ସଂକ୍ରାନ୍ତରେ | ... | ୨୬୮ |
| | *ବିବିଧ ପ୍ରସଙ୍ଗ* | | ୨୬୮ |
| | *ସାମାଜିକ ବିଧାନାବଳୀ* | | ୨୭୭ |
| | *ସ୍ଥାନୀୟ ଗ୍ରାମବାସୀମାନଙ୍କ ସହିତ ସମ୍ପର୍କ* | | ୨୮୫ |
| | ଅର୍ଥବ୍ୟବସ୍ଥା | | ୨୯୦ |
| | ପ୍ରାରମ୍ଭକାଳୀନ ପ୍ରବଚନ | | ୨୯୫ |
| | ମାତୃମନ୍ଦିର ପ୍ରବଚନାବଳୀ | ... | ୩୩୩ |
| | "ଅଭୀପ୍ସା" ପ୍ରବଚନାବଳୀ | ... | ୩୭୮ |
| | ସର୍ବଶେଷ ପ୍ରବଚନ | ... | ୪୨୮ |
| ପଞ୍ଚମ ଭାଗ : | ଭାରତବର୍ଷ | | ୪୩୧ |
| ଷଷ୍ଠ ଭାଗ : | ଭାରତ ବ୍ୟତୀତ ଅନ୍ୟାନ୍ୟ ଜାତି | ... | ୪୬୫ |


'oaob.nitrkl.ac.in' images reprocessed

Do not take my words for a teaching. Always they are a force in action, uttered with a definite purpose, and they lose their true power when separated from that purpose

ମୋର କଥାଗୁଡ଼ିକୁ ତୁମେ ଏକ ଉପଦେଶ ବୋଲି ଗ୍ରହଣ କରିବ ନାହିଁ । ସର୍ବଦା ସେଗୁଡ଼ିକ ଗୋଟିଏ ଗୋଟିଏ କ୍ରିୟାଶୀଳ ଶକ୍ତିର ରୂପରେ ରହିଥା'ନ୍ତି, ଏକ ସୁନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟସାଧନ ପାଇଁ ସେଗୁଡ଼ିକୁ କୁହା ଯାଇଥାଏ ଏବଂ, ସେହି ଉଦ୍ଦେଶ୍ୟଟିରୁ ସେଗୁଡ଼ିକୁ ବିଚ୍ଛିନ୍ନ କରି ପକାଇଲେ ସେଗୁଡ଼ିକର ଯଥାର୍ଥ ଶକ୍ତିଶାଳିତା ମଧ୍ୟ ଆଉ ମୋଟେ ରହେ ନାହିଁ ।

— ମାଆ

'oaob.nitrkl.ac.in' images reprocessed



ଶ୍ରୀମା ଓ ଶ୍ରୀଅରବିନ୍ଦ

ଏପ୍ରିଲ୍ ୨୪, ୧୯୫୦ ଦର୍ଶନ ଦିବସରେ

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

# ଶ୍ରୀଅରବିନ୍ଦ

*(ଶ୍ରୀଅରବିନ୍ଦଙ୍କୁ ପ୍ରଥମ ଥର ପାଇଁ ଦର୍ଶନ କରିବାର ପରଦିନ ଲିଖିତ ଏକ ଧ୍ୟାନବାଣୀରୁ)*

ହଜାର ହଜାର ସତ୍ତା ଯେ ଗାଢ଼ତମ ଅଜ୍ଞାନ ମଧ୍ୟରେ ନିମଜ୍ଜିତ ହୋଇ ରହିଛନ୍ତି, ସେଥିରେ ଆଦୌ କିଛି ଯାଏ ଆସେ ନାହିଁ । ଆମେ କାଲି ଯାହାଙ୍କର ଦର୍ଶନ କଲୁ, ସିଏ ଏହି ମର୍ତ୍ତ୍ୟଭୂମିରେ ବିଦ୍ୟମାନ; ତାଙ୍କରି ଉପସ୍ଥିତିରୁହିଁ ଯଥେଷ୍ଟ ପ୍ରମାଣ ମିଳିଯାଉଛି ଯେ, ଏପରି ଗୋଟିଏ ଦିନ ଅବଶ୍ୟ ଆସିବ; ଯେତେବେଳେ କି ଅନ୍ଧକାର ଆଲୋକରେ ରୂପାନ୍ତରିତ ହୋଇଯିବ ଏବଂ ସେତେବେଳେ ଧରାପୃଷ୍ଠରେ ବସ୍ତୁତଃ ତୁମରି ରାଜତ୍ୱ ପ୍ରତିଷ୍ଠା ହେବ ।

ହେ ପରମ ପ୍ରଭୁ, ଏହି ବିସ୍ମୟର ହେ ଦିବ୍ୟ ନିର୍ମାତା, ମୁଁ ଏହି ବିଷୟଟିକୁ ଭାବିବା ମାତ୍ରକେହିଁ ମୋ'ର ହୃଦୟ ଆନନ୍ଦରେ ଉଚ୍ଛୁଳି ଉଠୁଛି ଓ ମୋ ଆଶା ଅସୀମ ହୋଇ ଯାଉଛି ।

ମୋ'ର ଶ୍ରଦ୍ଧାକୁ ପ୍ରକାଶ କରିବା ଲାଗି ମୋ ବାଣୀର ଶକ୍ତି ନାହିଁ, ମୋ'ର ଭକ୍ତି ନୀରବ ହୋଇ ଯାଉଛି ।

*୩୦ ମାର୍ଚ୍ଚ ୧୯୧୪*

*

ବିଶ୍ୱ-ଇତିହାସରେ ଶ୍ରୀଅରବିନ୍ଦ ଯେଉଁ ସତ୍ୟଟିର ପ୍ରତିନିଧିତ୍ୱ କରୁଛନ୍ତି, ତାହାକୁ ଏକ ଶିକ୍ଷା ବା ଏପରିକି ଏକ ସତ୍ୟୋଦ୍‌ଘାଟନ ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ; ତାହା ହେଉଛି ସର୍ବୋଚ୍ଚ ପରମସତ୍ତାଙ୍କ ପାଖରୁ ସିଧା ପ୍ରେରିତ ହୋଇ ଆସୁଥିବା ଏକ ମୀମାଂସକ କର୍ମଧାରା ।

*୧୪ ଫେବ୍ରୁଆରି ୧୯୬୧*


*

*(ତିରୁଚିରାପଲ୍ଲୀ ଆକାଶବାଣୀରେ ପ୍ରଚାରିତ ହେବା ଲାଗି ପ୍ରଦତ୍ତ ସନ୍ଦେଶ)*

ଏହି ପୃଥିବୀର ଆଧ୍ୟାତ୍ମିକ ପ୍ରଗତିର ଇତିହାସରେ ଶ୍ରୀଅରବିନ୍ଦ ଯେଉଁ ସତ୍ୟଟିର ପ୍ରତିନିଧିତ୍ୱ କରୁଛନ୍ତି, ତାହା ଏକ ଶିକ୍ଷା ନୁହେଁ, ଏକ ସତ୍ୟୋଦ୍‌ଘାଟନ ମଧ୍ୟ ନୁହେଁ; ଏହା ହେଉଛି

'oaob.nitrkl.ac.in' images reprocessed

*What Sri Aurobindo represents in the world's history is not a teaching, not even a revelation; it is a decisive action direct from the Supreme*



ଏକ ଶକ୍ତିମନ୍ତ କର୍ମଧାରା, ଯାହାକି ସିଧା ସେହି ସର୍ବୋଚ୍ଚ ପରମସତ୍ତାଙ୍କଠାରୁହିଁ ପ୍ରେରିତ ହୋଇ ଆସୁଛି ।

*୧୫ ଅଗଷ୍ଟ ୧୯୬୪*

*

*(ଶ୍ରୀଅରବିନ୍ଦ ସ୍ମାରକୀ ଡାକଟିକେଟର ଉନ୍ମୋଚନ ଉପଲକ୍ଷେ ପ୍ରଦତ୍ତ ସନ୍ଦେଶ)*

ଏହି ପୃଥିବୀ ଆପଣାର ଉଜ୍ଜ୍ୱଳ ଭବିଷ୍ୟଟି ଲାଗି ପ୍ରସ୍ତୁତ ହୋଇପାରିବ, ତାହାକୁ ସେହି ବାଣୀଟିକୁ ଶୁଣାଇବା ଲାଗିହିଁ ସେ ପୃଥିବୀକୁ ଆସିଛନ୍ତି ।

*୧୫ ଅଗଷ୍ଟ ୧୯୬୪*

*

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ଏହି ପୃଥିବୀ ଲାଗି ଏକ ଦିବ୍ୟ ଭବିଷ୍ୟର ନିର୍ଭରକୁ ବହନ କରି ଏଠାକୁ ଆସିଛନ୍ତି ।

*

ପୂର୍ବତନ ଅନ୍ୟ କୌଣସି ଧର୍ମମତ କିଂବା ଧର୍ମଶିକ୍ଷା ସହିତ ପ୍ରତିଯୋଗିତା କରି ପୃଥିବୀ ଲାଗି ସେହିପରି କିଛି ଆଣି ଦେବା ପାଇଁ ଶ୍ରୀଅରବିନ୍ଦ ଏଠାକୁ ଆସି ନାହାନ୍ତି । ଏହି ପୃଥିବୀ ଯେପରି ଅତୀତକୁ ଅତିକ୍ରମ କରିଯାଇ ପାରିବ, ସେଥିଲାଗି ବାଟ ଦେଖାଇ ଦେବାକୁ ଏବଂ ଏକ ଆସନ୍ନ ତଥା ଅନିବାର୍ଯ୍ୟ ଭବିଷ୍ୟ ଆଡ଼କୁ ପଡ଼ିଥିବା ପଥଟିକୁ ମୂର୍ତ୍ତ ଭାବରେ ଖୋଲି ଦେବାକୁହିଁ ସେ ପୃଥିବୀକୁ ଆସିଛନ୍ତି ।

*୨୨ ଫେବ୍ରୁଆରି ୧୯୬୭*

*

ଶ୍ରୀଅରବିନ୍ଦ ଅତୀତର ନୁହନ୍ତି, ଇତିହାସର ମଧ୍ୟ ନୁହନ୍ତି ।


ଶ୍ରୀଅରବିନ୍ଦ ହେଉଛନ୍ତି ସେହି ପରମ ଭବିଷ୍ୟତ୍ ଯାହାକି ଆପଣାର ଉପଲବ୍ଧି ଲାଗି ଅଗ୍ରସର ହୋଇଯାଉଛି ।

ତେଣୁ, ଆମେ ଯେପରି ଯାଉ ଯାଉ ଅଧ ବାଟରେ ପଛରେ ପଡ଼ି ଅଟକି ନ ଯିବା ଏବଂ ସତ୍ୱରତା ସହିତ ଅଗ୍ରଗତି କରି ପାରିବା, ସେଥିଲାଗି ଆବଶ୍ୟକ ହେଉଥିବା ସେହି ଚିରତାରୁଣ୍ୟର ଭାବଟିକୁହିଁ ଆମେ ନିଜ ଭିତରେ ପ୍ରତିଷ୍ଠିତ କରି ରଖିବା ଓ ତାହାର ବିକାଶ କରାଇ ଆଣିବା ।

*୨ ଏପ୍ରିଲ ୧୯୬୭*

'oaob.nitrkl.ac.in' images reprocessed

*Lord, this morning Thou hast given me the assurance that Thou wouldst stay with us until Thy work is achieved, not only as a consciousness which guides and illumines but also as a dynamic Presence in action. In unmistakable terms Thou hast promised that all of Thyself would remain here and not leave the earth atmosphere until earth is transformed. Grant that we may be worthy of this marvellous Presence and that henceforth everything in us be concentrated on the one will to be more and more perfectly consecrated to the fulfilment of Thy sublime Work.*



ହେ ପରମପ୍ରଭୁ, ଆଜି ସକାଳେ ଆପଣ ମୋତେ ଏହି ନିର୍ଭର ଆଶ୍ୱାସନା ଦେଇ ଯାଇଛନ୍ତି ଯେ, ଆପଣଙ୍କର କାର୍ଯ୍ୟଟି ସମ୍ପାଦିତ ହୋଇସାରିବା ପର୍ଯ୍ୟନ୍ତ ଆପଣ ଆମପାଖରେ ନିଶ୍ଚୟ ରହିବେ; ପଥପ୍ରଦର୍ଶନ କରୁଥିବା ଓ ସେହି ପଥଟିକୁ ଆଲୋକିତ କରି ଦେଉଥିବା କେବଳ ଏକ ଚେତନାରୂପେ ନୁହେଁ, ମାତ୍ର ଆମର ସକଳ କର୍ମରେ ଆପଣ ଏକ ଗତିଯୁକ୍ତ ପରମ ଉପସ୍ଥିତି ହୋଇ ମଧ୍ୟ ବିଦ୍ୟମାନ ରହିଥିବେ । ଅତ୍ୟନ୍ତ ସୁସ୍ପଷ୍ଟ ଶବ୍ଦରେ ଆପଣ ଏହି ପ୍ରତିଶ୍ରୁତି ଦେଇ ଯାଇଛନ୍ତି ଯେ, ଆପଣଙ୍କର ସମଗ୍ର ସତ୍ତା ଏହିଠାରେହିଁ ରହିବ ଏବଂ, ପୃଥିବୀର ରୂପାନ୍ତରସାଧନ ନ ହୋଇଥିବା ପର୍ଯ୍ୟନ୍ତ କଦାପି ଏହି ପୃଥ୍ୱୀମଣ୍ଡଳକୁ ଛାଡ଼ି ଯିବ ନାହିଁ । ଆପଣ ଆମକୁ ଆଶୀର୍ବାଦ କରନ୍ତୁ, ଯେପରି ଆମେ ଏହି ପରମ ଓ ଅଦ୍ଭୁତ ଉପସ୍ଥିତିର ଯୋଗ୍ୟ ହୋଇପାରୁ, ଯେପରି ବର୍ତ୍ତମାନଠାରୁ ଆମ ଭିତରେ ରହିଥିବା ସବୁକିଛି ଆପଣଙ୍କର ସେହି ଉଦାତ୍ତ ମହାନ୍ କାର୍ଯ୍ୟଟିକୁ ପୂର୍ଣ୍ଣ

'oaob.nitrkl.ac.in' images reprocessed

କରିବା ପାଇଁହିଁ ଅଧିକରୁ ଅଧିକ ସଂପୂର୍ଣ୍ଣ ଭାବରେ ନିଜକୁ ଉତ୍ସର୍ଗୀକୃତ କରି ରଖିବାର ଆମର ସେହି ଗୋଟିଏ ମାତ୍ର ଇଚ୍ଛା ଉପରେ ସଂକେନ୍ଦ୍ରିତ ହୋଇ ରହିପାରେ ।

୭ ଡିସେମ୍ବର ୧୯୫୦

*

ଆପଣାର ଶରୀର ବିଷୟରେ ଶ୍ରୀଅରବିନ୍ଦ ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି, ଏହି ପୃଥିବୀର ଏବଂ ସେଥିରେ ବାସ କରୁଥିବା ମନୁଷ୍ୟମାନଙ୍କର ଗ୍ରହଣଶୀଳତାର ଅଭାବହିଁ ସେଥିଲାଗି ମୁଖ୍ୟତଃ ଦାୟୀ । ମାତ୍ର ଗୋଟିଏ କଥା ଏକାନ୍ତ ସୁନିଶ୍ଚିତ : ଜଡ଼ର ଭୂମିରେ ଯାହା ଘଟିଛି, ତାହା ତାଙ୍କର ବାଣୀରେ ନିହିତ ହୋଇ ରହିଥିବା ସତ୍ୟକୁ ଆଦୌ କୌଣସି ପ୍ରକାରେ କ୍ଷୁଣ୍ଣ କରିବ ନାହିଁ । ସିଏ ଯାହାକିଛି କହି ଯାଇଛନ୍ତି, ତାହା ସମ୍ପୂର୍ଣ୍ଣ ଭାବରେ ସତ୍ୟ ଏବଂ ବର୍ତ୍ତମାନ ମଧ ଠିକ୍ ସେହିପରି ଭାବରେ ସତ୍ୟ ହୋଇ ରହିଛି । କାଳ ତଥା ଘଟଣାବଳୀର ପ୍ରବାହ ତାହାକୁ ସମ୍ପୂର୍ଣ୍ଣ ଭାବରେ ଅବଶ୍ୟ ପ୍ରମାଣ କରିଦେବ ।

୮ ଡିସେମ୍ବର ୧୯୮୪

*

ତୁମେ, ଯିଏକି ଆମ ପରମପ୍ରଭୁଙ୍କର ଜଡ଼ ଶରୀରର ଆବରଣ ହୋଇ ରହିଥିଲ, ତୁମରି ପାଖରେ ଆମେ ଆମର ଅନନ୍ତ କୃତଜ୍ଞତା ଜ୍ଞାପନ କରୁଛୁ । ତୁମରି ଆଗରେ, ଯିଏ ଆମ ଲାଗି ଏତେକିଛି କରିଛନ୍ତି, ଏତେ କାର୍ଯ୍ୟ କରିଛନ୍ତି, ଏତେ ସଂଗ୍ରାମ କରିଛନ୍ତି, ଏତେ କଷ୍ଟ ପାଇଛନ୍ତି, ଏତେ ଆଶା କରିଛନ୍ତି ଓ ଏତେକିଛି ସହିଛନ୍ତି,– ଯିଏ ସବୁକିଛି ଇଚ୍ଛା କରିଛନ୍ତି, ପ୍ରୟାସ କରିଛନ୍ତି, ପ୍ରସ୍ତୁତ କରି ଆଣିଛନ୍ତି, ଆମ ଲାଗି ସବୁକିଛି ହାସଲ କରିଛନ୍ତି, ଆଜି ତୁମରି ଚରଣତଳେ ଆମେ ନତମସ୍ତକ ହୋଇ ପ୍ରଣାମ କରୁଛୁ, ଏବଂ ତୁମ ପାଖରେ ଆମେ ଯାବତୀୟ ଯେତେପ୍ରକାରେ ଋଣୀ ହୋଇ ରହିଛୁ, ଆମେ ଯେପରି କେବେହେଲେ ସେସବୁକୁ ଭୁଲି ନ ଯାଉ, ସେଥିଲାଗି ଆପଣଙ୍କ ପାଖରେ ପ୍ରାର୍ଥନା କରୁଛୁ ।

୯ ଡିସେମ୍ବର ୧୯୫୦

*

ଶ୍ରୀଅରବିନ୍ଦ ଏଇଠି ଆମରି ସହିତ ରହିଛନ୍ତି, ସଚେତନ ଏବଂ ଜୀବନ୍ତ ହୋଇ ରହିଛନ୍ତି; ତାଙ୍କର ବିୟୋଗରେ ଦୁଃଖ ପ୍ରକାଶ କରିବା ହେଉଛି ତାଙ୍କର ଅପମାନ କରିବା ।

୧୪ ଡିସେମ୍ବର ୧୯୫୦

*

ବାହାର ଘଟଣାଗୁଡ଼ାକରୁ ଆମେ କଦାପି ଭ୍ରମରେ ପଡ଼ି ଯିବା ନାହିଁ । ଶ୍ରୀଅରବିନ୍ଦ

'oaob.nitrkl.ac.in' images reprocessed

ଆମକୁ ଛାଡ଼ି ଚାଲିଯାଇ ନାହାନ୍ତି । ସେ ଏହିଠାରେ ଅଛନ୍ତି; ସବୁଦିନ ପରି ଜୀବନ୍ତ ଓ ଉପସ୍ଥିତ ହୋଇ ରହିଛନ୍ତି ଏବଂ, ଆବଶ୍ୟକ ଯାବତୀୟ ଆନ୍ତରିକତା, ଆଗ୍ରହ ଏବଂ ଏକାଗ୍ରତା ସହିତ ତାଙ୍କର କାର୍ଯ୍ୟଟିକୁ ସାଧନ କରିବା,— ଆମ ଲାଗି ସେହି କର୍ତ୍ତବ୍ୟଟି ମହତ୍ତ୍ୱପୂର୍ଣ୍ଣ ରହିଛି ।

୧୫ ଡିସେମ୍ବର ୧୯୫୦

*

ଆଶ୍ରମରେ ତୁମେ ଯେଉଁ ପ୍ରଚାରପତ୍ରଟି ସମସ୍ତଙ୍କୁ ବାଣ୍ଟୁଛ, ସେଥିରେ ଲେଖା ହୋଇଥିବା କଥାଗୁଡ଼ିକର ଅନୁବାଦ ଶୁଣି ମୁଁ ଅତ୍ୟନ୍ତ ମର୍ମାହତ ହେଲି । ଆମ ଲାଗି ଆପଣାକୁ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ଦେଇଥିବା ଆମର ପ୍ରଭୁଙ୍କ ପ୍ରତି ତୁମଠାରେ ଯେ ଯଥାର୍ଥ ବୋଧ, ସମ୍ମାନ ତଥା ଭକ୍ତିର ସଂପୂର୍ଣ୍ଣ ଭାବରେ ଏତେ ଅଭାବ ରହିଛି, ମୁଁ ସେକଥା କେବେହେଲେ କଳ୍ପନା କରି ନ ଥିଲି । ଶ୍ରୀଅରବିନ୍ଦଙ୍କର ଆଦୌ କୌଣସି ଅଙ୍ଗବିକଳତା ଘଟି ନ ଥିଲା । ଶରୀର ତ୍ୟାଗ କରିବାର ମାତ୍ର କେତେ ଘଣ୍ଟା ପୂର୍ବରୁ ସେ ବିଛଣାରୁ ଉଠିଥିଲେ ଏବଂ ଦୀର୍ଘ ସମୟଧରି ତାଙ୍କ ଆରାମଚେୟାର୍ ଉପରେ ଯାଇ ବସିଥିଲେ ଏବଂ, ସେଠାରେ ଉପସ୍ଥିତ ସମସ୍ତଙ୍କ ସହିତ ଖୋଲାଭାବରେ କଥାବାର୍ତ୍ତା କରୁଥିଲେ । ତେଣୁ, ଶ୍ରୀଅରବିନ୍ଦ ଶରୀର ତ୍ୟାଗ କରିବାକୁ ଆଦୌ ବାଧ ହୋଇ ନାହାନ୍ତି; ସିଏ ନିଜ ଇଚ୍ଛାରେହିଁ ଶରୀର ଛାଡ଼ିଛନ୍ତି, ଏବଂ ଏପରି ନାନା ସୂକ୍ଷ୍ମ କାରଣ ହେତୁ ତାହା କରିଛନ୍ତି ଯେ, ତାହାର ଅବଧାରଣା ପାଇଁ ମଣିଷର ମାନସିକ ଶକ୍ତି ସେଠାରେ ପହଞ୍ଚିପାରିବ ନାହିଁ ।

ଏବଂ, ଯେତେବେଳେ ଆମେ କୌଣସି ଘଟଣାକୁ ବୁଝି ପାରୁ ନ ଥିବା, ସେତେବେଳେ ଯଥାର୍ଥ ସମ୍ମାନ ପ୍ରଦର୍ଶନ କରି କେବଳ ନୀରବ ହୋଇ ରହିବା ହେଉଛି ଏକମାତ୍ର କର୍ତ୍ତବ୍ୟ ।

୨୬ ଡିସେମ୍ବର ୧୯୫୦

*

ଏହି ପୃଥିବୀ ଲାଗି ଶ୍ରୀଅରବିନ୍ଦ ଯେ କେଡ଼େ ବିରାଟ ତ୍ୟାଗ କରିଛନ୍ତି, ଲୋକମାନଙ୍କୁ ସେକଥା ପ୍ରକୃତରେ ଜଣା ନାହିଁ । ପ୍ରାୟ ବର୍ଷକ ତଳେ, କେତେକ ବିଷୟ ଆଲୋଚନା କରୁଥିବା ସମୟରେ ମୁଁ ମନ୍ତବ୍ୟ ପ୍ରକାଶ କରି କହିଥିଲି ଯେ ମୋର ଏହି ଶରୀରଟିକୁ ଛାଡ଼ି ଚାଲିଯିବା ଭଳି ମୋର ବୋଧ ହେଉଛି । ସିଏ ସଙ୍ଗେ ସଙ୍ଗେ ଏକ ଦୃଢ଼ ସ୍ୱରରେ ମୋ' କଥାର ଉତ୍ତର ଦେଇ କହିଲେ, ''ନାଇଁ, ନାଇଁ, ଏକଥା କଦାପି ହୋଇ ପାରିବ ନାହିଁ । ଏହି ରୂପାନ୍ତରଟି ସକାଶେ ଆବଶ୍ୟକ ହେଲେ ହୁଏତ ମୁଁ ଚାଲି ଯାଇପାରେ,

'oaob.nitrkl.ac.in' images reprocessed

ମାତ୍ର ତୁମକୁ ଅବଶ୍ୟ ରହିବାକୁ ପଡ଼ିବ ଏବଂ ଅତିମାନସ ଅବତରଣ ତଥା ରୂପାନ୍ତରର ଆମର ଏହି ଯୋଗଟିକୁ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ ।''§*

୧୯୫୦

*

ହେ ପ୍ରଭୁ, ଏହି ପୃଥିବୀପୃଷ୍ଠରେ ଆପଣଙ୍କର କାର୍ଯ୍ୟଟିକୁ ସମ୍ପାଦନ କରିବା ଲାଗି ଆମେ ଏଠାରେ ରହିଛୁ । ଏହାହିଁ ଆମର ଏକମାତ୍ର ଇଚ୍ଛା, ଏକମାତ୍ର ଭାବନା । ଆପଣ ଆମକୁ ଆଶୀର୍ବାଦ କରନ୍ତୁ, ଯେପରି ଏହାହିଁ ଆମର ଏକମାତ୍ର କାର୍ଯ୍ୟ ମଧ୍ୟ ହୋଇ ରହୁ ଏବଂ ଆମର ଯାବତୀୟ କର୍ମ ଯେପରି ଏକମାତ୍ର ଲକ୍ଷ୍ୟ ଅଭିମୁଖରେ ଅଗ୍ରସର ହେବା ପାଇଁ ଆମର ସହାୟତା କରୁଥାଉ !

୧ ଜାନୁଆରି ୧୯୫୧

*

ଆପଣାର ରୂପାନ୍ତର-କାର୍ଯ୍ୟଟିରେ ଅଧିକ ସଂପୂର୍ଣ୍ଣ ଭାବରେ ସାହାଯ୍ୟ କରିବା ସକାଶେ ଯିଏ ନିଜର ଭୌତିକ ଜୀବନକୁ ଉତ୍ସର୍ଗ କରି ଦେଇଛନ୍ତି, ଆମ୍ଭେମାନେ ଆଜି ତାଙ୍କରି ଉପସ୍ଥିତିର ସମ୍ମୁଖରେହିଁ ଦଣ୍ଡାୟମାନ ହୋଇ ରହିଛୁ ।

ସିଏ ସବୁବେଳେ ଆମ ସହିତ ରହିଛନ୍ତି; ଆମେ ଯାହାକିଛି କରୁଛୁ,— ଆମର ସକଳ ଭାବନା, ସକଳ ଅନୁଭୂତି ତଥା ସକଳ କ୍ରିୟା,— ସିଏ ସେହି ସବୁକିଛିକୁ ଅବଶ୍ୟ ଜାଣୁଛନ୍ତି ।

୧୮ ଜାନୁଆରି ୧୯୫୧

*

ମୁଁ ଯେତେବେଳେ (୮ ଡିସେମ୍ବର, ୧୯୫୦) ତାଙ୍କୁ ନିଜର ଶରୀରକୁ ପୁନରୁଜ୍ଜୀବିତ କରିବା ସକାଶେ କହିଥିଲି, ସେତେବେଳେ ସେ ସ୍ପଷ୍ଟ ଭାବରେ ଉତ୍ତର ଦେଲେ, ''ମୁଁ ଜାଣିଶୁଣି ଏହି ଶରୀରକୁ ତ୍ୟାଗ କରିଛି । ତେଣୁ ମୁଁ ତାହାକୁ କଦାପି ପୁନର୍ବାର ଗ୍ରହଣ କରିବି ନାହିଁ । ଅତିମାନସ ରୀତିରେ ନିର୍ମିତ ଏକ ସର୍ବପ୍ରଥମ ଅତିମାନସ ଶରୀରରେ ମୁଁ ପୁନର୍ବାର ଆବିର୍ଭୂତ ହେବି ।''

୧୧ ଏପ୍ରିଲ ୧୯୫୨

*

* ଏହି ପୁସ୍ତକରେ ଯେତେ ଜାଗାରେ § ଚିହ୍ନଟି ଦେଖିବାକୁ ମିଳିବ, ସେଠାରେ ତାହାର ଅର୍ଥ ହେବ ଯେ, ମା ମୌଖିକ ଭାବରେ ସେହି ମନ୍ତବ୍ୟଟିକୁ କରିଥିଲେ ଏବଂ ଜଣେ ସାଧକଙ୍କ ଦ୍ୱାରା ନିଜ ସ୍ମୃତିରୁ ତାହାକୁ ଲିପିବଦ୍ଧ କରାଯାଇଥିଲା । ଏବଂ ପ୍ରକାଶନ ଲାଗି ମାଙ୍କର ଅନୁମୋଦନ ମଧ୍ୟ ପ୍ରାପ୍ତ ହୋଇଥିଲା ।

'oaob.nitrkl.ac.in' images reprocessed

ଏକ ଚରମ ନିଃସ୍ୱାର୍ଥପରତାର କାର୍ଯ୍ୟରୂପେ ଶ୍ରୀଅରବିନ୍ଦ ଆପଣାର ଶରୀରକୁ ତ୍ୟାଗ କରିଛନ୍ତି; ସାମୂହିକ ଉପଲବ୍ଧିକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସେ ନିଜ ଶରୀରରେ ହେବାକୁଥିବା ସେହି ଉପଲବ୍ଧିକୁ ତ୍ୟାଗ କରିଛନ୍ତି । ଯଦି ପୃଥିବୀ ଅଧିକ ଅନୁସନ୍ଧନକ୍ଷମ ହୋଇଥା'ନ୍ତା, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା କରିବା ମଧ୍ୟ ଆବଶ୍ୟକ ହୋଇ ନ ଥା'ନ୍ତା ।

*୧୨ ଏପ୍ରିଲ୍ ୧୯୫୩*

'oaob.nitrkl.ac.in' images reprocessed

## ଶାଶ୍ୱତ ଉପସ୍ଥିତି

*ବିଶ୍ୱଜଗତର ଇତିହାସରେ ଶ୍ରୀଅରବିନ୍ଦଙ୍କର ଜନ୍ମଗ୍ରହଣକୁ ଆପଣ ''ଶାଶ୍ୱତ'' ବୋଲି କହିଛନ୍ତି । ଏଠାରେ ''ଶାଶ୍ୱତ'' କହିଲେ ପ୍ରକୃତରେ କ'ଣ ବୁଝାଉଛି ?*

ଚେତନାର କ୍ରମୋତ୍ତର ଚାରୋଟି ଭୂମିରେ ବାକ୍ୟଟିକୁ ଆମେ ଚାରି ବିଭିନ୍ନ ପ୍ରକାରେ ବୁଝି ପାରିବା :

୧. ଶାରୀରିକ ଭୂମିରେ, ସେହି ଜନ୍ମଗ୍ରହଣର ପରିଣାମଟି ପୃଥିବୀ ଲାଗି ଏକ ଶାଶ୍ୱତ ମହତ୍ତ୍ୱର ଘଟଣା ହୋଇ ରହିବ ।

୨. ମାନସିକ ଭୂମିରେ, ବିଶ୍ୱର ଇତିହାସରେ ଏହି ଜନ୍ମଗ୍ରହଣ ଏକ ଶାଶ୍ୱତ ସ୍ମରଣର ବସ୍ତୁ ହୋଇ ରହିବ ।

୩. ଚୈତ୍ୟ ଭୂମିରେ, ଧରଣୀପୃଷ୍ଠରେ ଏହି ଜନ୍ମଗ୍ରହଣଟି ଯୁଗଯୁଗ ଧରି ଶାଶ୍ୱତ କାଳ ଲାଗି ବାରଂବାର ଘଟିବାରେ ଲାଗିଛି ।

୪. ଆଧ୍ୟାତ୍ମିକ ଭୂମିରେ, ଏହା ପୃଥିବୀପୃଷ୍ଠରେ ସେହି ପରମ ଶାଶ୍ୱତସତ୍ତାଙ୍କର ଭୂମିଷ୍ଠ ହେବାକୁ ବୁଝାଇବ ।

*୧୯୫୭*

*

ପୃଥ୍ୱୀ-ଇତିହାସର ଆରମ୍ଭକାଳରୁହିଁ ଶ୍ରୀଅରବିନ୍ଦ ବୃହତ୍ ଯାବତୀୟ ବିଶ୍ୱରୂପାନ୍ତରର ପ୍ରକ୍ରିୟା ଉପରେ ଅଧିଷ୍ଠାତା ରୂପେ ଅବସ୍ଥିତ ରହିଛନ୍ତି,— କୌଣସି ନା କୌଣସି ରୂପରେ ତଥା କୌଣସି ନା କୌଣସି ନାମରେ ଅବସ୍ଥିତ ରହିଛନ୍ତି ।

*

*କୁହାଯାଇଥାଏ ଯେ ଏକ ଅତୀତ ଜୀବନରେ ଶ୍ରୀଅରବିନ୍ଦ ଫରାସୀ ବିପ୍ଳବରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ । ଏହା ସତ୍ୟ କି ?*

ତୁମେ ଏପରି କହିପାରିବ ଯେ, ଶ୍ରୀଅରବିନ୍ଦ ଏକ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ବିଶେଷତଃ ଇତିହାସର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଆନ୍ଦୋଳନଗୁଡ଼ିକରେ ସେ ଉପସ୍ଥିତ ଥିଲେ, ଏବଂ,— ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ପୁରୋଭାଗୀୟ ଭୂମିକା ଗ୍ରହଣ କରିଥିଲେ । ମାତ୍ର ସବୁବେଳେ ଦୃଶ୍ୟ ଭାବରେ ତାହା କରି ନ ଥିଲେ ।

*୨୩ ଜାନୁଆରି ୧୯୬୦*

'oaob.nitrkl.ac.in' images reprocessed

Sri Aurobindo
is constantly
among us and
reveals himself
to those who are
ready to see and
hear him

Blessings

ଶ୍ରୀଅରବିନ୍ଦ ଆମ ଭିତରେ ସତତ ଉପସ୍ଥିତ ରହିଛନ୍ତି ଏବଂ ଆମ ଭିତରୁ ଯେଉଁମାନେ ତାଙ୍କୁ ଦେଖିବା ଲାଗି ତଥା ଶୁଣିବା ଲାଗି ପ୍ରସ୍ତୁତ ଅଛନ୍ତି, ସେମାନଙ୍କ ଆଗରେ ନିଜକୁ ପ୍ରକାଶିତ ବି କରି ରଖିଛନ୍ତି ।

*

'oaob.nitrkl.ac.in' images reprocessed

ଧ୍ୟାନ ସମୟରେ ଶ୍ରୀଅରବିନ୍ଦ ଅତ୍ୟନ୍ତ ବିପୁଳ ଏବଂ ମୂର୍ତ୍ତ ଭାବରେ (ସୂକ୍ଷ୍ମ ଭୌତିକ ଭୂମିରେ) ସମଗ୍ର ସ୍ଥାନଟି ଉପରେ ଅଧିଷ୍ଠିତ ହୋଇ ରହିଥିଲେ ।

*୨୮ ଅଗଷ୍ଟ ୧୯୬୨*

*

କାଲି ରାତିରେ ଆମେ (ତୁମେ, ମୁଁ ଓ ଆଉ କେତେଜଣ) ସୂକ୍ଷ୍ମଭୌତିକର ଭୂମିରେ (ଯାହାକୁ ଶ୍ରୀଅରବିନ୍ଦ ଯଥାର୍ଥ ଭୌତିକ ଭୂମି ବୋଲି କହିଛନ୍ତି) ଅବସ୍ଥିତ ଶ୍ରୀଅରବିନ୍ଦଙ୍କର ସ୍ଥାୟୀ ନିବାସଟିରେ ଦୀର୍ଘ ସମୟ ଧରି ଉପବିଷ୍ଟ ହୋଇ ରହିଥିଲେ ।

*୧ ଫେବ୍ରୁଆରି ୧୯୬୩*

*

ଶ୍ରୀଅରବିନ୍ଦ ସୂକ୍ଷ୍ମ ଭୌତିକର ଭୂମିରେ ଅବସ୍ଥିତ ରହିଛନ୍ତି; ସେଠାକୁ ଯାଇ ପାରିବାର ଉପାୟଟି ଯଦି ତୁମକୁ ଜଣାଥାଏ, ତେବେ ଶୋଇବା ସମୟରେ ତୁମେ ତାଙ୍କ ସହିତ ଅବଶ୍ୟ ସାକ୍ଷାତ କରିପାରିବ ।

*୧୩ ଅଗଷ୍ଟ ୧୯୬୪*

*

*(ଶୋଇଥିବା ସମୟରେ ଜଣେ ସାଧକ ଶ୍ରୀଅରବିନ୍ଦଙ୍କର ସୂକ୍ଷ୍ମଭୌତିକ ଜଗତରେ ବାସ କରୁଥିବା ସୂକ୍ଷ୍ମଭୌତିକ ଶରୀରରେ ଦର୍ଶନ ଲାଭ କରିଥିଲେ । ଆପଣାର ଏହି ଅନୁଭୂତିର ଏକ ବିବରଣ ସେ ମାଆଙ୍କ ପାଖକୁ ପଠାଇଥିଲେ । ମାଆ ଉତ୍ତର ଦେଇଥିଲେ :)*

ଆମ ପ୍ରତ୍ୟେକଙ୍କର ଆବଶ୍ୟକତା ଅନୁସାରେହିଁ ଶ୍ରୀଅରବିନ୍ଦ ଆମକୁ ଆସି ଦେଖା ଦିଅନ୍ତି, ଏବଂ, ସୂକ୍ଷ୍ମଭୌତିକର ଭୂମିରେ ଆମର ଏହି ଜଗତଟି ପରି ବସ୍ତୁଗୁଡ଼ିକ ଆଦୌ ଏପରି ଏକ ନିର୍ଦ୍ଧାରିତ ରୂପାକୃତି ଧରି ଅବସ୍ଥାନ କରୁ ନ ଥାଏ ।

ତୁମେ ଯାହା ଦେଖିଲ, ତାହାର ବାହ୍ୟବର୍ଣ୍ଣନାଗତ ଟିକିନିଖି ବିଷୟରେ ଏତେ ଆଲୋଚନା ନ କରି ତଦ୍ଵାରା ଉତ୍ପନ୍ନ ହୋଇଥିବା ତୁମର ଭାବଟି ଉପରେ ତୁମେ ଅଧିକ ମହତ୍ତ୍ୱ ଦେବାକୁ ଚେଷ୍ଟା କର ।

*

*ଆଜି ଦିନସାରା, ଏକାବେଳେକେ ଅତି ସକାଳୁ, ଶ୍ରୀଅରବିନ୍ଦ ନିରନ୍ତର ଅତ୍ୟନ୍ତ ସ୍ପଷ୍ଟ ଭାବରେ ଉପସ୍ଥିତ ଓ ଜୀବନ୍ତ ହୋଇ ରହିଛନ୍ତି; ବେଳେବେଳେ ସ୍ଥିର ହୋଇ ରହିବା ମୋ' ପକ୍ଷରେ ଭାରି କଷ୍ଟକର ହୋଇ ପଡ଼ିଛି, ମୋ' ଭିତରେ ସତେଅବା*

'oaob.nitrkl.ac.in' images reprocessed

*କେବଳ ଉଦ୍‌ବେଳିତ ହେଉଥିବା ପରି ମନେ ହେଉଥିଲା । ଆଜି ଏପରି ହେବା ଆଦୌ ଉଚିତ ନ ଥିଲା, ନୁହେଁ କି ? ମାତ୍ର ଶ୍ରୀଅରବିନ୍ଦ ପ୍ରକୃତରେ ଅତ୍ୟନ୍ତ ନିକଟବର୍ତ୍ତୀ ଓ ଅତ୍ୟନ୍ତ ଜୀବନ୍ତ ହୋଇ ରହିଥିଲେ ।*

ତୁମେ ଏକାବେଳେକେ ଓଲଟା କଥା କହୁଛ; ଏକଥା ସଂପୂର୍ଣ୍ଣ ଭାବରେ ସତ ଯେ ସିଏ ବର୍ତ୍ତମାନ ପରି ଆଉ କେବେହେଲେ ଏପରି ଏତେ ଅଧିକ ପରିମାଣରେ ଜୀବନ୍ତ ହୋଇ ରହି ନ ଥିଲେ !

*୫ ଡିସେମ୍ବର ୧୯୬୭*

*

ଶ୍ରୀଅରବିନ୍ଦ ସତତ ସୂକ୍ଷ୍ମଭୌତିକ ଭୂମିରେ ଅବସ୍ଥିତ ରହିଛନ୍ତି, ସେଠାରେ ଅତ୍ୟନ୍ତ ସକ୍ରିୟ ହୋଇ ରହିଛନ୍ତି । ପ୍ରାୟ ପ୍ରତିଦିନ ତାଙ୍କ ସହିତ ମୋ'ର ଭେଟ ହେଉଛି, ଏବଂ କାଲି ରାତିରେ ମୁଁ ତାଙ୍କ ସହିତ ଦୀର୍ଘସମୟ ଅତିବାହିତ କରିଛି ।

ଯଦି ତୁମେ ସୂକ୍ଷ୍ମଭୌତିକ ଭୂମିରେ ସଚେତନ ହୋଇ ପାରିବ, ତେବେ ତୁମର ନିଶ୍ଚିତ ଭାବରେ ତାଙ୍କ ସହିତ ଭେଟ ହେବ; ସିଏ ସେହି ଭୂମିକୁ ଯଥାର୍ଥ ଭୌତିକର ଭୂମି ବୋଲି କହୁଥିଲେ — ଏହି ଭୂମିଟିର ଚୈତ୍ୟ ଭୂମି ସହିତ କୌଣସି ସମ୍ବନ୍ଧ ନାହିଁ ।

*୨୧ ଡିସେମ୍ବର ୧୯୬୯*

*

ଶ୍ରୀଅରବିନ୍ଦଙ୍କର ସହାୟତା ନିରନ୍ତର ଉପଲବ୍ଧ ହେବାରେ ଲାଗିଛି : ତାହାକୁ କିପରି ଗ୍ରହଣ କରାଯାଇ ପାରିବ, ଆମେରହିଁ ତାହା ଶିକ୍ଷା କରିବା ଉଚିତ ।

*

ଶ୍ରୀଅରବିନ୍ଦ ଆମ ସହିତ ସତତ ରହିଛନ୍ତି; ଆମକୁ ସନ୍ଦୀପିତ କରାଉଛନ୍ତି, ପଥ ଦେଖାଇ ଦେଉଛନ୍ତି, ରକ୍ଷା କରୁଛନ୍ତି । ଏକ ପରିପୂର୍ଣ୍ଣ ବିଶ୍ୱାସ ଦ୍ୱାରାହିଁ ଆମକୁ ତାଙ୍କ କରୁଣା ଉଦ୍ଦେଶ୍ୟରେ ଅନୁସ୍ୱନ୍ଦନ ଜଣାଇବାକୁ ପଡ଼ିବ ।

'oaob.nitrkl.ac.in' images reprocessed

## ଶତବାର୍ଷିକୀ

*(ପଣ୍ଡିଚେରୀର ଆକାଶବାଣୀରେ ପ୍ରସାରିତ ହେବା ସକାଶେ ପ୍ରଦତ୍ତ ସନ୍ଦେଶ)*

ଆଜି ଶ୍ରୀଅରବିନ୍ଦ ଶତବାର୍ଷିକୀ ବର୍ଷର ସର୍ବପ୍ରଥମ ଦିନ । ସିଏ ଶରୀର ତ୍ୟାଗ କରିଛନ୍ତି ସତ, ମାତ୍ର ତଥାପି ଆମ ସହିତ ରହିଛନ୍ତି, ଜୀବନ୍ତ ଓ ସକ୍ରିୟ ଭାବରେ ରହିଛନ୍ତି ।

ଶ୍ରୀଅରବିନ୍ଦ ଭବିଷ୍ୟତର ସମ୍ପଦ; ଭବିଷ୍ୟତର ବାର୍ତ୍ତାବହ । ଦିବ୍ୟ ପରମଇଚ୍ଛାଙ୍କ ଦ୍ୱାରା ଅଭିପ୍ରେତ ହୋଇ ରହିଥିବା ଏକ ଗୌରବମୟ ଭବିଷ୍ୟତର ଉପଲବ୍ଧିକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆମକୁ ଯେଉଁ ମାର୍ଗରେ ଯିବାକୁ ହେବ, ସିଏ ସେହି ମାର୍ଗଟିକୁ ଏବେ ମଧ୍ୟ ଦେଖାଇ ଦେଉଛନ୍ତି ।

ସମଗ୍ର ମାନବଜାତିର ଅଗ୍ରଗତି ଏବଂ ଭାରତର ସେହି ଆଲୋକମୟ ନିୟତିକୁ ସମ୍ଭବ କରିବାର କାର୍ଯ୍ୟରେ ଯେଉଁମାନେ ସହଯୋଗ କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ଏକ ଅତୀନ୍ଦ୍ରିୟଦର୍ଶୀ ଅଭୀପ୍ସା ଏବଂ ଏକ ସନ୍ଦୀପିତ କର୍ମଯୋଜନାରେ ପରସ୍ପର ସହିତ ସମ୍ମିଳିତ ହୋଇ ଆସିବାକୁ ପଡ଼ିବ ।

*୧୫ ଅଗଷ୍ଟ ୧୯୭୧*

*

*ଶ୍ରୀଅରବିନ୍ଦ ଏବଂ ମାଆଙ୍କ ସହିତ ସଂପୃକ୍ତ ରହିଥିବା ବ୍ୟକ୍ତିମାନେ କେଉଁସବୁ ଭାବରେ ଶ୍ରୀଅରବିନ୍ଦଙ୍କର ଜନ୍ମ-ଶତବାର୍ଷିକୀକୁ ସର୍ବୋତ୍କୃଷ୍ଟ ମାର୍ଗରେ ପାଳନ କରି ପାରିବେ ?*

ଅଭୀପ୍ସା କରି, ଆପଣାର ଉଦ୍ୟମରେ ନିଷ୍ଠାଯୁକ୍ତ ଏବଂ ଅପ୍ରତିହତ ରହି ।

*ସାଧାରଣ ଲୋକମାନେ କିପରି ଭାବରେ ଶ୍ରୀଅରବିନ୍ଦଙ୍କ ଜନ୍ମ-ଶତବାର୍ଷିକୀକୁ ସର୍ବୋତ୍କୃଷ୍ଟ ମାର୍ଗରେ ପାଳନ କରି ପାରିବେ ?*

ଆପଣାର ବୁଝିବାର କ୍ଷେତ୍ରରେ ଅଗ୍ରଗତି କରିବା ଲାଗି ଉଦ୍ୟମ କରି ।

*୧୪ ଡିସେମ୍ବର ୧୯୭୧*

*

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦଙ୍କର ଚେତନା ମଧ୍ୟକୁ ନିଜକୁ ଉନ୍ମୋଚିତ କରିଦିଅ, ଏବଂ ସେହି ଚେତନାକୁହିଁ ତୁମର ଜୀବନକୁ ରୂପାନ୍ତରିତ କରିଦେବା ଲାଗି ଅନୁମତି ଦିଅ ।

*୨୬ ସେପ୍ଟେମ୍ବର ୧୯୭୧*

*

ଶ୍ରୀଅରବିନ୍ଦ ସର୍ବଦା ଉପସ୍ଥିତ ରହିଛନ୍ତି ।
ତୁମେ ନିଷ୍ଠାଯୁକ୍ତ ହୁଅ, ବିଶ୍ୱାସର ବିକାଶ କରାଅ ।
ଏହାହିଁ ସର୍ବପ୍ରଥମ ଆବଶ୍ୟକତା ।
ଅନେକ ଆଶୀର୍ବାଦ ।

*୨୯ ସେପ୍ଟେମ୍ବର ୧୯୭୧*

*

*(୧୯୭୨ ମସିହା ଡିସେମ୍ବର ୫ ରୁ ୯ ତାରିଖ ପର୍ଯ୍ୟନ୍ତ "ଶ୍ରୀଅରବିନ୍ଦ ଏବଂ ମାନବଜାତିର ଏକତା" ବିଷୟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଏକ ଆନ୍ତର୍ଜାତିକ ସେମିନାର ଲାଗି ପ୍ରଦତ୍ତ ବାର୍ତ୍ତା)*

ଅତିମାନସ ମାନବଜାତିର ଆବିର୍ଭାବ ଲାଗି ପ୍ରସ୍ତୁତ ହେବା,— ତାହାରି ଦ୍ୱାରାହିଁ ଆମେ ଶ୍ରୀଅରବିନ୍ଦଙ୍କ ଉଦ୍ଦେଶ୍ୟରେ ସର୍ବୋତ୍ତମ ସମ୍ମାନ ପ୍ରଦର୍ଶନ କରିପାରିବା ।

*ନଭେମ୍ବର ୧୯୭୧*

*

ଯେଉଁ ଭବିଷ୍ୟତଟିକୁ ଅବଶ୍ୟ ଉପଲବ୍ଧ କରିବାକୁ ହେବ, ତାହାରି ସୌନ୍ଦର୍ଯ୍ୟ ବିଷୟରେ ପୃଥିବୀକୁ କହିବା ସକାଶେ ଶ୍ରୀଅରବିନ୍ଦଙ୍କର ଆବିର୍ଭାବ ହୋଇଥିଲା ।

ପୃଥିବୀ ଯେଉଁ ଐଶ୍ୱର୍ଯ୍ୟ ଏବଂ ମହିମା ଆଡ଼କୁ ଗତିକରି ଚାଲିଛି, ତାହାରି ବିଷୟରେ କେବଳ ଏକ ଆଶା ନୁହେଁ, ଏକ ସୁନିଶ୍ଚୟ ନିର୍ଭର ପ୍ରଦାନ କରିବାକୁହିଁ ଶ୍ରୀଅରବିନ୍ଦ ଏଠାକୁ ଆସିଥିଲେ । ଏହି ପୃଥିବୀ ଆଦୌ କୌଣସି ଏକ ଦୁର୍ଭାଗ୍ୟଜନକ ଆକସ୍ମିକତାର ପରିଣାମ ନୁହେଁ; ଏହା ହେଉଛି ଏକ ବିସ୍ମୟ, ଏବଂ ତାହା ଆପଣାର ଅଭିବ୍ୟକ୍ତି ଆଡ଼କୁ ଗତିଶୀଳ ହୋଇ ଚାଲିଛି ।

ଏହି ପୃଥିବୀର ସେହି ଭବିଷ୍ୟତରେ ସମ୍ଭବ ହେବାକୁ ଯାଉଥିବା ସୌନ୍ଦର୍ଯ୍ୟ ବିଷୟରେ ଏକ ସୁନିଶ୍ଚୟ ନିର୍ଭରତା ଲାଗି ଆବଶ୍ୟକତା ରହିଛି । ଏବଂ ଶ୍ରୀଅରବିନ୍ଦ ଆମକୁ ସେହି ନିର୍ଭରତାଟିକୁ ପ୍ରଦାନ କରିଛନ୍ତି ।

*୨୭ ନଭେମ୍ବର ୧୯୭୧*

*

'oaob.nitrkl.ac.in' images reprocessed

ହେ ପରମ ପ୍ରଭୁ, କିପରି ଭାବରେ ଆପଣଙ୍କୁ ଖୋଜି ପାଇବାକୁ ହେବ ଓ ଆପଣଙ୍କର ସେବା କରିବାକୁ ହେବ, ଶ୍ରୀଅରବିନ୍ଦ ଆମକୁ ସେହି କଥା କହିବା ଲାଗି ଆସିଥିଲେ ।

ଆପଣ ଆମକୁ ଆଶୀର୍ବାଦ କରନ୍ତୁ, ଯେପରିକି ତାଙ୍କ ଜନ୍ମଶତବାର୍ଷିକୀର ଏହି ବର୍ଷଟିରେ ଆମେ ତାଙ୍କର ଶିକ୍ଷାକୁ ଯଥାର୍ଥ ରୂପେ ବୁଝିବାକୁ ସମର୍ଥ ହେଉ ଏବଂ ସକଳ ଆନ୍ତରିକତା ସହିତ ତାହାକୁ ନିଜ ଜୀବନରେ ପ୍ରୟୋଗ ମଧ୍ୟ କରିପାରୁ ।

*୬ ଡିସେମ୍ବର ୧୯୭୧*

*

ରକ୍ତ-ପଦ୍ମ ହେଉଛି ଶ୍ରୀଅରବିନ୍ଦଙ୍କର ଫୁଲ; ମାତ୍ର ବିଶେଷ ଭାବରେ ତାଙ୍କର ଏହି ଶତବାର୍ଷିକୀ ବର୍ଷଟି ଲାଗି ଆମେ ନୀଳ ପଦ୍ମକୁହିଁ ତାଙ୍କର ଫୁଲ ବୋଲି ବାଛିବା । ନୀଳ ହେଉଛି ତାଙ୍କର ଦୈହିକ ପ୍ରଭାମଣ୍ଡଳର ରଙ୍ଗ । ତାହାକୁହିଁ ଆମେ ପୃଥିବୀପୃଷ୍ଠରେ ସର୍ବୋଚ୍ଚ ପରମସତ୍ତାଙ୍କର ଅଭିବ୍ୟକ୍ତିର ଶତବାର୍ଷିକୀ ଲାଗି ପ୍ରତୀକରୂପେ ସ୍ଥାପନା କରି ରଖିବା ।

*୨୧ ଡିସେମ୍ବର ୧୯୭୧*

*

ଆମେ ସମସ୍ତେ ଯେପରି ଦିବ୍ୟ ପରମଚେତନା ମଧ୍ୟକୁ ଜନ୍ମ ଲାଭ କରି ପାରିବା, ଶ୍ରୀଅରବିନ୍ଦ ସେଇଥି ଲାଗି ଆପଣାର ଜୀବନକୁ ତ୍ୟାଗ କରିଛନ୍ତି ।

*୨୪ ଡିସେମ୍ବର ୧୯୭୧*

*

## ୧୯୭୨
## ଶୁଭନବବର୍ଷ

ଏହି ବର୍ଷଟି ଶ୍ରୀଅରବିନ୍ଦଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ।

ତାଙ୍କର ଶିକ୍ଷାକୁ ଆହୁରି ଭଲ ଭାବରେ ବୁଝିବା ଓ ତାହାକୁ ଜୀବନରେ ପ୍ରୟୋଗ କରିବା ଲାଗି ଚେଷ୍ଟା କରିବା,– ନିଶ୍ଚିତ ଭାବରେ ତାହାକୁହିଁ, ସିଏ ଏଡ଼େ ଉଦାରତା ସହିତ ପୃଥିବୀକୁ ବହନ କରି ଆଣିଥିବା ଯାବତୀୟ ଆଲୋକ, ଜ୍ଞାନ ଏବଂ ଶକ୍ତି ଲାଗି ତାଙ୍କୁ ଆମର କୃତଜ୍ଞତା ପ୍ରଦର୍ଶନ କରିବାର ସର୍ବୋତ୍ତମ ମାର୍ଗ ବୋଲି କୁହାଯାଇ ପାରିବ ।

ତାଙ୍କରି ଶିକ୍ଷା ଆମକୁ ଆଲୋକିତ କରୁ ଓ ପଥ ଦେଖାଇ ନେଇଯାଉ; ଏବଂ

'oaob.nitrkl.ac.in' images reprocessed

ତା' ହେଲେ, ଆଜି ଆମେ ଯାହା କରି ପାରୁ ନାହୁଁ, ତାହାକୁ କାଲି କରିବା ଲାଗି ଅବଶ୍ୟ ସମର୍ଥ ହୋଇଯିବା ।

ତେଣୁ, ସକଳ ଆନ୍ତରିକତା ସହିତ ଆମେ ଯଥାର୍ଥ ଦୃଷ୍ଟିକୋଣଟିକୁ ଧାରଣ କରି ରହିବା, ତେବେ ଏହି ବର୍ଷଟି ମଧ ଯଥାର୍ଥ ଭାବରେ ଏକ ଶୁଭ ବର୍ଷରେ ପରିଣତ ହୋଇ ରହି ପାରିବ ।

*୩୧ ଡିସେମ୍ବର ୧୯୭୧*

*

ଦିବ୍ୟ ପରମସତ୍ତାଙ୍କ ବିନା ଆମେ ଗୋଟିଏ ଗୋଟିଏ ସୀମାବଦ୍ଧ ଅସମର୍ଥ ଏବଂ ଅସହାୟ ସତ୍ତା ହୋଇ ରହିଥାଉ । ଦିବ୍ୟ ପରମସତ୍ତାଙ୍କୁ ଧରିରଖି ପାରିଥିଲେ,– ଯଦି ଆମେ ସଂପୂର୍ଣ୍ଣ ଭାବରେ ନିଜକୁ ତାଙ୍କରି ପାଖରେ ନେଇ ସମର୍ପଣ କରି ଦେଇପାରୁ,– ତେବେ ସବୁକିଛି ଅବଶ୍ୟ ସମ୍ଭବ ହୁଏ ଏବଂ ଆମେ ସୀମାହୀନ ଅଗ୍ରଗତି ଲାଗି ମଧ ସମର୍ଥ ହୋଇଯାଉ ।

ଶ୍ରୀଅରବିନ୍ଦଙ୍କର ଶତବାର୍ଷିକୀ ବର୍ଷ ଲାଗି ପୃଥିବୀପୃଷ୍ଠରେ ଏକ ବିଶେଷ ସହାୟତା ଆସି ଉପଲବ୍ଧ ହୋଇଛି । ଆମେ ଆମର ଅହଂକୁ ଅତିକ୍ରମ କରିଯିବା ଲାଗି ଓ ଆଲୋକ ମଧକୁ ଅନୁପ୍ରବିଷ୍ଟ ହେବା ଲାଗି ତାହାରି ଦ୍ୱାରା ଲାଭବାନ୍ ହେବା ।

**ଶୁଭ ନବବର୍ଷ**

*୧ ଜାନୁଆରି ୧୯୭୨*

ଶ୍ରୀଅରବିନ୍ଦ କେବଳ ଗୋଟିଏ ଦେଶର ନୁହନ୍ତି, ସିଏ ସମଗ୍ର ପୃଥିବୀର । ତାଙ୍କର ଶିକ୍ଷା ଆମକୁ ଏକ କାମ୍ୟତର ଭବିଷ୍ୟ ଆଡ଼କୁ ପଥ ଦେଖାଇ ନେଇଯିବ ।

*୧ ଜାନୁଆରି ୧୯୭୨*

*

ଶରୀର ତ୍ୟାଗ କରି ଗଲାବେଳେ ଶ୍ରୀଅରବିନ୍ଦ କହିଥିଲେ ଯେ ସେ ଆମକୁ କଦାପି ବର୍ଜନ କରିବେ ନାହିଁ । ଏବଂ, ପ୍ରକୃତରେ, ଏହି ଗତ ଏକୋଇଶ ବର୍ଷ ମଧରେ, ସିଏ ସର୍ବଦା ଆମ ସହିତ ରହିଛନ୍ତି, ଏବଂ, ଯେଉଁମାନେ ଗ୍ରହଣଶୀଳ ରହିଛନ୍ତି ଓ ତାଙ୍କର ପ୍ରଭାବ ଲାଗି ଉନ୍ମୋଚିତ ରହି ପାରିଛନ୍ତି, ସେ ସେମାନଙ୍କୁ ବାଟ ଦେଖାଇ ନେଇ ଯାଉଛନ୍ତି ଓ ସେମାନଙ୍କର ସହାୟତା କରୁଛନ୍ତି ।

ତାଙ୍କ ଶତବାର୍ଷିକୀର ଏହି ସମ୍ବତ୍ସରରେ, ତାଙ୍କର ସହାୟତା ଆହୁରି ଅଧିକ ଶକ୍ତିଶାଳୀ ହେବ । ଆମେ କିପରି ଅଧିକ ଉନ୍ମୋଚିତ ହୋଇ ପାରିବା ଏବଂ ଏହି ବର୍ଷଟି

'oaob.nitrkl.ac.in' images reprocessed

ଦ୍ୱାରା ଲାଭବାନ୍ ହେବା, ସେଇଟି ଆମର କାର୍ଯ୍ୟ । ଯେଉଁମାନଙ୍କ ଭିତରେ ଏକ ବୀରର ଆତ୍ମା ରହିଛି, ଭବିଷ୍ୟତ ହେଉଛି ସେହିମାନଙ୍କ ସକାଶେ । ଆମର ବିଶ୍ୱାସ ଯେତିକି ଅଧିକ ଶକ୍ତିଶାଳୀ ଏବଂ ଅଧିକ ନିଷ୍ଠାଯୁକ୍ତ ହେବ, ଆମେ ସେତିକି ଅଧିକ ଶକ୍ତିଶାଳୀ ଏବଂ ଅଧିକ ଫଳଦାୟକ ଭାବରେ ସେହି ସାହାଯ୍ୟଟିକୁ ଗ୍ରହଣ କରି ପାରିବା ।

*୨ ଜାନୁଆରି ୧୯୭୨*

*

ଅତିମାନସ ଜଗତଟି ଯେ ପ୍ରକୃତରେ ସମ୍ଭବ ହେବାକୁ ଯାଉଛି, ତାହାରି ଘୋଷଣା କରିବା ଲାଗି ଶ୍ରୀଅରବିନ୍ଦ ପୃଥିବୀକୁ ଆସିଥିଲେ । ସିଏ ଯେ କେବଳ ସେହି ଅଭିବ୍ୟକ୍ତିଟିର ଘୋଷଣା କରିଥିଲେ ତା' ନୁହେଁ, ମାତ୍ର ଅତିମାନସ ଶକ୍ତିକୁ ଆଂଶିକ ଭାବରେ ନିଜ ଜୀବନରେ ମଧ୍ୟ ମୂର୍ତ୍ତ କରି ପାରିଥିଲେ ଏବଂ, ସେହି ଜଗତଟିକୁ ଅଭିବ୍ୟକ୍ତ କରି ପାରିବା ସକାଶେ ପ୍ରସ୍ତୁତ ହେବା ଲାଗି ଆମକୁ କ'ଣସବୁ କରିବାକୁ ପଡ଼ିବ, ଦୃଷ୍ଟାନ୍ତ ଦ୍ୱାରା ତାହା ଦେଖାଇ ଦେଇଥିଲେ । ସିଏ ଆମକୁ ଯାହାସବୁ କହିଛନ୍ତି, ତାହାର ଅଧ୍ୟୟନ କରିବା ଏବଂ ତାଙ୍କର ଦୃଷ୍ଟାନ୍ତଟିର ଅନୁସରଣ କରିବା ପାଇଁ ପ୍ରୟାସ କରିବା ତଥା ନୂତନ ଅଭିବ୍ୟକ୍ତିଟି ନିମନ୍ତେ ଆପଣାକୁ ପ୍ରସ୍ତୁତ କରିବା – ଆମ ଲାଗି ଏହାହିଁ ସର୍ବୋତ୍ତମ କାର୍ଯ୍ୟ ।

ଏହାରି ଦ୍ୱାରାହିଁ ଆମେ ଜୀବନର ଯଥାର୍ଥ ବୋଧଟିକୁ ଲାଭ କରି ପାରିବା ଏବଂ ତାହା ଯାବତୀୟ ପ୍ରତିବନ୍ଧକକୁ ଅତିକ୍ରମ କରିଯିବା ସକାଶେ ଆମକୁ ଅବଶ୍ୟ ସାହାଯ୍ୟ କରିବ ।

ତେଣୁ, ଆମେ ସେହି ନୂତନ ସୃଜନ ଲାଗି ଜୀବନ ବଞ୍ଚିବା ଏବଂ ତରୁଣ ତଥା ଅଗ୍ରଗତିକାମୀ ହୋଇ ରହିବା ସଙ୍ଗେ ସଙ୍ଗେ ଆପଣାକୁ ଅଧିକରୁ ଅଧିକ ଶକ୍ତିଶାଳୀ କରି ଗଢ଼ିବା ।

*୩୦ ଜାନୁଆରି ୧୯୭୨*

*

*(୧୯୭୨ ମସିହାରେ ଆଶ୍ରମର ଶାରୀରିକ ଶିକ୍ଷା ପ୍ରତିଯୋଗିତା ଲାଗି ପ୍ରଦତ୍ତ ବାର୍ତ୍ତା)*

ଏବର୍ଷ, ଆସ ଆମେ ଆମ ଶରୀରର ସକଳ କ୍ରିୟାକଳାପକୁ ଶ୍ରୀଅରବିନ୍ଦଙ୍କଠାରେ ଉତ୍ସର୍ଗ କରି ରଖିବା ।

*୧ ଏପ୍ରିଲ୍ ୧୯୭୨*

*

'oaob.nitrkl.ac.in' images reprocessed

Sri Aurobindo is an emanation of the Supreme who came on earth to announce the manifestation of the new race and a new world: the Supramental.

Let us prepare for it in all sincerity and eagerness.

'oaob.nitrkl.ac.in' images reprocessed

*('ଶ୍ରୀଅରବିନ୍ଦ – ଏକ ଶ୍ରଦ୍ଧାଞ୍ଜଳି' ପୁସ୍ତକ ଲାଗି ପ୍ରଦତ୍ତ ବାର୍ତ୍ତା)*

ଶ୍ରୀଅରବିନ୍ଦ ହେଉଛନ୍ତି ଦିବ୍ୟ ପରମସତ୍ତାଙ୍କର ଏକ ପ୍ରସର୍ଜନ;– ଏକ ନୂତନ ମାନବଜାତି ତଥା ଏକ ନୂତନ ଜଗତର : ସେହି ଅତିମାନସ ଜଗତର ଅଭିବ୍ୟକ୍ତିକୁ ଘୋଷଣା କରିବା ଲାଗି ସେ ପୃଥିବୀକୁ ଆସିଥିଲେ ।

ଆମର ସକଳ ନିଷ୍ଠା ଏବଂ ଉତ୍ସାହ ସହିତ ଆମେ ସେହି ଅଭିବ୍ୟକ୍ତି ଲାଗି ପ୍ରସ୍ତୁତ ହେବା ।

*୨୦ ଜୁନ୍ ୧୯୭୨*

*

ଶ୍ରୀଅରବିନ୍ଦ ଆମକୁ ଯେଉଁ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରିଛନ୍ତି, ତାହା ଆମକୁ ଦିବ୍ୟ ପରମସତ୍ତାଙ୍କ ସହିତ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ରହିବାକୁ ଶିକ୍ଷା ଦେଇଥାଏ ।

*ଜୁଲାଇ ୧୯୭୨*

*

ଶ୍ରୀଅରବିନ୍ଦ ଆମକୁ ଏକ ଗୌରବମୟ ଭବିଷ୍ୟ ଆଡ଼କୁ ପଥ ଦେଖାଇ ଦେଉଛନ୍ତି ।

*ଅଗଷ୍ଟ ୧୯୭୨*

*

*(ଦର୍ଶନ ସନ୍ଦେଶ)*

ଶ୍ରୀଅରବିନ୍ଦଙ୍କର ବାଣୀ ଏକ ବିନାଶହୀନ ସୂର୍ଯ୍ୟାଲୋକ ରୂପେ ଭବିଷ୍ୟ ଉପରେ ଆଲୋକ ବିକୀରଣ କରିବାରେ ଲାଗିଛି ।

*୧୫ ଅଗଷ୍ଟ ୧୯୭୨*

*

ଏକ ନୂତନ ମାନବଜାତି ଏବଂ ଅତିମାନସ ଜଗତର ଆବିର୍ଭାବକୁ ଘୋଷଣା କରିବା ଲାଗି ଶ୍ରୀଅରବିନ୍ଦ ସର୍ବୋଚ୍ଚ ପରମସତ୍ତାଙ୍କ ପାଖରୁ ଏଠାକୁ ଆସିଥିଲେ ।

ଆମେ ସକଳ ନିଷ୍ଠା ଓ ଉତ୍ସାହ ସହିତ ସେଥିପାଇଁ ପ୍ରସ୍ତୁତ ହେବା ।

*୧୫ ଅଗଷ୍ଟ ୧୯୭୨*

*

'oaob.nitrkl.ac.in' images reprocessed

ମନୁଷ୍ୟ ହେଉଛି ଗତ କାଲିର ସର୍ଜନା ।

ଆଗାମୀ କାଲିର ସର୍ଜନା – ଅତିମାନସ ସତ୍ତାର ଆଗମନର ଘୋଷଣା କରିବାକୁ ଶ୍ରୀଅରବିନ୍ଦ ପୃଥିବୀକୁ ଆସିଥିଲେ ।

*୧୫ ଅଗଷ୍ଟ ୧୯୭୨*

*

ଅଗ୍ରଗତି ଲାଗି ଆମ ଭିତରେ ଏକ ପିପାସା ରହିଥିବ, ଶ୍ରୀଅରବିନ୍ଦ ଯାହାଙ୍କର ବାର୍ତ୍ତା ବହନ କରି ପୃଥିବୀକୁ ଆସିଛନ୍ତି, ସେହି ଦିବ୍ୟ ପରମପ୍ରଭାବ ଆଡ଼କୁ ଆମର ସକଳ ସତ୍ତା ଉନ୍ମୁକ୍ତ ହୋଇ ରହିଥିବ,– ତାଙ୍କର ଶତବାର୍ଷିକୀ ବର୍ଷରେ ଆମେ ତାହାରି ଦ୍ୱାରାହିଁ ଶ୍ରୀଅରବିନ୍ଦଙ୍କ ଲାଗି ଆମର ସର୍ବୋଚ୍ଚ ସମ୍ମାନ ଦେଖାଇ ପାରିବା ।

*୧୫ ଅଗଷ୍ଟ ୧୯୭୨*

*

୧୫-୮-୭୨

ଶାଶ୍ୱତ ଆଡ଼କୁ ଆହୁରି ଏକ ପଦକ୍ଷେପ ।

'oaob.nitrkl.ac.in' images reprocessed

## କାର୍ଯ୍ୟ ଏବଂ ଶିକ୍ଷା

ଏକ ଅଭୂତପୂର୍ବ ପୃଥିବୀ-ରୂପାନ୍ତର,– ତାହାହିଁ ଶ୍ରୀଅରବିନ୍ଦଙ୍କର କାର୍ଯ୍ୟ ।

*

ଶ୍ରୀଅରବିନ୍ଦ ଏକ ମନୁଷ୍ୟଶରୀରରେ ଅତିମାନସ ଚେତନାକୁ ଅବତୀର୍ଣ୍ଣ କରାଇ ଆଣିଥିଲେ ଏବଂ, ଅସଲ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ପାରିବା ଲାଗି ଆମେ ଯେଉଁ ମାର୍ଗଟିର ଅନୁସରଣ କରିବା, ତାହାର ପ୍ରକୃତିଟିକୁ ଆମ ଆଗରେ ଯେ କେବଳ ଉଦ୍‌ଘାଟିତ କରି ଦେଇଥିଲେ ଏବଂ ସେହି ମାର୍ଗରେ ଅଗ୍ରସର ହେବାର ପଦ୍ଧତିଟିକୁ ଦେଖାଇ ଦେଇଛନ୍ତି ତା' ନୁହେଁ, ମାତ୍ର ନିଜର ବ୍ୟକ୍ତିଗତ ଉପଲବ୍ଧି ଦ୍ୱାରା ସେ ଆମକୁ ତାହାର ଏକ ଦୃଷ୍ଟାନ୍ତ ଦେଖାଇ ଯାଇଛନ୍ତି; ଆମ ଲାଗି ଏହି ପ୍ରମାଣଟି ରଖି ଯାଇଛନ୍ତି ଯେ, ସେହି ଉପଲବ୍ଧିଟି ଅବଶ୍ୟ ସମ୍ଭବ ହୋଇ ପାରିବ ଏବଂ ବର୍ତ୍ତମାନ ତାହାର ସମୟ ଆସି ଉପସ୍ଥିତ ହୋଇଛି ।

*

ତୁମେ ମୁହୂର୍ତ୍ତକ ସକାଶେ ମଧ୍ୟ ଏହି ବିଶ୍ୱାସରୁ କଦାପି ଟଳିଯିବ ନାହିଁ ଯେ, ଶ୍ରୀଅରବିନ୍ଦ ପରିବର୍ତ୍ତନର ଯେଉଁ କାର୍ଯ୍ୟଟିକୁ ନିଜ ହାତକୁ ନେଇଛନ୍ତି, ତାହା ପରିଶେଷରେ ଅବଶ୍ୟ ସଫଳତା ଲାଭ କରିବ । କାରଣ, ବସ୍ତୁତଃ ତାହାହିଁ ହେଉଛି ସତ୍ୟ : ଆମେ ଯେଉଁ କାର୍ଯ୍ୟଟିକୁ ଗ୍ରହଣ କରିଛୁ, ତାହାର ପରିଣାମ ବିଷୟରେ ଲେଶମାତ୍ର ସନ୍ଦେହର ଅବକାଶ ନାହିଁ... ଅଭିପ୍ରେତ ରୂପାନ୍ତର ଅବଶ୍ୟ ଘଟିବ : କେହି ତାହାକୁ ଅଟକାଇ ରଖି ପାରିବ ନାହିଁ, ପରମ ସର୍ବଶକ୍ତିମାନ୍‌ଙ୍କର ଇଚ୍ଛାକୁ କେହି ଅନ୍ୟଥା କରି ପାରିବ ନାହିଁ । ତେଣୁ ତୁମେମାନେ ଯାବତୀୟ ମତପାର୍ଥକ୍ୟ ଏବଂ ଦୁର୍ବଳତାକୁ ଦୂରକୁ ଫିଙ୍ଗିଦିଅ ଏବଂ, ସେହି ମହାନ୍ ଦିବସଟି — ଯେଉଁ ଦିନ ବର୍ତ୍ତମାନର ଦୀର୍ଘ ସମରଟି ଏକ ସର୍ବକାଳସ୍ଥାୟୀ ବିଜୟଲାଭରେ ପରିଣତ ହୋଇଯିବ,– ଆସି ପହଞ୍ଚିବା ପୂର୍ବରୁ କିଛି ସମୟ ନିମିତ୍ତ ସାହସିକ ଭାବରେ ସବୁକିଛି ସହ୍ୟ କରିବା ସକାଶେ ସଂକଳ୍ପବଦ୍ଧ ହୁଅ ।

*

ଶ୍ରୀଅରବିନ୍ଦଙ୍କଠାରେ ଆମର ବିଶ୍ୱାସ ରହିଛି ।

ସେ ଆମ ପାଇଁ ଯାହା, ଆମେ ଆମ ନିଜ ପାଇଁ ତାହା ଏମିତି ଭାଷା ଦ୍ୱାରା ଅଭିବ୍ୟକ୍ତ କରୁଁ ଯାହା ଆମର ଅଭିଜ୍ଞତାକୁ ପ୍ରକାଶ କରିବା ପାଇଁ ସବୁଠୁ ଯଥାର୍ଥ । ଆମ ଅଭିଜ୍ଞତାକୁ ସ୍ପଷ୍ଟରୂପ ଦେବା ପାଇଁ ଏହି ଶବ୍ଦଗୁଡ଼ିକ ଆମ ବିଚାରରେ ସର୍ବୋତ୍ତମ ।

ମାତ୍ର ଯଦି, ନିଜର ଏହି ଉତ୍ସାହ ଦ୍ୱାରା ପ୍ରେରିତ ହୋଇ, ଆମେ ଏପରି ଏକ ବିଶ୍ୱାସ କରିବାକୁ ଆରମ୍ଭ କରିଦେବା ଯେ, ଶ୍ରୀଅରବିନ୍ଦ ପ୍ରକୃତରେ ଯାହା ଏବଂ ସିଏ

'oaob.nitrkl.ac.in' images reprocessed

ଆମକୁ ଯେଉଁ ଅନୁଭୂତିଟିକୁ ପ୍ରଦାନ କରି ଯାଇଛନ୍ତି, କେବଳ ଆମରି ଏହି ଶବ୍ଦଗୁଡ଼ିକହିଁ ତାହାକୁ ଯଥାର୍ଥ ଭାବରେ ଅଭିବ୍ୟକ୍ତ କରିପାରୁଛି, ତେବେ ତଦ୍ଵାରା ଆମେ କ୍ରମଶଃ ସିଦ୍ଧାନ୍ତବାଦୀ ହୋଇ ପଡ଼ିବା ଏକ ଏକ ଧର୍ମର ପ୍ରତିଷ୍ଠା କରିବାର କ୍ଷେତ୍ରରେ ଆସି ଉପସ୍ଥିତ ହୋଇଯିବା ।

ଯେଉଁ ବ୍ୟକ୍ତିର ଏକ ଆଧ୍ୟାତ୍ମିକ ଅନୁଭୂତି ଏବଂ ଏକ ବିଶ୍ୱାସ ରହିଛି, ସିଏ କେବଳ ନିଜର ବୁଝିବାକୁହିଁ ଯଥାସମ୍ଭବ ସର୍ବାଧିକ ଉପଯୁକ୍ତ ଶବ୍ଦ ଦେଇ ଏହାକୁ ସୂତ୍ରବଦ୍ଧ କରି ରଖୁଛି ।

ମାତ୍ର, ଯଦି ସିଏ ଏପରି ଏକ ଦୃଢ଼ ବିଶ୍ୱାସକୁ ମଧ୍ୟ ଜାବୁଡ଼ି ଧରିଛି ଯେ, ତା'ର ଏହି ଅଭିବ୍ୟକ୍ତିଟି ହେଉଛି ଏକମାତ୍ର ଠିକ୍ ଅଭିବ୍ୟକ୍ତି ଓ ସେହି ଅନୁଭୂତି ତଥା ବିଶ୍ୱାସ ଲାଗି ତାହା ଏକମାତ୍ର ଯଥାର୍ଥ ଅଭିବ୍ୟକ୍ତି, ତେବେ ତଦ୍ଵାରା ସେ ନିଜକୁ ସିଦ୍ଧାନ୍ତବାଦୀ କରି ପକାଉଛି ଏବଂ ଏକ ଧର୍ମର ସୃଷ୍ଟି କରିବାର ପ୍ରବୃତ୍ତି ଦେଖାଉଛି ।

*

ପ୍ରତ୍ୟେକ ବ୍ୟକ୍ତିର ନିଜନିଜର ଧାରଣା ରହିଛି ଓ ଆପଣା ମତର ସମର୍ଥନ କରି ସେ ଶ୍ରୀଅରବିନ୍ଦଙ୍କର ରଚନାରୁ ଅନୁକୂଳ ବାକ୍ୟଗୁଡ଼ିକୁ ଖୋଜି ବାହାର କରିନେଇ ପାରୁଛି । ଯେଉଁମାନେ ଏପରି ମତଗୁଡ଼ିକର ବିରୋଧ କରୁଛନ୍ତି, ସେମାନଙ୍କୁ ମଧ୍ୟ ତାଙ୍କର ରଚନାଚୟରୁ ତଦନୁରୂପ ବାକ୍ୟଗୁଡ଼ିକ ମିଳିଯାଉଛି । ଏହି ଉପାୟରେହିଁ ପରସ୍ପର-ବିରୋଧିତା ଆସି ପହଞ୍ଚୁଛି । ବସ୍ତୁଗୁଡ଼ିକ ବିଷୟରେ ରହିଥିବା ଶ୍ରୀଅରବିନ୍ଦଙ୍କର ସମଗ୍ର ଦୃଷ୍ଟିକୋଣଟିକୁ ଗ୍ରହଣ କରି ନ ପାରିଥିବା ପର୍ଯ୍ୟନ୍ତ ଯଥାର୍ଥରେ ଆଦୌ କିଛିହେଲେ କରି ହେବ ନାହିଁ ।

*୧୦ ଅକ୍ଟୋବର ୧୯୫୪*

*

ସମ୍ଭୂତିର ଶାଶ୍ୱତ ଅଭିକ୍ରମକ୍ରିୟାରେ କେବଳ ଏକ ଅଧିକ ସଂପୂର୍ଣ୍ଣ ଉପଲବ୍ଧିର ପୁରୋଗାମୀ ଓ ଘୋଷଣାକାରୀ ରୂପେହିଁ ପ୍ରତ୍ୟେକ ଅବତାର ଆପଣାକୁ ଆବିର୍ଭୂତ କରାଇ ଆଣିଥାଏ ।

ମାତ୍ର ମନୁଷ୍ୟମାନେ ସ୍ୱପ୍ରବୃତ୍ତିବଶ ହୋଇ ଭବିଷ୍ୟତରେ ଆସୁଥିବା ଅବତାରଙ୍କର ବିରୋଧୀ ରୂପେ ଅତୀତର ଅବତାରଙ୍କୁ ଏକ ଦେବତା ରୂପେ ପୂଜାକରନ୍ତି ।

ବର୍ତ୍ତମାନ ଶ୍ରୀଅରବିନ୍ଦ ପୃଥିବୀ ଲାଗି ଆଗାମୀ କାଲିର ଘୋଷଣା କରି ପୁନର୍ବାର ଆବିର୍ଭୂତ ହୋଇଛନ୍ତି; ଏବଂ ପୁନର୍ବାର, ତାଙ୍କର ସବୁ ପୂର୍ବଗାମୀଙ୍କ ପରି ତାଙ୍କର ବାଣୀ ମଧ୍ୟ ସେହି ସମାନ ପ୍ରକାରର ବିରୋଧର ସମ୍ମୁଖୀନ ହେଉଛି ।

'oaob.nitrkl.ac.in' images reprocessed

ମାତ୍ର, ସିଏ ଯେଉଁ ସତ୍ୟଟିକୁ ଉଦ୍‌ଘାଟିତ କରିଛନ୍ତି, ଆଗାମୀ କାଲିହିଁ ସେହି ସତ୍ୟଟିକୁ ପ୍ରମାଣିତ କରିଦେବ ଏବଂ ତାଙ୍କରି କାର୍ଯ୍ୟଟି ଅବଶ୍ୟ ସମ୍ପାଦିତ ହେବ ।

୨୧ ଫେବ୍ରୁଆରି ୧୯୫୭

*

ଆଧ୍ୟାତ୍ମିକ କ୍ଷେତ୍ରର ବିଭିନ୍ନ ଶିକ୍ଷା ମଧ୍ୟରେ ଶ୍ରୀଅରବିନ୍ଦଙ୍କର ଶିକ୍ଷାକୁ ମଧ୍ୟ ସେହିପରି ଗୋଟିଏ ଅନ୍ୟତମ ଶିକ୍ଷା ବୋଲି ବିଚାର କରିବା;— ଏବଂ, ଦିବ୍ୟ ପରମ କର୍ମଚୟର ବିଭିନ୍ନ ବିଭାବ ମଧ୍ୟରେ ଏକ ଅନ୍ୟତମ ବିଭାବରୂପେ ବର୍ତ୍ତମାନ ହେଉଥିବା ଏଠାକାର କାର୍ଯ୍ୟକୁ ବିଚାର କରିବା ଥିଲା ତୁମର ଅସଲ ଭୁଲ୍ ।

ଏହାହିଁ ତୁମର ସର୍ବମୂଳ ସ୍ଥିତିଟିକୁ ମିଥ୍ୟାରେ ପର୍ଯ୍ୟବସିତ କରି ରଖିଛି ଏବଂ ଯାବତୀୟ ପ୍ରମାଦ ଓ ବିଭ୍ରାନ୍ତିର କାରଣ ହୋଇଛି ।

ଯଦି ନିଜର ମନ ତଥା ଦୃଷ୍ଟିକୋଣ ମଧ୍ୟରେ ତୁମେ ଏହି ଭୁଲ୍‌ଟିକୁ ସଂଶୋଧନ କରିଦେଇ ପାରିବ, ତେବେ ଅନ୍ୟ ଯାବତୀୟ ଅସୁବିଧା ଅତ୍ୟନ୍ତ ସହଜରେ ଅନ୍ତର୍ହିତ ହୋଇଯିବ ।

ତୁମକୁ ଏକଥାଟି ବୁଝିବାକୁ ହେବ ଯେ, ବିଶ୍ୱ-ଇତିହାସରେ ଶ୍ରୀଅରବିନ୍ଦ ଯାହାର ପ୍ରତିନିଧିତ୍ୱ କରୁଛନ୍ତି, ତାହା ଏକ ଶିକ୍ଷା ନୁହେଁ, ଏପରିକି ଏକ ସତ୍ୟୋଦ୍‌ଘାଟନ ମଧ୍ୟ ନୁହେଁ; ଏହା ହେଉଛି ଏକ ମୀମାଂସାତ୍ମକ କର୍ମଧାରା, ଯାହାକି ସିଧା ସେହି ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ଆଦିଷ୍ଟ ହୋଇଛି ।

ଏବଂ ମୁଁ କେବଳ ସେହି କାର୍ଯ୍ୟଟିକୁ ପୂର୍ଣ୍ଣ କରିବାର ଉଦ୍ୟମ କରୁଛି ।

୧୯୬୧

*

*ଗାନ୍ଧିଙ୍କ ସମ୍ବନ୍ଧରେ ଲିଖିତ ମୋ'ର ଜଣେ ବନ୍ଧୁଙ୍କର ଏକ ଲେଖାକୁ ସମାଲୋଚନା କରି ମୁଁ ଗାନ୍ଧିବାଦରେ ଗୋଟିଏ "ଆଧାରସତ୍ୟ" ରୂପେ ପରିଣତ ହୋଇ ରହିଥିବା ଅହିଂସା ତଥା ଆଉ କେତୋଟି ସିଦ୍ଧାନ୍ତ ବିଷୟରେ ଶ୍ରୀଅରବିନ୍ଦଙ୍କର ବିଚାର ଉଦ୍ଧାର କରିଥିଲି । ବନ୍ଧୁଜଣକ ପ୍ରତିବାଦ କରି କହିଲେ ଯେ ଶ୍ରୀଅରବିନ୍ଦଙ୍କୁ ଏକ ଉଚ୍ଚ ସ୍ଥାନ ଦେବା ବୋଲି ଆମେ ଯେପରି ଅନ୍ୟ ମହାନ୍ ପୁରୁଷମାନଙ୍କ ପ୍ରତି ଆଖି ବୁଜି ନ ଦେବା : ବନ୍ଧୁଙ୍କର କହିବା ଅନୁସାରେ ସମସ୍ତେ ପରମସତ୍ୟର କୌଣସି ନା କୌଣସି ଆଂଶିକ ଝଲକର ପରିଚୟ ଲାଭ କରିଛନ୍ତି । ମୁଁ ଭାବିଲି ଯେ ଶ୍ରୀଅରବିନ୍ଦଙ୍କୁ ଅନ୍ୟମାନଙ୍କର ଧାଡ଼ିରେ ନେଇ ଏକାଠି ରଖିଦେଲେ ତାହା*

'oaob.nitrkl.ac.in' images reprocessed

*ଆଦୌ ଠିକ୍ ହେବ ନାହିଁ ଏବଂ ଏହି କଥାଟିକୁ ବିଶଦ ଭାବରେ ବୁଝାଇ ଦେଇ ମୁଁ ସେହି ବନ୍ଧୁଙ୍କ ପାଖକୁ ଏକ ଉତ୍ତର ଲେଖି ପଠାଇବାକୁ ଇଚ୍ଛା କରୁଛି । ମାତ୍ର, କେବଳ ଆପଣଙ୍କର ଅନୁମୋଦନ ଲାଭ କଲେ ଯାଇ ମୁଁ ତାହା ଲେଖିବି ଓ ତାଙ୍କ ପାଖକୁ ପଠାଇବି । ଏବଂ, ଏ ବିଷୟରେ ଆପଣ ମଧ୍ୟ ନିଜର ଏକ ଉତ୍ତର ଲେଖିଦେଲେ ମୁଁ ଅଧିକ ସୁଖୀ ହେବି ।*

ପରମସତ୍ୟରେ ଯାଇ ପହଞ୍ଚିବାରେ ଏବଂ ତାହାକୁ ପ୍ରକଟ କରିବାରେ ମନୁଷ୍ୟଜାତି ଯେଉଁ ପ୍ରୟାସ କରିଛି, ଯେଉଁ ବ୍ୟକ୍ତିମାନେ କୌଣସି ନା କୌଣସି ଆବିଷ୍କାର କରିଛନ୍ତି, ସେହି ଆବିଷ୍କାର ଯେତେ କ୍ଷୁଦ୍ର ହେଉ ପଛକେ, ସେମାନଙ୍କର ସେଥିରେ ଏକ ସ୍ଥାନ ଅବଶ୍ୟ ରହିଛି, ଏବଂ ଗାନ୍ଧି ସେମାନଙ୍କ ମଧ୍ୟରେ ଜଣେ ।

ମାତ୍ର, ଏକ ସର୍ବୋଚ୍ଚ ସମଞ୍ଜସତା ମଧ୍ୟରେ ସମସ୍ତଙ୍କୁ ସଂଯୁକ୍ତ ଏବଂ ଏକସୂତ୍ର କରି ନ ରଖି ଏହି ଆଂଶିକ ଆବିଷ୍କାରଗୁଡ଼ିକୁ ଯେପରି ଭାବରେ ପରସ୍ପରର ବିରୋଧୀ କରି ଦର୍ଶାଯାଇଛି, ସର୍ବଦା ତାହାରି ଦ୍ୱାରାହିଁ ମସ୍ତବଡ଼ ଭୁଲ୍ କରାଯାଇଛି । ଏବଂ ସେହି କାରଣରୁହିଁ ମନୁଷ୍ୟଜାତି ଅନ୍ଧାର ଭିତରେ ରହି ପଥ ଭଣ୍ଡାଳି ହେବାରେ ଲାଗିଛି ।

ସେହି ସର୍ବୋଚ୍ଚ ସମଞ୍ଜସତା ଯେ ପ୍ରକୃତରେ ରହିଛି, ଆମକୁ ତାହା ଦେଖାଇ ଦେବାକୁ ଏବଂ ଆମକୁ ତାହାକୁ ଆବିଷ୍କାର କରିବାର ମାର୍ଗ ବତାଇ ଦେବାକୁ ଶ୍ରୀଅରବିନ୍ଦ ପୃଥିବୀକୁ ଆସିଛନ୍ତି ।

*ମାର୍ଚ୍ଚ ୧୯୭୦*

*

*(ଗୋଟିଏ ସମସ୍ୟା ବିଷୟରେ)*

ତୁମକୁ ଶ୍ରୀଅରବିନ୍ଦଙ୍କର ରଚନା ଅଧ୍ୟୟନ କରିବାକୁ ହେବ ଏବଂ ତାହାରି ସାହାଯ୍ୟରେ ଉତ୍ତରଟିକୁ ପାଇବାକୁ ପଡ଼ିବ ।

*୧୯ ଅକ୍ଟୋବର ୧୯୭୨*

*

ତୁମେ ଯଦି ଯତ୍ନ ସହକାରେ ଶ୍ରୀଅରବିନ୍ଦଙ୍କର ରଚନାକୁ ପାଠ କରିବ, ତେବେ ତୁମେ ଜାଣିବାକୁ ଇଚ୍ଛା କରୁଥିବା ସବୁକିଛିର ଉତ୍ତର ପାଇ ପାରିବ ।

*୨୫ ଅକ୍ଟୋବର ୧୯୭୨*

*

'oaob.nitrkl.ac.in' images reprocessed

ଯାବତୀୟ ବିଷୟରେ – ଶ୍ରୀଅରବିନ୍ଦ ଯାହାସବୁ କହିଛନ୍ତି, ଯତ୍ନର ସହିତ ତାହାକୁ ଅଧ୍ୟୟନ କରି ଆମେ ସହଜରେ ଏହି ଜଗତର ବସ୍ତୁଗୁଡ଼ିକ ବିଷୟରେ ପୂର୍ଣ୍ଣ ଜ୍ଞାନ ଅର୍ଜନ କରି ପାରିବା ।

*

ଶ୍ରୀଅରବିନ୍ଦଙ୍କର ରଚନାବଳୀ ଅଧ୍ୟୟନ କର ଓ ତାଙ୍କରି ମାର୍ଗର ଅନୁସରଣ କର ।

*

*ସାବିତ୍ରୀ*
ଶ୍ରୀଅରବିନ୍ଦଙ୍କର ଭବିଷ୍ୟଦୃଷ୍ଟିର
ସର୍ବୋଚ୍ଚ ପରିପ୍ରକାଶ

*

(*ସାବିତ୍ରୀ* ବିଷୟରେ)

୧) ଯେଉଁ ବ୍ୟକ୍ତି ରଚନା କରିଛନ୍ତି, ତାଙ୍କର ଆଧ୍ୟାତ୍ମିକ ଅନୁଭୂତି ଗୁଡ଼ିକର ଦୈନନ୍ଦିନ ବିବରଣୀ ।

୨) ଯୋଗର ଏକ ସଂପୂର୍ଣ୍ଣ ପଦ୍ଧତି, ଯାହାକି, ପୂର୍ଣ୍ଣ ସାଧନାର ମାର୍ଗକୁ ଅନୁସରଣ କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନଙ୍କ ସକାଶେ ଏକ ମାର୍ଗଦର୍ଶକ ରୂପେ କାର୍ଯ୍ୟ କରି ପାରିବ ।

୩) ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଆପଣାର ଆରୋହଣ ପଥରେ ପୃଥ୍ୱୀ-ଆଧାରର ଯୋଗ ।

୪) ଦିବ୍ୟ ଜନନୀ ଯେଉଁ ଶରୀରଟିକୁ ଗ୍ରହଣ କରିଛନ୍ତି ଏବଂ ପୃଥ୍ୱୀର ଯେଉଁ ଅଜ୍ଞାନ ତଥା ମିଥ୍ୟା ଉପରେ ସିଏ ଅବତୀର୍ଣ୍ଣ ହୋଇଛନ୍ତି, ତାହାରି ଅନୁସାରେ ଆପଣାକୁ ଅନୁକୂଳିତ କରି ରଖିବାର ଭୂମିରେ ସିଏ କରୁଥିବା ପ୍ରୟାସଟିର ଅନୁଭୂତିଚୟ ।

*

*(ମାଆଙ୍କର ସହଯୋଗରେ ଆଶ୍ରମର ଜଣେ କଳାକାର ଆଙ୍କିଥିବା ଚିତ୍ରଗୁଡ଼ିକର ଏକ ପ୍ରଦର୍ଶନୀ ''ସାବିତ୍ରୀ ବିଷୟରେ ଧ୍ୟାନ'' ଲାଗି ପ୍ରଦତ୍ତ ବାର୍ତ୍ତା)*

'oaob.nitrkl.ac.in' images reprocessed

The importance of Savitri is immense — Its subject is universal. Its revelation is prophetic. The time spent in its atmosphere is not wasted. Take all the time necessary to see this exhibition. It will be a happy compensation for the feverish haste men put now in all they do.

10-2-67.

ସାବିତ୍ରୀ ର ଏକ ବିପୁଳ ମହତ୍ତ୍ୱ ଓ ଅର୍ଥ ରହିଛି ।

ଏହାର ବିଷୟବସ୍ତୁ ବିଶ୍ୱଜନୀନ । ଏହାର ସତ୍ୟୋଦ୍‌ଘାଟନ ଭବିଷ୍ୟ-ସୂଚକ । ତାହାର ପରିବେଶରେ ଅତିବାହିତ ହେଉଥିବା ସମୟ କଦାପି ନଷ୍ଟ ହୁଏ ନାହିଁ ।

ଏହି ପ୍ରଦର୍ଶନୀଟିକୁ ଦେଖିବା ଲାଗି ଆବଶ୍ୟକ ଯଥୋଚିତ ସମୟ ଏଥିଲାଗି ଦିଆଯାଇ ପାରିବା ଉଚିତ । ଆପଣାର ଯାବତୀୟ କାର୍ଯ୍ୟରେ ମନୁଷ୍ୟମାନଙ୍କର ଏବେ ଯେଉଁ ଜ୍ୱରାକ୍ରାନ୍ତ କ୍ଷିପ୍ରତା ରହିଛି, ତାହା ସକାଶେ ଏହା ଏକ ସୁଖକର କ୍ଷତିପୂରଣ ରୂପେ କାର୍ଯ୍ୟ କରିବ ।

୧୦ ଫେବ୍ରୁଆରି ୧୯୬୭

'oaob.nitrkl.ac.in' images reprocessed

## ବିବିଧ ପ୍ରସଙ୍ଗ

*ଦିବ୍ୟ ପରମସତ୍ତା କହିଲେ କାହାକୁ ବୁଝାଇବ ?*

ଶ୍ରୀଅରବିନ୍ଦଙ୍କ ଭିତରେ ତୁମେ ଯାହାଙ୍କ ଆରାଧନା କରୁଛ, ସେଇ ହେଉଛନ୍ତି ଦିବ୍ୟ ପରମସତ୍ତା ।

*୨୮ ମାର୍ଚ୍ଚ ୧୯୩୨*

*

ଯେଉଁ ଦିନଟିରେ ଆମେ ଶ୍ରୀଅରବିନ୍ଦଙ୍କ ଉଦ୍ଦେଶ୍ୟରେ ଆପଣାର ଭକ୍ତିନିବେଦନ କରିପାରୁ, ସେହି ଦିନଟି ପ୍ରକୃତରେ କେଡ଼େ ସୁନ୍ଦର ।

*

ତୁମକୁ ଅନୁଭବ କରିବାକୁ ହେବ ଯେ ଶ୍ରୀଅରବିନ୍ଦ ତୁମ ଆଡ଼କୁ ଚାହିଁ ରହିଛନ୍ତି ।

*

*ଏହି କ୍ଷେତ୍ରରେ ଅବାଧତାର କୌଣସି ପ୍ରଶ୍ନ ଉଠୁ ନାହିଁ ।* ତାଙ୍କ ଜୀବନବୃତ୍ତାନ୍ତର କେଉଁ ବିବରଣୀରୁ ତୁମେ ଏହିସବୁ ଅଧିକ ସାମଗ୍ରୀ ଆହରଣ କରିଛ, ମୁଁ ସେ ବିଷୟରେ କିଛି ଜାଣି ନାହିଁ । ମୋ'ର ନିଜ ଦୃଷ୍ଟିକୋଣଟି ହେଉଛି ଯେ, ଜଣେ ସାଧକ ଶ୍ରୀଅରବିନ୍ଦଙ୍କ ବିଷୟରେ ଯଦି ଏପରି କିଛି ଲେଖିଥିବ, ଯାହାକି ତାଙ୍କୁ ତଳକୁ ଖସାଇ ଏକ ସାଧାରଣ ସ୍ତରକୁ ନେଇ ଆସୁଥିବ ଏବଂ ପାଠକକୁ ଆଣି ସତେଅବା ଏକ ଗପ କହୁଥିବାର ସେହି ପରିଚିତ ବାତାବରଣଟିରେ ଉପନୀତ କରାଇ ଦେଉଥିବ, ତେବେ ତଦ୍ଦ୍ୱାରା ତାଙ୍କ ପ୍ରତି ତଥା ତାଙ୍କର କାର୍ଯ୍ୟ ପ୍ରତି ଏକ ଅନାଦର ପ୍ରଦର୍ଶନ କରାଯିବ । କେବଳ ଭଲ ଅଭିପ୍ରାୟ କଦାପି ଯଥେଷ୍ଟ ନୁହେଁ; ସମସ୍ତେ ଏହି କଥା ବୁଝନ୍ତୁ,— ଏହା ଅତ୍ୟାବଶ୍ୟକ ।

*୩ ଜୁନ୍ ୧୯୩୯*

*

ଶ୍ରୀଅରବିନ୍ଦ କହୁଛନ୍ତି ଯେ, ରାଜନୀତି-କ୍ଷେତ୍ରରେ ପ୍ରବେଶ କରି ରାଜନୀତିକ କାର୍ଯ୍ୟକଳାପରେ ଭାଗ ନେବା ତାଙ୍କ ପକ୍ଷରେ ଆଉ ସମ୍ଭବ ହେବ ନାହିଁ; କାରଣ ତଦ୍ଦ୍ୱାରା ତାଙ୍କୁ ନିଜର ଆଧ୍ୟାତ୍ମିକ କାର୍ଯ୍ୟଟିକୁ ଛାଡ଼ିଦେବାକୁ ପଡ଼ିବ ।

ଏହି ଦେଶ ଲାଗି ତଥା ସେଥିଲାଗି ଅଭୀପ୍ସା ରଖୁଥିବା ସକଳ ବ୍ୟକ୍ତିଙ୍କ ଲାଗି ତାଙ୍କର ଆଧ୍ୟାତ୍ମିକ ସହାୟତାଟି ପ୍ରଦତ୍ତ ହୋଇଛି । ସିଏ ଏହି ସହାୟତାକୁ ଅବ୍ୟାହତ ରଖିବାକୁ ଏବଂ ଏପରିକି ଆବଶ୍ୟକ ହେଲେ ତାହାର ପରିମାଣ ବୃଦ୍ଧି କରିବାକୁ ମଧ୍ୟ

'oaob.nitrkl.ac.in' images reprocessed

ପ୍ରସ୍ତୁତ ଅଛନ୍ତି । ମାତ୍ର, ତାଙ୍କର ଏ ବିଷୟରେ ଏକ ଦୃଢ଼ ପ୍ରତ୍ୟୟ ରହିଛି ଯେ, ଏକ ସ୍ଥାୟୀ ପରିଣାମ ସମ୍ଭବ କରିବା ଲାଗି ଏବଂ ଏପରିକି ଯଥେଷ୍ଟ ଭାବରେ ପ୍ରଶସ୍ତ କୌଣସି ପରିଣାମ ସମ୍ଭବ କରିବା ଲାଗି ଲିଖିତ ସନ୍ଦେଶଗୁଡ଼ିକ କେବଳ ଯଥେଷ୍ଟ ନୁହେଁ ।

*


*(୧୯୫୭ ଦୁର୍ଗାପୂଜା ଉପଲକ୍ଷେ ପ୍ରଦତ୍ତ ବାର୍ତ୍ତା)*

ଶ୍ରୀଅରବିନ୍ଦଙ୍କ ପ୍ରତି ଆମର କୃତଜ୍ଞତା ପ୍ରକାଶ କରିବା ଲାଗି ତାଙ୍କରି ଶିକ୍ଷାଚୟର ଏକ ଜୀବନ୍ତ ଦୃଷ୍ଟାନ୍ତ ହୋଇ ରହିବା ହେଉଛି ସର୍ବୋତ୍ତମ ଉପାୟ ।

*୩୦ ସେପ୍ଟେମ୍ବର ୧୯୫୭*

*

ଶ୍ରୀଅରବିନ୍ଦଙ୍କର ପ୍ରତୀକ



The descending triangle represents Sat-Chit-Ananda.

The ascending triangle represents the aspiring answer from matter under the form of life, light and love.

The junction of both - the central square - is the perfect manifestation having at its centre the Avatar of the Supreme - the lotus.

The water - inside the square - represents the multiplicity, the creation.

'oaob.nitrkl.ac.in' images reprocessed

ଅବରୋହୀ ତ୍ରିଭୁଜଟି ସତ୍-ଚିତ୍-ଆନନ୍ଦର ପ୍ରତିନିଧିତ୍ୱ କରୁଛି ।

ଆରୋହୀ ତ୍ରିଭୁଜଟି ପ୍ରାଣ, ଆଲୋକ ଏବଂ ପ୍ରେମର ରୂପରେ ଜଡ଼ର ଭୂମିରୁ ଉତ୍ଥିତ ହୋଇ ଯାଉଥିବା ଅଭୀପ୍ସାତ୍ମକ ଉତ୍ତରଟିର ପ୍ରତିନିଧିତ୍ୱ କରୁଛି ।

ଦୁହିଙ୍କର ମିଳନସ୍ଥଳଟି – କେନ୍ଦ୍ରରେ ଥିବା ବର୍ଗକ୍ଷେତ୍ରଟି – ହେଉଛି ତାହାର ପରିପୂର୍ଣ୍ଣ ପ୍ରକଟନ; ତାହାର କେନ୍ଦ୍ରରେ ସର୍ବୋଚ୍ଚ ପରମସତ୍ତାଙ୍କର ଅବତାର – ପଦ୍ମ – ପ୍ରତୀକରୂପେ ଅବସ୍ଥିତ ରହିଛି ।

ବର୍ଗକ୍ଷେତ୍ର ମଧ୍ୟରେ ରହିଥିବା ଜଳ – ବିବିଧତା, ଅର୍ଥାତ୍ ସୃଷ୍ଟିସର୍ଜନାର ପ୍ରତିନିଧିତ୍ୱ କରୁଛି ।

*୪ ଏପ୍ରିଲ୍ ୧୯୫୮*

*

ଯେଉଁମାନେ ଅନୁକ୍ଷଣ ଆଗକୁ ଗତି କରିବା ଲାଗି ଏବଂ ଆଗାମୀ କାଲିର ପରମସତ୍ୟକୁ ଉପଲବ୍ଧ କରିବା ଲାଗି ଇଚ୍ଛା କରୁଛନ୍ତି, ତାଙ୍କର କରୁଣା ସେମାନଙ୍କ ଲାଗି ସର୍ବଦା ବିଦ୍ୟମାନ ରହିଛି ।

*୧୦ ଜାନୁଆରି ୧୯୫୯*

*

*ଜଣେ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କର ପ୍ରକୋଷ୍ଠକୁ ଆଉଥରେ ଯାଇ କିଛି ସମୟ ଧ୍ୟାନସ୍ଥ ହୋଇ ବସିବାକୁ ଇଚ୍ଛା କରୁଛନ୍ତି ।*

ଏପରି ଏକ ମହାନ୍ ସୁଯୋଗ ଲାଗି ଅନୁମତି ଲାଭ କରିବାକୁ ତାଙ୍କର କି ଯୋଗ୍ୟତା ଓ କେଉଁସବୁ ଉପାଧି ରହିଛି ?

ଆଉଥରେ ପ୍ରକୋଷ୍ଠର ଦର୍ଶନ କରିବାରେ ଆଦୌ କୌଣସି କ୍ଷତି ନାହିଁ । ତାଙ୍କର ପ୍ରକୋଷ୍ଠକୁ ସମସ୍ତେ ଆସି ପାରିବେ । ମାତ୍ର, ସେଠାରେ ବସି ଧ୍ୟାନ କରିବାର ଅନୁମତି ଲାଭ କରିବାକୁ ହେଲେ, ଶ୍ରୀଅରବିନ୍ଦଙ୍କ ଲାଗି ଅନେକ କିଛି କାର୍ଯ୍ୟ କରିଥିବା ଆବଶ୍ୟକ ।

*୧୧ ଜୁନ୍ ୧୯୫୯*

*

*ମାଆ, ଆପଣ କହିଛନ୍ତି ଯେ, ଶ୍ରୀଅରବିନ୍ଦଙ୍କର ପ୍ରକୋଷ୍ଠରେ ବସି ଧ୍ୟାନ କରିବାର ଅନୁମତି ଲାଭ କରିବାକୁ ହେଲେ "ଶ୍ରୀଅରବିନ୍ଦଙ୍କ ଲାଗି ଅନେକ କିଛି କାର୍ଯ୍ୟ କରିଥିବା ଆବଶ୍ୟକ ।" ମାଆ, ଆପଣ ଏପରି କଥା ଦ୍ୱାରା କ'ଣ ବୁଝୁଛନ୍ତି ? ଜଣେ ବ୍ୟକ୍ତି ପ୍ରଭୁଙ୍କ ଲାଗି ଏପରି କ'ଣ କରିପାରିବ, ଯାହାକୁ କି "ଅନେକ" ବୋଲି କୁହାଯାଇ ପାରିବ ?*

'oaob.nitrkl.ac.in' images reprocessed

ପ୍ରଭୁଙ୍କ ଲାଗି କିଛି କରିବାର ଅର୍ଥ ହେଉଛି, ନିଜ ପାଖରେ ଯାହା ଅଛି, ଜଣେ ବ୍ୟକ୍ତି ଯାହା କରୁଛି ବା ସିଏ ପ୍ରକୃତରେ ଯାହା, ତାହାର ଏକ ଭାଗକୁ ତାଙ୍କ ପାଖରେ ନେଇ ଦେଇଦେବା । ଅର୍ଥାତ୍, ଆମ ପାଖରେ ଥିବା ଧନ ବା ସମ୍ପତ୍ତିର ଏକ ଅଂଶ ଅଥବା ସମୁଦାୟ ଭାଗଟିକୁ ତାଙ୍କୁ ଦେଇଦେବା, ଆମ କାର୍ଯ୍ୟର ଗୋଟିଏ ଅଂଶ ଅଥବା ଯାବତୀୟ କାର୍ଯ୍ୟକୁ ତାଙ୍କ ଲାଗି ଉତ୍ସର୍ଗ କରିଦେବା କିଂବା, ନିଜକୁ ତାଙ୍କ ପାଖରେ ସଂପୂର୍ଣ୍ଣ ଓ ଅକୁଣ୍ଠିତ ଭାବରେ ନେଇ ଅର୍ପଣ କରିଦେବା, ଯେପରିକି ସିଏ ଆମର ପ୍ରକୃତିଟିକୁ ନିଜ ହାତକୁ ନେଇ ତାହାର ରୂପାନ୍ତର କରିଦେଇ ପାରିବେ, ତାହାକୁ ଦିବ୍ୟ ପ୍ରକୃତିରେ ପରିଣତ କରିପାରିବେ । ମାତ୍ର, ଏପରି ବହୁସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଆଦୌ କିଛି ଦିଅନ୍ତି ନାହିଁ, କିନ୍ତୁ ସବୁବେଳେ ଖାଲି ନେବାକୁ ଏବଂ ଗ୍ରହଣ କରିବାକୁ ଚାହୁଁଥା'ନ୍ତି । ସେମାନେ ଭାରି ସ୍ୱାର୍ଥପର ଏବଂ ଶ୍ରୀଅରବିନ୍ଦଙ୍କର ପ୍ରକୋଷ୍ଠ ଭିତରକୁ ଯାଇ ଧ୍ୟାନ କରିବା ଲାଗି ସେମାନଙ୍କର କୌଣସି ଯୋଗ୍ୟତା ନ ଥାଏ ।

*୧୭ ଅଗଷ୍ଟ ୧୯୬୦*

*

ମୁଁ ଆଶା କରୁଛି ଯେ, ଏପରି ଗୋଟିଏ ଦିନ ଆସି ପହଞ୍ଚିବ, ଯେତେବେଳେ କି, ଶ୍ରୀଅରବିନ୍ଦଙ୍କର ଉପସ୍ଥିତି ଦ୍ୱାରା ପଣ୍ଡିଚେରୀ ସହର ଲାଗି ଯାହାକିଛି ସମ୍ଭବ ହୋଇଛି, ଆମେ ସେସବୁକୁ ମୁକ୍ତ ତଥା ଯଥାର୍ଥ ଭାବରେ କହିବାକୁ ସମର୍ଥ ହେବା ।...

*୧୨ ଜାନୁଆରି ୧୯୬୧*

*

*କିଛିଦିନ ତଳେ ଆପଣ ମୋତେ "ମନୁଷ୍ୟସ୍ତରର ଯାବତୀୟ ପ୍ରତିକୃତିକୁ ଅତିକ୍ରମ କରିଯାଇ, ସିଧା ସର୍ବୋଚ୍ଚ ପରମସତ୍ତାଙ୍କର ନିକଟବର୍ତ୍ତୀ ହେବା" ନିମନ୍ତେ ପରାମର୍ଶ ଦେଇଥିଲେ ।*

*ମୁଁ ସେତେବେଳେ ଶ୍ରୀଅରବିନ୍ଦଙ୍କୁ ଆଶ୍ରା କରିଥିଲି । ମୁଁ ନିଜର ଯାବତୀୟ ଅସୁବିଧାକୁ ତାଙ୍କରି ଆଗରେ ନେଇ ରଖି ଦେଉଥିଲି ଓ ତାଙ୍କୁ ପ୍ରାର୍ଥନା କରୁଥିଲି; ପ୍ରାୟ ସବୁ ସମୟରେ ମୋତେ ଏକ ଉତ୍ତର ମଧ୍ୟ ମିଳି ଯାଉଥିଲା । ବର୍ତ୍ତମାନ ମୁଁ ଆଉ ତାଙ୍କ ବିଷୟରେ ଭାବୁ ନାହିଁ । ଆଉ ତାଙ୍କଠାରୁ ଆଶ୍ରୟ ମାଗୁ ନାହିଁ, ମୁଁ ସିଧା ପରମପ୍ରଭୁଙ୍କର ଆଶ୍ରୟ ଭିକ୍ଷା କରୁଛି । ମାତ୍ର, ମୋ'ର ସବୁକଥା ଅରଣ୍ୟରୋଦନ ପରି ସତେଅବା ନିଷ୍ଫଳ ହୋଇ ଯାଉଛି ।*

*ଶ୍ରୀଅରବିନ୍ଦଙ୍କ ସହିତ ଏପରି ସମ୍ବନ୍ଧ ଛିନ୍ନ କରିଦେବା ଦ୍ୱାରା ମୁଁ ଠିକ୍ କରୁଛି ତ ?*

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦଙ୍କ ସହିତ ସମ୍ପର୍କ ଛିନ୍ନ କରିଦେବାର ଆଦୌ କୌଣସି ପ୍ରଶ୍ନ ନାହିଁ, ଏ ବିଷୟରେ ଆଦୌ କୌଣସି ପ୍ରଶ୍ନ ହୋଇ ମଧ ପାରିବ ନାହିଁ । ଯଦି ତାଙ୍କଠାରୁ ମିଳୁଥିବା ଉତ୍ତରଟି ବିଷୟରେ ସଚେତନ ହୋଇ ପାରିବାର ବିଶେଷ ସୌଭାଗ୍ୟଟିକୁ ତୁମେ ଲାଭ କରିଥାଅ, ତେବେ ତାହାକୁ ବହୁମୂଲ୍ୟ ସମ୍ପଦ ପରି ଅବଶ୍ୟ ସଞ୍ଚୟ କରି ରଖିବ ଏବଂ ତାହାର ସର୍ବୋତ୍ତମ ସଦୁପଯୋଗ ଅବଶ୍ୟ କରିବ । ଶ୍ରୀଅରବିନ୍ଦଙ୍କ ମଧଦେଇ ତୁମେ ସର୍ବୋଚ୍ଚ ପରମସତ୍ତାଙ୍କର ସଂସ୍ପର୍ଶରେ ଆସି ପାରିବ ଏବଂ କଦାପି ପଥଚ୍ୟୁତ ନ ହେବା ବିଷୟରେ ସୁନିଶ୍ଚିତ ହୋଇ ରହିପାରିବ ।

*୨୧ ମଇ ୧୯୭୦*

*

*ନିଜର ଦୈନନ୍ଦିନ କାର୍ଯ୍ୟକ୍ରମରେ ମୁଁ ଶ୍ରୀଅରବିନ୍ଦଙ୍କର ପ୍ରଭାବକୁ କିପରି ଜୀବନ୍ତ ଓ ଗତିଶୀଳ କରି ରଖିପାରିବି ?*

ତୁମେ ସଂପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୋଇ ରହିବ; ତେବେ ସିଏ ତୁମର ଆବାହନର ଅବଶ୍ୟ ଉତ୍ତର ଦେବେ ।

*ଜୁଲାଇ ୧୯୭୦*

*ଶ୍ରୀଅରବିନ୍ଦଙ୍କର ଜନ୍ମଦିନ ଦିନ ଆମର କିପରି ହୋଇ ରହିବା ଉଚିତ ?*

ନିଷ୍ଠାଯୁକ୍ତ ଏବଂ ଉତ୍ତରୋତ୍ତର ଭାବରେ ଅଗ୍ରଗତିଶୀଳ ।

*

*(ଇ. ଫ୍ରାଙ୍କେଲ୍‌ଙ୍କ ଦ୍ୱାରା ନିର୍ମିତ ଶ୍ରୀଅରବିନ୍ଦଙ୍କର ଏକ କାଂସ୍ୟ ଆବକ୍ଷମୂର୍ତ୍ତି ବିଷୟରେ)*

କଳା ଦୃଷ୍ଟିରୁ ବିଚାର କରି ଦେଖିଲେ ଏହାକୁ ସୁନିଶ୍ଚିତ ଭାବରେ ଏକ ଅଦ୍ଭୁତ କାରିଗରୀ ବୋଲି କୁହାଯିବ । ଏହି କାର୍ଯ୍ୟଟି ପଛରେ ପ୍ରେରଣା ରହିଛି, ଶ୍ରୀଅରବିନ୍ଦଙ୍କ ସହିତ ଘଟିଥିବା ଏକ ଅନ୍ତଃପ୍ରେରଣା ବା, ଅଧିକ ନିର୍ଭୁଲ୍ ଭାବରେ କହିଲେ, ତାଙ୍କର ଏକ ବିଭାବ ଦ୍ୱାରା ତାଙ୍କ ସତ୍ତାର ଗୋଟିଏ ଦିଗ, ତାଙ୍କର ବୁଦ୍ଧିଦୀପ୍ତ ଦିଗ, ଜ୍ଞାନର ଦିଗ, ତାଙ୍କର **ଦ୍ରଷ୍ଟା**-ରୂପ ଦ୍ୱାରା ପ୍ରେରିତ ହୋଇ ଏଇଟି ନିର୍ମିତ ହୋଇଛି ।

*

'oaob.nitrkl.ac.in' images reprocessed

*(୧୯୬୪ ମସିହାର ଶ୍ରୀମତୀ ଏର୍ନା ଆର. କିଙ୍. ଗଢ଼ିଥିବା ଶ୍ରୀଅରବିନ୍ଦଙ୍କର ଏକ କାଂସ୍ୟ ଆବକ୍ଷମୂର୍ତ୍ତି ବିଷୟରେ)*

ତାଙ୍କର ସେହି ପ୍ରଶସ୍ତ, ପ୍ରଶାନ୍ତ ଏବଂ ସରଳତା-ଦ୍ୟୋତକ କପାଳ, ଯାହାକି ପୂର୍ଣ୍ଣ ଜ୍ଞାନର ପରିପୂର୍ଣ୍ଣ ଶାନ୍ତିକୁ ପ୍ରତିଫଳିତ କରି ଆଣୁଛି ।

*

ଶ୍ରୀଅରବିନ୍ଦଙ୍କର ସ୍ମରଣ : ଆମ ଲାଗି ସେ ଯେଉଁ ଜୀବନାଦର୍ଶଟିକୁ ନିର୍ଦ୍ଦିଷ୍ଟ କରି ଦେଇଛନ୍ତି, ଆମେ ତାହାରି ଉପଲବ୍ଧି ନିମନ୍ତେ ପ୍ରୟାସୀ ହେବା ।

'oaob.nitrkl.ac.in' images reprocessed

## ଶ୍ରୀଅରବିନ୍ଦ ଓ ମାଆ

*(ମାଆ ରକ୍ତପଦ୍ମକୁ ଶ୍ରୀଅରବିନ୍ଦଙ୍କର ଏବଂ ଶ୍ୱେତପଦ୍ମକୁ ତାଙ୍କ ନିଜର ଫୁଲ ବୋଲି ଚିହ୍ନଟ କରାଇ ଦେଇଥିଲେ ।)*

ରକ୍ତ ପଦ୍ମ – ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତିର ପ୍ରତୀକ ।
ଶ୍ୱେତପଦ୍ମ – ଦିବ୍ୟ ପରମଚେତନାର ପ୍ରତୀକ ।

*୨ ଫେବୃଆରି ୧୯୩୦*

*

ଆମର ପ୍ରେମ,– ତାହା ଏକ ଶାଶ୍ୱତ ସତ୍ୟ ।

*୭ ଏପ୍ରିଲ ୧୯୩୪*

*

ତାଙ୍କ ବ୍ୟତୀତ ମୋ'ର କୌଣସି ଅସ୍ତିତ୍ୱ ନାହିଁ ।
ମୋ' ବ୍ୟତୀତ, ସିଏ ବ୍ୟକ୍ତ ହୋଇ ପାରନ୍ତି ନାହିଁ ।

*୬ ମଇ ୧୯୫୭*

*

mothersriaurobindo
is my refuge

ଶ୍ରୀମାଶ୍ରୀଅରବିନ୍ଦ ଶରଣଂ ମମ ।

*

ଯେତେବେଳେ, ନିଜର ହୃଦୟରେ ତଥା ଭାବନାରେ ତୁମେ ଶ୍ରୀଅରବିନ୍ଦ ଓ ମୋ' ଭିତରେ ଆଦୌ କୌଣସି ପାର୍ଥକ୍ୟ ରହିଥିବାର ଦେଖିବ ନାହିଁ, ଯେତେବେଳେ, ଶ୍ରୀଅରବିନ୍ଦଙ୍କ ବିଷୟରେ ଚିନ୍ତା କରିବା ଅନିବାର୍ଯ୍ୟତଃ ମୋ' ବିଷୟରେ ଚିନ୍ତା କରିବାକୁ ଏବଂ ମୋ' ବିଷୟରେ ଚିନ୍ତା କରିବା ଶ୍ରୀଅରବିନ୍ଦଙ୍କ ବିଷୟରେ ଚିନ୍ତା କରିବାକୁହିଁ ବୁଝାଇବ,


'oaob.nitrkl.ac.in' images reprocessed

ଯେତେବେଳେ ଜଣକୁ ଦେଖିଲେ ତାହା ଅନିବାର୍ଯ୍ୟତଃ ଅନ୍ୟଜଣକୁ ଦେଖିବା ପରି ହୋଇଯିବ,– ଠିକ୍ ସେହି ଏକା ଜଣେ ବ୍ୟକ୍ତିଙ୍କୁ ଦେଖିବା ପରି ହୋଇ ରହିବ,– ସେତେବେଳେ ଯାଇ ତୁମେ ଜାଣିବ ଯେ, ତୁମେ ପ୍ରକୃତରେ ଅତିମାନସ ଶକ୍ତି ଏବଂ ଅତିମାନସ ଚେତନା ଆଡ଼କୁ ଉନ୍ମୋଚିତ ହୋଇଯିବାକୁ ଆରମ୍ଭ କରୁଛ ।

୪ ମାର୍ଚ୍ଚ ୧୯୫୮

When in your heart and thought you will make no difference between Sri Aurobindo and me, when to think of Sri Aurobindo will be to think of me and to think of me will mean to think of Sri Aurobindo inevitably, when to see one will mean inevitably to see the other, like <u>one and the same Person</u>, —

then you will know that you begin to be open to the supramental force and consciousness.



'oaob.nitrkl.ac.in' images reprocessed

ମାଆ

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

## ମାଆ

*Since the beginning of the earth, wherever and whenever there was the possibility of manifesting a ray of consciousness, I was there.*



ପୃଥିବୀର ଆରମ୍ଭରୁ, ଯେଉଁଠାରେ ଓ ଯେତେବେଳେ ବି ପରମଚେତନାର ଗୋଟିଏ ରଶ୍ମିକୁ ମଧ୍ୟ ପ୍ରକାଶ କରି ଆଣିବାର ଏକ ସମ୍ଭାବନା ଉପସ୍ଥିତ ହୋଇଥିଲା, ସେଠାରେ ମୁଁ ଅବଶ୍ୟ ଥିଲି ।

*

ବର୍ତ୍ତମାନ ଯିଏ ତୁମମାନଙ୍କୁ ଏହିସବୁ କଥା କହୁଛି, ସିଏ ହେଉଛି ଦିବ୍ୟ ପରମସତ୍ତାଙ୍କର ଜଣେ ଅନୁଗତ ସେବକ । ଚିରକାଳ ଧରି, ଏହି ପୃଥିବୀର ଆରମ୍ଭରୁ, ଦିବ୍ୟ ପରମସତ୍ତାଙ୍କର ଜଣେ ଅନୁଗତ ସେବକରୂପେ ସିଏ ତାହାର ପ୍ରଭୁଙ୍କର ପ୍ରତିନିଧି ରୂପେହିଁ ଯାହାକିଛି କହି ଆସିଛି । ଏବଂ ଯେପର୍ଯ୍ୟନ୍ତ ପୃଥିବୀ ଏବଂ ମନୁଷ୍ୟମାନେ ରହିଥିବେ, ଦିବ୍ୟ ବାଣୀର ପ୍ରଚାର ନିମନ୍ତେ ସିଏ ମଧ୍ୟ ଏକ ଶରୀର ଧାରଣ କରି ସେଠାରେ ଅବସ୍ଥିତ ରହିଥିବ ।

ତେଣୁ, ମୋତେ ଯେତେ ଯେଉଁଠି କିଛି କହିବାକୁ କୁହାଯାଏ, ମୁଁ ସେଠାରେ ଦିବ୍ୟ ପରମସତ୍ତାଙ୍କର ଜଣେ ସେବକ ହିସାବରେ ସେହି କ୍ଷେତ୍ରରେ ମୋ'ର ଯଥାସାଧ୍ୟ ପ୍ରୟାସ କରିଥାଏ ।

ମାତ୍ର, କୌଣସି ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଅଥବା ବ୍ୟକ୍ତିର ପ୍ରତିନିଧିତ୍ୱ କରି କହିବାର କ୍ଷେତ୍ରରେ, ସେହି ବ୍ୟକ୍ତି ଯେତେ ବଡ଼ ହୋଇଥାଉ ନା କାହିଁକି, ମୁଁ ସେକଥା ମୋଟେ କରିପାରେ ନାହିଁ ।

ସେତେବେଳେ ଶାଶ୍ୱତ ଓ ବିଶ୍ୱାତୀତ ପରମସତ୍ତା ମୋତେ ସେପରି କରିବାକୁ ବାରଣ କରନ୍ତି ।

୧୯୧୨

*

'oaob.nitrkl.ac.in' images reprocessed

## ମୁଁ ଓ ମୋର ଜୀବନଧର୍ମ

ମୁଁ କୌଣସି ଜାତିର ନୁହେଁ, କୌଣସି ସଭ୍ୟତାର ନୁହେଁ, କୌଣସି ସମାଜର ନୁହେଁ କି କୌଣସି ପ୍ରଜାତିଗୋଷ୍ଠୀର ନୁହେଁ । ମୁଁ ହେଉଛି ଦିବ୍ୟ ପରମସତ୍ତାଙ୍କର ।

ମୁଁ କୌଣସି ମାଲିକକୁ ମାନେ ନାହିଁ, କୌଣସି ଶାସକକୁ ମାନେ ନାହିଁ, କୌଣସି ନିୟମ କିଂବା ସାମାଜିକ ପରମ୍ପରାକୁ ମାନେ ନାହିଁ; ମାତ୍ର କେବଳ ସେହି ଦିବ୍ୟ ପରମସତ୍ତାଙ୍କୁହିଁ ମାନିଥାଏ ।

ମୁଁ ତାଙ୍କରି ପାଖରେହିଁ ମୋ'ର ସବୁକିଛି, ସକଳ ଇଚ୍ଛା, ସମସ୍ତ ଜୀବନ ଓ ମୋତେ ନିଜକୁ,– ସମର୍ପଣ କରିଦେଇଛି । ତାଙ୍କରି ସକାଶେ ମୁଁ ନିଜର ବିନ୍ଦୁ ବିନ୍ଦୁ ସବୁଯାକ ରକ୍ତ ଦେବା ଲାଗି ପ୍ରସ୍ତୁତ ଅଛି;– ଯଦି ତାହାହିଁ ତାଙ୍କର ଇଚ୍ଛା ଥାଏ, ତେବେ ପରିପୂର୍ଣ୍ଣ ଆନନ୍ଦରେ ତାହା କରିବାକୁ ପ୍ରସ୍ତୁତ ଅଛି । ଏବଂ, ତାଙ୍କର ସେବାରେ ଯାହାକିଛି କରାଯାଏ, ତାହାକୁ କଦାପି ଏକ ତ୍ୟାଗ ବୋଲି କୁହାଯିବ ନାହିଁ,– କାରଣ ସେଠି ସବୁକିଛି କେବଳ ପୂର୍ଣ୍ଣ ଆନନ୍ଦ ହୋଇହିଁ ରହିଥିବ ।

*ଜାପାନ, ଫେବ୍ରୁଆରି ୧୯୨୦*

Written in Japan – February 1920.

I belong to no nation, no civilisation, no society, no race, but to the Divine.

I obey no master, no ruler, no law, no social convention, but to the Divine.

To Him I have surrendered all, will, life and self; for Him I am ready to give all my blood, drop by drop, if such is His Will, with complete joy; and nothing in His service can be sacrifice, for all is perfect delight.

*

'oaob.nitrkl.ac.in' images reprocessed

## ମୋ' ଜୀବନର ବ୍ରତ ସମ୍ବନ୍ଧରେ ମୁଁ ସଚେତନ ହେଲି କିପରି ?

ଏହି ପୃଥିବୀରେ ମୋତେ ଯେ ଏକ ଲକ୍ଷ୍ୟକୁ ପୂର୍ଣ୍ଣ କରିବାକୁ ପଡ଼ିବ, ସେହି ବିଷୟରେ ମୁଁ କିପରି ସଚେତନ ହେଲି ? ଏବଂ କେବେ ଓ କିପରି ଶ୍ରୀଅରବିନ୍ଦଙ୍କୁ ଆସି ଭେଟିଲି ?

ତୁମେ ମୋତେ ଏହି ଦୁଇଟି ପ୍ରଶ୍ନ ପଚାରିଛ ଏବଂ ମୁଁ ସଂକ୍ଷେପରେ ତାହାର ଉତ୍ତର ଦେବି ବୋଲି ପ୍ରତିଶ୍ରୁତି ଦେଇଥିଲି ।

ଲକ୍ଷ୍ୟଟି ବିଷୟରେ ଠିକ୍ କେବେ ମୋ'ର ଏକ ଜ୍ଞାନ ହେଲା, ସେକଥା କହିବା ପ୍ରକୃତରେ କଷ୍ଟକର । ସତେଯେପରି ମୁଁ ସେହି ଲକ୍ଷ୍ୟଟିକୁ ସାଙ୍ଗରେ ନେଇହିଁ ଜନ୍ମ ହୋଇଥିଲି ଏବଂ, ମୋ'ର ମନ ତଥା ମସ୍ତିଷ୍କର ଅଭିବୃଦ୍ଧି ସଙ୍ଗେସଙ୍ଗେ ସେହି ଚେତନା ମଧ୍ୟ ଅଧିକରୁ ଅଧିକ ନିର୍ଦ୍ଦିଷ୍ଟ ଏବଂ ସଂପୂର୍ଣ୍ଣ ହୋଇଥିଲା ।

ମୋ' ଜୀବନରୁ ୧୧ ରୁ ୧୩ ବର୍ଷ ଭିତରେ କ୍ରମାଗତ କେତେଗୋଟି ଚୈତ୍ୟ ତଥା ଆଧ୍ୟାତ୍ମିକ ଅନୁଭୂତି ମୋ'ଲାଗି ପରମେଶ୍ୱରଙ୍କର ଅସ୍ତିତ୍ୱ ବିଷୟରେ କେବଳ ଯେ ସତ୍ୟୋଦ୍‌ଘାଟନ କରି ଦେଇଥିଲେ ତା' ନୁହେଁ, ମାତ୍ର ମନୁଷ୍ୟ ଲାଗି ଯେ ତାଙ୍କ ସହିତ ଯୁକ୍ତ ହୋଇ ପାରିବାର, ଚେତନା ଏବଂ କର୍ମର କ୍ଷେତ୍ରରେ ତାଙ୍କୁ ପୂର୍ଣ୍ଣ ଭାବରେ ଉପଲବ୍ଧ କରିବାର ତଥା ଏକ ଦିବ୍ୟ ଜୀବନର ଭୂମି ଉପରେ ଏହି ପୃଥିବୀପୃଷ୍ଠରେ ତାଙ୍କୁ ଅଭିବ୍ୟକ୍ତ କରାଇବାର ଏକ ସମ୍ଭାବନା ମଧ୍ୟ ରହିଛି, ଏଗୁଡ଼ିକୁ ଅତ୍ୟନ୍ତ ସ୍ପଷ୍ଟ କରି ଦେଇଥିଲେ । ମୋ' ଶରୀର ସୁପ୍ତ ଅବସ୍ଥାରେ ରହିଥିବା ବେଳେ ଏକାଧିକ ଗୁରୁ ଓ ଶିକ୍ଷକ ମୋତେ ଏହି ସତ୍ୟଟିକୁ ଏବଂ ତାହାର ପରିପୂରଣ ଲାଗି ଆବଶ୍ୟକ ଏକ ପ୍ରୟୋଗାତ୍ମକ ସାଧନାମାର୍ଗକୁ ମଧ୍ୟ ମୋତେ ଆସି ପ୍ରଦାନ କରିଥିଲେ; ଶାରୀରିକ ଭୂମିରେ ମୋ'ର ଏମାନଙ୍କ ମଧ୍ୟରୁ କେତେକଙ୍କ ସହିତ ପରେ ସାକ୍ଷାତ ହୋଇଥିଲା ।

ତା'ପରେ, ଅନ୍ତର ତଥା ବାହାରର ବିକାଶ ଅଗ୍ରଗତି କରିବା ସଙ୍ଗେ ସଙ୍ଗେ, ଏହି ସତ୍ତାମାନଙ୍କ ମଧ୍ୟରୁ ଜଣକ ସହିତ ମୋ'ର ଆଧ୍ୟାତ୍ମିକ ଏବଂ ଚୈତ୍ୟ ସମ୍ବନ୍ଧ ଅଧିକରୁ ଅଧିକ ସ୍ପଷ୍ଟ ଓ ବାରଂବାର ଘଟିବାକୁ ଲାଗିଲା; ଏବଂ ସେତେବେଳେ ଭାରତୀୟ ବିଭିନ୍ନ ଦର୍ଶନ ତଥା ଧର୍ମଗୁଡ଼ିକ ବିଷୟରେ ମୋ'ର ପ୍ରାୟ କୌଣସି ଜ୍ଞାନ ନ ଥିଲେ ମଧ୍ୟ, ମୁଁ କୌଣସି ପ୍ରେରଣାରୁ ତାଙ୍କୁ କୃଷ୍ଣ ବୋଲି ଅଭିହିତ କରିଥିଲି ଓ ତା'ପରେ ମୁଁ ବେଶ୍ ସଚେତନ ଭାବରେ ବୁଝି ପାରିଲି ଯେ ତାଙ୍କରି ସହିତହିଁ (ପୃଥିବୀପୃଷ୍ଠରେ ମୋ'ର ତାଙ୍କ ସହିତ ଅବଶ୍ୟ ଦିନେ ଦେଖା ହେବ ବୋଲି ମୁଁ ଜାଣି ପାରୁଥିଲି) ମୋତେ ଦିବ୍ୟ କାର୍ଯ୍ୟଟିକୁ ସମ୍ପାଦନ କରିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

୧୯୧୦ ମସିହାରେ ମୋ'ର ସ୍ୱାମୀ ଏକାକୀ ପଣ୍ଡିଚେରୀ ଆସିଥିଲେ; ଏହିଠାରେ ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଓ ବିଚିତ୍ର ପରିସ୍ଥିତିରେ ଶ୍ରୀଅରବିନ୍ଦଙ୍କ ସହିତ ତାଙ୍କର ପରିଚୟ ଘଟିଥିଲା । ସେହି ଦିନଠାରୁ ପୁନର୍ବାର ଭାରତବର୍ଷକୁ ଫେରି ଆସିବାକୁ ଆମ ଦୁହିଙ୍କର ବଳବତୀ ଇଚ୍ଛା ହେଲା,— ଭାରତବର୍ଷକୁହିଁ ମୁଁ ସର୍ବଦା ମୋ'ର ପ୍ରକୃତ ମାତୃଭୂମି ବୋଲି ଅନୁଭବ କରି ଆସିଥିଲି, ଏବଂ ୧୯୧୪ ମସିହାରେ ଆମକୁ ସେହି ଆନନ୍ଦ ଉପଲବ୍ଧ ହେଲା ।

ଶ୍ରୀଅରବିନ୍ଦଙ୍କୁ ଦେଖିଲା ମାତ୍ରକେହିଁ ମୁଁ ତାଙ୍କରି ଭିତରେ ମୁଁ କୃଷ୍ଣ ବୋଲି କହି ଆସିଥିବା ସୁପରିଚିତ ସତ୍ତାଟିକୁ ଚିହ୍ନି ପାରିଲି ।... ଏବଂ, ମୋ'ର ସ୍ଥାନ ଓ ମୋ'ର କାର୍ଯ୍ୟ କାହିଁକି ଏହି ଭାରତବର୍ଷରେ ତାଙ୍କରି ପାଖରେ ରହିଛି ବୋଲି ମୁଁ ସଂପୂର୍ଣ୍ଣ ସଂପ୍ରତ୍ୟୟ ସହିତ ଗ୍ରହଣ କରିନେଇଛି, ତାହାର ବ୍ୟାଖ୍ୟା କରିଦେବା ପାଇଁ ଏତିକି କହିବା ଯଥେଷ୍ଟ ହେବ ।

*ପଣ୍ଡିଚେରୀ ୧୯୨୦*

*

*ହେ ପ୍ରଭୁ, ମୋ'ର ପରମ ପ୍ରଭୁ !*
*ତୁମେ ଯାହା ଇଚ୍ଛା କରିବ, ମୁଁ ତାହାହିଁ ହେବି ।*
*ମୁଁ ଯାହା କରେ ବୋଲି ଇଚ୍ଛା କରିବ, ମୁଁ ତାହାହିଁ କରିବି ।*

*୨୦ ଜୁନ୍ ୧୯୩୧*

*

ହେ ମୋ'ର ପ୍ରଭୁ, ଆପଣ ମୋତେ ଯେଉଁ କାର୍ଯ୍ୟ କରିବାକୁ ଦେଇଛନ୍ତି, ମୁଁ ସେଥିରୁ ଖସି ପଳାଇ ଯିବାକୁ କୌଣସି ଚେଷ୍ଟା କରିବି ନାହିଁ । ଆପଣ ମୋ'ର ଚେତନାକୁ ଯେଉଁଠାରେ ନେଇ ଉପସ୍ଥାପିତ କରିବେ, ଆଉ କୌଣସି ଆନନ୍ଦମୟ ଊର୍ଦ୍ଧ୍ୱକୁ ଉଠି ଚାଲି ଯିବାର କୌଣସି ଚେଷ୍ଟା ନ କରି ମୁଁ ସେହିଠାରେହିଁ ଅବସ୍ଥିତ ରହିବି । ଏପରିକି, ମୋ'ର ସ୍ଥାନ ସ୍ଥୂଳତମ ପ୍ରକୃତିର କର୍ଦ୍ଦମ ମଧ୍ୟରେ ଯାଇ ରହୁ ବୋଲି ଯଦି ଆପଣ ଇଚ୍ଛା କରୁଥିବେ, ତାହା ସେଠାରେ ମଧ୍ୟ ଶାନ୍ତ ଏବଂ ଅଚଞ୍ଚଳ ହୋଇ ରହିଥିବ । ମାତ୍ର, ତାହା ଯେଉଁଠାରେ ରହୁ ପଛକେ, ତାହା ଯେପରି ଅନିବାର୍ଯ୍ୟ ଭାବରେ ଆପଣଙ୍କ ଆଡ଼କୁହିଁ ଅଭୀପ୍ସା କରି ରହିଥାଉ, ଆପଣଙ୍କ ଆଡ଼କୁ ଉନ୍ମୋଚିତ ହୋଇଯିବାରେ ଲାଗିଥାଉ ଏବଂ ଆପଣା ଅସ୍ତିତ୍ୱର ଏକମାତ୍ର ସତ୍ୟରୂପେ କେବଳ ଆପଣଙ୍କୁହିଁ ନିଜ ଭିତରକୁ ଆବାହନ କରି ଆଣୁଥାଉ ।

*୭ ମାର୍ଚ୍ଚ ୧୯୩୨*

*

'oaob.nitrkl.ac.in' images reprocessed

କେଡ଼େ ଉଦ୍ଦୀପ୍ତ ଭାବରେ ମୋ'ର ଚେତନା ଭୌତିକ ସକଳ ସ୍ପନ୍ଦନର ଏହି କାରାଗାର ମଧ୍ୟରୁ ବାହାରି ସେହି ସୁନିର୍ମଳ ଊର୍ଦ୍ଧ୍ୱଗୁଡ଼ିକରେ ଅବସ୍ଥିତ ରହିଥିବା ଆପଣଙ୍କ ଆଡ଼କୁ ଉଡ଼ି ଚାଲିଯିବାକୁ ଆକାଙ୍କ୍ଷିତ ହୋଇ ରହିଛି !

ମାତ୍ର, ଏହି ପଳାୟନ କଦାପି ସମ୍ଭବ ନୁହେଁ... ତାହା ଆପଣଙ୍କ ଇଚ୍ଛାର ବିରୋଧୀହିଁ ହେବ । ତେଣୁ ଚେତନାକୁ ଏହି ତମସାବୃତ ଓ ଅଜ୍ଞାନାଚ୍ଛନ୍ନ ପ୍ରକୃତିର କର୍ଦ୍ଦମ ମଧ୍ୟରେହିଁ ଛନ୍ଦି ହୋଇ ରହିବାକୁ ପଡ଼ିବ । ତାହାହିଁ ସମୁଚିତ ପଥ; କେବଳ ଆପଣ ଯାହା ଇଚ୍ଛା କରୁଛନ୍ତି, ତାହାହିଁ ହେବାର ଓ ତାହାକୁ କରିବାର ଆନନ୍ଦ ପ୍ରକୃତରେ ଆଉ ଯାବତୀୟ ଆନନ୍ଦଠାରୁ ଅନେକ ଅଧିକ, ଏପରିକି କଳ୍ପିତ ଉଦାତ୍ତତମ ଆନନ୍ଦଠାରୁ ମଧ୍ୟ ଅଧିକ ।

ମାତ୍ର ଚେତନା ତେଣେ ଚିତ୍କାର କରି ଉଠୁଛି : "ମୁଁ ଆପଣଙ୍କୁହିଁ ଚାହେଁ, କେବଳ ଆପଣଙ୍କୁ ଚାହେଁ; ଆପଣଙ୍କ ବ୍ୟତୀତ ମୁଁ ଆଦୌ କିଛି ନୁହେଁ । ଆପଣଙ୍କୁ ଛାଡ଼ି ମୋ'ର କୌଣସି ଅସ୍ତିତ୍ୱହିଁ ନାହିଁ ।" ଏବଂ, ସେହି ଆହ୍ୱାନର ସ୍ପନ୍ଦନଟି ପ୍ରକୃତରେ ଏତେ ଶକ୍ତିଶାଳୀ ହୋଇ ରହିଛି ଯେ, ତଦ୍ୱାରା ଏହି ଗୁରୁତାଯୁକ୍ତ ଜଡ଼ଟା ମଧ୍ୟ କମ୍ପି ଉଠିବା ପରି ଲାଗୁଛି ।" ମୁଁ ଆପଣଙ୍କୁହିଁ ଚାହେଁ, କେବଳ ଆପଣଙ୍କୁ ଚାହେଁ ! ଆପଣଙ୍କ ସହିତ ମିଳିତ ହେବାକୁ ଏହି ସବୁକିଛିକୁ ପଛରେ ପକାଇ ଦେଇ ଆପଣଙ୍କ ଆଡ଼କୁ ଡେଇଁ ପଡ଼ିବା ସକାଶେ ଆପଣ ମୋତେ ଅନୁମତି ଦେଉ ନ ଥିବାରୁ ମୁଁ ଏହିଠାରୁହିଁ ଆପଣଙ୍କୁ ଡାକୁଥିବି ଏବଂ ଆପଣଙ୍କୁ ଆପଣଙ୍କ ପାଖରେ ଏତେ ଅଧିକ ପରିମାଣରେ ଅଳି କରିବି ଯେ, ଆପଣ ଏହି ନିମ୍ନଦେଶକୁ ଅବତରଣ କରି ଆସିବେ ଏବଂ ନିଜକୁ ପରିଶେଷରେ ଆପଣଙ୍କ ପରମ ଉପସ୍ଥିତିର ଏକ ଅପ୍ରତିବନ୍ଧ ଆବଶ୍ୟକତା ମଧ୍ୟକୁ ଆପଣାକୁ ଜାଗ୍ରତ କରାଇ ଆଣିଥିବା ଏକ ପୃଥିବୀ ମଧ୍ୟକୁ ଅନୁପ୍ରେରିତ କରି ଆଣିବେ ।" ଏବଂ, ଏହି ଆବାହନର ସ୍ପନ୍ଦନଟି ଏତେ ପ୍ରଗାଢ଼ ହୋଇ ଉଠିଥିଲା ଯେ, ଏହି ଅନ୍ଧକାରମୟ ତଥା ଅସଂଗଠିତ ପିଣ୍ଡଟି ମଧ୍ୟରେ ତାହା ଏକ ପ୍ରଥମ କମ୍ପନର ସଞ୍ଚାର କଲା ଏବଂ ପରମ ପ୍ରିୟତମଙ୍କର ଆବିର୍ଭାବବାର୍ତ୍ତା ଘୋଷିତ ହୋଇ ଉଠିଲା ।

*୮ ମାର୍ଚ୍ଚ ୧୯୩୨*

*

ହେ ମୋ'ର ପରମ ପ୍ରଭୁ, ଆପଣ ମୋତେ କହିଛନ୍ତି, "ତୁମେ ଜଡ଼ ମଧ୍ୟରେ ପ୍ରବେଶ କର ଏବଂ ତାହାରି ସହିତ ଏକାତ୍ମକ ହୋଇ ରହ : ସେହିଠାରେହିଁ ମୋର ଆବିର୍ଭାବ ଘଟିବ ।"

ଏବଂ ଆପଣଙ୍କର ଇଚ୍ଛାହିଁ ସମ୍ପନ୍ନ ହୋଇଛି – ମାତ୍ର ଜଡ଼ ସେହି ଦାନ ପ୍ରତି ଅବଜ୍ଞା ପ୍ରଦର୍ଶନ କରିଛି ଏବଂ ତଥାପି ନାନା ଅସ୍ୱଚ୍ଛତାପୂର୍ଣ୍ଣ ତଥା ଅଳୀକ କ୍ରିୟାତତ୍ପରତା

'oaob.nitrkl.ac.in' images reprocessed

ଓ ସମ୍ବନ୍ଧ ମଧ୍ୟରେ ସେଥିରୁ ଏପରି ଏକ ସନ୍ତୋଷର ଅନ୍ୱେଷଣ କରିବାରେ ଲାଗିଛି, ଯାହାକି ସିଏ ସେଠାରେ ଆଦୌ ଲାଭ କରି ପାରିବ ନାହିଁ ।

ଏବଂ ତଥାପି ବିଜୟ ଅବଶ୍ୟ ହେବ ବୋଲି ଆପଣ ମୋତେ ପ୍ରତିଶ୍ରୁତି ଦେଇଛନ୍ତି...

*

ହେ ପ୍ରଭୁ, ମୋ'ର ସମଗ୍ର ସତ୍ତାକୁ ଜାଗ୍ରତ କର, ଯେପରିକି ତାହା ଆପଣଙ୍କ ଲାଗି ଆବଶ୍ୟକ ଯନ୍ତ୍ରରୂପେ, ସଂପୂର୍ଣ୍ଣ ସେବକ ରୂପେ ନିୟୋଜିତ ହୋଇ ରହି ପାରିବ ।

*୨୭ ମାର୍ଚ୍ଚ ୧୯୩୬*

*

ଜଡ଼ଜଗତରେ, ଅର୍ଥାତ୍ ଏହି ପୃଥିବୀ ଉପରକୁ, ମୁଁ ଯାହାସବୁ ବହନ କରି ଆଣିବାକୁ ଇଚ୍ଛା କରୁଛି :

୧. ପୂର୍ଣ୍ଣ ଚେତନା ।
୨. ପୂର୍ଣ୍ଣ ଜ୍ଞାନ, ସର୍ବଜ୍ଞତା ।
୩. ଶକ୍ତି,– ଅଜେୟ, ଅପ୍ରତିରୋଧ ଓ ଅନିବାର୍ଯ୍ୟ; ସର୍ବଶକ୍ତିମତ୍ତା ।
୪. ସ୍ୱାସ୍ଥ୍ୟ,– ପୂର୍ଣ୍ଣ, ସତତ, ଅବିଚଳ; ଅନନ୍ତ ଭାବରେ ନୂତନ ହେବାରେ ଲାଗିଥିବା ଶକ୍ତି ।
୫. ଶାଶ୍ୱତ ତାରୁଣ୍ୟ, ସତତ ଅଭିବୃଦ୍ଧି, ଅବ୍ୟାହତ ଅଗ୍ରଗତି ।
୬. ପୂର୍ଣ୍ଣ ସୌନ୍ଦର୍ଯ୍ୟ, ବହୁପ୍ରସ୍ଥଯୁକ୍ତ ତଥା ସମଗ୍ର ସୌଷମ୍ୟ ।
୭. ଅକ୍ଷୟ ପଟାନ୍ତରହୀନ ବିଭବ, ପୃଥିବୀର ସମସ୍ତ ସମ୍ପଦ ଉପରେ ନିୟନ୍ତ୍ରଣ ।
୮. ଆରୋଗ୍ୟପ୍ରଦାନ ତଥା ସୁଖର ସାମର୍ଥ୍ୟ ।
୯. ସକଳ ଦୁର୍ଘଟଣାରୁ ନିରାପତ୍ତା, ପ୍ରତିକୂଳ ସକଳ ଆକ୍ରମଣରୁ ଅଜେୟତା ।
୧୦. ସକଳକ୍ଷେତ୍ର ତଥା ସକଳ ଅଭିବ୍ୟକ୍ତିରେ ଅଭିବ୍ୟକ୍ତିର ପୂର୍ଣ୍ଣ ସାମର୍ଥ୍ୟ ।
୧୧. ଭାଷାର ପାରଙ୍ଗମତା, ସମସ୍ତଙ୍କ ପାଖରେ ସଂପୂର୍ଣ୍ଣ ଭାବରେ ବୋଧଗମ୍ୟ ହେବାର ସାମର୍ଥ୍ୟ ।
୧୨. ଏବଂ, ଆପଣଙ୍କର କାର୍ଯ୍ୟଟିକୁ ସମ୍ପାଦିତ କରିବା ଲାଗି ଆବଶ୍ୟକ ଆଉ ସବୁକିଛି ।

*୨୩ ଅକ୍ଟୋବର ୧୯୩୭*

*

'oaob.nitrkl.ac.in' images reprocessed

ମୁଁ ଇଚ୍ଛା କରୁଛି ଯେ,

୧. ବ୍ୟକ୍ତିଗତ ଜୀବନରେ ଶାଶ୍ୱତ କାଳ ପାଇଁ ସର୍ବୋଚ୍ଚ ଦିବ୍ୟ ପରମସତ୍ତାଙ୍କର ପୂର୍ଣ୍ଣ ଅଭିବ୍ୟକ୍ତି ହୋଇ ରହିବି ।

୨. ଅତିମାନସ ବିଜୟ, ଅଭିବ୍ୟକ୍ତି ଓ ରୂପାନ୍ତର ଅବିଳମ୍ୱେ ଘଟିବ ।

୩. ବର୍ତ୍ତମାନ ତଥା ଭବିଷ୍ୟତର ସକଳ ଜଗତରୁ ସକଳ ଦୁଃଖ ଚିରକାଳ ଲାଗି ଅନ୍ତର୍ହିତ ହୋଇଯିବ ।

'oaob.nitrkl.ac.in' images reprocessed

## ବାହ୍ୟ ଜୀବନ

### ଏକ ଘୋଷଣା

ଅନେକ ଦିନରୁ ପୋଷଣ କରି ଆସିଥିବା ମୋ'ର ଏକ ଇଚ୍ଛାକୁ ବ୍ୟକ୍ତକରି ମୁଁ ଆଜି ଦିନଟିକୁ ଏକ ବିଶେଷ ଘଟଣା ଦ୍ୱାରା ଚିହ୍ନିତ କରି ରଖିବାକୁ ଇଚ୍ଛା କରୁଛି । ସେଇଟି ହେଉଛି ମୋ'ର ଭାରତୀୟ ନାଗରିକତା ଗ୍ରହଣ କରିବାର ଇଚ୍ଛା । ୧୯୧୪ ମସିହାରେ, ମୁଁ ପ୍ରଥମ ଥର ପାଇଁ ଭାରତବର୍ଷକୁ ଆସିବା ଦିନଠାରୁ ଅନୁଭବ କରିଥିଲି ଯେ ଭାରତବର୍ଷହିଁ ମୋ'ର ପ୍ରକୃତ ଦେଶ, ଏହା ମୋ'ର ଆତ୍ମା ଏବଂ ଅନ୍ତଃସତ୍ତାର ଦେଶ । ଭାରତବର୍ଷ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ମୁଁ ମୋ'ର ସେହି ଇଚ୍ଛାଟିକୁ ପୂରଣ କରିବା ଲାଗି ମନସ୍ଥ କରି ରଖିଥିଲି । ମାତ୍ର, ମୋତେ ତଥାପି ଆହୁରି କିଛି ଅଧିକ ସମୟ ଲାଗି ଅପେକ୍ଷା କରିବାକୁ ପଡ଼ିଲା, କାରଣ ଏଠି ପଣ୍ଡିଚେରୀର ଆଶ୍ରମରେ ମୋ' ଉପରେ ଅନେକ ଗୁରୁ ଦାୟିତ୍ୱ ନ୍ୟସ୍ତ ହୋଇ ରହିଥିଲା । ବର୍ତ୍ତମାନ ସମୟ ଆସିଛି, ଯେତେବେଳେ କି ମୁଁ ପ୍ରକୃତରେ ନିଜର ସେହି ଘୋଷଣାଟିକୁ କରି ପାରିବି ।

ମାତ୍ର, ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁଯାୟୀ, ମୁଁ ଏହି କଥାଟିକୁ ଦର୍ଶାଇ ଦେବାକୁ ଇଚ୍ଛା କରୁଛି ଯେ, ବିଭାଜନରେ ନୁହେଁ, ମାତ୍ର ସଂଯୋଜନରେହିଁ ସତ୍ୟ ନିହିତ ହୋଇ ରହିଛି । ଆଉଗୋଟିଏ ଜାତୀୟତା ଲାଭ କରିବା ପାଇଁ ଗୋଟିଏ ଜାତୀୟତାକୁ ପରିତ୍ୟାଗ କରିବା, ତାହାକୁ କଦାପି ଏକ ଆଦର୍ଶ ସମାଧାନ ବୋଲି କୁହାଯିବ ନାହିଁ । ତେଣୁ ମୁଁ ଆଶା କରୁଛି ଯେ, ମୋତେ ପ୍ରକୃତରେ ଦୁଇଟିଯାକ ଜାତୀୟତାକୁ ଗ୍ରହଣ କରିବା ସକାଶେ ଅବଶ୍ୟ ଅନୁମତି ମିଳିବ । ଅର୍ଥାତ୍‌, ଭାରତବର୍ଷର ନାଗରିକ ହେବା ପରେ ମଧ୍ୟ ମୁଁ ଜଣେ ଫରାସୀ ନାଗରିକ ହୋଇ ରହିବି ।

ଜନ୍ମ ଏବଂ ଶୈଶବର ଶିକ୍ଷା ଦୃଷ୍ଟିରୁ ବିଚାର କଲେ ମୁଁ ଜଣେ ଫରାସୀ, ସ୍ୱନିର୍ବାଚନ ତଥା ଅନୁରାଗର କ୍ଷେତ୍ରରେ ମୁଁ ଜଣେ ଭାରତୀୟ । ମୋ'ର ଚେତନାରେ ଦୁଇଟି ମଧ୍ୟରେ ଆଦୌ କୌଣସି ବିରୋଧ ନାହିଁ; ଓଲଟି ଦୁହିଙ୍କ ମଧ୍ୟରେ ଏକ ଅତି ଉତ୍ତମ ସମାବେଶ ସମ୍ଭବ ହୋଇ ପାରୁଛି ଏବଂ ସେମାନେ ପରସ୍ପରର ପରିପୂରକ ରୂପେ କାର୍ଯ୍ୟ କରୁଛନ୍ତି । ମୁଁ ଏକଥା ମଧ୍ୟ ଜାଣିଛି ଯେ, ମୁଁ ସମାନ ଭାବରେ ଦୁଇଟିଯାକ ଦେଶର କାର୍ଯ୍ୟରେ ଲାଗି ପାରିବି; କାରଣ, ଶ୍ରୀଅରବିନ୍ଦଙ୍କର ମହାନ୍ ଶିକ୍ଷାକୁ ଏକ ମୂର୍ତ୍ତ ରୂପ ପ୍ରଦାନ କରିବାହିଁ ମୋ' ଜୀବନର ଏକମାତ୍ର ଲକ୍ଷ୍ୟ ହୋଇ ରହିଛି ଏବଂ ତାଙ୍କର ଶିକ୍ଷାରେ ସେ ସ୍ପଷ୍ଟ ଭାବରେ ଘୋଷଣା କରିଛନ୍ତି ଯେ, ସବୁ ଜାତି ହେଉଛନ୍ତି ମୂଳତଃ ଏକ ଏବଂ ସମସ୍ତେହିଁ

'oaob.nitrkl.ac.in' images reprocessed

ଏକ ସୁସଂଗଠିତ ତଥା ସମଞ୍ଜସତା ବିଶିଷ୍ଟ ବିବିଧତାର ମାଧ୍ୟମରେ ସେହି ଦିବ୍ୟ ପରମ ଏକତାକୁ ବ୍ୟକ୍ତ କରି ଆଣିବା ଲାଗି ଅଭିପ୍ରେତ ହୋଇ ରହିଛନ୍ତି ।

*୧୫ ଅଗଷ୍ଟ ୧୯୫୪*

*

*ଦିବ୍ୟଜନନି,*

*ଭୋଟ୍‌ଦାତାମାନଙ୍କର ତାଲିକା ପ୍ରସ୍ତୁତ କରୁଥିବା ଅଫିସର୍ ସେଥିରେ ମାଆଙ୍କ ନାମ ମଧ ଅନ୍ତର୍ଭୁକ୍ତ କରିବାକୁ ଇଚ୍ଛା କରୁଛନ୍ତି । ସେଥିପାଇଁ ମାଆ ଅନୁମତି ଦେଲେ ମୁଁ ନାମଟିକୁ ପଠାଇଦେବି ।*

ହଁ ।

ଯଦି ସେମାନେ ଜାତୀୟତା କ'ଣ ବୋଲି ପଚାରିଥିବେ, ତେବେ ତୁମେ **ଭାରତୀୟ** ବୋଲି ଲେଖିଦେବ ।

*୧୨ ଏପ୍ରିଲ୍ ୧୯୫୫*

*

ମୋ ଲିଖିତ ପୁସ୍ତକ ବା ପୁସ୍ତକଗୁଡ଼ିକ ନିମନ୍ତେ ତୁମେ କୌଣସି ଫର୍ମ ପୂରଣ କରିବ ନାହିଁ – ଲେଖକ ହିସାବରେ କୌଣସି ଅଧିକାର ମୁଁ ଦାବି କରେ ନାହିଁ,– ଏବଂ ତେଣୁ, ସେମାନେ ପଚାରିବା ପ୍ରଶ୍ନର ଉତ୍ତର ମୁଁ ଦେବି ନାହିଁ ।

ଏକଥା ସତ ଯେ ଏଇ ଦେହ ପ୍ୟାରିସ୍‌ରେ ଜନ୍ମଗ୍ରହଣ କରିଥିଲା ଏବଂ ଏହାର ଆତ୍ମା ଘୋଷଣା କଲା ଯେ ସେ ଭାରତୀୟ, କିନ୍ତୁ ନିର୍ଦ୍ଦିଷ୍ଟଭାବେ କହିଲେ ମୁଁ କୌଣସି ଦେଶର ଅନ୍ତର୍ଭୁକ୍ତ ନୁହେଁ । ଏବଂ ଯେହେତୁ ଶାସନକଳ ଏହା ବୁଝି ପାରୁ ନାହିଁ ଏଣୁ ମୁଁ ସେମାନଙ୍କ ସହିତ ଯୋଗାଯୋଗ କରିବାକୁ ଚାହୁଁ ନାହିଁ ।

*୧୪ ଫେବ୍ରୁଆରି ୧୯୬୮*

*

ସ୍ମୃତିଚାରଣାଟି ସଂକ୍ଷିପ୍ତ ହେବ ।

ଶ୍ରୀଅରବିନ୍ଦଙ୍କ ସହିତ ସାକ୍ଷାତ କରିବା ପାଇଁ ମୁଁ ଭାରତକୁ ଆସିଥିଲି । ଶ୍ରୀଅରବିନ୍ଦଙ୍କ ସହିତ ଏକତ୍ର ବାସ କରିବା ନିମନ୍ତେ ମୁଁ ଭାରତରେ ରହିଗଲି । ଶ୍ରୀଅରବିନ୍ଦ ଯେତେବେଳେ ଦେହ ତ୍ୟାଗ କଲେ, ସେତେବେଳେ ତାଙ୍କର କାର୍ଯ୍ୟଟିକୁ କରିବା ସକାଶେ ମୋର ଏଠାରେ ରହିବା ସେହିପରି ନିରବଚ୍ଛିନ୍ନ ରହିଲା । ତାଙ୍କର ସେହି କାର୍ଯ୍ୟଟି ହେଉଛି, ପରମସତ୍ୟର ସେବା କରି ଓ ମନୁଷ୍ୟଜାତିକୁ ସନ୍ଦୀପିତ କରାଇ ପୃଥିବୀପୃଷ୍ଠରେ ଦିବ୍ୟ ପରମପ୍ରେମର ଶାସନକୁ ତ୍ୱରାନ୍ୱିତ କରି ଆଣିବା ।

*୨୧ ଫେବ୍ରୁଆରି ୧୯୬୮*

'oaob.nitrkl.ac.in' images reprocessed

21-2-68

The reminiscenses will be short.

I came to India to meet Sri Aurobindo. I remained in India to live with Sri Aurobindo. When he left his body, I continued to live here in order to do his work which is, by serving the Truth and enlightening mankind, to hasten the rule of the Divine's Love upon earth.

*

Do not ask questions about the details of the material existence of this body; they are in themselves of no interest and must not attract attention.

Throughout all this life, knowingly or unknowingly, I have been what the Lord wanted me to be, I have done what the Lord wanted me to do. That alone matters.

'oaob.nitrkl.ac.in' images reprocessed

ଏହି ଶରୀରଟିର ଭୌତିକ ଅସ୍ତିତ୍ୱ ସମ୍ବନ୍ଧରେ ଟିକିନିଖି କଥାଗୁଡ଼ାକୁ ଜାଣିବା ପାଇଁ ପ୍ରଶ୍ନଗୁଡ଼ିକ କର ନାହିଁ । ସେହିଗୁଡ଼ିକରେ ସେଗୁଡ଼ିକର ଆଦୌ କୌଣସି ମହତ୍ତ୍ୱ ନାହିଁ ଏବଂ ତେଣୁ ସେଥିପ୍ରତି କୌଣସି ଦୃଷ୍ଟି ଆକର୍ଷିତ ହେବା ଉଚିତ ନୁହେଁ ।

ଏହି ଜୀବନସାରା, ଜାଣିକରି ହେଉ ବା ଅଜାଣତରେ ହେଉ, ମୁଁ ଯାହା ହୁଏ ବୋଲି ପରମପ୍ରଭୁ ଇଚ୍ଛା କରିଛନ୍ତି, ମୁଁ ତାହାହିଁ ହୋଇ ଆସିଛି । ମୁଁ ଯାହା କରେ ବୋଲି ପରମପ୍ରଭୁ ଇଚ୍ଛା କରିଛନ୍ତି, ମୁଁ ତାହାହିଁ କରିଛି । କେବଳ ସେହି କଥାଟିରହିଁ ମହତ୍ତ୍ୱ ରହିଛି ।

*

ସମାଧି ଉପରେ ଦୃଷ୍ଟିପାତ କରି :

ମୁଁ ପୂଜା ପାଇବାକୁ ଇଚ୍ଛା କରୁ ନାହିଁ । ମୁଁ କାମ କରିବା ପାଇଁ ଆସିଛି, ପୂଜା ପାଇବାକୁ ଆସି ନାହିଁ । ସେମାନେ ହୃଦୟ ଶାନ୍ତି ପାଇବା ପର୍ଯ୍ୟନ୍ତ ଆପଣଙ୍କର ପୂଜା କରନ୍ତୁ ଏବଂ ମୋତେ ସେଥିରୁ ବାଦ୍ ଦିଅନ୍ତୁ । ମୁଁ ନୀରବ ହୋଇ ରହିବି, ଲୁକ୍କାୟିତ ହୋଇ ରହିଥିବି, ଅବ୍ୟାହତ ଭାବରେ ଆପଣାର କାର୍ଯ୍ୟ କରି ଯାଉଥିବି – ଏବଂ, ଯେତେ ଆବରଣ ରହିଛି, ତା' ଭିତରୁ ଶରୀର ହେଉଛି ସବୁଠାରୁ ଉତ୍ତମ ଆବରଣ ।

*

ମୋ'ର ଅତୀତ ଜୀବନ ବିଷୟରେ ସାଧାରଣ ଭାବରେ କିଛି ଉଲ୍ଲେଖ କରାଯିବାର ଏହାହିଁ ଶେଷ ଥର ବୋଲି ଗ୍ରହଣ କରାଯାଉ ! – ତା' ବିଷୟରେ କୌଣସି ଆଲୋଚନା ହେଉ ବୋଲି ଏହି ଶରୀରଟି ଚାହେଁ ନାହିଁ । ସିଏ ଶାନ୍ତ ହୋଇ ରହିବାକୁ ଚାହେଁ, ଏବଂ, ଯଥାସମ୍ଭବ **ଅଜ୍ଞାତ** ହୋଇ ରହିବାକୁ ଚାହେଁ ।

'oaob.nitrkl.ac.in' images reprocessed

## କାର୍ଯ୍ୟ ଓ ଶିକ୍ଷା

ଯେଉଁମାନେ ମୋ' ଉପରେ ନିର୍ଭର କରୁଛନ୍ତି, ସେମାନଙ୍କର ମୋ'ଠାରେ କୌଣସି ବିଶ୍ୱାସ ନ ରହୁ – ଯଦି ସର୍ବୋଚ୍ଚ ପରମସତ୍ତାଙ୍କର ତାହାହିଁ ଇଚ୍ଛା ହୋଇଥାଏ, ତେବେ ମୋ'ର ଆଦୌ କିଛି କହିବାର ନାହିଁ । ମୋ' ନିଜ ନିଷ୍ଠା ଯେପରି ଅମିଶ୍ରିତ ଏବଂ ଅଟଳ ହୋଇ ରହିବ, ମୋର କେବଳ ସେତିକି ଦାୟିତ୍ୱ ।

*୧୪ ଡିସେମ୍ବର ୧୯୩୨*

*

*ମୋ' ଇଚ୍ଛାକୁ ଆପଣଙ୍କର ଇଚ୍ଛା ସହିତ ସମ୍ମିଳିତ କରି ରଖିବାର କୌଣସି ଉପାୟ ଅଛି କି ? ସମ୍ଭବତଃ, ଆପଣଙ୍କର ଏକ ସ୍ୱତନ୍ତ୍ର ଇଚ୍ଛା ବୋଲି ଆଦୌ କିଛି ନାହିଁ; କାରଣ ଆପଣ ତ ଆଦୌ କିଛିର କାମନା ରଖି ନାହାନ୍ତି ।*

ମୁଁ ପ୍ରକୃତରେ କ'ଣ ଚାହୁଁଛି, ଅଥବା, ଅଧିକ ଯଥାର୍ଥ ଭାବରେ କହିବାକୁ ଗଲେ, ଦିବ୍ୟ ପରମସତ୍ତାଙ୍କର ପ୍ରକୃତରେ କି ଇଚ୍ଛା ରହିଛି, ସେହି କଥାଟିକୁ ମୁଁ ଅତି ଭଲ ଭାବରେ ଜାଣିଛି । ଏବଂ ସମୟକ୍ରମେ ମୋ' ମଧ୍ୟରେ ତାହାହିଁ ବିଜୟଲାଭ କରିବ ।

*୧୧ ମଇ ୧୯୩୪*

*

*ମୁଁ ଆଶା କରୁଛି ଯେ ଆପଣଙ୍କର କାର୍ଯ୍ୟ ମନୁଷ୍ୟମାନଙ୍କ ଉପରେ ନିର୍ଭର କରୁ ନାହିଁ । ମୁଁ ତାହାହିଁ ବିଶ୍ୱାସ ମଧ୍ୟ କରୁଛି ।*

ନାଇଁ, ଏହା ମନୁଷ୍ୟମାନଙ୍କ ଉପରେ ଆଦୌ ନିର୍ଭର କରୁ ନାହିଁ । ଯହାକିଛି ହେବାକୁ ଅଛି, ସମ୍ଭାବ୍ୟ ଯାବତୀୟ ପ୍ରତିରୋଧ ସତ୍ତ୍ୱେ ତାହା ଅବଶ୍ୟ ସମ୍ପାଦିତ ହେବ ।

*

କେବଳ ଗୋଟିଏ ବିଷୟରେ ମୁଁ ନିଃସନ୍ଦେହ ଭାବରେ ପୂର୍ଣ୍ଣନିଶ୍ଚିତ ହୋଇ ରହିଛି ଏବଂ, ସେହି ବିଷୟଟି ହେଉଛି ମୁଁ ପ୍ରକୃତରେ କିଏ ? ଶ୍ରୀଅରବିନ୍ଦ ମଧ୍ୟ ଏକଥା ଜାଣିଥିଲେ ଏବଂ ତାହାକୁ ଘୋଷଣା କରି ଦେଇଥିଲେ । ସମଗ୍ର ମାନବଜାତି ତାହାକୁ ସନ୍ଦେହ କରିବାକୁ ଗଲେ ମଧ୍ୟ ସେହି ସତ୍ୟରେ କୌଣସି ପରିବର୍ତ୍ତନ ହେବ ନାହିଁ ।

'oaob.nitrkl.ac.in' images reprocessed

ମାତ୍ର, ଆଉଗୋଟିଏ କଥା ରହିଛି, ଯାହାକି ଆଦୌ ସେତେ ସୁନିଶ୍ଚିତ ନୁହେଁ – ଏକ ଶରୀର ମଧ୍ୟରେ ରହିଥିବା ମୋ'ର ସତ୍ତା ତଥା ମୁଁ ବର୍ତ୍ତମାନ ଯେଉଁ କାର୍ଯ୍ୟଟିକୁ କରୁଛି,– ତାହା ପ୍ରକୃତରେ କେତେଦୂର ଉପଯୋଗୀ ହେବ, ଶ୍ରୀଅରବିନ୍ଦ ମୋତେ ଏହି କାର୍ଯ୍ୟ କରିବାକୁ କହିଥିଲେ ଏବଂ ତେଣୁ, ସର୍ବୋଚ୍ଚ ପରମସତ୍ତାଙ୍କର ସେହି ଆଦେଶର ପାଳନ କରି ଏକ ପବିତ୍ର କର୍ତ୍ତବ୍ୟରୂପେହିଁ ମୁଁ ସେହି କାର୍ଯ୍ୟକୁ କରୁଛି ।

ଏହାଦ୍ୱାରା ପୃଥିବୀର କେତେଦୂର କ'ଣ ଉପକାର ହେଲା, ସେକଥା ସମୟହିଁ ପ୍ରକଟ କରିଦେବ ।

୨୪ ମଇ ୧୯୫୧

There is only one thing of which I am absolutely sure, and that is who I am. Sri Aurobindo also knew it and declared it. Even the doubts of the whole of humanity would change nothing to this fact.

But another fact is not so certain – it is the usefulness of my being here in a body, doing the work I am doing. It is not out of any personal urge that I am doing it. Sri Aurobindo told me to do it and that is why I do it as a sacred duty in obedience to the dictates of the Supreme.

Time will reveal how far earth has benefited through it.

24.5.51.

*

'oaob.nitrkl.ac.in' images reprocessed

## ଏକ ପତ୍ରର ବାସ୍ତବଧର୍ମୀ ଉତ୍ତର

ଯଦି ସର୍ବୋଚ୍ଚ ଚେତନା ଏହି ଶରୀରରେ ପ୍ରକୃତରେ ଅବତୀର୍ଣ୍ଣ ହୋଇ ପ୍ରକଟ ହୋଇଥାଏ, ତେବେ ପୃଥିବୀରେ ଯେତେଯାହା ଅସ୍ୱୀକାର ଥିଲେ ମଧ ତାକୁ ସେହିପରି ହେବାରୁ କିଛିବି ନିବୃତ୍ତ କରି ରଖି ପାରିବ ନାହିଁ ।

ଏବଂ, ଯଦି ତାହା ପ୍ରକୃତରେ ହୋଇ ନ ଥାଏ, ତେବେ, ଯେଉଁମାନଙ୍କର ସେପରି ବିଶ୍ୱାସ ଅଛି, କେବଳ ସେହିମାନଙ୍କରହିଁ ମୋ'ର ଜଡ଼ସ୍ଥ ଅସ୍ତିତ୍ୱ ଲାଗି ଏକ ଆଗ୍ରହ* ରହିବ ଏବଂ ସେମାନେ ସେହି ବିଶ୍ୱାସର ସାହାଯ୍ୟରେ ଏବଂ ମୋ' ମାଧ୍ୟମରେ ଦିବ୍ୟ ପରମଚେତନା ସହିତ ଅବଶ୍ୟ ସଂସ୍ପର୍ଶଲାଭ କରିପାରିବେ ।

କେବଳ ସେହି ବ୍ୟକ୍ତିମାନଙ୍କ ସକାଶେ ଏହି ପ୍ରଶ୍ନଟିର ମହତ୍ତ୍ୱ ରହିଛି, ଏବଂ ଅନ୍ୟମାନଙ୍କର ଏଇଟି ସହିତ ଆପଣାକୁ ସଂପୃକ୍ତ କରିବାର ଆଦୌ କୌଣସି ଆବଶ୍ୟକତା ନାହିଁ । କାରଣ, ନିଷ୍ପାପର ଏବଂ ଫଳଦାୟକ ହୋଇ ପାରିବାକୁ ହେଲେ ଏପରି ଏକ ବିଶ୍ୱାସ କଦାପି କୌଣସି ପ୍ରଚାରର ବସ୍ତୁରେ ପରିଣତ ହୋଇ ପାରିବ ନାହିଁ,– ସେହି ପ୍ରଚାର ଏହା ସପକ୍ଷରେ ହୋଇଥାଉ ଅଥବା ବିପକ୍ଷରେ ହୋଇଥାଉ, ଅତ୍ୟନ୍ତ ମୁକ୍ତ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ତାହା ନିଷ୍ପନ୍ନ ହୋଇ ପାରିଥିବା ଉଚିତ । ବାଧ୍ୟବାଧକତା ଦ୍ୱାରା ଏହାକୁ ଉତ୍ପନ୍ନ କରାଯାଇ ପାରିବ ନାହିଁ ଅଥବା ଅସ୍ୱୀକାର ଦ୍ୱାରା ତାହାକୁ ନଷ୍ଟ ମଧ କରି ଦିଆଯାଇ ପାରିବ ନାହିଁ ।

ଯିଏ ଯେକୌଣସି ପ୍ରକାରର ଏକ ସଂପ୍ରତ୍ୟୟ କିଂବା ବିଶ୍ୱାସ ବିରୋଧରେ ତୀବ୍ର ଭାବରେ ସଂଗ୍ରାମ କରିବାର ଏକ ଆବଶ୍ୟକତା ଅନୁଭବ କରୁଛି, ଠିକ୍ ସେହି ବାସ୍ତବ ସ୍ଥିତିଟି ଦ୍ୱାରା ସେ ପ୍ରମାଣ କରି ଦେଉଛି ଯେ, ତା' ସତ୍ତାର କୌଣସି ଏକ ଅଂଶକୁ, ତାହା ଯେତେ କ୍ଷୁଦ୍ର ହୋଇଥାଉ ପଛକେ, ଏହି ସଂପ୍ରତ୍ୟୟଟି ସ୍ପର୍ଶ କରି ରହିଛି ଏବଂ ଆଉ ଗୋଟିଏ ଅଂଶ, ସାଧାରଣତଃ ଏଇଟି ଅପେକ୍ଷାକୃତ ଅଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ବାହ୍ୟ ହୋଇ ରହିଥାଏ, ଏକ ବିଶ୍ୱାସକୁ ଗ୍ରହଣ କରିବା ଲାଗି ସଂପୂର୍ଣ୍ଣ ଭାବରେ ଅସ୍ୱୀକାର କରୁଥାଏ; ସେହି ବିଶ୍ୱାସ ତାକୁ ହୁଏତ ଆହୁରି ଅଧିକ ବିପଦସଙ୍କୁଳ ବୋଲି ବୋଧ ହେଉଥାଏ, କାରଣ ସେଇଟି ସମ୍ବନ୍ଧରେ ସିଏ ଅଧିକ ସ୍ପର୍ଶକାତର ହୋଇ ରହିଥାଏ ଏବଂ ଆପଣାକୁ ସେହି ବିଷୟରେ ଏକ ଦୃଢ଼ ପ୍ରତ୍ୟୟ ଦେବାର ଆବଶ୍ୟକତାରୁହିଁ ସିଏ ତାକୁ ଦୃଢ଼ ଭାବରେ ଅସ୍ୱୀକାର କରିବା ଲାଗି ଇଚ୍ଛା ମଧ କରୁଥାଏ ।

---

* ଆଉ ଗୋଟିଏ ନକଲରେ 'ଉପଯୋଗିତା' (useful) ବୋଲି ରହିଛି ।

'oaob.nitrkl.ac.in' images reprocessed

ଆଶୟଗତ ଦୃଷ୍ଟିରୁ ବିଚାର କଲେ, ମୁଁ ଯେ ପ୍ରକୃତରେ କ'ଣ, ସେକଥା ମୋତେ ଜଣା ଅଛି । ମାତ୍ର, ଏହି ଯେଉଁ ଜ୍ଞାନଟିକୁ ମୁଁ ଜୀବନରେ ବଞ୍ଚୁଛି, କେବଳ ମୋ'ର ଆନ୍ତରିକତାର ଭୂମିରେହିଁ ଏହାର ଯାହାକିଛି ମୂଲ୍ୟୋପଲବ୍ଧି ରହିଛି ଓ କେବଳ ସେହି ସର୍ବୋଚ୍ଚ ପରମସତ୍ତାହିଁ ସେହି ଆନ୍ତରିକତାର ବିଚାରକ ହୋଇ ପାରିବେ ।

*୭ ନଭେମ୍ବର ୧୯୫୧*

*

ମୁଁ ଯେ ଖୁବ୍ ବେଶୀ କାର୍ଯ୍ୟ ସମ୍ଭବ କରି ପାରିବି ନାହିଁ, ମୁଁ ସେକଥା ଜାଣିଛି – ମନୁଷ୍ୟ ଭିତରେ ରହିଥିବା ଆଶ୍ଚର୍ଯ୍ୟ ଏବଂ ଅଲୌକିକ ଘଟଣାମାନ ଦେଖିବାର ବାସନାକୁ ମୁଁ କଦାପି ସନ୍ତୁଷ୍ଟ କରି ପାରିବି ନାହିଁ । ଏକଦା ଏପରି ଏକ ସମୟ ଥିଲା, ଯେତେବେଳେ କି ମୁଁ ସେପରି କରି ପାରୁଥିଲି ଏବଂ କରୁଥିଲି । ମାତ୍ର ସେଥିଲାଗି ଜଣେ ବ୍ୟକ୍ତିକୁ ପ୍ରାଣିକ ଚେତନାର ସ୍ତରରେ ଯାଇ ବାସ କରିବାକୁ ହେବ ଏବଂ ପ୍ରାଣିକ ଶକ୍ତିଗୁଡ଼ିକୁ କାମରେ ଲଗାଇବାକୁ ପଡ଼ିବ । ମାତ୍ର ତାହାକୁ ମୁଁ ଆଦୌ ଖୁବ୍‌ବେଶୀ ପ୍ରଶଂସନୀୟ ବୋଲି ଭାବୁ ନାହିଁ ।

*୨୩ ଜାନୁଆରି ୧୯୫୨*

*

ମୋ ବିଷୟରେ ଏହି କଥା କୁହାଯିବ : "ତାଙ୍କର ଗୁଡ଼ାଏ ଉଚ୍ଚାକାଙ୍କ୍ଷା ରହିଥିଲା, ସିଏ ପୃଥିବୀକୁ ରୂପାନ୍ତରିତ କରିଦେବା ଲାଗି ଇଚ୍ଛା କରୁଥିଲେ ।" ମାତ୍ର, କେବଳ ଏକ ଅତି ଦୀର୍ଘ ଏବଂ ମନ୍ଥର ପ୍ରକ୍ରିୟା ବ୍ୟତୀତ ପୃଥିବୀ ରୂପାନ୍ତରିତ ହେବା ଲାଗି ପ୍ରକୃତରେ ଇଚ୍ଛା କରୁ ନାହିଁ; ସେହି ପ୍ରକ୍ରିୟାଟି ଏତେ ମନ୍ଥର ଯେ, ହେଉଥିବା ପରିବର୍ତ୍ତନଟି ଗୋଟିଏ ପୁରୁଷରୁ ଆଉଗୋଟିଏ ପୁରୁଷକୁ ମଧ୍ୟ ଦୃଷ୍ଟିଗୋଚର ହୋଇପାରୁ ନାହିଁ ।

ମୁଁ ଦେଖି ପାରୁଛି ଯେ ପ୍ରକୃତି ଭାରି ବିଳମ୍ବ କରୁଛି, ବହୁତ ନଷ୍ଟ କରୁଛି । ମାତ୍ର ସିଏ ଦେଖୁଛି ଯେ ମୁଁ ଭାରି ତରତର ହେଉଛି ଏବଂ ତେଣୁ ମୁଁ ତା'ଲାଗି ଭାରି କଷ୍ଟଦାୟକ ଏବଂ କଠୋର ହୋଇପଡୁଛି ।

ମୋ'ର ଯାହାକିଛି କହିବାକୁ ଅଛି, ତାହାକୁ ମୁଁ ପୂରାପୂରି ଲେଖିବି; ଯାହାକିଛି ସମ୍ପନ୍ନ ହେବାକୁ ଯାଉଛି, ମୁଁ ସେଗୁଡ଼ିକୁ ଆଗରୁ ଘୋଷଣା କରିଦେବି ଏବଂ ତା'ପରେ, ମୁଁ ଏହି କାର୍ଯ୍ୟଟିକୁ ଯଥାର୍ଥ ଭାବରେ କରୁଛି ବୋଲି ଯଦି ଆଦୌ କେହିହେଲେ ମନେ ନ କରନ୍ତି, ତେବେ ମୁଁ ଅବସର ଗ୍ରହଣ କରିବି ଏବଂ ଅନ୍ୟମାନଙ୍କୁ ଏହା କରିବା ଲାଗି ଛାଡ଼ିଦେବି ।

*୩୧ ମାର୍ଚ୍ଚ ୧୯୫୩*

*

'oaob.nitrkl.ac.in' images reprocessed

ମୁଁ ଅସ୍ୱୀକାର କରୁ ନାହିଁ ଯେ ଶ୍ରୀଅରବିନ୍ଦଙ୍କର ସହିତ ତୁମର କୌଣସି ଏକ ସଂଯୋଗ ରହିଛି; ସେହି 'କୌଣସି'ଟି ତୁମ ବିଷୟରେ ଓ ତୁମେ କରୁଥିବା କାର୍ଯ୍ୟଟି ବିଷୟରେ ଆଗ୍ରହାନ୍ୱିତ ହେଉଥିଲା । ଆମେରିକାରେ ଅଥବା ଅନ୍ୟ କେଉଁଠାରେ ତୁମେ କରୁଥିବା କାର୍ଯ୍ୟରେ ତୁମକୁ ପ୍ରେରଣା ଦେବା ଲାଗି ଓ ତୁମର ସହାୟତା କରିବା ଲାଗି ଏହି 'କୌଣସି'ଟି ବର୍ତ୍ତମାନ ମଧ୍ୟ ତୁମ ଭିତରେ ରହି ଥାଇପାରେ । ମାତ୍ର, ମୁଁ ଯେଉଁ ଶ୍ରୀଅରବିନ୍ଦଙ୍କୁ ଜାଣିଛି ଓ ବାସ୍ତବ କ୍ଷେତ୍ରରେ ଯାହାଙ୍କ ସହିତ ତିରିଶ ବର୍ଷ ଅତିବାହିତ କରିଛି, ତୁମର ଏହି 'କୌଣସି'ଟି ତାହାର ଏକ ଅଂଶମାତ୍ର, ଏକ ଅତ୍ୟନ୍ତ, ଅତ୍ୟନ୍ତ କ୍ଷୁଦ୍ର ଅଂଶ ମାତ୍ର । ଗୋଟିଏ ମୁହୂର୍ତ୍ତ ସକାଶେ ଶ୍ରୀଅରବିନ୍ଦ ଏବେ ମଧ୍ୟ ମୋତେ ଛାଡ଼ି ଚାଲି ଯାଇ ନାହାନ୍ତି,– କାରଣ ସିଏ ଦିନରାତି ତଥାପି ମୋ ସହିତ ଅଛନ୍ତି,– ମୋ'ରି ମସ୍ତିଷ୍କ ଦେଇ ଚିନ୍ତା କରୁଛନ୍ତି, ମୋ'ରି କଲମ ଦେଇ ଲେଖୁଛନ୍ତି, ମୋ'ରି ମୁହଁ ଦେଇ କଥା କହୁଛନ୍ତି ଏବଂ ମୋ'ରି ସଂଗଠନ-ଶକ୍ତିର ମଧ୍ୟଦେଇ କ୍ରିୟା କରୁଛନ୍ତି ।

*୫ ମାଇ ୧୯୫୩*

*

ଅବତାରତ୍ୱର ସମ୍ଭାବନାରେ ତୁମେ ବିଶ୍ୱାସ କର ବା ନ କର, ଯାହା ଖାଣ୍ଟି ସତ୍ୟ, ଏହାଦ୍ୱାରା ସେଥିରେ ଆଦୌ କୌଣସି ଫରକ ହୋଇଯିବ ନାହିଁ । ଯଦି ପରମେଶ୍ୱର ଏକ ମନୁଷ୍ୟଶରୀର ମଧ୍ୟରେ ପ୍ରକଟ ହେବା ଲାଗି ନିଷ୍ପତ୍ତି ଗ୍ରହଣ କରନ୍ତି, ତେବେ ମନୁଷ୍ୟର କୌଣସି ଭାବନା, ଅନୁମୋଦନ ଅଥବା ଅନନୁମୋଦନ କିପରି ଯେ ତାଙ୍କର ସେହି ନିଷ୍ପତ୍ତିକୁ ପ୍ରଭାବିତ କରି ପାରିବ, ମୁଁ ସେ ବିଷୟରେ ଆଦୌ କୌଣସି ଯୁକ୍ତି ଦେଖି ପାରୁ ନାହିଁ । ଏବଂ, ଯଦି ସେ ଏକ ଶରୀର ମଧ୍ୟରେ ଆସି ଜନ୍ମ ନିଅନ୍ତି, ତେବେ ମନୁଷ୍ୟମାନଙ୍କର ଅସ୍ୱୀକାର କଦାପି ସେହି ସତ୍ୟଟିକୁ ଅନ୍ୟଥା କରି ପାରିବ ନାହିଁ । ତେବେ, ଏହି କ୍ଷେତ୍ରରେ ଏତେ ଉତ୍ତେଜିତ ହୋଇ ପଡ଼ିବାର କି କାରଣ ରହିଛି ? କେବଳ ସଂପୂର୍ଣ୍ଣ ଭାବରେ ଶାନ୍ତ ଓ ସ୍ଥିର ରହିପାରିଲେ, ଯାବତୀୟ ପୂର୍ବଧାରଣା ଏବଂ ଅଭିରୁଚିରୁ ନିଜକୁ ମୁକ୍ତ ରଖି ପାରିଲେ ଯାଇ ଚେତନା ସତ୍ୟବୋଧର ସାମର୍ଥ୍ୟ ଲାଭ କରି ପାରିବ ।

*୨୪ ସେପ୍ଟେମ୍ବର ୧୯୫୩*

*

ମୋ'ର ଅବତାରତ୍ୱ ବିଷୟରେ, ଲୋକମାନଙ୍କର ମତାମତର କିପରି ଏହି କ୍ଷେତ୍ରରେ କୌଣସି ମହତ୍ତ୍ୱ ରହିପାରିବ ?

ଯଦି ମୁଁ ଅବତାର ହୋଇ ନ ଥିବି, ତେବେ ହଜାର ହଜାର ଭକ୍ତ ମୋତେ

'oaob.nitrkl.ac.in' images reprocessed

ଅବତାର ବୋଲି ବିଶ୍ୱାସ କଲେ ମଧ୍ୟ ମୁଁ ତଥାପି ଅବତାରରେ ପରିଣତ ହୋଇ ଯିବି ନାହିଁ । ଅନ୍ୟ ପକ୍ଷରେ, ଯଦି ମୁଁ ପ୍ରକୃତରେ ଅବତାର ହୋଇଥିବି, ତେବେ ସାରା ପୃଥିବୀ ତାହା ଅସ୍ୱୀକାର କଲେ ମଧ୍ୟ ମୁଁ ତଥାପି ଅବତାର ହୋଇ ରହିବି ।

*୨୫ ସେପ୍ଟେମ୍ବର ୧୯୫୩*

*

ଏକ **ଅନିବାର୍ଯ୍ୟ ନ୍ୟାୟ** ଅବଶ୍ୟ ରହିଛି ।

ଏଠାରେ ଏକ ମହାନ୍ ଚେତନା କାର୍ଯ୍ୟ କରୁଛି । ପ୍ରତ୍ୟେକ ବ୍ୟକ୍ତି, ଯେତେବେଳେ ସିଏ ଏହି ଦିବ୍ୟ ମହାନ୍ ଚେତନାର ବିରୋଧରେ ଯାଉଛି, ସେତେବେଳେ ପ୍ରତ୍ୟେକ ଥର ଏହିପରି କରି ସିଏ ତା' ନିଜ ଚେତନାର କିୟଦଂଶକୁ ଅବଶ୍ୟ ହରାଉଛି । ଯେତେ ଥର ତାହାର କୌଣସି ବିରୁଦ୍ଧାଚରଣ କରୁଛି, ସେତେ ଥର ନିମ୍ନକୁ ସ୍ଖଳିତ ହୋଇ ଯାଉଛି । ମାତ୍ର ଜଣେ ବ୍ୟକ୍ତି ଯେତେ ଥର ଏହି ଦିବ୍ୟ ଚେତନା ଅନୁସାରେ କାର୍ଯ୍ୟ କରୁଛି, ସିଏ ସେତେ ଥର ନିଜ ଚେତନାରେ ମଧ୍ୟ ଅଭିବୃଦ୍ଧି ଘଟାଉଛି ।

ପୃଥିବୀ ଯେମିତି ଅଛି, ସେହିପରି ଗତି କରିବାରେ ଲାଗିଛି । ତାହାର ସେହି ଗତିରେ କୌଣସି ପରିବର୍ତ୍ତନ ଆଣି ପାରିବାକୁ ଯେତେବେଳେ ତୁମର ବା ମୋ'ର କିଛି କରିବାର ନାହିଁ, ସେତେବେଳେ କେବଳ ଚୁପ୍ ହୋଇ ରହିବାକୁ ହେବ, କେବଳ ବ୍ରହ୍ମଙ୍କ ପରି ନୀରବ ସାକ୍ଷୀ ହୋଇ ରହିବାକୁ ହେବ । ପୃଥିବୀରେ ଯେପରି, ଏଠାରେ ମଧ୍ୟ ଠିକ୍ ସେହିପରି । କେତେ ନା କେତେ ଘଟଣା ଘଟିବାରେ ଲାଗିଛି : ପ୍ରତ୍ୟେକ ବ୍ୟକ୍ତି ନିଜକୁ ଅନ୍ୟଠାରୁ ଉଚ୍ଚତର ବୋଲି ପ୍ରମାଣ କରିବାକୁ ଚେଷ୍ଟା କରୁଛି; ଯାବତୀୟ ପ୍ରକାରର ରାଜନୀତି ଚାଲିଛି, ପ୍ରଚାର ଚାଲିଛି । ମୁଁ କେବଳ ବ୍ରହ୍ମ ପରି ସବୁ ଦେଖିବାରେ ଲାଗିଛି; ମୁଁ ସପକ୍ଷରେ ନାହିଁ କିଂବା ବିପକ୍ଷରେ ବି ନାହିଁ,– ଅନୁମୋଦନ କରୁ ନାହିଁ ଅଥବା ନିନ୍ଦା ମଧ୍ୟ କରୁ ନାହିଁ ।

*୨୬ ଏପ୍ରିଲ୍ ୧୯୫୫*

*

ମୋ' ଲାଗି ମନୁଷ୍ୟଜୀବନରେ ସବୁକିଛି ମିଶି କରି ରହିଛି, କିଛି ସଂପୂର୍ଣ୍ଣ ଭଲ ନାହିଁ କି କିଛି ସଂପୂର୍ଣ୍ଣ ମନ୍ଦ ମଧ୍ୟ ନାହିଁ । ମୁଁ କଦାପି ଏହି ବିଚାର ଅଥବା ସେହି ବିଚାରଟିକୁ ମୋ'ର ପୂର୍ଣ୍ଣ ଏବଂ ଐକାନ୍ତିକ ସମର୍ଥନ ଦେଇ ପାରିବି ନାହିଁ, ଏହି ଉଦ୍ଦେଶ୍ୟ ଅଥବା ସେହି ଉଦ୍ଦେଶ୍ୟଟିକୁ କଦାପି ସଂପୂର୍ଣ୍ଣ ଭାବରେ ସମର୍ଥନ କରି ପାରିବି ନାହିଁ । କର୍ମର କ୍ଷେତ୍ରରେ, କେବଳ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟରହିଁ ମୋ' ଲାଗି ଯାହାକିଛି ମହତ୍ତ୍ୱ ରହିଛି; ଯାହାକିଛି ସେହି କାର୍ଯ୍ୟରେ ସହାୟତା କରୁଛି ଓ ଯେତିକି ଅନୁପାତରେ ସାହାଯ୍ୟ କରୁଛି,

'oaob.nitrkl.ac.in' images reprocessed

ଅତ୍ୟନ୍ତ ସ୍ୱତଃପ୍ରବୃତ୍ତ ଭାବରେ ସେହିସବୁ ସକାଶେହିଁ ମୋ'ର ସଚେତନ ସମର୍ଥନ ରହିଛି । ଏବଂ, ସେହି କାର୍ଯ୍ୟଟିକୁ ଯଥାର୍ଥ ଭାବରେ ସମ୍ପାଦିତ କରିବାକୁ ହେଲେ ମୁଁ ସକଳ ପ୍ରକାରର ସହଯୋଗ ଏବଂ ସକଳ ପ୍ରକାରର ସହାୟତା ଅବଶ୍ୟ ଆବଶ୍ୟକ କରିବି, କେବଳ ଏଇଟି ବା ସେଇଟିକୁ ଗ୍ରହଣ କରି ଅନ୍ୟଗୁଡ଼ିକୁ ପ୍ରତ୍ୟାଖ୍ୟାନ କଲେ ଆଦୌ କାମ ଚଳିବ ନାହିଁ । ଏ ଦଳ ବା ସେ ଦଳର ଅନ୍ତର୍ଭୁକ୍ତ ହୋଇ ରହିଲେ ଆଦୌ ହେବ ନାହିଁ । ମୁଁ କେବଳ ସେହି ଦିବ୍ୟ ପରମସତ୍ତାଙ୍କର ହୋଇ ରହିଛି ଏବଂ ଏହି ପୃଥିବୀରେ ମୁଁ ଯାହାକିଛି କରୁଛି, ସକଳ ସଂପ୍ରଦାୟ ତଥା ଦଳର ନିର୍ବିଶେଷରେ ତାହା ସର୍ବଦା କେବଳ ସେହି ଦିବ୍ୟ ପରମସତ୍ତାଙ୍କର ବିଜୟ ଲାଗି କରାଯାଉଛି ଓ ଚିରଦିନ ସେହିପରି କରା ଯାଉଥିବ ।

*

## ୨୯ ଫେବ୍ରୁଆରି, ୧୯୫୬

*ବୁଧବାର ଦିନର ସାଧାରଣ ଧ୍ୟାନ ସମୟରେ*

ଆଜି ସନ୍ଧ୍ୟାରେ ଦିବ୍ୟ ପରମ ଉପସ୍ଥିତି ଅତ୍ୟନ୍ତ ମୂର୍ତ୍ତ ଏବଂ ସାକାର ଭାବରେ ତୁମ୍ଭମାନଙ୍କ ଗହଣରେ ବିଦ୍ୟମାନ ରହିଥିଲା । ମୋର ଆକାର ଏହି ବିଶ୍ୱଠାରୁ ଆହୁରି ବୃହତ୍ ଜୀବନ୍ତ ସୁବର୍ଣ୍ଣର ଏକ ଆକୃତି ହୋଇଯାଇଥିଲା ଏବଂ ମୋ'ର ସମ୍ମୁଖରେ ଏକ ବିରାଟ ଓ ବୃହଦାକାର ସ୍ୱର୍ଣ୍ଣମୟ ଦ୍ୱାର ଛିଡ଼ା ହୋଇ ରହିଥିବାର ମୁଁ ଦେଖିଲି, ଯାହାକି ଦିବ୍ୟ ପରମସତ୍ତାଙ୍କଠାରୁ ଏହି ପୃଥିବୀକୁ ଅଲଗା କରି ରଖିଥିଲା ।

ମୁଁ ସେହି ଦ୍ୱାରଟି ଆଡ଼କୁ ଅନାଇଲି, ଚେତନାର କେବଳ ଗୋଟିଏ ମାତ୍ର ମୁହୂର୍ତ୍ତରେ ମୁଁ ଜାଣିପାରିଲି ଏବଂ ଇଚ୍ଛା କରିଥିଲି ଯେ, **"ଯଥାର୍ଥ ସମୟଟି ଆସି ପହଞ୍ଚି ଯାଇଛି"** ଏବଂ, ଆପଣାର ଦୁଇ ହାତରେ ଏକ ଶକ୍ତିଶାଳୀ ସୁନା ହାତୁଡ଼ି ନେଇ ସେହି ଦ୍ୱାର ଉପରେ ପାହାରେ ପକାଇଲି । ସେହି ଗୋଟିଏ ପ୍ରହାରରେହିଁ ଦ୍ୱାରଟି ଖଣ୍ଡଖଣ୍ଡ ହୋଇ ଭାଙ୍ଗି ଗଲା ।

ଏବଂ ତା'ପରେ ଅତିମାନସ ପରମ ଆଲୋକ, ପରମ ଶକ୍ତି ଓ ପରମ ଚେତନା ଅବାରିତ ଧାରାରେ ପୃଥିବୀ ଉପରକୁ ପ୍ରବାହିତ ହୋଇ ଆସିବାକୁ ଆରମ୍ଭ କଲା ।

*୧୯୫୬*

*

*ସର୍ବୋଚ୍ଚ ପରମସତ୍ତା ଯେତେବେଳେ ଆପଣଙ୍କୁ ଏହି ପୃଥିବୀକୁ ତିଆରି କରିବାକୁ*

'oaob.nitrkl.ac.in' images reprocessed

*ଆଦେଶ ଦେଲେ, ସେତେବେଳେ କ'ଣ କରିବାକୁ ହେବ ବୋଲି ଆପଣ କିପରି ଜାଣିଲେ ?*

ସେଥିଲାଗି ମୋତେ ଆଦୌ କିଛିହେଲେ ଶିଖିବାକୁ ପଡ଼ି ନ ଥିଲା, କାରଣ ସର୍ବୋଚ୍ଚ ପରମସତ୍ତାଙ୍କ ମଧ୍ୟରେ ସବୁକିଛିହିଁ ପରିପୂର୍ଣ୍ଣ ହୋଇ ରହିଛି : ସମଗ୍ର ପୃଥିବୀ, ପୃଥିବୀ ବିଷୟରେ ଜ୍ଞାନ ଏବଂ ପୃଥିବୀକୁ ତିଆରି କରିବାର ଶକ୍ତି ସନ୍ନିବିଷ୍ଟ ହୋଇ ରହିଛି । ଏକ ପୃଥିବୀର ନିର୍ମାଣ ହେବ ବୋଲି ସେ ଯେତେବେଳେ ନିଷ୍ପତ୍ତି ଗ୍ରହଣ କଲେ, ସେତେବେଳେ ସେ ସର୍ବପ୍ରଥମେ ସେହି ପୃଥିବୀର ଜ୍ଞାନକୁ ଉତ୍ପନ୍ନ କଲେ, ତାହାକୁ ଗଢ଼ିବାର ଶକ୍ତିଟିର ଉଦୟ ଘଟାଇଲେ । ସେହି ଶକ୍ତି ଅର୍ଥାତ୍ ମୁଁ;— ଏବଂ ତା'ପରେ ସେ ପୃଥିବୀକୁ ତିଆରି କରିବା ଲାଗି ମୋତେ ଆଦେଶ ଦେଲେ ।

*୨୫ ସେପ୍ଟେମ୍ବର ୧୯୫୭*

*

*ଆପଣ ଆମମାନଙ୍କ ପରି ଜଣେ ହୋଇ କାହିଁକି ଆସିଲେ ? ଆପଣ ପ୍ରକୃତରେ ଯେପରି, କାହିଁକି ସେପରି ହୋଇ ନ ଆସିଲେ ?*

କାରଣ, ଯଦି ମୁଁ ତୁମମାନଙ୍କ ପରି ଜଣେ ହୋଇ ଆସି ନ ଥା'ନ୍ତି, ତେବେ କଦାପି ତୁମମାନଙ୍କର ଏତେ ନିକଟକୁ ଆସି ପାରି ନ ଥା'ନ୍ତି ଏବଂ ତୁମମାନଙ୍କୁ କଦାପି "ମୁଁ ଯାହା, ତୁମେମାନେ ତାହାହିଁ ହୁଅ" ବୋଲି ଆଦୌ କହି ପାରି ନ ଥା'ନ୍ତି ।

*୨୭ ସେପ୍ଟେମ୍ବର ୧୯୫୭*

*

*ମାଆ, "ଆପଣ ଭଗବାନ୍ କି ?"— ଯଦି କେହି ଆପଣଙ୍କୁ ଏହି ପ୍ରଶ୍ନଟି ଆସି ପଚାରେ, ତେବେ ଆପଣ କ'ଣ ଉତ୍ତର ଦେବେ ?*

ଆମେ ଯେକୌଣସି ମନୁଷ୍ୟକୁ ମଧ୍ୟ ଏହି ପ୍ରଶ୍ନଟିକୁ ପଚାରି ପାରିବା । ଏବଂ ତାହାର ଉତ୍ତର ହେଉଛି : ହଁ, ଆମ ପ୍ରତ୍ୟେକଙ୍କ ମଧ୍ୟରେ ଭଗବାନ୍ ହେବାର ସମ୍ଭାବନା ରହିଛି ।

ଏବଂ ତାହାକୁ ଏକ ବାସ୍ତବ ସତ୍ୟରେ ପରିଣତ କରିବା, ତାହାହିଁ ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ।

*ଅଗଷ୍ଟ ୧୯୬୭*

*

'oaob.nitrkl.ac.in' images reprocessed

ମୁଁ ପ୍ରକୃତରେ ଶକ୍ତିଶାଳୀ କି ନୁହେଁ, ମୁଁ ସେକଥା ବିଷୟରେ କିଛି ଜାଣି ନାହିଁ (କାରଣ, ସେହି 'ମୁଁ'ଟି ଯେ ପ୍ରକୃତରେ କେଉଁଠି ରହିଛି, ତାହାର କୌଣସି ନିଶ୍ଚୟତା ନାହିଁ) । ମାତ୍ର ପ୍ରଭୁ ହେଉଛନ୍ତି ସର୍ବଶକ୍ତିମାନ୍ । ବିଶ୍ୱାସ ସକଳ ସଂଶୟର ଅତୀତ ହୋଇ ଅବସ୍ଥିତ ରହିଛି ଏବଂ ସ୍ୱୟଂ ପ୍ରଭୁହିଁ ବିଷୟଟିର ଅନୁସନ୍ଧାନ କରୁଛନ୍ତି ।

*

*ଆପଣ ଆପଣଙ୍କର ଶବ୍ଦଗୁଡ଼ିକ ମଧ୍ୟରେ ଏପରି କିଛି ନିହିତ କରି ରଖିଛନ୍ତି, ଯାହାଦ୍ୱାରା କି ଆମେ ସକଳ ଶବ୍ଦ ସାମର୍ଥ୍ୟର ଅତୀତ ହୋଇ ରହିଥିବା ସେହି ସତ୍ୟକୁ ଦେଖିବାରେ ସମର୍ଥ ହେଉଛୁ । ଆପଣଙ୍କର ଶବ୍ଦଗୁଡ଼ିକ ଭିତରେ ପ୍ରକୃତରେ କ'ଣ ରହିଛି ?*

ଚେତନା । *୨୭ ଡିସେମ୍ବର ୧୯୬୭*

*

ଯେତେବେଳେ ମୁଁ ଯାହାକିଛି କହେ, ସେତେବେଳେ ମୋ'ର କହୁଥିବା କଥାକୁ ମୁଁ ପ୍ରକୃତରେ ବଞ୍ଚୁଥାଏ ଏବଂ ଶବ୍ଦଗୁଡ଼ିକ ସହିତ ସେହି ଅନୁଭୂତିଟିକୁ ମଧ୍ୟ ମୁଁ ସଂଚାରିତ କରି ଦେଉଥାଏ । କୌଣସି ଯନ୍ତ୍ର ତାହାକୁ ଲିପିବଦ୍ଧ କରି ରଖି ପାରିବ ନାହିଁ । ତେଣୁ, ସେହି କଥାଟିକୁ ଶୁଣିବାବେଳେ ବା ପଢ଼ିବାବେଳେ ତାହା ସଂପୂର୍ଣ୍ଣ ଅଲଗା ପ୍ରକାରର ବୋଧ ହୋଇଥାଏ; ତା'ଭିତରୁ ଅସଲ ଜିନିଷଟି ଚାଲି ଯାଇଥାଏ,– କାରଣ ସେଇଟିକୁ କେହି କଦାପି ଲିପିବଦ୍ଧ କରି ରଖି ପାରିବ ନାହିଁ । ଏପରିକି, ମୁଁ ନିଜେ ଲେଖିଥିବା କୌଣସି କଥାକୁ ଯେତେବେଳେ ଏକ ବହିରେ କିଂବା ପ୍ରବନ୍ଧରେ ଛାପି ଦିଆଯାଏ, ମୁଁ ଲେଖିଥିବା ସମୟର ଅନୁଭୂତିଗତ ପ୍ରଗାଢ଼ତାଟି ସେତେବେଳେ ତା'ଭିତରେ ଆଦୌ ନ ଥାଏ; ଶବ୍ଦଗୁଡ଼ିକ ଠିକ୍ ସେହିପରି ହୋଇ ରହିଥିଲେ ମଧ୍ୟ ପାଠ ଅତ୍ୟନ୍ତ ନିର୍ଜୀବ ପରି ବୋଧ ହୁଏ ।

ଏହାହିଁ ହେଉଛି ଶାରୀରିକ ଉପସ୍ଥିତିର ଅସଲ କାରଣ, ଏହାହିଁ ତାହାର ଅପ୍ରତିବାଦ୍ୟ ମହତ୍ତ୍ୱ ।

*

ମୋର ଶବ୍ଦଗୁଡ଼ିକୁ କଦାପି ଏକ ଶିକ୍ଷା ବୋଲି ଗ୍ରହଣ କରିବ ନାହିଁ । ସେଗୁଡ଼ିକ ସର୍ବଦା ଏକ କ୍ରିୟାଶୀଳ ଶକ୍ତି ହୋଇ ରହିଥା'ନ୍ତି; ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ କୁହା ଯାଇଥାଏ ଏବଂ, ସେଗୁଡ଼ିକୁ ସେହି ଉଦ୍ଦେଶ୍ୟଟିରୁ ବିଚ୍ଛିନ୍ନ କରିଦେଲେ ସେଗୁଡ଼ିକ ଆପଣାର ଯଥାର୍ଥ ଶକ୍ତିକୁ ହରାଇ ଦିଅନ୍ତି ।

'oaob.nitrkl.ac.in' images reprocessed

## ଶରୀରର ସାଧନା

ଏହି ଶରୀର ମଧ୍ୟରେ ଏକ ଦେବତାର ସେହି ନିର୍ବିବାଦୀ କର୍ତ୍ତୃତ୍ୱ ନାହିଁ ଅଥବା ଜଣେ ମୁନିର ସେହି ଅବିଚଳିତ ସ୍ଥିରତା ମଧ୍ୟ ନାହିଁ । ଅତିମାନବତ୍ୱର ଭୂମିରେ ଏହା ତଥାପି କେବଳ ଜଣେ ନୂତନ ଶିକ୍ଷାର୍ଥୀ ହୋଇ ରହିଛି ।

*

ହେ ମୋର ମାଧୁର୍ଯ୍ୟମୟ ପ୍ରଭୁ, ହେ ସର୍ବୋଚ୍ଚ ପରମ ସତ୍ୟ, ମୁଁ ଏହି ଅଭୀପ୍ସା କରୁଛି ଯେ, ମୁଁ ଯେଉଁ ଖାଦ୍ୟ ଗ୍ରହଣ କରୁଛି, ତାହା ମୋ' ଶରୀରର ପ୍ରତ୍ୟେକ କୋଷକୁ ତୁମରି ସର୍ବ-ଜ୍ଞାନ, ତୁମରି ସର୍ବ-ଶକ୍ତି ତଥା ତୁମରି ସର୍ବ-ଶିବକୁହିଁ ପ୍ରେରିତ କରି ନେବାରେ ସମର୍ଥ ହେଉ ।

*୨୧ ସେପ୍ଟେମ୍ବର ୧୯୫୧*

*

ମୋ'ର ଶରୀର ଅନ୍ୟ ମନୁଷ୍ୟମାନଙ୍କର ଶରୀର ପରି ହୋଇ ରହିଥାଉ, ଯେତେବେଳେ ସେମାନଙ୍କର ଅଗ୍ରଗତି ନିମନ୍ତେ ଏହାର କୌଣସି ଆବଶ୍ୟକତା ରହିବ ନାହିଁ, ସେତିକିବେଳେ ଯାଇ ଅତିମାନସର ଭୂମିରେ ପ୍ରବେଶ କରିବା ଲାଗି ତାହା ମୁକ୍ତି ଲାଭ କରିପାରିବ ।

*୨ ଅଗଷ୍ଟ ୧୯୫୨*

*

ଏହା ଏକ ସତ୍ୟକଥା ଯେ, ସେହି ଶରୀରଟିକୁ ରୂପାନ୍ତରିତ କରିଦେବାର ଅଭିପ୍ରାୟରେହିଁ ଈଶ୍ୱରତ୍ୱ ସର୍ବଦା ଏକ ଭୌତିକ ଶରୀର ଗ୍ରହଣ କରିଛି, ପୃଥିବୀରେ ଆପଣାର ଅଭିବ୍ୟକ୍ତି ନିମନ୍ତେ ତାହାକୁ ଏକ ଯୋଗ୍ୟ ନିମିତ୍ତରୂପେ ତିଆରି କରିବା ଲାଗି ତାହା ସେପରି କରିଛି । ମାତ୍ର, ଏକଥା ମଧ୍ୟ ଏକ ସତ୍ୟକଥା ଯେ, ଏପର୍ଯ୍ୟନ୍ତ ତାହା କରିବାରେ ଈଶ୍ୱରତ୍ୱ କେବଳ ବିଫଳହିଁ ହୋଇଛି ଏବଂ କୌଣସି ନା କୌଣସି କାରଣରୁ ତାହାକୁ ସର୍ବଦା ସେହି ଭୌତିକ ଶରୀରଟିକୁ ଛାଡ଼ି ଚାଲିଯିବାକୁ ହୋଇଛି ଏବଂ ରୂପାନ୍ତରର କାର୍ଯ୍ୟଟି ଅସଂପୂର୍ଣ୍ଣ ରହିଯାଇଛି ।

ଏକ ସଂପୂର୍ଣ୍ଣ ରୂପାନ୍ତର ଯେପରି ସମ୍ଭବ ହୋଇ ପାରିବ, ସେଥିଲାଗି ଦିବ୍ୟ ପରମସତ୍ତା ଯେଉଁ ଶରୀରର ମାଧ୍ୟମରେ ପୃଥିବୀରେ ଅଭିବ୍ୟକ୍ତ ହେଉଛନ୍ତି, ସେହି ଶରୀରଟିକୁ ଧାରଣ କରି ରହିପାରିବାକୁ ହେଲେ ଏକଥା ଆବଶ୍ୟକ ଯେ, ଅଧିକ ସଂଖ୍ୟାରେ ନ ହେଲେ ମଧ୍ୟ ଅନ୍ତତଃ ଜଣେ ବ୍ୟକ୍ତିର ଜୀବନରେ ଭୌତିକ ଭୂମିରେ ସୌଷମ୍ୟ, ଶକ୍ତି,

'oaob.nitrkl.ac.in' images reprocessed

ନିଷ୍ଠା, ସହିଷ୍ଣୁତା, ନିଃସ୍ୱାର୍ଥପରତା ଏବଂ ସ୍ଥିରତାର ସର୍ତ୍ତଗୁଡ଼ିକର ଆବଶ୍ୟକ ସର୍ତ୍ତଗୁଡ଼ିକର ପୂରଣ ହୋଇ ପାରୁଥିବ ଏବଂ, ଦିବ୍ୟ ପରମସତ୍ତା ଅବତୀର୍ଣ୍ଣ ହୋଇ ଆସିଥିବା ଏହି ଶରୀରଟି ସେହି ବ୍ୟକ୍ତି ଲାଗି କେବଳ ଯେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ହୋଇ ରହିଥିବ ତା' ନୁହେଁ, ମାତ୍ର ତାହା ଏପରିକି ଐକାନ୍ତିକ ଭାବରେ ମହତ୍ତ୍ୱପୂର୍ଣ୍ଣ ହୋଇ ମଧ୍ୟ ରହିଥିବ, ଦିବ୍ୟ ପରମକାର୍ଯ୍ୟଟିରୁ ମଧ୍ୟ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥିବ ଅଥବା, ଆହୁରି ଅଧିକ ଯଥାର୍ଥ ଭାବରେ କହିଲେ, ତାହା ପୃଥିବୀପୃଷ୍ଠରେ ଦିବ୍ୟ ପରମକାର୍ଯ୍ୟର ପ୍ରତୀକ ତଥା ମୂର୍ତ୍ତ ସ୍ୱରୂପ ହୋଇ ମଧ୍ୟ ରହିଥିବ ।

*୩ ଅକ୍ଟୋବର ୧୯୫୨*

*

କର୍ମ କରି ମୁଁ କେବେହେଲେ କ୍ଳାନ୍ତ ହୋଇ ପଡ଼େ ନାହିଁ; ମାତ୍ର ଯେତେବେଳେ ଅସନ୍ତୋଷ, ହତାଶା, ସଂଶୟ, ଭୁଲ୍ ବୁଝାମଣା ଏବଂ ମନ୍ଦ ଇଚ୍ଛାର ଏକ ପରିବେଶରେ ମୁଁ କୌଣସି କାର୍ଯ୍ୟ କରିବାକୁ ବାଧ୍ୟ ହେଉଥାଏ, ସେତେବେଳେ ଆଗକୁ ଗୋଟିଏ ପାଦ ପକାଇବାକୁ ମଧ୍ୟ କେତେ ନା କେତେ କ୍ଳେଶ ଓ ପ୍ରୟାସର ପ୍ରୟୋଜନ ହୁଏ ଏବଂ ଦଶବର୍ଷରୁ ଅଧିକ କାଳ ସାଧାରଣ ଭାବରେ କାର୍ଯ୍ୟ କରିଥିଲେ ଶରୀର ଯେତିକି ଥକି ଯାଉଥା'ନ୍ତା, ସେତେବେଳେ ଶରୀରକୁ ସେହିପରି ଲାଗୁଥାଏ ।

*୨୦ ସେପ୍ଟେମ୍ବର ୧୯୫୩*

*

ଗତ କେତେ ଦିନ ହେଲା ସକାଳେ ଶଯ୍ୟା ତ୍ୟାଗ କରିବା ସମୟରେ ମୋ'ର ଏପରି ଏକ ଅଦ୍ଭୁତ ବୋଧ ହେଉଛି ଯେପରିକି ମୁଁ ସତେଅବା ଏପରି ଏକ ଶରୀରରେ ପ୍ରବେଶ କରୁଛି, ଯାହାକି ପ୍ରକୃତରେ ମୋ'ର ଶରୀର ନୁହେଁ;– ମୋ'ର ଶରୀର ହେଉଛି ସବଳ ଓ ସୁସ୍ଥ, ସବୁବେଳେ ଶକ୍ତି ଓ ଜୀବନରେ ପୂର୍ଣ୍ଣ ହୋଇ ରହିଥାଏ, ଅତ୍ୟନ୍ତ ନମନୀୟ ଏବଂ ସମଞ୍ଜସତାପୂର୍ଣ୍ଣ ଅବସ୍ଥାରେ ରହିଥାଏ । ମାତ୍ର ଏହି ଶରୀରଟି ସେହି ଗୁଣଗୁଡ଼ିକ ମଧ୍ୟରୁ କୌଣସିଟିର ପ୍ରମାଣ ଦେଉ ନାହିଁ; ତାହା ସହିତ ସଂସ୍ପର୍ଶଲାଭ ଅତ୍ୟନ୍ତ ଦୁଃଖଦାୟକ ହେଉଛି, ନିଜକୁ ଏଇଟି ସହିତ ଅନୁକୂଳିତ କରାଇବା ବଡ଼ କଷ୍ଟକର ହେଉଛି ଏବଂ ସେହି ଅସ୍ୱସ୍ତି ମଧ୍ୟରୁ ମୁକ୍ତ ହେବା ପାଇଁ ମୋତେ ପ୍ରକୃତରେ ଅନେକ ସମୟ ଲାଗିଯାଉଛି ।

*୧୪ ଜାନୁଆରି ୧୯୫୪*

*

କାଲି ରାତିରେ ଫିଲ୍ମଟିକୁ ଦେଖିବା ସମୟରେ ମୋ'ର ଯେଉଁ ଅନୁଭୂତି

'oaob.nitrkl.ac.in' images reprocessed

ହୋଇଥିଲା, ଏହି ଅନୁଭୂତିଟି ଅତ୍ୟନ୍ତ ମୀମାଂସକ ଭାବରେ ଠିକ୍ ସେହିପରି ହେଲା । ମୁଁ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଅନୁଭବ କରିବାକୁ ଲାଗିଲି ଯେ ମୋ'ର ସନ୍ତାନମାନେ ଏଣିକି ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ସାରିଲେଣି, ସେମାନଙ୍କର କାର୍ଯ୍ୟଟିକୁ ଉତ୍ତମରୂପେ କରିବା ଲାଗି ସେମାନେ ଆଉ ମୋ'ର ସ୍ଥୂଳ ହସ୍ତକ୍ଷେପକୁ ଆଦୌ ଆବଶ୍ୟକ କରୁ ନାହାନ୍ତି । ଏତିକି ଅବଶ୍ୟ ଯଥେଷ୍ଟ ଯେ ଲକ୍ଷ୍ୟଟି ବିଷୟରେ ଏକ ପରିଚ୍ଛନ୍ନ ଦୃଷ୍ଟି ରଖିବାରେ ଏବଂ ଅଧାବାଟରେ ପଥରୁ ବିଚ୍ୟୁତ ହୋଇ ନ ଯିବାକୁ ସେମାନଙ୍କ ମଧ୍ୟରେ ମୋର ଉପସ୍ଥିତି ସେମାନଙ୍କ ଲାଗି ଏକ ପ୍ରେରଣା ଏବଂ ମାର୍ଗଦର୍ଶକ ରୂପେ କାର୍ଯ୍ୟ କରୁଛି । ସେଥିଲାଗି ଅତ୍ୟନ୍ତ ସ୍ୱାଭାବିକ ଭାବରେ ମୁଁ ଆପଣାକୁ ସ୍ଥୂଳ ସ୍ତରରେ ନିଜ ଭିତରକୁ ପ୍ରତ୍ୟାହୃତ କରି ନେଇଛି, ଯେପରିକି ଶରୀରର ରୂପାନ୍ତର ଉପରେ ମୁଁ ଆପଣାକୁ ବସ୍ତୁତଃ ଅଭିନିବେଶିତ କରି ରଖିପାରିବି । କାର୍ଯ୍ୟଗୁଡ଼ିକୁ କରିବାର କ୍ଷେତ୍ରରେ ମୁଁ ବର୍ତ୍ତମାନ ବାହ୍ୟତଃ ସେମାନଙ୍କୁ ନିଜର ଧାରଣା ଓ ବୋଧ ଅନୁସାରେ ସବୁ କରିବାକୁ ଛାଡ଼ିଦେଇ ପାରିବି ଏବଂ ମୋ' ତରଫରୁ ଦିଆ ଯାଉଥିବା ଚାପକୁ ସୃଜନାତ୍ମକ ପ୍ରେରଣା ତଥା ଚେତନାର ଏକ ଅନ୍ତବହୁତ ପରିମାଣରେ ଅଦୃଶ୍ୟ ହୋଇ ରହିଥିବା ଭୂମିକାକୁହିଁ ସୀମିତ କରି ଆଣିବି ।

୧୦ ମଇ ୧୯୫୪

*

ଶରୀର ଅନୁକ୍ଷଣ ଏବଂ ଏକ ମର୍ମସ୍ପର୍ଶୀ ଆନ୍ତରିକତା ସହିତ ଏହି କଥାଟିକୁ ବାରବାର କହିବାରେ ଲାଗିଛି : "କାହାରିଠାରୁ ଆଦୌ କୌଣସି କିଛି ଦାବି କରିବାକୁ ମୁଁ ପ୍ରକୃତରେ କିଏ ? ମୋ'ରି ସୀମା ଭିତରେ ମୋତେ ବିଚାର କଲେ ମୁଁ ଆଦୌ କିଛି ନୁହେଁ । ମୁଁ ଆଦୌ କିଛି ହେଲେ ଜାଣେ ନାହିଁ, ମୁଁ ଆଦୌ କିଛି ହେଲେ କରି ପାରିବି ନାହିଁ । ସତ୍ୟ ମୋ' ଭିତରେ ପ୍ରବେଶ କରି ମୋତେ ନିର୍ଦ୍ଦେଶ ନ ଦେବା ପର୍ଯ୍ୟନ୍ତ ଏକ କ୍ଷୁଦ୍ରତମ କୌଣସି ନିଷ୍ପତ୍ତି ଗ୍ରହଣ କରିବାକୁ, ମୋ'ର ସର୍ବୋତ୍ତମ କାର୍ଯ୍ୟ କ'ଣ ତାହା ଜାଣିବାକୁ ଏବଂ ଏକାବେଳେକେ ତାତ୍ପର୍ଯ୍ୟହୀନ ଏକ ପରିସ୍ଥିତିରେ ମୁଁ ବଞ୍ଚିବାକୁ ମଧ୍ୟ ଏକାନ୍ତ ଅସମର୍ଥ । ମୋ'ର ପ୍ରକୃତରେ ଯାହା ହେବା ଉଚିତ ତାହା ହେବା ଲାଗି ଏବଂ ଯାହା ପୃଥିବୀପୃଷ୍ଠରେ ବ୍ୟକ୍ତ ହେବାକୁ ଇଚ୍ଛା କରୁଛି, ତାହାକୁ ବ୍ୟକ୍ତ କରିବା ଲାଗି ଆପଣାର ଯେତିକି ରୂପାନ୍ତର ଦରକାର, ସେତିକି ରୂପାନ୍ତର ସମ୍ଭବ କରିବା ସକାଶେ ମୁଁ କେବେହେଲେ ସମର୍ଥ ହୋଇ ପାରିବି କି ?" (ପାଠାନ୍ତର : ମୁଁ ପ୍ରକୃତରେ ସମର୍ଥ କି ?) ମାତ୍ର, ହେ ପ୍ରଭୁ, ଏପରି ଏକ ନିର୍ବିବାଦ୍ୟ ସୁନିଶ୍ଚୟତା ସହିତ ସର୍ବଦା ଏହି ପ୍ରଶ୍ନଚୟର ଉତ୍ତରଗୁଡ଼ିକ କାହିଁକି ମୋ'ର ଗଭୀର ପ୍ରଦେଶଗୁଡ଼ିକରୁ, ଆପଣଙ୍କଠାରୁ, ମୋତେ

'oaob.nitrkl.ac.in' images reprocessed

ଆସି ମିଳିଯାଉଛି : "ଯଦି ତୁ ନ କରି ପାରିବୁ, ତେବେ ପୃଥିବୀର କୌଣସି ଶରୀର ଏହା କରି ପାରିବ ନାହିଁ ।" ଏଥିରୁ କେବଳ ଗୋଟିଏ ସିଦ୍ଧାନ୍ତହିଁ ନିଷ୍ପନ୍ନ ହୋଇ ଆସୁଛି : ପରାଜୟ ସ୍ୱୀକାର ନ କରି ମୋତେ ମୋ'ର ଉଦ୍ୟମ ଅବ୍ୟାହତ ରଖିବାକୁ ହେବ, ମୃତ୍ୟୁ ଅଥବା ବିଜୟଲାଭ ପର୍ଯ୍ୟନ୍ତ ସେହି ପ୍ରୟାସକୁ ଅବ୍ୟାହତ ରଖିବାକୁ ପଡ଼ିବ ।

୮ ସେପ୍ଟେମ୍ବର ୧୯୫୪

*

ହେ ମୋ'ର ପରମପ୍ରଭୁ, ଆପଣ ମୁଁ ଯାହା କରେ ବୋଲି ଇଚ୍ଛା କରିଥିଲେ, ମୁଁ ତାହା କରିଛି । ଅତିମାନସର ଦ୍ୱାରଗୁଡ଼ିକ ଉନ୍ମୋଚିତ ହୋଇ ଯାଇଛି ଏବଂ ଅତିମାନସ ପରମଚେତନା, ପରମ ଆଲୋକ ତଥା ପରମ ଶକ୍ତି ପୃଥିବୀକୁ ପ୍ଳାବିତ କରିବାରେ ଲାଗିଛନ୍ତି ।

ମାତ୍ର, ଯେଉଁମାନେ ଏଠାରେ ମୋ'ର ଚାରିପାଖରେ ରହିଛନ୍ତି, ସେମାନେ ସେହି ବିଷୟରେ ତଥାପି ସଜ୍ଞାନ ହୋଇ ନାହାନ୍ତି : ସେମାନଙ୍କର ଚେତନାରେ ଆଦୌ କୌଣସି ମୂଳଭୂତ ପରିବର୍ତ୍ତନ ହୋଇ ନାହିଁ ଏବଂ କେବଳ ମୋ' କଥାରେ ବିଶ୍ୱାସ କରୁଥିବାରୁହିଁ ସେମାନେ ପ୍ରକୃତରେ ଆଦୌ କୌଣସି ଘଟଣା ଘଟି ନାହିଁ ବୋଲି କହୁ ନାହାନ୍ତି । ଅଧିକନ୍ତୁ, ବାହ୍ୟ ପରିସ୍ଥିତିମାନ ପୂର୍ବାପେକ୍ଷା ଅଧିକ କର୍କଶ ହୋଇଯାଇଛି ଏବଂ ପ୍ରତିବନ୍ଧକଗୁଡ଼ିକ ପୂର୍ବାପେକ୍ଷା ଅଧିକ ଦୁର୍ଲଙ୍ଘ୍ୟ ଭାବରେ ଆସି ଆବିର୍ଭୂତ ହେଉଥିବା ପରି ବୋଧ ହେଉଛି ।

ବର୍ତ୍ତମାନ ଅତିମାନସ ଯେତେବେଳେ ଏଠାରେ ବିଦ୍ୟମାନ ରହିଛି,– କାରଣ ସେ ବିଷୟରେ ମୁଁ **ସଂପୂର୍ଣ୍ଣ ସୁନିଶ୍ଚିତ**, ତାହାର ସଙ୍କେତ ଲାଭ କରିବାରେ ମୁଁ ପୃଥିବୀରେ ଏକମାତ୍ର ବ୍ୟକ୍ତି ହୋଇଥିଲେ ମଧ ସୁନିଶ୍ଚିତ – ତାହାର କ'ଣ ଏପରି ଅର୍ଥ ହେବ ଯେ, ଏହି ଦେହର ଯେତିକି କର୍ତ୍ତବ୍ୟ ଥିଲା, ତାହା ବର୍ତ୍ତମାନ ଶେଷ ହୋଇଗଲା ଏବଂ ତାହାର ସ୍ଥାନାପନ୍ନ ଭାବରେ ଆଉଗୋଟିଏ ଦେହ ଉପସ୍ଥିତ କାର୍ଯ୍ୟଟିକୁ କରିବାକୁ ଆସିବ ? ମୁଁ ଆପଣଙ୍କୁହିଁ ଏହି ପ୍ରଶ୍ନଟି ପଚାରୁଛି ଏବଂ ଏକ ଉତ୍ତର ପ୍ରାର୍ଥନା କରୁଛି – ଏପରି କୌଣସି ସଙ୍କେତ ପାଇବାକୁ ଇଚ୍ଛା କରୁଛି, ଯାହାଦ୍ୱାରା କି ମୁଁ ନିଶ୍ଚିତ ଭାବରେ ଜାଣି ପାରିବି ଯେ, ଏହି କାର୍ଯ୍ୟଟି ମଧ ତଥାପି ମୋ'ର କାର୍ଯ୍ୟ ଏବଂ, ସକଳ ବିରୋଧ ତଥା ସକଳ ଅସ୍ୱୀକାର ସତ୍ତ୍ୱେ ମୋତେ ଅନବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଯିବାକୁ ହେବ ।

ସେହି ସଙ୍କେତ ଯାହା ହେଉ ପଛକେ, ସେଥିରେ ମୋ'ର ଆଦୌ କୌଣସି ଆପତ୍ତି ନାହିଁ, ମାତ୍ର ତାହା ଅବଶ୍ୟ **ସୁସ୍ପଷ୍ଟ** ହୋଇଥିବ ।

*

'oaob.nitrkl.ac.in' images reprocessed

ମୁଁ ତଥାପି "ମୁଁ ନିଜେ" ବୋଲି କହିପାରୁ ନାହିଁ, କାରଣ ଯେତେବେଳେ ମୁଁ "ମୁଁ ନିଜେ" ବୋଲି କହୁଛି, ସେତେବେଳେ ଲୋକମାନେ ତାହାକୁ ମୋ'ର ଦେହ ଅର୍ଥରେ ବୁଝୁଛନ୍ତି ଏବଂ ମୋ'ର ଦେହ ଏପର୍ଯ୍ୟନ୍ତ **ମୋ'ର ଯଥାର୍ଥ ସତ୍ତାରେ** ପରିଣତ ହୋଇ ପାରି ନାହିଁ; ଏବେ ମଧ ତାହାର ରୂପାନ୍ତର ଘଟି ନାହିଁ ଏବଂ ସେଥିରୁ ସେମାନଙ୍କ ମନରେ ଏକ ବିଭ୍ରାନ୍ତି ମଧ ଉପୂନ ହେଉଛି । ପୁନଶ୍ଚ, ମୁଁ ମଧ ସର୍ବଦା ଅନୁଭବ କରି ଆସିଛି ଯେ, ଆପଣାର ଅପୂର୍ଣ୍ଣତାକୁ ବୁଝି ପାରୁଥିବା ମୋ'ର ଶରୀରର ଏହି ଦୃଷ୍ଟିକୋଣଟି ଶାରୀରିକ ଚେତନାସ୍ତରରେ ଏକ ଜୀବନ୍ତ ଏବଂ ସତତ ନମ୍ରଭାବକୁ ଜାଗ୍ରତ କରି ରଖାଇବା ଲାଗି ପ୍ରକୃତରେ ଅପରିହାର୍ଯ୍ୟ ହୋଇ ରହିଥିଲା ।

ଏହି ରୂପାନ୍ତର ଯେତେବେଳେ ସଂପୂର୍ଣ୍ଣ ହୋଇଯିବ, ସେତେବେଳେ ଯାଇ ମୁଁ କିଛି କହିବା ଲାଗି ସମର୍ଥ ହେବି; ତା'ପୂର୍ବରୁ କଦାପି ନୁହେଁ ।

*୨୧ ଅକ୍ଟୋବର ୧୯୫୫*

*

ହେ ଦିବ୍ୟ ପରମ ଆଲୋକ, ଅତିମାନସ ପରମସତ୍ୟ :

ଏହି ଖାଦ୍ୟର ମାଧ୍ୟମରେ ମୋ'ର ସମଗ୍ର ଶରୀରରେ ପ୍ରବେଶ କର, ପ୍ରତ୍ୟେକ କୋଷ ମଧ୍ୟରେ ପ୍ରବିଷ୍ଟ ହୁଅ, ନିଜକୁ ମୋ'ର ପ୍ରତ୍ୟେକ ଅଣୁ ମଧ୍ୟରେ ପ୍ରତିଷ୍ଠିତ କରି ରଖ; ମୋ'ର ସବୁକିଛି ସଂପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ଓ ଗ୍ରହଣଶୀଳ ହୋଇଯାଉ, ଅଭିବ୍ୟକ୍ତିର ବିରୋଧ କରୁଥିବା ଓ ସେଥିରେ ପ୍ରତିବନ୍ଧକ ହୋଇ ରହିଥିବା ଯାବତୀୟ ଉପାଦାନରୁ ମୁକ୍ତ ହୋଇଯାଉ; ସଂକ୍ଷେପରେ କହିଲେ, ମୋ' ଶରୀରର ଯେଉଁ ଭାଗଗୁଡ଼ିକ ଏବେସୁଦ୍ଧା ଆପଣଙ୍କ ମଧ୍ୟକୁ ରୂପାନ୍ତରିତ ହୋଇ ନାହିଁ, ତାହା ସେଗୁଡ଼ିକୁ ଆପଣଙ୍କ ଆଡ଼କୁହିଁ ଉନ୍ମୋଚିତ କରିଦେଉ ।

*୧୬ ଜାନୁଆରି ୧୯୫୮*

*

ଏବଂ ଶରୀର ଯାଇ ସେହି ସର୍ବୋଚ୍ଚ ପରମସତ୍ତାଙ୍କୁ କହୁଛି : "ଆପଣ ମୁଁ ଯାହା ହୁଏ ବୋଲି ଇଚ୍ଛା କରୁଛନ୍ତି, ମୁଁ ତାହାହିଁ ହେବି; ମୁଁ ଯାହା ଜାଣେ ବୋଲି ଆପଣ ଇଚ୍ଛା କରୁଛନ୍ତି, ମୁଁ ତାହା ଜାଣିବି; ମୁଁ ଯାହା କରେ ବୋଲି ଆପଣ ଇଚ୍ଛା କରୁଛନ୍ତି, ମୁଁ ତାହାହିଁ କରିବି ।"

*୩ ଅକ୍ଟୋବର ୧୯୫୮*

*

ମାତ୍ର ଏହି ଶରୀର କିଛି ବ୍ୟାୟାମ ଆବଶ୍ୟକ କରୁଛି ଏବଂ, ଶିଡ଼ିର ପାହାଚ-

'oaob.nitrkl.ac.in' images reprocessed

ଗୁଡ଼ିକରେ ଉପରକୁ ଉଠିବା ଓ ତଳକୁ ଓହ୍ଲାଇବା ଦ୍ୱାରା ପ୍ରକୃତରେ ଉତ୍ତମ ବ୍ୟାୟାମ ହୋଇ ପାରୁଛି । ପୁନଶ୍ଚ, ଏହା ମୋ'ର କାର୍ଯ୍ୟରେ ସହଯୋଗ କରିବାରେ ମଧ୍ୟ ଅଭ୍ୟସ୍ତ ହୋଇ ଗଲାଣି, ଏବଂ, ଯଦି ତା'ର ଅସୁବିଧାଗୁଡ଼ିକ ହେତୁ ଏଥିରେ କୌଣସି ପରିବର୍ତ୍ତନ କରିବାକୁ ପଡୁଛି, ତେବେ ସେଥିରେ ସିଏ ନିଶ୍ଚୟ ଭାରି ଦୁଃଖୀ ହୋଇଯାଆନ୍ତା ।

ତେଣୁ, ସବୁକିଛି ଯେମିତି ଚାଲୁଥିଲା ଠିକ୍ ସେହିପରି ଚାଲିବ ଏବଂ ଯେତେବେଳେ ଅସୁବିଧାଗୁଡ଼ିକ ମଧ୍ୟରୁ ବାହାରି ଆସିବାର ସମୟ ଉପସ୍ଥିତ ହେବ, ସେତେବେଳେ ଅସୁବିଧାଗୁଡ଼ିକ ମଧ୍ୟ ଦୂର ହୋଇଯିବେ ।

*୧୭ ଫେବ୍ରୁଆରି ୧୯୬୧*

*

*ଆପଣ ମୋତେ ଆପଣଙ୍କର ନୂତନ ଶରୀରରେ ଆପଣଙ୍କୁ ଦେଖିବାର ଅନୁମତି ଦେବେ କି ? ମୁଁ ଭାବୁଛି, ଆପଣଙ୍କର ସାହାଯ୍ୟ ମିଳିଲେ ସେକଥା ନିଶ୍ଚୟ ସମ୍ଭବ ହୁଅନ୍ତା ।*

ସାହାଯ୍ୟ ନିରନ୍ତର ରହିଛି; ମାତ୍ର ତାହା ଆହୁରି ଅଧିକ ପ୍ରଗାଢ଼ ହେବ, କାରଣ ତୁମକୁ ବେଶ୍ ଦୀର୍ଘ କାଳ ଅପେକ୍ଷା କରି ରହିବା ଲାଗି ପ୍ରସ୍ତୁତ ହେବାକୁ ମଧ୍ୟ ପଡ଼ିବ ।

*ଜାନୁଆରି ୧୯୬୩*

*

*ଆପଣଙ୍କର ନୂତନ ଶରୀରରେ ଆପଣଙ୍କୁ ଦର୍ଶନ କରିବା ନିମନ୍ତେ ମୋ'ର ଭାରି ଇଚ୍ଛା ହେଉଛି । ମାତ୍ର, ସେହି ଅବସରଟି ଆସି ପହଞ୍ଚିବା ପର୍ଯ୍ୟନ୍ତ, ଆପଣ ମୋତେ ଯାହାକିଛି ପ୍ରଦାନ କରୁଛନ୍ତି, ମୁଁ ତାହାକୁ ଗ୍ରହଣ କରିପାରେ ଓ ତାହାର ଯେପରି ପରିପାଚନ କରିପାରେ, ଆପଣ ମୋତେ ସେଥିଲାଗି ସାମର୍ଥ୍ୟ ଦିଅନ୍ତୁ ।*

ମୁଁ ଭାବୁଛି, ତୁମେ ମୋ'ର ନୂତନ ରୂପ ବା ମୋ'ର ରୂପାନ୍ତରିତ ଶରୀରଟି ଅର୍ଥରେ ଏକଥା କହୁଛ । କାରଣ, ଏକ ନୂତନ ଶରୀର ସମ୍ଭବ କରିବାକୁ ହେଲେ, ମୁଁ ଏପରି କୌଣସି ବ୍ୟକ୍ତିକୁ ଜାଣି ନାହିଁ, ଯିଏକି ଏପରି ଏକ ସଂପୂର୍ଣ୍ଣ ଜୀବନ୍ତ ଶରୀରଟିଏ ତିଆରି କରିଦେଇ ପାରିବ, ଯାହା ମଧ୍ୟକୁ କି ମୁଁ ଅନ୍ତତଃ ଆଂଶିକ ଭାବରେ ମୋ'ର ବର୍ତ୍ତମାନର ଏହି ଚେତନାକୁ ନ ହରାଇ ପ୍ରବେଶ କରି ପାରିବି । ଅପେକ୍ଷାକୃତ ଭାବରେ ଏହି ପ୍ରକ୍ରିୟାଟି ପ୍ରକୃତରେ ଅଧିକ ସତ୍ୱର ହୁଅନ୍ତା ସତ, ମାତ୍ର ଏତେ ଉତ୍ସାହରେ ପୂର୍ଣ୍ଣ ହୋଇ ରହିଥିବା

'oaob.nitrkl.ac.in' images reprocessed

ଏବଂ ଆପଣାକୁ ସ୍ୱେଚ୍ଛା ସହିତ ରୂପାନ୍ତରର ଏହି ବେଶ୍ କଠୋର ପ୍ରକ୍ରିୟାର ଅଧୀନ କରି ରଖିଥିବା ଏହି ଶରୀରର କୋଷଗୁଡ଼ିକ ଲାଗି ତାହା ଆଦୌ ଉଚିତ କାର୍ଯ୍ୟ ହୁଅନ୍ତା ନାହିଁ ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ମୁଁ ଆଗରୁ ଯେପରି କହିଛି, ଏଥିଲାଗି ତୁମକୁ ଦୀର୍ଘ ଅନେକ ସମୟ ଅପେକ୍ଷା କରିବା ଲାଗି ପ୍ରସ୍ତୁତ ରହିବାକୁ ପଡ଼ିବ ଏବଂ ବହୁସଂଖ୍ୟକ ଜନ୍ମଦିବସ ଅତିକ୍ରାନ୍ତ ହୋଇ ଯାଉଥିବାର ଦେଖିବାକୁ ପଡ଼ିବ । ଅବଶ୍ୟ ତାହା ଏକ ଭାରି ଭଲ କଥା ଏବଂ ମୁଁ ସଂପୂର୍ଣ୍ଣ ଭାବରେ ତାହାର ଅନୁମୋଦନ କରୁଛି ।

*୨୫ ଜାନୁଆରି ୧୯୬୩*

*

ଜଣ ଜଣ କରି ମୋ'ର ପ୍ରତ୍ୟେକ ସନ୍ତାନଙ୍କୁ

ଯେତେବେଳେ ମଧ୍ୟ ସେମାନେ ମିଥ୍ୟାର ଆବେଶରେ ପଡ଼ି କିଛି ଭାବୁଛନ୍ତି, କହୁଛନ୍ତି ଅଥବା କରୁଛନ୍ତି, ସେତେବେଳେ ତାହା ଏକ ଆଘାତ ଆକାରରେ ମୋ' ଦେହରେ ଆସି ବାଜୁଛି ।

*୧୬ ଜୁଲାଇ ୧୯୭୨*

*

ସତ କଥା କହିବାକୁ ଗଲେ, ଆଦୌ କୌଣସି ଅଭିରୁଚି ଅଥବା ଅରୁଚି ପ୍ରଦର୍ଶନ ନ କରି ମୁଁ ଯେକୌଣସି ଖାଦ୍ୟ ଗ୍ରହଣ କରି ପାରିବି, ମାତ୍ର, ଖାଇବା ଟେବୁଲ୍ ଉପରେ ବାଛି ନେଇ ପାରିବା ପାଇଁ ବହୁ ପଦାର୍ଥ ରହୁଥିବାରୁ, ମୋ'ର ଶରୀର ଯାହା ଗ୍ରହଣ କରୁଛି ଓ ସହଜରେ ହଜମ କରି ପାରୁଛି, ମୁଁ ସାଧାରଣତଃ ସେହିଗୁଡ଼ିକୁ ବାଛି ନେଉଛି ।

*

ଏପରି କୌଣସି ରୋଗ ନାହିଁ, ଯାହାକୁ କି ମୁଁ ଭୋଗ କରି ନାହିଁ । ରୋଗଗୁଡ଼ିକର ସମସ୍ତ ଗତିଚିକୁ ପରୀକ୍ଷା କରି ଦେଖିବାକୁ ଏବଂ ଭୌତିକ ସ୍ତରର ଅନୁଭୂତି ଦ୍ୱାରା ସେଗୁଡ଼ିକ ବିଷୟରେ ଜ୍ଞାନ ଲାଭ କରିବାକୁ ମୁଁ ଶରୀର ମଧ୍ୟକୁ ସକଳ ରୋଗକୁ ଗ୍ରହଣ କରିନେଇଛି । ଯେପରିକି ମୁଁ ସେଗୁଡ଼ିକ ଉପରେ କ୍ରିୟା କରିପାରିବି, ସେଇଥିଲାଗି ସେପରି କରିଛି । ମାତ୍ର, ମୋର ଭୌତିକ ସତ୍ତା ମଧ୍ୟରେ ଆଦୌ କୌଣସି ଭୟ ନ ଥିବାରୁ ଏବଂ ତାହା ଉଚ୍ଚତର ଚାପଟି ଉଦ୍ଦେଶ୍ୟରେ ଆପଣାର ଅନୁସନ୍ଦନ ଜଣାଇ ପାରୁଥିବାରୁ ସେଗୁଡ଼ିକରୁ ନିଷ୍କୃତି ପାଇବା ମଧ୍ୟ ମୋ'ଲାଗି ଅଧିକ ସହଜ ହୋଇଯାଇଛି ।[6]

'oaob.nitrkl.ac.in' images reprocessed

# ଆଶୀର୍ବାଣୀ

ପ୍ରତ୍ୟେକ ଦିନ, ପ୍ରତ୍ୟେକ ମୁହୂର୍ତ୍ତରେ ତୁମ ଲାଗି ମୋ'ର ସକଳ ଆଶୀର୍ବାଦ ରହିଛି ।

*

ମୋ' ସନ୍ତାନ,

ଯେପରିକି ତୋ' ଭିତରେ ନିରନ୍ତର ଶାନ୍ତି ବିରାଜମାନ କରିପାରିବ, ସେଥିଲାଗି ତୋ'ର ଚେତନାକୁ ସୁପ୍ରଶସ୍ତ ଓ ଶୁଦ୍ଧ କରିବା ନିମନ୍ତେ ତୋ' ଲାଗି ମୋ'ର ସକଳ ଆଶୀର୍ବାଦ ରହିଛି ।

*

ଶବ୍ଦଗୁଡ଼ିକ ଲେଖା ହେଉଥାଉ ବା ନ ହେଉଥାଉ ପଛକେ, ମୁଁ ତୋ'ଲାଗି ସର୍ବଦାହିଁ ମୋ'ର ଆଶୀର୍ବାଦ ପ୍ରେରଣ କରୁଛି ।

*୨୩ ଏପ୍ରିଲ୍ ୧୯୩୪*

*

ତୋତେ ଜାଗ୍ରତ କରିଦେବା ସକାଶେ ତୋ'ଲାଗି ମୋ'ର ଆଶୀର୍ବାଦ ସର୍ବଦା ରହିଛି; ମାତ୍ର ସେଗୁଡ଼ିକୁ କାର୍ଯ୍ୟରେ ଲଗାଇବା ସକାଶେ ତୋ'ର ଇଚ୍ଛା ରହିଥିବା ଉଚିତ ।

*୨୧ ଅକ୍ଟୋବର ୧୯୩୫*

*

ଆଶୀର୍ବାଣୀ ଦିବ୍ୟ କରୁଣାର ଏକ ପରିପ୍ରକାଶ ଏବଂ ଜଣେ ବ୍ୟକ୍ତି ଅଥବା ଏକ ଗୋଷ୍ଠୀ ଉଦ୍ଦେଶ୍ୟରେ ତାହା ପ୍ରଦତ୍ତ ହୋଇଥାଏ ।

*୨୨ ଅକ୍ଟୋବର ୧୯୩୫*

*

ତୋ' ଲାଗି ମୋ'ର ସ୍ନେହ ତଥା ଆଶୀର୍ବାଦ ରହିଛି । ତୋ'ର ବୁଝିରଖିବା ଉଚିତ ଯେ, ଏହି ଆଶୀର୍ବାଦଗୁଡ଼ିକ ସର୍ବୋତ୍ତମ ଆଧ୍ୟାତ୍ମିକ ଫଳପ୍ରାପ୍ତି ଲାଗି ଉଦ୍ଦିଷ୍ଟ; ତାହା ଯେ ମନୁଷ୍ୟର ଇଚ୍ଛାନୁରୂପ ହେବା ଅବଶ୍ୟମ୍ଭାବୀ, ସେପରି ନୁହେଁ ।

*

ମୋ'ର ଆଶୀର୍ବାଦ ବିପଦପୂର୍ଣ୍ଣ । ତାହା କଦାପି ଏଇଟି ପାଇଁ ବା ସେଇଟି ପାଇଁ ଅଥବା ଏହି ବ୍ୟକ୍ତିଟିର ସପକ୍ଷରେ ବା ସେହି ବ୍ୟକ୍ତିଟିର ବିପକ୍ଷରେ ବା ସେହି ବସ୍ତୁଟିର ବିପକ୍ଷରେ ହୋଇ ପାରିବ ନାହିଁ । ଏହା ସେଇଥି ପାଇଁ ... ବା, ଆଚ୍ଛା, ମୁଁ କଥାଟିକୁ ଏକ

'oaob.nitrkl.ac.in' images reprocessed

ରହସ୍ୟାତ୍ମକ ଧାରାରେ ବ୍ୟକ୍ତ କରିବି :

ପରମ ପ୍ରଭୁଙ୍କର ଇଚ୍ଛା ଯେପରି ସଂପୂର୍ଣ୍ଣ ବଳ ଓ ଶକ୍ତି ସହିତ ପୂର୍ଣ୍ଣ ହୋଇ ପାରିବ, ଆଶୀର୍ବାଦ ସେଇଥିପାଇଁ ଉଦ୍ଦିଷ୍ଟ । ତେଣୁ ଏକଥା ଆଦୌ ଆବଶ୍ୟକ ନୁହେଁ ଯେ, ଏହି କ୍ଷେତ୍ରରେ ସର୍ବଦା ଏକ ସଫଳତା ମିଳିବହିଁ ମିଳିବ । ଏହି କ୍ଷେତ୍ରରେ ଏକ ବିଫଳତା ମଧ ପ୍ରାପ୍ତ ହୋଇପାରେ,– ଯଦି ପ୍ରଭୁଙ୍କର ସେହିଭଳି ଇଚ୍ଛା ଥାଏ, ତେବେ ତାହାହିଁ ହେବ । ଏବଂ ସେହି ଇଚ୍ଛାଟି ହେଉଛି ଅଗ୍ରଗତି,– ଅର୍ଥାତ୍ ଆନ୍ତର ପ୍ରଗତି । ତେଣୁ, ଯାହାକିଛି ଘଟିବ, ତାହା ସର୍ବୋତ୍ତମ ପରିଣାମ ଲାଗିହିଁ ଘଟିବ ।

*୨୧ ଜାନୁଆରି ୧୯୬୦*

'oaob.nitrkl.ac.in' images reprocessed

## ବିବିଧ ପ୍ରସଙ୍ଗ

ଏକାଧିକ ଦୃଷ୍ଟାନ୍ତରୁ ମୁଁ ଏକଥା ଜାଣିପାରିଛି ଯେ, ମୋ'ର ମୁଖ ହେଉଛି ଏକ ଦର୍ପଣ ପରି ଏବଂ ସେହି ଦର୍ପଣ ଉପରେ ପ୍ରତ୍ୟେକ ବ୍ୟକ୍ତିକୁ ତା' ନିଜ ଅନ୍ତର୍ଗତ ସ୍ଥିତିର ପ୍ରତିରୂପଟି ପ୍ରତିଫଳିତ ହୋଇ ଦିଶି ଯାଉଥାଏ ।

*୨୮ ଜୁନ୍ ୧୯୩୧*

*

ମୋ'ର ଏହିଭଳି ଉତ୍ତର ଦେବାକୁ ମନ ହେଉଛି :

ଏହିସବୁ ଯାବତୀୟ ପରମ୍ପରାରୁ ମୁଁ ଏତେ ଦୂରରେ ରହିଥାଏ ଯେ, ମୁଁ ସେହି ବିଷୟରେ ଆଦୌ କିଛି ଭାବି ମଧ୍ୟ ପାରି ନାହିଁ ।

*୧୬ ମଇ ୧୯୩୨*

*

(୨୪ ଏପ୍ରିଲ୍ ୧୯୨୦ ବିଷୟରେ)

ମୋ'ର ପଣ୍ଡିଚେରୀକୁ ଫେରି ଆସିବାର ବାର୍ଷିକ ସ୍ମରଣଦିବସ,— ସେହି ଦିନଟି ପ୍ରତିକୂଳ ଶକ୍ତିଗୁଡ଼ିକ ଉପରେ ସୁନିଶ୍ଚିତ ପରମବିଜୟର ଏକ ମୂର୍ତ୍ତ ସଙ୍କେତ ହୋଇ ରହିଥିଲା ।

*୨୪ ଏପ୍ରିଲ୍ ୧୯୩୭*

*

"ତୁ କିଏ ?" ପ୍ରତିକୂଳ ଶକ୍ତି ପ୍ରଶ୍ନ କଲା ।

"ମୁଁ ହେଉଛି ସେହି ନିରପେକ୍ଷ ଏବଂ ବିଶ୍ୱସ୍ତ ଦର୍ପଣ, ଯାହା ଉପରେ କି ପ୍ରତ୍ୟେକ ବ୍ୟକ୍ତି ତା'ର ଯଥାର୍ଥ ପ୍ରତିଚ୍ଛବିକୁ ଦେଖି ପାରିବ ।"

*୨୫ ମାର୍ଚ୍ଚ ୧୯୫୨*

*

ବହୁ ପୂର୍ବରୁହିଁ ଅତିମାନସର ଅବତରଣ ଘଟିଥିଲା — ଏକ ସୁଦୀର୍ଘ କାଳ ପୂର୍ବରୁ — ମନ ଓ ପ୍ରାଣିକର କ୍ଷେତ୍ରକୁ ତାହାର ଅବତରଣ ଘଟିଥିଲା : ଶରୀରର ଭୂମିରେ ମଧ୍ୟ ତାହା କାର୍ଯ୍ୟ କରୁଥିଲା, ମାତ୍ର ପରୋକ୍ଷ ଭାବରେ ସେହି ମଧ୍ୟବର୍ତ୍ତୀ ଭୂମିଗୁଡ଼ିକର ମାଧ୍ୟମରେହିଁ କାର୍ଯ୍ୟ କରୁଥିଲା । ତେଣୁ, ଶାରୀରିକ ଭୂମିରେ ଅତିମାନସର ପ୍ରତ୍ୟକ୍ଷ କାର୍ଯ୍ୟ,— ତାହାହିଁ ପ୍ରଶ୍ନ ହୋଇ ରହିଥିଲା । ଶ୍ରୀଅରବିନ୍ଦ କହିଲେ ଯେ, ଏହା ସମ୍ଭବ ହେବ, କେବଳ ଯେତେବେଳେ ଭୌତିକ ମନ ଅତିମାନସ ଆଲୋକକୁ ଲାଭ କରି

'oaob.nitrkl.ac.in' images reprocessed

ପାରିବ : ସ୍ଥୂଳତମ ଭୂମିରେ ସେହି କ୍ରିୟା ସମ୍ଭବ ହେବା ପାଇଁ ଭୌତିକ ମନହିଁ ଯନ୍ତ୍ର ହେବାକୁ ଉଦ୍ଦିଷ୍ଟ ହୋଇ ରହିଥିଲା । ଅତିମାନସ ଆଲୋକକୁ ଗ୍ରହଣ କରୁଥିବା ଏହି ଭୌତିକ ମନକୁ ଶ୍ରୀଅରବିନ୍ଦ ଆଲୋକମୟ ମନ ବୋଲି କହିଥିଲେ ।[§]


୨୯ ଜୁନ୍ ୧୯୫୩

*

ଶ୍ରୀଅରବିନ୍ଦ ନିଜ ଶରୀର ମଧ୍ୟରୁ ଆପଣାକୁ ପ୍ରତ୍ୟାହୃତ କରିନେବା ପରେ, ଯାହାକୁ ସେ ଆଲୋକମୟ ମନ ବୋଲି କହୁଥିଲେ, ମୋ' ଭିତରେ ତାହାର ଉପଲବ୍ଧି ହୋଇଛି ।[§]

*

## ମା'ଙ୍କ ପ୍ରତୀକ



*The central circle represents the Divine Consciousness.*

*The four petals represent the four powers of the Mother.*

*The twelve petals represent the twelve powers of the Mother manifested for Her work.*

ଭିତରର ବୃତ୍ତଟି ଦିବ୍ୟ ପରମଚେତନାର ପ୍ରତିନିଧିତ୍ୱ କରୁଛି ।

ଚାରୋଟି ପାଖୁଡ଼ା ପରମା ଜନନୀଙ୍କର ଚାରି ଶକ୍ତିର ପ୍ରତିନିଧିତ୍ୱ କରୁଛନ୍ତି ।

ବାରୋଟି ପାଖୁଡ଼ା ଆପଣାର କାର୍ଯ୍ୟ ଲାଗି ଆପଣାକୁ ପ୍ରକଟ କରିଥିବା ପରମା ଜନନୀଙ୍କର ବାରୋଟି ଶକ୍ତିକୁ ସୂଚାଇ ଦେଉଛି ।

*

'oaob.nitrkl.ac.in' images reprocessed

କେନ୍ଦ୍ରସ୍ଥ ବୃତ୍ତଟି ମହାଶକ୍ତିଙ୍କର ପ୍ରତିନିଧିତ୍ୱ କରୁଛି ।

ମଝିରେ ଥିବା ଚାରି ପାଖୁଡ଼ା ପରମା ଜନନୀଙ୍କର ଚାରି ଶକ୍ତିକୁ ସୂଚାଇ ଦେଉଛନ୍ତି – ଏବଂ ବାରୋଟି ପାଖୁଡ଼ା ତାଙ୍କର ବାରୋଟି ବିଭୂତିକୁ ।

୧୯୫୫

*

ଏଇଟି ହେଉଛି ସର୍ବୋଚ୍ଚ ପରମ ଚେତନାରୂପୀ ଶୁଭ୍ର ପଦ୍ମର ପ୍ରତୀକାତ୍ମକ ଚିତ୍ର । ସେଥିରେ ମଧ୍ୟସ୍ଥଳରେ ମହାଶକ୍ତି (ବିଶ୍ୱଗତ ସୃଷ୍ଟିରୂପେ ଦିବ୍ୟଜନନୀଙ୍କର ରୂପ) ତାଙ୍କର ଚାରି ବିଭାବ ତଥା ବାର ବିଭୂତିରେ ବିରାଜିତ ରହିଛନ୍ତି ।

*

*ଶ୍ରୀଅରବିନ୍ଦ କହିଛନ୍ତି, "ମନୁଷ୍ୟମନର – ଶିଶୁ, କିଶୋର ତଥା ବୟସ୍କର – ଅଧ୍ୟୟନ ହେଉଛି ଶିକ୍ଷାର ଯଥାର୍ଥ ଭିତ୍ତି ।" ମାତ୍ର ଆମେ ଏହାର ଅଧ୍ୟୟନ କିପରି କରିବା ? ଏଥିପାଇଁ କେଉଁଠାରୁ ଆରମ୍ଭ କରିବାକୁ ପଡ଼ିବ ? ଏହି ଅଧ୍ୟୟନର ବିଭିନ୍ନ ସୋପାନରୂପେ କ'ଣସବୁ ରହିଛି ?*

ମନ ବିଷୟରେ ମୋତେ ତୁମେ କୌଣସି ପ୍ରଶ୍ନ ପଚାର ନାହିଁ । ଏ ବିଷୟରେ ମୋ'ର ଆଉ କୌଣସି ଆଗ୍ରହ ନାହିଁ । ଅଧିମାନସ ସହିତ ସମ୍ମିଳିତ ହେବାରେ ମୁଁ ଆପଣାକୁ ଅଭିନିବେଶିତ କରି ରଖିଛି ।

୯ ଡିସେମ୍ବର ୧୯୭୨

*

*ନାନା ସମସ୍ୟା ଲାଗି ଏକ ସମାଧାନ ପ୍ରାପ୍ତ ହେବାର ଉପାୟଟିକୁ କିପରି ଶିଖାଯାଇ ପାରିବ ?*

ମୁଁ ମନର ସ୍ତରରେ ଏହାର ଉତ୍ତରଟିକୁ ଦେଇ ପାରିବି ନାହିଁ । ଏହାକୁ ଅନ୍ତର୍ଗତ ଭାବରେ ଗ୍ରହଣ କରିବାକୁ ହେବ ।

୧୭ ଫେବ୍ରୁଆରି ୧୯୭୩


*

'oaob.nitrkl.ac.in' images reprocessed

## ମାଆଙ୍କ ଦସ୍ତଖତ




*




The bird of Grace messenger from the Supreme



'oaob.nitrkl.ac.in' images reprocessed

ମୋ'ର ସାହାଯ୍ୟ ତୁମ ଲାଗି ସତତ ମହଜୁଦ ରହିଛି, ସବୁଦିନ ପରି ସକ୍ରିୟ ହୋଇ ରହିଛି। ମାତ୍ର ମୁଁ ଆଉ ମନର ସ୍ତରରେ କୌଣସି ଉତ୍ତର ଦେଉ ନାହିଁ।

*୫ ମାର୍ଚ୍ଚ ୧୯୭୩*

*

*ମୁଁ କିଛି କହେ ବୋଲି ତୁମେ କାହିଁକି ଇଚ୍ଛା କରୁଛ ?*
*ନୀରବତାରେହିଁ ବୃହତ୍ତମ ଶକ୍ତି ନିହିତ ରହିଛି।*

'oaob.nitrkl.ac.in' images reprocessed

## ଅନ୍ୟମାନଙ୍କ ସହିତ ସମ୍ବନ୍ଧ

### "ମୁଁ ତୁମ ସହିତ ରହିଛି"

ପ୍ରତ୍ୟେକ ବ୍ୟକ୍ତିର ଯେତିକି ଭଲପାଇବା ଦରକାର, ମାଆ ସର୍ବଦା ତାକୁ ସେତିକି ଭଲ ପାଇବା ଅବଶ୍ୟ ଦିଅନ୍ତି ।

*୧୧ ଜାନୁଆରି ୧୯୩୩*

*

ମୁଁ ସର୍ବଦା ତୁମର ହୃଦୟରେ ଆସୀନ ହୋଇ ରହିଛି; ସଚେତନ ଭାବରେ ତୁମ ଭିତରେ ବାସ କରୁଛି ।

*୨ ସେପ୍ଟେମ୍ବର ୧୯୩୫*

*

ତୁମେ ନିଜ ହୃଦୟକୁ ଖୋଲିଦିଅ ଏବଂ ଦେଖିବ ଯେ ମୁଁ ପୂର୍ବରୁହିଁ ସେଠାରେ ବିରାଜିତ ରହିଛି ।

*

ଚଞ୍ଚଳ ହୁଅ ନାହିଁ, ନୀରବ ଭାବରେ ଆପଣାର ହୃଦୟରେ ଆପଣାକୁ ଅଭିନିବିଷ୍ଟ କରି ରଖ ଏବଂ ତା'ହେଲେ ତୁମେ ମୋତେ ସେହିଠାରେହିଁ ପାଇବ ।

*୧ ଅକ୍ଟୋବର ୧୯୩୫*

*

ମନ୍ଦିରଟି ମଧରେ ଆହୁରି ଗଭୀରକୁ ଯାଅ, ତୁମେ ମୋତେ ସେହିଠାରେ ପାଇବ ।

*୧୧ ଫେବ୍ରୁଆରି ୧୯୩୮*

*

ଅଭୀପ୍ସା ରଖିଥିବା ସକଳ ଆତ୍ମା ସର୍ବଦାହିଁ ମୋର ପ୍ରତ୍ୟକ୍ଷ ସୁରକ୍ଷା ମଧରେ ରହିଥା'ନ୍ତି ।

*୨୭ ଡିସେମ୍ବର ୧୯୫୭*

*

ଯେଉଁମାନେ ଏକ ଦିବ୍ୟ ଜୀବନ ଲାଗି ନିଜ ଅଭୀପ୍ସାରେ ନିଷ୍ଠାବାନ୍, ମାଆ ସେହି ସମସ୍ତଙ୍କ ପାଖରେ ରହିଛନ୍ତି ।

*୨୬ ମାର୍ଚ୍ଚ ୧୯୭୧*

*

'oaob.nitrkl.ac.in' images reprocessed

*ମାଆ, ମୁଁ ଅବିରାମ ଭାବରେ ନିଜକୁ ତୁମ ପାଖରେ ଅର୍ପଣ କରି ରଖିଛି । ମୁଁ ଏଇଠି, ମାଆ !*

ମୁଁ ତୁମକୁ ମୋ' ହୃଦୟ ଭିତରେ ଜାବୁଡ଼ି ଧରିଛି ଏବଂ ତୁମକୁ ସେହିଠାରେ ନେଇ ରଖିଛି ।

ଅନେକ ଆଶୀର୍ବାଦ । ୫ ଜୁନ୍ ୧୯୭୧

*

*ମାଆ, ମୁଁ ବେଳେ ବେଳେ ଏହି ନୂତନ ସ୍ପନ୍ଦନଟି ମୋ' ଭିତରକୁ ପ୍ରବାହିତ ହୋଇ ଆସୁଥିବା ପରି ଅନୁଭବ କରୁଛି; ସେହି ପ୍ରବାହ ସହିତ ଅମିତ ଶକ୍ତି ଆସି ଅଜାଡ଼ି ହୋଇ ପଡୁଛି । ବଳ, ଶକ୍ତି, ଆନନ୍ଦ ଓ ଆହୁରି ଅଜ୍ଞାତ କେତେ କ'ଣ । – କେତେ ଚମତ୍କାର ଲାଗୁଛି । ମାଆ, ଆପଣ ଏହିଠାରେହିଁ ବିରାଜିତ ରହିଛନ୍ତି ।*

ଅନ୍ତର୍ଗତ ଭାବରେ ମୁଁ ସତତ ତୁମ ସହିତ ରହିଛି ।

ଅନେକ ଆଶୀର୍ବାଦ । *୧୯ ମଇ ୧୯୭୧*

*

ମୁଁ ସର୍ବଦା ଉପସ୍ଥିତ, ତୁମ ପାଖରେ, ତୁମ ଭିତରେ, ଏବଂ ମୋ'ର ଆଶୀର୍ବାଦ ମଧ୍ୟ ମୋ' ସହିତ ଆସିଥାଏ ।

*

ନିଶ୍ଚିତ ହୋଇ ରହିବ ଯେ ମୁଁ ତୁମମାନଙ୍କ ଗହଣରେ ନିରନ୍ତର ବିଦ୍ୟମାନ ରହିଛି; ତୁମମାନଙ୍କର କର୍ମ ଏବଂ ସାଧନାରେ ତୁମମାନଙ୍କୁ ବାଟ ଦେଖାଇ ନେଉଛି ଓ ସାହାଯ୍ୟ କରୁଛି ।

*

ବର୍ତ୍ତମାନ ପାଇଁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ ତୁମେ ଏହିପରି ଭାବରେ ଆପଣାର ଚେତନାକୁ ପ୍ରସାରିତ କର, ଗଭୀର କର; ତେବେ ନିଜ ଭିତରେ ମୋ'ର ସତତ ଉପସ୍ଥିତିକୁ ଅନୁଭବ କରି ପାରିବ । ସେହି ଉପସ୍ଥିତିକୁ ବାସ୍ତବ ଏବଂ ମୂର୍ତ୍ତ ଭାବରେ ଅନୁଭବ କରିପାରିବ ଏବଂ ସେଥିରୁ ତୁମକୁ ଅକ୍ଷୁଣ୍ଣ ଶାନ୍ତି ଉପଲବ୍ଧ ହେବ ।

*

'oaob.nitrkl.ac.in' images reprocessed

ମୋ'ର ସତତ ଓ ଶ୍ରଦ୍ଧାଶୀଳ ଉପସ୍ଥିତି ବିଷୟରେ ସର୍ବଦା ସଜ୍ଞାନ ହୋଇ ରହିଥାଅ ଏବଂ ତେବେ ସବୁକିଛି ଠିକ୍ ହୋଇଯିବ ।

*

ବିଶ୍ୱାସ ରଖିଥାଅ, ମୁଁ ତୁମର ନିକଟରେହିଁ ରହିଛି ।

ମୋ'ର ସକଳ କୋମଳ ଭଲପାଇବା ସହିତ ।

*

ଆଜି ପ୍ରଣାମ ସମୟରେ ମୁଁ ପ୍ରଥମ ଥର ପାଇଁ 'କ' ର ହୃଦୟରେ ପ୍ରବେଶ କରି ପାରିଲି ଏବଂ ସେଠାରେ ମୋ'ର ଏକ ପ୍ରସର୍ଜନ ସ୍ଥାୟୀ ଭାବରେ ରୋପିତ ହୋଇ ରହିଲା ।

୧୪ ଜୁନ୍ ୧୯୩୨

*

ତୁମ ଚେତନାରେ ଘଟିଥିବା ଏହି ଜାଗରଣ ପାଇଁ ମୁଁ ଅତ୍ୟନ୍ତ ଖୁସୀ । ତୁମେ ତାହାର ଅଧିକରୁ ଅଧିକ ବିକାଶ ନିମିତ୍ତ ବାଟ ଛାଡ଼ିଦେବ,– ଅଧିକରୁ ଅଧିକ ଭାବରେ ତାହା କରିବ, ଯେପରିକି ଆଲୋକ ସର୍ବତ୍ର ଭେଦ କରି ପାରିବ,– ଏପରିକି ସବୁଠାରୁ ଅଧିକ ଅନ୍ଧକାରାଚ୍ଛନ୍ନ ହୋଇ ରହିଥିବା କୋଣଗୁଡ଼ିକୁ ମଧ୍ୟ ଭେଦ କରି ପାରିବ ।

ମୋ ସାହାଯ୍ୟ ଓ ସୁରକ୍ଷା ସର୍ବଦା ତୁମ ସହ ରହିଛି ।

୧୭ ଜୁନ୍ ୧୯୩୫

*

ତୁମର ଅଗ୍ରଗତିରେ ଓ ତୁମର କାର୍ଯ୍ୟରେ ସାହାଯ୍ୟ କରିବା ଲାଗି ମୋ'ର ସହାୟତା ସର୍ବଦା ତୁମ ସହିତ ରହିଛି ।

ତୁମେ ଆଜି ଯେଉଁ ଅସୁବିଧାଗୁଡ଼ିକୁ ଅତିକ୍ରମ କରିପାରୁ ନାହଁ, ସେଗୁଡ଼ିକ କାଲି କିଂବା ପରେ ଅତିକ୍ରାନ୍ତ ହୋଇଯିବ ।

*

ମୁଁ ସବୁବେଳେ ଊର୍ଦ୍ଧ୍ୱଦୃଷ୍ଟି ହୋଇ ରହିଥାଏ । ସୌନ୍ଦର୍ଯ୍ୟ ସେହିଠାରେହିଁ ରହିଛି, ଶାନ୍ତି ରହିଛି, ଆଲୋକ ରହିଛି । ସେଗୁଡ଼ିକ ଅବତରଣ ଲାଗି ପ୍ରସ୍ତୁତ ହୋଇ ରହିଛନ୍ତି । ତେଣୁ ତୁମେ ଅନୁକ୍ଷଣ ଅଭୀପ୍ସା ରଖିବ, ଊର୍ଦ୍ଧ୍ୱଦ୍ରଷ୍ଟା ହେବ; ତେବେଯାଇ ପୃଥିବୀପୃଷ୍ଠରେ ସେଗୁଡ଼ିକର ଅଭିବ୍ୟକ୍ତି ସମ୍ଭବ ହେବ ।

ନିମ୍ନଦ୍ରଷ୍ଟା ହୋଇ ତୁମେ କଦାପି ପୃଥିବୀର କୁତ୍ସିତ ବସ୍ତୁଗୁଡ଼ିକ ଉପରେ ଆଖି ପକାଇବ ନାହିଁ । ମୋ' ସହିତ ସର୍ବଦା ଊର୍ଦ୍ଧ୍ୱଦ୍ରଷ୍ଟା ହୋଇ ରହ,– ଯେତେବେଳେ କୌଣସି କାରଣରୁ ଦୁଃଖିତ ହୋଇପଡ଼ିଥିବ, ସେତେବେଳେ ଏହିପରି କରିବ ।

*

'oaob.nitrkl.ac.in' images reprocessed

ତୁମେ ଅତ୍ୟନ୍ତ ନୀରବ ହୋଇ ରୁହ; ତେବେଯାଇ ମୋ'ର ସହାୟତାକୁ ଅନୁଭବ କରିପାରିବ ।

*

ବାବୁରେ, ତୁ ଅଭିଯୋଗ କରୁଛୁ ଯେ ତୁ ମୋତେ କେବଳ ଜଣେ ବନ୍ଧୁ ପରି ଦେଖୁଛୁ... ମାତ୍ର, ଯଦି ତୋ'ର ଏପରି ଜଣେ ବନ୍ଧୁ ରହିଥାଏ, ଯିଏକି ପ୍ରକୃତରେ ଜାଣିଛି, ପ୍ରକୃତରେ ସବୁ କାର୍ଯ୍ୟ କରିଦେଉଛି ଓ ପ୍ରକୃତରେ ଭଲ ପାଉଛି,– ତେବେ ତା'ଠାରୁ ଆଉ ଅଧିକ ଭଲ ସ୍ଥିତି କ'ଣ ହୋଇପାରେ ?

*୨୧ ସେପ୍ଟେମ୍ବର ୧୯୪୫*

*

ଏହା ଅତ୍ୟନ୍ତ ସୁନିଶ୍ଚିତ କଥା ଯେ ତୋତେ ଛାଡ଼ିକରି ଚାଲି ଯିବା ପାଇଁ ମୋ'ର ଆଦୌ କୌଣସି ଅଭିପ୍ରାୟ ନାହିଁ । ତେଣୁ ତୁ ଆଦୌ ବ୍ୟସ୍ତ ହେବୁ ନାହିଁ । ମାତ୍ର ତୁ ଗୋଟିଏ କଥା ଅବଶ୍ୟ ଜାଣିବୁ ଓ ତାହାକୁ କଦାପି ଭୁଲିବୁ ନାହିଁ : ଯାହାକିଛି ସତ୍ୟ ଓ ଯାହାକିଛି ନିଷ୍ଠାଯୁକ୍ତ, ତାହା ଅବଶ୍ୟ ରହିବ । ଯାହା ମିଥ୍ୟା ଓ ଯାହା ନିଷ୍ଠାହୀନ, କେବଳ ତାହାହିଁ ଅନ୍ତର୍ହିତ ହୋଇଯିବ ।

ମୋ' ଲାଗି ତୋ'ର ଆବଶ୍ୟକତା ଯେତିକି ପରିମାଣରେ ନିଷ୍ଠାଯୁକ୍ତ ଏବଂ ପ୍ରକୃତ ହୋଇ ରହିଥିବ, ତାହା ସେତିକି ପରିମାଣରେହିଁ ପୂର୍ଣ୍ଣ ହେବ ।

*୫ ଅକ୍ଟୋବର ୧୯୫୫*

*

ସ୍ନେହାସ୍ପଦେଷୁ,

ତୁମକୁ ମୁଁ ଛାଡ଼ି ଚାଲିଯିବି ବୋଲି ଏହିସବୁ କଥାର ଆଦୌ କୌଣସି ଅର୍ଥ ନାହିଁ ।

ତୁମେ ପ୍ରକୃତରେ କ'ଣ ଓ ପ୍ରକୃତରେ କ'ଣ ନୁହଁ, ମୁଁ ସେକଥା ତୁମ ଅପେକ୍ଷା ଅଧିକ ଭଲ ଭାବରେ ଜାଣିଛି; ଏବଂ, ତୁମେ ଯାହାକୁ ନିଜର ନିମ୍ନତର ପ୍ରାଣ ବୋଲି କହୁଛ, ସେଠାରେ ଲୁକ୍କାୟିତ ହୋଇ ରହିଥିବା ସମ୍ପଦଗୁଡ଼ିକ ବିଷୟରେ ମଧ୍ୟ ମୁଁ ଅବହିତ ରହିଛି ।

ତୁମେ କେବଳ ଏହି ଗୋଟିଏ ସତ କଥା କହୁଛ ଯେ, ଭଲ ପାଇବାର କୌଣସି ସ୍ୱାର୍ଥଗତ ଅଭିପ୍ରାୟ ନାହିଁ, କୌଣସି ସର୍ତ୍ତ ବି ନାହିଁ । ତୁମ ଲାଗି ଶ୍ରୀଅରବିନ୍ଦ ଏବଂ ମୋ'ର ଯେଉଁ ଭଲ ପାଇବା ରହିଛି, ତାହା ଠିକ୍ ଏହିପରି ।

ତେଣୁ ଆମେ ତୁମର ଏହି ନିରର୍ଥକ କଥାଗୁଡ଼ିକୁ ଆଦୌ ଶୁଣିବୁ ନାହିଁ ଏବଂ ସୁନିଶ୍ଚିତ ଭାବରେ ତୁମକୁ ଭଲହିଁ ପାଇବୁ ।

'oaob.nitrkl.ac.in' images reprocessed

ଆଦୌ କୌଣସି ଭୟ ନ ରଖି ମୋ' ପାଖକୁ ଆସ । ମୁଁ ତୁମକୁ କଦାପି ଗାଳି ଦେବି ନାହିଁ ଓ ''ଏଡ଼େ ଏଡ଼େ'' ଆଖିରେ କଦାପି ତୁମ ଆଡ଼କୁ ଅନାଇବି ନାହିଁ ।

*

ଅତ୍ୟନ୍ତ ସ୍ନେହର ପିଲାମୋର,

ତୁମେ ମୋତେ କିଛି କହି ନ ଥିଲେ ମଧ୍ୟ ମୁଁ ଏହି ବିଷୟରେ କିଛି କିଛି ଜାଣିଥିଲି; କେବଳ ଗୋଟିଏ କଥା ପାଇଁ ମୋ' ମନରେ ଦୁଃଖ ହେଲା ଯେ, ତୁମେ ନିଜ ମାଆଙ୍କୁ ଯଥେଷ୍ଟ ପରିମାଣରେ ଭଲପାଇ ପାରିଲ ନାହିଁ କିଂବା ବିଶ୍ୱାସ କରି ପାରିଲ ନାହିଁ ଓ ତେଣୁ ତାଙ୍କୁ ଖୋଲିକରି ସବୁକଥା କହିଲ ନାହିଁ । ଏହାଦ୍ୱାରା ତୁମ ପ୍ରତି ରହିଥିବା ମୋ'ର ଭଲ ପାଇବା ଯେ ବଦଳିଯିବ, ସେକଥା ତୁମେ କିପରି ଚିନ୍ତା କରି ପାରିଲ ?

ବର୍ତ୍ତମାନ ତୁମ ଓ ମୋ' ଭିତରେ ବାଧା ପରି ଠିଆ ହୋଇ ରହିବାକୁ ଆଦୌ କିଛି ନାହିଁ, 'କ' ଓ ତା'ର ମାଆଙ୍କ ମଝିରେ ମଧ୍ୟ କିଛି ନାହିଁ, ଏବଂ ଯଦି ତୁମ ପ୍ରତି ରହିଥିବା ମୋ'ର ଭଲ ପାଇବାରେ ଏକ ବୃଦ୍ଧି ମଧ୍ୟ ସମ୍ଭବ ହୁଏ, ତେବେ ତାହା ପ୍ରକୃତରେ ବର୍ତ୍ତମାନହିଁ ସମ୍ଭବ ହେବ, କାରଣ ତୁମେ ମୋ'ଠାରୁ ତୁମର ପୂର୍ଣ୍ଣ ବିଶ୍ୱାସ ରହିଛି ବୋଲି ପ୍ରମାଣ ଦେଇ ପାରିଛ ।

*

ଶ୍ରୀଅରବିନ୍ଦ ତୁମ ପାଖକୁ ଯାହା ଲେଖିଛନ୍ତି, ତୁମେ ସେହିକଥା ମନେ ରଖିବ । ତୁମ ମନରେ ଏହିସବୁ ଭାବ ଆସିବାବେଳେ ତୁମେ ମାଆଙ୍କ ପାଖରୁ ଦଉଡ଼ି ପଳାଉଛ କାହିଁକି ? ତୁମେ ବରଂ ତାହାର ଓଲଟା କଥାଟାହିଁ କରିବ,– ତାଙ୍କ ପାଖକୁ ଆସିବ ଏବଂ ସିଏ ତୁମକୁ ସହଜରେ ଭଲ କରିଦେଇ ପାରିବ । ସିଏ ତୁମକୁ ଯାହା କହିଛନ୍ତି, ଏହାହିଁ ତା'ର ସାରାଂଶ ।

*

ମୋ'ର ସବୁଠାରୁ ପ୍ରିୟ କୁନି ସନ୍ତାନଟି,

କେତେ ଦୁଃଖର କଥା ଯେ ମୋ' ସୁନାର ଦେହ ଭଲ ନାହିଁ ! ମୁଁ ଆଶା କରୁଛି ଯେ ତୁମେ ବର୍ତ୍ତମାନ ଟିକିଏ ଭଲ ହୋଇ ଆସୁଛ; ମାତ୍ର ତୁମକୁ ସ୍ଥିର ହୋଇ ରହିବାକୁ ହେବ ଏବଂ କାର୍ଯ୍ୟ ଅଥବା ଆଉ କୌଣସି କଥା ବିଷୟରେ ଆଦୌ ଚିନ୍ତା କରିବାକୁ ପଡ଼ିବ ନାହିଁ – ପୂର୍ଣ୍ଣ ଆରୋଗ୍ୟ ଲାଭ ନ କରିଥିବା ପର୍ଯ୍ୟନ୍ତ ତୁମେ କୁଆଡ଼େ ଯାଇ ପାରିବ ନାହିଁ... ଯଦି ଆଜି ଉପରଓଳି ବେଶ୍ ଭଲ ଲାଗେ, ତେବେ ମୋ' ପାଖକୁ ଆସିବ । ମୁଁ ପ୍ରକୃତରେ ଖୁବ୍ ଖୁସୀ ହେବି ।

ମୋ'ର ସକଳ ପ୍ରେମ ଓ ଭଲ ପାଇବା ସହିତ ମୁଁ ତୁମର ପାଖରେହିଁ ରହିଛି,

'oaob.nitrkl.ac.in' images reprocessed

ତୁମକୁ ମୋ'ର ବାହୁ ଭିତରେ ଧରି ରଖିଛି ଏବଂ ତୁମେ ଶୀଘ୍ର, ଅତିଶୀଘ୍ର ଆରୋଗ୍ୟ ଲାଭ କରିବ ବୋଲି ପ୍ରାର୍ଥନା କରୁଛି ।

*

ମୋ'ର ଭଲ ପାଇବା ତାହାର ସକଳ ପ୍ରଗାଢ଼ତା ସହିତ ତୁମର ପାଖେପାଖେ ରହିଛି ଏବଂ, ସେହି ଭଲ ପାଇବାର ପ୍ରଗାଢ଼ତାରେ ମୁଁ ପ୍ରଭୁଙ୍କ ପାଖରେ ଅବିରତ ପ୍ରାର୍ଥନାହିଁ କରିଛି; ସିଏ ତୁମ ଉପରେ ତାଙ୍କର ପରମ କରୁଣାର ବର୍ଷଣ କରନ୍ତୁ ଓ ତୁମ ଭିତରେ ରହିଥିବା ଦିବ୍ୟ ପରମ ଆଲୋକ ଓ ପରମ ଆତ୍ମାଟି ବିଷୟରେ ତୁମକୁ ସଚେତନ କରନ୍ତୁ ଏବଂ ତୁମକୁ ତାଙ୍କରି ସେହି ଉପସ୍ଥିତି ବିଷୟରେ ସର୍ବୋଚ୍ଚ ଉପଲବ୍ଧି ଆଣି ଦିଅନ୍ତୁ ବୋଲି ତାଙ୍କ ପାଖରେ ନିବେଦନ ମଧ କରିଛି ।

*

ସବୁଯାକ ମେଘ କଟିଯାଉ, ଯାବତୀୟ ଆସକ୍ତି ଅନ୍ତର୍ହିତ ହୋଇଯାଉ, ସକଳ ବାଧା ଅପସାରିତ ହେଉ, ଯେପରିକି ତୁମେ ପରିପୂର୍ଣ୍ଣ ଭାବରେ ଏଠାରେ ଏହି ଦିବ୍ୟ ପରମପ୍ରଭୁଙ୍କ ସଦନରେ ମୋ'ର ଅତି ନିକଟରେ ବାସ କରୁଥିବାର ଶାନ୍ତି ତଥା ଆନନ୍ଦଟିକୁ ଅନୁଭବ କରିପାରିବ ।

*

ମୁଁ ଏହି କଥାଟି ତୁମକୁ ଜଣାଇବା ସକାଶେ ବର୍ତ୍ତମାନ ଲେଖୁଛି ଯେ ତୁମକୁ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ପ୍ରତିଦିନ ମୋ'ର ଉପସ୍ଥିତିକୁ ଅନୁଭବ କରିବା ଲାଗି ସମର୍ଥ ହେବାକୁ ପଡ଼ିବ । ମୁଁ ପ୍ରକୃତରେ ଅତ୍ୟନ୍ତ ମୂର୍ତ୍ତ ଭାବରେ ତୁମ ସହିତ ରହିଛି । ତୁମକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରୁଛି,– ଆମେ ଏକାଠି କଥାବାର୍ତ୍ତା ହେଉଛୁ, ଏକ ସୁନ୍ଦର ପାର୍କର ସୌଷମ୍ୟ ବିଷୟରେ ଏକତ୍ର ମନନ କରୁଛୁ; ଯେଉଁ ବୃହତ୍ ଶାନ୍ତି ଆମକୁ ମାନବୀୟ ସକଳ ଦୁଃଖ ଓ କ୍ଲେଶକୁ ଅତିକ୍ରାନ୍ତ କରାଇ ପରମ ପ୍ରଭୁଙ୍କର ଉପସ୍ଥିତି (ସତ୍ୟ) ମଧ୍ୟରେ ଶାଶ୍ୱତ କାଳ ଲାଗି ବାସ କରି ଶିଖାଏ, ତାହାକୁ କିପରି ଅନୁକ୍ଷଣ ଆପଣା ଭିତରେ ଧାରଣ କରି ରଖିବାକୁ ପଡ଼ିବ, ମୁଁ ସେହି ବିଷୟରେ ତୁମକୁ ବୁଝାଇ କହୁଛି ଓ ସେହି ବାଟଟିକୁ ଦେଖାଇ ଦେଉଛି ।

*

ତୁମର ଚିଠି ପାଇଲି । ତୁମ ଲାଗି ମୋ'ର ଗଭୀରତମ ସହାନୁଭୂତି ରହିଛି ।

ଆମକୁ ସେହି ଦିନଟି ଲାଗି ପ୍ରାର୍ଥନା କରିବାକୁ ହେବ, ଯେତେବେଳେ କି ଚେତନାର ଭୂମିରେ ସେହି ପରମ ସତ୍ୟରୂପୀ ଆଲୋକ ପୁନର୍ବାର ଉଦିତ ହୋଇ ଆସିବ । ସେହି ଦିନଟି ଆସି ପହଞ୍ଚିବା ପର୍ଯ୍ୟନ୍ତ ମୋ'ର ସ୍ନେହ ଏବଂ ଆଶୀର୍ବାଦ ତୁମ ଲାଗି ସର୍ବଦା ରହିଛି ।

*

'oaob.nitrkl.ac.in' images reprocessed

ସ୍ନେହର କୁନି ସନ୍ତାନଟି,

ତୁମ ଲାଗି ମୋ'ର ସ୍ନେହ ଅବ୍ୟାହତ ରହିଛି । ମୁଁ ସତତ ଆମ ପରମପ୍ରଭୁଙ୍କ ପାଖରେ ଏହି ପ୍ରାର୍ଥନା କରୁଛି ଯେ, ସିଏ ତୁମକୁ ତୁମ ଭିତରେ ତାଙ୍କର ସଦା-ଉପସ୍ଥିତି ବିଷୟରେ ସଚେତନ କରି ରଖିବେ ଏବଂ ତେଣୁ ମୋ' ସହିତ ତୁମକୁ ଏକାତ୍ମକ କରି ରଖିବେ ।

*

ଏକ ସତତବର୍ଦ୍ଧମାନ ଆଲୋକ ଏବଂ ଶାନ୍ତି ମଧ୍ୟରେ ମୁଁ ସର୍ବଦାହିଁ ତୁମ ସହିତ ରହିଛି ।

ଆଗେଇ ଯାଅ, ପ୍ରେମରେ, ଆନନ୍ଦରେ ଏବଂ ସତତ ଅଧିକରୁ ଅଧିକ ଉଚ୍ଚ ହେବାରେ ଲାଗିଥିବା ଶାନ୍ତିରେ ତୁମେ ସର୍ବଦା ଆଗେଇ ଯିବାରେ ଲାଗିଥାଅ ।

*

ମୋ' ସନ୍ତାନବର୍ଗ ମୋ' ପାଖକୁ ଆଦୌ ପତ୍ର ନ ଲେଖୁଥିଲେ ମଧ ମୁଁ ସେମାନଙ୍କୁ ସମସ୍ତଙ୍କୁ ସମାନ ଭାବରେ ମନେ ରଖିଥାଏ ଓ ସମାନ ଭାବରେ ଭଲ ପାଏ,— ଏବଂ, ମୁଁ ସେମାନଙ୍କ ପାଖକୁ ଆଦୌ କିଛି ନ ଲେଖୁଥିଲେ ମଧ ନିଷ୍ଠାର ସହିତ କରା ଯାଉଥିବା ସକଳ ପ୍ରାର୍ଥନାର ଏକ ଉତ୍ତର ଅବଶ୍ୟ ମିଳେ । ତେଣୁ ତୁମର ଦୁଃଖ ଦୂର ହୋଇଯାଉ ଏବଂ ତୁମେ ପ୍ରସନ୍ନ ହୋଇ ରହ ।

*୨୧ ନଭେମ୍ବର ୧୯୬୨*

*

*ମୁଁ ଭାବୁଛି ଯେ, ଅହରହ, ପ୍ରତ୍ୟେକ ମୁହୂର୍ତ୍ତରେ, ତୁମକୁ କେହି ନା କେହି ଡାକିବାରେ ଲାଗିଛି ଓ ତୁମେ ତାହାର ଜବାବ ଦେଉଛ । ତଦ୍ଵାରା କ'ଣ ତୁମର ନିଦ୍ରା କିଂବା ବିଶ୍ରାମରେ ବ୍ୟାଘାତ ହୁଏ କି ?*

ଦିନରାତି ଶହଶହ ଡାକ ଆସି ପହଞ୍ଚେ — ମାତ୍ର ଚେତନା ସର୍ବଦା ଜାଗରୂକ ରହିଥାଏ ଓ ସେଗୁଡ଼ିକର ଜବାବ ଦିଏ ।

କେବଳ ଭୌତିକ ସ୍ତରରେହିଁ ମଣିଷ କାଳ ଓ ସ୍ଥାନ ଦ୍ଵାରା ସୀମାବଦ୍ଧ ହୋଇ ରହିଥାଏ ।

*୩ ଜାନୁଆରି ୧୯୬୮*

*

'oaob.nitrkl.ac.in' images reprocessed

'କ' ଆମ ଭାବନାରେ ସତତ ରହିଛି ଓ ଆମର ହୃଦୟ ମଧ୍ୟରେ ବାସ କରୁଛି ।

ଭାବନା ପାଇଁ ପୃଥିବୀଟା କେଡ଼େ ଛୋଟ, ହୃଦୟ ପାଇଁ ଦୂରତା ବୋଲି ଆଦୌ କିଛି ନାହିଁ ।

*

ଦିନେ ଦିନେ ଭାରି ଥଣ୍ଡା ଲାଗୁଥିବ ଏବଂ ତୁମେ ମାଆଙ୍କର ଭଲ ପାଇବାକୁ କାନ୍ଧ ଚାରିପାଖରେ ପକାଇ ଘୋଡ଼ାଇ ହେବାକୁ ଇଚ୍ଛା କରୁଥିବ ।

*

*ଦୟାକରି ଆପଣ ବେଳେବେଳେ ମୋ' ବିଷୟରେ ଭାବିବେ ।*

କେବଳ ସେତିକି ! ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅଧିକାଂଶ ସମୟରେହିଁ ମୁଁ ତୁମ ବିଷୟରେ ଭାବେ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୯୭୦*

*

## ''ମୁଁ ତୁମ ସହିତ ରହିଛି''

*''ମୁଁ ତୁମ ସହିତ ରହିଛି'' — ଏହାର ପ୍ରକୃତ ଅର୍ଥ କ'ଣ ?*

*ଯେତେବେଳେ ଆମେ ପ୍ରାର୍ଥନା କରୁଥାଉ ଅଥବା ନିଜ ଭିତରେ କୌଣସି ଏକ ସମସ୍ୟା ସହିତ ସଂଗ୍ରାମ କରିବାରେ ଲାଗିଥାଉ, ସେତେବେଳେ, ଆମର ଯାବତୀୟ ଅଯୋଗ୍ୟତା ଏବଂ ଅପୂର୍ଣତା ସତ୍ତ୍ୱେ, ଏପରିକି ଆମର ଯାବତୀୟ ଅସଦିଚ୍ଛା ଓ ଆମେ କରୁଥିବା ଯାବତୀୟ ଭୁଲ୍ ସତ୍ତ୍ୱେ ଆମର ପ୍ରାର୍ଥନା କ'ଣ ପ୍ରକୃତରେ ଆପଣଙ୍କ କାନରେ ଯାଇ ବାଜେ ? ସେତେବେଳେ କିଏ ତାକୁ ଶୁଣେ ? ଆପଣ, ଯିଏକି ଆମ ପାଖରେ ଅଛନ୍ତି, କ'ଣ ସେଇ ଶୁଣନ୍ତି ?*

*ଏବଂ, ଯିଏ ଶୁଣନ୍ତି, ସିଏ କ'ଣ ଆପଣଙ୍କର ସେହି ସର୍ବୋଚ୍ଚ ଚେତନା, ଏକ ନୈର୍ବ୍ୟକ୍ତିକ ଦିବ୍ୟ ଶକ୍ତି, ଯୋଗରୁ ଲବ୍ଧ ଶକ୍ତିର ଏକ ସ୍ଥିତି, ନା ଆପଣ, ଏକ ଶରୀର ଧରି ରହିଥିବା ଓ ଏହି ଭୌତିକ ଚେତନାରେ ଥିବା ମାଆ ? ଏକ ବ୍ୟକ୍ତିଗତ ଉପସ୍ଥିତି, ଯିଏକି ପ୍ରକୃତରେ ସକଳ ଭାବନା ଓ ସକଳ କର୍ମକୁ ଜାଣିଛି ଓ ଆଦୌ କୌଣସି ଏକ ଅଜ୍ଞାତ ଓ ନାମହୀନ ସତ୍ତା ନୁହେଁ ? ଆପଣ ପ୍ରକୃତରେ*

'oaob.nitrkl.ac.in' images reprocessed

*କିପରି ଓ କେଉଁଭଳି ରୀତିରେ ଆମ ନିକଟରେ ଉପସ୍ଥିତ ରହିଥା'ନ୍ତି, ଆପଣ ଆମକୁ ସେକଥା କହି ପାରିବେ କି ?*

*କୁହା ଯାଇଥାଏ ଯେ ଶ୍ରୀଅରବିନ୍ଦ ଓ ଆପଣ ଗୋଟିଏ ଚେତନାରହିଁ ପ୍ରତିନିଧିତ୍ୱ କରୁଛନ୍ତି; ମାତ୍ର ଶ୍ରୀଅରବିନ୍ଦଙ୍କର ବ୍ୟକ୍ତିଗତ ଉପସ୍ଥିତି ଓ ଆପଣଙ୍କର ବ୍ୟକ୍ତିଗତ ଉପସ୍ଥିତି,– ଏପରି ଦୁଇଟି ଅଲଗା ଅଲଗା କଥା ରହିଛି କି, ଏବଂ ପ୍ରତ୍ୟେକଟି ନିଜନିଜର ସ୍ୱତନ୍ତ୍ର ଭୂମିକା ଗ୍ରହଣ କରୁଛି କି ?*

ମୁଁ ତୁମମାନଙ୍କ ସହିତ ରହିଛି, କାରଣ ମୁଁ କହିଲେ ତୁମମାନଙ୍କୁ ବୁଝାଏ ଓ ତୁମେମାନେ କହିଲେ ଅଭିନ୍ନ ଭାବରେ ମୋତେହିଁ ବୁଝାଏ ।

ମୁଁ ତୁମମାନଙ୍କ ସହିତ ରହିଛି, ଏହି କଥାଟିର ଏକ ପୃଥିବୀବ୍ୟାପୀ କେତେ ନା କେତେ ତାତ୍ପର୍ଯ୍ୟ ରହିଛି,– କାରଣ ତୁମମାନଙ୍କ ସହିତ ମୁଁ ସକଳ ସ୍ତରରେ, ସକଳ ଭୂମିରେ, ସର୍ବୋଚ୍ଚ ଚେତନାର ସ୍ତରଠାରୁ ଆରମ୍ଭ କରି ମୋ'ର ସ୍ଥୂଳତମ ଚେତନାସ୍ତର ପର୍ଯ୍ୟନ୍ତ ସକଳ ଭୂମିରେ ରହିଛି । ଏଠାରେ ପଣ୍ଡିଚେରୀରେ ତୁମେ ମୋ'ର ଚେତନାକୁ ନିଃଶ୍ୱାସରେ ଗ୍ରହଣ ନ କରି ନିଃଶ୍ୱାସ ମଧ୍ୟ ନେଇ ପାରିବ ନାହିଁ । ଏହା ପ୍ରାୟ ସ୍ଥୂଳ ଭାବରେ ସୂକ୍ଷ୍ମଭୌତିକର ଭୂମିରେ ସମସ୍ତ ବାତାବରଣକୁ ଭେଦି କରି ରହିଛି ଏବଂ ଏଠାରୁ ଦଶ କିଲୋମିଟର୍ ପର୍ଯ୍ୟନ୍ତ 'ଲେକ୍' ଯାଏ ବିସ୍ତୃତ ହୋଇ ରହିଛି । ଆହୁରି ଦୂରକୁ ମଧ୍ୟ, ଭୌତିକ ପ୍ରାଣିକର ସ୍ତରରେ ମୋ'ର ଚେତନାକୁ ଅନୁଭବ କରାଯାଇ ପାରିବ ଏବଂ ତା'ପରେ ମନର ସ୍ତରରେ ତଥା ଅନ୍ୟ ଉଚ୍ଚତର ଭୂମିଗୁଡ଼ିକରେ ସର୍ବତ୍ର ଅନୁଭବ କରିହେବ । ଯେତେବେଳେ ମୁଁ ଏଠାକୁ ପ୍ରଥମ ଥର ପାଇଁ ଆସିଥିଲି, ସେତେବେଳେ ଶ୍ରୀଅରବିନ୍ଦଙ୍କର ପରିବେଶଟିକୁ ଅନୁଭବ କରିଥିଲି, ସ୍ଥୂଳ ଭାବରେ, ଦଶ ମାଇଲ ଯାଏ, ଦଶ କିଲୋମିଟର୍ ନୁହେଁ, ମାତ୍ର ସମୁଦ୍ର-ଗଣିତ ହିସାବର ଦଶ ମାଇଲ୍ ଯାଏ ଅନୁଭବ କରି ପାରିଥିଲି । ଏହି ଅନୁଭୂତି ଭାରି ହଠାତ୍ ହୋଇଥିଲା, ଅତ୍ୟନ୍ତ ମୂର୍ତ୍ତ ଭାବରେ ହୋଇଥିଲା; ଏକ ଶୁଦ୍ଧ, ସନ୍ଦୀପନଯୁକ୍ତ ଓ ତୁମକୁ ସତେଅବା ଉପରକୁ ଉଠାଇ ନେଇ ଯାଉଥିବା ଅତ୍ୟନ୍ତ ହାଲୁକା ପରିବେଶର ଅନୁଭବ ହୋଇଥିଲା ।

ତୁମେ ଜାଣ, ଦୀର୍ଘ ଅନେକ ବର୍ଷ ହେଲା ଆଶ୍ରମର ସବୁ ସ୍ଥାନରେ ଶ୍ରୀଅରବିନ୍ଦ ସେହି ସର୍ବବିଦିତ ସ୍ମାରକବାଣୀଟିକୁ ଲଗାଇ ରଖିଛନ୍ତି : "ତୁମେ ଏପରି ଆଚରଣ କରିବ, ସତେଯେମିତି ମାଆ ତୁମଆଡ଼କୁ ଅନାଇ ରହିଛନ୍ତି; କାରଣ, ସିଏ ପ୍ରକୃତରେ ସର୍ବଦାହିଁ ଉପସ୍ଥିତ ରହିଛନ୍ତି ।"

ଏହାକୁ କେବଳ ଗୋଟାଏ ବାକ୍ୟ ଅଥବା କେତେଗୁଡ଼ାଏ ଶବ୍ଦ ବୋଲି ମୋତେ

'oaob.nitrkl.ac.in' images reprocessed

କୁହାଯାଇ ପାରିବ ନାହିଁ । ଏହା ଏକ ପ୍ରକୃତ ସତ୍ୟ । ମୁଁ ଅତ୍ୟନ୍ତ ମୂର୍ତ୍ତ ଭାବରେ ତୁମମାନଙ୍କ ସହିତ ରହିଛି ଏବଂ, ଯେଉଁମାନଙ୍କର ଏକ ସୂକ୍ଷ୍ମଦୃଷ୍ଟି ରହିଛି, ସେମାନେ ମୋତେ ଅବଶ୍ୟ ଦେଖି ପାରୁଛନ୍ତି ।

ସାଧାରଣ ଭାବରେ ମୋ'ର ଶକ୍ତି ଏଠାରେ ସତତ କାର୍ଯ୍ୟ କରୁଛି । ତୁମମାନଙ୍କ ସତ୍ତାକୁ ନାନା ନୂତନ ସମ୍ବନ୍ଧରେ ଆଣି ରଖିବାକୁ ଓ କ'ଣ ସବୁର ପରିବର୍ତ୍ତନ, ବିକାଶ ଏବଂ ପ୍ରତ୍ୟାଖ୍ୟାନ କରିବାକୁ ହେବ, ଯେପରିକି ତୁମେମାନେ ସେକଥାକୁ ଦେଖି ପାରିବ, ସେଥିଲାଗି ତୁମ ସ୍ୱଭାବର ବିଭିନ୍ନ ବିଭାବକୁ ତୁମ ପାଇଁ ବ୍ୟାଖ୍ୟା କରିଦେବାକୁ ସେହି ଶକ୍ତି ତାହାର ମନୋଭୂମିଗତ ଉପାଦାନଗୁଡ଼ିକୁ ଅଦଳବଦଳ କରିବାରେ ଲାଗିଛି ।

ମାତ୍ର ତଦ୍‌ବ୍ୟତୀତ, ତୁମ ଆଉ ମୋ' ଭିତରେ ଏକ ବିଶେଷ ବ୍ୟକ୍ତିଗତ ଡୋର ମଧ୍ୟ ରହିଛି; ଯେଉଁମାନେ ଶ୍ରୀଅରବିନ୍ଦଙ୍କର ଶିକ୍ଷା ଲାଗି ଆଗ୍ରହୀ ହୋଇ ଆସିଛନ୍ତି, ସେମାନଙ୍କ ଓ ମୋ' ଭିତରେ ଏକ ବିଶେଷ ଡୋର ବନ୍ଧାହୋଇ ରହିଛି । ଏବଂ, ତାହା ଅତ୍ୟନ୍ତ ଉତ୍ତମ ଭାବରେ ବୋଧ ହୋଇ ରହିଛି; ଏଠାରେ ଦୂରତାର କୌଣସି ପ୍ରଶ୍ନହିଁ ନାହିଁ, ତୁମେ ଫ୍ରାନ୍ସ୍‌ରେ ଥାଅ, ପୃଥିବୀର ଏକାବେଳେକେ ଅନ୍ୟ ପ୍ରାନ୍ତରେ ଯାଇ ଥାଅ ଅଥବା ଏଠି ପଣ୍ଡିଚେରୀରେ ଥାଅ ପଛକେ, ଏହି ଡୋର ସର୍ବଦା ବାସ୍ତବ ଏବଂ ଜୀବନ୍ତ ହୋଇ ରହିଛି । ଏବଂ, ଯେତେବେଳେ ଏକ ଡାକରା ଆସି ପହଞ୍ଚୁଛି, ଯେପରିକି ମୁଁ ଏକ ଶକ୍ତି, ଏକ ପ୍ରେରଣା, ଏକ ସୁରକ୍ଷା ବା ସେହିପରି ଆଉ କୌଣସି ବସ୍ତୁ ପ୍ରେରଣ କରି ପାରିବି, ସେଥିଲାଗି ଯେତେବେଳେ ମୋ'ର କିଛି ଜାଣିବା ଦରକାର ପଡୁଛି, ସେତେବେଳେ ପ୍ରତ୍ୟେକ କ୍ଷେତ୍ରରେ ମୋ' ପାଖରେ ହଠାତ୍ ଏକ ବାର୍ତ୍ତା ପରି କିଛି ଆସି ପହଞ୍ଚିଯାଉଛି ଓ ମୁଁ ଯାହା କରିବା ଆବଶ୍ୟକ ତାହା କରୁଛି । ଯେକୌଣସି ମୂହୂର୍ତ୍ତରେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଏହିସବୁ ସଂଯୋଗ ସ୍ଥାପିତ ହୋଇ ଯାଉଛି ଏବଂ, ତୁମେମାନେ ଅବଶ୍ୟ ଏକାଧିକ ବାର ଲକ୍ଷ୍ୟ କରିଥିବ ଯେ, ମୁଁ କ'ଣ କହୁଥିବା ଅଥବା କରୁଥିବା ସମୟରେ ହଠାତ୍ ମଝିରେ ଅଟକି ରହିଯାଏ; ଏପରି ହୁଏ, କାରଣ ମୋ' ପାଖରେ ସେହିପରି କିଛି ଆସି ପହଞ୍ଚିଯାଏ; ଏକ ସଂଯୋଗ ସ୍ଥାପିତ ହୋଇଯାଏ ଓ ମୁଁ ଅଭିନିବେଶିତ ହୁଏ ।

ଯେଉଁମାନଙ୍କୁ ମୁଁ ଶିଷ୍ୟରୂପେ ଗ୍ରହଣ କରିଛି, ଯେଉଁମାନଙ୍କୁ ମୁଁ 'ହଁ' ବୋଲି କହିଛି, ସେମାନଙ୍କର କ୍ଷେତ୍ରରେ ଏକ ଡୋରଠାରୁ ଆହୁରି ଅଧିକ କିଛି ରହିଛି, ସେହି କ୍ଷେତ୍ରରେ ମୋ'ର ଏକ ପ୍ରସର୍ଜନ ଉପସ୍ଥିତ ରହିଛି । ଯେତେବେଳେ କୌଣସି ପ୍ରୟୋଜନ ହେଉଛି, ସେତେବେଳେ ସେହି ପ୍ରସର୍ଜନ ମୋତେ ଆସି ସତର୍କ କରି ଦେଉଛି ଏବଂ ଯାହାସବୁ ସେତେବେଳେ ଘଟୁଛି, ମୋତେ ତାହାର ଏକ ବିବରଣୀ ଆଣି ଦେଉଛି । ମୁଁ

'oaob.nitrkl.ac.in' images reprocessed

ବସ୍ତୁତଃ ସତତ ଏହିପରି ସମ୍ବାଦମାନ ପାଉଥାଏ, ମାତ୍ର ସେହି ସବୁଗୁଡ଼ିକ ଯେ ମୋ'ର ସକ୍ରିୟ ସ୍ମରଣ ମଧ୍ୟରେ ଲିପିବଦ୍ଧ ହୋଇ ରହୁଥାଏ, ସେକଥା ଆଦୌ ନୁହେଁ । ତାହା ହେଉଥିଲେ ତ ବନ୍ୟାର ଏକ ପ୍ଲାବନ ହୋଇ ଯାଉଥା'ନ୍ତା; ଏହି କ୍ଷେତ୍ରରେ ଭୌତିକ ଚେତନା ଫିଲ୍‌ଟର୍ ପରି କାର୍ଯ୍ୟ କରେ । ବିଷୟଗୁଡ଼ିକ ଏକ ସୂକ୍ଷ୍ମ ଭୂମିରେ ଲିପିବଦ୍ଧ ହୋଇ ରହେ,– ସେଗୁଡ଼ିକ ସେଠାରେ ଏକ ସୁପ୍ତ ଅବସ୍ଥାରେ ରହିଥାଏ,– ବଜା ହୋଇ ନ ଥିବା କୌଣସି ସଂଗୀତର ରେକର୍ଡ଼ ପରି ସଞ୍ଚିତ ହୋଇ ରହିଥାଏ । ଏବଂ, ଯେତେବେଳେ ନିଜର ଭୌତିକ ଚେତନାରେ ତାହାକୁ ଜାଣିବାକୁ ଇଚ୍ଛା କରେ, ସେତେବେଳେ ମୁଁ ଏହି ସୂକ୍ଷ୍ମ ଭୌତିକ ଭୂମି ସହିତ ସଂଯୋଗ ସ୍ଥାପନ କରେ ଏବଂ ତା'ପରେ ସଙ୍ଗୀତର ରେକର୍ଡ଼ଟି ବୁଲିବାକୁ ଆରମ୍ଭ କରେ । ତା'ପରେ ମୁଁ ବସ୍ତୁଗୁଡ଼ିକର ସ୍ଥିତିକୁ ଦେଖିପାରେ, କାଳର ପରିପ୍ରେକ୍ଷୀ ଉପରେ ସେଗୁଡ଼ିକର ବିକାଶଟି ସହିତ ପରିଚିତ ହୁଏ, ପ୍ରକୃତ ପରିଣାମଟିକୁ ମଧ୍ୟ ଜାଣେ ।

ଏବଂ, ଯଦି କୌଣସି କାରଣବଶତଃ ତୁମେ ମୋ'ର ସାହାଯ୍ୟ ମାଗି ମୋତେ ପତ୍ର ଲେଖ, ଏବଂ ମୁଁ "ମୁଁ ତୁମ ସହିତ ରହିଛି" ବୋଲି ଉତ୍ତର ଦିଏ, ତେବେ ତାହାର ଅର୍ଥ ହେଉଛି ଯେ ତୁମ ସହିତ ସଂଯୋଗର ପ୍ରକ୍ରିୟାଟି ପ୍ରକୃତରେ ସକ୍ରିୟ ହୋଇଛି,– ତୁମେ କିୟତ୍‌କ୍ଷଣ ନିମିତ୍ତ ମୋ'ର ସକ୍ରିୟ ଚେତନା ମଧ୍ୟକୁ ଚାଲିଆସ,– ଯେତିକି ସମୟ ପାଇଁ ଆବଶ୍ୟକ, ସେତିକି ସମୟ ପାଇଁ ଆସ ।

ଏବଂ, ତୁମ ଆଉ ମୋ' ଭିତରେ ରହିଥିବା ଏହି ଡୋର କଦାପି ଛିନ୍ନ ହୁଏ ନାହିଁ । ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ବହୁ ପୂର୍ବରୁ ଆଶ୍ରମ ଛାଡ଼ି ଚାଲିଗଲେଣି,– ସେମାନେ ବିଦ୍ରୋହ କରି ଚାଲି ଯାଇଛନ୍ତି,– ମାତ୍ର ତଥାପି ମୁଁ ସେମାନଙ୍କର ସକଳ ସମ୍ବାଦ ରଖିଥାଏ, ମୁଁ ସେମାନଙ୍କର ପରିଚର୍ଯ୍ୟା କରିଥାଏ । ତୁମେ କେହି କଦାପି ପ୍ରତ୍ୟାଖ୍ୟାତ ହୋଇ ରହିଯାଅ ନାହିଁ ।

ସତକଥା ହେଉଛି, ମୁଁ ନିଜକୁ ପ୍ରତ୍ୟେକ ବ୍ୟକ୍ତି ଲାଗି ଦାୟୀ କରି ରଖିଥାଏ; ଏପରିକି ଯେଉଁମାନଙ୍କ ସହିତ ମୋ'ର ମାତ୍ର ଗୋଟିଏ ସେକେଣ୍ଡ୍ ଲାଗି ଦେଖା ହୋଇଥାଏ, ସେମାନଙ୍କ ଲାଗି ମଧ୍ୟ ମୁଁ ଦାୟୀ ହୋଇ ରହିଥାଏ ।

ବର୍ତ୍ତମାନ ଗୋଟିଏ କଥା ଅବଶ୍ୟ ସ୍ମରଣ ରଖିବ । ଶ୍ରୀଅରବିନ୍ଦ ଏବଂ ମୁଁ ହେଉଛୁ ଅଭିନ୍ନ ଗୋଟିଏ ଚେତନା, ଆମେ ଦୁହେଁ ଅଭିନ୍ନ ଗୋଟିଏ ବ୍ୟକ୍ତି । କେବଳ, ଯେତେବେଳେ ଏହି ଶକ୍ତି ବା ଏହି ଉପସ୍ଥିତି,– ଯାହା ପ୍ରକୃତରେ ଅଭିନ୍ନ,– ଯେତେବେଳେ ତାହା ତୁମର ବ୍ୟକ୍ତି ଚେତନା ମଧ୍ୟଦେଇ ଗତି କରୁଥାଏ, ସେତେବେଳେ ତାହା ଏକ ଆକାର ଗ୍ରହଣ କରେ, ଏକ ରୂପ ଧାରଣ କରେ ଯାହାକି ତୁମର ଅନ୍ତର୍ଗତ ଭାବ ଅନୁସାରେ ଭିନ୍ନ ଭିନ୍ନ

'oaob.nitrkl.ac.in' images reprocessed

ହୋଇଥାଏ; ତୁମର ଅଭୀପ୍ସା, ଆବଶ୍ୟକତା ଏବଂ ତୁମ ସତ୍ତାର କୌଣସି ବିଶେଷ ଅଭିମୁଖୀନତା ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ । ତୁମର ବ୍ୟକ୍ତିଗତ ଚେତନା ହେଉଛି ଏକ ଫିଲ୍‌ଟର୍ ପରି; ଅଥବା, ଯଦି ମୁଁ ଏପରି ବି କହିବି, ତାହା ଏକ ନିର୍ଦ୍ଦେଶକ ପରି । ତାହା ନିଜକୁ ଏକ ନିର୍ବାଚନର ବଶବର୍ତ୍ତୀ କରେ ଏବଂ ଦିବ୍ୟ ସମ୍ଭାବନାର ଅନନ୍ତ ପ୍ରକାର ମଧ୍ୟରୁ ଗୋଟିଏ ସମ୍ଭାବନାକୁ ଠାବ କରିନିଏ । ପ୍ରକୃତ କଥା ହେଉଛି, ପ୍ରତ୍ୟେକ ବ୍ୟକ୍ତି ପରମ ଦିବ୍ୟସତ୍ତାଙ୍କୁ ଯେଉଁପରି ଦେଖିବ ବୋଲି ପ୍ରତ୍ୟାଶା କରୁଥାଏ, ସିଏ ତାହାକୁ ସେହି ରୂପ ଆଣି ଦିଅନ୍ତି । ପରମ ଦିବ୍ୟସତ୍ତା ଅତ୍ୟନ୍ତ କ୍ରୂର ଓ ସେ ଅତ୍ୟନ୍ତ ଦୂର ହୋଇ ରହିଛନ୍ତି ବୋଲି ଯଦି ତୁମେ ବିଶ୍ୱାସ କରୁଥାଅ, ତେବେ ସେ ପ୍ରକୃତରେ କ୍ରୂର ହୁଅନ୍ତି ଓ ଦୂର ହୋଇ ରହନ୍ତି; କାରଣ, ତୁମର ଚରମ କଲ୍ୟାଣ ନିମିତ୍ତହିଁ ତୁମେ ପରମେଶ୍ୱରଙ୍କର କୋପକୁ ଅନୁଭବ କର ବୋଲି ଏକ ଆବଶ୍ୟକତା ରହିଥାଏ । କାଳୀଉପାସକମାନଙ୍କ ପାଇଁ ସେ କାଳୀ, ଭକ୍ତମାନଙ୍କ ପାଇଁ ସେ ପରମାନନ୍ଦ । ଜ୍ଞାନର ଅନ୍ୱେଷକ ସକାଶେ ସିଏ ସର୍ବଜ୍ଞାନମୟ, ମାୟାବାଦୀ ପାଇଁ ବିଶ୍ୱାତୀତ ପରମ ନୈର୍ବ୍ୟକ୍ତିକ । ନାସ୍ତିକ ପାଖରେ ନାସ୍ତିକ, ପ୍ରେମିକ ପାଖରେ ପ୍ରେମ । ଯେଉଁମାନେ ତାଙ୍କୁ ପ୍ରତ୍ୟେକ ଗତି ଓ ପ୍ରତ୍ୟେକ କ୍ରିୟାରେ ପ୍ରତି ମୁହୂର୍ତ୍ତରେ ତାଙ୍କୁ ଅନ୍ତରସ୍ଥ ପଥପ୍ରଦର୍ଶକ ବୋଲି ଅନୁଭବ କରୁଥାନ୍ତି, ସେମାନଙ୍କ ଲାଗି ସେ ସହୋଦରସମ ଓ ଅତ୍ୟନ୍ତ ଅନ୍ତରଙ୍ଗ, ସର୍ବଦା ବିଶ୍ୱସ୍ତ ହୋଇ ରହିଥିବା ଓ ସର୍ବଦା ସାହାଯ୍ୟ କରିବା ଲାଗି ପ୍ରସ୍ତୁତ ହୋଇ ରହିଥିବା ଜଣେ ବନ୍ଧୁ । ଏବଂ, ସିଏ ସବୁକିଛି ମାର୍ଜନା କରିଦେଇ ପାରିବେ ବୋଲି ଯଦି ତୁମେ ବିଶ୍ୱାସ କରୁଥାଅ, ତେବେ ସେ ଅକ୍ଳାନ୍ତ ଭାବରେ ତୁମର ସକଳ ଦୋଷ ତଥା ସକଳ ପ୍ରମାଦକୁ ଅବଶ୍ୟ ମାର୍ଜନା କରି ନେଇଯିବେ ଏବଂ ତୁମେ ସକଳ ମୁହୂର୍ତ୍ତରେ ତାଙ୍କର ସେହି ଅନନ୍ତ ପରମକରୁଣାକୁହିଁ ଅନୁଭବ କରୁଥିବ । ଆପଣାର ଗଭୀରତମ ଅଭୀପ୍ସାର ଭୂମିରେ ପରମ ଦିବ୍ୟସତ୍ତା ଯାହା ହୁଅନ୍ତୁ ବୋଲି ତୁମେ ପ୍ରତ୍ୟାଶା କରୁଥିବ, ସିଏ ବସ୍ତୁତଃ ତାହାହିଁ ହୋଇ ରହିଥିବେ ।

ଏବଂ ଯେତେବେଳେ ତୁମେ ଏହି ଚେତନାଟି ମଧ୍ୟରେ ପ୍ରବେଶ କର, ଯେଉଁଠାରେ କି ତୁମେ ଗୋଟିଏ ମାତ୍ର ଅବଲୋକନରେ ସକଳ ବସ୍ତୁକୁ ପ୍ରତ୍ୟକ୍ଷ କରିପାର, ତୁମେ ଯେତେବେଳେ ଦିବ୍ୟ ପରମସତ୍ତା ଓ ମନୁଷ୍ୟମାନଙ୍କ ମଧ୍ୟରେ ରହିଥିବା ସମ୍ବନ୍ଧଗତ ଅନନ୍ତ ଅନେକତ୍ୱକୁ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କର, ଏହି ସବୁକିଛି, ତାହାର ଯାବତୀୟ କ୍ଷେତ୍ରରେ, ପ୍ରକୃତରେ ଯେ କେଡ଼େ ସୁନ୍ଦର, ତୁମେ ସେତେବେଳେ ତାହା ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କର । ଏହିପରି ଭାବରେ ତୁମେ ମାନବସମାଜର ଇତିହାସ ଭିତରକୁ ମଧ୍ୟ ଦୃଷ୍ଟିପାତ କରିପାରିବ ଏବଂ, ମନୁଷ୍ୟମାନେ ସକଳ ବସ୍ତୁକୁ କିପରି ଭାବରେ ବୁଝୁଛନ୍ତି,

'oaob.nitrkl.ac.in' images reprocessed

କ’ଣ ସବୁ ବାସନା ରଖିଛନ୍ତି, ଆଶା କରିଛନ୍ତି ଓ ସ୍ୱପ୍ନ ଦେଖିଛନ୍ତି, ସେହି ଅନୁସାରେ ଦିବ୍ୟ ପରମସତ୍ତା ପ୍ରକୃତରେ କେତେଦୂର ବିବର୍ତ୍ତିତ ହୋଇ ପାରିଛନ୍ତି ତଥା ସିଏ କିପରି ବସ୍ତୁବାଦୀର ଭୂମିରେ ବସ୍ତୁବାଦୀ ହୋଇ ରହିଥିଲେ ଓ ସେ କିପରି ପ୍ରତିଦିନହିଁ ଅଭିବୃଦ୍ଧି ଲାଭ କରିବାରେ ଲାଗିଛନ୍ତି ଓ ମନୁଷ୍ୟର ଚେତନା ଆପଣାକୁ ଅଧିକରୁ ଅଧିକ ପ୍ରସାରିତ କରି ଆଣିବା ସଙ୍ଗେ ସଙ୍ଗେ ସିଏ କିପରି ଅଧିକ ନିକଟବର୍ତ୍ତୀ ଏବଂ ଅଧିକ ଆଲୋକଯୁକ୍ତ ହୋଇ ଆସୁଛନ୍ତି, ତୁମେ ସେହି କଥାଟିକୁ ଦେଖିବାକୁ ପାଇବ । ଆପଣାର ନିର୍ବାଚନଟିକୁ କରିବା ଲାଗି ପ୍ରତ୍ୟେକ ବ୍ୟକ୍ତିର ସ୍ୱତନ୍ତ୍ରତା ରହିଛି । ଈଶ୍ୱରଙ୍କ ସହିତ ମନୁଷ୍ୟର ରହି ଆସିଥିବା ସମ୍ବନ୍ଧରେ ଏହି ଅସୀମ ବୈଚିତ୍ର୍ୟ ପୃଥିବୀ-ଇତିହାସର ଯୁଗେ ଯୁଗେ କିପରି କ୍ରମପରିପୂର୍ଣ୍ଣତା ଲାଭ କରି ଆସିଛି, ତାହା ପ୍ରକୃତରେ ଏକ ଅନିର୍ବଚନୀୟ ବିସ୍ମୟ ହୋଇ ରହି ଆସିଛି । ଏବଂ, ଏହି ସବୁକିଛିକୁ ଏକତ୍ର କରି ବିଚାର କଲେ ମଧ୍ୟ ତାହାକୁ ପ୍ରକୃତରେ ଦିବ୍ୟ ପରମସତ୍ତାଙ୍କର ସମଗ୍ର ପରିପ୍ରକାଶର କାଳାଧାରଟି ଉପରେ ହୁଏତ କେବଳ ଗୋଟିଏ ମାତ୍ର ସେକେଣ୍ଡ ବୋଲି କୁହାଯାଇ ପାରିବ ।

ତୁମର ଅଭୀପ୍ସା ଅନୁସାରେହିଁ ଦିବ୍ୟ ପରମସତ୍ତା ତୁମ ସହିତ ରହିଛନ୍ତି । ଅତ୍ୟନ୍ତ ସ୍ୱାଭାବିକ ଭାବରେ, ତାହାର କଦାପି ଏପରି ଅର୍ଥ କରାଯାଇ ପାରିବ ନାହିଁ ଯେ ସିଏ ତୁମ ବାହ୍ୟ ସ୍ୱଭାବର ଖିଆଲଗୁଡ଼ାକ ପାଖରେହିଁ ବଶ୍ୟତା ସ୍ୱୀକାର କରୁଛନ୍ତି,— ମୁଁ ଏଠାରେ ତୁମ ସତ୍ତାର ଯଥାର୍ଥ ସତ୍ୟଟି ବିଷୟରେହିଁ କହୁଛି । ଏବଂ ତଥାପି, ବେଳେବେଳେ ସିଏ ତୁମର ବାହ୍ୟସ୍ତରୀୟ ଅଭୀପ୍ସାଗୁଡ଼ିକ ଅନୁସାରେ ମଧ୍ୟ ଆପଣାକୁ ଏକ ରୂପ ଦେଇଥା’ନ୍ତି ଏବଂ ଯଦି, ଭକ୍ତ ଓ ଉପାସକମାନଙ୍କ ସଦୃଶ, ତୁମେ ଭୂମିକା ପରିବର୍ତ୍ତନ କରି ଉଭୟ ବିଚ୍ଛେଦ ଓ ମିଳନ ତଥା ଉଲ୍ଲାସ ଏବଂ ନୈରାଶ୍ୟ ମଧ୍ୟରେ ବାସ କରିବାକୁ ମନ କରୁଥାଅ, ତେବେ ଦିବ୍ୟ ପରମସତ୍ତା ମଧ୍ୟ ତୁମରି ବିଶ୍ୱାସ ଅନୁସାରେ ତୁମଠାରୁ ବିଚ୍ଛିନ୍ନ ହୋଇ ଯାଉଥିବେ ଓ ପୁଣି ତୁମ ସହିତ ଆସି ସମ୍ମିଳିତ ହୋଇ ଯାଉଥିବେ । ଏହିପରି ଭାବରେ ତୁମର ଦୃଷ୍ଟିକୋଣଟି, ଏପରିକି ବାହ୍ୟ ଦୃଷ୍ଟିକୋଣଟି ମଧ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆମ ବିଶ୍ୱାସ ଯେ ପ୍ରକୃତରେ କେଡ଼େ ମହତ୍ତ୍ୱପୂର୍ଣ୍ଣ ଏବଂ ବିଶ୍ୱାସହିଁ କିପରି ଅଲୌକିକକୁ ବାସ୍ତବରେ ପରିଣତ କରି ଆଣିପାରେ, ଲୋକମାନେ ସେକଥା ଆଦୌ ଜାଣି ନାହାନ୍ତି । ଯଦି ତୁମେ ପ୍ରତ୍ୟେକ ମୁହୂର୍ତ୍ତରେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଉତ୍ତୋଳିତ ହୋଇଯିବା ପାଇଁ ଏବଂ ଆକର୍ଷିତ ହେବା ପାଇଁ ଇଚ୍ଛା କରୁଥିବ, ତେବେ ସିଏ ତୁମକୁ ଉଠାଇ ନେବାକୁ ଅବଶ୍ୟ ଆସିବେ ଏବଂ ତୁମର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥିବେ; ପାଖ, ଆହୁରି ପାଖ ଓ ଅଧିକରୁ ଅଧିକ ପାଖ ହୋଇ ଆସୁଥିବେ ।

'oaob.nitrkl.ac.in' images reprocessed

## "ମୋ' ନିକଟରେ ରହିବା"

ପ୍ରକୃତରେ ଏବଂ ଫଳପ୍ରଦ ଭାବରେ ସର୍ବଦା ମୋ'ର ନିକଟବର୍ତ୍ତୀ ହୋଇ ରହିବାକୁ ହେଲେ, ତୁମକୁ ଅଧିକରୁ ଅଧିକ ଆନ୍ତରିକତା ରଖିବାକୁ ପଡ଼ିବ, ମୋ' ପାଖରେ ଅଧିକରୁ ଅଧିକ ଖୋଲା ଏବଂ ସ୍ୱଚ୍ଛ ହେବାକୁ ପଡ଼ିବ। ସମସ୍ତ କପଟତାକୁ ଫିଙ୍ଗିଦେଇ ବାହାରି ଆସ ଏବଂ ଏପରି ଆଦୌ କୌଣସି କଥା ନ କରିବାକୁ ନିଷ୍ପତ୍ତି କରିନିଅ, ଯାହାକୁ କି ତୁମେ ସଙ୍ଗେସଙ୍ଗେ ମୋ'ପାଖକୁ ଆସି କହିଦେଇ ପାରିବ ନାହିଁ।

*

କୌଣସି ପ୍ରକାର ଲଜ୍ଜା ଅନୁଭବ ନ କରି ତୁମେ ମୋ' ଆଗରେ ଯାହାସବୁ କରି ପାରୁଥା'ନ୍ତ, କେବଳ ତାହାହିଁ କର; ଆଦୌ କୌଣସି ସଙ୍କୋଚ ବା ଅସୁବିଧା ଅନୁଭବ ନ କରି ମୋ'ପାଖରେ ଆସି ଯାହା କହି ପାରୁଥା'ନ୍ତ, କେବଳ ତାହାହିଁ କହ।

*

ଅତ୍ୟନ୍ତ ନିଷ୍ଠାଯୁକ୍ତ ଏବଂ ନିଷ୍କପଟ ହୋଇ ରହ, ନିର୍ଭୟରେ ତୁମେ ମୋତେ ଯାହାକିଛି ଦେଖାଇ ନ ପାରିବ, ସେପରି କୌଣସି ବିଷୟକୁ ନିଜ ଭିତରେ ପ୍ରଶ୍ରୟ ଦିଅ ନାହିଁ; ଯାହା କରି ପକାଇଲ ବୋଲି ତୁମକୁ ମୋ' ଆଗରେ ଲଜ୍ଜିତ ଅନୁଭବ କରିବାକୁ ପଡ଼ିବ, ସେପରି କୌଣସି କାର୍ଯ୍ୟ କର ନାହିଁ।

*

ମୋ' ସହିତ ତୁମର ଯାବତୀୟ ସମ୍ବନ୍ଧର କ୍ଷେତ୍ରରେ ତୁମେ ଠିକ୍ ଗୋଟିଏ ସାନ ପିଲା ପରି ସ୍ୱତଃସ୍ଫୂର୍ତ୍ତ ହୋଇ ରହ, ସରଳ ହୋଇ ରହ;— ତାହାହିଁ ତୁମକୁ ବହୁ ଅସୁବିଧାରୁ ସୁରକ୍ଷିତ କରି ରଖିବ।

*

ସରଳ ହୁଅ,<br>
ଖୁସୀ ରହ,<br>
ନୀରବ ହୋଇଯାଅ,<br>
ତୁମର ଯଥାଶକ୍ତି ଅଧିକ ଭଲ ଭାବରେ ନିଜର କାର୍ଯ୍ୟଟିକୁ କର,<br>
ନିଜକୁ ସର୍ବଦା ମୋ' ଆଡ଼କୁ ଉନ୍ମୋଚିତ କରି ରଖିଥାଅ —<br>
ତୁମକୁ କେବଳ ଏତିକି କରିବାକୁହିଁ କୁହାଯାଉଛି।

'oaob.nitrkl.ac.in' images reprocessed

Be simple,
Be happy,
Remain quiet.
Do your work as well as you can.
Keep yourself always open towards me.
This is all that is asked from you.

—

*

## ସ୍ଥୂଳ ସାନ୍ନିଧ୍ୟ

ତୁମ ସହିତ ମୋର ଦେଖା ହେଉଛି କି ନାହିଁ, ସହାୟତାର କ୍ଷେତ୍ରରେ ତଦ୍ୱାରା ଆଦୌ କୌଣସି ପାର୍ଥକ୍ୟ ହୁଏ ନାହିଁ । ସହାୟତା ତ ନିରନ୍ତର ରହିଥିବ ।

*

ତୁମକୁ ନିଜ ମନରୁ ଦୁଇଟି ମିଥ୍ୟାକୁ ଦୂର କରିଦେବାକୁ ପଡ଼ିବ ।

୧) ତୁମେ ମୋ'ଠାରୁ ଯାହାକିଛି ପାଉଛ, ଅନ୍ୟମାନଙ୍କର କ'ଣ ଅଛି ବା ନାହିଁ, ତାହାର ଏହି କଥାଟି ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ । ତୁମ ସହିତ ମୋ'ର ସମ୍ବନ୍ଧ,– ତାହା କେବଳ ତୁମ ଉପରେହିଁ ନିର୍ଭର କରେ । ତୁମର ପ୍ରକୃତ ଆବଶ୍ୟକତା ଏବଂ ସାମର୍ଥ୍ୟ ଅନୁସାରେହିଁ ମୁଁ ତୁମକୁ ଯାବତୀୟ ବସ୍ତୁ ଦେଇଥାଏ । ଏପରିକି, ଏହି କ୍ଷେତ୍ରରେ ମଧ୍ୟ, ତୁମେ ଏକୁଟିଆହିଁ ମୋ'ସହିତ ରହି ଆସିଛ; ଯଦି ଏଠାରେ ଅନ୍ୟମାନେ କେହି ନ ଥା'ନ୍ତେ, ତେବେ ମଧ୍ୟ ତୁମକୁ କଦାପି କିଛି ଅଧିକ ମିଳନ୍ତା ନାହିଁ ।

୨) ଏପରି ଭାବିବା ଏକ ମସ୍ତବଡ଼ ଭୁଲ୍ ଯେ, ଶାରୀରିକ ନିକଟତା ପ୍ରକୃତରେ ଅଗ୍ରଗତି ନିମନ୍ତେ ଏକ ଅପରିହାର୍ଯ୍ୟ ବସ୍ତୁ । ଯଦି ତେଣେ ଅନ୍ତର୍ଗତ ସଂସ୍ପର୍ଶଟି ପ୍ରତିଷ୍ଠିତ ହୋଇ ନ ଥାଏ, ତେବେ ଏହି ନିକଟତା ଦ୍ୱାରା ତୁମର ଆଦୌ କୌଣସି ଲାଭ ହେବ ନାହିଁ । କାରଣ, ସେଇଟି ବ୍ୟତୀତ, ତୁମେ ହୁଏତ ସକାଳୁ ରାତି ପର୍ଯ୍ୟନ୍ତ ମୋ' ସହିତ ରହିଥିବ ଏବଂ ତଥାପି ତୁମର ମୋ' ସାଙ୍ଗରେ ଯଥାର୍ଥରେ ଆଦୌ କୌଣସି ଭେଟ

'oaob.nitrkl.ac.in' images reprocessed

ହେବ ନାହିଁ । କେବଳ ସେହି ଅନ୍ତର୍ଗତ ଉନ୍ମୋଚନ ଏବଂ ସଂସ୍ପର୍ଶ ଦ୍ୱାରାହିଁ ତୁମେ ମୋ'ର ଉପସ୍ଥିତିକୁ ଉପଲବ୍ଧି କରି ପାରିବ ।

*

*ମାଆ ନିଜକୁ ପ୍ରତ୍ୟାହୃତ କରି ନେବା ଦ୍ୱାରା* ଆମ ଲାଗି ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ଆସି ଦେଖା ଦେଇଛି । ଅଧିକାଂଶ ଆଶ୍ରମବାସୀ ଏବଂ ମାଆଙ୍କ ଭିତରେ ଆଗରୁ ମଧ୍ୟ ଯେଉଁ ଶାରୀରିକ ଦୂରତା ରହିଥିଲା, ଏହି ପ୍ରତ୍ୟାହାର ଦ୍ୱାରା ସେହି ଦୂରତା ଆହୁରି ବଢ଼ିଯିବ କି ? ଏବଂ, ମାଆଙ୍କର ଅନୁକ୍ଷଣ ପଥପ୍ରଦର୍ଶନ ବ୍ୟତୀତ ଆଶ୍ରମର କାର୍ଯ୍ୟଗୁଡ଼ିକର ପରିଚାଳନା ସମ୍ଭବ ହେବ କି ? ତାଙ୍କର ଏହି ପ୍ରତ୍ୟାହାରକାଳରେ ସାଧକମାନଙ୍କର ଯଥାର୍ଥ କଲ୍ୟାଣ ବାଧାପ୍ରାପ୍ତ ହେବ ନାହିଁ କି ? ମାଆ ଆଗରୁ ଆମର ଯେପରି ଯତ୍ନ ନେଉଥିଲେ, ବର୍ତ୍ତମାନ ସେପରି ନେଇ ପାରିବେ କି ?*

ତୁମର କଦାପି ଭୁଲିଯିବା ଉଚିତ ନୁହେଁ ଯେ, ପ୍ରତ୍ୟେକ ବ୍ୟକ୍ତି ସ୍ୱୟଂ ପ୍ରକୃତରେ ଯାହା, ଜୀବନରେ ତାହାର ଏକ ଅବିକଳ ଅଭିବ୍ୟକ୍ତି ସହିତହିଁ ତା'ର ଭେଟ ହୋଇଥାଏ । କରୁଣା ଏବଂ ଆଶୀର୍ବାଦ ତୁମ ଲାଗି ସର୍ବଦା ମହଜୁଦ ରହିଛି । ଯେଉଁମାନେ ମୋ'ର ଶକ୍ତି ଉପରେ ନିର୍ଭର କରି ରହିଛନ୍ତି, କେବେ ଦିନେ ମଧ୍ୟ ମୁଁ ସେମାନଙ୍କର ନିୟମିତ ଯତ୍ନ ନେବାରୁ ଆପଣାକୁ ବିରତ କରି ରଖି ନାହିଁ । *୨୨ ମଇ ୧୯୬୨*

*

କାର୍ଯ୍ୟଟିକୁ କର – ମୋ'ର ପ୍ରେରଣା ଏବଂ ପଥପ୍ରଦର୍ଶନ ସର୍ବଦା ତୁମ ସହିତ ରହିବ; ଏବଂ ଯେତେବେଳେ ଆବଶ୍ୟକ ହେବ, ମୁଁ ସେତେବେଳେ ବସ୍ତୁତଃ ତୁମ ସହିତ ଦେଖା କରିବି । ମାତ୍ର, ବର୍ତ୍ତମାନ ମୁଁ ଏହି ଆବଶ୍ୟକତାକୁ ଅଧିକରୁ ଅଧିକ ହ୍ରାସ କରି ଦେବା ପାଇଁ କାର୍ଯ୍ୟ କରୁଛି । କାରଣ, ଅନ୍ତର୍ଗତ ପଥପ୍ରଦର୍ଶନକୁ ଗ୍ରହଣ କରି ପାରିବାର ସାମର୍ଥ୍ୟ କାର୍ଯ୍ୟଟିର ପରିପୂର୍ଣ୍ଣତା ଲାଗି ଏକାନ୍ତ ଅପରିହାର୍ଯ୍ୟ ।

*୨୧ ଡିସେମ୍ବର ୧୯୬୪*

*

---

* ୧୯୬୨ ମସିହା ମାର୍ଚ୍ଚ ୨୦ ତାରିଖଠାରୁ ମାଆ ଆଶ୍ରମର ଉପର ମହଲାରେ ଥିବା ତାଙ୍କର କୋଠରି ଭିତରେ ରହିଲେ; ଆପଣାର ପୂର୍ବର ଦୈନନ୍ଦିନ କାର୍ଯ୍ୟକ୍ରମଟିରୁ ପ୍ରତ୍ୟାହୃତ କରିନେଲେ, ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ପ୍ରତ୍ୟେକ ବ୍ୟକ୍ତି ତାଙ୍କୁ ନିୟମିତ ଦେଖି ପାରୁଥିଲା । ପରେ ସେ ଲୋକମାନଙ୍କୁ ଭେଟିଲେ ସତ, ମାତ୍ର ସ୍ୱତନ୍ତ୍ର ସମୟ ନିର୍ଦ୍ଧାରଣ ଅନୁସାରେ ଭେଟିଲେ ।

'oaob.nitrkl.ac.in' images reprocessed

ବର୍ତ୍ତମାନ ତୁମେ ଏଠାକୁ ଆସିଯିବା ପରେ ଅତୀତକୁ ଭୁଲିଯିବା ଏବଂ ଏଠାରେ ନିଜର କାର୍ଯ୍ୟ ଉପରେ ଆପଣାକୁ ଅଭିନିବେଶିତ କରି ରଖିବା ହେଉଛି ତୁମର ଏକମାତ୍ର କର୍ତ୍ତବ୍ୟ । ଏକଥା ସତ ଯେ, ବର୍ତ୍ତମାନ ପାଇଁ ମୁଁ ତୁମକୁ ନିୟମିତ ଭାବରେ ଭେଟି ପାରିବି ନାହିଁ । ମାତ୍ର ତୁମକୁ ସେହି ଅନ୍ତର୍ଗତ ଯୋଗସୂତ୍ର-ସ୍ଥାପନର ଉପାୟଟିକୁ ଶିକ୍ଷା କରିବାକୁ ପଡ଼ିବ (ଏହାହିଁ ହେଉଛି ମୋ' ପ୍ରତ୍ୟାହାରର ଏକ ମୁଖ୍ୟ କାରଣ) ଏବଂ ତେବେଯାଇ ତୁମେ ନିଶ୍ଚୟ ଜାଣି ପାରିବ ଯେ, ତୁମର ପଥପ୍ରଦର୍ଶନ ଏବଂ ସହାୟତା କରିବା ଲାଗି ମୁଁ ସତତ ତୁମ ସହିତ ରହିଛି ଏବଂ ସୁଚାରୁରୂପେ ନିଜର ସାଧନା କରିପାରିବା ନିମନ୍ତେ ଏଠା ଅପେକ୍ଷା ତୁମକୁ ଆଉ କୌଣସି ସ୍ଥାନରେହିଁ ଏକ ଅଧିକ ଭଲ ପରିବେଶ କଦାପି ପ୍ରାପ୍ୟ ହେବ ନାହିଁ ।

*

ଏପରି କହିବା ହୁଏତ ଅଧିକ ନିର୍ଭୁଲ୍ ହେବ ଯେ, କେତେକ ନିର୍ଦ୍ଦିଷ୍ଟ ଭାବନା, ନିର୍ଦ୍ଦିଷ୍ଟ ଅନୁଭୂତି ଏବଂ କାର୍ଯ୍ୟ ଲୋକମାନଙ୍କୁ ମୋ' ପାଖରୁ ଦୂରକୁ ନେଇଯାଏ ଏବଂ ସଂପୃକ୍ତ ବ୍ୟକ୍ତି ତଥା ମୋ' ଭିତରେ ଯାବତୀୟ ଶାରୀରିକ ନିକଟତା ସତ୍ତ୍ୱେ ବି ଏକ ବ୍ୟବଧାନ ସୃଷ୍ଟି କରିଥାଏ ।

*୧ ମଇ ୧୯୬୮*

*

*ଆପଣଙ୍କ ଉପସ୍ଥିତିରୁ ଆମେ ବିଚ୍ଛିନ୍ନ ହୋଇ ପଡ଼ିଲୁ ବୋଲି ଅନୁଭବ ହେଉଛି; ମାତ୍ର ଏହି ବିଚ୍ଛେଦ କେବଳ ଏକ ଭ୍ରମ ମାତ୍ର, ନୁହେଁ କି ?*

ବସ୍ତୁତଃ ଆଦୌ କୌଣସି ବିଚ୍ଛେଦ ହୋଇ ନାହିଁ, ମାତ୍ର, ଯଦି ଚେତନା ଏକ ଭୁଲ୍ ଦୃଷ୍ଟିକୋଣ ଗ୍ରହଣ କରିନିଏ, ତେବେ ତାହା ନିଜକୁ ଏପରି ଗୋଟିଏ ସ୍ଥିତିକୁ ନେଇଆସେ, ଯେଉଁଥିରେ କି ତାହାର ଏକ ବିଚ୍ଛେଦର ବୋଧ ବା ବିଚ୍ଛେଦର ଅନୁଭବ ହୋଇଥାଏ ।

*

*ଆପଣଙ୍କ ସହିତ ଏକ ସ୍ଥୂଳ ସଂସ୍ପର୍ଶ ରହିବା ଅପରିହାର୍ଯ୍ୟ କି ?*

ନା — ଏହି ଶାରୀରିକ ସଂସ୍ପର୍ଶ ରହିବା ମୋଟେ ଅପରିହାର୍ଯ୍ୟ ନୁହେଁ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁମାନଙ୍କର ଯଥାର୍ଥ ଦୃଷ୍ଟିକୋଣଟି ରହିଛି, ଶାରୀରିକ ସଂସ୍ପର୍ଶ ଦ୍ୱାରା ରୂପାନ୍ତରର କ୍ରିୟାତ୍ମକତାକୁ ଅନୁସରଣ କରିବା ଲାଗି ଅବଶ୍ୟ ସାହାଯ୍ୟ ମିଳିଥାଏ; ମାତ୍ର ଶରୀର ଖୁବ୍ କ୍ୱଚିତ୍ ଏଥିରୁ ଉପକୃତ ହୋଇ ପାରିବାର ସ୍ଥିତିରେ

'oaob.nitrkl.ac.in' images reprocessed

ରହିଥାଏ । ସାଧାରଣତଃ ଜନ୍ମଦିନମାନଙ୍କରେ ତାହା ଅଧିକ ଗ୍ରହଣଶୀଳ ହୋଇଥାଏ ।

*ସେପ୍‌ଟେମ୍ବର ୧୯୭୧*

*

ମୁଁ ଏବେ ଆଉ ଏକ କ୍ରିୟାଶୀଳ ଜୀବନ ଅତିବାହିତ କରୁ ନାହିଁ, ଯଦି ତୁମେ ଉନ୍ମୋଚିତ ରହିଥିବ, ତେବେ ସହାୟତା ଅବଶ୍ୟ ପ୍ରାପ୍ତ ହେବ ।

*୧୪ ଡିସେମ୍ବର ୧୯୭୨*

*

## ପଥପ୍ରଦର୍ଶକର ଭୂମିକା

ଯଦି ତୁମେ ସଂପୂର୍ଣ୍ଣ ନିଷ୍ଠାଯୁକ୍ତ ହୋଇଥିବ, ତେବେ ମୋ' ସହିତ ଏହି କଥାରେ ଅବଶ୍ୟ ସମ୍ମତ ହେବ ଯେ, ମୁଁ ଅତିବେଶୀ ଦେବପ୍ରତିମ ହୋଇ ପଡୁଛି ବୋଲି ନୁହେଁ, ମାତ୍ର ଯଥେଷ୍ଟ ପରିମାଣରେ ଦେବପ୍ରତିମ ହେଉ ନାହିଁ ବୋଲି ତୁମେ ଏକ ଅଭିଯୋଗ କରୁଛ । ଉଦାହରଣ ସ୍ୱରୂପ, ଯଦି ମୋ'ର ବାହ୍ୟ ଶରୀରରେ ମୁଁ ପ୍ରାଚୀନ ଭାରତୀୟ ପରମ୍ପରାରେ କଳ୍ପିତ ହୋଇ ଆସିଥିବା ରୂପଟିକୁ ଗ୍ରହଣ କରିଥା'ନ୍ତି, ତେବେ ତାହା ପ୍ରକୃତରେ କେଡ଼େ ସୁବିଧାର ହୋଇଥା'ନ୍ତା ! ଥରେ କଳ୍ପନା କରି ଦେଖିଲ, ଯଦି ମୋ'ର ଏକାଧିକ ମୁଣ୍ଡ ଓ ବହୁସଂଖ୍ୟକ ବାହୁ ରହିଥା'ନ୍ତା, ଯଦି ମୁଁ ଏକାବେଳେକେ ସର୍ବତ୍ର ଅବସ୍ଥିତ ରହିଥିବାର ଶକ୍ତି ଅର୍ଜନ କରିଥା'ନ୍ତି, ତେବେ ଯେତେବେଳେ 'କ' ମୋ' ନଖର ପ୍ରସାଧନ କରିବାକୁ ଆସୁଥା'ନ୍ତା ଓ ସିଏ ଆସିଲାଣି ବୋଲି ସଙ୍କେତ ଦେବାକୁ ଅତ୍ୟନ୍ତ ଅସୌଜନ୍ୟ ଭାବରେ କବାଟରେ କରାଘାତ କରୁଥା'ନ୍ତା (ମୁଁ ତାକୁ କରାଘାତ ନ କରିବାକୁ କହି ପାରିବି ନାହିଁ, କାରଣ ସିଏ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ଥାଏ), ତେବେ ମୁଁ ତା'ର କାର୍ଯ୍ୟ ନିମନ୍ତେ ଦୁଇଟି ହାତ ପଠାଇ ଦେଇ ପାରୁଥା'ନ୍ତି ଏବଂ ତଥାପି ମୁଁ ମୋ' ସାନ କୋଠରିଟିରେ ମୋ' ପାଖରେ ବସିଥିବା 'ଖ' ର ପ୍ରଶ୍ନଗୁଡ଼ିକର ଉତ୍ତର ମଧ୍ୟ ଦେଇ ପାରୁଥା'ନ୍ତି । ତେବେ ତାହା ପ୍ରକୃତରେ କେଡ଼େ ଚମତ୍କାର କଥା ନ ହୁଅନ୍ତା !...

ତେଣୁ, ତୁମେ ବେଶ୍ ବୁଝି ପାରୁଥିବ, ମୋ'ର ଆଶଙ୍କା ହେଉଛି ଯେ ମୁଁ ଅତିଶୟ ଭାବରେ ମନୁଷ୍ୟ ପରି ହୋଇ ରହିବାର ଭୂମିକାଟିକୁ ଗ୍ରହଣ କରି ନେଇଛି, ଆପଣାକୁ ଅତିଶୟ ଭାବରେ ସମୟ ଓ ସ୍ଥାନ ବିଷୟରେ ମନୁଷ୍ୟ ତିଆରି କରିଥିବା ନିୟମଗୁଡ଼ିକ ଭିତରେ ବାନ୍ଧି ରଖିଛି ଏବଂ ତେଣୁ, ଏକାବେଳେକେ ଅଧେଡ଼ଜନେ କାମ କରିବା ଲାଗି ମୋ'ର କୌଣସି ସାମର୍ଥ୍ୟ ନାହିଁ । *୧୨ ଜାନୁଆରି ୧୯୩୨*

*

'oaob.nitrkl.ac.in' images reprocessed

ହେ ପ୍ରଭୁ, ମୋ'ର ସୀମାବଦ୍ଧତାଗୁଡ଼ିକ ସକାଶେ ମୁଁ ପ୍ରକୃତରେ ଦୁଃଖ ପ୍ରକାଶ କରୁଛି... ମାତ୍ର ସେହିଗୁଡ଼ିକର ମାଧ୍ୟମରେ, ମୋ'ର ସେହିଗୁଡ଼ିକ ରହିଥିବାରୁହିଁ ମନୁଷ୍ୟମାନେ ଆପଣଙ୍କ ପାଖକୁ ଆସି ପାରୁଛନ୍ତି । ସେଗୁଡ଼ିକ ନ ଥିଲେ, ଆପଣ ପ୍ରକୃତରେ ବହୁତ ଦୂର ହୋଇ ରହିଥା'ନ୍ତେ; ସତେ ଯେପରି ଆପଣ ଆଦୌ ଚମମାଂସର ଏକ ଶରୀର ଗ୍ରହଣ କରି ନ ଥିଲେ ଠିକ୍ ସେହିପରି ଅଗମ୍ୟ ହୋଇ ରହିଥା'ନ୍ତେ ।

ଏହି କାରଣରୁହିଁ, ସେମାନେ ଯେଉଁ ଅଗ୍ରଗତି କରି ପାରୁଛନ୍ତି, ତାହା ପ୍ରତ୍ୟେକଟି ମୋ'ଲାଗି ଏକ ଯଥାର୍ଥ ବିମୋଚନରହିଁ ପ୍ରତିନିଧିତ୍ୱ କରୁଛି; କାରଣ, ଆପଣଙ୍କ ଆଡ଼କୁ ସେମାନଙ୍କର ପ୍ରତ୍ୟେକ ପଦକ୍ଷେପ ମୋତେ ଏହି ସୀମାବଦ୍ଧତାଗୁଡ଼ିକ ମଧ୍ୟରୁ ଗୋଟିଏକୁ ବର୍ଜନ କରି ଆସିବାର ଅଧିକାର ପ୍ରଦାନ କରୁଛି ଏବଂ ମୋତେ ଆପଣଙ୍କୁ ଅପେକ୍ଷାକୃତ ଅଧିକ ଯଥାର୍ଥ ଓ ପରିପୂର୍ଣ୍ଣ ଭାବରେ ବ୍ୟକ୍ତ କରିବା ଲାଗି ସମର୍ଥ କରିଆଣୁଛି ।

ଏବଂ ତଥାପି, ଏହି ସୀମାବଦ୍ଧତାଗୁଡ଼ିକୁ ତଥାପି ପରିହାର କରାଯାଇ ପାରିଥା'ନ୍ତା । ମାତ୍ର, ହେ ପ୍ରଭୁ, ସେହି ସ୍ଥିତିରେ, କେବଳ ଯେଉଁମାନେ ଦିବ୍ୟ ପରମସତ୍ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିଛନ୍ତି, ଆପଣଙ୍କ ସହିତ ଆପଣାକୁ ଏକାତ୍ମକ କରି ପାରିଛନ୍ତି,— ଏପରିକି, ହୁଏତ ମାତ୍ର ଗୋଟିଏ ଥର ପାଇଁ,— ହୁଏତ ନିଜ ଭିତରେ ଅଥବା ବିଶ୍ୱ ମଧ୍ୟରେ – ଆମ ପାଖରେ କେବଳ ସେହିମାନଙ୍କୁ ରଖିବାହିଁ ଆବଶ୍ୟକ ହୋଇ ଥାଆନ୍ତା । କାରଣ, ଏହି ଏକାତ୍ମକତା ହେଉଛି ଆମ ଯୋଗର ଅପରିହାର୍ଯ୍ୟ ଭିତ୍ତି; ଏଇଟି ହେଉଛି ଆରମ୍ଭବିନ୍ଦୁ ।

*୧୭ ଜୁଲାଇ ୧୯୩୭*

*

ମାନସିକ ଏବଂ ପ୍ରାଣିକ ସ୍ତରରେ ସେମାନେ ମୋ' ବିଷୟରେ ଯେଉଁ ସଂରଚନାମାନ କରିଛନ୍ତି, ସେମାନେ ସେହିଗୁଡ଼ିକୁହିଁ ଭଲ ପାଉଛନ୍ତି, ମୋତେ ଭଲ ପାଉ ନାହାନ୍ତି । ମୋତେ ଅଧିକରୁ ଅଧିକ ପରିମାଣରେ ସେହି ବାସ୍ତବ ସତ୍ୟଟିର ସମ୍ମୁଖୀନ ହେବାକୁ ପଡୁଛି । ଆପଣାର ଯାବତୀୟ ଆବଶ୍ୟକତା ତଥା ବାସନା ସହିତ ତାଳ ରଖି ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ମୋ'ର ଏକ ବ୍ୟବହାର୍ଯ୍ୟ ପ୍ରତିରୂପ ତିଆରି କରିନେଇଛି ଏବଂ ସେହି ପ୍ରତିରୂପଟି ସହିତହିଁ ତାହାର ଯାହାକିଛି ସମ୍ବନ୍ଧ ରହିଛି; ତାହାରି ମାଧ୍ୟମରେହିଁ ସିଏ ଏହିସବୁ ସଂରଚନାକୁ ଭେଦି ଯେତିକି କ୍ଷୁଦ୍ରପରିମାଣ ବିଶ୍ୱଗତ ଶକ୍ତି ଏବଂ ଆହୁରି କ୍ଷୁଦ୍ରତର ପରିମାଣର ଅତିମାନସ ଶକ୍ତି ଉପଲବ୍ଧ ହୋଇ ପାରୁଛି, ସିଏ କେବଳ ସେତିକି ଗ୍ରହଣ କରି ପାରୁଛି । ଦୁର୍ଭାଗ୍ୟବଶତଃ, ସେମାନେ ମୋ'ର ଶାରୀରିକ ଉପସ୍ଥିତିକୁ ଜାବୁଡ଼ି ରହିବାକୁ ବ୍ୟାକୁଳ ହେଉଛନ୍ତି; ତା' ନ ହେଲେ ମୁଁ ଆପଣାର ଅନ୍ତର୍ଗତ ଏକାନ୍ତତା ମଧ୍ୟକୁ

'oaob.nitrkl.ac.in' images reprocessed

ନିଜକୁ ପ୍ରତ୍ୟାହାର କରିନେଇ ପାରୁଥା'ନ୍ତି ଏବଂ ସେହିଠାରୁହିଁ ନିଜର କାର୍ଯ୍ୟଗୁଡ଼ିକୁ ସ୍ଥିର ଓ ମୁକ୍ତ ଭାବରେ କରିପାରୁଥା'ନ୍ତି; ମାତ୍ର ଏହି ଶାରୀରିକ ବିଦ୍ୟମାନତା ସେମାନଙ୍କ ଲାଗି ଏକ ପ୍ରତୀକ ପରି କାର୍ଯ୍ୟ କରୁଛି ଏବଂ ସେଇଥିପାଇଁ ସେମାନେ ତାହାରି ପାଖରେ ଲାଖି ରହିଛନ୍ତି; କାରଣ, ମୋ'ର ଏହି ଶରୀର ପ୍ରକୃତରେ ଯାହା, ସେମାନଙ୍କର ବସ୍ତୁତଃ ସେଇଟି ସହିତ ଅତ୍ୟନ୍ତ କମ୍ ସଂଯୋଗ ରହିଛି ବା, ତାହା ଚେତନାମୟ ଶକ୍ତିର ଯେଉଁ ବିପୁଳ ଭଣ୍ଡାରର ପ୍ରତିନିଧିତ୍ୱ କରୁଛି, ସେଇଟି ସହିତ ମଧ ସେମାନଙ୍କର ଅତି କମ୍ ସଂସ୍ପର୍ଶ ରହିଛି ।

ଏବଂ, ହେ ଉଚ୍ଚତର ପରମଶକ୍ତି, ବର୍ତ୍ତମାନ ଯେତେବେଳେ ମୋ' ଭିତରକୁ ତୁମର ଅବତରଣ ଘଟୁଛି ଏବଂ ଯେତେବେଳେ ଅଧିକରୁ ଅଧିକ ସମଗ୍ର ଭାବରେ ତୁମେ ମୋ' ଶରୀରର ସମସ୍ତ ଅଣୁ ଭିତରକୁ ଭେଦିଯିବାରେ ଲାଗିଛ, ସେତେବେଳେ ମୋ'ର ଚତୁର୍ଦିଗରେ ରହିଥିବା ଏହି ସବୁକିଛି ଏବଂ ମୋ' ଭିତରେ ରହିଥିବା ଦୂରତା ଅଧିକରୁ ଅଧିକ ବୃଦ୍ଧି ପାଉଥିବା ପରି ମନେ ହେଉଛି ଏବଂ, ଅଧିକରୁ ଅଧିକ ପରିମାଣରେ ଏକ ଉଦ୍‌ଭାସମୟ ଚେତନାର ବାୟୁମଣ୍ଡଳରେ ମୁଁ ସତେଅବା ଭାସି ବୁଲୁଥିବା ପରି ଅନୁଭବ କରୁଛି । ଏହା ଉକ୍ତ ଲୋକମାନଙ୍କର ସମ୍ପୂର୍ଣ୍ଣ ବୋଧାତୀତ ହୋଇ ରହିଛି ।

୧୧ ଜୁନ୍ ୧୯୫୪

*

ହେ ପରମପ୍ରଭୁ, ଯେହେତୁ ମୁଁ କେବଳ ତୁମକୁହିଁ ଭଲ ପାଉଛି, ତେଣୁ ସମସ୍ତଙ୍କ ଭିତରେ ତଥା ପ୍ରତ୍ୟେକ ବ୍ୟକ୍ତି ଭିତରେ ମଧ ମୁଁ କେବଳ ତୁମକୁହିଁ ଭଲ ପାଉଛି । ଏବଂ, ସେମାନଙ୍କ ଭିତରେ ତୁମକୁହିଁ ଭଲ ପାଉଥିବାରୁ, ସେମାନଙ୍କୁ ତୁମ ବିଷୟରେ କିଞ୍ଚିତ୍ ପରିମାଣରେ ସଚେତନ କରାଇ ଆଣିବା ଦ୍ୱାରାହିଁ ମୋ'ର କାର୍ଯ୍ୟର ସାଧନ ହୋଇଯିବ ।

ଆଦୌ କୌଣସି ଅଭିରୁଚି ଏବଂ ପ୍ରତିବନ୍ଧକ ନ ଥାଇ ସେମାନେ କିପରି ଆଉଜଣେ ସେମାନଙ୍କୁ ଭଲ ପାଉ ବୋଲି ବାଟ ଛାଡ଼ିଦେଇ ଶିଖିବେ, ସେମାନଙ୍କ ଲାଗି ଏହାହିଁ ପ୍ରକୃତ ସମସ୍ୟା । ମାତ୍ର, କେବଳ ସେମାନଙ୍କର ନିଜ ରୀତିଟି ବ୍ୟତୀତ ଆଉ କୌଣସି ପ୍ରକାରେ କେହି ସେମାନଙ୍କୁ ଭଲ ପାଉ ବୋଲି ଯେ ସେମାନେ କେବଳ ଚାହୁଁ ନାହାନ୍ତି ତା' ନୁହେଁ, କେବଳ ସେହିମାନଙ୍କର ପସନ୍ଦ ମୁତାବକ ଏକ ଅନ୍ତଃବର୍ତ୍ତୀ ମାଧ୍ୟମ ବାଟଦେଇ ସେହି ଭଲ ପାଇବା ସେମାନଙ୍କ ପାଖକୁ ନ ଆସୁଥିବା ପର୍ଯ୍ୟନ୍ତ ସେମାନେ ନିଜକୁ ଭଲ ପାଇବା ଆଡ଼କୁ ନିଜକୁ ଉନ୍ମୋଚିତ କରି ଦେବାକୁ ମଧ ଆଦୌ ଇଚ୍ଛା କରୁ ନାହାନ୍ତି ।... ଏବଂ ତେଣୁ, ଯାହା କରିବା ନିମନ୍ତେ ପ୍ରକୃତରେ ମାତ୍ର କେତେ ଘଣ୍ଟା, କେତୋଟି ମାସ ଅଥବା କେତୋଟି ବର୍ଷ ଲାଗୁଥା'ନ୍ତା, ତାହା ସାଧ କରି ପାରିବାକୁ ବର୍ତ୍ତମାନ ଶତାବ୍ଦୀ ଶତାବ୍ଦୀ ଲାଗିଯାଉଛି ।

*

'oaob.nitrkl.ac.in' images reprocessed

ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ସହିତ ଏକ ସଚେତନ ସମ୍ପର୍କ ସ୍ଥାପନ କରିବା ପରେ, ମୁଁ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଆପଣାକୁ ନେଇ ବିଲୀନ କରିଦେଉଛି ଏବଂ ତା'ପରେ ମୋ'ର ଶରୀର କେବଳ ଏକ ସଂଯୋଜକ ପଥ ବ୍ୟତୀତ ଆଉ କିଛିହେଲେ ହୋଇ ରହୁ ନାହିଁ, ଯାହାର ମଧ୍ୟଦେଇ କି ସେହି ପରମସତ୍ତା, ସବୁରି ଉପରେ, ପ୍ରତ୍ୟେକ ବ୍ୟକ୍ତି ଉପରେ ତା'ର ସାମର୍ଥ୍ୟ ଅନୁସାରେ, ଆପଣାର ଆଲୋକ, ଆପଣାର ଚେତନା ଏବଂ ଆପଣାର ଆନନ୍ଦକୁ ଆଣି ଅଜାଡ଼ି ଦେଉଛନ୍ତି ।

*

ସବୁଠାରୁ ଅଧିକ ଯତ୍ନର ସହିତ ମୁଁ ତୁମ ପ୍ରତ୍ୟେକଙ୍କ ଭିତରେ ସେହି ଦ୍ୱାରଟିକୁ ଖୋଲିଦେବା ଲାଗି ଚେଷ୍ଟା କରୁଛି, ଯେପରିକି, ଯଦି ତୁମେ ଅତି ଅଳ୍ପ ପରିମାଣରେ ମଧ୍ୟ ଆପଣା ଭିତରେ ଏକ ଅଭିନିବେଶର ପ୍ରୟାସ କରିପାରିବ, ତେବେ ମୋତେ ଖୋଲିଯିବାକୁ ଇଚ୍ଛା କରୁ ନ ଥିବା, କିଳି ହୋଇ ରହିଥିବା ଏକ କବାଟ ଆଗରେ ତୁମମାନଙ୍କୁ ଆଦୌ ଦୀର୍ଘ କାଳ ଅପେକ୍ଷା କରି ରହିବାକୁ ପଡ଼ିବ ନାହିଁ, ଯେଉଁ ଦ୍ୱାରଟି ସକାଶେ କି ତୁମ ପାଖରେ କୌଣସି ଚାବି ନ ଥିବ ଓ ତାହାକୁ କିପରି ଖୋଲିବାକୁ ପଡ଼ିବ, ତୁମେ ସେକଥା ମଧ୍ୟ ଜାଣି ନ ଥିବ ।

ଦ୍ୱାର ଖୋଲା ହୋଇ ରହିଛି; ତୁମକୁ କେବଳ ସେହିଦିଗକୁ ଅନାଇ ଦେଖିବାକୁ ପଡ଼ିବ । ସିଆଡୁ ମୁହଁ ବୁଲାଇ ଆଣିଲେ କଦାପି ହେବ ନାହିଁ ।

*

କାହାର ଗୁରୁ ହେବା ଲାଗି ମୁଁ ଆଦୌ ବ୍ୟାକୁଳ ବା ଉତ୍ସୁକ ନୁହେଁ । ନିଜକୁ ସମସ୍ତଙ୍କର ଜନନୀ ବୋଲି ଅନୁଭବ କରି ସେମାନଙ୍କୁ ମୋ'ର ଭଲ ପାଇବାର ଶକ୍ତି ଦ୍ୱାରାହିଁ ନୀରବରେ ଆଗକୁ ଆଗକୁ ଚାଳିତ କରି ନେଇଯିବା,— ତାହାହିଁ ମୋ' ଲାଗି ଅପେକ୍ଷାକୃତ ଅଧିକ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ସ୍ୱାଭାବିକ କାର୍ଯ୍ୟ ।

*୧୯ ସେପ୍ଟେମ୍ବର ୧୯୬୧*

*

କାହାର ଗୁରୁ ହେବା ଲାଗି ମୁଁ ଆଦୌ ଉତ୍ସୁକ ନୁହେଁ । ବିଶ୍ୱଜନନୀ ରୂପେ ନୀରବରେ ଭଲ ପାଇବାର ମାଧ୍ୟମରେହିଁ କାର୍ଯ୍ୟ କରିବା, ତାହାହିଁ ମୋ'ଲାଗି ସ୍ୱତଃସ୍ଫୂର୍ତ୍ତ ଭାବରେ ଅଧିକ ସ୍ୱାଭାବିକ ।

ମାତ୍ର, ତୁମେ ଯେତେବେଳେ ପ୍ରଶ୍ନଟିକୁ ପଚାରିଛ, ମୁଁ ନିଶ୍ଚୟ ତା'ର ଉତ୍ତର ଦେବି ।

ଯେଉଁ ଦିନଠାରୁ ତୁମେ ଏକ ମନ୍ତ୍ରର ବ୍ୟବହାର କରିବାକୁ ଆରମ୍ଭ କଲ, ସେହି

'oaob.nitrkl.ac.in' images reprocessed

ଦିନଠାରୁ ତାହାକୁ ଫଳଦାୟକ କରିବା ଲାଗି ମୁଁ ତାହା ଭିତରେ ଆବଶ୍ୟକ ଶକ୍ତିଟିକୁ ସଂଚାରିତ କରି ରଖିଥିଲି । ବର୍ତ୍ତମାନ ତୁମେ ଯେତେବେଳେ ଏହି ମନ୍ତ୍ରର ଶବ୍ଦଟିକୁ ପ୍ରକାଶ କରି ଦେଇଛ, ସେତେବେଳେ ମୁଁ ମଧ୍ୟ ସେଇଟି ଭିତରେ ଶକ୍ତିଟିକୁ ଅଧିକ ଦୃଢ଼ଭାବରେ ସଂସ୍ଥାପିତ କରି ରଖିବି ।

*

*ଆପଣଙ୍କ ସହିତ ମୋ'ର ରହିଥିବା ସମ୍ବନ୍ଧ ବିଷୟରେ ଆପଣ କିଭଳି କଳ୍ପନା କରନ୍ତି ?*

ତୁମେ କ'ଣ ବିଶ୍ୱ-ଜନନୀଙ୍କର ସନ୍ତାନ ନୁହେଁ ?

*୨୫ ଜୁଲାଇ ୧୯୭୦*

*

ଏପର୍ଯ୍ୟନ୍ତ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ମୁଁ ଏହି ଦୃଷ୍ଟିକୋଣଟି ପୋଷଣ କରୁଥିଲି ଯେ ମୁଁ ହେଉଛି ସେହି ପରମଜନନୀ, ଯିଏକି ତାଙ୍କର ସ୍ନେହଶୀଳ ବାହୁଯୁଗଳ ମଧ୍ୟରେ ଏହି ବିଶ୍ୱକୁ ବହନ କରି ରହିଛନ୍ତି; ମୁଁ ପ୍ରତ୍ୟେକଙ୍କ ସହିତ ଜଣେ ଜଣେ ଶିଶୁ ସଦୃଶ ବ୍ୟବହାର କରୁଥିଲି, ଯେଉଁମାନଙ୍କୁ କି ସେହି ଜନନୀ ସମାନ ଭାବରେ ସବୁ ସହ୍ୟ କରନ୍ତି । ଏବଂ, ଏଠାରେ ଥିବା ବ୍ୟକ୍ତିମାନେ ମୋତେ ସନ୍ତୁଷ୍ଟ କରିବା ଲାଗି ଯାହାକିଛି କରୁଥିଲେ, ତାହାକୁ ମୁଁ ସେମାନଙ୍କର ଭଲ ପାଇବାରହିଁ ଏକ ନିଦର୍ଶନ ରୂପେ ଗ୍ରହଣ କରି ନେଉଥିଲି ଓ ସେଥିଲାଗି ଭାରି କୃତଜ୍ଞ ଅନୁଭବ କରୁଥିଲି । ଆଜି ମୁଁ ଶିକ୍ଷା କରିପାରିଛି ଯେ, ଅଧିକାଂଶ ନ ହେଲେ ମଧ୍ୟ ଅନେକସଂଖ୍ୟକ ବ୍ୟକ୍ତି ମୋତେ ସେମାନଙ୍କର ଗୁରୁ ଦୃଷ୍ଟିରେ ଦେଖୁଛନ୍ତି ଏବଂ ମୋତେ ସନ୍ତୁଷ୍ଟ କରିବାକୁହିଁ ଭାରି ଉତ୍ସାହିତ ଅନୁଭବ କରୁଛନ୍ତି; କାରଣ, ଗୁରୁଙ୍କୁ ସନ୍ତୁଷ୍ଟ ଓ ପ୍ରସନ୍ନ କରି ରଖିବା ହେଉଛି ସାଧନା-ପଥରେ ପୁଣ୍ୟଫଳ ଲାଭ କରିବାର ସର୍ବୋତ୍ତମ ଉପାୟ । ଏବଂ ତା'ପରେ ମୁଁ ବୁଝିପାରିଛି ଯେ, ଜଣେ ବ୍ୟକ୍ତିକୁ ଯାହା ଅତ୍ୟନ୍ତ ସତ୍ୱର ଭାବରେ ପ୍ରଭୁଙ୍କ ପାଖକୁ ନେଇଯାଇ ପାରିବ ଏବଂ ତାଙ୍କରି ଦିବ୍ୟ ପରମ ଉଦ୍ଦେଶ୍ୟଟିକୁ ସାଧନ କରି ପାରିବ, ପ୍ରତ୍ୟେକ ବ୍ୟକ୍ତି ମଧ୍ୟରୁ ତାହାକୁହିଁ ପ୍ରୋତ୍ସାହିତ କରି ଆଣିବା ହେଉଛି ଗୁରୁର କର୍ତ୍ତବ୍ୟ,— ଏବଂ ଏହି ଶିକ୍ଷାଟି ସକାଶେ ମୁଁ ପ୍ରକୃତରେ ଅତ୍ୟନ୍ତ କୃତଜ୍ଞ ।

*

ପ୍ରତ୍ୟେକ ବ୍ୟକ୍ତିକୁ ନିଜ ମାର୍ଗରେହିଁ ଯିବାକୁ ହେବ; ନିଃସନ୍ଦେହ ଭାବରେ ତାହାହିଁ ତା'ଲାଗି ସର୍ବୋତ୍ତମ ମାର୍ଗ,— ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ତାହାହିଁ ସତ୍ୱରତମ ମାର୍ଗ ।

'oaob.nitrkl.ac.in' images reprocessed

ଯେହେତୁ ମୁଁ ସେହି ମାର୍ଗଟିକୁ ଜାଣିଛି, ସେଇଟିକୁ ସେମାନଙ୍କୁ ଦେଖାଇଦେବା ହେଉଛି ମୋ'ର କର୍ତ୍ତବ୍ୟ ।

*

କୌଣସି ବ୍ୟକ୍ତିକୁ ଦୀକ୍ଷା ଦେଇଛି ବୋଲି ମୁଁ ଯେତେବେଳେ କହେ, ସେତେବେଳେ ତାହାକୁ ଏହି ଅର୍ଥରେ କହିଥାଏ ଯେ, **ଆଦୌ କୌଣସି ଶବ୍ଦର ଉଚ୍ଚାରଣ ନ କରି ମୁଁ** ଏହି ବ୍ୟକ୍ତି ପାଖରେ ନିଜକୁ ଉଦ୍‌ଘାଟିତ କରିଦେଇଛି ଏବଂ ମୁଁ ପ୍ରକୃତରେ ଯାହା, ସେହି ବ୍ୟକ୍ତି ତାହାକୁ ଦେଖିବାକୁ, ଅନୁଭବ କରିବାକୁ ଏବଂ ଜାଣିବାକୁ ମଧ୍ୟ ସମର୍ଥ ହୋଇଛି ।

*

## ''ଯେଉଁଟି ଭଲ ଲାଗୁଛି, ସେଇଟିକୁ କର''

*ଆପଣ ଯାହା ସର୍ବୋତ୍ତମ ବୋଲି ଭାବୁଛନ୍ତି, ମୁଁ କେବଳ ତାହାହିଁ ଚାହେଁ ।*

ଲୋକେ ଯେତେବେଳେ ବିକଳ୍ପ ଭାବରେ ଦୁଇଟି କଥାର ପ୍ରସ୍ତାବ ଦିଅନ୍ତି ଓ ସେମାନେ କେଉଁଟିକୁ କରିବେ ବୋଲି ମୋତେ ପଚାରନ୍ତି, ସେତେବେଳେ, ଯଦି ଗୋଟିଏ ଅନ୍ୟଟିଠାରୁ ଆଦୌ କୌଣସି ପ୍ରକାରେ ଅଧିକ ଭଲ ନ ହୋଇ ଥାଏ, ମୁଁ ''ଯେଉଁଟି ଭଲ ଲାଗୁଛି, ସେଇଟିକୁ କର'' ବୋଲି ଉତ୍ତର ଦେଇଥାଏ ।

*୧୭ ଜାନୁଆରି ୧୯୩୩*

*

''ଯଦି ତୁମେ ଇଚ୍ଛା କରୁଛ'' ବୋଲି କହିବାର ସ୍ପଷ୍ଟତଃ ଏହି ଅର୍ଥ ହେଉଛି ଯେ, ତୁମେ ଯାହା କରିବାକୁ ଇଚ୍ଛା କରୁଛ, ତୁମର ସାଧନା ଲାଗି ତାହାର ପରିଣାମଗୁଡ଼ିକ ହୁଏତ ଆଦୌ ଖୁବ୍ ବେଶୀ ଅନୁକୂଳ ହେବ ନାହିଁ ବୋଲି ଏକ ଆଶଙ୍କା ରହିଛି; ତାହାର ଏପରି ଆଉଗୋଟିଏ ଅର୍ଥ ମଧ୍ୟ ରହିଛି ଯେ, ତୁମେ ଯାହା କରିବ ବୋଲି ଇଚ୍ଛା ରଖିଛ, ତାହାକୁ ନ କରିବା ସକାଶେ, ଆବଶ୍ୟକ ସାମର୍ଥ୍ୟଟିକୁ ଅର୍ଜନ କରିବାକୁ ଯେଉଁ ଅଗ୍ରଗତି ଦରକାର, ତୁମେ ତାହା କରିବା ଲାଗି ପ୍ରକୃତରେ ପ୍ରସ୍ତୁତ ହୋଇ ନାହଁ ।

*୨୯ ମାର୍ଚ୍ଚ ୧୯୩୩*

*

ଏପରି ମନେ ହେଉଛି ଯେ, ମୋ'ର ସିଧା ଏବଂ ପ୍ରତ୍ୟକ୍ଷ ସରଳ କଥାକୁ ବୁଝିବାର କ୍ଷେତ୍ରରେ ତୁମେ ତେଣେ ଅତ୍ୟଧିକ ଭାବରେ ଜଟିଳ ଏବଂ ବକ୍ର ହୋଇ

'oaob.nitrkl.ac.in' images reprocessed

ରହିଛ । ''ଏହା ସବୁଠାରୁ ଭଲ'' ବୋଲି ମୁଁ ଯେତେବେଳେ କହୁଛି, ମୁଁ ତଦ୍ୱାରା ''ଏହାହିଁ ସବୁଠାରୁ ଭଲ'' ବୋଲି ବୁଝୁଛି; ତେଣୁ, ତାହାର ଅର୍ଥ ହେଉଛି ଯେ ସେଇଟିକୁହିଁ ପ୍ରକୃତରେ କରିବାକୁ ପଡ଼ିବ । ଏବଂ, ମୁଁ ଯାହାକୁ ସମର୍ପଣ ବୋଲି କହୁଛି, ତାହାର ଅର୍ଥ ନୁହେଁ ଯେ ମୋ'ର ବ୍ୟବସ୍ଥାଟିର ସମ୍ମୁଖରେ ତୁମେ ଆଉଗୋଟିଏ ପ୍ରତିବ୍ୟବସ୍ଥାର ପ୍ରସ୍ତାବ ଆଣି ବାଢ଼ିଦେବ,– ତାହାର ପ୍ରକୃତ ଅର୍ଥ ହେଉଛି ଯେ, ତୁମେ ପୂର୍ଣ୍ଣ ହୃଦୟର ସହିତ ତାହାକୁ ଗ୍ରହଣ କରିବ ।

ତୁମେ ମୋତେ ଶାନ୍ତି ମାଗୁଛ, ସତେ ଯେମିତି ମୁଁ ତୁମଠାରୁ ସେହି ଶାନ୍ତିକୁ ପ୍ରତ୍ୟାହାର କରି ନେଉଛି – ମାତ୍ର, ଦୟା, ଆସ୍ଥା ଓ ସ୍ଥିର ବିଚାର ସହିତ ମୁଁ ତୁମକୁ ''ଏହା କରିବା ସର୍ବୋତ୍ତମ ହେବ'' ବୋଲି ଲେଖିଥିଲି, ଯଦି ତୁମେ ତାହାର ଉତ୍ତରରେ ସଙ୍ଗେ ସଙ୍ଗେ ''ହଁ ମାଆ, ତେବେ ତାହାହିଁ ହେବ'' ବୋଲି ମୋ'ପାଖକୁ ଲେଖିଥା'ନ୍ତ, ତେବେ ସୁନିଶ୍ଚିତ ଭାବରେ ତୁମେ ନିଜ ଭିତରେ ଏକ ବୃହତ୍ତର ଶାନ୍ତି ଅନୁଭବ କରି ପାରିଥା'ନ୍ତ, ଏବଂ ଏପରିକି ଏକ ମଧୁର ଆନନ୍ଦ ମଧ୍ୟ ଲାଭ କରିଥା'ନ୍ତ ।

*୨୬ ଜୁଲାଇ ୧୯୩୯*

*

*ମୁଁ ଯାହା କରିବି ବୋଲି ଭାବିଥିଲି, ତାହାର ବ୍ୟାଖ୍ୟା କରି ମୁଁ ଦେଇଥିବା ଚିଠିର ଉତ୍ତରରେ ଲିଖିତ ଆପଣଙ୍କର ସର୍ବଶେଷ ପତ୍ରରେ ଲେଖାଅଛି : ''ଯେଉଁଟି ଭଲ ଲାଗୁଛି, ସେଇଟିକୁ କର । ମାତ୍ର, ଯେହେତୁ ତୁମେ ଏ ବିଷୟରେ ମୋ'ର ମତ କ'ଣ ବୋଲି ପଚାରିଛ, ତେଣୁ ମୁଁ କହିବି ଯେ ଏହା ଏକ ନିର୍ବୋଧ କାର୍ଯ୍ୟ ।'' ପରିସ୍ଥିତି ମୋତେ ଏପରି କରିବାକୁ ବାଧ କରୁଛି ବୋଲି ମୁଁ ଭାବୁଛି, କ'ଣ ଏଇଥିପାଇଁ ଏଇଟି ଏକ ନିର୍ବୋଧ କାର୍ଯ୍ୟ ? ଆଉଗୋଟିଏ କଥା : ଆପଣ ଏଥର କାହିଁକି ''ମୋ'ର ଭଲପାଇବା ଓ ଅନେକ ଆଶୀର୍ବାଦ ସହିତ'' ବୋଲି ଲେଖି ନାହାନ୍ତି ? – ଏହି ଶବ୍ଦଗୁଡ଼ିକ ମୋ'ଲାଗି ସର୍ବଦା ପରମ ସମ୍ପଦ ହୋଇ ରହିଥା'ନ୍ତି ଏବଂ ଆପଣଙ୍କର ସବୁ ଚିଠି ତାହାରିଦ୍ୱାରାହିଁ ଶେଷ ହୋଇଥାଏ ।*

''ଏହା ଏକ ନିର୍ବୋଧ କାର୍ଯ୍ୟ'' ବୋଲି ମୁଁ ଯାହା ଲେଖିଥିଲି, ତାହା ପ୍ରଶ୍ନଟିର ଏକାଧିକ ଦିଗର ଉତ୍ତର ଦେଇଥିଲା,– ଏଥିରେ ବାହ୍ୟତମ ପ୍ରଶ୍ନର ଉତ୍ତରଟି ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିଥିଲା । ପରିସ୍ଥିତିମାନେ ମୋତେ ବାଧ କରୁ ନାହାନ୍ତି, ତଥାପି ପରିସ୍ଥିତିମାନେ ବାଧ କରୁଛନ୍ତି ବୋଲି ବିଶ୍ୱାସ କରୁଥିବାକୁ ଏକ ନିର୍ବୋଧତା ବୋଲି ତୁମେ ଯାହା ବିଚାରିଛ, ସେଇଟି ମଧ୍ୟ ଏହାର ଏକ ଅନ୍ୟତମ ଅଂଶ ।

'oaob.nitrkl.ac.in' images reprocessed

ଏଥର ମୁଁ ଜାଣିଶୁଣି "ମୋ'ର ଭଲପାଇବା ଓ ଅନେକ ଆଶୀର୍ବାଦ ସହିତ" ଶବ୍ଦଗୁଡ଼ିକୁ ବାଦ୍ ଦେଇଛି, କାରଣ, ମୁଁ ତୁମର ପ୍ରୟାସଟିକୁ ନିଜର ଆଶୀର୍ବାଦ ଜଣାଉଛି ବୋଲି ତୁମେ ଭାବ ବୋଲି ମୁଁ ଇଚ୍ଛା କରି ନ ଥିଲି – ସେଇଟି ପାଇଁ ମୁଁ ଆଶୀର୍ବାଦ ଦିଏ ନାହିଁ – ତାହାର ଏକମାତ୍ର କାରଣ ହେଉଛି ଯେ ମୁଁ ତାହାକୁ ନିର୍ବୋଧତା ବୋଲି ଭାବୁଛି । ତେଣୁ, ଚିଠିର ଶେଷରେ ମୁଁ ଭଲ ପାଇବା ଓ ଆଶୀର୍ବାଦ ସହିତ ବୋଲି ଲେଖିଲେ ମଧ୍ୟ ତୁମେ କଦାପି ଭ୍ରମରେ ପଡ଼ିବ ନାହିଁ । ଏହିସବୁ ଶବ୍ଦ ପ୍ରକୃତରେ ତୁମର ଆତ୍ମା ଲାଗି ଉଦ୍ଦିଷ୍ଟ, ଏବଂ ବର୍ତ୍ତମାନ ତୁମେ ସେହି ଆତ୍ମା ବିଷୟରେ ଖୁବ୍‌ବେଶୀ ସଚେତନ ରହିଛ ବୋଲି ଆଦୌ କୁହାଯିବ ନାହିଁ । ସେହି କଥାଗୁଡ଼ିକ ତୁମର ବାହ୍ୟ ସତ୍ତା ଲାଗି ଆଦୌ ଉଦ୍ଦିଷ୍ଟ ହୋଇ ରହି ନ ଥାଏ ।

*୧୮ ଜୁନ୍ ୧୯୪୨*

*

*ମୁଁ ଏତେ ବେଶୀ ଭୟ ଅନୁଭବ କରୁଛି କାହିଁକି ?*

କାରଣ ତୁମେ ଭାବୁଛ ଯେ ମୁଁ ନିଜର ଇଚ୍ଛାକୁ ତୁମ ଉପରେ ନେଇ ଲଦିଦେବାକୁ ଇଚ୍ଛା କରୁଛି । ମାତ୍ର ଏହି ଭାବନା ମୋଟେ ଠିକ୍ ନୁହେଁ । ମୁଁ ତ ଓଲଟି ତୁମେ ନିଜେ ନିଷ୍ପତ୍ତି କର ବୋଲି ମୁକ୍ତ କରି ଛାଡ଼ି ଦେବାକୁ ଇଚ୍ଛା କରୁଛି । ମାତ୍ର, ଏଥିରେ କେବଳ ଏତିକି କଥା ରହିଛି ଯେ, ତୁମେ ଯାହା ଦେଖିପାରୁ ନାହଁ ଓ ପୂର୍ବରୁ ଜାଣି ପାରୁନାହଁ, ମୁଁ ତାହା ଜାଣି ପାରୁଛି ଏବଂ ପୂର୍ବରୁ ଦେଖି ପାରୁଛି ଏବଂ ଯାହା ଦେଖୁଛି, ତୁମକୁ କହିଦେଉଛି । ମୋ'ର ଏହି ଜାଣିବାକୁ ତୁମେ କାମରେ ଲଗାଇବ କି ନାହିଁ, ତାହା ତୁମ ଉପରେ ନିର୍ଭର କରେ । ବର୍ଷେ ଅପେକ୍ଷା କରିବା ନିମନ୍ତେ ତୁମେ ଯେଉଁ ନିଷ୍ପତ୍ତି କରିଛ, ତାହା ଏକ ସୁବିବେଚିତ ନିଷ୍ପତ୍ତି ଏବଂ ତୁମେ ଏପରି ମନସ୍ଥ କରିଛ ଜାଣି ମୁଁ ପ୍ରକୃତରେ ଖୁସୀ ।

*୧୩ ଫେବ୍ରୁଆରି ୧୯୫୪*

*

ତୁମକୁ ଯୋଗସାଧନା ପାଇଁ ବାଧ୍ୟ କରିବା ନିମନ୍ତେ କେହି କେବେ ଚିନ୍ତା କରି ନାହାନ୍ତି । ତୁମ ଚତୁର୍ଦ୍ଦିଗସ୍ଥ ସ୍ଥିତି ଉପରେ ବିଜୟ ଲାଭ କରିବାକୁ ଯଦି ତୁମେ ଯୋଗସାଧନା କରିବାକୁ ଇଚ୍ଛା କରୁଥାଅ, ତେବେ ତାହାକୁ ଏକ ଉଚ୍ଚ ଅଥବା କାମ୍ୟ ଲକ୍ଷ୍ୟ ବୋଲି ଆଦୌ କୁହା ଯିବ ନାହିଁ ଏବଂ ସେହି କ୍ଷେତ୍ରରେ ମୁଁ ତୁମକୁ କୌଣସି ସାହାଯ୍ୟ କରିବି ବୋଲି ତୁମର ମୋଟେ ଆଶା କରିବା ଉଚିତ ନୁହେଁ । ପରମ ସତ୍ୟର ଆବିଷ୍କାର କରିବା (ତୁମେ ଯାହାକୁ ସତ୍ୟ ବୋଲି ଭାବୁଛ, ଆଗରୁ ତାହାକୁହିଁ ଯଥାର୍ଥ ସତ୍ୟ ବୋଲି

'oaob.nitrkl.ac.in' images reprocessed

ଗ୍ରହଣ କରିନେଇ ପାରିବ ନାହିଁ) ଓ ତାହାରି ପାଖରେ ନିଜକୁ ସଂପୂର୍ଣ୍ଣ ଭାବରେ ସମର୍ପିତ କରି ରଖିବା ଯଦି ତୁମର ଉଦ୍ଦେଶ୍ୟ ହୋଇଥାଏ, ତେବେ ମୁଁ ଅବଶ୍ୟ ସାହାଯ୍ୟ କରି ପାରିବି । ତେଣୁ ଅସଲ ନିଷ୍ପତ୍ତିର ଦାୟିତ୍ୱ ତୁମରି ହାତରେହିଁ ରହିଛି ।

*୧ ଡିସେମ୍ବର ୧୯୬୧*

*

ବର୍ତ୍ତମାନ ମୁଁ ତୁମକୁ କହିବାକୁ ବାଧ୍ୟ ହେଉଛି ଯେ, ମୁଁ ଏହାକୁ ସମର୍ଥନ କରୁ ନାହିଁ କି ଅସମର୍ଥନ ମଧ୍ୟ କରୁ ନାହିଁ – ଏହି କ୍ଷେତ୍ରରେ କୌଣସି ରୁଚି ନାହିଁ କି ଅରୁଚି ନାହିଁ, କୌଣସି ବାସନା ନାହିଁ ଓ କୌଣସି ବ୍ୟକ୍ତିଗତ ଇଚ୍ଛା ମଧ୍ୟ ନାହିଁ । ଏଠାରେ ପ୍ରତ୍ୟେକର ବ୍ୟାପାରଟିକୁ ବ୍ୟକ୍ତିଗତ ଭାବରେ ଦେଖିବାକୁ ହୋଇଥାଏ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ପ୍ରତ୍ୟେକ ବ୍ୟକ୍ତି ଲାଗି ଯାହା ସର୍ବୋତ୍ତମ, ସେହି ଉତ୍ତରଟିହିଁ ଦିଆ ଯାଇଥାଏ ।

ତୁମେ ନିଜ ପିତାମାତାଙ୍କ ପାଖକୁ ଯାଅ ଏବଂ, ଆଉ ଅନ୍ୟ ସବୁକିଛିଠାରୁ ଦିବ୍ୟ ଜୀବନକୁହିଁ ଯେ ତୁମେ ପ୍ରକୃତ ନିଷ୍ଠାର ସହିତ ଅଧିକ ପରିମାଣରେ ଇଚ୍ଛା କରୁଛ, ସେଠାରେ ତାହା ଦେଖି ପାରିବାକୁ ଏବଂ ନିଷ୍ପତ୍ତି କରିବାକୁ ଅବଶ୍ୟ ସମର୍ଥ ହେବ ।

*୮ ଅକ୍ଟୋବର ୧୯୬୬*

*

ନିଜ ଇଚ୍ଛାକୁ ଅନ୍ୟମାନଙ୍କ ଉପରେ ଲଦି ଦେବାର ମୋ'ର କୌଣସି ଅଭ୍ୟାସ ନାହିଁ ।

ଯଦି ସେମାନେ ନିଜେ ସାହାଯ୍ୟ ମାଗନ୍ତି, ତେବେ ସେହି ସାହାଯ୍ୟ ନିଶ୍ଚୟ ମିଳିବ ।

*୨୪ ଅକ୍ଟୋବର ୧୯୬୭*

*

## "ମୁଁ ଆଦୌ ଅସନ୍ତୁଷ୍ଟ ହୋଇ ନାହିଁ"

ତୁମ ମନରେ ପ୍ରସ୍ତାବନାରୂପେ ଏହି ମନ୍ଦ କଥାଗୁଡ଼ିକର ଉଦୟ ହେଉଥିଲା (ଏହିସବୁ କଥା ଯେ, ମୁଁ ତୁମକୁ ଭଲ ପାଉ ନାହିଁ ଓ ତେଣୁ ତୁମେ ଏଠାରୁ ଚାଲିଯିବାକୁ ଚାହୁଁଛ), ତାହାର କାରଣ ହେଉଛି ଯେ ତୁମେ ମୋ'ର କଥା ମାନୁ ନ ଥିଲ । ମାତ୍ର, ବର୍ତ୍ତମାନ ତୁମେ ଯେତେବେଳେ ମୋ'ର ଇଚ୍ଛା ଅନୁସାରେ କାର୍ଯ୍ୟ କରିବ ବୋଲି ସଂକଳ୍ପ ଗ୍ରହଣ କରିଛ, ତେଣୁ ମନ୍ଦ ପ୍ରସ୍ତାବନାଗୁଡ଼ିକ ମଧ୍ୟ ଏଥର ଅନ୍ତର୍ହିତ ହୋଇଯିବ ।

'oaob.nitrkl.ac.in' images reprocessed

ତୁମ ବିରୋଧରେ ମୋ' ଆଗରେ କେହି କୌଣସି କଥା କହି ନାହାନ୍ତି ।

*୨୪ ଡିସେମ୍ବର ୧୯୩୧*

*

ମୁଁ ଅସନ୍ତୁଷ୍ଟ ହୁଏ ବୋଲି ତୁମ ମନରେ ଏହି ଯେଉଁ ଧାରଣା ରହିଛି, ତାହାକୁ ତୁମକୁ ସମ୍ପୂର୍ଣ୍ଣ ଭାବରେ ଏବଂ ଚିରକାଳ ସକାଶେ ବର୍ଜନ କରିବାକୁ ପଡ଼ିବ । ଏକଥା ମୋତେ ପ୍ରକୃତରେ ଭାରି ବିଚିତ୍ର ଶୁଣାଯାଉଛି । ମନୁଷ୍ୟ ଭିତରେ କୌଣସି ଦୁର୍ବଳତା ଦେଖିଲି ବୋଲି ଯଦି ମୁଁ ଅସନ୍ତୁଷ୍ଟ ହୋଇ ଯାଉ ଥା'ନ୍ତି, ତେବେ ମୁଁ ଯେଉଁ କାର୍ଯ୍ୟ କରୁଛି, ସେହି କାର୍ଯ୍ୟ କରିବା ପାଇଁ ମୋ'ର ଆଦୌ କୌଣସି ଯୋଗ୍ୟତା ନ ଥା'ନ୍ତା ଏବଂ ମୋ'ର ଏହି ପୃଥିବୀପୃଷ୍ଠକୁ ଆଗମନର ପ୍ରକୃତରେ କୌଣସି ଅର୍ଥ ନ ଥା'ନ୍ତା ।

*୧୪ ଜାନୁଆରି ୧୯୩୩*

*

ତୁମେ ପ୍ରଣାମକୁ ଆସିବା ସମୟରେ ମୁଁ ତୁମ ଭିତରେ ଆଦୌ କୌଣସି ମନ୍ଦ କଥା କେବେ ଦେଖି ନାହିଁ । ତୁମର ଅଭୀପ୍ସା ଅତ୍ୟନ୍ତ ସ୍ୱଚ୍ଛ ହୋଇ ରହିଛି ଏବଂ ମୁଁ ସର୍ବଦା ତାହାର ଉତ୍ତର ଦେଉଛି । ଅନ୍ୟ ଲୋକେ ହୁଏତ କ'ଣ କହିବେ, ସେ ବିଷୟରେ ତୁମେ କୌଣସି ଚିନ୍ତା କର ନାହିଁ । ମୁଁ ତୁମ ଉପରେ ସଂପୂର୍ଣ୍ଣ ସନ୍ତୁଷ୍ଟ ଅଛି ଏବଂ ମୋ'ର ଆଶୀର୍ବାଦ ତୁମ ଲାଗି ସର୍ବଦାହିଁ ରହିଛି ।

*୧୫ ଜାନୁଆରି ୧୯୩୬*

*

*ମୁଁ ଅନୁଭବ କଲି ଯେ ଆପଣ ମୋ' ଉପରେ ଖୁବ୍ ବେଶୀ ସନ୍ତୁଷ୍ଟ ନାହାନ୍ତି ।*

ସେସବୁ ମୋଟେ ଠିକ୍ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ଅସୁବିଧାମାନ ରହିଛି ଏବଂ ତାହାକୁ ସେଗୁଡ଼ିକରୁ ମୁକ୍ତ କରି ଆଣିବା ଲାଗି ମୁଁ ଏଠାରେ ରହିଛି ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ।

୨୫ ଫେବ୍ରୁଆରି ୧୯୪୨

*

*ମୋ' ଚିଠିର ଉତ୍ତର ଦେବାକୁ ହୁଏତ ଆପଣ ସମୟ ପାଇ ନାହାନ୍ତି କିଂବା ଉତ୍ତର ଦେବା ଆବଶ୍ୟକ ମନେ କରି ନାହାନ୍ତି । ଆପଣଙ୍କର ଦୃଷ୍ଟିରେ ଆଜି ଏପରି କିଛି ରହିଥିଲା, ଯାହାକୁ କି ମୁଁ ଆଦୌ ଭେଦ କରି ପାରିଲି ନାହିଁ । ସତେଅବା ଆପଣ ମୋତେ ଗାଳି ଦେଉଥିବା ପରି ଦେଖା ଯାଉଥିଲା । ଯଦି*

'oaob.nitrkl.ac.in' images reprocessed

*ଏପରି ହୋଇଥାଏ, ତେବେ ଏହାର କାରଣ କ'ଣ ହୋଇପାରେ, ମୁଁ ସେକଥା ଜାଣି ନାହିଁ । ପ୍ରଣାମ ସହିତ ।*

ଗାଳି ଫାଳି ମୋତେ କିଛି ନୁହେଁ । ଯେଉଁ ଉତ୍ତରଟିକୁ ମୁଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାରୁଥିଲି, ତାହାକୁ 'କ' ହାତରେ ପଠାଇ ଦେଇଥିଲି । ତୁମେ ସେହି ଚିଠିର ପ୍ରାପ୍ତିସ୍ୱୀକାର କରିବ ବୋଲି ପ୍ରତ୍ୟାଶା ମଧ କରୁଥିଲି । ତେଣୁ ସେହିପରି ଅନାଉଥିଲି ।

ଅଧିକ ହୁଏତ ଏତିକି କହିବି ଯେ, ମନୁଷ୍ୟସ୍ତରର ଯାବତୀୟ ସମ୍ବନ୍ଧର କ୍ଷେତ୍ରରେ ସର୍ବଦା ପ୍ରଚ୍ଛନ୍ନ ହୋଇ ରହିଥିବା ଚୈତ୍ୟ ଗତିସ୍ପନ୍ଦନଟି ଉପରେ ଏପରି ନାନା ପ୍ରାଣସ୍ତରୀୟ ଆକର୍ଷଣ ଓ ଆବେଗ ଆବରଣ ପରି ହୋଇ ରହିଥାଏ ଯେ, ସେହି କ୍ଷେତ୍ରରେ ମୋତେ ଯଥେଷ୍ଟ ପରିମାଣରେ ସତର୍କ ହୋଇ ରହିହୁଏ ନାହିଁ ।

ଅନେକ ଆଶୀର୍ବାଦ । *୧୧ ଜାନୁଆରି, ୧୯୪୪*

*

*ମାଆ,*

*ବିଗତ ତିନିଦିନ ହେଲା ପ୍ରଣାମକୁ ଆସିଥିବା ସମୟରେ ଆପଣଙ୍କ ଆଖିରେ ମୁଁ ଆଦୌ କୌଣସି ଅଭିବ୍ୟକ୍ତି ଲକ୍ଷ୍ୟ କରିବାକୁ ସମର୍ଥ ହୋଇ ନାହିଁ । ମୁଁ ଅନୁଭବ କରୁଛି ଯେ ଆପଣ ମୋ' ଉପରେ ଅସନ୍ତୁଷ୍ଟ ହୋଇଛନ୍ତି । ହୁଏତ ମୁଁ କୌଣସି ଭୁଲ୍ କରି ଥାଇପାରେ; ମାତ୍ର ଏଥିରେ ଯଦି କିଛି କଥା ରହିଥାଏ, ତେବେ ଆପଣ ମୋତେ ତାହା କହିବେ ବୋଲି ମୁଁ ପ୍ରାର୍ଥନା କରୁଛି ।*

*ସପ୍ରଣାମ ।*

ତୁମ ପ୍ରତି ମୋ'ର ଦୃଷ୍ଟିକୋଣରେ କୌଣସି ପରିବର୍ତ୍ତନ ଘଟିଥିବାର ମୋତେ ଜଣା ନାହିଁ । ସେପରି ଏକ ପରିବର୍ତ୍ତନର କାରଣ ମଧ ନାହିଁ । ମୋ'ର କେବଳ ଗୋଟିଏ କଥା ମନେ ପଡୁଛି ଯେ, ତୁମେ ଯେତେବେଳେ ଆସିଲ, ସେତେବେଳେ ମୁଁ 'ଖ' ର କଥା ଭାବୁଥିଲି; ଏବଂ ପ୍ରସଙ୍ଗଗୁଡ଼ିକ ବିଷୟରେ ତୁମେ ପ୍ରକୃତରେ କେତେଦୂର ଅବହିତ ରହିଛ, ମନେମନେ ମୁଁ ସେହି କଥା ପଚାରିବାରେ ଲାଗିଲି । ତୁମ ଉପରେ ଅସନ୍ତୁଷ୍ଟ ହେବା ବିଷୟରେ କହିବାକୁ ଗଲେ, ମୁଁ କେଉଁଠାରେ ତାହାର କୌଣସି ସଙ୍କେତ ମଧ ଦେଖୁ ନାହିଁ ଏବଂ ମୁଁ ନିଶ୍ଚିତ ଭାବରେ କହି ପାରିବି ଯେ, ମୁଁ ଆଦୌ ଅସନ୍ତୁଷ୍ଟ ହୋଇ ନାହିଁ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୫ ସେପ୍ଟେମ୍ବର ୧୯୪୫*

*

'oaob.nitrkl.ac.in' images reprocessed

*ମାଆ,*

*ମୁଁ ଅନୁଭବ କରୁଛି ଯେ ମୁଁ ଆପଣଙ୍କୁ ଅସନ୍ତୁଷ୍ଟ କରି ପକାଇଛି । ଏହାର କାରଣ ଯାହା ହୋଇଥାଉ ନା କାହିଁକି, ମୁଁ ସେଥିପାଇଁ ଅତ୍ୟନ୍ତ ଦୁଃଖିତ । ମୋତେ ଏଥିଲାଗି ଭାରି ଖରାପ ଲାଗୁଛି । ଆପଣଙ୍କ ପ୍ରତି ମୋ'ର ଶ୍ରଦ୍ଧା ଯେ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି, ସେକଥା ଆପଣଙ୍କ ଆଗରେ କହିବା ବାହୁଲ୍ୟମାତ୍ର ହେବ । ସପ୍ରଣାମ ।*

ମୋ'ର ପ୍ରିୟ ସନ୍ତାନ,

ମୋତେ ଖରାପ ଅନୁଭବ କର ନାହିଁ ଓ ଚିନ୍ତିତ ହୁଅ ନାହିଁ । ମୁଁ ଆଦୌ **ଅସନ୍ତୁଷ୍ଟ ହୋଇ ନାହିଁ ।** କିଞ୍ଚିତ୍ ପରିମାଣରେ ଭାରି ହାଲୁକା ବୋଧ ହେଉଥିବା ସେହି କଥାବାର୍ତ୍ତାରେ ଅନ୍ୟମାନେ ହୁଏତ ଟିକିଏ ଅସ୍ୱସ୍ତି ଅନୁଭବ କରିଥିବେ, ମାତ୍ର ମୁଁ ସେଥିଲାଗି ତୁମକୁ କଦାପି ଦାୟୀ କରୁ ନାହିଁ । ଲୋକମାନଙ୍କର ସାଧାରଣ ବୋଧର ଅତୀତ ଅନେକ ବିଷୟରେ ହାଲୁକା ଏବଂ ନିର୍ମମ ଭାବରେ କଥା କହିବା ଆଶ୍ରମରେ ଏକ ଅଭ୍ୟାସରେ ପରିଣତ ହୋଇ ଗଲାଣି । ଏହି କୁପ୍ରଭାବର ସଫଳ ଭାବରେ ପ୍ରତିରୋଧ କରିବାକୁ ହେଲେ ପ୍ରଭୂତ ଶକ୍ତି ଓ ସହନଶୀଳତା ଆବଶ୍ୟକ ହେବ । ତଥାପି, ମୋ'ର ଅବଶ୍ୟ ଆଶା ରହିଛି ଯେ, ସଦିଚ୍ଛାସମ୍ପନ୍ନ ବ୍ୟକ୍ତିମାନଙ୍କ ମଧ୍ୟରେ ଏଠାରେ ଏହି ଶକ୍ତି ଓ ସହନଶୀଳତା ନିଶ୍ଚୟ ବୃଦ୍ଧି ପାଇବ । ଏବଂ, ସେହି ସମୟଟି ଆସିବା ପୂର୍ବରୁ, ସମସ୍ତଙ୍କ ଲାଗି ମୋ'ର ସ୍ନେହ ଏବଂ ଆଶୀର୍ବାଦ ରହିଛି ।

ନିଶ୍ଚିତ ଭାବରେ ଜାଣିରଖ ଯେ, ତୁମ ଭିତରେ କ୍ରମଶଃ ବୃଦ୍ଧିପ୍ରାପ୍ତ ହେଉଥିବା ଶ୍ରଦ୍ଧା ଓ ଭକ୍ତି ବିଷୟରେ ମୁଁ ସଂପୂର୍ଣ୍ଣ ଅବଗତ ରହିଛି ଏବଂ, ସେଗୁଡ଼ିକ ଯଥାର୍ଥ ଭାବରେ ଯେତିକି ଅନୁସ୍ୱନ୍ଦନ ଲାଗି ପ୍ରତ୍ୟାଶା ରଖିପାରିବେ, ତାହା ସେମାନଙ୍କୁ ଅବଶ୍ୟ ଉପଲବ୍ଧ ହେଉଛି ।

ମୋ'ର ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ।

*୨୨ ସେପ୍‌ଟେମ୍ବର ୧୯୪୭*

*

ପୁନର୍ବାର ସଂପୂର୍ଣ୍ଣ ଅକାରଣରେ ଏକ ଆଘାତ ପାଇବାକୁ ହେଲା... ତୁମେ 'କ' ଠାରୁ ନିଜ ସିତାରଟି ଫେରି ପାଇବାକୁ ତାକୁ କହୁଛ ବୋଲି ମୁଁ ମୋଟେ ଜାଣି ନ ଥିଲି । ସିଏ ଏ ବିଷୟରେ ମୋତେ ଯାହା କହିଥିଲେ, ସେଥିରୁ ସ୍ପଷ୍ଟ ବୋଲି ବୋଧ ହେଉଥିଲା ଯେ, ପ୍ରକୃତରେ **ତା'** ନିଜ ସିତାର ବିଷୟରେ ଏହିସବୁ ଚର୍ଚ୍ଚା ହେଉଥିଲା । ସେକଥା

'oaob.nitrkl.ac.in' images reprocessed

ଠିକ୍ ନୁହେଁ ବୋଲି ମୁଁ ଏବେ ବୁଝିପାରୁଛି ଏବଂ ଯଦି ତୁମେ ସେଇଟିକୁ ଦରକାର କରୁଥାଅ, ତେବେ ତା'ର ଅବଶ୍ୟ ସେହି ସିତାରଟି ଫେରାଇଦେବା ଉଚିତ ।

ମାତ୍ର ତୁମ ନିଜର ଭଲ ପାଇଁ ମୁଁ ତୁମକୁ ଅବଶ୍ୟ କହିବି ଯେ, ତୁମେ "ମୁଁ କାହା ନା କାହା ସହିତ ପକ୍ଷ ଗ୍ରହଣ କରୁଛି" ବୋଲି ଭୁଲ୍ ଧାରଣାମାନ ପୋଷଣ କରୁଥିବା ପର୍ଯ୍ୟନ୍ତ ତୁମକୁ ନିଶ୍ଚୟ ବହୁସଂଖ୍ୟକ ଆଘାତ, ଏପରିକି କଠିନ ବିଧାମାନ ବି ଖାଇବାକୁ ଦ୍ୱାର ଖୋଲି ରହିଥିବ ।

ମାତ୍ର ଏହା ସଂପୂର୍ଣ୍ଣ ଭାବରେ ଭୁଲ୍; ଏସବୁର କୌଣସି ଭିତ୍ତି ନାହିଁ ଏବଂ ଦିବ୍ୟ ପରମସତ୍ତାଙ୍କର ନିକଟବର୍ତ୍ତୀ ହୋଇ ରହିଛ ବୋଲି ଅନୁଭବ କରିବାକୁ ଇଚ୍ଛା କରୁଥିଲେ ତୁମକୁ ଏହି ପ୍ରକାରେ ଭାବିବାରୁ ଆପଣାକୁ ସଂପୂର୍ଣ୍ଣ ଭାବରେ ମୁକ୍ତ କରିଦେବାକୁ ପଡ଼ିବ ।

ମୋ'ର ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ।

*୫ ନଭେମ୍ବର ୧୯୪୭*

*

ତୁମକୁ ସବୁଦିନ ପାଇଁ ଏକଥା ଶିକ୍ଷା କରିବାକୁ ହେବ ଯେ, ଲୋକମାନେ ଯାହାକିଛି ଭୁଲ୍ କଲେ ମଧ ତାହା ମୋତେ କଦାପି ବିରକ୍ତ କିଂବା ଅସନ୍ତୁଷ୍ଟ କରି ପାରିବ ନାହିଁ । ଯଦି ଅସତ୍ ଇଚ୍ଛା ବା ବିଦ୍ରୋହ ଉପୁଜେ, ତେବେ ହୁଏତ କାଳୀ ଆସି ଭର୍ସନା କରିବେ ସତ, ମାତ୍ର ସିଏ ସର୍ବଦା ଶ୍ରଦ୍ଧାର ସହିତହିଁ ଭର୍ସନା କରିଥା'ନ୍ତି ।

*୨୩ ମାର୍ଚ୍ଚ ୧୯୫୪*

*

## କର୍ମଧାରାର ଶୈଳୀ

*ଲୋକେ କହନ୍ତି ଯେ, ଆମେସବୁ ଯାହାକିଛି ଯେତେବେଳେ କରୁ, ତାହା ଯାହା ମନ ତାହା ହୋଇଥାଉ ପଛକେ, ଆପଣ ସବୁବେଳେ ସେଗୁଡ଼ିକର ପ୍ରଶଂସା କରିହିଁ କହନ୍ତି ।*

କି ବିଚିତ୍ର ଧାରଣା ! ଅନେକ କଥା ଏବଂ ଅନେକ କାର୍ଯ୍ୟକୁ ମୁଁ ଖରାପ ଭାବରେ ହେଉଥିବାର ଦେଖେ ଓ ଆଦୌ ସେଗୁଡ଼ିକର ପ୍ରଶଂସା କରେ ନାହିଁ ।

*୧୨ ମଇ ୧୯୩୪*

*

'oaob.nitrkl.ac.in' images reprocessed

*ମୁଁ କେତେ ମସ୍ତିଷ୍କ ଖଟାଇ ଆପଣଙ୍କ ସମ୍ମୁଖରେ ଯୁକ୍ତି ପରେ ଯୁକ୍ତି ବାଢ଼ିଲି । ମାତ୍ର, ସେସବୁର ଜବାବରେ ଆପଣ କୌଣସି ଯୁକ୍ତି କଲେ ନାହିଁ । ଆପଣ କେଡ଼େ ସହଜରେ ଏପରି ଅସଂପୃକ୍ତ ରହିପାରନ୍ତି !*

ତୁମ ଚିଠିରେ ଥିବା ସକଳ ଯୁକ୍ତି ବାହ୍ୟ ଭୌତିକ ମନରୁ ନିଷ୍ପନ୍ନ ହୋଇଛି । ତୁମେ କଦାପି ପ୍ରତ୍ୟାଶା କରିବ ନାହିଁ ଯେ, ମୁଁ ସେହି ସ୍ତରକୁ ଅବତରଣ କରି ଆସିବି ଏବଂ ସେହିଠାରେ ରହି ତୁମ ସହିତ ଯୁକ୍ତି କରିବି । ମୁଁ ଅନ୍ୟଏକ ଭୂମିରୁ ବସ୍ତୁଗୁଡ଼ିକର ବିଚାର କରିଥାଏ ଏବଂ ଏକ ଭିନ୍ନ ରୀତିରେ ସେଗୁଡ଼ିକୁ ଦେଖିଥାଏ ।

*୧୯ ଜୁଲାଇ ୧୯୪୨*

*

ଏକଥା ଏକାନ୍ତ ଅଯଥାର୍ଥ ଯେ, ମୋ'ର ଚେତନା ମଧ୍ୟରେ ବିଳମ୍ବ କରିବା ଲାଗି ପ୍ରକୃତରେ କୌଣସି ଇଚ୍ଛା ରହିଛି । ସତ କଥା ହେଉଛି, ଠିକ୍ ସମୟରେ ପ୍ରସ୍ତୁତ ହୋଇ ଯିବାର ଇଚ୍ଛାଟି ମୋ' ଭିତରେ ଅନ୍ୟାନ୍ୟ ଇଚ୍ଛାଗୁଡ଼ିକୁ ପଛକୁ ପକାଇଦେଇ ଆଦୌ ସମ୍ମୁଖକୁ ଆସିପାରେ ନାହିଁ । ଅନ୍ୟ ଇଚ୍ଛାଗୁଡ଼ିକ ସହିତ ଏଇ ଇଚ୍ଛାଟି ମଧ୍ୟ ନିଜର ସ୍ଥାନରେ ରହିଥାଏ;— ସେପରି କୌଣସି ଐକାନ୍ତିକ ଏବଂ ଅନନ୍ୟ ଭାବରେ ଆଦୌ ନ ଥାଏ, ମାତ୍ର, ଏପରି ଗୋଟିଏ ସମଗ୍ରର ଏକ ଅଂଶ ହୋଇ ରହିଥାଏ, ଯେଉଁଥିରେ କି, ତୁମେମାନେ ଯେପରି ଭାବୁଛ ଅଥବା ଅନୁଭବ କରୁଛ, ବିଶାଳତା ତଥା ମହତ୍ତ୍ୱର ମାତ୍ରାଗୁଡ଼ିକ ହୁଏତ ସେପରି ହୋଇ ଆଦୌ ରହି ନ ଥାଏ । ବସ୍ତୁତଃ, ପରସ୍ପରାପେକ୍ଷୀ ମହତ୍ତ୍ୱ ବିଷୟରେ ତୁମମାନଙ୍କର ଯେଉଁ ଧାରଣା ରହିଛି, ତାହା ଠିକ୍ ମୋ' ଧାରଣାର ଅନୁରୂପ ନୁହେଁ । ପୁନଶ୍ଚ, ତୁମେମାନେ ସମସ୍ୟାଟିକୁ ଏକ ଅନୁରେଖ ଏବଂ ଐକାନ୍ତିକ ଭାବରେ ବିଚାର କରିଥାଅ; ସତେ ଯେପରି ସେଇଟି ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟାଗୁଡ଼ିକଠାରୁ ଅଲଗା ହୋଇ ରହିଛି, ଠିକ୍ ସେହିପରି । ଏହା ସେପରି ଆଦୌ ନୁହେଁ, ଯେକୌଣସି ସମସ୍ୟା କେବଳ ନିଜ ଭିତରେହିଁ କଦାପି ସ୍ୱତନ୍ତ୍ର ଓ ସୀମାଙ୍କିତ ହୋଇ ରହି ନ ଥାଏ, ମାତ୍ର ଅନ୍ୟ ସକଳ ସମସ୍ୟା ସହିତ ସମ୍ବନ୍ଧିତ ହୋଇହିଁ ରହିଥାଏ । ଏବଂ ତେଣୁ, ସମାଧାନଟି ଯଥାର୍ଥ ହେବାକୁ ହେଲେ, ତାହା କଦାପି କୌଣସିଟିକୁ ଆଦୌ ଅବହେଳା କରି ପାରିବ ନାହିଁ ।

ତୁମେ ଯଦି ସେହି କଥାଟିକୁ ବୁଝି ପାରିବ, ତେବେ ତୁମର ଅସୁବିଧାଟି ନିଶ୍ଚିତ ଭାବରେ ଭାରି ସହଜରେ କୁଆଡ଼େ ଉଭେଇଯିବ ।

*୧୬ ନଭେମ୍ବର ୧୯୫୦*

*

'oaob.nitrkl.ac.in' images reprocessed

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ମନୁଷ୍ୟସ୍ତରୀୟ ନିୟମଗୁଡ଼ିକ ଅନୁସାରେ ବିଚାର କରି ଦେଖିଲେ ମୁଁ ତୁମକୁ ଏକଥା କହି ଏକ ଭୁଲ୍ କରିଥିଲି ଯେ, ମୁଁ ତୁମକୁ ପ୍ରତ୍ୟେକ ମାସରେ ଭେଟିବି; କାରଣ, ମୁଁ ସେକଥା ପ୍ରକୃତରେ କରି ପାରିବି କି ନାହିଁ, ସେ ବିଷୟରେ ମୁଁ ଆଦୌ ନିଶ୍ଚିତ ନ ଥିଲି । ଅବଶ୍ୟ ଏକଥା ସତ ଯେ, ମୁଁ ଯାହା କହିଥିଲି; ସେକଥା ମୋଟେ ଭୁଲିଯାଇ ନ ଥିଲି ।

ସତ କହିବାକୁ ଗଲେ, ମୁଁ ମୁହୂର୍ତ୍ତରୁ ମୁହୂର୍ତ୍ତ ହୋଇ ମୋ' ଜୀବନକୁ ବଞ୍ଚିଥାଏ; ସର୍ବୋଚ୍ଚ ମାର୍ଗଦର୍ଶନଟି ଯେପରି ଇଚ୍ଛା କରେ, ସେହି ଅନୁସାରେ ବଞ୍ଚିଥାଏ । ଏବଂ ଫଳରେ, ଆଦୌ କୌଣସି ଯୋଜନା କରିପାରେ ନାହିଁ । ମୁଁ ଭଲ କରି ଜାଣେ ଯେ, ପୂର୍ବରୁହିଁ ସବୁକିଛି ବିଷୟରେ ଏକ ନିଷ୍ପତ୍ତି କରି ସେହି ଅନୁସାରେ କାର୍ଯ୍ୟ କରିବ ବୋଲି ବିଚାରୁଥିବା ଏହି ମଣିଷର ମନ ଲାଗି ତାହା ମୋଟେ ସ୍ୱସ୍ତିକାରକ ହୋଇପାରେ ନାହିଁ । ମାତ୍ର, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ, ବଡ଼ ଅନିବାର୍ଯ୍ୟ ଭାବରେ ସେହିପରି ହୋଇଥାଏ ।

*

ପ୍ରତ୍ୟେକ ସାଧକର ଅବଶ୍ୟ ସ୍ମରଣ ରଖିବା ଉଚିତ ଯେ ସିଏ ଏକୁଟିଆ ଆଦୌ ସାଧନା କରୁ ନାହିଁ । ମୁଁ ସମସ୍ତଙ୍କୁ ସନ୍ତୋଷ ଦେବା ପାଇଁ ଅବଶ୍ୟ ପ୍ରୟାସ କରୁଛି, ଏବଂ ଯେତେ୍‌ଯେତେ ସ୍ଥାନରେ ଆବଶ୍ୟକ ହେଉଛି ସେଠାରେ ଯୁକ୍ତିଯୁକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ମଧ୍ୟ ଚେଷ୍ଟା କରୁଛି ।

*

ଏହା ହେଉଛି କହିବାର ଏକ ଶୈଳୀ, ପ୍ରକୃତରେ ଘଟୁଥିବା କୌଣସି ଘଟଣାର ଅଶୋଧିତ ବର୍ଣ୍ଣନା; ମାତ୍ର ସେହି ଘଟଣା ବସ୍ତୁତଃ ତାହା ତୁଳନାରେ ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ହୋଇ ରହିଥାଏ ।

ଯଦି ମୁଁ କେବଳ ଜଣେ ବ୍ୟକ୍ତିକୁ ନେଇ ବ୍ୟସ୍ତ ରହିଥା'ନ୍ତି, ତେବେ ହୁଏତ ଏହିସବୁ ଟିକିନିଖି କଥାକୁ ନିଜର ସ୍ମରଣରେ ରଖି ପାରୁଥା'ନ୍ତି; ମାତ୍ର, ମୁଁ ସଚେତନ ଭାବରେ ହଜାରକରୁ ଅଧିକ ବ୍ୟକ୍ତିଙ୍କର କଥା ବୁଝୁଥିବାରୁ ଏହିସବୁ ଟିକିନିଖି ବିଷୟ ମୋ'ର ସ୍ମରଣରେ ଆଦୌ ରହିପାରେ ନାହିଁ । ଏବଂ, ଏପରି ସ୍ମରଣରେ ରହିବାର ଆବଶ୍ୟକତା ମଧ୍ୟ ନ ଥାଏ । କାରଣ, ଯେଉଁ କାର୍ଯ୍ୟଟିକୁ ଯେପରି କରିବାର କଥା, ପରମଚେତନା ସର୍ବଦା ତାହାକୁ ସେହିପରି କରିବାରେ ଲାଗିଥାଏ ।

*

ଲୋକମାନେ କ'ଣ ହୋଇ ରହିଥା'ନ୍ତି ଓ କ'ଣସବୁ କରୁ ଥାଆନ୍ତି ଏବଂ, ସେମାନଙ୍କର କ'ଣ ହେବା ଉଚିତ ଓ କରିବା ଉଚିତ,— ଏହି ଦୁଇଟି ମଧ୍ୟରେ ସର୍ବଦା ଏକ

'oaob.nitrkl.ac.in' images reprocessed

ବୃହତ୍ ପାର୍ଥକ୍ୟ ରହିଥାଏ । ଏହି ବିଷୟରେ ଚେତନା ସଂପୂର୍ଣ୍ଣ ଅବଗତ ହୋଇ ରହିଥାଏ ଏବଂ ସର୍ବଦା ସଂଶୋଧନ କରିବାକୁ ତଥା ବଦଳି ଯିବାକୁ କାର୍ଯ୍ୟ କରୁଥାଏ; ମାତ୍ର, ଭିନ୍ନ ଭିନ୍ନ ବିନ୍ଦୁରେ ଅନିୟମିତ ଭାବରେ ତାହା ଆଦୌ କିଛି କରେ ନାହିଁ । ସବୁଟି ଉପରେ ଏହା ସମଗ୍ର ତଥା ସର୍ବାନ୍ତର୍ଗତକାରୀ ଭାବରେ କାର୍ଯ୍ୟ କରୁଥାଏ । ଅଗ୍ରଗତି ଅତ୍ୟନ୍ତ ଧୀର ହୋଇ ରହିଥିବା ପରି ବୋଧ ହେଉଥାଏ ସତ, ମାତ୍ର ତାହା ଅଧିକ ସଂପୂର୍ଣ୍ଣ ଭାବରେ ହେଉଥାଏ ଏବଂ କିଛିହେଲେ ବିସ୍ମୃତ ହୋଇ ରହିଯାଏ ନାହିଁ ।

*

ପ୍ରକୃତ କଥା କହିବାକୁ ଗଲେ, **ମୋ'ର ଆଦୌ କୌଣସି ମତାମତ ନାହିଁ ।** ସତ୍ୟର ଏକ ନିର୍ଦ୍ଦିଷ୍ଟ ଦୃଷ୍ଟି ଅନୁସାରେ ବିଚାର କଲେ, ସବୁକିଛି ତଥାପି ଅତ୍ୟନ୍ତ ଭୟଙ୍କର ଭାବରେ ଗୋଳିଆମିଶା ହୋଇ ରହିଛି; ଅଳ୍ପବହୁତ ଅନୁକୂଳ ଭାବରେ ଆଲୁଅ ସହିତ ଅନ୍ଧାର ମିଶିକରି ରହିଛି, ସତ୍ୟ ସହିତ ମିଥ୍ୟା ମିଶିକରି ରହିଛି, ଜ୍ଞାନ ସହିତ ଅଜ୍ଞାନ ମିଶି କରି ରହିଛି ଏବଂ, ଯେତେବେଳ ପର୍ଯ୍ୟନ୍ତ ଏହି ମତାମତଗୁଡ଼ାକ ଅନୁସାରେହିଁ ନିଷ୍ପତ୍ତିମାନ ଗ୍ରହଣ କରା ଯାଉଥିବ ଓ କାର୍ଯ୍ୟ ସମ୍ପାଦିତ ହେଉଥିବ, ସେପର୍ଯ୍ୟନ୍ତ ଏହା ଠିକ୍ ସେହିପରି ହୋଇ ରହିବ ।

ଆମେ ଏପରି ଏକ କାର୍ଯ୍ୟର ଦୃଷ୍ଟାନ୍ତ ରଖିଯିବାକୁ ଚାହୁଁ, ଯାହାକି ଏକ ସତ୍ୟଦୃଷ୍ଟି ଦ୍ୱାରା ପରିପ୍ରେରିତ ଏବଂ ପରିଚାଳିତ ହେଉଥିବ; ମାତ୍ର ଦୁର୍ଭାଗ୍ୟବଶତଃ, ଆମେ ଏହି ଆଦର୍ଶଟିକୁ ବାସ୍ତବରେ ପରିଣତ କରିବାରୁ ତଥାପି ବହୁଦୂରରେ ଯାଇ ରହିଛୁ ଏବଂ ସତ୍ୟର ଦୃଷ୍ଟି ଆପଣାକୁ ବ୍ୟକ୍ତ କରି ପାରୁଥିଲେ ମଧ୍ୟ ଏହା ତତ୍‌କ୍ଷଣାତ୍ ଆପଣାକୁ କାର୍ଯ୍ୟାନ୍ୱିତ କଲାବେଳେ ଭାରି ବିକାରଗ୍ରସ୍ତ ହୋଇ ପଡୁଛି ।

ତେଣୁ, ବିଷୟଗୁଡ଼ିକର ଏହି ସ୍ଥିତିରେ, "ଏଇଟି ସତ୍ୟ ଓ ସେଇଟି ସତ୍ୟ ନୁହେଁ, ଏଇଟି ଆମକୁ ଲକ୍ଷ୍ୟଠାରୁ ଦୂରକୁ ନେଇଯାଉଛି ଏବଂ ସେଇଟି ଲକ୍ଷ୍ୟର ନିକଟବର୍ତ୍ତୀ କରି ଆଣୁଛି" ବୋଲି କହିବା ଆଦୌ ସମ୍ଭବ ହେବ ନାହିଁ ।

ଅଭିପ୍ରେତ ଅଗ୍ରଗତିକୁ ସମ୍ଭବ କରିବା ଲାଗି ସବୁକିଛିକୁ କାମରେ ଲଗାଯାଇ ପାରିବ; ଯଦି କାମରେ ଲଗାଇବାର ଯଥାର୍ଥ ପ୍ରଣାଳୀଟି ଜଣା ଥାଏ, ତେବେ ସବୁକିଛି ଅବଶ୍ୟ ଉପଯୋଗୀ ହୋଇ ପାରିବ ।

ତେଣୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି, ଆମେ ଯେଉଁ ଆଦର୍ଶର ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ, ତାହାକୁ ଆମେ କଦାପି ଦୃଷ୍ଟି-ଅନ୍ତରାଳ କରି ପକାଇବା ନାହିଁ ଏବଂ ସେହି ଲକ୍ଷ୍ୟଟିକୁ ଆଗରେ ରଖି ଯାବତୀୟ ପରିସ୍ଥିତିକୁ ତାହାର କାମରେ ଲଗାଇବା ।

ଏବଂ, ସବାଶେଷରେ, ବସ୍ତୁଗୁଡ଼ିକର ସପକ୍ଷରେ କିଂବା ବିପକ୍ଷରେ ଯାଦୃଚ୍ଛିକ

'oaob.nitrkl.ac.in' images reprocessed

ଭାବରେ ଆଦୌ କୌଣସି ନିଷ୍ପତ୍ତି ଗ୍ରହଣ ନ କରିବାହିଁ ଅପେକ୍ଷାକୃତ ଅଧିକ ଭଲ ହେବ; ଜଣେ ସାକ୍ଷୀର ନିରପେକ୍ଷତା ସହିତ ଆମେ ଘଟଣାବଳୀର ଉନ୍ମୋଚନକୁ ଲକ୍ଷ୍ୟ କରି ଦେଖୁଥିବା ଏବଂ, ଯେଉଁ ଦିବ୍ୟ ପରମପ୍ରଜ୍ଞା ସର୍ବୋତ୍ତମରହିଁ ମୀମାଂସା କରିଦେବ ଓ ଯାହା ଆବଶ୍ୟକ ତାହା ଅବଶ୍ୟ କରିବ, ଆମେ ତାହାରି ଉପରେ ଆପଣାର ଆସ୍ଥା ରଖୁଥିବା।

୨୯ ଜୁଲାଇ ୧୯୬୧

*

ମୁଁ ଟିକିଏ ଅଲଗା ପ୍ରକାରେ ସବୁକଥାକୁ ଦେଖେ । ମୋ'ର ଚେତନା ଲାଗି, ଏହି ପୃଥିବୀପୃଷ୍ଠର ସମଗ୍ର ଜୀବନ ହେଉଛି – ଏଥିରେ ମନୁଷ୍ୟର ଜୀବନ ଓ ତାହାର ଯାବତୀୟ ମନୋମୟତା ଅନ୍ତର୍ଭୁକ୍ତ ହୋଇ ରହିଛି – ନାନା ସ୍ପନ୍ଦନର ଏକ ସମଷ୍ଟୀଭୂତ ପିଣ୍ଡ ମାତ୍ର । ଏଥିରେ ଅଧିକାଂଶତଃ ମିଥ୍ୟାରହିଁ ସ୍ପନ୍ଦନମାନ ରହିଛି, ଅଜ୍ଞାନ ତଥା ବିଶୃଙ୍ଖଳାର ସ୍ପନ୍ଦନଗୁଡ଼ିକ ରହିଛି, ଯେଉଁଥିରେ କି ଉଚ୍ଚତର କ୍ଷେତ୍ରଗୁଡ଼ିକରୁ ଆସୁଥିବା ଏବଂ ପ୍ରତିରୋଧ-ରେଖାଟିକୁ ଭାଙ୍ଗିଦେଇ ଭିତରକୁ ପଶି ଆସୁଥିବା ପରମ ସତ୍ୟ ତଥା ପରମ ସମଞ୍ଜସତାର ସ୍ପନ୍ଦନଗୁଡ଼ିକ ଅଧିକରୁ ଅଧିକ ପରିମାଣରେ ଆପଣାକୁ କ୍ରିୟାଶୀଳ କରିବାରେ ଲାଗିଛନ୍ତି । ଏହି ଦୃଷ୍ଟିରେ ବିବେଚନା କଲେ, ଯାବତୀୟ ଅହଂ-ବୋଧ ଏବଂ ବ୍ୟକ୍ତିଜୀବନର ଯାବତୀୟ ଦାବି ଏବଂ ବିଭିନ୍ନତା ସଂପୂର୍ଣ୍ଣ ଭାବରେ ଅବାସ୍ତବ ତଥା ଭ୍ରମାତ୍ମକ ବୋଲି ପ୍ରତିପାଦିତ ହୋଇଥା'ନ୍ତି ।

ଆଗରୁ ରହିଥିବା ବିଭ୍ରାନ୍ତି ମଧ୍ୟରେ ଯେତେବେଳେ ଆଉକିଛି ଅଧିକ ବିଭ୍ରାନ୍ତିର ସୃଷ୍ଟି ହୁଏ, ସେତେବେଳେ ଯଥାସମ୍ଭବ ଏକ ଅଧିକ ଉତ୍ତମ ସମଞ୍ଜସତାର ପୁନଃସ୍ଥାପନା ଉଦ୍ଦେଶ୍ୟରେ ମୁଁ ସେହି କ୍ଷେତ୍ରରେ କେତେକ ବିଶେଷ ସ୍ପନ୍ଦନ ଯାଇ ପ୍ରବେଶ କରିବା ଲାଗି ନିର୍ଦ୍ଦେଶ ଦେଇଥାଏ । ସେତେବେଳେ ପ୍ରକୃତରେ ବ୍ୟକ୍ତିମାନେ ଯେ "ଆଘାତଟିକୁ" ଅନୁଭବ କରନ୍ତି, ସେକଥା ଆଦୌ ନୁହେଁ, ସେମାନେ ଯେପରି ଅସମଞ୍ଜସତାକୁ ଜାବୁଡ଼ି ଧରି ରହିଥା'ନ୍ତି ଓ ତାହାରି ପକ୍ଷ ଗ୍ରହଣ କରିଥା'ନ୍ତି, ପ୍ରକୃତ ଆଘାତଟି ତାହାରି ଉପରେ ହୁଏ ।... ଏହିସବୁ କ୍ଷେତ୍ରରେ କଦାପି ଗୋଟିଏ ପକ୍ଷକୁ ଠିକ୍ ଓ ଆଉଗୋଟିଏ ପକ୍ଷକୁ ଭୁଲ୍ ବୋଲି କହି ହୁଏ ନାହିଁ; ମାତ୍ର, ସେମାନେ ସମସ୍ତେ ଯେତେ ପରିମାଣରେ ମିଥ୍ୟା ଏବଂ ବିଭ୍ରାନ୍ତିକୁ ଆବୋରି କରି ରହିଥା'ନ୍ତି, ସେହି ଅନୁସାରେ ସମସ୍ତଙ୍କୁହିଁ ଦାୟୀ କରିବାକୁ ପଡ଼ିଥାଏ ।

*

ମୋ'ର କାର୍ଯ୍ୟ କରିବାର ପ୍ରଣାଳୀଟିକୁ ତୁମେ ମୋତେ ବୁଝି ପାର ନାହିଁ । ତୁମେ

'oaob.nitrkl.ac.in' images reprocessed

ହୁଏତ ଏକଥା ମଧ୍ୟ କହି ପାରିବ, "ଆପଣଙ୍କ ପାଖରେ ତ ଅତିମାନସ ଶକ୍ତି ରହିଛି, ତେବେ ଆପଣ କାହିଁକି ସେହି ଶକ୍ତିକୁ ପ୍ରୟୋଗ କରି ଏହି ଅଡୁଆକୁ ଶେଷ କରି ଦେଉ ନାହାନ୍ତି ?" ମାତ୍ର ଏପରି ଭାବରେ କାର୍ଯ୍ୟଟିକୁ ଆଦୌ କରିହେବ ନାହିଁ । ପୃଥିବୀ ଅତିମାନସ ଶକ୍ତି ଲାଗି ପ୍ରସ୍ତୁତ ହୋଇ ନାହିଁ ଏବଂ ଯଦି ଭୂମିଟିକୁ ପ୍ରସ୍ତୁତ ନ କରି ସେହି ଶକ୍ତିଟିକୁ ବ୍ୟବହାର କରାଯାଏ, ତେବେ ସବୁକିଛି ଏକାବେଳେକେ ଛିନ୍ନଛତ୍ର ହୋଇଯିବ । ପ୍ରଥମେ ମୋତେ ଭୂମିଟିକୁ ପ୍ରସ୍ତୁତ କରିବାକୁ ହେବ ଏବଂ ତା'ପରେ ଯାଇ ଶକ୍ତିଟିର ଅବତରଣ କରାଇବାକୁ ପଡ଼ିବ ।

ତୁମର ମାନବୀୟ ଦୃଷ୍ଟି ଯାବତୀୟ ବସ୍ତୁକୁ ଏକ ସରଳରେଖାରେ ଦେଖେ । ତୁମ ପାଇଁ ହୁଏତ ଏବାଟଟା ଠିକ୍ ନଚେତ୍ ସେବାଟଟା ଠିକ୍ । ମାତ୍ର ମୋ' ଲାଗି କଥାଟି ଆଦୌ ସେପରି ନୁହେଁ । ମୁଁ ସମଗ୍ର ବସ୍ତୁଟିକୁ ଆପଣାର ଲକ୍ଷ୍ୟ ବା ଉଦ୍ଦେଶ୍ୟ ଆଡ଼କୁ ଗତି କରୁଥିବା ଚେତନାର ଏକ ପିଣ୍ଡ ସଦୃଶହିଁ ଦେଖିଥାଏ । ଯାବତୀୟ ଅତି କ୍ଷୁଦ୍ର ଯେକୌଣସି ଗତିର କ୍ଷେତ୍ରରେ ମଧ୍ୟ, ସମଗ୍ର ପିଣ୍ଡଟି ଉପରେ ତାହାର କେଉଁସବୁ ପ୍ରତିକ୍ରିୟା ହେବ ଓ ସେଥିରୁ କେଉଁ ପରିଣାମମାନ ଉପୁଜିବ, ମୋତେ ସେକଥା ଅବଶ୍ୟ ଦେଖିବାକୁ ପଡ଼େ ।

କୌଣସି କଥାକୁ ଏପରି ଭାବରେ ଅଥବା ସେପରି ଭାବରେ କରିବା ଉଚିତ ବୋଲି ମୁଁ ଯେତେବେଳେ କହେ, ସେତେବେଳେ ତୁମର ମାନବୀୟ ମନଟି ତାହାକୁ ଏକ ସିଦ୍ଧାନ୍ତ ପରି ଗ୍ରହଣ କରିନିଏ ଏବଂ କଠୋର ଭାବରେ ଯାବତୀୟ କ୍ଷେତ୍ରରେ ତାହାକୁ ପ୍ରୟୋଗ କରିବାରେ ଲାଗିଯାଏ । ମାତ୍ର ମୋ' ପାଇଁ ତାହା ଆଦୌ ସେପରି ହୋଇ ରହି ନ ଥାଏ । ମୋ' ପାଇଁ କୌଣସି ନିୟମ ନ ଥାଏ, କୌଣସି ବିଧାନ ନ ଥାଏ, କୌଣସି ସିଦ୍ଧାନ୍ତ ନ ଥାଏ । ମୋ'ଲାଗି ପ୍ରତ୍ୟେକଟି ଏକ ସ୍ୱତନ୍ତ୍ର ଘଟଣା ହୋଇ ରହିଥାଏ ଏବଂ ଏକ ବିଶେଷ ଭାବରେ ତାହାର ସମ୍ମୁଖୀନ ହେବାକୁ ପଡ଼େ । କୌଣସି ଦୁଇଟି ଘଟଣା ମଧ୍ୟ ଅବିକଳ ଏକାଭଳି ହୋଇ ରହି ନ ଥା'ନ୍ତି ।

ଚେତନାପିଣ୍ଡର ଏହି ଗତି କରୁଥିବାର କ୍ଷେତ୍ରରେ ମୁଁ ଏକଥା ଜାଣିଥାଏ ଯେ, ଅପେକ୍ଷାକୃତ ଅଧିକ ସହଜରେ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବା ନିମିତ୍ତ ଏକ ନିର୍ଦ୍ଦିଷ୍ଟ ବିନ୍ଦୁକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ଗତି କରିବାକୁ ପଡ଼ିବ । ସେହି କଥାଟିକୁ ଦୃଷ୍ଟିରେ ରଖି ମୁଁ ଏଇଟି କରିବା ଉଚିତ ଅଥବା ଉଚିତ ନୁହେଁ ବୋଲି ଘୋଷଣା କରିଥାଏ; ମାତ୍ର ମୁଁ ଅନେକ ସମୟରେ ବାଟରେ ଏକ ବୃହତ୍ ପ୍ରତିବନ୍ଧକ ଆସି ଠିଆ ହୋଇଥିବାର ଦେଖିବାକୁ ପାଏ । ସେହି କ୍ଷେତ୍ରରେ, ଦୁଇପ୍ରକାରେ ତାହାର ସମ୍ମୁଖୀନ ହେବା ସମ୍ଭବ ହେବ : ସେହି ବିନ୍ଦୁଟିକୁ ହୁଏତ ତାହାର ଦିଗ ପରିବର୍ତ୍ତନ କରିବା ଲାଗି ବାଟ ଛାଡ଼ିଦେବି ଏବଂ ପ୍ରତିବନ୍ଧକଟି ଉପରେ ଅଧିକରୁ ଅଧିକ ଆଲୋକ ଆସି ପଡ଼ିବା ଫଳରେ ସେଇଟି ବଦଳିଯିବା ପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

ତାହାକୁ ସାମୟିକ ଭାବରେ ସେହିପରି ଛାଡ଼ିଦେଇଥିବି; ଅଥବା, ମୁଁ ପ୍ରତିବନ୍ଧକଟିକୁ ଭାଙ୍ଗିଦେବି । ମୁଁ ଯେପରି କହୁଥିଲି, ଏକ ଏତେଟିକିଏ କ୍ଷୁଦ୍ର ଗତିସ୍ପନ୍ଦନର ମଧ୍ୟ ସମଗ୍ର ପିଣ୍ଡଟି ଉପରେ ପ୍ରତିକ୍ରିୟା ତଥା ପରିଣାମମାନ ଘଟିଥାଏ; ତେଣୁ, ଏହି ଭାଙ୍ଗିଦେବା ଦ୍ୱାରା ମଧ୍ୟ ନାନା ପ୍ରତିକ୍ରିୟାର ଏକ ଅବିଚ୍ଛିନ୍ନତା ସୃଷ୍ଟି ହୋଇଯିବ, ଯାହାକି ହୁଏତ ଏକ ବୃହତ୍ତର କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିପାରିବ । ବ୍ୟକ୍ତିମାନଙ୍କ ପ୍ରତି ମୋ'ର କୌଣସି ଅପେକ୍ଷା ନ ଥାଏ ସତ; ମାତ୍ର, ସଂପୃକ୍ତ ବ୍ୟକ୍ତି ତଥା ବ୍ୟକ୍ତିମାନଙ୍କ ମଧ୍ୟରେ ସଂଘଟିତ ହେଉଥିବା ପରିବର୍ତ୍ତନ ହେତୁ ପରିସ୍ଥିତିଗୁଡ଼ିକ ମଧ୍ୟ ଯେପରି ଭାବରେ ପରିବର୍ତ୍ତିତ ହେଉଥାଏ, ସମୟର ପରିବର୍ତ୍ତନ ତଥା ସେହି ବସ୍ତୁଟି ଯେଉଁ ମାର୍ଗଟିରେ ଗତି କରୁଛି, ସେଗୁଡ଼ିକ ହେତୁ ପରିସ୍ଥିତି ମଧ୍ୟ ଯେପରି ବଦଳି ଯାଉଥାଏ, ପ୍ରତ୍ୟେକ ମୁହୂର୍ତ୍ତରେ ମୋତେ ସେସବୁ କଥାକୁ ମଧ୍ୟ ଦେଖିବାକୁ ପଡ଼େ । ପିଣ୍ଡଟିର ଅଗ୍ରଗତିରେ ସହାୟତା କରି ପାରିବା ଲାଗି କିପରି ସର୍ବୋତ୍ତମ ଭାବରେ କଥାଟିକୁ କରିବାକୁ ପଡ଼ିବ, ଏହି ଯାବତୀୟ ପରିବର୍ତ୍ତନ ସହିତ, ମୋତେ ସେକଥାଟିକୁ ମଧ୍ୟ ଦେଖିବାକୁ ହୋଇଥାଏ । ପ୍ରତିବନ୍ଧକଟିକୁ ଭାଙ୍ଗିଦେବା ଓ ତଜ୍ଜନିତ ପରିଣାମଗୁଡ଼ିକୁ ମଧ୍ୟ ଡାକିଆଣିବା ପ୍ରକୃତରେ ଉଚିତ ହେବ କି ନାହିଁ ବା, ବର୍ତ୍ତମାନ ପାଇଁ ତାହାକୁ ସେହିପରି ରହିବାକୁ ଛାଡ଼ିଦେବା ଏବଂ ମାନବୀୟ ନିର୍ବୋଧତାଟିକୁ ସହିନେବା ଅଧିକ ଭଲ ହେବ, ମୋତେ ସେହି କଥାଟିର ମଧ୍ୟ ବିଚାର କରିବାକୁ ପଡ଼େ । ତୁମର ଆଖିକୁ ଯାହା ଏକ ପରସ୍ପର-ବିରୋଧ ବୋଲି ଦେଖା ଯାଉଥାଏ, ସମଗ୍ର ବସ୍ତୁଟିକୁ ଅବିଭକ୍ତ ଭାବରେ ଦେଖିଲେ ତାହା ଆଉ ପରସ୍ପର-ବିରୋଧୀ ହୋଇ ରହେ ନାହିଁ । ଗୋଟିଏ ଲକ୍ଷ୍ୟରେ ଯାଇ ପହଞ୍ଚିବାକୁ ବାଟ ଏକାଧିକ ରହିଛି । ତେଣୁ, ଭାଙ୍ଗି ଦେବା ଦ୍ୱାରା ପ୍ରକୃତରେ ଅଧିକ କ୍ଷତି ଘଟିବ ବୋଲି ଯଦି ମୁଁ ଦେଖିବାକୁ ପାଏ, ତେବେ ମୁଁ ତୁମକୁ ନିଜ ଖୁସୀ ଅନୁସାରେ ନିଜର ବାଟରେ ଚାଲିବା ପାଇଁ ଛାଡ଼ିଦିଏ । ମାତ୍ର, ତା'ବୋଲି ଯେ ମୁଁ ସେହି ପ୍ରତିବନ୍ଧକଟିର ନିନ୍ଦା କରେ ନାହିଁ ଓ ତାହା ସେହିପରି ଭାବରେ ରହିବା ଉଚିତ ବୋଲି କହେ, ସେକଥା ଆଦୌ ନୁହେଁ ।

ଅସଲ କଥା ହେଉଛି, ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ଚେତନାର ପିଣ୍ଡଟି ମଧ୍ୟରେ ରହିଥିବା ଏହି ପ୍ରତ୍ୟେକ ବସ୍ତୁକୁ ଅବଶ୍ୟ ସେହି ଗୋଟିଏ ଲକ୍ଷ୍ୟ ଆଡ଼କୁ ଗତି କରି ଅଗ୍ରସର ହେବାକୁ ପଡ଼ିବ । ମାତ୍ର, ଚେତନାକୁ ସେହି ଲକ୍ଷ୍ୟଦିଗରେ ପରିଚାଳିତ କରିନେବାକୁ ହେଲେ, ମୋତେ ମନୁଷ୍ୟମାନଙ୍କ ମୋ' ସାଥିରେହିଁ ବାଟ ଚାଲିବା ଲାଗି ଅବସର ଦେବାକୁ ପଡ଼ିବ, ସେହିମାନଙ୍କର ଆକାରରେ ଆବିର୍ଭୂତ ହେବାକୁ ପଡ଼ିବ ଏବଂ ସେହିମାନଙ୍କର ଭାଷାରେ କଥା କହିବାକୁ ମଧ୍ୟ ପଡ଼ିବ । ମୋତେ ଏକ ଅଶୋଧିତ ଅଭିବ୍ୟଞ୍ଜନା ଗ୍ରହଣ କରିବାକୁ ପଡ଼ିବ । ମୋତେ ଯେଉଁପରି ଭାବରେ କଥା କହିବାକୁ

'oaob.nitrkl.ac.in' images reprocessed

ହେବ ଏବଂ ନିୟମ ଓ ବିଧାନାଦି ତିଆରି କରି ରଖିଦେବାକୁ ପଡ଼ିବ, ତାହାର ନିର୍ବୋଧତାଟିକୁ ମୁଁ ବେଶ୍ ହୃଦୟଙ୍ଗମ କରି ପାରୁଛି; ମାତ୍ର ମନୁଷ୍ୟସମୂହ ଲାଗି ମୋତେ ଏହିପରି ଏକ ଶିଥିଳତା ଅବଲମ୍ବନ କରିବାକୁହିଁ ପଡ଼ିବ । ତା' ନ ହେଲେ ସିଏ ଆଦୌ କିଛିହେଲେ ବୁଝି ପାରିବ ନାହିଁ । ଏପରିକି, ମୁଁ ଯେତେବେଳେ ସେହିମାନଙ୍କର ଭାଷାରେହିଁ କଥା କହୁଛି, ଲୋକେ ମୋତେ ତଥାପି ଭୁଲ୍ ବୁଝୁଛନ୍ତି ଓ ସବୁକିଛି ଗଣ୍ଡଗୋଳ କରି ପକାଉଛନ୍ତି । ଏବଂ, ଯଦି ମୋତେ ଆଲୋକର ଭାଷାରେ କଥା କହିବାକୁ ପଡୁଥା'ନ୍ତା, ତେବେ ସବୁକଥା କେବଳ ସେମାନଙ୍କର ମୁଣ୍ଡ ଉପର ଦେଇ ବାହାରେ ବାହାରେ ଚାଲି ଯାଉଥା'ନ୍ତା ଏବଂ ଆଦୌ କିଛିହେଲେ ବୁଝିବାକୁ ସମର୍ଥ ନ ହୋଇ ସେମାନେ ଆଁ କରି ଅନାଇ ରହିଥା'ନ୍ତେ ।

'କ' ଙ୍କର ମନ ଅନେକ ପରିମାଣରେ ବିକଶିତ ହୋଇ ସାରିଛି । ମୁଁ ଏକଥା ବି କହି ପାରିବି ଯେ ତାଙ୍କର ମନ ଆଲୋକ ଆଡ଼କୁ ଖୁବ୍ ଉନ୍ମୋଚିତ ହୋଇ ରହିଛି । ଶ୍ରୀଅରବିନ୍ଦ ଯାହାକୁ ଆଲୋକର ମନ ବୋଲି କହିଛନ୍ତି, ତାହାରି ଭାଷାରେ ତାଙ୍କ ସହିତ ମୁଁ ଦୁଇଥର କଥା କହିବାକୁ ଚେଷ୍ଟା କରିଥିଲି, ମାତ୍ର ସିଏ ମଧ ତାହାକୁ ବୁଝି ପାରିଲେ ନାହିଁ । ଟିକିଏ ଟିକିଏ ପାରିଲେ ସତ, ମାତ୍ର ସମଗ୍ର ବୋଧଟି ଆଦୌ ସମ୍ଭବ ହୋଇ ନ ଥିଲା ।

ଅନ୍ୟମାନଙ୍କର କ୍ଷେତ୍ରରେ ସ୍ଥିତି ଆହୁରି ଅଧିକ ଖରାପ; ସେମାନେ ମୋଟେ କିଛି ବୁଝି ପାରନ୍ତି ନାହିଁ ଓ ସ୍ତବ୍ଧଚକିତ ହୋଇ ଅନାଇ ରହିଥା'ନ୍ତି । ଏହି ବ୍ୟକ୍ତିମାନଙ୍କ ଲାଗି ମୋତେ ଏକ ସାଲିସ କରିବାକୁ ପଡ଼ିଥାଏ । କୌଣସି ଏକ ବିଷୟକୁ ମୁଁ ନିର୍ବୋଧ ବୋଲି କହେ, ମାତ୍ର ଦେଖେ ଯେ ତୁମେ କଦାପି ସେଇଟିକୁ କରିବାରୁ ନିଜକୁ ନିବୃତ୍ତ କରି ରଖି ପାରିବ ନାହିଁ; ତେଣୁ ମୋତେ ତାହାକୁ ସହ୍ୟ କରି ନେବାକୁ ହୁଏ । ମୁଁ ବସ୍ତୁଗୁଡ଼ିକର ପରସ୍ପରାପେକ୍ଷୀ ମୂଲ୍ୟଟିକୁ ଦେଖିପାରେ ଏବଂ ଅଗ୍ରଗତି କରିବା ପାଇଁ ଯାହା ସହାୟକ ହେବ, ସେହି ରାସ୍ତାଟିକୁ ଗ୍ରହଣ କରେ । ତୁମର ହିତଦୃଷ୍ଟିରୁ ତଥା ସମଗ୍ର ଚେତନାପିଣ୍ଡଟିର ଅଗ୍ରଗତି ଦୃଷ୍ଟିରୁ ମୋତେ ବେଶ୍ କେତେ ନା କେତେ କଥାକୁ ବାଟ ଛାଡ଼ିଦେବାକୁ ପଡ଼େ । ମାତ୍ର, ଏହାର ଅର୍ଥ ନୁହେଁ ଯେ, ସେଗୁଡ଼ିକ ପ୍ରତି ମୁଁ ଆଖି ବୁଜି ଦେଇଥାଏ ଏବଂ ସେଗୁଡ଼ିକର ନିର୍ବୋଧତାକୁ ଆଦୌ ଦେଖିପାରେ ନାହିଁ । ବେଳେବେଳେ ଏପରି ଆବଶ୍ୟକ ହୁଏ ଯେ, ତୁମର ଏକ ଅଭିଜ୍ଞତା ଲାଭ କରିବା ଦରକାର ହୁଏ ଓ ତେଣୁ ସେଇଟି ପାଇଁ ବାଟ ଛାଡ଼ିଦେବାକୁ ପଡ଼େ । ମାତ୍ର ମୁଁ ଯେତେବେଳେ ସୁନିର୍ଦ୍ଦିଷ୍ଟ ଭାବରେ 'ନାହିଁ' ବୋଲି କହେ, ସେତେବେଳେ ତାହାର ବିରୁଦ୍ଧାଚରଣ କରିବା ବିପଜ୍ଜନକ ହୋଇଯାଏ । ଗୋଟିଏ କାର୍ଯ୍ୟ ପଛରେ ବେଶ୍ ଏକାଧିକ କାରଣ ଥାଇପାରେ; ମାତ୍ର ତୁମର ମନ ବୁଝି ପାରିଲା ଭଳି ସେଗୁଡ଼ିକୁ ବ୍ୟାଖ୍ୟା କରି କହିବା ଆଦୌ ସମ୍ଭବ ନୁହେଁ ।

'oaob.nitrkl.ac.in' images reprocessed

ଏହି ନିର୍ଦ୍ଦିଷ୍ଟ ଘଟଣାଟିରେ ମଧ୍ୟ ମୁଁ 'ନାହିଁ' ବୋଲି କହିଥିଲି । ତା'ପରେ 'ଖ' ଆସି ସେଥିରେ ହସ୍ତକ୍ଷେପ କଲେ । ଏକଥା ସତ ଯେ ସେ ଜଣେ ଭାରି ଭଲ ମଣିଷ ଏବଂ କେତେକାଂଶରେ ତାଙ୍କ ଭିତରେ ପ୍ରଭୂତ ନିଷ୍ଠା ମଧ୍ୟ ରହିଛି । ତାଙ୍କ ଭିତରେ କେତେକ ଦୁର୍ବଳତା ରହିଛି ଏବଂ ଛଡ଼ାଇ ନେବାର ତଥା ଅଧିକାର କରିବାର ଏକ ଅଭ୍ୟାସ ତାଙ୍କର ରହିଛି ବୋଲି ମୋତେ ଜଣାଅଛି । ତେଣୁ ମୁଁ ମନା ବି କରି ପାରିଥା'ନ୍ତି । ମାତ୍ର ତଦ୍ଵାରା ସିଏ ପ୍ରଚଣ୍ଡ ଭାବରେ ଦୋହଲି ଯାଇଥା'ନ୍ତେ । ଆପଣାକୁ ଅନୁକୂଳିତ କରି ରଖିବା ତାଙ୍କ ପକ୍ଷରେ କଷ୍ଟକର ହୋଇଥା'ନ୍ତା । ମୁଁ ଯେପରି ତୁମକୁ କହୁଥିଲି, ମୁଁ ପରସ୍ପରାପେକ୍ଷୀ ମୂଲ୍ୟଗୁଡ଼ିକୁ ମଧ୍ୟ ଦୃଷ୍ଟିରେ ରଖିଥାଏ ଏବଂ ଏହି କ୍ଷେତ୍ରରେ ମୁଁ ବେଶ୍ ଦେଖି ପାରିଲି ଯେ ଏହି କ୍ଷେତ୍ରରେ ଏତେ ବେଶୀ ଦୋହଲାଇ ଦେବାରେ କୌଣସି ପ୍ରୟୋଜନ ନାହିଁ ଏବଂ ତେଣୁ ମୁଁ ମୋ'ର ଅନୁମତି ଦେଇଛି । ମାତ୍ର, ଏହା ଯେ ଉଚିତ କାର୍ଯ୍ୟ ନୁହେଁ, ସେକଥା କହିବାରୁ ଏହାଦ୍ଵାରା ମୋତେ କଦାପି ନିବୃତ୍ତ ରହିବାକୁ ପଡ଼ିବ ନାହିଁ ।[୬]

*

## ଉଡ଼ା ଖବର

*ଆନନ୍ଦସ୍ଵରୂପିଣୀ ମାଆ, ଏକଥା ଦେଖି ମୋତେ ଭାରି ଆଶ୍ଚର୍ଯ୍ୟ ଲାଗୁଛି ଯେ, ଏପରି ଲୋକମାନେ ଅଛନ୍ତି, ଯେଉଁମାନେ ଭାବୁଛନ୍ତି ଯେ ଯେଉଁ ସାଧକମାନେ ଦୂରରୁ ଆପଣଙ୍କର କରୁଣାକୁ ଗ୍ରହଣ କରି ପାରୁ ନାହାନ୍ତି, ଆପଣ କୁଆଡ଼େ କେବଳ ସେହିମାନଙ୍କୁ ପାଖକୁ ଡାକୁଛନ୍ତି । ସେମାନେ ଏପରି ମଧ୍ୟ ଭାବୁଛନ୍ତି ଯେ, ଯେଉଁମାନେ ଆପଣଙ୍କୁ ମଝିରେ ମଝିରେ ଯାଇ ଭେଟି ପାରୁଛନ୍ତି, ଏହା ସେମାନଙ୍କ ପକ୍ଷରେ ଦୁର୍ବଳତାର ଏକ ସଙ୍କେତ ।*

ଲୋକେ କ'ଣ ଭାବୁଛନ୍ତି ବା କହୁଛନ୍ତି, ସେକଥା ନେଇ ମୁଣ୍ଡ ଘୂରାଅ ନାହିଁ । ଏହାକୁ ସର୍ବଦା ଅଜ୍ଞାନତାପୂର୍ଣ୍ଣ ନିର୍ବୋଧତା ବୋଲିହିଁ କୁହାଯିବ ।

ମୋ' କାର୍ଯ୍ୟଗୁଡ଼ିକର ପଛରେ ରହିଥିବା କାରଣଗୁଡ଼ିକୁ ଯେଉଁ ବ୍ୟକ୍ତିମାନେ ଜାଣି ପାରିବେ ବୋଲି ଭାବୁଛନ୍ତି, ମୁଁ ସର୍ବଦା ସେମାନଙ୍କ ବିଷୟରେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଯାଏ । ପ୍ରତ୍ୟେକ ବ୍ୟକ୍ତି ପାଇଁ ମୁଁ ଭିନ୍ନ ଭିନ୍ନ ପ୍ରକାରେ କାର୍ଯ୍ୟ କରେ, ସଂପୃକ୍ତ ବ୍ୟକ୍ତିର ବିଶେଷ କ୍ଷେତ୍ରଟିର ଆବଶ୍ୟକତା ଅନୁସାରେହିଁ ମୁଁ କାର୍ଯ୍ୟ କରିଥାଏ ।

*

'oaob.nitrkl.ac.in' images reprocessed

ସାଧକମାନେ କ'ଣ କହୁଛନ୍ତି, ସେଗୁଡ଼ିକ ପ୍ରତି ଆଦୌ କୌଣସି କାନ ନ ଦେବାକୁ ମୁଁ ତୁମକୁ ପରାମର୍ଶ ଦେବି – ବିଶେଷତଃ ଅପେକ୍ଷାକୃତ ଅଧିକ ଅଗ୍ରଗତି କରିଥିବା ସାଧକମାନେ ଯାହା କହୁଛନ୍ତି ।

*୨୯ ଡିସେମ୍ବର ୧୯୩୧*

*

ଏକାନ୍ତ ନିଶ୍ଚିତ ଭାବରେ ଏହା ଆଦୌ ସତ ନୁହେଁ ଯେ, ମୁଁ ସାଧକ ତଥା ସେମାନଙ୍କର ସାଧନା ବିଷୟରେ କୌଣସି ଯତ୍ନ ନେଉ ନାହିଁ । ପୃଥିବୀର ପରିସ୍ଥିତି ଖରାପ ହୋଇ ପଡ଼ିଛି ବୋଲି ମୋ'ର ସେହି ଯତ୍ନ ନେବା ବନ୍ଦ ହୋଇଯିବ କାହିଁକି ? ଏହି ସଙ୍କଟ ମଧ୍ୟରୁ ବାହାରି ଚାଲିଆସିବା ନିମନ୍ତେ ଏକ ଅପେକ୍ଷାକୃତ ଅଧିକ ସତ୍ୱର ଆଧ୍ୟାତ୍ମିକ ଉପଲବ୍ଧି ଉପରେ ବିଶେଷ ଗୁରୁତ୍ୱ ଦେବା ଲାଗି ଏହି ପରିସ୍ଥିତି ବରଂ ଏକ କାରଣ ହୋଇପାରେ । ତୁମେ ଲୋକମାନଙ୍କଠାରୁ ଯାହା ଶୁଣୁଛ, ସେଥିରେ ଆଦୌ ବିଶ୍ୱାସ କରିବ ନାହିଁ । ଏତେ ଅବାରିତ ଭାବରେ କୁତ୍ସିତ ଏବଂ ଅଶାନ୍ତିକାରୀ ନାନା କଥା କୁହାଯାଉଛି, ଯେଉଁଗୁଡ଼ିକୁ କି କେବଳ ଅସତ୍ୟ ବୋଲି କୁହାଯିବ ।

*୮ ଅକ୍ଟୋବର ୧୯୪୦*

*

ମୋ'ର ପ୍ରିୟ ସନ୍ତାନ,

ମୁଁ ତୁମର ପ୍ରତ୍ୟେକ ଚିଠିର ଉତ୍ତର ଦେଉଛି, ମାତ୍ର ତୁମ ହୃଦୟର ନୀରବତା ମଧ୍ୟରେହିଁ ସେହି ଉତ୍ତର ଦିଆଯାଉଛି । ଉତ୍ତରଗୁଡ଼ିକୁ ସେହିଠାରେ ଶୁଣି ପାରିବାର ମାର୍ଗଟିକୁ ତୁମକୁ ଶିକ୍ଷା କରିବାକୁ ପଡ଼ିବ; ଅନ୍ୟ ଲୋକମାନେ କ'ଣ କହୁଛନ୍ତି, ସେଥିରୁ କଦାପି ନୁହେଁ । ତୁମକୁ ଯାବତୀୟ ସାହାଯ୍ୟ ସତତ ପ୍ରଦତ୍ତ ହେଉଛି; ମାତ୍ର କୌଣସି ବାହ୍ୟ ସାଧନରୁ ନୁହେଁ, ଆପଣା ହୃଦୟର ନୀରବତା ମଧ୍ୟରେହିଁ ତୁମକୁ ସେହି ସାହାଯ୍ୟ ଗ୍ରହଣ କରିଶିଖିବାକୁ ପଡ଼ିବ । ତୁମ ହୃଦୟର ନୀରବତା ମଧ୍ୟରେହିଁ ଦିବ୍ୟ ପରମସତ୍ତା ତୁମକୁ ଯାହାକିଛି କହିବେ, ତୁମକୁ ବାଟ ଦେଖାଇ ନେଇଯିବେ ଏବଂ ତୁମକୁ ତୁମର ଲକ୍ଷ୍ୟରେ ନେଇ ପହଞ୍ଚାଇ ଦେବେ ।

ମାତ୍ର ସେଥିଲାଗି ତୁମକୁ ଦିବ୍ୟ ପରମକରୁଣା ଏବଂ ପ୍ରେମ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବାକୁ ପଡ଼ିବ ।

*୧୮ ଜାନୁଆରୀ ୧୯୬୨*

*

'oaob.nitrkl.ac.in' images reprocessed

ମୋ'ର କୁନି ସନ୍ତାନଟି,

ତୁମର ପ୍ରଥମ ଚିଠି ଆସି ପହଞ୍ଚିବା ପରେ ମୁଁ ତା'ଉପରେ ଫରାସୀ ଭାଷାରେ କେବଳ ଗୋଟିଏ ଶବ୍ଦ ଲେଖି ଦେଇଥିଲି ଏବଂ ତାହାକୁ ଟେବୁଲ ଉପରେ ରଖି ଦେଇଥିଲି – କାରଣ ମୁଁ ତୁମଠାରୁ ଏକ ଦ୍ୱିତୀୟ ଚିଠି ଆଶା କରୁଥିଲି । ମୁଁ ସଂପୂର୍ଣ୍ଣ ଭାବରେ ନିଶ୍ଚିତ ରହିଥିଲି ଯେ ମୋ'ର ନୀରବ ଉତ୍ତର ତୁମକୁ ଅବଶ୍ୟ ମିଳିଯିବ ।

ତୁମକୁ ସାନ୍ତ୍ୱନା ଦେବା ଲାଗି ମୁଁ ସଙ୍ଗେସଙ୍ଗେ ଏବଂ ଶେଷଥର ପାଇଁ ଏତିକି କହିବି ଯେ, ଲୋକେ ପରସ୍ପର ବିଷୟରେ ଯାହାସବୁ କହନ୍ତି, ସେସବୁ କଥା ଯିଏ କହୁଥାଉ ପଛକେ, ମୁଁ ତାହା ପ୍ରତି ଆଦୌ କାନ ଦିଏ ନାହିଁ – ଏବଂ, ତୁମ କ୍ଷେତ୍ରରେ ମଧ୍ୟ ମୁଁ ତୁମକୁ କହିବି ଯେ ଆଉଜଣେ (ସିଏ ଯିଏ ହୋଇଥାଆନ୍ତୁ ପଛକେ) ମୋ'ର ନାମ ନେଇ ଯାହା କହୁଥିବେ, ତୁମେ ତାହାକୁ କଦାପି ଗମ୍ଭୀର ଭାବରେ ଗ୍ରହଣ କରିବ ନାହିଁ । କାରଣ, ସର୍ବାଧିକ ସଦିଚ୍ଛା ସହିତ ହୁଏତ ତାହା କୁହା ହେଉଥିଲେ ମଧ୍ୟ ସେହି କଥା ସର୍ବଦା ବିକୃତ ହୋଇଯିବାକୁ ବାଧ୍ୟ ହୋଇଥାଏ ।

ଏବଂ ଏହି ବିଦ୍ୟାଳୟ-ବ୍ୟାପାର ବିଷୟରେ ମଧ୍ୟ ବ୍ୟସ୍ତ ନ ହେବାକୁ ମୁଁ ତୁମକୁ କହିବି । ମୁଁ ସେବିଷୟରେ ଆଦୌ କିଛି ଲେଖିବି ନାହିଁ; ମାତ୍ର, ମୋ'ର ଏହିପରି ଏକ ଇଚ୍ଛା ରହିଛି ଯେ ଦିନେ ମୁଁ ତୁମକୁ ଡକାଇ ପଠାଇବି ଏବଂ ସମସ୍ତ ବିଷୟଟିକୁ ମୁଁ କିପରି ଭାବରେ ଦେଖୁଛି, ତୁମକୁ ତାହା ବୁଝାଇଦେବି । ତୁମେ ନିଜେ କିପରି ଏହି କଥାଟି ବିଷୟରେ ଅନୁଭବ କରୁଛ, ତା'ପରେ ତୁମେ ତାହା ନିଶ୍ଚୟ ଦେଖିବାକୁ ପାଇବ ।

ତେଣୁ ବର୍ତ୍ତମାନ ମନ ସଂପୂର୍ଣ୍ଣ ସ୍ଥିର ହୋଇଯାଉ, ଯେପରିକି ପରମ ଆଲୋକ ତୁମ ମଧ୍ୟଦେଇ ଗତି କରିବାକୁ ଆଦୌ ବାଧାପ୍ରାପ୍ତ ହେବ ନାହିଁ ।

ମୋ'ର ସମସ୍ତ ଶ୍ରଦ୍ଧା ଏବଂ ଆଶୀର୍ବାଦ ସହିତ ।

*୨୭ ଅକ୍ଟୋବର ୧୯୬୩*

*

ଏଠାରେ ଖେଳି ବୁଲୁଥିବା ଯାବତୀୟ ଉଡ଼ା ଖବରଗୁଡ଼ିକ ଆଡ଼କୁ ଆଦୌ କାନ ନ ଦେବାକୁ ତୁମେ କେବେ ଶିଖିବ ?

*୧୫ ଜୁଲାଇ ୧୯୬୭*

*

ହଁ, ଆଶ୍ରମର ଚାରିଆଡ଼େ ବୁଲି ଆସିବା ପରେ ଏହି ଯାବତୀୟ ମିଛ ଏବଂ ନିର୍ବୋଧ ଉଡ଼ା ଖବରଗୁଡ଼ିକ ମୋ' କାନରେ ଆସି ବାଜିଛି । ମୁଁ ସେଗୁଡ଼ିକ ଉପରେ କୌଣସି ମହତ୍ତ୍ୱ ଦେଇ ନାହିଁ, କାରଣ ଏଠାରେ ବାସ କରୁଥିବା ଅଧିକାଂଶ ବ୍ୟକ୍ତି

'oaob.nitrkl.ac.in' images reprocessed

ସତେଯେପରି କେବଳ ବାଜେଗପ ଏବଂ ମିଛଗୁଡ଼ାକ ପାଇଁ ଏଠାରେ ରହିଥିବା ପରି ବୋଧ ହେଉଛନ୍ତି ଏବଂ ସେହି ସବୁକିଛି ଆଡ଼କୁ ମୁଁ ମୋ'ର ଚେତନାକୁ ସବୁଦିନ ଲାଗି ବନ୍ଦ କରି ରଖିଛି, ଯେପରିକି ଏହାଦ୍ୱାରା ମୁଁ ଏକ କାଳୀ ବା ଏକ ଦୁର୍ଗାଙ୍କର ଆବିର୍ଭାବକୁ ଏଡ଼ାଇ ରଖିପାରିବି ।

ମୁଁ ଆଶା କରୁଛି ଯେ, ଯେଉଁମାନେ ପ୍ରକୃତରେ ବିଶ୍ୱସ୍ତ ଏବଂ ଯେଉଁମାନଙ୍କର ସାଧାରଣ ଜ୍ଞାନ ରହିଛି, ସେମାନେ ସେହିସବୁ କଥାକୁ ଶୁଣିବାରେ ମୋଟେ ସମୟ ନଷ୍ଟ କରିବେ ନାହିଁ ।

ତୁମେ ଖାଦ୍ୟ-ବ୍ୟାପାର ବିଷୟରେ ଯାହାସବୁ କହିଛ, ତାହା ମୋତେ ଆଗରୁ ଜଣାଥିଲା — ମାତ୍ର ତୁମେ ଏକଥା ଅବଶ୍ୟ ସ୍ୱୀକାର କରିବ ଯେ, ନିଜର କାର୍ଯ୍ୟରେ ଏକ ଉନ୍ନତିବିଧାନ କରିବା ଲାଗି ଏବଂ ତାହାକୁ ଅଧିକ ପରିମାଣରେ ଆଲୋକଦୀପ୍ତ ତଥା ବ୍ୟାପକ କରିବା ଲାଗି ଏକ ଉପାୟ ନିରନ୍ତର ରହିଛି ।

*

ଅନ୍ୟମାନଙ୍କର ଭୁଲ୍ ଏବଂ ଦୁର୍ବଳତାଗୁଡ଼ିକ ବିଷୟରେ ତୁମର ଆଦୌ ବ୍ୟସ୍ତ ହେବା ଉଚିତ ନୁହେଁ; ଅନ୍ୟମାନେ ତୁମ ଆଗରେ ଆସି ଯାହାସବୁ କହୁଛନ୍ତି, ବିଶେଷତଃ ଯଦି ମୋ'ର ନାମ ନେଇ ସେସବୁ କଥା କହୁଛନ୍ତି, ତେବେ ତାହାକୁ ଆଦୌ ବିଶ୍ୱାସ ନ କରିବା ହେଉଛି ସର୍ବପ୍ରଥମ ଆବଶ୍ୟକତା ।

*

ଅତ୍ୟନ୍ତ ତିକ୍ତ ହୋଇ ପଡ଼ିବା ଦ୍ୱାରା ଆମେ ପରମ ଦିବ୍ୟସତ୍ତାଙ୍କ ସହିତ ଆମର ଖିଅଟିକୁ ହରାଇଦେଉ ଏବଂ ଅତ୍ୟନ୍ତ "ତିକ୍ତ ଭାବରେ" ଏହି ମନୁଷ୍ୟସ୍ତରରେହିଁ ପଡ଼ି ରହିଥାଉ ।

ମୋ' ନାଆଁ ଧରି ବାରବାର ଯେଉଁସବୁ କଥା କୁହାଯାଉଛି, ତୁମେ ସେଗୁଡ଼ିକ ବିଷୟରେ ସାବଧାନ ରହିବ,— ଯେଉଁ ଯଥାର୍ଥ ଭାବଟି ସହିତ ମୁଁ ସେକଥା କହିଥିଲି, ଏହାଦ୍ୱାରା ତାହା ଏକାବେଳେକେ ନଷ୍ଟ ହୋଇ ଯାଉଛି !

*

ମୋ'ଠାରେ ରହିଥିବା ତୁମର ବିଶ୍ୱାସକୁ ଊଣା କରି ଦେବାକୁ ଆସୁଥିବା କୌଣସି ପ୍ରଭାବକୁ ତୁମେ ଯେପରି କଦାପି ଅନୁମତି ନ ଦିଅ, ସେହି ବିଷୟରେ ସାବଧାନ ରହିଥିବ । ତୁମକୁ ମୋ'ଠାରୁ ବିଚ୍ଛିନ୍ନ କରି ଦେବା ପାଇଁ ତୁମେ କୌଣସି କଥାକୁ ବା କାହାକୁ ବାଟ ଛାଡ଼ିଦେବ ନାହିଁ ।

*

'oaob.nitrkl.ac.in' images reprocessed

ଏଠାରେ ଏକ ବଡ଼ ଭୁଲ୍‌ବୁଝାମଣା ଘଟିଛି ।

ତୁମେ ଏକଥା ବିଶ୍ୱାସ କରୁଥିବା ପରି ବୋଧ ହେଉଛି ଯେ, ମୁଁ ଯେତେବେଳେ କୌଣସି କଥା କହେ, ସେତେବେଳେ ମୋ' ମନରେ ତା'ଠାରୁ ଭିନ୍ନ ଆଉଏକ କଥା ରହିଥାଏ । ଏହା କଦାପି ସମ୍ଭବ ନୁହେଁ ।

ମୁଁ ଯେତେବେଳେ ଯାହା କହେ, ସେତେବେଳେ ସିଧା ଭାବରେ କହେ ଏବଂ, ଯାହା କହେ, ମୋ' ମନ ଭିତରେ ସର୍ବଦା ପ୍ରକୃତରେ ସେହି କଥାହିଁ ରହିଥାଏ ।

ଯେତେବେଳେ ମୁଁ କହେ ! ନୀରବ ଓ ସ୍ଥିର ହୋଇଯିବା ହେଉଛି ଯୋଗର ସର୍ବପ୍ରଥମ ସର୍ତ୍ତ, ସେତେବେଳେ ମୋ' ମନରେ ସେହି କଥାହିଁ ଥାଏ ।

ଯେତେବେଳେ ମୁଁ କହେ ଯେ, ଗୁଡ଼ାଏ କଥା କହିବା ଦ୍ୱାରା କୌଣସି ଲାଭ ହୁଏ ନାହିଁ ଏବଂ ତଦ୍ୱାରା କେବଳ ବିଭ୍ରାନ୍ତିହିଁ ଘଟେ, ଶକ୍ତି ନଷ୍ଟ ହୁଏ ଏବଂ ଜଣକ ପାଖରେ ହୁଏତ ଯେଉଁ ଟିକିଏ ଆଲୋକ ଥାଏ, ସେଇଟି ହରାଇବାକୁ ପଡ଼େ,– ସେତେବେଳେ ମୋ'ର ମନ ଭିତରେ ଠିକ୍ ସେହି କଥାହିଁ ରହିଥାଏ, ଅନ୍ୟ କୌଣସି କଥା ନ ଥାଏ ।

ଯେତେବେଳେ ମୁଁ କହେ ଯେ, ମୋ' ନାମ ଧରି କିଛି କହିବା ଲାଗି ଓ ଆପଣାର ଖିଆଲ ଅନୁସାରେ ମୋ' କହିଥିବା ଶବ୍ଦଗୁଡ଼ିକର ଅର୍ଥ କରିବା ଲାଗି ମୁଁ ଆଦୌ କାହାରିକୁ ଅଧିକାର ଦେଇ ନାହିଁ, ସେତେବେଳେ ମୋ' ମନ ଭିତରେ ଠିକ୍ ସେହି କଥା ରହିଥାଏ, ଆଉ ଅନ୍ୟ କିଛି ନ ଥାଏ ।

ମୋ'ର ଆଶା ଯେ ଏହା ସମସ୍ତଙ୍କ ପାଖରେ ସ୍ପଷ୍ଟ ଓ ମୀମାଂସକ ହୋଇ ରହିବ ଏବଂ ଏହି ନିର୍ଦ୍ଦିଷ୍ଟ ଭୁଲ୍‌ବୁଝାମଣାର ଅବସାନ ଘଟିବ ।

*

ଯେଉଁ ବ୍ୟକ୍ତିମାନେ ଅକ୍ତବହୃତ ମିଛ ହୋଇ ରହିଥିବା ଉଡ଼ା ଖବରମାନ ପ୍ରଚାର କରିବାରେ ଲାଗିଛନ୍ତି, ମୁଁ କ'ଣ କହିଛି ବା ନ କହିଛି ବୋଲି ବିଶ୍ୱାସ କରି ସେଗୁଡ଼ିକର ପ୍ରଚାର କରୁଛନ୍ତି, ସେମାନଙ୍କୁ ମୁଁ ସତର୍କ କରିଦେଇ ସାରିଛି ଏବଂ ଏହା ଏକ ବିଶ୍ୱାସଘାତୀ କାର୍ଯ୍ୟ ବୋଲି କହିଦେଇଛି ।

ମାତ୍ର, ସେହି ଅନିଷ୍ଟକାରକ ଅଭ୍ୟାସଟି ବନ୍ଦ ହେବା ପରି ମନେ ହେଉ ନ ଥିବାରୁ ମୁଁ ଆହୁରି ଏତିକି କଥା ଅବଶ୍ୟ କହିବି ଯେ, ଯେଉଁମାନେ ଏସବୁ କରିବାରୁ ତଥାପି ନିରସ୍ତ ହେଉ ନାହାନ୍ତି, ସେମାନଙ୍କ ସହିତ ଗୁହ୍ୟ ଭୂମିରେ ବିଶ୍ୱାସଘାତକ ପରିହିଁ ବ୍ୟବହାର କରାଯିବ ।

*

'oaob.nitrkl.ac.in' images reprocessed

## ବିରୋଧ ଓ ପ୍ରତିବାଦ

ମୋ'ଠାରୁ ସ୍ପଷ୍ଟ ଅନୁମତି ନ ପାଇ ମୋ'ର ଅପ୍ରକାଶିତ ଲେଖାଗୁଡ଼ିକୁ କାହାପାଖକୁ ପଠାଇବା **ସମ୍ପୂର୍ଣ୍ଣ ନିଷିଦ୍ଧ ।** ମୁଁ ଶୁଣିବାକୁ ପାଇଲି ଯେ ତୁମର ସେହିପରି କିଛି କରିବାର ଇଚ୍ଛା ରହିଛି ଏବଂ ତେଣୁ ତୁମକୁ ମୁଁ ଆଦୌ କୌଣସି ବିଳମ୍ବ ନ କରି ଏତିକି କହୁଛି ଯେ ଏକଥା କଦାପି କରାଯାଇ ପାରିବ ନାହିଁ । ତୁମ ପାଖରେ ଟାଇପ୍ କରା ହୋଇଥିବା ଯେତେ ଯାହା ଲେଖା ହୁଏତ ରହିଛି, ସେଗୁଡ଼ିକୁ ମୋତେ ସଙ୍ଗେ ସଙ୍ଗେ ଫେରାଇ ଦେବା ଲାଗି ମୁଁ ତୁମକୁ ନିର୍ଦ୍ଦେଶ ଦେଉଛି ।

*୧୮ ଜୁନ୍ ୧୯୬୪*

*

ବିବେକର ସହିତ କୌଣସି କାର୍ଯ୍ୟ କରିବାର ଅର୍ଥ ହେଉଛି ଯଥାସମ୍ଭବ ଅଧିକ ଯତ୍ନର ସହିତ ତାହାକୁ କରିବା; ନିଜର ଯଥାଶକ୍ତି ଅଧିକ ସାଧୁତାର ସହିତ ଓ ଅଧିକ ସୁଦକ୍ଷ ଭାବରେ କରିବା ।

ମୁଁ ଯାହାକିଛି ଲେଖୁଛି, ଯଦି ତୁମେ ଆଉଥରେ ସେଥିରେ ଥିବା କେତେକ ଶବ୍ଦକୁ ବୁଝି ପାରୁ ନ ଥିବ, ତେବେ ଅଧିକ ଭଲ କଥା ହେଉଛି ଯେ ମୋତେ ତାହାର ବ୍ୟାଖ୍ୟା କରିଦେବାକୁ ଅନୁରୋଧ କରି ତୁମେ ଖାତାଟିକୁ ମୋ'ପାଖକୁ ପଠାଇଦେବ । ମୁଁ ତୁମକୁ ସବୁବେଳେ ଆବଶ୍ୟକ ବ୍ୟାଖ୍ୟାଟି କରିଦେବି ଏବଂ ତା'ହେଲେ, ମୁଁ ତୁମ ପାଖକୁ କ'ଣ ସବୁ ଲେଖୁଛି, ତୁମକୁ ଆଉ ଅନ୍ୟମାନଙ୍କ ପାଖରେ ତାହାକୁ ଯାଇ କହିବାକୁ ପଡ଼ିବ ନାହିଁ,– କାରଣ ସେପରି କରିବା ମୋଟେ ଭଲ କଥା ନୁହେଁ ।

*

ବଡ଼ ଦୁଃଖର ବିଷୟ ଯେ, ମୁଁ ତୁମ ପ୍ରଶ୍ନଗୁଡ଼ିକର ଯେଉଁ ଉତ୍ତର ଦେଇଥିଲି, ତାହାକୁ ତୁମେ ଅନ୍ୟମାନଙ୍କୁ ମଧ୍ୟ ଦେଖାଇଛ । ସେଗୁଡ଼ିକ କେବଳ ତୁମ ଲାଗିହିଁ ଉଦ୍ଦିଷ୍ଟ ଥିଲା ଓ ଅନ୍ୟ ଆଉମାନଙ୍କ ଲାଗି ଆଦୌ ଲେଖା ହୋଇ ନ ଥିଲା । ଏହାଦ୍ୱାରା ଅନୁଭବଟିର ଆଂଶିକ ଭାବରେ କ୍ଷତି ଘଟିଲା, କାରଣ ଏହି କ୍ଷେତ୍ରରେ ପ୍ରାଣ ଓ ମନ ସେମାନଙ୍କର ନିଜ ବାସନାଗୁଡ଼ିକୁ ପରିତୃପ୍ତ କରିବା ଲାଗି, ଘଟଣାଟିର ସୁଯୋଗ ନେବା ଲାଗି ଇଚ୍ଛା କରୁଥିଲେ ।

*

'oaob.nitrkl.ac.in' images reprocessed

*(ସାଧକ ଏବଂ ଛାତ୍ରମାନଙ୍କ ସହିତ ମାଆଙ୍କର ଟେନିସ୍ ଖେଳିବା ବିଷୟରେ)*

ମୁଁ ଶୁଣିଲି ଯେ କୌଣସି ନା କୌଣସି କାରଣରୁ ଆମର ପୁଅପିଲାମାନେ (ସାନ ଓ ବଡ଼) ମୋ' ସହିତ ଖେଳିବାକୁ ଇଚ୍ଛା କରୁଛନ୍ତି । ("ମୋତେ ଗୋଟିଏ ଖେଳ ଦେବାକୁ"– ଅବିକଳ ଶବ୍ଦଗୁଡ଼ିକ ଏହିପରି ଥିଲା) ମାତ୍ର ଯଥାର୍ଥରେ ଖେଳିବା ପାଇଁ ଓ ଖେଳ ଶିଖିବା ପାଇଁ ସେମାନଙ୍କର ନିଜ ଭିତରେହିଁ ଖେଳିବା ଉଚିତ ।

*

ତୁମେ ଏଠାରେ ଏପରି ଏକ ବାତାବରଣରେ ଖେଳ ଖେଳିବାର ଏବଂ ବ୍ୟାୟାମ କରିବାର ଏହି ଅସାଧାରଣ ସୁଯୋଗ ଲାଭ କରିଛ, ଯାହାକି ଦିବ୍ୟ ପରମଚେତନା, ପରମ ଆଲୋକ ତଥା ଶକ୍ତି ଦ୍ୱାରା ଏପରି ଭାବରେ ପୂର୍ଣ୍ଣ ହୋଇ ରହିଛି ଯେ, ତୁମର ଯାବତୀୟ ଗତିସ୍ପନ୍ଦନ ଗୋଟିଏ ଅର୍ଥରେ ସେହି ଚେତନା, ଆଲୋକ ଏବଂ ଶକ୍ତି ଦ୍ୱାରା, ଅନୁସିକ୍ତ ହୋଇ ରହିଛି । ଏହାକୁହିଁ ଏକ ସଘନ ଯୋଗସାଧନା ବୋଲି କୁହାଯାଇ ପାରିବ । ମାତ୍ର, ତୁମର ଅଚେତନା, ଅନ୍ଧତା ଏବଂ ଗ୍ରହଣଶୀଳତାର ଅଭାବ ଏପରି ହୋଇ ରହିଛି ଯେ, ତୁମେ କେବଳ ଏକ ଖେଳ ଖେଳୁଛ, ବା ଏପରିକି ତୁମର କିଞ୍ଚିତ୍ କୃତଜ୍ଞତା ଓ ଶ୍ରଦ୍ଧା ରହିଥିବା ଜଣେ ବୃଦ୍ଧା ଭଦ୍ରମହିଳାଙ୍କୁ ଖେଳିବା ଲାଗି ଏକ ସୁଯୋଗ ଦେଉଛ ବୋଲି ବିଶ୍ୱାସ କରିବାରେ ଲାଗିଛ !

*୫ ଜୁନ୍ ୧୯୪୯*

*

ମୁଁ ଉତ୍ତର ଦେଇ ନ ଥିଲି, କାରଣ ସେମାନଙ୍କର ମନ ଭୟଙ୍କର ଭାବରେ ଚଞ୍ଚଳ ହୋଇ ରହିଛି, ସେମାନେ ଶକ୍ତିଟିକୁ କାମରେ ଲଗାଇ ଜାଣି ନାହାନ୍ତି ଏବଂ ମୋ'ର ବ୍ୟବସ୍ଥାଗୁଡ଼ିକୁ ନଷ୍ଟହିଁ କରି ଦେଉଛନ୍ତି । ମାତ୍ର ତୁମର ଏସବୁ କଥା ସେମାନଙ୍କୁ ଆଦୌ କହିବା ଉଚିତ ନୁହେଁ,– ସେମାନଙ୍କୁ ତୁମେ କେବଳ ମୋ'ର ଅନେକ ଆଶୀର୍ବାଦ ପଠାଇଦେବ ।

*୧୩ ମଇ ୧୯୫୫*

*

ତୁମକୁ ଗୋଟିଏ କଥା ଅବଶ୍ୟ ବୁଝିବାକୁ ପଡ଼ିବ । କୌଣସି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ମୁଁ ଉପସ୍ଥିତ ତଥା ଅନାଗତ ସମସ୍ୟାଟିର ଯାବତୀୟ ଦିଗ ଉପରେ ଦୃଷ୍ଟିପାତ କରିଥାଏ ଏବଂ ତେଣୁ, ଯେତେବେଳେ ଉତ୍ତରଟି ଦିଆଯାଏ, ସେତେବେଳେ ତାହା ଏକ ଚୂଡ଼ାନ୍ତ ଉତ୍ତର ହିସାବରେ ଯାଏ । ପୁନର୍ବାର ସେହି ପ୍ରଶ୍ନଟି ପାଖକୁ ଫେରି ଆସିବା ଲାଗି ଆଉ କୌଣସି ଆବଶ୍ୟକତା ରହେ ନାହିଁ ।

*୧୨ ଜୁନ୍ ୧୯୫୫*

*

'oaob.nitrkl.ac.in' images reprocessed

*ଷାଠିଏ ବର୍ଷର ଦୀର୍ଘ ଅଭିଜ୍ଞତାରୁ ଆପଣ ପ୍ରକୃତରେ କ’ଣ ଜାଣୁଛନ୍ତି ଯେ, ଆମଠାରୁ ତଥା ମନୁଷ୍ୟଜାତିଠାରୁ ଆପଣ ଯେଉଁ ପ୍ରତ୍ୟାଶା ରଖିଥିଲେ, ତାହା ଯଥେଷ୍ଟ ପରିମାଣରେ ପୂର୍ଣ୍ଣ ହୋଇଛି ?*

ମୁଁ ଆଦୌ କିଛି ପ୍ରତ୍ୟାଶା ରଖି ନ ଥିଲି; ତେଣୁ ଏହି ପ୍ରଶ୍ନର କୌଣସି ଉତ୍ତର ଦେଇ ପାରିବି ନାହିଁ ।

*

*‘କ’ କହୁଛନ୍ତି, “ଏକଥା ମାଆଙ୍କ ଉପରେ ନିର୍ଭର କରେ ।”*

ନା, ଏହା ସମ୍ପୂର୍ଣ୍ଣ ଭାବରେ କଦାପି ମୋ’ଉପରେ ନିର୍ଭର କରେ ନାହିଁ । ଯଦି ସେପରି ହୋଇଥା’ନ୍ତା, ତେବେ ସବୁ ତ ସୁରୁଖୁରୁରେ ହୋଇ ଯାଉଥା’ନ୍ତା । ମାତ୍ର ସର୍ବଦା ଏହି କ୍ଷେତ୍ରରେ ମଝିରେ ଜଣେ ବ୍ୟକ୍ତିର ସ୍ୱଭାବ ମଧ୍ୟ ରହିଥାଏ ।

*୨୦ ଅଗଷ୍ଟ ୧୯୬୧*

*

ମୁଁ ନିର୍ବୋଧ ବ୍ୟକ୍ତିମାନଙ୍କୁ କିପରି କୌଣସି ସୁଚିନ୍ତିତ ପରାମର୍ଶ ଦେଇ ପାରିବି ?

*

ଏହି ଦୁଇଟି ପ୍ରଶ୍ନର କୌଣସି ଉତ୍ତର ଦେବା ଦରକାର ନାହିଁ :

ଏତେଗୁଡ଼ାଏ ଦାବି କରିବା ଲାଗି ତୁମେ ଦିବ୍ୟ ପରମସତ୍ତାଙ୍କ ପାଇଁ କ’ଣ କରିଛ ?

ଏତେଗୁଡ଼ାଏ ଆଘାତ ପାଇବା ସକାଶେ ତୁମେ ଦିବ୍ୟ ପରମସତ୍ତାଙ୍କ ପ୍ରତି କିପରି ଆଚରଣ ଦେଖାଇଛ ?

*

ତୁମେ ପ୍ରଭୁଙ୍କୁ କ’ଣ ଦେଇଛ ଓ ତାଙ୍କ ପାଇଁ କ’ଣ କରିଛ ଯେ ତୁମ ଲାଗି କିଛି କରିବା ସକାଶେ ବର୍ତ୍ତମାନ ମୋତେ ଅନୁରୋଧ କରୁଛ ? ମୁଁ ତ କେବଳ ସେହି ପ୍ରଭୁଙ୍କରହିଁ କାର୍ଯ୍ୟ କରିଥାଏ ।

*

ମୁଁ ପ୍ରତାରିତ ହେଲି ବୋଲି ବିଶ୍ୱାସ କରିହିଁ ତୁମେ ଭୁଲ୍ କରୁଛ – ଏପରି ହେବା ଆଦୌ ସମ୍ଭବ ନୁହେଁ, କାରଣ ସେମାନଙ୍କର କଥାଗୁଡ଼ିକ ଅପେକ୍ଷା ସେମାନଙ୍କର “ଅଭିପ୍ରାୟଟିକୁ”ହିଁ ମୁଁ ଅଧିକ ସ୍ପଷ୍ଟ ଭାବରେ ବୁଝିଥାଏ ।

'oaob.nitrkl.ac.in' images reprocessed

ମାତ୍ର, ମୋତେ ପ୍ରତାରଣା କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଯଦି ମୁଁ କଠୋର ହୁଅନ୍ତି, ତେବେ ଖୁବ୍ ଅଳ୍ପ କେତେଜଣହିଁ ସେହି କଠୋରତାର ବାହାରେ ରହିପାରନ୍ତେ ।

*

ତୁମର କୌଣସି ନିଷ୍ପତ୍ତିରେ ତୁମେ କ'ଣ କେବେ କୌଣସି ଭୁଲ୍ କରି ନାହଁ ? ହଁ, କରିଛ, ନୁହେଁ ? ଅନେକ ଥର କରିଛ ।

ତେବେ, ତୁମେ କେଉଁ ଅଧିକାରରେ ଏପରି ଭାବିବ ଯେ, ଯେତେବେଳେ ମୋ'ର ନିଷ୍ପତ୍ତି ତୁମର ନିଷ୍ପତ୍ତି ସହିତ ମେଳ ଖାଉ ନାହିଁ, ସେତେବେଳେ ମୋ'ରି ନିଷ୍ପତ୍ତିଟିହିଁ ପ୍ରକୃତରେ ଭୁଲ୍ ହୋଇଥିବ ?

*

ମୁଁ ଭଲକରି ଜାଣିଛି ଯେ, ମୋ' ସହିତ ରହିବା ତୁମ ଲାଗି ଏକ ଆବଶ୍ୟକତା ନୁହେଁ କିଂବା ଏକ ଆନନ୍ଦ ମଧ୍ୟ ନୁହେଁ; ତାହା ହେଉଛି ଏକ କର୍ତ୍ତବ୍ୟ । ମୁଁ ଜାଣିଛି ଯେ, ଅନ୍ୟମାନଙ୍କ ସହିତ ଅନ୍ୟତ୍ର ତୁମେ ଅଧିକ ସୁଖୀ ରହିପାରୁଛ । ତେଣୁ, କେବଳ ଯେତେବେଳେ ଦରକାର, ମୁଁ ତୁମକୁ ସେତିକିବେଳେ ଡାକି ପଠାଏ – ମୋ'ର ଯେତେବେଳେ ଖୁସି ହୁଏ ସେତେବେଳେ ମୋତେ ଡାକେ ନାହିଁ । କାରଣ, ବହୁ ଦିନରୁହିଁ ମୁଁ ମୋ'ର ଖୁସିକୁ ମୁଣା ଭିତରେ ନେଇ ରଖି ଦେଇଛି ଏବଂ ତାହାକୁ ସେହିଠାରେ ଛାଡ଼ିଦେଇ ଆସିଛି ।

*

ମୁଁ ଏହି କାରଣରୁ ତୁମକୁ ଦେଖିଲି ନାହିଁ, କାରଣ ମୁଁ ଜାଣିଥିଲି ଯେ ଏଥିରେ କୌଣସି ଫଳ ହେବ ନାହିଁ; କାରଣ, ଜୀବନ ଓ କାର୍ଯ୍ୟ ପ୍ରତି ରହିଥିବା ଆମର ଗ୍ରହଣାତ୍ମକ ଦୃଷ୍ଟିକୋଣଗୁଡ଼ିକ ମଧ୍ୟରେ ପ୍ରକୃତରେ ଅତିଶୟ ପାର୍ଥକ୍ୟ ରହିଛି ।

*

ତୁମେ ମୋ' ବିରୋଧରେ କ'ଣ କରିପାରିବ ? ତୁମେ ତ ନିଜର ଶରୀର-ଚେତନା ମଧ୍ୟରେ ବାସ କରୁଛ ଏବଂ କ୍ଷୟ ହୋଇଯିବା ହେଉଛି ଶରୀରର ଧର୍ମ । ମୁଁ ଆଧ୍ୟାତ୍ମିକ ଚେତନା ମଧ୍ୟରେ ବାସ କରୁଛି ଏବଂ ମୋ'ର ଚିତ୍‌ସତ୍ତା ଏକ ଆଧ୍ୟାତ୍ମିକ ସତ୍ତା ।

*

ହେ ପରମ ପ୍ରଭୁ, ଏଥର ବୁଝିଲି; ଯେଉଁ ବ୍ୟକ୍ତିମାନଙ୍କ ପ୍ରତି ଆପଣ ସବୁଠାରୁ ଅଧିକ ଶ୍ରଦ୍ଧା ଦେଖାଇଛନ୍ତି, ସେହିମାନେହିଁ ସେମାନଙ୍କର ଅସୁବିଧାଗୁଡ଼ିକ ଲାଗି ଆପଣଙ୍କୁ ଦାୟୀ କରିବାରେ ଲାଗିଛନ୍ତି ।

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ଆଶ୍ରମ

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

## ଶ୍ରୀଅରବିନ୍ଦ ଆଶ୍ରମ

୧୯୧୦ ରୁ ୧୯୨୦ ମସିହା ଭିତରେ ଶ୍ରୀଅରବିନ୍ଦ ତାଙ୍କର ଚାରି ପାଞ୍ଚଜଣ ଶିଷ୍ୟଙ୍କ ସହିତ ପଣ୍ଡିଚେରୀରେ ବାସ କରୁଥିଲେ ।

୧୯୧୪ ମସିହାରେ ମାଆ* ଫ୍ରାନ୍ସ୍‌ରୁ ଆସି ପହଞ୍ଚିଲେ (ପଲ୍ ରିସାର୍‌ଙ୍କ ସହିତ) ଏବଂ ତା'ପରେ ଶ୍ରୀଅରବିନ୍ଦ "ଆର୍ଯ୍ୟ" ପତ୍ରିକାର ସମ୍ପାଦନା ଆରମ୍ଭ କଲେ । ସେହି କାର୍ଯ୍ୟଟି ୧୯୨୦ ମସିହା ଜାନୁଆରି ପର୍ଯ୍ୟନ୍ତ ଚାଲିଥିଲା ।

ଏପ୍ରିଲ, ୧୯୨୦ ରେ ମାଆ ଜାପାନରୁ ଫେରି ଆସିଲେ ଏବଂ ତା'ପରେ ଧୀରେ ଧୀରେ ସାଧକମାନଙ୍କର ସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ୧୯୨୬ ମସିହାରେ ଆଶ୍ରମର ପ୍ରତିଷ୍ଠା ହୋଇଥିଲା ।

*

*ଆମ ଆଶ୍ରମର ଠିକ୍ କେବେ ପ୍ରତିଷ୍ଠା ହେଲା, ତାହାର କୌଣସି ଔପଚାରିକ ତିଥି ବା ତାରିଖ ନ ଥିବାଟି କେତେକ ପରିମାଣରେ ଚିତ୍ତାକର୍ଷକ ଏବଂ କାବ୍ୟିକ ବୋଧ ହେଉଥିଲେ ମଧ, ଗୂଢ଼ବିଦ୍ୟାର ଭୂମିରୁ କ'ଣ ଏପରି କୁହାଯାଇ ପାରିବ ଯେ, ମାଆ ଆସି ପହଞ୍ଚିବା ସଙ୍ଗେ ସଙ୍ଗେହିଁ ଆଶ୍ରମର ଜନ୍ମ ହୋଇଥିଲା ?*

ମୁଁ ଜାପାନରୁ ଫେରି ଆସିବାର ଅଳ୍ପ କେତେବର୍ଷ ପରେ, ୧୯୨୬ ରେ ଆଶ୍ରମର ଜନ୍ମ ହୋଇଥିଲା ।

*୧୬ ଏପ୍ରିଲ ୧୯୬୭*

*

ଫେବ୍ରୁଆରି ୨୧ ହେଉଛି ମାଆଙ୍କର* ଜନ୍ମଦିନ ।

ମାର୍ଚ୍ଚ ୨୯ ହେଉଛି ସିଏ ଶ୍ରୀଅରବିନ୍ଦଙ୍କୁ ପ୍ରଥମ ଥର ପାଇଁ ଭେଟିଥିବାର ବାର୍ଷିକ ସ୍ମାରକୀ ।

ଏପ୍ରିଲ ୪ ତାରିଖ ଆଶ୍ରମର ନବବର୍ଷ; ଶ୍ରୀଅରବିନ୍ଦ ସେହିଦିନ ପଣ୍ଡିଚେରୀରେ ଆସି ପହଞ୍ଚିଥିଲେ ।

ଏପ୍ରିଲ ୨୪ ତାରିଖ ଦିନ ମାଆ ୧୯୨୦ ମସିହାରେ ଶେଷଥର ପାଇଁ ପଣ୍ଡିଚେରୀକୁ ଫେରି ଆସିଥିଲେ ।

ଅଗଷ୍ଟ ୧୫, ଶ୍ରୀଅରବିନ୍ଦଙ୍କର ଜନ୍ମଦିନ ।

---

* ମାଆ ଏଠାରେ ତୃତୀୟ ପୁରୁଷ ବ୍ୟବହାର କରି ନିଜ ବିଷୟରେ କହୁଛନ୍ତି ।

'oaob.nitrkl.ac.in' images reprocessed

୨୪ ନଭେମ୍ବରକୁ ବିଜୟ-ଦିବସ କୁହାଯାଏ; ୧୯୨୬ ରେ ଘଟିଥିବା ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଘଟଣାର ସ୍ମରଣରେ ସେହି ଦିନଟିକୁ ସେପରି କୁହା ଯାଇଥାଏ ।

୧୯୩୮

*

ସତ୍-ଚିତ୍-ଆନନ୍ଦଙ୍କ ସହିତ ସମ୍ମିଳିତ ହୋଇଯିବା,– ପାରମ୍ପରିକ ସାଧନାଗୁଡ଼ିକ ତାହାକୁହିଁ ନିଜର ଲକ୍ଷ୍ୟ କରି ରଖିଥିଲେ । ଏବଂ, ଯେଉଁମାନେ ସେହି ସ୍ଥଳରେ ଯାଇ ଉପନୀତ ହୁଅନ୍ତି, ସେମାନେ ସେମାନଙ୍କର ନିଜ ମୁକ୍ତିରେ ସନ୍ତୁଷ୍ଟ ହୋଇ ରହନ୍ତି ଏବଂ ଏହି ପୃଥିବୀକୁ ତାହାର ଏହି ଦୁଃଖମୟ ଦଶା ମଧ୍ୟରେ ଛାଡ଼ିଦେଇ ଚାଲିଯାଆନ୍ତି । ଅନ୍ୟ ପକ୍ଷରେ, ଯେଉଁଠାରେ ଅନ୍ୟ ସାଧନାଗୁଡ଼ିକର ଶେଷ, ସେହିଠାରୁହିଁ ଶ୍ରୀଅରବିନ୍ଦଙ୍କର *ସାଧନାର ଆରମ୍ଭ । ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ସମ୍ମିଳିତ ହେବା ସମ୍ଭବ ହୋଇଯିବା* ପରେ ଆମକୁ ସେହି ଉପଲବ୍ଧିକୁ ଏହି ବାହ୍ୟ ପୃଥିବୀପୃଷ୍ଠକୁ ମଧ୍ୟ ଅବତରଣ କରାଇ ଆଣିବାକୁ ପଡ଼ିବ ଏବଂ ଏକ ସମ୍ପୂର୍ଣ୍ଣ ରୂପାନ୍ତର ସଂଘଟିତ ହେବା ପର୍ଯ୍ୟନ୍ତ ପୃଥ୍ବୀଜୀବନର ପରିବେଶକୁ ବଦଳାଇବାକୁ ହେବ । ଏହି ଉଦ୍ଦେଶ୍ୟଟି ଅନୁସାରେ, ଧ୍ୟାନ ଓ ମନନମୟ ଏକ ଜୀବନ ଯାପନ କରିବା ଲାଗି ପୂର୍ଣ୍ଣଯୋଗର ସାଧକମାନେ ସଂସାରରୁ ଆପଣାକୁ ପ୍ରତ୍ୟାହୃତ କରି ନିଅନ୍ତି ନାହିଁ । ପ୍ରତ୍ୟେକ ସାଧକକୁ କୌଣସି ଉପଯୋଗୀ କାର୍ଯ୍ୟରେ ନିଜ ସମୟର ଅନ୍ତତଃ ଏକତୃତୀୟାଂଶ ଦେବାକୁ ହୁଏ । ଆଶ୍ରମରେ ଯାବତୀୟ କାର୍ଯ୍ୟର ବ୍ୟବସ୍ଥା କରିଦିଆ ଯାଇଛି ଏବଂ ପ୍ରତ୍ୟେକକୁ ଆପଣା ସ୍ୱଭାବର ସର୍ବାଧିକ ଅନୁକୂଳ ହୋଇ ରହିଥିବା କୌଣସି କାର୍ଯ୍ୟକୁ ବାଛିନେବାକୁ ହୁଏ । ମାତ୍ର, ସେହି କାର୍ଯ୍ୟଟିକୁ ତାକୁ ସେବା ତଥା ନିଃସ୍ୱାର୍ଥପରତାର ଭାବ ସହିତ କରିବାକୁ ହୋଇଥାଏ ଏବଂ ପୂର୍ଣ୍ଣ ରୂପାନ୍ତରର ଲକ୍ଷ୍ୟଟିକୁ ସର୍ବଦା ନିଜର ଦୃଷ୍ଟି ସମକ୍ଷରେ ରଖିବାକୁ ପଡ଼େ ।

ସେହି ଲକ୍ଷ୍ୟଟିକୁ ସମ୍ଭବ କରିବା ନିମନ୍ତେ ଏହି ଆଶ୍ରମକୁ ଏପରି ଭାବରେ ସଂଗଠିତ କରି ରଖାଯାଇଛି ଯେ ଏଠାରେ ସବୁ ଅନ୍ତେବାସୀଙ୍କର ଯଥାର୍ଥରେ ଆବଶ୍ୟକ ବସ୍ତୁଗୁଡ଼ିକୁ ଯୋଗାଇ ଦିଆଯାଉଛି ଏବଂ ତେଣୁ ସେମାନଙ୍କୁ ଆଉ ଆପଣାର ଗ୍ରାସାଚ୍ଛାଦନ ବିଷୟରେ ଚିନ୍ତା କରିବାକୁ ପଡୁ ନାହିଁ ।

'oaob.nitrkl.ac.in' images reprocessed

The usual sadhanas have for aim the union with the Supreme Consciousness (Sat-chit-ananda) - But those who reach there, are satisfied with their own liberation and leave the world to its unhappy plight - On the contrary Sri Aurobindo's sadhana starts where the others end - Once ~~realised~~ the union with the supreme is realised, one must bring down that realisation to the exterior world and change the conditions of life upon the earth until a total transformation is accomplished - In accordance with this aim, the sadhaks of the integral yoga, do not retire from ~~life~~ the world to lead a life of contemplation and meditation - Each one must devote at least one third of his time to a useful work - All activities are represented

'oaob.nitrkl.ac.in' images reprocessed

in the Ashram and each one chooses the work most congenial to his nature, but must do it in a spirit of service and unselfishness, keeping always in view the aim of integral transformation —
To make this purpose possible the Ashram is organised so that all its inmates find there reasonable needs satisfied and have not worry about their subsistence.

*

ନିୟମଗୁଡ଼ିକୁ ଅତ୍ୟନ୍ତ କମ୍‌ସଂଖ୍ୟକ କରି ରଖାଯାଇଛି, ଯେପରିକି ପ୍ରତ୍ୟେକ ବ୍ୟକ୍ତି ଆପଣାର ବିକାଶ ନିମନ୍ତେ ଆବଶ୍ୟକ ସ୍ୱାଧୀନତା ମଧ୍ୟରେ ବାସ କରି ପାରିବ; ମାତ୍ର, ଅଳ୍ପ କେତୋଟି କଥାକୁ ଅତ୍ୟନ୍ତ କଠୋର ଭାବରେ ନିଷିଦ୍ଧ ରଖାଯାଇଛି : ସେଗୁଡ଼ିକ ହେଲେ – (୧) ରାଜନୀତି, (୨) ଧୂମପାନ, (୩) ସୁରାସେବନ ଓ (୪) ଯୌନ-ଉପଭୋଗ ।

ସମସ୍ତଙ୍କର ଯେପରି ଉତ୍ତମ ସ୍ୱାସ୍ଥ୍ୟ ରହିବ ଏବଂ ସମସ୍ତଙ୍କର ଶରୀର କୁଶଳ ରହିବ ତଥା ସାଧାରଣ ଭାବରେ ବୃଦ୍ଧିପ୍ରାପ୍ତ ହେବ,– ବଡ଼, ସାନ, ପିଲା ଓ ବୁଢ଼ା ସମସ୍ତଙ୍କର –, ସେଥିଲାଗି ପ୍ରଭୂତ ଯତ୍ନ ନିଆଯାଉଛି ।

*୨୪ ସେପ୍‌ଟେମ୍ବର ୧୯୫୩*

*

ବାହାରର ରୂପ ଓ ବିଧାନଗୁଡ଼ିକ ବଦଳି ଯାଉଛି, ମାତ୍ର ଆମର ବିଶ୍ୱାସ ଏବଂ ଲକ୍ଷ୍ୟ ଅପରିବର୍ତ୍ତିତ ରହିଛି । *୩୦ ଅକ୍‌ଟୋବର ୧୯୫୪*

*

'oaob.nitrkl.ac.in' images reprocessed

ଆମର ଲକ୍ଷ୍ୟ ଏକ ରାଜନୀତିକ କିଂବା ସାମାଜିକ ଲକ୍ଷ୍ୟ ନୁହେଁ, ଏହା ଏକ ଆଧ୍ୟାତ୍ମିକ ଲକ୍ଷ୍ୟ । କୌଣସି ଶାସନ କିଂବା ସରକାରର ପରିବର୍ତ୍ତନ ନୁହେଁ, ମାତ୍ର ବ୍ୟକ୍ତିଚେତନାର ଏକ ରୂପାନ୍ତରହିଁ ଆମେ ଇଚ୍ଛା କରୁଛୁ । ସେହି ଲକ୍ଷ୍ୟରେ ଯାଇ ପହଞ୍ଚିବା ନିମନ୍ତେ, ଅଧିକରୁ ଅଧିକ କ୍ଷମତାଶାଳୀ କୌଣସି ମାନବୀୟ ସାଧନ ଉପରେ ଆଦୌ କୌଣସି ଆସ୍ଥା ରଖି ନାହୁଁ; ଆମେ କେବଳ ସେହି ଦିବ୍ୟ ପରମଚେତନା ଉପରେହିଁ ଆସ୍ଥା ରଖିଛୁ ।

*

ଏଠାରେ ଆମ ଲାଗି କେବଳ ଗୋଟିଏ କଥାର ମୂଲ୍ୟ ରହିଛି । ଆମେ ଦିବ୍ୟ ପରମସତ୍ତାଙ୍କ ଲାଗି ଅଭୀପ୍ସା ରଖିଛୁ, ତାଙ୍କରି ଲାଗି ବାସ କରୁଛୁ, ତାଙ୍କରି ପାଇଁ କାର୍ଯ୍ୟ କରୁଛୁ ।

*ଜୁଲାଇ ୧୯୫୬*

*

କେତେ କେତେ ଯୁଗର ଉଦ୍ଦୀପ୍ତ ଅଭୀପ୍ସାହିଁ ଆମକୁ ଏଠାରେ ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟ ଲାଗି ଏକତ୍ରିତ କରାଇଛି ।

*

*ମାଆ, ଆମେ ଶୁଣିବାକୁ ପାଉଛୁ ଯେ ପିଲାମାନେ ଆଶ୍ରମକୁ ଆସିବା ପୂର୍ବରୁ ଏଠାରେ ବ୍ୟବସ୍ଥାଗୁଡ଼ିକ ଅଧିକ କଠୋର ଏବଂ ଶୃଙ୍ଖଳା ଅଧିକ ଶକ୍ତ ହୋଇ ରହିଥିଲା । ସେହିସବୁ ବ୍ୟବସ୍ଥା ବର୍ତ୍ତମାନ କିପରି ଏବଂ କାହିଁକି ବଦଳିଲା ?*

ପିଲାମାନେ ଆସିବା ପୂର୍ବରୁ, କେବଳ ଯେଉଁମାନେ ସାଧନା କରିବାକୁ ଇଚ୍ଛା କରୁଥିଲେ ଆଶ୍ରମରେ ସେହିମାନଙ୍କୁ ଗ୍ରହଣ କରା ଯାଉଥିଲା ଏବଂ, ଯେଉଁସବୁ ଆଚରଣ ଓ କାର୍ଯ୍ୟ ସାଧନା ନିମିତ୍ତ ଉପଯୋଗୀ, କେବଳ ସେହିଗୁଡ଼ିକୁହିଁ ଅନୁମତି ଦିଆ ଯାଉଥିଲା ।

ମାତ୍ର, ଯେହେତୁ ପିଲାମାନେ ମଧ୍ୟ ସାଧନା କରନ୍ତୁ ବୋଲି ଦାବି କରିବା ଏକାନ୍ତ ଅଯୌକ୍ତିକ ହେବ, ତେଣୁ, ପିଲାମାନେ ଆଶ୍ରମକୁ ପ୍ରବେଶ କରିବା ସଙ୍ଗେସଙ୍ଗେହିଁ ଏହି କଠୋରତାକୁ ଚାଲିଯିବାକୁ ପଡ଼ିଲା ।

*ଜାନୁଆରି ୧୯୬୧*

*

ମନୁଷ୍ୟ ଜାତି ବର୍ତ୍ତମାନ ଯାହାକିଛି ହାସଲ କରିଛି, ସେଗୁଡ଼ିକ ଯେତେ ବୃହତ୍

'oaob.nitrkl.ac.in' images reprocessed

ହୋଇଥିଲେ ମଧ୍ୟ, ସେଗୁଡ଼ିକ କଦାପି ଆମେ ଅନୁସରଣ କରିବା ଭଳି ଏକ ଆଦର୍ଶରେ ପରିଣତ ହୋଇ ପାରିବ ନାହିଁ । ମନୁଷ୍ୟର ସେହି ଅନ୍ୟ ଆଦର୍ଶଗୁଡ଼ିକୁ ନେଇ ପ୍ରୟୋଗ କରିବା ସକାଶେ ଏକ କ୍ଷେତ୍ରରୂପେ ପ୍ରଶସ୍ତ ପୃଥିବୀ ପଡ଼ି ରହିଛି ।

ଆମର ଉଦ୍ଦେଶ୍ୟ ଏକାବେଳେକେ ଭିନ୍ନ ଏବଂ ଆମ ସଫଳତାର ସମ୍ଭାବନାଗୁଡ଼ିକ ବର୍ତ୍ତମାନ ଅତ୍ୟନ୍ତ କ୍ଷୀଣ ହୋଇ ରହିଥିଲେ ମଧ୍ୟ, ଆମ ମନରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ଆମେ ଭବିଷ୍ୟତକୁ ପ୍ରସ୍ତୁତ କରି ଆଣିବା ଲାଗିହିଁ ଏଠାରେ ଯାହାକିଛି କାର୍ଯ୍ୟ କରୁଛୁ ।

ମୁଁ ଭଲକରି ଜାଣିଛି ଯେ, ବାହ୍ୟ ଦୃଷ୍ଟିରୁ ବିଚାର କରି ଦେଖିଲେ, ଏହି ପୃଥିବୀରେ ବର୍ତ୍ତମାନ ହାସଲ ହୋଇ ସାରିଥିବା ଅନେକ କିଛିର ତୁଳନାରେ ଆମେ କେତେ ତଳେ ଯାଇ ରହିଛୁ; ମାତ୍ର, ମନୁଷ୍ୟର ମାନଦଣ୍ଡ ଅନୁସାରେ କୌଣସି ପୂର୍ଣ୍ଣତା ହାସଲ କରିବା ଆମର ଆଦୌ ଲକ୍ଷ୍ୟ ନୁହେଁ । ଆମେ ଆଉକିଛି ଲାଗି ଉଦ୍ୟମ ଆରମ୍ଭ କରିଛୁ, ଭବିଷ୍ୟର ଗର୍ଭରେ ରହିଥିବା ଏକ ସମ୍ପଦ ଲାଗି ପ୍ରୟାସ କରୁଛୁ ।

ଏକ ନୂତନ ପୃଥିବୀର ଗଠନ ପାଇଁ ଛାଞ୍ଚରୂପେ କାର୍ଯ୍ୟ କରିବା ଲାଗି ଆଶ୍ରମର ପ୍ରତିଷ୍ଠା ହୋଇଛି, ତାହା ସେଇଥିଲାଗି ଉଦ୍ଦିଷ୍ଟ ହୋଇ ରହିଛି ।

ପ୍ରେରଣା ଉପରୁ ଆସୁଛି, ପଥପ୍ରଦର୍ଶନକାରୀ ଶକ୍ତି ମଧ୍ୟ ଉପରୁ ଆସୁଛି, ସୃଜନକାରିଣୀ ଶକ୍ତି ଉପରୁ ଆସୁଛି,– ନୂତନ ଉପଲବ୍ଧିଟିର ଅବତରଣ ଲାଗି କାର୍ଯ୍ୟକାରୀ ହୋଇ ରହିଛି ।

ଏହି ଆଶ୍ରମ ଆପଣାର ଦୋଷ, ଅଭାବ ଏବଂ ବିଫଳତାଗୁଡ଼ିକର ପରିପ୍ରେକ୍ଷୀରେହିଁ ବର୍ତ୍ତମାନର ଏକ ଦୃଷ୍ଟାନ୍ତ ହୋଇ ରହିଛି ।

ମନୁଷ୍ୟଜାତି ବର୍ତ୍ତମାନ ଯେତେ ଯାହା ହାସଲ କରି ପାରିଛି, ଆଶ୍ରମକୁ ତାହାର ଅସୁବିଧାଗୁଡ଼ିକ ମଧ୍ୟରୁ ଟାଣି ବାହାର କରି ନେବା ପାଇଁ ସେଗୁଡ଼ିକର କୌଣସି ଶକ୍ତି ନାହିଁ ।

ଆଶ୍ରମବାସୀ ସମସ୍ତେ ଯେତେବେଳେ ସଂପୂର୍ଣ୍ଣ ଭାବରେ ଦୀକ୍ଷିତ ହୋଇଯିବେ ଏବଂ ଅବତରଣ କରୁଥିବା ପରମ ସତ୍ୟାଲୋକ ଲାଗି ଯେତେବେଳେ ପୂର୍ଣ୍ଣ ଉନ୍ମୋଚନ ସମ୍ଭବ ହେବ, ସେତେବେଳେ ତାହାହିଁ ଆଶ୍ରମକୁ ଆପଣା ଲକ୍ଷ୍ୟର ଉପଲବ୍ଧିରେ ସାହାଯ୍ୟ କରିପାରିବ ।

ଏହା ଯେ ଏକ ଅତି କଠିନ କାର୍ଯ୍ୟ, ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ସେହି କାର୍ଯ୍ୟକୁ ସମ୍ପନ୍ନ କରିବା ନିମନ୍ତେ ଆମେ ଆଦେଶ ପାଇଛୁ ଏବଂ କେବଳ ସେଇଥି ସକାଶେହିଁ ପୃଥିବୀରେ ରହିଛୁ ।

'oaob.nitrkl.ac.in' images reprocessed

ସର୍ବୋଚ୍ଚ ପରମସତ୍ତାଙ୍କର ଇଚ୍ଛା ତଥା ସହାୟତାରେ ଅବିଚଳ ବିଶ୍ୱାସ ସ୍ଥାପନ କରିହିଁ ଆମେ ଶେଷ ପର୍ଯ୍ୟନ୍ତ ସେହି କାର୍ଯ୍ୟଟିକୁ କରିବାରେ ଲାଗିଥିବୁ ।

ଯେଉଁମାନେ ସେହି ଉଦ୍ଦେଶ୍ୟ ସକାଶେ ନିଜର ଜୀବନ ଦେବାକୁ ନିଷ୍ପତ୍ତି କରୁଛନ୍ତି, ସେମାନଙ୍କ ଲାଗି ଦ୍ୱାର ଖୋଲାହୋଇ ରହିଛି ଓ ସତତ ସେହିପରି ଖୋଲା ହୋଇ ରହିଥିବ ।

*୧୩ ଜୁନ୍ ୧୯୬୪*

*

*ଏଠାରେ ଏପରି କିଛି ଅବସ୍ଥିତ ରହିଛି, ଯାହାକି ଯାବତୀୟ ପ୍ରତିଭାସଠାରୁ କେତେ କାମ୍ୟତର; ତାହା ହୃଦୟ ମଧ୍ୟରେ ଏବଂ ଚିଦାଧାର ଭିତରେ ସତେଅବା ଏକ ଉଷ୍ମ ଏବଂ ଜୀବନ୍ତ ସୂର୍ଯ୍ୟ ପରି ହୋଇ ରହିଛି ।*

ଏହାକୁହିଁ ଯଥାର୍ଥ ବିବେକ ବୋଲି କୁହାଯିବ ଏବଂ ମୁଁ ସେଥିଲାଗି ତୁମକୁ ଅଭିନନ୍ଦନ ଜଣାଉଛି । ଯେଉଁମାନେ କେବଳ ପ୍ରତିଭାସଗୁଡ଼ାକୁହିଁ ଦେଖୁଥା'ନ୍ତି, ସେମାନେ ସେହି ସୂକ୍ଷ୍ମ ଅଥଚ ଏକାନ୍ତ ମହତ୍ତ୍ୱପୂର୍ଣ୍ଣ ପାର୍ଥକ୍ୟଗୁଡ଼ିକୁ ନିଜ ଭିତରେ ବାରି ପାରିବାକୁ ମୋଟେ ସମର୍ଥ ହୁଅନ୍ତି ନାହିଁ । ଏକ ଯଥାର୍ଥ ଏବଂ ଆଲୋକଯୁକ୍ତ ଚେତନାର ଉପସ୍ଥିତିରୁହିଁ ସେହି ବିବେକ ସମ୍ଭବ ହୋଇଥାଏ ।

*୧୧ ଜୁନ୍ ୧୯୬୭*

*

ଏଠାରେ ଆମର କୌଣସି ଧର୍ମ ନାହିଁ । ଧର୍ମର ସ୍ଥାନାପନ୍ନ ଭାବରେ ଆଧ୍ୟାତ୍ମିକ ଜୀବନ ରହିଛି; ଏଇଟି ଅଧିକ ଯଥାର୍ଥ, ଏକାଧାରରେ ଅଧିକ ଗଭୀର ଏବଂ ଅଧିକ ଉଚ୍ଚ । ଅର୍ଥାତ୍, ଦିବ୍ୟ ପରମସତ୍ତାଙ୍କର ଅଧିକ ନିକଟ । କାରଣ, ସେହି ଦିବ୍ୟ ପରମସତ୍ତାହିଁ ସକଳ ବସ୍ତୁରେ ରହିଛନ୍ତି, ମାତ୍ର ଆମେ ସେହି ବିଷୟରେ ସଚେତନ ହୋଇ ରହି ନାହୁଁ । ମନୁଷ୍ୟକୁ ସେହି ବିପୁଳ ଅଗ୍ରଗତିଟିକୁ କରିବାକୁହିଁ ପଡ଼ିବ ।

*୧୯ ମାର୍ଚ୍ଚ ୧୯୭୩*

'oaob.nitrkl.ac.in' images reprocessed

## ପ୍ରବେଶାନୁମତିର ସର୍ତ୍ତ

ବାହାରୁ ଦେଖି କୌଣସି କଥାର ବିଚାର କର ନାହିଁ ଓ ଲୋକମାନେ ଯାହା କହୁଛନ୍ତି, ତାହାକୁ ଆଦୌ ଶୁଣିବ ନାହିଁ । କାରଣ, ଏହି ଦୁଇଟିଯାକ କଥାହିଁ ପଥ ହୁଡ଼ାଇ ନେଇଯାଆନ୍ତି । ମାତ୍ର, ଯଦି ତୁମେ ସେହି ବାଟରେ ଯିବାକୁ ଆବଶ୍ୟକ ମନେ କରୁଥିବ, ତେବେ ଅବଶ୍ୟ ଯାଇପାରିବ ଏବଂ ବାହ୍ୟ ଦୃଷ୍ଟିରୁ ହୁଏତ ତାହାକୁହିଁ ଅଧିକ ବିଚାରସମ୍ପନ୍ନ ବୋଲି କୁହାଯାଇ ପାରିବ ।

ପୁନଶ୍ଚ ଏଠାରେ ରହିବା ଆଦୌ ସହଜ ନୁହେଁ । ଆଶ୍ରମରେ କୌଣସି ବାହ୍ୟ ଶୃଙ୍ଖଳା ରଖା ଯାଇ ନାହିଁ, ବାହାରକୁ ଦେଖାଯିବା ଭଳି କୌଣସି ପରୀକ୍ଷା ମଧ୍ୟ ନାହିଁ । ମାତ୍ର, ଅନ୍ତର୍ଗତ ପରୀକ୍ଷାଟି ଅତ୍ୟନ୍ତ କଠୋର ହୋଇ ରହିଛି, ସେହି ପରୀକ୍ଷା ସତତ ହେଉଛି । ଏଠାରେ ରହିପାରିବା ସକାଶେ ସକଳ ଅହଂକାରକୁ ଅତିକ୍ରମ କରିଯିବା ନିମନ୍ତେ ଏବଂ ସକଳ ଦମ୍ଭକୁ ଜୟ କରିବା ନିମନ୍ତେ ଆପଣାର ଅଭୀପ୍ସାରେ ଏଠାରେ ଅତ୍ୟନ୍ତ ନିଷ୍ଠାଯୁକ୍ତ ହୋଇ ରହିବାକୁ ପଡ଼ିବ ।

ବାହାର ଭୂମିରେ ଏଠାରେ ପୂର୍ଣ୍ଣ ସମର୍ପଣ କଦାପି ଆଦାୟ କରା ଯାଏ ନାହିଁ; ମାତ୍ର, ଯେଉଁମାନେ ସ୍ଥାୟୀ ଭାବରେ ରହିବାକୁ ଚାହାନ୍ତି, ସେମାନଙ୍କ ଲାଗି ତାହା ପ୍ରକୃତରେ ଅପରିହାର୍ଯ୍ୟ । ପୁନଶ୍ଚ, ସେହି ସମର୍ପଣର ଆନ୍ତରିକତାର ପ୍ରମାଣ ଲାଗି ଏଠାରେ ଅନେକ ଅନେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଅବଶ୍ୟ, ପରମ କରୁଣା ତଥା ସହାୟତା ସର୍ବଦା ମହଜୁଦ ରହିଥା'ନ୍ତି; ଯେଉଁମାନେ ସେଗୁଡ଼ିକ ଲାଗି ଅଭୀପ୍ସା ରଖିଥା'ନ୍ତି ସେମାନଙ୍କ ଲାଗି ସତତ ମହଜୁଦ ଥାଆନ୍ତି । ଏବଂ, ବିଶ୍ୱାସ ତଥା ପ୍ରତ୍ୟୟ ସହିତ ଗ୍ରହଣ କରି ପାରିଲେ ସେମାନେ ଅମିତ ଶକ୍ତି ସହିତ ଆସି କାର୍ଯ୍ୟ ମଧ୍ୟ କରନ୍ତି ।

*୨୦ ନଭେମ୍ବର ୧୯୪୮*

*

ଜୀବନ ତଥା ମନୁଷ୍ୟମାନଙ୍କ ପ୍ରତି ରହିଥିବା ବିରକ୍ତି ଦ୍ୱାରା ତାଡ଼ିତ ହୋଇ ଯୋଗମାର୍ଗକୁ ଆସିବା କଦାପି ଉଚିତ ନୁହେଁ ।

ବିପଦ ଓ ବାଧାଗୁଡ଼ିକର କବଳରୁ ଖସି ପଳାଇଯିବା ସକାଶେ ଏଠାକୁ ଆସିବା ଆଦୌ ଉଚିତ ନୁହେଁ ।

ଶ୍ରଦ୍ଧା ଏବଂ ସୁରକ୍ଷାର ମଧୁରତା ଆସ୍ୱାଦନ କରିବା ସକାଶେ ମଧ୍ୟ ନୁହେଁ, କାରଣ, ଯଥାର୍ଥ ଦୃଷ୍ଟିକୋଣଟିକୁ ରଖି ପାରିଲେ ଯେକୌଣସି ସ୍ଥାନରେ ମଧ୍ୟ ଦିବ୍ୟ ପରମସତ୍ତାଙ୍କର ଶ୍ରଦ୍ଧା ଓ ସୁରକ୍ଷାର ଉପଭୋଗ କରାଯାଇ ପାରିବ ।

'oaob.nitrkl.ac.in' images reprocessed

ଯେତେବେଳେ କୌଣସି ବ୍ୟକ୍ତି ନିଜକୁ ସଂପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କର ସେବାରେ ସମର୍ପି ଦେବାକୁ ଇଚ୍ଛା କରିବ, କେବଳ ଆପଣାକୁ ଦେଇଦେବାର ଏବଂ ସେବା କରିବାର ଆନନ୍ଦ ଲାଗିହିଁ ସିଏ ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟରେ ଆପଣାକୁ ଉତ୍ସର୍ଗ କରିଦେବାକୁ ମନ କରିବ, କେବଳ ସେହି ଉତ୍ସର୍ଗୀକରଣ ଏବଂ ସେବା ବ୍ୟତୀତ ପ୍ରତିବଦଳରେ ଆଉ କିଛି ହେଲେ ମାଗିବ ନାହିଁ, ତେବେ ଯାଇ ସିଏ ଏଠାକୁ ଆସିବାକୁ ପ୍ରସ୍ତୁତ ବୋଲି କୁହାଯିବ ଏବଂ ଏଠାରେ ତା'ଲାଗି ଦ୍ୱାର ଖୋଲା ହୋଇ ରହିଛି ବୋଲି ଦେଖିବାକୁ ମଧ୍ୟ ପାଇବ ।

ପୃଥିବୀର ଯେକୌଣସି ସ୍ଥାନରେ ରହିଥିବା ମୋ'ର ସବୁ ସନ୍ତାନଙ୍କ ପାଇଁ ମୁଁ ଯେଉଁ ଆଶୀର୍ବାଣୀ ଦେଇଥାଏ, ତୁମକୁ ମଧ ତାହା ଦେଉଛି ଏବଂ କହୁଛି, "ତୁମେ ନିଜକୁ ପ୍ରସ୍ତୁତ କର, ମୋ'ର ସହାୟତା ତୁମ ଲାଗି ଅନୁକ୍ଷଣ ରହିଥିବ ।"

*୩୦ ମାର୍ଚ୍ଚ ୧୯୬୦*

*

ତୁମେ କହୁଛ ଯେ ଏକ ଆଧ୍ୟାତ୍ମିକ ଜୀବନ ଯାପନ କରିବାକୁ ତୁମର ଇଚ୍ଛା ହେଉଛି; ମାତ୍ର ସେଥିଲାଗି ତୁମକୁ ବୁଝିବାକୁ ହେବ ଯେ, ଏହି ମାର୍ଗରେ ଯିବାକୁ ହେଲେ ସର୍ବପ୍ରଥମ କଥା ହେଉଛି ନିମ୍ନତର ଯାବତୀୟ ଗତିସ୍ପନ୍ଦନକୁ ପାର ହୋଇଯିବା, ଯାବତୀୟ ଆକର୍ଷଣ ତଥା ଆସକ୍ତି ମଧ୍ୟରୁ ଉତ୍ତୀର୍ଣ୍ଣ ହେବା, କାରଣ ଏସବୁ ହେଉଛନ୍ତି ଆଧ୍ୟାତ୍ମିକ ଜୀବନର **ସଂପୂର୍ଣ୍ଣ ବିପରୀତ** ।

ଏକ ଆଧ୍ୟାତ୍ମିକ ଜୀବନ ଏହାହିଁ ଦାବି କରିଥାଏ ଯେ, ବ୍ୟକ୍ତି ଐକାନ୍ତିକ ଭାବରେ ଦିବ୍ୟ ପରମସତ୍ତା ଏବଂ କେବଳ ସେହି ଦିବ୍ୟ ପରମସତ୍ତାଙ୍କ ଆଡ଼କୁହିଁ ଅଭିମୁଖୀ ହୋଇ ରହିବ । ସେ ଯାହାକିଛି କାର୍ଯ୍ୟ କରିବ, କେବଳ ସେହି **ଦିବ୍ୟ ପରମସତ୍ତାଙ୍କ ଲାଗିହିଁ** କରିବ; ତା'ର ଯାବତୀୟ କର୍ମତତ୍ପରତା, ଯାବତୀୟ ଅଭୀପ୍ସା, ଆଦୌ କୌଣସି ବ୍ୟତିକ୍ରମ ନ ଥାଇ ତା'ର ସବୁକିଛି ସମସ୍ତ ସତ୍ତାର ଏକ ସଂପୂର୍ଣ୍ଣ ସମର୍ପଣ ସହିତ ଦିବ୍ୟ ପରମସତ୍ତାଙ୍କ ଆଡ଼କୁହିଁ ନିର୍ଦ୍ଦେଶିତ ହୋଇ ରହିଥିବ ।

ମୁଁ ଭଲ କରି ଜାଣେ ଯେ, ଏହି କଥା କଦାପି ଗୋଟିଏ ଦିନରେ ସାଧ୍ୟ ହେବ ନାହିଁ । ମାତ୍ର, ଏହା ଯେ ପ୍ରକୃତରେ ଏହିପରି ହେବା ଉଚିତ, ସେହି **ନିଷ୍ପତ୍ତିଟିକୁ** ଏକାନ୍ତ **ଅବିଚଳ ଭାବରେ** ଗ୍ରହଣ କରିବାକୁ ପଡ଼ିବ । କେବଳ ଏହି ସର୍ତ୍ତରେହିଁ ମୁଁ ତୁମକୁ ଆଧ୍ୟାତ୍ମିକ ଜୀବନ ଲାଗି ଗ୍ରହଣ କରି ପାରିବି ।

*୨୯ ଜୁଲାଇ ୧୯୬୦*

*

'oaob.nitrkl.ac.in' images reprocessed

ଜଣେ ଯଥାର୍ଥ ଶିଷ୍ୟ ହେବାକୁ ହେଲେ ଏକ ଅନୁକୂଳ ବାହ୍ୟ ବାତାବରଣ ଅପେକ୍ଷା ଆଦର୍ଶ ପ୍ରତି ନିଷ୍ଠାପରତା ଏବଂ କାର୍ଯ୍ୟଟି ଲାଗି ଉତ୍ସର୍ଗୀକୃତ ଭାବ ଅନେକ ଅଧିକ ପରିମାଣରେ ଆବଶ୍ୟକ ।

*୨୫ ଅଗଷ୍ଟ ୧୯୬୨*

*

ଆଶ୍ରମରେ ରହିବାକୁ ଅନୁମତି ପାଇବା ଲାଗି
ସର୍ବପ୍ରଥମ ସର୍ତ୍ତ

ପ୍ରାର୍ଥୀ ବିନା ସର୍ତ୍ତରେ ଆପଣାର ଜୀବନକୁ ଦିବ୍ୟ ପରମସତ୍ତାଙ୍କ ସେବାରେ ଉତ୍ସର୍ଗ କରିଦେବା ନିମନ୍ତେ ସଂକଳ୍ପ ଗ୍ରହଣ କରିଥିବା ଉଚିତ ।.

*୧୨ ଜୁନ୍ ୧୯୬୫*

*

ସଂଜ୍ଞା ଅନୁଯାୟୀ ଜଣେ ଆଶ୍ରମ୍‌ବାସୀ ନିଜର ଜୀବନକୁ ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି ଏବଂ ତାଙ୍କର ସେବା ଲାଗି ଉତ୍ସର୍ଗ କରିଦେବା ନିମନ୍ତେ ସଂକଳ୍ପ ଗ୍ରହଣ କରି ସାରିଛି ।

ଏଥିଲାଗି ଚାରିଗୋଟି ଗୁଣ ରହିଥିବା ଆବଶ୍ୟକ, ଯାହା ବ୍ୟତୀତ ଯାବତୀୟ ଅଗ୍ରଗତି ବଡ଼ ଅନିଶ୍ଚିତ ହୋଇ ରହିଥିବ ଏବଂ ଅବକାଶ ଆସିବା ମାତ୍ରକେ ନାନା ବିଘ୍ନ ତଥା ଦୁର୍ଦଶାଜନକ ପତନର ଅଧୀନ ହୋଇ ରହିବାକୁ ପଡୁଥିବ :

ଆନ୍ତରିକତା, ବିଶ୍ୱସ୍ତତା, ବିନୟ ଏବଂ କୃତଜ୍ଞତା ।

*

*"ଆଶ୍ରମର ଜଣେ ଉପଯୁକ୍ତ ସନ୍ତାନ" ହୋଇ ପାରିବାକୁ କେଉଁ ଗୁଣମାନ ଆବଶ୍ୟକ ?*

ଆନ୍ତରିକତା, ସାହସ, ଶୃଙ୍ଖଳା, ସହିଷ୍ଣୁତା, ଦିବ୍ୟ କର୍ମରେ ପୂର୍ଣ୍ଣ ବିଶ୍ୱାସ ଏବଂ ଦିବ୍ୟ ପରମକରୁଣା ଉପରେ ଅଟଳ ଆସ୍ଥା । ଏହି ସବୁକିଛି ଗୁଣ ସହିତ ଏକ ଅପ୍ରତିହତ, ଉଦ୍ଦୀପ୍ତ ଓ ସତତ-ଉଦ୍ୟମଶୀଳ ଅଧ୍ୟବସାୟ ରହିଥିବା ଉଚିତ ଓ ଅସୀମ ଧୈର୍ଯ୍ୟ ମଧ୍ୟ ରହିଥିବା ଉଚିତ ।

*୨୮ ଡିସେମ୍ବର ୧୯୬୬*

*

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତାଙ୍କ ଲାଗି ଯେଉଁମାନେ ନିଜର ଜୀବନକୁ ଉତ୍ସର୍ଗ କରି ଦେବା ଲାଗି ଇଚ୍ଛା କରୁଛନ୍ତି, ଏହି ଆଶ୍ରମ ସେହିମାନଙ୍କ ଲାଗି ଉଦ୍ଦିଷ୍ଟ ।

ଜୁନ୍ ୧୯୭୧

*

## ଆଶ୍ରମରେ ଜଣେ ଶିଷ୍ୟ ହୋଇ ରହିବା ପାଇଁ ଦୁଇଟି ଅପରିହାର୍ଯ୍ୟ ସର୍ତ୍ତ

୧) ସଂକଳ୍ପ କରିବାକୁ ହେବ ଯେ ଆତ୍ମାର ଆବଶ୍ୟକତାଗୁଡ଼ିକହିଁ ଆଉ ଯାବତୀୟ ଆବଶ୍ୟକତାର ପୁରୋଭାଗରେ ରହିଥିବ ଏବଂ, ଶରୀର, ପ୍ରାଣିକ ତଥା ମନଃସ୍ତରର ଅନ୍ୟ ଯାବତୀୟ ଆବଶ୍ୟକତାକୁ ଏପରି ଭାବରେ ପୂରଣ କରିବାକୁ ହେବ, ଯେପରିକି ଆତ୍ମାର ଆବଶ୍ୟକତାଗୁଡ଼ିକର ପରିପୂରଣ-କ୍ଷେତ୍ରରେ ସେମାନେ ଆଦୌ କୌଣସି ହସ୍ତକ୍ଷେପ କରୁ ନ ଥିବେ ।

୨) ଏହି ଦୃଢ଼ ପ୍ରତ୍ୟୟଟିକୁ ରଖିବାକୁ ପଡ଼ିବ ଯେ, ମୁଁ ପ୍ରତ୍ୟେକ ବ୍ୟକ୍ତିର ଆତ୍ମାର ପ୍ରକୃତ ଆବଶ୍ୟକତାଗୁଡ଼ିକୁ ଜାଣିବା ଲାଗି ସମର୍ଥ ହେଉଛି ଏବଂ ତେଣୁ ଏହି କ୍ଷେତ୍ରରେ ସକଳ ମୀମାଂସା କରି ପାରିବାକୁ ମୋ'ର ଅଧିକାର ରହିଛି, ଯୋଗ୍ୟତା ମଧ ରହିଛି ।

*

ମୁଁ ଯେ ଯାବତୀୟ ବସ୍ତୁର ତଥା କ୍ରିୟାର ପରିଣାମଗୁଡ଼ିକୁ ପୂର୍ବରୁହିଁ ଅଧିକ ଭଲ ଭାବରେ ଦେଖିବା ଲାଗି ସମର୍ଥ, ଯଦି କାହାର ସେହି ବିଷୟରେ ଦୃଢ଼ ପ୍ରତ୍ୟୟ ହୋଇ ନ ଥିବ, ତେବେ ତାକୁ ଏଠାରେ ରହିବାର ଅଧିକାଂଶ ସୁଯୋଗକୁ ହରାଇବାକୁହିଁ ପଡ଼ିବ ।

'oaob.nitrkl.ac.in' images reprocessed

## ଯଥାର୍ଥ ଆଚରଣ

ମୁଁ ଭଲକରି ଜାଣିଛି ଯେ, ଲୋକମାନେ ଏଡ଼େ ଟିକିଏ କଥାକୁ ଏଡ଼େବଡ଼ କରିପକାନ୍ତି ଏବଂ ଭାରି ଅବିବେକୀ ହୋଇ ରହିଥା'ନ୍ତି । ମାତ୍ର, ସେମାନଙ୍କର ଚେତନାରେ ପରିବର୍ତ୍ତନ ନ ଘଟିବା ପର୍ଯ୍ୟନ୍ତ ସେମାନଙ୍କଠାରୁ ଆଉ ଅନ୍ୟ କ'ଣ ଆଶା କରାଯାଇ ପାରିବ ?

*

ଲୋକମାନେ ଏଠାରେ ଚେତନାରେ ଏକ ପରିବର୍ତ୍ତନ ଘଟାଇବା ପାଇଁ ରହିଛନ୍ତି । ସେମାନେ, ସେମାନେ ସମସ୍ତେ, ଆପଣାର ଲକ୍ଷ୍ୟ ପ୍ରତି ନିଷ୍ଠାଯୁକ୍ତ ନ ହୋଇଥିବା ପର୍ଯ୍ୟନ୍ତ ଯଥାର୍ଥରେ କିଛି କରାଯାଇ ପାରିବ ନାହିଁ ।

*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁମାନେ ଏଠାରେ ରହିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ଆପଣାର ଜୀବନ ଅତିବାହିତ କରିବାର ଧାରାଟି ଅପେକ୍ଷା ଅଧିକ ପରିମାଣରେ ନିଜର ଜୀବନ ବଞ୍ଚିବାର ଧାରାରେ ଏକ ପରିବର୍ତ୍ତନ ଘଟାଇବାକୁ ପଡ଼ିବ ।

ଆମେ ଏପରି ଏକ ଚେତନା ସମ୍ଭବ କରିବା ଲାଗି ଉଦ୍ୟମ କରୁଛୁ, ଯାହାକି ଅଧିକ ଗଭୀର, ଅଧିକ ସମଗ୍ର ଓ ଅଧିକ ଯଥାର୍ଥ; କାରଣ ସେହି ଚେତନାକୁ ପ୍ରକାଶ କରି ଆଣିବା ହେଉଛି ଆମର ଅସଲ ଉଦ୍ଦେଶ୍ୟ ।

*

ଯଦି କାର୍ଯ୍ୟ କରିବା ମାତ୍ରକେ ଆମେ ଜଣେ ଅଜ୍ଞାନ ସାଧାରଣ ମନୁଷ୍ୟ ପରିହିଁ କାର୍ଯ୍ୟ କରୁଥିବା, ତେବେ ସାଧକ ହେବାରେ ଆଉ କି ପ୍ରୟୋଜନ ରହିଲା ?

*

ପ୍ରତ୍ୟାଶା କରାଯାଉଛି ଯେ, ପୃଥିବୀ ଲାଗି ଆମେ ଏକ ଅଧିକ ଭଲ ଜୀବନର ଉଦାହରଣ ଦେଖାଇବା; ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅସଦାଚରଣର ଉଦାହରଣ ହୋଇ ରହିବା ନାହିଁ ।

*

ଆଶ୍ରମଜୀବନରେ ପ୍ରବେଶ କରି ଯୋଗର ପଥକୁ ଗ୍ରହଣ କରିନେବା ମାତ୍ରକେ ଏଠାରେ ବ୍ୟକ୍ତିର ଆଉ କୌଣସି ସଂପ୍ରଦାୟ, ଜାତି କିଂବା ଜନ୍ମଗତ ଗୋଷ୍ଠୀ ରହିବ ନାହିଁ । ସିଏ ଶ୍ରୀଅରବିନ୍ଦଙ୍କର ଜଣେ ଶିଷ୍ୟ ହୁଏ, ଆଉ କିଛି ହୋଇ ରହେ ନାହିଁ । ସିଏ ଆଗରୁ କ'ଣସବୁ ଥିଲେ, ସେହି ବିଷୟରେ ଥଟ୍ଟାତାମସା କରିବା ଏଠାରେ ସଂପୂର୍ଣ୍ଣ

'oaob.nitrkl.ac.in' images reprocessed

ଅସଙ୍ଗତ ଏବଂ ତାହା ମନ୍ଦ ରୁଚିର ପରିଚୟ ଦେଇଥାଏ । ତାହା ତା'ଭିତରେ ଏବଂ ବକ୍ତା ଭିତରେ ଏକ ପୁରାତନ ଏବଂ ଭୁଲ୍ ମାନସିକ ଦୃଷ୍ଟିକୋଣକୁ ବଞ୍ଚାଇ ରଖିବାରେହିଁ ସହାୟତା କରିଥାଏ ।

ଜାନୁଆରି ୧୯୨୯

*

*ଯେତେବେଳେ 'କ', ଜଣେ ନୃତ୍ୟକାରୀ, ଏଠାକୁ ଆପଣଙ୍କୁ ଦେଖିବା ଲାଗି ଆସିଲେ, ସେତେବେଳେ ବହୁ ସାଧକ ତାଙ୍କୁ ଆସି ବେଢ଼ିଗଲେ । ସିଏ କିଛି ନୃତ୍ୟ ପ୍ରଦର୍ଶନ କରନ୍ତୁ ବୋଲି ତାଙ୍କୁ ଭାରି ଜିଦ୍ କରି କହିଲେ । ମାତ୍ର ସିଏ କହିଥିଲେ ଯେ ସିଏ ନୃତ୍ୟର ପୋଷାକଗୁଡ଼ିକୁ ସାଙ୍ଗରେ ନେଇ ଏଠାକୁ ଆସି ନାହାନ୍ତି । ଏଠାରେ ଲୋକମାନଙ୍କର ନୃତ୍ୟ ଦେଖିବାକୁ କାହିଁକି ଏତେବେଶୀ ବାସନା ରହିଛି, ଏକଥା ତାଙ୍କୁ ଭଲ ଲାଗିଲା ନାହିଁ । ସିଏ ମୋତେ ଗୋପନରେ କହିଥିଲେ ଯେ, ଯଦି ସିଏ ଆଉଥରେ କେବେ ଏଠାକୁ ଆସିବେ, ତେବେ ସାଙ୍ଗରେ ନୃତ୍ୟ-ପୋଷାକ ନ ନେଇ ଆସିବାକୁହିଁ ବିଶେଷ ଭାବରେ ମନେ ରଖିବେ । କାରଣ, ଏଠାକୁ ତ ସିଏ ନିଜକୁ ଦେଖାଇ ହେବାକୁ ଆସିବେ ନାହିଁ, ସେ ଏଠାକୁ ଯୋଗ କରିବା ସକାଶେ ଆସିବେ ।*

ସିଏ ଠିକ୍ କଥା କହିଛନ୍ତି । ଆଶ୍ରମରେ ଅତ୍ୟଧିକ ସଂଖ୍ୟାର ଅନେକ ଲୋକ ଭୁଲିଯାଆନ୍ତି ଯେ, ସେମାନେ ଏଠାରେ ଯୋଗସାଧନା କରିବାକୁ ରହିଛନ୍ତି ।

୭ ଜାନୁଆରି ୧୯୩୮

*

ଆଶ୍ରମ ଯୋଗସାଧନା ପାଇଁ ରହିଛି; ସଙ୍ଗୀତରଞ୍ଜନ ଅଥବା ଅନ୍ୟ କୌଣସି ସାମାଜିକ କାର୍ଯ୍ୟକ୍ରମ ପାଇଁ ଆଦୌ ରହି ନାହିଁ ।

ଯେଉଁ ବ୍ୟକ୍ତିମାନେ ଆଶ୍ରମରେ ବାସ କରୁଛନ୍ତି, ସେମାନେ ଶାନ୍ତ ଓ କୋଳାହଳଶୂନ୍ୟ ଭାବରେ ବାସ କରନ୍ତୁ ବୋଲି ଅନୁରୋଧ । ଯଦି ଧ୍ୟାନ କରିବାକୁ ସେମାନେ ନିଜେ ସମର୍ଥ ନୁହନ୍ତି, ତେବେ ସେମାନଙ୍କର ଅନ୍ୟମାନଙ୍କୁ ଧ୍ୟାନ କରିବା ସକାଶେ ଅବସର ଦେବା ଉଚିତ ।

*

ମୋତେ ସଙ୍ଗୀତ ଭଲ ଲାଗେ ନାହିଁ ବୋଲି କିଏ ଯେ ଚାରିଆଡ଼େ ଏକ ଜନରବ ସୃଷ୍ଟି କରୁଛି, ମୁଁ ସେକଥା ଜାଣି ନାହିଁ । ସେକଥା ମୋଟେ ଠିକ୍ ନୁହେଁ – ସଙ୍ଗୀତ

'oaob.nitrkl.ac.in' images reprocessed

ମୋତେ ଭାରି ଭଲ ଲାଗେ, ମାତ୍ର କେବଳ ଏକ କ୍ଷୁଦ୍ର ଗୋଷ୍ଠୀରେ ବସିହିଁ ସଙ୍ଗୀତ ଶୁଣିବା ଉଚିତ, ଅର୍ଥାତ୍, ଖୁବ୍ ବେଶୀ ହେଲେ ଏକତ୍ର ପାଞ୍ଚ ବା ଛଅଜଣଙ୍କ ପାଇଁ ସଙ୍ଗୀତର କାର୍ଯ୍ୟକ୍ରମ ରହିବା ଉଚିତ । ମାତ୍ର ଗୁଡ଼ାଏ ମଣିଷ ଏକାଠି ଆସି ଜମା ହେଲେ ଅଧିକାଂଶ ସମୟରେ ତାହା ଏକ ସାମାଜିକ ସମାବେଶରେ ପରିଣତ ହୋଇଯାଏ ଏବଂ ସେଥିରୁ ଯେଉଁ ପରିବେଶର ସୃଷ୍ଟି ହୁଏ, ତାହା ଆଦୌ ଅନୁକୂଳ ହୁଏ ନାହିଁ ।

*

ଯେଉଁମାନେ ଆପଣାର ପ୍ରାଣିକ ଅଥବା ଭାବପ୍ରବଣତାମୟ ବାସନାଗୁଡ଼ିକର ତୃପ୍ତି ଲୋଡୁଥା'ନ୍ତି, ଆଶ୍ରମ ସେମାନଙ୍କ ଲାଗି ଉଦ୍ଦିଷ୍ଟ ନୁହେଁ; ଯେଉଁମାନେ ଦିବ୍ୟ ପରମସତ୍ତାଙ୍କ ଲାଗି ନିଜକୁ ପରିପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେବାର ଅଭୀପ୍ସା ରଖିଛନ୍ତି, ଆଶ୍ରମ ହେଉଛି ସେହିମାନଙ୍କ ଲାଗି । ଏହି କଥାଟି କହିବା ସଙ୍ଗେ ସଙ୍ଗେ ମୋତେ ତୁମମାନଙ୍କୁ ସତର୍କ କରିଦେବାକୁ ପଡ଼ିବ ଯେ, ଯାହାକିଛିକୁ ପ୍ରକାଶ୍ୟ ଭାବରେ କରାଯାଇ ପାରିବ, ଏଠାରେ ତୁମେମାନେ କେବଳ ତାହାହିଁ କରିବ; କାରଣ ଏଠାରେ କିଛିହେଲେ ଲୁଚାଇ ରଖିହେବ ନାହିଁ ।

*୨୫ ଏପ୍ରିଲ ୧୯୫୮*

*

ଯାହାକୁ ସମସ୍ତଙ୍କ ଆଗରେ କରିହେବ, ଆଶ୍ରମରେ ବ୍ୟକ୍ତି କେବଳ ତାହାହିଁ କରିବ; କାରଣ ଏଠାରେ ଆଦୌ କିଛିହେଲେ ଲୁଚି ରହିବ ନାହିଁ । ମୋ'ର ସୁରକ୍ଷା ବିଷୟରେ କହିବାକୁ ଗଲେ, ଏହା ସମାନ ଭାବରେ ସମସ୍ତଙ୍କ ପାଇଁ ରହିଛି; ଏପରି ନୁହେଁ ଯେ ଏହା କେତେଜଣଙ୍କୁ ରକ୍ଷାକରୁଛି ଓ ତେଣୁ ଆଉ କେତେଜଣଙ୍କର ବିରୁଦ୍ଧ ହୋଇ ରହିଛି ।

*

ସବୁ କ୍ଷେତ୍ରରେ ଗୋଟିଏ ଉତ୍ତର ଦେବା ସଂପୂର୍ଣ୍ଣ ଅସମ୍ଭବ । ପ୍ରତ୍ୟେକ ବ୍ୟକ୍ତି ତଥା ପ୍ରତ୍ୟେକ ଅବସର ବେଳକୁ ଉତ୍ତର ନିଶ୍ଚୟ ଭିନ୍ନ ହେବ । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଏପରି କୁହାଯାଇ ପାରିବ ଯେ, ଯିଏ କେହି ଗୋଟିଏ ଗୋଷ୍ଠୀ ମଧ୍ୟରେ ବାସ କରୁଥିବ, ତାକୁ ଯଥାସମ୍ଭବ ସେହି ଗୋଷ୍ଠୀର ନିୟମଗୁଡ଼ିକୁ ମାନି ଚଳିବାକୁହିଁ ପଡ଼ିବ । ପୁନଶ୍ଚ, ଯେତେବେଳେ ବ୍ୟକ୍ତିମାନଙ୍କର କାର୍ଯ୍ୟ ସଂପୂର୍ଣ୍ଣ ଭାବରେ ସେମାନଙ୍କ ମଧ୍ୟରେ ରହିଥିବା ଦିବ୍ୟ ପରମସତ୍ତାଙ୍କ ଦ୍ୱାରାହିଁ ଉତ୍ପ୍ରେରିତ ହୋଇ ପାରୁଥିବ, କେବଳ ସେତିକିବେଳେ ଯାଇ ସେମାନଙ୍କର ସାମୂହିକ ବିଧାନଗୁଡ଼ିକର ବିରୋଧରେ ଯିବା ଲାଗି କୌଣସି ଅଧିକାର ରହିବ । ଦିବ୍ୟ ପରମସତ୍ତାଙ୍କର ସମ୍ମୁଖରେ ଅବସ୍ଥିତ ରହି ସେମାନେ

'oaob.nitrkl.ac.in' images reprocessed

ଯାହା କରନ୍ତେ ବା କହନ୍ତେ, ଯଦି ସେମାନଙ୍କର ଯାବତୀୟ କରଣି ଓ କଥନି କରା ହେଉଥିବ ଓ କୁହା ହେଉଥିବ, ତେବେ, ମାତ୍ର କେବଳ ସେତିକିବେଳେ, ସେମାନଙ୍କର 'ମୁଁ କେବଳ ମୋ ନିଜର ନିୟମ ମାନିବି, ଅନ୍ୟ କୌଣସି ନିୟମ ମାନିବି ନାହିଁ' ବୋଲି କହିବାର ଅଧିକାର ରହିଥିବ ।

*୨୮ ଜାନୁଆରି ୧୯୬୦*

*

"ବ୍ୟକ୍ତିଗତ ଭାବାନୁଭୂତି" ଦ୍ୱାରା ପ୍ରେରିତ ହୋଇ ଆଶ୍ରମରେ କିଛି କରାଯାଇ ପାରିବ ନାହିଁ ।

ତୁମେ ଯେ ବ୍ୟକ୍ତିଗତ ଭାବାନୁଭୂତିଗୁଡ଼ିକର ସ୍ତରରୁ ଉପରକୁ ଉଠିଯାଅ, ଏବଂ ତେବେ ଯାଇ ଉପଲବ୍ଧିର ଦ୍ୱାରଗୁଡ଼ିକ ଉନ୍ମୋଚିତ ହୋଇଯିବ ।

*୩ ଫେବ୍ରୁଆରି ୧୯୬୫*

*

ଆଉ କୌଣସି ଡେରି ନ କରି ବର୍ତ୍ତମାନ ଆଶ୍ରମରେ ଶାନ୍ତି ଓ ସମଞ୍ଜସତାକୁହିଁ ପ୍ରତିଷ୍ଠିତ ହୋଇ ରହିବାକୁ ପଡ଼ିବ ।

*

*(ଦୁଇଜଣ ଆଶ୍ରମବାସୀଙ୍କ ମଧ୍ୟରେ ହୋଇଥିବା ଏକ କଳହ ସମ୍ବନ୍ଧରେ)*

ଏସବୁର ଅର୍ଥ ଗୁମ୍ଫାରେ ବାସ କରୁଥିବା ଆଦିମ ମଣିଷର ସମୟକୁ ଫେରିଯିବା ବ୍ୟତୀତ ଆଉ କ'ଣ ହୋଇପାରେ ?

ଆମେ ସଭ୍ୟ ସମାଜର କୃତ୍ରିମ ଜୀବନକୁ ବଞ୍ଚିବା ସକାଶେ ଆଦୌ ଇଚ୍ଛା କରୁ ନାହୁଁ ସତ, ମାତ୍ର, ପଛକୁ ପାରସ୍ପରିକ ଯୁଦ୍ଧର ଅବସ୍ଥାକୁ ଫେରିଯିବା ଅପେକ୍ଷା ଶିଡ଼ିର ଉର୍ଦ୍ଧ୍ୱକୁ ଏକ ବୃହତ୍ତର ସଭ୍ୟତାର ସ୍ତରକୁ ଆରୋହଣ କରିପାରିବା ନିଶ୍ଚୟ ଅଧିକ ଭଲ ହେବ ।

*

ମୁଁ ଏତିକି କହିବା ସକାଶେ "ଅପରାଧୀ"କୁ ଡକାଇ ପଠାଇଛି ଯେ, ଆଶ୍ରମ ଭିତରେ ଏହି ପ୍ରକାରର କାର୍ଯ୍ୟ ଲାଗି କୌଣସି ସ୍ଥାନ ନାହିଁ । ଅବଶ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ, ଏଠାରେ ଅଧିକାଂଶ ସମୟରେ ଏହିପରି କାର୍ଯ୍ୟମାନହିଁ କରା ଯାଇଥାଏ । ମାତ୍ର, ତାଙ୍କ ସହିତ ଭେଟ ହେବା ଆଗରୁ ମୁଁ ତୁମପାଖକୁ ଏହି ଚିଠି ପଠାଉଛି, ଯେପରିକି ତୁମେ ଜାଣିପାରିବ ଯେ, ମୁଁ ତୁମ ପାଖକୁ ଯାହା ଲେଖୁଛି, ସେଥିସହିତ ତାଙ୍କର ଆଦୌ କିଛି କରିବାର ନାହିଁ ।

'oaob.nitrkl.ac.in' images reprocessed

ମାତ୍ର, ତୁମ ଚିଠିର ଦ୍ୱିତୀୟ ଅଂଶଟି ମୋତେ ସୂଚାଇଦେଲା ଯେ, ଆକ୍ରମଣଟିକୁ ଉଚିତ ବୋଲି ପ୍ରମାଣ କରିବାକୁ କୌଣସି ଚେଷ୍ଟା ନ କରି, କାରଣ ଏକ ଆକ୍ରମଣକୁ କଦାପି ଉଚିତ ବୋଲି ପ୍ରମାଣ କରି ହେବ ନାହିଁ, ଅନ୍ତତଃ ତୁମ ମନର ଅବସ୍ଥା ତାହାର ଏକ ଔଚିତ୍ୟ ରହିଛି ବୋଲି ପ୍ରମାଣ କରିଦେଉଛି । ମୁଁ ଅତୃପ୍ତ ଏବଂ ଅବଦମିତ ନାନା ବାସନାରୁ ଜନ୍ମଲାଭ କରୁଥିବା ଘୃଣା ଏବଂ ଦ୍ୱେଷ, ତୀବ୍ର ସମାଲୋଚନା ତଥା ଅତି ନିମ୍ନସ୍ତରର ନୈତିକତାର ଏପରି ଏକ ପ୍ରଦର୍ଶନ କ୍ୱଚିତ୍ ଦେଖିବାକୁ ପାଇଛି ।

ଏସବୁ ଆଦୌ ସୁନ୍ଦର କଥା ନୁହେଁ, ଏବଂ ତୁମକୁ ଯେଉଁପରି ମାଡ଼ ଖାଇବାକୁ ହୋଇଛି, ତାହା ପ୍ରତି ହୁଏତ ଯେଉଁ ସହାନୁଭୂତି ପ୍ରକାଶ କରାଯାଇ ପାରିଥା'ନ୍ତା, ଏହା ସଙ୍ଗେ ସଙ୍ଗେ ସେହି ସହାନୁଭୂତିକୁ ଦୂରୀଭୂତ କରିଦେଉଛି ।

ତୁମେ ଏକଥା ମୋ'ର ସ୍ମରଣ କରାଇ ଦେଇଥିବାରୁ ତୁମକୁ ମୁଁ ଧନ୍ୟବାଦ ଦେଉଛି ଯେ, ମୁଁ ଏଠାରେ ଯେଉଁ ସ୍ଥାନରେ ରହିଛି, ତାହା ମୋ' ଉପରେ କେତେକ କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ଅବଶ୍ୟ ନ୍ୟସ୍ତ କରି ରଖିଛି । ମାତ୍ର ଏହି କ୍ଷେତ୍ରରେ ନ୍ୟାୟ ପାଖରେ ଯାଇ ଆବେଦନ କରିବା ଅପେକ୍ଷା ପରମସତ୍ତାଙ୍କର କରୁଣାକୁହିଁ ଆବାହନ କରିବା ଅଧିକ ଯଥାର୍ଥ ହେବ; କାରଣ, ଯଦି ତାହା ପ୍ରକୃତରେ କାର୍ଯ୍ୟକାରୀ ହେବାକୁ ଆରମ୍ଭ କରିବ, ତେବେ ଖୁବ୍ କମ୍ ସଂଖ୍ୟକ ବ୍ୟକ୍ତି ତାହା ଆଗରେ ଯାଇ ତିଷ୍ଠିବାକୁ ସମର୍ଥ ହେବେ ।

*

ଆଶ୍ରମରେ ଯୌନଗତ ସକଳ ସମ୍ବନ୍ଧ ନିଷିଦ୍ଧ ।

ତେଣୁ ସାଧୁତା ଦୃଷ୍ଟିରୁ ଆଶ୍ରମ ଏବଂ ଯୌନସମ୍ବନ୍ଧ ମଧ୍ୟରୁ ଗୋଟିକୁ ବାଛିନେବାକୁ ପଡ଼ିବ । ଏହା ଏକ ବିବେକର ବ୍ୟାପାର ।

*୧୨ ଜୁନ୍ ୧୯୭୧*

*

କାହା ସହିତ ପ୍ରୀତିରେ ଆବଦ୍ଧ ହୋଇ ରହିବାର ସ୍ଥାନ ଆଶ୍ରମ ନୁହେଁ । ଯଦି ତୁମେ ଏହିପରି ଏକ ନିର୍ବୋଧତା ମଧ୍ୟକୁ ପେରିଯିବାକୁ ଇଚ୍ଛା କରୁଛ, ତେବେ ତୁମେ ଅନ୍ୟତ୍ର ଯାଇପାର, ମାତ୍ର ଏଠାରେ ରହି ପାରିବ ନାହିଁ ।

'oaob.nitrkl.ac.in' images reprocessed

## ରାଜନୀତି ଲାଗି ସ୍ଥାନ ନାହିଁ

ରାଜନୀତି କରିବାକୁ ନୁହେଁ, ମାତ୍ର ଦିବ୍ୟ ପରମସତ୍ତାଙ୍କର ସେବା ନିମନ୍ତେ ଆମେ ଏଠାରେ ରହିଛୁ ।

*

ଶ୍ରୀଅରବିନ୍ଦ ଭାବୁଛନ୍ତି ଯେ, ଏହିପରି ଏକ ରାଜନୀତିକ ବ୍ୟାପାରରେ ଏକ ତାରସମ୍ବାଦ ପଠାଇ ହସ୍ତକ୍ଷେପ କରିବା ଆମ ଲାଗି ଆଦୌ ସମ୍ଭବ ହେବ ନାହିଁ । ଏଭଳି ଦୁଃଖଦାୟକ ଓ ଅସୁବିଧାଜନକ ପରିସ୍ଥିତିରେ କି ପନ୍ଥା ଅବଲମ୍ବନ କରିବା 'କ' ଙ୍କ ଲାଗି ସର୍ବୋତ୍ତମ ହେବ, ଖୁବ୍‌ବେଶୀ ହେଲେ ତୁମେ ତାଙ୍କ ପାଖକୁ ନିଜର ବ୍ୟକ୍ତିଗତ ମତକୁ ଲେଖି ପଠାଇଦେଇ ପାରିବ ।

ଶ୍ରଦ୍ଧା ଏବଂ ଅନେକ ଆଶୀର୍ବାଦ ସହିତ ।

*୨୪ ଫେବ୍ରୁଆରି ୧୯୩୯*

*

ମୁଁ 'କ' ଙ୍କଠାରୁ ଚିଠି ପାଇଛି । ତୁମେ ତାଙ୍କୁ ଏହିପରି ଚିଠି ଲେଖି ପାରିବ : "କୌଣସି ପ୍ରକାରର ରାଜନୀତିରେ ହସ୍ତକ୍ଷେପ କରିବା ଆଶ୍ରମ ସହିତ ସଂପୃକ୍ତ ଥିବା ଜଣେ ବ୍ୟକ୍ତି ପକ୍ଷରେ ଆଦୌ ସମ୍ଭବ ନୁହେଁ ।" ସିଏ କଦାପି 'କ' ଙ୍କ ପାଖକୁ ଯିବେ ନାହିଁ । (ଏପରି କରିବା ଦ୍ୱାରା କୌଣସି ପରିସ୍ଥିତିରେ ମଧ ଲାଭଜନକ ହେବ ନାହିଁ) ଯଦି ସିଏ ଯାଆନ୍ତି ଏବଂ 'କ' ଆମକୁ ଏବିଷୟରେ ଆସି କହନ୍ତି, ତେବେ ତାଙ୍କର ସେହି କାର୍ଯ୍ୟ ପଛରେ ଆମର ସମର୍ଥନ ନାହିଁ ବୋଲି ଆମେ କହିବାକୁ ବାଧ ହେବୁ ।

*୩ ଜୁନ୍ ୧୯୩୯*

*

ଆଶ୍ରମର କୌଣସି ବ୍ୟକ୍ତି 'କ' ଙ୍କ ସହିତ ପତ୍ରବ୍ୟବହାର କରନ୍ତୁ ଓ ବିଶେଷତଃ ତାଙ୍କଠାରୁ ଅର୍ଥ ଗ୍ରହଣ କରନ୍ତୁ, ଏଥିରେ ଶ୍ରୀଅରବିନ୍ଦଙ୍କର ଓ ମୋ'ର ଆପତ୍ତି ରହିଛି । କାରଣ, ସିଏ ଏଠାରେ ଏକଦା କିଛି ମାସ ରହିଥିଲେ ମଧ, ସିଏ ଆମକୁ ଯାହା କିଛି ନିଜେ କହିଛନ୍ତି, କେବଳ ସେତିକି ବ୍ୟତୀତ ତାଙ୍କ ବିଷୟରେ ଆମକୁ ଆଉ କିଛି ହେଲେ ଜଣା ନାହିଁ ।

ସିଏ ପ୍ରଦାନ କରିଥିବା କେତେକ ମନ୍ତବ୍ୟରୁ ଏପରି ବୋଧ ହେଉଛି ଯେ ସିଏ ତୀବ୍ର ଭାବରେ ନାତ୍‌ସୀ-ପକ୍ଷର ସମର୍ଥନ କରୁଛନ୍ତି ଏବଂ ତାହାକୁ ଆଦୌ ଗୋପନ ରଖୁ

'oaob.nitrkl.ac.in' images reprocessed

ନାହାନ୍ତି ଏବଂ, ତାଙ୍କ ସହିତ କୌଣସି ସମ୍ପର୍କ ରଖିବା ଦ୍ୱାରା ବର୍ତ୍ତମାନର ପରିସ୍ଥିତିରେ ହୁଏତ ଆଶ୍ରମ ଲାଗି ଘୋର ବିପଦକୁ ଡାକିଆଣିବା ପରି ହେବ ।

୨୫ ଜୁନ୍ ୧୯୪୦

*

ଆଜି ବଡ଼ିସକାଳୁ ତୁମର ମନ ମୋ'ପାଖକୁ ଆସି କେତେକ ପ୍ରଶ୍ନ ପଚାରିଥିଲା । ମୁଁ ଏହିପରି ଭାବରେ ସେଗୁଡ଼ିକର ଉତ୍ତର ଦେଇଛି ।

ମୁଁ ଏଠାରେ ପ୍ରଶ୍ନ ଓ ଉତ୍ତରଗୁଡ଼ିକୁ ଲିପିବଦ୍ଧ କରି ରଖିଛି, ଯେପରିକି ତୁମର ବାହ୍ୟ ଚେତନା ମଧ୍ୟ ତଦ୍ୱାରା ଉପକୃତ ହୋଇପାରିବ ।

"ବ୍ରିଟିଶ୍ ସରକାର ଆଶ୍ରମ ଲାଗି କ୍ଷତିକାରକ ହେଲାଭଳି ଏତେ କଥା କରୁଥିବା ବେଳେ ଆପଣ ତାହା ପ୍ରତି କ୍ରୋଧ ପ୍ରକାଶ କରୁ ନାହାନ୍ତି କାହିଁକି ?"

କାହିଁକି କ୍ରୋଧ ପ୍ରକାଶ କରିବି ? ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ ସେମାନେ ସେହିପରିହିଁ କରିବେ, କାରଣ ତାହା ସେମାନଙ୍କର ସ୍ୱାର୍ଥର ଅନୁକୂଳ ଏବଂ ତାହା କରିବା ଲାଗି ସେମାନଙ୍କର କ୍ଷମତା ରହିଛି ।

"ମାତ୍ର ଏହା ଯେ ଉଚିତ କାର୍ଯ୍ୟ ନୁହେଁ, ବଦାନ୍ୟ ମଧ୍ୟ ନୁହେଁ !"

କୌଣସି ସରକାର ସଦାଚାରୀ ଏବଂ ସଂବେଦନଶୀଳ ହୋଇ ଆଦୌ କୌଣସି କାର୍ଯ୍ୟ କରେ ବୋଲି ତୁମେ କେବେ ଜାଣିବାକୁ ପାଇଲ ? ସେମାନଙ୍କର ବାହ୍ୟ ଯାବତୀୟ ଆଚରଣରେ ସେମାନେ ସବୁବେଳେ ସେହିପରି ହୋଇ ରହିଥା'ନ୍ତି ।

"ତେବେ ଜଣକ ବିରୋଧରେ ଆପଣ କାହିଁକି ଆଉଜଣକୁ ସମର୍ଥନ କରୁଛନ୍ତି ?"

ଏହା ହେଉଛି ଏକ ଭିନ୍ନ କଥା ଏବଂ ତାହା ଉପରିଭାଗର ପଶ୍ଚାତରେ କାର୍ଯ୍ୟ କରୁଥିବା ଶକ୍ତିଗୁଡ଼ିକର ଗତିବିଧି ଉପରେ ନିର୍ଭର କରୁଛି । କେତେକ ଶକ୍ତି ଦିବ୍ୟ ପରମସତ୍ତାଙ୍କ ଲାଗି କାର୍ଯ୍ୟ କରୁଛନ୍ତି ଏବଂ ଆଉ କେତେକ ଆପଣାର ଲକ୍ଷ୍ୟ ଏବଂ ଅଭିପ୍ରାୟରେ ଦିବ୍ୟତାବିରୋଧୀ ହୋଇ ରହିଛନ୍ତି ।

ଅନ୍ଧଭାବରେ ଦିବ୍ୟ ଶକ୍ତିଗୁଡ଼ିକର ନିମିତ୍ତ ହୋଇ ରହିଥିବା ଜାତି ଅଥବା ସରକାରଗୁଡ଼ିକ ଯଦି ଆପଣା କ୍ରିୟାଶୀଳତାର ପ୍ରକ୍ରିୟାରେ ତଥା କ୍ଷେତ୍ରରେ ସଂପୂର୍ଣ୍ଣ ଭାବରେ ଶୁଦ୍ଧ ଏବଂ ଦିବ୍ୟ ହୋଇ ରହିଥାଆନ୍ତେ ଏବଂ ଅତ୍ୟନ୍ତ ଅଜ୍ଞାନ ଭାବରେ ଗ୍ରହଣ କରୁଥିବା ଆପଣାର ପ୍ରେରଣାଟିର କ୍ଷେତ୍ରରେ ମଧ୍ୟ ଶୁଦ୍ଧ ଥାଆନ୍ତେ, ତେବେ ସେମାନେ ପ୍ରକୃତରେ ଅଜେୟ ହୋଇ ପାରନ୍ତେ; କାରଣ ଦିବ୍ୟଶକ୍ତିମାନେ ସ୍ୱୟଂ ଅଜେୟ । ବାହ୍ୟ ଅଭିବ୍ୟକ୍ତିର କ୍ଷେତ୍ରରେ ରହିଥିବା ମିଶ୍ରଣଟି ସକାଶେହିଁ ଅସୁରକୁ ସେମାନଙ୍କୁ ପରାସ୍ତ କରିଦେବାର ଅଧିକାରଟି ଉପଲବ୍ଧ ହୋଇଯାଉଛି ।

'oaob.nitrkl.ac.in' images reprocessed

ଅସୁରଶକ୍ତି ପାଇଁ ସଫଳ ଭାବରେ ଏକ ନିମିତ୍ତ ହୋଇ ରହିବା ଭାରି ସହଜ, କାରଣ ସେହି ଶକ୍ତି ତୁମ ନିମ୍ନ ପ୍ରକୃତିର ସକଳ ଗତିସ୍ପନ୍ଦନକୁ କବଳିତ କରି ନିଅନ୍ତି ଓ ସେଗୁଡ଼ିକୁ କାମରେ ଲଗାନ୍ତି, ଯେପରିକି ତୁମେ କୌଣସି ଆଧାତ୍ମିକ ପ୍ରୟାସ କରିବା ଲାଗି ଆଦୌ ସମର୍ଥ ହେବ ନାହିଁ ।

ଅନ୍ୟ ପକ୍ଷରେ, ଦିବ୍ୟ ଶକ୍ତିର ହାତରେ ଏକ ଯୋଗ୍ୟ ଯନ୍ତ୍ରରେ ପରିଣତ ହୋଇ ରହିବାକୁ ହେଲେ ତୁମକୁ ନିଜକୁ ସଂପୂର୍ଣ୍ଣ ଭାବରେ ଶୁଦ୍ଧ କରିନେବାକୁ ପଡ଼ିବ; କାରଣ, କେବଳ ସଂପୂର୍ଣ୍ଣ ଭାବରେ ଦିବ୍ୟତାର ସ୍ତରକୁ ଉନ୍ନୀତ ହୋଇ ଯାଇଥିବା ଏକ ଯନ୍ତ୍ରର ମାଧ୍ୟମରେହିଁ ଦିବ୍ୟ ପରମଶକ୍ତି ଆପଣାର ପୂର୍ଣ୍ଣ ସାମର୍ଥ୍ୟ ଏବଂ ପ୍ରଭାବକୁ କାର୍ଯ୍ୟକାରୀ କରିବାକୁ ସମର୍ଥ ହୋଇଥା'ନ୍ତି ।

*୪ ଜୁଲାଇ ୧୯୪୦*

*

ଆଜି ପୃଥିବୀର ପରିସ୍ଥିତି ଅତ୍ୟନ୍ତ ଜଟିଳ ହୋଇ ପଡ଼ିଛି । ଭାରତବର୍ଷର ଭାଗ୍ୟ ମଧ୍ୟ ତରାଜୁ ଉପରେ ଝୁଲି କରି ରହିଛି । ଏକଦା ଭାରତବର୍ଷ ସଂପୂର୍ଣ୍ଣ ସୁରକ୍ଷିତ ହୋଇ ରହିଥିଲା, ଆସୁରିକ ଆକ୍ରମଣର କବଳରେ ପଡ଼ିବା ଲାଗି ସେତେବେଳେ କୌଣସି ବିପଦ ନ ଥିଲା । ମାତ୍ର ବର୍ତ୍ତମାନ ଅବସ୍ଥାସବୁ ବଦଳି ଯାଇଛି । ଭାରତବର୍ଷରେ ବ୍ୟକ୍ତି ତଥା ଶକ୍ତିମାନେ ଏପରି ଏକ ରୀତିରେ କାର୍ଯ୍ୟ କରିଛନ୍ତି, ଯାହାଫଳରେ କି ସେମାନେ ତଦ୍ଦ୍ୱାରା ଭାରତବର୍ଷ ଉପରକୁ ଆସୁରିକ ପ୍ରଭାବଗୁଡ଼ିକୁ ଆମନ୍ତ୍ରିତ କରି ଆଣିଛନ୍ତି । ସେହି ପ୍ରଭାବସବୁ ଘାତକ ଭାବରେ କାର୍ଯ୍ୟ କରିଛନ୍ତି ଏବଂ ପୂର୍ବରୁ ରହିଥିବା ସୁରକ୍ଷାକୁ ଦୁର୍ବଳ କରି ପକାଉଛନ୍ତି ।

ଯଦି ଭାରତବର୍ଷ ବିପଦର ମଣ୍ଡଳ ଭିତରେ ରହିଥାଏ, ତେବେ ପଣ୍ଡିଚେରୀ ସେହି ମଣ୍ଡଳର ବାହାରେ ରହିପାରିବ ବୋଲି କଦାପି ଆଶା କରିହେବ ନାହିଁ । ତାକୁ ମଧ୍ୟ ଅବଶିଷ୍ଟ ଦେଶ ସହିତ ସମାନ ଦଶା ଭୋଗ କରିବାକୁ ହେବ । ମୋ'ଠାରୁ ଯେଉଁ ସୁରକ୍ଷା ମିଳିପାରିବ, ତାହା ମଧ୍ୟ କଦାପି ବିନା ସର୍ତ୍ତରେ ମିଳିବ ନାହିଁ । ସବୁକିଛି ଘଟଣା ସତ୍ତ୍ୱେ ତଥାପି ସୁରକ୍ଷା ସମସ୍ତଙ୍କୁ ମିଳିବ ବୋଲି ଆଶା କରିବା କେବଳ ଆଳସ୍ୟରହିଁ ପରିଚୟ ଦେବ । ସର୍ତ୍ତଗୁଡ଼ିକର ପୂରଣ ହେଲେ ମୋ'ର ସୁରକ୍ଷା ଅବଶ୍ୟ ଉପଲବ୍ଧ ହୋଇ ପାରିବ । ଏହା କହିବା ନିଷ୍ପ୍ରୟୋଜନ ଯେ, ନାତ୍‌ସୀମାନଙ୍କ ପ୍ରତି (ବା ସେମାନଙ୍କ ପକ୍ଷର ଅନ୍ୟ କାହା ପ୍ରତି) କୌଣସି ସହାନୁଭୂତି ଅଥବା ସମର୍ଥନ ଦେଖାଇଲେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାହା ସୁରକ୍ଷାବୃତ୍ତଟିକୁ ଆସି କାଟିଦେବ । ଏହି ସୁସ୍ପଷ୍ଟ ଏବଂ ବାହ୍ୟ କାରଣଟିକୁ ବାଦ୍ ଦେଲେ ମଧ୍ୟ, ଆହୁରି ଅଧିକ ମୌଳିକ ମନସ୍ତାତ୍ତ୍ୱିକ ସର୍ତ୍ତଗୁଡ଼ିକୁ ମଧ୍ୟ

'oaob.nitrkl.ac.in' images reprocessed

ପୂରଣ କରିବାକୁ ହେବ । ଯେଉଁମାନେ ଦିବ୍ୟ ପରମସତ୍ତାଙ୍କ ପ୍ରତି ପୂର୍ଣ୍ଣ ହୃଦୟରେ ଅନୁଗତ ହୋଇ ରହିଥିବେ, ସାଧନାର ଭାବ ନେଇ ଜୀବନ ଅତିବାହିତ କରୁଥିବେ ଏବଂ ଦିବ୍ୟ ପରମସତ୍ତା ତଥା ତାଙ୍କରି ସେବା ଉପରେହିଁ ଆପଣାର ଚେତନା ଓ ଭାବନାକୁ ଅଭିନିବେଶିତ କରି ରଖିଥିବେ, ଦିବ୍ୟ ପରମସତ୍ତା କେବଳ ସେହିମାନଙ୍କୁହିଁ ସୁରକ୍ଷା ପ୍ରଦାନ କରିବ । ଉଦାହରଣ ସ୍ୱରୂପ, ବାସନା, ଆପଣାର ବିଶେଷ ରୁଚି ଏବଂ ସୁବିଧାଗୁଡ଼ିକ ପାଇଁ ଜିଦ୍ ଧରି ବସିବା, କପଟତା, ନିଷ୍ଠାହୀନତା ଏବଂ ମିଥ୍ୟାର ଯାବତୀୟ ଗତିକ୍ରିୟା,– ଏଗୁଡ଼ିକ ବୃହତ୍ ପ୍ରତିବନ୍ଧକ ରୂପେ ଦିବ୍ୟ ପରମସତ୍ତାଙ୍କର ସୁରକ୍ଷାର ପଥକୁ ଓଗାଳି ଠିଆ ହୋଇଥାନ୍ତି । ଯଦି ତୁମେ ନିଜର ଇଚ୍ଛାକୁ ଦିବ୍ୟ ପରମସତ୍ତାଙ୍କ ଉପରେ ଲଦି ଦେବା ପାଇଁ ଇଚ୍ଛା କରିବ, ତୁମେ ତଦ୍ୱାରା ସତେଅବା ତୁମ ଉପରେ ଆସି ପଡ଼ିବା ନିମନ୍ତେ ଏକ ବୋମାକୁ ଯାଇ ଡାକି ଆଣୁଥିବ । ମୁଁ କହୁ ନାହିଁ ଯେ, ଘଟଣାଗୁଡ଼ିକ ନିଶ୍ଚୟ ଠିକ୍ ଏହିପରି ଘଟିବ; ମାତ୍ର ଯଦି ଲୋକମାନେ ସଚେତନ ନ ହେବେ ଏବଂ ଜଣେ ଆଧ୍ୟାତ୍ମିକ ସାଧକର ଭାବ ନେଇ ଦୃଢ଼ ସତର୍କତାର ସହିତ ସକଳ କାର୍ଯ୍ୟ ନ କରିବେ, ତେବେ ସେହି ଘଟଣାଗୁଡ଼ିକ ଖୁବ୍ ସମ୍ଭବ ଘଟିବ । ଯଦି ବାହ୍ୟ ପୃଥିବୀ ପରି ଏଠାରେ ମଧ୍ୟ ମନସ୍ତାତ୍ତ୍ୱିକ ପରିବେଶଟି ଠିକ୍ ସେହିଭଳି ହୋଇ ରହେ, ତେବେ, ଏଠାରେ ପ୍ରବେଶ କରୁଥିବା ବିପଦ, ଦୁଃଖଭୋଗ ଏବଂ ବିନାଶର ଏହି ଘୋର ଅଗ୍ନିପରୀକ୍ଷା ମଧ୍ୟରେ ଯେଉଁ କୃଷ୍ଣବର୍ଣ୍ଣ ବୃହତ୍‌ଶକ୍ତିଗୁଡ଼ିକ କାର୍ଯ୍ୟ କରୁଛନ୍ତି, ସେଗୁଡ଼ିକର ବିରୋଧରେ ସୁରକ୍ଷାର କୌଣସି ନିଶ୍ଚିତ ପ୍ରାଚୀର ଆଉ ଆଦୌ ସମ୍ଭବ ହେବ ନାହିଁ ।

*୨୫ ମଇ ୧୯୪୧*

*

କାଲି ତୁମେ ଏଠାରେ ଯେଉଁ ମୂର୍ଖତାପୂର୍ଣ୍ଣ ଜନରବଟି ରଟାଇଥିଲ, ବର୍ତ୍ତମାନ ମୁଁ ସେଇଟିକୁ ପାଠ କଲି । ତୁମେ ଆଉ କଦାପି ଏପରି କରିବ ନାହିଁ ବୋଲି ମୋତେ ତୁମକୁ କହିବାକୁ ପଡୁଛି । ଏକଥା ଭାରି ଭଲ ଭାବରେ ବୁଝି ହେଉଛି ଯେ, ସମସ୍ତ କାହାଣୀଟିରେ ଅତ୍ୟନ୍ତ ହାସ୍ୟାସ୍ପଦ ଭାବରେ କେବଳ ଗୁଡ଼ାଏ ମିଛକଥାହିଁ ରହିଛି ଓ ସେଥିରେ ଏତେ ଟିକିଏ ହେଲେ ବି ସତ୍ୟ ନାହିଁ । ମାତ୍ର, ଲୋକମାନେ ତ ବଡ଼ ନିର୍ବୋଧ, ତେଣୁ ସେମାନେ ସବୁକିଛିରେ ବିଶ୍ୱାସ କରିପାରନ୍ତି ବା ଅନ୍ତତଃ ଯାହା ମନ ତାହା ଦୋହରାଇ କରି କହି ବୁଲିପାରନ୍ତି । ଏବଂ ଯଦି ଏସବୁ ଜନରବ ଆଶ୍ରମରୁହିଁ ଆରମ୍ଭ ହୋଇଥିଲା ବୋଲି କେହି କେବେ କହିଦିଏ, ତେବେ ତଦ୍ୱାରା ଆମକୁ ଅତ୍ୟନ୍ତ ଅପ୍ରୀତିକର ଓ ଏପରିକି ଅତ୍ୟନ୍ତ ବିପଜ୍ଜନକ ଭାବରେ ହଇରାଣ ହେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ତୁମେ ମୋ'କଥା ବୁଝିବ ବୋଲି ମୁଁ ନିର୍ଭର ଭାବରେ ବିଶ୍ୱାସ କରୁଛି । ତୁମ ଲାଗି ମୋ'ର ଶ୍ରଦ୍ଧା ଏବଂ ଅନେକ ଆଶୀର୍ବାଦ ଜଣାଇ ପଠାଉଛି ।

*୧୧ ଫେବ୍ରୁଆରି ୧୯୪୬*

*

ମୁଁ ତୁମକୁ ଆଗରୁ ମଧ କହିଛି — ଆଶ୍ରମରୁ କଦାପି ଏଭଳି ରାଜନୀତିର ଉନ୍ମେଷ ହେବ ନାହିଁ; ଏଥିରୁ ପର୍ବତପ୍ରମାଣ ପ୍ରମାଦ ଘଟିବାର ଆଶଙ୍କା ରହିଛି ।

ଶ୍ରୀଅରବିନ୍ଦ ଏବଂ ମୋ' ଉପରେ ତୁମର ଯେଉଁ ଆସ୍ଥା ରହିଛି, ଉପସ୍ଥିତ ସମର ସମୟରେ ମୁଁ ତୁମକୁ ସେହି ବିଶ୍ୱାସରେ ଅଟଳ ରହିବା ଲାଗି ଅନୁରୋଧ କରୁଛି, ତାଙ୍କର ଅଦୃଷ୍ଟକୁ ଆମ ଦାୟିତ୍ୱରେ ଛାଡ଼ିଦେବାକୁ ଅନୁରୋଧ କରୁଛି । ସିଏ ବିମୋଚିତ ହେବା ଯଦି ତାଙ୍କର ସତ୍ତାଗତ ସତ୍ୟ ହୋଇଥାଏ, ତେବେ ସିଏ ଅବଶ୍ୟ ବିମୋଚିତ ହେବେ ।

ମୋ'ର ପ୍ରୀତି ଓ ଅନେକ ଆଶୀର୍ବାଦ ସହିତ ।

*୧୪ ଫେବ୍ରୁଆରି ୧୯୪୭*

*

ଏହି କଥା ବାରଂବାର କୁହାଯାଇ ସାରିଛି ଯେ, ଆଶ୍ରମରେ କୌଣସି ପ୍ରକାର ପ୍ରାଦେଶିକ ମନୋଭାବ ନିମନ୍ତେ ଆଦୌ ସ୍ଥାନ ନାହିଁ ଏବଂ ତାହାକୁ ଏଠାରେ କଦାପି ସହ୍ୟ କରାଯିବ ନାହିଁ ।

ମୋତେ ଅନେକ ଦୁଃଖର ସହିତ କହିବାକୁ ହେଉଛି ଯେ, କାଲି ଯେଉଁ ସଭାଟି ହେଲା, ତାହା ଏକ ଅତ୍ୟନ୍ତ ସଂକୀର୍ଣ୍ଣ ଏବଂ ମୂର୍ଖତାପୂର୍ଣ୍ଣ ପ୍ରାଦେଶିକ ମନଃପ୍ରବୃତ୍ତିକୁ ଜଣା ପକାଇଦେଲା । ଏହିସବୁ ବୈଠକକୁ ବନ୍ଦ କରିଦେବାର ଅପ୍ରୀତିକର ପ୍ରୟୋଜନରେ ମଧ ମୋତେ ଆଣି ପକାଇଦେଲା ।

*୧ ଏପ୍ରିଲ ୧୯୪୬*

*

## ଏକ ଘୋଷଣା

ଶ୍ରୀଅରବିନ୍ଦ ନିଜକୁ ରାଜନୀତିରୁ ପ୍ରତ୍ୟାହୃତ କରି ଆଣିଥିଲେ; ଏବଂ, ତାଙ୍କର ଆଶ୍ରମରେ ଏଇଟି ଏକ ମହତ୍ତ୍ୱପୂର୍ଣ୍ଣ ନିୟମ ହୋଇ ରହିଛି ଯେ, ଏଠାରେ ସମସ୍ତଙ୍କୁ ଯାବତୀୟ ରାଜନୀତିରୁ ନିବୃତ୍ତ ହୋଇ ରହିବାକୁ ପଡ଼ିବ । ବିଶ୍ୱର ଘଟଣାଗୁଡ଼ିକ ସହିତ ଶ୍ରୀଅରବିନ୍ଦ ନିଜକୁ ସଂପୃକ୍ତ କରି ରଖି ନ ଥିଲେ ବୋଲି ଯେ ସେପରି ହେଲା, ସେକଥା

'oaob.nitrkl.ac.in' images reprocessed

ଆଦୌ ନୁହେଁ, ମାତ୍ର, ବର୍ତ୍ତମାନ ରାଜନୀତି ଆଚରଣର କ୍ଷେତ୍ରରେ ଯେପରି ହୋଇ ରହିଛି, ତାହା ତଦ୍ୱାରା ପ୍ରକୃତରେ ଏକ ନିମ୍ନସ୍ତରୀୟ ଏବଂ କୁତ୍ସିତ ବ୍ୟାପାରରେ ପରିଣତ ହୋଇ ରହିଛି; ମିଥ୍ୟା, ପ୍ରବଞ୍ଚନା, ଅନ୍ୟାୟ, କ୍ଷମତାର ଅପବ୍ୟବହାର ଏବଂ ହିଂସା ଦ୍ୱାରା ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରିତ ହୋଇ ରହିଛି । କାରଣ, ସେହି ରାଜନୀତିରେ ସଫଳତା ପାଇବାକୁ ହେଲେ, ଆପଣା ଭିତରେ କପଟତା, ଦ୍ୱୈତାଚାର ଏବଂ ବିବେକହୀନ ଉଚ୍ଚାକାଙ୍କ୍ଷାର କର୍ଷଣ କରିବା ଦରକାର ହେଉଛି ।

ନିଷ୍ଠା, ସାଧୁତା, ନିଃସ୍ୱାର୍ଥପରତା, କର୍ତ୍ତବ୍ୟ ଲାଗି ଏକ ଅନାସକ୍ତ ଉତ୍ସର୍ଗଭାବନା, ଚରିତ୍ରବତ୍ତା ଏବଂ ସ୍ପଷ୍ଟବାଦିତା,— ଏଗୁଡ଼ିକ ହେଉଛନ୍ତି ଯୋଗର ଗୋଟିଏ ଗୋଟିଏ ଅପରିହାର୍ଯ୍ୟ ଭୂମି ସ୍ୱରୂପ । ଯେଉଁ ବ୍ୟକ୍ତିମାନେ ଏହି ମୌଳିକ ଗୁଣଗୁଡ଼ିକର ଆଚରଣ କରନ୍ତି ନାହିଁ, ସେମାନେ ଶ୍ରୀଅରବିନ୍ଦଙ୍କର ଶିଷ୍ୟ ନୁହନ୍ତି ଏବଂ ଆଶ୍ରମରେ ସେମାନଙ୍କ ଲାଗି ସ୍ଥାନ ନାହିଁ । ସେହି କାରଣରୁ, ବିକୃତ ଏବଂ ମନ୍ଦ-ଅଭିପ୍ରାୟଯୁକ୍ତ ବ୍ୟକ୍ତିମାନଙ୍କର ମନରୁ ଗଢ଼ା ହୋଇ ବାହାରୁଥିବା ଆଶ୍ରମ ବିରୋଧରେ ମୂଢ଼ତାପୂର୍ଣ୍ଣ ଓ ଭିତ୍ତିହୀନ ଦୋଷାରୋପଗୁଡ଼ିକର କୌଣସି ଜବାବ ଦେବାକୁ ମୁଁ ନାସ୍ତି କରି ଦେଇଥାଏ ।

ଶ୍ରୀଅରବିନ୍ଦ ତାଙ୍କର ମାତୃଭୂମିକୁ ସର୍ବଦା ଅତ୍ୟନ୍ତ ଗଭୀର ଭାବରେ ଭଲ ପାଉଥିଲେ । ମାତ୍ର, ସିଏ ସେହି ଭୂମି ମହାନ୍, ଉଦାର, ଶୁଦ୍ଧ ତଥା ପୃଥିବୀରେ ତା'ଲାଗି ପୂର୍ଣ୍ଣ କରିବାକୁ ରହିଥିବା ବ୍ରତ ଲାଗି ଯୋଗ୍ୟ ହେଉ ବୋଲି ଇଚ୍ଛା କରୁଥିଲେ । ଭାରତବର୍ଷ ଅନ୍ଧ ସ୍ୱାର୍ଥ-ଭାବନା ଏବଂ ଅଜ୍ଞାନମୟ ଭ୍ରମପରବଶତାର ଅସୁନ୍ଦର ଏବଂ ଅଶିଷ୍ଟ ତଳସ୍ତରକୁ ଖସିଆସୁ ବୋଲି ବାଟ ଛାଡ଼ିଦେବାକୁ ସିଏ କେବେ ରାଜି ହେଉ ନ ଥିଲେ । ତେଣୁ, ତାଙ୍କର ସେହି ଇଚ୍ଛା ସହିତ ପୂର୍ଣ୍ଣ ସଙ୍ଗତି ରକ୍ଷା କରି, ଆମେ ସେହି ସତ୍ୟ, ଅଗ୍ରଗତି ତଥା ମନୁଷ୍ୟଜାତିର ରୂପାନ୍ତରକୁହିଁ ପତାକାରୂପେ ଉଚ୍ଚକୁ ଉଠାଇ କରି ରଖିଛୁ; ଏବଂ ଯେଉଁମାନେ ଅଜ୍ଞାନ, ମୂର୍ଖତା, ବିଦ୍ୱେଷ ଅଥବା ଅସଦିଚ୍ଛାର ବଶବର୍ତ୍ତୀ ହୋଇ ତାହାକୁ ଦୂଷିତ କରି ପକାଇବାକୁ ଇଚ୍ଛା କରୁଛନ୍ତି ଏବଂ ତାକୁ କର୍ଦ୍ଦମ ମଧ୍ୟକୁ ଟାଣିନେବାକୁ ଚାହୁଁଛନ୍ତି, ସେମାନଙ୍କ ଲାଗି ଆମେ ଆଦୌ ଭ୍ରୂକ୍ଷେପ କରୁ ନାହୁଁ । ଆମେ ତାହାକୁ ଅନେକ ଉଚ୍ଚକୁ ଉତ୍ତୋଳିତ କରି ଧରିଛୁ, ଯେପରିକି, ଯେଉଁମାନଙ୍କ ଭିତରେ ଏକ ଆତ୍ମା ଜାଗରୂକ ରହିଛି, ସେମାନେ ତାହାକୁ ଦେଖିବାକୁ ସମର୍ଥ ହେବେ ଏବଂ ତାହାରି ଚତୁର୍ଦ୍ଦିଗରେ ସମବେତ ହୋଇ ଆସିବେ ।

*୨୫ ଏପ୍ରିଲ ୧୯୫୪*

*

ଏହା ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ଜରୁରୀ କଥା ଯେ, ତୁମ 'ଇଉନିଟି ପାର୍ଟି'ର ବ୍ୟକ୍ତିମାନେ ଚେତନାର ଏକ ଉଚ୍ଚତର ସ୍ତରକୁ ଉନ୍ନୀତ ହୋଇଯିବେ ଏବଂ ଲୋକମାନଙ୍କ

'oaob.nitrkl.ac.in' images reprocessed

ଉପରେ କ୍ଷୁଦ୍ର ରାଜନୀତିକ ବୁଦ୍ଧିରୁ ପ୍ରସୂତ ଯାବତୀୟ ଆକ୍ରମଣକୁ ବନ୍ଦ କରିଦେବେ । ସେମାନଙ୍କୁ ପରମସତ୍ୟ ଏବଂ ଦିବ୍ୟ ପରମ-ଉପଲବ୍ଧି ଲାଗି ସଂଗ୍ରାମ କରି ଶିଖିବାକୁ ହେବ ଏବଂ କୌଣସି ରାଜନୀତିକ ଦଳର ବିରୋଧରେ ଲଢ଼ିବାକୁ ପଡ଼ିବ ନାହିଁ । ଦିବ୍ୟ ପରମସତ୍ତାଙ୍କ ଦୃଷ୍ଟିରେ, ନିଷ୍ଠାଯୁକ୍ତ ପ୍ରତ୍ୟେକ ପ୍ରତ୍ୟୟ ଓ ବିଶ୍ୱାସ ପଛରେ ସତ୍ୟ ଅବସ୍ଥିତ । ତାହାକୁ ମନୋଗତ ଏବଂ ବ୍ୟାବହାରିକ କ୍ଷେତ୍ରରେ ଜୀବନରେ ପ୍ରୟୋଗ କରିବା ସମୟରେହିଁ ମିଥ୍ୟା ଆବିର୍ଭୂତ ହୋଇ ସବୁକିଛିକୁ ବିକୃତ କରି ପକାଉଛି । ବର୍ତ୍ତମାନ ଏପରି ଗୋଟିଏ ସମୟ ଆସି ପହଞ୍ଚିଛି, ଯେତେବେଳେ କି ଆଶ୍ରମ ସହିତ ଅଳ୍ପବହୁତେ ସଂପୃକ୍ତ ରହିଥିବା ଏବଂ ଆପଣାର କାର୍ଯ୍ୟକୁ ଶ୍ରୀଅରବିନ୍ଦ ବା ମୋ'ର ଶିକ୍ଷା ଉପରେ ଆଧାରିତ କରି ରଖିବାକୁ ଇଚ୍ଛା କରୁଥିବା ସକଳ ବ୍ୟକ୍ତିଙ୍କୁ ରାଜନୀତିକ ବାଦାନୁବାଦର ଯାବତୀୟ ନିମ୍ନସ୍ତରୀୟ ଗତିକ୍ରିୟାରୁ ଆପଣାକୁ ଅବଶ୍ୟ ନିବୃତ୍ତ କରି ରଖିବାକୁ ହେବ ଏବଂ ଚିନ୍ମୟ ଜୀବନର ଉଚ୍ଚତର ଭୂମିଗୁଡ଼ିକରେ ବାସ କରିବାକୁ ପଡ଼ିବ ।

ମୁଁ ଆଶା କରୁଛି ଯେ ତୁମେ ଅବିଳମ୍ବେ ଆବଶ୍ୟକ ପଦକ୍ଷେପଗୁଡ଼ିକୁ ଅବଶ୍ୟ ଗ୍ରହଣ କରିବ ।

*୩୧ ଜାନୁଆରି ୧୯୫୫*

*

ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ, ଆଶ୍ରମ କୌଣସି ରାଜନୀତି କରୁ ନାହିଁ ଏବଂ ତାହା ନିର୍ବାଚନରେ ଆଦୌ କୌଣସି ଆଗ୍ରହ ରଖି ନାହିଁ ।

*୨୫ ଜୁନ୍ ୧୯୫୫*

*

ରାଜନୀତି ମିଥ୍ୟା ଉପରେ ଆଧାରିତ, ଆମର ତାହାକୁ ନେଇ ଆଦୌ କିଛି କରିବାର ନାହିଁ ।

ପରମସତ୍ୟ ବିରୋଧରେ ନିଜକୁ ସୁରକ୍ଷିତ କରି ରଖିବା ଲାଗି ଲୋକମାନେ ଯେଉଁ ଢାଲ ହାତରେ ଧରିଥା'ନ୍ତି, ତାହା ହେଉଛି ନୈତିକତା ।

କେବଳ ଦିବ୍ୟ ପରମସତ୍ତାଙ୍କର ଇଚ୍ଛାକୁହିଁ ଅବିବାଦ୍ୟ ବୋଲି କୁହାଯାଇ ପାରିବ । ମାତ୍ର ମନୁଷ୍ୟ ତାହାର ଯାବତୀୟ କାର୍ଯ୍ୟରେ ତାହାକୁହିଁ ବିକୃତ କରିଦେଉଛି ଓ ମିଥ୍ୟାରେ ପରିଣତ କରୁଛି ।

*

'oaob.nitrkl.ac.in' images reprocessed

## ଏକ ଘୋଷଣା

ଅତ୍ୟନ୍ତ ଉପରଠାଉରିଆ ଭାବରେ ଯାବତୀୟ ବସ୍ତୁକୁ ଦେଖୁଥିବା କେତେକ ଲୋକ, ଆଶ୍ରମ ଏତେ କାଳ ଏହି ସହରରେ ରହିଲାଣି ଅଥଚ ସ୍ଥାନୀୟ ଲୋକମାନେ କାହିଁକି ଆଶ୍ରମକୁ ଭଲ ପାଉ ନାହାନ୍ତି ବୋଲି ହୁଏତ ପ୍ରଶ୍ନ କରିବାକୁ ଇଚ୍ଛା କରିବେ ।

ସେହି ପ୍ରଶ୍ନଟିର ସର୍ବପ୍ରଥମ ଏବଂ ତତ୍କାଳୀନ ଉତ୍ତରଟି ହେଉଛି ଯେ, ଏହି ସହରର ଅଧିବାସୀମାନଙ୍କ ମଧ୍ୟରୁ, ସଂସ୍କୃତି, ବୁଦ୍ଧି, ସଦିଚ୍ଛା ଓ ଶିକ୍ଷାରେ ଯେଉଁ ବ୍ୟକ୍ତିମାନଙ୍କର ଏକ ଉଚ୍ଚତର ମାନ ରହିଛି, ସେମାନେ ଯେ କେବଳ ଆଶ୍ରମର ସ୍ୱାଗତ କରି ଆସିଛନ୍ତି ତା' ନୁହେଁ, ସେମାନେ ଆପଣାର ସହାନୁଭୂତି, ପ୍ରଶଂସା ତଥା ଉତ୍ତମ-ଭାବନା ମଧ୍ୟ ପ୍ରଦର୍ଶନ କରି ଆସିଛନ୍ତି । ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ଆଶ୍ରମର ଅନେକ ନିଷ୍ଠାପର ଏବଂ ଅନୁଗତ ଅନୁଗାମୀ ଏବଂ ବନ୍ଧୁ ରହିଛନ୍ତି ।

ଏତିକି କହିବା ଦ୍ୱାରା ଆମର ସ୍ଥିତି ସୁସ୍ପଷ୍ଟ ହୋଇ ଯାଉଛି ।

ଆମେ କୌଣସି ମତ ବା ଧର୍ମ ବିରୋଧରେ ଯୁଦ୍ଧ କରୁ ନାହୁଁ ।

କୌଣସି ନିର୍ଦ୍ଦିଷ୍ଟ ଢାଞ୍ଚର ସରକାର ବିରୋଧରେ ଯୁଦ୍ଧ କରୁ ନାହୁଁ ।

ସମାଜର କୌଣସି ଶ୍ରେଣୀ ବିରୋଧରେ ଆମେ ଯୁଦ୍ଧ କରୁ ନାହୁଁ ।

କୌଣସି ଜାତି ଅଥବା ସଭ୍ୟତା ବିରୋଧରେ ଯୁଦ୍ଧ କରୁ ନାହୁଁ ।

ଆମେ ବିଭାଜନ ସହିତ ଯୁଦ୍ଧ କରୁଛୁ; ଅଚେତନା, ଅଜ୍ଞାନ, ଜଡ଼ତା ଏବଂ ମିଥ୍ୟା ସହିତ ସଂଗ୍ରାମ କରୁଛୁ ।

ଆମେ ପୃଥିବୀପୃଷ୍ଠରେ ଏକତା, ଜ୍ଞାନ, ଚେତନା, ତଥା ପରମସତ୍ୟର ପ୍ରତିଷ୍ଠା କରିବା ଲାଗି ଉଦ୍ୟମ କରୁଛୁ ଏବଂ, ଏହି ପରମ ଆଲୋକ, ଶାନ୍ତି, ସତ୍ୟ ଓ ପ୍ରେମର ଏହି ନୂତନ ସୃଜନର ଆଗମନକୁ ଯାହା କିଛି ବିରୋଧ ପ୍ରଦର୍ଶନ କରୁଛି, ଆମେ ସେହିଗୁଡ଼ିକ ସହିତ ଲଢ଼ାଇ କରୁଛୁ ।

*୧୬ ଫେବ୍ରୁଆରି ୧୯୬୫*

*

*ଯେତେବେଳେ (୧୯୬୫ ରେ) ଆଶ୍ରମ ଉପରେ ଆକ୍ରମଣ ହେଲା, ସେତେବେଳେ ମୁଁ ବିଶ୍ୱାସ ରଖିବାକୁ ଓ ଶାନ୍ତ ହୋଇ ରହିବାକୁ ଚେଷ୍ଟା କରିଥିଲି ଏବଂ ଆପଣଙ୍କଠାରୁ ସାହାଯ୍ୟ ମାଗିଥିଲି । ମୋ'ର ଭୀରୁତାକୁ ଲୁଚାଇ ରଖିବା ନିମନ୍ତେ ଏହା ଏକ ଆଚ୍ଛାଦନ ପରି କାର୍ଯ୍ୟ କରୁଥିଲା କି ?*

'oaob.nitrkl.ac.in' images reprocessed

ତୁମେ ସେହି ଅନୁଭୂତି ବିଷୟରେ କୌଣସି ସନ୍ଦେହ ପ୍ରକାଶ କରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଶ୍ଚୟ ଠିକ୍ ସେହି ଅବସ୍ଥାରେ ରହିଥିବେ,— ଯେଉଁ ଅବସ୍ଥାଟିକୁ ମୁଁ ଆଶ୍ରମକୁ ଅବତୀର୍ଣ୍ଣ କରାଇ ଆଣୁଥିଲି । ଏବଂ, ଯଦି ସମସ୍ତେ ସେଥିରେ ଅଂଶଗ୍ରହଣ କରିଥା'ନ୍ତେ, ତେବେ ଆଦୌ କିଛି ହେଲେ ଘଟି ନ ଥା'ନ୍ତା, ପ୍ରଚଣ୍ଡତମ ହିଂସାତ୍ମକ ଆକ୍ରମଣଗୁଡ଼ିକ ମଧ୍ୟ ବୃଥା ହୋଇ ଯାଇଥା'ନ୍ତା ।

*୧୯୬୫*

*

ସକଳ ପାର୍ଟି ଓ ସକଳ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଏକ ଦିବ୍ୟ ଜୀବନ ଉଦ୍ଦେଶ୍ୟରେ ଯେଉଁମାନେ ନିଜର ଅଭୀପ୍ସାରେ ନିଷ୍ଠାଯୁକ୍ତ ହୋଇ ରହିଛନ୍ତି, ମାଆ ସେମାନଙ୍କ ସମସ୍ତଙ୍କ ସହିତ ଅବଶ୍ୟ ରହିଛନ୍ତି ।

*୨୬ ମାର୍ଚ୍ଚ ୧୯୭୧*

'oaob.nitrkl.ac.in' images reprocessed

## ଆରାମ ଓ ସୁଖ

ପ୍ରତ୍ୟେକ ବ୍ୟକ୍ତି ତା'ର ନିଜ ମଧ୍ୟରେ ସୁଖ ଅନୁଭବ କରିବାର ସାମର୍ଥ୍ୟକୁ ବହନ କରି ରହିଛି; ମାତ୍ର ମୋ'ର ଦୃଢ଼ ବିଶ୍ୱାସ ରହିଛି ଯେ, ଯେଉଁମାନେ ଏଠାରେ ସୁଖୀ ହୋଇ ପାରୁ ନାହାନ୍ତି, ସେମାନେ ଅନ୍ୟ କୌଣସି ଜାଗାରେ ମଧ୍ୟ ସୁଖୀ ହୋଇ ପାରିବେ ନାହିଁ ।

*୨୪ ଏପ୍ରିଲ୍ ୧୯୩୬*

*

ଏଠାରେ ରହିବା ସମୟରେ ଲୋକମାନଙ୍କୁ ସୁଖୀ ରହିବାକୁ ପଡ଼ିବ, ତା' ନ ହେଲେ ସେମାନେ ଏଠାରେ ଉପଲବ୍ଧ ହେଉଥିବା ଅଦ୍ଭୁତ ଅବସରଟିର ସଂପୂର୍ଣ୍ଣ ସୁଯୋଗ ଗ୍ରହଣ କରି ପାରିବେ ନାହିଁ ।

*

ଯେଉଁମାନେ ସମଞ୍ଜସତା ଓ ସମାଧାନ ଇଚ୍ଛା କରୁଛନ୍ତି, ନିଜର ଭୁଲ୍‌ଗୁଡ଼ିକୁ ସଂଶୋଧନ କରି ଆଗକୁ ଯିବାକୁ ଚାହୁଁଛନ୍ତି, ସେମାନଙ୍କୁ ମୁଁ ସର୍ବଦା ଖୁସୀ ହୋଇ ଗ୍ରହଣ କରେ ଓ ସାହାଯ୍ୟ କରେ । ମାତ୍ର, ଯେଉଁମାନେ ସତ୍ୟର ଠାବ କରି ସେହି ଅନୁସାରେ କାର୍ଯ୍ୟ କରିବା ଲାଗି ନିଜର ଅସମର୍ଥତା ସକାଶେ ଅନ୍ୟମାନଙ୍କ ଉପରେହିଁ ସବୁ ଦୋଷକୁ ନେଇ ଢାଳି ଦେବାକୁ ଇଚ୍ଛା କରୁଥା'ନ୍ତି, ସେମାନଙ୍କ ଲାଗି ମୁଁ ଆଦୌ କୌଣସି କାର୍ଯ୍ୟରେ ଆସିବି ନାହିଁ ।

ମାତ୍ର, ଏହା କହିବା ଅନାବଶ୍ୟକ ଯେ, ଯେଉଁମାନେ ଏଠାରେ ଅଛନ୍ତି, ଓ ରହିବା ସକାଶେ କେତେକ ଅସୁବିଧାର ସମ୍ମୁଖୀନ ହେବା ଲାଗି ପ୍ରସ୍ତୁତ ଅଛନ୍ତି, ସେମାନଙ୍କର ସର୍ବଦାହିଁ ସ୍ୱାଗତ କରାଯିବ ।

*

ତୁମକୁ କେଡ଼େ ପ୍ରତ୍ୟୟର ସହିତ ଯେଉଁ ସ୍ୱାଗତ କରାଗଲା, ତୁମେ ତାହାର ଏକ ଉଦ୍ଧତ ଏବଂ ବୋଧଶୂନ୍ୟ ମନୋବୃତ୍ତି ଦେଖାଇ ପ୍ରତ୍ୟୁତ୍ତର ଦେଇଛ; ଏକ ଅଜ୍ଞାନମୟ ଏବଂ ଧୃଷ୍ଟତାପୂର୍ଣ୍ଣ ନୈତିକତାର ଦୃଷ୍ଟିକୋଣରୁହିଁ ତୁମେ ସବୁକଥାର ବିଚାର କରିଛ । ଏବଂ ସେହି କାରଣରୁହିଁ, ଆଧ୍ୟାତ୍ମିକ ଜୀବନର ଅନ୍ୱେଷଣ କରି ଏଠାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ପରି ତୁମକୁ ଏଡ଼େ ସ୍ୱତଃସ୍ଫୂର୍ତ୍ତ ଭାବରେ ଯେଉଁ ସହାନୁଭୂତି ପ୍ରଦର୍ଶନ କରାଗଲା, ତୁମେ ସେଥିରୁ ପ୍ରକୃତରେ ବଞ୍ଚିତ ହୋଇ ରହିଲ ।

*

'oaob.nitrkl.ac.in' images reprocessed

ଯେଉଁ ଲୋକମାନେ ଏଠାରେ ନିଜକୁ ଶୋଚନୀୟ ଅବସ୍ଥାରେ ରହିଥିବା ପରି ଅନୁଭବ କରୁଛନ୍ତି ଓ ଏଠାରେ ଆପଣାର ଆରାମଗୁଡ଼ିକୁ ପାଉ ନାହାନ୍ତି ବୋଲି ଦେଖୁଛନ୍ତି, ସେମାନଙ୍କର ଏଠାରେ ରହିବା ଉଚିତ ହେବ ନାହିଁ । ଆମେ ଯେତିକି କରିପାରୁଛୁ, ତା'ଠାରୁ ଅଧିକ କରିବା ପାଇଁ ଆମର ଶକ୍ତି ନାହିଁ ଏବଂ, ସେକଥା ଯାହା ହେଉ ପଛକେ, ଏଠାରେ ଲୋକମାନଙ୍କୁ ଏକ ଆରାମଦାୟକ ଜୀବନ ଯୋଗାଇଦେବା ଆମର ଆଦୌ ଲକ୍ଷ୍ୟ ନୁହେଁ; ସେମାନଙ୍କୁ ଏକ ଦିବ୍ୟ ଜୀବନ ଲାଗି ପ୍ରସ୍ତୁତ କରିବା ହେଉଛି ଲକ୍ଷ୍ୟ । ଏହା ଏକ ସଂପୂର୍ଣ୍ଣ ଭାବରେ ଅନ୍ୟ କଥା ।

*

ଏଠାରେ ଆରାମ ଓ ବିଳାସରେ ରହିବା ଏଠାକୁ ଆସି ରହୁଥିବା ବ୍ୟକ୍ତିମାନଙ୍କର କଦାପି ଆସିବାର କାରଣ ହୋଇ ନ ପାରେ – ଭାଗ୍ୟ ଭଲ ଥିଲେ ଜଣେ ବ୍ୟକ୍ତି ଅନ୍ୟ ଯେକୌଣସି ଜାଗାରେ ତାହା ପାଇ ପାରିବ । ମାତ୍ର ଏଠାରେ ଯାହା ପାଇପାରିବ, ତାହା ଅନ୍ୟ କୌଣସି ଜାଗାରେ କଦାପି ମିଳିବ ନାହିଁ । ତାହା ହେଉଛି ଦିବ୍ୟ ପ୍ରେମ, ଦିବ୍ୟ କରୁଣା ଏବଂ ଦିବ୍ୟ ସୁରକ୍ଷା । ଏହି କଥାଟିକୁ ଭୁଲିଗଲେ ଅଥବା ହତାଦର କଲେହିଁ ଲୋକମାନେ ଏଠାରେ ଭାରି ଶୋଚନୀୟ ଅନୁଭବ କରିବାକୁ ଆରମ୍ଭ କରନ୍ତି । ବସ୍ତୁତଃ, କୌଣସି ବ୍ୟକ୍ତି ଯେତେବେଳେ ଭାରି ଦୁଃଖୀ ହୋଇପଡ଼େ ଓ ଅସନ୍ତୋଷ ଅନୁଭବ କରିବାକୁ ଲାଗେ, ସେତେବେଳେ ତାହାକୁ ଏକ ସୁନିଶ୍ଚିତ ସଙ୍କେତ ରୂପେ ଗ୍ରହଣ କରା ଯାଇପାରେ ଯେ, ଏଠାରେ ଦିବ୍ୟ ପରମସତ୍ତା ନିରନ୍ତର ଯାହା ପ୍ରଦାନ କରୁଛନ୍ତି, ସିଏ ସେଇଟି ପ୍ରତି ବିମୁଖ ହୋଇ ପଡ଼ିଲାଣି ଏବଂ ଅନ୍ୟ ପଥରେ ଯାଇ ଜାଗତିକ ଅନ୍ୟ ସନ୍ତୋଷଟିର ଅନୁଧାବନ କରୁଛି ।

*୧୩ ଜାନୁଆରି ୧୯୪୭*

*

ଅଜ୍ଞାନଗ୍ରସ୍ତ ମନୁଷ୍ୟମାନେ ଯାହାକିଛି ବିଶ୍ୱାସ କରୁଥା'ନ୍ତୁ ନା କାହିଁକି, ଆମର ଅନ୍ତରସ୍ଥ ସ୍ପନ୍ଦନଗୁଡ଼ିକହିଁ ବାହ୍ୟ ଭୂମିରେ ଘଟୁଥିବା ଘଟଣାଗୁଡ଼ିକ ଲାଗି ଦାୟୀ ହୋଇ ରହିଥା'ନ୍ତି ।

ଆଶ୍ରମରେ ରହୁଥିବା ଅଧିକାଂଶ ବ୍ୟକ୍ତି ଭାରି ସହଜରେ ଏହି କଥାଟିକୁ ପାସୋରି ଦିଅନ୍ତି ଯେ ସେମାନେ ଏଠାରେ ଏକ ଶାନ୍ତ ଏବଂ ସୁଖକର ଜୀବନ ବଞ୍ଚିବା ଲାଗି କଦାପି ରହି ନାହାନ୍ତି, ମାତ୍ର ସାଧନା କରିବା ଲାଗି ଏଠାରେ ଅଛନ୍ତି । ଏବଂ, ସାଧନା କରିବାକୁ ହେଲେ ନିଜର ଅନ୍ତରସ୍ଥ ଗତିକ୍ରିୟାଗୁଡ଼ିକ ଉପରେ କିଛି ନା କିଛି ନିୟନ୍ତ୍ରଣ ରହିପାରିବା ଏକାନ୍ତ ଅପରିହାର୍ଯ୍ୟ । *୧ ଅକ୍ଟୋବର ୧୯୫୯*

*

'oaob.nitrkl.ac.in' images reprocessed

ଯେଉଁମାନେ ଏଠାକୁ ସାଧନା ନିମନ୍ତେ ଆସିଛନ୍ତି ଏବଂ ଏଠାରେ ପ୍ରକୃତରେ ସାଧନା କରୁଛନ୍ତି, କେବଳ ସେହିମାନେହିଁ ଏଠାରେ ସୁଖୀ ଏବଂ ସନ୍ତୁଷ୍ଟ ହୋଇ ରହିପାରିବେ । ଅନ୍ୟମାନେ ସବୁବେଳେ ନାନା ଅସୁବିଧା ଭୋଗ କରୁଥିବେ, କାରଣ ସେମାନଙ୍କର ବାସନାଗୁଡ଼ିକ ଅପୂର୍ଣ୍ଣ ରହି ଯାଉଥିବ ।

*୨ ଅକ୍ଟୋବର ୧୯୫୯*

*

ଯଦି ତୁମେ ଏଠାରେ ଖୁସୀ ହୋଇ ରହିବାକୁ ଇଚ୍ଛା କରୁଥାଅ, ତେବେ ଆତ୍ମ-ପରିପୂର୍ଣ୍ଣତାର ଯୋଗର ସାଧନା ଲାଗି ସମସ୍ତ ଇଚ୍ଛାଶକ୍ତିକୁ ବହନ କରି ତୁମକୁ ଆସିବାକୁ ପଡ଼ିବ; କାରଣ, ଯଦି ସେଥିଲାଗି ନ ଆସିବ, ତେବେ ଏପରି ଅନେକ ବିଷୟର ସମ୍ମୁଖୀନ ହୋଇ ତୁମକୁ ପ୍ରତ୍ୟେକ ମୁହୂର୍ତ୍ତରେ ଚକିତ ଓ ବିସ୍ମିତ ହୋଇ ରହିବାକୁ ହେବ, ଯାହାକି ତୁମ ଅଭ୍ୟାସଗୁଡ଼ିକର ବିପରୀତ ହୋଇ ରହିଥିବ, ସାଧାରଣ ଜୀବନର ସିଦ୍ଧାନ୍ତଗୁଡ଼ିକର ଠିକ୍ ଓଲଟା ହୋଇ ରହିଥିବ । ତେଣୁ ଏଠାରେ ରହିବା ତୁମ ଲାଗି ମୋଟେ ସମ୍ଭବ ହେବ ନାହିଁ; କାରଣ, ଏଠାରେ କରା ଯାଉଥିବା କାର୍ଯ୍ୟ ତଥା ତଜ୍ଜନିତ ସଂଗଠନ ଲାଗି ଏହିସବୁ ବିଷୟ ଏକାନ୍ତ ଆବଶ୍ୟକ ଏବଂ ସେଗୁଡ଼ିକରେ ଆଦୌ କୌଣସି ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

*୩୦ ସେପ୍ଟେମ୍ବର ୧୯୬୦*

*

ନିଜର ଜୀବନକୁ ସହଜ ଓ ଆରାମଦାୟକ କରିବାକୁ ଆମେ ଏଠାରେ ରହି ନାହୁଁ; ଆମେ ଏଠାରେ ଦିବ୍ୟ ପରମସତ୍ତାଙ୍କୁ ଅନ୍ୱେଷଣ କରି ପାଇବା ପାଇଁ ରହିଛୁ, ଦିବ୍ୟ ସତ୍ତାରେ ପରିଣତ ହେବାକୁ ଏବଂ ତାଙ୍କୁ ପ୍ରକାଶିତ କରି ଆଣିବା ଲାଗିହିଁ ରହିଛୁ ।

ଆମ ଜୀବନରେ କ'ଣ ଘଟିବ ବା ନ ଘଟିବ, ତାହା ସେହି ଦିବ୍ୟ ପରମସତ୍ତା ବୁଝିବେ, ସେଥିରେ ଆମେ ଆଦୌ ମୁଣ୍ଡ ପୂରାଇବା ନାହିଁ ।

ଜଗତର ତଥା ଆମ ନିଜର ପ୍ରଗତି ଲାଗି କ'ଣ ଅନୁକୂଳ, ସେକଥା ଆମ ଅପେକ୍ଷା ଦିବ୍ୟ ପରମସତ୍ତାଙ୍କୁହିଁ ଅଧିକ ଭଲ ଭାବରେ ଜଣାଅଛି ।

*୧୯ ଅଗଷ୍ଟ ୧୯୬୭*

*

ଏଠାରେ ସମୀଚୀନତା ଏକାନ୍ତ ଅପରିହାର୍ଯ୍ୟ ଏବଂ ପୂର୍ଣ୍ଣଯୋଗ ଭାରସାମ୍ୟ, ସ୍ଥିରତା ଏବଂ ଶାନ୍ତି ଉପରେହିଁ ଆଧାରିତ ହୋଇ ରହିଛି, ଦୁଃଖ ଭୋଗ କରିବାର ସେହି ଅସୁସ୍ଥ ଆବଶ୍ୟକତା ଉପରେ ଆଦୌ ଆଧାରିତ ହୋଇ ରହି ନାହିଁ ।

*୧୨ ମଇ ୧୯୬୯*

*

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ କହିଥିଲେ ଯେ ଶରୀରକୁ ମଧ ଯୋଗର ଆୟତନ ମଧରେ ଗ୍ରହଣ କରିନେବାକୁ ପଡ଼ିବ, ଆମେ କଦାପି ତାହାର ପ୍ରତ୍ୟାଖ୍ୟାନ କରିବା ନାହିଁ ବା ତାହା ପ୍ରତି ଅବହେଳା ପ୍ରଦର୍ଶନ କରିବା ନାହିଁ । ଏବଂ, ଏଠାରେ ପ୍ରାୟ ସମସ୍ତେ ସେଇଥିରୁ ଭାବିନେଲେ ଯେ ସେମାନେ ଏହି ଶରୀରର ସ୍ତରରେହିଁ ଯୋଗ କରୁଛନ୍ତି ଏବଂ ତେଣୁ ନାନା ଶରୀରସ୍ତରୀୟ "ପ୍ରୟୋଜନ" ତଥା ବାସନା ମଧରେ ଯାଇ ପଡ଼ିଗଲେ ।

ଖୋଲା ହୋଇ କହିବାକୁ ଗଲେ, ଅନ୍ୟମାନଙ୍କ ପ୍ରତି ବିଦ୍ୱେଷ, ଅସଦିଚ୍ଛା ଏବଂ ଘୃଣାପୂର୍ଣ୍ଣ ଭାବନାରେ ପୂର୍ଣ୍ଣ ହୋଇ ରହିଥିବା ତଥାକଥିତ ବୈରାଗୀମାନଙ୍କର ଭୁଲ୍ ଅପେକ୍ଷା ମୁଁ ଏହି ଭୁଲ୍‌ଟିକୁ ବରଂ ଅଧିକ ସ୍ପୃହଣୀୟ ବୋଲି ମନେ କରିଥାଏ ।

ଏହି ବିଷୟରେ ଯେତେ କଥା କୁହାଯାଇ ପାରନ୍ତା, ବର୍ତ୍ତମାନ ସେସବୁ କହିବା ଲାଗି ପ୍ରକୃତରେ ସମୟ ନାହିଁ ।

'oaob.nitrkl.ac.in' images reprocessed

## ଆଶ୍ରମକୁ ଆସିବା ବିଷୟରେ

ତୁମେ କହୁଛ ଯେ ତୁମେ ନିଜର ସେହି ପୁରାତନ ଜୀବନକୁ ପୁନର୍ବାର ଫେରି ଆସିଥିବା ପରି ଅନୁଭବ କରୁଛ ଏବଂ, ପ୍ରଥମେ କିଛି ଦିନ ପାଇଁ ଯେଉଁ ଆଧ୍ୟାତ୍ମିକ ଚେତନାରେ ରହିଥିଲ, ସେହି ଅବସ୍ଥାରୁ ତୁମର ଏକ ପତନ ଘଟିଛି । ତୁମେ ନିଜର ପ୍ରତିଶ୍ରୁତି ରକ୍ଷା କରି ପାରିଲ ନାହିଁ ବୋଲି ଶ୍ରୀଅରବିନ୍ଦ ଓ ମୁଁ ଆମ ସୁରକ୍ଷାକୁ ତୁମଠାରୁ ପ୍ରତ୍ୟାହାର କରି ଆଣିଛୁ ବୋଲି ସେହି ପତନ ଘଟିଛି କି ନାହିଁ ବୋଲି ତୁମେ ମୋତେ ପଚାରିଛ ।

ଆମେ ଆଦୌ କିଛି ପ୍ରତ୍ୟାହାର କରି ନେଇଛୁ ବୋଲି ଭାବିବା ଏକାନ୍ତ ଭୁଲ୍ । ଆମର ସହାୟତା ଏବଂ ସୁରକ୍ଷା ତୁମ ଲାଗି ସବୁଦିନ ପରି ରହିଛି, ମାତ୍ର ଏପରି କହିଲେ ପ୍ରକୃତରେ ଅଧିକ ଯୁକ୍ତିଯୁକ୍ତ ହେବ ଯେ, ଆମର ସହାୟତାକୁ ଅନୁଭବ କରି ପାରିବା ଲାଗି ତୁମର ଅସମର୍ଥତା ଏବଂ ଆପଣାର ପ୍ରତିଶ୍ରୁତିକୁ ପାଳନ କରି ପାରିବା ଲାଗି ତୁମର ଅକ୍ଷମତା,– ଏହି ଦୁଇଟିଯାକ କଥା ଯୁଗପତ୍ ଭାବରେ ଗୋଟିଏ କାରଣରୁହିଁ ଉତ୍ପନ୍ନ ହୋଇଛି ।

ନିଜର ପରିବାରକୁ ଆଣିବା ଲାଗି ତୁମେ କଲିକତା ଯାଇଥିବା ସମୟରେ ତୁମ ପାଖକୁ ମୁଁ ଯାହା ଲେଖିଥିଲି, ସେକଥାଟିକୁ ସ୍ମରଣ କର : ତୁମ ଏବଂ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଅନ୍ୟ କୌଣସି ପ୍ରଭାବକୁ ଆସି ଛିଡ଼ା ହେବାକୁ କଦାପି ଦିଅ ନାହିଁ । ସେହି ସତର୍କବାଣୀକୁ ତୁମେ ସେତେବେଳେ ଯଥେଷ୍ଟ ଧ୍ୟାନ ଦେଲ ନାହିଁ । ତୁମର ଆଧ୍ୟାତ୍ମିକ ଜୀବନ ତଥା ନିଜ ଭିତରେ ତୁମେ ଏକ ପ୍ରଭାବକୁ ପ୍ରବଳ ଭାବରେ ହସ୍ତକ୍ଷେପ କରିବାକୁ ଅନୁମତି ଦେଇଦେଇଛ ଏବଂ ଏହାଦ୍ୱାରା ତୁମର ଶ୍ରଦ୍ଧା ଓ ବିଶ୍ୱାସ ଅତ୍ୟନ୍ତ ଗମ୍ଭୀର ଭାବରେ ଏକାବେଳେକେ ଦୋହଲି ଯାଇଛି । ଫଳରେ ତୁମେ ଭୀତ ହୋଇ ପଡ଼ିଲ ଏବଂ, ଦିବ୍ୟ ପରମ ଉଦ୍ଦେଶ୍ୟ ନିମନ୍ତେ ନିଜକୁ ଅର୍ପଣ କରିବାରେ ତୁମେ ଆଉ ସେହି ପୂର୍ବ ଆନନ୍ଦ ଲାଭ କରି ପାରିଲ ନାହିଁ । ଏବଂ, ତେଣୁ ସ୍ୱାଭାବିକ ଭାବରେ ଏପରି ମଧ୍ୟ ଘଟିଲା ଯେ, ତୁମେ ପୁନର୍ବାର ତୁମର ସାଧାରଣ ଚେତନା ଏବଂ ପୁରାତନ ଜୀବନ ମଧ୍ୟକୁ ସ୍ଖଳିତ ହୋଇ ଆସିଲ ।

ତୁମେ ତଥାପି ଯେ ଏଥିଲାଗି ନିଜକୁ ହତୋତ୍ସାହିତ ହେବାକୁ ଦେଉ ନାହଁ – ଏହା ସଂପୂର୍ଣ୍ଣ ଠିକ୍ କଥା । ଯେତେ ବେଶୀ ସ୍ଖଳନ ହୋଇଥାଉ ପଛକେ, କେବଳ ପୁନର୍ବାର ଉପରକୁ ଉଠିବା ଯେ ସର୍ବଦା ସମ୍ଭବ ଖାଲି ସେତିକି ନୁହେଁ, ମାତ୍ର ଆହୁରି ଅଧିକ ଊର୍ଦ୍ଧ୍ୱକୁ ଉଠି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ମଧ୍ୟ ଅବଶ୍ୟ ସମ୍ଭବ । ସେଥିଲାଗି କେବଳ ପ୍ରବଳ ଅଭୀପ୍ସା ଆବଶ୍ୟକ, ଏକ ସାତତ୍ୟଯୁକ୍ତ ଇଚ୍ଛା ଆବଶ୍ୟକ ।

'oaob.nitrkl.ac.in' images reprocessed

ଦିବ୍ୟ ପରମ-ଉପଲବ୍ଧି ଆଡ଼କୁ ତୁମର ଆରୋହଣ-ପଥରେ ଯେପରି କଦାପି କିଛି ହେଲେ ଆସି ହସ୍ତକ୍ଷେପ ନ କରେ, ତୁମକୁ ସେଥିଲାଗି ଦୃଢ଼ ସଂକଳ୍ପ ଗ୍ରହଣ କରିବାକୁ ପଡ଼ିବ । ତେବେ ସଫଳତା ସୁନିଶ୍ଚିତ ହୋଇଯିବ ।

ଆମର ସହାୟତା ଏବଂ ସୁରକ୍ଷା ଯେ ତୁମକୁ କଦାପି ଛାଡ଼ିଯିବ ନାହିଁ, ସେହି ବିଷୟରେ ସୁନିଶ୍ଚିତ ରହ ।

*୩ ଫେବ୍ରୁଆରି ୧୯୩୧*

*

*ମାଆ; ମୋ'ର ନିଜ ମାଆ ଏଠାକୁ ଆସିବା ପାଇଁ ଇଚ୍ଛା କରୁଛନ୍ତି । ଯଦି ସିଏ ମୋ' ସକାଶେ ଏଠାକୁ ଆସିବା ପାଇଁ ଇଚ୍ଛା କରୁଥା'ନ୍ତି, ତେବେ ତଦ୍ୱାରା ତାଙ୍କର ବା ମୋ'ର କାହାରି ଲାଭ ହେବ ନାହିଁ । ଯଦି ଦିବ୍ୟ ପରମସତ୍ତାଙ୍କ ପାଇଁ ତାଙ୍କର ଏକ ବ୍ୟାକୁଳତା ରହିଥାଏ, ତେବେ ତାହା ଅବଶ୍ୟ ଭିନ୍ନ କଥା ।*

*ମାଆ, ତାଙ୍କର ବ୍ୟାକୁଳତା କ'ଣ ପ୍ରକୃତରେ ଏକ ଆନ୍ତରିକ ବ୍ୟାକୁଳତା ? ଆପଣ ଏ ବିଷୟରେ କ'ଣ ଭାବୁଛନ୍ତି ?*

ମୁଁ ପ୍ରକୃତରେ ଏପରି ବିଶ୍ୱାସ କରୁଛି ଯେ, ଯଦି ତୁମେ ଏଠାରେ ନ ଥା'ନ୍ତ, ତେବେ ସେ ସ୍ୱପ୍ନରେ ମଧ୍ୟ ଏଠାକୁ ଆସିବା କଥା ଭାବନ୍ତେ ନାହିଁ । ସିଏ ପ୍ରଧାନତଃ ତୁମକୁ ଦେଖିବାକୁ ଚାହୁଁଛନ୍ତି ଏବଂ, ତୁମେ ସଂପୂର୍ଣ୍ଣ ଠିକ୍ ଭାବରେ ଯାହା କହିଛ, ଏହାଦ୍ୱାରା ତୁମର ଭଲ ହେବ ନାହିଁ କି ତାଙ୍କର ମଧ୍ୟ ଭଲ ହେବ ନାହିଁ । ତେଣୁ ସିଏ ନ ଆସିବାଟାହିଁ ଅଧିକ ଭଲ ହେବ ।

ମୋ'ର ଆଶୀର୍ବାଦ ସର୍ବଦା ତୁମ ସହିତ ରହିଛି ।

*

ସିଏ ଯୋଗ କରିବାକୁ ଅବଶ୍ୟ ଚେଷ୍ଟା କରିପାରିବ, ମାତ୍ର ସେଥିଲାଗି ତା'ର ଉଦ୍ଦେଶ୍ୟ ଶୁଦ୍ଧ ହେବା ଉଚିତ; କାରଣ, ଖାଲି ତୁମରି ପାଖରେ ଆସି ରହିବାକୁ ସିଏ ଯୋଗସାଧନା କରିବା ଲାଗି ଯଦି ନିଷ୍ପତ୍ତି କରୁଥିବ, ତେବେ ସେଥିରୁ ଆଦୌ କୌଣସି ସୁଫଳ ମିଳିବ ନାହିଁ ।

*୨୫ ଜୁନ୍ ୧୯୩୨*

*

*ମୁଁ ଏକ ଧନ୍ଦାରେ ପଡ଼ିଯାଇଛି । ମୋ'ର ହୃଦୟ ଆପଣଙ୍କ ଆଡ଼କୁ ଟାଣି ହୋଇ*

'oaob.nitrkl.ac.in' images reprocessed

*ଯାଉଛି ଓ ମୁଁ ଫେରି ଆସିବାକୁ ଇଚ୍ଛା କରୁଛି । ମାତ୍ର, କେତେକ ବିଷୟ ମୋତେ ଏଠାରେ ବାନ୍ଧି ରଖୁଛନ୍ତି ଏବଂ ମୁଁ ଅନୁଭବ କରୁଛି ଯେ, ବର୍ତ୍ତମାନ ସେଠାକୁ ଫେରିଗଲେ ମଧ୍ୟ ସେଗୁଡ଼ିକ ମୋତେ ତଥାପି ପଛରୁ ଟାଣିବାରେ ଲାଗିଥିବେ । ମୁଁ ତେବେ କ'ଣ କରିବି ? ମାତ୍ର ଆପଣଙ୍କୁ ଏକଥା ମଧ୍ୟ ଜାଣି ରଖିବାକୁ ହେବ ଯେ, ମୁଁ ବର୍ତ୍ତମାନ ସେଠାକୁ ଆସେ ବା ନ ଆସେ ପଛକେ, ମୁଁ କଦାପି ସବୁଦିନ ପାଇଁ ନିଜକୁ ଆପଣଙ୍କଠାରୁ ଛିନ୍ନ କରିନେଇ ପାରିବି ନାହିଁ । ଆପଣ ମୋତେ କଦାପି ପରିତ୍ୟାଗ କରିବେ ନାହିଁ ବୋଲି ମୋ'ର ଏକାନ୍ତ ପ୍ରାର୍ଥନା ।*

ମୋ'ର ପ୍ରିୟ ସନ୍ତାନ, ତୁମ ଲାଗି ଆଜି ଦିନଟିର ଆଶୀର୍ବାଦ ।... ତୁମ ୨୧ ତାରିଖର ଚିଠି ବର୍ତ୍ତମାନ ପାଇଲି । ତାହା ତିନିଦିନ ତଳେ ମୋ ପାଖକୁ ସିଧା ଆସିଥିଲା (ଲିଖିତ ଶବ୍ଦଗୁଡ଼ିକ ନ ଥାଇ), ତୁମେ ସମ୍ଭବତଃ ସେତିକିବେଳେ ଚିଠିଟିକୁ ଲେଖୁଥିଲ । ଏବଂ ମୋ'ର ନୀରବ ଉତ୍ତରଟି ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଥିଲା : ଏଠାରେ ରହିବାର ଆବଶ୍ୟକତାଟି ଅତ୍ୟନ୍ତ ଅପ୍ରତିରୋଧ୍ୟ ହୋଇ ପଡ଼ିବା ପର୍ଯ୍ୟନ୍ତ ତୁମେ ସେହିଠାରେହିଁ ରହ; ସେତେବେଳେ ଆଉ ସବୁକିଛିର ତୁମ ଲାଗି ଆଦୌ କୌଣସି ମୂଲ୍ୟ ରହିବ ନାହିଁ । ବର୍ତ୍ତମାନ ମଧ୍ୟ ମୁଁ ତୁମକୁ ଠିକ୍ ସେହି ଉତ୍ତର ଦେଉଛି । ବର୍ତ୍ତମାନ ମୁଁ ନିର୍ଭର ଭାବରେ ଆଉ କେବଳ ଏତିକି କହି ରଖିବାକୁ ଚାହୁଁଛି ଯେ, ଆମେ ତୁମକୁ ଆଦୌ ପରିତ୍ୟାଗ କରୁ ନାହୁଁ ଏବଂ ତୁମକୁ ଆମର ସହାୟତା ଓ ସୁରକ୍ଷା ନିରନ୍ତର ପ୍ରାପ୍ତ ହେଉଥିବ ।

*୨୪ ଏପ୍ରିଲ୍ ୧୯୩୯*

*

'କ' ଙ୍କ ଉପରେ ନିଜର କରୁଣା ଅଜାଡ଼ି ଦେବା ଲାଗି ମୁଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି, ମାତ୍ର ତା'ର ଏଠାକୁ ଆସିବା ଉଚିତ ହେବ ବୋଲି ମୁଁ ଆଦୌ ବିଚାର କରୁ ନାହିଁ । ଅଧ ମିନିଟ୍ "ଦର୍ଶନ" ଦ୍ୱାରା ଏହି ଅଭ୍ୟାସଗୁଡ଼ିକ ବଦଳି ଯିବ ବୋଲି ମୁଁ ବିଶ୍ୱାସ କରୁ ନାହିଁ । ସେଗୁଡ଼ିକ ବିଷୟରେ ଆମର ପୂର୍ବରୁ ମଧ୍ୟ ତିକ୍ତ ଅଭିଜ୍ଞତା ରହିଛି, ସେହି ଅଭ୍ୟାସଗୁଡ଼ିକ ଏକ ଚୈତ୍ୟ ଉନ୍ମୋଚନର ମଧ୍ୟ ବିରୋଧ କରିବାରେ ଲାଗିଥା'ନ୍ତି । ତା'ର ସବୁଆଗ ବଦଳିବା ପାଇଁ ଏକ ଦୃଢ଼ ଇଚ୍ଛା ଉତ୍ପନ୍ନ ହେବା ଉଚିତ ।

ଆମର ଶ୍ରଦ୍ଧା ଓ ଅନେକ ଆଶୀର୍ବାଦ ସହିତ ।

*୧୬ ଜାନୁଆରି ୧୯୪୦*

*

ତୁମର ଚିଠି ବର୍ତ୍ତମାନ ପାଇକରି ପଢ଼ିଲି । ଏଠାରେ ତାହାର ଉତ୍ତର ଦେଉଛି ।

'oaob.nitrkl.ac.in' images reprocessed

ତୁମର ସ୍ୱଭାବ ପ୍ରକୃତରେ ଏପରି ଯେ, ତୁମେ ଯେଉଁଠାରେ ନାହଁ, ସର୍ବଦା ସେହିଠାରେ ରହିବା ଲାଗି ଇଚ୍ଛା କରୁଥିବ । ତୁମେ ଆଶ୍ରମଠାରୁ ବହୁ ଦୂରରେ ରହିଛ ଏବଂ ସେଇଥିରୁହିଁ ତୁମ ଭିତରେ ଆଶ୍ରମଜୀବନ ଯାପନ କରିବା ଲାଗି ଏକ ଆକର୍ଷଣ ଉତ୍ପନ୍ନ ହେଉଛି । ମାତ୍ର, ତୁମେ ଯେମିତି ଏଠାକୁ ଫେରି ଆସିବ, ସେମିତି ପୁଣି ଅସ୍ଥିର ହେବାକୁ ଆରମ୍ଭ କରିବ ଏବଂ ଏଠାରୁ ପଳାଇ ଯିବାକୁ ଉଚ୍ଛନ୍ନ ହେବ । ଶ୍ରୀରାମକୃଷ୍ଣ ଯେପରି କହିଛନ୍ତି, ଗୁରୁଙ୍କ ପାଖରେ ରହି ଖାଲି ସାଂସାରିକ ଆନନ୍ଦଭୋଗଗୁଡ଼ିକ ବିଷୟରେ ଭାବିବାଠାରୁ ଗୁରୁଙ୍କଠାରୁ ଦୂରରେ ରହି ସର୍ବଦା ତାଙ୍କର ସ୍ମରଣ କରିବା ଅଧିକ ଭଲ ।

ଯେତେବେଳେ ତୁମେ ଏହି ଅବସ୍ଥାରୁ ଉପରକୁ ଉଠି ଆସିବ ଏବଂ ଆପଣା ଭିତରେ ତୁମ ଚୈତ୍ୟ ସତ୍ତାର ପରିଚୟ ଲାଭ କରିବ ଓ ଦିବ୍ୟ ପରମସତ୍ତାଙ୍କ ଲାଗି ତାହାର ନିଷ୍ଠାଯୁକ୍ତ ଓ ସତତ ବ୍ୟାକୁଳତାକୁ ଅନୁଭବ କରି ପାରିବ, ସେତେବେଳେ ଯାଇ ଏଠାକୁ ଆସି ସ୍ଥାୟୀ ଭାବରେ ବାସ କରିବାର ଉପଯୁକ୍ତ ସମୟ ଆସି ପହଞ୍ଚିବ ।

*୧୦ ଜୁନ୍ ୧୯୪୯*

*

ସ୍ଥାୟୀ ଭାବରେ ତୁମେ ଆଶ୍ରମରେ ଆସି ରହିବାର ସମୟ ପ୍ରକୃତରେ ହେଲାଣି ବୋଲି ଆମେ ଆଦୌ ଭାବୁ ନାହୁଁ । ସବୁଠାରୁ ଉତ୍ତମ କଥା ହେଉଛି, ତୁମେ ମଝିରେ ମଝିରେ ଦର୍ଶନ ନିମନ୍ତେ ଏଠାକୁ ଆସିବ ଏବଂ ନିଜକୁ ପ୍ରସ୍ତୁତ କରୁଥିବ । ସେହି ପ୍ରସ୍ତୁତି ଯଥେଷ୍ଟ ହୋଇଯିବା ପରେ ତୁମେ ସ୍ଥାୟିଭାବରେ ରହିବା ପାଇଁ ଆସିବ ।

ଆମର ସହାୟତା ସମ୍ବନ୍ଧରେ ସୁନିଶ୍ଚିତ ରହିବ । ଆମର ଶ୍ରଦ୍ଧା ଓ ଆଶୀର୍ବାଦ ତୁମ ସହିତ ଅବଶ୍ୟ ରହିଥିବ ।

*୨୪ ଫେବ୍ରୁଆରି, ୧୯୪୧*

*

ଶ୍ରୀଅରବିନ୍ଦ ତୁମକୁ ଏକଥା କହିବା ପାଇଁ ମୋତେ ନିର୍ଦ୍ଦେଶ ଦେଇଛନ୍ତି ଯେ, ସଙ୍ଗେ ସଙ୍ଗେ ଆଶ୍ରମକୁ ନ ଆସିବା ଦ୍ୱାରାହିଁ ତୁମର ଅଧିକ ଭଲ ହେବ । ଏହି ଯୋଗର ସାଧନା ଏକ କଷ୍ଟକର ସାଧନା ଏବଂ, ପ୍ରସ୍ତୁତ ନ ହୋଇ ତାହା ମଧ୍ୟକୁ ଲମ୍ଫପ୍ରଦାନ କଲେ ହୁଏତ ତାହା ଆହୁରି ଅଧିକ କଷ୍ଟକର ହୋଇ ପଡ଼ିବ । ତୁମେ ଆଗ "ଦିବ୍ୟ ଜୀବନ" ଅଧ୍ୟୟନ କର ଓ ତାହାକୁ ବୁଝ, ଏବଂ, ତୁମର ସଂକଳ୍ପ ଯେ ପ୍ରକୃତରେ ଏକ ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ରହିଛି ଏବଂ ତୁମର ମନ ତଥା ପ୍ରାଣିକ ସତ୍ତା ଏକ ନୂତନ ଅନ୍ତର୍ଗତ ଜୀବନ ମଧ୍ୟରେ ପ୍ରବେଶ କରିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି, ସେହି ବିଷୟରେ ସୁନିଶ୍ଚିତ ହୁଅ ।

'oaob.nitrkl.ac.in' images reprocessed

ଆମର ସହାୟତା ଏବଂ ଆଶୀର୍ବାଦ ତୁମସହିତ ଅବଶ୍ୟ ରହିବ ।

*୨୪ ଫେବ୍ରୁଆରି ୧୯୪୧*

*

ଏକଥା ସତ ଯେ ମୁଁ 'କ' ଙ୍କର ଦୋଷ ମାର୍ଜନା କରିଦେଇଛି; କାରଣ ଦିବ୍ୟ ପରମ କରୁଣା ସକଳ ଦୋଷର ମାର୍ଜନା କରିଦିଅନ୍ତି । ମାତ୍ର, ଏକଥା ମଧ ସତ ଯେ, 'କ' ଙ୍କର ସ୍ତ୍ରୀ ଏବଂ ସନ୍ତାନ ଏଠାକୁ ଆସିବାର ଆଦୌ କୌଣସି ପ୍ରଶ୍ନ ଉଠୁ ନାହିଁ । ତାହାର ଏକାଧିକ କାରଣ ରହିଛି ଏବଂ ଏଠାରେ ସେଥିରୁ ଗୋଟିଏ ଦେଲେହିଁ ଯଥେଷ୍ଟ ହେବ – ଏକ ମନ୍ଦ ଦୃଷ୍ଟାନ୍ତ ଅପେକ୍ଷା ଅଧିକ ସଂକ୍ରାମକ ଆଉ କିଛି ନାହିଁ ଏବଂ ମୁଁ କଦାପି ଏହି ଅସୁଖକର ଘଟଣାଗୁଡ଼ିକର ପୁନରାବୃତ୍ତି ହେବାକୁ ଦେବି ନାହିଁ ।

*୬ ଜୁନ୍ ୧୯୫୪*

*

ତୁମେ ଗୋଟିଏ ଭୁଲ୍ କଲ ଏବଂ ତାହାହିଁ ଯାବତୀୟ ଦୁର୍ଦ୍ଦଶାର କାରଣ ହୋଇ ରହିଲା । ଯିବା ପୂର୍ବରୁ ତୁମର ମୋ' ସହିତ ଖୋଲାଖୋଲି କଥାବାର୍ତ୍ତା କରିନେବା ଉଚିତ ଥିଲା, ମୋତେ କହି ଦେବାର ଉଚିତ ଥିଲା ଯେ ସେହି ଯୁବତୀ ବାଳିକାକୁ ଏଠାକୁ ଆଣିବାକୁ ହେଲେ ତୁମକୁ ବାଧ ହୋଇ ତାକୁ ବିବାହ କରିବାକୁ ପଡ଼ିବ । ଏପରି ଏକ ଅପ୍ରୀତିକର ଆବଶ୍ୟକତାକୁ ଏଡ଼ିବା ଲାଗି ଚେଷ୍ଟା କରିବାକୁ ମୁଁ ତୁମକୁ ପରାମର୍ଶ ଦେଇଥା'ନ୍ତି । ମାତ୍ର ସେକଥା ଯାହା ହେଉ ପଛକେ, ତୁମ ବିବାହର ସମ୍ବାଦଟି ଏପରି ଚକିତକାରୀ ହୋଇ ଏଠାରେ ପହଞ୍ଚିବା ଓ ଏଭଳି ଏକ ଅପବାଦ ରଟନା କରିବା ଆଦୌ ଉଚିତ ନ ଥିଲା ।

ବର୍ତ୍ତମାନ,'କ' ଅସୁସ୍ଥତାରୁ ମୁକ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ଏବଂ ତା'ପରେ ତାକୁ ସାଙ୍ଗରେ ନେଇ ଆସିବାହିଁ ସର୍ବୋତ୍ତମ ହେବ । ଏଠାରେ ଆଶ୍ରମବାସୀମାନଙ୍କ ଲାଗି ଅନ୍ତତଃ ତାହାହିଁ ତୁମ ନିଷ୍ପାପରତାର ଏକ ପ୍ରମାଣ ହୋଇ ରହିପାରିବ ।

'ଖ' ଓ ତାଙ୍କର ସାନ ପିଲାଟି ପାଇଁ ଆମେ ଏକ ନିବାସ ସ୍ଥାନ ଯୋଗାଡ଼ କରି ରଖିଛୁ ଓ ତୁମେ ସେମାନଙ୍କଠାରୁ ଅଲଗାହୋଇ ରହିବ ।

ଏହି ଅଭିଜ୍ଞତାଟିରୁ ତୁମକୁ ଶିକ୍ଷା କରିବାକୁ ହେବ ଯେ, ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବା ସକାଶେ ସାହସୀ ଏବଂ ସ୍ପଷ୍ଟ ଭାବରେ ସବୁ ଖୋଲାଖୋଲି କରି କହିଦେବା ହେଉଛି ସର୍ବଦା ସର୍ବୋତ୍ତମ ଉପାୟ ।

*୫ ଫେବ୍ରୁଆରି ୧୯୫୫*

*

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତାଙ୍କ ଉପରେ ତୁମର ଯେଉଁ ବିଶ୍ୱାସ ଥିଲା, ବର୍ତ୍ତମାନ ତାହା କେଉଁଠି ଅଛି ? ଦିବ୍ୟ ପରମସତ୍ତାଙ୍କ ଉପରେ ବିଶ୍ୱାସ ଥିବାରୁ ତୁମେ ତ ଅପାର ଆନନ୍ଦ ଅନୁଭବ କରିଥା'ନ୍ତ ଯେ 'କ' ତା' ଭିତରୁ ଏକ ଆହ୍ୱାନ ଶୁଣିବାକୁ ପାଇଛି ଏବଂ ଦିବ୍ୟ ଜୀବନ ଅତିବାହିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି । ଦିବ୍ୟ ପରମକରୁଣାର ଏହି ଇଙ୍ଗିତଟି ସକାଶେ ତୁମ ଭିତରେ ଖୁସୀ ସଞ୍ଚାରିତ ହୋଇପାରିବା ଉଚିତ ଏବଂ ସେଥିଲାଗି ତୁମର କୃତଜ୍ଞତା ଅନୁଭବ କରିବା ଉଚିତ ।

ସମତାଭାବ ଏବଂ ପ୍ରସନ୍ନତା ସହିତ ତୁମକୁ ନୀରବ ହୋଇ ସମାଜରୁ ଆସୁଥିବା ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ । ସେତେବେଳେ ଯାଇ ଜାଣିବ ଯେ ମୋ'ର ଶ୍ରଦ୍ଧା ଏବଂ ସକଳ *ଆଶୀର୍ବାଦ ତୁମ ସହିତ ଅବଶ୍ୟ ରହିଛି ।*

*୨୦ ଫେବ୍ରୁଆରି ୧୯୫୫*

*

ମୋ'ର ପ୍ରିୟ ସନ୍ତାନମାନେ,

ମୁଁ ତୁମମାନଙ୍କର ଚିଠି ପାଇଛି ଓ ତୁମମାନଙ୍କର ସଂକଳ୍ପକୁ ପ୍ରଶଂସା କରୁଛି । ମାତ୍ର, ଆଶ୍ରମରେ ବାସ କରୁଥିବା ସମୟରେ ତୁମେମାନେ ସମ୍ମୁଖୀନ ହେଉଥିବା ଅସୁବିଧା-ଗୁଡ଼ିକର ଦୃଷ୍ଟିରୁ ମୁଁ ଭାବୁଛି ଯେ, ଆଉ କିଛି ସମୟ ଅପେକ୍ଷା କରିବା ଏବଂ, ଆଶ୍ରମରେ ଆସି ଯୋଗ ଦେବା ଲାଗି କରିଥିବା ସଂକଳ୍ପ ଉପରେ ତୁମେମାନେ ପ୍ରକୃତରେ ଆସ୍ଥା ସ୍ଥାପନ କରି ପାରିବ କି ନାହିଁ ତାହାକୁ ପରୀକ୍ଷା କରି ଦେଖିବାହିଁ ଅଧିକ ଉଚିତ ହେବ । ଏଠାରେ ରହି ନ ପାରିଲେ ଭାରତବର୍ଷ ଛାଡ଼ି ଆଉ କେଉଁଠାକୁ ଚାଲିଯିବା ତୁମମାନଙ୍କ ପକ୍ଷରେ ହୁଏତ ଅଧିକ ଭଲ ହେବ । ତୁମେମାନେ ତଥାପି ଯେ ସେହି ସଂକଳ୍ପଟିକୁ ରଖି ପାରିବ, ଯଦି କିଛିଦିନ ପରେ ସେହି କଥାଟିକୁ ଜାଣିବାକୁ ପାଇବ, ତେବେ ମୋ' ପାଖକୁ ଚିଠି ଲେଖିବ ଏବଂ ତା'ପରେ ଜଣେ ପର୍ଯ୍ୟଟନକାରୀର ଅନୁମତିପତ୍ର ଧରି ନୁହେଁ, ଛାତ୍ର ବା ଶିକ୍ଷକ ହେବାର ଅନୁମତିପତ୍ର ନେଇ ଏଠାକୁ ଆସିବାର ବ୍ୟବସ୍ଥା କରିବ ।

ଯଦି ସତ୍ୟ ପ୍ରକୃତରେ ପ୍ରତିଷ୍ଠିତ ହୋଇ ରହିଥାଏ, ତେବେ ପରିସ୍ଥିତି ଯେତେ ଯାହା ପ୍ରତିକୂଳ ହେଲେ ମଧ ତାହା ତଥାପି ବିଲୁପ୍ତ ହୋଇଯିବ ନାହିଁ ।

ପରମକରୁଣାଙ୍କର ଆଶୀର୍ବାଦ ସର୍ବଦା ତୁମମାନଙ୍କ ସହିତ ରହିଥାଉ ।

*୩ ଜୁନ୍ ୧୯୫୬*

*

ମୁଁ ଅତ୍ୟନ୍ତ ଦୁଃଖିତ, ମାତ୍ର ଆଶ୍ରମବାସୀମାନଙ୍କର ସଂଖ୍ୟାରେ କୌଣସି ବୃଦ୍ଧି କରିବା ଆମ ଲାଗି ବର୍ତ୍ତମାନ ଆଦୌ ସମ୍ଭବ ହେଉ ନାହିଁ । ଯେଉଁମାନେ ବର୍ତ୍ତମାନ

'oaob.nitrkl.ac.in' images reprocessed

ଏଠାରେ ଅଛନ୍ତି, ସେହିମାନଙ୍କର ନିର୍ବାହ କରିବା ମଧ୍ୟ ବେଶ୍ କଷ୍ଟକର ହୋଇ ପଡୁଛି – ଅବଶ୍ୟ, ସାଧନା ଲାଗି ଏକ ଯଥାର୍ଥ ଆହ୍ୱାନ ଦ୍ୱାରା ପ୍ରେରିତ ହୋଇ ଯେଉଁମାନେ ଏଠାକୁ ଆସୁଛନ୍ତି, ସେହି ଅଳ୍ପ କେତେଜଣଙ୍କ ଲାଗି ସର୍ବଦା ଏକ ବ୍ୟତିକ୍ରମ କରାଯାଉଛି ।

*୧ ଅଗଷ୍ଟ ୧୯୫୯*

*

*(ନିଜ ପରିବାରକୁ ଆଶ୍ରମକୁ ଆଣିବା ଲାଗି ଇଛା କରୁଥିବା ଜଣେ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ)*

ଭାରି ଭଲ କଥା – ମୁଁ ସମଗ୍ର ପୃଥିବୀକୁ "ଆଶ୍ରୟ" ଦେବା ଲାଗି ପ୍ରସ୍ତୁତ ଅଛି, ବା ଅନ୍ତତଃ, ଯେଉଁମାନେ ଏକ ଉଚ୍ଚତର ଜୀବନ ଲାଗି ଅଭୀପ୍ସା ରଖିଛନ୍ତି, ସେମାନଙ୍କୁ ସ୍ଥାନ ଦେବାକୁ ରାଜି ଅଛି । ମାତ୍ର ଆମର ଯଥେଷ୍ଟ ସ୍ଥାନ ନାହିଁ, ଯଥେଷ୍ଟ ସମ୍ବଳ ମଧ୍ୟ ନାହିଁ ।

ସହର ଆହୁରି ବଢ଼ିଲେ ଓ ସମ୍ବଳ ବୃଦ୍ଧି ପାଇଲେ ଆମର ଆତିଥ୍ୟର ଆୟତନ ମଧ୍ୟ ସମୃଦ୍ଧି ଲାଭ କରିବ ।

*

*ମାଆ,*

*ମୋ' ପିଲାମାନେ, ଆପଣ ଯେଉଁମାନଙ୍କର ଫଟୋ ଦେଖିଛନ୍ତି, ଭବିଷ୍ୟତରେ ସେମାନେ ଏଠାକୁ ଆସି ପାରିବେ ତ ? ମୁଁ ସେମାନଙ୍କ ଲାଗି ଆପଣଙ୍କର ସୁରକ୍ଷା ଭିକ୍ଷା କରି ପାରିବି କି ?*

ତିନିଜଣଯାକଙ୍କ ଲାଗି ମୋ'ର ଆଶୀର୍ବାଦ ଅବଶ୍ୟ ରହିଛି । ସେମାନଙ୍କର ଏଠାକୁ ଆସିବା ବିଷୟରେ କହିବାକୁ ଗଲେ, ଏଥିରେ ସଂପୂର୍ଣ୍ଣ ଭାବରେ କୌଣସି ନିଶ୍ଚୟତା ନାହିଁ ଯେ, ବଡ଼ ଦୁଇଜଣ ପ୍ରକୃତରେ ଆସିବା ଲାଗି ଇଚ୍ଛା କରିବେ,– ଏ ବିଷୟରେ ସେମାନଙ୍କର ନିଜ ଇଚ୍ଛା ଥିବା ଆବଶ୍ୟକ ହେବ । ତୃତୀୟଟି ଏଡ଼େ ସାନ ଯେ ନିଶ୍ଚିତ କରି କିଛି କହି ପାରିବ ନାହିଁ । ମାତ୍ର ତା' ଭିତରେ ଅନେକ ପ୍ରତିଭାର ପ୍ରତିଶ୍ରୁତି ରହିଛି ।

*୨୪ ମାର୍ଚ୍ଚ ୧୯୬୬*

*

ଆଉ କିଛି ସମୟ ବାହାରେ ରହିଲେ ତୁମେ ମୋ'ସହିତ ତଥାପି ସେହି ସମ୍ବନ୍ଧ ରକ୍ଷା କରି ପାରିବ କି ନାହିଁ ବୋଲି ଲେଖିଛ । ହଁ, ସେହି ସମୟ କେତେ ଦୀର୍ଘ ହେବ, ସବୁ ତାହାରି ଉପରେ ନିର୍ଭର କରୁଛି ।

'oaob.nitrkl.ac.in' images reprocessed

କାରଣ ତୁମେ ଅଳ୍ପ ଅଳ୍ପ କରି ପାସୋରି ପକାଇବ ଯେ, ତୁମ ଭିତରେ ଏକ *ଯଥାର୍ଥ ସତ୍ତା ରହିଛି (ବା ଥିଲା)* ଏବଂ ତୁମେ କ୍ରମଶଃ ଜଣେ *"ଭାବନାଶୀଳ"*, "ସତର୍କ" ଏବଂ "ବୁଦ୍ଧିସମ୍ପନ୍ନ" ପ୍ରାଣୀରେ ପରିଣତ ହେବାରେ ଏତେ ବେଶୀ ଅଭ୍ୟସ୍ତ ହୋଇଯିବ ଯେ, ତୁମେ ଆଉ ଅନ୍ୟ କିଛି ହେବା ଲାଗି କୌଣସି ସ୍ୱପ୍ନ ବି ଦେଖିବ ନାହିଁ ।

ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ତୁମେ ନିଜେହିଁ ନିଜର ନିଷତ୍ତି ଗ୍ରହଣ କରିବ; ତୁମର ପିତାମାତା କିଂବା ମୁଁ କଦାପି ତାହା କରି ପାରିବୁ ନାହିଁ । ତୁମର ନିୟତିରେ ହସ୍ତକ୍ଷେପ କରିବା ଲାଗି ସେମାନଙ୍କର କିଂବା ମୋ'ର ଆଦୌ କୌଣସି ଅଧିକାର ନାହିଁ । ମୁଁ କେବଳ ଗୋଟିଏ କଥା କହିପାରିବି : ଯଦି କେବେ ଏକ ଭାବନାଶୀଳ, ସତର୍କ ଏବଂ ବୁଦ୍ଧିସମ୍ପନ୍ନ ପ୍ରାଣୀ ହୋଇ ରହିବାକୁ ତୁମକୁ ବିରକ୍ତି ବୋଧ ହେବ, ତେବେ ତୁମେ କୌଣସି କାଳବିଳମ୍ବ କିଂବା ସଙ୍କୋଚ ନ କରି ସଙ୍ଗେ ସଙ୍ଗେ ସେଠାରୁ ପଳାଇ ବାହାରିଯିବ ଏବଂ ଏଠାକୁ ଫେରି ଆସିବ । ମୁଁ ତୁମକୁ ପୁନର୍ବାର ତୁମର ଯଥାର୍ଥ ଆତ୍ମସତ୍ତାଟିକୁ ପ୍ରଦାନ କରିଦେବି ।

*

ଏକଥା ବସ୍ତୁତଃ ଅପରିହାର୍ଯ୍ୟ ଯେ, ଏଠାରେ ରହିବା ନିମନ୍ତେ ଉପଯୁକ୍ତ ହେବା ପୂର୍ବରୁ ତୁମର ସ୍ୱଭାବରେ କୌଣସି ନା କୌଣସି ବସ୍ତୁର ଏକ ମୌଳିକ ପରିବର୍ତ୍ତନ ଏକାନ୍ତ ଆବଶ୍ୟକ । ତୁମେ ବର୍ତ୍ତମାନ ଏତେ ଅଧିକ ପରିମାଣରେ ଅହଂକେନ୍ଦ୍ରିକ ହୋଇ ରହିଛ ଯେ, *ଏକ ଆଧ୍ୟାତ୍ମିକ ଜୀବନ ଯାପନ କରିବା ଲାଗି ଆଦୌ ପ୍ରସ୍ତୁତ ହୋଇ ନାହିଁ ।* ଏବଂ, ବର୍ତ୍ତମାନ ତୁମକୁ ଯେଉଁ ଦୁର୍ବିପାକ ତଥା ଦୁଃଖଭୋଗ ସହିବାକୁ ପଡୁଛି, ତାହା ପଛରେ ମଧ୍ୟ ସେଇଟି କାରଣ ହୋଇ ରହିଛି, ତାହାରି ସ୍ୱାଭାବିକ ପରିଣାମ ରୂପେ ତୁମକୁ ଭୋଗିବାକୁ ହେଉଛି । ବସ୍ତୁତଃ, ଯଦି ତୁମେ ବର୍ତ୍ତମାନ ସାଧାରଣ ଜୀବନଟିର ସମ୍ମୁଖୀନ ହେବାକୁ ଯିବ ଏବଂ କେବଳ ସ୍ୱାର୍ଥପର ଭାବରେ ନିଜ ଜୀବନଟିକୁ ବଞ୍ଚିବା ଲାଗି ଆଶ୍ରମରେ ବାସ କରିବାକୁ ଏକ ବାହାନା ପରି ବ୍ୟବହାର କରିବା ପରିବର୍ତ୍ତେ ଯଦି ବାହାରେ ଅନ୍ୟମାନଙ୍କ ସହିତ ତଥା ଅନ୍ୟମାନଙ୍କ ସକାଶେ ଜୀବନ ବଞ୍ଚି ଶିଖିବ, ତେବେ ତାହାହିଁ ତୁମ ଲାଗି ହିତକାରକ ହେବ ।

*

ପ୍ରତ୍ୟେକ ବ୍ୟକ୍ତିର ସ୍ୱନିର୍ବାଚିତ ପଥରେ ଯିବା ଲାଗି ଅଧିକାର ଅବଶ୍ୟ ରହିଛି, ମାତ୍ର ତଥାପି ଉପଯୁକ୍ତ ସ୍ଥାନରେହିଁ ସେହି ପଥଟିରେ ଗତି କରିବାକୁ ପଡ଼ିବ, ଏବଂ ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ତୁମେ ଯେଉଁ ପଥଟିକୁ ବାଛି ନେଇଛ, ଆଶ୍ରମ ସେଥିଲାଗି ଆଦୌ ଉପଯୁକ୍ତ ସ୍ଥାନ ନୁହେଁ ।

'oaob.nitrkl.ac.in' images reprocessed

## ଆଶ୍ରମରୁ ଚାଲିଯିବା ବିଷୟରେ

ମୁଁ ତୁମକୁ ଚାଲି ଯିବା ଲାଗି ପରାମର୍ଶ ଦେଉ ନାହିଁ । 'କ' ବିଷୟରେ ମୁଁ ଏତିକି କହିବି ଯେ, ତୁମେ ବର୍ଣ୍ଣନା କରିଥିବା ଏହି ପରିସ୍ଥିତିରେ, ଯଦି ସିଏ ଏଠାରୁ ନ ଯାଇ, ତାକୁ ସାହାଯ୍ୟ କରିବା ପାଇଁ ଆଉକେହି ଏଠାକୁ ଆସନ୍ତି, ତେବେ ତାହା ଅଧିକ ଭଲ ହେବ । ତୁମେ ତାହାର ବ୍ୟବସ୍ଥା କରି ପାରିବ କି ?

ଅନେକ ଆଶୀର୍ବାଦ ।

*୨୪ ଫେବ୍ରୁଆରି ୧୯୩୯*

*

'କ' ର ଚାଲି ଯିବାଟାକୁ ମୁଁ ସେତେ ପସନ୍ଦ କଲି ନାହିଁ; ମାତ୍ର ତୁମର ଚାଲିଯିବାକୁ ମୁଁ ସଂପୂର୍ଣ୍ଣ ଭାବରେ ନାପସନ୍ଦ କରୁଛି ଏବଂ, ତୁମେ ଯେ କାହିଁକି ନିଜର କାମକୁ ଛାଡ଼ି, ସିଏ ତା'ର ନିଜ ଗ୍ରାମକୁ ଚାଲିଯିବାକୁ ଇଚ୍ଛା କରୁଛି ବୋଲି ତୁମେ ନିଜର ସାଧନାକୁ ବ୍ୟାହତ ଏବଂ ବିପନ୍ନ କରି ପକାଇବ, ମୁଁ ସେକଥା ଆଦୌ ବୁଝି ପାରୁ ନାହିଁ ।

ଏପରି ଏକ ନିଷ୍ପତ୍ତି ଗ୍ରହଣ କରି ତୁମେ ନିଜର ତଥା ନିଜ ଆଧ୍ୟାତ୍ମିକ ଆକାଙ୍‌କ୍ଷାର ଆଦୌ କୌଣସି ହିତସାଧନ କରୁଛ ବୋଲି ମୁଁ ଆଦୌ ବୁଝି ପାରୁ ନାହିଁ । ତେଣୁ ମୁଁ ଆଶା କରୁଛି ଯେ ତୁମେ ଏହି ଦୃଷ୍ଟିରୁ କଥାଟିକୁ ବିଚାର କରିବ ଏବଂ ନିଜର ନିଷ୍ପତ୍ତି ବିଷୟରେ ଆଉଥରେ ଭାବିବ ।

*୩ ମଇ ୧୯୩୯*

*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୁଁ ତୁମକୁ କୌଣସି ଦୟନୀୟ ଅବସ୍ଥାରେ ଆଣି ପକାଇବାକୁ ଇଚ୍ଛା କରୁ ନାହିଁ; ଏବଂ, ଯଦି ତୁମ ବିବେକର ତାଡ଼ନାକୁ ସହିବାକୁ ତୁମ ପାଖରେ ଶକ୍ତି ନାହିଁ ବୋଲି ତୁମେ ବିଚାରୁଛ, ତେବେ ମୁଁ ତୁମକୁ କଦାପି ଏଠାରୁ ଯିବାରୁ ନିବୃତ୍ତ କରି ରଖିବି ନାହିଁ ।

*୪ ମଇ ୧୯୩୯*

*

ଯଦି ତୁମର ଦୃଢ଼ ବିଶ୍ୱାସ ହେଉଛି ଯେ, ନିଜ ଜନ୍ମସ୍ଥାନରେ ଯାଇ ରହିଲେ ତାହା ତୁମ ଶରୀର ପାଇଁ ଆରୋଗ୍ୟଦାୟକ ହେବ, ତେବେ ମୁଁ ଆଉ ମୋ'ର ସ୍ୱୀକୃତିକୁ ମନା କରି ରଖିପାରିବି ନାହିଁ । ତୁମେ ଯେପରି ପ୍ରସ୍ତାବ ଦେଇଛ, ଜୁନ୍ ପହିଲାରେ ଏଠାରୁ ଯାତ୍ରା କରି ପାରିବ ।

*୩୦ ମଇ ୧୯୩୯*

*

'oaob.nitrkl.ac.in' images reprocessed

ଏଠାରୁ ଯିବା ସକାଶେ 'କ' ଯେଉଁ ଯୁକ୍ତିସବୁ ଦେଇଛି, ସେଗୁଡ଼ିକ ଆଦୌ ସେତେ ଶକ୍ତିଶାଳୀ ନୁହେଁ । ମାତ୍ର ଯଦି ଯିବାର ଇଚ୍ଛା ତା'ଭିତରେ ପ୍ରକୃତରେ ଏତେ ଶକ୍ତିଶାଳୀ ହୋଇ ରହିଥାଏ, ତେବେ ସିଏ ମଧ୍ଯ ଅବଶ୍ୟ ଯାଇପାରେ — ତୁମ ନିଜର ଯିବା ଉଚିତ ନୁହେଁ ବୋଲି ଅନୁଭବ କରି ତୁମେ ସଂପୂର୍ଣ୍ଣ ଠିକ୍ କରିଛ ।

ମୋ'ର ଅନେକ ଆଶୀର୍ବାଦ ।

*୫ ମଇ ୧୯୪୧*

*

*ମାଆ,*

*ଏପରି ମନେ ହେଉଛି, ଯେ ଡକ୍‌ଟର 'କ' ଆଶ୍ରମର ଚିତ୍ରଶିକ୍ଷାର୍ଥୀମାନଙ୍କୁ ଜିଞ୍ଜି ଫୋର୍ଟକୁ ନେବା ଲାଗି ଇଚ୍ଛା ପ୍ରକାଶ କରିଛନ୍ତି । ମୋ' ବିଷୟରେ ମୁଁ ଆପଣଙ୍କୁ ଜଣାଇଦେବାକୁ ଚାହୁଁଛି ଯେ ଏପରି ଯିବା ଲାଗି ମୋ'ର କୌଣସି ଉତ୍ସୁକତା ନାହିଁ । ଯଦି ମୋ'ର ଯିବା ଉଚିତ ହେବ ବୋଲି ଆପଣ ଭାବୁଛନ୍ତି ଓ ମୁଁ ସେଠାକୁ ଯାଏ ବୋଲି ଯଦି ଆପଣ ଚାହାନ୍ତି, ତେବେ ଯାଇ ମୁଁ ଯିବା ଲାଗି ରାଜି ହୋଇ ପାରିବି । ମାତ୍ର ମୋ' ନିଜର କୌଣସି ଇଚ୍ଛା ନାହିଁ । ଯାହା ଆପଣଙ୍କୁ ଭଲ ଲାଗେ, ମୁଁ ସର୍ବଦା କେବଳ ତାହାହିଁ କରିବା ଲାଗି ଇଚ୍ଛା କରୁଥାଏ; ତେଣୁ ମୁଁ ଏହି ବିଷୟରେ ଆପଣଙ୍କର ପରାମର୍ଶ ଲୋଡ଼ୁଛି ଏବଂ ଅନୁରୋଧ କରୁଛି ଯେ ଆପଣ କୌଣସି କୁଣ୍ଠା ବା ସଙ୍କୋଚ ନ ରଖି ଦୟା କରି ନିଜର ମତ ଜଣାଇବେ । ନିଜର କୌଣସି ଏକ ବାସନାକୁ ପୂରଣ କରିବା ଅପେକ୍ଷା ଆପଣଙ୍କର ଇଚ୍ଛା ପୂର୍ଣ୍ଣ କରିବା ଓ ଆପଣଙ୍କର କଥା ଅନୁସାରେ କାର୍ଯ୍ୟ କରିବାରେ ମୁଁ ପ୍ରକୃତରେ ଅଧିକ ସୁଖ ଲାଭ କରିଥାଏ ।*

*ପ୍ରଣାମ ସହିତ ।*

ନ ଯିବାହିଁ ଅଧିକ ଭଲ; ଏପରି ଏକ ଯାତ୍ରା ଆଧ୍ୟାତ୍ମିକ ଜୀବନ ଲାଗି ଆଦୌ ଖୁବ୍‌ବେଶୀ ହିତକାରକ ହେବ ନାହିଁ ।

ମୋ'ର ଶ୍ରଦ୍ଧା ଏବଂ ଅନେକ ଆଶୀର୍ବାଦ ସହିତ ।

*୨୪ ଡିସେମ୍ବର ୧୯୪୦*

*

ତୁମେ ତୁମ ବାପାଙ୍କୁ ଦେଖିବା ଲାଗି ଅବଶ୍ୟ ଯାଇପାର — ମାତ୍ର ମୁଁ ଭାବୁଛି, କେବଳ ସ୍କୁଲ ବନ୍ଦ ହେବା ପରେ ଯାଇ ତୁମର ଯିବା ଉଚିତ ହେବ; ଅର୍ଥାତ୍ ତୁମେ

'oaob.nitrkl.ac.in' images reprocessed

ଡିସେମ୍ବର ଦୁଇ ତାରିଖ ପରେ ଯାଇ ଯିବ । ଏବଂ, ସ୍କୁଲ ଖୋଲିବା ବେଳକୁ, ଅର୍ଥାତ୍ ଜାନୁଆରି ପହିଲା ପୂର୍ବରୁ ଫେରି ଆସିଥିବ । କାରଣ ପିଲାଙ୍କର ପାଠପଢ଼ାରେ କୌଣସି ଅବହେଳା ହେବା ଉଚିତ ନୁହେଁ ।

ମୋ'ର ଶ୍ରଦ୍ଧା ଓ ଅନେକ ଆଶୀର୍ବାଦ ସହିତ ।

*

*'କ' ବର୍ଷ ବର୍ଷ ଧରି ଯୋଗସାଧନାରେ ନିମଗ୍ନ ହୋଇ ରହିଥିଲେ, ତାଙ୍କର ଏକ ସନ୍ଥସଦୃଶ ସ୍ୱଭାବ ଅଛି ବୋଲି ଆପଣ ବିଚାର କରୁଥିଲେ; ତାଙ୍କ ପରି ଜଣେ ବ୍ୟକ୍ତି କିପରି ଆପଣଙ୍କଠାରୁ ଦୂରକୁ ଚାଲିଗଲେ ଏବଂ ଯୋଗଯୁକ୍ତ ଜୀବନରୁ ତଳକୁ ଖସିଆସିଲେ, ସେକଥା ବୁଝିବା ମୋ'ଲାଗି ପ୍ରକୃତରେ କଷ୍ଟକର ହେଉଛି ।*

ତୁମ ମନୋଭାବନାରେ ଏହିପରି ଏକ ଭୁଲ୍ ରହିଛି ଯେ ତୁମେ କଥାଗୁଡ଼ିକୁ ଅତ୍ୟନ୍ତ ସରଳ କରି ପକାଉଛ । ତୁମେ ଏକ ଅତିରଞ୍ଜିତ ଗୁରୁତ୍ୱ ଦେଇ କେବଳ ଗୋଟିଏ ପାଖ ଦେଖୁଛ ଓ ଅନ୍ୟ ପାଖଟିକୁ ମୋଟେ ଦୃଷ୍ଟି ଦେଉ ନାହଁ । ଜଣେ ବ୍ୟକ୍ତିର କେତେକ ଗୁଣ ଥାଇପାରେ, ମାତ୍ର ସେଗୁଡ଼ିକରେ ସେ ହୁଏତ ପରିପୂର୍ଣ୍ଣତା ଲାଭ କରି ନ ଥାଇପାରେ; ଏବଂ, ତା'ର ଅବଚେତନ ଭିତରେ ଏହି ଗୁଣଗୁଡ଼ିକର ବିରୋଧୀ ଉପାଦାନଟି ମଧ୍ୟ ଅବସ୍ଥାନ କରୁ ଥାଇପାରେ । ଯଦି ସେହି ବିରୋଧଟିକୁ ଦୂର କରିବାରେ ସିଏ ଯତ୍ନଶୀଳ ନ ହେବ, ତେବେ ଯେକୌଣସି ମୁହୂର୍ତ୍ତରେ, ପରିସ୍ଥିତିର ଚାପରେ ପଡ଼ି, ଯାହା ଅବଚେତନ ମଧ୍ୟରେ ରହିଛି, ତାହା ଶକ୍ତିଶାଳୀ ହୋଇ ଉପରକୁ ଉଠି ଆସିପାରେ ଏବଂ ଏକ ବିଧ୍ୱଂସ ମଧ୍ୟ ଘଟାଇପାରେ । ତାହାକୁହିଁ ତ ଯୋଗସ୍ଥ ଭୂମିରୁ ଏକ ପତନ ବୋଲି କୁହାଯିବ ।

*୩୦ ନଭେମ୍ବର ୧୯୪୩*

*

*ଯେଉଁ ବ୍ୟକ୍ତିର ସ୍ୱଭାବକୁ ଆପଣ "ସନ୍ଥସଦୃଶ" ବୋଲି ଘୋଷଣା କରିଛନ୍ତି, ଯଦି ସେ ବହୁବର୍ଷର ଯୋଗଯୁକ୍ତ ଜୀବନରୁ ବାହାରକୁ ବାହାରି ଆସିପାରେ, ତେବେ ସେଥିରୁ ଓ କେବଳ ଦୁଃଖିତ ଏବଂ ନିରୁତ୍ସାହିତହିଁ ଅନୁଭବ କରିବାକୁ ପଡ଼ିବ ।*

ମୁଁ ତୁମକୁ ଏହି କଥାଟିକୁ କହି ରଖିବାକୁ ଇଚ୍ଛା କରୁଛି ଯେ, ଏପରି କିଛି ଆଦୌ ଘଟି ନାହିଁ, ଯାହାରକି କୌଣସି ସୁଧାରିବା ସମ୍ଭବ ହେବ ନାହିଁ । ଅବଶ୍ୟ ଏକଥା ଠିକ୍ ଯେ, ଜଣେ ବ୍ୟକ୍ତି ମାର୍ଗରୁ ବାହାରି ଯେତେ ଯେତେ ଅଧିକ ଦୂରକୁ ଚାଲି ଯାଉଥିବ, ପୁନର୍ବାର

'oaob.nitrkl.ac.in' images reprocessed

ମାର୍ଗକୁ ଫେରି ଆସିବାକୁ ହେଲେ ସେଥିଲାଗି ସେତିକି ଅଧିକ ପରିମାଣରେ ଏକ ମୌଳିକ ଗତିପରିବର୍ତ୍ତନ ଆବଶ୍ୟକ ହେବ । ମାତ୍ର ଫେରି ଆସିବା ସବୁବେଳେ ସମ୍ଭବ ହୋଇ ରହିଥିବ ।

*୨୨ ଡିସେମ୍ବର ୧୯୪୩*

*

*ମାଆ ଅବଶ୍ୟ ଏକଥା ଜାଣିଥିବେ ଯେ ଜନୈକ ବ୍ୟକ୍ତି ଏପରି ଏକ ସ୍ୱଭାବର ଯେ, ସିଏ ହୁଏତ ବିଦ୍ରୋହ ଘୋଷଣା କରିବେ ଅଥବା ଏକାବେଳକେ ନିଷ୍କ୍ରିୟ ହୋଇ ପଡ଼ିବେ । ଏବଂ ହୁଇଟିଯାକ କ୍ଷେତ୍ରରେ, ସିଏ ଆଶ୍ରମ ଛାଡ଼ି ଚାଲିଯିବେ । ଏକଥା ଜାଣିକରି ମଧ ସେ କାହିଁକି ବର୍ଷ ବର୍ଷ ଧରି ସେହି ଭଳି ଜଣେ ବ୍ୟକ୍ତିଙ୍କୁ ଆଶ୍ରମରେ ରହିବା ଲାଗି ଅନୁମତି ଦିଅନ୍ତି ? ସିଏ ସେହି ବ୍ୟକ୍ତିଙ୍କୁ କାହିଁକି କହି ନ ଦିଅନ୍ତି ଯେ ତାଙ୍କର ଆଶ୍ରମରେ ରହିବା ଦ୍ୱାରା ଆଦୌ କୌଣସି ଫଳ ହେବ ନାହିଁ ବା ସିଏ ଯେତେବେଳେ ଖୁସୀ ସେତେବେଳେ ଆଶ୍ରମ ଛାଡ଼ି ବେଶ୍ ଚାଲିଯାଇ ପାରନ୍ତି ?*

କାରଣ, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ପୂର୍ଣ୍ଣ ସୁଯୋଗ ପ୍ରଦାନ କରାଯାଏ, ଏବଂ ଅପ୍ରତ୍ୟାଶିତ ଭାବରେ ଏକ ଉନ୍ମୋଚନ ତଥା ଗତିପରିବର୍ତ୍ତନର ସମ୍ଭାବନା ମଧ ସବୁବେଳେ ରହିଥାଏ ।

*୨୪ ଜୁନ୍ ୧୯୫୮*

*

ମୁଁ ତୁମର ଚିଠି ପାଇଛି ଓ ପଢ଼ିଛି ।

କେତୋଟି କଥା ପରିଷ୍କାର କରିଦେବା ହୁଏତ ଅଧିକ ଭଲ ହେବ ।

ପ୍ରଥମତଃ, ଲୋକମାନଙ୍କଠାରୁ; ବିଶେଷ କରି ଭୃତ୍ୟମାନଙ୍କଠାରୁ କୃତଜ୍ଞତାର ପ୍ରତ୍ୟାଶା କରିବା କେବେ ହେଲେ ବିଜ୍ଞତାର କାର୍ଯ୍ୟ ହେବ ନାହିଁ ।

ଦ୍ୱିତୀୟତଃ, ଯେତେବେଳେ ଥଟ୍ଟା କରୁଥିବା ବ୍ୟକ୍ତିଜଣକହିଁ ତା'ର ସେହି ଥଟ୍ଟା କରିବାରୁ ଆନନ୍ଦ ପାଉଥାଏ, ସେତେବେଳେ ସେହି ଥଟ୍ଟାକୁ ଆଦୌ ଉତ୍ତମ ବୋଲି କୁହାଯିବ ନାହିଁ ।

ସର୍ବଶେଷରେ, ଲୋକମାନଙ୍କର ମତଗୁଡ଼ାକ ଉପରେ କୌଣସି ମହତ୍ତ୍ୱ ଦେବା ଆଦୌ ଉଚିତ ନୁହେଁ, କାରଣ ସେହି ମତସବୁ କେତେକ ସାମୟିକ ଧାରଣାରୁହିଁ ଉତ୍ପନ୍ନ ହୋଇ ଆସିଥାଏ; ପରିସ୍ଥିତି ଭିନ୍ନ ହେଲେ ଓ ନୂଆ ଧାରଣାମାନ ଜନ୍ମଲାଭ କଲେ ସେହି ମତଗୁଡ଼ିକ ମଧ ଭାରି ସହଜରେ ପରିବର୍ତ୍ତିତ ହୋଇ ଯାଆନ୍ତି ।

'oaob.nitrkl.ac.in' images reprocessed

ମାତ୍ର, ଅବସ୍ଥାଟିକୁ ଶାନ୍ତ କରି ଆଣିବା ଦୃଷ୍ଟିରୁ, ମୁଁ ଭାବୁଛି, ତୁମେ ତୁମ ରହିବା ସ୍ଥାନକୁ ବଦଳାଇ ଦେବା ଅଧିକ ବିଜ୍ଞତାର କାର୍ଯ୍ୟ ହେବ; ସମୟକ୍ରମେ ଉତ୍ତେଜନା ମଧ୍ୟ କମି ଆସିବ ।

ଅବଶ୍ୟ ମୁଁ ଏକଥା ମଧ୍ୟ କହିବି ଯେ, ଯଦି ତୁମକୁ ଏଠାରେ ଅସ୍ୱସ୍ତିକର ବୋଧ ହେଉଥାଏ ଏବଂ ଏହି ବାତାବରଣଟିକୁ ସହ୍ୟ କରିବା ତୁମ ଲାଗି କଷ୍ଟକର ହେଉଥାଏ, ତେବେ ଏହି ଯାବତୀୟ ପରୀକ୍ଷା ସତ୍ତ୍ୱେ ମୁଁ ତୁମକୁ ଏଠାରେ ରହିବା ଲାଗି କଦାପି କହିବି ନାହିଁ ।

*୭ ଅକ୍ଟୋବର ୧୯୫୯*

*

ତୁମେ ଯଦି ସ୍ଥାନଭ୍ରମଣରେ ଯିବାକୁ ଇଚ୍ଛା କରୁଥିବ, ତେବେ ତାହା ଅଲଗା କଥା; ମାତ୍ର ତୁମର ତିରୁବନ୍ନାମଲାଇ ଯିବା ପଛରେ ମୁଁ ଆଦୌ କୌଣସି କାରଣ ଦେଖି ପାରୁ ନାହିଁ ।

*୫ ସେପ୍ଟେମ୍ବର ୧୯୬୪*

*

*ଦିବ୍ୟଜନନି,*

*ମୁଁ ଆମେରିକା ଯାଇ ଅର୍ଥସଂଗ୍ରହ ଏବଂ ଆପଣ ତଥା ଶ୍ରୀଅରବିନ୍ଦଙ୍କ ଲାଗି ଯୋଗର ପ୍ରଚାର କାର୍ଯ୍ୟକୁ ସଂଗଠିତ କରିବି କି ? ନା ଏକଥା କହିଲାବେଳେ କେବଳ ମୋ'ର ସକ୍ରିୟ ପ୍ରାଣଟାହିଁ ଏସବୁ ପ୍ରକୃତରେ କହୁଛି ? ଯଦି ତାହାହିଁ ମୋ'ର ଭୂମିକା ହୋଇଥାଏ, ତେବେ ମୁଁ ଆଦୌ ଯୁଦ୍ଧକ୍ଷେତ୍ରରୁ ପଳାୟନ କରିବାକୁ ଇଚ୍ଛା କରୁ ନାହିଁ । ମାତ୍ର ଏବେ ମୋ'ର ଏହିପରି ଅନୁଭବ ହେଉଛି ଯେ ମୋ'ର ସେହି ଭୂମିକାଟି ହୁଏତ ଆମେରିକାରେ ରହିଛି ।*

*ତେଣୁ ମୁଁ ପ୍ରକୃତରେ ଜାଣିବାକୁ ଚାହୁଁଛି – ମୋ'ର ପ୍ରକୃତ ଭୂମିକା କ'ଣ ଏବଂ ସେହି ଭୂମିକାଟିକୁ କେଉଁଠାରେ ଗ୍ରହଣ କରିବାକୁ ହେବ ?*

ତୁମେ ଏହିଠାରେ ରହିଲେହିଁ ତାହା କାର୍ଯ୍ୟଟି ଲାଗି ତଥା ତୁମ ନିଜ ଲାଗି ଅନେକ ଗୁଣରେ ଅଧିକ ଉପଯୋଗୀ ହେବ ।

*୩୦ ମଇ ୧୯୬୬*

*

'oaob.nitrkl.ac.in' images reprocessed

ମୋ'ର ପ୍ରିୟ ସନ୍ତାନ,

*ଶାଶ୍ୱତ କାଳ ପାଇଁ ତୁମେ ମୋ'ର ପୁତ୍ର ଓ ମୁଁ ତୁମର ମାଆ ।*

ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ । ମୁଁ ତୁମର ଆଧ୍ୟାତ୍ମିକ ଅଭିବୃଦ୍ଧିର ସମସ୍ତ ଦାୟିତ୍ୱ ଗ୍ରହଣ କରୁଛି ଏବଂ, ତୁମେ ଯେତେ ଦିନ ପର୍ଯ୍ୟନ୍ତ ଏହି ଆଶ୍ରମକୁ ନିଜର ଘର ପରି ଅନୁଭବ କରୁଥିବ ଏବଂ ଦିବ୍ୟ ପରମକାର୍ଯ୍ୟ ଲାଗି ଆପଣାକୁ ଉତ୍ସର୍ଗୀକୃତ କରି ରଖିଥିବ, ସେପର୍ଯ୍ୟନ୍ତ ତୁମେ ଏଠାରେ ଅବଶ୍ୟ ରହି ପାରିବ ।

ଶ୍ରଦ୍ଧା ଏବଂ ଅନେକ ଆଶୀର୍ବାଦ ସହିତ ।

*୧୩ ଡିସେମ୍ବର ୧୯୬୬*

*

ମାର୍ଗଟି ଆଦୌ ସହଜ ନୁହେଁ ।

ସେମାନେ ରହିବା ଲାଗି ଏହାହିଁ ଏକମାତ୍ର ସ୍ଥାନ ବୋଲି ଯେଉଁମାନେ ନିଜ ଭିତରେ ଗଭୀର ଭାବରେ ଅନୁଭବ କରୁଥିବେ, କେବଳ ସେହିମାନଙ୍କ ପାଇଁ ଏଠାରେ ରହିବା ସମ୍ଭବ ହେବ ।

ଏହା ହୁଏତ – (ଅବଶ୍ୟ) – ତୁମ କ୍ଷେତ୍ରରେ ମଧ୍ୟ ସତ ହୋଇପାରେ, ମାତ୍ର ବର୍ତ୍ତମାନ ତୁମେ ବାହାରକୁ ଫେରିଗଲେ ଓ ବାହାରର ପୃଥିବୀ ତୁମକୁ କ'ଣ ଦେଉଛି ବା ନ ଦେଉଛି ଦେଖିଲେ ତାହାହିଁ ତୁମ ଲାଗି ଅଧିକ ଭଲ ହେବ ।

ଏକ ଅଧିକ ଯଥାର୍ଥ ଭବିଷ୍ୟତ ଲାଗି ତୁମର ଅଭୀପ୍ସାରେ ମୁଁ ସର୍ବଦା ତୁମ ସହିତ ରହିଥିବି ।

ଅନେକ ଆଶୀର୍ବାଦ ।

*୧ ଜୁଲାଇ ୧୯୬୮*

*

ଏହିଠାରେହିଁ ଅନୁଭବ ଲାଗି ସମ୍ଭାବ୍ୟ ବୃହତ୍ତର କ୍ଷେତ୍ରଟି ବିଦ୍ୟମାନ ରହିଛି, କାରଣ ସେହି କ୍ଷେତ୍ର ଏଠାରେ ସ୍ଥୂଳତମ ସ୍ତରର ଯାବତୀୟ କାର୍ଯ୍ୟରୁ ମଧ୍ୟବର୍ତ୍ତୀ ଯାବତୀୟ ଭୂମି ସମେତ ସବୁଠାରୁ ଅଧିକ ଆଧ୍ୟାତ୍ମିକ ସ୍ତରଗୁଡ଼ିକ ପର୍ଯ୍ୟନ୍ତ ପ୍ରସାରିତ ହୋଇ ରହିଛି ।

ତେଣୁ ଯଦି "ମନୁଷ୍ୟ ବିଷୟରେ ଅଭିଜ୍ଞତା" ଲାଭ କରିବା ନିମନ୍ତେ, ତୁମେ ଯେପରି କହୁଛ, ଯଦି ତୁମେ ଏଠାରୁ ଅନ୍ୟତ୍ର ଚାଲିଯିବାର ଆବଶ୍ୟକତା ଅନୁଭବ କରୁଛ, ତେବେ ତାହାର କାରଣ ହେଉଛି ଯେ, ତୁମେ ଯେଉଁସବୁ ନିର୍ବୋଧ କାର୍ଯ୍ୟମାନ କରିବାକୁ ଇଚ୍ଛା କରୁଛ, ବାହାରକୁ ଗଲେ ତୁମେ ସେହିସବୁ କାର୍ଯ୍ୟ କରିବାର ସ୍ୱାଧୀନତା ପାଇବାକୁ ଇଚ୍ଛା କରୁଛ । ଯେଉଁ ଋତ-ଚେତନା ସେଗୁଡ଼ିକୁ ପ୍ରକୃତରେ ନିର୍ବୋଧ ବୋଲି

'oaob.nitrkl.ac.in' images reprocessed

ଦେଖାଇ ଦେଇ ପାରନ୍ତା, ସେଠାରେ ତୁମକୁ ଆଉ ଆଦୌ ତାହାର ପ୍ରତ୍ୟକ୍ଷ ନିୟନ୍ତ୍ରଣ ମଧ୍ୟରେ ରହିବାକୁ ପଡ଼ିବ ନାହିଁ ।

ବ୍ୟକ୍ତିର ଅଗ୍ରଗତି ନିମିତ୍ତ ଯେଉଁସବୁ ଯଥାର୍ଥ ଅଭିଜ୍ଞତାର ଆବଶ୍ୟକତା ରହିଛି, ସେଗୁଡ଼ିକ ଜଣେ ବ୍ୟକ୍ତି ବାସ କରୁଥିବା ପରିସ୍ଥିତି ବା ପରିବେଶ ଉପରେ ଆଦୌ ନିର୍ଭର କରନ୍ତି ନାହିଁ, ସେଗୁଡ଼ିକ ଅନ୍ତର୍ଗତ ଦୃଷ୍ଟିକୋଣ ତଥା ଅଗ୍ରଗତି ଲାଗି ଏକ ଯଥାର୍ଥ ଇଚ୍ଛା ଉପରେହିଁ ନିର୍ଭର କରିଥା'ନ୍ତି ।

*

ଯଦି ତୁମେ ଆତ୍ମାର ପରିଚୟ ଲାଭ କରିବାକୁ ଇଚ୍ଛା କରୁଥାଅ, ତାହାକୁ ଜାଣି ତାହାରି ଆଦେଶ ପାଳିବାକୁ ଚାହୁଁଥାଅ, ତେବେ ଯାହା ହେଉ ପଛକେ, ତୁମେ ଏହିଠାରେହିଁ ରହ ।

ମାତ୍ର, ଯଦି ଏହା ତୁମ ଜୀବନର ଲକ୍ଷ୍ୟ ହୋଇ ନ ଥାଏ ଏବଂ ଯଦି ତୁମେ ବିପୁଳ ଅଧିକସଂଖ୍ୟକ ମଣିଷଙ୍କର ଜୀବନ ପରି ଏକ ଜୀବନ ଅତିବାହିତ କରିବାକୁ ଇଚ୍ଛା କରୁଥାଅ, ତେବେ ତୁମେ ଅବଶ୍ୟ ନିଜ ପରିବାର ପାଖକୁ ଫେରିଯିବ ।

*

*'କ' ଜାଣିବାକୁ ଚାହୁଁଛନ୍ତି, ସିଏ ଏହି ଜୀବନଟିକୁ ଗ୍ରହଣ କରିବେ ଅଥବା ତାଙ୍କୁ ସାଧାରଣ ଜୀବନଟିକୁ ବଞ୍ଚିବା ସକାଶେ ବାହାରକୁ ଯିବାକୁ ହେବ ?*

ସିଏ ଯେ ଏଠାରେ ଅଛନ୍ତି, ସେଇଥିରୁ ପ୍ରମାଣ ହୋଇଯାଉଛି ଯେ ତାଙ୍କର ସତ୍ତାରେ କେଉଁଠି ଏକ ଅଭୀପ୍ସା ରହିଛି ଏବଂ, ସହାୟତା ପ୍ରାପ୍ତ ହେଲେ ସେହି ଅଭୀପ୍ସା ସମସ୍ତ ସତ୍ତା ମଧ୍ୟକୁ ବ୍ୟାପ୍ତ ହୋଇଯାଇ ପାରିବ ।

*

''ତୁମର ପ୍ରକୃତ ସ୍ଥାନ କେଉଁଠି ?'' ବୋଲି ତୁମେ ଯେଉଁ ପ୍ରଶ୍ନଟିକୁ ପଚାରିଛ, ତାହାର ଉତ୍ତର ଦେଇ ମୁଁ କହିବି ଯେ, ଏହି ପୃଥିବୀ ତୁମରି ପରି ମନୁଷ୍ୟମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ରହିଛି, ତେଣୁ ତୁମେ ଉତ୍ତମରୂପେ ସେହି ପୃଥିବୀ ମଧ୍ୟରେ ଖାପ ଖାଇଯାଇ ପାରିବ — କାରଣ, ଯଦି — ଯଦି ତୁମ ଭିତରେ ସେପରି କୌଣସି ଏକ ବିଭାଜନ ରହି ନ ଥାଏ । ତୁମର ଯାବତୀୟ ଦ୍ୱନ୍ଦ୍ୱଭୋଗର କାରଣ ହେଉଛି ଯେ, ତୁମେ ନିଜ ସହିତ ଖାପ ଖାଇ ପାରୁ ନାହଁ ବା, ବରଂ ଏପରି କୁହାଯିବ ଯେ, ତୁମର ବହିଃକ୍ଷେତ୍ରୀୟ ସତ୍ତା ଏବଂ ତାହାର ଯାବତୀୟ କ୍ରିୟାକଳାପ ତୁମର ଆତ୍ମା ସହିତ ଆଦୌ ଖାପ ଖାଇ ପାରୁ

'oaob.nitrkl.ac.in' images reprocessed

ନାହାନ୍ତି ଏବଂ, ତୁମର ଆତ୍ମା ଯଥେଷ୍ଟ ପରିମାଣରେ ଜାଗୃତ ହୋଇ ପାରିଥିବାରୁ, ସେଥିରୁ ନିଷ୍ପନ୍ନ ହେଉଥିବା ସଂଘାତହିଁ ତୁମକୁ ଘୋର ଅସୁବିଧାରେ ଆଣି ପକାଉଛି ।

ଆତ୍ମା ଥରେ ଜାଗୃତ ହୋଇଗଲେ ତା'ପରେ ତା'ଠାରୁ ନିଷ୍କୃତି ଲାଭ କରିବା ଆଦୌ ସହଜ ହୁଏ ନାହିଁ । ତେଣୁ ତାହାର ଆଜ୍ଞା ପାଳନ କରିବାହିଁ ସର୍ବଦା ଶ୍ରେୟସ୍କର ।

ତୁମକୁ ଏହି ପରାମର୍ଶଟି ଦେଇହିଁ ମୁଁ ତୁମର ସର୍ବୋତ୍ତମ ସାହାଯ୍ୟ କରି ପାରିବି ।

*

ଏପରି ବି ହୋଇପାରେ କି, ତୁମେ ଯାହାକୁ ଏକ ମନ୍ଥର ଅଗ୍ରଗତି ବୋଲି ମନେ କରୁଛ, ତାହାହିଁ ତୁମକୁ କିଞ୍ଚିତ୍ ପରିମାଣରେ ଅଧୀର କରି ପକାଉଛି ?

ଏପରି ବି ହୋଇପାରେ କି, ତୁମେ ଶୀଘ୍ରାତିଶୀଘ୍ର ଆପଣା ଉଦ୍ୟମଗୁଡ଼ିକର ଫଳ ଆସ୍ୱାଦନ କରିବା ଲାଗି ଅସ୍ଥିର ଓ ଉତ୍ସୁକ ହୋଇ ପଡ଼ୁଛ ?

ପୁନଶ୍ଚ, ମୁଁ ଆଦୌ ବୁଝି ପାରୁ ନାହିଁ ଯେ, ଯେଉଁ ପରିବେଶଟି ଉପରିଭାଗସ୍ଥ ସେହି ବହଳ ପରସ୍ତ ପାଇଁ ସମ୍ପୂର୍ଣ୍ଣ ଭାବରେ ଦାୟୀ, ତୁମେ ମାତ୍ର ଅଳ୍ପ କେତେ ସପ୍ତାହ ନିମିତ୍ତ ହେଲେ ମଧ୍ୟ, କିପରି ସେହି ପରିବେଶଟି ମଧ୍ୟରେ ପୁନର୍ବାର ପ୍ରବେଶ କରି ରହିବ; ସେହି ପରସ୍ତଟିକୁ ଭେଦ କରି ସିନା ତୁମର ଆତ୍ମା ଆପଣାକୁ ବାହ୍ୟ ଭାବରେ ମଧ୍ୟ ଅନୁଭୂତ କରାଇ ପାରିବ ଏବଂ ଅନ୍ତତଃ, ତୁମ ଦେହରେ ଆସି "ଲାଖି ରହୁଥିବା ପ୍ରତିବନ୍ଧକଗୁଡ଼ିକରୁ" ନିଷ୍କୃତି ଲାଭ କରିବାରେ ତୁମର ସହାୟତା କରି ପାରିବ ।

ତୁମ ଆତ୍ମାର ଅଭୀପ୍ସା ଏବଂ ଲକ୍ଷ୍ୟ ବିଷୟରେ ତୁମେ ସଂପୂର୍ଣ୍ଣ ସଚେତନ ହୋଇ ରହିଛ; ତୁମର ଆତ୍ମା ତୁମେ କ'ଣ ହୁଅ ବୋଲି ଇଚ୍ଛା ଓ ପ୍ରତ୍ୟାଶା କରୁଛି, ସେହି ବିଷୟରେ ମଧ୍ୟ ତୁମେ ଯଥେଷ୍ଟ ସଚେତନ ହୋଇ ରହିଛ । କେବଳ ତୁମର ଏହି ବର୍ତ୍ତମାନର ଭୌତିକ ଗଠନର କେତେକ ପରିଣାମହିଁ ପ୍ରତିବନ୍ଧକ ହୋଇ ଠିଆ ହୋଇଛି ଏବଂ ଉପସ୍ଥିତ କ୍ଷଣରେ, ଅବିଚଳିତ ତଥା ଧୈର୍ଯ୍ୟପୂର୍ଣ୍ଣ ଭାବରେ ସେହିସବୁ ପ୍ରତିବନ୍ଧକ ମଧ୍ୟରୁ ମୁକ୍ତ ହୋଇ ଆସିବା ଦ୍ୱାରାହିଁ ତୁମ ଅସୁବିଧାଟିର ସମାଧାନ ସମ୍ଭବ ହେବ ।

ତେଣୁ, ଯୋଗର ଦୃଷ୍ଟିକୋଣରୁ, "ଛୁଟି ନେବା"ର ଯେକୌଣସି ପଦକ୍ଷେପ ସେହି ପ୍ରତିରୋଧର ଅନମନୀୟତା ପାଖରେ "ବଶ୍ୟତା ସ୍ୱୀକାର" କଲାଭଳିହିଁ ହେବ । ଏକଥାଟି ମୋ' ଆଗରେ ସ୍ପଷ୍ଟ ହୋଇ ଦେଖାଯାଉଛି ।

ମାତ୍ର, ତୁମେ କ'ଣ ସଂପୂର୍ଣ୍ଣ ଭାବରେ ନିଶ୍ଚିତ ଯେ, ତୁମର ମନ ଭିତରେ କୌଣସି ଏକ କୋଣରେ ଏକ ଆସକ୍ତି ବା ବନ୍ଧନର ସ୍ମୃତି ଉଙ୍କି ମାରିବାରେ ଲାଗିଛି ଏବଂ ବାହାରୁ ଆସୁଥିବା କୌଣସି ଏକ ଚାପର ଦୁରାଗ୍ରହିତା ସମ୍ମୁଖରେ ତୁମେ ଅଜାଣତରେ

'oaob.nitrkl.ac.in' images reprocessed

ଏକ ଅନୁସନ୍ଧାନ ଜ୍ଞାପନ କରିବାରେ ଲାଗିଛ ? ଯଦି ସେପରି ହୋଇଥାଏ, ତେବେ ଆଉଏକ ଭିନ୍ନ ଦୃଷ୍ଟିରୁହିଁ ସମସ୍ୟାଟିର ବିଚାର କରିବାକୁ ପଡ଼ିବ ।

*

ଏକଥା ସଂପୂର୍ଣ୍ଣ ଭାବରେ ସ୍ପଷ୍ଟ ହୋଇ ଯାଉଛି ଯେ, ତୁମର ଅନ୍ତର୍ଗତ ସତ୍ତାଟି ଆଦୌ ଖୁବ୍‌ବେଶୀ ଶକ୍ତ ନୁହେଁ ଏବଂ ତେଣୁ ନିଷ୍ଫଳ ନାନା ସଂଶୟ, ପରାଜୟବାଦୀ ନୈରାଶ୍ୟ, ଅହଂବାଦ ଏବଂ ବିଶ୍ୱାସହୀନତାଦି ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏକ ବାତାବରଣର ଅନିଷ୍ଟକାରକ ପ୍ରଭାବର ବିରୋଧ କରିବା ଲାଗି ତାହା ଭିତରେ ଆଦୌ ଯଥେଷ୍ଟ ସାମର୍ଥ୍ୟ ନାହିଁ ।

ଆମର ମାର୍ଗଟି ଆଦୌ ସହଜ ମାର୍ଗ ନୁହେଁ; ସେହି ମାର୍ଗ ପ୍ରଭୂତ ସାହସ ଏବଂ ଅପରିଶ୍ରାନ୍ତ ଧୈର୍ଯ୍ୟର ଦାବି କରିଥାଏ । ଯଥାର୍ଥ ଫଳ ଲାଭ କରି ପାରିବା ପାଇଁ ସ୍ଥିର ଅବିଚଳତା ସହିତ ଆମକୁ କଠିନ ପରିଶ୍ରମ କରିବାକୁ ପଡ଼ିବ, ଏକ ବୃହତ୍ ଉଦ୍ୟମ କରିବାକୁହିଁ ପଡ଼ିବ । ସେହି ଫଳଗୁଡ଼ିକ ପୁଣି ଅଧିକାଂଶ ସମୟରେ ବାହ୍ୟ ଚକ୍ଷୁକୁ କ୍ୱଚିତ୍ ଦୃଷ୍ଟିଗୋଚର ହୋଇ ପାରୁଥାଏ ।

ଏପରି ଅନେକ ମନୁଷ୍ୟ ଅଛନ୍ତି, ଯେଉଁମାନଙ୍କର କି, ଆପଣାକୁ ବିଶୋଧିତ କରିବାର ଆବଶ୍ୟକତାଟିକୁ ହୃଦୟଙ୍ଗମ କରି ପାରିବା ଲାଗି, କର୍ଦ୍ଦମ ଭିତରେ ଲଟପଟ ହୋଇ ଗଡ଼ିବାର ଆବଶ୍ୟକତା ରହିଥାଏ ।

ଏହାକୁ ଉତ୍ତୀର୍ଣ୍ଣ ହୋଇ ଯିବାର ବଳ ହାସଲ କରିବା ନିମନ୍ତେ ଯଦି ତୁମ ଭିତରେ ଅବିଚଳିତ ଭାବରେ ଏକ ବାସନା ଜାତ ହେଉଛି, ତେବେ ତୁମର ପରିଚିତ ବ୍ୟକ୍ତିମାନଙ୍କୁ ତୁମ ଲାଗି ଏକ କର୍ମସଂସ୍ଥାନର ଯୋଗାଡ଼ କରିଦେବାକୁ ଅନୁରୋଧ କର (ଆଶ୍ରମରୁ ବାହାରକୁ ଯାଉଥିବା ଯୁବକମାନଙ୍କ ପାଇଁ ତାହା ଖୋଜି ପାଇବା ଆଦୌ କଷ୍ଟକର ହେବ ନାହିଁ) । ତୁମେ ଯାଇ ସେହି କାର୍ଯ୍ୟଟିକୁ କର ଏବଂ, ତୁମେ ଏଠାରେ ଛାଡ଼ି ଯାଇଥିବା ଜୀବନର ଯଥାର୍ଥ ମୂଲ୍ୟଟିକୁ ଉପଲବ୍ଧି କରିବା ପର୍ଯ୍ୟନ୍ତ ତୁମେ ସେହି ସାଧାରଣ ଜୀବନଟିରହିଁ ସମ୍ମୁଖୀନ ହୁଅ ।

ଜଣେ ଅଗ୍ରଗାମୀ ହୋଇ ପାରିବାକୁ ହେଲେ ବୀରତ୍ୱ ରହିଥିବା ଉଚିତ; କାରଣ, ସାଧାରଣତଃ, ଯାହାସବୁ ପୂର୍ବରୁ ହାସଲ ହୋଇ ସାରିଛି, ଲୋକମାନଙ୍କର ସେହିଗୁଡ଼ିକ ଉପରେହିଁ ଆସ୍ଥା ଥାଏ; ଯାହା ସୁସ୍ପଷ୍ଟ ହୋଇଯାଇଥାଏ, ଦୃଶ୍ୟମାନ୍ ହୋଇ ରହିଥାଏ ଏବଂ ସବୁଠାରୁ ଅଧିକ ସଂଶୟବାଦୀ ବ୍ୟକ୍ତିମାନେ ମଧ୍ୟ ଯାହାକୁ ସ୍ୱୀକୃତି ପ୍ରଦାନ କରୁଥା'ନ୍ତି, ସେମାନଙ୍କର ତାହାରି ଉପରେ ବିଶ୍ୱାସ ରହିଥାଏ ।

*

'oaob.nitrkl.ac.in' images reprocessed

ତୁମେ ଚାଲିଗଲେ ମୁଁ ପ୍ରକୃତରେ ଦୁଃଖିତ ହେବି । ତୁମର ଯିବା ଆଦୌ ଆବଶ୍ୟକ ହେବ ନାହିଁ ବୋଲି ମୁଁ ଆଶା କରିଥିଲି । ମାତ୍ର, ଯଦି ତୁମେ ନିଜକୁ ଏତେ ବେଶୀ ଦୁର୍ଦ୍ଦଶାଗ୍ରସ୍ତ ଅନୁଭବ କରୁଛ ଓ ନିଜ ବିଷୟରେ ଏତେ ବେଶୀ ଅନିଶ୍ଚିତ ହୋଇ ରହିଛ, ତେବେ କିଛି ଦିନ ପାଇଁ ବାହାରକୁ ଯାଇ ନିଜର ସ୍ଥିରତା ଫେରି ପାଇବା ହୁଏତ ବାଞ୍ଛନୀୟ ହୋଇପାରେ । ମୁଁ ତୁମ ଲାଗି ଦ୍ୱାର ଉନ୍ମୁକ୍ତ କରି ରଖିଥିବି ଏବଂ ତୁମେ ଯଥେଷ୍ଟ ପରିମାଣରେ ଶକ୍ତିଯୁକ୍ତ ହୋଇଯିବା ମାତ୍ରେହିଁ ପୁନର୍ବାର ଏଠାକୁ ଫେରି ଆସିବ ।

ମୋ'ର ଆଶୀର୍ବାଦ ତୁମ ସହିତ ରହିଛି ଓ ସର୍ବଦା ରହିଥିବ ।

ଏବଂ ଯଦି ଏହାପରେ ତୁମେ ଯୋଗସାଧନା ପାଇଁ ଓ ଏକ ଦିବ୍ୟ ଜୀବନ ଅତିବାହିତ କରିବା ପାଇଁ ଏଠାକୁ ଆସିବ, ତେବେ ସବୁକଥା ଅତ୍ୟନ୍ତ ସହଜ ହୋଇଯିବ ।

*

ଏଠାରେ ରହିବା ଦ୍ୱାରା ତୁମର ଦୃଷ୍ଟି ଏବଂ ବୋଧଶକ୍ତି ଯଦି ପ୍ରସାରିତ ହୋଇଥାଏ ଏବଂ ଚେତନା ଗଭୀରତର ହୋଇ ପାରିଥାଏ, ତେବେ ମୁଁ ନିଶ୍ଚୟ ଖୁବ୍ ଖୁସୀ ହେବି ।

'oaob.nitrkl.ac.in' images reprocessed

## ଆଶ୍ରମ ବାହାରେ ଥିବା ବ୍ୟକ୍ତିମାନଙ୍କ ସହିତ ସମ୍ବନ୍ଧ

ଜଣେ ସାଧକ ପ୍ରକୃତରେ କିପରି ହେବା ଉଚିତ, ସେହି ବିଷୟରେ ତୁମର ଭାବନାଗୁଡ଼ିକୁ ମୁଁ ଉତ୍ତମ ରୂପେ ବୁଝୁଛି ଏବଂ ତୁମେ ସେହି ଦୃଷ୍ଟିରୁ ଯାହାସବୁ କହିଛ, ସେଗୁଡ଼ିକ ପ୍ରକୃତରେ ଯଥାର୍ଥ । ମାତ୍ର, ଏକଥାଟି ମଧ୍ୟ ଉତ୍ତମ ରୂପେ ହୃଦୟଙ୍ଗମ କରି ହେଉଛି ଯେ, ଏହି ଆଶ୍ରମରେ କେବଳ ସାଧକମାନେ ନାହାନ୍ତି । ଆଶ୍ରମକୁ ଆମେ ଜୀବନର ଏକ କ୍ଷୁଦ୍ରାୟିତ ପ୍ରତିରୂପ ବୋଲି କହିପାରିବା, ଯେଉଁଠାରେ କି ଯୋଗସାଧନା କରୁଥିବା ବ୍ୟକ୍ତିମାନେ ସଂଖ୍ୟାଲଘୁ ହୋଇ ଅଛନ୍ତି ଏବଂ, ଯେଉଁମାନେ ନିଷ୍ଠାପର ଭାବରେ ସାଧନା କରୁଛନ୍ତି, ଯଦି ମୁଁ କେବଳ ସେହିମାନଙ୍କୁହିଁ ଏଠାରେ ରଖୁଥା'ନ୍ତି, ତେବେ ହୁଏତ ଅତି କମ୍‌ସଂଖ୍ୟକ ଲୋକ ରହିବାର ସୁଯୋଗ ଲାଭ କରିବେ ।

ଶ୍ରୀଅରବିନ୍ଦ ଆମକୁ ସର୍ବଦା ଏହି ସତ୍ୟଟିକୁ ସ୍ମରଣ କରାଇ ଦେଉଛନ୍ତି ଯେ, ଦିବ୍ୟ ପରମସତ୍ତା ସବୁଠାରେ ଏବଂ ସକଳ ବସ୍ତୁରେ ବିଦ୍ୟମାନ ରହିଛନ୍ତି ଏବଂ ତେଣୁ ସେ ଆମକୁ ଏକ ଯଥାର୍ଥ ସଦ୍‌ଭାବନାର ଅଭ୍ୟାସ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସେହି କଥାଟି ଏଡ଼େ ସୁନ୍ଦର ଭାବରେ ମୁଁ ବର୍ତ୍ତମାନ ଟିପ୍ପଣୀ ଲେଖୁଥିବା ତାଙ୍କର ଏହି ସୂକ୍ତିଟି ମଧ୍ୟରେ ବ୍ୟକ୍ତ ହୋଇ ପାରିଛି : ''ଆଦୌ କୌଣସି ଦୟା ନ ରଖି ଆପଣାକୁ ପରୀକ୍ଷା କର, ତେବେ ଯାଇ ତୁମେ ଅନ୍ୟମାନଙ୍କ ପ୍ରତି ଅଧିକ ଉଦାର ଏବଂ ସଦୟ ହୋଇ ପାରିବ ।''

ଏହି ଦୃଷ୍ଟିରୁ 'କ' ଙ୍କୁ ଏଠାକୁ ଆସି ତାଙ୍କ ମାଆଙ୍କ ସହିତ ସାକ୍ଷାତ କରିବା ଲାଗି ତୁମ ଅନୁମତି ଦେବାକୁ ମୁଁ ଅନୁରୋଧ କରିବି । ତାଙ୍କର ମାଆ ତାଙ୍କୁ କେତେ ଭଲ ପାଆନ୍ତି ଓ ତାଙ୍କୁ ଏଠାକୁ ଆସିବାରୁ ବଞ୍ଚିତ କରି ରଖିଲେ ତାଙ୍କର ମାଆ ପ୍ରକୃତରେ ଭାରି ଦାରୁଣ ଭାବରେ ଆହତ ହୋଇ ପଡ଼ିବେ ।

ସିଏ ଏଠାରେ କେଉଁ କାର୍ଯ୍ୟ କରିବ, ସେହି ବିଷୟର ନିଷ୍ପତ୍ତି ତାଙ୍କ ଓ ମୋ' ଭିତରେ ହେବ ଏବଂ ମୁଁ ଭଲ କରି ଜାଣେ ଯେ ଆମେ ଏହି କ୍ଷେତ୍ରରେ ଏକ ସନ୍ତୋଷଦାୟକ ବ୍ୟବସ୍ଥା ସମ୍ଭବ କରିନେବୁ ।

ତେଣୁ ମୁଁ ତୁମକୁ ଶାନ୍ତ ହେବା ଲାଗି ଓ ଦିବ୍ୟ ପରମସତ୍ତାଙ୍କର କରୁଣା ତଥା ବିବେକ ଉପରେ ବିଶ୍ୱାସ ରଖିବା ଲାଗି ପୁନର୍ବାର ଅନୁରୋଧ କରିବି ।

*୨୬ ଜାନୁଆରି ୧୯୬୨*

*

'oaob.nitrkl.ac.in' images reprocessed

ଶାରୀରସ୍ତରର ନୈକଟ୍ୟ ତୁଳନାରେ ହୃଦୟ ଏବଂ ଅନୁଭବସ୍ତରର ନିକଟତା ହେଉଛି ଅନେକ ଅଧିକ ଶକ୍ତିଶାଳୀ ଓ ଅଧିକ ଯଥାର୍ଥ ।

ତୁମ ମାଆଙ୍କୁ ତୁମେ ପ୍ରକୃତରେ ଭଲ ପାଇ ଶିଖ; ତେବେ ତାଙ୍କୁ ଆମେରିକା ଯିବାକୁ ଦେବାରେ ତୁମର କୌଣସି ଦୁଃଖ ହେବ ନାହିଁ ବା କୌଣସି କଷ୍ଟ ଭୋଗିବାକୁ ପଡ଼ିବ ନାହିଁ । ତୁମେ ତ ଜାଣିଛ, ଏହି ପୃଥିବୀ କେଡ଼େ ସାନ ଓ ଭଲ ପାଇବା କେତେ ବ୍ୟାପ୍ତ ଓ ପ୍ରସାର ଯୁକ୍ତ ।

୨୨ ଜୁଲାଇ ୧୯୬୮

*

ମୋ'ର ପ୍ରିୟ ସନ୍ତାନ,

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମ୍ଭେମାନେହିଁ ତୁମର ପ୍ରକୃତ ପିତା ଓ ମାତା ଏବଂ ତୁମର ଯଥାର୍ଥ କର୍ତ୍ତବ୍ୟ ସେହି ଦିବ୍ୟ ପରମସତ୍ତାଙ୍କ ଲାଗି ।

ଅଜ୍ଞାନୀମାନେ ସେମାନଙ୍କର ଅଜ୍ଞାନତା ଦ୍ୱାରା ପରିଚାଳିତ ହୋଇ ଯାହା କହିବାର କହୁଥା'ନ୍ତୁ; ମାତ୍ର ତୁମେ ଆପଣା ଭିତରେ ସେହି ଦିବ୍ୟ ପରମଚେତନାର ଆଲୋକ, ଜ୍ଞାନ ତଥା ଶାନ୍ତିକୁ ସଞ୍ଚିତ କରି ରଖିଥାଅ ।

ଆମର ଶ୍ରଦ୍ଧା ଏବଂ ଅନେକ ଆଶୀର୍ବାଦ ସହିତ ।

*

ଏହିସବୁ ''ତମାସା''କୁ ଯେପରି ଭାବରେ ଗ୍ରହଣ କରିବା ଉଚିତ, ତୁମେମାନେ ତାହାକୁ ସେହିପରି ଭାବରେ ଗ୍ରହଣ କରୁଛ ଜାଣି ମୁଁ ଅତ୍ୟନ୍ତ ଖୁସୀ । ଏସବୁକୁ ସେହିପରି ଆଚ୍ଛା କରି ଗୋଟାଏ ହସ ହସିହିଁ ଗ୍ରହଣ କରିବା ଉଚିତ ।

ସେମାନେ ତୁମମାନଙ୍କୁ ''ଶରଣାର୍ଥୀ'' ବୋଲି କହୁଛନ୍ତି, ମାତ୍ର, ପରମେଶ୍ୱରଙ୍କର ଶରଣାର୍ଥୀ ହେବାରେ ତାଙ୍କରି ଆଶ୍ରୟ ତଥା ସ୍ନେହଲାଭ କରିବାରେ ପ୍ରକୃତରେ ଗୌରବ ରହିଛି ।

ଦିବ୍ୟଜୀବନରେ ରହିଥିବା ବିଶ୍ୱାସର ଅଭାବକୁ ପ୍ରମାଣିତ କରିବା ପାଇଁ ସେମାନେ ଯାହା ଖୁସୀ ତାହା ଲେଖୁଥା'ନ୍ତୁ; ଆମେ ତାହା ଦ୍ୱାରା କଦାପି ପ୍ରଭାବିତ ହେବୁ ନାହିଁ ।

*

ଶ୍ରୀଅରବିନ୍ଦ କହିଛନ୍ତି :

ଆପଣାର ଅତୀତକୁ ସମ୍ପୂର୍ଣ୍ଣ ଭାବରେ ପଛରେ ରଖି ଚାଲିଆସିବା ଏବଂ ଛିଣ୍ଡି ଯାଇଥିବା ଡୋରଗୁଡ଼ିକୁ ପୁନର୍ବାର ବାନ୍ଧିବାକୁ ନ ଯିବା ସର୍ବଦାହିଁ ଅଧିକ ଭଲ ।

ଆଦୌ କିଛି ନ ଲେଖିବା ବା ତାରବାର୍ତ୍ତା ପଠାଇବା,– ତାହାହିଁ କରିବା ଅଧିକ ଭଲ ହେବ ।

*

'oaob.nitrkl.ac.in' images reprocessed

ପରିଦର୍ଶକ ଏବଂ ବିଦେଶୀମାନଙ୍କ (ଏବଂ ସେମାନଙ୍କ ପରସ୍ପର ଭିତରେ ମଧ୍ୟ) କିପରି ବ୍ୟବହାର କରିବାକୁ ହେବ, ସେହି ବିଷୟରେ ସବୁ ଆଶ୍ରମବାସୀଙ୍କ ଲାଗି ଏକ ଉତ୍ତମ ପରାମର୍ଶ :

"ଆଶ୍ରମର କୌଣସି ବିଷୟ କିଂବା କୌଣସି ବ୍ୟକ୍ତି ବିଷୟରେ ଯେତେବେଳେ ତୁମର ପ୍ରୀତିକର ଭାବରେ କିଛି କହିବାକୁ ନ ଥିବ, ସେତେବେଳେ ତୁମେ ନୀରବ ରହିବ ।

"ଏହି ନୀରବତା ହେଉଛି ଦିବ୍ୟ ପରମସତ୍ତାଙ୍କ ପ୍ରତି ରହିଥିବା ତୁମ ବିଶ୍ୱାସର ଯେ ପରିଚାୟକ, ଏକଥା ତୁମକୁ ଅବଶ୍ୟ ଜାଣି ରଖିବାକୁ ହେବ ।"

*

*ଆମ ପତ୍ରିକାରେ ପ୍ରକାଶ କରିବା ସକାଶେ ମୁଁ ଦୁଇଜଣ ଲେଖକଙ୍କ ଠାରୁ ଲେଖା ନିମିତ୍ତ ଲେଖିବି ବୋଲି ଭାବୁଛି । 'କ' ମୋତେ ସେମାନଙ୍କର ନାମ ସୁପାରିସ କରିଛନ୍ତି । ମାତ୍ର, ଶ୍ରୀଅରବିନ୍ଦଙ୍କ ବିଷୟରେ ସେମାନଙ୍କର କିଭଳି ଦୃଷ୍ଟିକୋଣ ରହିଛି, ମୁଁ ସେକଥା କିଛି ଜାଣି ନାହିଁ । ସେମାନେ ଜଣେ ଜଣେ ସୁଦକ୍ଷ ଲେଖକ ଏବଂ ଶ୍ରୀଅରବିନ୍ଦଙ୍କର ଗ୍ରନ୍ଥଗୁଡ଼ିକୁ ଅଧ୍ୟୟନ କରିଛନ୍ତି ଓ ତେଣୁ ଆମ ପତ୍ରିକା ସକାଶେ ଉତ୍ତମରୂପେ କିଛି ଲେଖିପାରିବେ ବୋଲି 'କ' ମୋତେ କହୁଛନ୍ତି । ମୋ'ର ଏପରି ଅନୁଭବ ରହିଛି ଯେ, ଯଦି ଏହି ଲେଖକମାନଙ୍କର ମନ ଖୋଲା ଥିବ ଏବଂ ସେମାନେ ପ୍ରଗତିଶୀଳ ହୋଇଥିବେ, ତେବେ ସେମାନେ ବେଳେବେଳେ ଏପରି ଏକ ନୂତନ ଦୃଷ୍ଟିକୋଣରୁ ଶ୍ରୀଅରବିନ୍ଦଙ୍କ ବିଷୟରେ କିଛି ଅବଶ୍ୟ ଲେଖିବେ, ଯାହାକି ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇଥିବ । ମାତ୍ର ଅଧିକାଂଶ ସମୟରେ ସେମାନେ ନିଜର ସଂକୀର୍ଣ୍ଣ ଏବଂ ପ୍ରସୀମିତ ବୁଦ୍ଧିବାଦୀ ଦୃଷ୍ଟିକୋଣରୁହିଁ ଶ୍ରୀଅରବିନ୍ଦଙ୍କର ବିଚାର କରିବାକୁ ଚେଷ୍ଟା କରିଥା'ନ୍ତି । ତେଣୁ ଆପଣ ଏହି ବିଷୟରେ କିଛି ମାର୍ଗଦର୍ଶନ ଦିଅନ୍ତୁ ।*

ଯେଉଁ ବ୍ୟକ୍ତିମାନଙ୍କୁ ଆମେ ଜାଣି ନାହୁଁ ଏବଂ ଯେଉଁମାନଙ୍କର ମନ ସହିତ ଆମର ନିଶ୍ଚିତ ପରିଚୟ ନାହିଁ, ଆମେ ସେମାନଙ୍କଠାରୁ ଆଦୌ ମାଗିବାକୁ ଯିବା ନାହିଁ ।

ଏଠାରେ ମୁଁ ଯାହା ଲେଖିଲି, ତାହା ସେମାନଙ୍କ ସମସ୍ତଙ୍କ ଲାଗି ପ୍ରଯୁଜ୍ୟ ।

*୨୨ ଅକ୍ଟୋବର ୧୯୬୪*

*

'oaob.nitrkl.ac.in' images reprocessed

ମାଆ, ନିମ୍ନଲିଖିତ ପତ୍ରରେ ଶ୍ରୀଅରବିନ୍ଦ ବାହାର ଜଗତ ସହିତ ଆମର ସମ୍ପର୍କକୁ ସୀମିତ ରଖିବା ଏବଂ ସାଧାରଣ ଜୀବନଠାରୁ ଆମକୁ ଅଲଗା କରି ରଖିବାର ଆବଶ୍ୟକତା ବିଷୟରେ ଲେଖିଛନ୍ତି । ତାଙ୍କ ମତରେ ତା'ହେଲେ ଯାଇ ଆମେ ପୃଥିବୀପୃଷ୍ଠରେ ଏକ ନୂତନ ଚେତନାର ଅବତରଣ ଘଟାଇବାର ବିଶେଷ କାର୍ଯ୍ୟଟିକୁ ଅବ୍ୟାହତ ଭାବରେ ସମ୍ପନ୍ନ କରିପାରିବା ।

ଏହି ପତ୍ରଟି ୧୯୩୩ ମସିହାରେ ଲେଖା ହୋଇଥିଲା । ମାତ୍ର ବର୍ତ୍ତମାନ ତ ବାହାର ପୃଥିବୀରୁ ଯାବତୀୟ ପ୍ରକାରର ଲୋକଙ୍କୁ ଆଶ୍ରମକୁ ଆସିବା ଲାଗି ଅବାଧରେ ଅନୁମତି ଦିଆଯାଉଛି ଏବଂ ଆଶ୍ରମର ସାଧକମାନେ ମଧ୍ୟ ସେମାନଙ୍କ ସହିତ ଅବାଧରେ ମିଶୁଛନ୍ତି । ଏହା ହେଉଛି, ଏହାର କାରଣ କ'ଣ ଏପରି ହେବ ଯେ ଆମର କାର୍ଯ୍ୟରେ ଆମେ ଏକ ନୂତନ ପର୍ଯ୍ୟାୟରେ ଆସି ପହଞ୍ଚିଛୁ, ଯେଉଁଠାରେ କି ବାହାର ପୃଥିବୀ ସହିତ ଆମର ସମ୍ପର୍କଗୁଡ଼ିକର କ୍ଷେତ୍ରରେ ଆଗରୁ ରହି ଆସିଥିବା ନିଷେଧଗୁଡ଼ିକ ଆଉ ଆଦୌ ଆବଶ୍ୟକ ହେଉ ନାହିଁ ? ଆପଣ ଏହି ବିଷୟରେ ମୋ'ପାଇଁ କିଛି ଆଲୋକପାତ କରିବେ କି ?

(ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ)

''ସକଳ ସତ୍ତାରେ ଦିବ୍ୟ ପରମସତ୍ତାଙ୍କୁ ଭଲ ପାଇବା ଏବଂ ପ୍ରତ୍ୟେକ ବସ୍ତୁରେ ତାଙ୍କରି କରଣିକୁହିଁ ସତତ ପ୍ରତ୍ୟକ୍ଷ କରିବା ତଥା ସ୍ୱୀକାର କରିନେବା''*,— ଯଦି ଏହାହିଁ ତାଙ୍କୁ ଉପଲବ୍ଧ କରିବାର ଏବଂ ତାଙ୍କୁ ସବୁକିଛି ମଧ୍ୟରେ ଦେଖି ପାରିବାର ଏକ ଅନ୍ୟତମ ମାର୍ଗ ହୋଇଥାଏ, ତେବେ ଆମେ ଏଠାରେ ବାହାର ପୃଥିବୀ ସହିତ ଆମର ସମ୍ପର୍କକୁ ସୀମିତ କରି ରଖୁଛୁ କାହିଁକି ? କାହିଁକି ଆମେ ସମସ୍ତଙ୍କ ଲାଗି ଆମର ଶ୍ରଦ୍ଧାକୁ ପ୍ରସାରିତ କରିଦେଇ ପାରୁ ନାହୁଁ ?

(ଶ୍ରୀଅରବିନ୍ଦଙ୍କ ଉତ୍ତର)

ଯେଉଁ ସାଧାରଣ କର୍ମଯୋଗର ମାର୍ଗ ବିଶ୍ୱ-ଚିଦାତ୍ମାଙ୍କ ସହିତ ଯୁକ୍ତ ହୋଇ ରହିବାକୁ ନିଜର ଲକ୍ଷ୍ୟ କରି ରଖିଥାଏ ଏବଂ ଅଧିମାନସ ପାଖରେ ଆସି ଅଟକିଯାଏ, ସେହି ମାର୍ଗଟି ତା'ପାଇଁ ଅବଶ୍ୟ ଉଚିତ ମାର୍ଗ । ମାତ୍ର ଏଠାରେ ଏକ ବିଶେଷ କାର୍ଯ୍ୟ କରିବାକୁ ଅଛି ଏବଂ କେବଳ ଆମ ଲାଗି ନୁହେଁ, ସମସ୍ତ ଜଗତ ଲାଗି ଏକ ନୂତନ ଉପଲବ୍ଧି ହାସଲ କରିବାକୁ ରହିଛି । ଏକ ନୂତନ ଚେତନାର ଅବତରଣ ଲାଗି ନିଜକୁ ସାଧାରଣ ଚେତନାଠାରୁ ଅଲଗା କରି ରଖିବା ସକାଶେ ଅବଶିଷ୍ଟ ଜଗତଠାରୁ ଅଲଗା ହୋଇ ରହିବାର ପ୍ରୟୋଜନ ରହିଛି ।

---

* ଶ୍ରୀଅରବିନ୍ଦ, ଯୋଗ-ସମନ୍ୱୟ

'oaob.nitrkl.ac.in' images reprocessed

*ଏଠାରେ ଅବଶ୍ୟ ଏପରି ଅର୍ଥ କରା ଯାଉ ନାହିଁ ଯେ, ସମସ୍ତଙ୍କୁ ଭଲ ପାଇବା ଏହି ସାଧନାର ଅଂଶ ହୋଇ ରହି ନାହିଁ; ମାତ୍ର ସେହି ଭଲ ପାଇବା ଆପଣାକୁ ସଙ୍ଗେ ସଙ୍ଗେ ସମସ୍ତଙ୍କ ଭିତରେ ଯାଇ ମିଶିଯିବାରେ ପର୍ଯ୍ୟବସିତ କରିଦେଲେ ଆଦୌ ହେବ ନାହିଁ – ତାହା ଆପଣାକୁ କେବଳ ଏକ ସାଧାରଣ, ଏବଂ ଆବଶ୍ୟକ ହେଲେ ଏକ ଗତିଶୀଳ ବିଶ୍ୱମୟ ସଦିଚ୍ଛା ଆକାରରେ ବ୍ୟକ୍ତ କରି ପାରିବ, ମାତ୍ର, ଏହା ବ୍ୟତୀତ ଆଉ ସମସ୍ତ କ୍ଷେତ୍ରରେ ପୃଥିବୀ ଲାଗି ତାହାର ସଂପୂର୍ଣ୍ଣ ପରିଣାମ ସହିତ ସେହି ଉଚ୍ଚତର ଚେତନାକୁ ଓହ୍ଲାଇ ଆଣିବାର କାର୍ଯ୍ୟ ମାଧ୍ୟମରେହିଁ ଆପଣାକୁ ଅଭିବ୍ୟକ୍ତ କରୁଥିବ । ସକଳ ବସ୍ତୁରେ ଦିବ୍ୟ ପରମସତ୍ତାଙ୍କର କରଣିକୁ ଗ୍ରହଣ କରିନେବା ସମ୍ବନ୍ଧରେ କହିବାକୁ ଗଲେ, ଏହି କ୍ଷେତ୍ରରେ ମଧ୍ୟ ଏହା ଆବଶ୍ୟକ ହେବ ଯେ, ଆମେ ଆମର ସକଳ ସଂଗ୍ରାମ ତଥା ଅସୁବିଧାର ପଶ୍ଚାତରେ ତାହାକୁ ଅବଶ୍ୟ ପ୍ରତ୍ୟକ୍ଷ କରିବା ମାତ୍ର, ମନୁଷ୍ୟ ତଥା ପୃଥିବୀ ବର୍ତ୍ତମାନ ଯେପରି ରହିଛି, ତାହାକୁ କଦାପି ଗ୍ରହଣ କରିନେବା ନାହିଁ – ଆମେ ଏକ ଦିବ୍ୟତର କ୍ରିୟାତ୍ମକତା ଅଭିମୁଖରେ ଗତି କରିବାକୁହିଁ ନିଜର ଲକ୍ଷ୍ୟରୂପେ ଗ୍ରହଣ କରିଛୁ, ଯାହାକି, ବର୍ତ୍ତମାନ ଯାହା ରହିଛି, ତାହାର ସ୍ଥାନାପନ୍ନ ରୂପେ ଏକ ବୃହତ୍ତର ଏବଂ ଅଧିକ ସୁଖଦାୟୀ ପରିପ୍ରକାଶକୁ ଆଣି ପ୍ରତିଷ୍ଠିତ କରିଦେବ । ତାହାକୁ ମଧ୍ୟ ସେହି ଦିବ୍ୟ ପରମପ୍ରେମର ଏକ କର୍ମ ବୋଲି କୁହାଯିବ ।**

*୨୨ ଅକ୍ଟୋବର ୧୯୩୩*

ଏଠାରେ ଶ୍ରୀଅରବିନ୍ଦ ଯାହା ଲେଖିଛନ୍ତି, ତାହା ସଂପୂର୍ଣ୍ଣ ଭାବରେ ଠିକ୍ ଏବଂ ଆମେ ତାହାର ଅବଶ୍ୟ ପାଳନ କରିବା ।

ଏହି କ୍ଷେତ୍ରରେ କେବଳ ଗୋଟିଏ ନୂତନ ସତକଥା ରହିଛି – ଏହି ବର୍ଷର ଆରମ୍ଭରୁ ଏକ ନୂତନ ଚେତନାର ଅଭିବ୍ୟକ୍ତି ଘଟିଛି ଏବଂ ତାହା ପୃଥିବୀକୁ ସେହି ନୂତନ ସୃଜନ ନିମନ୍ତେ ପ୍ରସ୍ତୁତ କରିନେବା ଲାଗି ଶକ୍ତିଶାଳୀ ଭାବରେ କାର୍ଯ୍ୟ କରୁଛି ।

*୧୭ ଏପ୍ରିଲ୍ ୧୯୬୯*

*

*ଶ୍ରୀଅରବିନ୍ଦ ଶତବାର୍ଷିକୀର ଅବସରରେ ଲୋକମାନେ ଅନେକ ଅନେକ ସଂଖ୍ୟାରେ ଆଶ୍ରମକୁ ଆସିବେ । ସେମାନଙ୍କୁ ଏହି ଆଶ୍ରମର ସତ୍ୟଟିକୁ ଦର୍ଶାଇ*

---

* Letters on Yoga, Cent. Edn. Vol. 23, p. 851

*ଦେବାକୁ ଆମ୍ଭେମାନେ କ'ଣ କରି ପାରିବା ?*

ଆମେ ସେହି ସତ୍ୟଟିକୁ ବଞ୍ଚିବା – ସେହି ସତ୍ୟଟିକୁହିଁ ବଞ୍ଚିବା । ଏହା ବ୍ୟତୀତ ଆଉ ଯାହା ରହିଲା,– କହିବା ଇତ୍ୟାଦି, ଇତ୍ୟାଦି – ସେଗୁଡ଼ିକର ଆଦୌ କୌଣସି ମୂଲ୍ୟ ନାହିଁ ।

*ଏଥିଲାଗି ଆମେ ନିଜକୁ କିପରି ଭାବରେ ପ୍ରସ୍ତୁତ କରିବା ?*

ଚୈତ୍ୟସତ୍ତା ସହିତ ସଂଯୋଗ ସ୍ଥାପନ କରି, ଯେକି ଶରୀରଧାରୀ ଦିବ୍ୟସତ୍ତା, ଆମରି ଭିତରେ ଅନେକ ଗଭୀରରେ ଅବସ୍ଥିତ,

ଏକ ପ୍ରଗାଢ଼ ଅଭୀପ୍ସା,
ଏକ ପରିପୂର୍ଣ୍ଣ ଅଭିନିବେଶ,
ଏକ ସତତ ଆତ୍ମଦାନ ।

'oaob.nitrkl.ac.in' images reprocessed

## ଅର୍ଥ ଓ ବ୍ୟୟବ୍ୟବସ୍ଥା

ସର୍ବପ୍ରଥମ କଥା ହେଉଛି ଯେ, ଅର୍ଥବ୍ୟବସ୍ଥାର ଦୃଷ୍ଟିକୋଣରୁ ବିଚାର କଲେ ଆମର କାର୍ଯ୍ୟଟି ନିମ୍ନଲିଖିତ ସିଦ୍ଧାନ୍ତ ଉପରେ ଆଧାରିତ ହୋଇ ରହିଛି : ଅଧିକ ଅର୍ଥ ଉତ୍ପନ୍ନ କରିବା ଲାଗି ଅର୍ଥର ଭିଆଣ ହୋଇ ନାହିଁ । ଅର୍ଥକୁ ଅଧିକ ଅର୍ଥ ଉତ୍ପନ୍ନ କରିବାକୁ ହେବ,— ଏହି ଧାରଣାଟି ହେଉଛି ଏକ ମିଥ୍ୟା ଓ ଏକ ବିକୃତ କଥା ।

କୌଣସି ଏକ ଗୋଷ୍ଠୀ, କୌଣସି ଦେଶ ବା ଆହୁରି ଭଲ କଥା ହେଉଛି, ସମଗ୍ର ପୃଥିବୀର ସମ୍ପଦ, ସମୃଦ୍ଧି ତଥା ଉତ୍ପାଦକତାର ବୃଦ୍ଧି ସାଧନ କରିବା ହେଉଛି ଅର୍ଥର ଉଦ୍ଦେଶ୍ୟ । ଅର୍ଥ ହେଉଛି ଏକ ସାଧନ, ଏକ ସାମର୍ଥ୍ୟ, ଏକ ଶକ୍ତି; ଅର୍ଥକୁ କଦାପି ସାଧ୍ୟରୂପେ ଗ୍ରହଣ କରାଯାଇ ପାରିବ ନାହିଁ । ଏବଂ, ଯାବତୀୟ ସାମର୍ଥ୍ୟ ତଥା ଶକ୍ତି ଭଳି, କେବଳ ସଚଳ ଏବଂ ସଞ୍ଚାରିତ ହେବା ଦ୍ୱାରାହିଁ ଏହା ବୃଦ୍ଧି ପାଏ ଏବଂ ଆପଣାର ଶକ୍ତିକୁ ବୃଦ୍ଧି କରିଥାଏ; ଗୋଟିଏ ଜାଗାରେ ଗଚ୍ଛିତ ଏବଂ ବନ୍ଦ ହୋଇ ରହିଗଲେ ସେହି ବୃଦ୍ଧି ଆଦୌ ସମ୍ଭବ ହୋଇ ରହେ ନାହିଁ ।

ଏକ ସାକାର ଦୃଷ୍ଟାନ୍ତ ଦେଖାଇ ଆମେ ପୃଥିବୀ ପାଇଁ ଏହି କଥାଟିକୁ ପ୍ରମାଣ କରିଦେବା ଲାଗି ଏଠାରେ ଏକ ଉଦ୍ୟମ କରୁଛୁ ଯେ, ଅନ୍ତର୍ଗତ ମନୋଭୂମିସ୍ଥ ଏକ ଉପଲବ୍ଧି ତଥା ବାହ୍ୟ ସଂଗଠନ ଦ୍ୱାରା ଏପରି ଏକ ପୃଥିବୀର ସୃଷ୍ଟି କରାଯାଇ ପାରିବ, ଯେଉଁଠାରୁ କି ମନୁଷ୍ୟକୁ ଦୁଃଖ ମଧ୍ୟରେ ପକାଇ ରଖିଥିବାର ଅଧିକାଂଶ କାରଣ ବିଲୁପ୍ତ ହୋଇଯିବ ।

*

*ମୋ'ର ଜଣେ ବନ୍ଧୁ ଆପଣଙ୍କ ନିମନ୍ତେ ଅର୍ଥ ସଂଗ୍ରହ କରିବାକୁ ଇଚ୍ଛା କରୁଛନ୍ତି । ସିଏ କହୁଛନ୍ତି ଯେ, ଅର୍ଥସାହାଯ୍ୟ ଦେବା ସକାଶେ ଲୋକମାନଙ୍କ ପାଖକୁ ଯିବା ବିଷୟରେ ଆପଣ ତାଙ୍କ ଲାଗି ଯଦି ଗୋଟିଏ ବିବୃତି ଲେଖିଦେବେ, ତେବେ ତଦ୍ଦ୍ୱାରା ତାଙ୍କର ଅନେକ କାର୍ଯ୍ୟ ହୋଇ ପାରିବ ।*

କାହାଠାରୁ ଅର୍ଥ ପାଇବା ସକାଶେ କିଛି ଲେଖିବା ଲାଗି ମୋ'ର ଆଦୌ ଅଭ୍ୟାସ ନାହିଁ । ଦିବ୍ୟ ଉଦ୍ଦେଶ୍ୟସାଧନ ପାଇଁ ନିଜର ଅର୍ଥକୁ ଦାନ କରିବା ଯେ ସେମାନଙ୍କ ଲାଗି ଏକ ମହାନ୍ ସୁଯୋଗ ଏବଂ କରୁଣାର ନିଦର୍ଶନ, ଲୋକମାନେ ଯଦି ସେକଥା ଅନୁଭବ କରି ନ ପାରୁଛନ୍ତି, ତେବେ ତାହାକୁ ସେମାନଙ୍କର ଦୁର୍ଭାଗ୍ୟ ବୋଲି କହିବାକୁହିଁ ହେବ । କାର୍ଯ୍ୟ

'oaob.nitrkl.ac.in' images reprocessed

ଲାଗି ଅର୍ଥ ଆବଶ୍ୟକ — ଅର୍ଥ ଅବଶ୍ୟ ଆସିବ; ସେହି ଅର୍ଥ ଦାନ କରିବା ଲାଗି କେଉଁମାନେ ସୁଯୋଗ ଲାଭ କରିବେ, ବର୍ତ୍ତମାନ ତାହାହିଁ ଦେଖିବାକୁ ହେବ ।

*୨୪ ଏପ୍ରିଲ୍ ୧୯୩୮*

*

ଅର୍ଥ ମୋ'ର ନୁହେଁ, ଅର୍ଥ ଆଶ୍ରମର, ଏବଂ ଆଶ୍ରମ କୌଣସି ଅର୍ଥ ଧାର ଦିଏ ନାହିଁ । ଏବଂ, କୌଣସି ବିଶେଷ ବ୍ୟକ୍ତିଙ୍କୁ ଆଶ୍ରମ କଦାପି ଏହି କ୍ଷେତ୍ରରେ ବିଶେଷ ଅନୁଗ୍ରହ ଦେଖାଇବ ନାହିଁ; ବିଶେଷତଃ, ଏହି ବ୍ୟକ୍ତି ଆଶ୍ରମ ପ୍ରତି ଯଦି ବିଶେଷ ଅନୁରକ୍ତି ରଖି ନାହାନ୍ତି, ତେବେ ଅନୁଗ୍ରହ ଦେଖାଇବାର କୌଣସି ପ୍ରଶ୍ନହିଁ ନାହିଁ ।

*୨୦ ଏପ୍ରିଲ୍ ୧୯୫୧*

*

ମୁଁ ତୁମର ଚିଠିଗୁଡ଼ିକ ପାଇଛି ଏବଂ ଅନ୍ତର୍ଗତ ଭାବରେ ସେଗୁଡ଼ିକର ଜବାବ ଦେଇଛି । ଏହି ଅନ୍ତରଙ୍ଗ ଉତ୍ତରପ୍ରଦାନଗୁଡ଼ିକୁ ତୁମେ ଯେ ଗ୍ରହଣ କରୁଥିବ, ମୋ'ର ଏହି ବିଶ୍ୱାସ ସର୍ବଦା ରହିଛି ।

ମାତ୍ର ମୁଁ ଭାବୁଛି ଯେ, ମୁଁ ଆଗରୁ ତୁମପାଖକୁ ଯାହା ଲେଖିଛି, ତାହା ସହିତ ଆହୁରି କେତେକ କଥା ତୁମକୁ କହିବାକୁ ରହିଛି ।

ଲୋକମାନଙ୍କ ପାଖକୁ ଯାଇ ଅର୍ଥସଂଗ୍ରହ କରିବାର କୌଣସି ଆବଶ୍ୟକତା ନାହିଁ । ଯାହା କରିବା ଉଚିତ, ତାହା ହେଉଛି ଯେ, ଏପରି ଜଣେ ବ୍ୟକ୍ତି, ଗୋଟିଏ ଅର୍ଥ ସାହାଯ୍ୟକାରୀ ଗୋଷ୍ଠୀ ଅଥବା ସଂସ୍ଥାକୁ ତୁମେ ଖୋଜି ବାହାର କରିବ, ଯିଏକି ଆମର ଆବଶ୍ୟକ ହେଉଥିବା ସମଗ୍ର ଅର୍ଥ-ପରିମାଣଟିକୁ ଆମକୁ ଦାନ କରିଦେବ ଏବଂ, ଏକ ନୂତନ ତଥା ଉପଯୁକ୍ତ କାର୍ଯ୍ୟ କରିବା ନିମନ୍ତେ ଏହି ଦୁଃସାହସିକ କାର୍ଯ୍ୟଟିକୁ କରିବା ଲାଗି ଓ ଦାୟିତ୍ୱଟିକୁ ନେବା ଲାଗି ପ୍ରସ୍ତୁତ ଥିବ ।

ଏପରି ବ୍ୟକ୍ତି ବା ବ୍ୟକ୍ତିମାନେ ଅବଶ୍ୟ ଅଛନ୍ତି । ଦୁଇ ବିନ୍ଦୁକୁ ଆଣି ଏକତ୍ର କରାଇବାର କାର୍ଯ୍ୟଟି ଯାହା ବାକି ରହିଛି ।

*

ପଚାଶ ହଜାର କିଂବା ଏକ ଲକ୍ଷ ଟଙ୍କାର ଏକ କ୍ଷୁଦ୍ର ପରିମାଣ ସଂଗ୍ରହ କରିବା ଲାଗି ତୁମର ସେମାନଙ୍କର ସାହାଯ୍ୟ ମାଗିବା ଆଦୌ ଉଚିତ ନୁହେଁ । ତୁମକୁ ସମ୍ମାନର ସହିତ ଏବଂ ତୁମ ଉଦ୍ୟମଟିର ମହତ୍ତ୍ୱ ବିଷୟରେ ଏକ ସଂପୂର୍ଣ୍ଣ ବୋଧ ଜାତ କରାଇ ତୁମକୁ ସେମାନଙ୍କ ନିକଟକୁ ଯିବାକୁ ହେବ । କେବେହେଲେ ଭୁଲିଯିବ ନାହିଁ ଯେ ଏହା

'oaob.nitrkl.ac.in' images reprocessed

ଆଦୌ କୌଣସି ସାଧାରଣ ଉପରିସ୍ତରୀୟ କାର୍ଯ୍ୟ ନୁହେଁ, ଏହା ହେଉଛି ଚିନ୍ମୟତା-ସ୍ତରର କାର୍ଯ୍ୟ ଏବଂ ଏହି କାର୍ଯ୍ୟଟି ଅବଶ୍ୟ ସମ୍ପନ୍ନ ହେବ । ଆମେ ଏହି ବ୍ୟକ୍ତିମାନଙ୍କଠାରୁ ଆଦୌ କୌଣସି ଦାନ ମାଗୁ ନାହୁଁ; ସେହି ବ୍ୟକ୍ତିମାନେ ଯେପରି ସେମାନଙ୍କର ଆତ୍ମାର ଅଧିକ ନିକଟବର୍ତ୍ତୀ ହେବେ, ଏହାଦ୍ୱାରା ଆମେ ସେମାନଙ୍କୁ ଏକ ଅବସରହିଁ ପ୍ରଦାନ କରୁଛୁ ।

କାର୍ଯ୍ୟାରମ୍ଭର ପୂର୍ବରୁ ମୋତେ ଡାକିବ ଏବଂ ମୁଁ ସେଠାରେ ଅବଶ୍ୟ ଉପସ୍ଥିତ ରହିବି । ମୋ'ର ବଳ ସର୍ବଦାହିଁ ତୁମ ପାଖରେ ରହିଛି ।

*୧୭ ଡିସେମ୍ବର ୧୯୫୨*

*

ତୁମକୁ ଜାଣି ରଖିବାକୁ ହେବ ଯେ, ତୁମକୁ ଏହି କ୍ଷେତ୍ରରେ ସ୍ଥୂଳତମ ତଥା ବାହ୍ୟତମ ଭାବରେ ଯେଉଁ ବିଷୟଟିର ସମନ୍ୱୟନ କରିବାକୁ ପଡ଼ିବ, ସେଇଟି ଆଦୌ କେବଳ ଏକ ଶିଳ୍ପ ନୁହେଁ ଅଥବା କେତୋଟି ଶିଳ୍ପର ଏକ ସମଷ୍ଟି ମଧ ନୁହେଁ; ଏହା କୌଣସି ଶାସନବ୍ୟବସ୍ଥାର ଏକ ବିଭାଗ ନୁହେଁ କିଂବା କୌଣସି ରାଷ୍ଟ୍ରର ଏକ ସେବାକ୍ଷେତ୍ର ନୁହେଁ;— ଏହା ହେଉଛି କ୍ଷୁଦ୍ର ଆକାରବିଶିଷ୍ଟ ଏକ ସମଗ୍ର ପୃଥିବୀ, ଯେଉଁଥିରେ କି ଅନ୍ତର୍ନିହିତ ଶକ୍ତିରୂପେ ଏକ ମନୁଷ୍ୟସମୂହର ଯାବତୀୟ ସମ୍ଭାବନା ଠୁଳ ହୋଇ ରହିଛି ଏବଂ, ତାହା ସଙ୍ଗେ ସଙ୍ଗେ, ତଥାପି ସୁପ୍ତ ହୋଇ ରହିଥିବା ଏବଂ ଅଭିବ୍ୟକ୍ତି ଲାଗି ଅପେକ୍ଷା କରିଥିବା ଯାବତୀୟ ନୂତନ ଓ ଅଜ୍ଞାତ ସମ୍ଭାବନା (ଅନ୍ତର୍ନିହିତ ଶକ୍ତି)ମାନ ଅନ୍ତର୍ଗତ ହୋଇ ରହିଛି ।

ଏଠାରେ ତୁମକୁ ସଂଗଠନର ଗୋଟିଏ ଭ୍ରୂଣ ଦେଖିବାକୁ ମିଳିବ, ଯାହାର ସମନ୍ୱୟନ-କେନ୍ଦ୍ରରେ ଦିବ୍ୟ ପରମ ଉପସ୍ଥିତିହିଁ ପ୍ରତୀକରୂପେ ବିଦ୍ୟମାନ ରହିଛି ଏବଂ ତାହା ବିଶ୍ୱଭୁବନର ସେହି ଏକ ଓ ଅଦ୍ୱିତୀୟ ସର୍ବୋଚ୍ଚ କର୍ତ୍ତାଙ୍କର ପ୍ରତିନିଧିତ୍ୱ କରୁଅଛି । କାରଣ, ଏହି କ୍ଷେତ୍ରରେ ଯାବତୀୟ କର୍ମ ସେହି ପରମ ପ୍ରଭୁଙ୍କ ଲାଗି ଉତ୍ସର୍ଗୀକୃତ ହୋଇ ରହିଛି,— ସେହି ପରମ ପ୍ରଭୁ, ଯିଏକି ସର୍ବରୂପୀ ହୋଇ ରହିଛନ୍ତି ଓ ସବୁକିଛିକୁ ନିଜ ମଧରେ ଧାରଣ କରିଛନ୍ତି । ଏବଂ, ଯାବତୀୟ କାର୍ଯ୍ୟ କୌଣସି ବ୍ୟକ୍ତିଗତ ଲାଭ ଉଦ୍ଦେଶ୍ୟରେ ନୁହେଁ, ମାତ୍ର ଏକ ପ୍ରେମନିବେଦନ ରୂପେ ସମ୍ପନ୍ନ ହେବାରେ ଲାଗିଛି, କାରଣ ଏଠାରେ ଏକମାତ୍ର ଏହି ପ୍ରେମଶକ୍ତିଟିକୁହିଁ ଆମେ କ୍ରିୟାଶୀଳ କରି ପାରିବା; ଏବଂ ସେଠାରେ ସେହି ଉଦ୍ୟମଗୁଡ଼ିକର ପଥପ୍ରଦର୍ଶନ କରିବା ପାଇଁ ଓ ସେଗୁଡ଼ିକୁ ପରସ୍ପର ସଂଯୁକ୍ତ କରି ରଖିବା ପାଇଁ ମୁଁ କେବଳ ଏକ ପ୍ରତୀକ ତଥା ଏକ ବାର୍ତ୍ତାବହ ରୂପେ ଅବସ୍ଥିତ ରହିଛି ।

'oaob.nitrkl.ac.in' images reprocessed

ବ୍ୟାବହାରିକ କ୍ଷେତ୍ରଟିର ଦୃଷ୍ଟିରୁ କହିବାକୁ ଗଲେ, ଯଦି ଆମର ଅର୍ଥ କ୍ଷେତ୍ରରେ ଆଉଟିକିଏ କମ୍ ଅଭାବ ରହିଥା'ନ୍ତା, ତେବେ ଆମର କେତେ ନା କେତେ ଅସୁବିଧା ପ୍ରକୃତରେ ଅନ୍ତର୍ହିତ ହୋଇ ଯାଆନ୍ତା ।

ଆମକୁ ଯାବତୀୟ ଖର୍ଚ୍ଚ ବିଷୟରେ ସାବଧାନତାର ସହିତ ବିଚାର କରିବାକୁ ପଡ଼ିବ, ଏବଂ ସେଥିଲାଗି ଏଠାରେ ଅନେକ ଦରକାରୀ କଥା ମଧ୍ୟ ମୋଟେ କରାଯାଏ ନାହିଁ ।

ତେଣୁ, ଯଦି ତୁମେ ଏପରି ଜଣେ ବା କେତେଜଣ ବ୍ୟକ୍ତିଙ୍କୁ ଠିକ୍ କରିପାରିବ, ଯିଏକି ଏହି ଉଦ୍ୟମଟିରେ,— ବରଂ ଏହାକୁ ଏକ ଦୁଃସାହସ ବୋଲି କୁହାଯାଇ ପାରିବ,— ହୁଏତ ଆଗ୍ରହ ପ୍ରକାଶ କରୁଥିବେ, ଏବଂ, ଦାନ କିଂବା ଋଣ-ସୂତ୍ରରେ ଆମକୁ ଅର୍ଥସାହାଯ୍ୟ କରିବା ସକାଶେ ପ୍ରସ୍ତୁତ ଥିବେ, ତେବେ ତାହା ଆମକୁ ଆମର ଉଦ୍ୟମଟିରେ ଅଧିକ ସତ୍ୱର ତଥା ସମ୍ପୂର୍ଣ୍ଣ ଭାବରେ ଅଗ୍ରସର ହେବାରେ ନିଶ୍ଚୟ ସମର୍ଥ କରିବ ।

ସଂକ୍ଷେପରେ ଏହାହିଁ ହେଉଛି ପ୍ରକୃତ ସ୍ଥିତି । ଯଦି ତୁମେ ଅଧିକ ବିସ୍ତୃତ ଭାବରେ ଜାଣିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ସେଥିଲାଗି ଆବଶ୍ୟକ ତଥ୍ୟମାନ ଅବଶ୍ୟ ଯୋଗାଇ ଦିଆଯିବ ।

*

ଏପରି ବିଶ୍ୱାସ କରିବା ଏକ ମସ୍ତବଡ଼ ଭୁଲ୍ ଯେ, ଯେଉଁମାନେ ସର୍ବଦା ସ୍ୱାର୍ଥପର ଏବଂ ବାସନାପୂର୍ଣ୍ଣ ହୋଇ ରହିଥା'ନ୍ତି, କେବଳ ସେହିମାନଙ୍କର ଦାବିଗୁଡ଼ିକୁ ସନ୍ତୁଷ୍ଟ କରିବା ଲାଗି ମୁଁ କେତେକ ଲୋକଙ୍କର ନିଃସ୍ୱାର୍ଥପର କାର୍ଯ୍ୟାବଳୀକୁ ସମର୍ଥନ ଜଣାଇବି । ସ୍ୱାର୍ଥ ଦ୍ୱାରା ଅନୁପ୍ରେରିତ ଲୋଭର ସମୟ ଅତିବାହିତ ହୋଇଗଲାଣି; ମିତବ୍ୟୟିତା ଦିଗରେ କରା ଯାଉଥିବା ଉଦ୍ୟମରେ ସମସ୍ତଙ୍କୁ ଅବଶ୍ୟ ସହଯୋଗ କରିବାକୁ ପଡ଼ିବ ।

*୨୨ ଜୁନ୍ ୧୯୪୦*

ବର୍ତ୍ତମାନ ଭାରତବର୍ଷରେ ଯେଉଁ ପରିସ୍ଥିତି ବିଦ୍ୟମାନ ରହିଛି, ସେଥିରେ ଯୋଗାଣ ଏବଂ ସରବରାହର (ବିଶେଷ କରି ଖାଦ୍ୟଦ୍ରବ୍ୟର ଯୋଗାଣ-କ୍ଷେତ୍ରରେ) ଅସୁବିଧାମାନ ଯୁଦ୍ଧ ସରିଯିବା ପରେ ମଧ୍ୟ ତଥାପି ଏପର୍ଯ୍ୟନ୍ତ ହ୍ରାସ ହୋଇପାରି ନାହିଁ । ସେହି ଦୃଷ୍ଟିରୁ ମୋତେ ଆଶ୍ରମବାସୀମାନଙ୍କୁ ଅନୁରୋଧ କରିବାକୁ ପଡୁଛି ଯେ, ସେମାନେ ଆଦୌ କୌଣସି ପ୍ରକାର ଦ୍ରବ୍ୟକୁ, ବିଶେଷତଃ ଖାଦ୍ୟସାମଗ୍ରୀକୁ, ନଷ୍ଟ ନ କରିବା ବିଷୟରେ ଅତ୍ୟନ୍ତ ଯତ୍ନଶୀଳ ହୋଇ ରହିବେ । ଏତେ ଅଧିକସଂଖ୍ୟକ ଲୋକଙ୍କ କ୍ଷେତ୍ରରେ ଜୀବନର ଅତ୍ୟାବଶ୍ୟକ ଏବଂ ଅପରିହାର୍ଯ୍ୟ ବସ୍ତୁଗୁଡ଼ିକର ମଧ୍ୟ ଅଭାବ ରହିଛି ।

*୧୯୪୫ ବା ୧୯୪୬*

*

'oaob.nitrkl.ac.in' images reprocessed

*ଆଶ୍ରମକୁ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି, ତଥାପି ଲୋକମାନେ ସେମାନଙ୍କର ପ୍ରାପ୍ୟ ଭାଗଟି ପାଇବେ ବୋଲି ଦାବି କରିବାରେ ଲାଗିଛନ୍ତି । ଆମେ ଯେତେବେଳେ ପାଠ ପଢୁଥିଲୁ, ସେତେବେଳେ ଭୂମିକମ୍ପ ଅଥବା ବନ୍ୟା ସମୟରେ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତିମାନଙ୍କର ସାହାଯ୍ୟାର୍ଥେ ଆମେ ଉପବାସ ମଧ୍ୟ କରୁଥିଲୁ ।*

ଦୁର୍ଭାଗ୍ୟର କଥା(?) ଯେ, ବର୍ତ୍ତମାନର ଅସୁବିଧାଟି କୌଣସି ବନ୍ୟା ଅଥବା ଦୁର୍ଭିକ୍ଷ ହେତୁ ହୋଇ ନାହିଁ; ଯୁଦ୍ଧ, ଭୂମିକମ୍ପ, ଅଗ୍ନିକାଣ୍ଡ କିଂବା ସେପରି କୌଣସି ଘଟଣା ହେତୁ ହୋଇ ନାହିଁ, ଯେଉଁଗୁଡ଼ିକ କି ମନୁଷ୍ୟର ଭାବଗୁଡ଼ିକୁ ଉଦ୍ରେକ କରି ଆଣିଥାଏ ଏବଂ କିଛି ସମୟ ସକାଶେ "ଆବଶ୍ୟକତା" ବୋଲି କୁହା ଯାଉଥିବା ସ୍ଥୂଳସ୍ତରୀୟ ବାସନାଗୁଡ଼ିକ ଉପରେ ସେହି ଭାବଗୁଡ଼ିକୁହିଁ ପ୍ରାଧାନ୍ୟ ବିସ୍ତାର କରିବାକୁ ଦେଇଥାଏ ।

ଟଙ୍କାପଇସାର ଅସୁବିଧା ମନୁଷ୍ୟମାନଙ୍କୁ ବିଦ୍ରୋହୀ ନ କଲେ ମଧ୍ୟ ସାଧାରଣତଃ ଶୁଷ୍କ ଓ ଏପରିକି ଭାରି ତିକ୍ତ ବି କରି ଦେଇଥାଏ । ଏବଂ ମୁଁ ଏପରି କେତେ ଲୋକଙ୍କୁ ଜାଣିଛି, ଯେଉଁମାନେ କି, ମୋ' ପାଖରେ ଆବଶ୍ୟକତା ମୁତାବକ ଯଥେଷ୍ଟ ପଇସା ନାହିଁ ବୋଲି ପ୍ରାୟ ସେମାନଙ୍କର ବିଶ୍ୱାସକୁ ମଧ୍ୟ ହରାଇ ବସିବାର ଅବସ୍ଥାରେ ଆସି ପହଞ୍ଚି ଯାଇଥା'ନ୍ତି ।

*

ଯେତେବେଳେ ଅର୍ଥର ଅଭାବ ରହିଥାଏ, ସେତେବେଳେ ସଦିଚ୍ଛା ଏବଂ ସଂଗଠନର ଏକ ବିପୁଳ ପ୍ରୟାସ କରି ସେହି ଅଭାବଟିକୁ ପୂରଣ କରିବାକୁହିଁ ପଡ଼ିବ । ବର୍ତ୍ତମାନ ମୁଁ ସମସ୍ତଙ୍କଠାରୁ ସେହି ପ୍ରୟାସର ଆଶା କରୁଛି, ତମଃ ତଥା ଆଳସ୍ୟମୟ ଉଦାସୀନତା ଉପରେ ସମସ୍ତେ ବିଜୟ ଲାଭ କରନ୍ତୁ ବୋଲି ଆଶା କରୁଛି ।

କେହି କିଛି ତ୍ୟାଗ କରନ୍ତୁ ବୋଲି ମୁଁ ଆଦୌ ଇଚ୍ଛା କରୁ ନାହିଁ; ମାତ୍ର ପ୍ରତ୍ୟେକେ ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରିଯାଆନ୍ତୁ ବୋଲି ଆଶା କରୁଛି ।

*

*'କ' ଆଉ ଆଶ୍ରମ ଲାଗି କୌଣସି କାର୍ଯ୍ୟ କରୁ ନାହାନ୍ତି । ଅନ୍ୟ ଅନେକ ବ୍ୟକ୍ତିଙ୍କ ପରି ସିଏ ଆଶ୍ରମରେ ରହୁଛନ୍ତି ଏବଂ ନିଜ ପାଇଁ ଯାହା କିଛି କରୁଛନ୍ତି ।*

ଠିକ୍ ସେହି କାରଣରୁହିଁ ଆଶ୍ରମ ଆର୍ଥିକ ଦୃଷ୍ଟିରୁ ବିନାଶ ଆଡ଼କୁ ଗତି କରିବାରେ ଲାଗିଛି ।

*

'oaob.nitrkl.ac.in' images reprocessed

*'କ' ଆସି ଆମ ଗଛରୁ ନଡ଼ିଆ ତୋଳି ନେଉଛନ୍ତି । ଏଥର ଯେତେବେଳେ ସେହିପରି ତୋଳିବାକୁ ଆସିଲେ, ମୁଁ ତାଙ୍କୁ, ଯେଉଁ ଫଳଗୁଡ଼ିକୁ ମୁଁ ଅତିଥି ଏବଂ ଆଶ୍ରମର ପିଲାମାନଙ୍କ ପାଇଁ ରଖିବାକୁ ଇଚ୍ଛା କରୁଛି, ସେଗୁଡ଼ିକୁ ଦେଖାଇ ଦେଲି ଓ ସେଗୁଡ଼ିକୁ ନ ତୋଳିବା ଲାଗି କହିଲି ।*

ଆଶ୍ରମର ଲୋକେ ସେମାନଙ୍କର ଯଥାର୍ଥରେ ଯାହାକିଛି ଦରକାର, ସେଗୁଡ଼ିକୁ ଅବଶ୍ୟ ପାଉଛନ୍ତି । ଅତିଥିମାନଙ୍କ ଲାଗି କୌଣସି ଫଳ କିଂବା ଫୁଲର ବିତରଣ କରାଯାଉ ବୋଲି ମୁଁ ପସନ୍ଦ କରୁ ନାହିଁ । ଏହାଦ୍ୱାରା କେବଳ ଲୋଭ, ବାସନା ଏବଂ ବିଶୃଙ୍ଖଳାକୁହିଁ ଉତ୍ସାହିତ କରାଯିବ । ଏବଂ, ଯିଏ ଯାହା ସର୍ବୋତ୍ତମ ବୋଲି ଭାବୁଛନ୍ତି, ସିଏ ଯଦି ତାହାହିଁ କରିବାରେ ଲାଗିଥିବେ, ତେବେ ସମସ୍ତ ସଂଗଠନଟି ଶେଷକୁ ଏକ ଅରାଜକତାରେହିଁ ପରିଣତ ହୋଇଯିବ ।

*୧୫ ମଇ ୧୯୫୪*

*

ପରମ ଦିବ୍ୟସତ୍ତାଙ୍କ ଉଦ୍ଦେଶ୍ୟରେ ଆପଣାକୁ ଉତ୍ସର୍ଗ କରିଥିବାର ମନୋଭାବ ନେଇ ଯଦି ବ୍ୟବସାୟ କରାଯାଇ ନ ପାରୁଛି, ତେବେ ବ୍ୟବସାୟକୁ ବନ୍ଦ କରି ଦିଆଯିବ; ସମାନ କାରଣ ସକାଶେ ଆଶ୍ରମରୁ ଯେପରି ରାଜନୀତିକୁ ବହିଃସ୍ଥ କରି ରଖାଯାଇଛି, ସେହିପରି ବ୍ୟବସାୟକୁ ବହିଃସ୍ଥ କରି ରଖାଯିବ ।

ତେଣୁ, ସାଧକମାନଙ୍କର ଚେତନା ବିଭ୍ରାନ୍ତି ଏବଂ କ୍ଷୁଦ୍ରତାର ଏହି ଦୁଃଖଦ ଅବସ୍ଥା ମଧ୍ୟରୁ ମୁକ୍ତ ହୋଇ ନ ଥିବା ପର୍ଯ୍ୟନ୍ତ ମୁଁ ବାଧ୍ୟ ହୋଇ ଏଠାରେ ବାଣିଜ୍ୟିକ ଯାବତୀୟ କାରବାରକୁ ନିଷିଦ୍ଧହିଁ କରି ରଖିବି; କାରଣ ତା' ନ ହେଲେ ପ୍ରମାଣିତ ହୋଇଯିବ ଯେ, ଆମେ ସେହିସବୁ କାରବାରକୁ ଯଥାର୍ଥ ଭାବନା ସହିତ କରିବା ଲାଗି ଆଦୌ ସମର୍ଥ ନୋହୁ ।

*୨୭ ମଇ ୧୯୫୫*

'oaob.nitrkl.ac.in' images reprocessed

## ସଂଗଠନ ଓ କାର୍ଯ୍ୟ

*"(ଏହି ଆଶ୍ରମ ଲାଗି) କେବେହେଲେ କଦାପି ମନଃସ୍ତରରେ ଏକ ଯୋଜନା କରା ଯାଇ ନାହିଁ, ଆଗରୁ ନିଷ୍ପତ୍ତି କରି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଅଥବା ସଂଗଠନକୁ ଆଦୌ ଗ୍ରହଣ କରା ଯାଇ ନାହିଁ । ସତତ ବିଧୃତ କରି ରଖା ଯାଇଥିବା, ବୃଦ୍ଧିପ୍ରାପ୍ତ ତଥା ଦୃଢ଼ୀଭୂତ ହେବାରେ ଲାଗିଥିବା ଏକ ଚିତ୍-ତପଃ ଦ୍ୱାରାହିଁ ଏକ ଜୀବନ୍ତ ସତ୍ତାରୂପେ ସମସ୍ତ ବସ୍ତୁଟି ଜନ୍ମଲାଭ କରିଛି, ବୃଦ୍ଧି ପାଇଛି ଓ ବିକଶିତ ହୋଇ ଆସିଛି ।"*

*ଶ୍ରୀଅରବିନ୍ଦ (୨୨ ଅଗଷ୍ଟ ୧୯୩୯)*

ଅର୍ଥାତ୍, ଚିତ୍-ତପଃର କାର୍ଯ୍ୟଟି କୌଣସି ମୁହୂର୍ତ୍ତରେ ମଧ୍ୟ ବନ୍ଦ ହୋଇ ନାହିଁ । ଏପରି ଆଦୌ ନୁହେଁ ଯେ, ଏକଦା ଏକ "ସୃଷ୍ଟି-ପ୍ରକ୍ରିୟା" ଆରମ୍ଭ ହେଲା, ତା'ପରେ ବନ୍ଦ ହୋଇଗଲା ଓ ତା'ପରେ ପୁନର୍ବାର ଆରମ୍ଭ ହେଲା — ଚେତନା ଅବିରାମ ଭାବରେ ଆପଣାକୁ ପୁନଃସର୍ଜିତ କରିବାରେ ଲାଗିଛି, ଅର୍ଥାତ୍, ଆପଣାର ସୃଜନକୁ ଅବ୍ୟାହତ କରି ରଖିଛି । ଏହା ଏପରି ଏକ ବସ୍ତୁ ନୁହେଁ, ଯାହାକୁ କି ସମ୍ପାଦିତ କରା ହୋଇଛି ଓ ଯାହାକି, ଯାହା ସମ୍ପାଦିତ ହୋଇଛି, ସେଇଥିରୁ ଉଦ୍ଭୂତ ହେବାରେ ଲାଗିଛି । ଏହା ଏହିପରି ଭାବରେ ଅବିଚ୍ଛିନ୍ନ ଭାବରେହିଁ ରହିଛି । ଚେତନା ସତତ କ୍ରିୟା କରୁଛି; ଯାହା ପୂର୍ବରୁ ଥିଲା, ତାହାର ଏକ ଅବିରାମତା ରୂପେ ନୁହେଁ, ମାତ୍ର, ପ୍ରତ୍ୟେକ ମୁହୂର୍ତ୍ତରେ ତାହା ଯାହା ଅବଲୋକନ କରୁଛି, ତାହାରି ଏକ ପରିଣାମ ସ୍ୱରୂପହିଁ କାର୍ଯ୍ୟ କରୁଛି । ମନଃସ୍ତରର ଯାବତୀୟ ଘଟଣାରେ, ଯାହା ଆଗରୁ ସମ୍ପାଦିତ ହୋଇଛି, କେବଳ ତାହାରି ପରିଣାମହିଁ ସଂଘଟିତ ହେବାରେ ଲାଗିଥାଏ;— ମାତ୍ର ଏହି କ୍ଷେତ୍ରରେ ଆଦୌ ସେପରି ହେଉ ନାହିଁ; ଯାହା କରିବାକୁ ହେବ, ଚେତନା ସତତ ତାହାରି ଅବଲୋକନ କରୁଛି ଏବଂ ସେଇଥିରୁ ଯାବତୀୟ କ୍ରିୟା ସମ୍ଭୂତ ହେଉଛି । ଏହି କଥାଟିକୁ ବୁଝି ରଖିବା ଏକାନ୍ତ ମହତ୍ତ୍ୱପୂର୍ଣ୍ଣ, କାରଣ ତାହା ଏହିପରି ଭାବରେହିଁ ସତତ କ୍ରିୟାଶୀଳ ହୋଇ ରହିଛି, ପ୍ରତ୍ୟେକ ବସ୍ତୁର କ୍ଷେତ୍ରରେ ସେହିପରି ଭାବରେ କ୍ରିୟା କରୁଛି । ଏହା ଆଦୌ ଏପରି ଏକ ସଂରଚନା ହୋଇ ରହି ନାହିଁ, ଯାହାର ବୃଦ୍ଧି ଲାଗି କୌଣସି ତତ୍ତ୍ୱ ନେବାକୁ ପଡ଼ିବ; ଚେତନା ପ୍ରତ୍ୟେକ ମୁହୂର୍ତ୍ତରେ — ତାହା ଆପଣାର ଗତିଟିକୁହିଁ ଅନୁସରଣ କରି ଚାଲିଛି ।... ତାହା ସବୁକିଛିକୁ ଘଟାଇବାରେ ଲାଗିଛି; ଠିକ୍ ତାହାହିଁ ଯାବତୀୟ ଅଲୌକିକ ଘଟଣା ତଥା ଉତ୍କ୍ରାନ୍ତିକୁ ଘଟାଉଛି, ପ୍ରତ୍ୟେକ ଘଟଣାକୁ ଘଟାଉଛି, ଯାବତୀୟ ମନୁଷ୍ୟ-କରଣିର ଠିକ୍

'oaob.nitrkl.ac.in' images reprocessed

ବିପରୀତ ହୋଇ ରହିଛି । ଏବଂ ଏହା ଚିରକାଳ ଏହିପରି ହୋଇ ରହି ଆସିଛି, ବର୍ତ୍ତମାନ ମଧ୍ୟ ଠିକ୍ ଏହିପରି ହୋଇ ରହିଛି ଓ ମୁଁ ସେହି କ୍ଷେତ୍ରରେ ଅବସ୍ଥିତ ହୋଇ ରହିଥିବା ପର୍ଯ୍ୟନ୍ତ ସର୍ବଦା ଠିକ୍ ସେହିପରି ହୋଇ ରହିଥିବ ।*

*

ଯାବତୀୟ ପରିସଂଖ୍ୟାନ ଏବଂ ହିସାବ ହେଉଛି ତୁଚ୍ଛା ମାନସିକ ସ୍ତରର, ଏବଂ ଏଠାରେ ସେହି ଉଚ୍ଚତର ଶକ୍ତିଟି କାର୍ଯ୍ୟ କରୁଥିବା ଫଳରେ ମନଃକ୍ଷେତ୍ରର ସକଳ ନିୟମ ନ୍ୟାୟତଃ ଖଣ୍ଡିତ ହୋଇ ଯାଉଛି ।

*

ମୋତେ ଯଥାର୍ଥ ସଂଗଠନକୁ ଭାରି ଭଲ ଲାଗେ,– ଅବଶ୍ୟ ଏକଥା ସତ ଯେ, ଯେଉଁମାନେ ସଂଗଠନ କରିଥାନ୍ତି, ସେମାନେ ଆନ୍ତରିକତା ସହିତ ତାହା କରିବାକୁ ଇଚ୍ଛା କରୁଥାନ୍ତି – ମୁଁ ସବୁବେଳେ କେବଳ ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ ତଥ୍ୟମାନ ପାଇବାକୁହିଁ ଇଚ୍ଛା କରେ । ଯଦି ତାହା ପ୍ରାପ୍ତ ହେଉଥାଏ ଏବଂ ସର୍ବୋତ୍ତମ ସଂଗଠନକାରିଣୀ ଶକ୍ତିଟି ଉପରେ ଯଥେଷ୍ଟ ଆସ୍ଥା ରହିଥାଏ, ତେବେ ତାହାହିଁ ଯଥେଷ୍ଟ ହୁଏ । ବାକୀ ସବୁଯାକ ବିଷୟ ହେବହିଁ ହେବ ।

*

*(ଆଶ୍ରମର କୌଣସି ବିଭାଗରେ ହେଉଥିବା ଦୋଷଯୁକ୍ତ କାର୍ଯ୍ୟ ବିଷୟରେ)*

ମୁଣ୍ଡ ଭିତରେ ଯଥାର୍ଥ ଚେତନାଟିର ଅଭାବ ରହିଥିଲେହିଁ ଦୋଷଯୁକ୍ତ ଭାବରେ କାର୍ଯ୍ୟ କରିବା ସମ୍ଭବ ହୁଏ ।

ଯାହା କରିବାକୁ ହେବ, ତାହାକୁ ପରିଷ୍କାର ଏବଂ ସୁନିର୍ଦ୍ଦିଷ୍ଟ ଭାବରେ ଦେଖି ପାରୁଥିବା ଏବଂ, ତାହାକୁ କରିବା ସକାଶେ ଏକ ଅବିଚଳ, ସ୍ଥାୟୀ ଏବଂ ଦୃଢ଼ ଇଚ୍ଛା ମହଜୁଦ ହୋଇ ରହିଥିବା,– ଏକ ସଂଗଠନକୁ ଯଥାର୍ଥ ଭାବରେ କାର୍ଯ୍ୟକାରୀ କରି ରଖିବା ପାଇଁ ଏହିଗୁଡ଼ିକ ହେଉଛି ଅତ୍ୟାବଶ୍ୟକ ସର୍ତ୍ତ । ଏବଂ, ଏହି କ୍ଷେତ୍ରରେ ଏକ ସାଧାରଣ ନିୟମ ହେଉଛି ଯେ, ତୁମ ନିଜ ପାଖରେ ଯେଉଁସବୁ ଗୁଣ ପ୍ରକୃତରେ ନାହିଁ, ତୁମେ ଅନ୍ୟମାନଙ୍କଠାରୁ କଦାପି ସେଗୁଡ଼ିକର ପ୍ରତ୍ୟାଶା କର ନାହିଁ । ମୋତେ ଅତ୍ୟନ୍ତ ଅଭ୍ରାନ୍ତ ଭାବରେ ଏହିପରି ଲାଗୁଛି ଯେ, 'କ' ବିଭାଗରେ ତତ୍ତ୍ୱାବଧାନର କାର୍ଯ୍ୟଟି ଯେପରି ହେବା ଉଚିତ, ସେପରି ଆଦୌ ହୋଇ ପାରୁ ନାହିଁ ।

*

---

* ଟେପ୍‌ରୁ ସଂଗୃହୀତ

'oaob.nitrkl.ac.in' images reprocessed

*[ଜଣେ ସାଧକ ଦିନକୁ ଦୁଇ ଘଣ୍ଟାରୁ ଅଧିକ ସମୟ ଲାଗି କାର୍ଯ୍ୟ କରିବାକୁ ଇଚ୍ଛା କଲେ ନାହିଁ । ତାଙ୍କର ତତ୍ତ୍ୱାବଧାରକ ମାଆଙ୍କୁ ଲେଖି ପଠାଇଥିଲେ :]*

*ମୁଁ ତାଙ୍କଠାରୁ ଆଦୌ କିଛି ଦାବି କରୁ ନାହିଁ ବୋଲି ତାଙ୍କୁ କହିଲି; ମୁଁ ମୋ'ର ଯଥାଶକ୍ତି କାର୍ଯ୍ୟ କରୁଛି, କାରଣ ମୋ'ର ପ୍ରିୟ ଜନନୀଙ୍କ ଲାଗି ମୁଁ ଏହି କାର୍ଯ୍ୟଟିକୁ କରୁଛି । ସମସ୍ତେ ଠିକ୍ ସେହି କଥା କରନ୍ତୁ ବୋଲି ମୁଁ କଦାପି ଦାବି କରି ପାରିବି ନାହିଁ । ଆମେ ପ୍ରକୃତରେ ଯାହା କରୁଛୁ, ମୁଁ ମାଆଙ୍କୁ କେବଳ ସେହି କଥା ଜଣାଇ ଦେଉଛି ।*

ତୁମେ ଖୁବ୍ ଭଲ ଭାବରେ ଉତ୍ତର ଦେଇଛ; ମାତ୍ର ଯାହା ଭିତରେ ଏକ ବିବେକ ବୋଲି କିଛି ନାହିଁ, ତାହାକୁ ଏକ ବିବେକ ଆଣି ଦେବା ଓ ଯିଏ ଅଳସୁଆ, ତା'ଭିତରେ ଏକ ହୃଦୟର ପ୍ରବେଶ ଘଟାଇବା,– ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତାହା ଏକ କଷ୍ଟକର କାର୍ଯ୍ୟ ।

*୩ ମଇ ୧୯୩୫*

*

*ମୋ' ଚତୁର୍ଦ୍ଦିଗରେ ଥିବା ଅନେକ ବ୍ୟକ୍ତି ଆଗରୁ ଯେପରି ଭଲ ଭାବରେ କାର୍ଯ୍ୟ କରୁଥିଲେ, ଏବେ ଆଉ ସେପରି ଭଲ ଭାବରେ କାର୍ଯ୍ୟ କରୁ ନାହାନ୍ତି ।*

ତେବେ ଏହାର ଉପାୟ ? ଆମେ କଥାଟିକୁ ଶାନ୍ତ ଭାବରେ ଗ୍ରହଣ କରିବା, ମୋଟେ କିଛି ମନେ କରିବା ନାହିଁ ଓ ଶାନ୍ତ ଭାବରେ କାର୍ଯ୍ୟ କରିଯିବା ।... ଏବଂ ଆଶା ରଖିଥିବା ଯେ, ଏକ ଅଧିକ ଭଲ ସମୟ ନିଶ୍ଚୟ ଆସିବ ।

*

*କାର୍ଯ୍ୟ ଓ କର୍ମୀମାନଙ୍କ ମଧ୍ୟରେ ଏକ ସମଗ୍ର ଅବନତି ଘଟିବାକୁ ଆରମ୍ଭ କଲାଣି ।*

ହଁ, ଏହା ଏକ ସାଧାରଣ ବିଶୃଙ୍ଖଳା । କେବଳ ବିଶ୍ୱାସହିଁ ସାହାଯ୍ୟ କରିପାରିବ ।

*

ଏକଥା ଆଦୌ ସତ୍ୟ ନୁହେଁ ଯେ ଆଶ୍ରମରେ କାମ ନ ଥିବା ଲୋକଙ୍କର ଅଭାବ ରହିଛି । ମାତ୍ର, ଯେଉଁମାନଙ୍କର କାମ ନାହିଁ କାମ କରିବାକୁ ସେମାନଙ୍କୁ ଭଲ ଲାଗୁ ନାହିଁ ବୋଲିହିଁ ନିଶ୍ଚିତ ଭାବରେ ସେହିପରି ହେଉଛି । ଏବଂ, ସେହି ବ୍ୟାଧିର କୌଣସି ଔଷଧ ଖୋଜି ପାଇବା ଅତ୍ୟନ୍ତ କଷ୍ଟକର – ବ୍ୟାଧିଟିର ନାମ ଆଳସ୍ୟ ।...

*

'oaob.nitrkl.ac.in' images reprocessed

ଯେତେବେଳେ ମନୁଷ୍ୟର ପ୍ରବଳାବେଗଗୁଡ଼ିକ କାର୍ଯ୍ୟର ପରିଚାଳନା କରିବାକୁ ଆସନ୍ତି, ସେତେବେଳେ ମୋତେ କେବଳ ଜଣେ ସାକ୍ଷୀରୂପେ ଅଲଗା ଠିଆ ହୋଇ ରହିବାକୁ ପଡ଼େ। ଅତ୍ୟନ୍ତ ଭଦ୍ର ଭାବରେ ମୋତେ ନିଷ୍ପତ୍ତିଟିକୁ ଜଣାଇ ଦିଆଯାଏ – ପ୍ରତିକାର ରୂପେ କ'ଣ କରିବାକୁ ହେବ, ମୋତେ ତାହା ପଚରା ଯାଏ ନାହିଁ।

ମୁଁ ଆଦୌ କୌଣସି ଆଦେଶ ଦେଇ ପାରିବି ନାହିଁ, କାରଣ, ଯଦି ଆଦେଶଗୁଡ଼ିକୁ ଅମାନ୍ୟ କରାଯାଏ, ତେବେ ତଦ୍ଵାରା ଅବଶ୍ୟମ୍ଭାବୀ ଭାବରେ ଏକ ବିପର୍ଯ୍ୟୟକୁହିଁ ଡାକି ଆଣିବାକୁ ପଡ଼ିବ।

ତେଣୁ, ଆବେଗଗୁଡ଼ିକ ଶାନ୍ତ ହୋଇ ଆସିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ଅପେକ୍ଷା କରି ରହିବା ବ୍ୟତୀତ ଆଉ କିଛି କରିବାକୁ ନ ଥାଏ ଏବଂ... ଶେଷରେ ସର୍ବୋତ୍ତମହିଁ ଘଟିବ ବୋଲି ଆଶା କରିବାକୁ ହେଉଥାଏ।

ହୁଏତ ଏପରି ହେବ ଯେ କେତେକ ଲୋକ କଠିନ ପରିଶ୍ରମ କରିବାର ଆବଶ୍ୟକତା ବିଷୟରେ ପ୍ରକୃତରେ ସଚେତନ ହେବେ।

*

ଏହି କ୍ଷେତ୍ରରେ ପରସ୍ପର ସହିତ ଦ୍ଵନ୍ଦ୍ଵ ସୃଷ୍ଟି କରୁଥିବା ଏତେ ଅଧିକସଂଖ୍ୟକ ମତ ଏବଂ ଭାବମାନ ରହିଛି ଯେ, ମୁଁ ବର୍ତ୍ତମାନ ଆଦୌ କୌଣସି ଆଦେଶ ଦେଇ ପାରିବି ନାହିଁ।

*

ବର୍ତ୍ତମାନ ସମୟ ସମସ୍ତଙ୍କ ପାଇଁ କଠିନ ହୋଇ ପଡ଼ିଲାଣି। ବର୍ତ୍ତମାନ ଯୁଦ୍ଧ ଲାଗିଛି ଏବଂ ସମସ୍ତେ ଦୁରବସ୍ଥା ଭୋଗ କରୁଛନ୍ତି।

ଯେଉଁମାନେ ଏଠାରେ ଶାନ୍ତ ଓ ନିରାପଦ ହୋଇ ବାସ କରିବାର ବିପୁଳ ସୁବିଧାଟିକୁ ଲାଭ କରିଛନ୍ତି, ସେମାନଙ୍କୁ ଯାବତୀୟ କ୍ଷୁଦ୍ର କଳହ ଏବଂ ନିର୍ବୋଧ ଅଭିଯୋଗ-ଗୁଡ଼ିକୁ ପରିତ୍ୟାଗ କରି ସେମାନଙ୍କୁ ଅନ୍ତତଃ ଆପଣାର କୃତଜ୍ଞତା ପ୍ରଦର୍ଶନ କରିବାକୁ ପଡ଼ିବ।

ପ୍ରତ୍ୟେକ ବ୍ୟକ୍ତିକୁ ବିବେକ ତଥା ଆନ୍ତରିକତା ସହିତ ନିଜର କାର୍ଯ୍ୟଟିକୁ କରିବାକୁ ହେବ ଏବଂ ସକଳ ପ୍ରକାରର ଲୁଚାଛପା ତଥା ସ୍ଵାର୍ଥପର କାର୍ଯ୍ୟକଳାପ ପରିତ୍ୟାଗ କରିବାକୁ ପଡ଼ିବ।

*୨୭ ସେପ୍‌ଟେମ୍ବର ୧୯୩୯*

*

'oaob.nitrkl.ac.in' images reprocessed

*ମୁଁ ଜାଣେ ଯେ, ବର୍ତ୍ତମାନ ମୁହୂର୍ତ୍ତରେ ଆଶ୍ରମ ଲାଗି ପାରସ୍ପରିକ ସହଯୋଗ ଓ ସମନ୍ୱୟନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସେଥିପାଇଁ ମୁଁ ଯଥାସାଧ ଚେଷ୍ଟା କରୁଛି, ମାତ୍ର ଶୋଚନୀୟ ଭାବରେ ବିଫଳ ହୋଇ ଯାଉଛି । ବୋଧହୁଏ ପ୍ରତ୍ୟେକଙ୍କ କ୍ଷେତ୍ରରେ ଠିକ୍ ସେହି କଥା ଘଟୁଛି ।*

ଏହାକୁ ତୁମେ ଏକ ବ୍ୟକ୍ତିଗତ ସମସ୍ୟା ବୋଲି ଆଦୌ ଗ୍ରହଣ କରିବ ନାହିଁ । ଆଜି ସଂସାରସାରା ଅସମଞ୍ଜସତା ଓ ବିଭ୍ରାନ୍ତି ପରିବ୍ୟାପ୍ତ ହୋଇ ରହିଛି କାରଣ ମିଥ୍ୟା ପରମସତ୍ୟର କ୍ରିୟା ବିରୋଧରେ ପ୍ରତିରୋଧ କରିବାରେ ଲାଗିଛି । ଏଠାରେ ସେହି ସତ୍ୟର କ୍ରିୟା ଅଧିକ ସଚେତନ ଏବଂ ସଂକେନ୍ଦ୍ରିତ ହୋଇ ରହିଥିବାରୁ, ପ୍ରତିରୋଧଟି ମଧ ଅଧିକ ତୀବ୍ର ହୋଇ ରହିଛି । ଏବଂ ଏହି ବିରାଟ ବିକ୍ଷୋଭଟି ମଧରେ ଅଧିକାଂଶ ବ୍ୟକ୍ତି ଦ୍ୱନ୍ଦ୍ୱର ଶକ୍ତିଗୁଡ଼ିକ ଦ୍ୱାରା ପୁତୁଳି ପରି ଏପାଖ ସେପାଖ ହେବାରେ ଲାଗିଛନ୍ତି ।

*

ଆଶ୍ରମର ବର୍ତ୍ତମାନ ଅବସ୍ଥା ବିଷୟରେ କହିବାକୁ ଗଲେ, ତୁମେ ଯେପରି ବର୍ଣ୍ଣନା କରିଛ, ତାହା ଠିକ୍ ସେହିପରି ହୋଇ ରହିଛି; ସମ୍ଭବତଃ ତା'ଠାରୁ ଅଧିକ ଖରାପ ହୋଇ ରହିଛି । ଏହି କ୍ଷେତ୍ରରେ ମୁଁ ଶ୍ରୀଅରବିନ୍ଦ ଯାହା କହିଛନ୍ତି ତାହାହିଁ କହିବି : ଚେତନାରେ ପରିବର୍ତ୍ତନ ସମ୍ଭବ ନ ହେବା ପର୍ଯ୍ୟନ୍ତ ପ୍ରକୃତରେ ଆଦୌ କିଛି କରି ହେବ ନାହିଁ ।

ତୁମେ ହସ୍ତକ୍ଷେପ କରିବ ସତ — ଏକ ଦୃଷ୍ଟାନ୍ତ ଏବଂ ପ୍ରଦର୍ଶନ ହିସାବରେ ତାହା ଅବଶ୍ୟ ଭଲ — ମାତ୍ର ତା' ପରଦିନକୁହିଁ ଅବସ୍ଥା ଅଧିକ ଖରାପ ହୋଇଯିବ ।

ଆମେ ପରମସତ୍ୟକୁ ମଧ ପ୍ରକାଶ ଲାଭ କରିବା ଲାଗି ନିମ୍ନକୁ ଆବାହନ କରି ଆଣି ପାରିବା ନାହିଁ । ମିଥ୍ୟା ଏତେ ଅଧିକ ପ୍ରଶସ୍ତ ଏବଂ ଗଭୀର ଭାବରେ ବ୍ୟାପି କରି ରହିଛି ଯେ, ତାହାର ପରିଣାମ ସ୍ୱରୂପ ଏକ ସମଗ୍ର ବିନାଶହିଁ ସଂଘଟିତ ହେବ । ତଥାପି ପରମକରୁଣାର ଅନ୍ତ ନାହିଁ । ହୁଏତ ସେଇହିଁ ଉଦ୍ଧାରର ଏକ ଉପାୟ ବାହାର କରିବ ।

*

ଶ୍ରୀଅରବିନ୍ଦ କହନ୍ତି ଯେ, ବାହାରର କୌଣସି ପ୍ରକାର ପଦକ୍ଷେପ ପରିବର୍ତ୍ତେ ସେ ଯୋଗକ୍ଷେତ୍ରୀୟ ଉପାୟ ଦ୍ୱାରା ଅବସ୍ଥାରେ ଏକ ସଂଶୋଧନ ଘଟାଇବା ଦିଗରେ ଏକ ଉଦ୍ୟମ କରିବା ପାଇଁ ଇଚ୍ଛା କରନ୍ତି; ମାତ୍ର ସେଥିଲାଗି ଏକଥା ମଧ ଏକାନ୍ତ ଆବଶ୍ୟକ ଯେ, ବସ୍ତୁଗୁଡ଼ିକ ବର୍ତ୍ତମାନ ଯେପରି ଭାବରେ ଗତି କରୁଛନ୍ତି, ସେଗୁଡ଼ିକୁ କିଯତ୍କାଳ ନିମିତ୍ତ ଠିକ୍ ସେହିପରି ଗତି କରିବାକୁ ପଡ଼ିବ । ସେଥିପାଇଁ ତୁମର ସହଯୋଗ ଆବଶ୍ୟକ ହେବ ଏବଂ ତାଙ୍କ ମନରେ ଏ ବିଷୟରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ସେହି

'oaob.nitrkl.ac.in' images reprocessed

ଲକ୍ଷ୍ୟଟିକୁ ହାସଲ କରିବା ଦିଗରେ ଆବଶ୍ୟକ ପ୍ରୟାସ କରିବା ପାଇଁ ସେ ତୁମର ସଦିଚ୍ଛା ଉପରେ ଅବଶ୍ୟ ଆଶା ସ୍ଥାପନ କରି ପାରିବେ ।

*

ଏହା ଏକାନ୍ତ ସତ୍ୟ ଯେ, ବାହ୍ୟ ସଂଗଠନ ଅପେକ୍ଷା ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରୁଥିବା କୌଣସି ବିଷୟକୁ ନେଇ ମୁଁ ବର୍ତ୍ତମାନ ପ୍ରାୟ ସବୁ ସମୟରେ ବ୍ୟସ୍ତ ରହୁଛି । ତେଣୁ ମୁଁ ପ୍ରତ୍ୟାଶା କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯଥାଶକ୍ତି ଆପଣାର କର୍ତ୍ତବ୍ୟ କରିବେ; ଏବଂ, ପ୍ରତ୍ୟେକ ବ୍ୟକ୍ତିର ଆଖି ସେହି ଦିବ୍ୟ ପରମସତ୍ତାଙ୍କର ମହାନ୍ କାର୍ଯ୍ୟଟି ଉପରେ ନିବଦ୍ଧ ହୋଇ ରହିଥିବ, ଯାହାକି ସେହି ବ୍ୟକ୍ତିଙ୍କୁ ତାଙ୍କର ବ୍ୟକ୍ତିଗତ ଅସୁବିଧାଗୁଡ଼ିକର କ୍ଷେତ୍ରରେ ମଧ୍ୟ ଅବଶ୍ୟ ସାହାଯ୍ୟ କରିବ ।

ସମସ୍ତଙ୍କ ସକାଶେ ଏବଂ ସକଳ ବସ୍ତୁର କ୍ଷେତ୍ରରେ ବର୍ତ୍ତମାନ ଅତ୍ୟନ୍ତ ଦୁଃସମୟ ଉପସ୍ଥିତ ହୋଇଛି – ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତାହା ଆମକୁ ଆମର ଯାବତୀୟ ସୀମାବଦ୍ଧତାକୁ ଅତିକ୍ରମ କରିଯିବା ଲାଗି ଶିକ୍ଷା ଦେବାକୁହିଁ ଆସି ଉପସ୍ଥିତ ହୋଇଛି ।

*

*[କେତେଦିନ ପାଇଁ ସମସ୍ତେ ଅନୁମାନ କରୁଥିଲେ ଯେ ମାଆ ତାଙ୍କର ଦୈନନ୍ଦିନ କାର୍ଯ୍ୟାବଳୀରୁ ନିଜକୁ ପ୍ରତ୍ୟାହୃତ କରି ନେଇଛନ୍ତି ।]*

ଏହା ଭାରି ଆଗ୍ରହୋଦ୍ଦୀପକ ସତ, ମାତ୍ର ଆଦୌ ଅପ୍ରତ୍ୟାଶିତ ନୁହେଁ । ମୁଁ ନିଜକୁ "ପ୍ରତ୍ୟାହୃତ" କରି ନେଇଥିବାରୁ, ପ୍ରତ୍ୟେକ ବ୍ୟକ୍ତି ଅନ୍ୟମାନଙ୍କ ସହିତ ଆଦୌ କୌଣସି ସମନ୍ୱୟନ ନ ରଖି ନିଜର ବିଚାର ଅନୁସାରେହିଁ ସବୁକିଛି କରି ଯାଉଥିବାର ବୋଧ ହେଉଛି । ଏବଂ,– ମୋ'ର ଶାନ୍ତିଭଙ୍ଗ ନ କରିବାର ବାହାନାରେ – ମୋ' ସହିତ କୌଣସି ବିଷୟରେ କଥାବାର୍ତ୍ତା କରୁ ନାହାନ୍ତି, ଏପରିକି କିଛି ଜଣାଉ ବି ନାହାନ୍ତି ।

ମୋ' ନିଜ ଉପାୟରେ, କ'ଣ ସବୁ ଘଟୁଛି ଅଳ୍ପବହୁତ ପରିମାଣରେ ତାହା ଜାଣି ପାରୁଥିଲେ ମଧ୍ୟ, ମୁଁ କେବଳ ଟିକିଏ ହସି ଦେଉଛି ଓ ଆଦୌ କୌଣସି ହସ୍ତକ୍ଷେପ କରୁ ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ନିଜ ଅଭିଜ୍ଞତାରୁହିଁ ଶିକ୍ଷା କରିବାକୁ ହେବ ।

ମୁଁ ସେହି ଦିନଟି ଲାଗି ଅପେକ୍ଷା କରି ରହିଛି, ଯେତେବେଳେ ବିଶୃଙ୍ଖଳା ଉପରେ ଶୃଙ୍ଖଳାର ବିଜୟ ହେବ ଏବଂ ସମଞ୍ଜସତାହିଁ ଯାବତୀୟ ବିଭ୍ରାନ୍ତିକୁ ନିୟନ୍ତ୍ରଣ କରି ରଖି ପାରିବ । ଏହି ଦିଗରେ ଯେତେ ଯାହା ପ୍ରୟାସ ହେଉଛି, ମୁଁ ସେହି ସବୁଗୁଡ଼ିକ ପଛରେ ଅବଶ୍ୟ ରହିଛି ।

*

'oaob.nitrkl.ac.in' images reprocessed

ଏକଥା କହିବା ଅନାବଶ୍ୟକ ଯେ, ଯେଉଁମାନେ ମୋ' ସହିତ ଏକାଠି ମିଶି ଉପସ୍ଥିତ ବାସ୍ତବତାଟିର ବିରୋଧରେ ଯୁଦ୍ଧ କରୁଛନ୍ତି, ମୋ'ର ଶକ୍ତି ତଥା ସଦିଚ୍ଛା ସେମାନଙ୍କର ପାଖେପାଖେ ରହିଛି । ସେମାନେ ବିଶ୍ୱାସ ରଖିଥା'ନ୍ତୁ ଓ ସହ୍ୟ କରିପାରନ୍ତୁ,– ସେମାନଙ୍କଠାରୁ ମୁଁ କେବଳ ଏତିକି ଆଶା କରୁଛି । ପରମସତ୍ୟର ବିଜୟ ସୁନିଶ୍ଚିତ । **ସାହସୀ ହୁଅ !**

*

ମୁଁ କୌଣସି କଥାକୁ ଅଥବା କାହାରିକୁ ଆଦୌ ଦୋଷ ଦେଉ ନାହିଁ; ମୁଁ ଭଲ କରି ଜାଣିଛି ଯେ ପ୍ରତ୍ୟେକ ବ୍ୟକ୍ତି ଆପଣାର ଯଥାଶକ୍ତି କାର୍ଯ୍ୟ ଅବଶ୍ୟ କରୁଛନ୍ତି । କାର୍ଯ୍ୟଟି ଯେ ଅତ୍ୟନ୍ତ କଷ୍ଟକର, ଏଥିରେ କୌଣସି ସନ୍ଦେହ ନାହିଁ । ମାତ୍ର, ଅସୁବିଧା-ଗୁଡ଼ିକ ଉପରେ ବିଜୟ ଲାଭ କରିବା ପାଇଁ ତ ଆମ୍ଭେମାନେ ଏଠାରେ ରହିଛୁ !

*

ଆଶ୍ରମର କାର୍ଯ୍ୟକୁ ଯଥାର୍ଥଭାବେ କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିକୁ ଯଥେଷ୍ଟ ପରିମାଣରେ ସବଳ ଓ ନମନୀୟ ହୋଇ ରହିବାକୁ ପଡ଼ିବ, ଯେପରିକି, ତୁମମାନଙ୍କ ସମସ୍ତଙ୍କର ପଶ୍ଚାତରେ ରହି ଯେଉଁ ଅମିତ ବିଶାଳ ଶକ୍ତି ତୁମମାନଙ୍କର ସହାୟତା କରୁଛି, ସିଏ ତାହାକୁ କାର୍ଯ୍ୟରେ ଲଗାଇ ପାରିବାର ଉପାୟଟିକୁ ଜାଣିଥିବ ।

ମୁଁ ଆଶା କରୁଛି ଯେ ଏଠାରେ ପ୍ରତ୍ୟେକ ବ୍ୟକ୍ତି ଆବଶ୍ୟକତାଗୁଡ଼ିକର ସମକକ୍ଷ ଏକ ଉଚ୍ଚତାକୁ ଅବଶ୍ୟ ଉଠିଯାଇ ପାରିବେ ।

ଯଦି ଆମେ ଏତିକି କରିବାକୁ ମଧ୍ୟ ଅସମର୍ଥ ହେବା, ତେବେ, ପରମସତ୍ୟର ଆଲୋକ ଯେତେବେଳେ ପୃଥିବୀପୃଷ୍ଠରେ ପ୍ରକଟ ହେବା ସକାଶେ ଆସି ପହଞ୍ଚିବ, ସେତେବେଳେ ତାହାର ଅବତରଣ ନିମନ୍ତେ ଆମେ ପ୍ରସ୍ତୁତ ହୋଇ ପାରିବା ବୋଲି ଆଉ କିପରି ଆଶା କରିବା ?...

*

ଯେତେବେଳେ ମୁଁ କାହାକୁ ଗୋଟିଏ କାର୍ଯ୍ୟ କରିବାକୁ ଦିଏ, ସେତେବେଳେ କେବଳ ସେହି କାର୍ଯ୍ୟଟି ସମ୍ପନ୍ନ ହେବା ଦୃଷ୍ଟିରୁ ଯେ ସେପରି କରେ, ସେକଥା ନୁହେଁ; ମାତ୍ର ଯୋଗର ପଥରେ ଅଗ୍ରସର ହେବାର ସର୍ବୋତ୍ତମ ସାଧନରୂପେ ମୁଁ ତାହାର ବରାଦ କରିଥାଏ । ମୁଁ ତୁମକୁ ଯେତେବେଳେ ଏହି କାର୍ଯ୍ୟଟିକୁ ଦେଲି, ସେତେବେଳେ ତୁମର ଅସୁବିଧା ଏବଂ ଅଭାବଗୁଡ଼ିକୁ ମୁଁ ଭଲକରି ଜାଣିଥିଲି, ମାତ୍ର ଯୁଗପତ୍ ଭାବରେ ଏକଥା ମଧ୍ୟ ଜାଣିଥିଲି ଯେ, ଯଦି ତୁମେ ମୋର ସହାୟତା ତଥା ଶକ୍ତି ଲାଗି ନିଜକୁ ଉନ୍ମୋଚିତ କରି ରଖିବ, ତେବେ ତୁମେ ଏହିସବୁ ପ୍ରତିବନ୍ଧକକୁ ଅତିକ୍ରମ କରି ଯିବାରେ ଅବଶ୍ୟ

'oaob.nitrkl.ac.in' images reprocessed

ସମର୍ଥ ହେବ ଏବଂ ତାହା ସଙ୍ଗେସଙ୍ଗେ ଆପଣାର ଚେତନାରେ ବୃଦ୍ଧି ସାଧନ କରିବ ଓ ନିଜକୁ ଦିବ୍ୟ ପରମକରୁଣା ଲାଗି ଉନ୍ମୋଚିତ କରିଦେବ ।

ଏକ ଯଥାର୍ଥ ଅଗ୍ରଗତି କରିବା ଲାଗି ଏବଂ, ଆପଣାର କୌଣସି ଇଚ୍ଛା ଏକ ବିରୋଧର ସମ୍ମୁଖୀନ ହେବା ମାତ୍ରକେହିଁ ଅତ୍ୟନ୍ତ କ୍ରୁଦ୍ଧ ହୋଇ ପଡ଼ିବାରୁ ନିଜକୁ ନିବୃତ୍ତ କରି ରଖିବା ଲାଗି ବର୍ତ୍ତମାନ ଉପଯୁକ୍ତ ସମୟ ଆସି ପହଞ୍ଚିଛି । ତୁମେ ଯଦି ମୁଁ ଖୁସୀ ହୁଏ ବୋଲି ଇଚ୍ଛା କରୁଥିବ,– ସେ ବିଷୟରେ ମୋ'ର କୌଣସି ସନ୍ଦେହ ନାହିଁ,– ତେବେ, ତୁମେ ନିଶ୍ଚୟ 'କ' ଙ୍କ ସହିତ ସହଯୋଗ କରିବାକୁ ଓ ତାଙ୍କ ସହିତ ମିଶି କାର୍ଯ୍ୟଟିକୁ କରିବାକୁ ଅବଶ୍ୟ ଚେଷ୍ଟା କରିବ ।

ମୁଁ ଆଦୌ ଚାହୁଁ ନାହିଁ ଯେ ତୁମ ଦୁଇଜଣଙ୍କ ମଧ୍ୟରୁ ଜଣେ ଆଉଜଣକ ଉପରେ ମାଲିକ ପରି ହୋଇ ରହିବ – ମୁଁ ଚାହେଁ ତୁମେ ଦୁହେଁ ପରସ୍ପରକୁ ପରସ୍ପରର ଭାଇ ବୋଲି ଅନୁଭବ କରିବ, ସେହି ଏକ ଜନନୀଙ୍କର ସନ୍ତାନ ବୋଲି ଅନୁଭବ କରିବ ଏବଂ ତାଙ୍କରି ସ୍ନେହର ଭାଜନ ହେବା ନିମନ୍ତେ ନିଷ୍ଠା ଏବଂ ସାହସର ସହିତ କାର୍ଯ୍ୟ କରିବ ।

ମୁଁ ଆଶା କରୁଛି ଯେ ତୁମେ ଏଥିରେ ସହମତ ହେବ ଏବଂ ମୁଁ ତୁମକୁ ନିଶ୍ଚିତ ଭାବରେ କହୁଛି ଯେ, ଏହି ଉଦ୍ୟମରେ ମୋ'ର ସ୍ନେହ ତଥା ଆଶୀର୍ବାଦ ତୁମ ସହିତ ନିରନ୍ତର ରହିଥିବ ।

*୧୯ ଜାନୁଆରି ୧୯୪୫*

*

ମୁଁ 'କ' ଙ୍କୁ ଠିକ୍ ଏହି କଥା କହିଥିଲି : ଏହି କାର୍ଯ୍ୟ, ତାହାର ସଂଗଠନ ଏବଂ ସମ୍ପାଦନର ଦାୟିତ୍ୱଟିକୁ ମୁଁ ତୁମ ହାତରେ ଦେଉଛି । ମୋ'ର ଅନୁମତି ନିମନ୍ତେ ଏହି ସଂକ୍ରାନ୍ତୀୟ ଯାବତୀୟ ଯୋଜନା ଏବଂ ପ୍ରକଳ୍ପକୁ ମୋତେ ଦେଖାଇବାକୁ ପଡ଼ିବ । କାର୍ଯ୍ୟଟିକୁ କାର୍ଯ୍ୟକାରୀ କରିବା ସକାଶେ ମୁଁ ତୁମ ସହିତ କାମ କରିବା ନିମନ୍ତେ 'ଖ' ଙ୍କୁ କହିବି । ତାଙ୍କର ଅନେକ ଉତ୍ସାହ ଅଛି; ତୁମେ ତାଙ୍କୁ ଯେଉଁଭଳି ନିର୍ଦ୍ଦେଶ ଦେବ, ସିଏ ସେହି ଅନୁସାରେ କାର୍ଯ୍ୟ କରିବେ ଓ ତୁମ ସହିତ ସଂପୂର୍ଣ୍ଣ ଭାବରେ ସହଯୋଗ ରକ୍ଷା କରିବେ । ସବୁବେଳେ ମନେ ରଖିଥିବେ ଯେ ଏହା ହେଉଛି ଶ୍ରୀଅରବିନ୍ଦ ଓ ମୋ'ର କାର୍ଯ୍ୟ, ଏବଂ ତାହାକୁ ସଫଳ କରିବା ନିମନ୍ତେ ତାଙ୍କୁ ତାଙ୍କର ଯଥାସାଧ୍ୟ ଚେଷ୍ଟା କରିବାକୁ ହେବ ।"

ଏବଂ ତୁମକୁ ମୁଁ ଏହିକଥା କହିବି :

କାର୍ଯ୍ୟଟି ଆରମ୍ଭ ହେଉ ଓ ପୂର୍ଣ୍ଣ ଭାବରେ ସଂଗଠିତ ହେଉ ।

କୌଣସି କିଛି କାର୍ଯ୍ୟକାରୀ ହେବା ପୂର୍ବରୁ ଲୋକମାନଙ୍କୁ ପଦ ଓ ସ୍ଥାନ ଦେବାରେ ମୋ'ର ଆଦୌ କୌଣସି ଅଭିପ୍ରାୟ ନାହିଁ; ପ୍ରତ୍ୟେକ ବ୍ୟକ୍ତି ପ୍ରକୃତରେ କ'ଣ କରି ପାରିବ, କାର୍ଯ୍ୟ ଦ୍ୱାରାହିଁ ସେ ତାହାର ପ୍ରମାଣ ଦେଇଥାଏ ।

'oaob.nitrkl.ac.in' images reprocessed

କାର୍ଯ୍ୟନୈପୁଣ୍ୟ ଓ କାର୍ଯ୍ୟର ଗୁଣାତ୍ମକତାରୁହିଁ ମୁଁ କର୍ମୀମାନଙ୍କର ବିଚାର କରିଥାଏ ।

କେବଳ କାର୍ଯ୍ୟଟି ସମ୍ପନ୍ନ ହୋଇ ସାରିବା ପରେ ଯାଇ ଉପାଧିମାନ ଦିଆଯାଇ ପାରିବ ।

ତୁମେ କଦାପି ଭୁଲି ଯିବ ନାହିଁ ଯେ, ଏଠାରେ ଆମେ ଯେକୌଣସି କାର୍ଯ୍ୟକୁ ଯଥାସମ୍ଭବ ଅଧିକ ନିଖୁଣ ଭାବରେ କରିବା ପାଇଁ ଚେଷ୍ଟା କରୁଛୁ । ଅହଂର ତୃପ୍ତିବିଧାନ ଲାଗି ଆଦୌ କିଛିହେଲେ କରୁ ନାହୁଁ ।

*

ମୁଁ ସାଧକମାନଙ୍କୁ କେବେ କୌଣସି ପଦ ବା ସ୍ଥାନ ଦିଏ ନାହିଁ । ମୁଁ ସେମାନଙ୍କୁ କାର୍ଯ୍ୟ ଦିଏ । ଏବଂ ସମସ୍ତଙ୍କୁ ସେଥିଲାଗି ସମାନ ସୁଯୋଗ ମଧ୍ୟ ଦେଇଥାଏ । ଯେଉଁମାନେ ମୋ' ଆଗରେ ସମସ୍ତଙ୍କଠାରୁ ଅଧିକ ସମର୍ଥ ଓ ଅଧିକ ନିଷ୍ଠାଯୁକ୍ତ, ଅଧିକ ସାଧୁ ଏବଂ ଅଧିକ ବିଶ୍ୱାସଯୋଗ୍ୟ ବୋଲି ପ୍ରମାଣ ଦେଇଥା'ନ୍ତି, ସେହିମାନଙ୍କ ଉପରେହିଁ ସବୁଠାରୁ ଅଧିକ ପରିମାଣର କାର୍ଯ୍ୟ ଏବଂ ସବୁଠାରୁ ଅଧିକ ଦାୟିତ୍ୱ ନ୍ୟସ୍ତ କରା ଯାଇଥାଏ ।

ବାହାରର ପରିସ୍ଥିତି ଯାହା ହୋଇଥାଉ ନା କାହିଁକି, ତାହାକୁ, ଆଦୌ କୌଣସି ବ୍ୟତିକ୍ରମ ନ ଥାଇ ସବୁ କ୍ଷେତ୍ରରେ, ତୁମ ଭିତରେ ଯାହା ରହିଛି, ତାହାରି ଏକ ବହିଃପ୍ରକ୍ଷେପଣ ବୋଲି ଜାଣି ରଖିବାକୁ ପଡ଼ିବ । ନିଜର କାର୍ଯ୍ୟରେ ତୁମେ ଯେତେବେଳେ ବାହାରେ କୌଣସି ବାଧା ସୃଷ୍ଟି କରୁଛି ବୋଲି ଦେଖିବାକୁ ପାଇବ, ସେତେବେଳେ ତୁମେ ନିଜ ଭିତରକୁ ଅନାଇ ଦେଖିବ ଏବଂ ନିଜ ଭିତରେ ତଦନୁରୂପ କୌଣସି ନା କୌଣସି ଅସୁବିଧା ରହିଥିବାର ଅବଶ୍ୟ ଦେଖିବାକୁ ପାଇବ ।

ନିଜକୁ ବଦଳାଇ ଦିଅ, ତେବେ ଯାବତୀୟ ପରିସ୍ଥିତି ମଧ୍ୟ ଅବଶ୍ୟ ବଦଳିଯିବ ।

*୨୬ ଜୁନ୍ ୧୯୫୪*

*

ତୁମେ ଯେ ନିଜର ଅଭିଜ୍ଞତା ଦ୍ୱାରା ମୁଁ ସର୍ବଦା ତୁମ ସହିତ ରହିଛି ବୋଲି ସଚେତନ ହୋଇ ପାରିଛ, ମୁଁ ସେଥିଲାଗି ଭାରି ଖୁସୀ ।

ଏହାହିଁ ଆମ ଭିତରେ ରହିଥିବା ପ୍ରକୃତ ସମ୍ବନ୍ଧ,— ଏକ ବହିଃସ୍ତରୀୟ ସଂସ୍ପର୍ଶଲାଭ ଅପେକ୍ଷା ତାହା ଅନେକ ଅଧିକ ।

୧ ) ସାଧାରଣ ମନୁଷ୍ୟସ୍ତରୀୟ ପାରମ୍ପରିକତାଗୁଡ଼ିକର ଅନୁସରଣ କରିବା ନୁହେଁ, ଏକ ଉଚ୍ଚତର ପରମସତ୍ୟକୁ ବ୍ୟକ୍ତ କରି ଆଣିବା ହେଉଛି ଏହି ଆଶ୍ରମର ଆମ ସମସ୍ତଙ୍କର ଲକ୍ଷ୍ୟ ।

ମୁଁ ଏହିସବୁ ଔପଚାରିକ ବିବରଣୀକୁ ଅନାବଶ୍ୟକ ଭାବରେ କୌଣସି ଗୁରୁତ୍ୱ

'oaob.nitrkl.ac.in' images reprocessed

ଦିଏ ନାହିଁ । କେବଳ ପୃଥିବୀର ଉପସ୍ଥିତ ପରିସ୍ଥିତିରେହିଁ ସେଗୁଡ଼ିକର ଏକ ଆବଶ୍ୟକତା ରହିଛି; ମାତ୍ର ତାହା କୌଣସି ଗଭୀର ସତ୍ୟର ଆଦୌ ପ୍ରତିନିଧିତ୍ୱ କରୁ ନାହିଁ ।

୨) ଜୀବନର ଅସଲ ବାସ୍ତବତାଗୁଡ଼ିକ କ୍ଷେତ୍ରରେ ମନୁଷ୍ୟର ଶକ୍ତି ଆନୁଷ୍ଠାନିକ ପଦବୀ ଉପରେ ନିର୍ଭର କରେ ନାହିଁ; ତା'ର ଅନ୍ତଃଚେତନାର ଶକ୍ତି ଏବଂ ଆଲୋକ ଉପରେହିଁ ତାହା ନିର୍ଭର କରିଥାଏ ।

*

ମୁଁ ତୁମର ସବୁଯାକ ଚିଠି ପଢ଼ିଛି ଏବଂ, କାର୍ଯ୍ୟଟିକୁ କରିବା ଲାଗି ନିଜର ସାମର୍ଥ୍ୟ ବିଷୟରେ ତୁମ ନିଜର ଯେଉଁ ବିଶ୍ୱାସ ରହିଛି, ସେହି ବିଷୟରେ ସନ୍ତୋଷ ଲାଭ କରିଛି । ଏକଥା ସତ ଯେ ତୁମଠାରେ ଆବଶ୍ୟକ ସାମର୍ଥ୍ୟ ଅବଶ୍ୟ ଅଛି, ମାତ୍ର ତୁମେ *ଏକଥାରେ ମୋ' ସହିତ ନିଶ୍ଚୟ ଏକମତ ହେବ ଯେ, ସାମର୍ଥ୍ୟ ରହିବା ଏବଂ ଜ୍ଞାନ* ରହିବା ମଧ୍ୟରେ ଏକ ପାର୍ଥକ୍ୟ ଅବଶ୍ୟ ରହିଛି; ଏବଂ, କୌଣସି କାର୍ଯ୍ୟ ବିଷୟରେ ଆବଶ୍ୟକ ଜ୍ଞାନ ହାସଲ କରିବାକୁ ହେଲେ ଆମକୁ ତାହା ଅର୍ଜନ କରିବାକୁହିଁ ପଡ଼ିବ ।

ତେଣୁ, ଯେଉଁମାନେ କାମଟିକୁ ଜାଣିଛନ୍ତି, ପ୍ରଥମେ ତୁମକୁ ସେମାନଙ୍କଠାରୁ ଜ୍ଞାନ ଲାଭ କରିବାକୁ ପଡ଼ିବ ଏବଂ ସେମାନଙ୍କୁ କାର୍ଯ୍ୟ କରୁଥିବାର ଦେଖିବା ଦ୍ୱାରାହିଁ ତୁମେ ସର୍ବୋତ୍ତମ ଭାବରେ ସେଇଟିକୁ ହାସଲ କରିପାରିବ । ଯେତେବେଳେ ତୁମେ ଜ୍ଞାନ ହାସଲ କରିଯିବ ଏବଂ କାର୍ଯ୍ୟଟିକୁ କରିବାରେ ଆପଣାର ସୁଦକ୍ଷତା, ଅବିଚଳତା ଏବଂ ଅନୁରକ୍ତିକୁ ପ୍ରମାଣ କରିଦେଇ ପାରିବ, ସେତେବେଳେ ମୁଁ ତୁମ ଉପରେ କାର୍ଯ୍ୟଟିର ସଂପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରିଦେବି ଏବଂ ସମସ୍ତ ପରିଚାଳନାକୁ ତୁମରି ହାତରେ ଅର୍ପଣ କରିଦେବି ।

*

ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଅତ୍ୟନ୍ତ ସାଧୁ, ମାତ୍ର କାର୍ଯ୍ୟ କରିବା ଲାଗି ସେମାନଙ୍କର କୌଣସି ସାମର୍ଥ୍ୟ ନ ଥାଏ । ଅନ୍ୟ ପକ୍ଷରେ ସାମର୍ଥ୍ୟ ଥିବା ବ୍ୟକ୍ତିମାନେ ଥାଆନ୍ତି, ମାତ୍ର ନିଜର କାର୍ଯ୍ୟରେ ସେମାନେ ଆଦୌ ସାଧୁ ନୁହନ୍ତି । ଯେତେବେଳେ ମୁଁ କୌଣସି ବ୍ୟକ୍ତି ଭିତରେ ସାଧୁତା ଏବଂ ଦକ୍ଷତା ଦୁଇଟିଯାକ ଗୁଣକୁ ଦେଖିବାକୁ ପାଏ, ସେତେବେଳେ ସେ ପ୍ରକୃତରେ ଅତ୍ୟନ୍ତ ମୂଲ୍ୟବାନ୍ ହୋଇପଡ଼େ ।

*୮ ଅଗଷ୍ଟ ୧୯୫୪*

*

ଏଠାରେ କରା ଯାଉଥିବା ସମସ୍ତ କାର୍ଯ୍ୟ ବିଶ୍ୱରେ ଥିବା କୌଣସି ନା କୌଣସି ବସ୍ତୁର ପ୍ରତିନିଧିତ୍ୱ କରୁଛି । ଯେତେବେଳେ ଏଠାରେ ଏକ ନୂତନ କାର୍ଯ୍ୟ ଆରମ୍ଭ

'oaob.nitrkl.ac.in' images reprocessed

କରାଯାଉଛି, ସେତେବେଳେ ପୃଥିବୀ ଲାଗି ମଧ୍ୟ ନୂତନ ସମସ୍ୟାମାନ ଆସି ପହଞ୍ଚି ଯାଉଛି । ସେଥିଲାଗି ମୁଁ କେବେହେଲେ ନୂତନ ସମସ୍ୟାଗୁଡ଼ିକୁ ଡାକି ଆଣେ ନାହିଁ; ମାତ୍ର, ସେଗୁଡ଼ିକ ଆପେ ଆସି ପହଞ୍ଚିଲେ ମୁଁ ସେଗୁଡ଼ିକୁ କଦାପି ଏଡ଼ାଇ ଦେବାର ଚେଷ୍ଟା ମଧ୍ୟ କରେ ନାହିଁ । ମୋତେ ଉଚ୍ଚତମ ଚେତନାକୁ ଉତାରି ଆଣିବାକୁ ହେବ; ସେଥିଲାଗି ଏହି ନିମ୍ନଭୂମିରେ ସବୁକିଛିକୁ ଅନୁରୂପ ଭାବରେ ସଂଗଠିତ କରିବାକୁ ହେବ ଏବଂ ସକଳ ସମସ୍ୟାର ସମାଧାନ କରିବାକୁ ପଡ଼ିବ ।

*୧୭ ଅଗଷ୍ଟ ୧୯୫୫*

*

ଆଗେ ମୁଁ ସବୁକିଛି ଉପରେ ଆପଣାର ନିୟନ୍ତ୍ରଣ ରଖୁଥିଲି । ମୁଁ ସର୍ବପ୍ରଥମେ ନ ଜାଣିଲେ ଏବଂ ସମର୍ଥନ ନ କଲେ ଆଦୌ କିଛି ହେଉ ନ ଥିଲା । ପରେ ମୁଁ ଏକ ଅନ୍ୟ ପ୍ରକାରର କର୍ମଧାରା ଗ୍ରହଣ କଲି । ଟିକିନିଖି କ୍ଷେତ୍ରଗୁଡ଼ିକରୁ ମୁଁ ଆପଣାକୁ ପ୍ରତ୍ୟାହାର କରିନେଲି ଏବଂ ଆପଣାକୁ ଦୂରରେ ରଖି ସତେଯେପରି ଉର୍ଦ୍ଧ୍ୱରୁ ସକଳ ବିଷୟ ଉପରେ ଦୃଷ୍ଟି ନିକ୍ଷେପ କଲି ଏବଂ ପ୍ରତ୍ୟେକ କର୍ମୀ ଲାଗି ତା'ର ନିଜ କ୍ଷେତ୍ରରେ ଯଥାର୍ଥ ପ୍ରେରଣାଟିକୁ ପ୍ରେରଣ କରିବାକୁ ଲାଗିଲି ।

କର୍ମୀର ଆଧ୍ୟାତ୍ମିକ ବିକାଶ ଲାଗି ଏହି ପରିବର୍ତ୍ତନ ଆବଶ୍ୟକ ହୋଇଥିଲା । ତାକୁ ଆପଣାର ଅନ୍ତର୍ଗତ ଭୂମିରେହିଁ ମୋ'ର ପ୍ରଭାବ ବିଷୟରେ ସଚେତନ ହୋଇ ରହିବାକୁ ହେବ । ମାତ୍ର, ଅନ୍ୟ ସକଳ କର୍ମୀ ସହଯୋଗ କଲେ ଯାଇ ସିଏ ସେହି ପ୍ରଭାବକୁ ଲାଭ କରି ପାରିବ । ସେହି ସହଯୋଗ ବ୍ୟତୀତ ଯଥାର୍ଥ ପ୍ରେରଣାଟି ଆଦୌ ଫଳପ୍ରସୂ ହେବ ନାହିଁ । ମାତ୍ର, ଉର୍ଦ୍ଧ୍ୱରୁ ହେଉଥିବା କାର୍ଯ୍ୟର ଏକ ବିସ୍ତୃତ କାର୍ଯ୍ୟଧାରା ରହିଥାଏ : ତାହା ସବୁଯାକ ବିଭାଗ ମଧ୍ୟକୁ ବ୍ୟାପ୍ତ ହୋଇ ପାରୁଥାଏ ଏବଂ ଏକ ସମଞ୍ଜସତାଯୁକ୍ତ ସମଗ୍ର ବସ୍ତୁରୂପେ କାର୍ଯ୍ୟ କରେ । କର୍ମର କ୍ଷେତ୍ରରେ ଯଦି ପାଚେରିଗୁଡ଼ିକୁ ଛିଡ଼ା କରି ରଖାଯାଏ, ତେବେ ସେହି କର୍ମ ଆଧ୍ୟାତ୍ମିକ ପରମ ଇଚ୍ଛାର ବରାଦ ଅନୁସାରେ କଦାପି ସାଧିତ ହୋଇପାରେ ନାହିଁ ।

ତେଣୁ ଏହି କଥାଟିକୁ ମନେ ରଖିଥାଅ : ସହଯୋଗ ନ ରହିଲେ ଯଥାର୍ଥ କର୍ମସମ୍ପାଦନ ମଧ୍ୟ ସମ୍ଭବ ନୁହେଁ ।

*୧ ଡିସେମ୍ବର ୧୯୫୭*

*

ଏଠାରେ ପଦ ବା ‘‘ଅଧିକାର’’ର ଆଦୌ କୌଣସି ପ୍ରଶ୍ନ ନାହିଁ — ସମ୍ମାନଲାଭର ମଧ୍ୟ କୌଣସି ପ୍ରଶ୍ନ ନାହିଁ । ‘କ’ ଙ୍କର ବହୁତ ଜ୍ଞାନ ଅଛି ଏବଂ ପରିସ୍ଥିତିଟି ବିଷୟରେ

'oaob.nitrkl.ac.in' images reprocessed

ଆମର ଯେଉଁ ଅଭିଜ୍ଞତା ନାହିଁ ତାଙ୍କର ତାହା ଅଛି । ସିଏ ଆମକୁ ମଧ୍ୟ ସେହି ଜ୍ଞାନ ଓ ଅଭିଜ୍ଞତା ଦ୍ୱାରା ଉପକୃତ କରିବାକୁ ଇଚ୍ଛା କରୁଛନ୍ତି । ତେଣୁ ସେଥିରୁ ଆମେ ଆମର ଯଥାଶକ୍ତି ଶିକ୍ଷା କରିବା ଓ ସେଥିଲାଗି କୃତଜ୍ଞ ରହିବା,— ଏହାକୁହିଁ ଏକମାତ୍ର ବିବେକୋଚିତ କାର୍ଯ୍ୟ ବୋଲି କୁହାଯିବ ।

ପୁନଶ୍ଚ, ତୁମେ କଦାପି ଭୁଲି ଯିବ ନାହିଁ ଯେ, ଏଠାରେ ଆମେ ଦିବ୍ୟ ପରମସତ୍ତାଙ୍କ ଲାଗିହିଁ କାର୍ଯ୍ୟ କରୁଛୁ ଏବଂ ଏହି କ୍ଷେତ୍ରରେ ପ୍ରବେଶ କରି ହସ୍ତକ୍ଷେପ କରିବାକୁ ଓ କାର୍ଯ୍ୟଟିକୁ ନଷ୍ଟ କରି ଦେବାକୁ କୌଣସି ଅହଂଯୁକ୍ତ ଭାବନାକୁ ଆଦୌ ଅନୁମତି ମିଳିବା ଉଚିତ ନୁହେଁ ।

ମୁଁ ତୁମ ସହିତ ସବୁବେଳେ ରହିଛି ।

*୪ ନଭେମ୍ବର ୧୯୫୮*

*

ମୋ'ର ପ୍ରିୟ ସନ୍ତାନ,

ମୋ'ର ଅନୁରୋଧ ରକ୍ଷା କରି 'କ' ଆସିବେ ଓ ତୁମ ସହିତ ଦେଖା କରିବେ, ତୁମ ବିଭାଗରେ ତାଙ୍କ କାର୍ଯ୍ୟ ଲାଗି ଆବଶ୍ୟକ ବ୍ୟବସ୍ଥାଗୁଡ଼ିକୁ କରିବା ଲାଗି ତୁମ ସହିତ ଦେଖା କରିବେ ।

ମୋ'ର ଅନୁରୋଧ ତୁମେ ତାଙ୍କୁ ଅତ୍ୟନ୍ତ ସ୍ନେହର ସହିତ ଗ୍ରହଣ କରିବ, କାରଣ ତୁମ ପରି ସିଏ ମଧ୍ୟ ମୋ'ର ସନ୍ତାନ । ଯେଉଁ ଭଳି କାର୍ଯ୍ୟରେ ତାଙ୍କ ସାମର୍ଥ୍ୟର ଉତ୍ତମ ବ୍ୟବହାର ହୋଇ ପାରିବ, ସେହି ଭଳି କୌଣସି ଆଗ୍ରହୋଦ୍ଦୀପକ କାର୍ଯ୍ୟ କରିବା ଲାଗି ତୁମେ ତାଙ୍କୁ ଅବଶ୍ୟ ଆବଶ୍ୟକ ସୁଯୋଗ ପ୍ରଦାନ କରିବ ।

ମୁଁ ଚାହେଁ ଯେ ସିଏ ଆଦୌ କୌଣସି ଅସ୍ୱସ୍ତି ବୋଧ କରିବେ ନାହିଁ ଏବଂ ଅନୁଭବ କରିବେ ଯେ, ମୋ'ର କାର୍ଯ୍ୟ କରିବାକୁହିଁ ସିଏ ସେଠାକୁ ଯାଇଛନ୍ତି ।

ମୋ'ର ଅନେକ ଆଶୀର୍ବାଦ ।

*୨ ଅକ୍ଟୋବର ୧୯୬୨*

*

ଶୃଙ୍ଖଳା ବ୍ୟତୀତ ଯଥାର୍ଥରେ କୌଣସି କାର୍ଯ୍ୟ କରାଯାଇ ପାରେ ନାହିଁ ।

ଶୃଙ୍ଖଳା ବ୍ୟତୀତ ଯଥାର୍ଥରେ କୌଣସି ଜୀବନ ବଞ୍ଚି ହୁଏ ନାହିଁ ।

ଏବଂ, ସର୍ବୋପରି, ଶୃଙ୍ଖଳା ବ୍ୟତୀତ କୌଣସି ସାଧନା ସମ୍ଭବ ହୁଏ ନାହିଁ ।

ପ୍ରତ୍ୟେକ ବିଭାଗର ଏକ ଶୃଙ୍ଖଳା ଅବଶ୍ୟ ରହିଛି ଓ ତୁମକୁ ନିଜ ବିଭାଗର ଶୃଙ୍ଖଳା ପାଳନ କରିବାକୁହିଁ ପଡ଼ିବ ।

'oaob.nitrkl.ac.in' images reprocessed

ବ୍ୟକ୍ତିଗତ ବିରାଗ ଓ ଅନୁରାଗ, ଆପତ୍ତି ଏବଂ ଭୁଲ୍ ବୁଝାମଣା,– ଏସବୁ କାର୍ଯ୍ୟ ଭିତରକୁ ଆସି ଆଦୌ କୌଣସି ହସ୍ତକ୍ଷେପ କରିବା ଉଚିତ ନୁହେଁ । କୌଣସି ମନୁଷ୍ୟସ୍ୱାର୍ଥର ସାଧନ ଲାଗି ନୁହେଁ, ଦିବ୍ୟ ପରମସତ୍ତାଙ୍କର ସେବାରୂପେହିଁ ଏହି କାର୍ଯ୍ୟଟିକୁ କରାଯାଉଛି ।

ଦିବ୍ୟ ପରମସତ୍ତାଙ୍କ ଲାଗି ତୁମେ ଯାହା କିଛି ସେବା କରିବ, ତାହା ସମ୍ପୂର୍ଣ୍ଣ ନିଷ୍ଠାର ସହିତ ସାଧୁତାଯୁକ୍ତ ହୋଇଥିବ, ମୋହମୁକ୍ତ ଏବଂ ନିଃସ୍ୱାର୍ଥପର ହୋଇଥିବ । ତା' ନ ହେଲେ ତାହାର ଆଦୌ କୌଣସି ମୂଲ୍ୟ ରହିବ ନାହିଁ ।

*୨୫ ଜାନୁଆରି ୧୯୬୫*

*

ଏଠାରେ ଅନନ୍ୟ ଭାବରେ କାହାକୁ ହେଲେ ମୁଖ୍ୟରୂପେ ରଖା ଯାଇ ନାହିଁ – ଏଠାରେ ପ୍ରତ୍ୟେକ ବ୍ୟକ୍ତିକୁ ସହଯୋଗୀ ଭାବରେ କର୍ମ କରି ଶିଖିବାକୁ ପଡ଼ିବ । ଦାମ୍ଭିକତା, ଆତ୍ମଗର୍ବ ଏବଂ ନିଜକୁ ଭାରି ମହତ୍ତ୍ୱପୂର୍ଣ୍ଣ ବୋଲି ଭାବିବାର ଅଭିମାନ ପାଇଁ ତାହା ଏକ ଅତ୍ୟନ୍ତ ଉତ୍ତମ ଶୃଙ୍ଖଳା ରୂପେ କାର୍ଯ୍ୟ କରିଥାଏ ।

*୧୭ ଫେବ୍ରୁଆରି ୧୯୬୮*

*

ଆଶ୍ରମରେ କର୍ମର ଅବହେଳାକୁ ବିଶ୍ୱାସଘାତକତା କୁହାଯିବ ।

*୧୫ ମାର୍ଚ୍ଚ ୧୯୬୯*

*

ପ୍ରତ୍ୟେକ ମନୁଷ୍ୟ ଭିତରେ ଯେଉଁ ଅହଂଟି ରହିଛି, ସେହି ଅହଂର ଯେଉଁସବୁ ବାସନା ଏବଂ ରୁଚି-ଅରୁଚି ରହିଛି, ମନୁଷ୍ୟର ଜୀବନରେ ତାହାହିଁ ହେଉଛି ଯାବତୀୟ ଅସୁବିଧା, ଦ୍ୱନ୍ଦ୍ୱ ତଥା ନୈତିକ କଷ୍ଟଭୋଗର କାରଣ । ଏପରିକି, ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଏକ ନିଃସ୍ୱାର୍ଥପର କାର୍ଯ୍ୟରେ ମଧ୍ୟ, ଆପଣାର ଅହଂ ଓ ତାହାର ଯାବତୀୟ ଦାବି ଉପରେ ବିଜୟ ହାସଲ କରି ନ ଶିଖିଥିବା ପର୍ଯ୍ୟନ୍ତ, ଆପଣାର ସେହି ଅହଂକୁ କୌଣସି ଏକ କୋଣରେ ଶାନ୍ତ ଓ ସ୍ଥିର ହୋଇ ରହିବାକୁ ବାଧ୍ୟ ନ କରି ପାରିଥିବା ପର୍ଯ୍ୟନ୍ତ, ଅହଂ ତାକୁ ଅପ୍ରୀତିକର ବୋଧ ହେଉଥିବା ଯାବତୀୟ ବ୍ୟାପାରରେ ପ୍ରତିକ୍ରିୟା ବ୍ୟକ୍ତ କରିବାରେ ଲାଗିଥାଏ; ଭିତରେ ଏପରି ଏକ ଝଡ଼ର ସୃଷ୍ଟି କରେ ଯାହାକି ଉପରିଭାଗକୁ ମଧ୍ୟ ମସ୍ତକ ଉତ୍ତୋଳନ କରେ ଏବଂ ସଂପୂର୍ଣ୍ଣ କାର୍ଯ୍ୟଟିକୁ ନଷ୍ଟ କରିଦିଏ ।

ଅହଂ ଉପରେ ବିଜୟ ହାସଲ କରିବାର ଏହି କାର୍ଯ୍ୟଟି ଏକ ଦୀର୍ଘ କାର୍ଯ୍ୟ; ଏହା ଅତ୍ୟନ୍ତ ଧୀର ଭାବରେ ହୁଏ ଓ ଏହା ଅତ୍ୟନ୍ତ କଷ୍ଟକର । ଏଥିଲାଗି ସତତ ସାବଧାନତା ତଥା ଅବିରାମ ପ୍ରଚେଷ୍ଟାର ଦାବି କରା ଯାଇଥାଏ । ଏହି ପ୍ରଚେଷ୍ଟା କେତେକଙ୍କ ଲାଗି

'oaob.nitrkl.ac.in' images reprocessed

ଅପେକ୍ଷାକୃତ ଅଧିକ ସହଜ ଓ ଆଉ କେତେକଙ୍କ ଲାଗି ଅପେକ୍ଷାକୃତ ଅଧିକ କଷ୍ଟକର ହୋଇଥାଏ ।

ଏପରି ଏକ ସମାଜକୁ ସମ୍ଭବ କରିବା ଯାହାକି ଅଧିକ ସୌଷମ୍ୟଯୁକ୍ତ, ଅଧିକ ଐକ୍ୟବଦ୍ଧ ଏବଂ ତେଣୁ ଜୀବନର କ୍ଷେତ୍ରରେ ଅପେକ୍ଷାକୃତ ଅଧିକ ପରିମାଣରେ ଫଳପ୍ରଦାୟକ ହୋଇଥିବ, ସେହି ପ୍ରୟାସଟିକୁ କରିବା ଲାଗି, ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରଦତ୍ତ ଜ୍ଞାନ ତଥା ଶକ୍ତିର ସହାୟତା ଲାଭ କରି ଆମେ ଏହି କାର୍ଯ୍ୟଟିକୁ କରିବା ସକାଶେ ଏକାଠି ଏହି ଆଶ୍ରମରେ ବାସ କରୁଛୁ ।

ମୁଁ ଯେତେ ଦିନ ଯାଏ ତୁମମାନଙ୍କ ଭିତରେ ସ୍ଥୂଳ ଭାବରେ ଉପସ୍ଥିତ ରହିଥିଲି, ଅହଂ ଉପରେ ସେହି ବିଜୟଟିକୁ ହାସଲ କରିବାରେ ମୋ'ର ଉପସ୍ଥିତି ସେତେ ଦିନ ଯାଏ ତୁମମାନଙ୍କୁ ଅବଶ୍ୟ ସାହାଯ୍ୟ କରୁଥିଲା ଏବଂ ତେଣୁ, ତୁମମାନଙ୍କୁ ବ୍ୟକ୍ତିଗତ ଭାବରେ ଡାକି ସବୁକଥା କହିବା ପାଇଁ ସେତେବେଳେ କୌଣସି ଆବଶ୍ୟକତା ନ ଥିଲା ।

ମାତ୍ର ବର୍ତ୍ତମାନ ସେହି ପ୍ରଚେଷ୍ଟାହିଁ ପ୍ରତ୍ୟେକ ବ୍ୟକ୍ତିର ଅସ୍ତିତ୍ୱ ନିମନ୍ତେ ଆଧାର ପରି ହୋଇ ରହିବା ଏକାନ୍ତ ଆବଶ୍ୟକ; ବିଶେଷତଃ ଯେଉଁମାନେ କୌଣସି ଏକ ଦାୟିତ୍ୱପୂର୍ଣ୍ଣ ସ୍ଥାନରେ ରହିଛନ୍ତି ଓ ତେଣୁ ଅନ୍ୟମାନଙ୍କର ଯତ୍ନ ନେବାର ଦାୟିତ୍ୱରେ ଅଛନ୍ତି, ତୁମମାନଙ୍କ ମଧ୍ୟରୁ ସେମାନଙ୍କ ଲାଗି ଏହାର ଅଧିକ ଆବଶ୍ୟକତା ରହିଛି । ନେତାମାନଙ୍କୁହିଁ ସର୍ବଦା ଉପଯୁକ୍ତ ଦୃଷ୍ଟାନ୍ତଟିକୁ ଦେଖାଇବାକୁ ପଡ଼ିବ, ସେମାନଙ୍କ ଯତ୍ନରେ ରହିଥିବା ଅନ୍ୟମାନେ ଯେଉଁସବୁ ଗୁଣର ଅନୁଶୀଳନ କରନ୍ତୁ ବୋଲି ସେମାନେ ଦାବି କରୁଛନ୍ତି, ସେମାନେ ନିଜେ ନିଜ ଜୀବନରେ ମଧ୍ୟ ସେଗୁଡ଼ିକର ଅଭ୍ୟାସ କରିପାରିବା ଉଚିତ । ସେମାନଙ୍କ ଭିତରେ ବୁଝିବାର ଶକ୍ତି ରହିଥିବ, ଧୈର୍ଯ୍ୟ ଓ ସହନଶୀଳତା ରହିଥିବ, ସହାନୁଭୂତି ତଥା ଉଷ୍ମ ଓ ବନ୍ଧୁତ୍ୱପୂର୍ଣ୍ଣ ସଦିଚ୍ଛା ପୂର୍ଣ୍ଣ ହୋଇ ରହିଥିବ । ନିଜ ପାଇଁ ବନ୍ଧୁ ହାସଲ କରିବାର କୌଣସି ଅହଂପ୍ରେରଣା ଦ୍ୱାରା ପ୍ରେରିତ ହୋଇ ନୁହେଁ, ମାତ୍ର ଅନ୍ୟମାନଙ୍କୁ ବୁଝିବାକୁ ସମର୍ଥ ହୋଇ ସେମାନଙ୍କୁ ସାହାଯ୍ୟ କରି ପାରିବାକୁ ଇଚ୍ଛା କରୁଥିବା ଏକ ଉଦାରଭାବ ଦ୍ୱାରା ପ୍ରେରିତ ହୋଇହିଁ ସେମାନେ ସେହିସବୁ ଗୁଣ ହାସଲ କରିଥିବେ ।

ଆପଣାକୁ ଭୁଲିଯିବ, ଆପଣାର ରୁଚି ଏବଂ ଅଭିରୁଚିଗୁଡ଼ିକୁ ମଧ୍ୟ ଭୁଲିଯିବ,— ଯଥାର୍ଥ ନେତା ହୋଇ ପାରିବା ଲାଗି ଏହା ଅପରିହାର୍ଯ୍ୟ ।

ତୁମ ପାଖରୁ ମୁଁ ବର୍ତ୍ତମାନ ତାହାହିଁ ଆଶା କରୁଛି, ଯେପରିକି ତୁମେ ସୁଯୋଗ୍ୟ ଭାବରେ ନିଜ ଦାୟିତ୍ୱଗୁଡ଼ିକର ସମ୍ମୁଖୀନ ହୋଇ ପାରିବ । ଏବଂ ସେତେବେଳେ ନିଜେ ଦେଖିବାକୁ ପାଇବ ଯେ, ଯେଉଁ କ୍ଷେତ୍ରରେ ତୁମେ କେବଳ ବିଶୃଙ୍ଖଳା ଓ ଅନୈକ୍ୟ ଅନୁଭବ କରି ଆସୁଥିଲ, ସେଗୁଡ଼ିକ ସେହି କ୍ଷେତ୍ରରୁ ଏକାବେଳକେ ଅନ୍ତର୍ହିତ ହୋଇ

'oaob.nitrkl.ac.in' images reprocessed

ଯାଇଛନ୍ତି ଏବଂ ସେଗୁଡ଼ିକ ସ୍ଥାନରେ ସମଞ୍ଜସତା, ଶାନ୍ତି ଓ ଆନନ୍ଦର ପ୍ରତିଷ୍ଠା ହୋଇ ପାରିଛି ।

ତୁମେ ଜାଣିଛ ଯେ ମୁଁ ତୁମକୁ ନିଶ୍ଚୟ ଭଲ ପାଏ ଏବଂ ତୁମକୁ ବଳ ପ୍ରଦାନ କରିବାକୁ, ସାହାଯ୍ୟ କରିବାକୁ ଓ ତୁମକୁ ବାଟ ଦେଖାଇଦେବାକୁ ମୁଁ ସବୁବେଳେ ତୁମର ପାଖେପାଖେ ରହିଛି ।

ଅନେକ ଆଶୀର୍ବାଦ ।

*୨୬ ଅଗଷ୍ଟ ୧୯୬୯*

*

ତୁମେ ଏକଥା ଭୁଲି ଯାଉଥିବା ପରି ମନେ ହେଉଛି ଯେ ତୁମେ ଏଠାରେ ଆଶ୍ରମରେ ରହିଛ । ଏଠାରେ ତୁମେ ନିଜ ପାଇଁ କାର୍ଯ୍ୟ କରୁ ନାହଁ କିଂବା କୌଣସି ମାଲିକ ପାଇଁ କାର୍ଯ୍ୟ କରୁ ନାହଁ; ତୁମେ ଦିବ୍ୟ ପରମସତ୍ତାଙ୍କ ଲାଗି କାମ କରୁଛ । ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟ ଲାଗିହିଁ ତୁମର ଜୀବନ ସଂପୂର୍ଣ୍ଣଭାବେ ଉତ୍ସର୍ଗୀକୃତ ହୋଇ ରହିବା ଉଚିତ ଏବଂ ଆଦୌ କୌଣସି ପ୍ରକାରର କ୍ଷୁଦ୍ର ମନୁଷ୍ୟସ୍ତରୀୟ ଭାବନା ଦ୍ୱାରା ତାହା ପରିଚାଳିତ ହେବା ଉଚିତ ନୁହେଁ ।

*୨୮ ମଇ ୧୯୭୦*

*

ଏଠାରେ ଯାହା କିଛି କରାଯିବ, ତାହାକୁ ପୂର୍ଣ୍ଣ ସହଯୋଗଭାବନା ସହିତହିଁ କରିବାକୁ ହେବ ଏବଂ, ଦିବ୍ୟ ପରମସତ୍ତାଙ୍କର ସେବାହିଁ ତାହାର ଏକମାତ୍ର ଲକ୍ଷ୍ୟ ହୋଇ ରହିଥିବ ।

*

ଯେକୌଣସି ଗୋଷ୍ଠିଜୀବନରେ ଏକ ଶୃଙ୍ଖଳା ଅବଶ୍ୟ ରହିବ, ଯେପରିକି ଅଧିକ ଦୁର୍ବଳକୁ ଅଧିକ ବଳବାନ୍‌ଠାରୁ କୌଣସି ଦୁର୍ବ୍ୟବହାର ଭୋଗ କରିବାକୁ ପଡ଼ିବ ନାହିଁ । ଏବଂ, ଯେଉଁମାନେ ସେହି ଗୋଷ୍ଠୀରେ ବାସ କରିବା ଲାଗି ଇଚ୍ଛା କରୁଥିବେ, ସେମାନଙ୍କୁ ସମସ୍ତଙ୍କୁହିଁ ସେହି ଶୃଙ୍ଖଳାକୁ ସମ୍ମାନ କରିବାକୁ ହେବ ।

ମାତ୍ର, କୌଣସି ଗୋଷ୍ଠୀ ସୁଖରେ ରହିବାକୁ ହେଲେ ଏହା ଏକାନ୍ତ ଆବଶ୍ୟକ ଯେ, ଯାହାର ଅଥବା ଯେଉଁମାନଙ୍କର ମନ ସବୁଠାରୁ ଅଧିକ ପ୍ରଶସ୍ତ ଓ ଅଧିକ ଉଦାର, ଏବଂ ସମ୍ଭବ ହେଲେ, ଯିଏ ବା ଯେଉଁମାନେ ଦିବ୍ୟ ପରମ ଉପସ୍ଥିତି ସମ୍ବନ୍ଧରେ ସଚେତନ ରହିଛନ୍ତି ଓ ତାହାରି ପାଖରେ ଆପଣାକୁ ସମର୍ପିତ କରି ରଖିଛନ୍ତି, ସେହିପରି ଜଣେ ବ୍ୟକ୍ତି ବା ବ୍ୟକ୍ତିମାନେହିଁ ଉକ୍ତ ଶୃଙ୍ଖଳାକୁ ନିର୍ଦ୍ଧାରିତ କରି ଦେଉଥିବେ ।

'oaob.nitrkl.ac.in' images reprocessed

ଯଦି ଏହି ପୃଥିବୀ ସୁଖରେ ରହିବାକୁ ଚାହେଁ, ତେବେ, ଯେଉଁମାନେ ଦିବ୍ୟ ପରମ ଇଚ୍ଛା ବିଷୟରେ ସଚେତନ ରହିଛନ୍ତି, କ୍ଷମତା କେବଳ ସେହିମାନଙ୍କ ହାତରେ ରହିବ । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏପରି ହେବା ଆଦୌ ସମ୍ଭବ ନୁହେଁ, କାରଣ ଦିବ୍ୟ ପରମ ଇଚ୍ଛା ବିଷୟରେ ଯଥାର୍ଥରେ ସଚେତନ ହୋଇ ରହିଥିବା ବ୍ୟକ୍ତିମାନଙ୍କର ସଂଖ୍ୟା ନିତାନ୍ତ ନଗଣ୍ୟ । ଏବଂ, କେବଳ ସେହିପରି ସଚେତନ ବ୍ୟକ୍ତିମାନେହିଁ ତ ଯାବତୀୟ ମହତ୍ତ୍ୱାକାଙ୍କ୍ଷାରୁ ମୁକ୍ତ ହୋଇ ରହିଥା'ନ୍ତି !

ସତ କଥା କହିବାକୁ ଗଲେ, ଯେତେବେଳେ ସେହି ଉପଲବ୍ଧିର ମୁହୂର୍ତ୍ତଟି ଆସି ପହଞ୍ଚିଯିବ, ସେତେବେଳେ ତାହା ଅତ୍ୟନ୍ତ ସ୍ୱାଭାବିକ ଭାବରେହିଁ ସଂଘଟିତ ହେବ ।

ଯଥାସମ୍ଭବ ଅଧିକ ପରିପୂର୍ଣ୍ଣ ଭାବରେ ଆପଣାକୁ ତାହାରି ପାଇଁ ପ୍ରସ୍ତୁତ କରିବା,— ଏହାହିଁ ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ।

*୧୮ ଫେବ୍ରୁଆରି ୧୯୭୨*

*

ମୁଁ ଏଥିରେ ଏକମତ ଯେ ପ୍ରବେଶଦ୍ୱାରର ପରିସ୍ଥିତି ପ୍ରକୃତରେ ବଡ଼ ଶୋଚନୀୟ । ମାତ୍ର, ସେଥିଲାଗି କେତେକ ନିର୍ଦ୍ଦେଶ ଲେଖିକରି ଦେଇଦେବା ଅତ୍ୟନ୍ତ କଷ୍ଟକର, କାରଣ ସେହି କ୍ଷେତ୍ରରେ ଯାବତୀୟ ଟିକିନିଖି କଥାକୁ ମଧ୍ୟ ଉଲ୍ଲେଖ କରି ଜଣାଇବାକୁ ପଡ଼ିବ ।

*

## ଦ୍ୱାର-ରକ୍ଷୀ ଏବଂ ଲାଇବ୍ରେରି-ଗୃହର ଅଧିବାସୀମାନଙ୍କ ପ୍ରତି

ମୁଁ ବାରଂବାର କହି ଆସିଛି ଯେ ''ସୁପ୍'' ପରଷା ହେଉଥିବା ବାରଣ୍ଡାକୁ ପରିଷ୍କାର ପରିଚ୍ଛନ୍ନ କରି ରଖିବାକୁ ପଡ଼ିବ, ସେଠାରେ କୌଣସି ବ୍ୟକ୍ତିଗତ ସରଞ୍ଜାମପତ୍ର (କପ, ଗିଲାସ, ଫ୍ଲାସ୍କ, ଜୋତା ଓ ଚପଲ ଆଦି) ଆଦୌ ଇତସ୍ତତଃ ହୋଇ ପଡ଼ି ରହିବ ନାହିଁ । ଆଶ୍ରମ-ଫାଟକ ଦେଇ ଭିତରକୁ ଆସୁଥିବା ପରିଦର୍ଶକମାନଙ୍କର ଦୃଷ୍ଟିରେ ଏସବୁ ପଡ଼ିବା ଆଦୌ ସୁନ୍ଦର ହେଉ ନାହିଁ ।

ମୁଁ ଆଶା କରୁଛି ଯେ ମୋତେ ଏକଥା ଆଉ ଦ୍ୱିତୀୟ ବାର ପାଇଁ କହିବାକୁ ପଡ଼ିବ ନାହିଁ ଏବଂ ସମସ୍ତେ ବିବେକର ସହିତ ଏହି ଆଦେଶଟିକୁ ଅବଶ୍ୟ ପାଳନ କରିବେ ।

*୬ ଜୁନ୍ ୧୯୩୨*

*

'oaob.nitrkl.ac.in' images reprocessed

## ଦ୍ୱାର ଜଗିବା କାମ

ପ୍ରବେଶଦ୍ୱାର-ଜଗୁଆଳିଙ୍କର କାର୍ଯ୍ୟକୁ ମାଆ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ଦାୟିତ୍ୱଶୀଳ ବୋଲି ବିଚାର କରୁଛନ୍ତି । ସେହି କାର୍ଯ୍ୟଟିକୁ ଯତ୍ନ ତଥା ସତର୍କତା ସହିତ ନିର୍ବାହ କରିବାକୁ ପଡ଼ିବ ।

ଯେଉଁ ପରିଦର୍ଶକମାନେ ଅନୁସନ୍ଧାନ ଅଥବା ନିଜର ଆଉ କୌଣସି କାର୍ଯ୍ୟ ପାଇଁ ଆସିବେ, ସେମାନଙ୍କର କଥାକୁ ଯଥାଯୋଗ୍ୟ ଭଦ୍ରତା ସହିତ ଶୁଣିବାକୁ ହେବ, ଦରକାର ହେଲେ ବସିବା ଲାଗି ସ୍ଥାନ ଦେବାକୁ ହେବ ଏବଂ ସେମାନେ ଆବଶ୍ୟକ କରୁଥିବା ସମ୍ବାଦ ଅଥବା ସମ୍ଭାବ୍ୟ ଯାବତୀୟ ସହାୟତାମାନ ଯୋଗାଇ ଦେବାକୁ ପଡ଼ିବ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଆଦୌ କୌଣସି ପାତରଅନ୍ତର କରାଯିବ ନାହିଁ ।

କୌଣସି ବିଶେଷ ଅନୁସନ୍ଧାନର କ୍ଷେତ୍ରରେ ସେକ୍ରେଟେରିଙ୍କର ପରାମର୍ଶ ନେବାକୁ ପଡ଼ିବ ।

ବିନା କାରଣରେ ଦ୍ୱାର ପାଖ ଅଞ୍ଚଳରେ ଅପେକ୍ଷା କରୁଥିବା କିଂବା ମେଳାମେଳା ହେଉଥିବା ପରିଦର୍ଶକମାନଙ୍କୁ ସେହି ସ୍ଥାନ ତ୍ୟାଗ କରି ଅନ୍ୟତ୍ର ଯିବାକୁ ଅନୁରୋଧ କରିବା ଦ୍ୱାର-ଜଗୁଆଳିଙ୍କର ଅଧିକାର ମଧ୍ୟରେ ରହିବ । ଆଶ୍ରମର ଅନ୍ୟ ସଦସ୍ୟଙ୍କ ସହିତ ସେ ଆଦୌ କୌଣସି ଦୀର୍ଘ କଥୋପକଥନ ମଧ୍ୟ କେବେ କରିବେ ନାହିଁ ବା ନିଜ କାର୍ଯ୍ୟରେ ସଂପୂର୍ଣ୍ଣ ମନ ନ ଦେଇ ନିଜର କୌଣସି ଲେଖିବା, ପଢ଼ିବା ବା ସେହିପରି ଆଉ କିଛି କାର୍ଯ୍ୟରେ ମୋଟେ ରତ ରହୁ ନ ଥିବେ ।

ଅନୁମତି ପ୍ରାପ୍ତ ହୋଇ ନ ଥିବା କୌଣସି ବ୍ୟକ୍ତି ଅନୁମତି ନ ନେଇ ଆଶ୍ରମର ହତା ମଧ୍ୟକୁ ପ୍ରବେଶ କରି ପାରିବେ ନାହିଁ ।

ପରିକରମାନେ ଫିଲ୍‌ଟର୍‌ରେ ହାତ ଦେବେ ନାହିଁ । ସେମାନେ ସାଇକେଲ୍ ଘରୁ ପାଣି ନେଇପାରିବେ । ଦରକାର ହେଲେ ସେମାନଙ୍କ ସହିତ ଆଶ୍ରମର ଜଣେ ଅଧିବାସୀ ସେମାନଙ୍କ ସହିତ ଅବଶ୍ୟ ରହିଥିବେ ।

ଦ୍ୱାର ଅଞ୍ଚଳଟି ଶାନ୍ତ ରହିବ, ପରିଷ୍କାର ପରିଚ୍ଛନ୍ନ ରହିବ ।

ଯେଉଁମାନଙ୍କୁ ଦ୍ୱାରରେ ରହିବାର କାର୍ଯ୍ୟଟି ଦିଆ ଯାଇଥିବ, କେବଳ ସେମାନଙ୍କ ବ୍ୟତୀତ ଆଉ କେହି ଦ୍ୱାରର ଦାୟିତ୍ୱରେ ରହିବେ ନାହିଁ ।[5]

*୨୫ ସେପ୍‌ଟେମ୍ବର ୧୯୫୨*

*

ମାଆ ଇଚ୍ଛା କରୁଛନ୍ତି ଯେ, ଯେଉଁ ବ୍ୟକ୍ତିମାନେ ପରିଦର୍ଶକମାନଙ୍କୁ ଭିତରକୁ

'oaob.nitrkl.ac.in' images reprocessed

ଶଂଙ୍ଖୋଳି ନେବାର ଦାୟିତ୍ୱରେ ରହିବେ, ସେମାନେ ଅତିଥିମାନଙ୍କ ସହିତ ନିଜର ବ୍ୟବହାରରେ ସର୍ବଦା ଅତି ଭଦ୍ର ଓ ଧୀର ହେବେ । ଉଚ୍ଚ ନୀଚ, ସାନ ବଡ଼, ସେମାନେ ଭଲ ଭାବରେ ପୋଷାକ ପିନ୍ଧିଥାନ୍ତୁ କି ନ ଥାନ୍ତୁ, ସବୁ ପରିଦର୍ଶକଙ୍କର ସର୍ବଦା ଯଥାର୍ଥ ସ୍ୱାଗତ କରିବାକୁ ପଡ଼ିବ, ସଦ୍‌ଭାବ ଏବଂ ସଦାଚରଣ ରକ୍ଷା କରିବାକୁ ପଡ଼ିବ । ଏକଥା ଆଦୌ ହେବ ନାହିଁ ଯେ, ଯେଉଁମାନେ ଅଧିକ ଭଲ ପୋଷାକ ପିନ୍ଧିଛନ୍ତି, ଏହି ଆଶ୍ରମ ଭିତରକୁ ପ୍ରବେଶ କରିବା ଲାଗି ସେମାନେ ଅଧିକ ଯୋଗ୍ୟ ବୋଲି ବିଚାର କରାଯିବେ । ଏପରି ମଧ୍ୟ ହେବା ଉଚିତ ନୁହେଁ ଯେ, ଭିକାରି ପରି ଦେଖା ଯାଉଥିବା ଜଣେ ଲୋକ ତୁଳନାରେ ଆମେ ମଟରଗାଡ଼ି ଧରି ଆସିଥିବା ଲୋକମାନଙ୍କୁ ଅଧିକ ଯତ୍ନ ଦେଖାଇବୁ ଓ ସେମାନଙ୍କର ଅଧିକ ଖାତିର କରିବୁ । ଆମେ ଏକଥା କଦାପି ଭୁଲି ଯିବା ନାହିଁ ଯେ, ସେମାନେ ମଧ୍ୟ ସମାନ ଭାବରେ ଠିକ୍ ଆମରି ପରି ମଣିଷ ଏବଂ ଆମେ ଏହି କ୍ଷେତ୍ରରେ ଏକାବେଳେକେ ସମସ୍ତଙ୍କ ଉପରେ ରହିଛୁ ବୋଲି ଭାବିବା ନିମନ୍ତେ ଆମର ଆଦୌ କୌଣସି ଅଧିକାର ନାହିଁ ।

ଏବଂ, ଆମର ଭଦ୍ର ଆଚରଣ କେବଳ ଏକ ବାହ୍ୟ ଆଚାର କଦାପି ହେବ ନାହିଁ; ଅର୍ଥାତ୍, ଏକ ଅନ୍ତଃଶୂନ୍ୟ କଠୋର ଭଦ୍ରତାରେ କଦାପି ପରିଣତ ହୋଇଯିବ ନାହିଁ । ସେହି ଭଦ୍ରତା ଆମ ଭିତରୁହିଁ ପ୍ରେରିତ ହୋଇ ଆସୁଥିବ । ଯେତେ ଯାହା ଅସୁବିଧା ରହିଥାଉ ବା ପରିସ୍ଥିତି ଯାହା ହୋଇଥାଉ ପଛକେ, ଆମେ ନିଜର କାର୍ଯ୍ୟ କରୁଥିବା ବେଳେ ଯଦି ହଠାତ୍ ରାଗିଯିବା ଅଥବା ବିରକ୍ତି ପ୍ରକାଶ କରିବା,– ମାଆ ଏକଥା ଖୁବ୍ ଭଲକରି ଜାଣିଥିବାରୁହିଁ ଏପରି କହୁଛନ୍ତି,– ପରିସ୍ଥିତି ଯାହା ହୋଇଥାଉ ପଛକେ, ଅଶିଷ୍ଟତା ଏବଂ କୌଣସି ରୁକ୍ଷ ବ୍ୟବହାର ଲାଗି ଆଦୌ ଅନୁମତି ଦିଆଯିବ ନାହିଁ ।

ଏହି କ୍ଷେତ୍ରରେ ଅନେକ ଅସୁବିଧା ରହିଛି ସତ, ମାତ୍ର ମାଆ କହନ୍ତି ଯେ, ଅଧିକାଂଶ ସମୟରେ ଆମର ଅସୁବିଧା ଏବଂ ହରକତଗୁଡ଼ାକ ସର୍ବଦା ଯେପରି ହୋଇ ରହିଥାଏ, ସେଗୁଡ଼ିକୁ ଅତିକ୍ରମ କରିଯିବା ଲାଗି ଆମ ଭିତରେ ସାମର୍ଥ୍ୟ ଅବଶ୍ୟ ଥାଏ । ଯଦି ଆମେ ଆମର ସର୍ବୋତ୍ତମ ସ୍ଥିତିରେ ରହିପାରିବା, ତେବେ ଆପଣାକୁ ଆପଣାର ନିୟନ୍ତ୍ରଣ ମଧ୍ୟରେ ରଖି ଆମେ ସର୍ବଦା ଅବଶ୍ୟ ଅବସ୍ଥାଟିକୁ ସମ୍ଭାଳି ନେଇ ପାରିବା । ସ୍ମରଣ ରଖିବା ଉଚିତ ଯେ, ଆମେ ଯେତେଥର ନିଜ ନିୟନ୍ତ୍ରଣରୁ ବାହାର ହୋଇଯାଉ, ଆମେ ଯେତେଥର ରାଗିଯାଉ ଅଥବା ଶୃଙ୍ଖଳା ରଖିବାର ବାହ୍ୟ ଉପାୟଗୁଡ଼ିକୁ ଅବଲମ୍ବନ କରିବା ପାଇଁ ବାଧ୍ୟ ହେଉ, ସେହି କ୍ଷେତ୍ରରେ ତାହାର ଅର୍ଥ ହେଉଛି ଯେ, ଆମେ ପ୍ରକୃତରେ ଅନେକ ତଳକୁ ଖସି ଆସିଥାଉ ଓ ଘଟଣାଟିର ଅନୁରୂପ ଭାବରେ ଉପରକୁ ଉଠି ପାରିବାକୁ ଆଦୌ ସମର୍ଥ ହୋଇ ନ ଥାଉ । ସକଳ କ୍ଷେତ୍ରରେ ଓ ସକଳ ଭାବରେ

'oaob.nitrkl.ac.in' images reprocessed

ଶେଷକୁ ଆମକୁ ଏହି ଗୋଟିଏ ନିୟମରେ ଆସି ଉପନୀତ ହେବାକୁ ପଡ଼େ,— ସର୍ବଦା ଅଗ୍ରଗତି ଲାଗି ପ୍ରଚେଷ୍ଟା କରା ଯାଉଥିବା ଉଚିତ, ଯଥାର୍ଥ ଭାବରେ ପ୍ରକୃତିସ୍ଥ ହୋଇ ରହି ପାରୁଥିବା ଉଚିତ । ଏହି କଥାଟିକୁ କରି ପାରିବା ଲାଗି ତୁମେ ହୁଏତ ଆଜି ସମର୍ଥ ହୋଇ ନ ପାର, ତଥାପି କାଲି ଅବଶ୍ୟ ସମର୍ଥ ହୋଇଯିବ । ମାତ୍ର ତାହାର ପରିପୂର୍ଣ୍ଣ ଫଳଟି ଅବଶ୍ୟ ରହିଥିବା ଆବଶ୍ୟକ । ନିଜର ଯାବତୀୟ କାର୍ଯ୍ୟରେ ତୁମେ ଆଦୌ ଭୁଲି ଯିବ ନାହିଁ ଯେ ତୁମେ ଏହି ଆଶ୍ରମରହିଁ ପ୍ରତିନିଧିତ୍ୱ କରୁଛ । ଲୋକେ ତୁମର ଆଚରଣରୁହିଁ ଆଶ୍ରମର ବିଚାର କରିବେ । ଯଦି 'ନାହିଁ' ବୋଲି ବି କହିବାକୁ ହେଉଥାଏ, ଯଦି କାହାର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବାକୁ ପଡୁଥାଏ, ତେବେ ତୁମେ ତାହାକୁ ମଧ ଭଦ୍ରତା ଓ ଶିଷ୍ଟତା ସହିତ ଅବଶ୍ୟ କରିପାରିବ । ତୁମେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଲାଗି ଚେଷ୍ଟା କର । ଅନ୍ୟମାନେ ତୁମକୁ ରୁଷ୍ଟ ବ୍ୟବହାର ଦେଖାଉଥିଲେ ମଧ, ତୁମେ ନିଜେ ସେହିପରି ବ୍ୟବହାର ଦେଖାଇବା ପାଇଁ ତାହାକୁ ଆଦୌ ଏକ କାରଣରୂପେ ଗ୍ରହଣ କରିବ ନାହିଁ । ବାହାର ଲୋକେ ଯାହା କରୁଛନ୍ତି, ଯଦି ତୁମେ ମଧ ସେହିପରି ବ୍ୟବହାର ଦେଖାଇବା ପାଇଁ ଚେଷ୍ଟା କରିବ, ତେବେ ତୁମେ ଏଠାରେ ପୁଣି କେଉଁଥି ସକାଶେ ରହିଛ ?[§]

*୯ ମଇ ୧୯୫୭*

'oaob.nitrkl.ac.in' images reprocessed

## ବେତନଭୋଗୀ କର୍ମୀ

ଆପଣାର ଜୀବିକାନିର୍ବାହ ସକାଶେ ତୁମ ଉପରେ ନିର୍ଭର କରି ରହିଥିବା ଲୋକମାନଙ୍କ ପ୍ରତି ତୁମେ ଅତ୍ୟନ୍ତ ଭଦ୍ର ବ୍ୟବହାର ଦେଖାଇବ । ଯଦି ତୁମେ ସେମାନଙ୍କ ପ୍ରତି ଦୁର୍ବ୍ୟବହାର କରିବ, ତେବେ ତଦ୍ୱାରା ସେମାନଙ୍କର ପ୍ରାଣକୁ ଖୁବ୍ ବାଧିବ ସତ, ମାତ୍ର କାଳେ ଏପରି କଲେ ସେମାନଙ୍କର ଚାକିରି ଚାଲିଯିବ, ସେଥିପାଇଁ ସେମାନେ କଦାପି ମଣିଷ ମଣିଷର ସମାନ ସ୍ତରରେ ତାହାର ଜବାବ ଦେଇ ପାରିବେ ନାହିଁ ।

ଯେଉଁମାନେ ତୁମଠାରୁ ଉପରେ ରହିଛନ୍ତି, ସେମାନଙ୍କ ପ୍ରତି ରୁକ୍ଷ ବ୍ୟବହାର ଦେଖାଇବାରେ ହୁଏତ କୌଣସି ଗୌରବ ରହିଛି; ମାତ୍ର ଯେଉଁମାନେ ତୁମ ଉପରେ ନିର୍ଭର କରୁଛନ୍ତି, ସେମାନଙ୍କ ପ୍ରତି ଅତ୍ୟନ୍ତ ଭଦ୍ର ଆଚରଣ କରିବା, ତାହାହିଁ ଯଥାର୍ଥ ଗୌରବ ।

*୨୩ ଜୁନ୍ ୧୯୩୨*

*

*ମୋଚି ମଜୁରି ବଢ଼ାଇବାକୁ ଇଚ୍ଛା କରୁଛି । ତା' ଘରେ ପ୍ରତିପୋଷଣ କରିବା ପାଇଁ ତିନିଜଣ ଲୋକ,— ତେଣୁ ସେ ଆଠଟଙ୍କା ଜାଗାରେ ଦଶଟଙ୍କା ନେବ ବୋଲି ଆପଣଙ୍କୁ ଜଣାଇବା ପାଇଁ କହିଛି ।*

ପାରିବାରିକ ଅବସ୍ଥାର ବିଚାରରେ ମୋ'ର ଆଦୌ କୌଣସି ଆଗ୍ରହ ନାହିଁ । ପାରିଶ୍ରମିକ ଜଣେ କାମ କଲାବାଲା ପ୍ରକୃତରେ କରୁଥିବା କାମ ଉପରେହିଁ ନିର୍ଭର କରିବ, ତା'ର ସାମର୍ଥ୍ୟ ଓ ନିୟମିତତା ଉପରେ ନିର୍ଭର କରିବ; ଘରେ ତା'ର ଚଳାଇବାକୁ କେତେ ଜଣ ମଣିଷ ଅଛନ୍ତି, ତା' ଉପରେ ଆଦୌ ନିର୍ଭର କରିବ ନାହିଁ । କାରଣ, ଏହିସବୁ ପରିସ୍ଥିତି ବିଷୟରେ ବିଚାର କରିବାକୁ ଆରମ୍ଭ କଲେ, ତା'ପରେ ତାହା ପାରିଶ୍ରମିକ ବଦଳରେ କରା ଯାଉଥିବା ଏକ କାର୍ଯ୍ୟ ହୋଇ ନ ରହି ଏକ ଦାନରେ ପରିଣତ ହୋଇଯିବ; ଏବଂ, ମୁଁ ଅନେକ ସମୟରେ ଯେପରି କହିଛି, ଆମେ ଏଠାରେ କୌଣସି ରିଲିଫ୍ କମିଟି ଗଠନ କରି ନାହୁଁ । ଏକ ସାଧାରଣ ନିୟମ ଅନୁସାରେ ମୁଁ ଏ ବର୍ଷ ମଜୁରିଆ ଏବଂ ଚାକରମାନଙ୍କର ପାରିଶ୍ରମିକରେ କୌଣସି ବୃଦ୍ଧି କରି ନାହିଁ; ମାତ୍ର ଯଦି ଏହି ପିଲାଟି ଭଲ କାମ କରୁଛି ଏବଂ ଯଦି ତା'ର କାମରେ ତୁମର ସନ୍ତୋଷ ହେଉଛି, ତେବେ ଏକ ଆରମ୍ଭରୂପେ ମୁଁ ତାକୁ ଆଠଟଙ୍କା ବଦଳରେ ନଅଟଙ୍କା ଦେବାକୁ ରାଜି ଅଛି ।

*୩୦ ଅଗଷ୍ଟ ୧୯୩୨*

*

'oaob.nitrkl.ac.in' images reprocessed

ମଜୁରିଆମାନେ ଯେତେବେଳେ ସେମାନଙ୍କର ଟୋକନ୍ ନେବାକୁ ଆସୁଛନ୍ତି, ସେତେବେଳେ ସେମାନଙ୍କୁ ଅନାବଶ୍ୟକ ଭାବରେ ଆଦୌ ଅଟକାଇ ରଖିବ ନାହିଁ ।

ଦିନମାନର କାର୍ଯ୍ୟ ପରେ ସେମାନଙ୍କୁ ବିଶ୍ରାମ ନେବା ପାଇଁ ଘରକୁ ବି ତ ଯିବାକୁ ହେବ ।

*୪ ଫେବ୍ରୁଆରି ୧୯୩୩*

*

ଚାକର ଆଦୌ ଜଣେ ଅପରାଧୀ ନୁହେଁ; ତାକୁ ମଧ୍ୟ କେତେକ ପରିମାଣରେ ସ୍ୱାଧୀନତା ଏବଂ ମୁକ୍ତ ବିଚରଣର ସୁବିଧା ଦେବାକୁ ପଡ଼ିବ ।

*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମେ ଚାକରମାନଙ୍କ ପ୍ରତି ଯେଉଁ ପରି ବ୍ୟବହାର ଦେଖାଉ, ସେମାନଙ୍କ ବ୍ୟବହାର ମଧ୍ୟ ଠିକ୍ ତଦନୁରୂପ ହୋଇଥାଏ ।

*୧୦ ମାର୍ଚ୍ଚ ୧୯୩୫*

*

ଚାକରମାନଙ୍କୁ ସବୁବେଳେ ଗାଳିଦେବା ଅତ୍ୟନ୍ତ ଖରାପ, ତେଣୁ ସେମାନଙ୍କୁ ତୁମେ ଯେତେ କମ୍ ଗାଳି ଦେବ, ତାହା ସେତିକି ଅଧିକ ଭଲ କଥା ହେବ । ଯେତେବେଳେ 'କ' ତୁମକୁ ଏପରି କରିବା ପାଇଁ କହୁଛନ୍ତି, ତୁମେ ସେତେବେଳେ ତାହା କରିବାକୁ ମନା କରିଦେବ ଏବଂ କହିବ ଯେ ମୁଁ ତୁମକୁ ତାହା କରିବାକୁ ନିଷେଧ କରି କହିଛି ।

ତୁମର ସହକର୍ମୀମାନଙ୍କ ବିଷୟରେ କହିବାକୁ ଗଲେ, ନିଜନିଜର ଅନୁଭୂତି ଅନୁସାରେ କାର୍ଯ୍ୟ କରିବା ଲାଗି ସେମାନଙ୍କୁ ଛାଡ଼ି ଦିଆଯାଉ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୬ ମଇ ୧୯୪୦*

*

ଚାକରମାନେ ଚୋରି କରୁଛନ୍ତି ବୋଲି ଯଦି ତୁମେ ନିଶ୍ଚିତଭାବେ ଜାଣିଛ, ତେବେ ତାହାର ଅର୍ଥ ହେଉଛି ଯେ, ସେମାନଙ୍କ ଉପରେ ଯଥାର୍ଥ ତତ୍ତ୍ୱାବଧାନ ହେଉ ନାହିଁ ଏବଂ ତୁମକୁ ଏହି ବିଷୟରେ ଅଧିକ ଯତ୍ନର ସହିତ ଦୃଷ୍ଟି ଦେବାକୁ ହେବ ।

*୧୯ ଜୁଲାଇ ୧୯୪୦*

*

କେତେଜଣ ମଜୁରିଆ ରହିବେ, ସେ ବିଷୟରେ ମୁଁ ତୁମକୁ ମୋ'ର ମତ ଜଣାଇଦେଇ ସାରିଛି । ସେମାନଙ୍କର ସଂଖ୍ୟା ଯେତିକି ଅଧିକ ହେବ, ସେମାନେ ସେତିକି

'oaob.nitrkl.ac.in' images reprocessed

କମ୍ କାମ କରିବେ । ପରିବା ସକାଶେ ଚଉଦ ଜଣ ଲୋକଙ୍କୁ ନିଯୁକ୍ତ କରିବା ମୁଁ ପସନ୍ଦ କରୁ ନାହିଁ । ଅନେକ କମ୍ ସଂଖ୍ୟକ ଲୋକ ସେହି କାର୍ଯ୍ୟଟିକୁ କରି ପାରିବେ, ଅଧିକ ସୁଚାରୁ ଭାବରେ କରିବେ ।

*୧ ନଭେମ୍ବର ୧୯୪୩*

*

ମୋ'ର ପ୍ରିୟ ସନ୍ତାନ,

'କ' ଙ୍କ ବିଷୟରେ ତୁମେ 'ଖ' ଙ୍କ ଠାରୁ ମୋ'ର ନିଷ୍ପତ୍ତିଟିକୁ ଶୁଣିଥିବ । ତୁମର "ଆପତ୍ତି" ସତ୍ତ୍ୱେ ମୋତେ ସେହିପରି ଏକ ନିଷ୍ପତ୍ତି ନେବାକୁ ପଡ଼ିଲା । କାରଣ ଏହି ଲୋକଟି ତାକୁ ଆଶ୍ରମରେ କେବଳ ଆଉ ଅନ୍ୟ ଏକ କାର୍ଯ୍ୟ ଦିଆଯାଉ ବୋଲି ଇଚ୍ଛା କରୁଥିଲା । ସିଏ କାହାକୁ କୌଣସି ଭୟ ଦେଖାଉ ନ ଥିଲା କିଂବା ଅଧିକ ମଜୁରି ମାଗୁ ନ ଥିଲା । ସିଏ ଜଣେ ଭଲ ମୂଲିଆ ଓ ତାକୁ ହରାଇ ବସିବା ଏକ ଦୁର୍ଭାଗ୍ୟର କଥା ହୋଇଥା'ନ୍ତା । ଏହି ସଂକ୍ରାନ୍ତରେ ପ୍ରଥମେ ତୁମର ଯେଉଁ ଅହଂପ୍ରେରିତ ପ୍ରତିକ୍ରିୟା ହୋଇଥିଲା, ତାହାକୁ ଲଙ୍ଘି ଯାଇ ପାରିଲେ ତୁମେ ଏହି କଥାଟିକୁ ସହଜରେ ବୁଝି ପାରିବ । ଏବଂ, ଏଥିରେ "ଅପମାନିତ" ବୋଧ କରିବାର ମନୋଭାବଟିକୁ ତୁମେ ଆଦୌ ଗ୍ରହଣ କରି ପାରିବ ନାହିଁ, କାରଣ ତାହା ଯୋଗବିରୋଧୀ ।

ମୁଁ ଆଶା କରୁଛି ଯେ ଏହାକୁ ପଢ଼ି ତୁମେ ପ୍ରକୃତିସ୍ଥ ହେବ ଏବଂ ଏହି ଅତ୍ୟନ୍ତ କ୍ଷୁଦ୍ର ତଥା ମହତ୍ତ୍ୱହୀନ ଘଟଣାଟିକୁ ଅଧିକ ଉପଯୁକ୍ତ ଦୃଷ୍ଟିରେ ଦେଖିବା ଲାଗି ସମର୍ଥ ହେବ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୩ ଅକ୍ଟୋବର ୧୯୪୪*

*

ତାକୁ ତୁମେ ଦିନକୁ ଦଶଅଣା ମଜୁରିରେ ଦିନମଜୁରିଆ କରି ରଖିପାର; ମାତ୍ର ତାକୁ ସମୟାତିରିକ୍ତ ମଜୁରି ଦେବାକୁ ମୁଁ ଆଦୌ ରାଜୀ ହେବି ନାହିଁ । ସିଏ ଠିକ୍ ସମୟରେ ନିଜର କାର୍ଯ୍ୟଟିକୁ ଅବଶ୍ୟ ଶେଷ କରିବ, ଏହା ଦେଖିବା ତୁମର କାମ । ଆମର ସର୍ବଦା ଏହିପରି ଏକ ଅଭିଜ୍ଞତା ହୋଇଆସିଛି ଯେ, ମୂଲିଆମାନଙ୍କୁ ଅଧିକା ସମୟର ମଜୁରି ଦେଲେ ସେମାନେ ମୂଳ ଲାଗୁଥିବା ସମୟରେ ବସ୍ତୁତଃ ଆଦୌ କୌଣସି କାମ କରନ୍ତି ନାହିଁ । ଏବଂ ତେଣୁ ନିୟମିତ ଭାବରେ ଅତ୍ୟଧିକ ହାରରେ ଅତିରିକ୍ତ ସମୟର ମଜୁରି ନେବାରେ ବେଶ୍ ସଫଳ ହୋଇଥା'ନ୍ତି ।

*୧ ଫେବ୍ରୁଆରି ୧୯୪୫*

*

'oaob.nitrkl.ac.in' images reprocessed

ପୃଥିବୀର ବ୍ୟବସ୍ଥାକୁ ଅସ୍ତବ୍ୟସ୍ତ କରି ଦେଇଥିବା ଦୁଃଖଦ ନାନା ଘଟଣା ହେତୁ ଏକାଧିକ ବର୍ଷର ବ୍ୟବଧାନ ପରେ ଆଜି ଆମେ ନବବର୍ଷରେ ବସ୍ତ୍ର ବିତରଣ କରିବାର ଆମର ପୁରାତନ ରୀତିଟିକୁ ପୁନର୍ବାର ଆରମ୍ଭ କରିବାକୁ ଯାଉଛୁ ।

ପରିସ୍ଥିତିଗୁଡ଼ିକ ଦୁର୍ଭାଗ୍ୟବଶତଃ ତଥାପି ଅତ୍ୟନ୍ତ ବାଧାଯୁକ୍ତ ହୋଇ ରହିଛି, ଯୁଦ୍ଧ ଲାଗିଥିବା ସମୟର ତୁଳନାରେ ପ୍ରାୟ ଅଧିକ ଖରାପ ହୋଇଛି ଏବଂ ତେଣୁ, ମୁଁ ଯାହାସବୁ କରିବାକୁ ଇଚ୍ଛା କରିଥା'ନ୍ତି, ମୋତେ ଆଦୌ ତାହା କରିବାକୁ ଦେଉ ନାହିଁ । ମୁଁ ଯେତିକି ଲୁଗା ପାଇ ପାରିଲି, ଆଜି କେବଳ ସେତିକି ବିତରଣ କରିବାକୁ ବାଧ୍ୟ ହେଉଛି; ସେତିକି କରିପାରିବା ମଧ୍ୟ ପ୍ରକୃତରେ କମ୍ କଷ୍ଟକର ହୋଇ ନାହିଁ । କେବଳ ଆଉ ଏତିକିମାତ୍ର କହିବି ଯେ, ଆଗାମୀ ବର୍ଷ ଏହି ଅବସ୍ଥାରେ କିଞ୍ଚିତ୍ ଉନ୍ନତି ଘଟିବ ବୋଲି ମୁଁ ଆଶା ପୋଷଣ କରିଛି ।

*୧ ଜାନୁଆରି ୧୯୪୬*

*

## ଶ୍ରୀଅରବିନ୍ଦ ଆଶ୍ରମର ଶ୍ରମିକମାନଙ୍କ ଉଦ୍ଦେଶ୍ୟରେ ଘୋଷଣା

କାମ କରାଇବା ଲୋକ ଓ କାମ କରିବା ଲୋକ ମଧ୍ୟରେ ସାଧାରଣତଃ ଯେଉଁ ସମ୍ପର୍କ ରହିଥାଏ, ତାହା ତୁଳନାରେ ଏଠାରେ କର୍ମନିଯୁକ୍ତ ବ୍ୟକ୍ତିମାନଙ୍କ ସହିତ ମୋ'ର ଯେଉଁ ବିଶେଷ ସମ୍ପର୍କଟି ରହିଛି, ସେହି ବିଷୟରେ ମୁଁ ସବୁକଥା ବୁଝାଇ କହିଦେବାକୁ ଇଚ୍ଛା କରୁଛି । ମୁଁ ଏକଥା ମଧ୍ୟ ଇଚ୍ଛା କରୁଛି ଯେ, ଏହି ବିଶେଷ ସଂପର୍କଟିକୁ ବୁଝିଯିବା ପରେ ଏଠାରେ କର୍ମନିଯୁକ୍ତ ହୋଇ ରହିଥିବା ବ୍ୟକ୍ତିମାନେ ସେମାନେ ଆପଣାର ଯାବତୀୟ ଚର୍ଚ୍ଚା-ଆଲୋଚନା ଏବଂ ସେମାନେ ମୋ'ପାଖରେ ସାମୂହିକ ଭାବରେ କରୁଥିବା ଦାବିଗୁଡ଼ିକର କ୍ଷେତ୍ରରେ ଆପଣା ସମ୍ମୁଖରେ ସର୍ବଦା ଏହି ବିଚାର ଓ ବୁଝାମଣାଟିକୁ ରଖିବେ ଓ ତା'ପରେ ଯାଇ ଯାହା କିଛି କରିବେ ।

ସେହି ବିଶେଷ ସମ୍ପର୍କଟି ହେଉଛି :

(କ) ଲାଭ ପାଇଁ ଆଶ୍ରମର କୌଣସି କାର୍ଯ୍ୟ କରା ଯାଏ ନାହିଁ; ସେକଥା ସମସ୍ତେ ଭଲ ଭାବରେ ଜାଣିଛନ୍ତି । ତେଣୁ, ଯୁଦ୍ଧ ସମୟରେ, ଯେତେବେଳେ ସବୁକଥା ପ୍ରତ୍ୟେକଙ୍କ ଲାଗି ମହାର୍ଘ ଏବଂ କଷ୍ଟକର ହୋଇ ପଡ଼ିଲା, ସେତେବେଳେ ମୋତେ ମଧ୍ୟ ସେହି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା । ସେହି ପରିସ୍ଥିତିରେ ମୋ'ର ଆୟରେ

'oaob.nitrkl.ac.in' images reprocessed

ଯେ କୌଣସି ବୃଦ୍ଧି ପାଇଲା, ସେକଥା ମଧ ନୁହେଁ । ଶିଳ୍ପୋଦ୍ୟୋଗ ତଥା ବାଣିଜ୍ୟର ସଂସ୍ଥାମାନ ସେତେବେଳେ ଅଧିକ ଲାଭ କଲେ ଏବଂ ତେଣୁ ସହଜରେ ମଜୁରିରେ ମଧ ବୃଦ୍ଧି ଘଟାଇ ପାରିଲେ । ମାତ୍ର ଏଠାରେ ଆଶ୍ରମରେ କେବଳ ବ୍ୟୟଗୁଡ଼ିକହିଁ ବୃଦ୍ଧି ପାଇବାରେ ଲାଗିଥିଲା । ଏପରି ହେବା ସତ୍ତ୍ୱେ, ମୂଲିଆମାନଙ୍କର ଅସୁବିଧାକୁ ଆଖି ଆଗରେ ରଖି ମୁଁ ସେମାନଙ୍କ ମଜୁରିରେ ନିୟମିତ ବୃଦ୍ଧି କରାଉଥିଲି ଓ ସେମାନଙ୍କୁ ମହଙ୍ଗା ଭତ୍ତା ମାନ ମଧ ଦେଉଥିଲି ।

(ଖ) ସମୟ ସମୟରେ ଏଠାରେ କେତେକ ଶ୍ରମିକଙ୍କ ଲାଗି କୌଣସି କାର୍ଯ୍ୟ ନ ଥିଲା, ମାତ୍ର, ତଥାପି, ସାଧାରଣ ବ୍ୟବସାୟୀ ସଂସ୍ଥାମାନେ ଯେପରି କରିଥାନ୍ତେ, ସେପରି ନ କରି ମୁଁ ଶ୍ରମିକମାନଙ୍କୁ କେବେହେଲେ କାର୍ଯ୍ୟରୁ ଅନ୍ତର କରି ଦେଇ ନାହିଁ ଏବଂ ସେମାନେ ନିଯୁକ୍ତ ହୋଇ ପାରିବା ଲାଗି ଅନ୍ୟ କୌଣସି ନା କୌଣସି କାର୍ଯ୍ୟ ଖୋଜି ବାହାର କରିବା ଲାଗି ସବୁବେଳେ ଚେଷ୍ଟା କରିଛି । କାମ ନାହିଁ ବୋଲି ନିଷ୍ଠାପର ଭାବରେ କାର୍ଯ୍ୟ କରି ଆସିଥିବା ଶ୍ରମିକମାନଙ୍କୁ ବିଦା କରିଦେବାକୁ ମୁଁ କଦାପି ଏକ ନୀତି ବୋଲି ଗ୍ରହଣ କରି ନାହିଁ । ମୁଁ ଭାରି ସହଜରେ ତାହା କରି ପାରିଥା'ନ୍ତି ଏବଂ ଆଶ୍ରମର କାର୍ଯ୍ୟରେ ସେପରି କୌଣସି କଠିନ ବାଧା ନ ଘଟାଇ ଯାବତୀୟ କାର୍ଯ୍ୟକୁ ବନ୍ଦ କରିଦେଇ ପାରିଥା'ନ୍ତି । ମାତ୍ର ସେପରି କରିଥିଲେ ତଦ୍ୱାରା ପୂର୍ବରୁହିଁ ଏପରି ଉତ୍କଟ ହୋଇ ରହିଥିବା ସାଧାରଣ ଦୁଃଖ କେବଳ ଅଧିକ ବୃଦ୍ଧିହିଁ ପାଇଥା'ନ୍ତା । ମୁଁ ତାହା କରିବାକୁ ଆଦୌ ଇଚ୍ଛା କରି ନ ଥିଲି ।

(ଗ) ଏପରି ବହୁ ଶ୍ରମିକ ଏଠାରେ ଅଛନ୍ତି, ଯେଉଁମାନେ କି ଦୀର୍ଘ ବହୁବର୍ଷ ଧରି ମୋ'ର କାମ କରି ଆସିଛନ୍ତି ଓ ନିଷ୍ଠା ତଥା ଆନୁଗତ୍ୟ ସହିତ ସମସ୍ତ କାର୍ଯ୍ୟ କରିଛନ୍ତି । ସେମାନେ ମୋତେ ସେମାନଙ୍କର ମାଲିକ ବୋଲି ବିଚାର ନ କରି ସେମାନଙ୍କର ତଥା ସେମାନଙ୍କ ପରିବାରର ରକ୍ଷାକାରୀ ହିସାବରେ ଦେଖି ଆସିଛନ୍ତି ।

(ଘ) ମୋଟାମୋଟି ଭାବରେ କହିଲେ, ଆଶ୍ରମର ଶ୍ରମିକମାନେ ଏପର୍ଯ୍ୟନ୍ତ ଅଳ୍ପ-ବହୁତ ପରିମାଣରେ ଏଠାରେ ଗୋଟିଏ ପରିବାରରେ ବାସ କରୁଥିବା ବ୍ୟକ୍ତିଙ୍କ ପରି କାର୍ଯ୍ୟ କରିଛନ୍ତି ଓ ମୋତେ ସେହି ପରିବାରର ମୁଖ୍ୟ ବୋଲି ବିଚାର କରିଛନ୍ତି । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ବିଶେଷ ସମ୍ବନ୍ଧଟି ଦ୍ୱାରା ସେମାନଙ୍କ ମଧ୍ୟରୁ ଅନେକଙ୍କର ଉପକାର ମଧ ହୋଇଛି । ମୁଁ ଏହି ସଂପର୍କଟିକୁ ସ୍ଥାୟୀ କରି ରଖିବାକୁ ଇଚ୍ଛା କରୁଛି ଏବଂ ତାହାକୁହିଁ ଶ୍ରମିକମାନଙ୍କ ସହିତ ମୋ'ର ଯାବତୀୟ କାରବାର ଓ ବ୍ୟବହାରରେ ଆଧାରରୂପେ ପ୍ରତିଷ୍ଠା କରି ରଖିବାକୁ ଚାହୁଁଛି ।

ଏହିସବୁ କଥାକୁ ଦୃଷ୍ଟିରେ ରଖି, ମୁଁ ପ୍ରସ୍ତାବ କରୁଛି ଯେ, ଆଶ୍ରମରେ କାର୍ଯ୍ୟ

'oaob.nitrkl.ac.in' images reprocessed

କରୁଥିବା ବ୍ୟକ୍ତିମାନେ ନିଜର ଏକ ଅଲଗା ପରିଷଦ ଗଠନ କରନ୍ତୁ । କାରଣ, ଅନ୍ୟ ଶ୍ରମିକମାନଙ୍କର ତୁଳନାରେ ନିଯୁକ୍ତିକାରୀ ସହିତ ରହିଥିବା ସମ୍ବନ୍ଧର କ୍ଷେତ୍ରରେ ଏଠାରେ ଏକ ଭିନ୍ନ ସ୍ଥିତି ରହିଛି । ଏକଥା ମୁଁ ଆଗରୁ ବ୍ୟାଖ୍ୟା କରି କହିଛି । ଏହି ପରିଷଦଟି ଶ୍ରମିକମାନଙ୍କର ସାଧାରଣ ସଂଗଠନଟି ମଧ୍ୟରେ ହୁଏତ ନାମାଙ୍କିତ ହୋଇ ରହିପାରେ ସତ, ମାତ୍ର ତାହା ସର୍ବଦା ଆପଣାର ଏକ ସ୍ୱତନ୍ତ୍ର କାର୍ଯ୍ୟଧାରା ଏବଂ ଆଚରଣର ଅନୁସରଣ କରୁଥିବ ।

ପୁନଶ୍ଚ ପ୍ରସ୍ତାବ କରାଯାଉଛି ଯେ, ଆଶ୍ରମର ଶ୍ରମିକମାନଙ୍କର ଏହି ପରିଷଦ ଏପରି ଗୋଟିଏ କମିଟି ନିର୍ବାଚିତ କରିବ, ଯାହାକି ଶ୍ରମିକମାନଙ୍କ ମଧ୍ୟରେ ରହିଥିବା ବିଭିନ୍ନ ମତର ପ୍ରତିନିଧିତ୍ୱ କରୁଥିବ । ଶ୍ରମିକମାନେ ଉପସ୍ଥାପିତ କରୁଥିବା ଦାବିଗୁଡ଼ିକୁ ସେହି କମିଟି ଗ୍ରହଣ ଏବଂ ବିଚାର କରିବ ଏବଂ ତାହା ବିଷୟରେ ଆଲୋଚନା କରି ନ୍ୟାୟୋଚିତ ଏବଂ ଯଥାର୍ଥ ବୋଲି ବିଚାର କରୁଥିବା ଯେଉଁ ନିଷ୍ପତ୍ତିକୁ ଗ୍ରହଣ କରିବ, ତାହାକୁ ସେମାନଙ୍କର ସଭାପତିଙ୍କ ଜରିଆରେ କାର୍ଯ୍ୟାନ୍ୱୟନ ନିମନ୍ତେ ମୋ'ପାଖରେ ଆଣି ଉପସ୍ଥାପିତ କରିବ । ଏହି ପ୍ରକାରର ଯାବତୀୟ ଅନୁରୋଧକୁ ମୁଁ ସଦିଚ୍ଛା ଏବଂ ସହାନୁଭୂତି ସହିତ ଗ୍ରହଣ କରିବି ଏବଂ ଦାବିଟିର ଯୁକ୍ତିଯୁକ୍ତତା ଅନୁସାରେ ତାହାକୁ ସର୍ବୋତ୍ତମ ହିତ ନିମନ୍ତେ କାର୍ଯ୍ୟକାରୀ କରିବି ।

ସଂଗ୍ରାମ, ଦ୍ୱନ୍ଦ୍ୱ, ଦୁଃଖ ଏବଂ କଷ୍ଟଭୋଗର ଏହି ସମୟରେ, ଯେଉଁମାନେ ମୋ' ଅଧୀନରେ, ମୋ' ସହିତ କାର୍ଯ୍ୟ କରୁଛନ୍ତି, ମୁଁ ସେମାନଙ୍କ ଲାଗି ଏହାଦ୍ୱାରା ଏକ ପାରସ୍ପରିକ ବୁଝାମଣା ଓ ଏକ ଫଳପ୍ରଦ ତଥା ହିତକାରକ ସହଯୋଗର ଏହି ସମ୍ଭାବନାଟିକୁ ଅର୍ପଣ କରୁଛି ।

*୫ ମାର୍ଚ୍ଚ ୧୯୪୬*

*

୨୧ ଏପ୍ରିଲ୍, ୧୯୫୨ ଦିନ ମୁଁ ଶ୍ରମିକମାନଙ୍କୁ ଯାହା କହିଥିଲି :

ଏଠାରେ ରୁଣ୍ଡ ହୋଇ ଅକାରଣରେ ଏତେ କଷ୍ଟ ପାଇବାର ପ୍ରକୃତରେ କୌଣସି ଆବଶ୍ୟକତା ନ ଥିଲା । ମାତ୍ର, ଯେତେବେଳେ ତୁମେମାନେ ଏଠାରେ ଉପସ୍ଥିତ ରହିଛ, ମୋ'ର ଏହି ଅବସରରେ ତୁମମାନଙ୍କୁ କିଛି କହିବାକୁ ଅଛି ।

ପ୍ରଥମତଃ, ତୁମେମାନେ ତୁମମାନଙ୍କର ପୋଷାକ ଦାବି କରୁଛ । ତୁମମାନଙ୍କୁ ତାହା ମିଳିବ ନାହିଁ ବୋଲି ମୁଁ କେବେ କହି ନାହିଁ । ମାତ୍ର ତାହା ପାଇବା ପ୍ରକୃତରେ କଷ୍ଟକର ଓ ସେଥିଲାଗି ସମୟ ଲାଗିବ । ତାହା ବର୍ତ୍ତମାନ ବାଟରେ ହୋଇଥିବ ଓ ଆସିଲେ ତୁମମାନଙ୍କୁ ଅବଶ୍ୟ ଜଣାଇ ଦିଆଯିବ ।

'oaob.nitrkl.ac.in' images reprocessed

ତୁମମାନଙ୍କର ମଜୁରି ବଢ଼ାଇବା ବିଷୟରେ ମୁଁ କହିବି ଯେ, ଏ ବିଷୟରେ ମୁଁ ତୁମମାନଙ୍କୁ ଆଗରୁ ଉତ୍ତର ଦେଇସାରିଛି, ଏବଂ ଆଜି ମଧ୍ୟ ପୁନର୍ବାର ସେହି କଥା କହୁଛି ଯେ ମୁଁ ମୋ' ବର୍ତ୍ତମାନ ସାମର୍ଥ୍ୟର ସୀମା ପାରହୋଇ ଯାଇଛି ଏବଂ ମୋ' ବ୍ୟୟକୁ କଦାପି ଆହୁରି ଅଧିକ ବଢ଼ାଇ ପାରିବି ନାହିଁ । ତେଣୁ, ଯଦି ମୁଁ ତୁମମାନଙ୍କ ମଧ୍ୟରୁ କେତେଜଣଙ୍କର ମଜୁରିକୁ ବଢ଼ାଇଦେବି, ତେବେ ତାହାର କ୍ଷତିପୂରଣ କରିବା ନିମନ୍ତେ କେତେଜଣଙ୍କୁ କାମରୁ ବାହାର କରିଦେବାକୁ ପଡ଼ିବ । ଏହି ଦୁଇଟି ମଧ୍ୟରୁ ଅଧିକ ବଳ କେଉଁଟିର, ବର୍ତ୍ତମାନ ସେଇଟି ଦେଖିବାକୁହିଁ ବାକି ରହିଛି : ତୁମର ବ୍ୟକ୍ତିଗତ ଅହଂଭାବନା ନା ତୁମମାନଙ୍କର ସାମୂହିକ ଅହଂଭାବନା । ତୁମର ସାଥୀ ଅନ୍ୟ ଶ୍ରମିକମାନଙ୍କର ଜୀବିକାକୁ ମାରି ତୁମେମାନେ ନିଜର ଅର୍ଜନକୁ ବୃଦ୍ଧି କରିବାକୁ ଇଚ୍ଛା କରୁଛ କି ?

ତୁମେମାନେ ଅଭିଯୋଗ କରୁଛ ଯେ ତୁମେମାନେ ବଡ଼ ଶୋଚନୀୟ ଭାବରେ ଜୀବନ ଧାରଣ କରୁଛ; ଏବଂ ମୁଁ ତୁମମାନଙ୍କୁ କହିବାକୁ ଇଚ୍ଛା କରୁଛି ଯେ, ତୁମେମାନେ ସେହିସବୁ ଦୁର୍ଦ୍ଦଶା ମଧ୍ୟରେ ରହିଛ, କାରଣ ନିଜର ପଇସାକୁ ତୁମେମାନେ ସୁରାପାନ କରି ଓ ଧୂଆଁ ଖାଇ ଉଡ଼ାଇ ଦେଉଛ ଓ ଅତିରିକ୍ତ ଯୌନସମ୍ଭୋଗ କରି ନିଜର ଶକ୍ତିକୁ ମଧ୍ୟ କ୍ଷୟ କରୁଛ । ଏହିସବୁ ମଦ, ଧୂମପାନ ଏବଂ ଅତିରିକ୍ତ ଯୌନସମ୍ଭୋଗ – ତୁମମାନଙ୍କର ସ୍ୱାସ୍ଥ୍ୟକୁ ନଷ୍ଟ କରିଦେଉଛି ।

ପଇସା କଦାପି ସୁଖ ଆଣି ଦିଏ ନାହିଁ । ସନ୍ନ୍ୟାସୀ ପାଖରେ କୌଣସି ଧନ ନ ଥାଏ ଓ ସିଏ ଦିନକୁ ଥରେମାତ୍ର ଖାଏ; ମାତ୍ର ଯଦି ତା'ର ନିଷ୍ଠା ରହିଥାଏ, ତେବେ ସେଇଥିରେହିଁ ସିଏ ସଂପୂର୍ଣ୍ଣ ସୁଖୀ ହୋଇ ରହିଥାଏ । ମାତ୍ର ଅନ୍ୟ ପକ୍ଷରେ, ଯଦି ଜଣେ ଧନୀ ଲୋକ ଯାବତୀୟ ପ୍ରକାରର ଅତିରିକ୍ତତା ଏବଂ ଭୋଗବିଳାସରେ ନିଜର ସ୍ୱାସ୍ଥ୍ୟକୁ ନଷ୍ଟ କରି ଦେଇଥାଏ, ତେବେ ତାକୁ ହୁଏତ କେବଳ ଦୁଃଖରେହିଁ ସମୟ କାଟିବାକୁ ପଡ଼େ ।

ମୁଁ ପୁଣିଥରେ କହୁଛି, ପଇସା ମଣିଷକୁ ସୁଖୀ କରେ ନାହିଁ, ବରଂ ଶକ୍ତି, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଉତ୍ତମ ଭାବନାର ଏକ ଅନ୍ତରସ୍ଥ ଭାରସାମ୍ୟହିଁ ସୁଖ ଆଣିଦିଏ । ତୁମେମାନେ ମଦ ଛାଡ଼ିଦିଅ, ଧୂମପାନ ଛାଡ଼ିଦିଅ, ଅତିରିକ୍ତ ଭୋଗବିଳାସ ତ୍ୟାଗ କର, ଘୃଣା ଏବଂ ଦ୍ୱେଷ ଛାଡ଼; ତେବେ ତୁମେମାନେ ତା'ପରେ ଆଉ କଦାପି ନିଜର ଭାଗ୍ୟକୁ ନେଇ ବିଳାପ କରିବ ନାହିଁ, ପୃଥିବୀ ଦୁଃଖ ଦ୍ୱାରା ପୂର୍ଣ୍ଣ ହୋଇ ରହିଛି ବୋଲି କଦାପି ଅନୁଭବ କରିବ ନାହିଁ ।

*ଏପ୍ରିଲ୍ ୧୯୫୨*

*

'oaob.nitrkl.ac.in' images reprocessed

## ଶ୍ରୀଅରବିନ୍ଦ ଆଶ୍ରମର ବେତନଭୋଗୀମାନଙ୍କ ପ୍ରତି

ମୁଁ ତୁମମାନଙ୍କ ପାଇଁ କ'ଣ କରିବାକୁ ଚାହୁଁଛି : —

ତୁମେମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର,— ବ୍ୟକ୍ତିଗତ ତଥା ସାମାଜିକ ଉଭୟ ସମସ୍ୟା-ସମାଧାନରୂପେ ମୋତେ ସବୁ କ'ଣ କିପରି ଦେଖା ଯାଉଛି ଏବଂ ଆମ ଭିତରେ ରହିଥିବା ସମ୍ବନ୍ଧର ପ୍ରକୃତ ସତ୍ୟଟି କ'ଣ, ମୁଁ ତୁମମାନଙ୍କୁ ସେହି ବିଷୟରେ କହିବି ।

ମାତ୍ର, ମୁଁ ତୁମମାନଙ୍କ ଆଗରେ ଯେଉଁ କାର୍ଯ୍ୟକ୍ରମଟିକୁ ଉପସ୍ଥାପିତ କରିବାକୁ ଯାଉଛି, ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ହେଲେ ଦୁଇଟି ମୌଳିକ ସର୍ତ୍ତର ପୂରଣ ହେବା ଆବଶ୍ୟକ । ପ୍ରଥମଟି ହେଉଛି, ମୋ'ର ଯୋଜନାଟିକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୋ' ପାଖରେ ଆବଶ୍ୟକ ଅର୍ଥସାଧନ ଅବଶ୍ୟ ରହିବ; ଏବଂ ଦ୍ୱିତୀୟତଃ, ମୋ'ପ୍ରତି ତଥା ତୁମମାନଙ୍କର କାର୍ଯ୍ୟ ପ୍ରତି ରହିଥିବା ମନୋଭାବରେ ଅନ୍ତତଃ ସର୍ବନିମ୍ନ ଆନ୍ତରିକତା, ସାଧୁତା ଓ ସଦିଚ୍ଛା ସର୍ବଦା ରହିଥିବ । ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଯେ, ତୁମମାନଙ୍କ ଭିତରେ ମୋତେ ଠକିବା ଲାଗି ଚେଷ୍ଟା କରିବାର ଏକ ଅଭ୍ୟାସ ରହିଆସିଛି । ମନ୍ଦ ପରାମର୍ଶଦାତାମାନେ ତୁମକୁ ଶିଖାଇଛନ୍ତି ଯେ ତୁମକୁ କର୍ମନିୟୋଗ ଯୋଗାଇ ଦେଉଥିବା ବ୍ୟକ୍ତି ସହିତ ତୁମର ସମ୍ବନ୍ଧକ୍ଷେତ୍ରରେ ଏହାହିଁ ହେଉଛି ସର୍ବୋତ୍କୃଷ୍ଟ ପନ୍ଥା । ହୁଏତ ଏପରି ହୋଇପାରେ ଯେ, ଯେତେବେଳେ ସ୍ୱୟଂ ମାଲିକ ତୁମମାନଙ୍କୁ ଠକିବାର ଓ ଶୋଷଣ କରିବାର ସୁଯୋଗ ଖୋଜୁଥିବ, ସେତେବେଳେ ତୁମମାନଙ୍କ ପକ୍ଷରେ ଏପରି ମନୋଭାବ ପୋଷଣ କରିବା ନ୍ୟାୟସଙ୍ଗତ ହେବ । ମାତ୍ର ମୋ' ସହିତ ସମ୍ବନ୍ଧର କ୍ଷେତ୍ରରେ ଏହାକୁ ଏକ ନିର୍ବୋଧତା ଏବଂ ଭୁଲ୍ ବୋଲିହିଁ କହିବାକୁ ପଡ଼ିବ । କାରଣ, ପ୍ରଥମତଃ, ତୁମେମାନେ ମୋତେ କଦାପି ଠକି ପାରିବ ନାହିଁ; ତୁମମାନଙ୍କର ଠକାମି ତତ୍କ୍ଷଣାତ୍ ଧରା ପଡ଼ିଯିବ ଏବଂ, ତୁମମାନଙ୍କୁ ସାହାଯ୍ୟ କରିବା ଲାଗି ମୋ'ଭିତରେ ଯେଉଁ ଇଚ୍ଛା ରହିଛି, ତାହା ଏକାବେଳେକେ ବିଦାୟ ହୋଇ ଚାଲିଯିବ । ଦ୍ୱିତୀୟତଃ ମୁଁ ତ ତୁମମାନଙ୍କର "ମାଲିକ" ନୁହେଁ ଏବଂ ତୁମମାନଙ୍କୁ ଶୋଷଣ କରିବାକୁ ମୁଁ ଇଚ୍ଛା ମଧ କରୁ ନାହିଁ ।

ବାସ୍ତବ ପରିସ୍ଥିତି ଯେତିକି ଅନୁକୂଳ ହେବ, ପୃଥିବୀରେ ଯଥାସମ୍ଭବ ସେତିକି ସତ୍ୟର ଉପଲବ୍ଧି କରିବା ଦିଗରେହିଁ ମୁଁ ମୋର ଯାବତୀୟ ଉଦ୍ୟମ କରି ଆସିଛି । ଏବଂ, ଏହି ସତ୍ୟର ଅଭିବୃଦ୍ଧି ଘଟୁଥିବା ସଙ୍ଗେସଙ୍ଗେ ଅବଶ୍ୟମ୍ଭାବୀ ଭାବରେ ସମସ୍ତଙ୍କର କଲ୍ୟାଣ ତଥା ସୁଖରେ ମଧ ଅଭିବୃଦ୍ଧି ଘଟିବାରେ ଲାଗିଥିବ ।

ମୋ' ଲାଗି ଜାତି ଓ ବର୍ଗଗତ ଯାବତୀୟ ପାର୍ଥକ୍ୟର ଆଦୌ କୌଣସି ସତ୍ୟତା

'oaob.nitrkl.ac.in' images reprocessed

ନାହିଁ । କେବଳ ବ୍ୟକ୍ତିଗତ ମୂଲ୍ୟର ଯାହାକିଛି ମହତ୍ତ୍ୱ ରହିଛି । ଏପରି ଏକ ବୃହତ୍ ପରିବାର ସୃଷ୍ଟି କରିବା ଲାଗି ମୁଁ ଲକ୍ଷ୍ୟରୂପେ ଗ୍ରହଣ କରିଛି, ଯେଉଁଥିରେ କି ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଆପଣାର ସାମର୍ଥ୍ୟଗୁଡ଼ିକର ପୂର୍ଣ୍ଣ ବିକାଶ ସାଧନ କରି ସେଗୁଡ଼ିକୁ ଅଭିବ୍ୟକ୍ତ କରିବା ସମ୍ଭବ ହୋଇ ପାରୁଥିବ । ପ୍ରତ୍ୟେକ ବ୍ୟକ୍ତିର ତା' ନିଜର ସାମର୍ଥ୍ୟ ଅନୁସାରେ ଏବଂ ସଦିଚ୍ଛା ତଥା ଭ୍ରାତୃତ୍ୱର ଏକ ସମ୍ବନ୍ଧଭୂମି ଉପରେ ଏକ ଅନୁରୂପ ସ୍ଥାନ ଅବଶ୍ୟ ରହିବ ଓ ତା'କୁ ଏକ ଅନୁରୂପ କର୍ମ ଯୋଗାଇ ଦିଆଯାଇ ପାରୁଥିବ ।

ଏହିପରି ଏକ ପାରିବାରିକ ସଂଗଠନର ପରିଣାମ ସ୍ୱରୂପ ସେହି କ୍ଷେତ୍ରରେ ପାରିଶ୍ରମିକ ବା ମଜୁରି ଦିଆଯିବାର କୌଣସି ଆବଶ୍ୟକତା ରହିବ ନାହିଁ । କର୍ମକୁ ଜଣେ ବ୍ୟକ୍ତିର ଜୀବିକାନିର୍ବାହର ମାଧ୍ୟମରୂପେ ଆଦୌ ଗ୍ରହଣ କରା ଯିବ ନାହିଁ । କର୍ମ କରିବାର ଦୁଇଟି ଉଦ୍ଦେଶ୍ୟ ରହିବ : ପ୍ରଥମତଃ, ଆପଣାର ସ୍ୱଭାବ ତଥା କର୍ମ ସାମର୍ଥ୍ୟର ବିକାଶ ସାଧନ କରିବା ଏବଂ ଦ୍ୱିତୀୟତଃ, ନିଜର ଶାରୀରିକ ଶକ୍ତି ଓ ନୈତିକ ତଥା ବୌଦ୍ଧିକ ରୁଚି ଅନୁସାରେ, ସିଏ ଯେଉଁ ପରିବାରର ଅଙ୍ଗଭୁକ୍ତ ହୋଇ ରହିଛି ଓ ଯାହାର କଲ୍ୟାଣ ନିମନ୍ତେ ଏକ ଅବଦାନ ସମ୍ଭବ କରିବା ତା'ର ଏକ କର୍ତ୍ତବ୍ୟ ହୋଇ ରହିଛି, ସେହି ପରିବାର ନିମନ୍ତେ ଆପଣାର ସେବାକୁ ପ୍ରଦାନ କରିବା । ଏକ ପରିବାରରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିର ବାସ୍ତବ ଆବଶ୍ୟକତାଗୁଡ଼ିକର ପୂରଣ କରିବା ପରିବାରର ଯେଉଁ ପରି କର୍ତ୍ତବ୍ୟ, ଏହା ମଧ୍ୟ ସେହି ପରି ଏକ କର୍ତ୍ତବ୍ୟ ।

ଜୀବନର ଏହି ଉପସ୍ଥିତ ଅବସ୍ଥା ମଧ୍ୟରେ ଏହି ଆଦର୍ଶକୁ ଏକ ସାକାର ରୂପ ଦେବା ପାଇଁ ମୁଁ ଏପରି ଏକ ପ୍ରକାରର ଏକ ନଗରୀର ସ୍ଥାପନା କରିବାର କଳ୍ପନା ରଖିଛି, ଯେଉଁଥିରେକି ପ୍ରଥମ ପର୍ଯ୍ୟାୟରେ ଦୁଇ ହଜାର ମଣିଷ ବାସ କରିବାକୁ ଆସିବେ । ସେହି ନଗରୀ ଆଧୁନିକତମ ଯୋଜନାଗୁଡ଼ିକ ଅନୁସାରେ ନିର୍ମିତ ହେବ, ସେଥିରେ ସ୍ୱାସ୍ଥ୍ୟରକ୍ଷା ଏବଂ ଜନସ୍ୱାସ୍ଥ୍ୟର ଆଧୁନିକତମ ଆବଶ୍ୟକତାଗୁଡ଼ିକର ବନ୍ଦୋବସ୍ତ ହୋଇଥିବ । ସେଥିରେ ଯେ କେବଳ ବାସଗୃହମାନ ରହିବ ତା' ନୁହେଁ, ମାତ୍ର ଉଦ୍ୟାନ ମଧ୍ୟ ରହିବ, ଶରୀରର କୃଷ୍ଟି ଲାଗି ଖେଳପଡ଼ିଆ ରହିବ । ପ୍ରତ୍ୟେକ ପରିବାରକୁ ଅଲଗା ଅଲଗା ଗୃହ ଯୋଗାଇ ଦିଆଯିବ; ଅବିବାହିତମାନେ ସେମାନଙ୍କର ଧନ୍ଦା ଏବଂ ସଦୃଶ ରୁଚି ଅନୁସାରେ ଗୋଷ୍ଠୀ ବାନ୍ଧି ରହିବେ ।

ଜୀବନର କୌଣସି ଆବଶ୍ୟକତାକୁ ସେଠାରେ ଆଦୌ ପାସୋରି ଦିଆ ଯିବ ନାହିଁ । ରନ୍ଧାଘରମାନ ଆଧୁନିକତମ ସ୍ୱାସ୍ଥ୍ୟସମ୍ମତ ଉପାୟରେ ସମସ୍ତଙ୍କ ପାଇଁ ସମାନ ଭାବରେ ସରଳ ଅଥଚ ସ୍ୱାସ୍ଥ୍ୟକାରକ ଖାଦ୍ୟ ଯୋଗାଇ ଦେଉଥିବେ ଏବଂ ତଦ୍ୱାରା ନିର୍ଭର ଭାବରେ ଶରୀରର ଯଥାର୍ଥ ରକ୍ଷଣ ନିମନ୍ତେ ଆବଶ୍ୟକ ଶକ୍ତି ଅବଶ୍ୟ ପ୍ରାପ୍ତ

'oaob.nitrkl.ac.in' images reprocessed

ହେଉଥିବ । ସେଗୁଡ଼ିକ ସମସ୍ତଙ୍କର ମିଳିତ କର୍ମ-ସହଯୋଗରେ ସହକାରିତାର ଭିତ୍ତିରେ ଚାଲିବ ।

ଶିକ୍ଷାର କ୍ଷେତ୍ରରେ ଏପରି ଆବଶ୍ୟକ ହେବ ଯେ, ସେଥିରେ ସମସ୍ତଙ୍କର, ପିଲା ଓ ବଡ଼ ସମସ୍ତଙ୍କର, ନୈତିକ ଏବଂ ବୌଦ୍ଧିକ ଶିକ୍ଷା ତଥା ବିକାଶ ଲାଗି ବନ୍ଦୋବସ୍ତ କରାହେବ : ବିଭିନ୍ନ ପ୍ରକାରର ବିଦ୍ୟାଳୟ ରହିବ, ବିଭିନ୍ନ ଧନ୍ଦାରେ ଔଦ୍ୟୋଗିକ ତାଲିମ ଦିଆଯିବ, ଗୀତ ଓ ନାଚର କ୍ଲାସ୍ ହେବ; ଏକ ସିନେମାଘର ରିହବ ଯେଉଁଠାରେ କି ଶିକ୍ଷାମୂଳକ ଫିଲ୍ମ୍‌ମାନ ଦେଖାହେବ । ଏକ ବକ୍ତୃତାକକ୍ଷ ରହିବ, ଲାଇବ୍ରେରି ଓ ପଠନଗୃହ ରହିବ, ବିଭିନ୍ନ ପ୍ରକାରର ଶାରୀରିକ ଶିକ୍ଷା ରହିବ; ଏକ ଖେଳପଡ଼ିଆ ଓ ତାହାରି ପରି ଆଉ କେତେକ କଥା ରହିବ ।

ଯାହା ଯେଉଁ ବ୍ୟକ୍ତିର ସ୍ୱଭାବ ଲାଗି ଅନୁକୂଳତମ ହେବ, ସିଏ ସେହି ପ୍ରକାରର ଏକ କାର୍ଯ୍ୟକ୍ରମକୁ ବାଛିବ ଏବଂ ତା'କୁ ସେହି ବିଷୟରେ ଆବଶ୍ୟକ ପ୍ରଶିକ୍ଷଣ ଦିଆଯିବ । ଏପରିକି, ସାନ ସାନ ବଗିଚାମାନ ମଧ୍ୟ ଯୋଗାଇ ଦିଆଯିବ ଓ ଯେଉଁମାନେ ଇଚ୍ଛା କରିବେ, ସେମାନେ ସେଠାରେ ଫୁଲ, ଫଳ ଓ ପନିପରିବାର ଚାଷ କରିପାରିବେ ।

ସ୍ୱାସ୍ଥ୍ୟର କ୍ଷେତ୍ରରେ, ନିୟମିତ ଭାବରେ ଡାକ୍ତର ଆସି ଦେଖୁଥିବେ, ଗୋଟିଏ ଡାକ୍ତରଖାନା ରହିବ, ଏକ ଔଷଧଭଣ୍ଡାର ରହିବ, ସଂକ୍ରାମକ ରୋଗଗୁଡ଼ିକର ଚିକିତ୍ସା ପାଇଁ ଗୋଟିଏ ଅଲଗା ଚିକିତ୍ସାଳୟ ରହିବ । ସ୍ୱତନ୍ତ୍ର ଭାବରେ ସ୍ୱାସ୍ଥ୍ୟରକ୍ଷାର ଏକ ବିଭାଗ ରହିବ, ଯାହାକି ସାଧାରଣ ଓ ବ୍ୟକ୍ତିଗତ ସବୁଯାକ ଗୃହକୁ ଯାଇ ସମସ୍ତେ ସବୁଠାରେ ପରିଷ୍କାର-ପରିଚ୍ଛନ୍ନତାର ନିୟମଗୁଡ଼ିକୁ କଠୋର ଭାବରେ ପାଳନ କରୁଛନ୍ତି କି ନାହିଁ, ସେ କଥାକୁ ତଦାରଖ କରିବ । ଏହି ବିଭାଗର ସ୍ୱାଭାବିକ ଆନୁଷଙ୍ଗିକ ରୂପେ ପ୍ରତ୍ୟେକ ବ୍ୟକ୍ତିର ବ୍ୟବହାର ଲାଗି ସର୍ବସାଧାରଣ ସ୍ନାନାଗାର ଏବଂ ଲୁଗା ସଫା କରିବା ଘରମାନ ଯୋଗାଇ ଦିଆଯିବ ।

ପରିଶେଷରେ, ବୃହତ୍ ଭଣ୍ଡାରମାନ ରହିଥିବ, ଯେଉଁଠାରେ କି ଜୀବନରେ ବୈଚିତ୍ର୍ୟ ଏବଂ ସୁଖକରତା ଆଣି ଦେଉଥିବା ଯାବତୀୟ ''ଅଧିକା'' ଦ୍ରବ୍ୟମାନ ଉପଲବ୍ଧ ହେଉଥିବ । କର୍ମ ଅଥବା ଆଚରଣରେ ଲୋକେ ଯେଉଁ ବିଶେଷ କୃତିତ୍ୱର ପ୍ରମାଣ ଦେଉଥିବେ, ତାହାରି ସ୍ୱୀକୃତି ସ୍ୱରୂପ ପ୍ରାପ୍ତ ହେଉଥିବା ''କୁପନ୍'' ଗୁଡ଼ିକୁ ଦେଖାଇ ସେମାନେ ଉକ୍ତ ଦ୍ରବ୍ୟସବୁ ପାଇ ପାରିବେ ।

ମୁଁ ବର୍ତ୍ତମାନ ସେହି ଅନୁଷ୍ଠାନର ସଙ୍ଗଠନ ଏବଂ କାର୍ଯ୍ୟ ବିଷୟରେ ଏଠାରେ ଏକ ଦୀର୍ଘ ବର୍ଣ୍ଣନା ଆଦୌ ଦେବି ନାହିଁ । ଅବଶ୍ୟ ଏକଥା ସତ ଯେ, ସେଥିରେ ଅନ୍ତର୍ଭୁକ୍ତ ଟିକିନିଖି ପ୍ରତ୍ୟେକ କଥା ଆଗରୁ ପରିଦୃଷ୍ଟ ହୋଇ ରହି ସାରିଛି ।

'oaob.nitrkl.ac.in' images reprocessed

ଏକଥା କହିବା ନିଷ୍ପ୍ରୟୋଜନ ଯେ, ଏହି ଆଦର୍ଶ ସ୍ଥାନରେ ଆସି ବାସ କରିବାର ଅନୁମତି ପାଇବାକୁ ହେଲେ, ଉତ୍ତମ ଚରିତ୍ର, ଉତ୍ତମ ଆଚରଣ, ସାଧୁ, ନିୟମିତ ଏବଂ ଦକ୍ଷତାପୂର୍ଣ୍ଣ କର୍ମକୁଶଳତା ତଥା ଏକ ସମଗ୍ର ସଦିଚ୍ଛା – ଏହିସବୁ ମୌଳିକ ସର୍ତ୍ତକୁ ପୂରଣ କରିବାକୁହିଁ ପଡ଼ିବ ।

*୧୦ ଜୁଲାଇ ୧୯୫୪*

*

ଯେଉଁ ମାଈକୁକୁଡ଼ା ସୁନା ଅଣ୍ଡା ଦେଉଥିଲା, ତୁମେମାନେ ତାହାର କାହାଣୀ ଶୁଣିଛ ? ଏକଦା ଜଣେ କୃଷକ ଥିଲା, ଯାହାର ସମସ୍ତ ସମ୍ପତ୍ତି କହିଲେ କେବଳ ଗୋଟିଏ ମାଈକୁକୁଡ଼ାକୁ ବୁଝାଉଥିଲା । ମାତ୍ର ସେଇଟି ଗୋଟିଏ ଅଦ୍ଭୁତ କୁକୁଡ଼ା ଥିଲା । ଦିନେ ଛଡ଼ା ଦିନେ କରି ସିଏ ଗୋଟିଏ ଗୋଟିଏ ସୁନା ଅଣ୍ଡା ଦେଉଥିଲା । ଦିନକର ଏହି କୃଷକ ଅତ୍ୟନ୍ତ ନିର୍ବୋଧ ଏବଂ ଲୋଭପରବଶ ଅଜ୍ଞାନତାର ପାଶରେ ପଡ଼ିଯାଇ କଳ୍ପନା କଲା ଯେ ତା' କୁକୁଡ଼ାର ପେଟ ଭିତରେ ନିଶ୍ଚୟ ସୁନା ଭର୍ତ୍ତି ହୋଇ ରହିଥିବ, ଏବଂ ତେଣୁ, ଯଦି ସେ କୁକୁଡ଼ାକୁ ମାରି ତା'ର ପେଟ ଚିରିଦିଏ, ତେବେ ତା'ଭିତରୁ ଏକାବେଳେକେ ଅନେକ ସୁନା ପାଇବ । ଏହିପରି ଭାବି ସିଏ କୁକୁଡ଼ାର ପେଟକୁ କାଟି ଚିରିଦେଲା – ଏବଂ ତା' ଭିତରୁ ଆଦୌ କିଛି ପାଇ ନ ଥିଲା । ଏହିପରି ଭାବରେ ତା'କୁ କୁକୁଡ଼ା ଓ ଅଣ୍ଡା ଉଭୟକୁ ହରାଇବାକୁ ପଡ଼ିଲା ।

ଏହି କାହାଣୀଟିରୁ ପ୍ରମାଣ ହୋଇ ଯାଉଛି ଯେ, ଅଜ୍ଞାନ ଏବଂ ମୂର୍ଖ ଭାବରେ ନିଜକୁ ଲୋଭର ବଶବର୍ତ୍ତୀ କରି ରଖିଲେ ଶେଷରେ ସର୍ବନାଶହିଁ ହେବ । ତେଣୁ ଏଥିରୁ ଏକ ଶିକ୍ଷା ଲାଭ କରିବା ଉଚିତ ଓ ବୁଝିରଖିବା ଉଚିତ ଯେ, ଯାହା ମୋ'ର ସାମର୍ଥ୍ୟର ବାହାରେ, ଯଦି ମୋ'ଠାରୁ ତୁମେମାନେ ସେହି କଥାର ଦାବି କରି ବସିବ, ଏବଂ ଯଦି ମୁଁ ନିର୍ବୋଧଙ୍କ ପରି ତୁମ କଥାକୁ ଗ୍ରହଣ କରିନେବି, ତେବେ ତଦ୍ଵାରା ମୁଁ ସିଧା ଯାଇ ମୋ'ର ସର୍ବନାଶକୁ ଡାକି ଆଣିବି । ତାହାର ପରିଣାମ ଏହାହିଁ ହେବ ଯେ, ଏଠାରେ ସମସ୍ତ କାର୍ଯ୍ୟ ବନ୍ଦ ହୋଇଯିବ, ତୁମେମାନେ ନିଜର କାର୍ଯ୍ୟକୁ ହରାଇ ବସିବ ଏବଂ ତେଣୁ ତୁମମାନଙ୍କୁ ଆଉ କୌଣସି ମଜୁରି ମିଳିବ ନାହିଁ । ଅର୍ଥାତ୍, ଜୀବିକାନିର୍ବାହ କରିବା ଲାଗି ତୁମମାନଙ୍କର ଆଉ କୌଣସି ବାଟହିଁ ରହିବ ନାହିଁ ।

*୧୮ ମାର୍ଚ୍ଚ ୧୯୫୫*

*

କେତେକଙ୍କର ମଜୁରି ବୃଦ୍ଧି କରିବାର ଅର୍ଥ ହେଉଛି, ଅନ୍ୟମାନଙ୍କୁ ସେମାନଙ୍କର ଜୀବିକାରୁ ବଞ୍ଚିତ କରିବା ।

*

'oaob.nitrkl.ac.in' images reprocessed

ଶ୍ରମିକମାନେ ଯେଉଁସବୁ ବିବରଣୀ ଦେଉଛନ୍ତି, ସେଗୁଡ଼ିକ ବିଷୟରେ ସାବଧାନ ରହିବ – ସେହି ବିବରଣୀଗୁଡ଼ିକ ସର୍ବଦା ଭାରି ଏକତରଫା ହୋଇ ରହିଥାଏ । ପ୍ରତ୍ୟେକ ବ୍ୟକ୍ତି ତା'ର ନିଜ ଅଭିରୁଚି (ରୁଚି ଓ ଅରୁଚି) ଗୁଡ଼ିକ ଅନୁସାରେ ହିଁ ଯାହାକିଛି କହିଥାଏ ଏବଂ ତେଣୁ ବିଷୟଗୁଡ଼ିକୁ ଭାରି ଅନ୍ୟପ୍ରକାର କରିଦିଏ ।

*

ଆମ ଶ୍ରମିକମାନଙ୍କର ମନରେ ଥିବା ଅବିଶ୍ୱାସକୁ ଦୂର କରାଯାଇ ପାରିବ କିପରି ?

ତୁମେ ଜଣେ ଅନ୍ଧ ବ୍ୟକ୍ତିକୁ ଦେଖିବା ଲାଗି ସମର୍ଥ କରାଇ ପାରିବ କି ?

ସମସ୍ତ ମନୁଷ୍ୟସମାଜ – ଏଥିରେ ଖୁବ୍ ଅଳ୍ପସଂଖ୍ୟକ ବ୍ୟତିକ୍ରମ ରହିଛନ୍ତି – ଦିବ୍ୟ ପରମସତ୍ତାଙ୍କୁ ଅବିଶ୍ୱାସ କରୁଛି; ମାତ୍ର ତଥାପି ତାଙ୍କର କରୁଣା ସବୁଠାରୁ ଅଧିକ ପରିମାଣରେ ସକ୍ରିୟ ହୋଇ ରହିଛି ।

## କର୍ମଚାରୀ ପ୍ରତି କର୍ମକର୍ତ୍ତା

ମୂଳରେ ବିଶ୍ୱାସ ନ ଥିଲେ ସ୍ଥାୟୀ ଭାବରେ ଆଦୌ କୌଣସି କଥାର ପ୍ରତିଷ୍ଠା ହୋଇ ପାରିବ ନାହିଁ । ଏବଂ ସେହି ବିଶ୍ୱାସ ପାରସ୍ପରିକ ହୋଇ ରହିଥିବା ଏକାନ୍ତ ଆବଶ୍ୟକ ।

ତୁମ ଭିତରେ ଏବିଷୟରେ ଏକ ଦୃଢ଼ ପ୍ରତ୍ୟୟ ଅବଶ୍ୟ ରହିବା ଉଚିତ ଯେ, କେବଳ ମୋ'ରି ଭଲ ଦେଖିବା ମୋ'ର ଉଦ୍ଦେଶ୍ୟ ନୁହେଁ; ତୁମମାନଙ୍କର ଭଲ ମଧ୍ୟ ସେହି ଉଦ୍ଦେଶ୍ୟର ଅନ୍ତର୍ଗତ ହୋଇ ରହିଛି । ଏବଂ, ମୋ'ତରଫରୁ, ମୋତେ ମଧ୍ୟ ଜାଣି ରଖିବାକୁ ଏବଂ ଅନୁଭବ କରିବାକୁ ପଡ଼ିବ ଯେ, ତୁମେମାନେ ଏଠାରେ କେବଳ ଲାଭ ଖାଇବା ଲାଗି କାମ କରୁ ନାହିଁ, ତୁମେମାନେ ସେବା ମଧ୍ୟ କରୁଛ ।

ପ୍ରତ୍ୟେକ ପକ୍ଷର କଲ୍ୟାଣ ବ୍ୟତୀତ ସମଗ୍ରର କୌଣସି କଲ୍ୟାଣ ସମ୍ଭବ ନୁହେଁ ପ୍ରତ୍ୟେକ ଅଂଶର ପ୍ରଗତି ବ୍ୟତିରେକେ ସମଗ୍ରଟିର ସୁସମଞ୍ଜସ ଅଭିବୃଦ୍ଧି କଦାପି ହୋଇ ପାରିବ ନାହିଁ ।

ତୁମମାନଙ୍କୁ ଶୋଷଣ କରାଯାଉଛି ବୋଲି ଯଦି ତୁମମାନଙ୍କର ଧାରଣା ହେଉଥାଏ, ତେବେ ମୁଁ ମଧ୍ୟ ନିଶ୍ଚୟ ଅନୁଭବ କରିବି ଯେ ତୁମେମାନେ ମଧ୍ୟ ମୋତେ ଶୋଷଣ କରିବାକୁ ଚେଷ୍ଟା କରୁଛ । ତୁମମାନଙ୍କୁ ଠକି ଦିଆଯାଉଛି ବୋଲି ଯଦି ତୁମମାନଙ୍କର ଭୟ ହେଉଥାଏ, ତେବେ ମୁଁ ମଧ୍ୟ ଅନୁଭବ କରିବି ଯେ, ତୁମେମାନେ ମଧ୍ୟ ମୋତେ ଠକିବା ପାଇଁ ଚେଷ୍ଟା କରୁଛ ।

'oaob.nitrkl.ac.in' images reprocessed

କେବଳ ସ୍ପଷ୍ଟବାଦିତା, ନିଷ୍ଠା ଏବଂ ବିଶ୍ୱାସ ଦ୍ୱାରାହିଁ ମନୁଷ୍ୟସମାଜ ଅଗ୍ରଗତି କରି ପାରିବ ।

*

*(ଭୃତ୍ୟମାନଙ୍କ ପ୍ରତି ବ୍ୟବହାର ବିଷୟରେ)*

ଢିଲା ହେବ ନାହିଁ, କଠୋର ମଧ ହେବ ନାହିଁ ।

ତୁମର ଆଖି ଯେ ସବୁଠାରେ ଅଛି, ସେମାନେ ସେକଥା ଅବଶ୍ୟ ଜାଣି ଥିବେ, ମାତ୍ର ତୁମେ ସେମାନଙ୍କୁ କେବେହେଲେ ଗାଳି ଦେବ ନାହିଁ ।

*୨ ଜୁଲାଇ ୧୯୬୮*

'oaob.nitrkl.ac.in' images reprocessed

## ବିବିଧ ପ୍ରସଙ୍ଗ

'କ' ଙ୍କୁ ଏକଥା କହିଦିଆ ଯାଇପାରେ ଯେ, ପ୍ରଣାମକୁ ନ ଆସିବା ଲାଗି ସେ ଯେଉଁ ଉପରଠାଉରିଆ ଏବଂ ଅଗଭୀର ଯୁକ୍ତିମାନ ଦେଖାଇଛନ୍ତି, ତାହା ସତ୍ତ୍ୱେ ଏକଥା ମଧ୍ୟ ସତ୍ୟ ଯେ ତାଙ୍କଠାରୁ ସାଧନାରେ ଆହୁରି ଅଧିକ ଅଗ୍ରଗତି କରିଥିବା ଅନ୍ୟମାନେ ମଧ୍ୟ ଅଛନ୍ତି, ଯେଉଁମାନେ କି ପ୍ରଣାମ ଲାଗି ଆସନ୍ତି । ତେବେ ସେମାନଙ୍କ ବିଷୟରେ କ'ଣ କୁହାଯିବ ?

ସିଏ ସବୁବେଳେ ଏହି କଥା ପ୍ରମାଣ କରିବା ପାଇଁ ଚେଷ୍ଟା କରୁଛନ୍ତି ଯେ, ଅନ୍ୟ ସାଧକମାନଙ୍କଠାରୁ ସେ ଅନେକ ଅଧିକ ଉଚ୍ଚରେ ରହିଛନ୍ତି । ସେହିଠାରେହିଁ ତାଙ୍କର ଭୁଲ୍‌ର ମୂଳଟି ନିହିତ ହୋଇ ରହିଛି ।

*ମଇ ୧୯୩୨*

*

ତୁମେ ଯେଉଁ ସଂକଳ୍ପଟି ଗ୍ରହଣ କରିଛ, ସେଥିଲାଗି ମୁଁ ଅତ୍ୟନ୍ତ ଖୁସୀ ଏବଂ ମୁଁ ଆଶା କରୁଛି ଯେ ତୁମେ ସେଥିରେ ଅବଶ୍ୟ ଦୃଢ଼ ହୋଇ ରହିବ । ମୁଁ ତୁମ ପାଖକୁ ଏହି କଥା ଲେଖିବାକୁ ଯାଉଥିଲି ଯେ, ମୋ' ସହିତ ସାକ୍ଷାତ ଏବଂ ସୁରାପାନ,– ଦୁଇଟି ମଧ୍ୟରୁ ତୁମକୁ ଗୋଟିଏ ବାଛି ନେବାକୁ ପଡ଼ିବ । କାରଣ, ତୁମର ସୁରାପାନ ବନ୍ଦ ନ ହେଲେ ମୁଁ ତୁମ ସହିତ ଆଦୌ ସାକ୍ଷାତ କରିବି ନାହିଁ । ମାତ୍ର, ତୁମେ ସେହି ଦିଗରେ ଏକ ସଂକଳ୍ପ କରି ସାରିଲଣି ଶୁଣି ମୁଁ ଭାରି ଖୁସି ।

*୧୧ ଅକ୍‌ଟୋବର ୧୯୩୫*

*

*ମୋତେ ଲାଗୁଛି, ଆନନ୍ଦ, ଜ୍ଞାନ ଓ ଶକ୍ତିର ଏକ ବିଶାଳ ଭଣ୍ଡାର ସତେ ଯେପରି ମୋ' ମୁଣ୍ଡ ଉପରେ ଆସି ବିଦ୍ୟମାନ ରହିଛି ଓ ମୋ' ଭିତରକୁ ଅବତରଣ କରିବାକୁ ଉଦ୍ୟତ ହେଉଛି । ଏପରି ଧାରଣାମାନ ଆସି ପ୍ରବେଶ କରୁଛି ଯେ, ମୋତେ କୌଣସି ଏକ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୋ'ର ଏହି ମୌନବ୍ରତକୁ ଅବିଚ୍ଛିନ୍ନ ରଖିବାକୁ ହେବ, ମୁଁ ଆଦୌ ଅନ୍ୟ କୌଣସି ବ୍ୟକ୍ତି ସହିତ ମିଶିବି ନାହିଁ କିଂବା କଥା କହିବି ନାହିଁ; ଏବଂ, କେବଳ ଦର୍ଶନ ଓ ପ୍ରଣାମ ଦିନଗୁଡ଼ିକୁ ଛାଡ଼ିଦେଲେ ମୁଁ ଆଉ କେବେହେଲେ ମୋ'ର କୋଠରି ବା ଘର ଭିତରୁ ପଦାକୁ ଯିବି ନାହିଁ ।*

ଶ୍ରୀଅରବିନ୍ଦ କହିଛନ୍ତି ଯେ, ତୁମେ ପ୍ରତ୍ୟହ ସନ୍ଧ୍ୟାସମୟର ଧ୍ୟାନକୁ ଆସିବାକୁ କଦାପି ବନ୍ଦ

'oaob.nitrkl.ac.in' images reprocessed

କରିବ ନାହିଁ । ଏହି ଉପସ୍ଥିତିକୁ ମୁଁ ମଧ୍ୟ ଅତ୍ୟାବଶ୍ୟକ ବୋଲି ଭାବୁଛି ।

*୧୬ ଡିସେମ୍ବର ୧୯୪୦*

*

ବୃଥା ଦମ୍ଭ ଏବଂ ସ୍ୱାର୍ଥପରତାହିଁ ସାଧକମାନଙ୍କୁ ଏହି ଶିକ୍ଷାକୁ ଉତ୍ତମ ଭାବରେ ଗ୍ରହଣ କରି ପାରିବାରୁ ବଞ୍ଚିତ କରି ରଖିଥାଏ ।

*୧୦ ମଇ ୧୯୪୪*

*

ପ୍ରକୋଷ୍ଠ ମଧ୍ୟରେ ପୂର୍ଣ୍ଣ ନୀରବତାର ପାଳନ ହେବା ଉଚିତ ।

ଶ୍ରୀଅରବିନ୍ଦଙ୍କର ଉପସ୍ଥିତିରେ ଯିଏ କୌଣସି ଗୋଟିଏ ହେଲେ ଶବ୍ଦ ଉଚ୍ଚାରଣ କରିବ, ତାକୁ ସଙ୍ଗେ ସଙ୍ଗେ ସେହି ସ୍ଥାନ ଛାଡ଼ି ଚାଲି ଯିବାକୁ ହେବ ।

*

ଏହି ସ୍ଥାନରୁ ସେବାଭାବ ଏକାବେଳେକେ ବିଦାୟ ନେଇ ଚାଲିଗଲାଣି ।

*୧୬ ମଇ ୧୯୫୪*

*

ଏଠାରେ ଏପରି କୌଣସି ବ୍ୟକ୍ତି ନାହିଁ, ଏପରିକି ସର୍ବୋତ୍ତମମାନଙ୍କ ମଧ୍ୟରୁ ବି କେହି ଜଣେ, ଯିଏକି, ବାଟରେ ଆପଣାର ବେକ କଟିଯିବାର ଆଶଙ୍କା ଥିଲେ ମଧ୍ୟ, ସର୍ବଶେଷ ବିଜୟଟିକୁ ହାସଲ କରିବା ନିମନ୍ତେ ଆପଣାର ଯାବତୀୟ ଅଭ୍ୟାସ, ଆରାମ ଏବଂ ଅଗ୍ରରୁଚିଗୁଡ଼ିକୁ ପରିତ୍ୟାଗ କରିବା ଲାଗି ପ୍ରସ୍ତୁତ ଅଛନ୍ତି ।

*

ତୁମର ମନୋଭାବରେହିଁ ପରିବର୍ତ୍ତନ ହେବା ଉଚିତ — କାରଣ, ବ୍ୟକ୍ତିଗତ ବୋଲି ଆଦୌ କିଛି ନାହିଁ, ସବୁକିଛି ହେଉଛି କେବଳ ସେହି ଦିବ୍ୟ ପରମସତ୍ତାଙ୍କର ସମ୍ପତ୍ତି ଏବଂ ଆବଶ୍ୟକ ହେଲେ ତାହା ସାମୂହିକ ବ୍ୟବହାର ଲାଗି ମହଜୁଦ ହୋଇ ରହିଛି । ଏବଂ, ଏହାର ଏକ ସାକାର ଉଦାହରଣ ଦେବାକୁ ଯାଇ ମୁଁ ତୁମକୁ ତୁମେ ବର୍ତ୍ତମାନ ରହୁଥିବା ଘରଟିକୁ ଛାଡ଼ି ଦେବାକୁ ଓ ତୁମକୁ ଏକ ବାସସ୍ଥାନ ଯୋଗାଇ ଦିଆ ଯାଉଥିବା ଏକ ନୂତନ ଗୃହକୁ ଚାଲି ଯିବା ପାଇଁ ନିର୍ଦ୍ଦେଶ ଦେବି । ଏହି ନିଷ୍ପତ୍ତିକୁ ପରମ କରୁଣାଙ୍କର ଏକ ଅଭିବ୍ୟକ୍ତି ରୂପେ ଗ୍ରହଣ କରିବା ଲାଗି ମୁଁ ତୁମକୁ ପରାମର୍ଶ ଦେଉଛି ।

*୧୬ ଏପ୍ରିଲ୍ ୧୯୫୮*

*

*'କ' କହୁଛନ୍ତି ଯେ, ସିଏ ଏପରି କୌଣସି ବ୍ୟକ୍ତିଙ୍କୁ ଜାଣି ନାହାନ୍ତି, ଯିଏକି*

'oaob.nitrkl.ac.in' images reprocessed

*କାର୍ଯ୍ୟଟିକୁ କରିପାରିବେ । ପ୍ରଦର୍ଶନୀ ହେବ ନାହିଁ ବୋଲି ପ୍ରଦର୍ଶନୀରେ ଭାଗ ନେବାକୁ ଯାଉଥିବା ବ୍ୟକ୍ତିମାନଙ୍କୁ ଛାପିତ କରିଦେବା ଲାଗି ସେ ଇଚ୍ଛା କରୁଛନ୍ତି ।*

ଏଥିପାଇଁ ମୁଁ ଅତ୍ୟନ୍ତ ଦୁଃଖିତ ।

ପରିସ୍ଥିତି ଅପେକ୍ଷା ଏହାକୁ ଅଧିକ ପରିମାଣରେ ଇଚ୍ଛାଶକ୍ତିରହିଁ ଏକ ପରାଜୟ ବୋଲି ଗ୍ରହଣ କରିବାକୁ ପଡ଼ିବ । ଏବଂ ଆଶ୍ରମ ଲାଗି ଏହା ଏକ ଅପଯଶର କଥା ।

*୧୪ ଫେବ୍ରୁଆରି ୧୯୬୩*

*

*(୧୯୬୫ ଡିସେମ୍ବର ୧୧ ତାରିଖରେ ପରଲୋକ ଗମନ କରିଥିବା ଜଣେ ଶିଷ୍ୟ ଏ. ବି. ପୁରାଣୀଙ୍କ ବିଷୟରେ)*

## ପୁରାଣୀ

ତାଙ୍କର ଉଚ୍ଚତର ବୁଦ୍ଧିର ଅଂଶଟି ଶ୍ରୀଅରବିନ୍ଦଙ୍କ ପାଖକୁ ଯାଇ ତାଙ୍କରି ସହିତ ସମ୍ମିଳିତ ହୋଇଛି ।

ତାଙ୍କର ଚୈତ୍ୟ ମୋ'ପାଖରେ ଅଛି, ସେ ଖୁବ୍ ଖୁସୀ ଅଛନ୍ତି, ଶାନ୍ତିରେ ଅଛନ୍ତି ।

ତାଙ୍କର ପ୍ରାଣିକ ସତ୍ତାଟି ତାଙ୍କର ସାହାଯ୍ୟ ଲୋଡୁଥିବା ବ୍ୟକ୍ତିମାନଙ୍କୁ ତଥାପି ସାହାଯ୍ୟ କରୁଛି ।

*୫ ମାର୍ଚ୍ଚ ୧୯୬୬*

*

*(୧୯୬୯ ମଇ ୧୬ ତାରିଖରେ ପରଲୋକ ଗମନ କରିଥିବା ଜଣେ ଶିଷ୍ୟ ପବିତ୍ର [ଫିଲିପ୍ ବାରବିଏ ସେଣ୍ଟ ହିଲେର]ଙ୍କ ସମ୍ବନ୍ଧରେ)*

ସେଦିନ ମୋ'ର ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଅଭିଜ୍ଞତା ହୋଇଥିଲା । ଜୀବନରେ ଏପରି ଅଭିଜ୍ଞତା ଆଉ କେବେହେଲେ ହୋଇ ନ ଥିଲା । ତାଙ୍କ ତିରୋଧାନର ପୂର୍ବଦିନ ରାତିରେ ତାହା ଘଟିଥିଲା । ସେତେବେଳେ ନଅଟା ବାଜିଥାଏ । ମୁଁ ଅନୁଭବ କଲି, ସତେ ଯେପରି ସେ ଆପଣାକୁ ପ୍ରତ୍ୟାହାର କରି ନେଉଛନ୍ତି, ଏକ ଅସାଧାରଣ ରୀତିରେ ନିଜକୁ ପ୍ରତ୍ୟାହାର କରି ନେଉଛନ୍ତି । ସେ ନିଜ ଭିତରୁ ବାହାରି ଆସୁଥିଲେ ଏବଂ ଆପଣାକୁ

'oaob.nitrkl.ac.in' images reprocessed

ଏକତ୍ର କରି ମୋ'ଭିତରକୁ ଅଜାଡ଼ି ଦେବାରେ ଲାଗିଥିଲେ । ଏକ ସଂକେନ୍ଦ୍ରିତ ଇଚ୍ଛାର ପୂର୍ଣ୍ଣ ଶକ୍ତି ସହିତ ସେ ସଚେତନ ଏବଂ ସ୍ୱେଚ୍ଛାପ୍ରଣୋଦିତ ଭାବରେ ନିଜ ଭିତରୁ ବାହାରି ଆସୁଥିଲେ । ଅନେକ ଘଣ୍ଟା ଧରି ଅବିରାମ ଭାବରେ ତାହାହିଁ କରୁଥିଲେ । ପ୍ରାୟ ଗୋଟାଏ ବେଳକୁ ସେହି ପ୍ରକ୍ରିୟାଟିର ଅନ୍ତ ହେଲା, ମୁଁ ଘଣ୍ଟାକୁ ଅନାଇ ସମୟ ଦେଖିଥିଲି ।

ମୁହୂର୍ତ୍ତକ ସକାଶେ ମଧ୍ୟ ତାହା କୌଣସି ପ୍ରକାରେ ଶିଥିଳ, ବ୍ୟାହତ କିଂବା ବନ୍ଦ ହେଉ ନ ଥିଲା । ଅବିରାମ ଭାବରେ ସେହିପରି ଅବିଚ୍ଛିନ୍ନ ବହି ଆସିବାରେ ଲାଗିଥିଲା, ଆଦୌ ବନ୍ଦ ହୋଇ ନ ଥିଲା, ସେହି ପ୍ରବାହଟିର ଶକ୍ତି ଆଦୌ କ୍ଷୀଣ ହୋଇ ଯାଉ ନ ଥିଲା । ଅତ୍ୟନ୍ତ ସଂକେନ୍ଦ୍ରିତ ଓ ହ୍ରାସହୀନ ଭାବରେ ଲାଗି ରହିଥିଲା । ସିଏ ସଂପୂର୍ଣ୍ଣ ଭାବରେ ଆସି ମୋ' ଭିତରେ ପ୍ରବେଶ କରିବା ପର୍ଯ୍ୟନ୍ତ ପ୍ରକ୍ରିୟାଟି ଅବ୍ୟାହତ ରହିଥିଲା ଏବଂ, ଆପଣାର ଶରୀର ଭିତରେ ସିଏ ଯାହା କିଛି ହୋଇ ରହିଥିଲେ, ତାହାର ଶେଷ ବିନ୍ଦୁ ପର୍ଯ୍ୟନ୍ତ ସେହିପରି ନିଃଶେଷ କରିଦେବାରେହିଁ ଲାଗିଥିଲେ । ଏହା ପ୍ରକୃତରେ ଏକ ଅଦ୍ଭୁତ ପ୍ରକ୍ରିୟା ଥିଲା – ଆଗରୁ ମୁଁ କେବେହେଲେ ଏଭଳି ଅଭିଜ୍ଞତା ଲାଭ କରି ନ ଥିଲି । ଶରୀର ଭିତରୁ ସବୁ ନିଃଶେଷିତ ହୋଇ ଆସିବା ପର୍ଯ୍ୟନ୍ତ ପ୍ରବାହଟି ଅବ୍ୟାହତ ରହିଥିଲା : କାର୍ଯ୍ୟଟି ଲାଗିରହିବା ଯେତେବେଳ ପର୍ଯ୍ୟନ୍ତ ଆବଶ୍ୟକ ହେଲା, ମୁଁ ସେତେବେଳ ଯାଏ ଶରୀରଟିକୁ ରହିବାକୁ ଦେଇଥିଲି । ଡାକ୍ତରମାନେ ଶରୀର ଭିତରୁ ଜୀବନ ବାହାରି ଗଲାଣି ବୋଲି ଘୋଷଣା କରିବାର ଦୀର୍ଘ ଅନେକ ପର ପର୍ଯ୍ୟନ୍ତ ତାହା ଚାଲିଥିଲା ।

ଜୀବନରେ ଥିବା ବେଳେ ସେ ଏକଥା କଦାପି କରି ପାରି ନ ଥାନ୍ତେ, ସିଏ ଏପରି କରିବେ ବୋଲି ମୁଁ କେବେହେଲେ ଆଶା ମଧ୍ୟ କରି ନ ଥିଲି । ହୁଏତ ତାଙ୍କର କୌଣସି ପୂର୍ବ ଜୀବନ ସକ୍ରିୟ ହୋଇ ରହିଥିଲା ଏବଂ ସେହି କାର୍ଯ୍ୟଟିକୁ କରୁଥିଲା । ବହୁସଂଖ୍ୟକ ଯୋଗୀ, ଏପରିକି ସେମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠମାନେ ମଧ୍ୟ ତାହା କରି ପାରି ନ ଥାନ୍ତେ । ତେଣୁ ସେ ଏଇଠି ଏହାରି ଭିତରେ ରହିଛନ୍ତି, ସଂପୂର୍ଣ୍ଣ ଜାଗ୍ରତ ହୋଇ ରହିଛନ୍ତି, ତୁମେ ଅନ୍ୟମାନେ କ'ଣ ସବୁ କରୁଛ, ପ୍ରାୟ ଏକ କୌତୁକପୂର୍ଣ୍ଣ ଭାବରେ ସେଗୁଡ଼ିକୁ ଅବଲୋକନ କରିବାରେ ଲାଗିଛନ୍ତି । ସେ ମୋ'ଭିତରେ ସଂପୂର୍ଣ୍ଣ ଭାବରେ ଲୀନ ହୋଇ ରହିଛନ୍ତି, ଅର୍ଥାତ୍ ବାସ କରୁଛନ୍ତି, ଆଦୌ ଅସ୍ତିତ୍ୱ ହରାଇ ନାହାନ୍ତି । ତାଙ୍କର ବ୍ୟକ୍ତିତ୍ୱ ପୂର୍ବ ପରି ଅକ୍ଷୁଣ୍ଣ ଭାବରେ ରହିଛି । ଅମୃତଙ୍କ କ୍ଷେତ୍ରରେ ଏକ ଭିନ୍ନ କଥା ଘଟିଛି । ସିଏ ବାହାରେ ରହିଛନ୍ତି, ତୁମମାନଙ୍କ ମଧ୍ୟରୁ ଜଣେ ହୋଇ ରହିଛନ୍ତି, ଏଠାରେ ଚତୁର୍ଦ୍ଦିଗରେ ବିଚରଣ କରୁଥିବା ତୁମମାନଙ୍କ ମଧ୍ୟରେ ଜଣେ ହୋଇ ରହିଛନ୍ତି । ଅବଶ୍ୟ ବେଳେବେଳେ, ସେ ଯେତେବେଳେ ବିଶ୍ରାମ ନେବା ପାଇଁ ଇଚ୍ଛା କରୁଛନ୍ତି, ସେତେବେଳେ

'oaob.nitrkl.ac.in' images reprocessed

ଭିତରକୁ ଚାଲି ଆସୁଛନ୍ତି । ପ୍ରକୃତରେ ଏକ ଅଦ୍ଭୁତ କଥା । ପବିତ୍ର ଏକ ମହାନ୍ ଓ ଅତୀବ କଷ୍ଟକର କଥାକୁ ସମ୍ଭବ କରିଛନ୍ତି ।

*୨୫ ମଇ ୧୯୬୯*

*

ତୁମେ ଯଦି ତାହା କରିବାକୁ ଇଚ୍ଛା କରୁ ନାହଁ, ତେବେ ମିଲ୍ ଲୁଗା ପିନ୍ଧିବା ଲାଗି ତୁମକୁ ବାଧ କରିବା ମୋ'ର ଇଚ୍ଛା ନୁହେଁ ।

ମୁଁ କେବଳ ଏତିକି କହିଥିଲି ଯେ ଦେବା ସକାଶେ ମୋ'ପାଖରେ କେବଳ ମିଲ୍ ଲୁଗାହିଁ ଅଛି ।

ଯେତେବେଳେ ଜଣେ ମନୁଷ୍ୟ ମନ ଓ ହୃଦୟରେ ମୁକ୍ତ ହୋଇଯାଏ, ସେତେବେଳେ ଏହିସବୁ ବିଷୟ ପ୍ରତି ତା'ର ଦୃଷ୍ଟି ମଧ୍ୟ ସଂପୂର୍ଣ୍ଣ ଭାବରେ ବଦଳି ଯାଇଥାଏ । ମାତ୍ର, ସେହି ମୁକ୍ତି ପ୍ରକୃତରେ ଘଟିବା ପୂର୍ବରୁ ଆଦୌ କୌଣସି ବାଧବାଧକତା କରା ଯିବ ନାହିଁ ।

ମନ୍ଦ ଭାବନା ଏବଂ ନାନା ସଂଶୟକୁ ତୁମ ପାଖକୁ ଆସିବା ଲାଗି ଅନୁମତି ଦେଇ ତୁମେ ସୁରକ୍ଷା ଭିତରୁ ବାହାରକୁ ଚାଲି ଆସିଲ ।

*

*(''ପ୍ରସ୍ପରିଟି''ରୁ ବିତରଣ କରା ଯାଉଥିବା ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକୁ ଲାଭ କରୁଥିବା ବ୍ୟକ୍ତିମାନଙ୍କ ଲାଗି ବାର୍ତ୍ତା)*

ପ୍ରସ୍ପରିଟିରୁ ପ୍ରାପ୍ତ ହେଉଥିବା ଦ୍ରବ୍ୟଗୁଡ଼ିକୁ ବିକିବା ଦ୍ୱାରା ଦିବ୍ୟ ପରମସତ୍ତାଙ୍କୁ ଅପମାନିତ କରାଯାଏ ଏବଂ ତାହାର ଆଧ୍ୟାତ୍ମିକ ପରିଣାମଗୁଡ଼ିକୁ ଅବଶ୍ୟ ଭୋଗ କରିବାକୁ ପଡ଼େ ।

*ଜୁନ୍ ୧୯୭୧*

*

ଏଠାରେ ରହିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କର ଗ୍ରହଣ କରିବାର ସାମର୍ଥ୍ୟ ଅନୁସାରେ ଶକ୍ତି, ଆଲୋକ ଏବଂ ବଳ ପ୍ରଦାନ କରା ଯାଇଥାଏ; ଏପରିକି ତା'ଠାରୁ ଅଧିକ ମଧ୍ୟ ପ୍ରଦାନ କରାଯାଏ । ନିଜର ରୂପାନ୍ତର ସାଧନ ଲାଗି ଏହା ପ୍ରଦତ୍ତ ହୋଇଥାଏ । ମାତ୍ର, ଯେତେବେଳେ ତୁମେ ସେହିସବୁ ସମ୍ପଦକୁ ନେଇ ନିଜର ବ୍ୟକ୍ତିଗତ ଉଦ୍ଦେଶ୍ୟ ସାଧନ ଲାଗି ଏବଂ ତଥାକଥିତ ମନୁଷ୍ୟସ୍ତରୀୟ ପ୍ରେମ ଲାଗି ବ୍ୟବହାର କର, ସେତେବେଳେ ତାହାକୁ ଅସାଧୁତା ବୋଲିହିଁ କୁହାଯିବ । ତାହାକୁ ଡକାୟତି କହିବାକୁ ହେବ, ଘୋରତମ ଅପରାଧ ବୋଲି କୁହାଯିବ ।[§]

*

'oaob.nitrkl.ac.in' images reprocessed

ଯେଉଁ ଉଦ୍ଦେଶ୍ୟରେ ଯେଉଁ ଦ୍ରବ୍ୟକୁ ପ୍ରଦାନ କରାଯାଉଛି, ତୁମେ ସେହି ଯାବତୀୟ ଦ୍ରବ୍ୟକୁ କେବଳ ସେହି ଉଦ୍ଦେଶ୍ୟରେ ବ୍ୟବହାର କରିବ । ତା' ନ ହେଲେ ତାହା ଏକ ଅପରାଧ ହେବ । ଏଠାରେ ମୁଁ କେବଳ ସ୍ଥୂଳ ଜିନିଷଗୁଡ଼ିକର କଥା କହୁ ନାହିଁ । ମୁଁ ଅନବରତ ତୁମମାନଙ୍କୁ ଯେଉଁ ଅନ୍ତର୍ଗତ ଦ୍ରବ୍ୟମାନ ପ୍ରଦାନ କରିବାରେ ଲାଗିଛି, ଯେଉଁସବୁ ଯାବତୀୟ ବଳ, ଆଲୋକ, ଶକ୍ତି ତଥା ଜୀବନ ତୁମ ଭିତରକୁ ଅନୁକ୍ଷଣ ଅଜାଡ଼ି ହୋଇ ଯାଉଛି, ତାହା ସବୁକିଛି କେବଳ ଦିବ୍ୟ ପରମସତ୍ତାଙ୍କର ସେବା ଲାଗିହିଁ ଉଦ୍ଦିଷ୍ଟ ହୋଇ ରହିଛି, ତୁମର ରୂପାନ୍ତର-ସାଧନ ନିମନ୍ତେ ତାହା ଉଦ୍ଦିଷ୍ଟ ହୋଇ ରହିଛି । ଯଦି ତୁମେ ତାହାକୁ ଆଉ କୌଣସି ଉଦ୍ଦେଶ୍ୟର ସାଧନ ଲାଗି ବ୍ୟବହାର କରିବ, ତେବେ ତୁମକୁ ଡକାୟତ ବୋଲି କୁହାଯିବ ଏବଂ ତୁମର ଅପରାଧକୁ ଏକ ଘୋରତମ ଅପରାଧ ବୋଲି କୁହାଯିବ ।[୬]

*

*ଅନ୍ୟମାନଙ୍କର କାର୍ଯ୍ୟକଳାପ ବିଷୟରେ ଯେତେବେଳେ ମୁଁ ଆପଣଙ୍କୁ ଆସି ଖବର ଦେଉଛି, ସେତେବେଳେ ତା'ର କ'ଣ ଏପରି ଅର୍ଥ ହେବ ଯେ, ମୁଁ ସେମାନଙ୍କ ବିରୋଧରେ ଆପଣଙ୍କ ପାଖରେ ଅଭିଯୋଗ କରୁଛି, ଏବଂ ସେହି କ୍ଷେତ୍ରରେ, ସେପରି କରିବା ଉଚିତ ହେଉଛି କି ?*

ସବୁକିଛି ତୁମର ମନୋଭାବ ଉପରେ ନିର୍ଭର କରୁଛି । ଯଦି ତୁମେ ପ୍ରତିଶୋଧର ମନୋଭାବ ନେଇ ବା ଆପଣାକୁ ଅନ୍ୟମାନଙ୍କଠାରୁ ଅଧିକ ଭଲ ବୋଲି ଦେଖାଇବା ପାଇଁ ଅଥବା ଅନ୍ୟ କୌଣସି ବ୍ୟକ୍ତିଗତ ମତଲବ ସହିତ କାହା ବିରୋଧରେ କିଛି ଆସି କହିବ, ତେବେ ତାହା ସଂପୂର୍ଣ୍ଣ ଭାବରେ ଭୁଲ୍ ଏବଂ ତୁମର ତାହା କରିବା ଆଦୌ ଉଚିତ ନୁହେଁ । ମାତ୍ର ଏହାକୁ କରିବାର ଯଥାର୍ଥ ରୀତିଟି ହେଉଛି ଯେ, ତୁମକୁ ଏକ ଦର୍ପଣ ପରି ହୋଇ ରହିବାକୁ ପଡ଼ିବ ଏବଂ, ତୁମେ ଯେତେବେଳେ ଯାହା କିଛି ଦେଖିବ, ସେତେବେଳେ ତାହାକୁ ଅବିକଳ ସେହିପରି ଭାବରେ ପ୍ରତିଫଳିତ କରି ପାରୁଥିବ । ସେଥିରେ କଦାପି ତୁମର ବ୍ୟକ୍ତିଗତ ରଙ୍ଗକୁ ଆଣି ବୋଳି ଦେବ ନାହିଁ, ସର୍ବଦା ସଂପୂର୍ଣ୍ଣ ଭାବରେ ନିଷ୍ପକ୍ଷ ରହିଥିବ । ଯଦି ଦର୍ପଣରେହିଁ କିଛି ଭୁଲ୍ ରହି ଯାଇଥାଏ, ତେବେ ମୁଁ ତାହାକୁ ସଂଶୋଧନ କରିଦେଇ ପାରିବି । ମାତ୍ର, ତୁମର ଦର୍ପଣ ଯେ ଛବିଟିକୁ ଆଦୌ କୌଣସି ପ୍ରକାରେ ବିକୃତ କରି ପକାଉ ନାହିଁ, ସେ ବିଷୟରେ ନିଶ୍ଚିତ ରହିବା ଲାଗି ତୁମେ ଅବଶ୍ୟ ଚେଷ୍ଟା କରିବ ।[୬]

*

'oaob.nitrkl.ac.in' images reprocessed

କାହା ବିରୋଧରେ କୌଣସି ଅଭିଯୋଗ କରିବା ଅବଶ୍ୟ ଖରାପ । ମାତ୍ର, 'ଖ' ଯେପରି ଭାବୁଛନ୍ତି, ତାହା ମଧ୍ୟ ଠିକ୍ ନୁହେଁ । ଯଦି ତୁମେ ସର୍ବଦା ଧ୍ୟାନାବସ୍ଥାରେହିଁ ରହୁଥାନ୍ତ, ତେବେ ଯାଇ ତୁମେ ଆଦୌ କୌଣସି ମନ୍ଦ ଦେଖୁ ନାହଁ, କୌଣସି ମନ୍ଦ ଶୁଣୁ ନାହଁ ଓ କୌଣସି ମନ୍ଦ କହୁ ନାହଁ ବୋଲି କହି ପାରୁଥାନ୍ତ । ମାତ୍ର, ତୁମେ ଯେତେବେଳେ କର୍ମର କ୍ଷେତ୍ରରେ ରହିଥିବ, ସେତେବେଳେ ତୁମକୁ ମୋତେ ସଂବାଦ ଦେବାକୁହିଁ ପଡ଼ିବ । ମାତ୍ର ତୁମେ କେବେହେଲେ ବିଚାର କରି ବସିଯିବ ନାହିଁ । ସର୍ବଦା ଏକ ଦର୍ପଣ ପରି ହୋଇ ରହିବ ଏବଂ ଯାହାକିଛି ଦେଖିବ, ତାହାର ଏକ ନିର୍ଭୁଲ୍ ପ୍ରତିରୂପ ଆଣି ଦେଉଥିବ । ହୁଏତ ତୁମର ଦର୍ପଣରେ କୌଣସି ଦୋଷ ଥାଇପାରେ, ମାତ୍ର ସେକଥା ମୁଁ ବୁଝିବି ଓ ଯାହା କରିବାର କରିବି । ତୁମେ ସର୍ବୋତ୍ତମ ଭାବରେ ନିଜର କାର୍ଯ୍ୟ କରୁଥିବ, ନିଜର ଆଲୋକଟି ଅନୁସାରେ ଏକ ନିର୍ଭୁଲ୍ ପ୍ରତିରୂପ ଆଣି ଦେଉଥିବ ।[୬]

'oaob.nitrkl.ac.in' images reprocessed

# ଅରୋଭିଲ୍

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

Bénédictions
à
Auroville

Auroville wants to be a universal town where men and women of all countries are able to live in peace and progressive harmony, above all creeds, all politics and all nationalities.
The purpose of Auroville is to realise human unity.

8-9-65.

ଅରୋଭିଲ୍ ଏପରି ଏକ ବିଶ୍ୱନଗରୀ ହେବାକୁ ଇଚ୍ଛା କରୁଛି ଯେଉଁଠାରେକି ସକଳ ଦେଶର ନରନାରୀ ଯାବତୀୟ ଧର୍ମମତ, ରାଜନୀତି ତଥା ଜାତିଗତ ପାର୍ଥକ୍ୟର ଊର୍ଦ୍ଧ୍ୱରେ ସମଞ୍ଜସତା ସହିତ ଏକତ୍ର ବାସ କରି ପାରିବେ ।

ମାନବ-ଏକତାର ଉପଲବ୍ଧି,— ତାହାହିଁ ଅରୋଭିଲ୍‌ର ଲକ୍ଷ୍ୟ ।

*୮ ସେପ୍ଟେମ୍ବର ୧୯୬୫*

*

*୧. ଅରୋଭିଲ୍‌ର ନିର୍ମାଣ ନିମନ୍ତେ କିଏ ପ୍ରଥମ ପଦକ୍ଷେପ ଗ୍ରହଣ କରିଛନ୍ତି ?*

ସର୍ବୋଚ୍ଚ ପରମସତ୍ତା ।

*୨. ଅରୋଭିଲ୍‌ର ଅର୍ଥବ୍ୟବସ୍ଥାରେ କିଏ ଅଂଶଗ୍ରହଣ କରୁଛନ୍ତି ?*

ସର୍ବୋଚ୍ଚ ପରମସତ୍ତା ।

*୩. ଯଦି କେହି ଅରୋଭିଲ୍‌ରେ ବାସ କରିବାକୁ ଇଚ୍ଛା କରିବ, ତେବେ ତାହା ଲାଗି ତା'ର ପ୍ରକୃତ ଅର୍ଥ କ'ଣ ହେବ ?*

ସର୍ବୋଚ୍ଚ ପରିପୂର୍ଣ୍ଣତା ହାସଲ କରିବାକୁ ପ୍ରୟାସ କରିବା ।

*୪. ଅରୋଭିଲ୍‌ରେ ରହିବାକୁ ହେଲେ କ'ଣ ଜଣେ ବ୍ୟକ୍ତିକୁ ଯୋଗସାଧନା କରିବାକୁ ପଡ଼ିବ ?*

ସମଗ୍ର ଜୀବନ ହିଁ ଯୋଗ । ତେଣୁ ସର୍ବୋଚ୍ଚ ଯୋଗର ସାଧନା ନ କରି ଜୀବନ ଯାପନ କରିବାର ଅବକାଶ ଆଉ କେଉଁଠି ରହିଲା ?

*୫. ଅରୋଭିଲ୍‌ରେ ଆଶ୍ରମର କିପରି ଭୂମିକା ରହିବ ?*

ସର୍ବୋଚ୍ଚ ପରମସତ୍ତା ସେହି ଭୂମିକା ଯେପରି ହେଉ ବୋଲି ଇଚ୍ଛା କରିବେ ।

'oaob.nitrkl.ac.in' images reprocessed

*୬. ଅରୋଭିଲ୍‌ରେ ଶିବିର ପ୍ରଭୃତି ଲାଗି ସ୍ଥାନର ବ୍ୟବସ୍ଥା ରହିବ କି ?*

ଯାହା ଯେପରି ଯେତେବେଳେ ହେବା ଉଚିତ, ସବୁ କଥା ଠିକ୍ ସେହିପରି ହେବ ।

*୭. ଅରୋଭିଲ୍‌ରେ ବି କ'ଣ ପାରିବାରିକ ଜୀବନ ରହିବ ?*

ଯଦି ଜଣେ ବ୍ୟକ୍ତି, ତାହାଠାରୁ ଆଉ ଅଧିକ ଆଗକୁ ଯାଇ ନ ଥିବ ।

*୮. ଅରୋଭିଲ୍‌ରେ ଜଣେ ବ୍ୟକ୍ତି ନିଜର ଧର୍ମକୁ ମଧ୍ୟ ରଖି ପାରିବ କି ?*

ଯଦି ସିଏ ତାହାଠାରୁ ଆହୁରି ଅଧିକ ଆଗକୁ ଯାଇ ପାରି ନ ଥିବେ ।

*୯. ଅରୋଭିଲ୍‌ରେ ଜଣେ ନାସ୍ତିକ ରହି ପାରିବ କି ?*

ଯଦି ସିଏ ତାହାଠାରୁ ଆହୁରି ଅଧିକ ଆଗକୁ ଯାଇ ପାରି ନ ଥିବେ ।

*୧୦. ଅରୋଭିଲ୍‌ରେ ସାମାଜିକ ଜୀବନ ରହିବ ?*

ଯଦି ଜଣେ ବ୍ୟକ୍ତି ତାହାଠାରୁ ଅଧିକ ଆଗକୁ ଯାଇ ପାରି ନ ଥିବ ।

*୧୧. ଅରୋଭିଲ୍‌ରେ ଗୋଷ୍ଠୀଗତ କାର୍ଯ୍ୟକଳାପ ବାଧ୍ୟତାମୂଳକ ହେବ କି ?*

ଆଦୌ କିଛି ବାଧ୍ୟତାମୂଳକ ହୋଇ ରହିବ ନାହିଁ ।

*୧୨. ଅରୋଭିଲ୍‌ରେ ଟଙ୍କାପଇସାର ବ୍ୟବହାର ହେବ ?*

ନା । କେବଳ ବାହାର ପୃଥିବୀ ସହିତହିଁ ଅରୋଭିଲ୍‌ର କୌଣସି ଟଙ୍କା ପଇସା ସମ୍ବନ୍ଧ ରହିବ ।

'oaob.nitrkl.ac.in' images reprocessed

*୧୩. ଅରୋଭିଲ୍‌ରେ କର୍ମର ସଂଗଠନ ଓ ବିତରଣ କିପରି ଭାବରେ ହେବ ?*

"ସେଠାରେ ଅର୍ଥ ସାର୍ବଭୌମ ସ୍ୱାମୀ ହୋଇ ଆଦୌ ରହିବ ନାହିଁ । ସେଠି ଭୌତିକ ଧନସମ୍ପଦ ଏବଂ ସାମାଜିକ ପଦସମ୍ମାନ ଅପେକ୍ଷା ବ୍ୟକ୍ତିଜୀବନଗତ ମୂଲ୍ୟର ଅନେକ ଅଧିକ ମହତ୍ତ୍ୱ ରହିବ । କର୍ମ ସେଠାରେ ଜୀବିକାନିର୍ବାହର ଏକ ମାଧମ ହୋଇ ରହିବ ନାହିଁ; ମାତ୍ର, ସମଗ୍ର ଭାବରେ ଗୋଷ୍ଠୀଜୀବନର କୌଣସି କାମରେ ଲାଗିପାରିବା ସଙ୍ଗେସଙ୍ଗେ କର୍ମ ଆପଣାକୁ ଅଭିବ୍ୟକ୍ତି କରିବାର ତଥା ଆପଣାର ସାମର୍ଥ୍ୟ ଏବଂ ସମ୍ଭାବନାଗୁଡ଼ିକର ବିକାଶ କରାଇ ଆଣିବାର ଏକ ମାଧମ ହୋଇ ରହିବ । ଗୋଷ୍ଠିଜୀବନ ମଧ୍ୟ ତା' ପକ୍ଷରୁ ପ୍ରତ୍ୟେକ ବ୍ୟକ୍ତିର ଜୀବନଧାରଣ ତଥା କର୍ମକ୍ଷେତ୍ର ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବ ।"*

*୧୪. ଅରୋଭିଲ୍‌ର ବାସିନ୍ଦା ଏବଂ ବାହାର ପୃଥିବୀ ମଧ୍ୟରେ କେଉଁ ଭଳି ସମ୍ବନ୍ଧ ରହିବ ?*

ପ୍ରତ୍ୟେକ ବ୍ୟକ୍ତିକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯିବ । ଅରୋଭିଲ୍‌ରେ ବାସ କରୁଥିବା ବ୍ୟକ୍ତିମାନଙ୍କର ସକଳ ବାହ୍ୟ ସମ୍ବନ୍ଧ ପ୍ରତ୍ୟେକ ବ୍ୟକ୍ତିର ଅଭୀପ୍ସା ଏବଂ ଅରୋଭିଲ୍ ମଧ୍ୟରେ ତା'ର କାର୍ଯ୍ୟକଳାପ ଅନୁସାରେହିଁ ଅଲଗା ଅଲଗା ପ୍ରକାରେ ନିର୍ଣ୍ଣୀତ ହେବ ।

*୧୫. ଅରୋଭିଲ୍‌ରେ ଥିବା ଜମି ଓ କୋଠାଗୁଡ଼ିକର ମାଲିକାନା କାହା ହାତରେ ରହିବ ?*

ସର୍ବୋଚ୍ଚ ପରମସତ୍ତାଙ୍କ ହାତରେ ।

*୧୬. ସେଠାରେ କେଉଁ ଭାଷାଗୁଡ଼ିକ ଶିକ୍ଷାର ମାଧମ ହେବ ?*

ପୃଥିବୀର ସବୁ କଥିତ ଭାଷା ।

*୧୭. ଅରୋଭିଲ୍‌ରେ ଗମନାଗମନର ସାଧନ କ'ଣ ରହିବ ?*

---

* ମାଆଙ୍କ ଦ୍ୱାରା ଲିଖିତ "ଏକ ସ୍ୱପ୍ନ" ନାମକ ପ୍ରବନ୍ଧରୁ ଆନୀତ ।

'oaob.nitrkl.ac.in' images reprocessed

ସେ କଥା ଆମକୁ ଜଣା ନାହିଁ ।[§]

*୧୯୬୫**

*

ଅରୋଭିଲ୍ ଖୁବ୍ ଭଲ ଭାବରେ ଚାଲିଛି ଏବଂ ଅଧିକରୁ ଅଧିକ ପରିମାଣରେ ଏକ ବାସ୍ତବ ରୂପ ଧାରଣ କରୁଛି; ମାତ୍ର ତାହାର ଯଥାର୍ଥ ଉପଲବ୍ଧିଟି ସାଧାରଣ ମାନବୀୟ ରୀତିରେ ମୋଟେ ଅଗ୍ରଗତି କରୁ ନାହିଁ । ଏବଂ, ବାହାର ଆଖି ଅପେକ୍ଷା ଅନ୍ତରସ୍ଥ ଚେତନାକୁହିଁ ତାହା ଅଧିକ ଦୃଷ୍ଟିଗୋଚର ହୋଇ ପାରୁଛି ।

*ଜାନୁଆରି ୧୯୬୬*

*

ତୁମେ ଅରୋଭିଲ୍‌କୁ ଏକ ସ୍ୱପ୍ନ ବୋଲି କହୁଛ । ହଁ, ଏହା ହେଉଛି ପରମପ୍ରଭୁଙ୍କର ଏକ "ସ୍ୱପ୍ନ" ଏବଂ ସାଧାରଣତଃ "ଏହିସବୁ ସ୍ୱପ୍ନ"ହିଁ ବାସ୍ତବରେ ପରିଣତ ହୋଇଥାନ୍ତି – ମନୁଷ୍ୟସ୍ତରର ତଥାକଥିତ ବାସ୍ତବତାଗୁଡ଼ିକ ଅପେକ୍ଷା ଅନେକ ଅଧିକ ପରିମାଣରେ ବାସ୍ତବରେ ପରିଣତ ହୁଅନ୍ତି !

*୨୦ ମଇ ୧୯୬୬*

*

ମନୁଷ୍ୟ ଜାତିକୁ କଦାପି ପାର୍ଥିବ ସୃଜନର ସର୍ବଶେଷ ସୋପାନ ବୋଲି କୁହାଯାଇ ପାରିବ ନାହିଁ । ବିବର୍ତ୍ତନ ତଥାପି ଲାଗି ରହିଛି ଓ ତାହା ମନୁଷ୍ୟର ଏହି ସ୍ତରଟିକୁ ମଧ ଅତିକ୍ରମ କରିଯିବ । ଏହି ନୂତନ ଜୀବ-ନମୁନାର ଆଗମନ-ପ୍ରକ୍ରିୟାରେ ସିଏ ପ୍ରକୃତରେ ଅଂଶଗ୍ରହଣ କରିବାକୁ ଇଚ୍ଛା କରୁଛି କି ନାହିଁ, ସେ କଥା ଜାଣିବା ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ ।

ଏହି ପୃଥିବୀ ବର୍ତ୍ତମାନ ଯେଉଁପରି ହୋଇ ରହିଛି, ଯେଉଁମାନେ ସେହିଥିରେହିଁ ସନ୍ତୁଷ୍ଟ ହୋଇ ଅଛନ୍ତି, ସେମାନଙ୍କ ଲାଗି ଅରୋଭିଲ୍‌ର ଅସ୍ତିତ୍ୱର ଆଦୌ କୌଣସି ଔଚିତ୍ୟ ନାହିଁ ।

*ଅଗଷ୍ଟ ୧୯୬୬*

*

---

* ମାଆ ୧୯୬୫ ରେ ଏହି ପ୍ରଶ୍ନଗୁଡ଼ିକର ମୌଖିକ ଉତ୍ତର ଦେଇଥିଲେ । ଯେତେବେଳେ ୧୯୬୯ ଅକ୍ଟୋବର ୮ ତାରିଖରେ ପ୍ରତିଲିପିଟିକୁ ପାଠକଲେ, ସେତେବେଳେ ୧୨ ଓ ୧୭ ନମ୍ବର ଉତ୍ତରଗୁଡ଼ିକୁ ବଦଳାଇ ଦେଇଥିଲେ । ଏଠାରେ ସେହି ପରିବର୍ତ୍ତିତ ଉତ୍ତରଗୁଡ଼ିକ ଦିଆଯାଇଛି ।

'oaob.nitrkl.ac.in' images reprocessed

ଆମେ ଅରୋଭିଲ୍‌କୁ ଈପ୍ସିତ ଅତିମାନବର ବିଚରଣ-ସ୍ଥଳରେ ପରିଣତ କରିବା ଲାଗି ଇଚ୍ଛା କରୁଛୁ ।

*୧୯୬୬*

*

ଯାବତୀୟ ସମାଜଗତ, ରାଜନୀତିକ ତଥା ଧର୍ମଗତ ପ୍ରତ୍ୟୟର ଆହୁରି ସେପାଖକୁ ଯାଇ ଅରୋଭିଲ୍ ପରମସତ୍ୟରହିଁ ସେବା କରିବ ।

ଅରୋଭିଲ୍ ଶାନ୍ତି ଲାଗି ଏକ ପ୍ରୟାସ; ଆନ୍ତରିକତା ତଥା ସର୍ବୋଚ୍ଚ ସତ୍ୟର ଏକ ପ୍ରୟାସ ।

*୨୦ ସେପ୍‌ଟେମ୍ବର୍ ୧୯୬୬*

*

ଅରୋଭିଲ୍ ହେଉଛି ଶାନ୍ତି, ବନ୍ଧୁତା, ଭ୍ରାତୃତ୍ୱ ଏବଂ ଏକତା ଆଡ଼କୁ ଗତି କରିବାର ଏକ ପ୍ରୟାସ ।[§]

*୨୦ ସେପ୍‌ଟେମ୍ବର ୧୯୬୬*

*

ଯେତେବେଳ ପର୍ଯ୍ୟନ୍ତ ତୁମେ କେତେଜଣଙ୍କର ସପକ୍ଷରେ ଏବଂ ଆଉ କେତେଜଣଙ୍କର ବିପକ୍ଷରେ ରହିଥିବ, ସେତେବେଳ ପର୍ଯ୍ୟନ୍ତ ତୁମେ ଅନିବାର୍ଯ୍ୟ ଭାବରେ **ପରମସତ୍ୟର ବାହାରେହିଁ** ରହିଥିବ ।

ତୁମକୁ ନିଜ ହୃଦୟ ଭିତରେ ସତତ ଶୁଭେଚ୍ଛା ଏବଂ ପ୍ରେମକୁ ଧାରଣ କରି ରଖିବାକୁ ପଡ଼ିବ ଏବଂ ଶାନ୍ତି ତଥା ସମଭାବନାରେ ତାହାକୁ ସମସ୍ତଙ୍କ ଉପରେ ଯାଇ ଅଜାଡ଼ି ହୋଇ ପଡ଼ିବା ଲାଗି ବାଟ ଛାଡ଼ିଦେବାକୁ ପଡ଼ିବ ।

*୧୬ ଡିସେମ୍ବର ୧୯୬୬*

*

ଏପରି ଗୋଟିଏ ସ୍ଥାନ, ଯେଉଁଠାରେକି ଆମେ କେବଳ ଭବିଷ୍ୟ ଲାଗିହିଁ ଚିନ୍ତା କରିବା ନିମନ୍ତେ ସମର୍ଥ ହେବା, — ତାହାହିଁ ଅରୋଭିଲ୍ !

*ଜାନୁଆରୀ ୧୯୬୭*

*

*('ପ୍ରୋମେଣ୍ଟ୍' ଠାରେ ଏକ ଏକ ପଦ୍ମକୁଣ୍ଡରେ ବା ତା'ପାଖରେ ପଥରରେ ଖୋଦିତ ହୋଇ ରହିବା ଲାଗି ଏକ ସନ୍ଦେଶ)*

'oaob.nitrkl.ac.in' images reprocessed

ଜ୍ଞାନ, ଶାନ୍ତି ତଥା ଏକତାର ଏକ ଭବିଷ୍ୟ ଆଡ଼କୁ ଯେଉଁମାନେ ସତ୍ୱର ହୋଇ ଗତି କରିବାକୁ ଇଚ୍ଛା କରୁଛନ୍ତି, ସେହିମାନଙ୍କର ଆଶ୍ରୟ ନିମନ୍ତେ ଅରୋଭିଲ୍‌ର ନିର୍ମାଣ ହୋଇଛି ।

୧୬ ମାର୍ଚ୍ଚ ୧୯୬୭

*

### ଅରୋଭିଲ୍‌ରେ ବାସ କରିବାର ସର୍ତ୍ତାବଳୀ

ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ଆବଶ୍ୟକ ସର୍ତ୍ତଗୁଡ଼ିକ ହେଉଛି :

(୧) ମନୁଷ୍ୟଜାତିର ମୂଳଭୂତ ଏକତା ବିଷୟଟି ହୃଦ୍‌ବୋଧ ହୋଇଥିବ ଏବଂ ସେହି ଏକତା ଯେପରି ବାସ୍ତବରେ ସମ୍ଭବ ହୋଇ ପାରିବ, ସେଥିପାଇଁ ସହଯୋଗ କରିବା ସକାଶେ ଇଚ୍ଛା ରହିଥିବ;

(୨) ଯାହାକିଛି ଭବିଷ୍ୟତ ଉପଲବ୍ଧିଗୁଡ଼ିକର ସମୃଦ୍ଧିସାଧନ କରୁଥିବ, ସେଗୁଡ଼ିକରେ ସହଯୋଗ କରିବାକୁ ଇଚ୍ଛା ରହିଥିବ ।

ସେହି ଉପଲବ୍ଧିଟି ଅଗ୍ରସର ହେଉଥିବା ସଙ୍ଗେ ସଙ୍ଗେ ଭୌତିକ ପରିବେଶଗୁଡ଼ିକୁ ମଧ କାର୍ଯ୍ୟାନ୍ୱିତ କରାଯାଇ ପାରୁଥିବ ।

୧୯ ଜୁନ୍ ୧୯୬୭

*

ଅରୋଭିଲ୍‌ର ଲକ୍ଷ୍ୟ
ଏକ ଫଳପ୍ରଦାୟକ ମାନବ-ଏକତା
ପୃଥିବୀ ପୃଷ୍ଠରେ ଶାନ୍ତି

*

ଅରୋଭିଲ୍ – ପରମସତ୍ୟର ସେବାରେ
ଉତ୍ସର୍ଗୀକୃତ ନଗରୀ

୨୮ ଫେବ୍ରୁଆରି ୧୯୬୮

*(ଅରୋଭିଲ୍‌ର ଉଦ୍‌ଘାଟନ ନିମନ୍ତେ ପ୍ରଦତ୍ତ ବାର୍ତ୍ତା)*

'oaob.nitrkl.ac.in' images reprocessed

28. 2. 68.

Greetings from Auroville
to all men of good will.
Are invited to Auroville all
those who thirst for progress
and aspire to a higher
and truer life.

ସଦିଚ୍ଛା ସମ୍ପନ୍ନ ସର୍ବଜନଙ୍କ ଲାଗି ଅରୋଭିଲ୍‌ରୁ ଅଭିନନ୍ଦନ ।

ଯେଉଁମାନେ ଅଗ୍ରଗତି ଲାଗି ପିପାସିତ ଏବଂ ଯେଉଁମାନେ ଏକ ଉଚ୍ଚତର ତଥା ସତ୍ୟତର ଜୀବନର ଅଭୀପ୍ସା ରଖିଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ଅରୋଭିଲ୍ ଆମନ୍ତ୍ରଣ ଜଣାଉଛି ।

*୨୮ ଫେବ୍ରୁଆରି ୧୯୬୮*

*

## ଅରୋଭିଲ୍‌ର ସନନ୍ଦ

୧) ଅରୋଭିଲ୍ ଖାସ୍ କାହାରି ସମ୍ପତ୍ତି ନୁହେଁ । ଏହା ସମଗ୍ର ମନୁଷ୍ୟଜାତିର ସମ୍ପତ୍ତି ।

ମାତ୍ର, ଅରୋଭିଲ୍‌ରେ ବାସ କରିବାକୁ ହେଲେ ଆମକୁ ସ୍ୱେଚ୍ଛାପ୍ରଣୋଦିତ ଭାବରେ ଦିବ୍ୟ ପରମଚେତନାର ସେବକ ହୋଇ ରହିବାକୁ ପଡ଼ିବ ।

୨) ଅରୋଭିଲ୍ କେବେହେଲେ ସମାପ୍ତ ନ ହେଉଥିବା ଏକ ଶିକ୍ଷା, ସତତ ଅବ୍ୟାହତ ରହିଥିବା ଅଗ୍ରଗତି ଏବଂ କଦାପି ବାର୍ଦ୍ଧକ୍ୟର ଗ୍ରାସରେ ପଡୁ ନ ଥିବା ତାରୁଣ୍ୟ ଲାଗି ଏକ ସ୍ଥାନ ହୋଇ ରହିବ ।

'oaob.nitrkl.ac.in' images reprocessed

୩) ଅତୀତ ଓ ଭବିଷ୍ୟ ମଧ୍ୟରେ ଅରୋଭିଲ୍ ଏକ ସେତୁ ହୋଇ ରହିବା ଲାଗି ଅଭିଳାଷ ରଖିଛି ।

ବାହ୍ୟ ଜଗତରୁ ତଥା ଅନ୍ତର ଭିତରୁ ଯାବତୀୟ ଆବିଷ୍କାରର ସୁଯୋଗ ଗ୍ରହଣ କରି ଅରୋଭିଲ୍ ସାହସର ସହିତ ଭବିଷ୍ୟତରେ ଉପଲବ୍ଧିଗୁଡ଼ିକ ଆଡ଼କୁ ଲମ୍ଫ ପ୍ରଦାନ କରିବ ।

୪) ଏକ ବାସ୍ତବ ମାନବ-ଏକତାର ଜୀବନ୍ତ ସାକାରୋପଲବ୍ଧି ନିମନ୍ତେ ଅରୋଭିଲ୍ ଯାବତୀୟ ଭୌତିକ ତଥା ଆଧ୍ୟାତ୍ମିକ ଗବେଷଣାର ସ୍ଥାନ ହୋଇ ରହିବ ।

*୨୮ ଫେବ୍ରୁଆରି ୧୯୬୮*

28. 2. 68

Charte d'Auroville

1) Auroville n'appartient à personne en particulier. Auroville appartient à toute l'humanité dans son ensemble.

Mais pour séjourner à Auroville, il faut être le serviteur volontaire de la Conscience Divine

*

2) Auroville sera le lieu de l'éducation perpétuelle, du

'oaob.nitrkl.ac.in' images reprocessed

*progrès constant et d'une jeunesse qui ne vieillit point.*

*

*3) Auroville veut être le pont entre le passé et l'avenir. Profitant de toutes les découvertes extérieures et intérieures, elle veut hardiment s'élancer vers les réalisations futures.*

*

*4) Auroville sera le lieu des recherches matérielles et spirituelles pour donner un corps vivant à une unité humaine concrète.*

*

ଶେଷରେ ଏପରି ଗୋଟିଏ ସ୍ଥାନ ମିଳିଲା, ଯେଉଁଠାରେକି ଆମେ କେବଳ ଅଗ୍ରଗତି କରିବା ଓ ଆପଣାକୁ ଅତିକ୍ରମ କରିବା ବିଷୟରେହିଁ ଚିନ୍ତା କରି ପାରିବା ।

ଶେଷରେ ଏପରି ଗୋଟିଏ ସ୍ଥାନ ମିଳିଲା, ଯେଉଁଠାରେ କି ଆମେ ଶାନ୍ତିରେ

'oaob.nitrkl.ac.in' images reprocessed

ବାସ କରି ପାରିବା, ଜାତି, ଧର୍ମ ଅଥବା ବିଭିନ୍ନ ମହତ୍ତ୍ୱ-ଆକାଙ୍କ୍ଷା ମଧ୍ୟରେ ଲାଗି ରହିଥିବା ଦ୍ୱନ୍ଦ୍ୱ ତଥା ଶତ୍ରୁତାରୁ ମୁକ୍ତ ରହି ଜୀବନ ଧାରଣ କରି ପାରିବା ।

ଏତେଦିନେ ଗୋଟିଏ ସ୍ଥାନ ମିଳିଲା, ଯେଉଁଠାରେ କି ଆପଣାକୁହିଁ ଏକମାତ୍ର ସତ୍ୟ ବୋଲି କହି ଲଦିଦେବା ସକାଶେ ଆଉ କୌଣସି ବସ୍ତୁର ଆଦୌ କୌଣସି ଅଧିକାର ରହିବ ନାହିଁ ।

*ଫେବ୍ରୁଆରି ୧୯୬୮*

*

*ଆଶ୍ରମ ଏବଂ ଅରୋଭିଲ୍ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ?*

ଆଶ୍ରମ ପୁରୋଗାମୀ, ପ୍ରେରଣାଦାୟକ ଏବଂ ପଥପ୍ରଦର୍ଶନକାରୀର ଯଥାର୍ଥ ଭୂମିକାଟିକୁ ଅକ୍ଷୁଣ୍ଣ ରଖିବ ।

ଅରୋଭିଲ୍ ହେଉଛି ସାମୂହିକ ଉପଲବ୍ଧି ସକାଶେ କରା ଯାଉଥିବା ଏକ ପ୍ରୟାସ ।

*ଜୁନ୍ ୧୯୬୮*

*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅରୋଭିଲ୍‌ରେ ବାସ କରିବାକୁ ହେଲେ ଚେତନାର କ୍ଷେତ୍ରରେ ଏକ ବୃହତ୍ ଅଗ୍ରଗତି ଅବଶ୍ୟ କରିବାକୁ ପଡ଼ିବ ।

ମାତ୍ର, ସେହି ଅଗ୍ରଗତି ସମ୍ଭବ ହେବାର ମୁହୂର୍ତ୍ତଟି ବର୍ତ୍ତମାନ ଆସି ଉପଗତ ହୋଇଛି ।

ମୋର ସମସ୍ତ ସ୍ନେହ ସହିତ ।

*ଜୁନ୍ ୧୯୬୮*

*

*(ଅରୋଭିଲ୍ ପ୍ରସ୍ପରିଟିରେ ବିତରିତ ହୋଇଥିବା ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକର ଗ୍ରହୀତାମାନଙ୍କୁ ସନ୍ଦେଶ)*

ବାସନାଗୁଡ଼ିକର ତୁଷ୍ଟିସାଧନ ପାଇଁ ନୁହେଁ, ମାତ୍ର ଯଥାର୍ଥ ଚେତନାର ଅଭିବୃଦ୍ଧି ନିମନ୍ତେ ଅରୋଭିଲ୍ ଉଦ୍ଦିଷ୍ଟ ହୋଇ ରହିଛି ।

*୧୬ ଜୁନ୍ ୧୯୬୮*

*

ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି ଏବଂ ଏକତା ଆଣିବା ଲାଗି ହେଉଥିବା ଯାବତୀୟ ପ୍ରୟାସକୁ ଅରୋଭିଲ୍‌ରେ ସ୍ୱାଗତ କରାଯିବ ।

*୨୦ ଜୁଲାଇ ୧୯୬୮*

*

'oaob.nitrkl.ac.in' images reprocessed

ଭବିଷ୍ୟ ଆଡ଼କୁ ଗତି କରିବା ଲାଗି ଉତ୍ସାହକୁ ନୈତିକ ଅଥବା ଭୌତିକ ଯାବତୀୟ ଲାଭର ପ୍ରତ୍ୟାଶାକୁ ତ୍ୟାଗ କରିବା ଲାଗି ପ୍ରସ୍ତୁତ ହେବାକୁ ପଡ଼ିବ, ଯେପରିକି, ଭବିଷ୍ୟତ ଆମକୁ ଯାହାକିଛି ଦେଇପାରିବ, ଆମେ ଯଥାର୍ଥରେ ତାହାର ଅଧିକାରୀ ହୋଇପାରିବା ।

ଖୁବ୍ କମ୍‌ସଂଖ୍ୟକ ଲୋକଙ୍କଠାରେ ସେହି ସାମର୍ଥ୍ୟ ରହିଛି; ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେକି ଭବିଷ୍ୟତ ସେମାନଙ୍କ ଲାଗି ବହନ କରୁଥିବା ବସ୍ତୁଗୁଡ଼ିକୁ ଗ୍ରହଣ କରିବାକୁ ଅବଶ୍ୟ ଇଚ୍ଛା କରିବେ, ମାତ୍ର, ନୂତନ ବସ୍ତୁଟିକୁ ଗ୍ରହଣ କରି ପାରିବାକୁ ହେଲେ ସେମାନଙ୍କ ପାଖରେ ରହିଥିବା ଯେଉଁ ବସ୍ତୁଗୁଡ଼ିକୁ ସେମାନଙ୍କୁ ପରିତ୍ୟାଗ କରିବାକୁ ପଡ଼ିବ, ସେମାନେ ସେଗୁଡ଼ିକୁ ଛାଡ଼ିବା ଲାଗି ଆଦୌ ପ୍ରସ୍ତୁତ ହେବେ ନାହିଁ ।

*୫ ଅଗଷ୍ଟ ୧୯୬୮*

*

ଆରାମ ଲାଗି କିଂବା ବାସନାଗୁଡ଼ିକର ତର୍ପଣ ଲାଗି କେହି ଅରୋଭିଲ୍‌କୁ ଆସନ୍ତି ନାହିଁ; ଚେତନାର ଅଭିବୃଦ୍ଧି ଏବଂ ଉପଲବ୍ଧି କରିବା ଲାଗି ରହିଥିବା ପରମସତ୍ୟ ଉଦ୍ଦେଶ୍ୟରେ ଆପଣାକୁ ଉତ୍ସର୍ଗ କରିବା ଲାଗିହିଁ ସେମାନେ ଏଠାକୁ ଆସନ୍ତି ।

ଅରୋଭିଲ୍‌ର ସୃଜନାତ୍ମକ ସକଳ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ହେଲେ ନିଃସ୍ୱାର୍ଥପରତା ହେଉଛି ସର୍ବପ୍ରଥମ ଆବଶ୍ୟକତା ।

*୫ ନଭେମ୍ବର ୧୯୬୮*

*

*ଦିବ୍ୟଜନନି,*

*ଅରୋଭିଲ୍‌ର ନିର୍ମାଣ ମନୁଷ୍ୟର ଅଧ୍ୟାତ୍ମ-ମାର୍ଗକୁ ଗ୍ରହଣ କରିବା ଉପରେ କେତେଦୂର ନିର୍ଭର କରୁଛି ?*

ଆଧ୍ୟାତ୍ମିକତା ଏବଂ ଭୌତିକ ଜୀବନ ମଧ୍ୟରେ ଯେଉଁ ବିରୋଧ ରହିଛି ବୋଲି କୁହାଯାଇଥାଏ ଏବଂ ଦୁଇଟିଯାକକୁ ଯେପରି ଅଲଗା ଅଲଗା କରି ଦେଖାଇ ଦିଆଯାଏ, ମୋ' ଲାଗି ତାହାର ଆଦୌ କୌଣସି ଅର୍ଥ ନାହିଁ । କାରଣ, ପ୍ରକୃତ କଥା ହେଉଛି, ଜୀବନ ତଥା ଅଧ୍ୟାତ୍ମ ଉଭୟ ହେଉଛନ୍ତି ସେହି ଗୋଟିଏ ବସ୍ତୁ ଏବଂ ଏହି ଭୌତିକ ସ୍ତରର କାର୍ଯ୍ୟ ମଧ୍ୟରେ ଓ ସେହି କାର୍ଯ୍ୟର ମାଧ୍ୟମରେହିଁ ସର୍ବୋଚ୍ଚ ପରମ ଅଧ୍ୟାତ୍ମସତ୍ତାଙ୍କର ପରିପ୍ରକାଶ ଘଟାଇବାକୁ ପଡ଼ିବ ।

*୧୯ ଏପ୍ରିଲ୍ ୧୯୬୮*

*

'oaob.nitrkl.ac.in' images reprocessed

*ଦିବ୍ୟଜନନି,*

*କାର୍ଯ୍ୟର ସୁବିଧା ଏବଂ ଭୌତିକ ଲାଭର କୌଣସି ଏକ ଅନୁଭୂତି ଦ୍ୱାରା ପ୍ରେରିତ ହୋଇ ଅରୋଭିଲ୍‌ରେ ଆମେ ଯେ ସତ୍ୟକୁ ନେଇ କୌଣସି ସାଲିସ କରିବୁ, ତାହାର ପ୍ରକୃତରେ କୌଣସି କାରଣ ଅଛି କି ?*

ରହିବା ଏବଂ କାର୍ଯ୍ୟ କରିବାର ବାସ୍ତବତାକୁ ମଧ୍ୟ ଏକ ସାଲିସ ବୋଲି କୁହାଯାଇ ପାରିବ, କାରଣ ପୃଥିବୀ ବର୍ତ୍ତମାନ ମଧ୍ୟ ପରମସତ୍ୟର ବିଧାନ ଅନୁସାରେ ଶାସିତ ହେଉ ନାହିଁ ।

*୭ ଜୁନ୍ ୧୯୬୮*

*

ଅରୋଭିଲ୍

ଶୃଙ୍ଖଳା ବ୍ୟତୀତ କୌଣସି ବୃହତ୍ ସୃଷ୍ଟି ସମ୍ଭବ ହୁଏ ନାହିଁ —
ବ୍ୟକ୍ତିର ଶୃଙ୍ଖଳା
ଗୋଷ୍ଠୀର ଶୃଙ୍ଖଳା
ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଶୃଙ୍ଖଳା ।

*୧୬ ସେପ୍ଟେମ୍ବର ୧୯୬୮*

*

*(କର୍ମ ସଂଗଠନ ବିଷୟରେ)*

ଯେକୌଣସି ବିଷୟକୁ କାର୍ଯ୍ୟରେ ପରିଣତ କରିବା ହେଉଛି ମହତ୍ତ୍ୱପୂର୍ଣ୍ଣ କଥା । ଆମେ ଯେଉଁ ଆଦର୍ଶର ଉପଲବ୍ଧି କରିବା ପାଇଁ ଇଚ୍ଛା କରୁଛୁ, ତାହାକୁ କେବେହେଲେ ଦୃଷ୍ଟିପଥରୁ ହରାଇ ନ ଦେଇ ସେହି କାର୍ଯ୍ୟଟିକୁ କରିବାକୁ ପଡ଼ିଥାଏ ।

*ଡିସେମ୍ବର ୧୯୬୮*

*

*ମାଆ,*

*ଏକ ନିର୍ଦ୍ଦିଷ୍ଟ କର୍ମଧାରାରେ ଆମେ ସମସ୍ତେ ରାଜି ହୋଇ ପାରିବା ସମ୍ଭବ କି ନୁହେଁ, ତାହା ଚେଷ୍ଟା କରି ଦେଖିବା ସକାଶେ କାଲି ଗୋଟିଏ ସାଧାରଣ ସଭା ହେବାକୁ ଯାଉଛି ।*

'oaob.nitrkl.ac.in' images reprocessed

*କୌଣସି ଦୁଇଜଣ ବ୍ୟକ୍ତି ମଧ୍ୟ ସମାନ ଭାଷାରେ କଥା କହୁ ନାହାନ୍ତି; ପ୍ରତ୍ୟେକ ବ୍ୟକ୍ତି ଅତ୍ୟନ୍ତ ଭିନ୍ନ ମତମାନ ପୋଷଣ କରୁଛନ୍ତି ଏବଂ କର୍ମ ବିଷୟରେ ଏକ ସାଧାରଣ ଶୃଙ୍ଖଳାକୁ ସ୍ୱୀକାର କରି ନେବା ଲାଗି କେହି ରାଜି ହେଉ ନାହାନ୍ତି । ସେହି ସଭାରେ ମୋତେ କ'ଣ କହିବାକୁ ହେବ, ସେକଥା ଜାଣିବା ପାଇଁ ମୁଁ ଆପଣଙ୍କଠାରୁ କେତେକ ସ୍ପଷ୍ଟ ଲିଖିତ ଉତ୍ତର ପାଇବି ବୋଲି ଇଚ୍ଛା କରୁଛି,— ଏପରି କିଛି, ଯାହାକି ପ୍ରକୃତ ସତ୍ୟ ହୋଇଥିବ ଏବଂ ଯାହା ବିଭ୍ରାନ୍ତିଟିକୁ ଦୂର କରିବାରେ ସାହାଯ୍ୟ କରିପାରିବ ।*

*ଅରୋଭିଲ୍‌ର ନିର୍ମାଣ ସକାଶେ କ'ଣ ଏକ କର୍ମପଦ୍ଧତି, ସଂଗଠନ ଓ ସମନ୍ୱୟନର ଆବଶ୍ୟକତା ରହିଛି ?*

ଜୀବନ ଲାଗି ଶୃଙ୍ଖଳା ଏକାନ୍ତ ଆବଶ୍ୟକ । ଜୀବନଧାରଣ କରି ରହିବାକୁ ହେଲେ ଶରୀରକୁ ମଧ୍ୟ ଆପଣାର ପ୍ରତ୍ୟେକ ସକ୍ରିୟତାରେ ଏକ କଠୋର ଶୃଙ୍ଖଳାର ଅଧୀନ ହୋଇ ରହିବାକୁ ପଡ଼ିଥାଏ । ଏହି ଶୃଙ୍ଖଳାରେ କୌଣସି ପ୍ରକାର ଶିଥିଳତା ଆସି ପଶିଗଲେ ଶରୀର ଅସୁସ୍ଥ ହୁଏ ।

*ବର୍ତ୍ତମାନ ତଥା ଭବିଷ୍ୟତରେ ଏହି ସଂଗଠନର ସ୍ୱଭାବ କିପରି ହେବା ଉଚିତ ?*

ଏକ କର୍ମଶୃଙ୍ଖଳାକୁ ହିଁ ସଂଗଠନ ବୋଲି କୁହାଯିବ, ମାତ୍ର ଅରୋଭିଲ୍ କ୍ଷେତ୍ରରେ ଆମେ ଏକ ଯାଦୃଚ୍ଛିକ ଏବଂ କୃତ୍ରିମ ସଂଗଠନର ଆହୁରି ସେପାଖକୁ ଯିବା ଲାଗି ଇଚ୍ଛା କରୁଛୁ ।

ଆମେ ଏଠାରେ ଏପରି ଗୋଟିଏ ସଂଗଠନ ଚାହୁଁଛୁ, ଯାହାକି, ଭବିଷ୍ୟତର ସତ୍ୟଟିକୁ ଅଭିବ୍ୟକ୍ତ କରି ଆଣିବାକୁ କାର୍ଯ୍ୟ କରୁଥିବା ଏକ ଉଚ୍ଚତର ଚେତନାକୁ ପ୍ରକାଶିତ କରି ପାରୁଥିବ ।

*ଏହି ଗୋଷ୍ଠୀଚେତନାର ଅଭ୍ୟୁଦୟ ଘଟିବା ପୂର୍ବରୁ ଏବଂ ଆମେ ସାମୂହିକ ଭାବରେ ଯଥାର୍ଥ ଓ ପ୍ରକୃତ ପ୍ରଣାଳୀରେ କାର୍ଯ୍ୟ କରିବା ଲାଗି ସମର୍ଥ ହେବା ପୂର୍ବରୁ ଆମକୁ କ'ଣ ସବୁ କରିବାକୁ ହେବ ?*

ସୋପାନକ୍ରମରେ ତିଆରି ହୋଇଥିବା ଏକ ସଂଗଠନ ରଖିବାକୁ ହେବ, ଯାହାକି ଏକ ସର୍ବାଧିକ ପରିମାଣରେ ସନ୍ଦୀପିତ କେନ୍ଦ୍ରର ଚାରିପାଖରେ ଏକତ୍ୱବଦ୍ଧ ହୋଇ ରହିଥିବ ଏବଂ ଏକ ସାମୂହିକ ଶୃଙ୍ଖଳାକୁ ମାନି କାର୍ଯ୍ୟ କରୁଥିବ ।

'oaob.nitrkl.ac.in' images reprocessed

*ସଂଗଠନର ଯେଉଁ ପ୍ରଣାଳୀମାନ ଫଳପ୍ରଦ ବୋଲି ସିଦ୍ଧ ହୋଇ ସାରିଛନ୍ତି, ମାତ୍ର ଯେଉଁଗୁଡ଼ିକ ମନୁଷ୍ୟସ୍ତରର ନ୍ୟାୟବୁଦ୍ଧି ଓ ନାନା ଯନ୍ତ୍ରର ବ୍ୟବହାର ଉପରେ ଆଧାରିତ ହୋଇ ରହିଛନ୍ତି, ଆମେ ମଧ୍ୟ ସେହିଗୁଡ଼ିକୁ କାମରେ ଲଗାଇବା କି ?*

ଏହାକୁ ଏକ ଅସ୍ଥାୟୀ ମଧ୍ୟବର୍ତ୍ତୀ ବ୍ୟବସ୍ଥା ବୋଲି କୁହାଯାଇ ପାରିବ ଏବଂ ଆମେ କେବଳ ଅସ୍ଥାୟୀ ଭାବରେହିଁ ସେଇଟି ଦ୍ୱାରା ପରିଚାଳିତ ହେବା ।

*ଏହି କ୍ଷେତ୍ରରେ ବ୍ୟକ୍ତିର ଅଭିକ୍ରମ ଲାଗି ମଧ୍ୟ କ'ଣ ଅବକାଶ ରହିଥିବ ଏବଂ ସେହି ବ୍ୟକ୍ତିଗତ କ୍ରିୟାଶୀଳତା ପଛରେ କ'ଣ ପ୍ରେରଣା ଏବଂ ଅନ୍ତର୍ବୋଧ ମଧ୍ୟ ସଂଚାଳିକା ଶକ୍ତିରୂପେ କାର୍ଯ୍ୟ କରୁଥିବେ ? ଏବଂ, ସଂପୃକ୍ତ ପକ୍ଷଟି ଯାହାକୁ ଭଲ ବୋଲି ଅନୁଭବ ନ କରିବ, ସେହିପରି ଯାବତୀୟ ଧାରଣାକୁ କ'ଣ ପରିତ୍ୟାଗ କରାଯିବ ?*

ଏଇଟାକୁ ବ୍ୟାବହାରିକ କରିବାକୁ ହେଲେ ଏକଥା ଅବଶ୍ୟ ଆବଶ୍ୟକ ହେବ ଯେ, ଅରୋଭିଲ୍‌ର ସବୁ କର୍ମୀ ଜଣେ ଜଣେ ଯୋଗୀ ହୋଇଥିବେ ଏବଂ ଦିବ୍ୟ ପରମ ସତ୍ୟ ସମ୍ବନ୍ଧରେ ସଚେତନ ରହିଥିବେ ।

*ଏକ ସାଧାରଣ ସଂଗଠନ ରହୁ ବୋଲି ଇଚ୍ଛା କରିବାର, ସେହି ସଂଗଠନକୁ ତିଆରି କରିବାର ଏବଂ ସେଥିଲାଗି ଚେଷ୍ଟା କରିବାର ଉପଯୁକ୍ତ ସମୟ ଆସି ପହଞ୍ଚିଲାଣି କି, ଅଥବା ଆମକୁ ଉପଯୁକ୍ତ ଦୃଷ୍ଟିକୋଣ ଏବଂ ଉପଯୁକ୍ତ ବ୍ୟକ୍ତିମାନଙ୍କ ଲାଗି ଅପେକ୍ଷା କରିବାକୁ ପଡ଼ିବ ?*

ସମ୍ମୁଖରେ ଥିବା କାର୍ଯ୍ୟଟିକୁ କରିବା ଲାଗି ଏକ ସଂଗଠନ ଦରକାର – ମାତ୍ର ସେହି ସଂଗଠନ ନମନୀୟ ହୋଇଥିବ ଏବଂ କ୍ରମଶଃ ଅଧିକ ଆଗକୁ ଗତି କରି ପାରୁଥିବ ।

*ଯଦି ଅପେକ୍ଷା କରିବାକୁହିଁ ସମାଧାନ ବୋଲି ଧରି ନିଆଯାଏ, ତଥାପି, ସଂଗଠନ ସଂକ୍ରାନ୍ତୀୟ ନୀତିଗୁଡ଼ିକୁ ନିର୍ଦ୍ଧାରିତ କରିଦେବା ପାଇଁ ଓ ନିୟନ୍ତ୍ରଣରୁ ବାହାର ହୋଇ ଯାଉଥିବା ବିଶୃଙ୍ଖଳାକୁ ଏଡ଼ାଇ ରଖିବା ପାଇଁ ଏକ ପ୍ରୟୋଜନ ରହିବ ନାହିଁ କି ?*

'oaob.nitrkl.ac.in' images reprocessed

ଯେଉଁମାନେ ଅରୋଭିଲ୍‌ରେ ବାସ କରିବାକୁ ଏବଂ ସେଠାରେ କାର୍ଯ୍ୟ କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କ ସମସ୍ତଙ୍କ ଭିତରେ ଏକ ସମଗ୍ର ସଦିଚ୍ଛା ରହିଥିବା ଏକାନ୍ତ ଆବଶ୍ୟକ, ପରମସତ୍ୟକୁ ଜାଣିବା ଲାଗି ଏବଂ ତାହାରି ଅନୁଗତ ହେବା ଲାଗି ଏକ ଅଭୀପ୍ସା ରହିଥିବା ଆବଶ୍ୟକ, କାର୍ଯ୍ୟକ୍ଷେତ୍ରର ଯାବତୀୟ ତାତ୍କାଳିକ ଆବଶ୍ୟକତାର ସମ୍ମୁଖୀନ ହୋଇ ପାରିବା ଲାଗି ଯଥେଷ୍ଟ ପରିମାଣରେ ନମନୀୟତା ରହିଥିବା ଉଚିତ ଏବଂ, ଯେପରିକି ସର୍ବୋଚ୍ଚ ପରମ ସତ୍ୟ ଆଡ଼କୁ ଅଗ୍ରସର ହେବା ସମ୍ଭବ ହେବ, ସେଥିପାଇଁ ଅଗ୍ରଗତି କରିବା ନିମନ୍ତେ ଏକ ଅଶେଷ ଇଚ୍ଛାଶକ୍ତି ମଧ ରହିଥିବା ଉଚିତ ।

ଏବଂ, ସର୍ବଶେଷରେ, ମୋର ଗୋଟିଏ ଉପଦେଶ : ଅନ୍ୟମାନଙ୍କର ଭୁଲ୍ ଅପେକ୍ଷା ନିଜେ କରୁଥିବା ଭୁଲ୍ ବିଷୟରେ ତୁମେମାନେ ଅଧିକ ଦୃଷ୍ଟିଦିଅ । ଯଦି ପ୍ରତ୍ୟେକ ବ୍ୟକ୍ତି ତା'ର ନିଜର ଆତ୍ମ-ପରିପୂର୍ଣ୍ଣତା ଲାଗି ଗମ୍ଭୀର ଭାବରେ କାର୍ଯ୍ୟ କରି ପାରୁଥିବେ, ତେବେ ତାହାରି ଦ୍ୱାରାହିଁ ସମଗ୍ରଟିର ପରିପୂର୍ଣ୍ଣତା ଆପେ ଆପେ ସମ୍ଭବ ହୋଇଯିବ ।[1]

*୬ ଫେବ୍ରୁଆରି ୧୯୬୯*

*

ଅରୋଭିଲ୍
ପୃଥିବୀ ଲାଗି ଯେଉଁ ନଗରୀର
ପ୍ରୟୋଜନ ରହିଛି ।

*୨୨ ଫେବ୍ରୁଆରି ୧୯୬୯*

*

*(ଅରୋଭିଲ୍‌ର ପ୍ରଥମ ବାର୍ଷିକ ପାଇଁ ପ୍ରଦତ୍ତ ବାର୍ତ୍ତା)*

ଯେଉଁମାନେ ଅରୋଭିଲ୍‌ରେ ବାସ କରୁଛନ୍ତି ଏବଂ ଏହାର ପରିପୂର୍ଣ୍ଣ ଉପଲବ୍ଧି ନିମନ୍ତେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ଜୀବନ ମଧ୍ୟରେ ଶାନ୍ତି ତଥା ଆନନ୍ଦର ଅବତରଣ ସମ୍ଭବ ହେଉ ।

ଅନେକ ଆଶୀର୍ବାଦ ।

*୨୮ ଫେବ୍ରୁଆରି ୧୯୬୯*

*

*(ଅରୋଭିଲ୍‌ର ପ୍ରଥମ ବାର୍ଷିକ ପାଇଁ ପ୍ରଦତ୍ତ ବାର୍ତ୍ତା)*

କେବଳ ଦିବ୍ୟ ପରମସତ୍ତାଙ୍କ ସହ ସମ୍ମିଳନ ଘଟିବା ଦ୍ୱାରାହିଁ ମୁକ୍ତି ସମ୍ଭବ ହୋଇଥାଏ ।

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତାଙ୍କ ସହିତ ସେହି ସମ୍ମିଳନ ଅର୍ଜନ କରିବାକୁ ହେଲେ ନିଜ ଭିତରେ ବାସନାର ସକଳ ସମ୍ଭାବନା ଉପରେହିଁ ବିଜୟଲାଭ ହୋଇ ପାରିଥିବା ଆବଶ୍ୟକ ।

*୨୮ ଫେବ୍ରୁଆରି ୧୯୬୯*

*

ଅରୋଭିଲ୍‌ରେ ଆମେ ସ୍ୱାଧୀନତାର ଉପଲବ୍ଧି କରିବା ପାଇଁ ଇଚ୍ଛା କରୁଛୁ, ତାହା ଆଦୌ ଉଚ୍ଛୃଙ୍ଖଳତା ନୁହେଁ – ଯେଉଁଥିରେକି, ଯାହାକୁ ଯାହା ଭଲ ଲାଗିବ, ସିଏ ତାହା ଅବଶ୍ୟ କରିବ ଏବଂ ସମଗ୍ର ସଂଗଠନଟିର କଲ୍ୟାଣ ଲାଗି ଆଦୌ କୌଣସି ଅପେକ୍ଷା ରଖିବ ନାହିଁ ।

*୧୯୬୯*

*

*ଅରୋଭିଲ୍ ଯେ ଜନ୍ମଲାଭ କରୁ, ଏହା କ'ଣ ଦିବ୍ୟ ପରମସତ୍ତାଙ୍କର ଏକ ଇଚ୍ଛା, ନା ଅରୋଭିଲ୍‌କୁ ନିର୍ମାଣ କରିବାର ପ୍ରୟାସଟିକୁ ଦିବ୍ୟ ପରମ ସତ୍ତା ପ୍ରକୃତରେ ଏକ ପ୍ରଯୋଗ ରୂପେ ଦେଖୁଛନ୍ତି ?*

ଅରୋଭିଲ୍ ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଦିବ୍ୟ କଳ୍ପନା, ଏବଂ ସେହି କଳ୍ପନାଟି ଅରୋଭିଲ୍‌ର ନିର୍ମାଣ କାର୍ଯ୍ୟକାରୀ ହେବାର ବହୁବର୍ଷ ପୂର୍ବରୁ ହୋଇ ସାରିଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତାହାକୁ କାର୍ଯ୍ୟକାରୀ କରିବାର ଟିକିନିଖି କ୍ଷେତ୍ରରେ ମନୁଷ୍ୟର ଚେତନା ଅବଶ୍ୟ ଆସି ହସ୍ତକ୍ଷେପ କରୁଛି ।

*୧୭ ଏପ୍ରିଲ୍ ୧୯୬୯*

*

*ଭିନ୍ନ ଭିନ୍ନ ମୂଲ୍ୟରେ ବିଶ୍ୱାସ କରୁଥିବା ବିଭିନ୍ନ ବ୍ୟକ୍ତି କିପରି ସମଞ୍ଜସତା ସହିତ ଏକ ରହିପାରିବେ ଓ କାର୍ଯ୍ୟ କରି ପାରିବେ ?*

ଏହି ସମସ୍ୟାଟିର ସମାଧାନ ମିଳିଯିବ, ଯଦି ଆମେ ନିଜ ଭିତରେ ଗଭୀରକୁ ପ୍ରବେଶ କରି ପାରିବା ଏବଂ ସେହି ସ୍ଥାନଟିକୁ ଆବିଷ୍କାର କରିବା, ଯେଉଁଠାରେ କି ଯାବତୀୟ ଭେଦ ଓ ପାର୍ଥକ୍ୟ ଏକତ୍ର ମିଶି ସେହି ମୂଳଭୂତ ଶାଶ୍ୱତ ଏକତ୍ୱକୁ ସମ୍ଭବ କରି ରଖିଥାନ୍ତି ।

*୪ ମଇ ୧୯୬୯*

*

'oaob.nitrkl.ac.in' images reprocessed

## ଅରୋଭିଲ୍‌ବାସୀଙ୍କ ପ୍ରତି

ଆପଣାର ସଂଜ୍ଞାଟି ଅନୁସାରେ ଅରୋଭିଲ୍‌ରେ ଯେଉଁ ସମଞ୍ଜସତାଯୁକ୍ତ ବାତାବରଣଟି ଅବଶ୍ୟ ବିଦ୍ୟମାନ ରହିବା ଉଚିତ; ଏଠାରେ ତାହାକୁ ପ୍ରତିଷ୍ଠିତ କରିବାକୁ ହେଲେ, ସର୍ବପ୍ରଥମ ପଦକ୍ଷେପ ସ୍ୱରୂପ, ଯାବତୀୟ ସଂଘର୍ଷ ଏବଂ ଭୁଲ୍‌ବୁଝାମଣାର କାରଣ ଖୋଜିବାକୁ ଯାଇ ପ୍ରତ୍ୟେକ ବ୍ୟକ୍ତିକୁ ନିଜ ଭିତରକୁ ଦୃଷ୍ଟିପାତ କରିବାକୁ ପଡ଼ିବ ।

କାରଣ, ଏହିସବୁ କାରଣ ସର୍ବଦା ଉଭୟ ତରଫରେହିଁ ରହିଥାଏ ଏବଂ, ଅନ୍ୟମାନଙ୍କଠାରୁ ପ୍ରକୃତରେ କିଛି ଦାବି କରିବା ପୂର୍ବରୁ, ପ୍ରତ୍ୟେକ ବ୍ୟକ୍ତିର ପ୍ରଥମେ ସେଗୁଡ଼ିକୁ ନିଜ ଭିତରୁ ବିଲୁପ୍ତ କରିଦେବାର ଉଦ୍ୟମ କରିବା ଉଚିତ ।

*୪ ଜୁଲାଇ ୧୯୬୯*

*

ଅରୋଭିଲ୍‌ର ପ୍ରତ୍ୟେକ ଯୋଗ୍ୟ ଅଧିବାସୀକୁ ନିଜକୁ ସକଳ ବାସନା, ସକଳ ଅଭିରୁଚି ଏବଂ ସକଳ ଘୃଣାରୁ ମୁକ୍ତ କରିବା ନିମନ୍ତେ ଚେଷ୍ଟା କରିବାକୁ ହେବ ।

ଯାବତୀୟ ପରିସ୍ଥିତିରେ ଏକ ସମତା ଅବଲମ୍ବନ କରିବା,– ଅରୋଭିଲ୍‌ରେ ବାସ କରିବାକୁ ହେଲେ ଏହାହିଁ ହାସଲ କରିବାକୁ ରହିଥିବା ସର୍ବପ୍ରଧାନ ଲକ୍ଷ୍ୟ ହେବା ଉଚିତ ।

*

ଯାବତୀୟ କଳହ ହେଉଛି ଅରୋଭିଲ୍‌ର ଅସଲ ଭାବନାଟିର ସଂପୂର୍ଣ୍ଣ ବିରୋଧୀ ।

*

ପୃଥିବୀ ଆବଶ୍ୟକ କରେ

ଏକ ସ୍ଥାନ ଯେଉଁଠାରେକି ଲୋକମାନେ ଜାତିଗତ ଯାବତୀୟ ଶତ୍ରୁତା, ସାମାଜିକ ପରମ୍ପରା, ପରସ୍ପର-ବିରୋଧୀ ନାନା ନୈତିକତା ଏବଂ ପରସ୍ପର-ବିବାଦୀ ଯାବତୀୟ ଧର୍ମରୁ ମୁକ୍ତ ରହି ଜୀବନ ବଞ୍ଚି ପାରିବେ;

ଏପରି ଏକ ସ୍ଥାନ, ଯେଉଁଠାରେ କି ସେମାନେ ଆଉ କୌଣସି ପ୍ରକାରେ ଅତୀତର ଦାସ ହୋଇ ରହିବେ ନାହିଁ ଏବଂ ଆପଣାକୁ ପ୍ରକଟ କରିବା ପାଇଁ ଉଦ୍ୟମ କରୁଥିବା ସେହି ଦିବ୍ୟ ପରମଚେତନାର ଆବିଷ୍କାର କରିବାରେ ଏବଂ ତାହାକୁ ଜୀବନରେ ଅଭ୍ୟାସ କରିବାରେହିଁ ଆପଣାକୁ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ରଖିପାରିବେ ।

ଅରୋଭିଲ୍ ଠିକ୍ ସେହି ସ୍ଥାନଟି ହୋଇ ପାରିବାର ଆକାଂକ୍ଷା ରଖିଛି ଏବଂ,

'oaob.nitrkl.ac.in' images reprocessed

ଯେଉଁମାନେ ଆଗାମୀ କାଲିର ସତ୍ୟଟିକୁ ବଞ୍ଚିବା ଲାଗି ଅଭୀପ୍ସା କରୁଛନ୍ତି, ତାହା ସେମାନଙ୍କ ଲାଗି ଆପଣାର ଦ୍ୱାରକୁ ଉନ୍ମୁକ୍ତ କରି ରଖିଛି ।

*୨୦ ସେପ୍ଟେମ୍ବର ୧୯୬୯*

*

ବ୍ୟକ୍ତିଗତ ବୋଲି କୁହାଯାଉଥିବାର ଆଉ ଆଦୌ କୌଣସି ସମ୍ପତ୍ତିର ଅଧିକାରୀ ହୋଇ ରହିବାର ଆନନ୍ଦ ତଥା ମୁକ୍ତି ସହିତ ପରିଚିତ ହେବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନଙ୍କ ସକାଶେ ଅରୋଭିଲ୍‌ହିଁ ଆଦର୍ଶ ଓ ଉପଯୁକ୍ତ ସ୍ଥାନ ।

*୧୮ ସେପ୍ଟେମ୍ବର ୧୯୬୯*

*

ମାନବ-ଏକତାର ମାଧ୍ୟମରେ ଶାନ୍ତି :

ଏକରୂପତା ଦ୍ୱାରା ପ୍ରତିଷ୍ଠିତ ହେଉଥିବା ଏକତା ହେଉଛି ଏକ ନିରର୍ଥକ ଓ ଅସମ୍ଭବ କଥା ।

ଅନେକଙ୍କର ମିଳନରେହିଁ ଏକତାର ଉପଲବ୍ଧି କରିବାକୁ ହେବ ।

ପ୍ରତ୍ୟେକ ବ୍ୟକ୍ତି ହେଉଛି ସେହି ଏକତାର ଏକ ଅଂଶ; ସମଗ୍ରଟି ସକାଶେ ପ୍ରତ୍ୟେକଟି ଅପରିହାର୍ଯ୍ୟ ।

*ଅକ୍ଟୋବର, ୧୯୬୯*

*

*ଏପରି ଗୋଟିଏ ଦିନ ଆସିବ କି, ଯେତେବେଳେ ଆଉ ଦରିଦ୍ର ବୋଲି କୌଣସି ମନୁଷ୍ୟ ରହିବେ ନାହିଁ ଏବଂ ପୃଥିବୀରେ ଆଉ ଦୁଃଖବୋଧ ବୋଲି କିଛି ରହିବ ନାହିଁ ?*

ଯେଉଁମାନେ ଶ୍ରୀଅରବିନ୍ଦଙ୍କର ଶିକ୍ଷାକୁ ବୁଝିଛନ୍ତି ଏବଂ ତାଙ୍କଠାରେ ବିଶ୍ୱାସ ରଖିଛନ୍ତି, ସେପରି ଗୋଟିଏ ଦିନ ଆସିବ ବୋଲି ସେମାନେ ଅବଶ୍ୟ ବିଶ୍ୱାସ କରିବେ ।

ସେହିପରି ଏକ ସ୍ଥାନର ସୃଷ୍ଟି କରିବାକୁ ଇଚ୍ଛା କରିବା, ଯେଉଁଠାରେ କି ତାହା ପ୍ରକୃତରେ ସମ୍ଭବ ହେବ, ଆମେ ସେହି କାରଣରୁହିଁ ଅରୋଭିଲ୍‌ର ନିର୍ମାଣ କରିବାକୁ ଇଚ୍ଛା କରୁଛୁ ।

ମାତ୍ର, ସେହି ଉପଲବ୍ଧିକୁ ସମ୍ଭବ କରିବାକୁ ହେଲେ, ଆମ ପ୍ରତ୍ୟେକଙ୍କୁ ଆପଣାର ରୂପାନ୍ତର ଘଟାଇବା ଲାଗି ଏକ ଉଦ୍ୟମ କରିବାକୁ ପଡ଼ିବ; କାରଣ, ମନୁଷ୍ୟମାନେ ଭୋଗ କରୁଥିବା ଅଧିକତମ ଅଂଶର ଦୁଃଖ ଓ କଷ୍ଟ ହେଉଛି ସେହିମାନେହିଁ କରୁଥିବା

'oaob.nitrkl.ac.in' images reprocessed

ନାନା ଭୁଲ୍‌ର ପରିଣାମ, ଭୌତିକ ତଥା ନୈତିକ ଉଭୟ କ୍ଷେତ୍ରର କେତେକେତେ ଭୁଲ୍‌ର ପରିଣାମ ।

*୮ ନଭେମ୍ବର ୧୯୬୯*

*

*ଯେଉଁ ଲୋକମାନେ ଅରୋଭିଲ୍‌ରେ ବାସ କରିବାକୁ ଆସୁଛନ୍ତି, ସେମାନେ ତ ସେହି ପୁରୁଣା ପୃଥିବୀରୁ ଆସିଛନ୍ତି ଓ ଠିକ୍ ସେହିସବୁ ଦୁର୍ବଳତା ଓ ଦୋଷକୁ ବହନ କରି ଜନ୍ମ ହୋଇଛନ୍ତି; ତେବେ ଅରୋଭିଲ୍‌ରେ ଆଉ କୌଣସି ଦୁଃଖଭୋଗ ରହିବ ନାହିଁ ବୋଲି ଆମେ କିପରି କହି ପାରିବା ?*

ଅରୋଭିଲ୍‌ରେ ଆଉ କୌଣସି ଦୁଃଖଭୋଗ ରହିବ ନାହିଁ ବୋଲି ମୁଁ କେବେହେଲେ ଭାବି ନାହିଁ; କାରଣ, ମନୁଷ୍ୟମାନେ ଯେପରି ସ୍ଥିତିରେ ବର୍ତ୍ତମାନ ଅଛନ୍ତି, ସେଥିରେ ସେମାନେ ଦୁଃଖଭୋଗକୁ ଭଲ ପାଉଛନ୍ତି ଏବଂ ଏଣେ ତାହାକୁ ଅଭିଶାପ ଦେବାରେ ଲାଗିଥିଲେ ମଧ ତେଣେ ତାହାକୁ ନିଜ ପାଖକୁ ଡାକି ଆଣୁଛନ୍ତି ।

ମାତ୍ର, ସେମାନେ ଯେପରି ଯଥାର୍ଥରେ ଶାନ୍ତିକୁହିଁ କାମ୍ୟ ବୋଲି ଗ୍ରହଣ କରି ଭଲ ପାଇବେ ଓ ସମତାର ଅନୁଶୀଳନ ଲାଗି ଚେଷ୍ଟା କରିବେ, ଆମେ ସେମାନଙ୍କୁ ସେହି ଶିକ୍ଷା ଦେବା ସକାଶେ ଉଦ୍ୟମ କରିବା ।

ମୁଁ ପ୍ରକୃତରେ ଅନଭିପ୍ରେତ ଦାରିଦ୍ର୍ୟ ଏବଂ ଭିକ୍ଷାବୃତ୍ତି ଉଦ୍ଦେଶ୍ୟରେ କହିଥିଲି ।

ଅରୋଭିଲ୍‌ର ଜୀବନକୁ ଏପରି ଭାବରେ ଏକ ସଂଗଠନରୂପ ଦେବାକୁ ହେବ, ଯେପରିକି ସେଥିରେ ଏହାଲାଗି କୌଣସି ସ୍ଥାନହିଁ ରହିବ ନାହିଁ – ଏବଂ, ଯଦି ବାହାରୁ ଭିକାରିମାନେ ଆସିବେ, ତେବେ ସେମାନଙ୍କୁ ସେଠାରୁ ଚାଲି ଯିବା ପାଇଁ କୁହାଯିବ ଅଥବା ସେମାନଙ୍କୁ ସେଠାରେ ରହିବାକୁ ଦିଆଯିବ ଓ କର୍ମଜନିତ ଆନନ୍ଦକୁ ଶିଖାଇ ଦିଆଯିବ ।

*୯ ନଭେମ୍ବର ୧୯୬୯*

*

*ଆଶ୍ରମର ଆଦର୍ଶ ଏବଂ ଅରୋଭିଲ୍‌ର ଆଦର୍ଶ, – ଦୁଇଟି ମଧ୍ୟରେ ମୌଳିକ ପାର୍ଥକ୍ୟ କ'ଣ ରହିଛି ?*

ଭବିଷ୍ୟତ ପ୍ରତି ରହିଥିବା ଦୃଷ୍ଟିକୋଣ ଏବଂ ଦିବ୍ୟ ପରମସତ୍ତାଙ୍କର ସେବା,– ଏହି ଦୁଇଟି କ୍ଷେତ୍ରରେ କୌଣସି ମୌଳିକ ପାର୍ଥକ୍ୟ ନାହିଁ ।

'oaob.nitrkl.ac.in' images reprocessed

ମାତ୍ର, ଆଶ୍ରମର ବ୍ୟକ୍ତିମାନେ ଯୋଗ ଲାଗି ଆପଣାର ଜୀବନକୁ ଉତ୍ସର୍ଗ କରିଛନ୍ତି ବୋଲି ବିଚାର କରାଯାଉଛି (ଏହି କ୍ଷେତ୍ରରେ ଅବଶ୍ୟ ଛାତ୍ରମାନଙ୍କୁ ବାଦ୍ ଦିଆଯିବ, ଯେଉଁମାନେକି ସେଠାରେ ଅଧ୍ୟୟନ ନିମନ୍ତେହିଁ ରହିଛନ୍ତି ଏବଂ ସେମାନେ ନିଜ ଜୀବନରେ କୌଣସି ନିଷ୍ପତ୍ତି ଗ୍ରହଣ କରି ସାରିଲେଣି ବୋଲି କଦାପି ଆଶା କରାଯାଉ ନାହିଁ) ।

ମାତ୍ର ଅରୋଭିଲ୍‌ଠାରେ, ମନୁଷ୍ୟଜାତିର ଅଗ୍ରଗତି ନିମନ୍ତେ ସାମୂହିକ ଭାବରେ ଏକ ପ୍ରୟୋଗ କରିବାର ସଦିଚ୍ଛାକୁହିଁ ସେଠାରେ ବାସ କରିବା ଲାଗି ଯଥେଷ୍ଟ ବୋଲି ଧରି ନିଆଯାଉଛି ।

*୧୦ ନଭେମ୍ବର ୧୯୬୯*

*

*(ୟୁନେସ୍କୋ* (UNESCO)ର ଏକ କମିଟି ଉଦ୍ଦେଶ୍ୟରେ ଲିଖିତ)*

ଶ୍ରୀଅରବିନ୍ଦଙ୍କର ଭବିଷ୍ୟଦୃଷ୍ଟିକୁ ଏକ ମୂର୍ତ୍ତ ରୂପ ଦେବାର କାର୍ଯ୍ୟଟି ମାଆଙ୍କ ଉପରେ ନ୍ୟସ୍ତ କରା ଯାଇଥିଲା । ଏକ ନୂତନ ପୃଥିବୀ, ନୂତନ ମାନବଜାତି ଏବଂ ନୂତନ ସମାଜର ସୃଷ୍ଟି, ଯାହାକି ନୂତନ ଚେତନାଟିକୁ ବ୍ୟକ୍ତ କରି ପାରୁଥିବ ଓ ତାହାକୁ ଧାରଣ କରି ରଖୁଥିବ, – ମାଆ ସେହି କାର୍ଯ୍ୟଟିକୁ ନିଜ ହାତକୁ ନେଇଛନ୍ତି । ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏହି ସାମୂହିକ ଆଦର୍ଶ ଏକ ସାମୂହିକ ଉଦ୍ୟମ ଉପରେ ନିର୍ଭର କରୁଛି, ଯେପରିକି ଏକ ପୂର୍ଣ୍ଣାଙ୍ଗ ମାନବୀୟ ପରିପୂର୍ଣ୍ଣତା ଆକାରରେ ତାହାର ଉପଲବ୍ଧି ସମ୍ଭବ ହୋଇ ପାରିବ ।

ଏହି ଲକ୍ଷ୍ୟଟିର ଉପଲବ୍ଧି ଦିଗରେ ମାଆଙ୍କ ଦ୍ୱାରା ପ୍ରତିଷ୍ଠିତ ତଥା ନିର୍ମିତ ଆଶ୍ରମ ହେଉଛି ପ୍ରଥମ ପଦକ୍ଷେପ । ଅରୋଭିଲ୍‌ର ପ୍ରକଳ୍ପଟି ହେଉଛି ଏହି ଦିଗରେ ଏକ ପରବର୍ତ୍ତୀ ସୋପାନ ଏକ ଅପେକ୍ଷାକୃତ ଅଧିକ ବହିଃକ୍ଷେତ୍ରୀୟ ସୋପାନ, ଯାହାକି ଏହି ଉଦ୍ୟମଟିର ଆଧାରକୁ ଅଧିକ ପ୍ରଶସ୍ତ କରିଦେବାକୁ ଆକାଂକ୍ଷା ରଖୁଛି । ଆତ୍ମା ଏବଂ ଶରୀର ମଧ୍ୟରେ, ଚିନ୍ମୟତା ଏବଂ ପ୍ରକୃତି ଭିତରେ ତଥା ସ୍ୱର୍ଗ ଏବଂ ପୃଥିବୀ ମଧ୍ୟରେ, ମନୁଷ୍ୟର ଏହି ସାମୂହିକ ଜୀବନର କ୍ଷେତ୍ରରେ ଏକ ସମଞ୍ଜସତା ପ୍ରତିଷ୍ଠା କରିବା,– ସେହି ପ୍ରୟୋଗ କହିଲେ ଏହିସବୁ ବିଷୟକୁହିଁ ବୁଝାଉଛି ।**

୧୯୬୯

*

---

* United Nations Educational Scientific and Cultural Organization

** ମାଆ ଏଇଟିକୁ ୧୯୭୨ ରେ ପୁଣିଥରେ ପଢ଼ିଥିଲେ ଓ ଶେଷ ବାକ୍ୟଟିରେ "ଅପେକ୍ଷାକୃତ ଅଧିକ ବହିଃକ୍ଷେତ୍ରୀୟ" ବାକ୍ୟାଂଶଟିକୁ ଯୋଡ଼ି ଦେଇଥିଲେ ।

'oaob.nitrkl.ac.in' images reprocessed

*ଆଶ୍ରମ ଏବଂ ଅରୋଭିଲ୍‌କୁ ମୁଁ ସର୍ବଦା ଏକ ଅବିଭାଜ୍ୟ ସମଗ୍ରର ଗୋଟିଏ ଗୋଟିଏ ଅଂଶରୂପେ ବିଚାର କରି ଆସିଛି । ମୁଁ ସେଗୁଡ଼ିକୁ ଆଦୌ ଅଲଗା ଅଲଗା ସଂସ୍ଥା ବୋଲି ଭାବି ପାରୁ ନାହିଁ । ତେବେ ମାଆ, ଆପଣ କିପରି ଦୁଇଟି ମଧ୍ୟରେ ଏକ ପାର୍ଥକ୍ୟ ରହିଛି ବୋଲି କହିଲେ ? ଅଥବା, ମୁଁ ଆଉ କୌଣସି ଜାଗାରେ ଭୁଲ୍ କରି ପକାଇଲି କି ? ମୋତେ ବୋଧ ହେଉଛି ଯେ, ଆମର ଦୃଷ୍ଟିକୋଣରେ ଏକ ସମଗ୍ରତା ଆଣିବା ଦିଗରେ ସକ୍ରିୟଭାବରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏକ ବିରାଟ ପ୍ରୟୋଜନ ରହିଛି ।*

ଆଶ୍ରମ ହେଉଛି କେନ୍ଦ୍ରସ୍ଥ ଚେତନା, ଅରୋଭିଲ୍ ହେଉଛି ତାହାର ଏକ ବହିଃକ୍ଷେତ୍ରୀୟ ଅଭିବ୍ୟକ୍ତି । ଉଭୟ ସ୍ଥାନରେହିଁ ସମାନ ଭାବରେ ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ କରାଯାଉଛି ।

ଆଶ୍ରମରେ ବାସ କରୁଥିବା ବ୍ୟକ୍ତିମାନଙ୍କର ନିଜନିଜର କାର୍ଯ୍ୟ ରହିଛି ଓ ଅରୋଭିଲ୍ ପାଇଁ ସମୟ ଦେବା ଲାଗି ସେମାନଙ୍କର ନିଜ ବ୍ୟସ୍ତତା ମଧ୍ୟରେ ହୁଏତ କୌଣସି ଫୁରୁସତ ହେବ ନାହିଁ ।

ପ୍ରତ୍ୟେକ ବ୍ୟକ୍ତିକୁ ନିଜ କାର୍ଯ୍ୟରେହିଁ ବ୍ୟସ୍ତ ରହିବାକୁ ପଡ଼ିବ; ଏକ ଉପଯୁକ୍ତ ସଂଗଠନ ଲାଗି ତାହା ଅତ୍ୟାବଶ୍ୟକ ।

*

ଅରୋଭିଲ୍ ସମ୍ମିଳନ ଲାଗି ଅଭୀପ୍ସା ରଖିଛି । *୧୯୭୦*

*

ଯେଉଁମାନେ ଭବିଷ୍ୟ ପାଇଁ ବଞ୍ଚିବାକୁ ଇଚ୍ଛା କରୁଛନ୍ତି ସେଇମାନଙ୍କ ପ୍ରତି :

ଶରୀରର ଭାରସାମ୍ୟ ରକ୍ଷା କରିବା ନିମନ୍ତେ ଏକ ଶାରୀରିକ ଶ୍ରମ ଆମେ ଖାଉଥିବା ଖାଦ୍ୟ ପରି ସମାନ ଭାବରେ ଅତ୍ୟାବଶ୍ୟକ ।

କୌଣସି ଶାରୀରିକ 'କାର୍ଯ୍ୟ କରିବ ନାହିଁ' ଓ ଖାଇବ,– ତଦ୍ଦ୍ୱାରା ଏକ ଚିନ୍ତାଜନକ ଭାରସାମ୍ୟହୀନତାର ସୃଷ୍ଟି ହୋଇଥାଏ ।

*ଫେବ୍ରୁଆରି ୧୯୭୦*

*

ତୁମ ପ୍ରତ୍ୟେକଙ୍କୁ ପରସ୍ପର ସହିତ ଏକମତ ହେବାକୁ ପଡ଼ିବ ।
ଉତ୍ତମ କାର୍ଯ୍ୟ କରିବା ନିମନ୍ତେ ତାହାହିଁ ଏକମାତ୍ର ପନ୍ଥା ।

*୨ ଏପ୍ରିଲ ୧୯୭୦*

*

'oaob.nitrkl.ac.in' images reprocessed

ଯେପରି ସମସ୍ତେ ଏକମତ ହୋଇ ପାରିବେ, ସେଥିଲାଗି ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଚେତନାର ସର୍ବୋଚ୍ଚ ଶିଖରକୁ ଉଠିଯିବାକୁ ପଡ଼ିବ । ସେହି ଉଚ୍ଚତାଗୁଡ଼ିକର ସ୍ତରରେହିଁ ସମଞ୍ଜସତା ସମ୍ଭବ ହୋଇଥାଏ ।

*ଏପ୍ରିଲ୍ ୧୯୭୦*

*

## ଅରୋଭିଲ୍ ଓ ପୃଥିବୀର ବିଭିନ୍ନ ଧର୍ମ

ପରମସତ୍ୟର ପ୍ରାପ୍ତି ଆମର ଲକ୍ଷ୍ୟ ।

*ଅଧିକାଂଶ ମଣିଷଙ୍କର କ୍ଷେତ୍ରରେ ଏହାହିଁ ହୁଏ ଯେ, ସେମାନେ ଯାହାକିଛି ଇଚ୍ଛା* କରୁଥାନ୍ତି, ତାହାକୁ ହିଁ ସତ୍ୟ ବୋଲି କହନ୍ତି ।

ପରମସତ୍ୟ ଯାହା ହୋଇଥାଉ ପଛକେ, ଅରୋଭିଲ୍‌ର ଅନ୍ତେବାସୀମାନେ ତାହାରହିଁ ଅଭିଳାଷ କରିବେ ।

ଯେଉଁ ବ୍ୟକ୍ତିମାନେ ମୂଳତଃ ଏକ ଦିବ୍ୟ ଜୀବନ ଯାପନ କରିବାକୁ ଇଚ୍ଛା କରୁଛନ୍ତି, ମାତ୍ର, ପ୍ରାଚୀନ, ଆଧୁନିକ, ନୂତନ ବା ଭବିଷ୍ୟର ଯାବତୀୟ ଧର୍ମକୁ ପରିତ୍ୟାଗ କରୁଛନ୍ତି, ଅରୋଭିଲ୍ ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ ।

କେବଳ ଅଭିଜ୍ଞତା ମଧ୍ୟରେହିଁ ପରମସତ୍ୟ ବିଷୟରେ ଜ୍ଞାନଲାଭ ହୋଇ ପାରିବ ।

ଦିବ୍ୟ ପରମସତ୍ତାଙ୍କ ବିଷୟରେ ଅଭିଜ୍ଞତା ହୋଇ ନ ଥିବା ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ତାଙ୍କ ବିଷୟରେ କିଛି କହିବା ଆଦୌ ଉଚିତ ହେବ ନାହିଁ ।

ତୁମେ ଦିବ୍ୟ ପରମସତ୍ତାଙ୍କ ବିଷୟରେ ଅଭିଜ୍ଞତା ଲାଭ କର, ତେବେଯାଇ ତୁମର ସେହି ବିଷୟରେ କିଛି କହିବା ଲାଗି ଅଧିକାର ରହିବ ।

ଧର୍ମଗୁଡ଼ିକ ବିଷୟରେ ବିଷୟନିଷ୍ଠ ଯାବତୀୟ ଅଧ୍ୟୟନ ମନୁଷ୍ୟ-ଚେତନାର ବିକାଶ ସମ୍ବନ୍ଧରେ କରା ଯାଉଥିବା ଐତିହାସିକ ଅଧ୍ୟୟନରହିଁ ଏକ ଅଂଶ ହୋଇ ରହିବ ।

ଧର୍ମଗୁଡ଼ିକ ହେଉଛନ୍ତି ମନୁଷ୍ୟଜାତିର ଇତିହାସର ଏକ ଅଂଶ ଏବଂ ଅରୋଭିଲ୍‌ରେ ସେହି ବାହ୍ୟ ରୂପରେହିଁ ସେଗୁଡ଼ିକର ଅଧ୍ୟୟନ କରାଯିବ — ସେଗୁଡ଼ିକୁ ଗୋଟିଏ ଗୋଟିଏ ବିଶ୍ୱାସରୂପେ ଆଦୌ ଅଧ୍ୟୟନ କରାଯିବ ନାହିଁ, ଯାହାକୁ କି ଜୀବନରେ ଅବଲମ୍ବନ ଅଥବା ବର୍ଜନ କରାଯାଇ ପାରିବ । ସେଗୁଡ଼ିକୁ ମନୁଷ୍ୟଚେତନାର ବିକାଶପ୍ରକ୍ରିୟାରେ ଏକ ଅଂଶରୂପେ ଗ୍ରହଣ କରିବାକୁ ହେବ, ଯେଉଁ ପ୍ରକ୍ରିୟାକି ମନୁଷ୍ୟକୁ ତା'ର ଉଚ୍ଚତର ଉପଲବ୍ଧିଟି ଆଡ଼କୁ ଅଗ୍ରସର କରାଇ ନେଇଯାଇ ପାରୁଥିବ ।

'oaob.nitrkl.ac.in' images reprocessed

## କାର୍ଯ୍ୟକ୍ରମ
## ସର୍ବୋତ୍ତମ ସତ୍ୟର ଅଭିଜ୍ଞତା
## ମାଧ୍ୟମରେ ଗବେଷଣା
## ଏକ ଦିବ୍ୟ ଜୀବନ
## ମାତ୍ର
## କୌଣସି ଆନୁଷ୍ଠାନିକ ଧର୍ମ ନୁହେଁ ।

ରହସ୍ୟବାଦୀ ସାଧନଗୁଡ଼ିକର ସାହାଯ୍ୟରେ କରାଯାଉଥିବା ଅନୁସନ୍ଧାନ ଆମର ଅନୁସନ୍ଧାନ ହେବ ନାହିଁ । ଆମେ ଏହି ଜୀବନରେହିଁ ଦିବ୍ୟ ପରମସତ୍ତାକୁ ଆବିଷ୍କାର କରିବା ଲାଗି ଇଚ୍ଛା କରୁଛୁ । ଏବଂ, ସେହି ଆବିଷ୍କାରର ମାଧ୍ୟମରେହିଁ ଜୀବନର ରୂପାନ୍ତର-ସାଧନ ସମ୍ଭବ ହେବ ।

*୨ ମଇ ୧୯୭୦*

*

*ଧର୍ମର ଧାରଣାକୁ ଅନେକ ସମୟରେ ଭଗବଦ୍-ଅନ୍ୱେଷଣ ସହିତ ଯୋଡ଼ି ଦିଆ ଯାଇଥାଏ । ଧର୍ମକୁ କ'ଣ ସର୍ବଦା ସେହି ସନ୍ଦର୍ଭରେ ବୁଝିବାକୁ ଚେଷ୍ଟା କରିବା ଉଚିତ ? ବସ୍ତୁତଃ, ଏବେ କ'ଣ ଆହୁରି ଅନ୍ୟ ପ୍ରକାରର ଧର୍ମମାନ ଦେଖିବାକୁ ମିଳୁ ନାହିଁ ?*

ପୃଥିବୀ ଅଥବା ବିଶ୍ୱବ୍ରହ୍ମାଣ୍ଡ ବିଷୟରେ ଯେତେବେଳେ କୌଣସି ଧାରଣା ଅଥବା କଳ୍ପନାକୁ ଏକମାତ୍ର ସତ୍ୟ ବୋଲି ଉପସ୍ଥାପିତ କରାଯାଏ ଓ କେବଳ ସେହିଥିରେହିଁ ଐକାନ୍ତିକ ବିଶ୍ୱାସ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଏ, ଆମେ ସେତିକିବେଳେହିଁ ତାହାକୁ ଧର୍ମ ବୋଲି ଅଭିହିତ କରିଥାଉ । ସେହିଭଳି ନିର୍ଦ୍ଦେଶ ଦିଆ ଯାଉଥାଏ, କାରଣ ସାଧାରଣତଃ ଏହି ବିଶେଷ ସତ୍ୟକୁ କୌଣସି ଏକ ସତ୍ୟୋଦ୍‌ଘାଟନର ପରିଣାମ ବୋଲି ଘୋଷଣା କରା ହୋଇଥାଏ ।

ଅଧିକାଂଶ ଧର୍ମ ପରମେଶ୍ୱରଙ୍କର ଅସ୍ତିତ୍ୱକୁ ସ୍ୱୀକାର କରିଥାନ୍ତି; ତାଙ୍କୁ ମାନିବା ଲାଗି ଯେଉଁସବୁ ନିୟମର ପାଳନ କରିବାକୁ ହେବ, ସେଥିରେ ସେଗୁଡ଼ିକୁ ଦର୍ଶାଇ ଦିଆ ଯାଇଥାଏ । ମାତ୍ର, ଏପରି କେତେକ ଧର୍ମ ଅଛି, ଯେଉଁଥିରେକି କୌଣସି ଭଗବାନଙ୍କୁ ସ୍ୱୀକାର କରା ଯାଏ ନାହିଁ । ଉଦାହରଣ ସ୍ୱରୂପ, ଆମେ କେତେକ ସାମାଜିକ ରାଜନୀତିକ ସଂଗଠନଗୁଡ଼ିକର ଉଲ୍ଲେଖ କରି ପାରିବା, ଯେଉଁଗୁଡ଼ିକକି କୌଣସି ଏକ ଚରମ ଆଦର୍ଶ

'oaob.nitrkl.ac.in' images reprocessed

ଅଥବା ନିରଙ୍କୁଶ ରାଷ୍ଟ୍ରର ନାମରେ ଅନ୍ୟମାନଙ୍କଠାରୁ ଆନୁଗତ୍ୟର ଅଧିକାର ଦାବି କରି ଥାଆନ୍ତି ।

ମୁକ୍ତ ଭାବରେ ପରମସତ୍ୟର ଅନ୍ୱେଷଣ କରିବା ଏବଂ ଆପଣାର ନିଜସ୍ୱ ରୀତିଗୁଡ଼ିକରେ ମୁକ୍ତ ଭାବରେ ସେହି ସତ୍ୟର ନିକଟବର୍ତ୍ତୀ ହେବା,– ଏଥିପାଇଁ ଜଣେ ମନୁଷ୍ୟର ଅବଶ୍ୟ ଅଧିକାର ରହିଛି । ମାତ୍ର, ଏହି କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତିକୁ ଜାଣିବାକୁ ହେବ ଯେ, ତାହାର ଆବିଷ୍କାର କେବଳ ତାହାରି ମଙ୍ଗଳ ସାଧନ କରିବ ଏବଂ ତେଣୁ ତାହାକୁ ଆଉ କାହାରି ଉପରେ କଦାପି ଲଦି ଦିଆଯାଇ ପାରିବ ନାହିଁ ।

*୧୩ ମଇ ୧୯୭୦*

*

ଅରୋଭିଲ୍‌ରେ ଆମେ କୌଣସି ବସ୍ତୁକୁ ବିଶେଷ କାହାରି ଧନ ବୋଲି କହି ପାରିବା ନାହିଁ । ଏଠାରେ ସବୁକିଛି ସମସ୍ତଙ୍କର ସମ୍ପତ୍ତି । ତାହାକୁ ସମସ୍ତଙ୍କର କଲ୍ୟାଣ ଲାଗି ମୋ'ର ଆଶୀର୍ବାଦ ସହିତ କାମରେ ଲଗାଇବାକୁ ପଡ଼ିବ ।

*୧୪ ମଇ ୧୯୭୦*

*

## ଜଣେ ସଚ୍ଚା ଅରୋଭିଲ୍‌ବାସୀ ହେବା ପାଇଁ

୧. ସର୍ବପ୍ରଥମ ଆବଶ୍ୟକତା ହେଉଛି ଏକ ଅନ୍ତର୍ଗତ ଆବିଷ୍କାର, ଯାହାଦ୍ୱାରା କି, ଏହି ଯାବତୀୟ ସାମାଜିକ, ନୈତିକ, ସଂସ୍କୃତିଗତ, ଜାତିଗତ ତଥା ବଂଶଗତ ବାହ୍ୟରୂପଗୁଡ଼ିକର ପଶ୍ଚାତରେ ତୁମେ ଯଥାର୍ଥରେ ଯାହା, ସେହି କଥାଟିକୁ ଜାଣି ପାରିବ ।

କେନ୍ଦ୍ରସ୍ଥଳରେ ଏକ ସତ୍ତା ବିଦ୍ୟମାନ, ଯାହାକି ମୁକ୍ତ ଓ ସର୍ବବ୍ୟାପ୍ତ, ଯାହା ଯଥାର୍ଥରେ ଜାଣୁଛି ଓ ଯାହା ଆମର ଆବିଷ୍କାର ଲାଗି ଅପେକ୍ଷା କରି ରହିଛି; ଏବଂ, ଏଠାରେ ଅରୋଭିଲ୍‌ରେ ତାହାକୁହିଁ ଆମ ସତ୍ତାର କ୍ରିୟାଶୀଳ କେନ୍ଦ୍ରରୂପେ ପ୍ରତିଷ୍ଠିତ ହୋଇ ରହିବାକୁ ପଡ଼ିବ ।

୨. ଆମେ ଅରୋଭିଲ୍‌ରେ ଅଛୁ, ଯେପରିକି ଆମେ ନୈତିକ ତଥା ସାମାଜିକ ପରମ୍ପରାଗୁଡ଼ିକରୁ ମୁକ୍ତ ରହିପାରିବୁ; ମାତ୍ର ସେହି ସ୍ୱାଧୀନତା ଯେପରି ଅହଂ ପାଖରେ, ଅହଂର ବାସନା ଏବଂ ମହତ୍ତ୍ୱ-ଆକାଂକ୍ଷାଗୁଡ଼ିକ ପାଖରେ ଏକ ନୂତନ ଦାସତାରେ ପରିଣତ ହୋଇ ନ ଯାଏ !

ନିଜ ବାସନାଗୁଡ଼ିକର ପରିପୂରଣ ଅନ୍ତର୍ଗତ ଆବିଷ୍କାର ମଧକୁ, ପଡ଼ିଥିବା ପଥଟିକୁ

'oaob.nitrkl.ac.in' images reprocessed

ରୁଦ୍ଧ କରି ରଖେ । କେବଳ ପରିପୂର୍ଣ୍ଣ ନିର୍ଲିପ୍ତତାର ଶାନ୍ତି ଏବଂ ସ୍ୱଚ୍ଛତା ମଧ୍ୟରେହିଁ ସେହି ଆବିଷ୍କାର ସମ୍ଭବ ହୋଇଥାଏ ।

୩. ଜଣେ ଅରୋଭିଲ୍‌ବାସୀର ବ୍ୟକ୍ତିଗତ ସମ୍ପତ୍ତିର ଯାବତୀୟ ବୋଧକୁ ହରାଇ ଦେବାକୁ ପଡ଼ିବ । ଏହି ଜଡ଼ସ୍ଥ ପୃଥିବୀରେ ଆମ ଜୀବନର ଗତିପଥରେ ଆମ ଜୀବନ ଲାଗି ତଥା ଆମର କର୍ମ ଲାଗି ଯାହାକିଛି ଅପରିହାର୍ଯ୍ୟ, ତାହା ଆମେ ଅଧିକାର କରିଥିବା ସ୍ଥାନଟି ଅନୁସାରେହିଁ ଆମ ଲାଗି ମହଜୁଦ କରି ରଖା ଯାଇଥାଏ ।

ଆମ ଅନ୍ତର୍ଗତ ସତ୍ତାଟି ସହିତ ଆମର ସଂସ୍ପର୍ଶ ଯେତିକି ସଚେତନ ହୋଇ ରହିଥାଏ, ଆମକୁ ପ୍ରଦତ୍ତ ହୋଇଥିବା ନିର୍ଦ୍ଦିଷ୍ଟ ସାଧନଗୁଡ଼ିକ ସେତିକି ଅଧିକ ହୋଇ ମଧ ରହିଥାଏ ।

୪. କାର୍ଯ୍ୟ, ଏପରିକି ଶାରୀରିକ କାର୍ଯ୍ୟ ମଧ ଆନ୍ତର ଆବିଷ୍କାର ନିମନ୍ତେ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଯଦି ଆମେ କାମ ନ କରିବା, ଯଦି ଜଡ଼ ମଧ୍ୟରେ ଆମେ ନିଜ ଚେତନାର ପ୍ରବେଶ ନ ଘଟାଇବା, ତେବେ ଜଡ଼ର ଆଦୌ କେବେହେଲେ ବିକାଶ ହେବ ନାହିଁ । ଆମ ଶରୀରକୁ ସାଧନରୂପେ ବ୍ୟବହାର କରି ଚେତନା ଲାଗି କିଞ୍ଚିତ୍ ଜଡ଼ମୟ ଅଂଶକୁ ସଂଗଠିତ କରି ରଖିବା ସକାଶେ ଅବକାଶ ଦେବା ପ୍ରକୃତରେ ଅତ୍ୟନ୍ତ ଭଲ କଥା । ଆମ ବାହାରେ ଚତୁର୍ଦ୍ଦିଗରେ ଶୃଙ୍ଖଳା ପ୍ରତିଷ୍ଠା କରିବା ଦ୍ୱାରା ତାହା ଆମ ଭିତରେ ଶୃଙ୍ଖଳା ଆଣିବାରେ ମଧ ସହାୟତା କରିଥାଏ ।

କୌଣସି ବାହ୍ୟ ଅଥବା କୃତ୍ରିମ ନିୟମ ଅନୁସାରେ ନୁହେଁ, ମାତ୍ର ଏକ ସଂଗଠିତ ଅନ୍ତଃଚେତନା ଦ୍ୱାରାହିଁ ଆମକୁ ନିଜ ଜୀବନର ସଂଗଠନ କରିବାକୁ ପଡ଼ିବ; କାରଣ, ଜୀବନକୁ ଉଚ୍ଚତର ଚେତନାର ନିୟନ୍ତ୍ରଣ ମଧ୍ୟରେ ନ ରଖି ଯଦି ଆମେ ତାହାକୁ ସେହିପରି ଭାବରେ ଛାଡ଼ି ଦେଇଥିବା, ତେବେ ତାହା ଅତ୍ୟନ୍ତ ଚଞ୍ଚଳ ଏବଂ ଅର୍ଥଶୂନ୍ୟ ହୋଇ ପଡ଼ିବ । ଏହା ଫଳରେ ଜୀବନ ନଷ୍ଟହିଁ ହୋଇଯିବ, କାରଣ ସେହି କ୍ଷେତ୍ରରେ ଜଡ଼ର ଆଉ କୌଣସି ସଚେତନ ସଦ୍‌ବ୍ୟବହାର ସମ୍ଭବ ହେବ ନାହିଁ ।


୫. ପରବର୍ତ୍ତୀ ନୂତନ ଜୀବଜାତିଟି ସକାଶେ ସମଗ୍ର ପୃଥିବୀକୁ ନିଜକୁ ପ୍ରସ୍ତୁତ କରିବାକୁ ହେବ, ଏବଂ ସେହି ନୂତନ ଆଗମନକୁ ତ୍ୱରାନ୍ୱିତ କରିବା ନିମନ୍ତେ ଅରୋଭିଲ୍ ସଚେତନ ଭାବରେ କାର୍ଯ୍ୟ କରିବାକୁ ଇଚ୍ଛା କରୁଛି ।

୬. ଏହି ନୂତନ ଜୀବଜାତିଟି ପ୍ରକୃତରେ କ'ଣ ହେବ, ଆମ ଲାଗି ଧୀରେ ଧୀରେ ତାହା ଉଦ୍‌ଘାଟିତ ହୋଇ ଯାଉଥିବ ଏବଂ ବର୍ତ୍ତମାନ, ନିଜକୁ ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ଲାଗି ଉତ୍ସର୍ଗୀକୃତ କରି ରଖିବା ହେଉଛି ସର୍ବୋତ୍ତମ ପନ୍ଥା ।

*୧୩ ଜୁନ୍ ୧୯୭୦*

*

'oaob.nitrkl.ac.in' images reprocessed



ଶ୍ରୀମା

୨୯ ଫେବ୍ରୁଆରି, ୧୯୬୮

'oaob.nitrkl.ac.in' images reprocessed

*ଅରୋଭିଲ୍‌ରେ "ସବୁ ସମ୍ପତ୍ତି ସମସ୍ତଙ୍କର ସମ୍ପତ୍ତି ।" ଏହାର କ'ଣ ଏପରି ଅର୍ଥ ହେବ ଯେ, ଏଠାରେ ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ ବସ୍ତୁକୁ ବ୍ୟବହାର କରିପାରିବେ ? ବା, ଯେଉଁମାନେ ବସ୍ତୁଗୁଡ଼ିକୁ ଉତ୍ତମ ଭାବରେ ବ୍ୟବହାର କରି ପାରୁଥିବେ, କେବଳ ସେହିମାନଙ୍କୁହିଁ ସେହି ବସ୍ତୁଗୁଡ଼ିକ ଦିଆଯିବ ?*

*ମୁଁ ଏପରି ମଧ୍ୟ ଦେଖିବାକୁ ପାଇଛି ଯେ, ନାନା ପ୍ରକାର ସୂକ୍ଷ୍ମ ଆସବାବ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ନିବିଡ଼ ଭାବରେ ସମ୍ବନ୍ଧିତ ହୋଇ ରହି ଯାଆନ୍ତି ଏବଂ ଅନ୍ୟମାନଙ୍କ ହାତରେ ପଡ଼ିଲେ ସେଗୁଡ଼ିକ ଆଦୌ ସୁଚାରୁରୂପେ କାମ କରନ୍ତି ନାହିଁ ।*

ଏହି ଯାବତୀୟ କଥା ଏପରି ଏକ ଚେତନାକୁ ସୂଚାଇ ଦେଉଛି, ଯାହାରକି ପୃଥିବୀ-ପୃଷ୍ଠରେ ଖୁବ୍‌ବେଶୀ ବ୍ୟାପ୍ତି ଘଟି ନାହିଁ ।

ମାତ୍ର, ଏହାର ଏପରି ଅର୍ଥ ହେବା ଉଚିତ ନୁହେଁ ଯେ, ଆମେ ବସ୍ତୁଗୁଡ଼ିକୁ ଏପରି ଲୋକଙ୍କ ହାତରେ ନେଇ ଦେଇଦେବା, ଯେଉଁମାନେ କି ସେଗୁଡ଼ିକର ବ୍ୟବହାର ଜାଣି ନାହାନ୍ତି ।

ଅରୋଭିଲ୍‌ର ପରିଚାଳନାରେ ଏହି ବ୍ୟବସ୍ଥାଟି ଏକାନ୍ତ ଆବଶ୍ୟକ ଯେ, ଏଠାରେ ଏପରି ଏକ ଚେତନା ସବୁକିଛି କରିବ ଯାହାକି ଯାବତୀୟ ପରମ୍ପରାରୁ ମୁକ୍ତ ହୋଇ ରହିଥିବ ଏବଂ ଅତିମାନସ ପରମସତ୍ୟ ବିଷୟରେ ସଚେତନ ଥିବ । ମୁଁ ସେହିପରି ଜଣେ ବ୍ୟକ୍ତିଙ୍କ ଲାଗି ଅପେକ୍ଷା କରିଛି । ତାହାକୁ ହାସଲ କରିବା ଲାଗି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆପଣାକୁ ସର୍ବୋତ୍ତମ ଭାବରେ କାର୍ଯ୍ୟରେ ଲଗାଇବାକୁ ପଡ଼ିବ ।

*୧୫ ଜୁଲାଇ ୧୯୭୦*

*

*(ଅଳ୍ପଦିନ ପାଇଁ ଆସିଥିବା କେତେଜଣ ପରିଦର୍ଶକ ଅରୋଭିଲ୍‌ର ସଂଗଠନରେ ହସ୍ତକ୍ଷେପ କରିବା ଲାଗି ସେମାନଙ୍କର ଅଧିକାର ରହିଛି ବୋଲି ଦାବି କଲେ । ମାଆ ଏହି ସଂକ୍ରାନ୍ତରେ ଲେଖିଥିଲେ :)*

ଅରୋଭିଲ୍‌ର ଅଧିବାସୀମାନଙ୍କୁ

ଯେଉଁମାନେ ଅରୋଭିଲ୍‌ରେ ସବୁଦିନ ପାଇଁ ବାସ କରିବାକୁ ସଂକଳ୍ପ କରିଛନ୍ତି, କେବଳ ସେହିମାନଙ୍କରହିଁ ତାହାର ସଂଗଠନରେ ହସ୍ତକ୍ଷେପ କରିବାର ଅଧିକାର ରହିଛି ।

*୨୨ ଜାନୁଆରୀ ୧୯୭୧*

*

ଆଜିଠାରୁ ଅରୋଭିଲ୍ ସମ୍ବନ୍ଧରେ ମୋ'ର ଯାହାକିଛି କହିବାର ଥିବ, ମୁଁ ତାହାକୁ ଲିଖିତ ଆକାରରେ କହିବି ଓ ସେଥିରେ ମୋ'ର ଦସ୍ତଖତ ରହିଥିବ ।

*୧୫ ଫେବ୍ରୁଆରି ୧୯୭୧*

*

*"ଅରୋଭିଲ୍ ପାଇଁ ଆଉ କୌଣସି ନୂଆ କମିଟି ଗଢ଼ାହେବ କି ?" ଅରୋଭିଲ୍ ପାଇଁ ଆଉ କୌଣସି ନୂଆ କମିଟି ଗଢ଼ାଯାଉ ବୋଲି ମାଆ ଇଚ୍ଛା କରନ୍ତି ନାହିଁ । ସିଏ କହୁଛନ୍ତି : "ଯେତେ ଅଧିକ କମିଟି ହେବ, ସେତିକି ଅଧିକ ନିରର୍ଥକ କଥା କହିବାକୁ ମଉକା ମିଳିବ ।"*

ଅନେକ ଆଶୀର୍ବାଦ ।

*୧୭ ଫେବ୍ରୁଆରି ୧୯୭୧*

*

*ଆମ ଭିତରୁ ଏକାଧିକ ବ୍ୟକ୍ତି ଏକ ମାନସିକ ଅସ୍ଥିରତା ଓ ଅସଙ୍ଗତିର ପର୍ଯ୍ୟାୟ ମଧ୍ୟଦେଇ ଗତି କରିଛନ୍ତି ଅଥବା କରୁଛନ୍ତି । ଯେଉଁମାନେ ଏହିପରି ମନଃସ୍ଥିତି ମଧ୍ୟରେ ରହିଛନ୍ତି, ସେମାନଙ୍କ ପ୍ରତି ଆମର ଦୃଷ୍ଟିକୋଣ କିପରି ହେବା ଉଚିତ ? ଆମେ ନିଜେ ଯେପରି ସେହି ସଂକଟ ମଧ୍ୟରେ ଆସି ପଡ଼ି ନ ଯାଉ, ସେଥିଲାଗି ଆମର କ'ଣ କରିବା ବା ନ କରିବା ଉଚିତ ?*

ସ୍ଥିରତା, ଶାନ୍ତି, ଚିର ପ୍ରଶାନ୍ତ ଅବସ୍ଥା ଏବଂ ସର୍ବଦା ଯଥାସମ୍ଭବ କମ୍ କଥା କହିବା ଏବଂ କେବଳ ଆବଶ୍ୟକ ହେଲେ ଯାଇ କୌଣସି ସକ୍ରିୟ ପଦକ୍ଷେପ ନେବା । ଯଥାସମ୍ଭବ ଅଧିକ ପରିମାଣରେ ଅଚେତନାରୁ ଦୂରରେ ରହିବା ।

*୧୭ ଫେବ୍ରୁଆରି ୧୯୭୧*

*

ଦିବ୍ୟ କର୍ମର ପରିଚର୍ଯ୍ୟା, ତାହାହିଁ ଯଥାର୍ଥ ଆଧ୍ୟାତ୍ମିକତା ।

ସମସ୍ତଙ୍କ ଲାଗି କାର୍ଯ୍ୟ କରିବାରେ ଅସମ୍ମତ ହେବାର ଅର୍ଥ ହେଉଛି ନିଜ ସ୍ୱାର୍ଥପରତାର ପ୍ରଦର୍ଶନ କରିବା; ଏବଂ ଏହାର ଆଦୌ କୌଣସି ଆଧ୍ୟାତ୍ମିକ ମୂଲ୍ୟ ନାହିଁ ।

ଅରୋଭିଲ୍‌ରେ ବାସ କରିବାର ଯୋଗ୍ୟ ହେବା ପାଇଁ ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ଯେ, ଆମେ ନିଜକୁ ଆମ ଅହଂର କବଳରୁ ମୁକ୍ତ କରି ରଖିବା ଲାଗି ସମ୍ମତି ପ୍ରଦାନ କରିବା ।

*୨୪ ଫେବ୍ରୁଆରି ୧୯୭୧*

*

'oaob.nitrkl.ac.in' images reprocessed

*(ଅରୋଭିଲ୍‌ର ତୃତୀୟ ବାର୍ଷିକ ଲାଗି ସନ୍ଦେଶ)*

ଅରୋଭିଲ୍‌ର ସବୁ ଅଧିବାସୀଙ୍କୁ

ସାମୂହିକ ତଥା ବ୍ୟକ୍ତିଗତ ଚେତନାର ଅଗ୍ରଗତି ଏବଂ ଅଭିବୃଦ୍ଧି ଲାଗି ମୋ'ର ଅନେକ ଆଶୀର୍ବାଦ ।

*୨୮ ଫେବ୍ରୁଆରି ୧୯୭୧*

*

ଜଣେ ଅରୋଭିଲ୍‌ବାସୀ ହେବାକୁ ହେଲେ ଆମକୁ ଅନ୍ତତଃ ମନୁଷ୍ୟଜାତିର ସନ୍ଦୀପିତ ଭାଗଟିର ଅନ୍ତର୍ଭୁକ୍ତ ହୋଇ ରହିବାକୁ ପଡ଼ିବ ଏବଂ ଆଗାମୀ କାଲିକୁ ଯେଉଁ ଉଚ୍ଚତର ଚେତନା ଏହି ଜୀବଜାତିର ପରିଶାସନ କରିବ, ତାହାରି ଲାଗି ଅଭୀପ୍ସା ପୋଷଣ କରିବାକୁ ହେବ ।

ସର୍ବଦା ଉଚ୍ଚରୁ ଉଚ୍ଚତର, ଆହୁରି ଉଚ୍ଚତର,– ଅହଂ ଦ୍ୱାରା ବେଷ୍ଟିତ ଯାବତୀୟ ସୀମାରୁ ସେପାଖକୁ, ଆହୁରି ସେପାଖକୁ ।

*ଫେବ୍ରୁଆରି ୧୯୭୧*

*

ଅରୋଭିଲ୍ ଏକ ଦାନଦକ୍ଷିଣାମୂଳକ କର୍ମ ନୁହେଁ । 'ଆସ୍ପିରେସନ୍'ରେ ଗୋଟିଏ ରାତ୍ରି କଟାଇବାର ଅର୍ଥ ହେଉଛି ଗୋଟିଏ ଦିନର ସମସ୍ତ କାର୍ଯ୍ୟ ସହିତ ସମାନ ।

*ଫେବ୍ରୁଆରି ୧୯୭୧*

*

ଆରାମ ଭିତରେ ସମୟ କଟାଇବା ପାଇଁ ନୁହେଁ, ମାତ୍ର ଚେତନାରେ ଅଭିବୃଦ୍ଧି ଲାଭ କରିବା ଏବଂ ଦିବ୍ୟ ପରମସତ୍ତାଙ୍କର ସେବା କରିବା ପାଇଁହିଁ ଆମେ ଅରୋଭିଲ୍‌ରେ ବାସ କରୁଛୁ ।

*୧ ମାର୍ଚ୍ଚ ୧୯୭୧*

*

ନିଜର କ୍ଷୁଦ୍ର ବ୍ୟକ୍ତିଗତ ଆବଶ୍ୟକତାଗୁଡ଼ିକର ତୁଷ୍ଟିସାଧନ ନିମନ୍ତେ କ'ଣ ତୁମେ ଅରୋଭିଲ୍‌କୁ ଆସିଛ ?

ତେବେ ଏଠାକୁ ଆସିବାର କୌଣସି ଆବଶ୍ୟକତା ନ ଥିଲା । ସେଥିପାଇଁ ତ ସାଧାରଣ ପୃଥିବୀ ଉନ୍ମୁକ୍ତ ହୋଇ ରହିଛି ।

'oaob.nitrkl.ac.in' images reprocessed

ପୃଥିବୀପୃଷ୍ଠରେ ପ୍ରକାଶିତ ହେବାକୁ ଇଚ୍ଛା କରୁଥିବା ଏକ ଦିବ୍ୟ ଜୀବନର ଉପଲବ୍ଧି ଲାଗିହିଁ ଆମେ ଅରୋଭିଲ୍‌କୁ ଆସିଛୁ ।

ଆମ ପ୍ରତ୍ୟେକଙ୍କୁ ଏହି ଦିଗରେ ପ୍ରୟାସ କରିବାକୁ ହେବ ଏବଂ ଯେଉଁ ବ୍ୟକ୍ତିଗତ ମିଛ କଳ୍ପନାଗୁଡ଼ିକୁ ସାଧାରଣତଃ ତଥାକଥିତ "ଆବଶ୍ୟକତା" ବୋଲି କୁହା ଯାଇଥାଏ, ସେହିଗୁଡ଼ିକ ଦ୍ୱାରା ଆଦୌ ସମ୍ମୋହିତ ହୋଇ ରହିବାକୁ ପଡ଼ିବ ନାହିଁ ।

ଊର୍ଦ୍ଧ୍ୱକୁ ଚାହଁ, ଆଗକୁ ଚାହଁ, ପଶୁସ୍ତରୀୟ ମନୁଷ୍ୟପ୍ରକୃତିକୁ ଅତିକ୍ରମ କରିଯିବାକୁ ଚେଷ୍ଟା କର । ସେହି ସଂକଳ୍ପଟିକୁ ଗ୍ରହଣ କର, ତେବେ ଦେଖିବ ଯେ ତୁମ ପଥରେ ତୁମକୁ ସତତ ସହାୟତା ପ୍ରାପ୍ତ ହେଉଛି ।

*୩ ମାର୍ଚ୍ଚ ୧୯୭୧*

*

ଅରୋଭିଲ୍ ନିମନ୍ତେ କାର୍ଯ୍ୟ କରିବାର ଅର୍ଥ ହେଉଛି ଏକ ଅପେକ୍ଷାକୃତ ଅଧିକ ସମଞ୍ଜସତା-ବିଶିଷ୍ଟ ଭବିଷ୍ୟତର ଆଗମନକୁ ତ୍ୱରାନ୍ୱିତ କରିଦେବା ।

*୨୭ ମାର୍ଚ୍ଚ ୧୯୭୧*

*

ଯଥାର୍ଥ ଦୃଷ୍ଟିକୋଣଟି ରହିଥିଲେ ଆପଣାର ଯେକୌଣସି କ୍ଷୁଦ୍ରତମ କ୍ରିୟା ଦ୍ୱାରା ମଧ୍ୟ ଆମେ ଦିବ୍ୟ ପରମସତ୍ତାଙ୍କର ସେବା କରିପାରିବା ।

*୧୫ ଏପ୍ରିଲ୍ ୧୯୭୧*

*

ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଏକ ସମର୍ପଣରୂପେ କରା ଯାଉଥିବା କର୍ମ ଦ୍ୱାରାହିଁ ଚେତନାର ସର୍ବୋତ୍ତମ ବିକାଶ ହୋଇଥାଏ ।

ଆଳସ୍ୟ ଏବଂ ନିଷ୍କ୍ରିୟତାରୁ ତମଃ ଜାତ ହୁଏ; ତଦ୍ୱାରା ଅଚେତନା ମଧ୍ୟକୁ ପତନ ଘଟେ ଏବଂ ତାହା ହେଉଛି ଅଗ୍ରଗତି ଏବଂ ଆଲୋକର ସଂପୂର୍ଣ୍ଣ ବିପରୀତ ।

ଆପଣାର ଅହଂକୁ ଅତିକ୍ରମ କରିଯିବା ଏବଂ କେବଳ ଦିବ୍ୟ ପରମସତ୍ତାଙ୍କ ସେବାରେହିଁ ଜୀବନ ବଞ୍ଚିବା,– ତାହାହିଁ ଆଦର୍ଶ, ଏବଂ, ଯଥାର୍ଥ ଚେତନା ଲାଭ କରିବା ନିମନ୍ତେ ସୁଗମତମ ମାର୍ଗ ।

*୨୭ ଏପ୍ରିଲ୍ ୧୯୭୧*

*

ମୁଁ ହିଂସାର ଆଦୌ ଅନୁମୋଦନ କରେ ନାହିଁ । ଆମେ ଯେଉଁ ଲକ୍ଷ୍ୟ ନିମନ୍ତେ ଅଭୀପ୍ସା ରଖିଛୁ, ହିଂସା ଦ୍ୱାରା ପ୍ରେରିତ ଆମର ପ୍ରତ୍ୟେକ କାର୍ଯ୍ୟ ଆମକୁ ସେଠାକୁ ଯାଇଥିବା ପଥରୁ ଗୋଟିଏ ପାଦ ପଛକୁ ହଟାଇ ନେଇଥାଏ ।


'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତା ସର୍ବତ୍ର ରହିଛନ୍ତି ଓ ସର୍ବଦା ସର୍ବୋଚ୍ଚ ଭାବରେ ସଚେତନ ଅଛନ୍ତି । ତାଙ୍କର ସମ୍ମୁଖରେ ଆମେ ଯେଉଁ କାର୍ଯ୍ୟଟିକୁ କରି ନ ପାରିବା, ସେହି କାର୍ଯ୍ୟକୁ କେବେହେଲେ କରିବା ନାହିଁ ।

*୬ ମଇ ୧୯୭୧*

*

## ଅରୋଭିଲ୍‌ର ପ୍ରତୀକ



କେନ୍ଦ୍ରସ୍ଥ ବିନ୍ଦୁଟି ଏକତାର ପ୍ରତିନିଧିତ୍ୱ କରୁଛି, ସେହି ସର୍ବୋଚ୍ଚ ସତ୍ତାଙ୍କର ପ୍ରତିନିଧିତ୍ୱ କରୁଛି; ଭିତରର ବୃତ୍ତଟି ସୃଷ୍ଟିକୁ, ନଗରୀଟିର କଳ୍ପନାକୁ ସୂଚାଇ ଦେଉଛି । ପାଖୁଡ଼ାମାନେ ଅଭିବ୍ୟକ୍ତି-ସାମର୍ଥ୍ୟ, ଉପଲବ୍ଧିର ପ୍ରତିନିଧିତ୍ୱ କରୁଛନ୍ତି ।[୨]

*୧୬ ଅଗଷ୍ଟ ୧୯୭୧*

*

ପ୍ରତ୍ୟେକବସ୍ତୁ ତାହାର ଯଥାସ୍ଥାନରେହିଁ ରହିବ; ତା'ହେଲେ ପ୍ରତ୍ୟେକ ବସ୍ତୁ ଲାଗି ଅବଶ୍ୟ ସ୍ଥାନ ହୋଇ ପାରିବ ।

*୨୬ ଅଗଷ୍ଟ ୧୯୭୧*

*

''ଏହି କଥାଟିକୁ ଏହା ଭିତରେ ରଖିବା ମୋତେ ସମ୍ଭବ ନୁହେଁ'' ବୋଲି କହିବାର ଅର୍ଥ ହେଉଛି ଯେ, ଆମେ ଏପର୍ଯ୍ୟନ୍ତ ତାହାର ଯୋଗ୍ୟ ସ୍ଥାନଟିକୁ ଖୋଜି ବାହାର କରି ପାରି ନାହୁଁ ।

*୨୬ ଅଗଷ୍ଟ ୧୯୭୧*

*

ଯାବତୀୟ ଭ୍ରାନ୍ତ କଳ୍ପନା ହେଉଛି ଗୋଟିଏ ଗୋଟିଏ ପ୍ରାଣିକ ସ୍ତରର କ୍ରିୟା ଏବଂ ତେଣୁ ଆଦୌ କାମ୍ୟ ନୁହେଁ ।

'oaob.nitrkl.ac.in' images reprocessed

ଆପଣାର ବାସନାଗୁଡ଼ିକ ପଛରେ ଧାଇଁବା ସ୍ୱାଧୀନତା ନୁହେଁ; ବରଂ, ସେଗୁଡ଼ିକରୁ ମୁକ୍ତି ଲାଭ କରିବା ହେଉଛି ପ୍ରକୃତ ସ୍ୱାଧୀନତା ।

*୨୭ ଅଗଷ୍ଟ ୧୯୭୧*

*

ପ୍ରତ୍ୟେକ ସମସ୍ୟା ପାଇଁ ଏପରି ଏକ ସମାଧାନ ରହିଛି, ଯାହାକି ସମସ୍ତଙ୍କର ସନ୍ତୋଷଭାଜନ ହୋଇ ପାରିବ । ମାତ୍ର, ସେହି ଆଦର୍ଶ ସମାଧାନଟିକୁ ବାହାର କରି ପାରିବା ଲାଗି, ପ୍ରତ୍ୟେକ ବ୍ୟକ୍ତିକୁ ସେଇଟି ସକାଶେ ପ୍ରକୃତରେ ଇଚ୍ଛା କରିବାକୁ ହେବ; ନିଜର ଅଭିରୁଚିଟାକୁ ଜୋର୍ କରି ଅନ୍ୟମାନଙ୍କ ଉପରେ ଲଦିଦେବାର ମତଲବରେ ଅନ୍ୟମାନଙ୍କର ନିକଟବର୍ତ୍ତୀ ହେଲେ ତାହା ହୋଇ ପାରିବ ନାହିଁ ।

ନିଜର ଚେତନାକୁ ଆହୁରି ବୃହତ୍ କର ଏବଂ ସମସ୍ତଙ୍କର ସନ୍ତୋଷ ବିଧାନ ନିମନ୍ତେ ଅଭୀପ୍ସା ରଖ ।

*୨୮ ଅଗଷ୍ଟ ୧୯୭୧*

*

ଅରୋଭିଲ୍ କଦାପି ମିଛ କହିବ ନାହିଁ । ଯିଏ ଅରୋଭିଲ୍ ବାସୀ ହୋଇ ରହିବାକୁ ଇଚ୍ଛା କରୁଛି, ତାକୁ କେବେହେଲେ ମିଛ ନ କହିବା ନିମନ୍ତେ ସଂକଳ୍ପବଦ୍ଧ ହେବାକୁ ପଡ଼ିବ ।

*୨୮ ଅଗଷ୍ଟ ୧୯୭୧*

*

ତୁମେ ପ୍ରଶ୍ନଟିର କେବଳ **ତୁମ ପାଖଟିକୁହିଁ** ଦେଖୁଛ; ମାତ୍ର ଯଦି ତୁମେ ନିଜର ଚେତନାରେ ଏକ ପ୍ରସାର ଘଟାଇବାକୁ ଇଚ୍ଛା କରୁଥାଅ, ତେବେ ନିଷ୍ପକ୍ଷ ଭାବରେ ସକଳ ପାର୍ଶ୍ୱରୁ ଅବଲୋକନ କରିପାରିବା ଦ୍ୱାରାହିଁ ଅଧିକ ଭଲ ହେବ । ତୁମେ ପରେ ଏକଥା ସ୍ପଷ୍ଟ ଭାବରେ ଦେଖି ପାରିବ ଯେ ଏହି ଦୃଷ୍ଟିକୋଣଟିର ପକ୍ଷରେହିଁ କେତେକେତେ ବଡ଼ ସୁବିଧାମାନ ରହିଛି ।

*୧୭ ସେପ୍‌ଟେମ୍ବର ୧୯୭୧*

*

ନିଜର ଚେତନାକୁ ପୃଥିବୀର ପ୍ରସ୍ଥଯାଏ ପ୍ରସାରିତ କରିନିଅ ଏବଂ ତେବେ ତୁମକୁ ପ୍ରତ୍ୟେକ ଜିନିଷ ଲାଗି ସ୍ଥାନ ଅବଶ୍ୟ ମିଳିଯିବ ।

*୨୦ ସେପ୍‌ଟେମ୍ବର ୧୯୭୧*

*

'oaob.nitrkl.ac.in' images reprocessed

ଅହଂମୁକ୍ତ ହେବାହିଁ ଅରୋଭିଲ୍‌ବାସୀମାନଙ୍କର ଆଦର୍ଶ ହେବ — ସେମାନେ କୌଣସି ଅବସରରେ ମଧ୍ୟ ନିଜ ଅହଂର ତୁଷ୍ଟିସାଧନ କରିବାକୁ ଚେଷ୍ଟା କରିବେ ନାହିଁ ।

ଯଦି ସେମାନେ ସ୍ୱାର୍ଥପ୍ରଣୋଦିତ ଦାବିର ସେହି ପୁରାତନ ମାନବୀୟ ରୀତିଟିକୁ ଅନୁସରଣ କରିବେ, ତେବେ ସେମାନେ ଏହି ପୃଥିବୀର ପରିବର୍ତ୍ତନ ହେବ ବୋଲି କିପରି ଆଶା କରି ପାରିବେ ?

*୨୩ ଅକ୍‌ଟୋବର ୧୯୭୧*

*

*ଅରୋଭିଲ୍‌ର ଯେଉଁ ବ୍ୟକ୍ତିମାନେ ଯଥାର୍ଥ ସେବକ ହେବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କ ଲାଗି ରବିବାର ଏକ ଛୁଟିଦିନ କି ?*

ପ୍ରଥମେ ସପ୍ତାହଟିର ବ୍ୟବସ୍ଥା ବିଷୟରେ ଏହିପରି କଳ୍ପନା କରା ଯାଇଥିଲା : ବ୍ୟକ୍ତି ଯେଉଁ ସମୂହଟି ମଧ୍ୟରେ ରହିଛି, ସେଥିରେ ଛଅଦିନ କାମ କରାଯିବ; ସପ୍ତାହର ସପ୍ତମ ଦିନଟିକୁ ଦିବ୍ୟ ପରମସତ୍ତାଙ୍କୁ ଅନ୍ତର୍ଗତ ଭାବରେ ଅନ୍ୱେଷଣ କରିବାକୁ ଏବଂ ନିଜର ସତ୍ତାକୁ ଦିବ୍ୟ ପରମ ଇଚ୍ଛା ପାଖରେ ନିବେଦିତ କରି ଦେବାକୁ ଅଲଗା କରି ରଖା ଯାଇଥିଲା । ରବିବାର ଦିନ ଯେଉଁ ତଥାକଥିତ ବିଶ୍ରାମର ପରାମର୍ଶ ଦିଆଯାଇଛି, ତାହା ପଛରେ କେବଳ ଏହି ଗୋଟିଏ ଅର୍ଥ ଓ କେବଳ ଗୋଟିଏ ଯଥାର୍ଥ କାରଣ ରହିଛି ।

କହିବା ଅନାବଶ୍ୟକ ଯେ, ଆନ୍ତରିକତା ହେଉଛି ଯାବତୀୟ ଉପଲବ୍ଧି ଲାଗି ଅସଲ ସର୍ତ୍ତ; ଯାବତୀୟ ନିଷ୍ଠାହୀନତାକୁ କେବଳ ଏକ ଅଧୋଗତି ବୋଲିହିଁ କୁହାଯିବ ।

*୨୫ ଅକ୍‌ଟୋବର ୧୯୭୧*

*

ନିଜର ମତଟିକୁ ସମର୍ଥନ କରିବା ଲାଗି ପ୍ରତ୍ୟେକ ବ୍ୟକ୍ତିର ଅବଶ୍ୟ ନାନା ଉତ୍ତମ କାରଣ ରହିଛି, ଏବଂ ସେଥିରୁ ଗୋଟିକୁ ଆଉଗୋଟିକଠାରୁ ଅଲଗା କରି ତୁଳନାତ୍ମକ ବିଚାର କରିପାରିବାରେ ମୁଁ ଆଦୌ କୌଣସି ବିଶେଷ ଜ୍ଞାନ ଅର୍ଜନ କରି ନାହିଁ ।

ମାତ୍ର, ଆଧ୍ୟାତ୍ମିକ ଦୃଷ୍ଟିକୋଣଟିରୁ ମୁଁ ଅବଶ୍ୟ ଏତିକି ଜାଣିଛି ଯେ, ଯଥାର୍ଥ ସଦିଚ୍ଛା ରହିଥିଲେ ଯାବତୀୟ ବ୍ୟକ୍ତିମତକୁ ଏକ ସମଗ୍ରତର ତଥା ଯଥାର୍ଥତର ସମାଧାନ ମଧ୍ୟରେ ନିଶ୍ଚୟ ସମଞ୍ଜସତା ସହିତ ଅନ୍ତର୍ଭୁକ୍ତ କରି ରଖାଯାଇ ପାରିବ । ଅରୋଭିଲ୍‌ର କର୍ମୀମାନଙ୍କଠାରୁ ମୁଁ ଏହି କଥାଟିର ପ୍ରତ୍ୟାଶା କରୁଛି । ଏପରି ଆଦୌ ହେବ ନାହିଁ ଯେ କେତେକଙ୍କୁ ଅନ୍ୟମାନଙ୍କ ପାଖରେ ବଶ୍ୟତା ସ୍ୱୀକାର କରିବାକୁ ପଡ଼ିବ, ମାତ୍ର, ଅପର ପକ୍ଷରେ, ଏକ ଅପେକ୍ଷାକୃତ ଅଧିକ ସମଗ୍ର ଏବଂ ସଂପୂର୍ଣ୍ଣ ପରିଣାମରେ ଉପନୀତ

'oaob.nitrkl.ac.in' images reprocessed

ହୋଇ ପାରିବା ପାଇଁ ସମସ୍ତେ ନିଜ ନିଜର ପ୍ରୟାସକୁ ଏକତ୍ର ସମ୍ମିଳିତ କରି ଆଣି ପାରୁଥିବେ ।

ଅରୋଭିଲ୍‌ର ଆଦର୍ଶ ଆମଠାରୁ ଏହି ଅଗ୍ରଗତିକୁ ହିଁ ଦାବି କରୁଛି — ତୁମେ କ'ଣ ତାହା କରିବା ଲାଗି ଇଚ୍ଛା କରୁ ନାହଁ ?

ଅନେକ ଆଶୀର୍ବାଦ ।

*୧୪ ନଭେମ୍ବର ୧୯୭୧*

*

ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହେବା ଦ୍ୱାରା ଯେଉଁ ସ୍ୱାଧୀନତା ପ୍ରାପ୍ତ ହୁଏ, ତାହାହିଁ ଏକମାତ୍ର ଯଥାର୍ଥ ସ୍ୱାଧୀନତା ।

କେବଳ ଆପଣାର ଅହଂ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜ୍ଜନ କରି ପାରିଲେହିଁ ଆମେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହୋଇ ରହିପାରିବା ।

*୧୯୭୧*

*

ଅରୋଭିଲ୍ ଶ୍ରୀଅରବିନ୍ଦଙ୍କର ଶିକ୍ଷା ଉପରେ ଆଧାରିତ ମାନବ-ଏକତାର ସର୍ବପ୍ରଥମ ଉପଲବ୍ଧି ହୋଇ ପାରିବା ପାଇଁ ଇଚ୍ଛା କରୁଛି । ଏଠାରେ ସକଳ ଦେଶର ଲୋକମାନେ ନିଜର ଘରେ ରହିଥିବା ପରି ଅନୁଭବ କରୁଥିବେ ।

*ଜାନୁଆରି ୧୯୭୨*

*

## ୟୁଉନେସ୍କୋ ଲାଗି ବାର୍ତ୍ତା

ପୃଥିବୀପୃଷ୍ଠରେ ଅତିମାନସ ପରମସତ୍ୟର ଆଗମନକୁ ତ୍ୱରାନ୍ୱିତ କରିଦେବା ପାଇଁ ଅରୋଭିଲ୍ ଉଦ୍ଦିଷ୍ଟ ।

ପୃଥିବୀ ଯେପରି ହେବା ଉଚିତ, ବର୍ତ୍ତମାନ ତାହା ସେପରି ହୋଇ ରହି ନାହିଁ ବୋଲି ଯେଉଁମାନେ ଦେଖି ପାରୁଛନ୍ତି, ଅରୋଭିଲ୍ ପାଇଁ ସେମାନଙ୍କର ସମସ୍ତଙ୍କର ସାହାଯ୍ୟକୁହିଁ ଅବଶ୍ୟ ସ୍ୱାଗତ କରାଯିବ ।

ପ୍ରତ୍ୟେକ ବ୍ୟକ୍ତିକୁ ଅବଶ୍ୟ ଜାଣିବାକୁ ହେବ, ସିଏ ଏକ ପୁରାତନ ମରଣୋନ୍ମୁଖୀ ପୃଥିବୀ ସହିତ ନିଜକୁ ସଂପୃକ୍ତ କରି ରଖିବାକୁ ଇଚ୍ଛା କରୁଛି ଅଥବା, ସମ୍ଭୂତ ହେବା ଲାଗି ପ୍ରସ୍ତୁତ ହେଉଥିବା ଏକ ନୂତନ ତଥା ଅଧିକ ଭଲ ପୃଥିବୀ ଲାଗି କାର୍ଯ୍ୟ କରିବାକୁ ଇଚ୍ଛା କରୁଛି ।

*୧ ଫେବ୍ରୁଆରି ୧୯୭୨*

*

'oaob.nitrkl.ac.in' images reprocessed

*ଅରୋଭିଲ୍‌ର ଅନେକ ଲୋକ କହୁଛନ୍ତି ଯେ, ଅରୋଭିଲ୍‌ରେ ସଂଗଠିତ କୌଣସି କାର୍ଯ୍ୟ ଆଦୌ କାମ୍ୟ ନୁହେଁ; ସେମାନେ ସ୍ୱତଃସ୍ଫୂର୍ତ୍ତ କାର୍ଯ୍ୟ ପଦ୍ଧତିର ସମର୍ଥନ କରୁଛନ୍ତି ।*

କେବଳ ଜଣେ ପ୍ରତିଭାସମ୍ପନ୍ନ ବ୍ୟକ୍ତିହିଁ ସ୍ୱତଃସ୍ଫୂର୍ତ୍ତ ଭାବରେ କାର୍ଯ୍ୟ କରିବାକୁ ସମର୍ଥ ହୁଏ । ଆପଣାକୁ ଜଣେ ସେହିପରି ବ୍ୟକ୍ତି ବୋଲି କେହି ଦାବି କରୁଛନ୍ତି କି ? ... ... ଅନେକ ଆଶୀର୍ବାଦ ।

*୩ ଜୁଲାଇ ୧୯୭୨*

*

ନିମ୍ନତର ପ୍ରକୃତିର ଯାବତୀୟ ଆବେଗ ଓ ଉନ୍ମାଦନାର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିବା,– ତାହାକୁ କଦାପି ଅତିମାନସର ରୀତି ବୋଲି କୁହାଯାଇ ପାରିବ ନାହିଁ; ଏବଂ ଏଠାରେ ସେଥିଲାଗି ଆଦୌ କୌଣସି ସ୍ଥାନ ନାହିଁ ।

ଆମେ ଅତିମାନସର ଆଗମନକୁ ତ୍ୱରାନ୍ୱିତ କରିଦେବାକୁ ଇଚ୍ଛା କରୁଛୁ; ନାନା ବାସନା ଏବଂ ନିମ୍ନତର ଉନ୍ମାଦନା ଦ୍ୱାରା ଭରି ରହିଥିବା ଏକ ମାନବଜୀବନର ସେହି କୁତ୍ସିତ ସ୍ଥିତି ମଧ୍ୟକୁ ପତିତ ହେବା ଲାଗି ଆମେ ଆଦୌ ଇଚ୍ଛା କରୁ ନାହୁଁ ।

*୧୦ ଜୁଲାଇ ୧୯୭୨*

*

ଆମେ ଯେପର୍ଯ୍ୟନ୍ତ ମିଛ କହିବାରେ ଲାଗିଥିବା, ସେପର୍ଯ୍ୟନ୍ତ କେବଳ ସେହି ସୁଖମୟ ମହାନ୍ ଭବିଷ୍ୟତକୁହିଁ ଆମଠାରୁ ଆହୁରି ଦୂରକୁହିଁ ଠେଲି ଦେଉଥିବା ।

*୧୩ ଜୁଲାଇ ୧୯୭୨*

*

ଯେଉଁମାନେ ଅରୋଭିଲ୍‌ରେ ରହିଲେ ସୁଖୀ ହୋଇ ରହିବେ, ଅରୋଭିଲ୍ ସେହିପରି ବ୍ୟକ୍ତିମାନଙ୍କୁହିଁ ଏଠାରେ ସ୍ଥାନ ଦେବାକୁ ଇଚ୍ଛା କରୁଛି । ଯେଉଁମାନେ ଅସନ୍ତୋଷ ଅନୁଭବ କରୁଛନ୍ତି, ସେମାନଙ୍କର ବାହାର ପୃଥିବୀକୁ ଫେରିଯିବାହିଁ ଉଚିତ ହେବ । ସେଠାରେ ସେମାନେ ଯାହା ଇଚ୍ଛା କରିବେ ଅବଶ୍ୟ କରିପାରିବେ ଏବଂ ସେଠାରେ ପ୍ରତ୍ୟେକଙ୍କ ସକାଶେ ସ୍ଥାନ ରହିଛି ।

*୨ ଅକ୍ଟୋବର ୧୯୭୨*

*

ଭୁଲ୍ ବିବରଣୀ ଉପରେ ବିଶ୍ୱାସ କରି ଯେଉଁମାନଙ୍କୁ ଅରୋଭିଲ୍ ଭିତରେ ଗ୍ରହଣ

'oaob.nitrkl.ac.in' images reprocessed

କରାଯାଇଛି, ସେମାନଙ୍କ ଲାଗି କେବଳ ଗୋଟିଏ ସମାଧାନ ରହିଛି : ସେମାନେ ନିଜ ଭିତରେ ରହିଥିବା ଯାବତୀୟ ମିଥ୍ୟାର ଆରୋଗ୍ୟ ବିଧାନ କରିବେ; ଅର୍ଥାତ୍, ସେମାନଙ୍କର ଚେତନା ମଧ୍ୟରେ ଯାହାକିଛି ଦିବ୍ୟ ପରମସତ୍ତାଙ୍କର ଉପସ୍ଥିତିର ବିରୁଦ୍ଧାଚରଣ କରୁଛି, ସେମାନେ ସେଗୁଡ଼ିକର ଉପଶମ ଘଟାଇବେ ।

*୨୨ ଅକ୍ଟୋବର ୧୯୭୨*

*

ଅରୋଭିଲ୍‌ର ଯଥାର୍ଥ ଭାବନା ହେଉଛି **ପରସ୍ପର ସହିତ ସହଯୋଗ**, ଏବଂ ସେହି ଭାବନାର ଅଧିକରୁ ଅଧିକ ବୃଦ୍ଧି ସାଧନହିଁ ହେଉଥିବା ଉଚିତ ।

ଯଥାର୍ଥ ସହଯୋଗ ହିଁ ଦିବ୍ୟତା ଆଡ଼କୁ ପରିଚାଳିତ କରି ନେଇଯାଏ ।

*୨୨ ଅକ୍ଟୋବର ୧୯୭୨*

*

*(ଯେଉଁ ଅରୋଭିଲ୍‌ବାସୀମାନେ ଏଗୁଡ଼ିକୁ ବ୍ୟବହାର କରିବାକୁ ଇଚ୍ଛା କରିବେ, ସେମାନଙ୍କ ଲାଗି ସମ୍ଭାବ୍ୟ ତିନି ପ୍ରକାରର ଶୁଭ ସମ୍ଭାଷଣ)*

ପରମସତ୍ୟର ସେବାରେ (*ଫରାସୀରେ*)
ପରମସତ୍ୟର ସେବାରେ (*ଇଂରାଜୀରେ*)
ପରମସତ୍ୟ

*୩୦ ଅକ୍ଟୋବର ୧୯୭୨*

*

ସମଞ୍ଜସତା
ସଦିଚ୍ଛା
ଶୃଙ୍ଖଳା
ସତ୍ୟ

ଯଦି ତୁମେ କେବେହେଲେ ମିଛ କହିବ ନାହିଁ ଏବଂ ସର୍ବଦା ପରମସତ୍ୟର ସେବାରେ ନିଯୁକ୍ତ ହୋଇ ରହିବ, ତେବେ ଯାଇ ମୁଁ ତୁମ ସହିତ କାର୍ଯ୍ୟ କରି ପାରିବି ।

*୩୧ ଅକ୍ଟୋବର, ୧୯୭୨*

*

ମୃତ୍ୟୁ ଲଭିବା ପୂର୍ବରୁ ମିଥ୍ୟା ପୂର୍ଣ୍ଣବଳ ହୋଇ ଉପରକୁ ଉଠେ ।

ତଥାପି ଲୋକେ କେବଳ ବିପର୍ଯ୍ୟୟର ଭାଷାକୁ ହିଁ ବୁଝିଥାଆନ୍ତି । ସେମାନେ

'oaob.nitrkl.ac.in' images reprocessed

ପରମସତ୍ୟ ଆଡ଼କୁ ଆଖିମେଲି ଅନାଇବାକୁ କ'ଣ ସେହି ବିପର୍ଯ୍ୟୟକୁହିଁ ଆସିବାକୁ ପଡ଼ିବ ?

ଯେପରି ଏଭଳି ଆଦୌ ନ ହୁଏ, ମୁଁ ସେଇଥିଲାଗି ସମସ୍ତଙ୍କଠାରୁ ଏକ ପ୍ରୟାସର ଆଶା ରଖୁଛି ।

କେବଳ ପରମସତ୍ୟହିଁ ଆମକୁ ରକ୍ଷା କରି ପାରିବ; — ବାକ୍ୟରେ ସତ୍ୟ, କର୍ମରେ ସତ୍ୟ, ଇଚ୍ଛାଶକ୍ତିରେ ସତ୍ୟ, ଅନୁଭବଗୁଡ଼ିକର କ୍ଷେତ୍ରରେ ସତ୍ୟ । ଆମେ ପରମସତ୍ୟର ସେବା କରିବା, ଅଥବା ଧ୍ୱଂସ ପାଇବା — ଦୁଇଟି ମଧ୍ୟରୁ ଗୋଟିକୁ ବାଛି ନେବାକୁ ପଡ଼ିବ ।

*୨୬ ନଭେମ୍ବର ୧୯୭୨*

*

ଅରୋଭିଲ୍ ଉତ୍ତରୋତ୍ତର ଅଗ୍ରଗତି କରୁଥିବା ଏକ ଅତିମାନବତା ନିମନ୍ତେ ତିଆରି ହୋଇଛି; ସହଜାତ ପ୍ରବୃତ୍ତିଗୁଡ଼ିକ ଦ୍ୱାରା ଶାସିତ ଏବଂ ବାସନାଗୁଡ଼ିକ ଦ୍ୱାରା ପ୍ରାଦୁର୍ଭୂତ ହୋଇ ରହିଥିବା କୌଣସି ଅବମାନବତା ସକାଶେ ଆଦୌ ତାହାର ସୃଷ୍ଟି ହୋଇ ନାହିଁ । ଯେଉଁମାନେ ସେହି ଅବମାନବତା ଓ ପଶୁମାନବତାର ସ୍ତରରେ ରହିଛନ୍ତି, ଏଠାରେ ସେମାନଙ୍କ ଲାଗି କୌଣସି ସ୍ଥାନ ନାହିଁ ।

ଯେଉଁମାନେ ଅତିମାନସ ଲାଗି ଅଭୀପ୍ସା ରଖିଛନ୍ତି ଏବଂ ସେଠାରେ ଯାଇ ପହଞ୍ଚିବାର ପ୍ରୟାସ କରୁଛନ୍ତି, ଅରୋଭିଲ୍ ସେହିମାନଙ୍କ ଲାଗି ଉଦ୍ଦିଷ୍ଟ ହୋଇ ରହିଛି ।

*୧ ଡିସେମ୍ବର ୧୯୭୨*

*(ଡିସେମ୍ବର ୫, ୧୯୭୨ ରାତିରେ ହୋଇଥିବା ଏକ ଝଡ଼ ବିଷୟରେ)*

ଏହାଦ୍ୱାରା ପ୍ରକୃତି ସତର୍କ କରି ଜଣାଇ ଦେଉଛି ଯେ, ଯେଉଁମାନଙ୍କ ମଧ୍ୟରେ ଅରୋଭିଲ୍‌ର ଯଥାର୍ଥ ଭାବନା ନାହିଁ, ସେମାନଙ୍କୁ ବଦଳିବାକୁ ପଡ଼ିବ, ଅଥବା, ବଦଳିବାକୁ ଇଚ୍ଛା ନ କରୁଥିଲେ ସେଠାରୁ ଚାଲିଯିବାକୁ ପଡ଼ିବ ।

*୬ ଡିସେମ୍ବର ୧୯୭୨*

*

ପ୍ରତ୍ୟେକ ବ୍ୟକ୍ତିକୁ ଅଗ୍ରଗତି କରିବାକୁ ପଡ଼ିବ ଏବଂ ଅଧିକ ନିଷ୍ଠା ଅର୍ଜନ କରିବାକୁ ହେବ ।

ଅହଂ ଓ ସେଗୁଡ଼ିକର ଲୋଭଗୁଡ଼ାକର ତର୍ପଣ ଲାଗି ନୁହେଁ, ମାତ୍ର ଏକ ନୂତନ

'oaob.nitrkl.ac.in' images reprocessed

ପୃଥିବୀର ନିର୍ମାଣ ପାଇଁ, ଦିବ୍ୟ ପରିପୂର୍ଣ୍ଣତାକୁ ବ୍ୟକ୍ତ କରୁଥିବା ଅତିମାନସ ପୃଥିବୀର ନିର୍ମାଣ ପାଇଁ ଅରୋଭିଲ୍ ସୃଷ୍ଟି କରାଯାଇଛି ।

*୧୨ ଡିସେମ୍ବର ୧୯୭୨*

*

ଏକ ଅତିମାନବତା ସକାଶେ ଅରୋଭିଲ୍ ସୃଷ୍ଟିକରାଯାଇଛି; ଯେଉଁ ବ୍ୟକ୍ତିମାନେ ସେମାନଙ୍କର ଅହଂ ଉପରେ ବିଜୟ ହାସଲ କରି ଓ ସକଳ ବାସନା ପରିହାର କରି ଅତିମାନସକୁ ଗ୍ରହଣ କରିବା ସକାଶେ ଆପଣାକୁ ପ୍ରସ୍ତୁତ କରୁଛନ୍ତି, ସେହିମାନଙ୍କ ଲାଗି ସୃଷ୍ଟି କରାଯାଇଛି । କେବଳ ସେହିମାନଙ୍କୁ ଯଥାର୍ଥ ଅରୋଭିଲ୍‌ବାସୀ ବୋଲି କୁହାଯିବ ।

ଯେଉଁମାନେ ନିଜ ଅହଂର ବୋଲ ମାନିବାକୁ ଏବଂ ନିଜର ଯାବତୀୟ ବାସନାକୁ ଚରିତାର୍ଥ କରିବାକୁ ଇଚ୍ଛା କରୁଛନ୍ତି, ସେମାନେ ହେଉଛନ୍ତି ଏକ ଅବମାନବତାର ଅଂଶ ଓ ଏଠାରେ ସେମାନଙ୍କ ଲାଗି କୌଣସି ସ୍ଥାନ ନାହିଁ । ଯେଉଁ ଅନ୍ୟ ପୃଥିବୀଟି ସେମାନଙ୍କର ଉପଯୁକ୍ତ ସ୍ଥାନ, ସେମାନେ ସେହି ପୃଥିବୀକୁ ଫେରି ଯାଆନ୍ତୁ ।

*୧୮ ଡିସେମ୍ବର ୧୯୭୨*

*

## ମିଛ କହୁଥିବା ଲୋକଙ୍କ ପ୍ରତି

ଆପଣମାନେ ଯେ ମିଛ କହୁଛନ୍ତି, ତାହାରି ଦ୍ୱାରା ପ୍ରମାଣ କରି ଦେଉଛନ୍ତି ଯେ ଆପଣମାନେ ପ୍ରକୃତ ଅରୋଭିଲ୍-ନିବାସୀ ହେବାକୁ ଇଚ୍ଛା କରୁ ନାହାନ୍ତି ।

ଅରୋଭିଲ୍‌ରେ ରହିବା ପାଇଁ ଇଚ୍ଛା କରୁଥିଲେ ମିଛ କହିବା ବନ୍ଦ କରିବାକୁ ପଡ଼ିବ ।

*୧୯ ଡିସେମ୍ବର ୧୯୭୨*

*

ଜଣେ ପ୍ରକୃତ ଅରୋଭିଲ୍-ନିବାସୀ ହେବାକୁ ହେଲେ ମିଛ କହିବା ସଂପୂର୍ଣ୍ଣ ଭାବରେ ଛାଡ଼ି ଦେବାକୁ ହେବ ।

*୨୮ ଡିସେମ୍ବର ୧୯୭୨*

*

*ମନୁଷ୍ୟ ସମାଜର ଦୁଃଖ ଏବଂ ସମାଜର ସକଳ ବିଶୃଙ୍ଖଳା ଲାଗି ଅରୋଭିଲ୍ କ'ଣ ଏକମାତ୍ର ସମାଧାନ ?*

'oaob.nitrkl.ac.in' images reprocessed

ଏକମାତ୍ର ସମାଧାନ ବୋଲି କୁହା ଯିବ ନାହିଁ । ଏହା ହେଉଛି ରୂପାନ୍ତର ସାଧନର ଏକ କେନ୍ଦ୍ର, ଏପରି ବ୍ୟକ୍ତିମାନଙ୍କର ଏକ କ୍ଷୁଦ୍ର ଗୋଷ୍ଠୀ, ଯେଉଁମାନେ କି ନିଜକୁ ରୂପାନ୍ତରିତ କରୁଛନ୍ତି ଏବଂ ପୃଥିବୀ ସକାଶେ ଏକ ଉଦାହରଣ ଦେଖାଉଛନ୍ତି । ଅରୋଭିଲ୍ ତାହାହିଁ ହେବାକୁ ଆଶା ପୋଷଣ କରୁଛି । ଏହି ପୃଥିବୀରେ ଯେପର୍ଯ୍ୟନ୍ତ ଅହଂକାରିତା ଏବଂ ଅସଦିଚ୍ଛା ବିଦ୍ୟମାନ ରହିଛି, ସେପର୍ଯ୍ୟନ୍ତ ଏକ ସାମୂହିକ ରୂପାନ୍ତର ଆଦୌ ସମ୍ଭବ ହେବ ନାହିଁ ।

*୨୮ ଡିସେମ୍ବର ୧୯୭୨*

*

*ଅରୋଭିଲ୍ ନିମନ୍ତେ ଆପଣ କିଭଳି ରାଜନୀତିକ ସଂଗଠନ ଇଚ୍ଛା କରୁଛନ୍ତି ?*

ଏହି ସଂକ୍ରାନ୍ତରେ ଏକ କୌତୁକିଆ ସଂଜ୍ଞା ମୋ'ର ମନକୁ ଆସୁଛି : ଆମେ ଏଠାରେ ଏକ ଦିବ୍ୟ ଅରାଜକତା-ଇଚ୍ଛା କରୁଛୁ । ମାତ୍ର ସେପରି କହିଲେ ପୃଥିବୀ କିଛି ବୁଝିବ ନାହିଁ । ମନୁଷ୍ୟମାନେ ଆପଣାର ଚୈତ୍ୟ ସତ୍ତା ସମ୍ବନ୍ଧରେ ସଚେତନ ହେବେ ଏବଂ ଆଦୌ କୌଣସି ନିର୍ଦ୍ଧାରିତ ଆଇନ୍‌କାନୁନ୍ ଉପରେ ନିର୍ଭର ନ କରି ସ୍ୱତଃସ୍ଫୂର୍ତ୍ତ ଭାବରେ ସଂଗଠିତ ହେବେ,– ତାହାକୁ ଆଦର୍ଶ ବୋଲି କୁହାଯିବ ।

ଏଥିଲାଗି ବ୍ୟକ୍ତିକୁ ନିଜ ଚୈତ୍ୟ ସତ୍ତା ସହିତ ସଂଯୁକ୍ତ ହୋଇ ରହିବାକୁ ପଡ଼ିବ, ସେ ତାହାରି ଦ୍ୱାରା ପରିଚାଳିତ ହେବ ଏବଂ ଅହଂର ଯାବତୀୟ କର୍ତ୍ତୃତ୍ୱ ତଥା ପ୍ରଭାବକୁ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ ।[୬]

*୨୮ ଡିସେମ୍ବର ୧୯୭୨*

*

ଯେଉଁମାନେ ଅଗ୍ରଗତି କାମନା କରୁଛନ୍ତି, ସେମାନଙ୍କ ନିଜର ଅଗ୍ରଗତି କାମନା କରୁଛନ୍ତି, ଅରୋଭିଲ୍ ସେହିମାନଙ୍କ ଲାଗି ତିଆରି ହୋଇଛି ।

ଏହି କଥାଟି ପ୍ରତ୍ୟେକ ବ୍ୟକ୍ତି ସକାଶେ ଲେଖା ହୋଇଛି; ପ୍ରତ୍ୟେକ ବ୍ୟକ୍ତି ସର୍ବପ୍ରଥମେ ତା' ନିଜ ବିଷୟରେହିଁ ସଂପୃକ୍ତ ରହିବ ।

*୨୮ ଡିସେମ୍ବର ୧୯୭୨*

*

ସେମାନଙ୍କ ଭିତରେ ଯେପର୍ଯ୍ୟନ୍ତ ନାନା ବାସନା ରହିଛି, ସେମାନେ ସେ ପର୍ଯ୍ୟନ୍ତ ପ୍ରକୃତ ଅରୋଭିଲ୍-ନିବାସୀ ହୋଇ ପାରିବେ ନାହିଁ ।

'oaob.nitrkl.ac.in' images reprocessed

ସେମାନେ ଶବ୍ଦଗୁଡ଼ିକୁ ନେଇ ଆଦୌ କୌଣସି ଖେଳ ନ ଖେଳନ୍ତୁ : ବାସନା ଓ ଅଭୀପ୍ସା ମଧ୍ୟରେ ଯୋଜନ ଯୋଜନ ବ୍ୟବଧାନ ରହିଛି । ଏକଥା ପ୍ରତ୍ୟେକ ନିଷ୍ଠାପର ବ୍ୟକ୍ତିକୁ ଭଲ ଭାବରେ ଜଣାଅଛି । ଏବଂ ସବୁଠାରୁ ବଡ଼ କଥା ହେଉଛି, ସେମାନେ ଭ୍ରମରେ ପଡ଼ି ସେମାନଙ୍କର ଅହଂ ତଥା ସେମାନଙ୍କର ବାସନାଗୁଡ଼ିକୁ କଦାପି ଦିବ୍ୟ ପରମସତ୍ତା ବୋଲି ଆଦୌ ନ ଭାବନ୍ତୁ । ଆପଣାକୁ ପ୍ରତାରଣା କରୁଥିବାରୁହିଁ ସେମାନେ ଏହିପରି ଏକ ଭ୍ରମ କରି ପକାଉଛନ୍ତି ।

ସେମାନଙ୍କ ଆପଣା ଭିତରେହିଁ ଦିବ୍ୟ ଉପସ୍ଥିତି ବିଷୟରେ ସଚେତନ ହେବାକୁ ପଡ଼ିବ; ଏବଂ ସେଥିଲାଗି, ଅହଂକୁ ଚୁପ୍ କରିଦେବାକୁ ପଡ଼ିବ ଓ ବାସନାଗୁଡ଼ିକୁ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ ।

*୨୮ ଡିସେମ୍ବର ୧୯୭୨*

*

ଆପଣାକୁ ପୃଥିବୀ ସହିତ ସମ୍ବନ୍ଧିକୃତ କରି ରଖିବା ଲାଗି ଦିବ୍ୟ ପରମ ସତ୍ତା ଯେତେ ଯେତେ ରୂପ ଧାରଣ କରିଛନ୍ତି, ସେଥିମଧ୍ୟରୁ ଯିଶୁ ହେଉଛନ୍ତି ଗୋଟିଏ । ମାତ୍ର ତାଙ୍କ ବ୍ୟତୀତ ଅନ୍ୟମାନେ ବି ରହିଛନ୍ତି, ଆହୁରି ଅନେକ ବି ଆସୁଛନ୍ତି । ଏବଂ, ଅରୋଭିଲ୍‌ର ସନ୍ତାନମାନେ ଐକାନ୍ତିକ ଭାବରେ କୌଣସି ଗୋଟିଏ ଧର୍ମକୁ ଅବଲମ୍ବନ କରି ନ ରହି ଜ୍ଞାନର ପ୍ରଶସ୍ତ ବିଶ୍ୱାସପଥଟିକୁହିଁ ଗ୍ରହଣ କରିବେ ।

*୧୯୭୨*

*

*("ଗେଜେଟ୍ ଅରୋଭିଲିଏନ୍" ନିମନ୍ତେ ସନ୍ଦେଶ)*

ମିଥ୍ୟା ଲାଗି କେବଳ ଗୋଟିଏମାତ୍ର ସମାଧାନ ଅଛି : ସେଇଟି ହେଉଛି ଯେ, ଆମ ଚେତନାର କ୍ଷେତ୍ରରେ ଯାହାକିଛି ଦିବ୍ୟ ପରମସତ୍ତାଙ୍କ ଉପସ୍ଥିତିର ବିରୋଧ କରୁଛି, ଆମ ଭିତରୁ ସେହିସବୁ କିଛିର ମୂଳୋତ୍ପାଟନ କରିଦେବା ।[§]

*୩୧ ଡିସେମ୍ବର ୧୯୭୨*

*

ତୁମେ କ'ଣ କରୁଛ, ତାହା ନୁହେଁ, ମାତ୍ର କେଉଁ ମନୋଭାବ ନେଇ ତାହାକୁ କରୁଛ, ସେଇଥିରୁହିଁ କର୍ମଯୋଗର ନିରୂପଣ କରା ଯାଇଥାଏ ।[§]

*୫ ଫେବ୍ରୁଆରି ୧୯୭୩*

*

'oaob.nitrkl.ac.in' images reprocessed

27.3.73.

Auroville is created to realise the ideal of Sri Aurobindo who taught us the Karma yoga. Auroville is for those who want to do the Yoga of work. To live in Auroville means to do the Yoga of work. So all Aurovilians must take up a work and do it as yoga.

Blessings [illegible]

'oaob.nitrkl.ac.in' images reprocessed

ଅରୋଭିଲ୍ ରାଜନୀତି ପାଇଁ ହୋଇ ନାହିଁ; ଅରୋଭିଲ୍ ଓ ସେଠାରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ଆଦୌ କୌଣସି ରାଜନୀତି କରାଯିବା ଉଚିତ ନୁହେଁ ।

*୧୪ ଫେବ୍ରୁଆରି ୧୯୭୩*

*

ଅରୋଭିଲ୍‌କୁ ଯାହା ଅବଶ୍ୟ ହେବାକୁ ପଡ଼ିବ, ଅରୋଭିଲ୍ ତାହାହିଁ ହେବ ।

ଏକଥା ହେବ, କେବଳ ଯେତେବେଳେ ସେଠାରେ ନିବାସ କରୁଥିବା ବ୍ୟକ୍ତିମାନେ **ମିଛ କହିବା ବନ୍ଦ କରିଦେବେ ।**

*୧୮ ମାର୍ଚ୍ଚ ୧୯୭୩*

*

ତୁମେ ଯେତେବେଳେ "ମୁଁ ଦିବ୍ୟ ପରମସତ୍ତାଙ୍କର ସେବା କରିବାକୁ ଇଚ୍ଛା କରୁଛି" ବୋଲି କହୁଛ, ତୁମେ କ'ଣ ପ୍ରକୃତରେ ବିଶ୍ୱାସ କରୁଛ ଯେ ସେହି ସର୍ବଜ୍ଞ କର୍ତ୍ତା ତୁମେ ମିଥ୍ୟାହିଁ କହୁଛ ବୋଲି ଜାଣି ପାରୁ ନାହାନ୍ତି ?

*୧୮ ମାର୍ଚ୍ଚ ୧୯୭୩*

*

ଶ୍ରୀଅରବିନ୍ଦ ଆମକୁ କର୍ମଯୋଗର ଶିକ୍ଷା ଦେଇଥିଲେ । ତାଙ୍କର ସେହି ଆଦର୍ଶକୁ ଉପଲବ୍ଧି କରିବା ଲାଗି ଅରୋଭିଲ୍‌କୁ ତିଆରି କରାଯାଇଛି । ଯେଉଁମାନେ କର୍ମଯୋଗ କରିବାକୁ ଅଭିଳାଷ ରଖିଛନ୍ତି, ଅରୋଭିଲ୍ ହେଉଛି ସେହିମାନଙ୍କ ପାଇଁ ।

ଅରୋଭିଲ୍‌ରେ ବାସ କରିବାର ଅର୍ଥ ହେଉଛି ଏକ ଯୋଗ ହିସାବରେ କର୍ମ କରିବା । ତେଣୁ ଅରୋଭିଲ୍-ନିବାସୀ ପ୍ରତ୍ୟେକଙ୍କୁ ଏକ କର୍ମ ବାଛିନେବାକୁ ପଡ଼ିବ ଓ ତାହାକୁ ଯୋଗ ହିସାବରେ କରିବାକୁ ପଡ଼ିବ ।

*୨୭ ମାର୍ଚ୍ଚ ୧୯୭୩*

'oaob.nitrkl.ac.in' images reprocessed

## ମାତୃମନ୍ଦିର

ପରିପୂର୍ଣ୍ଣତା ଲାଗି ମନୁଷ୍ୟର ରହିଥିବା ଅଭୀପ୍ସା ଲାଗି ଦିବ୍ୟ ପରମସତ୍ତାଙ୍କର ଉତ୍ତର,— ମାତୃମନ୍ଦିର ତାହାରି ପ୍ରତୀକ ହୋଇ ରହିବାକୁ ଇଚ୍ଛା କରୁଛି ।

ଉତ୍ତରୋତ୍ତର ଅଗ୍ରଗତି କରୁଥିବା ମାନବ-ଏକତା ରୂପେ ଆପଣାକୁ ଅଭିବ୍ୟକ୍ତ କରୁଥିବା ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳନ ।

*୧୪ ଅଗଷ୍ଟ ୧୯୭୦*

*

ଶ୍ରୀଅରବିନ୍ଦଙ୍କର ଶିକ୍ଷା ମଧ୍ୟରେ ଯାହାକୁ ବିଶ୍ୱ-ଜନନୀ ବୋଲି କୁହାଯାଇଛି, ମାତୃମନ୍ଦିର ତାହାରି ପ୍ରତୀକ ହୋଇ ରହିବାକୁ ଇଚ୍ଛା କରୁଛି ।

*

ମାତୃମନ୍ଦିର ଅରୋଭିଲ୍‌ର ଆତ୍ମା ହୋଇ ରହିବ ।

ସେହି ଆତ୍ମାଟି ଯେତେ ଶୀଘ୍ର ପ୍ରତିଷ୍ଠିତ ହେବ, ତାହା ପ୍ରତ୍ୟେକ ବ୍ୟକ୍ତି ଲାଗି, ବିଶେଷତଃ ଅରୋଭିଲ୍‌ର ନିବାସୀମାନଙ୍କ ଲାଗି ସେତିକି ଅଧିକ ଭଲ କଥା ହେବ ।

*୧୫ ନଭେମ୍ବର ୧୯୭୦*

*

*ମାତୃମନ୍ଦିର ନିର୍ମାଣ ଲାଗି, କେବଳ ଅରୋଭିଲ୍‌ର ଅଧିବାସୀମାନେ ସବୁ କାର୍ଯ୍ୟ କରିବେ, ନା ସେଥିପାଇଁ ଅନ୍ୟ ମଜୁରିଆ ଓ ସଦିଚ୍ଛାସମ୍ପନ୍ନ ବ୍ୟକ୍ତିମାନଙ୍କୁ ମଧ୍ୟ ନିଯୁକ୍ତ କରାଯିବ ?*

ଏକଥା ଅଧିକ ଭଲ ହେବ, ଯଦି ମଜୁରିନେଇ କାମ କରୁଥିବା ଲୋକମାନଙ୍କୁ ବାଦ୍ ଦେଇ କାର୍ଯ୍ୟଟିର ବ୍ୟବସ୍ଥା ହୋଇ ପାରିବ; ଯେପରିକି କାର୍ଯ୍ୟଟି ଯାବତୀୟ ପରିସ୍ଥିତିରେ ମଧ୍ୟ ସୁନିଶ୍ଚିତ ଭାବରେ ଅବ୍ୟାହତ ରହି ପାରିବ ।

*୧୬ ଫେବ୍ରୁଆରି ୧୯୭୧*


*

(*ମାତୃମନ୍ଦିରର ଶିଳାନ୍ୟାସ ଲାଗି ବାର୍ତ୍ତା*)

ମାତୃମନ୍ଦିର ଦିବ୍ୟ ପରମସତ୍ତାଙ୍କ ଲାଗି ଅରୋଭିଲ୍ ପୋଷଣ କରିଥିବା ଅଭୀପ୍ସାର ପ୍ରତୀକ ହୋଇ ରହୁ ।

*୨୧ ଫେବ୍ରୁଆରି ୧୯୭୧*

'oaob.nitrkl.ac.in' images reprocessed


Let the Matrimandir
be the living symbol of Auroville's
aspiration for the
Divine

*

(ମାତୃମନ୍ଦିରଠାରେ କାର୍ଯ୍ୟ ଆରମ୍ଭ ହେବା ଲାଗି ପ୍ରଦତ୍ତ ବାର୍ତ୍ତା)

ସହଯୋଗିତା ଉପରେ ଆଧାରିତ ଭ୍ରାତୃତ୍ୱ ।
ଆନନ୍ଦ ଏବଂ ଆଲୋକ ମଧ୍ୟରେ ଏକତ୍ୱ ଆଡ଼କୁ ଅଭୀପ୍ସା ।

ଅନେକ ଆଶୀର୍ବାଦ ।

*୧୪ ମାର୍ଚ୍ଚ ୧୯୭୧*

*

ଆମେ ଏକ ନିର୍ମାଣର ପର୍ଯ୍ୟାୟ ମଧ୍ୟରେ ଗତି କରୁଥିବାରୁ ଏହା ଏକାନ୍ତ ଆବଶ୍ୟକ ଯେ, ଅରୋଭିଲ୍‌ର ଯେଉଁ ଅଧିବାସୀମାନେ ''କେନ୍ଦ୍ର''ରେ ବାସ କରୁଛନ୍ତି, ସେମାନେ ମଧ୍ୟ ମାତୃମନ୍ଦିରର ନିର୍ମାଣ କାର୍ଯ୍ୟରେ ଯୋଗ ଦେବେ ।

ଯେଉଁମାନେ ସେଥିରେ ଯୋଗଦେବାକୁ ଇଚ୍ଛା ନ କରୁଛନ୍ତି, ସେମାନେ ସେହି ''କେନ୍ଦ୍ର''ରେ ରହିବେ ନାହିଁ ।

*୧୦ ଏପ୍ରିଲ୍ ୧୯୭୧*

*

'oaob.nitrkl.ac.in' images reprocessed

ମାତୃମନ୍ଦିର ପ୍ରତ୍ୟକ୍ଷ ଭାବରେ ଦିବ୍ୟ ପରମ ସତ୍ତାଙ୍କର ପ୍ରଭାବମଣ୍ଡଳ ମଧ୍ୟରେ ରହିଛି ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆମେ ନିଜେ ଯେତେଦୂର କରିପାରନ୍ତେ, ସିଏ ତାହାଠାରୁ ଅନେକ ଅଧିକ ଭଲ ଭାବରେ ଯାବତୀୟ ବସ୍ତୁର ବ୍ୟବସ୍ଥା କରି ଦେଉଛନ୍ତି ।

*ଅକ୍ଟୋବର ୧୯୭୧*

*

ମାତୃମନ୍ଦିର କେବଳ ଗୋଟିଏ; ତାହା ହେଉଛି ଅରୋଭିଲ୍‌ର ମାତୃମନ୍ଦିର । ଅନ୍ୟ ସବୁକିଛିର ଅନ୍ୟ ନାମମାନ ରହିବା ଉଚିତ ।

*୫ ଅକ୍ଟୋବର ୧୯୭୧*

*

ବ୍ୟକ୍ତିଗତ ପ୍ରଶ୍ନଗୁଡ଼ିକ ଆସିବା ପୂର୍ବରୁ ନିର୍ମାଣ କାର୍ଯ୍ୟଟିର ନିରାପତ୍ତା ଏବଂ ଶକ୍ତି ବିଷୟରେ ଆଗ ବିଚାର କରାଯିବ ।

ସବୁକାର୍ଯ୍ୟ ଯେ ସମଞ୍ଜସତା ସହିତ ଚାଲୁଛି, ତୁମେ ସେକଥା ଦେଖିବ ବୋଲି ମୋର ଆଶା ରହିଛି ।

*୨୦ ଅକ୍ଟୋବର ୧୯୭୧*

*

*ମାତୃମନ୍ଦିରର ନିର୍ମାଣ କିପରି ଭାବରେ ହେବ ବୋଲି ଆପଣ ଇଚ୍ଛା କରୁଛନ୍ତି, ସେ ବିଷୟରେ ଆପଣ କେତେକ ସାଧାରଣ ଧାରଣା ଦେଇ ପାରିବେ କି ? — ଯେପରିକି ଆମ ମନରେ ଆଉ କୌଣସି ସନ୍ଦେହ ରହିବ ନାହିଁ ଏବଂ ଆମେ ହାଲୁକା ହୃଦୟରେ ବିଶ୍ୱାସର ସହିତ ସେହି କାର୍ଯ୍ୟରେ ଲାଗିଯାଇ ପାରିବୁ ?*

ଶକ୍ତି, ନିରାପତ୍ତା, ସ୍ଥାୟିତ୍ୱ, ସମଞ୍ଜସତାପୂର୍ଣ୍ଣ ଭାରସାମ୍ୟ ।

ମୂଳଦୁଆଗୁଡ଼ିକ ବିଶେଷ ଭାବରେ ମହତ୍ତ୍ୱପୂର୍ଣ୍ଣ ଏବଂ କେବଳ ବିଶେଷଜ୍ଞମାନେ ତାହାକୁ କରିବା ଉଚିତ ।

ସେହି କାର୍ଯ୍ୟରେ ସଦିଚ୍ଛାସମ୍ପନ୍ନ ସମସ୍ତଙ୍କ ଲାଗି ସ୍ଥାନ ରହିଛି; ଏବଂ, ଯେଉଁମାନେ ନିଷ୍ଠା ଏବଂ ସରଳହୃଦୟତା ସହିତ ସେମାନଙ୍କର କର୍ମକୁ ଏଥିଲାଗି ଅର୍ପଣ କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ଫଳପ୍ରଦ ଭାବରେ କର୍ମରତ କରି ରଖିବା ପାଇଁ ମଧ୍ୟ ଯଥେଷ୍ଟ କାର୍ଯ୍ୟ ରହିଛି ।

*୩ ନଭେମ୍ବର ୧୯୭୧*

*

'oaob.nitrkl.ac.in' images reprocessed

*(ମାତୃମନ୍ଦିରର ସୌଧସମଗ୍ରଟିକୁ ଅବଲମ୍ବନ ଦେଇ ଧରି ରଖିଥିବା ଚାରୋଟି ଆଧାରସ୍ତମ୍ଭର ନିର୍ମାଣ ଆରମ୍ଭ କରିବାର ଅବସରରେ ପ୍ରଦତ୍ତ ବାର୍ତ୍ତା)*

ଅରୋଭିଲ୍ ଉତ୍ତରୋତ୍ତର ବୃଦ୍ଧିପ୍ରାପ୍ତ ହେଉଥିବା ମହାନ୍ ଏକତାର ପ୍ରତୀକ ହୋଇ ରହୁ।

ଏବଂ, ତାହାକୁ ଉପଲବ୍ଧ କରିବାର ସର୍ବୋତ୍କୃଷ୍ଟ ଉପାୟ ହେଉଛି, ଆମର ସକଳ କାର୍ଯ୍ୟରେ ଓ ସକଳ ଅନୁଭବରେ, ଆମ ସମଗ୍ର ଜୀବନକୁ ଉତ୍ସର୍ଗୀକୃତ କରି ରଖିବାର କ୍ଷେତ୍ରରେ ଆମେ ସେହି ଦିବ୍ୟ ପରିପୂର୍ଣ୍ଣତା ଦିଗରେ ରହିଥିବା ଅଭୀପ୍ସାରେ ପରସ୍ପର ସହିତ ଏକତ୍ରବଦ୍ଧ ହୋଇ ରହିଥିବା।

*୨୧ ଫେବ୍ରୁଆରି ୧୯୭୨*

*

*(ଚାରୋଟିଯାକ ସ୍ତମ୍ଭର ମହତ୍ତ୍ୱ)*

ଉତ୍ତର ମହାକାଳୀ
ପୂର୍ବ ମହାଲକ୍ଷ୍ମୀ
ଦକ୍ଷିଣ ମହେଶ୍ୱରୀ
ପଶ୍ଚିମ ମହାସରସ୍ୱତୀ

*

*(ମାତୃମନ୍ଦିରର ମୂଳଦୁଆ ମଧ୍ୟରୁ ଆଲୋକ ବିତରଣ କରିବା ଲାଗି ମାଟି ତଳେ ନିର୍ମିତ ହୋଇଥିବା ବାରୋଟିଯାକ ପ୍ରକୋଷ୍ଠର ମହତ୍ତ୍ୱ)*

ଆନ୍ତରିକତା, ନମ୍ରତା, କୃତଜ୍ଞତା, ଅଧ୍ୟବସାୟ, ଅଭୀପ୍ସା, ଗ୍ରହଣଶୀଳତା, ଅଗ୍ରଗତି, ସାହସ, ସଜ୍ଜନତା, ଉଦାରତା, ସମତା, ଶାନ୍ତି।

*ଜୁଲାଇ ୧୯୭୨*

*

*(ମାତୃମନ୍ଦିରକୁ ବେଷ୍ଟନ କରି ରହିଥିବା ବାରୋଟି ଉଦ୍ୟାନର ମହତ୍ତ୍ୱ)*

ସତ୍, ଚିତ୍, ଆନନ୍ଦ, ଆଲୋକ, ପ୍ରାଣବତ୍ତା, ଶକ୍ତି, ସମ୍ପଦ, ଉପଯୋଗିତା, ପ୍ରଗତି, ତାରୁଣ୍ୟ, ସୌଷମ୍ୟ, ପରିପୂର୍ଣ୍ଣତା।

*

'oaob.nitrkl.ac.in' images reprocessed

*(ମାତୃମନ୍ଦିରର ଆଧାରସ୍ଥ ଚଟାଣକୁ ପକ୍କା ତଳେଇ କରିବାର ଅବସରରେ ପ୍ରଦତ୍ତ ବାର୍ତ୍ତା)*

ଦିବ୍ୟ ପରମ ସତ୍ୟର ରୂପାୟନ ଲାଗି ଆମେ ସମସ୍ତେ ଅଧିକରୁ ଅଧିକ ନିଷ୍ଠାର ସହିତ କାର୍ଯ୍ୟ କରିବା ।

*୩ ମଇ ୧୯୭୨*

*

*(ଶ୍ରୀଅରବିନ୍ଦ ଜନ୍ମ-ଶତବାର୍ଷିକୀର ପ୍ରଥମ ଦିବସରେ ମାତୃମନ୍ଦିରର କର୍ମୀମାନଙ୍କୁ ପ୍ରଦତ୍ତ ବାର୍ତ୍ତା)*

ସଦିଚ୍ଛା ଓ ଶାନ୍ତି, — ସମସ୍ତଙ୍କ ଲାଗି ।

*୧୫ ଅଗଷ୍ଟ ୧୯୭୨*

'oaob.nitrkl.ac.in' images reprocessed

## ଗୋଷ୍ଠିଜୀବନ ସଂକ୍ରାନ୍ତରେ

### ବିବିଧ ପ୍ରସଙ୍ଗ

ଅରୋମଡେଲ୍ ହେଉଛି ଏକ ଉଦ୍ୟମ ଓ ଏକ ପ୍ରୟୋଗ । ଏହାର ବିକାଶ ହେଉଥିବା ସଙ୍ଗେ ସଙ୍ଗେ ପ୍ରୟୋଜନ ଅନୁସାରେ ଏହାର ସଂଗଠନରେ ନାନା ପରିବର୍ତ୍ତନ ମଧ୍ୟ ହେଉଥିବ ।

ପ୍ରତ୍ୟେକ ସଂଗଠନକୁ ନମନୀୟ ଏବଂ ଗ୍ରହଣଶୀଳ ହୋଇ ରହିବାକୁ ପଡ଼ିବ, ଯେପରିକି ତାହାର ନିରନ୍ତର ଅଗ୍ରଗତି ସମ୍ଭବ ହେବ ଓ ପ୍ରୟୋଜନ ପଡ଼ିଲେ ତାହା ନିଜକୁ ଅନୁରୂପ ଭାବରେ ବଦଳାଇ ମଧ୍ୟ ଦେଇ ପାରୁଥିବ ।

*୧୨ ଫେବ୍ରୁଆରି ୧୯୬୩*

*

*ମାଆ,*

*'କ' ଙ୍କ ପତ୍ରର ଉତ୍ତର ସ୍ୱରୂପ ମୁଁ ନିବେଦନ କରିପାରେ କି ଯେ, ଆମେରିକା ସୌଧ ବିଷୟରେ (ଅରୋଭିଲ୍‌ରେ ନିର୍ମିତ ହେବାକୁ ଯାଉଥିବା) ଆମେରିକା କିଂବା ଆଶ୍ରମରେ ଲିଖିତ ଯାବତୀୟ ପୁସ୍ତିକା ବା ବିବରଣିକାର ଚିଠା ସର୍ବପ୍ରଥମେ ଆପଣଙ୍କ ଦ୍ୱାରା ଅବଶ୍ୟ ଅନୁମୋଦିତ ହେବା ଉଚିତ ?*

ମୋର ଅନୁମୋଦନ ବ୍ୟତୀତ ଅରୋଭିଲ୍‌ର କୌଣସି ପ୍ରକଳ୍ପ ବିଷୟରେ କିଛିହେଲେ ଛାପା ହେବ ନାହିଁ ।

ଅନେକ ଆଶୀର୍ବାଦ ।

*୨୨ ମାର୍ଚ୍ଚ ୧୯୬୬*

*

*ମାଆ,*

*ଆମ ପରିବା-କିଆରିରେ ପୋକ ହୋଇଗଲେଣି । ତାହାକୁ ନିୟନ୍ତ୍ରଣରେ ଆଣିବା ସକାଶେ ଆମେ ଅବିଷାକ୍ତ କେତେକ ଉପାୟର ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ତଥା ଏହି ସମସ୍ୟାଟିର ସମ୍ମୁଖୀନ ହେବା ଲାଗି ଆମ ପାଖରେ ଯଥେଷ୍ଟ ତଥ୍ୟ ଉପଲବ୍ଧ ହେବା ପର୍ଯ୍ୟନ୍ତ, ଆମେ ସାବଧାନତାର ସହିତ କେତେକ ପୋକମରା ଔଷଧ ବ୍ୟବହାର କରିବୁ ବୋଲି ଭାବୁଛୁ । ଏହା କରିବା ଲାଗି*

'oaob.nitrkl.ac.in' images reprocessed

*ଆପଣ ଅନୁମତି ଦେବେ କି ଏବଂ ସେଗୁଡ଼ିକର ବ୍ୟବହାର କଲାବେଳେ ଆମ ଲାଗି ଆପଣଙ୍କର ସୁରକ୍ଷା ମଧ୍ୟ ରହିବ କି ?*

କୌଣସି ବିଷାକ୍ତ କୀଟନାଶକ ବ୍ୟବହାର କରିବା ଅପେକ୍ଷା ଏକ ଅଳ୍ପଶକ୍ତି ବିଶିଷ୍ଟ ଓ ଅହାନିକର ରକ୍ଷାକାରୀ ସାଧନ ଅନେକ ସମୟରେ ଅନେକ ଫଳ ଦେଇଥାଏ ।

*୧ ଏପ୍ରିଲ୍ ୧୯୬୬*

*

*ମୋତେ ଲାଗୁଛି, ସତେଯେପରି ଅରୋଭିଲ୍‌ର ଜମି ଭିତରେ ମଧ୍ୟ ଅଭୀପ୍ସା ରହିଛି । ମାଆ, ଏକଥା କ’ଣ ସତ ?*

ହଁ, ଜମିର ମଧ୍ୟ ଏକ ଚେତନା ରହିଛି; ଅବଶ୍ୟ ଏକଥା ସତ ଯେ ଏହି ଚେତନା ବୁଦ୍ଧିଗତ କ୍ଷେତ୍ରକୁ ଆସି ଆପଣାକୁ ବ୍ୟକ୍ତ କରିପାରେ ନାହିଁ ।

*୨୧ ମାର୍ଚ୍ଚ ୧୯୬୮*

*

*(ପାଣ୍ଠି ସଂଗ୍ରହ କରିବାକୁ ଓ ଅରୋଭିଲ୍ ପରିଦର୍ଶନ କରିବା ପାଇଁ ଅଥବା ସେଠାରେ ବାସ କରିବା ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କର ଯାଞ୍ଚ କରିବାକୁ ପ୍ରତିଷ୍ଠିତ ହୋଇଥିବା ଅରୋଭିଲ୍ ଯୋଗସୂତ୍ର କାର୍ଯ୍ୟାଳୟ ସକାଶେ ପ୍ରଦତ୍ତ ବାର୍ତ୍ତା)*

ଯୋଗସୂତ୍ର କାର୍ଯ୍ୟାଳୟର ମୁଖ୍ୟ ରୂପେ ଅବସ୍ଥାପିତ ରହିବାକୁ ହେଲେ ଆମକୁ ସମସ୍ତଙ୍କ ପ୍ରତି ତଥା ପ୍ରତ୍ୟେକ ଜାତି ପ୍ରତି ସମ୍ପୂର୍ଣ୍ଣ ଭାବରେ ସମାନୁଭୂତିସମ୍ପନ୍ନ ହେବାକୁ ପଡ଼ିବ ।

ଏହି ଦୃଷ୍ଟିକୋଣଟି ସକାଶେ ଏକ ସମ୍ପୂର୍ଣ୍ଣ ଆନ୍ତରିକତା ଅବଶ୍ୟ ରହିଥିବା ଉଚିତ ।

*ଏପ୍ରିଲ୍ ୧୯୬୮*

*

*ଦିବ୍ୟ ଜନନି,*

*ଯେଉଁ ଲୋକମାନେ ଅରୋଭିଲ୍‌କୁ କାର୍ଯ୍ୟ କରିବାକୁ ଆସୁଛନ୍ତି, ଆପଣଙ୍କ ପାଖକୁ ସେମାନଙ୍କର ଫଟୋ ପଠାଇବା ପୂର୍ବରୁ, ମୁଁ ବ୍ୟକ୍ତିଗତ ଭାବରେ ସେମାନଙ୍କ ସହିତ କଥାବାର୍ତ୍ତା କରି ତଥ୍ୟସଂଗ୍ରହ କରେ ବୋଲି ଆପଣ ଇଚ୍ଛା କରୁଛନ୍ତି କି ?*

'oaob.nitrkl.ac.in' images reprocessed

ହଁ ।

*୨୦ ଜୁନ୍ ୧୯୬୮*

*

*ଦିବ୍ୟଜନନି,*

*ଗତ ରବିବାର ଦିନ ଆଶ୍ରମର କେତେକ ସାନ ପିଲା ଅପ୍ରତ୍ୟାଶିତ ଭାବରେ ଅରୋଭିଲ୍ ଟ୍ରକ୍‌ରେ ବସି ବାହାରକୁ ଯାଇଥିଲେ ଓ ସକାଳ ତମାମ ଅରୋଭିଲ୍‌ରେ କଟାଇଥିଲେ । ସାଙ୍ଗରେ ସେମାନଙ୍କୁ ଦେଖିବା ଲାଗି କେତେଜଣ ବୟସ୍କ ମଧ୍ୟ ଥିଲେ; ସେମାନଙ୍କ ଭିତରେ ଅମୁକ, ଅମୁକ, ଅମୁକ ଥିଲେ, ମୁଁ ବି ଥିଲି ।*

*ଯଦି ଯଥାର୍ଥ ଭାବରେ ସେମାନଙ୍କର ତତ୍ତ୍ୱ ନେଇହେବ, ତେବେ ରବିବାରମାନଙ୍କରେ ପିଲାମାନଙ୍କୁ ଅରୋଭିଲ୍ ଯିବା ପାଇଁ ଉତ୍ସାହିତ କରିବା ଉଚିତ ହେବ ନା ନାହିଁ ?*

ହଁ, ଯଦି ସୁସଂଗଠିତ ଭାବରେ ସବୁ କରା ଯାଇପାରେ, ତେବେ ସେମାନେ ଯାଇପାରିବେ ।

ଅନେକ ଆଶୀର୍ବାଦ ।

*୨୮ ଜୁନ୍ ୧୯୬୮*

*

*ଦିବ୍ୟଜନନି,*

*୧: ଅରୋଭିଲ୍ ପାଇଁ ବ୍ୟକ୍ତିଗତ ପ୍ରସଙ୍ଗଗୁଡ଼ିକର ଏକ ବିଭାଗର ଆବଶ୍ୟକତା ଅଛି କି ?*

ନା ।

*୨: ତେବେ ତାହା ଯୋଗସୂତ୍ର କାର୍ଯ୍ୟାଳୟର ଏକ ଅଂଶ ହୋଇ ରହିବ କି ?*

ବିଭାଗ, ପଦବୀ ଓ ନାମଗୁଡ଼ାକୁ ଆଦୌ ବଢ଼ାଅ ନାହିଁ । ଏହାଦ୍ୱାରା ଜୀବନ ଅକାରଣରେ ଜଟିଳ ହୋଇପଡ଼େ ।

*୨୮ ଜୁନ୍ ୧୯୬୮*

*

(*ଅରୋଫୁଡ୍ ପ୍ରାଇଭେଟ୍ ଲିମିଟେଡ୍‌ର ଶିଳାନ୍ୟାସ-ଉତ୍ସବ ପାଇଁ ବାର୍ତ୍ତା*)

'oaob.nitrkl.ac.in' images reprocessed

ଆମେ ଏକ ଅଧିକ ଭଲ ଆଗାମୀ କାଲି ପାଇଁ କାର୍ଯ୍ୟ କରିବା ।

*୧୪ ଅଗଷ୍ଟ ୧୯୬୮*

*

(*"Peace" ବିଷୟରେ – ମାତୃମନ୍ଦିର କର୍ମଶିବିର ଏବଂ ଆଖପାଖ ଅଞ୍ଚଳ*)

ମୁଁ ଭାବୁଛି, ଏହି ସମସ୍ତ ଅଞ୍ଚଳଟିକୁ "Peace" ବୋଲି ନାମିତ କରାଯିବ ଏବଂ ଏଠାରେ ଶାନ୍ତି, ପ୍ରକୃତ ଶାନ୍ତିହିଁ ରାଜତ୍ୱ କରିବ; କେବଳ ଏଠାରେ ବାସ କରୁଥିବା ବ୍ୟକ୍ତିମାନଙ୍କ ଭିତରେ ନୁହେଁ, ମାତ୍ର ସମସ୍ତ ଅରୋଭିଲ୍‌ରେ ବର୍ତ୍ତମାନ ତଥା ଭବିଷ୍ୟତ ସବୁକାଳରେ ସେହି ଶାନ୍ତି ରାଜତ୍ୱ କରୁଛି ।

*୨୯ ଡିସେମ୍ବର ୧୯୬୮*

*

*ମନେ ହେଉଛି, ସତେ ଯେପରି ଅରୋଭିଲ୍‌ର ଅନ୍ୟ ସ୍ଥାନଗୁଡ଼ିକ ଅପେକ୍ଷା ଏହି "Peace"ରେହିଁ ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟ ଲାଗି ଅଧିକ ବିରୋଧ ଉପୁଜୁଛି । ଏକଥା କ'ଣ ପ୍ରକୃତରେ ସତ ? ଏଥିପାଇଁ କ'ଣ ଏକ ଗୂଢ଼ କାରଣ ରହିଛି ?*

ତୁମେ ନିଜ ଭିତରେ ବିଶ୍ୱାସ ରଖ, ନିଜ ଭିତରେ ଶାନ୍ତି ରଖ ।
ତାହା ସଂକ୍ରମିତ ହୋଇପାରିବ ।
ତୁମ ସହିତ ମୋ'ର ଅନେକ ଆଶୀର୍ବାଦ ରହିଛି ।

*୧୯୬୯*

(*ଅରୋଭିଲ୍‌ର ବ୍ଲକ୍ ତିଆରି ଉଦ୍ୟୋଗର ଉଦ୍‌ଘାଟନ ନିମନ୍ତେ ବାର୍ତ୍ତା*)

ସକଳ ନିଷ୍ଠା ସହକାରେ ସର୍ବଦା ସର୍ବୋତ୍ତମ ଭାବରେ କାର୍ଯ୍ୟ କରିବା ।
ସକଳ ନିଷ୍ଠା ସହକାରେ ସର୍ବଦା ନିଜର ସର୍ବୋତ୍ତମ ସ୍ଥିତିରେ ରହିବା ।

*୨୩ ଜୁନ୍ ୧୯୬୯*

*

(*ଅରୋସନ୍ ହାଉସ୍, ସର୍ଟିଚିଉଡ୍ ଗୋଷ୍ଠୀ ପାଇଁ ବାର୍ତ୍ତା*)

'oaob.nitrkl.ac.in' images reprocessed

ଏକ ନୂତନ ଚେତନା ପାଇଁ ଏକ ନୂତନ ନିବାସ ।
ଅନେକ ଆଶୀର୍ବାଦ ।

*୨୫ ଜୁନ୍ ୧୯୬୯*

*

ଏକ ବାସ୍ତବ ପ୍ରୟୋଗ କରିବା ଲାଗି ଏବଂ, ଅରୋଭିଲ୍‌ରେ କିପରି ଭାବରେ ବାସ କରିବାକୁ ହେବ, ତାହା ଶିକ୍ଷାକରିବା ଲାଗି ଅରୋମଡେଲ୍ ତିଆରି ହେଉଛି ।

*୧୮ ଅଗଷ୍ଟ ୧୯୬୯*

*

*ଦିବ୍ୟଜନନି,*

*ଅରୋମଡେଲ୍‌ର ନିର୍ମାଣରେ ମୁଁ ସାହାଯ୍ୟ କରିବାକୁ ଇଚ୍ଛା କରୁଛି । ମୁଁ ଅନୁଭବ କରୁଛି ଯେ ଆମେରିକା ଫେରିଯାଇ ସେଠାରେ ଅରୋଭିଲ୍ ପାଇଁ କାର୍ଯ୍ୟ କରିବା ଦ୍ୱାରା ମୁଁ ସବୁଠାରୁ ଅଧିକ ବ୍ୟାବହାରିକ ଭାବରେ ସେହି ସାହାଯ୍ୟ କରିପାରିବି । ଆପଣ ମଧ କ'ଣ ଏହିକଥା ଚାହୁଁଛନ୍ତି ?*

ମୁଁ ଇଚ୍ଛା କରୁଛି ଯେ, ତୁମେ, ନିଜେ ଯେପରି ଅନୁଭବ କରୁଛ, ସେହି ଅନୁସାରେହିଁ ଆମେରିକାରେ ଅଥବା ଏଠାରେ ଉପଯୋଗୀ, ବ୍ୟାବହାରିକ ଏବଂ ଫଳପ୍ରଦ ଭାବରେ କିଛି କାର୍ଯ୍ୟ କର ।

*୩୧ ଡିସେମ୍ବର ୧୯୬୯*

*

*ସାଧାରଣ ଭାବରେ କହିଲେ ଅରୋଭିଲ୍‌ରେ ଏବଂ ବିଶେଷ ଭାବେ କହିଲେ ଅରୋମଡେଲ୍‌ରେ ଜୀବନର ଉଦ୍ଦେଶ୍ୟ କ'ଣ ? ଗୋଷ୍ଠୀର ସେବା କରିବା ନା ଦିବ୍ୟ ପରମଚେତନାର ଜଣେ ଯଥାର୍ଥ ସେବକ ରୂପେ ତିଆରି ହେବା ?*

ଅରୋଭିଲ୍‌ରେ କିପରି ବାସ କରିବାକୁ ହେବ, ତାହା ଶିକ୍ଷା କରିବା ଏବଂ ସେହି ଶିକ୍ଷାଟିକୁ ସମ୍ଭବ କରିବା ନିମନ୍ତେ ଆବଶ୍ୟକ ଯାବତୀୟ ପ୍ରୟୋଗ କରିବା ହେଉଛି ଅରୋମଡେଲ୍‌ରେ ଜୀବନର ଉଦ୍ଦେଶ୍ୟ ।

ଗୋଷ୍ଠୀଟି ଯେପରି ଦିବ୍ୟ ପରମସତ୍ତାଙ୍କ ପାଇଁ ଜୀବନ ବଞ୍ଚି ପାରିବ, ଆମେ ସେଥିଲାଗି ଏକ ପ୍ରଣାଳୀ ବାହାର କରିବାକୁ ଇଚ୍ଛା କରୁଛୁ ।

'oaob.nitrkl.ac.in' images reprocessed

ପ୍ରତ୍ୟେକ ବ୍ୟକ୍ତିର ନିଜ ନିଜର ପ୍ରଣାଳୀ ରହିଛି ସତ, ମାତ୍ର ସମସ୍ତଙ୍କୁ ଅନୁକୂଳ ହେଲା ଭଳି ଏକ ପ୍ରଣାଳୀ ବାହାର କରିବା ହେଉଛି ସାମୂହିକ ଗୋଷ୍ଠୀର କାର୍ଯ୍ୟ ।

*୨୨ମଇ ୧୯୭୦*

*

*(ଅରୋଭିଲ୍‌ର ଗୋଟିଏ ଗୋଷ୍ଠୀ ସହିତ ବିଭିନ୍ନ ବିଷୟରେ ଇଣ୍ଟରଭିଉ କରିବା ସମ୍ବନ୍ଧରେ)*

ସମ୍ଭବତଃ ଅଧିକ ଭଲ ହେବ, ଯଦି ଆମେ ଲୋକମାନଙ୍କୁ, ସେମାନଙ୍କ ଭିତରୁ କିଏ ଏକ ନିଷ୍ଠାପର ଯୋଗାଭ୍ୟାସ ଦ୍ୱାରା ଉଚ୍ଚତର ପରମଜ୍ଞାନର ଅନ୍ତତଃ ଏକ ଝଲକ ମଧ ଲାଭ କରିଛନ୍ତି, ସେହି କଥାଟିକୁ ପଚାରିବା ।

*୧୯୭୦*

*

*ଦିବ୍ୟଜନନି,*

*ଅରୋଭିଲ୍‌ରେ ଏହି ଗତ ଥର ମୁଁ କାହିଁକି ଅସୁସ୍ଥ ହୋଇ ପଡ଼ିଲି ? ମୁଁ ଅରୋଭିଲ୍‌ରେ ପୁନର୍ବାର ବାସ କରିପାରିବି ତ ?*

ନିଜ ବିଷୟରେ ଆଦୌ ଏତେଗୁଡ଼ାଏ ଚିନ୍ତା କରିବ ନାହିଁ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୯ ନଭେମ୍ବର ୧୯୭୦*

*

*(ଆସ୍ପିରେଶନ୍ ସ୍କୁଲ୍‌ର ଉଦ୍‌ଘାଟନ ପାଇଁ ବାର୍ତ୍ତା)*

ଜାଣିବାର ତଥା ଅଗ୍ରଗତି କରିବାର ଏକ ଆନ୍ତରିକ ଇଚ୍ଛା ।

*୧୫ ଡିସେମ୍ବର ୧୯୭୦*

*

'oaob.nitrkl.ac.in' images reprocessed

*(ଆସ୍ପିରେଶନ୍ ସ୍କୁଲ୍‌ରେ ଯେଉଁସବୁ ଭାଷା ପଢ଼ାଯିବ )*

୧. ତାମିଲ
୨. ଫରାସୀ
୩. ସରଳୀକୃତ ସଂସ୍କୃତ, ଯାହାକି ହିନ୍ଦୀ ବଦଳରେ ଭାରତବର୍ଷର ଭାଷା ରୂପେ ବ୍ୟବହୃତ ହେବ
୪. ଆନ୍ତର୍ଜାତିକ ଭାଷା ରୂପେ ଇଂରାଜୀ ।

*୧୫ ଡିସେମ୍ବର ୧୯୭୦*

*

*(ପଣ୍ଡିଚେରୀରେ ଅରୋଭିଲ୍ ଅଫିସ୍ ପାଇଁ ବାର୍ତ୍ତା)*

୧୯୭୧
ଏକ ମଧୁର ସମ୍ୱତ୍ସର

*୨ ଜାନୁଆରି ୧୯୭୧*

*

*('ଗେଜେଟ୍ ଅରୋଭିଲିଏନ୍' ନିମନ୍ତେ ବାର୍ତ୍ତା)*

ଆମେ ଇଚ୍ଛା କରୁଛୁ ଯେ ଏହି ଗେଜେଟ୍ ଭବିଷ୍ୟତର ତଥା ସମଗ୍ର ମନୁଷ୍ୟଜାତି ନିମନ୍ତେ ଉପଲବ୍ଧ ହେବାକୁ ରହିଥିବା ଅଗ୍ରଗତିର ବାର୍ତ୍ତାବହ ହୋଇ ରହିବ ।

*ଜାନୁଆରି ୧୯୭୧*

*

*(କେହିଜଣେ ନିଜର ଖାଦ୍ୟ ଏବଂ ପଣ୍ଡିଚେରୀ ଓ ଅରୋଭିଲ୍ ମଧ୍ୟରେ ଯାତାୟାତ କରିଥିବାର ଗୋଟିଏ ବିଲ୍ ପାଇଥିଲେ । ସେ ମାଆଙ୍କୁ ଲେଖିଥିଲେ; ମାଆ ଉତ୍ତର ଦେଇଥିଲେ :)*

ଶିକ୍ଷା ନିଃଶୁଳ୍କ । ମାତ୍ର ଯାତାୟାତ ଏବଂ ଖାଦ୍ୟ ପାଇଁ ଅବଶ୍ୟ ପଇସା ଦେବାକୁ ପଡ଼ିବ ।[5]

*୬ ଫେବ୍ରୁଆରି ୧୯୭୧*

*

'oaob.nitrkl.ac.in' images reprocessed

*(ଅରୋଭିଲ୍‌ରେ ରାସାୟନିକ ସାର ଓ ପୋକମରା ଔଷଧ ବ୍ୟବହୃତ ହେବା ଉଚିତ କି ନାହିଁ ବୋଲି କେହି ପ୍ରଶ୍ନ କରିଥିଲେ ।)*

ନାହିଁ, ନାହିଁ, ନାହିଁ ।

ଏଗୁଡ଼ିକ ହେଉଛି ସେହି ପୁରୁଣା ଭୁଲ୍, ଯାହାକି ସେହି ପୁରୁଣା କାଳର ଏବଂ ବର୍ତ୍ତମାନ ପୁଣି ଆବିର୍ଭୂତ ହେବା ପାଇଁ ଚେଷ୍ଟା କରୁଛନ୍ତି । ଅରୋଭିଲ୍ କଦାପି ସେହି ଭୁଲ୍ କରିବ ନାହିଁ ।

*ମାର୍ଚ୍ଚ ୧୯୭୧*

*

କୌଣସି ରାସାୟନିକ ସାର ଏବଂ ବିପଜ୍ଜନକ ପୋକମରା ଔଷଧର ସାହାଯ୍ୟ ନ ନେଇ କୃଷିକାର୍ଯ୍ୟ ହୋଇପାରିବା ଉଚିତ ।

*୧୯୭୧*

*

*(ଆସ୍ପିରେଶନ୍ ପାଖରେ 'ଲାଷ୍ଟ ସ୍କୁଲ୍'ର ଉଦ୍ଘାଟନ ନିମିତ୍ତ ବାର୍ତ୍ତା)*

ଯେଉଁମାନେ ଅଗ୍ରଗତି କରିବାକୁ ଇଚ୍ଛା କରୁଛନ୍ତି, ଭବିଷ୍ୟତ ସେଇମାନଙ୍କର ହୋଇ ରହିବ ।

"ସର୍ବଦା ଆଉଟିକିଏ ଅଧିକ ଭଲ" କୁ ଯେଉଁମାନେ ନୀତିରୂପେ ଗ୍ରହଣ କରିଛନ୍ତି, ସେମାନଙ୍କ ପାଇଁ ଅନେକ ଆଶୀର୍ବାଦ ।

ଜଡ଼ର ଭୂମିରେ ଦିବ୍ୟ ପରମସତ୍ତା ସୌନ୍ଦର୍ଯ୍ୟ ରୂପେ ପ୍ରକାଶିତ ହୁଅନ୍ତି ।

*୬ ଅକ୍ଟୋବର ୧୯୭୧*

*

*(ଫୁଲଗଛର ନର୍ସରୀ "ବିଉଟି" ପାଇଁ ବାର୍ତ୍ତା)*

ଫୁଲମାନେ ହେଉଛନ୍ତି ଉଦ୍ଭିଦ-ଜଗତର ପ୍ରାର୍ଥନା ।

ବୃକ୍ଷମାନେ ସର୍ବୋଚ୍ଚ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଆପଣାର ସୌନ୍ଦର୍ଯ୍ୟକୁହିଁ ନିବେଦନ କରନ୍ତି ।

*୫ ନଭେମ୍ବର ୧୯୭୧*

*

'oaob.nitrkl.ac.in' images reprocessed

*(ଅରୋଭିଲ୍‌ର ଭୌଗୋଳିକ କେନ୍ଦ୍ରରେ ଅବସ୍ଥିତ ବଟବୃକ୍ଷର ଚାରିପାଖରେ ଥିବା ଉଦ୍ୟାନର ମହତ୍ତ୍ୱ)*

ଏକତା ।

*

*ଦିବ୍ୟଜନନି,*

*ମହାଲକ୍ଷ୍ମୀଙ୍କ ବିଷୟରେ ଶ୍ରୀଅରବିନ୍ଦ କହିଛନ୍ତି : "ଯଦି ସେ ମନୁଷ୍ୟମାନଙ୍କ ହୃଦୟରେ ଆପଣାକୁ ସ୍ୱାର୍ଥପରତା, ଘୃଣା, ଦ୍ୱେଷ, ଅଶୁଭ, ଈର୍ଷା ଏବଂ ସଂଘର୍ଷ ଦ୍ୱାରା ପରିବେଷ୍ଟିତ ହୋଇ ରହିଥିବାର ଦେଖନ୍ତି, ଯଦି ସେହି ପବିତ୍ର ପାତ୍ରଟି ମଧ୍ୟରେ ବିଶ୍ୱାସଘାତକତା, ଲୋଭ ଏବଂ ଅକୃତଜ୍ଞତା ମିଶ୍ରିତ ହୋଇ ରହିଥାଏ, ଯଦି ନାନା ଆବେଗ ଏବଂ ଅଶୋଧିତ ବାସନାର ସ୍ଥୂଳତା ଭକ୍ତିକୁ ବିକୃତ କରି ଦେଇଥାନ୍ତି, ତେବେ ଏହିଭଳି ହୃଦୟଗୁଡ଼ିକରେ ଏହି କରୁଣାମୟୀ ତଥା ସୌନ୍ଦର୍ଯ୍ୟମୟୀ ଦେବୀ ଆଦୌ ଅଧିକ କାଳ ଅବସ୍ଥାନ କରିପାରନ୍ତି ନାହିଁ । ଏକ ଈଶ୍ୱରୀୟ ବିରକ୍ତି ତାଙ୍କୁ ଅଧିକାର କରିନିଏ ଏବଂ ସିଏ ନିଜକୁ ପ୍ରତ୍ୟାହାର କରି ନେଇଯାଆନ୍ତି; କାରଣ ସିଏ ହେଉଛନ୍ତି ଏପରି ଏକ ଦେବୀ, ଯିଏକି କଦାପି ଜୋର୍ ଦିଅନ୍ତି ନାହିଁ କିଂବା ପ୍ରୟାସ କରନ୍ତି ନାହିଁ ।..."*

*ଆପଣ ହୁଏତ ଏହାହିଁ କରିବେ ବୋଲି ଭୟ କରି ଏବଂ, ଆମେ ଯେ ଆପଣଙ୍କୁ କଷ୍ଟ ଦେଇଛୁ, ସେଥିଲାଗି ଦୁଃଖିତ ହୋଇ ଆମେ 'ଆସ୍ପିରେଶନ୍'ର ଅଧିବାସୀ ଆପଣଙ୍କ ପାଖରେ କ୍ଷମାପ୍ରାର୍ଥନା କରୁଛୁ । ଆମ ଭିତରୁ ଅନେକେ, ଅନେକ ସମୟରେ, ବଦଳିବୁ ବୋଲି ଶପଥ କରିଛୁ; ଆମ ଭିତରୁ ଅନେକେ ବର୍ତ୍ତମାନ ମଧ୍ୟ ସେହି ଶପଥ କରୁଛୁ । ଆମେ ଆପଣଙ୍କଠାରୁ କରୁଣା ଭିକ୍ଷା କରୁଛୁ । ଆମର ଶ୍ରଦ୍ଧା ସହିତ ।*

ଅଗ୍ରଗତି ଏବଂ ରୂପାନ୍ତର ଲାଗି ମୋର ସ୍ନେହ ଓ ଅନେକ ଆଶୀର୍ବାଦ ସର୍ବଦା ତୁମମାନଙ୍କ ସହିତ ରହିଛି ।*

*୧୨ ଏପ୍ରିଲ୍ ୧୯୭୨*

*

* ଉତ୍ତରଟିକୁ ଲେଖିବାବେଳେ ମାଆ କହିଥିଲେ ଯେ, ଏହି ଚିଠିଟିକୁ ଫଟୋ କରି ବାନ୍ଧି ଧ୍ୟାନର ସ୍ଥାନରେ ରଖାଯିବା ଉଚିତ ।

'oaob.nitrkl.ac.in' images reprocessed

*ଶ୍ରଦ୍ଧାସ୍ପଦା ଜନନି,*

*"ବାହାର" ପୃଥିବୀ ସହିତ ନାନା କାର୍ଯ୍ୟବଶତଃ ସଂସ୍ପର୍ଶରେ ଆସୁଥିବା ସମୟରେ, ସେମାନଙ୍କର ଛାଞ୍ଚ ଓ ପରିବେଶଗୁଡ଼ିକ ସହିତ ମୁଁ ନିଜକୁ କେତେଦୂର ଖାପ ଖୁଆଇ ନେଇପାରିବି ଏବଂ ସମଗ୍ର ଭାବରେ ନୂତନ ହୋଇ ବଞ୍ଚିବା ଲାଗି ଅରୋଭିଲ୍‌ରେ ଆମେ ଯେଉଁ ପ୍ରୟାସ କରୁଛୁ, କେତେଦୂର କଠୋର ଭାବରେ ମୁଁ ସେଗୁଡ଼ିକ ବିଷୟରେ ଅବିଚଳିତ ରହିପାରିବି, ମୋ ସମ୍ମୁଖରେ ଏହି ବିଷୟରେ ଏକ ନିଷ୍ପତ୍ତି ଗ୍ରହଣ କରିବାର ଆହ୍ୱାନ ଆସି ଉପସ୍ଥିତ ହୋଇଥାଏ ।*

*ଅରୋଭିଲ୍‌ର ବାହାରେ ରହିଥିବା ପୃଥିବୀଟି ସହିତ ମୋର ସମ୍ପର୍କଗୁଡ଼ିକର କ୍ଷେତ୍ରରେ ଆପଣଙ୍କଠାରୁ ପ୍ରାପ୍ତ କେତୋଟି ଶବ୍ଦ ଅବଶ୍ୟ ଅଧିକ ଆଲୋକପାତ କରିପାରିବ ।*

ପୂର୍ଣ୍ଣ ଗ୍ରହଣଶୀଳତା ଏବଂ ଆନ୍ତରିକତା ସହିତ ଦିବ୍ୟ ପରମସତ୍ତାଙ୍କର ସେବାରେ ।

ଅନେକ ଆଶୀର୍ବାଦ ।

*୨ ଜାନୁଆରି ୧୯୭୩*

*

## ସାମାଜିକ ବିଧାନାବଳୀ

*(ଅରୋଭିଲ୍‌ରେ ଜନୈକ ଶିଶୁର ଜନ୍ମ ସମ୍ବନ୍ଧରେ କ'ଣସବୁ ଆବଶ୍ୟକ ବନ୍ଦୋବସ୍ତ କରିବାକୁ ହେବ, କେହି ସେହି ପ୍ରଶ୍ନଟି ପଚାରିଥିଲେ । ମାଆ ପରାମର୍ଶ ଦେଲେ ଯେ, ସେହି କ୍ଷେତ୍ରରେ କେବଳ ଡାକ୍ତର ଏବଂ ପିତାହିଁ ଉପସ୍ଥିତ ରହିବେ । ତା'ପରେ ଲେଖିଥିଲେ :)*

ସ୍ଥିର ହୋଇ ରହିବା, ବାତାବରଣକୁ ଶାନ୍ତିପୂର୍ଣ୍ଣ ରଖିବା ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା, ଯେପରି ଆଦୌ କୌଣସି ପ୍ରକାରେ ବାଧା ନ ପାଇ ଶକ୍ତି ନିଜର କାର୍ଯ୍ୟ କରିପାରିବ ।[§]

*୧୯୬୭*

*

... ବିବାହର ସମଗ୍ର ବିଚାରଟି ପ୍ରକୃତରେ ଏକ ମନୋରଞ୍ଜକ ବ୍ୟାପାର, କାରଣ ମୁଁ ତାହାକୁ ଭାରି ପିଲାକିଆ ବୋଲି ଭାବେ ।

'oaob.nitrkl.ac.in' images reprocessed

ଅରୋଭିଲ୍‌ରେ କୌଣସି ବିବାହ ରହିବ ନାହିଁ । ଯଦି ଜଣେ ପୁରୁଷ ଓ ଜଣେ ନାରୀ ପରସ୍ପରକୁ ଭଲ ପାଉଥିବେ ଏବଂ ଏକତ୍ର ବାସ କରିବାକୁ ଇଚ୍ଛା କରିବେ, ତେବେ ଆଦୌ କୌଣସି ଔପଚାରିକତା ନ କରି ସେମାନେ ତାହା ଅବଶ୍ୟ କରିପାରିବେ । ଯଦି ଅଲଗା ଅଲଗା ହୋଇ ଯିବାକୁ ଇଚ୍ଛା କରିବେ, ତେବେ ସେକଥା ମଧ୍ୟ ନିର୍ବିଘ୍ନରେ କରିପାରିବେ । ଯେତେବେଳେ ଦୁଇଜଣ ବ୍ୟକ୍ତି ଆଉ ପରସ୍ପରକୁ ଭଲ ପାଉ ନାହାନ୍ତି, ତେବେ ସେତେବେଳେ ସେମାନଙ୍କୁ ଏକତ୍ର ରହିବାକୁ ବାଧ୍ୟ କରାଯିବ କାହିଁକି ?

ଏହି କ୍ଷେତ୍ରରେ ଲୋକମାନଙ୍କ ଉପରେ କୌଣସି କଟକଣା ନ ରହିଲେ କେତେ କେତେ ଅପରାଧକୁ ଏଡ଼ି ଦିଆଯାଇ ପାରିବ । ସେତେବେଳେ ସେମାନଙ୍କୁ ଆଉ ପରସ୍ପର ପାଖରୁ କୌଣସି ବିଷୟ ଲୁଚାଇବାକୁ ପଡ଼ିବ ନାହିଁ ବା ଏପରିକି ଅଲଗା ହୋଇଯିବା ସକାଶେ କୌଣସି ଅପରାଧ କରିବାକୁ ପଡ଼ିବ ନାହିଁ । ଅବଶ୍ୟ ଏକଥା ସତ ଯେ, ଯଦି ସେମାନେ ପରସ୍ପରକୁ ପ୍ରକୃତରେ ଭଲ ପାଉଥିବେ, ତେବେ ସ୍ୱଭାବତଃ ସର୍ବଦା ଏକତ୍ରହିଁ ବାସ କରିବେ ଏବଂ କୌଣସି ଆଇନ୍ ଦ୍ୱାରା ଅଲଗା ହୋଇଯିବାକୁ ଆଦୌ ବାଧ୍ୟ ହେବେ ନାହିଁ । ସେହି କାରଣରୁହିଁ ବିବାହକୁ ନେଇ ରହିଥିବା ଏହିସବୁ ଉତ୍ସବାନୁଷ୍ଠାନ ଏବଂ ବିଧିମାନ ଏଭଳି ପିଲାଳିଆ ହୋଇ ରହିଥାଏ ।

ଅରୋଭିଲ୍‌ରେ ଜନ୍ମ ଗ୍ରହଣ କରୁଥିବା ପିଲାମାନଙ୍କର କୌଣସି ପାରିବାରିକ ନାମ ରହିବ ନାହିଁ । ସେମାନଙ୍କର କେବଳ ପ୍ରଥମ ନାମଟିହିଁ ରହିଥିବ ।[୬]

*୧୫ ଜୁନ୍ ୧୯୬୮*

*(ମାଆ ପ୍ରସ୍ତାବ କରିଥିଲେ ଯେ, ବିବାହ ବିଷୟରେ ତାଙ୍କର ନିମ୍ନଲିଖିତ ଚିଠିଟିକୁ ଉପରଲିଖିତ ବିବୃତିଟି ସହିତ ପ୍ରକାଶ କରାଯିବ ।)*

ନିଜନିଜର ଜାଗତିକ ଜୀବନକୁ ଓ ଇହସ୍ତରର ଆଗ୍ରହଗୁଡ଼ିକୁ ସଂଯୁକ୍ତ କରି ରଖିବା, ଏକାଠି ହୋଇ ଜୀବନର ଯାବତୀୟ ବାଧା ଓ ସଫଳତା ତଥା ପରାଜୟ ଏବଂ ବିଜୟଗୁଡ଼ିକର ସମ୍ମୁଖୀନ ହୋଇପାରିବା ସକାଶେ ପରସ୍ପରର ସାଥୀ ହୋଇ ବାସକରିବା,– ତାହାହିଁ ହେଉଛି ବିବାହର ପ୍ରକୃତ ଭିତ୍ତି; ମାତ୍ର ତୁମେ ଏକଥା ମଧ୍ୟ ଜାଣିସାରିଛ ଯେ ଏହା କଦାପି ଯଥେଷ୍ଟ ନୁହେଁ ।

ଆପଣାର ଇନ୍ଦ୍ରିୟାନୁଭବର ଜୀବନରେ ପରସ୍ପର ସହିତ ସଂଯୁକ୍ତ ହୋଇ ରହିବା, ସୌନ୍ଦର୍ଯ୍ୟ-ଉପଭୋଗର କ୍ଷେତ୍ରରେ ସମାନ ରୁଚିଗୁଡ଼ିକୁ ପୋଷଣ କରିବା, ଏକତ୍ର ସମାନ ବିଷୟଗୁଡ଼ିକରେହିଁ ଆପଣାକୁ ଗତିଶୀଳ କରି ରଖିବା,– ଜଣେ ଅନ୍ୟ ଜଣକର ମଧ୍ୟଦେଇ

'oaob.nitrkl.ac.in' images reprocessed

ଓ ଜଣେ ଅନ୍ୟଜଣକ ସକାଶେ – ତାହା ଅତ୍ୟନ୍ତ ଭଲ, ତାହା ଅତ୍ୟନ୍ତ ଆବଶ୍ୟକ, ମାତ୍ର ତଥାପି ଯଥେଷ୍ଟ ନୁହେଁ ।

ଆପଣାର ଗଭୀରତମ ଅନୁଭୂତିଗୁଡ଼ିକରେ ପରସ୍ପର ସହିତ ଏକ ହୋଇ ରହିବା, ପରସ୍ପର ପ୍ରତି ଏପରି ଏକ ସ୍ନେହ ତଥା କୋମଳ ଭାବନା ରଖିଥିବା ଯାହାକି ଜୀବନର ଯାବତୀୟ ଆଘାତ ସତ୍ତ୍ୱେ ତଥାପି ଊଣା ହୋଇଯାଉ ନ ଥିବ ଏବଂ ସକଳ ଅବସାଦ, ବିରକ୍ତି ତଥା ନୈରାଶ୍ୟର ପ୍ରତିରୋଧ କରିପାରୁଥିବ, ପରସ୍ପର ସହିତ ଏକତ୍ର ହୋଇ ରହିବାରେହିଁ ସର୍ବଦା ଓ ସକଳ ଅବସରରେ ସୁଖଲାଭ କରୁଥିବା,– ଅତ୍ୟନ୍ତ ସୁଖ ଅନୁଭବ କରୁଥିବା, ଯାବତୀୟ ପରିସ୍ଥିତିରେ ପରସ୍ପର ମଧ୍ୟରେହିଁ ଶାନ୍ତି, ନିରୁଦ୍‌ବେଗ ଏବଂ ଆନନ୍ଦର ଆବିଷ୍କାର କରି ପାରୁଥିବା,– ତାହା ଅବଶ୍ୟ ଭଲ, ତାହା ଅତ୍ୟନ୍ତ ଭଲ, ତାହା ଅପରିହାର୍ଯ୍ୟ, ମାତ୍ର ତଥାପି ଯଥେଷ୍ଟ ନୁହେଁ ।

ତୁମର ମନଗୁଡ଼ିକୁ ଏକତ୍ର କରି ରଖିବା, ତୁମର ଭାବନାଗୁଡ଼ିକୁ ପରସ୍ପର ସହିତ ସମଞ୍ଜସ ତଥା ଅନୁପୂରକ କରି ରଖିବା, ପରସ୍ପରର ବୌଦ୍ଧିକ ଚିନ୍ତା ତଥା ଉଦ୍ଭାବନରେ ଅଂଶଗ୍ରହଣ କରିବା,– ସଂକ୍ଷେପରେ କହିଲେ, ଉଭୟେ ଏକାବେଳେକେ ଆପଣାର ମାନସିକ ଯାବତୀୟ କ୍ରିୟାଶୀଳତାକୁ ପ୍ରଶସ୍ତ ତଥା ସମୃଦ୍ଧିମନ୍ତ କରିଦେଇ ସେହି କ୍ଷେତ୍ରଟିକୁ ପରସ୍ପରଠାରୁ ଅଭିନ୍ନ କରି ରଖିବା,– ତାହା ଖୁବ୍ ଭଲ, ତାହା ଏକାନ୍ତ ଆବଶ୍ୟକ, ମାତ୍ର କଦାପି ଯଥେଷ୍ଟ ନୁହେଁ ।

ଏହି ସବୁକିଛିର ଆହୁରି ସେପାଖକୁ, ଗଭୀରତମ ପ୍ରଦେଶଗୁଡ଼ିକରେ, କେନ୍ଦ୍ରସ୍ଥଳରେ, ସତ୍ତାର ସର୍ବୋଚ୍ଚ ଶିଖରରେ, ସତ୍ତାଗତ ଏକ ସର୍ବୋଚ୍ଚ ପରମସତ୍ୟ ରହିଛି, ଏକ ଶାଶ୍ୱତ ପରମାଲୋକ ଅବସ୍ଥିତ ରହିଛି, ଯାହାକି ଜନ୍ମ, ଦେଶ, ପରିବେଶ ତଥା ସଂସ୍କାରର ଯାବତୀୟ ପ୍ରସୀମନରୁ ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ହୋଇ ରହିଛି; ସେଇଟିହିଁ ଆମ ଆଧ୍ୟାତ୍ମିକ ବିକାଶପ୍ରକ୍ରିୟାଟିର ପରମ ଉତ୍ସ, ପରମ କାରଣ ଏବଂ ପରମ କର୍ତ୍ତା । ସେଇ ଆମର ଜୀବନକୁ ଏକ ଅବିନଶ୍ୱର ଦିଗ୍‌ବିନ୍ୟାସ ଆଣି ଦେଇଥାଏ, ତାହାହିଁ ଆମର ନିୟତି-ନିର୍ଦ୍ଧାରଣ କରେ; ତୁମେମାନେ ତାହାରି ଚେତନାର ବେଢ଼ଟି ମଧ୍ୟରେହିଁ ପରସ୍ପର ସହିତ ସମ୍ମିଳିତ ହୋଇ ରହିବ । ଅଭୀପ୍ସାରେ ଅଭିନ୍ନ ହୋଇ ରହିବା ଏବଂ ଉତ୍ତରଣରେ ଅଭିନ୍ନ ହୋଇ ରହିବା, ସେହି ଗୋଟିଏ ଆଧ୍ୟାତ୍ମିକ ପଥରେ ସମାନ ଗତିରେ ଅଗ୍ରସର ହେଉଥିବା,– ତାହାହିଁ ହେଉଛି ଏକ ସ୍ଥାୟୀ ମିଳନର ରହସ୍ୟ ।

*ମାର୍ଚ୍ଚ ୧୯୩୩*

*

'oaob.nitrkl.ac.in' images reprocessed

## 'ଆସ୍ପିରେଶନ୍'(ଅରୋଭିଲ୍)ଠାରେ

ଆଶ୍ରମ ପରି ଏକା ସମୟରେ ଏବଂ ଏକା କାର୍ଯ୍ୟକ୍ରମ ସହିତ ଧ୍ୟାନର ଏକ ବ୍ୟବସ୍ଥା ରହୁ ବୋଲି ସେମାନେ ଇଚ୍ଛା କରୁଛନ୍ତି । 'କ' ଙ୍କୁ ଏହାର ଆବଶ୍ୟକ ସମ୍ବାଦ ଦେଇଦେବା ଉଚିତ ।

*

*ଆପଣ କ'ଣ ଭାବୁ ନାହାନ୍ତି ଯେ, ଆଶ୍ରମ ପରି ଏକା ସମୟରେ ଗୁରୁବାର ଓ ରବିବାର ଦିନ ଆମେ ଏଠି ''ଆସ୍ପିରେଶନ୍''ରେ ମଧ୍ୟ ଯେଉଁ ସାମୂହିକ ''ଧ୍ୟାନ''ର କାର୍ଯ୍ୟକ୍ରମ ରଖିବାକୁ ଇଚ୍ଛାକରୁଛୁ, ତାହା ହେଉଛି ଏକ ସର୍ବନିମ୍ନ ଶୃଙ୍ଖଳା, ଏବଂ ଆମ ''ଆସ୍ପିରେଶନ୍'' ତାହାକୁ ଅବଶ୍ୟ ଗ୍ରହଣ କରିବା ଉଚିତ ?*

*ତାହାକୁ ଧ୍ୟାନ ବୋଲି କୁହା ନ ଗଲେ ମଧ୍ୟ, ଏହାଦ୍ୱାରା ଏକତ୍ର ନୀରବ ରହିବାର ଏବଂ ନିଜକୁ ଅଭିନିବେଶିତ କରି ରଖିବା ପାଇଁ ପ୍ରୟାସ କରିବାର ଯେଉଁ କେତୋଟି ବିରଳ ମୁହୂର୍ତ୍ତ ମିଳିବ, ତାହା ଆମକୁ ଆପଣଙ୍କର ଶକ୍ତିକୁ ଗ୍ରହଣ କରିବା ନିମନ୍ତେ ଏବଂ ଆପଣ ତଥା ଶ୍ରୀ ଅରବିନ୍ଦଙ୍କ ଲାଗି ଆମ ନିଜକୁ କିଞ୍ଚିତ ଅଧିକ ପରିମାଣରେ ଉନ୍ମୋଚିତ କରିଦେବା ନିମନ୍ତେ ଏକ ସୁଯୋଗ ଆଣି ଦେଇଯିବ ନାହିଁ କି ? ଏବଂ ତାହା ଆମର ସାମୂହିକ ଆତ୍ମାଟିକୁ ଗଠିତ ହୋଇ ଆସିବାରେ ସହାୟତା କରିବ ନାହିଁ କି ?*

*ବାହାରୁ କାହା ଉପରେ କୌଣସି ବିଷୟକୁ ଲଦି ନ ଦେଇ ଏହି ପ୍ରାଥମିକ ଶୃଙ୍ଖଳାଟି ପ୍ରଥମ ପର୍ଯ୍ୟାୟଟିରେ ତଥାପି ଆବଶ୍ୟକ ନୁହେଁ କି ?*

ଏକତ୍ର ସମବେତ ହୋଇ ନିଜକୁ ଅଭିନିବେଶିତ ରଖିବା ବସ୍ତୁତଃ ଏକ ଅତ୍ୟନ୍ତ ଭଲ କଥା ଏବଂ ତାହା ତୁମମାନଙ୍କୁ ସଚେତନ ହେବାରେ ସାହାଯ୍ୟ କରିଥାଏ । ମାତ୍ର ତାହାକୁ କଦାପି ଲଦି ଦିଆଯାଇ ପାରିବ ନାହିଁ । ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା କରୁଛନ୍ତି, କେବଳ ସେହିମାନଙ୍କୁ ନେଇ ପ୍ରତିଦିନ ଏହିପରି ଏକ ନୀରବ ମୁହୂର୍ତ୍ତର ବନ୍ଦୋବସ୍ତ କରିବା ଲାଗି ମୁଁ ତୁମକୁ ଓ ସେମାନଙ୍କୁ ପରାମର୍ଶ ଦେଉଛି । ମାତ୍ର ଅନ୍ୟମାନଙ୍କ ଉପରେ କୌଣସି କଥାକୁ ଆଦୌ ଲଦି ଦିଆଯିବ ନାହିଁ । ଏହାକୁ ବାଧ୍ୟତାମୂଳକ କରାଯିବ ନାହିଁ, ମାତ୍ର ଏଥିରୁ ଉତ୍ତମ ଫଳ ମିଳିବ ।

*୧୩ ନଭେମ୍ବର ୧୯୭୦*

*

'oaob.nitrkl.ac.in' images reprocessed

## ଅରୋଭିଲ୍

ଧୂମପାନ ଯେପରି ଏକ ସର୍ବସାଧାରଣ ସଂକଟରେ ପରିଣତ ହୋଇ ନ ଯାଏ ।

ଯେଉଁମାନଙ୍କର ଧୂମପାନ ନ କଲେ ଆଦୌ ଚଳିବ ନାହିଁ, ସେମାନେ ଖାସ୍ ସେହି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଭାବରେ ରଖା ଯାଇଥିବା ଗୋଟିଏ କୋଠରି ଭିତରେ ତାହା କରି ପାରିବେ । ୧୯୭୧

*

ପନ୍ଦରରୁ କମ୍ ବୟସର ପିଲାମାନେ କେବଳ ଶିକ୍ଷାମୂଳକ ଫିଲ୍ମଗୁଡ଼ିକୁ ଦେଖିବେ ।[§]

ଅରୋଭିଲ୍‌ରେ କେଉଁ ଫିଲ୍ମଗୁଡ଼ିକୁ ଦେଖାହେବ, ଅତ୍ୟନ୍ତ ସାବଧାନ ହୋଇ ତାହା ବାଛିବାକୁ ପଡ଼ିବ ।[§]

ଯାହାକିଛି ମନୁଷ୍ୟର ନିମ୍ନତର ପ୍ରବୃତ୍ତି ଏବଂ କ୍ରିୟାଶୀଳତାକୁ ପ୍ରୋତ୍ସାହନ ଦେଉଥିବ, ସେଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ।

*୨୫ ଫେବ୍ରୁଆରି ୧୯୭୨*

*

*ବନ୍ଧୁମାନଙ୍କ ପାଇଁ ଅଧିକ ବ୍ୟୟ ବହନ କଲେ ଅରୋଭିଲ୍‌ର ଅଧିବାସୀମାନେ ସେମାନଙ୍କୁ ଏଠାକୁ ଆଣି ରଖିପାରିବେ । ସେହିସବୁ ରହଣି କେବଳ ଅସ୍ଥାୟୀ ଭାବରେ ମାତ୍ର କେତେଦିନ ପାଇଁ ହେବ ।*

ସପ୍ତାହକରୁ ଅଧିକ ନୁହେଁ ।

*୨୭ ଫେବ୍ରୁଆରି ୧୯୭୧*

*

ଅରୋଭିଲ୍ ଭିତରକୁ ନିଶାଦ୍ରବ୍ୟ ଆସିବ ନାହିଁ ।

ଯଦି କେହି ସେଗୁଡ଼ିକର ସେବନ କରୁଥିବେ, ତେବେ ସେମାନେ କେବଳ କପଟାଚାର ଦ୍ୱାରା ତାହା କରୁଥିବେ ।

ଦିବ୍ୟ ପରମଚେତନା ବିଷୟରେ ଜାଗରୂକ ହୋଇ ରହିବାକୁ ଆଗ୍ରହ ରଖିଥିବା ଜଣେ ଆଦର୍ଶ ଅରୋଭିଲ୍-ନିବାସୀ ଧୂମପାନ କରିବ ନାହିଁ, ସୁରାପାନ ତ୍ୟାଗ କରିଥିବ ଓ କୌଣସି ନିଶା ମଧ୍ୟ ସେବନ କରିବ ନାହିଁ ।

*ଫେବ୍ରୁଆରି ୧୯୭୧*

*

'oaob.nitrkl.ac.in' images reprocessed

*ଆପଣ ତିନିବର୍ଷ ତଳେ କହିଥିଲେ :*

*"ଅରୋଭିଲ୍‌ର ଜୀବନଚର୍ଯ୍ୟା ଲାଗି କି କି ନିୟମ ରହିବ, ମୋତେ ସେହି ବିଷୟରେ ପଚରା ଯାଇଛି ।*

*"ଭାଗ୍ୟକୁ ଏପର୍ଯ୍ୟନ୍ତ କୌଣସି ନିୟମ ତିଆରି କରାହୋଇ ନାହିଁ ।*

*"କୌଣସି ନିୟମ ତିଆରି କରା ନ ହୋଇଥିବା ପର୍ଯ୍ୟନ୍ତ ତଥାପି ଆଶା ରହିଛି ।"*

*ପୁଣି ଜୁଲାଇ ମାସରେ ଆପଣ ଆସ୍ପିରେଶନ୍‌ର ତରୁଣମାନଙ୍କୁ କହୁଥିଲେ, "ଆଶ୍ରମରେ ମୁଁ ଯେପରି ନାନା ନିୟମ ତିଆରି କରିଥିଲି, ଅରୋଭିଲ୍ ସକାଶେ ସେପରି କୌଣସି ନିୟମ କରିବାକୁ ଇଚ୍ଛା କରୁ ନାହିଁ ।" ମାତ୍ର, ଆପଣ ଏବେ ଲେଖିଲେ, "ଅରୋଭିଲ୍‌ରେ ନିଶାର ପ୍ରବେଶ ନିଷିଦ୍ଧ ।" ଅରୋଭିଲ୍ ସମ୍ବନ୍ଧରେ ଥିବା ଆପଣଙ୍କର ଦୃଷ୍ଟିରେ ଏକ ପରିବର୍ତ୍ତନ ହୋଇଛି କି ?*

ଅରୋଭିଲ୍-ନିବାସୀମାନଙ୍କଠାରୁ ଯେଉଁ ଚେତନାର ଆଶା କରାଯାଉଛି, ସେମାନେ ସମ୍ଭବତଃ ସେହି ସ୍ତରକୁ ଆସିପାରି ନାହାନ୍ତି ।

*୪ ମାର୍ଚ୍ଚ ୧୯୭୧*

*

*ମାଆ ଏକଥା କ'ଣ ସତ ଯେ, ଆପଣ 'ଆସ୍ପିରେଶନ୍'ଠାରେ ନିଶାଦ୍ରବ୍ୟର ସେବନ ହେଉ ବୋଲି ଇଚ୍ଛା କରୁ ନ ଥିଲେ ମଧ୍ୟ ଅନ୍ୟ ପକ୍ଷରେ 'କେନ୍ଦ୍ର' ଏବଂ ଅରୋଭିଲ୍‌ର ଅନ୍ୟାନ୍ୟ ଭାଗରେ ତାହାର ବ୍ୟବହାରକୁ ଅନୁଚିତ ବୋଲି ଭାବୁ ନାହାନ୍ତି ?*

ଏହା ଏକ ମିଥ୍ୟା କଥା

ମୁଁ ଅରୋଭିଲ୍‌ରେ କୌଣସି ନିଶାଦ୍ରବ୍ୟ ପଶିବ ନାହିଁ ବୋଲି କହିଛି ଏବଂ ଏଥିରୁ ଗୋଟିଏ ହେଲେ ଶବ୍ଦ ବି ଉଠାଇ ନେବାକୁ ଚାହୁଁ ନାହିଁ ।

*ଏକଥା କ'ଣ ସତ ଯେ, ଆପଣ ମୂଳତଃ ଏହି ନିଶାଦ୍ରବ୍ୟ-ସେବନରୁ ଲବ୍ଧ ହେଉଥିବା ଅନୁଭୂତିର ଆଦୌ ବିରୋଧୀ ନୁହନ୍ତି ?*

ଏହି ତଥାକଥିତ ଅନୁଭୂତି ବିକାଶର ପ୍ରକ୍ରିୟାଟିକୁ ବିକୃତ କରିପକାଏ ଏବଂ ଚେତନାର

'oaob.nitrkl.ac.in' images reprocessed

ପ୍ରଭୂତ କ୍ଷତି ସାଧନ କରେ । ଦିବ୍ୟ ପରମସତ୍ତାଙ୍କୁ ଉପଲବ୍ଧି କରିବା ପଥରେ ଏହାକୁ ସେହି ଚିରାଚରିତ ଗୁଳା ଭିତରକୁ ସ୍ଖଳିତ ହୋଇ ଆସିବା ବୋଲି କୁହାଯିବ ।

ମୁଁ ଭାବୁଛି, ଏହି କଥାଟିକୁ ମୁଁ ସ୍ପଷ୍ଟ ଭାବରେ କହୁଛି ।

*୧୪ ଏପ୍ରିଲ୍ ୧୯୭୧*

*

*ମାତୃମନ୍ଦିର କର୍ମୀ-ଶିବିରର ପାକଶାଳା*
*ଏବଂ ଭୋଜନ-ପ୍ରକୋଷ୍ଠ*

*ଏସବୁ ପ୍ରଧାନତଃ ମାତୃମନ୍ଦିରର କର୍ମୀମାନଙ୍କ ସକାଶେ ତିଆରି ହୋଇଛି ଏବଂ ଏଗୁଡ଼ିକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ, ପରିଷ୍କାର ପରିଚ୍ଛନ୍ନ ଭାବରେ ଏଗୁଡ଼ିକର ବ୍ୟବହାର ହେବା ଉଚିତ । ଏଠାରେ କେହି ଧୂମପାନ କରିବା ଉଚିତ ନୁହେଁ ଏବଂ ନୀରବରେ ଆହାର କରି ଶିଖିବା ମଧ୍ୟ ଉଚିତ ।*

ଟାଇଫଏଡ୍ ରୋଗରୁ ରକ୍ଷା ପାଇବାକୁ ହେଲେ ଏହି ଦେଶରେ ପରିଷ୍କାର-ପରିଚ୍ଛନ୍ନତା ଏକାନ୍ତ **ଅପରିହାର୍ଯ୍ୟ** ।

*୧ ଜୁନ୍ ୧୯୭୧*

*

*(ମାତୃମନ୍ଦିର କର୍ମୀ-ପାକଶାଳା ପାଇଁ ବାର୍ତ୍ତା)*

ରୋଗଗ୍ରସ୍ତ ହୋଇ ନ ପଡ଼ିବା ସକାଶେ ଏହି ଦେଶରେ ଏବଂ ଜଳବାୟୁରେ ପରିଷ୍କାର-ପରିଚ୍ଛନ୍ନତାର ରକ୍ଷା ଦିଗରେ ଆଦୌ କୌଣସି ପ୍ରକାର ତ୍ରୁଟି ରହିବା ଅନୁଚିତ । ତେଣୁ ଏହି କ୍ଷେତ୍ରରେ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ ।

*୧୯୭୧*

*

ଯୌନ ସମ୍ବନ୍ଧୀୟ କ୍ରିୟାମାନ ମନୁଷ୍ୟକୁ ପଶୁପ୍ରକୃତି ସହିତ ବାନ୍ଧି ରଖେ ଏବଂ ଭବିଷ୍ୟତରେ ସେଗୁଡ଼ିକର ପୂର୍ଣ୍ଣ ରୂପାନ୍ତରୀକରଣ ସାଧିତ ହେବ ।

ଯେଉଁମାନେ ଭବିଷ୍ୟତ ସକାଶେ କାର୍ଯ୍ୟ କରିବେ ଏବଂ ସେହି ଭବିଷ୍ୟତକୁ ବଞ୍ଚିବା ଲାଗି ପ୍ରସ୍ତୁତ ହେବେ, ଚେତନାକୁ ପଶୁରସ୍ତରକୁ ସ୍ଖଳିତ କରି ଆଣୁଥିବା ଏହି

'oaob.nitrkl.ac.in' images reprocessed

ବ୍ୟାପାରଟି ଦ୍ୱାରା ଆଦୌ ସମ୍ମୋହିତ ହୋଇ ନ ପଡ଼ିବା ଦ୍ୱାରାହିଁ ସେମାନେ ଉଚିତ କାର୍ଯ୍ୟ କରିବେ । ସର୍ବୋପରି ନିଜର ଭାବନା ଭିତରେ ତୁମେ ଏହାକୁ କଦାପି ପ୍ରେମ ସହିତ ଯୋଡ଼ି ଦେବ ନାହିଁ, କାରଣ ସେହି ଦୁହିଙ୍କ ମଧ୍ୟରେ ପ୍ରକୃତରେ ଆଦୌ କୌଣସି ସମ୍ବନ୍ଧ ନାହିଁ ।

*୨୩ ନଭେମ୍ବର ୧୯୭୧*

*

ଆମେ ସର୍ବଦା ପଶୁମାନଙ୍କ ଦ୍ୱାରାହିଁ ଅତିମାତ୍ରାରେ ଆକୃଷ୍ଟ ହୋଇ ପଡ଼ିଥାଉ, ଏବଂ, ଅତୀତ ଆଡ଼କୁ ଆକୃଷ୍ଟ ହେବା ଅପେକ୍ଷା ଭବିଷ୍ୟତ ଆଡ଼କୁ ଆକୃଷ୍ଟ ହେବାକୁହିଁ ଅଧିକ ଆଗ୍ରହୋଦ୍ଦୀପକ ବୋଲି କହିବାକୁ ହେବ ।

ମୋ ନିଜ ବିଷୟରେ କହିବାକୁ ଗଲେ, ଗୋଟାଏ ଚିଡ଼ିଆଖାନା ମୋ ଭିତରେ ଆଦୌ କୌଣସି ଆଗ୍ରହ ଜନ୍ମାଇ ପାରେ ନାହିଁ । ମୋର ମନେ ହେଉଛି ଅତିମାନସ ସ୍ଥିତି ଅପେକ୍ଷା ଏହି ପଶୁସ୍ୱଭାବଟି ସହିତହିଁ ଅଧିକ ଆସକ୍ତ ହୋଇ ରହିବାକୁହିଁ ଆମ ଭିତରେ ଏକ ପ୍ରବୃତ୍ତି ରହିଛି ।[§]

*୩୧ ଅଗଷ୍ଟ ୧୯୭୨*

*

ଆବର୍ଜନା ଏବଂ ବିଶୃଙ୍ଖଳା ମଧ୍ୟରେ ସୁଖ ଅନୁଭବ କରିବାର ପ୍ରବୃତ୍ତିଟି ନିଶ୍ଚିତ ଭାବରେ ଏପରି ଏକ ସ୍ୱଭାବର ସଙ୍କେତ ଆଣି ଦେଇଯାଏ, ଯାହାକି ତାହାର ଚୈତ୍ୟ ସତ୍ତାକୁ ବର୍ଜନ କରୁଥାଏ ଏବଂ ସେଇଟି ସହିତ ଆଉ ଆଦୌ କିଛି ହେଲେ କରିବାକୁ ଇଚ୍ଛା କରୁ ନ ଥାଏ ।

*୨୧ ଅକ୍ଟୋବର ୧୯୭୨*

*

ଅତିମାନସ ରୂପାୟନ ଦିଗରେ ପରିଷ୍କାର-ପରିଚ୍ଛନ୍ନତା ହେଉଛି ଅପରିହାର୍ଯ୍ୟ ସର୍ବପ୍ରଥମ ପଦକ୍ଷେପ ।

*୨୧ ଜାନୁଆରି ୧୯୭୩*

*

'oaob.nitrkl.ac.in' images reprocessed

## ସ୍ଥାନୀୟ ଗ୍ରାମବାସୀମାନଙ୍କ ସହିତ ସମ୍ବନ୍ଧ

*ଦିବ୍ୟଜନନି,*

*କେତୋଟି ବିଷୟରେ ଆପଣଙ୍କର ମାର୍ଗଦର୍ଶନ ଆବଶ୍ୟକ ହେଉଛି ।*

*ଗ୍ରାମବାସୀମାନେ ସେମାନଙ୍କର ଜମି ବିକ୍ରୟ କରିବା ବିଷୟରେ ପ୍ରତିରୋଧ କରୁଛନ୍ତି । ହୁଏତ ଏପରି ହେଉଛି, କାରଣ ସେମାନଙ୍କୁ ଅରୋଭିଲ୍ ସହିତ ସମ୍ମିଳିତ କରାଇ ଆଣିବା ଲାଗି ଆମେ ଆଦୌ କିଛି ହେଲେ କରି ନାହୁଁ । ସେମାନେ ଅନୁଭବ କରୁଛନ୍ତି ଯେ ଏହାକୁ ସେମାନଙ୍କର ଉପରେ ବାହାରୁ ଆଣି ଲଦି ଦିଆଯାଇଛି ଏବଂ, ଏହାଦ୍ୱାରା ସେମାନଙ୍କର ଆଦୌ କୌଣସି ହିତସାଧନ ହେବ ନାହିଁ, ବରଂ ସେମାନଙ୍କୁ ଆପଣାର ଚୁଲିଚାଳ ତଥା ଘରଡିହ ମଧ ହରାଇବାକୁ ପଡ଼ିବ ।*

*ଆମର କ'ଣ ସେମାନଙ୍କ ଆଗରେ ଏହିପରି ଏକ ଦୃଷ୍ଟାନ୍ତ ଦେଖାଇଦେବା ଉଚିତ ନୁହେଁ ଯେ, ସେମାନଙ୍କ ଲାଗି ଚିକିତ୍ସାଳୟ, ସ୍କୁଲ୍, ପରିଷ୍କାର ପାନୀୟ ଜଳ ପ୍ରଭୃତି ଯୋଗାଇ ଦେଇ ଆମେ ଆମର ଅସଲ ଅଭିପ୍ରାୟଟିକୁ ସ୍ପଷ୍ଟ କରିଦେବା ? ଏହି କାର୍ଯ୍ୟଟିକୁ କୌଣସି ଦାନ କାର୍ଯ୍ୟରୂପେ ନୁହେଁ, ମାତ୍ର ଶ୍ରଦ୍ଧା ଏବଂ ବିନୟ ସହିତ କରିପାରିଲେ ଏହାଦ୍ୱାରା ଅର୍ଥର ସମୁଚିତ ବ୍ୟୟ ହୋଇ ପାରିଲା ବୋଲି କୁହାଯିବ ।*

ଏହା ଏକାନ୍ତ ଅପରିହାର୍ଯ୍ୟ ।

*ଏପ୍ରିଲ୍ ୧୯୬୯*

*

*(ଆସ୍ପିରେଶନ୍ ପାଖରେ ଥିବା କର୍ମୀମାନଙ୍କର ସମୂହ ପାକଶାଳାରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ଲେଖିଥିଲେ :)*

*କେତେକ ଲୋକ ଆଗ ପରି ଶ୍ରମିକମାନଙ୍କୁ ଖାଇବାକୁ ଦେବା ଲାଗି କହୁଛନ୍ତି; ଅନ୍ୟମାନେ ଅନୁଭବ କରୁଛନ୍ତି ଯେ, ଏଥିଲାଗି ଆବଶ୍ୟକ ଅର୍ଥ ମିଳିଲେ ମଧ ତାହାକୁ ଆଉ କୌଣସି ବାବଦରେ ବ୍ୟୟ କରିବା ଉଚିତ ହେବ । ଏଥିରେ ଆପଣ ଆମକୁ ଏକ ମାର୍ଗଦର୍ଶନ ଦେବେ ।*

ଶ୍ରମିକମାନଙ୍କୁ ଯେତେବେଳେ ଖାଇବାକୁ ଦେବା ଆରମ୍ଭ କରିସାରିଛ, ସେତେବେଳେ

'oaob.nitrkl.ac.in' images reprocessed

ତାହାକୁ ତୁମେ ବନ୍ଦ କରିପାରିବ ନାହିଁ । ତା’ ନ ହେଲେ ତୁମେ ସେମାନଙ୍କର ବିଶ୍ୱାସ ହରାଇ ବସିବ । ଏଥିରେ କୌଣସି ବ୍ୟତିକ୍ରମ ହେବ ନାହିଁ – ଅନ୍ୟମାନଙ୍କୁ ମଧ୍ୟ ଏହି କଥାଟିକୁ ଦେଖାଇଦିଅ ।

ସମସ୍ତଙ୍କ ପାଇଁ ଅନେକ ଆଶୀର୍ବାଦ ।

*୪ ଏପ୍ରିଲ୍ ୧୯୬୯*

*

*(କର୍ମୀମାନଙ୍କର ସମୂହ-ପାକଶାଳାର ତତ୍ତ୍ୱାବଧାରକ ଚାଲିଯିବା ପରେ କେହି ଲେଖିଥିଲେ :)*

*ଅରୋଭିଲ୍‌ର ଶ୍ରମିକମାନଙ୍କୁ ଖାଇବାକୁ ଦେବାର କାର୍ଯ୍ୟକ୍ରମରେ କେବେହେଲେ କୌଣସି ବ୍ୟାଘାତ ହୋଇ ନାହିଁ ଏବଂ, ଏକ ବିକଳ୍ପ ବ୍ୟବସ୍ଥା ହୋଇପାରିବା ପର୍ଯ୍ୟନ୍ତ ମୁଁ ନିଜେ ଏଇଟିର ପରିଚାଳନା କରିବି ।*

ଭାରି ଭଲ କଥା ।

*ଅରୋଭିଲ୍‌ର ସମସ୍ତ ଶ୍ରମିକଙ୍କୁ ଖରାବେଳେ ମାଗଣା ବକ୍ତେ ଖାଇବାକୁ ଦେବାର ଏହି କାର୍ଯ୍ୟକ୍ରମ ପାଇଁ ଆପଣଙ୍କ ପାଖରୁ ବାର୍ତ୍ତାଟିଏ ମିଳିଲେ ସେଥିରୁ ଆମେ ସମସ୍ତେ ଖୁବ୍ ବଳ ପାଆନ୍ତୁ ଓ ଏହାଦ୍ୱାରା ଅନେକ ଏକତାବୋଧ ସମ୍ଭବ ହୋଇ ପାରନ୍ତା ।*

ସମସ୍ତଙ୍କ ପ୍ରତି ସଦିଚ୍ଛା ଏବଂ ସମସ୍ତଙ୍କଠାରୁ ସଦିଚ୍ଛା,– ତାହାହିଁ ଶାନ୍ତି ଓ ସମଞ୍ଜସତାର ଆଧାର ହୋଇ ରହିବ ।

ଅନେକ ଆଶୀର୍ବାଦ ।

*୧୩ ଅଗଷ୍ଟ ୧୯୬୯*

*

ଗ୍ରାମବାସୀମାନଙ୍କ ସହିତ ଯେଉଁମାନଙ୍କର ସମ୍ପର୍କ ରହିଛି, ସେମାନେ ଆଦୌ ଭୁଲିଯିବେ ନାହିଁ ଯେ ସେମାନଙ୍କ ନିଜ ପରି ଏହି ଲୋକମାନଙ୍କର ସମାନ ମୂଲ୍ୟ ରହିଛି, ସେମାନେ ଏମାନଙ୍କଠାରୁ ଆଦୌ କମ୍ ଜାଣି ନାହାନ୍ତି ଏବଂ ଏମାନଙ୍କ ପରି ସେମାନେ ମଧ୍ୟ ସବୁକଥା ଭାବି ପାରନ୍ତି ଓ ଅନୁଭବ କରିପାରନ୍ତି । ତେଣୁ, ଅତ୍ୟନ୍ତ ହାସ୍ୟାସ୍ପଦ

'oaob.nitrkl.ac.in' images reprocessed

ଭାବରେ ନିଜକୁ ସେମାନଙ୍କ ଅପେକ୍ଷା ଉଚ୍ଚତର ସ୍ତରର ବୋଲି ଏକ ମନୋଭାବ ରଖିବା ଆଦୌ ଉଚିତ ହେବ ନାହିଁ।

ସେମାନେ ନିଜ ଘରେ ଅଛନ୍ତି ଓ ତୁମେମାନେହିଁ ବାହାରୁ ସେଠାକୁ ଯାଇଛ।[5]

*ସେପ୍‌ଟେମ୍ବର ବା ଅକ୍‌ଟୋବର ୧୯୬୯*

*

'ଆସ୍ପିରେଶନ୍'ର ଅଧିବାସୀମାନଙ୍କ ଲାଗି :

ଏକଥା ଏକାନ୍ତ ଅପରିହାର୍ଯ୍ୟ ଯେ, ପ୍ରତିବେଶୀ ଗ୍ରାମଟିର ଅଧିବାସୀମାନଙ୍କ ସହିତ ରହିଥିବା ସମ୍ବନ୍ଧଟି କେବଳ ହାର୍ଦ୍ଦିକ ନୁହେଁ, ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ହୋଇ ମଧ୍ୟ ରହିବ। ଅରୋଭିଲ୍‌ର ଭାବନାଟିକୁ ବାସ୍ତବରେ ପରିଣତ କରିବା ନିମନ୍ତେ ଏକ ଯଥାର୍ଥ ମାନବୀୟ ଭ୍ରାତୃଭାବ ହେଉଛି ସର୍ବପ୍ରଥମ ପଦକ୍ଷେପ – ଏହି କ୍ଷେତ୍ରରେ ଯଦି କୌଣସି ତ୍ରୁଟି ରହିବ, ତେବେ ତାହାକୁ ଏକ ସାଂଘାତିକ ଭୁଲ୍ ବୋଲି କୁହାଯିବ ଓ ତାହା ସମସ୍ତ କାର୍ଯ୍ୟଟିକୁ ମଧ୍ୟ ସଂକଟରେ ନେଇ ପକାଇଦେବ।

ସମଞ୍ଜସତା ଲାଗି କରାଯାଉଥିବା ଯାବତୀୟ ନିଷ୍ଠାପର ଉଦ୍ୟମ ସକାଶେ ମୋର ଅନେକ ଆଶୀର୍ବାଦ।

*୨୩ ନଭେମ୍ବର ୧୯୬୯*

*

*୦୭-୦୮-୧୯୭୦ ଠାରୁ ଆରମ୍ଭ କରା ଯାଇଥିବା ଗ୍ରାମସ୍ଥ ପରିବାରଗୁଡ଼ିକର ଏକୀକରଣ-କାର୍ଯ୍ୟକ୍ରମଟି ସଂକ୍ରାନ୍ତରେ ଆମେ ନିମ୍ନଲିଖିତ ପ୍ରସଂଗଗୁଡ଼ିକରେ ଆପଣଙ୍କର ମାର୍ଗଦର୍ଶନ ନିମିତ୍ତ ପ୍ରାର୍ଥନା କରୁଛୁ :*

*୧) ଯାବତୀୟ ବ୍ୟାପାରରେ ସେମାନଙ୍କୁ ଅରୋଭିଲ୍-ନିବାସୀ ରୂପେ ଗ୍ରହଣ କରାଯିବ କି ?*

ହଁ।

*୨) ସେମାନଙ୍କୁ ମଧ୍ୟ ନିୟମିତ ଭାବରେ 'ପ୍ରସ୍ପରିଟି' ମିଳିବ କି ?*

ହଁ।

'oaob.nitrkl.ac.in' images reprocessed

*୩) 'ପ୍ରସ୍ପରିଟି'ର ସକଳ ଦ୍ରବ୍ୟକୁ ଅରୋଭିଲ୍ ପ୍ରସ୍ପରିଟିରୁ ନିଆଯାଇ ପାରିବ ନା ନାହିଁ ?*

ସେମାନେ ଯାହାକିଛି ନେବା ପାଇଁ ଚାହିଁବେ, ସବୁ ।

*୪) ଅରୋଭିଲ୍‌ରେ ଯୋଗଦେବା ପାଇଁ ସେମାନଙ୍କ ଲାଗି କୌଣସି ମାର୍ଗଦର୍ଶକ ନିୟମ ରହିବ କି ? ଯଦି ରହିବ, ତେବେ ମାଆ ଆମକୁ ଅନୁଗ୍ରହ କରି ସେହି ବିଷୟରେ ଅବଗତ କରାଇଦେବେ ।*

ଯଦି କେହି ବୁଦ୍ଧିମତ୍ତା ସହିତ ଓ ସୁଚାରୁ ଭାବରେ କରିପାରିବେ, ତେବେ ତାହା ନିଶ୍ଚୟ ଭଲ ହେବ ।

*୫) ଦିନକୁ ଖାଦ୍ୟ ବାବଦରେ ଜଣପିଛା କୌଣସି ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ନିର୍ଦ୍ଧାରିତ ହୋଇ ରହିବ କି ? ଯଦି ରହିବ, ତେବେ ବଡ଼ମାନଙ୍କୁ ଅଢ଼େଇ ଟଙ୍କା ଏବଂ ପିଲାମାନଙ୍କୁ ଦୁଇଟଙ୍କା ଦେବା ଠିକ୍ ହେବ ?*

ଅନ୍ତତଃ ମାସକ ସକାଶେ, ସେମାନେ ଯାହା ଚାହିଁବେ, ସେମାନଙ୍କୁ ତାହା ଦିଆଯିବ । ଏବଂ, ନ୍ୟାୟପୂର୍ଣ୍ଣ ଭାବରେ ପ୍ରକୃତରେ କ'ଣ କରାଯାଇ ପାରିବ, ଆମେ ସେକଥା ପରେ ଦେଖିବା ।

*୧୦ ସେପ୍ଟେମ୍ବର ୧୯୭୦*

*

*ଗ୍ରାମବାସୀମାନେ ସାଧାରଣତଃ ଯାହା ଖାଆନ୍ତି, ଆମେ ତାହାଠାରୁ ଏକ ଅଧିକ ଭଲ ପ୍ରକାରର ଖାଦ୍ୟ ପରିବେଷଣ କରିବାକୁ ଇଚ୍ଛା କରୁଥିବାରୁ, ଯେଉଁମାନେ ପଇସା ଦେଇ ସମୂହ-ପାକଶାଳାରୁ ଖାଦ୍ୟ ନେବା ପାଇଁ ଇଚ୍ଛୁକ ଅଛନ୍ତି, ସେମାନଙ୍କୁ ଉଚିତ ମୂଲ୍ୟରେ ତାହା ଯୋଗାଇ ଦେବା ଉଚିତ ହେବ କି ?*

ହଁ, ଯେତିକି ଖର୍ଚ୍ଚ ପଡୁଛି, ସେତିକିରେ ।

ଅନେକ ଆଶୀର୍ବାଦ ।

*ନଭେମ୍ବର ୧୯୭୦*

*

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ ଭାରତବର୍ଷ ହେଉଛି ପୃଥିବୀରେ ସର୍ବପ୍ରଥମ ଦେଶ । ଆଧ୍ୟାତ୍ମିକତାର ଦୃଷ୍ଟାନ୍ତ ଦେଖାଇବା ହେଉଛି ଭାରତବର୍ଷର ଲକ୍ଷ୍ୟ । ପୃଥିବୀକୁ ଏହି ଶିକ୍ଷାଟି ପ୍ରଦାନ କରିବା ଲାଗି ଶ୍ରୀଅରବିନ୍ଦ ଭୂପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ ।

ଏହି ସତ୍ୟଟି ଏତେ ଅଧିକ ପରିମାଣରେ ସ୍ପଷ୍ଟ ଯେ, ଏହି ଦେଶରେ ଜଣେ ସରଳ ଏବଂ ଅଜ୍ଞାନ କୃଷକ ମଧ୍ୟ ତା'ର ହୃଦୟରେ ଇଉରୋପର ବୁଦ୍ଧିଜୀବୀମାନଙ୍କ ତୁଳନାରେ ଦିବ୍ୟ ପରମସତ୍ତାଙ୍କର ଅଧିକ ସମୀପବର୍ତ୍ତୀ ହୋଇ ରହିଛି ।

ଯେଉଁ ବ୍ୟକ୍ତିମାନେ ଅରୋଭିଲ୍‌ର ବାସିନ୍ଦା ହେବାକୁ ଚାହୁଁଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ଏହି କଥା ଅବଶ୍ୟ ଜାଣି ରଖିବାକୁ ହେବ ଏବଂ ତଦନୁରୂପ ଆଚରଣ କରିବାକୁ ପଡ଼ିବ । ତା'ନ ହେଲେ ଅରୋଭିଲ୍‌ର ନିବାସୀ ହେବା ପାଇଁ ସେମାନଙ୍କର ଅଯୋଗ୍ୟତାହିଁ ପ୍ରମାଣିତ ହେବ ।

*୮ ଫେବ୍ରୁଆରି ୧୯୭୨*

*

*('ଲାଷ୍ଟ୍ ସ୍କୁଲ୍'କୁ ସଫା କରିବାରେ ସାହାଯ୍ୟ କରିବା ନିମନ୍ତେ କେହିଜଣେ ସ୍ୱେଚ୍ଛାସେବକ ହେବାକୁ କହିଥିଲେ)*

ବେଶ୍ ଭଲ କଥା ସତ; ମାତ୍ର ସବୁଜିନିଷକୁ ଯଥାସ୍ଥାନରେ ରଖିବା ସମୟରେ ଯେପରି ତାମିଲ ଗ୍ରାମର ଅଧିବାସୀମାନଙ୍କ ମନରେ କୌଣସି ଆଘାତ ନ ଥିବ, ତୁମେ ସେହି ବିଷୟରେ ଖୁବ୍ ସାବଧାନ ରହିବ । ସେମାନଙ୍କର ବିଶ୍ୱାସଭାଜନ ହେବା ଆମ ପକ୍ଷରେ ପ୍ରକୃତରେ ଅତ୍ୟନ୍ତ କଷ୍ଟକର ହୋଇଛି ଏବଂ, ଏପରି ଆଦୌ କୌଣସି କାର୍ଯ୍ୟ କରାଯିବା ଉଚିତ ନୁହେଁ, ଯାହାଦ୍ୱାରା କି ସେମାନେ ନିଜର ସେହି ନୂତନଲବ୍ଧ ବିଶ୍ୱାସଟିକୁ ହରାଇ ବସିବେ । ଏହି ବିଶ୍ୱାସ ରହିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ସାଙ୍ଗରେ ଏପରି ଜଣେ କାହାକୁ ନେବ ଯିଏକି ଭଲ ଭାବରେ ତାମିଲ ଜାଣିଥିବେ ଓ କହି ପାରୁଥିବେ ଯେପରିକି ତୁମେ ସେମାନଙ୍କ ସହିତ କଥା ହୋଇ ପାରିବ ଏବଂ ସେମାନଙ୍କୁ ସବୁକଥା ବୁଝାଇ ଦେଇ ପାରିବ ।

ସେମାନେ ମଧ୍ୟ ଅନ୍ତଃସତ୍ତାର କ୍ଷେତ୍ରରେ ତୁମର ଭାଇ, — ଏହି କଥାଟିକୁ କଦାପି ଭୁଲିବ ନାହିଁ ।

*ଜୁଲାଇ ୧୯୭୨*

*

'oaob.nitrkl.ac.in' images reprocessed

## ଅର୍ଥ ବ୍ୟବସ୍ଥା

*ଅରୋଭିଲ୍ ସକାଶେ ଆବଶ୍ୟକ ଅର୍ଥର ବ୍ୟବସ୍ଥା କରିପାରିବାକୁ ଆମେ ହୁଏତ ଏହିପରି ଭାବରେ ଅଗ୍ରସର ହୋଇ ପାରିବା : ପ୍ରତ୍ୟେକ ଦେଶରେ ଏପରି ଜଣେ ଅତି ଧନୀବ୍ୟକ୍ତିଙ୍କୁ ଖୋଜି ଠିକ୍ କରିବା ଯିଏକି ଅରୋଭିଲ୍ ଲାଗି ଅର୍ଥସଂଗ୍ରହ କରିବାର କାର୍ଯ୍ୟରେ କେନ୍ଦ୍ର ହୋଇ ରହିବେ ।*

*ସୁବିଧା-ସୁଯୋଗ : ଏହିପରି ଜଣେ ବ୍ୟକ୍ତିଙ୍କର ଉପରେ କାର୍ଯ୍ୟଭାରଟି ନ୍ୟସ୍ତ ରହିବ; ଯିଏ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ହୋଇ ପାରିବେ ଏବଂ ଭିକ୍ଷା ମାଗିବାର ଧାରଣା ଯେପରି ସେ ନ ଦିଅନ୍ତି ।*

ନୀତି ଦୃଷ୍ଟିରୁ ଏହି ଉପାୟଟି ବେଶ୍ ଭଲ । ମାତ୍ର ପ୍ରକୃତ କାର୍ଯ୍ୟକ୍ଷେତ୍ରରେ, ଏବଂ ବିଫଳ ହେବାର ସକଳ ସମ୍ଭାବନାକୁ ଏଡ଼ାଇବା ଦୃଷ୍ଟିରୁ (କାରଣ ବିଫଳତାର ଏକ ଶୋଚନୀୟ ପ୍ରତିକ୍ରିୟା ହେବ), ଆମେ ପରିସ୍ଥିତିଠାରୁ ଏକ ଅନୁକୂଳ ଇଙ୍ଗିତ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବା । ସେହି ବିଷୟରେ ମୋତେ ଅଳ୍ପଦିନ ମଧ୍ୟରେ ସମ୍ବାଦ ପ୍ରାପ୍ତ ହୋଇଯିବ । ଏବଂ ତା'ପରେ ମୁଁ ଅଗ୍ରସର ହୋଇଯିବା ସକାଶେ ସଙ୍କେତ ଦେଇ ପାରିବି ।

*ନଭେମ୍ବର ୧୯୬୫*

*

*ମାଆ,*

*ଆମେରିକା-ସୌଧର ନିର୍ମାଣରେ ସାହାଯ୍ୟକରିବାରେ 'କ'ଙ୍କର କୌଣସି ଭାଗ ରହିବ କି ? ଏବଂ ଯଦି ରହିବ, ତେବେ ସେହି କାର୍ଯ୍ୟ ଲାଗି ଆମେରିକାରେ ଅର୍ଥସଂଗ୍ରହ କରିବାର କାର୍ଯ୍ୟକୁ ସିଏ ହୁଏତ ସଙ୍ଗେସଙ୍ଗେ ଆରମ୍ଭ କରିଦେବେ କି ?*

ମୁଁ ଔପଚାରିକ ଭାବରେ ତାଙ୍କୁ କଦାପି ଏହି କାର୍ଯ୍ୟଟିକୁ ଦେଇ ନାହିଁ ।

ମାତ୍ର, ଯଦି ସିଏ ଅର୍ଥସଂଗ୍ରହ କରି ଆଣିପାରିବେ, ତେବେ ତାହା ନିଶ୍ଚୟ ଅଧିକ ଭଲ ହେବ ।

*୨୨ ମାର୍ଚ୍ଚ ୧୯୬୬*

*

'oaob.nitrkl.ac.in' images reprocessed

*ଦିବ୍ୟଜନନି,*

*ଆଶ୍ରମ ଓ ଅରୋଭିଲ୍ ଉଭୟ ପ୍ରକଳ୍ପ ନିମିତ୍ତ ଆମେ ଆମେରିକାରେ ଉଦ୍ୟମ ଆରମ୍ଭ କରି ବହୁ ପରିମାଣ ଅର୍ଥ ସଂଗ୍ରହ କରୁ ବୋଲି ଆପଣ ଇଚ୍ଛା କରୁଛନ୍ତି କି ?*

ଯଦି ତାହା ତୁମମାନଙ୍କ ଲାଗି ପ୍ରକୃତରେ ସମ୍ଭବ ହୁଏ, ତେବେ ତାହା ଅତ୍ୟନ୍ତ ସହାୟକ ରୂପେ କାର୍ଯ୍ୟ କରିବ ଏବଂ ତଦ୍ଦ୍ୱାରା ବସ୍ତୁଗୁଡ଼ିକର ସତ୍ୟ ସହିତ ତାହାର କୌଣସି ବିରୋଧ ଘଟିବ ନାହିଁ ।

*୩୦ ମଇ ୧୯୬୬*

*

*(ଅରୋଭିଲ୍‌ର ବିକାଶଯୋଜନାରେ ସାହାଯ୍ୟ କରିବାକୁ ଇଚ୍ଛା କରୁଥିବା କେତେକ ବ୍ୟକ୍ତି ତଥା ଗୋଷ୍ଠୀମାନଙ୍କ ଉଦ୍ଦେଶ୍ୟରେ)*

ସେମାନେ ହୁଏତ ନିଜେ ଯୋଗସାଧନା କରୁ ନାହାନ୍ତି; ମାତ୍ର ଯଦି ସେମାନେ ଯୋଗ ବିଷୟରେ କୌଣସି କଥା ଜାଣି ନ ଥିବେ, ତେବେ ଅରୋଭିଲ୍‌ର ଲକ୍ଷ୍ୟଟିକୁ ମଧ୍ୟ କିପରି ବୁଝି ପାରିବେ ?

*୧୯ ଜୁନ୍ ୧୯୬୭*

*

*(ଅରୋଭିଲ୍‌ର ଜଣେ ଅର୍ଥଦାତା ନିର୍ଦ୍ଦିଷ୍ଟ ଭାବରେ ଲେଖିଥିଲେ :)*

*ମୁଁ ଚାହୁଁଛି ଯେ ମୁଁ ଦାନ କରୁଥିବା ଅର୍ଥ କେବଳ ଆମର ଯାବତୀୟ ଦୁଃଖ ଓ କଷ୍ଟଭୋଗର କାରଣ ଉପରେ ବିଜୟ ହାସଲ କରିବାରେହିଁ ବ୍ୟୟିତ ହେଉ ।*

ଏହି ସକାଶେହିଁ ତ ଆମେ ସମସ୍ତେ ଏଠାରେ କାର୍ଯ୍ୟ କରୁଛୁ; ମାତ୍ର, ଲୋକହିତୈଷୀମାନଙ୍କର ସେହି କୃତ୍ରିମ ପ୍ରଣାଳୀରେ ଆମେ ଆଦୌ କୌଣସି କାର୍ଯ୍ୟ କରୁ ନାହୁଁ, ଯେଉଁମାନେ କି କେବଳ ବାହ୍ୟକ୍ଷେତ୍ରୀୟ ଫଳଗୁଡ଼ିକର ଅପେକ୍ଷା ରଖିଥାନ୍ତି ।

ଏକ ସମଗ୍ର ରୂପାନ୍ତରସାଧନ ଦ୍ୱାରା ଜଡ଼ର ଅଧ୍ୟାତ୍ମୀକରଣ କରାଇ ଆମେ ଦୁଃଖର **କାରଣକୁ** ଚିରକାଳ ଲାଗି ବିଲୁପ୍ତ କରିଦେବାକୁ ଇଚ୍ଛା କରୁଛୁ ।

*୨୮ ଡିସେମ୍ବର ୧୯୬୭*

*

'oaob.nitrkl.ac.in' images reprocessed

*ପ୍ରଥମତଃ, ଏପରି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ କରାଯାଉଛି, ଯାହାକି ଅରୋଭିଲ୍‌କୁ ଅର୍ଥର ଆଗମନରେ ବାଧା ସୃଷ୍ଟି କରୁଛି ?*

ଭବିଷ୍ୟତ ଆଡ଼କୁ ଅଗ୍ରସର ହୋଇ ଯିବା ଲାଗି ଆବଶ୍ୟକ ଉତ୍ସାହର ଅଭାବହିଁ ଅର୍ଥାଗମନରେ ବାଧା ସୃଷ୍ଟି କରୁଛି ।

*ଦ୍ୱିତୀୟତଃ ଅରୋଭିଲ୍ ପାଇଁ ଅର୍ଥାଗମନର ପ୍ରବାହକୁ ବୃଦ୍ଧି କରିବା ପାଇଁ ବିଶେଷ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଉଚିତ କି ?*

ଅନିବାର୍ଯ୍ୟ ଭବିଷ୍ୟତଟି ଉପରେ ଏକ ବିଶ୍ୱାସପୂର୍ଣ୍ଣ ନିଶ୍ଚିତତାହିଁ ସେହି ପ୍ରତିରୋଧକୁ ଭାଙ୍ଗି ଦେଇପାରିବ ।

*୧୭ ମଇ ୧୯୬୮*

*

*ଦିବ୍ୟଜନନି,*

*ଅରୋଭିଲ୍‌ର ବର୍ତ୍ତମାନ ଆର୍ଥିକ ବିବରଣୀ ଦିଆଗଲା, ନିମ୍ନଲିଖିତ ଉଭୟ ବ୍ୟକ୍ତିମାନଙ୍କୁ ଅର୍ଥ ଦାନ ଲାଗି ଆମେ ଅନୁରୋଧ କରିବା ଉଚିତ କି ? [ନାମଗୁଡ଼ିକୁ ଦିଆ ଯାଇଥିଲା]*

ଅରୋଭିଲ୍ ପାଇଁ ଯାହା ଦରକାର, ଏହି ପ୍ରକାରର ବ୍ୟକ୍ତିମାନେ ତାହାକୁ କଦାପି ଦେଇ ପାରିବେ ନାହିଁ ।

*୧୭ ମଇ ୧୯୬୮*

*

*ଦିବ୍ୟଜନନି,*

*ପ୍ରଥମତଃ, ନୂତନ ପୃଥିବୀର ନିର୍ମାଣରେ ଯୁକ୍ତରାଜ୍ୟ ଆମେରିକାର କି ଭୂମିକା ରହିଛି ?*

ଯୁକ୍ତରାଜ୍ୟ ଆମେରିକାର କାର୍ଯ୍ୟ ହେଉଛି ପୃଥିବୀକୁ ଈପ୍ସିତ ନୂତନ ସୃଜନଟି ଲାଗି ପ୍ରସ୍ତୁତ କରିନେବା ନିମନ୍ତେ ଆବଶ୍ୟକ ଅର୍ଥ ସାହାଯ୍ୟ ଆଣି ଯୋଗାଇଦେବା ।

'oaob.nitrkl.ac.in' images reprocessed

*ଦ୍ୱିତୀୟତଃ, ଏହି ଭୂମିକାଟିକୁ ସାର୍ଥକ ଭାବରେ ଗ୍ରହଣ କରିପାରିବା ଲାଗି ସର୍ବପ୍ରଥମ ପଦକ୍ଷେପ ରୂପେ ଯୁକ୍ତରାଜ୍ୟ ଆମେରିକାର ଅଧିବାସୀମାନଙ୍କର କ'ଣ କରିବା ଉଚିତ ?*

ଯେଉଁମାନେ, ବ୍ୟକ୍ତି ତଥା ସଂଗଠନ ଉଭୟ, ଏହି ରୂପାନ୍ତରକୁ ସମ୍ଭବ କରିବା ଲାଗି ସମର୍ଥ, ସେମାନଙ୍କୁ ଜାଣିବା ଏବଂ ସେମାନଙ୍କୁ ଆବଶ୍ୟକ ଅର୍ଥଦାନ କରିବା ।

*୯ ଜୁନ୍ ୧୯୬୮*

*

*ସାରା ପୃଥିବୀର ବୃହତ୍ ଅର୍ଥାଧିକାରୀମାନଙ୍କ ପାଖକୁ ଯିବା ଲାଗି ଚେଷ୍ଟା କରିବାର ଉପଯୁକ୍ତ ସମୟଟି ଆସିଲାଣି କି ?*

*ଯଦି ଆସିଲାଣି, ତେବେ ସେଥିପାଇଁ ଆମକୁ ଏକ ସଘନ ଏବଂ ସୁସଂବଦ୍ଧ ପରିଚାଳନା-ସଂସ୍ଥା ସୃଷ୍ଟି କରିବାକୁ ହେବ, ଯିଏକି ସେହିସବୁ ଅର୍ଥର କାରବାର କରିବ ଏବଂ ତାହାର ଉପଯୁକ୍ତ ବିନିଯୋଗ ନିମନ୍ତେ ଦାୟୀ ରହିବ । ଆଗ ଏହି କାର୍ଯ୍ୟଟିକୁ କରିସାରିବା ପରେ ଯାଇ ଆମେ ଆନ୍ତର୍ଜାତିକ ଅନୁଷ୍ଠାନଗୁଡ଼ିକ ପାଖକୁ ଯାଇ ପାରିବା ଏବଂ ସେମାନଙ୍କଠାରୁ ଅନୁକୂଳ କ୍ରିୟାଚରଣମାନ ଆଶା କରିପାରିବା । ଏଥିରେ ଆପଣଙ୍କର ସମର୍ଥନ ଅଛି କି ?*

ଖୁବ୍ ଭଲ କଥା । ଅନେକ ଆଶୀର୍ବାଦ ।

*ଏପ୍ରିଲ୍, ୧୯୬୯*

*

*(ଅରୋଭିଲ୍ ନିମନ୍ତେ ଅର୍ଥ ସଂଗ୍ରହ କରିବାକୁ ଚେଷ୍ଟା କରୁଥିବା ଜନୈକ ବ୍ୟକ୍ତି ବିକାଶ-ଯୋଜନାଗୁଡ଼ିକ ବିଷୟରେ ତାଙ୍କୁ ଟିକିନିଖି ତଥ୍ୟ ଯୋଗାଇ ଦିଆଯାଉ ବୋଲି ଅନୁରୋଧ କରିଥିଲେ । ମାଆଙ୍କ ସମ୍ମୁଖରେ ତାଙ୍କର ପତ୍ରଟିକୁ ଉପସ୍ଥାପିତ କରିବା ସମୟରେ ମାଆ ଲେଖିଥିଲେ :)*

ଏହିସବୁ ପ୍ରଶ୍ନରୁ ପ୍ରମାଣିତ ହୋଇଯାଉଛି ଯେ, ଆଜି ପର୍ଯ୍ୟନ୍ତ ଯାହାକିଛି କରାଯାଇଛି, ଅରୋଭିଲ୍ ସେହି ଧାରାରେ ଏକ ଅନ୍ୟତମ ଦୃଷ୍ଟାନ୍ତ ହୋଇ ରହୁ ବୋଲି ଆପଣ ପ୍ରତ୍ୟାଶା କରୁଛନ୍ତି ।

ଅରୋଭିଲ୍ ଏପରି ଏକ ନୂତନ ସୃଜନ ହେବାକୁ ଇଚ୍ଛା କରୁଛି, ଯାହାକି ଏକ

'oaob.nitrkl.ac.in' images reprocessed

ନୂତନ ଚେତନାକୁ ନୂତନ ଭାବରେ ଏବଂ ଏକ ନୂତନ ପ୍ରଣାଳୀ ଅନୁସାରେ ଅଭିବ୍ୟକ୍ତ କରି ପାରୁଥିବ ।

*୧୮ ଅଗଷ୍ଟ ୧୯୬୯*

*

*ଅରୋଭିଲ୍ ସକାଶେ ଅର୍ଥ ସଂଗ୍ରହ କରିବା ଲାଗି ଆମେ କ'ଣ କରିବା ?*

ତୁମେ ଅର୍ଥ ପଛରେ ଯେତିକି ଅଧିକ ଗୋଡ଼ାଇଥିବ, ତୁମକୁ ସେତିକି କମ୍ ଅର୍ଥ ମିଳିବ । ତୁମେ କେବଳ ଲୋକମାନଙ୍କୁ ଅରୋଭିଲ୍ ବିଷୟରେ ଅବଗତ କରାଇବ । ତାହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।[§]

*ନଭେମ୍ବର ୧୯୬୯*

*

ଅରୋଭିଲ୍‌ର ଅର୍ଥବୃଦ୍ଧିରେ ସାହାଯ୍ୟ କରିବାକୁ ଯେତେବେଳେ ଲୋକମାନେ ଆପଣାର ଏକ ସୌଭାଗ୍ୟ ବୋଲି ଅନୁଭବ କରିବେ, ସେତେବେଳେ ଯାଇ ପ୍ରଚୁର ପରିମାଣରେ ଅର୍ଥ ଆସିବାକୁ ଆରମ୍ଭ କରିବ ।

*ଡିସେମ୍ବର ୧୯୬୯*

*

ଅରୋଭିଲ୍ ପାଇଁ ଜମିଗୁଡ଼ିକୁ କିଣିବାକୁ ହେବ ଏବଂ କିଣାଯାଇ ପାରିବ । ସେଥିଲାଗି ଅର୍ଥ ଆବଶ୍ୟକ ।

ଆପଣ ସାହାଯ୍ୟ କରିବେ କି ?

*ମଇ ୧୯୭୦*

*

ଆପଣ ଆମର ଆବଶ୍ୟକତା ଜାଣିଛନ୍ତି ।

ଆପଣ ସେଥିପାଇଁ ସାହାଯ୍ୟକାରୀ ହେବେ ନାହିଁ ?

*

*(ମାତୃ ମନ୍ଦିର ସକାଶେ ଅର୍ଥସଂଗ୍ରହ ଲାଗି ବାର୍ତ୍ତା)*

ଦିବ୍ୟ କାର୍ଯ୍ୟ ଲାଗି ଆପଣ ଅର୍ଥଦାନ କରନ୍ତୁ ଏବଂ, ଅର୍ଥକୁ ରଖିବା ଦ୍ୱାରା ଆପଣ ଯେତିକି ସମ୍ପଦଶାଳୀ ହୋଇ ପାରିଛନ୍ତି, ତାହାକୁ ଦାନ କରି ତା'ଠାରୁ ଅଧିକ ସମ୍ପଦବାନ୍ ହୋଇ ପାରିବେ ।

*୧୯୭୧*

*

'oaob.nitrkl.ac.in' images reprocessed

## ପ୍ରାରମ୍ଭକାଳୀନ ପ୍ରବଚନ

ଜୁନ୍ ୧୯୬୫

ତୁମେମାନେ ଅରୋଭିଲ୍ ବିଷୟରେ କିଛି ଶୁଣିଛ କି ?

ଦୀର୍ଘ ଦିନ ଧରି ଏହି "ଆଦର୍ଶ ନଗରୀ" ବିଷୟରେ ମୋ'ର ଏକ ଯୋଜନା ରହିଥିଲା; ମାତ୍ର ସେକଥା ଶ୍ରୀଅରବିନ୍ଦଙ୍କର ଜୀବଦ୍ଦଶାରେ ଘଟିଥିଲା, ଶ୍ରୀଅରବିନ୍ଦ ସେତେବେଳେ କେନ୍ଦ୍ରରେହିଁ ରହିଥିଲେ । ପରେ, ମୋ'ର ଆଉ ସେଦିଗରେ ଆଗ୍ରହ ହୋଇ ନ ଥିଲା । ତା'ପରେ ପୁନର୍ବାର ଅରୋଭିଲ୍ – ମୁହିଁ ଅରୋଭିଲ୍ ନାମଟିକୁ ଦେଇଥିଲି,– ପ୍ରସଙ୍ଗ ଉଠିଲା, ମାତ୍ର ଓଲଟା ଆଡୁ ଉତ୍ଥାପିତ ହୋଇଥିଲା : ଆଗ ରଚନା ବିଷୟରେ ଏକ ଯୋଜନା ପ୍ରସ୍ତୁତ କରାଯାଇ ସେଥିପାଇଁ ସ୍ଥାନ ଖୋଜାଗଲା ନାହିଁ, ହ୍ରଦ କୂଳରେ ଗୋଟିଏ ଜାଗା ଥିଲା, ସେଇଥିରୁହିଁ ଯୋଜନାଟି ଜନ୍ମ ନେଲା । ଏବଂ ଏପର୍ଯ୍ୟନ୍ତ ସେଇଟି ବିଷୟରେ ମୁଁ କେବଳ ଏକ ଗୌଣ ଆଗ୍ରହ ଦେଖାଇ ଆସିଥିଲି, କାରଣ ସେତେବେଳ ଯାଏ ମୋତେ ସିଧା ଆଦୌ କିଛି ହେଲେ ଉପଲବ୍ଧ ହୋଇ ନ ଥିଲା । ତା'ପରେ ଆମ କୁନି 'କ' ସେଠାରେ ସେହି ହ୍ରଦର ତଟରେ ଗୋଟିଏ ଘର ତିଆରି କରି ରହିବାକୁ ବିଚାର କଲେ ଏବଂ ସେହି ଘରକୁ ଲାଗି ମୋ' ଲାଗି ମଧ୍ୟ ଘରଟିଏ ତିଆରି କରିଦେବାକୁ ଓ ତାହାକୁ ମୋତେ ଅର୍ପଣ କରିବାକୁ ଇଚ୍ଛାକଲେ । ଏବଂ ସେ ମୋ' ପାଖକୁ ଆପଣାର ସମସ୍ତ ସ୍ୱପ୍ନଟିର ବିବରଣୀ ଲେଖି ପଠାଇଥିଲେ : ଏହି ଗୋଟିଏ ଦୁଇଟି ବାକ୍ୟ ହଠାତ୍ ଏପରି ଏକ ପୁରାତନ ସ୍ମୃତିକୁ ମୋ' ଭିତରେ ଜାଗୃତ କରି ଆଣିଲା, ଯାହାକି – ଏହିପରି ଗୋଟିଏ ସୃଷ୍ଟି – ମୋର ଅତି ଅଳ୍ପ ବୟସ ହୋଇଥିବା ସମୟରେ ଆପଣାକୁ ପ୍ରକଟ କରି ଆଣିବାକୁ ଚେଷ୍ଟା କରିଥିଲା ଏବଂ ଏହି ଶତାବ୍ଦୀର ପ୍ରାରମ୍ଭରେ, ମୁଁ ଥେଅଁଙ୍କ ସହିତ ଥିବାବେଳେ ପୁନର୍ବାର ଆତ୍ମପ୍ରକାଶର ଚେଷ୍ଟା କରିବାକୁ ଆରମ୍ଭ କଲା । ତା'ପରେ ସବୁକିଛି ପାସୋର ହୋଇ ରହିଲା । ଏବଂ ଏହି ଚିଠିଟି ସହିତ ତାହାର ପୁନରାବିର୍ଭାବ ଘଟିଲା; ଏବଂ ସଙ୍ଗେ ସଙ୍ଗେ ମୁଁ ଅରୋଭିଲ୍ ଲାଗି ଏକ ଯୋଜନା ତିଆରି କରିଦେଲି । ବର୍ତ୍ତମାନ ମୋ' ପାଖରେ ଏହାର ଏକ ସମଗ୍ର ଯୋଜନା ରହିଛି ଏବଂ ତାହାର ଟିକିନିଖି ଅଂଶଗୁଡ଼ିକୁ ପ୍ରସ୍ତୁତ କରି ଦେବା ଲାଗି ମୁଁ 'ଖ' ଙ୍କ ସକାଶେ ଅପେକ୍ଷା କରୁଛି । କାରଣ 'ଖ' ହିଁ ଏହାର ଯୋଜନା ତିଆରି କରିଦେବେ ବୋଲି ମୁଁ ଆରମ୍ଭରୁ କହିଥିଲି ଏବଂ ସେହି ଅନୁସାରେ ତାଙ୍କ ପାଖକୁ ପତ୍ର ମଧ୍ୟ ଲେଖିଥିଲି । ସିଏ ଗତବର୍ଷ ଏଠାକୁ ଆସିଥିବା ସମୟରେ ଲ କର୍ବୁସିଏ ନିର୍ମାଣ କରିଥିବା ପଞ୍ଜାବର ଚଣ୍ଡୀଗଡ଼

'oaob.nitrkl.ac.in' images reprocessed

ସହରଟିକୁ ଦେଖିବା ପାଇଁ ଯାଇଥିଲେ । ମାତ୍ର ତାହାକୁ ଦେଖି ଖୁସୀ ହୋଇ ନ ଥିଲେ । ମୋତେ ମଧ୍ୟ ଏହା ଭାରି ସାଧାରଣ ସ୍ତରର ବୋଲି ମନେ ହେଉଛି – ଏହି ସହରଟି ବିଷୟରେ ମୁଁ କିଛି ଜାଣି ନାହିଁ, ମୁଁ କେବେହେଲେ ଚଣ୍ଡୀଗଡ଼ ଦେଖି ନାହିଁ; କେବଳ ତାହାର କେତେକ ଫଟୋଗ୍ରାଫ୍ ଦେଖିଛି । ସେଗୁଡ଼ିକ ପ୍ରକୃତରେ ବଡ଼ ଭୟଙ୍କର ହୋଇଛି । ଏବଂ, ଯେତେବେଳେ ସିଏ ମୋତେ ଆସି ଏସବୁ କଥା କହୁଥିଲେ, ସେତେବେଳେ ମୁଁ ସିଏ ସତେଅବା ଠିକ୍ ଏହିପରି ଅନୁଭବ କରୁଥିବାର ପରିଷ୍କାର ଦେଖିପାରୁଥିଲି, ''ଯଦି ମୋତେ ଏକ ସହର ନିର୍ମାଣ କରିବାର ସୁଯୋଗ ମିଳନ୍ତା ! ...'' ତେଣୁ ମୁଁ ତାଙ୍କ ପାଖକୁ ଲେଖିଲି, ''ଯଦି ତୁମେ ଇଚ୍ଛା କରିବ, ତେବେ ମୋର ଗୋଟିଏ ସହର ତିଆରି କରିବାକୁ ଅଛି ।'' ସିଏ ଖୁବ୍ ଖୁସୀ ହୋଇ ଯାଇଛନ୍ତି । ଏଠାକୁ ଆସିବେ ବୋଲି ଲେଖିଛନ୍ତି । ସିଏ ଆସି ପହଞ୍ଚିଲେ ତାଙ୍କୁ ମୁଁ ନିଜର ଯୋଜନାଟିକୁ ଦେଖାଇବି ଏବଂ ସିଏ ସହରଟିକୁ ତିଆରି କରିବେ । ମୋ'ର ଯୋଜନାଟି ଏକ ଅତ୍ୟନ୍ତ ସରଳ ଯୋଜନା ।

ସେହି ସ୍ଥାନଟି ମାନ୍ଦ୍ରାଜ୍ ରୋଡ୍ କଡ଼ରେ ଅବସ୍ଥିତ, – ସେହି ସାନ ପାହାଡ଼ଟି ଉପରେ । (*ମା'ଆ ହାତରେ କାଗଜ ଧରି ଆଙ୍କିବାକୁ ଲାଗିଲେ*) ଏଠାରେ – ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ପ୍ରକୃତରେ ତାହା ତିଆରି ହୋଇ ରହି ନାହିଁ, ଆମକୁ ଆପଣାକୁ ନାନାଭାବେ ଅନୁକୂଳିତ କରିବାକୁ ପଡ଼ିବ; ଆଦର୍ଶର ଭୂମିରେ ତାହାର୍ ଗଠନ ଏହିପରି ହୋଇ ରହିଛି; – ଏହିଠାରେ ଏକ କେନ୍ଦ୍ରବିନ୍ଦୁ ରହିଛି । କେନ୍ଦ୍ରବିନ୍ଦୁଟି ହେଉଛି ଗୋଟିଏ ଉଦ୍ୟାନ,– ମୁଁ ଅତି ଅଳ୍ପ ବୟସର ହୋଇଥିବା ସମୟରେ ଏଇଟିକୁ ଦେଖିଥିଲି, – ବାହ୍ୟ ଭୌତିକ ପ୍ରକୃତିର ଦୃଷ୍ଟିରୁ ଏହାକୁ ପୃଥିବୀରେ ଥିବା ସବୁଠାରୁ ଅଧିକ ସୁନ୍ଦର ଏକ ବସ୍ତୁ ବୋଲି କୁହାଯାଇ ପାରିବ – ସେହି ଉଦ୍ୟାନରେ ସବୁ ଉଦ୍ୟାନ ପରି ଜଳାଶୟ ଅଛି, ଗଛମାନେ ରହିଛନ୍ତି, ଫୁଲ ବି ଅଛି, ମାତ୍ର ଫୁଲର ସଂଖ୍ୟା ଖୁବ୍‌ବେଶୀ ନୁହେଁ । ଲତା, ପାମ୍ ଓ ଫର୍ନ ଆକାରରେ ଫୁଲସବୁ ରହିଛନ୍ତି, ଯାବତୀୟ ପ୍ରକାରର ପାମ୍ ରହିଛି । ଜଳ ବି ଅଛି, ସମ୍ଭବ ହେଲେ ଜଳସ୍ରୋତମାନ ରହିଛି, ଏବଂ ସମ୍ଭବତଃ ଗୋଟିଏ ଜଳପ୍ରପାତ ମଧ୍ୟ ଅଛି । ବ୍ୟାବହାରିକ ଦୃଷ୍ଟିରୁ ଏହା ନିଶ୍ଚୟ ଏକ ଅତ୍ୟନ୍ତ ଉତ୍ତମ କଥା ହେବ : ସମ୍ପୂର୍ଣ୍ଣ ଦୂରରେ ଉଦ୍ୟାନ ବାହାରେ ଆମେ କେତୋଟି ଜଳଭଣ୍ଡାର ତିଆରି କରିପାରିବା, ଯେଉଁଥିରୁ କି ସହରର ଅଧିବାସୀମାନଙ୍କ ଲାଗି ଜଳ ଯୋଗାଇ ଦିଆଯାଇ ପାରିବ ।

ହଁ, ଏହି ଉଦ୍ୟାନ ମଧ୍ୟରେ ମୁଁ ''ପ୍ରେମର ମଣ୍ଡପ''କୁ ଦେଖିଥିଲି । ମାତ୍ର ମୋତେ ଏହି ଶବ୍ଦଟି ମୋଟେ ଭଲ ଲାଗୁ ନାହିଁ, କାରଣ ମଣିଷମାନେ ସେହି ଶବ୍ଦଟିକୁ ଭାରି ବିକୃତ କରି ପକାଇଛନ୍ତି; ମୁଁ ଏଠାରେ ଦିବ୍ୟପ୍ରେମର ସେହି ମୂଳ ସତ୍ୟଟି କଥା କହୁଛି । ମାତ୍ର ସେହି ନାମଟି ମଧ୍ୟ ବଦଳି ଯାଇଛି : ଏହାକୁ ପ୍ରକୃତରେ ''ମାତୃ ମନ୍ଦିର'' ବୋଲି

'oaob.nitrkl.ac.in' images reprocessed

କୁହାଯିବ – ମାତ୍ର ସିଏ ଏହି ମାଆ ନୁହନ୍ତି (*ମାଆ ନିଜ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇଦେଲେ*) – ସିଏ ହେଉଛନ୍ତି ପରମା ମାତା, ଯଥାର୍ଥରେ ସେହି ପରମା ମାତା, ପରମା ଜନନୀ ରୂପୀ ସେହି ସତ୍ୟଟି । ମୁଁ "ମାତା" ବୋଲି କହୁଛି, କାରଣ ଶ୍ରୀଅରବିନ୍ଦ ସେହି ଶବ୍ଦଟିକୁ ବ୍ୟବହାର କରିଥିଲେ; ତା' ନ ହେଲେ ମୁଁ ଆଉକିଛି ଅନ୍ୟ ଶବ୍ଦ ବ୍ୟବହାର କରିଥାନ୍ତି । ମୁଁ ଏହାକୁ "ସୃଜନକାରୀ ସତ୍ୟ" ଅଥବା "ଉପଲବ୍ଧିର ମାଧ୍ୟମ" ବୋଲି କହି ପାରିଥାନ୍ତି – ବା, ଆଉ କ'ଣ କହିଥାନ୍ତି କେଜାଣି ?... ଏହା ଏକ କ୍ଷୁଦ୍ର ସୌଧ ରୂପେ ନିର୍ମିତ ହେବ, ଆଦୌ ବୃହଦାକାର ହେବ ନାହିଁ, – ତଳ ମହଲାରେ କେବଳ ଏକ ଧ୍ୟାନ ପ୍ରକୋଷ୍ଠ ରହିବ, – ମାତ୍ର କେତେକ ସ୍ତମ୍ଭ ରହିଥିବ ଓ ସେହି ପ୍ରକୋଷ୍ଠଟି ସମ୍ଭବତଃ ଗୋଲାକୃତି ହେବ । ମୁଁ ସମ୍ଭବତଃ ବୋଲି କହୁଛି, କାରଣ ସେକଥା ନିଷ୍ପତ୍ତି କରିବାର ଦାୟିତ୍ୱଟିକୁ ମୁଁ 'ଆ' ଙ୍କ ଉପରେ ଛାଡ଼ି ଦେଇଛି । ଉପରେ, ପ୍ରଥମ ମହଲାଟି ଗୋଟିଏ ପ୍ରକୋଷ୍ଠ ରୂପେ ନିର୍ମିତ ହେବ ଏବଂ ଉପରଟି ଏକ ଛାତଥିବା ଖୋଲା ଜାଗା ହୋଇ ରହିବ । ତୁମେ ପ୍ରାଚୀନ କାଳର ମୋଗଲ-ଭାରତୀୟ ସମୟର କ୍ଷୁଦ୍ର ଅଟ୍ଟାଳିକାଗୁଡ଼ିକୁ ଦେଖିଥିବ, ନୁହେଁ ? ସେଥିରେ ଥିବା ପ୍ରାସାଦଗୁଡ଼ିକୁ ଦେଖିଥିବ, ଯେଉଁଥିରେକି କେତୋଟି ସ୍ତମ୍ଭ ଉପରେ ସାନ ସାନ ଛାତ ତିଆରି କରାଯାଇଛି । ସେହିସବୁ ପୁରାତନ ଅଟ୍ଟାଳିକାଗୁଡ଼ିକୁ ତୁମେମାନେ ଅବଶ୍ୟ ଦେଖିଥିବ, ନୁହେଁ ? ସେହିପରି ଶହ ଶହ ଅଟ୍ଟାଳିକାର ଛାଞ୍ଚ ମୁଁ ଦେଖିବାକୁ ପାଇଛି । ... ମାତ୍ର ଏହି ମଣ୍ଡପଟି ଅତ୍ୟନ୍ତ, ଅତ୍ୟନ୍ତ ସୁନ୍ଦର, ଏହିପରି ଗୋଟିଏ କ୍ଷୁଦ୍ର ମଣ୍ଡପ, ଉପରେ ଖୋଲା ତା' ଉପରେ ଛାତଟିଏ ଏବଂ ସାନସାନ କାନ୍ଥ ଓ ତା' କଡ଼କୁ ବସିବା ଲାଗି ସ୍ଥାନର ବ୍ୟବସ୍ଥା ହୋଇଛି । ସେଠାରେ ସନ୍ଧ୍ୟାବେଳେ ଓ ରାତିରେ ବସି ଧ୍ୟାନ କରାଯାଇ ପାରିବ । ଏବଂ ତଳେ, ତଳ ମହଲାରେ, ଭୂମି ସହିତ ସମତଳ ହୋଇ ଏକ ଧ୍ୟାନପ୍ରକୋଷ୍ଠ ରହିବ,– ତା'ଭିତରେ ଆଉ ଅନ୍ୟକୌଣସି ବସ୍ତୁ ନ ଥିବ । ଦୂରଛଡ଼ା ହୋଇ ପ୍ରାନ୍ତଭାଗରେ ଜୀବନ୍ତ ଆଲୋକ ପରି କିଛି ରହିଥିବ, ଜୀବନ୍ତ ଓ ଅନୁକ୍ଷଣ ଆଲୋକର ସମ୍ଭବତଃ ପ୍ରତୀକ ହୋଇ ରହିଥିବ । ତା' ନ ହେଲେ ତାହା ଏକ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଏବଂ ନୀରବ ସ୍ଥାନ ହୋଇ ରହିଥିବ ।

ତା' ପାଖକୁ ଗୋଟିଏ କ୍ଷୁଦ୍ର ନିବାସ ରହିବ, ସେହି ନିବାସ ଭିତରେ ତଥାପି ଆଦୌ ବଡ଼ ଆକାରର ନୁହେଁ, ମାତ୍ର ତିନୋଟି ଚଟାଣ ରହିବ । 'ଅ' ସେହି ଘରେ ବାସ କରିବେ ଏବଂ ସିଏ ତତ୍ତ୍ୱାବଧାରକର କାର୍ଯ୍ୟ କରିବେ । ସିଏ ମଣ୍ଡପଟିର ତତ୍ତ୍ୱାବଧାରକ ହୋଇ ରହିବେ । ସିଏ ମୋ'ପାଖକୁ ଅତି ଚମତ୍କାର ଚିଠିଟିଏ ଲେଖିଥିଲେ ମାତ୍ର ଅବଶ୍ୟ ସେ ସବୁ କଥା ବୁଝି ପାରି ନ ଥିଲେ !

ଏଇଟି କେନ୍ଦ୍ର ହୋଇ ରହିବ !

'oaob.nitrkl.ac.in' images reprocessed

ତାହାର ଚାରିପାଖରେ ବୃତ୍ତାକାର ରାସ୍ତାଟିଏ ରହିବ, ଯାହାକି ଉଦ୍ୟାନ ସହରର ଅବଶିଷ୍ଟ ଭାଗରୁ ପୃଥକ୍ କରି ରଖିବ । ଉଦ୍ୟାନରେ ହୁଏତ ଗୋଟିଏ ତୋରଣଦ୍ୱାର ରହିବ, — ବସ୍ତୁତଃ ତାହା ଅବଶ୍ୟ ରହିବ । ତୋରଣଦ୍ୱାରରେ ତୋରଣର ଜଣେ ଜଗୁଆଳି ରହିବ । ଏବେ ଆଫ୍ରିକାରୁ ଆସିଥିବା ଜଣେ ବାଳିକା ସେହି ଜଗୁଆଳିର କାର୍ଯ୍ୟ କରିବ । ମୋତେ ସେ ଖଣ୍ଡେ ଚିଠି ଲେଖି ଜଣାଇଛି ଯେ, ସିଏ ଅରୋଭିଲ୍‌ଠାରେ ଫାଟକ-ଜଗୁଆଳି ହୋଇ ରହିବ, ଯେପରିକି କେବଳ "ପରମ ସତ୍ୟର ସେବକମାନଙ୍କୁ"ହିଁ ଭିତରକୁ ଯିବା ଲାଗି ବାଟ ଛାଡ଼ିଦେବ (*ମାଆ ହସିକରି କହିଲେ*) । ବେଶ୍ ଚମତ୍କାର ଏକ ଯୋଜନା । ତେଣୁ ମୁଁ ତାହାକୁହିଁ ସମ୍ଭବତଃ ଫାଟକ ପାଖରେ ଜଗୁଆଳି କରି ରଖିବି, ପ୍ରବେଶଦ୍ୱାର ପାଖରେ ସେଥିଲାଗି ସାନ ଘରଟିଏ ରହିଥିବ ।

ମାତ୍ର ସବୁଠାରୁ ଅଧିକ ଆଗ୍ରହୋଦ୍ଦୀପକ କଥା ହେଉଛି ଯେ, ଏହି କେନ୍ଦ୍ରବିନ୍ଦୁର ଚାରିପାଖରେ ବୃହତ୍ ଚାରୋଟି ଭାଗ ରହିବ, — ତାହା ଚାରୋଟି ବୃହତ୍ ପାଖୁଡ଼ା ପରି ହେବ (*ମାଆ ଆଙ୍କିକରି ଦେଖାଇଦେଲେ*), ମାତ୍ର ପାଖୁଡ଼ାଗୁଡ଼ିକର ଅଗ୍ରଭାଗ ମୁନିଆ ନ ହୋଇ ଗୋଲାକାର ହୋଇଥିବ ଏବଂ ସେଥିରେ ମଧ୍ୟବର୍ତ୍ତୀ କେତେକ ଆୟତନ ମଧ୍ୟ ରହିଥିବ — ଚାରୋଟି ବୃହତ୍ ଭାଗ ଓ ଚାରୋଟି ଆୟତନ ... । ଅତ୍ୟନ୍ତ ସ୍ପଷ୍ଟ କଥା ଯେ ଏସବୁ କେବଳ କଳ୍ପନାରେ ରହିଛି; ପ୍ରକୃତ ନିର୍ମାଣର କ୍ଷେତ୍ରରେ ଏହା ତାହାର ଯଥାସମ୍ଭବ ଅଧିକ ନିକଟବର୍ତ୍ତୀ ହୋଇ ତିଆରି ହେବ ।

ଆମର ଚାରୋଟି ଭାଗ ରହିବ : ଉତ୍ତରକୁ ସଂସ୍କୃତି, ଅର୍ଥାତ୍ ମାନ୍ଦ୍ରାଜ ଆଡ଼କୁ; ପୂର୍ବକୁ ଉଦ୍ୟୋଗ, ଦକ୍ଷିଣ ଦିଗକୁ ଆନ୍ତର୍ଜାତିକ ଭାଗ ଏବଂ ପଶ୍ଚିମକୁ, ଅର୍ଥାତ୍ ହ୍ରଦ ଆଡ଼କୁ, ନିବାସଗୁଡ଼ିକ ତିଆରି ହେବ ।

ସ୍ପଷ୍ଟ ଭାବରେ କହିବାକୁ ଗଲେ : ନିବାସ-ବିଭାଗଟିରେ, ଯେଉଁ ବ୍ୟକ୍ତିମାନେ ନିଜର ଦେୟ ଦେଇ ସାରିଛନ୍ତି ଓ ଆଉ ଯେଉଁମାନେ ଅରୋଭିଲ୍‌ରେ ଖଣ୍ଡେ ଜାଗା ପାଇବା ସକାଶେ ବହୁ ସଂଖ୍ୟାରେ ଆସିବେ, ସେଠାରେ ସେମାନଙ୍କର ନିବାସ ରହିବ । ତାହା ହ୍ରଦର ସନ୍ନିକଟ ହୋଇ ରହିବ ।

ଆନ୍ତର୍ଜାତିକ ଭାଗଟି : ଆମେ ଇତିମଧ୍ୟରେ କେତେକ ରାଷ୍ଟ୍ରଦୂତ ଏବଂ ଦେଶ ସହିତ ସମ୍ପର୍କସ୍ଥାପନ କରି ସାରିଲୁଣି, ଏଥିରେ ପ୍ରତ୍ୟେକଙ୍କର ନିଜର ଗୋଟିଏ ମଣ୍ଡପ ରହିବ — ପ୍ରତ୍ୟେକ ଦେଶରୁ ଗୋଟିଏ କରି — ଏହା ଏକ ବହୁ ପୂର୍ବର ଭାବନା । କେତେକେ ପ୍ରସ୍ତାବଟିକୁ ଗ୍ରହଣ କରି ସାରିଲେଣି, ତେଣୁ ସେହି କାର୍ଯ୍ୟଟିର ଆରମ୍ଭ ହୋଇ ଗଲାଣି । ପ୍ରତ୍ୟେକ ମଣ୍ଡପର ସ୍ୱକୀୟ ଉଦ୍ୟାନ ରହିବ, ସେଥିରେ ଯଥାସମ୍ଭବ ସମ୍ପୃକ୍ତ ଦେଶର ପ୍ରତିନିଧିତ୍ୱ କରୁଥିବା ତରୁଲତା ତଥା ଉତ୍ପନ୍ନ ଦ୍ରବ୍ୟମାନ ରହିବ । ଯଦି କାହାର

'oaob.nitrkl.ac.in' images reprocessed

ଯଥେଷ୍ଟ ଅର୍ଥ ଏବଂ ଯଥେଷ୍ଟ ଜାଗା ଥିବ, ତେବେ ସେମାନେ ସେଠାରେ ସମ୍ପୃକ୍ତଦେଶର କୀର୍ତ୍ତିଗୁଡ଼ିକୁ ଦର୍ଶାଇ ଦେଉଥିବା ପରି ଏକ କ୍ଷୁଦ୍ର ସଂଗ୍ରହାଳୟ କିଂବା ସ୍ଥାୟୀ ପ୍ରଦର୍ଶନୀଟିଏ ମଧ୍ୟ ଅବଶ୍ୟ ରଖିପାରିବେ । ପ୍ରତ୍ୟେକ ଦେଶର ସ୍ଥପତିଶୈଳୀ ଅନୁସାରେ ବିଭିନ୍ନ ସୌଧଗୁଡ଼ିକର ନିର୍ମାଣ ହେବ – ତାହା ତଥ୍ୟ ଯୋଗାଇ ଦେଉଥିବା ଏକ ବିବରଣୀ ପରି ହୋଇ ରହିବ । ତା'ପରେ, ସେମାନେ ଖର୍ଚ୍ଚ କରିବାକୁ ଇଚ୍ଛା କରୁଥିବା ଅର୍ଥପରିମାଣ ଅନୁସାରେ ସେମାନେ ସେଠାରେ ଛାତ୍ରନିବାସ, ସଭାଗୃହ ଓ ଅନୁରୂପ ଆଉ ସବୁକିଛି ମଧ୍ୟ ରଖିପାରିବେ, ସେହି ଦେଶର ଏକ ରନ୍ଧନଶାଳା ଏବଂ ଆହାରଗୃହ ମଧ୍ୟ ରଖି ପାରିବେ । ଏହିପରି ଭାବରେ ନାନା କିସମର ବ୍ୟବସ୍ଥା ରଖି ପାରୁଥିବେ ।

ତା'ପରେ ଉଦ୍ୟୋଗ ବିଭାଗ । ଇତିମଧ୍ୟରେ ଅନେକ ବ୍ୟକ୍ତି, ମାନ୍ଦ୍ରାଜ ସରକାର ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ରହିଛନ୍ତି,– ସେଠାରେ ଉଦ୍ୟୋଗମାନ ଆରମ୍ଭ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ମାନ୍ଦ୍ରାଜ ସରକାର ସେଥିଲାଗି ଅର୍ଥ ଋଣ ଦେଉଛନ୍ତି । ଏକ ବିଶେଷ ଭିତ୍ତି ଉପରେ ଉଦ୍ୟୋଗଗୁଡ଼ିକ ଆରମ୍ଭ ହେବ । ଏହି ବିଭାଗଟି ପୂର୍ବ ଆଡ଼କୁ ଅବସ୍ଥିତ ରହିଛି, ଏହା ଏକ ବୃହତ୍ ସ୍ଥାନ,– ସେଠାରେ ଯଥେଷ୍ଟ ସ୍ଥାନ ରହିଛି । ଏହା କ୍ରମେ ସମୁଦ୍ର ଆଡ଼କୁ ପ୍ରସାରିତ ହେବ । ବସ୍ତୁତଃ, ପଣ୍ଡିଚେରୀର ଉତ୍ତର ଦିଗକୁ ଏକ ବେଶ୍ ବୃହତ୍ ଅଞ୍ଚଳ ପଡ଼ି ରହିଛି, ଯାହାକି ସମ୍ପୂର୍ଣ୍ଣ ଅନାବାଦୀ ଓ ଅବସତି ହୋଇ ରହିଛି । ଏହା ସମୁଦ୍ର କୂଳରେ ରହିଛି, କୂଳେ କୂଳେ ଉତ୍ତର ଆଡ଼କୁ ଯାଇଛି । ତେଣୁ, ଏହି ଉଦ୍ୟୋଗ-ଅଞ୍ଚଳଟି ସମୁଦ୍ରଆଡ଼କୁ ପ୍ରସାରିତ ହେବ ଏବଂ ସମ୍ଭବ ହେଲେ ସେଠାରେ ଏକ ଜାହାଜଘାଟ ରହିବ,– ତାହାକୁ ଠିକ୍ ଏକ ବନ୍ଦର ବୋଲି କୁହାଯିବ ନାହିଁ, ମାତ୍ର ତାହା ଏପରି ଗୋଟିଏ ସ୍ଥାନ ହୋଇ ରହିବ, ଯେଉଁଠାରେ କି ଜାହାଜମାନେ ଆସି ଲାଗିପାରିବେ; ତାହା ଫଳରେ ଭିତରର ସ୍ଥଳଭାଗଟି ସହିତ ଆବଶ୍ୟକ ସରବରାହ ରହିଥିବା ଏହି ଯାବତୀୟ ଉଦ୍ୟୋଗ ଆପଣାର ଉତ୍ପନ୍ନ ଦ୍ରବ୍ୟଗୁଡ଼ିକୁ ସିଧା ରପ୍ତାନି କରି ପାରୁଥିବେ । ଏବଂ, ସେଠାରେ ଏକ ବଡ଼ ହୋଟେଲ୍ ରହିବ – 'ଆ' ଇତି ମଧ୍ୟରେ ତାହାର ଏକ ଯୋଜନା ପ୍ରସ୍ତୁତ କରି ସାରିଛନ୍ତି । ଆମେ ସେହି ହୋଟେଲ୍‌ଟିକୁ ଏଠାରେ "ମାସାଜରି ମାରିଟିମ୍" ଜାହାଜକମ୍ପାନି କଡ଼କୁ ତିଆରି କରିବାକୁ ଚାହିଁଥିଲୁ । ମାତ୍ର ସେହି କମ୍ପାନିର ମାଲିକ ପ୍ରଥମେ ହଁ କହିଥିଲେ, କିନ୍ତୁ ପରେ ନାହିଁ କଲେ । ଭଲ ହେଲା, କାରଣ ସେହି ଅନ୍ୟ ସ୍ଥାନଟି ପ୍ରକୃତରେ ଅଧିକ ଭଲ ହେବ । ସେହି ବଡ଼ ହୋଟେଲ୍‌ରେ ବାହାରୁ ଆସୁଥିବା ପରିଦର୍ଶକମାନେ ରହିବେ । ଏହି ବିଭାଗର ଅନ୍ତର୍ଭୁକ୍ତ ହେବା ଲାଗି ଇତିମଧ୍ୟରେ ବେଶ୍ କେତୋଟି ଉଦ୍ୟୋଗସଂସ୍ଥା ନାମାଙ୍କନ କରି ସାରିଲେଣି । ସମସ୍ତଙ୍କ ଲାଗି ଯଥେଷ୍ଟ ସ୍ଥାନ ହେବ କି ନାହିଁ; ମୁଁ ସେକଥା କହିପାରୁ ନାହିଁ, ମାତ୍ର ତଥାପି ଦେଖାଯିବ ।

'oaob.nitrkl.ac.in' images reprocessed

ତା'ପରେ, ଉତ୍ତର ପଟକୁ – ଅବଶ୍ୟ ଏହି ପଟରେହିଁ ସବୁଠାରୁ ଅଧିକ ଖାଲିଜାଗା ରହିଛି, ଏହି ପଟଟି ହେଉଛି ମାନ୍ଦ୍ରାଜ ଆଡ଼କୁ – ଏଠି ସାଂସ୍କୃତିକ ବିଭାଗ ରହିବ। ଏଠାରେ ଏକ ପ୍ରେକ୍ଷାଗୃହ ରହିବ – ଏପରି ଗୋଟିଏ ପ୍ରେକ୍ଷାଗୃହ ନିର୍ମାଣ କରାଇବା ପାଇଁ ମୁଁ ବହୁକାଳ ହେଲା ସ୍ୱପ୍ନ ଦେଖି ଆସିଛି; ଏଥିପାଇଁ ଆବଶ୍ୟକ ଯୋଜନାମାନ ପୂର୍ବରୁହିଁ ପ୍ରସ୍ତୁତ ହୋଇ ରହିଥିଲା। ଏହି ପ୍ରେକ୍ଷାଗୃହରେ ଏକ କନ୍ସର୍ଟ ହଲ୍ ରହିବ, ସେଠାରେ ଗୋଟିଏ ବୃହତ୍ ଅର୍‌ଗାନ୍ ରଖାଯିବ; ବର୍ତ୍ତମାନ ମିଳୁଥିବା ସର୍ବୋତ୍ତମ ପ୍ରକାରର ଅର୍ଗାନ ରହିବ। ଏବେ ଅଦ୍ଭୁତ ଅର୍‌ଗାନ୍‌ମାନ ତିଆରି ହେଉଥିବା ପରି ମନେ ହେଉଛି। ମୁଁ ଏଠାରେ ଏକ ବୃହତ୍ ଓ ବଢ଼ିଆ ଅର୍‌ଗାନ୍ ରହୁ ବୋଲି ଇଚ୍ଛା କରୁଛି। ହଁ, ଏହି *ପ୍ରେକ୍ଷାଗୃହରେ ଗୋଟିଏ ରଙ୍ଗମଞ୍ଚ ମଧ୍ୟ ରହିବ, ସେଥିରେ ପାର୍ଶ୍ୱଗୁଡ଼ିକ ବି ରହିଥିବ,*– ସେହି ରଙ୍ଗମଞ୍ଚଟି ଘୂରି ପାରୁଥିବ, ଏହି ପ୍ରକାରର ଏକ ସର୍ବୋତ୍ତମ ରଙ୍ଗମଞ୍ଚ ହୋଇଥିବ। ଏହିପରି ଭାବରେ ତାହା ଏକ ଅତ୍ୟନ୍ତ ଭବ୍ୟ ପ୍ରେକ୍ଷାଳୟ ହୋଇ ରହିବ। ଗୋଟିଏ ଲାଇବ୍ରେରି ରହିବ; ଗୋଟିଏ ସଂଗ୍ରହାଳୟ ରହିବ, ଯେଉଁଥିରେ କି ଯାବତୀୟ ପ୍ରକାରର ପ୍ରଦର୍ଶନୀ ହୋଇ ପାରୁଥିବ। ମାତ୍ର ତାହା ପ୍ରେକ୍ଷାଳୟର ଭିତରେ ହେବ ନାହିଁ : ତା' ସାଙ୍ଗକୁ ଏକ ଫିଲ୍ମ୍-ଷ୍ଟୁଡ଼ିଓ ରହିବ, ଗୋଟିଏ ଫିଲ୍ମ୍ ସ୍କୁଲ୍ ରହିବ;– ଗୋଟିଏ ଗ୍ଲାଇଡ଼ିଂ କ୍ଲବ୍ ମଧ୍ୟ ରହିଥିବ। ଏଥିପାଇଁ ଆମେ ସରକାରଙ୍କଠାରୁ ଆବଶ୍ୟକ ଅନୁମତି ପାଇ ସାରିଲୁଣି,– ପ୍ରତିଶ୍ରୁତି ମଧ୍ୟ ମିଳି ସାରିଲାଣି,– ଅର୍ଥାତ୍ ବେଶ୍ ଉତ୍ତମ ଭାବରେ ଏହି ଦିଗରେ କାର୍ଯ୍ୟ ଆରମ୍ଭ ହୋଇ ସାରିଲାଣି। ତା'ପରେ ସେହି ମାନ୍ଦ୍ରାଜ ପଟକୁ,– ଯେଉଁଠି ଅନେକ ଖାଲି ଜାଗା ରହିଛି, ସେଠାରେ ଏକ ଷ୍ଟାଡିଅମ୍ ତିଆରି କରାଯିବ। ଆମେ ଇଚ୍ଛା କରୁଛୁ ଯେ ଏହା ଏକ ଆଧୁନିକତମ ଏବଂ ଯଥାସମ୍ଭବ ପରିପୂର୍ଣ୍ଣ ଭାବରେ ସର୍ବସାମଗ୍ରୀଯୁକ୍ତ ହୋଇ ରହିଥିବା ଷ୍ଟାଡିଅମ୍ ହୋଇ ରହିବ। ଏହିପରି ଏକ ବିଚାର ରହିଛି ଯେ,– ଏହି ବିଚାରଟି ମୋ'ର ବହୁକାଳରୁ ରହିଛି,– ବାରବର୍ଷ ପରେ – ପ୍ରତ୍ୟେକ ଚାରିବର୍ଷରେ ଓଲିମ୍ପିକ୍ କ୍ରୀଡ଼ା ଅନୁଷ୍ଠିତ ହୁଏ, ନୁହେଁ ? – ୧୯୬୮ର ବାରବର୍ଷ ପରେ – ୧୯୬୮ରେ ତ ମେକ୍ସିକୋରେ ଓଲିମ୍ପିକ୍ କ୍ରୀଡ଼ା-ପ୍ରତିଯୋଗିତା ଅନୁଷ୍ଠିତ ହେଉଛି – ବାରବର୍ଷ ପରେ ଆମେ ଭାରତବର୍ଷରେ ସେହିଠାରେ ଓଲିମ୍ପିକ୍ କ୍ରୀଡ଼ା-ପ୍ରତିଯୋଗିତା ଅନୁଷ୍ଠିତ କରାଇବା। ତେଣୁ, ସେଠାରେ ଅନେକ ସ୍ଥାନ ରହିଥିବା ଦରକାର।

ଏହିସବୁ ବିଭାଗର ମଧ୍ୟବର୍ତ୍ତୀ ଭାବରେ ଆଉ ଅନ୍ୟ ଅଞ୍ଚଳମାନ ରହିବ,– ଏହିପରି ଚାରୋଟି ଅନ୍ତର୍ବର୍ତ୍ତୀ ଅଞ୍ଚଳ ରହିବ : ଗୋଟିକରେ ଡାକଘର ପ୍ରଭୃତି ସାଧାରଣ ସେବାସଂସ୍ଥାମାନ ରହିବ; ଆଉ ଗୋଟିଏ ଅଞ୍ଚଳରେ ରେଲ୍ ଷ୍ଟେସନ୍ ଓ ସମ୍ଭବତଃ ଏକ ବିମାନ-କ୍ଷେତ୍ର ସମେତ ଯାବତୀୟ ଗମନାଗମନର ସାଧନ ରହିବ। ଗୋଟିଏ ଅଞ୍ଚଳ

'oaob.nitrkl.ac.in' images reprocessed

ଖାଦ୍ୟ ପାଇଁ ରହିବ – ତାହା ଲେକ୍‌ର ନିକଟରେ ରହିବ ଏବଂ ସେଥିରେ ଗୋଶାଳା, କୁକୁଡ଼ା-ପାଳନ-କେନ୍ଦ୍ର, ଫଳବଗିଚା ଏବଂ ଚାଷଜମିମାନ ରହିଥିବ । ତାହା ବିସ୍ତୃତ ହୋଇ ଲେକ୍ ଇଷ୍ଟେଟ୍‌କୁ ମଧ୍ୟ ଏକ ଅଂଶରୂପେ ଅନ୍ତର୍ଭୁକ୍ତ କରିନେବ । ସେମାନେ ଯାହା ଅଲଗା ହୋଇ କରିବାକୁ ଇଚ୍ଛା କରିଥିଲେ, ବର୍ତ୍ତମାନ ତାହା ଅରୋଭିଲ୍‌ର ସମଗ୍ର ବ୍ୟବସ୍ଥାଟି ମଧ୍ୟରେ ରହିବ । ଏବଂ ତା'ପରେ, ଏକ ଚତୁର୍ଥ ଅଞ୍ଚଳ ରହିବ । ମୁଁ ସାଧାରଣ ସେବା, ଗମନାଗମନ ଓ ଖାଦ୍ୟ,– ଏହିପରି ତିନୋଟି ଅଞ୍ଚଳ କଥା କହିଲି । ଚତୁର୍ଥ ଅଞ୍ଚଳରେ ଦୋକାନସବୁ ରହିବ । ଆମର ଅବଶ୍ୟ ବହୁସଂଖ୍ୟକ ଦୋକାନ ରହିବା ଦରକାର ହେବ ନାହିଁ । ମାତ୍ର, ଆମେ ନିଜେ ଯେଉଁସବୁ ଜିନିଷ ଉତ୍ପାଦନ କରୁ ନାହୁଁ, ସେସବୁ ପାଇବା ସକାଶେ କେତୋଟି ଦୋକାନ ରହିବା ଅବଶ୍ୟ ଦରକାର ହେବ । ଏସବୁ ଗୋଟିଏ ଗୋଟିଏ ବିଶେଷ ଅଞ୍ଚଳ ପରି ହୋଇ ରହିବ ।

*ଏବଂ ସବା ମଝିରେ, କେନ୍ଦ୍ରରେ, ଆପଣ ରହିବେ ?*

'ଅ' ର ତ ସେହି ଆଶା ରହିଛି (*ମାଆ ହସିଲେ*) । ମୁଁ କିନ୍ତୁ ହଁ କହି ନାହିଁ କି ନାହିଁ କହି ନାହିଁ । ମୁଁ ତାଙ୍କୁ କହିଛି, ''ପ୍ରଭୁ ଯାହା ନିଷ୍ପତ୍ତି କରିବେ ।'' ଏହା ମୋ ସ୍ୱାସ୍ଥ୍ୟର ଅବସ୍ଥା ଉପରେ ନିର୍ଭର କରେ । ମୋତେ ସେଠାରେ ଯାଇ ରହିବାକୁ ପଡ଼ିବ,– ନାଇଁ, ସେକଥା ହେବ ନାହିଁ; ଏଠାରେ 'ସମାଧି' ଅଛି ବୋଲି ମୁଁ ରହିଛି, ତେଣୁ ନିଶ୍ଚିତ ଭାବରେ ଏହିଠାରେ ରହିବି । ମାତ୍ର ସେଠାକୁ ପରିଦର୍ଶନରେ ଯାଇପାରିବି; ଖୁବ୍ ଦୂର ତ ନୁହେଁ, ମୋଟରଗାଡ଼ିରେ ପାଞ୍ଚ ମିନିଟ୍ ସମୟ ଲାଗିବ । ମାତ୍ର 'ଅ' ଶାନ୍ତ, ନୀରବ ଓ ଅଲଗା ହୋଇ ରହିବାକୁ ଇଚ୍ଛା କରୁଛନ୍ତି, – ତାଙ୍କର ପାର୍କରେ ସେହିଭଳି ରହିବା ବେଶ୍ ସମ୍ଭବ ହେବ । ପାର୍କ ଚାରିପାଖରେ ଗୋଟିଏ ରାସ୍ତା ଅଛି,– ସେହିଠାରେ ଜଣେ ବ୍ୟକ୍ତି ଠିଆହୋଇ ଲୋକମାନଙ୍କୁ ଭିତରକୁ ଆସିବା ଲାଗି ବାରଣ କରି ରଖୁଥିବ । ସେଠାରେ ନିଶ୍ଚୟ ଶାନ୍ତ ଭାବରେ ରହିହେବ । ମାତ୍ର ଯଦି ମୁଁ ଯାଇ ସେଠାରେ ରହିବି, ତେବେ ଆଉ କୌଣସି ଶାନ୍ତି ସମ୍ଭବ ହେବ ନାହିଁ । ତା'ପରେ ତ ସାମୂହିକ ଧ୍ୟାନର କାର୍ଯ୍ୟକ୍ରମ ଆଦି ଆରମ୍ଭ ହୋଇଯିବ । ଅସଲ କଥା ହେଉଛି ଯେ, ଯଦି ମୁଁ ଏକ ସଂକେତ, ପ୍ରଥମେ ସେଠାକୁ ଯିବା ପାଇଁ ଏକ ସ୍ଥୂଳ ସଂକେତ ପାଏ ଏବଂ ତା'ପରେ ଭିତରୁ ଏକ ଆଦେଶ ପାଏ, ତେବେ ମୁଁ ଉପରଓଳି ମୋଟରଗାଡ଼ିରେ ଯାଇ ସେଠାରେ ଘଣ୍ଟାଟିଏ କଟାଇ ଆସିବି,– ମଝିରେ ମଝିରେ ନିଶ୍ଚୟ ତାହା କରିପାରିବି । ମାତ୍ର ଏଥିଲାଗି ତଥାପି ବହୁତ ସମୟ ରହିଛି,– ସବୁ ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ବର୍ଷବର୍ଷ ଲାଗିଯିବ ।

'oaob.nitrkl.ac.in' images reprocessed

*ତାହାର ଅର୍ଥ ହେଉଛି, ଶିଷ୍ୟମାନେ ଏଠାରେ ରହିବେ ?*

ହଁ,– ଆଶ୍ରମ ଯେଉଁଠି ଅଛି ସେଇଠି ରହିବ – ଆଶ୍ରମ ରହିବ, ମୁଁ ରହିବି, – ଏଥିରେ କୌଣସି ସଂଶୟ ନାହିଁ। ଅରୋଭିଲ୍ ହେଉଛି...

*ଏକ ଉପଗ୍ରହ ।*

ହଁ, ତାହା ହେଉଛି ବାହ୍ୟ ପୃଥିବୀ ସହିତ ସମ୍ବନ୍ଧିତ ହୋଇ ରହିବାର ଦ୍ୱାର । ମୋ ଅଙ୍କନଟିରେ ରହିଥିବା କେନ୍ଦ୍ର ହେଉଛି ଏକ ପ୍ରତୀକାତ୍ମକ କେନ୍ଦ୍ର ।

ମାତ୍ର 'ଅ' ଠିକ୍ ସେହିକଥା ଚାହୁଁଛନ୍ତି : ସିଏ ସେଠାରେ ଏପରି ଗୋଟିଏ ନିବାସସ୍ଥାନ ଚାହୁଁଛନ୍ତି, ଯେଉଁଠାରେ କି ସିଏ ସମ୍ପୂର୍ଣ୍ଣ ଭାବରେ ଏକା ରହିପାରିବେ ଏବଂ ସେହି ଘରଟି ଆଉଗୋଟିଏ ନିବାସକୁ ଲାଗିକରି ରହିଥିବ, ଯେଉଁଠାରେ ମୁଁ ମଧ ଏକୁଟିଆ ରହୁଥିବି । କଥାଟିର ଦ୍ୱିତୀୟ ଅଂଶଟି ହେଉଛି ପ୍ରକୃତରେ ଏକ ସ୍ୱପ୍ନ,– କାରଣ ମୁଁ ପୁଣି ସମ୍ପୂର୍ଣ୍ଣ ଏକୁଟିଆ ହୋଇ ରହିପାରିବି ।... ଦେଖ, ପ୍ରକୃତରେ କ'ଣସବୁ ଘଟୁଛି ! ଏହାହିଁ ସତ କଥା, ନୁହେଁ କି ? ତେଣୁ "ସମ୍ପୂର୍ଣ୍ଣ ଭାବରେ ଏକୁଟିଆ" କଥାଟି ମୋଟେ ହୋଇପାରିବ ନାହିଁ । ନିର୍ଜନତାକୁ ନିଜ ଭିତରେହିଁ ଲାଭ କରିବାକୁ ପଡ଼ିବ, ତାହାହିଁ ଏକମାତ୍ର ମାର୍ଗ । ମାତ୍ର, ବାସ କରିବା ସମ୍ପର୍କରେ କହିବାକୁ ଗଲେ, ଏହା ନିଶ୍ଚିତ ଯେ ମୁଁ କଦାପି ସେଠାକୁ ସ୍ଥାୟୀ ଭାବରେ ଯାଇ ରହିବି ନାହିଁ; କାରଣ ସମାଧି ଏଠାରେ ରହିଛି । ମାତ୍ର ପରିଦର୍ଶନ ପାଇଁ ଯାଇ ପାରିବି । ଉଦାହରଣ ସ୍ୱରୂପ, କୌଣସି ଉଦ୍‌ଘାଟନ ଅଥବା କେତେକ ଉତ୍ସବ ଉପଲକ୍ଷେ ଯାଇପାରିବି । ଦେଖାଯାଉ କ'ଣ ହେଉଛି । ବର୍ତ୍ତମାନ ତ ବହୁବର୍ଷ ବାକୀ ଅଛି ।

*ତେବେ ସଂକ୍ଷେପରେ କହିଲେ, ଅରୋଭିଲ୍ ପ୍ରଧାନତଃ ବାହାର ପୃଥିବୀ ପାଇଁ ?*

ହଁ, ହଁ,– ଅରୋଭିଲ୍ ଏକ ସହର । ତେଣୁ ବାହାର ପୃଥିବୀ ସହିତ ତାହାର ଏକ ସଂପୂର୍ଣ୍ଣ ସମ୍ପର୍କ ଅବଶ୍ୟ ରହିବ । ଏହା ହେଉଛି, ଏହି ପୃଥିବୀ ମଧ୍ୟରେ ଏକ ଅଧିକ ଆଦର୍ଶଯୁକ୍ତ ଜୀବନର ଉପଲବ୍ଧି ନିମନ୍ତେ ଏକ ଉଦ୍ୟମ ।

ଏହି ସମ୍ବନ୍ଧରେ ମୁଁ ଯେଉଁ ପୁରାତନ ସଂରଚନଟିକୁ କରି ରଖିଥିଲି, ସେଥିରେ ଗୋଟିଏ ପାହାଡ଼ ଓ ଗୋଟିଏ ନଦୀ ମଧ ରହିବା କଥା ଥିଲା । ହଁ, ଏକ ପାହାଡ଼ ରହିବାର କଥା ଥିଲା, କାରଣ ଶ୍ରୀଅରବିନ୍ଦଙ୍କର ନିବାସଗୃହଟି ସେହି ପାହାଡ଼ ଉପରେ

'oaob.nitrkl.ac.in' images reprocessed

ଅବସ୍ଥିତ ରହିଥିଲା । ମାତ୍ର ଶ୍ରୀଅରବିନ୍ଦ ସ୍ୱୟଂ କେନ୍ଦ୍ରରେହିଁ ଅବସ୍ଥାପିତ ହୋଇ ରହିଥିଲେ । ମୋ' ପ୍ରତୀକଟି ଅନୁସାରେହିଁ ଏହାର ଯୋଜନା କରାଯାଇଥିଲା; ଅର୍ଥାତ୍, ମଝିରେ ଗୋଟିଏ ବିନ୍ଦୁ ଥିଲା,– ସେଠାରେ ଶ୍ରୀଅରବିନ୍ଦ ରହିଥିଲେ, ଶ୍ରୀଅରବିନ୍ଦଙ୍କର ଜୀବନ ସହିତ ସମ୍ପୃକ୍ତ ଯାବତୀୟ ବିଷୟ ସେଠାରେ ରହିଥିଲା । ତା'ପରେ ଚାରୋଟି ବୃହତ୍ ପାଖୁଡ଼ା – ସେଗୁଡ଼ିକ ଏହି ଅଙ୍କନ ଚିତ୍ରଟିରେ ଯେପରି ରହିଛି, ସେପରି ଆଦୌ ନ ଥିଲା, ତାହା ଭିନ୍ନ ପ୍ରକାରର ଥିଲା,– ଏଗୁଡ଼ିକର ଚାରିପାଖରେ ବାରୋଟି ପାଖୁଡ଼ା ଅବସ୍ଥିତ ଥିଲା,– ତାହା ସହରଟିକୁ ସୂଚିତ କରି ଦେଉଥିଲା । ଏବଂ, ତାହାର ଚତୁର୍ଦ୍ଦିଗରେ ଶିଷ୍ୟମାନଙ୍କର ନିବାସ ଥିଲା । ତୁମମାନଙ୍କୁ ମୋ'ର ପ୍ରତୀକଟି ତ ଭଲ ଭାବରେ ଜଣାଅଛି : ସେଥିରେ କୌଣସି ରେଖା ନାହିଁ, କୋଠି କଟା ହୋଇଥିବା ପରି ଘରମାନ ରହିଛି; ସର୍ବଶେଷ ବୃତ୍ତାକାର ମଣ୍ଡଳଟି ହେଉଛି ଶିଷ୍ୟମାନଙ୍କର ନିବାସସ୍ଥାନ ରହିଥିବା ଅଞ୍ଚଳ । ସେଥିରେ ପ୍ରତ୍ୟେକ ଶିଷ୍ୟମାନଙ୍କର ନିଜନିଜର ନିବାସସ୍ଥାନ ଓ ଉଦ୍ୟାନମାନ ରହିଥିଲା – ପ୍ରତ୍ୟେକ ଶିଷ୍ୟ ନିମନ୍ତେ ଗୋଟିଏ ଛୋଟ ଗୃହ ଏବଂ ଗୋଟିଏ ବଗିଚା । ସେଠାରେ ଗମନାଗମନର ମଧ୍ୟ ଏକ ବ୍ୟବସ୍ଥା ରହିଥିଲା,– ଏଥିଲାଗି ପ୍ରତ୍ୟେକ ବ୍ୟକ୍ତିର କିଛି ସାଧନ ରହିଥିଲା ଅଥବା ସାମୂହିକ ଭାବରେ ଏକ ବ୍ୟବସ୍ଥା କରା ହୋଇଥିଲା, ମୁଁ ସେହି ବିଷୟରେ ଆଦୌ ନିଶ୍ଚିତ ନ ଥିଲି – ପାର୍ବତ୍ୟ ଅଞ୍ଚଳରେ ଯେପରି ସାନସାନ ଖୋଲା ଗାଡ଼ିମାନ ଯାତାୟାତ କରିଥାଏ, ଠିକ୍ ସେହିପରି – ଶିଷ୍ୟମାନଙ୍କୁ ପୁନର୍ବାର ସହରଟିର କେନ୍ଦ୍ର ଆଡ଼କୁ ନେଇ ଆସିବା ନିମନ୍ତେ ଏହି ଗାଡ଼ିଗୁଡ଼ିକ ସବୁଦିଗକୁ ଯାତାୟାତ କରୁଥିଲେ । ଏବଂ, ଏହି ସବୁକିଛିର ଚତୁର୍ଦ୍ଦିଗରେ ଗୋଟିଏ ପାଚେରି ରହିଥିଲା,– ସେଥିରେ ଫାଟକଟିଏ ଥିଲା, ଫାଟକରେ ଜଗୁଆଳିମାନେ ରହିଥିଲେ ଏବଂ ଯଥାର୍ଥ ଅଧିକାରପତ୍ର ନ ଥାଇ କେହି ଭିତରକୁ ପ୍ରବେଶ କରିପାରୁ ନ ଥିଲେ । ପାଚେରି ଦ୍ୱାରା ବେଷ୍ଟିତ ଅଞ୍ଚଳରେ ମୁଦ୍ରାର କୌଣସି ପ୍ରଚଳନ ନ ଥିଲା; ପ୍ରବେଶ ଦ୍ୱାରମାନଙ୍କରେ ବ୍ୟାଙ୍କ ଅଥବା କୌଣସି ନା କୌଣସି ପ୍ରକାରର ସଂସ୍ଥାନମାନ ରହିଥିଲା, ଯେଉଁଠାରେ କି ଲୋକେ ନିଜନିଜର ଅର୍ଥ ପରିମାଣକୁ ଜମା ଦେଇ ପାରୁଥିଲେ ଏବଂ ତା' ବଦଳରେ ଟିକେଟ୍‌ମାନ ପାଉଥିଲେ । ସେହି ଟିକେଟ୍‌ସବୁ ଦେଖାଇ ସେମାନେ ଖାଇବା, ରହିବା, ଏଇଟା ବା ସେଇଟାର ସୁଯୋଗ ଲାଭ କରି ପାରୁଥିଲେ । ମାତ୍ର ମୁଦ୍ରାର କୌଣସି ପ୍ରଚଳନ ନ ଥିଲା । କେବଳ ପରିଦର୍ଶକମାନଙ୍କ ଲାଗି ଏହି ଟିକେଟ୍‌ର ବ୍ୟବସ୍ଥା ହୋଇଥିଲା,– ଅନୁମତିପତ୍ର ବ୍ୟତୀତ କୌଣସି ପରିଦର୍ଶକ ଭିତରକୁ ଆସିପାରୁ ନ ଥିଲେ । ଏହିପରି ଏକ ଅଦ୍ଭୁତ ସଂଗଠନ ଦ୍ୱାରା ସବୁ ଚାଲୁଥିଲା ... ମାତ୍ର ମୁଦ୍ରାର ପ୍ରଚଳନ ନ ଥିଲା । ସେଠାରେ ମୁଦ୍ରାର କୌଣସି ପ୍ରଚଳନ ରହୁ ବୋଲି ମୁଁ ଚାହୁଁ ନ ଥିଲି ।

'oaob.nitrkl.ac.in' images reprocessed

ହଁ, ମୋ'ର ଯୋଜନାଟିରେ ମୁଁ ଗୋଟିଏ ବିଷୟ ଭୁଲି ଯାଇଥିଲି । ଶ୍ରମିକମାନଙ୍କ ସକାଶେ ମୁଁ ଏକ ନିବାସାଞ୍ଚଳ ନିର୍ମାଣ କରିବାକୁ ଇଚ୍ଛା କରିଥିଲି; ମାତ୍ର ସେହି ଅଞ୍ଚଳଟି ଉଦ୍ୟୋଗ-ଭାଗଟିର ଗୋଟିଏ ଅଂଶ ହୋଇ ରହିଥା'ନ୍ତା,– ଉଦ୍ୟୋଗଭାଗଟିର କଡ଼କୁ ସମ୍ଭବତଃ ତାହାର ଏକ ସଂପ୍ରସାରଣ ହୋଇ ରହିଥାନ୍ତା ।

ମୋ'ର ପ୍ରଥମ ନକ୍ସାଙ୍କନଟିରେ ପାଚେରିଗୁଡ଼ିକର ବାହାରେ ଗୋଟିଏ ପାଖରେ ସହରର ଉଦ୍ୟୋଗାଞ୍ଚଳଟି ଅବସ୍ଥିତ ଥିଲା ଓ ଅନ୍ୟଗୋଟିଏ ପାଖରେ କୃଷିକ୍ଷେତ୍ର ଓ ଫାର୍ମ ପ୍ରଭୃତି ରହିଥିଲା । ସେଗୁଡ଼ିକ ସହରକୁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ରହିଥିଲେ । ମାତ୍ର ତାହା ଏକ ପ୍ରକୃତ ଦେଶର – ଏକ ବୃହତ୍ ଦେଶ ନ ହେଲେ ମଧ୍ୟ ତଥାପି ଏକ ଦେଶର – ପ୍ରତିନିଧିତ୍ୱ କରୁଥିଲା । ବର୍ତ୍ତମାନ ଏହାକୁ ଅନେକ ଛୋଟ କରି ଦିଆଯାଇଛି । ଏହା ଆଉ ବର୍ତ୍ତମାନ ମୋ'ର ପ୍ରତୀକ ହୋଇ ରହି ନାହିଁ । ବର୍ତ୍ତମାନ କେବଳ ଚାରୋଟି ଅଞ୍ଚଳ ରହିଛି ଏବଂ କୌଣସି ପାଚେରି ନାହିଁ । ପୁନଶ୍ଚ, ଏଥିରେ ମୁଦ୍ରାର ପ୍ରଚଳନ ହେବ ବୋଲି ଅବକାଶ ମଧ୍ୟ ଦିଆଯାଇଛି । ହଁ, ସେହି ଅନ୍ୟ ନକ୍ସାଟିକୁ ପ୍ରକୃତରେ ଏକ ଆଦର୍ଶସ୍ଥାନୀୟ ଉଦ୍ୟମ ରୂପେ କଳ୍ପନା କରା ଯାଇଥିଲା ।... ମାତ୍ର ସେହି ଉଦ୍ୟମଟିକୁ ଆରମ୍ଭ କରିବା ଲାଗି ବହୁବର୍ଷ ଅତିକ୍ରାନ୍ତ ହୋଇଯିବ ବୋଲି ମୁଁ କଳ୍ପନା କରୁଥିଲି । ସେତେବେଳେ ମୁଁ ଭାବୁଥିଲି ଯେ ଏଥିପାଇଁ ଚବିଶ ବର୍ଷ ଲାଗିଯିବ । ମାତ୍ର ବର୍ତ୍ତମାନର ନକ୍ସାଟି ଅପେକ୍ଷାକୃତ ଅନେକ ସୀମାବଦ୍ଧ ଭାବରେ ତିଆରି ହୋଇଛି । ଏହା ହେଉଛି ଏହି ମଧ୍ୟବର୍ତ୍ତୀ କାଳରେ କାର୍ଯ୍ୟକାରୀ ହୋଇ ପାରିବା ଭଳି ଏକ ଉଦ୍ୟମ । ଏବଂ, ଏହାକୁ ଏକ ବାସ୍ତବ ରୂପ ଦେବାର ଅପେକ୍ଷାକୃତ ଅଧିକ ସମ୍ଭାବନା ରହିଛି । ଅନ୍ୟ ନକ୍ସାଟି... ମୁଁ ସେଥିଲାଗି ଆବଶ୍ୟକ ଜମି ପ୍ରାୟ ପାଇ ସାରିଥିଲି,– ହାଇଦ୍ରାବାଦରୁ ସାର୍ ଆକବରଙ୍କ ଅମଳରେ । ସେମାନେ ମୋ' ପାଖକୁ ହାଇଦ୍ରାବାଦ ରାଜ୍ୟର କେତେକ ଫଟୋଚିତ୍ର ପଠାଇଥିଲେ ଏବଂ ସେହି ଚିତ୍ରଗୁଡ଼ିକ ମଧ୍ୟରୁହିଁ ମୁଁ ସର୍ବୋତ୍କୃଷ୍ଟ ସ୍ଥାନଟିକୁ ବାଛି ନେଇଥିଲି । ଅସଂଲଗ୍ନ ହୋଇ ରହିଥିବା ବେଶ୍ ଉଚ୍ଚତାଯୁକ୍ତ ଗୋଟିଏ ପାହାଡ଼ ଏବଂ ପାହାଡ଼ ତଳକୁ ବହି ଯାଇଥିବା ଗୋଟିଏ ବଡ଼ ନଈ । "ମୁଁ ଏହି ସ୍ଥାନଟିକୁ ଚାହେଁ" ବୋଲି ତାଙ୍କୁ କହିଲି ଏବଂ ସିଏ ସବୁକିଛିର ବ୍ୟବସ୍ଥା କରି ଦେଇଥିଲେ । ସବୁକିଛିର ବ୍ୟବସ୍ଥା ହୋଇଗଲା । ସେମାନେ ମୋ'ପାଖକୁ ଯୋଜନା ସମେତ ଯାବତୀୟ କାଗଜପତ୍ର ପଠାଇ ଦେଇଥିଲେ ଏବଂ ସେହି ଜାଗାଟିକୁ ସେମାନେ ଆଶ୍ରମକୁ ଦାନ କରୁଛନ୍ତି ବୋଲି କହିଥିଲେ । ମାତ୍ର ଏଥିରେ ସେମାନଙ୍କର ଗୋଟିଏ ସର୍ତ୍ତ ରହିଥିଲା – ସେହି ଭୂମି କେବଳ ଜଙ୍ଗଲହିଁ ଜଙ୍ଗଲ ଥିଲା, କୌଣସି ଚାଷ ଆବାଦ ନ ଥିଲା,– ଏହି ସର୍ତ୍ତରେ ଜମି ଆମକୁ ଦିଆ ଯାଇଥାନ୍ତା ଯେ ଆମେ ତାହାକୁ ଆବାଦ କରିବୁ । ସେକଥା ଭାରି ସହଜରେ ବୁଝି

'oaob.nitrkl.ac.in' images reprocessed

ହେଉଛି । ମାତ୍ର ଚାଷରୁ ଉତ୍ପନ୍ନ ସମସ୍ତ ସମ୍ପଦକୁ କେବଳ ସେହିଠାରେହିଁ ବ୍ୟୟିତ କରାଯିବ । ଉଦାହରଣ ସ୍ୱରୂପ, ଉତ୍ପନ୍ନ ଶସ୍ୟ ଓ ଜଙ୍ଗଲର କାଠ କେବଳ ସେହି ସ୍ଥାନରେହିଁ କାର୍ଯ୍ୟରେ ଲାଗିବ, ବାହାରକୁ ଆଦୌ କୌଣସି ସ୍ଥାନକୁ ଯିବ ନାହିଁ,— ହାଇଦ୍ରାବାଦ ରାଜ୍ୟ ବାହାରକୁ କୌଣସି ଦ୍ରବ୍ୟ ପଠାଯାଇ ପାରିବ ନାହିଁ । ଏହି କ୍ଷେତ୍ରରେ 'ଇ' ମଧ୍ୟ ଥିଲେ, ସିଏ ଜଣେ ନାବିକ ଥିଲେ; ସିଏ କହିଲେ ଯେ ସିଏ ଇଂଲଣ୍ଡରୁ ଗୋଟିଏ ମାଲବାହୀ ଡଙ୍ଗା ମଧ୍ୟ ମଗାଇବେ, ସେହି ନୌକାରେ ନଦୀର ଉପରିଭାଗକୁ ଯାଇ ଯାବତୀୟ ଉତ୍ପନ୍ନଦ୍ରବ୍ୟକୁ ସଂଗ୍ରହ କରି ଆଣିବେ ଏବଂ ସେଠାରେ ଆମ ପାଖରେ ଆଣି ପହଞ୍ଚାଇ ଦେବେ । ଏହିପରି ଭାବରେ ଯାବତୀୟ ବିଷୟର ଉତ୍ତମ ଯୋଜନା କରା ଯାଇଥିଲା ! ସେତିକିବେଳେ ସେମାନେ ସର୍ତ୍ତଟିକୁ ଆଣି ବାଢ଼ିଲେ । ସର୍ତ୍ତଟି ଉଠାଇନେବା ସମ୍ଭବ କି ନୁହେଁ ବୋଲି ମୁଁ ସେମାନଙ୍କୁ ପଚାରି ପଠାଇଥିଲି । ତା'ପରେ ସାର୍ ଆକବର୍‌ଙ୍କର ଦେହାନ୍ତ ଘଟିଲା ଏବଂ ସେଇଠି ସବୁକଥାର ଇତି ହୋଇ ଯାଇଥିଲା । ଯୋଜନାଟି ସେହିଠାରେ ଅଟକି ରହିଗଲା । ତାହା ପ୍ରକୃତରେ କାର୍ଯ୍ୟକାରୀ ହୋଇ ନ ଥିଲା ବୋଲି ପରେ ମୁଁ ଖୁସିହିଁ ହେଲି, କାରଣ ଇତିମଧ୍ୟରେ ଶ୍ରୀଅରବିନ୍ଦଙ୍କର ମଧ୍ୟ ମହାପ୍ରୟାଣ ଘଟିଲା । ତେଣୁ ମୋ'ର ପଣ୍ଡିଚେରୀ ଛାଡ଼ି ଅନ୍ୟତ୍ର ଯିବାର ଆଉ ପ୍ରଶ୍ନହିଁ ନ ଥିଲା । ଶ୍ରୀଅରବିନ୍ଦ ତାଙ୍କର ସେହି ଆଦର୍ଶ ନଗରୀରେ ଯାଇ ବାସ କରିବାର ପ୍ରସ୍ତାବଟିକୁ ଗ୍ରହଣ କରିଥିଲେ ଯାଇ ମୁଁ ପଣ୍ଡିଚେରୀ ଛାଡ଼ି ତାଙ୍କ ସହିତ ସେଠାକୁ ଯାଇଥାନ୍ତି । ସେତେବେଳେ 'ଇ' ଙ୍କୁ ମୁଁ ଯୋଜନାଟି ବିଷୟରେ କହିଥିଲି । 'ଇ' ହେଉଛନ୍ତି ଗୋଲ୍‌କୋନ୍ଦ୍‌ର ନିର୍ମାତା । ସିଏ ସେହି ବିଷୟରେ ଅତ୍ୟନ୍ତ ଉତ୍ସାହ ପ୍ରକାଶ କରିଥିଲେ ଏବଂ ମୋତେ ଜଣାଇଥିଲେ, ''ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ମାତ୍ରକେ ଆପଣ ମୋତେ ଖବର ଦେବେ, ମୁଁ ଯାଇ ପହଞ୍ଚିଯିବି ।'' ତାଙ୍କୁ ମୁଁ ମୋ'ର ଯୋଜନାଟିକୁ ମଧ୍ୟ ଦେଖାଇଥିଲି; ମୋ' ପ୍ରତୀକକୁ ଏକ ସଂପ୍ରସାରିତ ରୂପ ଦେଇ ସେଇଟି ତାହାରି ଆଧାର ଉପରେ ତିଆରି ହୋଇଥିଲା । ସିଏ ଅତିଶୟ ଉତ୍ସାହ ପ୍ରଦର୍ଶନ କରିଥିଲେ । ଏଇଟି ଏକ ଅତ୍ୟନ୍ତ ଭବ୍ୟ ଯୋଜନା ବୋଲି ସେ ବିଚାର କରୁଥିଲେ ।

ଯୋଜନାଟି ଗୃହୀତ ହୋଇ ନ ଥିଲା । ମାତ୍ର ଏକ କ୍ଷୁଦ୍ର ମଧ୍ୟବର୍ତ୍ତିକାଳୀନ ଉଦ୍ୟମରୂପେ ତିଆରି ହୋଇଥିବା ସେହି ଅନ୍ୟ ଯୋଜନାଟିକୁ ଆମେ ଅବଶ୍ୟ କାର୍ଯ୍ୟକାରୀ କରିବାର ଚେଷ୍ଟା କରି ପାରିବା ।

ଯୋଜନାଟିର ମୂଳ ରୂପଟି ଅକ୍ଷୁଣ୍ଣ ଭାବରେ କାର୍ଯ୍ୟକାରୀ ହୋଇ ପାରିବ ବୋଲି ମୋ' ଭିତରେ ମୁଁ ଆଦୌ କୌଣସି ଭ୍ରମ ପୋଷଣ କରି ନାହିଁ । ମାତ୍ର ଆମେ ତଥାପି ଅବଶ୍ୟ କିଛି ପ୍ରୟାସ କରିପାରିବା ।

'oaob.nitrkl.ac.in' images reprocessed

*ଯୋଜନାଟିର ଆର୍ଥିକ ସଂଗ୍ରହଗତ ସଂଗଠନ ଉପରେ ବହୁତ କିଛି ନିର୍ଭର କରୁଛି ।*

ବର୍ତ୍ତମାନ 'ଉ' ସେହି ବିଷୟରେ ସବୁକଥା ବୁଝାବୁଝି କରୁଛନ୍ତି । କାରଣ ଶ୍ରୀଅରବିନ୍ଦ ସୋସାଇଟି ମାଧ୍ୟମରେ ତାଙ୍କରି ପାଖକୁହିଁ ସବୁଟଙ୍କା ଆସୁଛି ଓ ଜମିକୁ ମଧ୍ୟ ସେହି କ୍ରୟ କରିଛନ୍ତି । ବେଶ୍ ପର୍ଯ୍ୟାପ୍ତ ପରିମାଣର ଜମି କିଣାହୋଇ ସାରିଲାଣି । ସବୁକିଛି ଉତ୍ତମ ଭାବରେ ଆଗେଇ ଚାଲିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଥେଷ୍ଟ ପରିମାଣରେ ଅର୍ଥ ପାଇବା ଆଦୌ ସହଜ ହୋଇ ପାରୁ ନାହିଁ । ମାତ୍ର, ଉଦାହରଣ ସ୍ୱରୂପ, ଯେଉଁ ମଣ୍ଡପଗୁଡ଼ିକୁ ନିର୍ମାଣ କରିବାର ଯୋଜନା ରହିଛି,— ପ୍ରତ୍ୟେକ ଦେଶହିଁ ତା' ନିଜ ମଣ୍ଡପଟିକୁ ନିର୍ମାଣ କରିବାର ବ୍ୟୟକୁ ବହନ କରିବ; ଏବଂ ଶିଳ୍ପୋଦ୍ୟୋଗଗୁଡ଼ିକ,— ପ୍ରତ୍ୟେକ ଶିଳ୍ପ ତା'ର ନିଜ ବ୍ୟୟ ପାଇଁ ଆବଶ୍ୟକ ଅର୍ଥପରିମାଣକୁ ଆଣି ଯୋଗାଇଦେବ । ତା'ପରେ ଅଧିବାସୀମାନେ,— ପ୍ରତ୍ୟେକ ଅଧିବାସୀ ତାଙ୍କ ନିଜ ଜମି ପାଇଁ ଆବଶ୍ୟକ ଅର୍ଥପରିମାଣ ପ୍ରଦାନ କରିବେ ଓ ସରକାର — ମାନ୍ଦ୍ରାଜ ସରକାର ଇତିମଧ୍ୟରେ ଆମକୁ ଏପରି ଏକ ପ୍ରତିଶ୍ରୁତି ଦେଇ ସାରିଛନ୍ତି — ପ୍ରତ୍ୟେକ ସରକାର ଷାଠିଏରୁ ସତୁରି ପ୍ରତିଶତ ବ୍ୟୟଭାର ବହନ କରିବେ : ସେଥିରୁ ଗୋଟିଏ ଭାଗ ହେଉଛି ଦାନ, ତାହାକୁ ପରିଶୋଧ କରା ଯିବ ନାହିଁ; ଆଉଗୋଟିଏ ଭାଗ ଋଣସୂତ୍ରରେ ମିଳିବ, ସେଥିପାଇଁ ସୁଧ ଦେବାକୁ ପଡ଼ିବ ନାହିଁ ଓ ଦୀର୍ଘ ମିଆଦରେ, ଦଶ ବର୍ଷରେ, କୋଡ଼ିଏ ବର୍ଷରେ, ଚାଳିଶି ବର୍ଷରେ ତାହାକୁ ପରିଶୋଧ କରାଯାଇ ପାରିବ । 'ଉ' ଙ୍କୁ ଏହି ବିଷୟରେ ସବୁକିଛି ଜଣାଅଛି, ତାଙ୍କୁ ଇତିମଧ୍ୟରେ ଏହି ଦିଗରେ କେତେକ ସଫଳତା ମଧ୍ୟ ମିଳି ସାରିଲାଣି । ମାତ୍ର, ଆବଶ୍ୟକ ଅର୍ଥ ପରିମାଣ ତ୍ୱରାର ସହିତ ଆସିବ ଅଥବା ଅଳ୍ପ ଅଳ୍ପ କରି ଆସିବ, ତାହାରି ଅନୁସାରେହିଁ କାର୍ଯ୍ୟଟି ସତ୍ୱର ଅଥବା ମନ୍ଥର ଭାବରେ ଅଗ୍ରଗତି କରିବ । ନିର୍ମାଣର ଦୃଷ୍ଟିରୁ ବିଚାର କରି ଦେଖିଲେ, ତାହା 'ଆ' ଙ୍କର ନମନୀୟତା ଉପରେ ନିର୍ଭର କରିବ । ଟିକିନିଖିର କ୍ଷେତ୍ରରେ କେଉଁଠି କ'ଣ ହେବ ବା ନ ହେବ, ମୁଁ ସେ ବିଷୟରେ ମୋଟେ କିଛି କହିବି ନାହିଁ; ମଣ୍ଡପଟି ଅତୀବ ସୁନ୍ଦର ହେଉ, ମୁଁ କେବଳ ଏତିକି ଇଚ୍ଛା କରୁଛି । ମୁଁ ତାହାକୁ ସ୍ପଷ୍ଟ ଦେଖି ପାରୁଛି । କାରଣ, ମୁଁ ତାହାକୁ ପ୍ରକୃତରେ ଦେଖିଛି, ତାହାର ଏକ କଳ୍ପନାଚିତ୍ର ମୋ' ଆଗରେ ଏକଦା ଉଦ୍ଭାସିତ ହୋଇ ଉଠିଥିଲା । ତେଣୁ, ମୁଁ ଯାହା ଯେପରି ଦେଖିଛି, ତାହାକୁ ତାଙ୍କୁ ଭଲ କରି ବୁଝାଇଦେବା ନିମନ୍ତେହିଁ ଚେଷ୍ଟା କରିବି । ମୁଁ ପାର୍କଟିକୁ ମଧ୍ୟ ଆଗରୁ ଦେଖିଛି — ଏହି ପୁରାତନ କଳ୍ପନାଚିତ୍ରଗୁଡ଼ିକୁ ମୁଁ ଏକାଧିକବାର ଦେଖିବାକୁ ପାଇଛି । ମାତ୍ର ତାହା ଆଦୌ କଷ୍ଟକର ନୁହେଁ ।

ଜଳର ସମସ୍ୟା ହେଉଛି ସବୁଠାରୁ ଅଧିକ କଷ୍ଟକର ସମସ୍ୟା; କାରଣ ସେଠି

'oaob.nitrkl.ac.in' images reprocessed

ପାଖରେ କୌଣସି ନଦୀ ନାହିଁ । ମାତ୍ର ପଥ ଖୋଳି ନଦୀମାନଙ୍କର ଜଳକୁ ସେଠାକୁ ଆଣିବା ଲାଗି ଉଦ୍ୟମ ଆରମ୍ଭ ହୋଇ ଗଲାଣି । ଏପରିକି, ସମଗ୍ର ଭାରତବର୍ଷକୁ ଅତିକ୍ରମ କରାଇ ପଥ ଖୋଳି ହିମାଳୟରୁ ଏଠାକୁ ଜଳ ଆଣିବା ସକାଶେ ମଧ୍ୟ ଏକଦା ଚେଷ୍ଟା କରା ଯାଇଥିଲା । 'ଭ' ଏହି ବିଷୟରେ ଏକ ଯୋଜନା କରିଥିଲେ ଓ ଦିଲ୍ଲୀରେ କଥାବାର୍ତ୍ତା ମଧ୍ୟ କରିଥିଲେ । ଏଥିରେ ଅତିରିକ୍ତ ଖର୍ଚ୍ଚ ହେବ ବୋଲି ସେମାନେ ଆପତ୍ତି ଉଠାଇଥିଲେ । ତାହା ଅତ୍ୟନ୍ତ ସ୍ପଷ୍ଟ କଥା । ତଥାପି, ଏପରି ଆଡ଼ମ୍ବରପୂର୍ଣ୍ଣ କୌଣସି ପ୍ରକଳ୍ପମାନ କାର୍ଯ୍ୟକାରୀ ନ କରାଇ ମଧ୍ୟ ଜଳ ଯୋଗାଇବାର ନିଶ୍ଚୟ ଏକ ବ୍ୟବସ୍ଥା ହୋଇ ପାରିବ । ତାହାହିଁ ସବୁଠାରୁ ଅଧିକ କଷ୍ଟକର ସମସ୍ୟା ହେବ, ସବୁଠାରୁ ଅଧିକ ସମୟ ସେଇଥିରେ ଯିବ । ଅବଶିଷ୍ଟ ଯାହା କିଛି ରହିଲା,— ଆଲୋକ, ବିଦ୍ୟୁତ୍ ଶକ୍ତି ଇତ୍ୟାଦି — ଶିଳ୍ପ-ଅଞ୍ଚଳରେ ସେହି ସ୍ଥାନରେହିଁ ସେଗୁଡ଼ିକର ବ୍ୟବସ୍ଥା କରି ଦିଆଯାଇ ପାରିବ । ମାତ୍ର ଜଳକୁ ତ ଆଉ ତିଆରି କରାଯାଇ ପାରିବ ନାହିଁ ! ସମୁଦ୍ରଜଳକୁ ବ୍ୟବହାର କରିବା ପାଇଁ ଏକ ଉପାୟ ବାହାର କରିବା ସକାଶେ ଆମେରିକାରେ ଅତ୍ୟନ୍ତ ଗମ୍ଭୀର ଭାବରେ ବିଚାର କରାଯାଇଛି,— କାରଣ ଆଉ ପୃଥିବୀରେ ମନୁଷ୍ୟମାନଙ୍କ ଲାଗି ଯଥେଷ୍ଟ ପାନୀୟ ଜଳ ଉପଲବ୍ଧ ହୋଇ ପାରୁ ନାହିଁ । ସେହି ଜଳକୁ ସେମାନେ "ତଟକା" ଜଳ ବୋଲି କହୁଛନ୍ତି : ଏହା ପ୍ରକୃତରେ ଏକ ବିଦ୍ରୂପାତ୍ମକ କଥା । ମନୁଷ୍ୟର ଆବଶ୍ୟକତା ମେଣ୍ଟାଇବା ପାଇଁ ଉପଲବ୍ଧ ଜଳପରିମାଣ ଆଉ ଯଥେଷ୍ଟ ହେଉ ନାହିଁ । ତେଣୁ, ସମୁଦ୍ରର ଜଳକୁ ବ୍ୟବହାର୍ଯ୍ୟ ମିଷ୍ଟ ଜଳରେ ପରିଣତ କରିବା ସକାଶେ ସେଠାରେ ବୃହତ୍ ଭାବରେ ରାସାୟନିକ ପ୍ରୟୋଗ ତଥା ପରୀକ୍ଷାମାନ ଆରମ୍ଭ ହୋଇଗଲାଣି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହାରି ଦ୍ୱାରାହିଁ ସମସ୍ୟାଟିର ଏକ ସମାଧାନ ମିଳିଯାଇ ପାରିବ ।

*ସେହି ସମାଧାନଟି ମିଳି ସାରିଲାଣି ।*

ହଁ, ମାତ୍ର ଯଥେଷ୍ଟ ଓ ପ୍ରଚୁର ପରିମାଣରେ ଉପଲବ୍ଧ ହୋଇ ପାରି ନାହିଁ ।

*ଇସ୍ରାଏଲ୍ ତାହାର ସମାଧାନ କରିଛି ।*

ଇସ୍ରାଏଲ୍‌ରେ ସେକଥା ହେଉଛି ? ସେମାନେ ସମୁଦ୍ରଜଳକୁ ବ୍ୟବହାର କରୁଛନ୍ତି ? ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତାହାରିଦ୍ୱାରାହିଁ ଏକ ସମାଧାନ ମିଳିଯିବ । ସେଠାରେ ସମୁଦ୍ର ମଧ୍ୟ ରହିଛି ।

'oaob.nitrkl.ac.in' images reprocessed

ଦେଖାଯାଉ କ'ଣ ହେଉଛି ।
ଏହି ସମାଧାନଟିକୁ ବାହାର କରିବାକୁହିଁ ପଡ଼ିବ ।

*ଏକ ୟାକ୍‌ଟ୍‌-କ୍ଲବ୍ ରହିଲେ ଭାରି ଭଲ ହେବ, ନୁହେଁ ?*

ହଁ, ନିଶ୍ଚୟ ଭଲ ହେବ; ତାହା ଶିଳ୍ପ-ଅଞ୍ଚଳରେ ରହିବ ।

*ଆପଣଙ୍କର 'ନୌକାଶ୍ରୟ' ନିକଟରେ ।*

ତାହାକୁ ଏକ "ନୌକାଶ୍ରୟ" ବୋଲି କଦାପି କୁହାଯିବ ନାହିଁ ।... ସେଠି ପରିଦର୍ଶକ-ମାନଙ୍କ ଲାଗି ଏକ ହୋଟେଲ୍ ରହିବ, ତା'ପାଖରେ ୟାକ୍‌ଟ୍‌କ୍ଲବ୍ ରହିବ । ତାହା ପ୍ରକୃତରେ ଗୋଟିଏ ଚମତ୍କାର ପ୍ରସ୍ତାବ । ହଁ, ମୁଁ ସେଇଟିକୁ ଲେଖି ରଖିବି । (*ମା' ଲେଖି ରଖିଲେ*)

*ଏହି ପରିକଳ୍ପନାଟି ଅବଶ୍ୟ ସଫଳ ହେବ ।*

ହଁ, ଏହି ବିଷୟରେ ଗଦା ଗଦା ଚିଠିମାନ ଆସି ପହଞ୍ଚୁଛି । ପୃଥିବୀର ଚାରିଆଡୁ ପ୍ରତ୍ୟେକ ସ୍ଥାନରୁ ଆସି ପହଞ୍ଚୁଛି । ଲୋକମାନେ ମୋ' ପାଖକୁ ଲେଖୁଛନ୍ତି : "ଏହା ଏତେ ଦିନକେ ଯାଇ ସମ୍ଭବ ହେଲା ! ମୁଁ ଠିକ୍ ଏହି ପ୍ରକଳ୍ପଟି ଲାଗି ଅପେକ୍ଷା କରି ରହିଥିଲି ।" ଇତ୍ୟାଦି, ଇତ୍ୟାଦି, ଏହିପରି ଗଦାଗଦା ଚିଠି ଆସୁଛି ।

ଏଥିଭିତରେ ଗ୍ଲାଇଡିଂ କ୍ଲବ୍‌ଟିଏ ମଧ୍ୟ ରହିଛି । ସେଥିଲାଗି ଆମକୁ ଜଣେ ପ୍ରଶିକ୍ଷକ ଓ ଗୋଟିଏ ଗ୍ଲାଇଡ଼ର୍‌ର ପ୍ରତିଶ୍ରୁତି ମିଳି ସାରିଲାଣି । ହଁ, ଏକ ପ୍ରତିଶ୍ରୁତି ମିଳିଛି । ଏଇଟି ମଧ୍ୟ ଶିଳ୍ପ-ଅଞ୍ଚଳରେ, ପାହାଡ଼ଟି ଉପରେ । ୟାକ୍‌ଟ୍ କ୍ଲବ୍ ସମୁଦ୍ରତୀରରେ ହେବ,– ହ୍ରଦରେ ହେବ ନାହିଁ । ମାତ୍ର ମୁଁ ଭାବୁଥିଲି ଯେ, କାରଣ ହ୍ରଦଟିକୁ ଏବେ ଅଧିକ ଗଭୀର କରିବା ପାଇଁ ଏତେ କଥାବାର୍ତ୍ତା ହେଉଛି,– ତାହା ପ୍ରାୟ ପୋତି ହୋଇ ପଡ଼ିଲାଣି – ମୁଁ ସେଠାରେ ଏକ ହାଇଡ୍ରୋପ୍ଲେନ୍ ଷ୍ଟେଶନ ସ୍ଥାପନ କରିବା କଥା ଭାବୁଥିଲି ।

*ଆମେ ହ୍ରଦରେ ମଧ୍ୟ ନୌକା-ଚାଳନାର ସୁବିଧା ଲାଭ କରି ପାରିବା ?*

ଯଦି ହାଇଡ୍ରୋପ୍ଲେନ୍ ରହେ, ତେବେ ଆଉ ନୌକାଚାଳନା ନିମନ୍ତେ ସୁବିଧା ରହି ପାରିବ

'oaob.nitrkl.ac.in' images reprocessed

ନାହିଁ । ନୌକାଚାଳନା ପାଇଁ ଆଉ ଯଥେଷ୍ଟ ଜାଗା ରହିବ ନାହିଁ । ମାତ୍ର, ଏକ ହାଇଡ୍ରୋପ୍ଲେନ୍ ଷ୍ଟେଶନ ଲାଗି ତାହା ଉତ୍ତମ ସ୍ଥାନ ହେବ । ମାତ୍ର ତାହା ଏହିସବୁ କଥା ଉପରେ ଅବଶ୍ୟ ନିର୍ଭରଶୀଳ ହୋଇ ରହିବ : ଯଦି ଏକ ଏୟାର୍‌ପୋର୍ଟ ରହିବ, ତେବେ ସେଥିଲାଗି ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ଯଦି ଏୟାର୍‌ପୋର୍ଟ ନ ରହେ... ମାତ୍ର ଆମ ଲେକ୍ ପ୍ରକଳ୍ପ ମଧ୍ୟରେ ଏୟାର୍‌ପୋର୍ଟ ଲାଗି ମଧ୍ୟ ଯୋଜନା ରହିଥିଲା । ମାତ୍ର କେବଳ ସାନ ସାନ ବାୟୁଯାନ ଲାଗି ତାହା କରା ଯାଇଥିଲା । କିନ୍ତୁ ଆମେ ଏପରି ଏକ ବାୟୁପୋତ ଆବଶ୍ୟକ କରିବା, ଯେଉଁଥିରେ କି ମାନ୍ଦ୍ରାଜକୁ ନିୟମିତ ବାୟୁଯାନ-ଯାତାୟାତର ବ୍ୟବସ୍ଥା କରାଯାଇ ପାରିବ । ଏହି ବିମାନପୋତ ଯାତ୍ରୀମାନଙ୍କ ପାଇଁ ହେବ । ଏ ବିଷୟରେ ମଧ୍ୟ ବେଶ୍ ଅନେକ କଥାବାର୍ତ୍ତା ଆରମ୍ଭ ହେଲାଣି । ଏଆର୍ ଇଣ୍ଡିଆ ଓ ଆଉଗୋଟିଏ କମ୍ପାନି ମଧ୍ୟରେ କ'ଣସବୁ ଆଲୋଚନା ହୋଇ ସାରିଛି । ମାତ୍ର ସେମାନେ ଏକ ରାଜିନାମାରେ ପହଞ୍ଚି ପାରିଲେ ନାହିଁ,— ଯାବତୀୟ ପ୍ରକାରର କ୍ଷୁଦ୍ର ଓ ନିର୍ବୋଧ ଅସୁବିଧା ସକାଶେ ତାହା ସମ୍ଭବ ହେଲା ନାହିଁ । ମାତ୍ର, ଅରୋଭିଲ୍‌ର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ସେହି ସବୁକିଛି ଅସୁବିଧା ଅତ୍ୟନ୍ତ ସ୍ୱାଭାବିକ ଭାବରେ ଅପସାରିତ ହୋଇଯିବ । ଏକ ବାୟୁପୋତ ରହିଲେ ଲୋକମାନେ ଖୁସିହିଁ ହେବେ ।

ନାଇଁ, ଏହି କ୍ଷେତ୍ରରେ ଦୁଇଟି ଅସୁବିଧା ରହିଛି । ନିର୍ଭୁଲ୍ ଭାବରେ କହିବାକୁ ଗଲେ, ଆମ ପାଖକୁ କେବଳ କ୍ଷୁଦ୍ର ଅର୍ଥପରିମାଣମାନ ଆସୁଛି : ସରକାର ଯେତିକି ଋଣ ଦେଇ ପାରିବେ, ଖଣ୍ଡେ ଜାଗା ପାଇଁ ଲୋକେ ଯାହା ଦେଇପାରିବେ,— ଏସବୁ ଅବଶ୍ୟ ଉପଲବ୍ଧ ହେଉଛି । ମାତ୍ର ଏଥିପାଇଁ ତ ପ୍ରଚୁର ଅର୍ଥପରିମାଣ ଆବଶ୍ୟକ,— ଏକ ସହର ନିର୍ମାଣ କରିବାକୁ ହେଲେ କୋଟି କୋଟି ଟଙ୍କା ଆବଶ୍ୟକ !

*

*ସେପ୍ଟେମ୍ବର ୧୯୬୬*

ଅରୋଭିଲ୍‌ରେ ଭିକ୍ଷାବୃତ୍ତି ନିଷିଦ୍ଧ ହେବ । ଯେଉଁମାନଙ୍କୁ ରାସ୍ତାରେ ଭିକ୍ଷା ମାଗୁଥିବାର ଦେଖାଯିବ, ସେମାନଙ୍କୁ ଏହିପରି ଭାବରେ ବିଭିନ୍ନ ସ୍ଥାନରେ ଜିମା କରି ଦିଆଯିବ : ପିଲାମାନଙ୍କୁ ସ୍କୁଲକୁ ପଠାଇ ଦିଆଯିବ, ବୃଦ୍ଧମାନଙ୍କୁ ଏକ ଆଶ୍ରୟ-ସଦନରେ ନେଇ ରଖାଯିବ, ପୀଡ଼ିତମାନଙ୍କୁ ଡାକ୍ତରଖାନାକୁ ନିଆଯିବ ଏବଂ ସୁସ୍ଥ ବ୍ୟକ୍ତିମାନଙ୍କୁ କାମ ଦିଆଯିବ ।

ଏଥିଲାଗି ଏକ ସ୍କୁଲ ରହିବ, ଗୋଟିଏ ଆଶ୍ରୟ-ସଦନ ରହିବ, ଏକ ଡାକ୍ତରଖାନା

'oaob.nitrkl.ac.in' images reprocessed

ରହିବ ଏବଂ କର୍ମଯୋଗାଣର ବିଶେଷ କ୍ଷେତ୍ରମାନ ବି ରହିବ । ସେଗୁଡ଼ିକୁ ଅନ୍ୟଗୁଡ଼ିକ ସହିତ ଏକାଠି ମିଶାଇ ଦିଆଯିବ ନାହିଁ; କାରଣ ହୁଏତ କେତେକ ଲୋକ ବାହାରୁ ଆସି ପହଞ୍ଚିବେ ଓ ରାସ୍ତାରେ ଭିକ୍ଷା ମାଗିବାକୁ ଆରମ୍ଭ କରିବେ ।

ଏଠାରେ ପୋଲିସ୍ ରହିବେ ନାହିଁ । ଆମର... ଏଥିପାଇଁ ଆମେ ଉପଯୁକ୍ତ ଶବ୍ଦଟିଏ ଏପର୍ଯ୍ୟନ୍ତ ବାହାର କରି ନାହୁଁ... ଦଳେ ଜଗୁଆଳି ରହିବେ, ସେମାନଙ୍କର ଏକ ବାହିନୀ ରହିବ,– ଜାପାନର ନିଆଁନିଭାଳି ଦଳ ପରି ଏହି ଦଳର ଗଠନ ହେବ – ସେମାନେ ବ୍ୟାୟାମର ଅଭ୍ୟାସ କରିଥା'ନ୍ତି ଓ କିଛି ଦୁର୍ଘଟଣା ଘଟିଲେ ଯାଇ ସବୁ ପ୍ରକାରର କାର୍ଯ୍ୟ କରନ୍ତି – ସବୁକିଛି, ଏପରିକି ଭୂମିକମ୍ପ ସମୟରେ ମଧ୍ୟ – ସବୁକିଛି କରନ୍ତି । ମହଲା ଉଠି ସେମାନେ ଘରେ ଯାଇ ପ୍ରବେଶ କରନ୍ତି । ପୋଲିସ୍ ପରିବର୍ତ୍ତେ ଆମର ସେହିଭଳି ଗୋଟିଏ ବାହିନୀ ରହିବ – ସେହି ବାହିନୀ ନିୟମିତ ଭାବରେ ସହରର ବିଭିନ୍ନ ଭାଗକୁ ଯାଉଥିବ ଏବଂ ସେମାନଙ୍କର କେଉଁଠି କୌଣସି ଆବଶ୍ୟକତା ଅଛି କି ନାହିଁ, ତାହା ଦେଖୁଥିବ । ଯଦି ସେମାନେ କାହାକୁ ଭିକ୍ଷାବୃତ୍ତି କରୁଥିବାର ଦେଖିବାକୁ ପାଇବେ, ତେବେ, ମୁଁ ଯେପରି କହିଲି, ସେମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ଜିମା ଦେଇ ଆସିବେ । ତେଣୁ, ପିଲାଙ୍କ ପାଇଁ ଗୋଟିଏ ସ୍କୁଲ ରହିବ, ବୃଦ୍ଧମାନଙ୍କ ପାଇଁ ଗୋଟିଏ ଆଶ୍ରୟସଦନ ରହିବ, ପୀଡ଼ିତ ଓ ଅସମର୍ଥମାନଙ୍କ ଲାଗି ଡାକ୍ତରଖାନା ରହିବ ଏବଂ, ଏକ ସ୍ଥାନ ରହିବ, ଯେଉଁଠାରେ କି ସମସ୍ତଙ୍କୁ କର୍ମ ଯୋଗାଇ ଦିଆଯିବ । ସେଠାରେ ଯାବତୀୟ ପ୍ରକାରର କାର୍ଯ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିବ,– ଝାଡୁ କରିବା କାମଠାରୁ ଆରମ୍ଭ କରି... ଆବଶ୍ୟକ ହେଉଥିବା ସକଳ ପ୍ରକାରର କାର୍ଯ୍ୟ ରହିବ । ନିଜର ସାମର୍ଥ୍ୟ ଅନୁସାରେ ସେହି ଲୋକମାନେ ସେହି କାର୍ଯ୍ୟଗୁଡ଼ିକୁ କରିବେ । ଏହି କଥାଟିକୁ ସଂଗଠିତ କରି ରଖିବାକୁ ହେବ ।

ପିଲାମାନଙ୍କ ଲାଗି ଏକ ବିଶେଷ ସ୍କୁଲ ରହିବ, ଯାହାକି ସେମାନଙ୍କୁ କର୍ମ କରିବାକୁ ଶିକ୍ଷା ଦେବ, କୌଣସି କାର୍ଯ୍ୟ କରି ପାରିବା ସକାଶେ ସେମାନଙ୍କ ଲାଗି ଯାହାକିଛି ଅପରିହାର୍ଯ୍ୟ, ସେମାନଙ୍କୁ ତାହା ସେହି ସକଳ ବସ୍ତୁ ବିଷୟରେ ଶିକ୍ଷା ଦେବ ।

ବନ୍ଦିଶାଳା ରହିବ ନାହିଁ, ପୋଲିସ୍ ରହିବେ ନାହିଁ ।

*

'oaob.nitrkl.ac.in' images reprocessed

୩୦ ଡିସେମ୍ବର ୧୯୬୭

ମାଆ ଅରୋଭିଲ୍ ବିଷୟରେ କରୁଥିବା କଳ୍ପନା ଉପରେ ଯେଉଁ ମନ୍ତବ୍ୟ ପ୍ରକାଶ କରିଥିଲେ, ଜଣେ ଶିଷ୍ୟ ତାହାକୁ ଲିପିବଦ୍ଧ କରି ରଖିଥିଲେ । ମାଆ ପ୍ରଥମେ ସେଇଟିକୁ ପାଠ କଲେ ।

*''ଅରୋଭିଲ୍ ଏକ ସ୍ୱୟଂନିର୍ଭରଶୀଳ ସହର ହୋଇ ରହିବ ।*

*''ଯେଉଁମାନେ ସେଠାରେ ବାସ କରିବେ, ସେମାନେ ସମସ୍ତେ ତାହାର ଜୀବନ ତଥା ବିକାଶରେ ଅଂଶଗ୍ରହଣ କରିବେ ।*

*''ଏହି ଅଂଶଗ୍ରହଣ ଅକ୍ରିୟ ହୋଇପାରେ, ଅଥବା ସକ୍ରିୟ ମଧ୍ୟ ହୋଇପାରେ ।*

*''ନିୟମତଃ ଏଠାରେ ଆଦୌ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ; ମାତ୍ର ପ୍ରତ୍ୟେକ ବ୍ୟକ୍ତିଙ୍କର ସାମୂହିକ କଲ୍ୟାଣ ଉଦ୍ଦେଶ୍ୟରେ କାମରେ, ଦ୍ରବ୍ୟରେ ଅଥବା ଆର୍ଥିକ ଆକାରରେ, ଯେକୌଣସି ପ୍ରକାରେ ହେଉ ପଛକେ, ଅବଶ୍ୟ ଏକ ଅବଦାନ ରହିବ ।*

*''ଶିଳ୍ପ-ବିଭାଗ ପରି ଯେଉଁସବୁ ବିଭାଗ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଥିବେ, ସେମାନେ ସହରଟିର ବିକାଶ ନିମନ୍ତେ ନିଜ ଆୟର ଗୋଟିଏ ଅଂଶ ଅବଶ୍ୟ ଦାନ କରିବେ ।*

*''ବା, ଯଦି ସେମାନେ କିଛି ଉତ୍ପାଦନ କରୁଥିବେ (ଖାଦ୍ୟପଦାର୍ଥ ବା ତତ୍ତୁଲ୍ୟ ଆଉକିଛି) ଏବଂ ତାହା ସହରବାସୀମାନଙ୍କର କାମରେ ଲାଗି ପାରିବା ଭଳି କୌଣସି ଦ୍ରବ୍ୟ ହୋଇଥିବ, ତେବେ ସେମାନେ ସହର ପାଇଁ ସେହି ଦ୍ରବ୍ୟକୁହିଁ ଦାନ କରିବେ । କାରଣ, ନିଜର ଅଧିବାସୀମାନଙ୍କୁ ଖାଦ୍ୟ ଯୋଗାଇଦେବା ସହରର ଏକ ଦାୟିତ୍ୱ ହୋଇ ରହିଥିବ ।*

*''ଏଥିପାଇଁ ଆଦୌ କୌଣସି ବିଧାନ ବା ନିୟମ ତିଆରି କରି ରଖା ଯାଉ ନାହିଁ । ସହରଟିର ଅନ୍ତର୍ନିହିତ ସତ୍ୟ କ୍ରମଶଃ ପ୍ରକଟ ହୋଇ ଆସୁଥିବା ସଙ୍ଗେ ସଙ୍ଗେ ଏବଂ ତାହାର ଏକ ସାକାର ରୂପ ଉତ୍ତରୋତ୍ତର ଭାବରେ ଆବିର୍ଭୂତ ହୋଇ ଆସିବା ସଙ୍ଗେ ସଙ୍ଗେ ଯାବତୀୟ ବିଷୟର ଏକ ସୂତ୍ରାୟନ କରାଯାଇ ପାରିବ । ଆମେ ଆଗରୁ ଖାଲି ଅନୁମାନ ଦ୍ୱାରା ଆଦୌ କୌଣସି ନିୟମ ତିଆରି କରିବା ନାହିଁ ।''*

'oaob.nitrkl.ac.in' images reprocessed

ମୁଁ ଭାବିଥିଲି ଯେ ମୁଁ ତାହାଠାରୁ ଆହୁରି ଅଧିକ କଥା କହିଛି; କାରଣ, ଅନ୍ତର୍ଗତ ଭାବରେ ସେଇଟି ବିଷୟରେ ମୁଁ ପ୍ରକୃତରେ ଅନେକ କଥା କହିଥିଲି । ସଂଗଠନ ଓ ଖାଦ୍ୟବ୍ୟବସ୍ଥାଦି ବିଷୟରେ ମୁଁ ସେହିସବୁ କଥା କହିଥିଲି । ଏହି କ୍ଷେତ୍ରରେ ଆମେ ନାନା ପ୍ରୟୋଗ କରି ବାହାରିଛେ ।

କେତେକ ବିଷୟକୁ ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ବୋଲି କୁହାଯିବ; ଉଦାହରଣ ସ୍ୱରୂପ, ସର୍ବପ୍ରଥମ କଥାଟି ହେଉଛି ଯେ, ମୋ' ମତରେ ପ୍ରତ୍ୟେକ ଦେଶ ଲାଗି ସ୍ୱକୀୟ ମଣ୍ଡପଟିଏ ରହିବ ଏବଂ ସେହି ମଣ୍ଡପ ଭିତରେ ସେହି ଦେଶର ଖାଦ୍ୟ ପ୍ରସ୍ତୁତ ହେଉଥିବାର ବ୍ୟବସ୍ଥା ମଧ୍ୟ ରହିବ – ଅର୍ଥାତ୍, ଜାପାନୀମାନେ ଇଚ୍ଛା କଲେ ଜାପାନୀ ଖାଦ୍ୟ ଖାଇବାକୁ ପାଇପାରିବେ, ଇତ୍ୟାଦି, ଇତ୍ୟାଦି । ମାତ୍ର, ଖାସ୍ ସହର ଭିତରେ ନିରାମିଷ ଓ ଆମିଷ ଉଭୟ ପ୍ରକାର ଖାଦ୍ୟର ବ୍ୟବସ୍ଥା ରହିଥିବ ଏବଂ, ଆଗାମୀ କାଲିର ଖାଦ୍ୟ ବିଷୟରେ କିଛି ଆବିଷ୍କାର କରିବା ଦିଗରେ ମଧ୍ୟ କେତେକ ପ୍ରୟାସ କରାଯିବ ।

ପରିପାଚନର ସମୁଦାୟ ପ୍ରକ୍ରିୟାଟି ତୁମକୁ ଏତେ ଅଧିକ ପରିମାଣରେ ଗୁରୁତାଯୁକ୍ତ କରି ପକାଏ – ଜଣେ ବ୍ୟକ୍ତିକୁ ସେଥିପାଇଁ ଏତେଗୁଡ଼ାଏ ସମୟ ଓ ଶକ୍ତି ଦେବାକୁ ପଡ଼ିଥାଏ – ଯେ, ସେଥିଲାଗି ପୂର୍ବରୁହିଁ ବ୍ୟବସ୍ଥା ହୋଇଥିବା ଉଚିତ; ତୁମକୁ ଖାଦ୍ୟରୂପେ ଏପରି କିଛି ଦିଆଯାଇ ପାରିବା ଉଚିତ, ଯାହାକି ଖାଇବା ସଙ୍ଗେ ସଙ୍ଗେହିଁ ହଜମ ହୋଇଯାଇ ପାରିବ । ବର୍ତ୍ତମାନ ସେମାନେ ସେହିଭଳି ଜିନିଷସବୁ ତିଆରି କରୁଛନ୍ତି; ଉଦାହରଣ ସ୍ୱରୂପ, ସେମାନେ ଏଭଳି କେତେକ ଭିଟାମିନ୍ ବଟିକା ଓ ପ୍ରୋଟିନ୍ ବାହାର କଲେଣି, ଯାହାକି ସିଧା ହଜମ ହୋଇଯାଇ ପାରିବ । ସେମାନେ ଏପରି ଅନେକ ପୁଷ୍ଟିକାରକ ଉପାଦାନ ଆବିଷ୍କାର କଲେଣି ଯାହାକି କୌଣସି ନା କୌଣସି ପଦାର୍ଥରୁ ମିଳି ପାରିବ ଏବଂ ଯାହାକି ପେଟରେ ଆଦୌ ଖୁବ୍‌ଗୁଡ଼ାଏ ସ୍ଥାନ ଅଧିକାର କରିବ ନାହିଁ । ବର୍ତ୍ତମାନ ଓ ଏତେଟିକିଏ ପରିପାଚନ ଲାଗି ଏତେଗୁଡ଼ାଏ ପରିମାଣର ଖାଦ୍ୟ ଆବଶ୍ୟକ ହେଉଛି । ବର୍ତ୍ତମାନ ତ ରସାୟନବିଦ୍ୟାର ନାନା କୌଶଳ ବାହାରିଲାଣି, ଏଣିକି ଏହା ଅତ୍ୟନ୍ତ ସରଳ ହୋଇଯାଇ ପାରିବ ।

ଲୋକେ ଏସବୁ କଥାକୁ ମୋଟେ ଭଲ ପାଆନ୍ତି ନାହିଁ, ତାହାର ଏକମାତ୍ର କାରଣ ହେଉଛି ଯେ, ଭୋଜନକ୍ରିୟାରେ ସେମାନେ ପରମ ଆନନ୍ଦ ଲାଭ କରିଥା'ନ୍ତି । ମାତ୍ର, ଯେତେବେଳେ ଭୋଜନଟା ତୁମକୁ ଆଉ ଏଡ଼େବଡ଼ ଏକ ସୁଖ ବୋଲି ଆଦୌ ନ ଲାଗିବ, ସେତେବେଳେ ତୁମର ଶରୀର ଲାଗି ଯେଉଁ ପୋଷକଦ୍ରବ୍ୟ ଆବଶ୍ୟକ ହେବ, ସେଥିଲାଗି ତୁମକୁ ଆଉ କୌଣସି ସମୟ ନଷ୍ଟ କରିବାକୁ ପଡ଼ିବ ନାହିଁ । ବର୍ତ୍ତମାନ ଏହି ଖାଇବାରେ,

'oaob.nitrkl.ac.in' images reprocessed

ହଜମ କରିବାରେ ଓ ଆନୁଷଙ୍ଗିକ ଯାବତୀୟ କାର୍ଯ୍ୟରେ ଅତ୍ୟନ୍ତ ଦୀର୍ଘ ସମୟ ବୃଥା ଅତିବାହିତ କରିବାକୁ ପଡୁଛି । ତେଣୁ ସେହି କ୍ଷେତ୍ରରେ, ମୁଁ ଏକ ପ୍ରୟୋଗମୂଳକ ପାକଶାଳା ରହୁ ବୋଲି ଇଚ୍ଛା କରିବି, ଏହିସବୁ ପ୍ରୟୋଗ ନିମନ୍ତେ ଏକପ୍ରକାର ପ୍ରୟୋଗଶାଳା ରହୁବୋଲି ଚାହିଁବି, ଯେଉଁଥିରେ କି ଖାଦ୍ୟପ୍ରସ୍ତୁତି ବିଷୟରେ ଯାବତୀୟ ଅନୁସନ୍ଧାନ କରାଯାଇ ପାରିବ । ଆପଣାର ରୁଚି ଓ ପ୍ରବୃତ୍ତି ଅନୁସାରେ ଲୋକମାନେ ଯେଉଁ ପାକଶାଳାକୁ ଯିବାକୁ ଇଚ୍ଛା କରିବେ, ସେଠାକୁ ଯାଇପାରିବେ ।

ଭୋଜନ ଲାଗି ସେମାନଙ୍କୁ କୌଣସି ପଇସା ଦେବାକୁ ହେବ ନାହିଁ, ମାତ୍ର ସେମାନେ ଶ୍ରମଦାନ କରିବେ ବା ଆପେ ଉତ୍ପାଦନ କରିଥିବା କୌଣସି ଜିନିଷ ଆଣି ରନ୍ଧନଶାଳାରେ ଦେବେ । ଉଦାହରଣ ସ୍ୱରୂପ, ଯେଉଁମାନଙ୍କର ଜମି ଅଛି, ସେମାନେ ସେହି ଜମିରେ ଫଳିଥିବା କୌଣସି ଫସଲ ଆଣିଦେବେ; ଯେଉଁମାନଙ୍କର କାରଖାନା ଅଛି, ସେମାନେ କାରଖାନାଜାତ କୌଣସି ଦ୍ରବ୍ୟ ଆଣିଦେବେ । ବା, ଉପଲବ୍ଧ ଭୋଜନ ବଦଳରେ ଆଉ କେହି ଆପଣାର ଶ୍ରମର ମଧ୍ୟ ଦାନ କରିପାରିବ ।

ଏହା ଫଳରେ ପରସ୍ପର ମଧ୍ୟରେ ମୁଦ୍ରା-ବିନିମୟର ଅନେକ ଅବକାଶ ବନ୍ଦେବନ୍ଦେ ବନ୍ଦ ହୋଇଯିବ । ଏବଂ ପ୍ରତ୍ୟେକ କ୍ଷେତ୍ରରେ ଆମକୁ ଏହିପରି କୌଣସି ନା କୌଣସି ଉପାୟ ଅବଲମ୍ବନ କରିବାକୁ ପଡ଼ିବ । ମୂଳତଃ, ଏହି ସହର ଅଧ୍ୟୟନ ଲାଗି ଉଦ୍ଦିଷ୍ଟ ହୋଇ ରହିବ; ତାହା ଏପରି ଏକ ଜୀବନଶୈଳୀର ଅଧ୍ୟୟନ ଓ ଅନୁସନ୍ଧାନ ଲାଗି ଉଦ୍ଦିଷ୍ଟ ହୋଇ ରହିବ, ଯାହାକି ଅତ୍ୟନ୍ତ ସରଳ ହୋଇଥିବ, ଏବଂ ଯାହାଦ୍ୱାରା କି ଉଚ୍ଚତର ଗୁଣଗୁଡ଼ିକ ବିକଶିତ ହୋଇ ଆସିବା ଲାଗି **ଅଧିକତର ସମୟ** ପାଇ ପାରୁଥିବେ ।

ଏହାକୁ କେବଳ ଏକ କ୍ଷୁଦ୍ର ଆରମ୍ଭ ବୋଲିହିଁ କୁହାଯିବ ।

ଲିଖିତ ବିଷୟଟିକୁ ମାଆ
ବାକ୍ୟାନୁକ୍ରମରେ ପାଠ କଲେ ।

*"ଅରୋଭିଲ୍ ଏକ ସ୍ୱୟଂ-ନିର୍ଭରଶୀଳ ନଗରବସତି ହୋଇ ରହିବ ।"*

ଏହି କଥାଟି ଉପରେ ମୁଁ ବିଶେଷ ଭାବରେ ଜୋର୍ ଦେଇ କହିବାକୁ ଚାହୁଁଛି ଯେ, ଏହା ମୁଖ୍ୟତଃ ଏକ ପ୍ରୟୋଗ ରୂପେ ପରିଚାଳିତ ହେବ; ଏହା ମୁଖ୍ୟତଃ ନାନା ପ୍ରୟୋଗ କରିବା ଲାଗି – ପ୍ରୟୋଗ, ଅନୁସନ୍ଧାନ ଏବଂ ଅଧ୍ୟୟନ ଲାଗି ଉଦ୍ଦିଷ୍ଟ ହୋଇ ରହିବ । ଅରୋଭିଲ୍ ଏପରି ଗୋଟିଏ ନଗରବସତି ହେବ, ଯାହାକି "ସ୍ୱୟଂ-ନିର୍ଭରଶୀଳ" ହେବା

'oaob.nitrkl.ac.in' images reprocessed

ଲାଗି ଚେଷ୍ଟା କରିବ, ସେହିପରି ହେବା ଭଳି ଏକ ଅନୁରୂପ ପ୍ରବୃତ୍ତି ରଖିଥିବ, ସେହି ଦିଗରେ ପ୍ରୟାସ କରୁଥିବ, ଅର୍ଥାତ୍...

*ଏବଂ ସ୍ୱତନ୍ତ୍ର ହୋଇ ରହିବ ?*

''ସ୍ୱତନ୍ତ୍ର'' କହିଲେ କୌଣସି ନା କୌଣସି ପ୍ରକାରର ଅନଧୀନତାକୁ ବୁଝାଇଥାଏ, ଯାହାକି ଅନ୍ୟମାନଙ୍କ ସହିତ ଆପଣାର ଯାବତୀୟ ସମ୍ବନ୍ଧକୁ କାଟିଦିଏ,– ମାତ୍ର ମୁଁ ଏଠାରେ ସେହି ଅର୍ଥରେ ଆଦୌ କିଛି କହୁ ନାହିଁ ।

ଉଦାହରଣ ସ୍ୱରୂପ, ଯେଉଁମାନେ ଖାଦ୍ୟଦ୍ରବ୍ୟ ଉତ୍ପନ୍ନ କରୁଛନ୍ତି, ଅରୋଫୁଡ୍ ଭଳି ସଂସ୍ଥାମାନେ – ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯେତେବେଳେ ଆମର ସଂଖ୍ୟା ୫୦,୦୦୦ ହୋଇଯିବ, ସେତେବେଳେ ଆମର ସବୁ ଆବଶ୍ୟକତାକୁ ପୂରଣ କରିବା କଷ୍ଟକର ହେବ, ମାତ୍ର ବର୍ତ୍ତମାନ ଆମ ସଂଖ୍ୟା ଖୁବ୍ ବେଶୀ ହେଲେ ମୋଟେ କେତେ ହଜାର ମାତ୍ର ହୋଇଥିବ,– ଏହି କ୍ଷେତ୍ରରେ ଗୋଟିଏ ଫ୍ୟାକ୍ଟରି ବସିଲେ ସବୁବେଳେ ଉତ୍ପନ୍ନ ସାମଗ୍ରୀମାନ ବଳକା ହୋଇ ରହିଥିବ, ତେଣୁ ତାହା ନିଜର ଉତ୍ପନ୍ନ ଦ୍ରବ୍ୟଗୁଡ଼ିକୁ ବାହାରେ ବିକ୍ରୟ କରିବ ଓ ପଇସା ରୋଜଗାର କରିବ । ଉଦାହରଣ ସ୍ୱରୂପ, ଅରୋଫୁଡ୍ ସେଥିରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ସହିତ ଏକ ବିଶେଷ ପ୍ରକାରର ସମ୍ବନ୍ଧ ସ୍ଥାପନ କରିବାକୁ ଇଚ୍ଛା କରୁଛି,– ଏହି ସମ୍ବନ୍ଧ ସେହି ପୁରୁଣା ଢଙ୍ଗର ହେଉ ବୋଲି ମୋଟେ ଇଚ୍ଛା କରୁ ନାହିଁ । ତାହା ଏପରି ଏକ ସମ୍ବନ୍ଧ ସ୍ଥାପନ କରିବାକୁ ଚାହୁଁଛି ଯାହାକି କମ୍ୟୁନିଷ୍ଟ ପଦ୍ଧତିଠାରୁ ଅଧିକ ଉନ୍ନତ ହୋଇଥିବ, ସୋଭିଏଟ୍ ବ୍ୟବସ୍ଥାଠାରୁ ଏହି ସଂଗଠନରେ ଅଧିକ ଭାରସାମ୍ୟ ରହିଥିବ, ଅର୍ଥାତ୍, ଯାହାକି ଏଣେ ଅଧିକ ଫଳପ୍ରଦ ହୋଇପାରିବ ବୋଲି ତେଣେ ଅତ୍ୟଧିକ ଭୁଲ୍ କରି ପକାଉ ନ ଥିବ ।

ମୁଁ ଆଉଗୋଟିଏ କଥା କହିବାକୁ ଇଚ୍ଛା କରୁଥିଲି ଃ ସମଗ୍ରତଃ ଏହି ସହରର କଲ୍ୟାଣ ଏବଂ ଜୀବନନିର୍ବାହରେ ସମସ୍ତଙ୍କର ଅଂଶଗ୍ରହଣକୁ କୌଣସି ବ୍ୟକ୍ତିଗତ ଭିତ୍ତି ଉପରେ ହିସାବ କରି ଠିକ୍ କରା ଯାଇ ନାହିଁ । ଅର୍ଥାତ୍, ଏଥିରେ ଅମୁକ ବ୍ୟକ୍ତିର ଏତେ ଅବଦାନ ରହିଛି, ସମୁକର ଏତେ ରହିଛି, ଏପରି ଭାବରେ କିଛି ଠିକ୍ କରା ଯାଇ ନାହିଁ । ସାମର୍ଥ୍ୟ ଉପରେ, କର୍ମଟି ଉପରେ, ଉତ୍ପାଦନ ଲାଗି ରହିଥିବା କ୍ଷମତା ଉପରେ ତାହା ହିସାବ କରାଯାଇଛି । ଯେଉଁ ଗଣତାନ୍ତ୍ରିକ ହିସାବ ଓ ବିଚାରରେ ସବୁକିଛିକୁ ସମାନ ସମାନ ଭାଗରେ କାଟି ବାଣ୍ଟି ଦିଆଯାଏ, ତାହା ଅନୁସାରେ ଆଦୌ କିଛି ହୋଇ ନାହିଁ । ସେହି ପଦ୍ଧତିକୁ ଏକ ଅସମ୍ଭବ ପଦ୍ଧତି ବୋଲିହିଁ କୁହାଯିବ । ଆମର ଏଠାରେ ପ୍ରତ୍ୟେକ

'oaob.nitrkl.ac.in' images reprocessed

ବ୍ୟକ୍ତିର ସାମର୍ଥ୍ୟ ଅନୁସାରେ ତାହାର ନିର୍ଦ୍ଧାରଣ କରାଯାଇଛି : ଯାହାର ଅଧିକ ଅଛି, ସିଏ ଅଧିକ ଦେବ, ଯାହାର କମ୍ ଅଛି ସିଏ କମ୍ ଦେବ । ଯିଏ ଅଧିକ ବଳବାନ୍, ସିଏ ଅଧିକ କଠିନ ଭାବରେ କାର୍ଯ୍ୟ କରିବ, ଯାହାର ସେତେ ବଳ ନାହିଁ, ସିଏ ତଦନୁରୂପ ଆଉକିଛି କରିବ । ତୁମେ ବୁଝି ପାରୁଥିବ, ଏହି ପଦ୍ଧତିଟିର ଅଧିକ ଯଥାର୍ଥତା ଓ ଗଭୀରତା ରହିଛି । ସେହି କାରଣରୁହିଁ ମୁଁ ସବୁକିଛି ବୁଝାଇ କହିଦେବା ଲାଗି ବର୍ତ୍ତମାନ କୌଣସି ଚେଷ୍ଟା କରୁ ନାହିଁ, କାରଣ ତା' ହେଲେ ଲୋକମାନେ ଯାବତୀୟ ପ୍ରକାରର ଅଭିଯୋଗ କରିବାକୁ ଆରମ୍ଭ କରିଦେବେ । ଏସବୁ କଥା କ୍ରମେ ବଳେବଳେ ଆସିବ; ଆର୍ଥାତ୍, ସହରଟି ବୃଦ୍ଧି ପାଉଥିବା ସଙ୍ଗେସଙ୍ଗେ ଯଥାର୍ଥ ଅନ୍ତର୍ଭାବଟି ସହିତ ତାହା ପ୍ରକଟ ହେବ । ତେଣୁ ଏହି ଟିପ୍ପଣୀଟିକୁ ମୁଁ ଅତ୍ୟନ୍ତ ସଂକ୍ଷିପ୍ତ କରି ପ୍ରସ୍ତୁତ କରିଛି ।

ଉଦାହରଣ ସ୍ୱରୂପ, ଏହି ବାକ୍ୟଟି :

*''ଯେଉଁମାନେ ସେଠାରେ ବାସ କରିବେ, ସେମାନେ ସମସ୍ତେ ତାହାର ଜୀବନ ଏବଂ ଉନ୍ନୟନରେ ଅଂଶଗ୍ରହଣ କରିବେ ।''*

ସେଠାରେ ଯେଉଁମାନେ ବାସ କରିବେ, ସେମାନେ କୌଣସି ଯାନ୍ତ୍ରିକ ପଦ୍ଧତି ଦ୍ୱାରା ପରିଚାଳିତ ହୋଇ ନୁହେଁ, ମାତ୍ର ନିଜନିଜର ସାମର୍ଥ୍ୟ ଏବଂ ସାଧନ ଅନୁସାରେ ତାହାର ବିକାଶ ତଥା ଉନ୍ନୟନରେ ଅଂଶଗ୍ରହଣ କରିବେ, ବିଭିନ୍ନ ବିଭାଗରେ ଏତିକି ପରିମାଣରେ ଅଂଶଗ୍ରହଣ କରିବେ । ସବୁକଥା ସେହିପରି ଜୀବନ୍ତ ଏବଂ ଯଥାର୍ଥ ଭାବରେ ଚାଲିବ, ଯାନ୍ତ୍ରିକ ଭାବରେ କିଛି ହେଲେ ଚାଲିବ ନାହିଁ; ଏବଂ ପ୍ରତ୍ୟେକ ବ୍ୟକ୍ତିର ସାମର୍ଥ୍ୟ ଅନୁସାରେହିଁ ପ୍ରତ୍ୟେକେ ଅଂଶଗ୍ରହଣ କରିବେ । ଅର୍ଥାତ୍, ଯେଉଁମାନଙ୍କର ବସ୍ତୁଗତ ସାଧନ ରହିଥିବ, ଅର୍ଥାତ୍ ଯେଉଁମାନଙ୍କର ଏକ କାରଖାନା ଭଳି କିଛି ଥିବ, ସେମାନଙ୍କୁ ନିଜ ଉତ୍ପାଦନର ଅନୁପାତରେ ଦାନ କରିବାକୁ ହେବ,– ବ୍ୟକ୍ତି ପିଛା ସମସ୍ତେ ଏତିକି ବା ଏତିକି ଦେବେ ବୋଲି ଏପରି କୌଣସି ବ୍ୟବସ୍ଥା ରହିବ ନାହିଁ ।

*''ଏହି ଅଂଶଗ୍ରହଣ ସକ୍ରିୟ ହୋଇପାରିବ, ଅକ୍ରିୟ ମଧ୍ୟ ହୋଇପାରିବ ।''*

''ଅକ୍ରିୟ'' କହିଲେ ଏଠାରେ କ'ଣ ବୁଝାଉଛି, ସେକଥା ମୋତେ ଜଣା ନାହିଁ । ମୁଁ ପ୍ରଥମେ ଫରାସୀ ଭାଷାରେ ଏହାକୁ କହିଥିଲି ଏବଂ ଅନ୍ୟମାନେ ତାହାର ଇଂରାଜୀ ଅନୁବାଦ କରିଛନ୍ତି । ''ଅକ୍ରିୟ''ର ଅର୍ଥ ପ୍ରକୃତରେ କ'ଣ ହୋଇ ପାରିବ ?... ଖୁବ୍‌ସମ୍ଭବ ତାହା ଚେତନାର ଭିନ୍ନଭିନ୍ନ ଭୂମି ବା ସ୍ତରକୁ ବୁଝାଇବ ।

'oaob.nitrkl.ac.in' images reprocessed

*ଆପଣ ଏହି ଅର୍ଥରେ କଥାଟିକୁ କହିଥିଲେ ଯେ ଯେଉଁମାନେ ପ୍ରଜ୍ଞାବାନ୍ ହୋଇଥିବେ, ନିଜର ଅନ୍ତର୍ଭୂମିରେ କାର୍ଯ୍ୟ କରୁଥିବେ, ସେମାନଙ୍କର ଆଉ...*

ହଁ, ସେହି କଥା । ଯେଉଁମାନଙ୍କ ପାଖରେ ଉଚ୍ଚତର ଜ୍ଞାନ ରହିଥିବ, ସେମାନଙ୍କୁ ଆଉ ହାତରେ କୌଣସି କାର୍ଯ୍ୟ କରିବାକୁ ପଡ଼ିବ ନାହିଁ । ମୁଁ ଏହି ଅର୍ଥରେ ଏକଥା କହିଥିଲି ।

*''ଏଠାରେ ପ୍ରତ୍ୟକ୍ଷ ଭାବରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ । ମାତ୍ର ପ୍ରତ୍ୟେକ ବ୍ୟକ୍ତି ଶ୍ରମ, ଦ୍ରବ୍ୟ ଅଥବା ଅର୍ଥ ଆକାରରେ ସାମୂହିକ କଲ୍ୟାଣ ନିମନ୍ତେ ଅବଶ୍ୟ କିଛି ଦାନ କରିବେ ।''*

ଏହା ଅତ୍ୟନ୍ତ ସ୍ୱଷ୍ଟ ହୋଇଯାଉଛି । କୌଣସି ଶୁଳ୍କ ରହିବ ନାହିଁ, ମାତ୍ର ପ୍ରତ୍ୟେକ ବ୍ୟକ୍ତି ନିଜର ଶ୍ରମ, ଦ୍ରବ୍ୟ ଅଥବା ଅର୍ଥ ଆକାରରେ ସାମୂହିକ କଲ୍ୟାଣ ନିମନ୍ତେ ଅବଶ୍ୟ କିଛି ଦାନ କରିବ । ଯେଉଁମାନଙ୍କ ପାଖରେ ଅର୍ଥ ବ୍ୟତୀତ ଆଉ କିଛି ନ ଥିବ, ସେମାନେ ଅର୍ଥ ଦେବେ । ମାତ୍ର, ପ୍ରକୃତ କଥା କହିବାକୁ ଗଲେ, ''କାର୍ଯ୍ୟ'' କହିଲେ ଅନ୍ତର୍ଭୂମିର କାର୍ଯ୍ୟକୁ ମଧ୍ୟ ବୁଝାଇ ପାରିବ,– ମାତ୍ର ଆମେ ସେକଥାଟିକୁ ଆଦୌ କହି ପାରିବା ନାହିଁ । କାରଣ ଲୋକମାନେ ତଥାପି ଯଥେଷ୍ଟ ପରିମାଣରେ ସାଧୁତା ଅର୍ଜନ କରି ନାହାନ୍ତି । କାର୍ଯ୍ୟ ହୁଏତ ଗୂଢ଼ ଭୂମିରେ କରା ଯାଇପାରେ, ସଂପୂର୍ଣ୍ଣ ଭାବରେ ଅନ୍ତର୍ଭୂମିରେ ମଧ୍ୟ ସମ୍ପନ୍ନ ହୋଇପାରେ; ମାତ୍ର ତାହା କରିବାକୁ ହେଲେ, ତାହା ସଂପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ଏବଂ କପଟତାହୀନ ହୋଇ ପାରିଥିବା ଉଚିତ ଏବଂ ତାହା କରିବା ଲାଗି ପାଖରେ ସାମର୍ଥ୍ୟ ମଧ୍ୟ ରହିଥିବା ଉଚିତ । ଆଦୌ କୌଣସି ଛଳନା ରହିବା ଉଚିତ ନୁହେଁ । ମାତ୍ର ତାହା ଯେ ସକଳ କ୍ଷେତ୍ରରେ ଏକ ଶାରୀରିକ କାର୍ଯ୍ୟ ଅବଶ୍ୟ ହେବ, ତାହାର ଆଦୌ କୌଣସି କାରଣ ନାହିଁ ।

*''ଶିଳ୍ପବିଭାଗ ଭଳି ଯେଉଁ ବିଭାଗମାନ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ, ସହରଟିର ସାଧାରଣ ବିକାଶ ଲାଗି ମଧ୍ୟ ସେମାନଙ୍କୁ ନିଜ ଆୟର କିଛି ଅଂଶ ଦାନ କରିବାକୁ ପଡ଼ିବ; ବା, ଯଦି ସେମାନେ କୌଣସି ଦ୍ରବ୍ୟ ଉତ୍ପାଦନ କରୁଥିବେ (ଖାଦ୍ୟସାମଗ୍ରୀ ପରି କୌଣସି ଦ୍ରବ୍ୟ), ଯାହାକି ଅଧିବାସୀମାନଙ୍କ ଲାଗି ଉପଯୋଗୀ ହୋଇଥିବ, ତେବେ ସେମାନେ ସେହି ଦ୍ରବ୍ୟ ଆକାରରେହିଁ ସହର ଲାଗି ନିଜର ଦେୟଟିକୁ ଦେଇପାରିବେ,– କାରଣ ଅଧିବାସୀମାନଙ୍କର ଖାଦ୍ୟବ୍ୟବସ୍ଥାର ଦାୟିତ୍ୱ ସହର ଉପରେହିଁ ନ୍ୟସ୍ତ ହୋଇ ରହିଥିବ ।''*

'oaob.nitrkl.ac.in' images reprocessed

ବର୍ତ୍ତମାନ ଆମେ ଠିକ୍ ସେହି କଥା କହୁଥିଲେ । ଶିଳ୍ପଗୁଡ଼ିକ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ, ସେମାନଙ୍କୁ ସହର ଲାଗି କିଛି ଦେବାକୁ ପଡ଼ିବ । ଯଦି ଏହିସବୁ ଶିଳ୍ପ-ଉଦ୍ୟୋଗ ଏପରି କୌଣସି ଦ୍ରବ୍ୟର ଉତ୍ପାଦନ କରୁଥିବେ, ଯାହାକୁ କି ସହର ସବୁବେଳେ ଆବଶ୍ୟକ କରୁ ନ ଥିବ ଓ ତେଣୁ, ତାହା ଯେଉଁ ପରିମାଣରେ ସେଗୁଡ଼ିକୁ ଉତ୍ପନ୍ନ କରୁଥିବ, ତାହା ସହରର ନିଜ ଚାହିଦା ଅନୁପାତରେ ଅତିବେଶୀ ହୋଇଥିବ ଏବଂ ସେହି କାରଣରୁ ସେଗୁଡ଼ିକୁ ବାହାରେ ବିକ୍ରୟ କରିବାକୁ ପଡୁଥିବ, ସେହିସବୁ ଶିଳ୍ପ ପଇସା ଆକାରରେହିଁ ଆପଣାର ଅନୁଦାନଟିକୁ ଦେବେ । ଏବଂ ଏଠାରେ ମୁଁ ଖାଦ୍ୟସାମଗ୍ରୀକୁ ଏକ ଉଦାହରଣ ରୂପେ ଗ୍ରହଣ କରିଛି : ଯେଉଁସବୁ ଶିଳ୍ପ ଖାଦ୍ୟପଦାର୍ଥ ଉତ୍ପନ୍ନ କରୁଥିବେ, ସେମାନେ ସେହି ଉତ୍ପାଦନକୁହିଁ ସହର ପାଇଁ ଦାନ କରିବେ – ଏକଥା ଅବଶ୍ୟ ସତ ଯେ, ଆପଣା ଉତ୍ପାଦନର ଅନୁପାତରେହିଁ ସେମାନଙ୍କର ଏହି ଅନୁଦାନର ପରିମାଣ ନିର୍ଦ୍ଧାରିତ ହେବ – ଏବଂ ସହର ପ୍ରତ୍ୟେକ ଅଧିବାସୀଙ୍କୁ ଭୋଜନ ଯୋଗାଇ ଦେବା ଲାଗି ଦାୟୀ ହୋଇ ରହିବ । ତାହାର ଅର୍ଥ ହେଉଛି ଯେ, ଲୋକମାନଙ୍କୁ ଆଉ ପଇସା ଦେଇ ଖାଦ୍ୟଦ୍ରବ୍ୟ କ୍ରୟ କରିବାକୁ ପଡ଼ିବ ନାହିଁ । ମାତ୍ର ଆପଣାର ଖାଦ୍ୟଦ୍ରବ୍ୟ ବଦଳରେ ସେମାନଙ୍କୁ କିଛି ଦେବାକୁହିଁ ପଡ଼ିବ ।

ଏହାକୁ କମ୍ୟୁନିଷ୍ଟ ପ୍ରଣାଳୀର ଏକ ପ୍ରକାରର ଅନୁକରଣ ବୋଲି ହୁଏତ କୁହାଯିବ, ମାତ୍ର ସମସ୍ତଙ୍କୁ ବାଧ୍ୟ କରି ସମାନ ସ୍ତରକୁ ନେଇ ଆସିବାର ମନୋଭାବ ନେଇ ଏଠାରେ ଆଦୌ କିଛି କରା ଯିବ ନାହିଁ । ସାମର୍ଥ୍ୟ ଅନୁସାରେ ବ୍ୟକ୍ତିର ସ୍ଥିତି ଏଠାରେ ମୁଁ ମନୋଗତ ଅଥବା ବୁଦ୍ଧିଗତ ସ୍ଥିତିର କଥା କହୁ ନାହିଁ,– ମାତ୍ର ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ଗତ ସ୍ଥିତିଟି ନିର୍ଦ୍ଧାରିତ ହୋଇ ରହିବ ।

ସତ କଥା ହେଉଛି ଯେ, ମନୁଷ୍ୟ ମାତ୍ରକେ ପ୍ରତ୍ୟେକ ବ୍ୟକ୍ତିର ସେହି ଅଧିକାରଟି – ମାତ୍ର ଏହାକୁ ଏକ "ଅଧିକାର" ବୋଲି ଆଦୌ କୁହାଯିବ ନାହିଁ... ସଂଗଠନଟି ଏପରି ଭାବରେ ତିଆରି ହୋଇଥିବ ଯେ ତଥା ତାହାର ଯାବତୀୟ ବ୍ୟବସ୍ଥା ଏପରି ହୋଇ ରହିଥିବ ଯେ, ସେଥିରେ ପ୍ରତ୍ୟେକ ବ୍ୟକ୍ତିର ଭୌତିକ ଆବଶ୍ୟକତାଗୁଡ଼ିକ ଅବଶ୍ୟ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ପୂରଣ ହୋଇ ପାରୁଥିବ,– ଅଧିକାର ଏବଂ ସମତାସ୍ଥାପନର କୌଣସି ଧାରଣାର ଗଣିତ ଅନୁସାରେ ତାହାର ପୂରଣ ହେବ ନାହିଁ,– ମାତ୍ର ସର୍ବନିମ୍ନ ଆବଶ୍ୟକତାର ଭିତ୍ତି ଉପରେହିଁ ତାହାକୁ କାର୍ଯ୍ୟକାରୀ କରାଯିବ । ଏବଂ, ଥରେ ସେହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରି ପାରିଲେ, ତା'ପରେ ପ୍ରତ୍ୟେକ ବ୍ୟକ୍ତି ନିଜର ଜୀବନକୁ ମୁକ୍ତ ଭାବରେ ସଂଗଠିତ କରିବାର ସ୍ୱାଧୀନତା ଲାଭ କରିବ,– ତା' ନିଜର ଆର୍ଥିକ ସାଧନଗୁଡ଼ିକ ଅନୁସାରେ ସେ ଏହି ସଂଗଠନ ସମ୍ଭବ କରିବ ନାହିଁ, ମାତ୍ର ଆପଣାର ଅନ୍ତର୍ଗତ ସମର୍ଥତା ଅନୁସାରେହିଁ ସିଏ ସେହି ସଂଗଠନକୁ ସମ୍ଭବ କରିବ ।

'oaob.nitrkl.ac.in' images reprocessed

*"ଆଗରୁ ଆମେ କୌଣସି ନିୟମ ବା ଆଇନ୍ ତିଆରି କରି ରଖୁ ନାହୁଁ । ସହରବସତିଟିର ଅନ୍ତର୍ନିହିତ ଅସଲ ସତ୍ୟଟି ଅଭିବ୍ୟକ୍ତ ହୋଇ ଆସୁଥିବା ସଙ୍ଗେ ସଙ୍ଗେ ଓ ଉତ୍ତରୋତ୍ତର ଅଗ୍ରଗତି ସହିତ ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରୁଥିବା ସଙ୍ଗେ ସଙ୍ଗେ ସେହିସବୁ ବିଧାନର କ୍ରମରୂପାୟନ ନିଶ୍ଚୟ ହେବ । ଆମେ ଆଗରୁ ସେଗୁଡ଼ିକ ଏପରି ହେବ ବା ସେପରି ହେବ ବୋଲି ଆଦୌ ସ୍ଥିର କରି ରଖିବା ନାହିଁ ।"*

ଏହି କଥାଟିରୁ ମୁଁ ଯାହା ବୁଝୁଛି, ତାହା ହେଉଛି ଯେ, ସାଧାରଣତଃ – ଏପର୍ଯ୍ୟନ୍ତ ତାହା ସର୍ବଦାହିଁ ସେହିପରି ହୋଇଛି ଏବଂ ଏବେ ଅଧିକରୁ ଅଧିକ ପରିମାଣରେ ସେପରି କରାଯାଉଛି – ମନୁଷ୍ୟମାନେ ଆପଣାର କଳ୍ପନା ଏବଂ ଆଦର୍ଶଗୁଡ଼ିକ ଅନୁସାରେ ମନରୁ ବାହାର କରି ନାନା ନିୟମର ପ୍ରଣୟନ କରି ଦେଇଥା'ନ୍ତି ଏବଂ ତା'ପରେ ସେମାନେ ସେଗୁଡ଼ିକୁ ପ୍ରୟୋଗ କରି ଦେଖନ୍ତି । (*ପୃଥିବୀ କିପରି ଏହିପରି ଭାବରେ ମନର କବଳରେ ରହିଛି, ତାହା ଦେଖାଇଦେବା ଉଦ୍ଦେଶ୍ୟରେ ମାଆ ନିଜର ହାତମୁଠାକୁ ନିମ୍ନଆଡ଼କୁ ନେଇ ଆସିଲେ*), ମାତ୍ର ସେପରି କରିବାରେ ଗୋଟାସୁଦ୍ଧା ମିଥ୍ୟାହିଁ ଭରିରହିଛି, ତାହାକୁ ଅତ୍ୟନ୍ତ ଯାଦୃଚ୍ଛିକ ଓ ଅବାସ୍ତବ ବୋଲି କୁହାଯିବ – ଏବଂ ତାହାର ଫଳସ୍ୱରୂପ ଏହାହିଁ ହେଉଛି ଯେ, ଏଥିସହିତ ସମ୍ବନ୍ଧିତ ହୋଇ ରହିଥିବା ଯାବତୀୟ ବସ୍ତୁ ବିଦ୍ରୋହ କରୁଛନ୍ତି, କ୍ଷୟପ୍ରାପ୍ତ ହେଉଛନ୍ତି ଓ ବିଲୁପ୍ତ ହୋଇ ଯାଉଛନ୍ତି,... ସ୍ୱୟଂ ଜୀବନର ଅନୁଭବରୁ ଏହି କଥାଟିର ଉଦାହରଣ ମିଳୁଛି ଯେ, ନିୟମ ଓ ବିଧାନଗୁଡ଼ିକ ଅତ୍ୟନ୍ତ ଧୀରଗତିରେ ବିବର୍ତ୍ତିତ ଓ ପ୍ରକଟ ହୋଇ ପାରୁଥିବ, ସେଗୁଡ଼ିକ ଯଥାସମ୍ଭବ ଅଧିକ ପରିମାଣରେ ନମନୀୟ ଏବଂ ପ୍ରଶସ୍ତ ହୋଇଥିବ, ତେବେ ଯାଇ ସେଥିରେ ସର୍ବଦା ଉତ୍ତରୋତ୍ତର ଉନ୍ନତିସାଧନ ସମ୍ଭବ ହୋଇ ପାରିବ । ଆମେ କୌଣସି କଥାକୁ ଏକାବେଳେକେ ଚୂଡ଼ାନ୍ତ ଓ ଅନମନୀୟ କରି ରଖିଦେବା ନାହିଁ ।

ସରକାରମାନେ ସର୍ବଦା ସେହି ବଡ଼ ଭୁଲ୍‌ଟିକୁହିଁ କରିଥା'ନ୍ତି; ସେମାନେ ଆଗ ଗୋଟାଏ ଚିଠା ତିଆରି କରିଦିଅନ୍ତି ଓ କହନ୍ତି, "ଏଇଟି ହେଉଛି ନିୟମ, ଆମେ ଏହି ନିୟମଗୁଡ଼ିକୁ ତିଆରି କରିଛୁ ଓ ବର୍ତ୍ତମାନ ଆମକୁ ଠିକ୍ ଏହାରି ଅନୁସାରେହିଁ ଜୀବନ ବଞ୍ଚିବାକୁ ପଡ଼ିବ", ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏପରି କରି ସେମାନେ ଜୀବନକୁ ପେଷି ଚୂନା କରିଦିଅନ୍ତି ଓ ତାହାର ଅଗ୍ରଗତିର ପଥକୁ ରୁଦ୍ଧ କରି ରଖନ୍ତି । ଏକ ଉତ୍ତରୋତ୍ତର ଅଗ୍ରଗତିର ଧାରାରେ ସ୍ୱୟଂ ଜୀବନକୁହିଁ ପରମ ଆଲୋକ, ପରମ ଜ୍ଞାନ ଏବଂ ପରମ ସାମର୍ଥ୍ୟ ଆଡ଼କୁ ବିକଶିତ ହୋଇ ଯିବାକୁ ପଡ଼ିବ; ସେହି ବିକଶିତ ହୋଇ

'oaob.nitrkl.ac.in' images reprocessed

ଯାଉଥିବାର ପ୍ରକ୍ରିୟାରେ ତାହା ଯେଉଁ ନିୟମଗୁଡ଼ିକର ପ୍ରତିଷ୍ଠିତ କରୁଥିବ, ସେଗୁଡ଼ିକ ଯଥାସମ୍ଭବ ଅଧିକ ସାଧାରଣ ହୋଇଥିବ, ଯେପରିକି ସେଗୁଡ଼ିକ ଅତ୍ୟନ୍ତ ନମନୀୟ ହୋଇ ରହିଥିବେ ଓ ଆବଶ୍ୟକତା ଅନୁସାରେ ବଦଳି ଯାଇ ପାରୁଥିବେ । ଏବଂ, ଆବଶ୍ୟକତା ତଥା ଅଭ୍ୟାସଗୁଡ଼ିକ ବଦଳୁଥିବା ସଙ୍ଗେସଙ୍ଗେ ସେଗୁଡ଼ିକ ମଧ୍ୟ ସେତିକି ଚଞ୍ଚଳ ବଦଳିଯାଇ ପାରୁଥିବେ ।

*(ମାଆ ନୀରବ ରହିଲେ)*

ତେଣୁ ସମସ୍ୟାଟିକୁ ପରିଶେଷରେ ଏହିପରି ଭାବରେ ବ୍ୟକ୍ତ କରାଯାଇ ପାରିବ; ବୁଦ୍ଧିର ମନଃସୀମାଗତ ଶାସନ ସ୍ଥାନରେ ଆମକୁ ଏକ ଆଧ୍ୟାତ୍ମିକ ଭୂମିକୁ ସ୍ପର୍ଶ କରିଥିବା ଚେତନାର ଶାସନକୁ ପ୍ରତିଷ୍ଠା କରିବାକୁ ହେବ ।

*

*ଫେବ୍ରୁଆରି ୧୯୬୮*

ତୁମର ଆନ୍ତରିକତା ଓ ନିଷ୍ଠା ସମ୍ପୂର୍ଣ୍ଣ ଭାବରେ ସ୍ୱଚ୍ଛ ହୋଇ ପାରିଥିବ । ବର୍ତ୍ତମାନ ଆମେ ଯେତେଯେତେ ପ୍ରମାଦ ଓ ଅସୁବିଧାର ସମ୍ମୁଖୀନ ହେଉଛୁ, ତାହାର ମୂଳରେ ଏହି ଆନ୍ତରିକତାର ଅଭାବହିଁ କାରଣସ୍ୱରୂପ ହୋଇ ରହିଛି । ସବୁ ମନୁଷ୍ୟଙ୍କ ଭିତରେ ଏହି ଆନ୍ତରିକତାର ଅଭାବଟି ରହିଛି । ସମଗ୍ର ପୃଥିବୀରେ ହୁଏତ ମାତ୍ର ଶହେଜଣ ମନୁଷ୍ୟ ଥିବେ, ଯେଉଁମାନଙ୍କର କି ପୂର୍ଣ୍ଣ ଆନ୍ତରିକତା ରହିଥିବ । ମନୁଷ୍ୟର ନିଜ ସ୍ୱଭାବହିଁ ତାହାକୁ ନିଷ୍ଠାହୀନ କରିପକାଏ – ସେହି ପ୍ରକୃତି ହେଉଛି ଏକ ଜଟିଳ ପ୍ରକୃତି, କାରଣ ସେ ଆପଣାକୁ ସତତ ପ୍ରତାରିତ କରିବାରେ ଲାଗିଥାଏ, ଆପଣାଠାରୁ ସତ୍ୟକୁ ଗୋପନ କରି ରଖିଥାଏ ଏବଂ ନିଜ ଲାଗି କେତେକେତେ କୈଫିୟତ୍ ବାହାର କରିବାରେ ଲାଗିଥାଏ । ସତ୍ତାର ସକଳ ଭାଗରେ ଆନ୍ତରିକତା ଅର୍ଜନ କରି ପାରିବାକୁ ହେଲେ ଯୋଗ ହେଉଛି ପ୍ରକୃତ ମାର୍ଗ ।

ଆନ୍ତରିକତା ଅର୍ଜନ କରିବା ପ୍ରକୃତରେ ଭାରି କଷ୍ଟକର, ମାତ୍ର ଅନ୍ତତଃ ମନର ସ୍ତରରେ ଆମେ ସେହି ଆନ୍ତରିକତାକୁ ସମ୍ଭବ କରିପାରିବା । ଅରୋଭିଲ୍‌ବାସୀଙ୍କଠାରୁ ଅନ୍ତତଃ ସେତିକି ଅବଶ୍ୟ ଦାବି କରାଯାଇ ପାରିବ । ସେଠାରେ ଅଭୀଷ୍ଟ ଶକ୍ତିଟି ପୂର୍ବ ଅପେକ୍ଷା ଅଧିକ ସଘନ ଭାବରେ କାର୍ଯ୍ୟକାରୀ ହୋଇ ରହିଛି । ମନୁଷ୍ୟ ପାଖରେ

'oaob.nitrkl.ac.in' images reprocessed

ଆନ୍ତରିକତାର ଅଭାବ ରହିଛି ବୋଲିହିଁ ତାହା ଅବତରଣ କରି ପାରୁ ନାହିଁ ଓ ସେମାନେ ତାହାକୁ ଅନୁଭବ କରିପାରୁ ନାହାନ୍ତି । ପୃଥିବୀ ମିଥ୍ୟା ଭିତରେ ବାସ କରିବାରେ ଲାଗିଛି, ମନୁଷ୍ୟ ମନୁଷ୍ୟ ମଧ୍ୟରେ ରହିଥିବା ଯାବତୀୟ ସମ୍ବନ୍ଧ ଏପର୍ଯ୍ୟନ୍ତ ମିଥ୍ୟା ଏବଂ ପ୍ରତାରଣା ଉପରେ ଆଧାରିତ ହୋଇ ରହିଛି । ଜାତି ଜାତି ମଧ୍ୟରେ ରହିଥିବା କୂଟନୈତିକ ସମ୍ବନ୍ଧଗୁଡ଼ିକ ମଧ୍ୟ ମିଥ୍ୟାର ଭିତ୍ତି ଉପରେ ତିଆରି ହୋଇଛି । ସେମାନେ ଶାନ୍ତି ଚାହୁଁଛନ୍ତି ବୋଲି ଦାବି କରୁଛନ୍ତି ଏବଂ ଯୁଗପତ୍ ଭାବରେ ନିଜକୁ ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ କରିବାରେ ଲାଗିଛନ୍ତି । ମନୁଷ୍ୟବ୍ୟକ୍ତିର ତଥା ଜାତିମାନଙ୍କର ଜୀବନରେ ଏକ ସ୍ୱଚ୍ଛ ନିଷ୍ଠାର ଭାବ ସମ୍ଭବ ହୋଇ ପାରିଲେ ଯାଇ ଏକ ରୂପାନ୍ତରିତ ଅନ୍ୟ ପୃଥିବୀର ଆବିର୍ଭାବ ସଂଘଟିତ ହୋଇପାରିବ ।

ଏହି ପ୍ରୟୋଗରେ ଅରୋଭିଲ୍ ହେଉଛି ସର୍ବପ୍ରଥମ ପ୍ରଚେଷ୍ଟା । ଏକ ନୂତନ ଜଗତ ଜନ୍ମଲାଭ କରିବ; ରୂପାନ୍ତର ନିମନ୍ତେ ଉଦ୍ୟମ କରିବାକୁ, ନିଷ୍ଠା ଓ ଆନ୍ତରିକତାର କାମନା କରିବାକୁ ଓ ସେଗୁଡ଼ିକର ଅନ୍ୱେଷଣ କରିବାକୁ ଯଦି ଲୋକମାନେ ସମ୍ମତ ହେବେ, ତେବେ ଏହା ପ୍ରକୃତରେ ସମ୍ଭବ ହେବ । ପଶୁର ସ୍ତରରୁ ମନୁଷ୍ୟର ସ୍ତରକୁ ଆସିବାକୁ ହଜାର ହଜାର ବର୍ଷ ଆବଶ୍ୟକ ହୋଇଥିଲା; ଆଜି, ନିଜ ମନର ସହାୟତା ଲାଭ କରି ମନୁଷ୍ୟ ଏପରି ଏକ ରୂପାନ୍ତର ଲାଗି ଇଚ୍ଛା କରିପାରିବ ଓ ତାହାକୁ ତ୍ୱରାନ୍ୱିତ କରି ଆଣିପାରିବ, ଯାହାଦ୍ୱାରା କି କ୍ରମଶଃ ଯେଉଁ ଅନ୍ୟ ମନୁଷ୍ୟସ୍ଥିତିଟି ସମ୍ଭବ ହୋଇ ଆସିବ, ଯାହାକୁ କି ଏକ ଈଶ୍ୱରୀୟ ସ୍ଥିତି ବୋଲି କୁହାଯିବ ।

ମନର ସହାୟତା ଗ୍ରହଣ କରି – ଆତ୍ମବିଶ୍ଳେଷଣ ଦ୍ୱାରା – ଏହି ଯେଉଁ ରୂପାନ୍ତର ସଂଘଟିତ ହେବ, ତାହା ହେଉଛି ଏକ ପ୍ରଥମ ସୋପାନ; ତା'ପରେ ପ୍ରାଣିକ ଆବେଗଗୁଡ଼ିକର ରୂପାନ୍ତର ଆବଶ୍ୟକ ହେବ; ତାହା ଅନେକ ଅଧିକ ପରିମାଣରେ କଷ୍ଟକର; ଏବଂ, ଶରୀରର ଭୂମିଟିକୁ ରୂପାନ୍ତରିତ କରିବା ବିଶେଷ ଭାବରେ କଷ୍ଟକର । ସେଥିଲାଗି ଆମ ଶରୀରଗୁଡ଼ିକ ମଧ୍ୟରେ ରହିଥିବା ପ୍ରତ୍ୟେକ କୋଷକୁ ସଚେତନ ହେବାକୁ ପଡ଼ିବ । ଏଠାରେ ମୁଁ ସେହି କାର୍ଯ୍ୟଟିକୁହିଁ କରୁଛି; ଏହାଦ୍ୱାରା ମୃତ୍ୟୁ ଉପରେ ବିଜୟଲାଭ ସମ୍ଭବ ହେବ । ସେଇଟି ହେଉଛି ଏକ ଅନ୍ୟ ପ୍ରସଙ୍ଗ; ତାହାକୁହିଁ ଭବିଷ୍ୟତର ମନୁଷ୍ୟସ୍ଥିତି ବୋଲି କୁହାଯିବ । ସେଥିଲାଗି ସମ୍ଭବତଃ ଶତଶତ ବର୍ଷ ଲାଗିବ, ସମ୍ଭବତଃ ତାହା ତା'ପୂର୍ବରୁ ମଧ୍ୟ ସମ୍ଭବ ହୋଇଯିବ । ତାହା ମନୁଷ୍ୟମାନଙ୍କ ଉପରେ, ଜାତିମାନଙ୍କ ଉପରେହିଁ ନିର୍ଭର କରିବ ।

ଏହି ଲକ୍ଷ୍ୟରେ ଯାଇ ପହଞ୍ଚିବା ଲାଗି ଅରୋଭିଲ୍ ହେଉଛି ପ୍ରଥମ ସୋପାନ ।[୬]

*

'oaob.nitrkl.ac.in' images reprocessed

*ମାର୍ଚ୍ଚ ୧୯୬୮*

ଅରୋଭିଲ୍ ସନନ୍ଦର ପ୍ରଥମ ପ୍ରକରଣଟି ବିଷୟରେ :
"ମାତ୍ର, ଅରୋଭିଲ୍‌ରେ ବାସ କରିବାକୁ ହେଲେ ଆମକୁ
ଦିବ୍ୟ ପରମଚେତନାର ସମ୍ମତ ପରିକର ହୋଇ ରହିବାକୁ ପଡ଼ିବ ।"

ଏହାକୁ ବର୍ତ୍ତମାନ ଅରୋଭିଲ୍‌ରେ ଲାଗିଥିବା ସର୍ବପ୍ରଧାନ ବିବାଦଟି ବୋଲି କୁହାଯିବ । ସନନ୍ଦଟିରେ ମୁଁ "ଦିବ୍ୟ ପରମଚେତନା" ବୋଲି ଉଲ୍ଲେଖ କରିଥିଲି । ତେଣୁ ସେମାନେ କହୁଛନ୍ତି, "ଏହି କଥାଟି ଆମକୁ ଭଗବାନଙ୍କର ସ୍ମରଣ କରାଇ ଦେଉଛି । ମୁଁ କହିଲି (*ମାଆ ହସିକରି କହିଲେ*), "ଏହା ମୋତେ ମୋଟେ ଭଗବାନଙ୍କ କଥା ସ୍ମରଣ କରାଇ ଦେଉ ନାହିଁ ।"

ତେଣୁ କେତେକ ବ୍ୟକ୍ତି ତାହାକୁ "ସର୍ବୋଚ୍ଚ ଚେତନା" ବୋଲି ଅନୁବାଦ କରୁଛନ୍ତି, ଅନ୍ୟମାନେ ଆଉସବୁ କ'ଣ ଶବ୍ଦ ବ୍ୟବହାର କରୁଛନ୍ତି । ଋଷିଆବାସୀମାନଙ୍କ ସହିତ ଏକମତ ହୋଇ ମୁଁ ଏହାକୁ "ପୂର୍ଣ୍ଣ ଚେତନା" ବୋଲି ରଖିଥିଲି । ମାତ୍ର ଏଇଟି ମଧ୍ୟ ଏକ ପ୍ରାୟସତ୍ୟ... ଏବଂ ତାହା ହେଉଛି – ଯାହାର କୌଣସି ନାମକରଣ ହୋଇ ପାରିବ ନାହିଁ, କୌଣସି ସଂଜ୍ଞା ନିରୂପଣ କରାଯାଇ ପାରିବ ନାହିଁ – ତାହାହିଁ ସେହି ସର୍ବୋଚ୍ଚ ପରମ ଶକ୍ତି । ସେହି ପରମ ଶକ୍ତିଙ୍କୁ ଆବିଷ୍କାର କରିବାକୁ ହୋଇଥାଏ । ଏବଂ ସର୍ବୋଚ୍ଚ ପରମ ଶକ୍ତି ହେଉଛି କେବଳ ଗୋଟିଏ ମାତ୍ର ବିଭାବ : ସୃଷ୍ଟିପ୍ରକ୍ରିୟାଟି ସହିତ ସେହି ବିଭାବର ସମ୍ବନ୍ଧ ରହିଛି ।[§]

*

*୧୦ ଏପ୍ରିଲ୍ ୧୯୬୮*

ଅରୋଭିଲ୍ ସମ୍ବନ୍ଧରେ : ଅର୍ଥବ୍ୟବସ୍ଥା ଓ ଶାସନ

ଅର୍ଥ ସମ୍ବନ୍ଧରେ ଯେଉଁ ଦ୍ୱନ୍ଦ୍ୱ ରହିଛି ତାହାକୁ "ଅଧିକାରିତ୍ୱର ଦ୍ୱନ୍ଦ୍ୱ" ବୋଲି ଅଭିହିତ କରା ଯାଇପାରେ, ମାତ୍ର ପ୍ରକୃତ ସତକଥା ହେଉଛି ଯେ, ଅର୍ଥ ପ୍ରକୃତରେ ଆଦୌ କାହାରି ନିଜ ସମ୍ପତ୍ତି ନୁହେଁ । ଅର୍ଥ ଉପରେ **ମାଲିକ ହୋଇ ରହିବାର** ଏହି ଧାରଣାଟିହିଁ ସବୁକିଛିକୁ ବିକୃତ କରି ପକାଇଛି । ଅର୍ଥ ଆଦୌ କାହାରି ଏକ "ସମ୍ପତ୍ତି" ହୋଇ ରହିବା ଉଚିତ ନୁହେଁ : କ୍ଷମତା ପରି ଅର୍ଥ ମଧ୍ୟ ହେଉଛି କ୍ରିୟା କରିବାର ଏକ

'oaob.nitrkl.ac.in' images reprocessed

ସାଧନ, ଯାହାକୁ କି ତୁମକୁ ପ୍ରଦାନ କରାଯାଇଛି, ମାତ୍ର ତୁମେ ସେହି ସାଧନକୁ ଯେପରି ଭାବରେ ବ୍ୟବହାର କରିବ, ତାହା ହେଉଛି... ଆମେ ଯାହାକୁ "ପରମଦାତା" ବୋଲି କହିପାରିବା, ତାହାରି "ଇଚ୍ଛା" ଅନୁସାରେହିଁ ତୁମେ ତାହାର ବ୍ୟବହାର କରି ପାରିବ । ଅର୍ଥାତ୍, ଏକ ବ୍ୟକ୍ତିବାସନା-ରହିତ ସନ୍ଦୀପନଯୁକ୍ତ ପ୍ରଣାଳୀରେହିଁ ତୁମେ ତାହାକୁ ବ୍ୟବହାର କରିବ । ଅର୍ଥର ବିତରଣ ଏବଂ ବ୍ୟବହାର ନିମନ୍ତେ ଯଦି ତୁମେ ଏକ ଉତ୍ତମ ନିମିତ୍ତ ହୋଇଥିବ, ତେବେ ତୁମ ପାଖକୁ ତାହା ନିଶ୍ଚୟ ଆସିବ; ଏବଂ, ଯେପରି ଭାବରେ ବ୍ୟବହୃତ ହେବା ସକାଶେ ତାହା ଉଦ୍ଦିଷ୍ଟ ହୋଇ ରହିଛି, ତାହାକୁ ସେହି ଉଦ୍ଦେଶ୍ୟରେ ବ୍ୟବହାର କରିବା ଲାଗି ତୁମଠାରେ ଯେତିକି ସାମର୍ଥ୍ୟ ରହିଥିବ, ତୁମ ପାଖକୁ ସେହି ଅନୁପାତରେହିଁ ଅର୍ଥର ଆଗମନ ଘଟିବ । ଏଇଟି ହେଉଛି ପ୍ରକୃତ ପ୍ରଣାଳୀ ।

ତେଣୁ, ଯଥାର୍ଥ ମନୋଭାବ ହେଉଛି : ଅର୍ଥ ହେଉଛି ଏକ ଶକ୍ତି ଏବଂ ତାହା ପୃଥିବୀପୃଷ୍ଠର କାର୍ଯ୍ୟ ଲାଗି ଉଦ୍ଦିଷ୍ଟ ହୋଇ ରହିଛି; ଦିବ୍ୟ ଶକ୍ତିମତ୍ତାଗୁଡ଼ିକୁ ଗ୍ରହଣ କରି ତାହାକୁ ଅଭିବ୍ୟକ୍ତ କରି ଆଣିବା ନିମନ୍ତେ ପୃଥିବୀକୁ ପ୍ରସ୍ତୁତ କରିବା ସକାଶେ ଯେଉଁ କାର୍ଯ୍ୟର ପ୍ରୟୋଜନ ରହିଛି, ତାହା ସେହି କାର୍ଯ୍ୟ ଲାଗି ଉଦ୍ଦିଷ୍ଟ ହୋଇ ରହିଛି । ଏବଂ ଏହା – ଅର୍ଥାତ୍ ତାହାକୁ ବ୍ୟବହାର କରିବାର ଶକ୍ତି – ସେହି ଶକ୍ତି ଏଭଳି ବ୍ୟକ୍ତିମାନଙ୍କ ହାତକୁ ଅବଶ୍ୟ ଆସିବା ଉଚିତ, ଯେଉଁମାନଙ୍କ ପାଖରେ କି ସ୍ୱଚ୍ଛତମ, ସମଗ୍ରତମ ଏବଂ ଯଥାର୍ଥତମ ଦୃଷ୍ଟିଟି ବିଦ୍ୟମାନ ରହିଛି ।

ତେଣୁ, ସର୍ବପ୍ରଥମ କଥାଟି ହେଉଛି (ମାତ୍ର ଏହା ଏକ ଅତ୍ୟନ୍ତ ପ୍ରାଥମିକ ସ୍ତରର କଥା) ଯେ, ଆମ ଭିତରେ ଅର୍ଥର ଅଧିକାରୀ ହୋଇ ରହିବାର ଆଦୌ କୌଣସି ବୋଧ ରହିବ ନାହିଁ । "ଏହା ମୋ'ର" – ଏହି କଥାଟିର ପ୍ରକୃତ ଅର୍ଥ କ'ଣ କହିଲ !... ମୁଁ ପ୍ରକୃତରେ ତାହାର କୌଣସି ଅର୍ଥ ବୁଝି ପାରେ ନାହିଁ । ସେମାନେ ଅର୍ଥ ଉପରେ ଅଧିକାରିତ୍ୱ ଲାଭ କରିବେ ବୋଲି ଲୋକେ କାହିଁକି ଇଚ୍ଛା କରନ୍ତି ?– ସେମାନେ ଯେପରି ଇଚ୍ଛା କରିବେ; ତାହାକୁ ସେପରି ଭାବରେ ବ୍ୟବହାର କରି ପାରିବେ, ତଦ୍ୱାରା ଯାହା ଇଚ୍ଛା କରିବେ ତାହା କରିପାରିବେ ଏବଂ ଆପଣାର ନିଜ ନିଜ ଧାରଣା ଅନୁସାରେହିଁ ତାହାକୁ କାରବାର କରିପାରିବେ,– ଏଇଥି ସକାଶେ ତ ? ହଁ, ଏହା ଠିକ୍ ଏହିପରି ହୋଇ ରହିଥାଏ । ଅନ୍ୟ ପକ୍ଷରେ, ଆଉ ଅନେକ ଲୋକ ବି ଥା'ନ୍ତି, ଯେଉଁମାନେ କି ସେହି ଅର୍ଥକୁ କୌଣସି ସ୍ଥାନରେ ଗଚ୍ଛିତ କରି ରଖିବାକୁ ଚାହାନ୍ତି... ମାତ୍ର ତାହାକୁ ପ୍ରକୃତରେ ଏକ ରୋଗ ବୋଲି କୁହାଯିବ । ସେମାନଙ୍କ ପାଖରେ ସବୁବେଳେ କିଛି ନା କିଛି ଅର୍ଥ ଅବଶ୍ୟ ରହିଥିବ,– ଏହି ବିଷୟରେ ସୁନିଶ୍ଚିତ ରହିବା ଲାଗି ସେମାନେ ଅର୍ଥକୁ ଗଚ୍ଛିତ କରି ରଖନ୍ତି ।

'oaob.nitrkl.ac.in' images reprocessed

ମାତ୍ର ଜଣେ କେବଳ ଅର୍ଥକୁ ଗ୍ରହଣ କରି ବିତରଣ କରିଦେବାର ଏକ ମଧ୍ୟବର୍ତ୍ତୀ ସ୍ଥାନ ହୋଇ ରହିଥିବ ଏବଂ, ତାହାର ପରିସର ଯେତିକି ଅଧିକ ପ୍ରଶସ୍ତ ହେବ (ଏଇଟି ହେଉଛି କେବଳ ବ୍ୟକ୍ତିଗତ ହୋଇ ରହିବାର ଠିକ୍ ବିପରୀତ), ତାହା ଯେତିକି ଅଧିକ ପରିମାଣରେ ବ୍ୟକ୍ତିସ୍ୱାର୍ଥ ରହିତ, ସମଗ୍ର ଓ ପ୍ରଶସ୍ତ ହେବ, ସେଥିରେ ସେତିକି ପରିମାଣରେ ଅଧିକ ଶକ୍ତି (ଏଠାରେ ସ୍ଥୂଳ ଅର୍ଥରେ ନୋଟ୍ ଓ ଟଙ୍କା ଆକାରରେ "ଶକ୍ତି"ର ଅନୁବାଦ କରାଯାଇ ପାରିବ) ରହିବ ବୋଲି ଯଦି ଲୋକମାନେ ପ୍ରକୃତରେ ଅନୁଭବ କରି ପାରନ୍ତେ ! ଅର୍ଥକୁ ସର୍ବୋତ୍ତମ ଭାବରେ କାମରେ ଲଗାଇ ପାରିବାକୁ ଯାହାର ଯେତେ ସାମର୍ଥ୍ୟ ରହିଥିବ, ସେହି ଅନୁପାତରେହିଁ ସିଏ ଅର୍ଥର ଅଧିକାରୀ ହେବାର ସାମର୍ଥ୍ୟକୁ ମଧ୍ୟ ଅର୍ଜନ କରିପାରିବ – ଏଠାରେ "ସାଧାରଣ ଅଗ୍ରଗତି" ଅର୍ଥାତ୍ ସାର୍ବଜନୀନ ଉନ୍ନତିର ପରିପ୍ରେକ୍ଷୀରେହିଁ "ସର୍ବୋତ୍ତମ" ଶବ୍ଦଟିର ବ୍ୟବହାର କରାଯାଇଛି । ଅର୍ଥାତ୍, ଏହି କ୍ଷେତ୍ରରେ ଆମର ପ୍ରଶସ୍ତତମ ଦୃଷ୍ଟି ରହିଥିବ, ସର୍ବାଧିକ ବୋଧଶକ୍ତି ରହିଥିବ ଏବଂ ସବୁଠାରୁ ଅଧିକ ଆଲୋକନଯୁକ୍ତ ଭାବରେ, ଯଥାର୍ଥ ଓ ସୁନିର୍ଦ୍ଦେଶିତ ଭାବରେ ଅର୍ଥକୁ ବ୍ୟବହାର କରିବାର ସାମର୍ଥ୍ୟ ରହିଥିବ । ଅହଂର ବିକାରପୀଡ଼ିତ ପ୍ରୟୋଜନଗୁଡ଼ିକ ଅନୁସାରେ ତାହାର ବ୍ୟବହାର କରାଯାଉ ନ ଥିବ, ମାତ୍ର ପୃଥିବୀର କ୍ରମବିବର୍ତ୍ତନ ଏବଂ ବିକାଶ ଲାଗି ତାହାର ଯେଉଁ ସାଧାରଣ ଆବଶ୍ୟକତାମାନ ରହିଛି, ତାହାକୁ ସେହିଗୁଡ଼ିକର ପୂରଣ ଦିଗରେ ବ୍ୟବହାର କରାଯାଇ ପାରୁଥିବ । ଅର୍ଥାତ୍, ପ୍ରଶସ୍ତତମ ଦୃଷ୍ଟିହିଁ ଏହି କ୍ଷେତ୍ରରେ ସର୍ବାଧିକ ସାମର୍ଥ୍ୟର ଅଧିକାରୀ ହୋଇ ରହିଥିବ ।

ଯାବତୀୟ ଭୁଲ୍ ଗତିସ୍ପନ୍ଦନ ପଛରେ ଏକ ଠିକ୍ ଗତିସ୍ପନ୍ଦନ ମଧ୍ୟ ରହିଥାଏ; ତୁମେ ଯଦି କୌଣସି ବିଷୟକୁ ଏପରି ଭାବରେ ପରିଚାଳିତ କରି ପାରୁଥିବ, କାମରେ ଲଗାଇ ଓ ସଂଗଠିତ କରି ପାରୁଥିବ, ଯେପରିକି ତଦ୍ୱାରା ସର୍ବନିମ୍ନ କ୍ଷତି ହେଉଥିବ ଓ ସର୍ବାଧିକ ଫଳ ପ୍ରାପ୍ତ ହୋଇ ପାରୁଥିବ, ତେବେ ସେଥିରେ ମଧ୍ୟ ଏକ ଆନନ୍ଦ ଅବଶ୍ୟ ନିହିତ ହୋଇ ରହିଛି । ଏହିପରି ଏକ ଦୃଷ୍ଟିର ଅର୍ଜନକୁ ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ କଥା ବୋଲି କୁହାଯିବ । ଏବଂ, ଯେଉଁ ବ୍ୟକ୍ତିମାନେ ପଇସାକୁ ଗଚ୍ଛିତ କରି ରଖିବାକୁ ଇଚ୍ଛା କରିବେ, ସେମାନଙ୍କର ଯଥାର୍ଥ ପକ୍ଷଟି ଅବଶ୍ୟ ଏହିପରି ହୋଇ ରହିଥିବ : ସେହି ଅର୍ଥକୁ ଏକ ଅତ୍ୟନ୍ତ ବୃହତ୍ ଅନୁମାପର ସ୍ତରରେ ବ୍ୟବହାର କରି ପାରିବା ଲାଗି ସେମାନଙ୍କର ସାମର୍ଥ୍ୟ ଥିବ । ତା'ପରେ, ଏମାନଙ୍କ ବ୍ୟତୀତ ଏପରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ଅର୍ଥ ଲାଭ କରି ଖର୍ଚ୍ଚ କରିବାକୁ ଭାରି ଭଲ ପାଆନ୍ତି । ତାହା ହେଉଛି ଏକ ଭିନ୍ନ କଥା – ସେମାନଙ୍କର ସ୍ୱଭାବ ଭାରି ଅକୃପଣ ଓ ଉନ୍ମୁକ୍ତ ହୋଇ ରହିଥାଏ,– ସେଥିରେ ଆଦୌ କୌଣସି ନିୟମନ ନ ଥାଏ, କୌଣସି ସଂଗଠନ ନ

'oaob.nitrkl.ac.in' images reprocessed

ଥାଏ । ମାତ୍ର, ଯାବତୀୟ **ଯଥାର୍ଥ** ପ୍ରୟୋଜନ ଏବଂ ଆବଶ୍ୟକତାକୁ ପୂରଣ କରି ପାରିବାର ଯେଉଁ ଆନନ୍ଦ,— ତାହା ପ୍ରକୃତରେ ଏକ ଉତ୍ତମ କଥା । ଏହି ଆନନ୍ଦ ହେଉଛି ଏକ ଅସୁସ୍ଥତାକୁ ସ୍ୱାସ୍ଥ୍ୟରେ ପରିବର୍ତ୍ତିତ କରିଦେଇ ପାରିବାର ଆନନ୍ଦ ପରି, ଏକ ମିଥ୍ୟାକୁ ସତ୍ୟରେ ଓ କୌଣସି କଷ୍ଟଭୋଗକୁ ଆନନ୍ଦରେ ପରିବର୍ତ୍ତିତ କରିଦେବା ପରି ଏକ ଆନନ୍ଦ । ଏହି କ୍ଷେତ୍ରରେ ମଧ୍ୟ ସେହି ଗୋଟିଏ କଥା : ଆଦୌ କୌଣସି ସ୍ୱଭାବସମ୍ମତ ପ୍ରବୃତ୍ତି ସହିତ ଖାପ ଖାଉ ନ ଥିବା ଏକ କୃତ୍ରିମ ଏବଂ ନିର୍ବୋଧ ଆବଶ୍ୟକତାକୁ ଏପରି ଏକ ସମ୍ଭାବନାକୁ ପରିବର୍ତ୍ତିତ କରିଦେବା, ଯାହାକୁ କି ସଂପୂର୍ଣ୍ଣ ଭାବରେ ଏକ ସ୍ୱାଭାବିକ ବୃତ୍ତିରେ ପରିଣତ କରି ଦିଆଯାଇ ପାରିବ । ହଁ, ଏହି କାର୍ଯ୍ୟଟିକୁ, ସେହି କାର୍ଯ୍ୟଟିକୁ ଅଥବା ଅନ୍ୟ ଯେକୌଣସି କାର୍ଯ୍ୟଟିକୁ କରିବା ଲାଗି ଆମର ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଆବଶ୍ୟକ ହୋଇଥାଏ, ଏଇଟିକୁ ଏପରି ଭାବରେ ବ୍ୟବସ୍ଥିତ କରି ରଖିବା ପାଇଁ, ସେଇଟିର ମରାମତି କରାଇ ପାରିବା ପାଇଁ, ଏଇଟିକୁ ତିଆରି କରିବା ପାଇଁ ବା ସେଇଟିକୁ ସୁସଂଗଠିତ କରିବା ପାଇଁ ଅବଶ୍ୟ ଅର୍ଥ ଆବଶ୍ୟକ ହୁଏ,— ଏହା ଏକ ଭଲ କଥା । ଏବଂ, ମୁଁ ବେଶ୍ ଭଲ କରି ବୁଝିପାରୁଛି ଯେ, ଅନେକ ଲୋକ ଆପଣାକୁ ଏପରି ନାନା ମାଧ୍ୟମ ରୂପେ ବ୍ୟବହାର କରିବାକୁ ଇଚ୍ଛା କରୁଥା'ନ୍ତି, ଯାହା ସାହାଯ୍ୟରେ କି ଅର୍ଥର ପ୍ରକୃତରେ ଯେଉଁ ସ୍ଥାନକୁ ଯିବାର କଥା, ତାହା ଠିକ୍ ସେହି ସ୍ଥାନକୁ ଯାଇ ପାରିବ । ଯେଉଁମାନେ... ଏକ ନିର୍ବୋଧତାପୂର୍ଣ୍ଣ ଅହଂସଚେତନତାର ଭାଷାରେ କହିବାକୁ ଗଲେ, କୌଣସି ବସ୍ତୁକୁ ଖାସ୍ ଆପଣାର ବୋଲି ଅନୁଭବ କରିବାର ଆବଶ୍ୟକତା ଅନୁଭବ କରୁଥା'ନ୍ତି ଓ ସେପରି କରିବାକୁ ପସନ୍ଦ କରୁଥା'ନ୍ତି, ତାହାହିଁ ସେମାନଙ୍କର ଯଥାର୍ଥ ପ୍ରବୃତ୍ତି ହୋଇ ଅବଶ୍ୟ ରହିଥିବା ଉଚିତ ।

ଯେଉଁ କ୍ଷେତ୍ରରେ ସଂଗ୍ରହ କରିବା ଓ ବ୍ୟୟ କରିବା (ଏହି ଦୁଇଟିଯାକକୁହିଁ ଦୃଷ୍ଟିରହିତ ଏବଂ ଅଜ୍ଞାନପ୍ରଣୋଦିତ ବୋଲି କୁହାଯିବ) — ଦୁଇଟିଯାକ ପ୍ରବୃତ୍ତି ଏକାଠି ହୋଇଯାଆନ୍ତି, ତେବେ ସେଥିରେ ବ୍ୟକ୍ତିକୁ ଏକ ଅର୍ଥ ବିଷୟରେ ସ୍ୱଚ୍ଛ ଦୃଷ୍ଟି ଏବଂ ତାହାର ସୁନିପୁଣ ଉପଯୋଗ-ସାମର୍ଥ୍ୟ ଆଡ଼କୁ ପରିଚାଳିତ କରି ନେଇଯିବାର ଏକ ସମ୍ଭାବନା ଅବଶ୍ୟ ରହିଥାଏ । ତାହା ପ୍ରକୃତରେ ଏକ ଉତ୍ତମ କଥା ।

ଏବଂ ତା'ପରେ ଯାଇ, ଅତ୍ୟନ୍ତ ଧୀରେ ଧୀରେ, ତାହାକୁ କାର୍ଯ୍ୟକ୍ଷେତ୍ରରେ ମଧ୍ୟ ସମ୍ଭବ କରିବାର ସମ୍ଭାବନାଟି ଆସି ପହଞ୍ଚି ଯାଇଥାଏ ।

ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି କ୍ଷେତ୍ରରେ ପରିଚ୍ଛନ୍ନ ମସ୍ତିଷ୍କ ଏବଂ ଅତ୍ୟନ୍ତ ଉଚ୍ଚ ମାନର ସାଧୁତା(!) ରହିଥିବା ମଧ୍ୟବର୍ତ୍ତୀ ବ୍ୟକ୍ତିମାନଙ୍କର ମଧ୍ୟ ଏକାନ୍ତ ଆବଶ୍ୟକତା ରହିଛି, ଯେଉଁମାନେ କି ଯୁଗପତ୍ ଭାବରେ ସର୍ବତ୍ର ଉପସ୍ଥିତ ରହି ପାରୁଥିବେ

'oaob.nitrkl.ac.in' images reprocessed

ଏବଂ ଯୁଗପତ୍ ଭାବରେ ସବୁକିଛି ସମ୍ପନ୍ନ କରି ପାରୁଥିବେ । ସେତେବେଳେ ଯାଇ ଅର୍ଥର ଏହି ସୁପ୍ରସିଦ୍ଧ ସମସ୍ୟାର ପ୍ରକୃତ ସମାଧାନ ହୋଇ ପାରିବ ।

ଅର୍ଥ ପ୍ରକୃତରେ କାହାରି ନିଜ ସମ୍ପତ୍ତି ନୁହେଁ । ଏହା ଏକ ସାମୂହିକ ସମ୍ପତ୍ତି, ଯାହାକୁ କି କେବଳ ଏକ ସଂପୂର୍ଣ୍ଣ, ସମଗ୍ର ଏବଂ ବିଶ୍ୱମୟ ଦୃଷ୍ଟି ରହିଥିବା ବ୍ୟକ୍ତିମାନଙ୍କର ବ୍ୟବହାର କରିପାରିବା ଉଚିତ । ଏଥିସହିତ ମୁଁ ଆଉକିଛି କଥା ଯୋଡ଼ିବାକୁ ଇଚ୍ଛା କରୁଛି : ସେହି ଦୃଷ୍ଟି ଯେ କେବଳ ପୂର୍ଣ୍ଣାଙ୍ଗ ଓ ପ୍ରଶସ୍ତ ହୋଇଥିବ ତାହା ନୁହେଁ, ମାତ୍ର ତାହା ମୂଳତଃ ଯଥାର୍ଥ ମଧ୍ୟ ହୋଇଥିବା ଦରକାର । ତାହା ଏପରି ଏକ ଦୃଷ୍ଟି ହୋଇଥିବ, ଯାହାକି, ଅର୍ଥର କେଉଁ ବ୍ୟବହାରଟି ବିଶ୍ୱ-ଅଗ୍ରଗତିର ଅନୁକୂଳ ଏବଂ କାହାକୁ କେବଳ କଳ୍ପନାରେ ଭାସୁଥିବା ଏକ ଦୃଷ୍ଟି ବୋଲି କୁହାଯିବ, ତାହା ଏହି ଉଭୟ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଦେଖାଇ କହିଦେଇ ପାରିବ । ମାତ୍ର, ଏସବୁ କଥା ହେଉଛି ପ୍ରସଙ୍ଗଟିର ଟିକିନିଖି ଦିଗଗୁଡ଼ିକର କଥା; କାରଣ, ଆମେ ଯେଉଁସବୁ ଭୁଲ୍ କରୁ ଓ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ବିଚାର କଲେ ଯାହା ଖାଲି ବରବାଦହିଁ ହୋଇ ଯାଉଥାଏ, ସେଗୁଡ଼ିକ ମଧ୍ୟ ସମଗ୍ର ଅଗ୍ରଗତିର ପ୍ରକ୍ରିୟାଟିରେ ଅବଶ୍ୟ ସାହାଯ୍ୟ କରିଥା'ନ୍ତି : କଠିନ ନାନା ଅନୁଭୂତିର ମାଧ୍ୟମରେ ଆମେ ଏହିସବୁ ଶିକ୍ଷାକୁ ଲାଭ କରିଥାଉ ।

(*ମାଆ ନୀରବ ରହିଲେ*)

'କ' କହୁଥିବା କଥାଟି ମୋ'ର ସବୁବେଳେ ସ୍ମରଣକୁ ଆସିଯାଏ ('କ' ଲୋକହିତୈଷିତାର ସଂପୂର୍ଣ୍ଣ ବିରୋଧୀ ଥିଲେ); ସିଏ କହୁଥିଲେ : ଏହି ଲୋକହିତୈଷିତା ଯୋଗୁଁହିଁ ମନୁଷ୍ୟସମାଜର ଦୁଃଖ ଚିରସ୍ଥାୟୀ ହୋଇ ରହିଛି, କାରଣ ମନୁଷ୍ୟମାନେ ଦୁଃଖ ଭୋଗ କରୁ ନ ଥିଲେ ଲୋକହିତୈଷିତାର ତିଷ୍ଠି ରହିବା ଲାଗି ଆଉ ଆଦୌ କାରଣ ରହିବ ନାହିଁ !– ଏବଂ, ତୁମେମାନେ ସେହି ପ୍ରସିଦ୍ଧ ଲୋକହିତୈଷୀଙ୍କ କଥା ଶୁଣିଛ କି, ତାଙ୍କର ନାମ କ'ଣ ଥିଲା ଟି ! – ସିଏ ମାଜାରିନ୍‌ଙ୍କ ସମୟର ଲୋକ; ଯିଏ Little Sisters of Charity ସଂଗଠନଟିକୁ ଗଢ଼ିଥିଲେ ...

*ଭାଁସାଁ ଦ ପଲ୍ ?*

ହଁ । ଏକଦା ମାଜାରିନ୍ ତାଙ୍କୁ କହିଥିଲେ : ତୁମେ ଦରିଦ୍ରମାନଙ୍କର ଯତ୍ନ ନେବାକୁ ଆରମ୍ଭ କରିବା ପୂର୍ବରୁ କେବେ ହେଲେ ସଂସାରରେ ଏତେ ଅଧିକ ସଂଖ୍ୟାରେ ଦରିଦ୍ରମାନେ ନ ଥିଲେ ! (*ମାଆ ହସିଉଠିଲେ*)

'oaob.nitrkl.ac.in' images reprocessed

*(ପରେ)*

ଅର୍ଥ ବିଷୟରେ ମୁଁ ଯାହାସବୁ କହିଥିଲି, ସେଗୁଡ଼ିକ ବିଷୟରେ ମୁଁ ପୁନର୍ବାର ଚିନ୍ତା କରୁଥିଲି । ଅରୋଭିଲ୍‌ର ଜୀବନ ସେହିପରି ଭାବରେହିଁ ସଂଗଠିତ ହେବା ଉଚିତ । ମାତ୍ର, ସେଥିଲାଗି ଲୋକମାନେ ପ୍ରସ୍ତୁତ ହେଲେଣି କି ନାହିଁ କେଜାଣି ?

*ତାହାର ଅର୍ଥ କ'ଣ ଏହା ଯେ, ସେମାନେ ଜଣେ ବିବେକୀ ମନୀଷୀଙ୍କର ନିର୍ଦ୍ଦେଶନାକୁ ମାନି ଚଳିଲେ ଯାଇ ତାହା ସମ୍ଭବ ହେବ ?*

ହଁ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ସର୍ବପ୍ରଥମ କଥାଟିକୁ ଅବଶ୍ୟ ଗ୍ରହଣ ଓ ସ୍ୱୀକାର କରିନେବାକୁ ପଡ଼ିବ ଯେ, ସେହି ଅଦୃଶ୍ୟ ଏବଂ ଉଚ୍ଚତର ଶକ୍ତି,– ଅର୍ଥାତ୍, ଅଧିକାଂଶତଃ ପ୍ରଚ୍ଛନ୍ନ ଅପ୍ରକଟ ହୋଇ ରହିଥିବା ଏକ ଚେତନାଭୂମିରେ ଅବସ୍ଥିତ ଅଥଚ ପ୍ରତ୍ୟେକ ବ୍ୟକ୍ତି ଭିତରେ ମଧ୍ୟ ବାସ କରୁଥିବା ସେହି ଶକ୍ତି; ତାହା ହେଉଛି ଏକ ଚେତନା, ଯାହାକୁ କି ତୁମେ ଯାହା ମନ ତାହା ବୋଲି କହି ଡାକିପାରିବ, ତାହାକୁ ଯେକୌଣସି ନାମରେ ଚିହ୍ନିତ କରିପାରିବ, ସେଥିରେ ଆଦୌ କିଛି ଯାଏ ଆସେ ନାହିଁ । ମାତ୍ର ତାହା ହେଉଛି ଏକ ପରିପୂର୍ଣ୍ଣ ଓ ପବିତ୍ର ଶକ୍ତି; ଏହି ଅର୍ଥରେ ଏକ ପବିତ୍ର ଶକ୍ତି ଯେ, ତାହା ମଧ୍ୟରେ ମିଥ୍ୟା ବୋଲି ଆଦୌ କିଛି ନାହିଁ, ତାହା ସେହି ପରମ ସତ୍ୟ ମଧ୍ୟରେହିଁ ପ୍ରତିଷ୍ଠିତ ହୋଇ ରହିଛି,– ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱୀକାର କରିନେବାକୁ ପଡ଼ିବ ଯେ, ସେହି ଶକ୍ତି ମଧ୍ୟରେ ପୃଥିବୀର ସ୍ଥୂଳ ବସ୍ତୁଗୁଡ଼ିକୁ ଏପରି ଏକ ଧାରାରେ ସଂଗଠିତ କରି ରଖିବାର ସାମର୍ଥ୍ୟ ରହିଛି, ଯାହାକି ପ୍ରତ୍ୟେକ ବ୍ୟକ୍ତି ସକାଶେ ଅଧିକ ଯଥାର୍ଥ, ଅଧିକ ସୁଖବିଧାୟକ ଓ ଅଧିକ ଉତ୍ତମ ହୋଇପାରିବ । ପାର୍ଥିବ କୌଣସି ଶକ୍ତିର ସେହି ସାମର୍ଥ୍ୟ କଦାପି ନାହିଁ । ଏଇଟି ହେଉଛି ସର୍ବପ୍ରଥମ କଥା । ଲୋକମାନେ ଥରେ ଏହି ବିଷୟରେ ସହମତ ହୋଇପାରିଲେ...

ଏହା ଆଦୌ ଏପରି ଏକ କଥା ନୁହେଁ, ଯାହାକି ତୁମ ପାଖରେ ରହିଛି ବୋଲି ତୁମେ ଛଳନା କରିପାରିବ,– ବ୍ୟକ୍ତି ପାଖରେ ତାହା ରହିଛି ବୋଲି ସେ କଦାପି ଛଳନା କରି ପାରିବ ନାହିଁ; କାରଣ, ହୁଏତ ତାହା ତୁମ ପାଖରେ ଥିବ ଅଥବା ତୁମ ପାଖରେ ନ ଥିବ । କାରଣ, (*ମାଆ ହସି କହିଲେ*) ଜୀବନର ଯେକୌଣସି ପରିସ୍ଥିତିରେ, ଯଦି ଏହା କେବଳ ଛଳନା ହୋଇଥିବ, ତେବେ ତାହା ଜଳଜଳ ହୋଇ ଅବଶ୍ୟ ପ୍ରକଟ ହୋଇଯିବ ! ଅଧିକନ୍ତୁ, ତାହା ତୁମକୁ ଆଦୌ କୌଣସି ସ୍ଥୂଳଜାଗତିକ ଶକ୍ତି ମଧ୍ୟ ଆଣି

'oaob.nitrkl.ac.in' images reprocessed

ଦେଇ ପାରିବ ନାହିଁ । ଏହି ପ୍ରସଙ୍ଗରେ 'କ' ପୁଣି କହୁଛନ୍ତି – ସିଏ ଯଥାର୍ଥ ସୋପାନକ୍ରମଟି ବିଷୟରେ, ପ୍ରତ୍ୟେକ ବ୍ୟକ୍ତିର ଚେତନାଶକ୍ତିକୁ ଭିତ୍ତି କରି ରହିଥିବା ସୋପାନକ୍ରମଟି ବିଷୟରେ କହୁଥିଲେ – ଏହି କ୍ରମରେ ଯେଉଁ ବ୍ୟକ୍ତି ବା ବ୍ୟକ୍ତିମାନେ ସର୍ବଶୀର୍ଷ ସ୍ଥାନରେ ଯାଇ ରହିଥା'ନ୍ତି, ସେମାନଙ୍କର ଆବଶ୍ୟକତାମାନ ବ୍ୟତିକ୍ରମରହିତ ଭାବରେ ସବୁଠାରୁ କମ୍ ହୋଇ ରହିଥାଏ । ସେମାନଙ୍କର ଜାଗତିକ ଦୃଷ୍ଟିସାମର୍ଥ୍ୟ ଅଭିବୃଦ୍ଧି ଲାଭ କରିବା ସଙ୍ଗେସଙ୍ଗେ ସେମାନଙ୍କର ଜାଗତିକ ଆବଶ୍ୟକତାଗୁଡ଼ିକର ପରିମାଣରେ ସେତିକି ହ୍ରାସ ହୋଇ ଯାଉଥାଏ । ଏବଂ ସେକଥା ଏକ ଏକାନ୍ତ ସତ୍ୟ କଥା । ଏହା ଅତ୍ୟନ୍ତ ସ୍ୱତଃକ୍ରିୟ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ସମ୍ଭବ ହୋଇଥାଏ, କୌଣସି ପ୍ରଚେଷ୍ଟାର ଫଳସ୍ୱରୂପ ଉପଲବ୍ଧ ହୁଏ ନାହିଁ । ଚେତନା ଯେତିକି ଅଧିକ ପରିମାଣରେ ପ୍ରଶସ୍ତ ହୁଏ, ବସ୍ତୁ ଏବଂ ବାସ୍ତବସତ୍ୟଗୁଡ଼ିକୁ ତାହା ସେତିକି ଅଧିକ ପରିମାଣରେ ଆପଣା ମଧ୍ୟକୁ ସମାବିଷ୍ଟ କରି ନେଇପାରେ ଓ ତାହାର ଫଳସ୍ୱରୂପ ଅତ୍ୟନ୍ତ ସ୍ୱତଃକ୍ରିୟ ଭାବରେ ତାହାର ବାହ୍ୟ ଆବଶ୍ୟକତାଗୁଡ଼ିକ ସେତିକି କମ୍ ହେବାରେ ଲାଗିଥାଏ । କାରଣ ସେତେବେଳେ ଏଗୁଡ଼ିକର ଆଉ ଆଦୌ କୌଣସି ମହତ୍ତ୍ୱ ଅଥବା ମୂଲ୍ୟ ରହେ ନାହିଁ । ବାହ୍ୟ ଆବଶ୍ୟକତାଗୁଡ଼ିକର ପ୍ରୟୋଜନ ଏକ ସର୍ବନିମ୍ନ ସ୍ତରକୁ ଚାଲିଆସେ ଏବଂ, ଜଡ଼ୋପାଦାନର ଉତ୍ତରୋତ୍ତର ବିକାଶ ହେଉଥିବା ସଙ୍ଗେସଙ୍ଗେ ସେଇଟିରେ ମଧ୍ୟ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହେବାରେ ଲାଗିଥାଏ ।

ଏବଂ, ସେକଥାଟିକୁ ବୁଝିବା ଓ ଠିକ୍ ବୋଲି ସ୍ୱୀକାର କରିବା ଭାରି ସହଜ, ନୁହେଁ କି ? ମାତ୍ର ସେହି କଥାଟିକୁ କାର୍ଯ୍ୟରେ ପରିଣତ କରିବା ପ୍ରକୃତରେ କଷ୍ଟକର ।

ଏବଂ ଦ୍ୱିତୀୟ କଥାଟି ହେଉଛି ଆତ୍ମ-ସଂପ୍ରତ୍ୟୟର ସାମର୍ଥ୍ୟ । ଅର୍ଥାତ୍, ଉଚ୍ଚତମ ଚେତନାକୁ ଯେତେବେଳେ ଜଡ଼ୋପାଦାନର ସଂସ୍ପର୍ଶକୁ ଆଣିବା ସମ୍ଭବ ହୁଏ, ସେତେବେଳେ, ମଧ୍ୟବର୍ତ୍ତୀ ଯାବତୀୟ ଭୂମିର ତୁଳନାରେ ତାହା ମଧ୍ୟରେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସଂପ୍ରତ୍ୟୟର ସାମର୍ଥ୍ୟଟି ମଧ୍ୟ ଅପେକ୍ଷାକୃତ ଅଧିକ ପରିମାଣରେ ସମ୍ଭବ ହୋଇଯାଏ । କେବଳ ସେହି ସଂସ୍ପର୍ଶର ପରିଣାମ ସ୍ୱରୂପ, ସଂପ୍ରତ୍ୟୟର ସାମର୍ଥ୍ୟଟି, ଅର୍ଥାତ୍ ରୂପାନ୍ତରର ସାମର୍ଥ୍ୟଟି ଅନ୍ୟ ମଧ୍ୟବର୍ତ୍ତୀ ଯାବତୀୟ ଭୂମିର ତୁଳନାରେ ଅପେକ୍ଷାକୃତ ଅଧିକ ପରିମାଣରେ ସମ୍ଭବ ହୋଇଥାଏ । ଏହିପରି ପ୍ରକୃତରେ ଘଟେ । ଏହି ଦୁଇଟିଯାକ ସତ୍ୟଘଟଣା ଏକତ୍ର ମିଳିତ ହୋଇ ଯେକୌଣସି ଛଳନାକୁ ମଧ୍ୟ ଦୀର୍ଘକାଳ ସ୍ଥାୟୀ ହୋଇ ରହିବା ଲାଗି ଆଦୌ ଅବକାଶ ଦିଅନ୍ତି ନାହିଁ । ଏକ ସାମୂହିକ ସଂଗଠନର ଦୃଷ୍ଟିକୋଣରୁହିଁ ମୁଁ ଏହି କଥାଟି ଉପରେ ଅବଲୋକନ କରୁଛି ।

ସେହି ସର୍ବୋଚ୍ଚ ଉଚ୍ଚତାଟିରୁ ତୁମେ ଯେମିତି ତଳ ଆଡ଼କୁ ଅବତରଣ କରିବାକୁ

'oaob.nitrkl.ac.in' images reprocessed

ଆରମ୍ଭ କର, ସେତେବେଳେ ଯାଇ ନାନାବିଧ ପ୍ରଭାବଚୟ ଗୋଟିଗୋଟି ହୋଇ ଲୀଳା ଆରମ୍ଭ କରିଦିଅନ୍ତି (*ମାଆ ବିମିଶ୍ରଣ ଏବଂ ଦ୍ୱନ୍ଦ୍ୱର ଇଙ୍ଗିତ ଦେଲେ*) ଏବଂ ତାହାହିଁ ଅତି ସୁନିଶ୍ଚିତ ଭାବରେ ଆମକୁ ଏହିପରି ଏକ ସଙ୍କେତ ମଧ୍ୟ ଦେଇଥାଏ : ତୁମେ ହୁଏତ ମାତ୍ର ଏତେ ଟିକିଏ ତଳକୁ ଖସି ଆସିଥାଅ,– ଏପରିକି, ହୁଏତ ଉଚ୍ଚତର ମନ ବା ଉଚ୍ଚତର ବୁଦ୍ଧିର ରାଜ୍ୟ ଯାଏ ଖସି ଆସିଥାଅ – ଏବଂ ସେଠାରେ ମଧ୍ୟ ପ୍ରଭାବଗୁଡ଼ିକର ସେହି ସମୁଦାୟ ଦ୍ୱନ୍ଦ୍ୱ ସଂଘାତଟି ଆରମ୍ଭ ହୋଇଯାଏ । କେବଳ ଯାହା ସେହି ସର୍ବୋଚ୍ଚ ଶିଖରରେହିଁ ଅବିମିଶ୍ର ସତ୍ୟରୂପେ ଅବସ୍ଥିତ ହୋଇ ରହିଥାଏ, କେବଳ ତାହାରିଠାରେହିଁ ସ୍ୱତଃସ୍ଫୂର୍ତ୍ତ ସଂପ୍ରତ୍ୟୟର ଏହି ସମର୍ଥତାଟି ରହିଥାଏ । ତେଣୁ, ଏଇଟିର ପରିବର୍ତ୍ତରେ ତୁମେ ଆଉ ଅନ୍ୟ ଯାହା କିଛି କରୁଥାଅ ପଛକେ, ତାହାକୁ କେବଳ ଏକ ପ୍ରାୟସତ୍ୟ ବୋଲିହିଁ କୁହାଯିବ ଏବଂ ତାହା କଦାପି ଏକ ବହୁମତତନ୍ତ୍ରର ବ୍ୟବସ୍ଥା ଅପେକ୍ଷା ଆଦୌ ଖୁବ୍‌ବେଶୀ ଅଧିକ ଭଲ ହୋଇ ପାରିବ ନାହିଁ । ଅର୍ଥାତ୍, ଯେଉଁ ବ୍ୟବସ୍ଥା ସର୍ବାଧିକ ସଂଖ୍ୟାର ତଥା ସର୍ବନିମ୍ନ ସ୍ତରର ମତ ଅନୁସାରେହିଁ ଶାସନ ହେଉ ବୋଲି ଇଚ୍ଛା କରେ,– ଏଠାରେ ମୁଁ ସେହି ସର୍ବାଧୁନିକ ପ୍ରବୃତ୍ତି ଅର୍ଥାତ୍ ସର୍ବାଧିକ ମତ ଦ୍ୱାରା ସମାଜଶାସନର କଥାହିଁ କହୁଛି,– ତାହା ଅପେକ୍ଷା ଖୁବ୍‌ବେଶୀ ଅଧିକ ଭଲ ହୋଇ ପାରିବ ନାହିଁ ।

ଯଦି ଏହି କ୍ଷେତ୍ରରେ ସର୍ବୋଚ୍ଚ ପରମଚେତନାର କୌଣସି ପ୍ରତିନିଧି ଉପସ୍ଥିତ ନ ରହନ୍ତି,– ସେପରି ଅବଶ୍ୟ ହୁଅନ୍ତା, ନୁହେଁ ?– ଯଦି ସେପରି କୌଣସି ପ୍ରତିନିଧି ନ ଥା'ନ୍ତି, ତେବେ ତା' ପରିବର୍ତ୍ତେ ହୁଏତ – ଏହାକୁ ପରୀକ୍ଷା କରି ଦେଖା ଯାଇପାରେ – ଯଦି ଅଳ୍ପସଂଖ୍ୟକ କେତେଜଣଙ୍କର ଶାସନ କାଏମ୍ କରାଯାଇ ପାରନ୍ତା – ଏହି ସଂଖ୍ୟା ଚାରିରୁ ଆଠ ମଧ୍ୟରେ ହୁଅନ୍ତା – ହଁ, ସେହିପରି ଚାରି, ସାତ ବା ଆଠ ହୁଅନ୍ତା – ଯେଉଁମାନଙ୍କର କି ଏକ **ସଂବୋଧି-ସଂପନ୍ନ** ବୁଦ୍ଧି ରହିଥା'ନ୍ତା : ଏଠାରେ ''ସଂବୋଧିସମ୍ପନ୍ନତା''କୁ ବୁଦ୍ଧିଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି । ସେହି ବ୍ୟକ୍ତିମାନଙ୍କର ଏପରି ଏକ ସଂବୋଧିଗତ ସାମର୍ଥ୍ୟ ରହିଥା'ନ୍ତା, ଯାହାକି ବୁଦ୍ଧିର ଭୂମିରେ ଆପଣାକୁ ଅଭିବ୍ୟକ୍ତ କରି ପାରୁଥା'ନ୍ତା ।

ସାଧାରଣ ବାହ୍ୟ ଫଳପ୍ରଦତାର ଦୃଷ୍ଟିରୁ ବିଚାର କରି ଦେଖିଲେ ଏହି ବ୍ୟବସ୍ଥାଟିରେ ଅନେକ ଦୋଷ ରହିଥିବାର ଅବଶ୍ୟ ପରିଲକ୍ଷିତ ହୁଅନ୍ତା । ମାତ୍ର, ସର୍ବନିମ୍ନ ସ୍ତରର – ସମାଜବାଦ ବା ସାମ୍ୟବାଦ ସ୍ତରର ତୁଳନାରେ ଏହା ସମ୍ଭବତଃ ସତ୍ୟର ଅଧିକ ନିକଟ ହୋଇ ରହିଥା'ନ୍ତା । ମଧ୍ୟବର୍ତ୍ତୀ ପାହାଚଗୁଡ଼ିକରେ ଆଉ ଯାହା କିଛି ରହିଲା, ଧର୍ମତନ୍ତ୍ର, ସମ୍ଭ୍ରାନ୍ତତନ୍ତ୍ର, ଜନତନ୍ତ୍ର ଓ ଧନିକତନ୍ତ୍ର ସବୁକିଛି – ଏହି ସବୁକିଛି ଅଯୋଗ୍ୟ ବୋଲି ପ୍ରମାଣିତ ହୋଇ ସାରିଛନ୍ତି,– ସେମାନେ ସଂପୂର୍ଣ୍ଣ ଭାବରେ ବିଫଳ ହୋଇ ସାରିଛନ୍ତି ।

'oaob.nitrkl.ac.in' images reprocessed

ସେହି ଅନ୍ୟଟି – ସମାଜବାଦୀ ବା ସାମ୍ୟବାଦୀ ସରକାର ମଧ୍ୟ ସେହିପରି ଭାବରେ ଆପଣାକୁ ବିଫଳ ବୋଲି ପ୍ରମାଣିତ କରିବାରେ ଲାଗିଛନ୍ତି ।

ମୂଳତଃ, ସମାଜବାଦ ଓ ସାମ୍ୟବାଦ ଉଭୟେ ଶାସନକଳର ଏକପ୍ରକାର ଅନୁପସ୍ଥିତିରହିଁ ପାଖାପାଖି; କାରଣ ଅନ୍ୟମାନଙ୍କୁ ଶାସନ କରିବା ଲାଗି ସେମାନଙ୍କର ଆଦୌ କୌଣସି ସାମର୍ଥ୍ୟ ନ ଥାଏ; କ୍ଷମତାକୁ କାର୍ଯ୍ୟକାରୀ କରି ପାରୁଥିବା କୌଣସି ବ୍ୟକ୍ତି ଉପରେ, ଉଦାହରଣ ସ୍ୱରୂପ ଜଣେ ଲେନିନ୍ ବା ସେହିଭଳି ଆଉ ଜଣେ କାହା ଉପରେ ସମସ୍ତ କ୍ଷମତାକୁ ନେଇ ନ୍ୟସ୍ତ କରିଦେବାକୁ ବାଧ୍ୟ ହୋଇଥା'ନ୍ତି । ସେହିପରି ଜଣେ ବ୍ୟକ୍ତିର ପ୍ରକୃତ ମୁଣ୍ଡ ଅଛି ବୋଲି ବିଚାର କରା ଯାଇଥାଏ । ଏହି ସବୁକିଛିର ପ୍ରୟୋଗ ହୋଇ ସାରିଛି ଏବଂ ଅକ୍ଷମ ବୋଲି ପ୍ରମାଣିତ ହୋଇଛି । କେବଳ ଯେଉଁ ଗୋଟିକ ପ୍ରକୃତରେ ସମର୍ଥ ହୋଇ ପାରନ୍ତା, ତାହା ହେଉଛି ସେହି ପରମ ଋତ-ଚିତ୍, ଯାହାକି ଆପଣାର ନିମିତ୍ତମାନଙ୍କୁ ବାଛିନେଇ ପାରୁଥାନ୍ତା ଏବଂ ଜଣେ ଯୋଗ୍ୟ ନିମିତ୍ତ ଉପଲବ୍ଧ ହେଉ ନ ଥିବାରୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର କେତେଜଣ ନିମିତ୍ତଙ୍କର ମାଧ୍ୟମରେ ଆପଣାକୁ ଅଭିବ୍ୟକ୍ତ କରି ପାରନ୍ତା – "ଜଣେ" ପ୍ରକୃତରେ ଯଥେଷ୍ଟ ବି ହେବ ନାହିଁ, କାରଣ ସେହି "ଜଣଙ୍କୁ" ମଧ୍ୟ ଅବଶ୍ୟ କେତେଜଣଙ୍କର ଏକ ଗୋଷ୍ଠୀକୁ ବାଛିବାକୁହିଁ ପଡ଼ିବ ।

ଯେଉଁମାନେ ଏହି ଚେତନାର ଅଧିକାରୀ ହୋଇ ପାରିଛନ୍ତି, ସେମାନେ ସମାଜର ଯେକୌଣସି ଶ୍ରେଣୀର ହୋଇ ପାରନ୍ତି : ଏହାକୁ କଦାପି ଏକ ଜନ୍ମଗତ ବିଶେଷାଧିକାର ବୋଲି କୁହାଯିବ ନାହିଁ,– ବ୍ୟକ୍ତିର ସାଧନା ଏବଂ ବିକାଶ ଫଳରେହିଁ ତାହା ସମ୍ଭବ ହୋଇଥାଏ । ବସ୍ତୁତଃ ତାହା ହେଉଛି ଏକ ବାହ୍ୟ ସଙ୍କେତ, ରାଜନୀତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ତାହା ଅବଶ୍ୟ ଏକ ସ୍ପଷ୍ଟ ସଙ୍କେତ – ଏହାକୁ ଆଉ କଦାପି ଶ୍ରେଣୀ, ବର୍ଗ ଅଥବା ଜନ୍ମଜନିତ ଏକ ବ୍ୟାପାର ବୋଲି କୁହାଯାଇ ପାରିବ ନାହିଁ – ଏହି ଯାବତୀୟ କଥା ହେଉଛି କେବଳ ଏକ ପୁରୁଣା କଥା । ଯେଉଁ ବ୍ୟକ୍ତିମାନେ ଏକ ନିର୍ଦ୍ଦିଷ୍ଟ ପରିମାଣର ସେହି ଉଚ୍ଚତର ଚେତନାର ଅଧିକାରୀ ହୋଇ ପାରିଛନ୍ତି, କେବଳ ସେହିମାନଙ୍କରହିଁ ଶାସନ କରିବାର ଅଧିକାର ରହିଛି । ଅନ୍ୟମାନଙ୍କର ସେମାନେ ସମାଜର ଯେଉଁ ବର୍ଗର ହୋଇଥା'ନ୍ତୁ ପଛକେ, ଶାସନ କରିବା ଲାଗି କୌଣସି ଅଧିକାର ନାହିଁ ।

ଏହାକୁହିଁ ଯଥାର୍ଥ ଦୃଷ୍ଟି ବୋଲି କୁହାଯିବ ।

ଯେଉଁମାନେ ଏହି ପ୍ରୟୋଗରେ ଅଂଶଗ୍ରହଣ କରିବେ, ସେମାନଙ୍କ ଭିତରେ ପୂର୍ଣ୍ଣ ଭାବରେ ଏହି ଦୃଢ଼ ସଂପ୍ରତ୍ୟୟଟି ରହିଥିବ ଯେ, ସେହି ସର୍ବୋତ୍ତମ ଚେତନା ଦ୍ୱାରାହିଁ ଅଧିକାଂଶ ଜଡ଼ସ୍ଥ ବସ୍ତୁ ଓ ବ୍ୟାପାରର ବିଚାର କରାଯାଇ ପାରିବ । ଉଚ୍ଚତର ଚେତନା

'oaob.nitrkl.ac.in' images reprocessed

କେବଳ ଉଚ୍ଚତର ବ୍ୟାପାରଗୁଡ଼ିକୁ ନେଇ କାର୍ଯ୍ୟ କରେ ଏବଂ ନିମ୍ନତର ବସ୍ତୁଗୁଡ଼ିକ ତା'ର ଆଦୌ କୌଣସି ଦୃଷ୍ଟି ଆକର୍ଷଣ କରେ ନାହିଁ ଏବଂ ତାହା ସେସବୁ ବିଷୟରେ ଆଦୌ କିଛି ବୁଝି ପାରେ ନାହିଁ, ଏହିପରି ଏକ ଧାରଣାହିଁ ଭାରତବର୍ଷକୁ ନଷ୍ଟ କରି ଦେଇଛି ! ତାହାହିଁ ଭାରତବର୍ଷ ଲାଗି ବିନାଶର କାରଣ ହୋଇଛି । ଏବଂ, ଏହି ଭୁଲ୍‌ଟିର ଏକ ସଂପୂର୍ଣ୍ଣ ପ୍ରତିକାର-ବିଧାନ କରିବାକୁହିଁ ପଡ଼ିବ । ସେହି ସର୍ବୋଚ୍ଚ ଚେତନାହିଁ ସବୁଠାରୁ ଅଧିକ ସ୍ୱଷ୍ଟ ଭାବରେ ଦେଖିପାରେ – ସବୁଠାରୁ ଅଧିକ ସ୍ୱଷ୍ଟ ଓ ସବୁଠାରୁ ଅଧିକ ଯଥାର୍ଥ ଭାବରେ ଦେଖିପାରେ; ସବୁଠାରୁ ଅଧିକ ଜଡ଼ସ୍ଥ ବସ୍ତୁଗୁଡ଼ିକର ଯଥାର୍ଥରେ ଯେଉଁସବୁ ବିଷୟର ପ୍ରୟୋଜନ ରହିଛି, ସର୍ବୋଚ୍ଚ ଚେତନା ସେସବୁକୁ ସବୁଠାରୁ ଅଧିକ ନିର୍ଭୁଲ ଭାବରେ ଦେଖିପାରେ ।

ସେହି ଚେତନାକୁ ସାଙ୍ଗରେ ନେଇ ଏକ ନୂତନ କିସମର ସରକାରର ପ୍ରୟୋଗ କରାଯାଇ ପାରେ ।

*

*୩୧ ମଇ ୧୯୬୯*

ପଅରଦିନ ରାତିରେ ମୁଁ ଶ୍ରୀଅରବିନ୍ଦଙ୍କ ସହିତ ତିନି ଘଣ୍ଟାରୁ ଅଧିକ ସମୟ ଅତିବାହିତ କରିଥିଲି ଏବଂ, ଅରୋଭିଲ୍ ସକାଶେ ଯାହାସବୁ ଆରମ୍ଭ ହେବାକୁ ଯାଉଛି, ତାଙ୍କୁ ମୁଁ ସେଗୁଡ଼ିକୁ ଗୋଟିଗୋଟି କରି ଦେଖାଉଥିଲି । ସେହି ସମୟଟି ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଥିଲା ! ଆମର ଖେଳ ବିଷୟରେ, କଳା ବିଷୟରେ, ଏପରିକି ଭୋଜନ ପ୍ରସ୍ତୁତ କରିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ! ମାତ୍ର ସବୁକଥା ଅତ୍ୟନ୍ତ ପ୍ରତୀକାତ୍ମକ ଭାବରେ ହୋଇଥିଲା । ସତେ ଯେପରି ଏକ ସୁବିସ୍ତୀର୍ଣ୍ଣ ଭୂଦୃଶ୍ୟର ସମ୍ମୁଖରେ ପଡ଼ିଥିବା ଏକ ଟେବୁଲ ଉପରେ ମୁଁ ତାଙ୍କୁ ପ୍ରତ୍ୟେକ ବିଷୟ ବ୍ୟାଖ୍ୟା କରି କହୁଥିଲି । ଶାରୀରିକ ବ୍ୟାୟାମ ଓ କ୍ରୀଡ଼ାଗୁଡ଼ିକୁ ଯେପରି ଭାବରେ ସଂଗଠିତ ହେବାକୁ ଯାଉଛି, ତାହାର ମୂଳନୀତିଗୁଡ଼ିକୁ ମୁଁ ତାଙ୍କୁ ବୁଝାଇ ଦେଉଥିଲି । ଅତ୍ୟନ୍ତ ସ୍ୱଷ୍ଟ ଓ ସୁନିର୍ଦ୍ଦିଷ୍ଟ ଭାବରେ ଏହିସବୁ କଥା ହେଉଥିଲା; ସତେଯେପରି ମୁଁ ଏକ ପ୍ରଦର୍ଶନର ଢଙ୍ଗରେ ତାଙ୍କ ପାଖରେ ସବୁ କହି ଚାଲିଥିଲି । କ'ଣସବୁ କରାହେବାକୁ ଯାଉଛି, ମୁଁ ସେସବୁକୁ ସତେଅବା ଏକ କ୍ଷୁଦ୍ର ପରିମିତି ଭିତରେ ଏକ ଲଘୁଚିତ୍ରର ପ୍ରଦର୍ଶନ ମାଧ୍ୟମରେ ସବୁକଥା ବୁଝାଇ କହି ଦେଉଥିଲି । ବ୍ୟକ୍ତି ତଥା ବସ୍ତୁମାନଙ୍କୁ ସଂଚାଳିତ କରୁଥିଲି (*ସତେଅବା ଗୋଟିଏ ଚେସ୍‌ପାଲି ଉପରେ ସାରମାନଙ୍କୁ ଚଳାଇବାର ଇଙ୍ଗିତ କଲେ*) । ମାତ୍ର, ସବୁକଥା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଭାବରେ ଚାଲିଥିଲା । ଏବଂ ସିଏ ମଧ୍ୟ ସବୁଥିରେ ଅତ୍ୟନ୍ତ ଆଗ୍ରହ

'oaob.nitrkl.ac.in' images reprocessed

ପ୍ରକାଶ କରୁଥିଲେ : ସିଏ ସଂଗଠନର ମୁଖ୍ୟ ନିୟମଗୁଡ଼ିକର ନିରୂପଣ କରି ଦେଉଥିଲେ (ଏହି ବିଷୟଟିକୁ ମୁଁ କିପରି ବୁଝାଇ କରି କହିପାରିବି କେଜାଣି ?) । ଏଥିରେ କଳାର ମଧ୍ୟ ସ୍ଥାନ ଥିଲା, ଏବଂ ଏକ ସୁନ୍ଦର ସ୍ଥାନ ଥିଲା,– ଏକ ଶୁଭବିଧାୟକ ସ୍ଥାନ ଥିଲା । ଏବଂ, ଘରଗୁଡ଼ିକୁ କିପରି ସୁଖକର ଏବଂ ସୁନ୍ଦର କରାଯାଇ ପାରିବ, ନିର୍ମାଣର କେଉଁସବୁ ମୂଳ ବିଧାନର ଭିତ୍ତିରେ ସେଗୁଡ଼ିକୁ ତିଆରି କରାଯିବ, ଯାବତୀୟ କଥାର ଆଲୋଚନା ହେଲା । ଏବଂ ତା'ପରେ ରନ୍ଧନଶାଳାର ମଧ୍ୟ ଆଲୋଚନା ହୋଇଥିଲା; ତାହା ଅତ୍ୟନ୍ତ ମନୋରଞ୍ଜକ ହୋଇଥିଲା,– ପ୍ରତ୍ୟେକ ଆଲୋଚନା ତାଙ୍କର ଉଦ୍‌ଭାବନକାରିଣୀ ଶକ୍ତିକୁ ପ୍ରକଟ କରି ଦେଉଥିଲା । ଏସବୁ କଥା ତିନିଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା, ରାତିରେ ତିନିଘଣ୍ଟା କାଳ – ଏକ ଦୀର୍ଘ ସମୟ । ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ।

*ମାତ୍ର, ପୃଥିବୀପୃଷ୍ଠରେ ପରିସ୍ଥିତି ସେହି ସବୁକିଛିଠାରୁ ବହୁଦୂର ପରି ମନେ ହେଉଛି...*

(*କିଞ୍ଚିତ୍ ସଙ୍କୋଚ ପରେ*) ନାଇଁ ... ଏସବୁ ଠିକ୍ ସେହିଠାରେହିଁ ଥିଲା, ପୃଥିବୀ ଲାଗି ତାହା ଅପରିଚିତ ବୋଲି ଆଦୌ ମନେ ହେଉ ନ ଥିଲା । ତାହାକୁ ପ୍ରକୃତରେ ଏକ ସୌଷମ୍ୟ ବୋଲିହିଁ କୁହାଯିବ : ବସ୍ତୁଗୁଡ଼ିକର ପଶ୍ଚାତରେ ରହିଥିବା ଏକ ସଚେତନ ସୌଷମ୍ୟ । ଶାରୀରିକ ବ୍ୟାୟାମ ଏବଂ କ୍ରୀଡ଼ାଦିର ପଶ୍ଚାତରେ ଥିବା ଏକ ସଚେତନ ସୌଷମ୍ୟ; ଗୃହସଜ୍ଜା ଓ କଳାର ପଶ୍ଚାତରେ ରହିଥିବା ଏକ ସଚେତନ ସୌଷମ୍ୟ; ଭୋଜନ ବ୍ୟବସ୍ଥା ପଶ୍ଚାତରେ ରହିଥିବା ଏକ ସଚେତନ ସୌଷମ୍ୟ ।

*ମୁଁ କହିବାକୁ ଚାହୁଁଥିଲି ଯେ, ବର୍ତ୍ତମାନ ପୃଥିବୀର ଉପସ୍ଥିତ ଅବସ୍ଥା ତୁଳନାରେ ଏହି ଯାବତୀୟ କଥା ଏକାବେଳେକେ ବିପରୀତ ପ୍ରାନ୍ତରେ ଯାଇ ଅବସ୍ଥିତ ଥିବାପରି ବୋଧ ହେଉଛି ।*

ନାଇଁ...

*ନାଇଁ ?*

ଆଜି ମୁଁ 'କ' ଙ୍କୁ ଭେଟିଥିଲି ଏବଂ ମୁଁ ତାଙ୍କୁ କହୁଥିଲି ଯେ, କଳା ଓ କ୍ରୀଡ଼ାକ୍ଷେତ୍ର ଓ

'oaob.nitrkl.ac.in' images reprocessed

ଏପରିକି ଭୋଜନସାମଗ୍ରୀର ପ୍ରସ୍ତୁତି ଏବଂ ଅବଶିଷ୍ଟ ଆଉ ସବୁକିଛିର ସମଗ୍ର ସଂଗଠନଟି ସୂକ୍ଷ୍ମଭୌତିକ ସ୍ତରରେ ପ୍ରସ୍ତୁତ ହୋଇ ରହିଛି,– ଧରାପୃଷ୍ଠକୁ ଅବତରଣ କରି ଏଠାରେ ମୂର୍ତ୍ତ ରୂପ ଧାରଣ କରିବା ଲାଗି ପ୍ରସ୍ତୁତ ହୋଇ ରହିଲାଣି – ଏବଂ ତାଙ୍କୁ ମୁଁ କହିଲି, "ବର୍ତ୍ତମାନ କେବଳ ମୁଠାଏ ମାଟି ଲାଗିହିଁ ଅପେକ୍ଷା ରହିଛି (*ହାତକୁ ଆଞ୍ଜୁଳା କରି ଦେଖାଇବାର ଭଙ୍ଗୀ*), ଯେଉଁଠାରେ କି ଗଛଟିକୁ ରୋପଣ କରାଯାଇ ପାରିବ, ସେହିପରି ମୁଠାଏ ମାଟି ଲାଗି ଅପେକ୍ଷା ରହିଛି ।... ସେହି ଗଛଟି ଯେପରି ରୋପିତ ହୋଇ ବିକାଶଲାଭ କରିପାରିବ, ସେଥିଲାଗି ଅବଶ୍ୟ ମୁଠାଏ ମାଟି ଆବିଷ୍କାର କରି ପାରିବାକୁ ହେବ ।"

'oaob.nitrkl.ac.in' images reprocessed

*୩୧ ଡିସେମ୍ବର ୧୯୬୯*

ସର୍ବପ୍ରଥମେ ସେହିପରି କଳ୍ପନା କରା ଯାଇଥିଲା : ଗୋଟିଏ କେନ୍ଦ୍ର ଥିଲା ଏବଂ ଏହାର ଚାରିପାଖରେ ସହରଟି ସଂଗଠିତ ହୋଇ ରହିଥିଲା । ବର୍ତ୍ତମାନ ତ ସେମାନେ ତାହାର ଠିକ୍ ବିପରୀତ କଥା କହିବାରେ ଲାଗିଛନ୍ତି । ସେମାନେ ଆଗ ସହରଟିକୁ ନିର୍ମାଣ କରି ତା'ପରେ ଯାଇ କେନ୍ଦ୍ରଟିକୁ ଅବସ୍ଥାପିତ କରିବେ ବୋଲି ଇଚ୍ଛା କରୁଛନ୍ତି ।

ଏବଂ "ବସ୍ତୁ"ଟି ଜନ୍ମଲାଭ କରିବାକୁ ପ୍ରସ୍ତୁତ ହୋଇଗଲାଣି । ଦୀର୍ଘ କାଳରୁ ମୁଁ ତାହାକୁ ଜାଣି ସାରିଛି; ତାହା ସେହିଠାରେହିଁ (*ଊର୍ଦ୍ଧ୍ୱ ଆଡ଼କୁ ଇଙ୍ଗିତ କଲେ*) ଅବସ୍ଥିତ ରହିଛି, ସେହିଠାରେ ଅପେକ୍ଷା କରି ରହିଛି ।

(*ମାଆ ନୀରବ ରହିଲେ*)

'ଅ' କଳ୍ପନା କରୁଛନ୍ତି ଯେ ମଝିରେ ଦ୍ୱୀପଟିଏ ରହିବ, ତା'ର ଚାରିପାଖରେ ପାଣି ଥିବ, ସେହି ପାଣି ସତତ ବହି ଯାଉଥିବ । ତାହା ସମଗ୍ର ସହରକୁ ଜଳ ଯୋଗାଇବ । ଏବଂ ଯେତେବେଳେ ତାହା ସହର ମଧ୍ୟଦେଇ ଯାଉଥିବ, ସେତେବେଳେ ତାହାକୁ ଏକ ପମ୍ପ-ହାଉସ୍‌କୁ ପଠାଇ ଦିଆଯିବ ଏବଂ ସେଠାରୁ ତାହା ବାହାରକୁ ଯାଇ ଚତୁର୍ଦ୍ଦିଗସ୍ଥ ସମସ୍ତ ଚାଷଜମିକୁ ଜଳ ଯୋଗାଇଦେବ । ଅର୍ଥାତ୍, ଏହି କେନ୍ଦ୍ରଟି ଗୋଟିଏ କ୍ଷୁଦ୍ର ଦ୍ୱୀପ ପରି ହୋଇ ରହିବ ଏବଂ, ଆମେ ପ୍ରଥମେ ଯାହାକୁ "ମାତୃମନ୍ଦିର" ବୋଲି କହୁଥିଲୁ, ତାହା ସେହି ଦ୍ୱୀପ ଉପରେ ନିର୍ମିତ ହେବ । ମୁଁ ସର୍ବଦା ତାହାକୁ ଏକ ଅତ୍ୟନ୍ତ ବୃହତ୍ ପ୍ରକୋଷ୍ଠରୂପେ ଅବଲୋକନ କରିପାରୁଛି, ତାହା ସଂପୂର୍ଣ୍ଣ ଭାବରେ ଖାଲି, ତା'ଭିତରେ ଅନ୍ୟ କୌଣସି ବସ୍ତୁ ବା ଆବରଣ ନାହିଁ; ତାହା ଊର୍ଦ୍ଧ୍ୱରୁ ଆସୁଥିବା ଗୋଟିଏ ଆଲୋକକୁ ଗ୍ରହଣ କରୁଛି । ସେଥିରେ ସବୁକଥା ଏପରି ଭାବରେ ବ୍ୟବସ୍ଥା କରାଯାଇଛି ଯେ, ଊର୍ଦ୍ଧ୍ୱରୁ ଆଗତ ହେଉଥିବା ଆଲୋକ ଆସି ଗୋଟିଏ ସ୍ଥାନରେ ସଂକେନ୍ଦ୍ରିତ ହୋଇ ପାରୁଥିବ, ଯେଉଁ ସ୍ଥାନରେ କି... ଆମେ କେନ୍ଦ୍ରରୂପେ ଯାହା କିଛି ସ୍ଥାପନା କରିବାକୁ ଚାହୁଁ, ତାହା ସେଠାରେ ରହିବ । ପ୍ରଥମେ ଆମେ ଭାବିଥିଲୁ ଯେ ସେଠାରେ ଶ୍ରୀଅରବିନ୍ଦଙ୍କର ପ୍ରତୀକ ରହିବ; ମାତ୍ର, ଆମେ ଅନ୍ୟ ଯାହାକିଛି ଇଚ୍ଛା କରିବା, ସେଠାରେ ତାହା ରଖି ପାରିବା । ସେହିପରି ଭାବରେ ଏକ ଆଲୋକରଶ୍ମି ଆସି ସେଇଟି ଉପରେ ସର୍ବଦା ପ୍ରପତିତ

'oaob.nitrkl.ac.in' images reprocessed

ହେଉଥିବ, ଏବଂ ତାହା... ସୂର୍ଯ୍ୟର ସ୍ଥାନପରିବର୍ତ୍ତନ ଅନୁସାରେ ଆବର୍ତ୍ତିତ ହେବାରେ ଲାଗିଥିବ । ତୁମେ ବୁଝିପାରୁଛ ? ଯଦି ଯଥୋଚିତ ଭାବରେ ତାହାର ନିର୍ମାଣ କରାଯାଏ, ତେବେ ତାହା ଅତ୍ୟୁତ୍ତମ ହେବ । ଏବଂ, ତା'ର ନିମ୍ନଦେଶରେ, ଯେପରିକି ଲୋକମାନେ ସେଠାରେ ବସି ଧ୍ୟାନ କରି ପାରିବେ ବା ଏପରିକି କେବଳ ବିଶ୍ରାମ ନେଇ ପାରିବେ, ସେଠାରେ କିଛି, ଆଦୌ **କିଛି ହେଲେ** ରହିବ ନାହିଁ, ସେହି ନିମ୍ନଦେଶରେ କେବଳ ଆରାମଦାୟକ ବୋଧ ହେଉଥିବା ଏକ ସ୍ଥାନ ରହିବ, ଯେପରିକି ଲୋକମାନେ ସେଠାରେ ଆଦୌ କ୍ଳାନ୍ତ ନ ହୋଇ ବସି ପାରିବେ । ଖୁବ୍ ସମ୍ଭବ ସେଥିରେ କୋଡ଼ୋଟି ସ୍ତମ୍ଭ ରହିଥିବ, ସେଗୁଡ଼ିକ ଯୁଗପତ୍ ଭାବରେ ଆଉଜି ବସିବା ସକାଶେ ମଧ୍ୟ କାମ ଦେବ । ସେହିପରି କିଛି ରହିବ । ଏବଂ ମୁଁ ସେହି ବସ୍ତୁଟିକୁ ସତତ ଦେଖିପାରୁଛି । ଏବଂ, ପ୍ରକୋଷ୍ଠଟି ଉଚ୍ଚ ହୋଇଥିବ, ଯେପରିକି ଏକ **ରଶ୍ମି** ହିସାବରେ ସେଠାରେ ସୂର୍ଯ୍ୟର ପ୍ରବେଶ ଘଟି ପାରୁଥିବ, ତାହା ଦିନର ବିଭିନ୍ନ ସମୟ ଅନୁସାରେ ବିଭିନ୍ନ ପ୍ରକାରେ ହେଉଥିବ ଏବଂ ସେଠାରେ ଥିବା କେନ୍ଦ୍ରଟି ଉପରେ ଆସି ବାଜୁଥିବ । ଯଦି ସେହିଭଳି କରାଯାଇ ପାରିବ, ତେବେ ଅତ୍ୟନ୍ତ ଭଲ ହେବ ।

ଏବଂ, ଏହା ବ୍ୟତୀତ ଆଉ ଯାହାସବୁ ରହିଲା, ସେଗୁଡ଼ିକ ଯେପରି ହେଲେ ମଧ୍ୟ ମୋ'ର ସେଥିରେ କୌଣସି ଆପତ୍ତି ରହିବ ନାହିଁ; ସେମାନେ ସେଗୁଡ଼ିକୁ ଯେପରି ଇଚ୍ଛା କରିବେ, ସେପରି ନିର୍ମାଣ କରି ପାରିବେ । ପ୍ରଥମେ ସେମାନେ ସେଠାରେ ମୋ'ର ରହିବା ପାଇଁ ଗୋଟିଏ ସ୍ଥାନ ତିଆରି କରି ରଖିବେ ବୋଲି ଚିନ୍ତା କରୁଥିଲେ; ମାତ୍ର ମୁଁ ସେଠାକୁ କେବେହେଲେ ଯିବି ନାହିଁ, ତେଣୁ ଆଉ ସେସବୁ ଆୟାସରେ କୌଣସି କାରଣ ନାହିଁ, ସେଥିରେ ଆଦୌ କୌଣସି ଲାଭ ହେବ ନାହିଁ । ଏବଂ, ଏହି ଦ୍ୱୀପଟିର ଯତ୍ନ ନେବାର ଦାୟିତ୍ୱରେ କେହି ଜଣେ ରହିବେ ବୋଲି ସମସ୍ତେ ଠିକ୍ କରିଥିଲେ ଯେ ସେଠାରେ 'ଅ' ଙ୍କ ଲାଗି ଗୋଟିଏ ସାନ କୋଠରି ରହିବ; ସେଠାରେ ସିଏ କେବଳ ସ୍ଥାନଟିର ତତ୍ତ୍ୱାବଧାରକ ଭାବରେ ରହିବା ଲାଗି ଅବଶ୍ୟ ଇଚ୍ଛା କରିବେ । ଏବଂ ତା'ପରେ,– ସେଠାରେ ଏପରି ଭାବରେ ଏକାଧିକ ସେତୁ ନିର୍ମାଣ କରିବା ପାଇଁ ଇଚ୍ଛା କରୁଥିଲେ ଯେ, ଯେପରିକି ସେଗୁଡ଼ିକ ଦ୍ୱାରା ଜଳର ଅପର ପାର୍ଶ୍ୱଗୁଡ଼ିକ ସଂଯୋଜିତ ହୋଇ ରହିପାରିବ । ଏବଂ ଅପର ପାର୍ଶ୍ୱରେ ଚତୁର୍ଦ୍ଦିଗରେ କେବଳ ଉଦ୍ୟାନ ରହିବ । ଏହି ଉଦ୍ୟାନଗୁଡ଼ିକ ... ଆମେ ବାରଗୋଟି ଉଦ୍ୟାନର ଚିନ୍ତା କରିଥିଲୁ,– ଦୈର୍ଘ୍ୟଟିକୁ ବାର ଭାଗରେ ବିଭକ୍ତ କରି ରଖିବା ସକାଶେ ଆମେ ବାରଗୋଟି ଉଦ୍ୟାନର କଥା ଭବିଥିଲୁ । ପ୍ରତ୍ୟେକ ଉଦ୍ୟାନରେ ଚେତନାର ଗୋଟିଏ ସ୍ଥିତିକୁ ଅଭିନିବେଶିତ କରି ରଖାଯିବ ଏବଂ ସେଥିରେ ସେହି ସ୍ଥିତିର ପ୍ରତିନିଧିତ୍ୱ କରୁଥିବା ଫୁଲଗୁଡ଼ିକ ମଧ୍ୟ ରହିଥିବ । ଏବଂ ତା'ପରେ,

'oaob.nitrkl.ac.in' images reprocessed

ସେଥିରୁ ଦ୍ୱାଦଶ ଉଦ୍ୟାନଟି ପାଣିରେ, ପାଣିର ଚାରିପାଖରେ ରହିବ – ଚାରିପାଖରେ ନୁହେଁ, ''ମନ୍ଦିର''ର ପାର୍ଶ୍ୱବର୍ତ୍ତୀ ହୋଇ ରହିବ । ସେଠାରେ ଯେଉଁ ବରଗଛଟି ଅଛି, ତାହା ସେଠାରେ ରହିଥିବ । ତାହାହିଁ ସହରର କେନ୍ଦ୍ରରୂପେ ପରିଗଣିତ ହେବ । ଏବଂ ତା'ର ବାହାରେ ଚାରିପାଖରେ ଥିବା ବାରୋଟିଯାକ ଉଦ୍ୟାନରେ ମଧ୍ୟ ସେହିପରି ଭାବରେ ସଜ୍ଜିତ ହୋଇ ରହିଥିବା ଫୁଲମାନ ରହିଥିବ ।

(*ମାଆ ନୀରବ ରହିଲେ*)

ଏହିପରି ଏକ ମନ୍ଦିରର ବହିର୍ସଜ୍ଜା ନିମନ୍ତେ 'ଅ' ଏକ ବୃହତ୍ ପଦ୍ମ ନିର୍ମାଣ କରିବାକୁ ଚିନ୍ତା କରିଥିଲେ । ମାତ୍ର ସେପରି ହେଲେ ଅନ୍ତର୍ଭାଗର ଏହି ଆଲୋକର ନୃତ୍ୟଲୀଳାଟି ଏକ ପଦ୍ମାକୃତି ମଧ୍ୟରେ ପ୍ରକୃତରେ ସମ୍ଭବ ହୋଇ ପାରିବ କି ନାହିଁ, ମୁଁ ସେକଥା କହି ପାରୁ ନାହିଁ ।

ଯଦି 'ଇ' ଏବଂ 'ଅ' ଦୁହେଁ ଏକାଠି ପରସ୍ପର ସହିତ ସହଯୋଗ କରି ପାରନ୍ତେ,... ଯଦି ସେମାନେ ଏକାଠି ଆସି ବସନ୍ତେ ଏବଂ ଯଦି ସେମାନଙ୍କ ମଧ୍ୟରୁ ଜଣେ – କେହି ଜଣେ – ଏଠାରେ ସବୁବେଳେ ରହିଥାନ୍ତେ, ବର୍ତ୍ତମାନ ଜଣେ ରହନ୍ତେ ଓ ତା'ପରେ ଆଉଜଣେ ରହନ୍ତେ, ଯଦି ଦୁହିଙ୍କ ମଧ୍ୟରୁ ଜଣେ ସବୁବେଳେ ଏଠାରେ ରହିପାରନ୍ତେ ଏବଂ ଦୁହେଁ ଏକତ୍ର ବସି ତିଆରି କରିଥିବା ଯୋଜନା ସେମାନଙ୍କ ପାଖରେ ଥାଆନ୍ତା – ତେବେ ସବୁ କାର୍ଯ୍ୟ ଅଧିକ ତ୍ୱରାର ସହିତ ସମ୍ଭବ ହୋଇ ପାରନ୍ତା, ଶହେଗୁଣ ଅଧିକ ଶୀଘ୍ର ହୋଇ ପାରନ୍ତା ।

ସୂର୍ଯ୍ୟରଶ୍ମି ପ୍ରପତିତ ହେବାର ଏହି କଳ୍ପନାଟି... ଅନାଇଦେଲା ମାତ୍ରକେ ମୁଁ ତତ୍କ୍ଷଣାତ୍ ତାହାକୁ ଦର୍ଶନ କରି ପାରୁଛି । ଏବଂ, ସୂର୍ଯ୍ୟର ଏକ ରଶ୍ମି, ଯାହାକି ସର୍ବଦା ଆସି ପ୍ରପତିତ ହେଉଥିବ – ଏପରି ଭାବରେ ନିର୍ମାଣଗୁଡ଼ିକ କରା ଯାଇଥିବ ଯେ, ତାହା ପ୍ରକୃତରେ ସର୍ବଦା ଆସି ପ୍ରପତିତ ହେଉଥିବ (ମାଆ ସୂର୍ଯ୍ୟର ଗତିଶୀଳତାକୁ ଇଙ୍ଗିତ କରି ଦେଖାଇଦେଲେ) । ଏବଂ ତା'ପରେ, ସେଠାରେ ମଧ୍ୟ କୌଣସି ଗୋଟିଏ ବସ୍ତୁ ରହିବ,– ଏକ ପ୍ରତୀକ ରହିବ, ଯାହାକି ଯୁଗପତ୍‌ଭାବରେ ଅନୁଲମ୍ବ ହୋଇ ରହିଥିବ ଯେପରିକି ତାହାକୁ ଚାରିପାଖରୁ ଦେଖି ହେଉଥିବ, ଏବଂ ଅନୁପ୍ରସ୍ଥ ହୋଇ ରହିଥିବ, ଯେପରିକି ତାହା ଆଲୋକକୁ ମଧ୍ୟ ସଂପୂର୍ଣ୍ଣ ଭାବରେ ଗ୍ରହଣ କରି ପାରୁଥିବ । କ'ଣ ହେଲା ?... ମାତ୍ର, ତୁମମାନଙ୍କୁ, ଈଶ୍ୱରଙ୍କର ରାଣ, ଏହା ଯେପରି ଏକ ଧର୍ମରେ ପରିଣତ ହୋଇ ନ ଯାଏ ।

'oaob.nitrkl.ac.in' images reprocessed

(*ମାଆ ନୀରବ ରହିଲେ*)

ତାହାକୁ ଏକ ବାସ୍ତବରୂପ ଦେବାର ବାଟଟିକୁ କିଏ ବାହାର କରି ପାରିବ ? ଏଠାରେ ତ ସୂର୍ଯ୍ୟାଲୋକର ଆଦୌ କୌଣସି ଅଭାବ ନାହିଁ ... ଅବଶ୍ୟ ଏପରି କେତେକ ଦିନ ଥାଏ, ଯେଉଁ ଦିନ କି ଆଦୌ ସୂର୍ଯ୍ୟକିରଣ ଦେଖିବାକୁ ମିଳେ ନାହିଁ । ମାତ୍ର ତଥାପି ଅଧିକାଂଶ ଦିନ ତାହା ଥିବ,– ଯେପରିକି, ପ୍ରତ୍ୟେକ ପାର୍ଶ୍ୱରୁ, ପ୍ରତ୍ୟେକ କୋଣରୁ ମଧ୍ୟ ସୂର୍ଯ୍ୟରଶ୍ମି ପ୍ରପତିତ ହୋଇ ପାରୁଥିବ । ସେଇଟିକୁ ସେହିପରି ଭାବରେ ନିର୍ମିତ କରି ରଖିବାକୁ ପଡ଼ିବ । ଏହା ହେଉଛି ଜ୍ୟାମିତିର ଗୋଟିଏ ପ୍ରଶ୍ନ । ଏ ବିଷୟରେ ତୁମେ ‘ଇ’ ସହିତ କଥାବାର୍ତ୍ତା କରି ପାରିବ, କାରଣ, ଯଦି ତାଙ୍କର ଏ ବିଷୟରେ କୌଣସି କଳ୍ପନା ରହିଥାଏ...

ହଁ, ଠିକ୍ ସେହିପରି କୌଣସି ଏକ ବସ୍ତୁ ରହିବା ଦରକାର, ଏକ ପ୍ରତୀକ – ପ୍ରକୃତରେ କ’ଣ ଦରକାର, ସେକଥା ଆମେ ନିଶ୍ଚୟ ସ୍ଥିର କରିବା – ହଁ, ତାହା ଗୋଟିଏ ବେଦୀ ପରି ହୋଇ ରହିଥିବ, ମାତ୍ର... କ’ଣ କହିଲ ? ତାହା ଊର୍ଦ୍ଧ୍ୱରୁ ତଥା ସକଳ ପାର୍ଶ୍ୱରୁ ମଧ୍ୟ ଆଲୋକକୁ ଗ୍ରହଣ କରୁଥିବ ।

ଏବଂ ତା’ପରେ, ସେଥିରେ ଅନ୍ୟ କୌଣସି ଗବାକ୍ଷ ରହିବ ନାହିଁ, ବୁଝିଲ ? ଆଉ ସବୁକିଛି ଏକ ପ୍ରକାରର ଅର୍ଦ୍ଧାଲୋକ ମଧ୍ୟରେ ରହିଥିବ । ଏବଂ ସେଇଟି, ଏକ ଆଲୋକ ପରି ... ତାହା ପ୍ରକୃତରେ ବେଶ୍ ଭଲ ହେବ, ହୁଏତ ଅତ୍ୟନ୍ତ ଭଲ ହୋଇପାରିବ । ମୁଁ ଭାବୁଛି, ଆଉ କେହି ସେଇଟିକୁ ଠିକ୍ ସେହିପରି ଭାବରେ ଅନୁଭବ କରି ପାରନ୍ତେ କି !

ଯଦି ଏହି ଯୋଜନାଟିକୁ ସୁଚାରୁ ଭାବରେ ଏକ ବାସ୍ତବ ରୂପ ଦିଆଯାଇ ପାରିବ, ତାହା ଲୋକମାନଙ୍କ ପାଇଁ ପ୍ରକୃତରେ ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ବସ୍ତୁ ହୋଇ ରହିବ । ଏହାକୁ ଯଥାର୍ଥରେ ଏକ ବସ୍ତୁର ଏକ ମୂର୍ତ୍ତ ଉପଲବ୍ଧି ବୋଲି କୁହାଯାଇ ପାରିବ ... ଲୋକମାନେ ହୁଏତ କହିବାକୁ ଆରମ୍ଭ କରିବେ ଯେ ଏହା ହେଉଛି ସୂର୍ଯ୍ୟୋପାସନାର ଏକ ଧର୍ମ ! (*ମାଆ ହସିଲେ*) ମାତ୍ର ତୁମେମାନେ ତ ଜାଣିଛ, ମୁଁ ପ୍ରତ୍ୟେକ, ପ୍ରତ୍ୟେକ ନିର୍ବୋଧତା ବିଷୟରେ ମଧ୍ୟ ସୁପରିଚିତ ରହିଛି ।

(*ମାଆ ନୀରବ ରହିଲେ*)

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ନ୍ୟାୟ ଦୃଷ୍ଟିରୁ ବା ମନୋବୈଜ୍ଞାନିକ ଦୃଷ୍ଟିରୁ ବିଚାର କରି ଦେଖିଲେ ଚତୁଷ୍ପାର୍ଶ୍ୱରେ ପ୍ରଥମେ ଯାବତୀୟ ବସ୍ତୁଗୁଡ଼ିକର ନିର୍ମାଣ

'oaob.nitrkl.ac.in' images reprocessed

କରି ତା'ପରେ ଯାଇ କେନ୍ଦ୍ରଟିର ନିର୍ମାଣ କରିବା ପ୍ରକୃତରେ ଗୋଟିଏ ଭୁଲ୍ କାର୍ଯ୍ୟ ହେବ ।

'ଅ' ତଥା ତାଙ୍କର ଗୋଷ୍ଠୀ କଳ୍ପନା କରିଛନ୍ତି ଯେ, ଏପରି ଅନେକ ଶିଳ୍ପୋଦ୍ୟୋଗ ଆରମ୍ଭ କରାଯିବ, ଯାହାକି ଅରୋଭିଲ୍ ନିମନ୍ତେ ଅର୍ଥ ଉପାର୍ଜନ କରି ଆଣିପାରିବ । ତା'ପରେ ... ତାହାର ଅର୍ଥ ହେଉଛି ଯେ, ଯଥେଷ୍ଟ ତ୍ୱରାର ସହିତ ନିର୍ମାଣଟିକୁ ସଂପୂର୍ଣ୍ଣ କରିବା ପରିବର୍ତ୍ତେ ସେଥିଲାଗି ଦୀର୍ଘ ଅନେକ ଶତାବ୍ଦୀ ସମୟ ଲାଗିବ ।

ମୁଁ ଆସନ୍ତା କାଲି 'ଅ' ଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା କରିବି ! ଅର୍ଥାତ୍, ମୁଁ ତାଙ୍କୁ 'ଇ' ଙ୍କ ସହିତ ଯାଇ ସାକ୍ଷାତ କରିବାକୁ କହିବି, କାରଣ 'ଇ' ଙ୍କ ମନରେ ଅତ୍ୟନ୍ତ ଚମତ୍କାର କେତେକ କଳ୍ପନା ରହିଛି — ତାଙ୍କ ସହିତ ଏକ ବୁଝାମଣା କରିନେବାକୁ ମୁଁ ତାଙ୍କୁ ଅନୁରୋଧ କରିବି । ଏହା ପ୍ରକୃତରେ ବଡ଼ ସହଜରେ ହୋଇ ପାରିବ : 'ଅ' ଯେପରି ସବୁକଥା ବୁଝି ପାରିବେ ସେଥିଲାଗି ଆମେ ଚେଷ୍ଟା କରିବା ଏବଂ ଦୁହିଙ୍କ ମଧ୍ୟରେ ଏକ ସହଯୋଗ ସ୍ଥାପିତ ହେବାର ପ୍ରୟାସ ମଧ୍ୟ କରିବା ।

ମୋ' ପାଇଁ ବର୍ତ୍ତମାନ ବସ୍ତୁଗୁଡ଼ିକ ଆଉ ଆଦୌ ପରସ୍ପର ଅମେଳ ହୋଇ ରହି ନାହାନ୍ତି, ଆଦୌ ସେପରି ରହି ନାହାନ୍ତି ! ଏକାନ୍ତ ଭାବରେ ପରସ୍ପରର ବିପରୀତ ହୋଇ ରହିଥିବା ପ୍ରବୃତ୍ତିଗୁଡ଼ିକୁ କିପରି **ଯୁଗପତ୍ ଭାବରେ** ଏକତ୍ର କାମରେ ଲଗାଯାଇ ପାରିବ, ମୁଁ ତାହାର ସମ୍ଭାବନାଟିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିପାରୁଛି । ... ଏଗୁଡ଼ିକ ଆଦୌ ପରସ୍ପରର ନିବାରକ ହୋଇ ରହି ନାହାନ୍ତି । "ନାଇଁ, ସେଇଟା ନୁହେଁ !" ବୋଲି ମୁଁ ମୋଟେ କହୁ ନାହିଁ । ନା-ନା-ନା ମୁଁ ସେପରି ମୋଟେ କହୁ ନାହିଁ । ସବୁ — ସବୁଟିକୁ ଏକତ୍ର ଭାବରେ କାମରେ ଲଗାଇବାକୁ ହେବ ବୋଲି କହୁଛି । ମୁଁ ପ୍ରକୃତରେ ଏହିପରି ହେଉ ବୋଲି ଇଚ୍ଛା କରୁଛି : ଆମେ ଏପରି ଏକ ସ୍ଥାନକୁ ସମ୍ଭବ କରି ପାରିବା, ଯେଉଁଠାରେ କି ପରସ୍ପରର ବିପରୀତ ଯାବତୀୟ ବସ୍ତୁ ଆସି ପରସ୍ପର ସହିତ ଏକଜୁଟ ହୋଇ ପାରିବେ ।

ସେହି କଥାଟିକୁ କରି ନ ପାରିଥିବା ପର୍ଯ୍ୟନ୍ତ ... (*କୌଣସି ପଦାର୍ଥକୁ ବୁଲିବାରେ ଲାଗିଥିବାର ଇଙ୍ଗିତ କରି*) ଏହା କେବଳ ଏହିପରି ଭାବରେ ବୁଲିବାରେହିଁ ଲାଗିଥିବ ।

*

*୩ ଜାନୁଆରି, ୧୯୭୦*

*ମାଆ, ମୁଁ 'ଇ' ଙ୍କୁ ଆସିବାକୁ କହିଛି, ସିଏ ବାହାରେ ଅପେକ୍ଷା କରୁଛନ୍ତି ।*

'oaob.nitrkl.ac.in' images reprocessed

ହଁ । ଗୋଟିଏ ମଜାର କଥା ଶୁଣ । ଦୀର୍ଘ ଅନେକ ଦିନ ହେଲା ମୁଁ ଗୋଟିଏ କଥା ଅନୁଭବ କରି ଆସୁଥିଲି । ତା'ପରେ ଆମେ ସେଦିନ ସେଇଟି ବିଷୟରେ କଥାବାର୍ତ୍ତା କଲୁ ଏବଂ ମୁଁ ଏହାକୁ ଦେଖିବାକୁ ପାଇଲି । ମୁଁ 'ଅ' ଆଗରେ ଯାଇ ଏକଥା କହିଲି, ତାଙ୍କୁ 'ଇ' ଙ୍କ ସହିତ ଯାଇ ସାକ୍ଷାତ କରିବା ପାଇଁ କହିଲି; ତାଙ୍କୁ ଏକଥା ମଧ୍ୟ କହିଥିଲି ଯେ, ଯାହାସବୁ କରିବାକୁ ହେବ, ସେସବୁକୁ ମୁଁ ପ୍ରତ୍ୟକ୍ଷ ଭାବରେ ଦେଖୁଛି । ଅବଶ୍ୟ ଏକଥା ସତ ଯେ, ସେକଥା ଶୁଣି ସେ ନାହିଁ ବୋଲି କହିଲେ ନାହିଁ, ସିଏ ସବୁ କଥାରେ କେବଳ ହଁ କଲେ, ମାତ୍ର ମୁଁ ବେଶ୍ ଅନୁଭବ କରି ପାରୁଥିଲି ଯେ ସିଏ ପ୍ରକୃତରେ ସେହିପରି ଭାବୁ ନ ଥିଲେ ... ମାତ୍ର, ତା'ପରେ ଘଟଣାଟି ଠିକ୍ ସେହିପରି ଘଟିଥିଲା, ମୁଁ ତାହାକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିଥିଲି – ଅତ୍ୟନ୍ତ, ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିଥିଲି ... ଅର୍ଥାତ୍, ଏହା ଠିକ୍ ସେହିପରି ପରିଦୃଷ୍ଟ ହୋଇଥିଲା ଏବଂ ବର୍ତ୍ତମାନ ମଧ୍ୟ ଏହା ଠିକ୍ ସେହିପରି ହୋଇ ରହିଛି । ତାହା ସେହିଠାରେ (*ଏକ ଶାଶ୍ୱତ ଭୂମିକୁ ଦର୍ଶାଇ ଦେଇ ମାଆ ଇଙ୍ଗିତ କଲେ*) ରହିଛି ... ଏହି ସ୍ଥାନର ଅନ୍ତର୍ଭାଗଟି ...

ଏହା ଗୋଟିଏ ପ୍ରକାରର ପ୍ରକୋଷ୍ଠ ପରି ହେବ, କୌଣସି ସ୍ତମ୍ଭର ଭିତର ଭାଗ ପରି ହେବ । ସେଥିରେ କୌଣସି ଝରକା ରହିବ ନାହିଁ । ତେଣୁ, ବାୟୁ-ଗମନାଗମନ ଲାଗି କୃତ୍ରିମ ବ୍ୟବସ୍ଥା ରହିବ । ସେହିସବୁ ଯନ୍ତ୍ର ଦ୍ୱାରା (*ଏକ ଏଆର୍ କଣ୍ଡିସନରକୁ ଦର୍ଶାଇ ଦେବାର ଇଙ୍ଗିତ*) ତାହା ହୋଇ ପାରିବ । ଉପରେ କେବଳ ଛାତ ରହିବ । ଏବଂ, କେନ୍ଦ୍ରରେ ସୂର୍ଯ୍ୟାଲୋକ ଆସି ବାଜୁଥିବ । ବା, ଯେତେବେଳେ ସୂର୍ଯ୍ୟାଲୋକ ପଡୁ ନ ଥିବ,– ରାତିରେ କିଂବା ମେଘୁଆ ପାଗ କରିଥିବା ସମୟରେ – ସେତେବେଳେ ଏକ ଉଜ୍ଜ୍ୱଳ ବିଦ୍ୟୁତ୍-ଆଲୋକ ଦ୍ୱାରା ସ୍ଥାନଟିକୁ ଆଲୋକିତ କରା ଯାଉଥିବ ।

ଏବଂ ହଠାତ୍ ବର୍ତ୍ତମାନ ପାଇଁ ଗୋଟିଏ ପ୍ରକାରର ଏପରି ନମୁନା ଭଳି ବସ୍ତୁଟିଏ ନିର୍ମାଣ କରିବାର ବିଚାର ରହିଛି, ଯେଉଁଠାରେକି ପ୍ରାୟ ଶହେ ପର୍ଯ୍ୟନ୍ତ ଲୋକ ବସି ପାରିବେ । ଯେତେବେଳେ ସହରଟି ନିର୍ମିତ ହୋଇଯିବ ଓ ଆମର ଯଥାର୍ଥ ଅଭିଜ୍ଞତାଟି ମଧ୍ୟ ହୋଇ ଯାଇଥିବ, ସେତେବେଳେ ଆମେ ଏହାକୁ ପୁନର୍ବାର ଏକ ବୃହତ୍ ଆକାରରେ ତିଆରି କରିବା, ସେତେବେଳେ ତା'ଭିତରେ ହଜାରକରୁ ଦୁଇ ହଜାର ପର୍ଯ୍ୟନ୍ତ ଲୋକ ବସି ପାରିବେ । ଏବଂ ଦ୍ୱିତୀୟଟି ପ୍ରଥମଟିର ଚତୁଷ୍ପାର୍ଶ୍ୱରେ ନିର୍ମିତ ହେବ : ଅର୍ଥାତ୍, ଦ୍ୱିତୀୟଟିର ନିର୍ମାଣ ସମ୍ପୂର୍ଣ୍ଣ ନ ହେବା ଯାଏ ପ୍ରଥମଟିକୁ ଭାଙ୍ଗି ଦିଆଯିବ ନାହିଁ । ଏହିପରି କଳ୍ପନା ରହିଛି ।

କେବଳ, 'ଇ' ଙ୍କ ସହିତ ସେବିଷୟରେ କଥାବାର୍ତ୍ତା କରି ପାରିବାକୁ (ଏବଂ ସମ୍ଭବ ହେଲେ, ଯଦି ମୁଁ ତାହା ସମ୍ଭବ ହେବ ବୋଲି ଦେଖିବାକୁ ପାଇବି, ତେବେ

'oaob.nitrkl.ac.in' images reprocessed

'ଅ' ଙ୍କ ସହିତ ମଧ କଥା ହେବାକୁ) ମୁଁ ଏକ ଯୋଜନା କରିବାକୁ ଇଚ୍ଛା କରିଥିଲି । ମୁଁ ଏହି ଯୋଜନାଟିକୁ ଅବଶ୍ୟ ତିଆରି କରାଇବି, ନିଜେ ତିଆରି କରିବି ନାହିଁ, କାରଣ ମୁଁ ଆଉ ମୋଟେ ସେଗୁଡ଼ିକୁ କରିପାରିବି ନାହିଁ । ଏକଦା ହୁଏତ ନିଜେ ତିଆରି କରି ପାରିଥାନ୍ତି, ମାତ୍ର ବର୍ତ୍ତମାନ ମୋ' ଆଖିକୁ ଆଦୌ ଯଥେଷ୍ଟ ଭଲ ଭାବରେ ଦେଖାଯାଉ ନାହିଁ । ଆଜି ଅପରାହ୍ଣରେ ମୁଁ ସେଇଟିକୁ ତିଆରି କରାଇବି, ମୋ' ଉପସ୍ଥିତିରେହିଁ ତିଆରି କରାଇବି ଏବଂ ସେହି ଯୋଜନାଟି ହାତରେ ରହିଥିଲେ ମୁଁ ସବୁକଥାକୁ ପ୍ରକୃତରେ ଉତ୍ତମ ରୂପେ ବୁଝାଇ କହିଦେଇ ପାରିବି । ମାତ୍ର, ମୁଁ ଯାହା ଯେପରି ଦେଖିଥିଲି, ତୁମମାନଙ୍କୁ କେବଳ ସେତିକି କହିବା ଲାଗି ଇଚ୍ଛା କରୁଥିଲି ।

ଏକ ମିନାର ରହିବ, ଯେଉଁଥିରେକି ବାରଗୋଟି ଫଳକ ଥିବ, ପ୍ରତ୍ୟେକ ଫଳକ ବର୍ଷକ ବାରମାସରୁ ଗୋଟିକର ପ୍ରତିନିଧିତ୍ୱ କରୁଥିବ; ଏବଂ ସବା ଉପରକୁ, ମିନାରର ଛାତଟି ଏହି ପ୍ରକାରର ହେବ (*ମାଆ ଏପରି ଏକ ଛାତର ଇଙ୍ଗିତ କଲେ, ଯାହାକି ପାର୍ଶ୍ୱଗୁଡ଼ିକରୁ କେନ୍ଦ୍ରାଭିମୁଖୀ ହୋଇ ଉପରକୁ ତିର୍ଯ୍ୟକ୍ ହୋଇ ଉଠିଯାଇଛି ।*)

ଏବଂ ତା'ପରେ, ଭିତରେ ବାରଗୋଟି ସ୍ତମ୍ଭ ରହିବ । କାନ୍ଥସବୁ ଥିବ ଓ ତା'ପରେ ବାରଗୋଟି ସ୍ତମ୍ଭ ରହିଥିବ । ଏବଂ, ଠିକ୍ କେନ୍ଦ୍ରସ୍ଥାନରେ, ଚଟାଣ ଉପରେ ମୋ'ର ପ୍ରତୀକଟି ତିଆରି ହେବ । ଏବଂ, ତା' ଉପରକୁ ଶ୍ରୀଅରବିନ୍ଦଙ୍କର ପ୍ରତୀକରୁ ଚାରିଗୋଟି ରହିବ । ଚାରୋଟିଯାକ ଏକତ୍ର ସଂଯୁକ୍ତ ହୋଇ ଗୋଟିଏ ବର୍ଗକ୍ଷେତ୍ର ତିଆରି କରି ଦେଉଥିବେ । ଏବଂ, ତା'ଉପରକୁ ଗୋଟିଏ ଗୋଲକ ନିର୍ମିତ ହେବ । ଯଦି ସମ୍ଭବ ହୁଏ, ଗୋଲକଟି କୌଣସି ଏକ ପାରଦର୍ଶକ ଉପାଦାନ ଦ୍ୱାରା ତିଆରି ହୋଇଥିବ । ଭିତରେ ଆଲୋକ ହୁଏତ ଥିବ, ହୁଏତ ନ ଥିବ । ମାତ୍ର ଗୋଲକଟି ଉପରେ ସୂର୍ଯ୍ୟାଲୋକ ଆସି ପଡୁଥିବ । ଏବଂ, ମାସ ତଥା ସମୟ ଅନୁସାରେ ସେହି ଆଲୋକ ଏଠାରୁ, ସେଠାରୁ ଅଥବା ସେଠାରୁ (*ସୂର୍ଯ୍ୟଙ୍କର ସଞ୍ଚାରପଥକୁ ଦର୍ଶାଇ ଦେବାର ଇଙ୍ଗିତ କଲେ*) ଆସି ପଡୁଥିବ । କୌଣସି ନା କୌଣସି ବାଟଦେଇ ସର୍ବଦା ଆଲୋକର ଏକ ରେଖା ଭିତରକୁ ଆସୁଥିବ । ସେହି ଆଲୋକ ଚାରିଆଡ଼କୁ ବିଚ୍ଛୁରିତ ହୋଇ ରହି ନ ଥିବ, ମାତ୍ର ଏକ ରେଖା ଆକାରରେ ଭିତରକୁ ଆସୁଥିବ, ସତେଅବା ବାହାରୁ ଆସି ବାଜୁଥିବା ପରି ପ୍ରତୀତ ହେଉଥିବ । ଏହି କାର୍ଯ୍ୟଟିକୁ ସମ୍ଭବ କରିବାକୁ ହେଲେ କେତେକ ବିଶେଷ ଯାନ୍ତ୍ରିକ ଜ୍ଞାନର ପ୍ରୟୋଜନ ହେବ ଏବଂ ସେହି କାରଣରୁହିଁ ମୁଁ ଜଣେ ଇଞ୍ଜିନିୟର୍‌ଙ୍କ ସାହାଯ୍ୟରେ ତାହାର ଏକ ଡିଜାଇନ୍ ତିଆରି କରିବାକୁ ଇଚ୍ଛା କରୁଛି ।

ଏବଂ, ତା'ପରେ, ସେଥିରେ କୌଣସି ଝରକା ରହିବ ନାହିଁ, ଭିତରେ କୌଣସି ଆଲୋକ ମଧ୍ୟ ରହିବ ନାହିଁ । ସେଇଟି ସର୍ବଦା ଏକ ପ୍ରକାରର ସ୍ୱଚ୍ଛ ଅର୍ଦ୍ଧାଲୋକ ମଧ୍ୟରେ

'oaob.nitrkl.ac.in' images reprocessed

ରହିଥିବ, ଦିନରାତି ସର୍ବଦା ସେହିପରି ରହିଥିବ । ଦିନବେଳେ ସୂର୍ଯ୍ୟଙ୍କଠାରୁ ଆଲୋକ ଆସିବ ଓ ରାତିରେ କୃତ୍ରିମ ଆଲୋକରୁ । ଏବଂ ଚଟାଣ ଉପରେ ଆଦୌ କିଛି ରହିବ ନାହିଁ – କେବଳ ଏଠାରେ (ମାଆଙ୍କ ପ୍ରକୋଷ୍ଠ) ଯେପରି ଅଛି, ସେହିପରିହିଁ ରହିବ । ଅର୍ଥାତ୍, ପ୍ରଥମେ କାଠ (କାଠ ବା ଆଉକିଛି ପଦାର୍ଥ) ରହିବ, ତା'ପରେ କୌଣସି ଏକ ପ୍ରକାରର ରବର ଗଦି; ତାହା ମୋଟା ହୋଇଥିବ, ଖୁବ୍ ନରମ ହୋଇଥିବ, ଓ ତା' ଉପରେ ଗୋଟିଏ ଗାଲିଚା ପରା ହୋଇଥିବ । କେବଳ କେନ୍ଦ୍ରଟିକୁ ଛାଡ଼ିଦେଲେ ସକଳ ସ୍ଥାନରେ ଏହି ଗାଲିଚାହିଁ ରହିଥିବ । ଏବଂ ଲୋକମାନେ ଏଠାରେ ଯେକୌଣସି ସ୍ଥାନରେ ଆସି ବସି ପାରୁଥିବେ । ଏବଂ, ଯେଉଁମାନେ ଆଉଜି କରି ବସିବାକୁ ପିଠିପଟେ କିଛି ରହୁ ବୋଲି ଆବଶ୍ୟକ କରୁଥିବେ, ସେମାନଙ୍କ ସକାଶେ ସେହି ବାରଗୋଟି ସ୍ତମ୍ଭ ରହିଥିବ !

ଏବଂ ତା'ପରେ, ଲୋକେ ଏଠାକୁ କୌଣସି ଏକ ନିୟମିତ ଧ୍ୟାନର ନିର୍ଘଣ୍ଟ ବା ସେହିପରି କୌଣସି କଥା ଲାଗି ଆସିବେ ନାହିଁ । (ମାତ୍ର ଅନ୍ତର୍ଗତ ସଂଗଠନଟି ପରେ କରାଯିବ) ଏହା ଅଭିନିବେଶର ଏକ ସ୍ଥାନ ହୋଇ ରହିବ । ସମସ୍ତେ ଯେ ଆସିପାରିବେ, ସେକଥା ଆଦୌ ନୁହେଁ; ସପ୍ତାହରେ କିଂବା ପ୍ରତିଦିନ ଏପରି ଏକ ସମୟ ରହିବ, ଯେତେବେଳେ କି ପରିଦର୍ଶକମାନଙ୍କୁ ଆସିବା ଲାଗି ଅନୁମତି ଦିଆଯିବ; ମାତ୍ର କେବେହେଲେ ସେମାନଙ୍କୁ ଅନ୍ୟମାନଙ୍କ ସହିତ ଏକାଠି ମିଶାଇ ଦିଆଯିବ ନାହିଁ । ଲୋକମାନଙ୍କୁ ଚାରିଆଡ଼େ ବୁଲାଇ ଦେଖାଇବା ନିମନ୍ତେ ଏକ ନିର୍ଦ୍ଧାରିତ ସମୟ ଅଥବା ଏକ ନିର୍ଦ୍ଧାରିତ ଦିବସ ରହିଥିବ । ଏବଂ, ଅବଶିଷ୍ଟ ସମୟ କେବଳ ଯେଉଁମାନେ ପ୍ରକୃତରେ ନିଷ୍ଠା ଓ ଆନ୍ତରିକତା ରଖିଥିବେ, ସେହିମାନଙ୍କ ଲାଗି ରହିବ । ଯେଉଁମାନେ ଅଭିନିବେଶ ଶିକ୍ଷା କରିବାକୁ ଚାହୁଁଥିବେ, ସେହିମାନଙ୍କ ଲାଗି ।

ତେଣୁ ମୁଁ ଭାବୁଛି ତାହା ଖୁବ୍ ଭଲ ହେବ । ଏହା ପ୍ରଥମେ ସେହିଠାରେହିଁ (ଊର୍ଦ୍ଧ୍ୱକୁ *ଇଙ୍ଗିତ କଲେ*) ରହିଥିଲା । ମୁଁ ଏହା ସମ୍ବନ୍ଧରେ କଥା କହୁଥିବା ସମୟରେ ମଧ୍ୟ ଏହାକୁ ତଥାପି ଦେଖିପାରୁଛି – ମୁଁ ପ୍ରକୃତରେ ଦେଖି ପାରୁଛି । ଦେଖିଲା ବେଳକୁ ଏହା କେଡ଼େ ସୁନ୍ଦର ଦେଖାଯାଉଛି, ପ୍ରକୃତରେ ଅତ୍ୟନ୍ତ ସୁନ୍ଦର ଦିଶୁଛି ... ଏକ ପ୍ରକାରର ଅର୍ଦ୍ଧ-ଆଲୋକ : ସବୁ ଦେଖି ହେଉଛି, ମାତ୍ର ଏହା ଅତ୍ୟନ୍ତ ଶାନ୍ତ ହୋଇ ରହିଛି । ଏବଂ ପ୍ରତୀକଟି ଉପରେ ଆଲୋକର ସୁସ୍ପଷ୍ଟ ଏବଂ ସମୁଜ୍ଜ୍ୱଳ ରେଖାମାନ ଆସି ପତିତ ହେବାରେ ଲାଗିଛି (ସେହି ଉଜ୍ଜ୍ୱଳ କୃତ୍ରିମ ଆଲୋକଟିକୁ ବରଂ ସ୍ୱର୍ଣ୍ଣାଭ ବର୍ଣ୍ଣର କରିବାକୁ ହେବ – ଏହା ଆଦୌ କୌଣସି ଶୀତଳ ରଙ୍ଗର ହୋଇ ନ ଥିବ – ତାହା ପ୍ରକୃତରେ ସେହି ଉଜ୍ଜ୍ୱଳ ଆଲୋକଟି ଉପରେହିଁ ନିର୍ଭର କରିବ) । ଗୋଲକଟି ଏକ ନମନୀୟ ପଦାର୍ଥରେ ତିଆରି ହୋଇଥିବ ବା ... ପ୍ରକୃତରେ କ'ଣ ହେବ, ମୁଁ ସେକଥା କହିପାରୁ ନାହିଁ ।

'oaob.nitrkl.ac.in' images reprocessed

*ସ୍ଫଟିକ ଦେଇ ତିଆରି ହେବ ?*

ସମ୍ଭବ ହେଲେ ସେଇଥିରେ ତିଆରି ହେବ । ସାନ ମନ୍ଦିରଟି ପାଇଁ ଗୋଲକଟିକୁ ଖୁବ୍ ବଡ଼ କରି ତିଆରି କରିବାର କୌଣସି ପ୍ରୟୋଜନ ନାହିଁ । ତାହା ଯଦି ପ୍ରାୟ ଏତିକି ବଡ଼ (*ପ୍ରାୟ ତିରିଶ ସେଣ୍ଟିମିଟର୍*) ହୁଏ, ତେବେ ତାହା ବେଶ୍ ଭଲ ହେବ । ମାତ୍ର ବଡ଼ ମନ୍ଦିର ସକାଶେ ତାହାକୁ ଅବଶ୍ୟ ବଡ଼ ହେବାକୁ ପଡ଼ିବ ।

*ମାତ୍ର ବଡ଼ ମନ୍ଦିରଟି ବି କିପରି ତିଆରି ହେବ ? କ'ଣ ଏହି ସାନ ମନ୍ଦିରଟି ଉପରେ ?*

ନାଇଁ – ନାଇଁ – ସାନ ମନ୍ଦିରଟିକୁ ଭାଙ୍ଗି ଦିଆଯିବ । ମାତ୍ର ବଡ଼ ମନ୍ଦିରଟି ପରେ ତିଆରି ହେବ, ତାହା ଏକ ଅତି ବୃହତ୍ ଯୋଜନା ଅନୁସାରେ ହେବ ... ବଡ଼ଟି ତିଆରି ହୋଇ ସାରିବା ପରେ ଯାଇ ସାନଟିକୁ ଭାଙ୍ଗି ଦିଆଯିବ । ମାତ୍ର, ଏକଥା ଅବଶ୍ୟ ସତ ଯେ, ସହରଟିର ନିର୍ମାଣ ସମ୍ପୂର୍ଣ୍ଣ ହେବା ଲାଗି ପ୍ରାୟ କୋଡ଼ିଏ ବର୍ଷ ସମୟ ଲାଗିବ (ପ୍ରତ୍ୟେକ କଥା ପ୍ରକୃତରେ ପ୍ରଣାଳୀ ଅନୁସାରେ ଯଥାନୁରୂପ ଭାବରେ ଅବସ୍ଥିତ ହୋଇ ପାରିବାକୁ) । ଏହି କାର୍ଯ୍ୟଟି ଠିକ୍ ଉଦ୍ୟାନଗୁଡ଼ିକର କାର୍ଯ୍ୟ ପରି : ବର୍ତ୍ତମାନ ଯେଉଁ ଉଦ୍ୟାନଗୁଡ଼ିକୁ ତିଆରି କରାଯାଉଛି, ସେଗୁଡ଼ିକ ବର୍ତ୍ତମାନ ସକାଶେ, ମାତ୍ର କୋଡ଼ିଏ ବର୍ଷ ପରେ ସେହି ସବୁକିଛିକୁ ଏକ ଅନ୍ୟ ଅନୁମାପ ଉପରେ ତିଆରି କରିବାକୁ ହେବ । ସେତେବେଳେ ତାହା ଏପରି ଏକ ବସ୍ତୁରେ ପରିଣତ ହେବ, ଯାହାକୁ କି ପ୍ରକୃତରେ ... ପ୍ରକୃତରେ ସୁନ୍ଦର ବୋଲି କୁହାଯାଇ ପାରିବ ।

ଗୋଲକଟିକୁ, ସେହି ବୃହଦାକାର ଗୋଲକଟି ପୁଣି କେଉଁ ସାମଗ୍ରୀରେ ତିଆରି ହେବ କେଜାଣି ? ... ସାନଟି ସମ୍ଭବତଃ ସ୍ଫଟିକ ଦ୍ୱାରା ତିଆରି କରାଯିବ : ସେହିପରି ଗୋଟିଏ ଗୋଲକ (*ତିରିଶ ସେଣ୍ଟିମିଟର୍*) । ସେତିକି ବଡ଼ ହେଲେ ଯଥେଷ୍ଟ ହେବ ବୋଲି ମୁଁ ଭାବୁଛି । ପ୍ରକୋଷ୍ଠଟିର ପ୍ରତ୍ୟେକ କୋଣରୁ ଗୋଲକଟି ଦୃଶ୍ୟ ହୋଇ ପାରୁଥିବା ଉଚିତ ।

*ଚଟାଣଠାରୁ ମଧ୍ୟ ଏହା ଖୁବ୍ ବେଶୀ ଉଚ୍ଚ ହୋଇ ତିଆରି ହେବ ନାହିଁ ?*

ନାଇଁ, ଶ୍ରୀଅରବିନ୍ଦଙ୍କର ପ୍ରତୀକକୁ ଏଡ଼େ ଅଧିକ କରି ତିଆରି କରିବା ମୋତେ ଦରକାର ନାହିଁ । ତାହା ଏତିକି ବଡ଼ ହେବା ଉଚିତ (*ମାଆ ଇଙ୍ଗିତ ଦ୍ୱାରା ଦେଖାଇଦେଲେ*) ।

'oaob.nitrkl.ac.in' images reprocessed

*ପଚିଶ, ତିରିଶ ସେଣ୍ଟିମିଟର ହେଲେ ?*

ହଁ, ଖୁବ୍ ବେଶୀ, ସବୁଠାରୁ ବେଶୀ ସେତିକି ।

*ଅର୍ଥାତ୍ ତାହା ଠିକ୍ ଆଖିର ଉଚ୍ଚତାରେ ଅବସ୍ଥିତ ରହିବ ?*

ଆଖିର ଉଚ୍ଚତା, ହଁ, ତୁମେ ଠିକ୍ କହିଛ ।

ଏବଂ ବାତାବରଣ **ଅତ୍ୟନ୍ତ** ଶାନ୍ତିପୂର୍ଣ୍ଣ ହୋଇ ରହିଥିବ । ଆଉ **ଅଧିକ କିଛିହେଲେ ହେବ ନାହିଁ** – କେବଳ ବଡ଼ ବଡ଼ ସ୍ତମ୍ଭ ରହିବ । ... ଦେଖାଯାଉ, ସ୍ତମ୍ଭଗୁଡ଼ିକର ନିର୍ମାଣଶୈଳୀ କିପରି ହେବ ... ସେଗୁଡ଼ିକୁ ଗୋଲ କରି ତିଆରି କରାଯିବ ନା ସେଗୁଡ଼ିକରେ ମଧ୍ୟ ବାରଗୋଟି କୋଣ ସମତଳ ରହିବ । ... ହଁ, ବାରଟି ସ୍ତମ୍ଭ ରହିବ ।

*ଏବଂ ଦୁଇ ଥାକର ଗୋଟିଏ ଛାତ ରହିବ ?*

ହଁ, ଦୁଇ ଥାକର ଗୋଟିଏ ଛାତ ରହିବ, ଯେପରିକି ସୂର୍ଯ୍ୟାଲୋକ ସହଜରେ ଉପଲବ୍ଧ ହୋଇ ପାରୁଥିବ । ମାତ୍ର, ତାହାକୁ ଏପରି ବାଗରେ ତିଆରି କରିବାକୁ ପଡ଼ିବ, ଯେପରିକି ବର୍ଷାପାଣି ଭିତରକୁ ପ୍ରବେଶ କରିପାରିବ ନାହିଁ । ଗୋଟାଏ ଜିନିଷକୁ ଖୋଲିବାକୁ ପଡୁଥିବ ଓ ବର୍ଷା ସମୟରେ ପୁଣି ବନ୍ଦ କରିବାକୁ ପଡୁଥିବ, ଆମେ ଏକଥା ପ୍ରକୃତରେ ଚିନ୍ତାକରି ପାରିବା ନାହିଁ, ଏହା କଦାପି ସମ୍ଭବ ନୁହେଁ । ତାହାକୁ ଏପରି ଭାବରେ ବନ୍ଦୋବସ୍ତ କରି ରଖିବାକୁ ହେବ, ଯେପରିକି ବର୍ଷାପାଣି ଆଦୌ ଭିତରକୁ ପଶି ପାରିବ ନାହିଁ । ମାତ୍ର ସୂର୍ଯ୍ୟାଲୋକ ଅବଶ୍ୟ ଆସି ପାରୁଥିବ; ରଶ୍ମି ଆକାରରେ ଆସିବ, ଏକାବେଳେକେ ବିଛାଇ ହୋଇ ମଧ୍ୟ ପଡ଼ିବ ନାହିଁ । ତେଣୁ ଦ୍ୱାରଗୁଡ଼ିକ ସାନ ସାନ ହୋଇଥିବ । ଏଥିଲାଗି ନିଜର ବିଦ୍ୟାକୁ ପ୍ରକୃତରେ ଜାଣିଥିବା ଜଣେ ଇଞ୍ଜିନିୟର୍‌ଙ୍କର ଦରକାର ହେଉଛି ।

*ତେବେ ସେମାନେ କେବେ କାର୍ଯ୍ୟ ଆରମ୍ଭ କରିବେ ?*

ମୁଁ ତ ସଙ୍ଗେସଙ୍ଗେ କାର୍ଯ୍ୟ ଆରମ୍ଭ ହେଉ ବୋଲି ଇଚ୍ଛା କରିବି, ଯୋଜନାଗୁଡ଼ିକ ତିଆରି ହୋଇଯିବା ସଙ୍ଗେସଙ୍ଗେ କାର୍ଯ୍ୟ ଆରମ୍ଭ ହୋଇଯିବା ଉଚିତ । ଏହି କ୍ଷେତ୍ରରେ କେବଳ ଦୁଇଟି ପ୍ରଶ୍ନ ରହିଛି : ପ୍ରଥମରେ, ଯୋଜନାଗୁଡ଼ିକ ତିଆରି ହେବ (ଆମକୁ

'oaob.nitrkl.ac.in' images reprocessed

ଶ୍ରମିକକର୍ମୀ ମିଳିଯିବେ) ଏବଂ ଦ୍ୱିତୀୟତଃ, ଅର୍ଥର ଯୋଗାଡ଼ ହୋଇଯିବ ... ମୁଁ ଭାବୁଛି, ଏକ କ୍ଷୁଦ୍ର ମଡେଲ୍ ତିଆରି କରିବାର କଳ୍ପନାଟି ବେଶ୍ ସମ୍ଭବ ହୋଇଯିବ (ଅବଶ୍ୟ ଏକଥା ସତ ଯେ, କହିବାର ଏକ ବିଶେଷ ଢଙ୍ଗରେ ଏଠାରେ 'କ୍ଷୁଦ୍ର' ଶବ୍ଦଟିକୁ ବ୍ୟବହାର କରାଯାଇଛି, କାରଣ, ଗୃହଟି ଭିତରେ ଶହେଜଣ ମନୁଷ୍ୟ ସହଜରେ ବସିପାରିବାକୁ ହେଲେ, ଯେଉଁ ଆକାରରେ ତାହାକୁ ନିର୍ମାଣ କରିବାକୁ ହେବ, ତାହା ପ୍ରକୃତରେ ଏକ ବଡ଼ ଆକାର ହେବ ।), ଆରମ୍ଭରେ ଆମେ କ୍ଷୁଦ୍ର ମଡେଲ୍‌ଟିଏ ତିଆରି କରିବା ଏବଂ, ଏହି ସାନ ମଡେଲଟିକୁ ତିଆରି କରୁକରୁ ସମସ୍ତେ ଅଭିଜ୍ଞତାରୁ ଅନେକ କଥା ଶିକ୍ଷା କରିପାରିବେ ଏବଂ, ସହରର ନିର୍ମାଣ ଶେଷ ହୋଇଗଲେ ଯାଇ ବଡ଼ଟିକୁ ତିଆରି କରାଯିବ । ବର୍ତ୍ତମାନ ସଙ୍ଗେସଙ୍ଗେ ତାହାକୁ ତିଆରି କରା ଯିବ ନାହିଁ ।

ଏହି ବିଷୟରେ ମୁଁ 'ଅ' ଙ୍କ ସହିତ କଥାବାର୍ତ୍ତା କରିଥିଲି; ସିଏ ମୋତେ ତହିଁ ଆରଦିନ ଆସି କହିଲେ : ''ହଁ, ହେବ ଯେ, ମାତ୍ର ଏସବୁକୁ ପ୍ରସ୍ତୁତ କରିବା ଲାଗି ସମୟ ଲାଗିବ ।'' ବର୍ତ୍ତମାନ ମୁଁ ତୁମମାନଙ୍କୁ ଯାହାସବୁ କହୁଥିଲି, ସେସବୁ ବିଷୟରେ ତାଙ୍କୁ କିଛି କହି ନ ଥିଲି, କେବଳ କିଛି କରାଯାଉ ବୋଲି କହିଥିଲି । ଏବଂ ତା'ପରେ ଏହି ପ୍ରକୋଷ୍ଠଟି ବିଷୟରେ ମୋ'ର ସୂକ୍ଷ୍ମଦର୍ଶନ ହୋଇଥିଲା – ତେଣୁ, ଏଇଟି ପ୍ରକୃତରେ କେଉଁ ଭଳି ହେବା ଉଚିତ, ତାହା ବାହାର କରିବାକୁ ମୋ'ର ଆଉ କୌଣସି ବ୍ୟକ୍ତିଙ୍କ ଲାଗି ପ୍ରୟୋଜନ ନାହିଁ । ତାହା କିପରି ହେବ, ମୁଁ ତାହା ଜାଣିଛି । ବର୍ତ୍ତମାନ ଜଣେ ବାସ୍ତୁକାରଙ୍କ ଅପେକ୍ଷା ଜଣେ ଇଞ୍ଜିନିୟର୍‌ଙ୍କର ଅଧିକ ଆବଶ୍ୟକତା ରହିଛି । କାରଣ ଜଣେ ବାସ୍ତୁକାର ... ନିର୍ମାଣଟି ଯଥାସମ୍ଭବ ଅତ୍ୟନ୍ତ ସରଳ ହେବ ।

*ଆପଣଙ୍କୁ ଯାହା ଦୃଶ୍ୟ ହୋଇଛି, ସେ ବିଷୟରେ ମୁଁ 'ଇ' ଙ୍କୁ କହିଥିଲି ଏହି ବୃହତ୍ ଖୋଲା ଘରଟି ବିଷୟରେ ତାଙ୍କୁ କହିଥିଲି । ଏହି କଥାଟି ତାଙ୍କ ଭିତରେ ଅତିଶୟ ଆଗ୍ରହର ଉଦ୍ରେକ କରିଥିଲା । ସିଏ ମଧ୍ୟ ଠିକ୍ ଏହି ଖୋଲା ଘରଟିକୁ ନିଜର କଳ୍ପନାରେ ଦେଖି ପାରୁଥିଲେ । ସିଏ ସବୁକଥାକୁ ଭଲ ଭାବରେ ବୁଝି ପାରୁଛନ୍ତି । ହଁ, ଗୋଟିଏ ଖୋଲାଘର – ଅର୍ଥାତ୍ କେବଳ ଆକାରଟିଏ ।*

ମାତ୍ର ଏକ ଆକାର – ଗୋଟିଏ ମିନାର୍ ପରି, ମାତ୍ର ... (ସେଇଥିପାଇଁ ମୁଁ ତାହାର ଗୋଟିଏ ନକ୍ସା ତିଆରି କରାଇବାକୁ ଇଚ୍ଛା କରୁଥିଲି, ଯେପରିକି ତାହାକୁ ସମସ୍ତଙ୍କୁ ଦେଖାଇହେବ) ବାରଟି ସୁବ୍ୟବସ୍ଥିତ ଫଳକ ଥିବ, ତା'ପରେ ଗୋଟିଏ କାନ୍ଥ ତିଆରି ହୋଇଥିବ, ସିଧା ଉଠିଯାଇଥିବା କାନ୍ଥ ନୁହେଁ, ମାତ୍ର ଏହିପରି ଏକ କାନ୍ଥ (କିଞ୍ଚିତ୍

'oaob.nitrkl.ac.in' images reprocessed

*ତିର୍ଯ୍ୟକ୍ ବୋଲି ସୂଚାଇ ଦେବାର ଇଙ୍ଗିତ)* । ଏହା ପ୍ରକୃତରେ ସମ୍ଭବ ହେବ କି ନାହିଁ କେଜାଣି । ଏବଂ ଭିତରେ ବାରଟି ସ୍ତମ୍ଭ ରହିବ । ଏବଂ ତା'ପରେ ସୂର୍ଯ୍ୟାଲୋକର ପ୍ରବେଶ ଲାଗି କୌଣସି ଅନୁରୂପ ବ୍ୟବସ୍ଥା ମଧ୍ୟ କରିବାକୁ ପଡ଼ିବ । ବାରଗୋଟି ଫଳକ ଏପରି ଭାବରେ ତିଆରି ହୋଇଥିବ ଯେ, ବର୍ଷର ଯେ କୌଣସି ସମୟରେ ମଧ୍ୟ ସୂର୍ଯ୍ୟାଲୋକ ପ୍ରବେଶ କରି ପାରୁଥିବ । ଏହି କାର୍ଯ୍ୟଟି ସକାଶେ ଜଣେ ଏପରି ବ୍ୟକ୍ତି ଲୋଡ଼ା ହେବେ, ଯିଏକି ନିଜର କାର୍ଯ୍ୟଟିକୁ ଉତ୍ତମ ଭାବରେ ଜାଣିଥିବେ ।

ବାହାର ପଟ... ମୁଁ ବାହାର ପଟ ଆଦୌ କିଛି ଦେଖି ନ ଥିଲି । ତାହାକୁ ମୁଁ ଆଦୌ ଦେଖି ନ ଥିଲି । କେବଳ ଭିତର ପଟର ଯାହା ଦେଖିଥିଲି ।

କାଗଜପତ୍ର ହାତକୁ ଆସିଯିବା ପରେ ମୁଁ ସେ ବିଷୟରେ 'ଇ' ଙ୍କ ସହିତ କଥାବାର୍ତ୍ତା କରିବାକୁ ଇଚ୍ଛା କରୁଥିଲି । ତାହା ପ୍ରକୃତରେ ଅଧିକ ସହଜ ହୋଇଥାନ୍ତା; ମାତ୍ର ଯଦି ତୁମେ ତାଙ୍କୁ ଡାକିଆଣି ସାରିଛ...

'ଈ' ବାହାରକୁ ଯାଇ 'ଇ'ଙ୍କୁ ଘର ଭିତରକୁ ଡାକି ଆଣିଲେ ।

ତାଙ୍କୁ ଉଦ୍ଦେଶ୍ୟ କରି ମାଆ କହିଲେ :

ଆମେ ମନ୍ଦିରଟିକୁ ତିଆରି କରିବା ବୋଲି ନିଷ୍ପତ୍ତି ଗ୍ରହଣ କରିବା ପରେ ମୁଁ ଏଇଟିକୁ ଦେଖିପାରିଲି, ଏହାକୁ ମୁଁ ଭିତର ପଟୁ ଦେଖିଥିଲି । ଟିକିଏ ପୂର୍ବରୁ ମୁଁ ମୋ'ର ଦେଖିଥିବା ବସ୍ତୁଗୁଡ଼ିକୁ 'ଉ' ଙ୍କୁ ବୁଝାଇ କହିବାକୁ ଚେଷ୍ଟା କରୁଥିଲି । ମାତ୍ର ଅଳ୍ପ କେତେଦିନ ପରେ ମୁଁ ଏହାର ଯୋଜନା ଓ ନକ୍ସାଗୁଡ଼ିକୁ ତିଆରି କରାଇନେବି, ତେବେ ଆହୁରି ଅଧିକ ସ୍ପଷ୍ଟ ଭାବରେ ଏହାର ସକଳ ବିଷୟକୁ ବୁଝାଇ ଦେଇ ପାରିବି । କାରଣ, ବାହାର ପଟ କିପରି ହେବ, ସେକଥା ମୋତେ କିଛି ଜଣା ନାହିଁ, ମାତ୍ର ଭିତର ପଟଟି ଜଣାଅଛି ।

*'ଇ' : ଭିତର ପଟ ଅନୁସାରେହିଁ ବାହାର ପଟର ରୂପରେଖ ନିଶ୍ଚିତ ହୋଇଯିବ ।*

ଏହା ଏକ ପ୍ରକାରର ମିନାର ପରି ହେବ, ସେଥିରେ ସୁସନ୍ନିବିଷ୍ଟ ଭାବରେ ବାରଗୋଟି ସ୍ତମ୍ଭ ରହିବ । ସେଗୁଡ଼ିକ ବର୍ଷର ବାରମାସର ପ୍ରତିନିଧିତ୍ୱ କରିବେ, ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ଖୋଲା ଓ ଖାଲି ହୋଇ ତିଆରି ହେବ... ଏବଂ ଏଥିରେ ଶହେରୁ ଦୁଇଶହ ପର୍ଯ୍ୟନ୍ତ ଲୋକ ବସି ପାରିବାର ସ୍ଥାନ ରହିଥିବ । ତା'ପରେ, ଛାତକୁ ସମ୍ଭାଳି ରଖିବା ଲାଗି ଭିତରପଟେ (ବାହାରେ ନୁହେଁ) ବାରଗୋଟି ସ୍ତମ୍ଭ ରହିବ ଏବଂ ଠିକ୍

'oaob.nitrkl.ac.in' images reprocessed

କେନ୍ଦ୍ରସ୍ଥାନରେ, ... ତାହାହିଁ ସଂକେନ୍ଦ୍ରଣର ବସ୍ତୁ ହୋଇ ରହିଥିବ ।... ଏବଂ, ସୂର୍ଯ୍ୟାଲୋକର ସହଯୋଗରେ, ବର୍ଷସାରା ସୂର୍ଯ୍ୟାଲୋକ ତାହା ମଧ୍ୟରେ ରଶ୍ମି ଆକାରରେ ପ୍ରବେଶ କରି ପାରୁଥିବ : ଆଦୌ ଚାରିଆଡ଼କୁ ବିଛାଡ଼ି ହୋଇ ପଡ଼ିବ ନାହିଁ । ଯେପରି ତାହା ରଶ୍ମି ଆକାରରେ ପ୍ରବେଶ କରିପାରିବ, ସେଥିଲାଗି କୌଣସି ବିଶେଷ ବ୍ୟବସ୍ଥା ଅବଶ୍ୟ କରିବାକୁ ପଡ଼ିବ । ଏବଂ, ଦିବସର ସମୟ ଓ ବର୍ଷର ମାସ ଅନୁସାରେ ସେହି ରଶ୍ମିର ଦିଗ ପରିବର୍ତ୍ତନ ହେବାରେ ଲାଗିଥିବ (ଉପରେ ସେହିପରି ଏକ ବ୍ୟବସ୍ଥା କରା ଯାଇଥିବ) ଏବଂ ସେହି ରଶ୍ମି ସର୍ବଦା କେନ୍ଦ୍ରଟି ଉପରେ ପ୍ରପତିତ ହୋଇ ପାରୁଥିବ । କେନ୍ଦ୍ରରେ ଶ୍ରୀଅରବିନ୍ଦଙ୍କର ପ୍ରତୀକ ରହିବ, ତାହା ଏକ ଗୋଲକକୁ ଭାରାଦେଇ ଧରିଥିବ । ଏହି ଗୋଲକଟିକୁ ଆମେ ସ୍ଫଟିକ କିଂବା ସେହିପରି କିଛି ପାରଦର୍ଶକ ଉପାଦାନ ଦ୍ଵାରା ତିଆରି କରିବାକୁ ଚେଷ୍ଟା କରିବୁ । ଗୋଲକଟି ବୃହଦାକାର ହେବ । ଏବଂ, ଭିତରେ ଆସି ଅଭିନିବେଶନ ଲାଗି ଲୋକମାନଙ୍କୁ ସେହି ପ୍ରକୋଷ୍ଠ ମଧ୍ୟକୁ ଆସିବା ଲାଗି ଅନୁମତି ଦିଆଯିବ – (*ମାଆ ହସି କହିଲେ*) ଅଭିନିବେଶିତ ହେବାର ଶିକ୍ଷା ଲାଭ କରିବା ପାଇଁ । ଧ୍ୟାନର କୌଣସି ନିର୍ଦ୍ଦିଷ୍ଟ ନିର୍ଘଣ୍ଟ ରହିବ ନାହିଁ, ସେସବୁ ଆଦୌ କିଛି ରହିବ ନାହିଁ; ମାତ୍ର ସେମାନେ ସେଠି ଭିତରେ ନୀରବ ଭାବରେ ଥିବେ, ନୀରବ ଓ ସଂକେନ୍ଦ୍ରିତ ହୋଇ ରହିଥିବେ ।

*'ଇ' : ଏହା ଭାରି ସୁନ୍ଦର କଥା ହେବ ।*

ମାତ୍ର ସ୍ଥାନଟି ସମ୍ପୂର୍ଣ୍ଣ ଭାବରେ ... ଯଥାସମ୍ଭବ ଅଧିକ ସରଳ ହୋଇ ରହିବ । ଏବଂ ଚଟାଣଟି ଏପରି ଭାବରେ ତିଆରି ହେବ ଯେ ଲୋକେ ତା'ଉପରେ ଆରାମରେ ବସି ପାରିବେ, ଏଠାରେ ବା ସେଠାରେ କାଟୁଛି ବୋଲି ସେମାନଙ୍କ ଲାଗି ଭାବିବାର କୌଣସି ଅବକାଶ ନ ଥିବ ।

*'ଇ' : ଭାରି ସୁନ୍ଦର କଥା ହେବ ।*

ଏବଂ ମଝିରେ, ଚଟାଣ ଉପରେ, ମୋ'ର ପ୍ରତୀକ ରହିବ । ମୋ' ପ୍ରତୀକର କେନ୍ଦ୍ରସ୍ଥଳରେ ଆମେ ଗୋଟିଏ ବର୍ଗକ୍ଷେତ୍ର ପରି ଚାରୋଟି ଭାଗରେ ଶ୍ରୀଅରବିନ୍ଦଙ୍କର ଚାରିଗୋଟି ପ୍ରତୀକ ରଖିବୁ । ସେଗୁଡ଼ିକ ଅନୁଲମ୍ବ ହୋଇ ରହିଥିବେ ଏବଂ ସେଗୁଡ଼ିକ ଉପରେ ଏକ ପାରଦର୍ଶକ ଗୋଲକ ଅବସ୍ଥାପିତ ହୋଇ ରହିଥିବ । ଏସବୁ ଆଗରୁ ଦୃଶ୍ୟ ହୋଇ ସାରିଛି ।

ତେଣୁ ବର୍ତ୍ତମାନ ମୁଁ ଜଣେ ଇଞ୍ଜିନିୟର୍‌ଙ୍କ ଦ୍ଵାରା କେତୋଟି କ୍ଷୁଦ୍ର ନକ୍ସା ତିଆରି

'oaob.nitrkl.ac.in' images reprocessed

କରାଇ ନେବାକୁ ଇଚ୍ଛା କରୁଛି, ଅତ୍ୟନ୍ତ ସରଳ ଭାବରେ ତିଆରି ହୋଇଥିବା କେତୋଟି ନକ୍ସା । ଯେପରିକି ମୁଁ ସମସ୍ତଙ୍କୁ ସବୁକଥା ଦେଖାଇ କହିଦେଇ ପାରିବି । ଏଗୁଡ଼ିକ ପ୍ରସ୍ତୁତ ହୋଇଗଲେ ତୁମକୁ ମଧ୍ୟ ଦେଖାଇବି । ତା'ପରେ କ'ଣ କରାଯାଇ ପାରିବ ଦେଖାଯିବ । ସମ୍ଭବତଃ କାନ୍ଥଗୁଡ଼ିକୁ କଂକ୍ରିଟରେ ତିଆରି କରିବାକୁ ପଡ଼ିବ ।

*'ଇ' : ସମସ୍ତ ନିର୍ମାଣଟିକୁ ସଂବଳନଯୁକ୍ତ କଂକ୍ରିଟ୍‌ରେ ତିଆରି କରାଯାଇ ପାରିବ ।*

ଛାତଟି ସମ୍ଭବତଃ ଗଡ଼ାଣିଆ ହୋଇ ତିଆରି ହେବ ଏବଂ ତା'ପରେ, କେନ୍ଦ୍ରରେ ସୂର୍ଯ୍ୟାଲୋକ ପାଇଁ ଏକ ବିଶେଷ ବ୍ୟବସ୍ଥା କରିବାକୁ ହେବ ।

*ଆପଣ କହିଲେ ଯେ କାନ୍ଥଗୁଡ଼ିକ କିଞ୍ଚିତ୍ ଗଡ଼ାଣିଆ ହେବ ।*

କାନ୍ଥଗୁଡ଼ିକ ଗଡ଼ାଣିଆ ହେବ ନ ହେଲେ ଛାତଟି ଗଡ଼ାଣିଆ ହେବ । ଯେଉଁଟି ସବୁଠାରୁ ସହଜ ଭାବରେ କରାଯାଇ ପାରିବ, ସେଇଟି ହେବ । ହୁଏତ କାନ୍ଥଗୁଡ଼ିକୁ ସିଧା କରି ଛାତକୁ ଗଡ଼ାଣିଆ କରା ଯାଇପାରେ । ଏବଂ ଛାତର ଊର୍ଦ୍ଧ୍ୱତର ଭାଗଟି ବାରଗୋଟି ସ୍ତମ୍ଭକୁ ଭରାଦେଇ ରହିବ, ଏବଂ ତା' ଉପରକୁ ସୂର୍ଯ୍ୟାଲୋକ ସକାଶେ ବ୍ୟବସ୍ଥାଟି କରାଯିବ ।

ଏବଂ ଭିତରେ କିଛି ହେଲେ ରହିବ ନାହିଁ । ସ୍ତମ୍ଭଗୁଡ଼ିକ ବ୍ୟତୀତ ଆଉ କିଛି ହେଲେ ରହିବ ନାହିଁ । ସ୍ତମ୍ଭଗୁଡ଼ିକ, — ମୋତେ କିଛି ଜଣା ନାହିଁ, — ସେଗୁଡ଼ିକୁ ଫଳକଯୁକ୍ତ କରାଯିବ କି ନାହିଁ, ସେକଥା ଆମେ ବିଚାର କରି ଦେଖିବା (ଛାତ ପରି, ବାରଗୋଟି ଫଳକ ଦ୍ୱାରା ଯୁକ୍ତ) ଅଥବା, ସେଗୁଡ଼ିକୁ କେବଳ ଗୋଲାକାର କରି ମଧ୍ୟ ରଖିହେବ ।

*'ଇ' : ହଁ, ଗୋଲାକାର ।*

ବା, କେବଳ ଏକ ବର୍ଗକ୍ଷେତ୍ରର ଆକାରରେ — କ'ଣ ହେଉଛି ଦେଖିବା ।

ଏବଂ ତା'ପରେ, ଚଟାଣ ଉପରେ, ଆମେ ବହଳ ଓ ନରମ କରି କିଛି ଦେବା । ଏଠାରେ — ବସିବା ସମୟରେ ତୁମେ ଆରାମ ଅନୁଭବ କରୁଛ ନା ? କରୁଛ, ନୁହେଁ ? ପ୍ରଥମେ କାଠ ଦିଆଯିବ,— ତା'ପରେ ଏହିପରି ଏକ କିସମର ରବର ଓ ତା' ଉପରକୁ ପଶମର ଗୋଟିଏ ଗାଲିଚା ।

'oaob.nitrkl.ac.in' images reprocessed

*ଆପଣଙ୍କର ପ୍ରତୀକ ସହିତ ?*

ନାଇଁ, ଗାଲିଚା ଉପରେ ନୁହେଁ । ମୁଁ ଭାବୁଥିଲି, କୌଣସି ଏକ ଦୀର୍ଘସ୍ଥାୟୀ ଉପାଦାନରେ ପ୍ରତୀକଟିକୁ ତିଆରି କଲେ ଅଧିକ ଭଲ ହେବ ।

*'ଛ' : ସେଇଟିକୁ ହୁଏତ ପଥରରେ ତିଆରି କରାଯିବ ।*

ପ୍ରତୀକଟି ... ଏଥିରେ କୌଣସି ସନ୍ଦେହ ନାହିଁ ଯେ ସବୁକିଛି ଏହି ପ୍ରତୀକଟିର ଚାରିପାଖକୁ ଘେରି ରହିଥିବ । ପ୍ରତୀକଟି ସେସବୁକୁ ଆଦୌ ଢାଙ୍କି ପକାଉ ନ ଥିବ, ଏହା ଶୂନ୍ୟସ୍ଥାନଟିର ମଝିରେ କରି ରହିଥିବ । – (*ମାଆ ହସି କହିଲେ*) ସେହି ଦ୍ରବ୍ୟଗୁଡ଼ିକ ଯେପରି ପ୍ରତୀକଟି ଉପରେ ବସି ରହିଥିବା ପରି ଆଦୌ ପ୍ରତୀତ ହେଉ ନ ଥିବ ! – ହଁ, ସବା ମଝିରେ ରହିବ । ସମଗ୍ର ସ୍ଥାନଟି ସହିତ ପ୍ରତୀକଟିର କି ଅନୁପାତ ରହିବ, ଉଚ୍ଚତାର ପରିପ୍ରେକ୍ଷୀରେ ଅତ୍ୟନ୍ତ ଯତ୍ନର ସହିତ ସେଇଟି ସମ୍ବନ୍ଧରେ ବିଚାର କରିବାକୁ ପଡ଼ିବ ।

*'ଛ' : ଏବଂ ସେହି ପ୍ରକୋଷ୍ଠଟି ବେଶ୍ ବଡ଼ ହେବ ?*

ହଁ, ଅବଶ୍ୟ ବଡ଼ ହେବ ।... ସୂର୍ଯ୍ୟାଲୋକର ରଶ୍ମିଗୁଡ଼ିକ ଫଳରେ ସ୍ଥାନଟି ଅର୍ଦ୍ଧାଲୋକିତ ପରି ହୋଇ ରହିଥିବ । ଯେପରିକି ସେହି ରଶ୍ମିଗୁଡ଼ିକୁ ମଧ ଦେଖି ହେଉଥିବ । ସୂର୍ଯ୍ୟାଲୋକର ଗୋଟିଏ ଗୋଟିଏ ରଶ୍ମି । ଏବଂ ଦିବସର ପ୍ରକୃତ ସମୟଟି ଅନୁସାରେ, ସୂର୍ଯ୍ୟାଲୋକ ଆବର୍ତ୍ତିତ ହେବାରେ ଲାଗିଥିବ (ଦିବସର ସମୟ ଓ ବର୍ଷଟିର ମାସ ଅନୁସାରେ) । ଏବଂ, ରାତିରେ, ସୂର୍ଯ୍ୟ ଚାଲିଯିବା ସଙ୍ଗେସଙ୍ଗେ, ଉଜ୍ଜ୍ୱଳ ଆଲୋକଗୁଡ଼ିକୁ ଲଗାଇ ଦିଆଯିବ, ଯେପରିକି ଆଲୋକର ଆବେଶ ଓ ରଙ୍ଗ ଠିକ୍ ସେହିପରି ହୋଇ ରହିପାରିବ । ଏବଂ ରାତି ଓ ଦିନ ସର୍ବଦା ଆଲୋକ ରହିଥିବ । ମାତ୍ର, ସେଠାରେ କୌଣସି ଝରକା ରହିବ ନାହିଁ, କୌଣସି ଦୀପ ଜଳିବ ନାହିଁ, ବା ସେଭଳି କୌଣସି ପଦାର୍ଥ ରହିବ ନାହିଁ । – ଆଦୌ କିଛି ରହିବ ନାହିଁ । ବାତାନୁକୂଳନ ଦ୍ୱାରା ବାୟୁର ସଞ୍ଚାର କରାଯିବ । (ସେଗୁଡ଼ିକୁ କାନ୍ଥ ଭିତରେ ତିଆରି କରାଯିବ, ତାହା କରିବା ଖୁବ୍ ସହଜ) । ଏବଂ ସର୍ବଦା ନୀରବତା ରହିବ । ଭିତରେ କେହି କୌଣସି କଥାବାର୍ତ୍ତା ହେବେ ନାହିଁ ! (*ମାଆ ହସି କହିଲେ*) ତାହା ବେଶ୍ ଭଲ ଲାଗିବ । ତେଣୁ, ମୋ'ର କାଗଜଗୁଡ଼ିକ ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ମୁଁ ତୁମକୁ ସେଗୁଡ଼ିକୁ ଦେଖାଇବି ।

'oaob.nitrkl.ac.in' images reprocessed

*'ଇ' : ଭାରି ଭଲ କଥା ।*

'ଇ' ପ୍ରସ୍ଥାନ କଲେ । ମାଆ ତା'ପରେ ପୁଣି 'ଉ' ଙ୍କ ସହିତ କଥାବାର୍ତ୍ତା କଲେ ।

'ଇ' ଇତିମଧ୍ୟରେ 'ଅ' ଙ୍କୁ ଭେଟିଛନ୍ତି କି ନାହିଁ ବୋଲି ମୁଁ ତାଙ୍କୁ ପଚାରିଲି ନାହିଁ। କାରଣ ... 'ଅ' ତ ସମ୍ପୂର୍ଣ୍ଣ ଭାବରେ ଏବର ''ବ୍ୟାବହାରିକ'' ବାୟୁମଣ୍ଡଳ ମଧ୍ୟରେ ରହିଛନ୍ତି । ଏହା ବେଶ୍ ଭଲ ହୋଇଛି – ଏହି କାର୍ଯ୍ୟଟି ଆରମ୍ଭ ହୋଇଯିବା ଉଚିତ !

ଜାଣିଲ; ମୁଁ ପ୍ରକୃତରେ ଏହି ଶିକ୍ଷାଟି ଲାଭ କରିଛି : ମୁଁ ଶିକ୍ଷା କରିଛି ଯେ ଧର୍ମଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇ ଯାଇଛନ୍ତି । କାରଣ ସେମାନେ ନିଜ ଭିତରେ ପରସ୍ପରଠାରୁ ବିଭକ୍ତ ହୋଇ ରହିଥିଲେ । ସେମାନେ ଇଚ୍ଛା କରୁଥିଲେ ଯେ, ଲୋକମାନେ ଧର୍ମାନୁରକ୍ତ ହୁଅନ୍ତୁ, ମାତ୍ର ଅନ୍ୟ ସବୁଧର୍ମକୁ ଛାଡ଼ିଦେଇ କେବଳ ସେଇଟିକୁହିଁ ଆଶ୍ରା କରି ରହନ୍ତୁ । ଏବଂ, ଜ୍ଞାନକ୍ଷେତ୍ରର ପ୍ରତ୍ୟେକ ଶାଖା ମଧ୍ୟ ବିଫଳ ହୋଇ ଯାଇଛି, କାରଣ ସେଗୁଡ଼ିକ ପ୍ରତ୍ୟେକେ ଅନ୍ୟ ଧାରାଗୁଡ଼ିକୁ ବର୍ଜନ କରି କେବଳ ନିଜର ଧାରାଟିକୁ ପ୍ରତିଷ୍ଠିତ କରି ରଖିବାକୁ ଇଚ୍ଛା କରୁଥିଲେ । ମଣିଷ ମଧ୍ୟ ବିଫଳ ହେଲା, କାରଣ ଅନ୍ୟ ସମସ୍ତଙ୍କୁ ଛାଡ଼ି, ସିଏ କେବଳ ନିଜକୁହିଁ ପ୍ରତିଷ୍ଠିତ କରି ରଖିବାକୁ ଇଚ୍ଛା କରୁଥିଲା । ଏବଂ ବର୍ତ୍ତମାନର ନୂତନ ଚେତନାଟି ଯାହା ଚାହୁଁଛି (ଏଇଟି ଉପରେହିଁ ତାହା ସବୁଠାରୁ ଅଧିକ ଜୋର୍ ଦେଉଛି), ତାହା ହେଲା : ଆଉ କୌଣସି ବିଭାଜନ ରହିବ ନାହିଁ । ଆମେ ଏପାଖରେ ଆଧ୍ୟାତ୍ମିକ ପ୍ରାନ୍ତଟିକୁ ଜାଣିବା, ସେପାଖରେ ଜଡ଼ର ଅନ୍ତ ପ୍ରାନ୍ତଟିକୁ ଜାଣିବା ଏବଂ ... ଯେଉଁ ବିନ୍ଦୁଟିରେ ଉଭୟେ ଆସି ମିଳିତ ହୋଇଛନ୍ତି, ସେଇଟିକୁ ଆବିଷ୍କାର କରିବା ... ତାହା ପ୍ରକୃତରେ ଏକ ଯଥାର୍ଥ ଶକ୍ତିର କାରଣ ହେବ ।

ବ୍ୟାବହାରିକ ଦୃଷ୍ଟିରୁ ମୁଁ 'ଅ' ଙ୍କୁ ଏହି କଥାଟି ବୁଝାଇ ଦେବାକୁ ଚେଷ୍ଟା କରିବି; ମାତ୍ର ମୁଁ ଦେଖିଛି, ମୋତେ ବୋଧ ହେଲା ଯେ ଏହି କ୍ଷେତ୍ରରେ ଯାହା ଆବଶ୍ୟକ, ତାହା ହେଉଛି... ଏଠାରେ ରହିଥିବା ସମୟରେ 'ଅ' ଅରୋମଡେଲ୍‌ର ତତ୍ତ୍ୱାବଧାନ କରନ୍ତି, ତାହାର ବାସ୍ତବ ଦିଗଟିକୁ ଦେଖନ୍ତି; ହଁ, ସେହିସବୁ କଥାକୁ ଦେଖନ୍ତି । ଏହି କାର୍ଯ୍ୟଟି ଏକ ଅତ୍ୟାବଶ୍ୟକ କାର୍ଯ୍ୟ, ଏକ ଉତ୍ତମ କାର୍ଯ୍ୟ । ଏବଂ, କେନ୍ଦ୍ରଟିର ନିର୍ମାଣ ବିଷୟରେ କହିବାକୁ ଗଲେ, 'ଇ' ସେହି କାର୍ଯ୍ୟଟିକୁ କରନ୍ତୁ ବୋଲି ମୁଁ ଇଚ୍ଛା କରୁଛି । ତେଣୁ ମୋ'ର ଇଚ୍ଛା, ଯେ 'ଇ' ଏଠାରେ ଥିବାବେଳେ 'ଅ' ଏଠାରେ ଉପସ୍ଥିତ ନ ଥିବେ । 'ଅ' ଚାଲିଗଲେ ଯାଇ ସିଏ ଆସିବେ ଏବଂ ଆମେ ତାଙ୍କ ଦ୍ୱାରା କାର୍ଯ୍ୟଟି କରାଇନେଇ ପାରିବା । ମୁଁ କେବଳ ଏତିକି ଭାବୁଛି ଯେ, ସେମାନଙ୍କ ଉଭୟଙ୍କ ମଧ୍ୟରୁ କେହି ଜଣେ ହେଲେ ନ

'oaob.nitrkl.ac.in' images reprocessed

ଭାବନ୍ତୁ ଯେ, ଆମେ ଜଣକୁ ଛାଡ଼ି ଆଉ ଜଣକ ହାତରେ କାମଟିକୁ କରାଇ ନେଉଛୁ । ସେମାନେ ବୁଝନ୍ତୁ ଯେ ଆମେ ସେମାନଙ୍କୁ ପରସ୍ପରର ଅନୁପୂରକ ରୂପେ ବ୍ୟବହାର କରିବାକୁ ଇଚ୍ଛା କରୁଛୁ । ମୁଁ ଭାବୁଛି ଯେ, 'ଇ' ଏହା ଅବଶ୍ୟ ବୁଝିବେ ।

*ମାତ୍ର 'ଅ' କାଳେ ତାହାକୁ ତାଙ୍କର ଦାୟିତ୍ୱ ଭିତରକୁ ଏକ ଅନୁପ୍ରବେଶ ବୋଲି ମନେ କରିବେ ?*

ସମ୍ଭବତଃ ସିଏ ସେପରି କରିବେ ନାହିଁ । ମୁଁ ସେ ବିଷୟରେ ଚେଷ୍ଟା କରିବି, ଅବଶ୍ୟ ଚେଷ୍ଟା କରିବି ।

ନାହିଁ । କେନ୍ଦ୍ରଟିକୁ ନିର୍ମାଣ କରିବା ଆବଶ୍ୟକ, ମୁଁ ତାହାକୁ ଦୃଶ୍ୟ ଭାବରେ ଠାବ କରିଛି ଏବଂ ସେଇଟିକୁ କରିବାକୁ ପଡ଼ିବ ବୋଲି ଯେତେବେଳେ ମୁଁ ତାଙ୍କୁ କହିଲି, ସେଥିରେ ସିଏ ଆଦୌ କୌଣସି ଆପତ୍ତି କରି ନ ଥିଲେ । ମୋତେ କେବଳ ଏତିକି କହିଲେ, "ମାତ୍ର ସେଥିପାଇଁ ସମୟ ଲାଗିବ ।" ମୁଁ ତାଙ୍କୁ ଉତ୍ତର ଦେଇ କହିଲି, "ନା – ଏହାକୁ ସଙ୍ଗେ ସଙ୍ଗେ ତିଆରି କରାଯିବ । ଏବଂ, ସେହି କାରଣରୁହିଁ ମୁଁ ଜଣେ ଇଞ୍ଜିନିୟରଙ୍କୁ ଦେଇ ଏହି ନକ୍ସାଗୁଡ଼ିକୁ ତିଆରି କରିବାକୁ ଯାଉଛି ଓ ସେଗୁଡ଼ିକୁ ମୁଁ ତାଙ୍କୁ ଦେଖାଇବି । କାରଣ, ଏହି କାର୍ଯ୍ୟଟି ଏକ ବାସ୍ତୁକାରର କାର୍ଯ୍ୟ ନୁହେଁ, ଏହା ଜଣେ ଇଞ୍ଜିନିୟରର କାମ । ଏଥିପାଇଁ, ସୂର୍ଯ୍ୟାଲୋକ ସକାଶେ ଅତ୍ୟନ୍ତ ନିର୍ଭୁଲ୍ ଅଙ୍କଗଣନାମାନ କରିବାକୁ ହେବ, ଅତ୍ୟନ୍ତ ନିର୍ଭୁଲ୍ ଭାବରେ କରିବାକୁ ହେବ । ଏଥିପାଇଁ ଜଣେ ଯଥାର୍ଥରେ ତଦ୍‌ବିଦ୍ ବ୍ୟକ୍ତିର ଆବଶ୍ୟକତା ରହିଛି । ବାସ୍ତୁକାର ଦେଖିବ, ସେପରି ସ୍ତମ୍ଭଗୁଡ଼ିକ ସୁନ୍ଦର ଭାବରେ ତିଆରି ହେବ, କାନ୍ଥଗୁଡ଼ିକ ସୁନ୍ଦର ହେବ, ଅନୁପାତଗୁଡ଼ିକ ଠିକ୍ ରହିବ – ଏଗୁଡ଼ିକ ନିଶ୍ଚୟ ଭଲ କଥା – ଏବଂ ତା'ପରେ କେନ୍ଦ୍ରରେ ଥିବା ପ୍ରତୀକଟିର କଥା ମଧ୍ୟ ରହିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ବାସ୍ତୁକାର ସୌନ୍ଦର୍ଯ୍ୟର ବିଭାବଟିକୁ ଅବଶ୍ୟ ଦେଖିବ, – ମାତ୍ର ମାପ ଓ ଗଣନା କରିବାର ସମୁଦାୟ ଦିଗଟି ... ଏବଂ, ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛି ଯେ, ସୂର୍ଯ୍ୟାଲୋକର ନର୍ତ୍ତନଟି କେନ୍ଦ୍ରଭାଗରେ ଆସି ଅନୁଭୂତ ହୋଇ ପାରୁଥିବ । କାରଣ, ପ୍ରକୃତରେ ସେଇଟିହିଁ ପ୍ରତୀକର କାର୍ଯ୍ୟଟିକୁ କରିବ – ଭବିଷ୍ୟତରେ ଯାହା ଉପଲବ୍ଧ କରିବାକୁ ରହିଛି, ତାହାରି ପ୍ରତୀକ ହୋଇ ରହିବ ।

*

'oaob.nitrkl.ac.in' images reprocessed

*୧୦ ଜାନୁଆରି, ୧୯୭୦*

*'ଇ' ମୋ ପାଖକୁ ଚିଠି ଦେଇଛନ୍ତି ।*

ଆଜି ଅପରାହ୍ଣରେ ମୋର ତାଙ୍କ ସହିତ ଦେଖା ହେବ ।

ମୁଁ ତୁମକୁ କହିଥିଲି ଯେ ଅରୋଭିଲ୍‌ର କେନ୍ଦ୍ର-ଅଟ୍ଟାଳିକାଟି ମୋ'ର ଦୃଷ୍ଟିଗୋଚର ହୋଇଥିଲା । ମୋ'ପାଖରେ ଏକ ଯୋଜନା ରହିଛି, ତାହାକୁ ଦେଖିବାରେ ତୁମେ ଆଗ୍ରହ ପ୍ରକାଶ କରିବ କି ? ସେଠାରେ ସେହି ଯୋଜନାର ଚିଠାଗୁଡ଼ିକ ମୋଡ଼ା ହୋଇ ପଡ଼ିଛି ।

(*ମାଆ ଯୋଜନାଗୁଡ଼ାକୁ ଫିଟାଇ ଗୋଟିଗୋଟି କରି ବୁଝାଉଥିଲେ*) ହଁ, ବାରଗୋଟି ଫଳକ ରହିବ । ଏବଂ, କେନ୍ଦ୍ରଠାରୁ ସମାନ ଦୂରତା ରକ୍ଷାକରି ବାରଗୋଟି ସ୍ତମ୍ଭ ରହିବ । କେନ୍ଦ୍ରରେ, ଚଟାଣ ଉପରେ ମୋ' ପ୍ରତୀକ ରହିବ ଏବଂ ମୋ' ପ୍ରତୀକର ମଝିରେ ଶ୍ରୀଅରବିନ୍ଦଙ୍କର ପ୍ରତୀକରୁ ଚାରିଗୋଟି ରହିବ । ସେଗୁଡ଼ିକ ଅନୁଲମ୍ବ ଭାବରେ ରହି ଗୋଟିଏ ବର୍ଗକ୍ଷେତ୍ର ତିଆରି କରୁଥିବେ ଏବଂ ସେହି ବର୍ଗକ୍ଷେତ୍ର ଉପରେ ଗୋଟିଏ ପାରଦର୍ଶକ ଗୋଲକ ରହିବ (ସେଇଟି କେଉଁ ସାମଗ୍ରୀରେ ଗଢ଼ାହେବ, ଆମେ ଏପର୍ଯ୍ୟନ୍ତ ଠିକ୍ କରି ନାହୁଁ) । ତା'ପରେ ଛାତର ଉପରିଭାଗରୁ, ସୂର୍ଯ୍ୟ କିରଣ ଦେଉଥିବା ସମୟରେ, ଏକ ରଶ୍ମି ଆକାରରେ ତା'ଭିତରକୁ ସୂର୍ଯ୍ୟାଲୋକ ପଡ଼ି ପାରୁଥିବ (ଆଉ ଅନ୍ୟ କେଉଁଠାରେ ନୁହେଁ, କେବଳ ତାହାରି ଉପରେ । ଯେତେବେଳେ ସୂର୍ଯ୍ୟ ନ ଥିବ, ସେତେବେଳେ ଉଜ୍ଜ୍ୱଳ ବିଦ୍ୟୁତ୍ ଆଲୋକମାନ ଜଳୁଥିବ, ଯେଉଁଥିରୁ ଏକ ରଶ୍ମି ପ୍ରେରିତ ହୋଇ ଆସୁଥିବ (ହଁ, ଏକ ରଶ୍ମି, ଆଦୌ ବିଛାଇ ହୋଇ ପଡୁଥିବା ଏକ ଆଲୋକ ନୁହେଁ), ତାହା ଠିକ୍ ଏହି ଗୋଲକ ଉପରେ ଆସି ପଡୁଥିବ ।

ଏବଂ ତା'ପରେ, ଏଥିରେ କୌଣସି ଦ୍ୱାର ରହିବ ନାହିଁ । ମାତ୍ର ... ଅନେକ ଗଭୀରକୁ ତଳ ଆଡ଼କୁ ଗତି କଲେ ଜଣେ ବ୍ୟକ୍ତି ପୁନର୍ବାର ମନ୍ଦିର ଭିତରେ ଆସି ପ୍ରବେଶ କରି ପାରିବ । ସେଥିପାଇଁ ଆଗ କାନ୍ଥଟିର ତଳକୁ ଯିବାକୁ ହେବ ଏବଂ ଭିତରେ ପୁଣି ଉପରକୁ ଉଠିଆସି ପାରିବ । ଏଇଟି ମଧ୍ୟ ଏକ ପ୍ରତୀକ । ପ୍ରତ୍ୟେକ ବସ୍ତୁ ଏଠାରେ ପ୍ରତୀକାତ୍ମକ ହୋଇ ରହିଥିବ ।

ପୁନଶ୍ଚ, କୌଣସି ଆସବାବ ପତ୍ର ରହିବ ନାହିଁ; ମାତ୍ର ଚଟାଣ ଉପରେ, ଏହି କୋଠରିରେ ଯେପରି ହୋଇଛି, ସମ୍ଭବତଃ ପ୍ରଥମେ କାଠ ଦିଆଯିବ, ତା'ପରେ କାଠ ଉପରେ ଗୋଟିଏ ମୋଟା ''ଡନ୍‌ଲପ୍'' ଏବଂ ତା' ଉପରକୁ ଏଠାପରି ଗୋଟିଏ ଗାଲିଚା ରହିବ । ତାହା କେଉଁ ରଙ୍ଗର ହେବ, ତାହା ଏପର୍ଯ୍ୟନ୍ତ ଠିକ୍ କରାହୋଇ ନାହିଁ । ସମସ୍ତ

'oaob.nitrkl.ac.in' images reprocessed

ସ୍ଥାନଟି ଶୁଭ୍ର ବର୍ଣ୍ଣର ହେବ । ଶ୍ରୀଅରବିନ୍ଦଙ୍କର ପ୍ରତୀକ ମଧ୍ୟ ସେହି ରଙ୍ଗର ହେବ କି ନାହିଁ, ମୁଁ ନିଶ୍ଚିତ କରି ସେବିଷୟରେ କିଛି କହିପାରୁ ନାହିଁ । ... ତାହା ସେହି ରଙ୍ଗରେ ହେବ ବୋଲି ମୋ'ର ମନେ ହେଉ ନାହିଁ । ତାହାକୁ ମୁଁ ସେହି ରଙ୍ଗର ହୋଇଥିବାର ବି ଦେଖି ନାହିଁ – ମୁଁ ତାହାକୁ ସୁନେଲି ଓ କମଳା ରଙ୍ଗର ମଝିମଝିକା ଏପରି ଏକ ରଙ୍ଗରେ ଦେଖିଥିଲି, ଯାହାର ସଂଜ୍ଞା ଆଦୌ ନିରୂପଣ କରାଯାଇ ପାରିବ ନାହିଁ । ତାହା ସେହିପରି ଗୋଟିଏ ରଙ୍ଗର ହୋଇ ରହିଥିଲା । ପ୍ରତୀକଗୁଡ଼ିକ ଅନୁଲମ୍ବ ଭାବରେ ରହିବ । ସେଗୁଡ଼ିକ ପଥରରୁ ତିଆରି ହେବ । ଏବଂ ଏକ ଗୋଲକ ରହିବ, ଯାହାକି ସ୍ୱଚ୍ଛ ହୋଇ ନ ଥିବ, ମାତ୍ର ସ୍ୱଚ୍ଛପ୍ରାୟ ହୋଇଥିବ । ଏବଂ ତା'ପରେ, ଠିକ୍ ସବାତଳେ (ସେହି ଗୋଲକଟି ତଳକୁ), ଗୋଟିଏ ଆଲୋକ ରହିବ, ଯାହାର ମୁହଁ ଉପରକୁ କରା ହୋଇଥିବ ଏବଂ ଗୋଲକଟି ମଧ୍ୟରେ ତାହାର ଆଲୋକ ବିଚ୍ଛୁରିତ ହୋଇ ପଡୁଥିବ । ଏବଂ ତା'ପରେ, ବାହାର ପଟୁ, ଆଲୋକର ରଶ୍ମିଗୁଡ଼ିକ ଆସି କେନ୍ଦ୍ର ଉପରେ ପଡୁଥିବ । ଏତିକି ବ୍ୟତୀତ ଆଉ କୌଣସି ଆଲୋକ ରହିବ ନାହିଁ, କୌଣସି ଝରକା ମଧ୍ୟ ରହିବ ନାହିଁ, ବିଦ୍ୟୁତ୍ ଶକ୍ତି ସାହାଯ୍ୟରେ କୌଣସି ବାୟୁ ସଂଚାରଣର ବ୍ୟବସ୍ଥା ରହିବ ନାହିଁ । ସେଠାରେ ଖଣ୍ଡିଏ ହେଲେ ବି ଆସବାବ ନ ଥିବ । ଏହା ଏପରି ଏକ ସ୍ଥାନ ହେବ ... ନିଜର ଚେତନାର ଆବିଷ୍କାର କରିବାକୁ ଚେଷ୍ଟା କରିବା ସକାଶେ ଏକ ସ୍ଥାନ ହୋଇ ରହିବ ।

ବାହାରେ ସେହିଭଳି (*ମା'ଆ ଆଉଗୋଟିଏ ଯୋଜନାକୁ ଖୋଲି ଦେଖାଇଲେ*) କିଛି ଗୋଟାଏ ହେବ । ଛାତ ସମ୍ପୂର୍ଣ୍ଣ ଭାବରେ ଉପରକୁ ମୁନିଆ ହୋଇ ରହିବ କି ନାହିଁ, ସେକଥା ଆମକୁ ଜଣା ନାହିଁ ।... ମାତ୍ର ତାହା ଅତ୍ୟନ୍ତ ସରଳ, ଅତ୍ୟନ୍ତ ସରଳ ହେବ । ତା'ତଳେ ପ୍ରାୟ ଦୁଇଶହ ଲୋକ ବସିବାର ସ୍ଥାନ ରହିଥିବ ।

ତେବେ ବର୍ତ୍ତମାନ 'ଇ' ଙ୍କ ଚିଠି ପଢ଼ାଯାଉ ?

*"ଅତି ମଧୁମୟି ମାଆ,*

*ମୋ'ର ରବିବାର ଦିନ 'ଅ' ଙ୍କ ସହିତ ଦେଖା ହେଲା । ସିଏ ମୋ' କୋଠରିକୁ ଆସିଥିଲେ । କେଡ଼େ ଶ୍ରଦ୍ଧାର ସହିତ ଆପଣଙ୍କ ପାଇଁ ଓ ତାଙ୍କ ପାଇଁ ମୁଁ କେତେକ ଅତି ସୁନ୍ଦର ଫୁଲ ସଜାଇ ରଖିଥିଲି । ଆପଣ ଆମ ସହିତ ଉପସ୍ଥିତ ରହିଥିଲେ । ଆମେ ଅନେକ କଥାବାର୍ତ୍ତା ହେଲୁ । 'ଅ' ମୋ'ର ବନ୍ଧୁ ପରି ଲାଗିଲେ ।*

*"ମୁଁ ତାଙ୍କୁ କହିଥିଲି ଯେ ଅନ୍ୟ ଯେକୌଣସି ସହର ପରି ଅରୋଭିଲ୍‌ର ନିର୍ମାଣକାର୍ଯ୍ୟ କଦାପି ଆରମ୍ଭ କରାଯାଇ ପାରିବ ନାହିଁ – ସହରଟିର ଯୋଜନା*

'oaob.nitrkl.ac.in' images reprocessed

*କରିବାର ନାନା ସମସ୍ୟା, 'ସାମାଜିକ ତଥା ଆର୍ଥିକ ସମସ୍ୟାମାନ, ସେସବୁ ପରେ ହେବ । ମାତ୍ର ଆରମ୍ଭଟି "କିଛି ଅନ୍ୟପ୍ରକାରର" ହେବ । ତେଣୁ ଆମକୁ ସର୍ବପ୍ରଥମେ କେନ୍ଦ୍ରରୁ କାର୍ଯ୍ୟ ଆରମ୍ଭ କରିବାକୁ ହେବ । ଆମେ ସେହି କେନ୍ଦ୍ରକୁ ଆମର ଲିଭର୍ ରୂପେ ବ୍ୟବହାର କରିବାକୁ ପଡ଼ିବ । ସେହି ନିର୍ଦ୍ଦିଷ୍ଟ ବିନ୍ଦୁଟିକୁ ଅବଲମ୍ବନ କରିହିଁ ଆମେ ଅନ୍ୟପାଖଟିକୁ ଲମ୍ଫ ପ୍ରଦାନ କରିବା ଲାଗି ଚେଷ୍ଟା କରିପାରିବା – କାରଣ, ଅରୋଭିଲ୍ ସହରଟିର ଗଠନ କିପରି ହେବା ଉଚିତ, ସେହି ଅନ୍ୟ ପାଖଟିରୁହିଁ ଆମେ ସେହି କଥା ବୁଝିବାକୁ ଆରମ୍ଭ କରିବା । ଏବଂ ସେହି କେନ୍ଦ୍ରହିଁ ଏପରି ଏକ ରୂପାୟନ ହୋଇ ରହିବ, ଯାହାକି ଜଡ଼ ମଧ୍ୟରେ ଆପଣ ଆମକୁ ସକଳ ଭୂମିରେ (ଗୂଢ଼ବିଦ୍ୟାର ଭୂମି ସମେତ) ଆମ ଭିତରକୁ ସଂଚାରିତ କରି ଆଣିବାକୁ ଯାଉଥିବା ସାରତତ୍ତ୍ୱଟିକୁ ଅଭିବ୍ୟକ୍ତ କରିଦେବ । ଆମ ବିଷୟରେ କହିବାକୁ ଗଲେ, ଆମେ ତ କେବଳ ଆପଣାକୁ ଉନ୍ମୁକ୍ତ ଏବଂ ନିଷ୍ଠାଯୁକ୍ତ କରି ରଖିଥିବା ଗୋଟିଏ ଗୋଟିଏ ମାଧ୍ୟମ ହୋଇ ରହିବୁ, ଯାହାର ମଧ୍ୟଦେଇ ଆପଣ ତାହାକୁ ବାସ୍ତବରେ ପରିଣତ କରିପାରିବେ ।*

*"ଏବଂ ମୁଁ ତାଙ୍କୁ କହିଥିଲି ଯେ, ଆପଣା ଭିତରେ ସେହି ଅନୁଭୂତିକୁ ବଞ୍ଚିହିଁ ସେହି ସବୁକିଛିର ନିକଟବର୍ତ୍ତୀ ହେବାର ଆବଶ୍ୟକତାଟିକୁ ମୁଁ ଅନୁଭବ କରିଛି – ଏବଂ, ସେଥିଲାଗି ଶ୍ରଦ୍ଧାର ଏକ ବୃହତ୍ ଆନ୍ଦୋଳନରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଲୋକମାନେ ଆସି ଏଠାରେ ପରସ୍ପର ସହିତ ସମ୍ମିଳିତ ହୋଇଛନ୍ତି । କାରଣ, 'ଆଉ ଅନ୍ୟ କିଛି' ନିର୍ମାଣ କରିବାକୁ ହେଲେ ତାହାକୁହିଁ ଏକମାତ୍ର ସମ୍ଭାବ୍ୟ ସଂଯୁକ୍ତିବସ୍ତୁ ରୂପେ ଗ୍ରହଣ କରିବାକୁ ହେବ ।"*

ସେ ଯାହା କହିଛନ୍ତି, ସେଗୁଡ଼ିକ ଭଲ କଥା ।

*"ଏବଂ କେନ୍ଦ୍ରହିଁ ଆମକୁ ସଙ୍ଗେ ସଙ୍ଗେ ସେହି ଶ୍ରଦ୍ଧାଟିକୁ ଦେଇପାରିବ, କାରଣ ଏହି ଶ୍ରଦ୍ଧା ହେଉଛି ଆପଣଙ୍କ ପ୍ରତି ଶ୍ରଦ୍ଧା । ମୁଁ ତାଙ୍କୁ କହିଥିଲି ଯେ, କାର୍ଯ୍ୟତଃ ଆମେ ସମସ୍ତେ ଗୋଟିଏ କ୍ଷଣ ଏକତ୍ର ନୀରବ ରହିବା ଦ୍ୱାରା ଆମର କାର୍ଯ୍ୟକୁ ଆରମ୍ଭ କରିପାରିବା, ଆମମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଏକ ଶୂନ୍ୟରେ ପରିଣତ କରିଦେବାକୁ ଚେଷ୍ଟା କରିବା ଏବଂ ପ୍ରତ୍ୟେକଙ୍କର ଅଭୀପ୍ସା ଦ୍ୱାରା କାର୍ଯ୍ୟାରମ୍ଭ କରିବାର ନିର୍ଦ୍ଦେଶନାଗୁଡ଼ିକୁ ସେହି ଶୂନ୍ୟ ମଧ୍ୟକୁ ଅବତରଣ କରିଆଣିବା । ମାତ୍ର ସେଥିଲାଗି ସମସ୍ତଙ୍କୁ ଏକତ୍ର ଓ ସମ୍ମିଳିତ ହେବାକୁ ପଡ଼ିବ : ବିଶେଷକରି*

'oaob.nitrkl.ac.in' images reprocessed

*ଯେଉଁମାନେ ଆଧ୍ୟାତ୍ମିକ ଦୃଷ୍ଟିରୁ ସବୁଠାରୁ ଅଧିକ ଅଗ୍ରଗତି କରିଛନ୍ତି (ଭାରତୀୟମାନେ), ସେମାନଙ୍କୁ ଏକାଠି ହେବାକୁ ପଡ଼ିବ ।*

*" 'ଅ' ସମ୍ପୂର୍ଣ୍ଣ ଭାବରେ ଏକମତ ହୋଇଥିଲେ । ସିଏ କହିଲେ ଯେ ପ୍ରକୃତରେ ଏହାହିଁ କରାଯିବା ଉଚିତ ।"*

*(ସମର୍ଥନ କରୁଥିବାର ସୂଚନା ଦେଇ ମାଆ ମୁଣ୍ଡ ହଲାଇଲେ)*

ଆଜି ଅପରାହ୍ଣରେ ମୁଁ 'ଇ' ଙ୍କ ସହିତ ସାକ୍ଷାତ୍ କରିବି ଓ ତାଙ୍କୁ ଏହି ଯୋଜନାଟିକୁ ଦେବି । କାରଣ, ମୁଁ ଏହିପରି ଭାବରେହିଁ ସବୁକଥା ଦେଖିଥିଲି । ଆମେ ଏହାକୁ ଧଳା ଶଙ୍ଖମର୍ମରରେ ତିଆରି କରିବା । 'ଉ' ଶଙ୍ଖମର୍ମର ଆଣିଦେବେ ବୋଲି କହିଛନ୍ତି । ତାଙ୍କୁ ସେହି ସ୍ଥାନଟି ଜଣାଅଛି ।

*ଧଳା ଶଙ୍ଖମର୍ମରରେ ସମଗ୍ର ଗଠନଟି ହେବ ?*

ହଁ, ହେବ ।

*ମାତ୍ର 'ଇ' ମୋତେ ଗୋଟିଏ କଥା କହିଲେ ଓ ମୁଁ ତାଙ୍କର କଥାକୁ ଠିକ୍ ବୋଲି ଭାବୁଛି । ସିଏ କହିଲେ : ଆମେ ବର୍ତ୍ତମାନ ଏହି କେନ୍ଦ୍ରଟିକୁ ତିଆରି କରିବା ଆରମ୍ଭ କରିଦେବୁ, ଏହି କାର୍ଯ୍ୟଟି ମଧ୍ୟକୁ ଆମର ସମସ୍ତ ହୃଦୟ ଏବଂ ସକଳ ଅଭୀପ୍ସାକୁ ସମାକର୍ଷିତ କରି ଆଣିବୁ, ଏହି କେନ୍ଦ୍ରଟି ମଧ୍ୟକୁ ...*

ହଁ, ହଁ ।

*ଏବଂ ବର୍ଷପରେ ବର୍ଷ ଅତିକ୍ରାନ୍ତ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ଏହା ଅଧିକରୁ ଅଧିକ ପରିମାଣରେ "ପ୍ରେରଣାମୟ" ହେବାରେ ଲାଗିଥିବ ।...*

ହଁ ।

*ତେଣୁ ଏହି କେନ୍ଦ୍ରଟିହିଁ ପ୍ରକୃତ ବସ୍ତୁ ହୋଇ ରହିବ । ପରେ ଆଉ ଗୋଟିଏ ବୃହତ୍ତର ମନ୍ଦିର ତିଆରି କରିବା ଲାଗି ଏଇଟିକୁ ଭାଙ୍ଗି ଦିଆଯିବ ନାହିଁ ।*

'oaob.nitrkl.ac.in' images reprocessed

କୌଣସି ଏକ ବିଶାଳ କିଛିଗୋଟାଏ ତିଆରି ହେଲେ ଯାଇ ପ୍ରକୃତରେ ଭଲ ହେବ ବୋଲି ଭାବୁଥିବା ଲୋକମାନଙ୍କ ମନକୁ ବୋଧ କରିବାକୁ ମୁଁ ସେକଥା କହିଥିଲି । ମୁଁ କହିଥିଲି, ''ଆମେ ବର୍ତ୍ତମାନ ଏହି ଛୋଟଟିରୁ ଆରମ୍ଭ କରିବା, ବଡ଼ଟିଏ ତିଆରି କରିବା କଥା ପରେ ଦେଖାଯିବ ।'' ବୁଝିଲ ? ମୁଁ କହିଥିଲି, ''ସହରର ନିର୍ମାଣ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଏହି କେନ୍ଦ୍ରଟି ଅବଶ୍ୟ ରହିବ ଏବଂ ପରେ କ'ଣ ହେବ, ସେକଥା ଦେଖାଯିବ ।'' ପରେ ସେହି ମନ୍ଦିରଟିକୁ ଭାଙ୍ଗି ଦେବାକୁ କେହି କଦାପି ଇଚ୍ଛା କରିବ ନାହିଁ ।

> *ମାତ୍ର ସିଏ କହୁଥିଲେ ଯେ, ବାସ୍ତୁକଳାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ବାହାରପଟୁ ଏହି ଗଠନଟିକୁ ସଂପ୍ରସାରିତ କରିବା ଅବଶ୍ୟ ସମ୍ଭବ ହେବ ଏବଂ ସେଥିଲାଗି ଯାହା ଆଗରୁ ତିଆରି ହୋଇ ସାରିଛି, ତାହାକୁ କୌଣସି ପ୍ରକାରେ କ୍ଷତିଗ୍ରସ୍ତ କରିବାକୁ ଆଦୌ ପଡ଼ିବ ନାହିଁ ।*

ହଁ, ହଁ, ସେକଥା ମଧ୍ୟ ଅବଶ୍ୟ ସମ୍ଭବ ହେବ । 'ଅ' ମୋତେ କହିଥିଲେ, ''ତେବେ ଆମେ ପରେ ପୁଣି କ'ଣ କରିବା ?'' ମୁଁ କହିଥିଲି, ''ସେକଥା ବିଷୟରେ ଆମେ ପରେ ଚିନ୍ତାକରିବା ।'' ବୁଝିଲ ? ସେମାନେ ପ୍ରକୃତ କଥା ଜାଣି ନାହାନ୍ତି ... ସେମାନଙ୍କୁ ଯେ ଆଦୌ କିଛି ଭାବିବାକୁ ପଡ଼ିବ ନାହିଁ, ସେକଥା ସେମାନେ ଜାଣି ନାହାନ୍ତି । ମୁଁ ଏ ବିଷୟରେ ଆଦୌ କିଛି ଭାବି ନ ଥିଲି । ଆଦୌ କିଛି – କିଛି ହେଲେ ଭାବି ନ ଥିଲି । ଦିନେ ମୁଁ ସେହିପରି ଦେଖିବାକୁ ପାଇଲି; ବର୍ତ୍ତମାନ ତୁମକୁ ଯେପରି ଦେଖୁଛି, ଠିକ୍ ସେହିପରି । ଏବଂ ବର୍ତ୍ତମାନ ମଧ୍ୟ ତାହା ମୋ' ସମ୍ମୁଖରେ ଏପରି ଜୀବନ୍ତ ହୋଇ ରହିଛି ଯେ, ବର୍ତ୍ତମାନ କେବଳ ତାହା ଆଡ଼କୁ ଅନାଇ ଦେଲେହିଁ ମୁଁ ସବୁ ଦେଖିପାରୁଛି । ଏବଂ ମୁଁ ସେତେବେଳେ କେନ୍ଦ୍ରଟିକୁହିଁ ଦେଖିବାକୁ ପାଇଥିଲି; ତାହା ଉପରେ ପଡୁଥିବା ଆଲୋକକୁ ଦେଖିବାକୁ ପାଇଥିଲି ଏବଂ ତା'ପରେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ସେଇଟି ଉପରେ ଦୃଷ୍ଟିପାତ କଲାବେଳେ ମୁଁ ଏକଥା କହୁଥିବାର ଲକ୍ଷ୍ୟ କରିଥିଲି, ''ହଁ, ଏଇଟି ପ୍ରକୃତରେ ସେହିପରି ହେବ ।'' ମାତ୍ର ଏଥିରେ ଭାବନାର ଆଦୌ କୌଣସି ସ୍ଥାନ ନ ଥିଲା । ମୁଁ ଆଦୌ, ''ବାରଗୋଟି ସ୍ତମ୍ଭ ଓ ତା'ଉପରେ ପୁଣି ବାରଗୋଟି ଫଳକ'' ବୋଲି କିଛି ଚିନ୍ତା କରି ନ ଥିଲି । ସେସବୁ ବିଷୟରେ ମୁଁ କିଛି ଭାବି ନ ଥିଲି । ମୁଁ ସବୁ ଦେଖି ପାରିଥିଲି ।

ଏହା ହେଉଛି ଶ୍ରୀଅରବିନ୍ଦଙ୍କର ପ୍ରତୀକଗୁଡ଼ିକ ପରି ଗୋଟିଏ କଥା ।... ମୁଁ ଯେତେବେଳେ କେନ୍ଦ୍ରଟି ବିଷୟରେ କିଛି କହୁଛି, ସେତେବେଳେ ମୁଁ ତଥାପି

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦଙ୍କର ସେହି ଚାରିଗୋଟି ପ୍ରତୀକକୁ ମଧ୍ୟ ଦେଖିପାରୁଛି — ପ୍ରତୀକଗୁଡ଼ିକ କୋଣସ୍ଥାନଗୁଡ଼ିକରେ ପରସ୍ପରକୁ ସେହିପରି ଭାବରେ ଭାରାଦେଇ ରଖିଛନ୍ତି... ଏବଂ ଏହି ରଙ୍ଗ... ଏକ ବିଚିତ୍ର ରଙ୍ଗ — ଏପରି ରଙ୍ଗ ପ୍ରକୃତରେ କେଉଁଠି ଅଛି ବୋଲି ମୋତେ ଜଣା ନାହିଁ । ଏହା ହେଉଛି ଏକ ସୁନେଲି-କମଳା ରଙ୍ଗ, ଏକ ଅତ୍ୟନ୍ତ ଉଷ୍ମ ରଙ୍ଗ । ଏବଂ ସେହି ସ୍ଥାନରେ କେବଳ ସେହି ଗୋଟିଏ ରଙ୍ଗହିଁ ରହିଛି; ଆଉ ବାକୀ ସବୁକିଛି ହେଉଛି ଶୁଭ୍ର ବର୍ଣ୍ଣର । ଏବଂ ତା' ସାଙ୍ଗକୁ ସେହି ସ୍ୱଚ୍ଛପ୍ରାୟ ଗୋଲକଟି ମଧ୍ୟ ।

*'ଇ' କହିଲେ ଯେ, ଏହି ବିଷୟରେ ଅନୁସନ୍ଧାନ କରିବା ଲାଗି ତାଙ୍କୁ ସଙ୍ଗେ ସଙ୍ଗେ ଇଟାଲୀ ଦେଶର ମୁରାନୋ ଯିବାକୁ ହେବ । ସେହିଠାରେ ଲୋକେ ସେହି ବଡ଼ ବଡ଼ ସ୍ଫଟିକଗୁଡ଼ିକୁ ତିଆରି କରନ୍ତି । ଉଦାହରଣ ସ୍ୱରୂପ, ତିରିଶ ସେଣ୍ଟିମିଟରର ଏକ ଗୋଲକ ନିର୍ମାଣ କରିବା ପ୍ରକୃତରେ ସମ୍ଭବ ହେବ କି ନାହିଁ, ସେଠାରେ ସିଏ ସେକଥା ମଧ୍ୟ ଅନୁସନ୍ଧାନ କରି ଦେଖିବେ ।*

ନିର୍ଦ୍ଦିଷ୍ଟ ମାପଟି ଯୋଜନାଟିରେ ରହିଛି । ସେଇଟିକୁ ଦେଖିବାକୁ ପଡ଼ିବ ।

*ସେହି ସହରରେ ଗୋଟିଏ ବଡ଼ କାଚ-କାରଖାନା ଅଛି ।*

ହଁ, ସେମାନେ ସେଠାରେ ଅଦ୍ଭୁତ ବସ୍ତୁମାନ ତିଆରି କରୁଛନ୍ତି... ଗୋଲକଟିର ଆକାରଟି କେତେ ହେବ, ସେକଥା ସୂଚାଇ ଦିଆଯାଇ ନାହିଁ କି ?

*ହଁ, ତାହା ସତୁରି ସେଣ୍ଟିମିଟର୍ ହେବ ।*

ଏହାର ଭିତରଟା ଫମ୍ପା ରହିଲେ ମଧ୍ୟ ଚଳିବ । ଭିତରକୁ ନିଦା କରିବାର କୌଣସି ଆବଶ୍ୟକତା ନାହିଁ । ତେବେ ସେଇଟି ଆଦୌ ଅତ୍ୟଧିକ ଭାବରେ ଭାରି ହେବ ନାହିଁ ।

(*ମାଆ ନୀରବ ରହିଲେ*)

ମାଟିତଳେ ଯେଉଁ ପ୍ରବେଶଦ୍ୱାର ରହିବ ... ଜଣେ ବ୍ୟକ୍ତି କାନ୍ଥଠାରୁ ବାରମିଟର ବା ପ୍ରାୟ ସେହିପରି କିଛି ଦୂରରେ, କଳସର ପାଦଦେଶରେ ଭିତରକୁ ପ୍ରବେଶ କରିପାରିବ ।

'oaob.nitrkl.ac.in' images reprocessed

କଳସଟି ଅବତରଣର ସନ୍ତକ ହୋଇ ରହିବ । ଠିକ୍ କେଉଁ ଦିଗରୁ ପ୍ରବେଶର ଦ୍ୱାର ରହିବ, ସେକଥାକୁ ମୋତେ ବାଛିକରି ସ୍ଥିର କରିବାକୁ ପଡ଼ିବ ... ଏବଂ ତା'ପରେ, ଏକଥା ମଧ୍ୟ ସମ୍ଭବ ଯେ, ପରେ, ବାହାର ପଟେ ରହିବା ପରିବର୍ତ୍ତେ କଳସଟି ବେଷ୍ଟନୀଟିର ଭିତରେହିଁ ରହିବ । ତେବେ ଆମେ ସମ୍ଭବତଃ ତାହାର ଚାରିପାଖରେ ଗୋଟିଏ ଉଚ୍ଚ କାନ୍ଥ ତିଆରି କରିଦେବା, ଏବଂ ତା'ପରେ ଉଦ୍ୟାନଗୁଡ଼ିକ ରହିବ । ବେଷ୍ଟନକାରୀ କାନ୍ଥ ଏବଂ ଆମେ ବର୍ତ୍ତମାନ ତିଆରି କରିବାକୁ ଯାଉଥିବା ସୌଧର ମଧ୍ୟବର୍ତ୍ତୀ ହୋଇ ଆମେ ବଗିଚାଗୁଡ଼ିକୁ ଏବଂ କଳସୀଟିକୁ ରଖିପାରିବା । ଏବଂ ସେହି କାନ୍ଥରେ କେବଳ ଗୋଟିଏ ପ୍ରବେଶପଥ ରହିବ ... ଗୋଟିଏ ରହିବ ବା ହୁଏତ ଅଧିକ ମଧ୍ୟ ରହିବ — ସେଥିରେ ସାଧାରଣ କବାଟମାନ ଲାଗିଥିବ । ଲୋକମାନେ ଇଚ୍ଛା କଲେ ଉଦ୍ୟାନରେ ଯାଇ ଭ୍ରମଣ ବି କରିପାରିବେ । ଏବଂ, ମାଟିର ତଳେ ରହିଥିବା ପଥଟି ଦେଇ ମନ୍ଦିର ଭିତରକୁ ବାହାରି ଆସିବାର ଅଧିକାର ଲାଭ କରିବା ପାଇଁ ଲୋକମାନଙ୍କୁ କେତେକ ସର୍ତ୍ତ ପୂରଣ କରିବାକୁ ହେବ । ... ତାହା ପ୍ରକୃତରେ ଏକ ଉପନୟନ ପରି ହୋଇ ରହିବ; ଯେପରି ଭାବରେ ହେଉ ପଛକେ, କେବଳ ''ଖାଲି ସେମିତି'' ହୋଇ କଦାପି ରହିବ ନାହିଁ ।

(*ମାଆ ନୀରବ ରହିଲେ*)

ମୁଁ 'ଅ' ଙ୍କୁ କହୁଥିଲି, ''ଆଗାମୀ କୋଡ଼ିଏ ବର୍ଷରେ କ'ଣ ହେବ ଦେଖାଯାଉ ।'' — ଏକଥା ଶୁଣି ସିଏ ଶାନ୍ତ ହୋଇଗଲେ । ମାତ୍ର, ସେହି ସ୍ଥାନକୁ ଚାରିପଟରୁ ପାଣି ଦ୍ୱାରା ଘେରାଇ ରଖିବା ଲାଗି ପ୍ରଥମେ ଚିନ୍ତା କରା ଯାଇଥିଲା । ଏକ ଦ୍ୱୀପଟିଏ ତିଆରି କରି ରଖାଯିବ ବୋଲି ଚିନ୍ତା କରା ଯାଇଥିଲା, ଯେପରିକି ମନ୍ଦିରକୁ ଆସିବାକୁ ହେଲେ ସେହି ଜଳପୂର୍ଣ୍ଣ ସ୍ଥାନକୁ ପାରି ହୋଇ ଆସିବାକୁ ପଡ଼ିଥାନ୍ତା । ସେହିପରି ଗୋଟିଏ ଦ୍ୱୀପ ତିଆରି କରିବାର ମଧ୍ୟ ଯଥେଷ୍ଟ ସମ୍ଭାବନା ଅଛି ।...

*

*୧୭ ଜାନୁଆରି, ୧୯୭୦*

ତୁମେ ମୋତେ କ'ଣ କହିବ ବୋଲି ଚାହୁଁଥିଲ ଟି ?

*'ଇ' ଓ 'ଗ' ମୋତେ ଦେଖା କରିବାକୁ ଆସିଥିଲେ । ବର୍ତ୍ତମାନ ଦୁଇଟି କଥା କରିବାକୁ ରହିଛି । ମାତ୍ର ସର୍ବପ୍ରଥମେ କେନ୍ଦ୍ରଟିର ନକ୍ସା ତିଆରି କରିବାକୁ ହେବ,*

'oaob.nitrkl.ac.in' images reprocessed

*— ଅଧିକ ନିର୍ଦ୍ଦିଷ୍ଟ କରି କହିବାକୁ ଗଲେ, କେନ୍ଦ୍ରଟିର ବହିଃପାର୍ଶ୍ୱର ନକ୍ସା ତିଆରି କରିବାକୁ ପଡ଼ିବ ।*

ବହିଃପାର୍ଶ୍ୱଟି — ସେ ବିଷୟରେ ମୁଁ କିଛି ଦେଖି ନାହିଁ । ଏହାର ମଧ୍ୟ ନକ୍ସାଟିଏ ଅଛି, ତାହାକୁ 'ଙ୍କ' ତିଆରି କରିଛନ୍ତି ... ଏପାଖଟିର ମୁଁ ଆଦୌ କିଛି ଦେଖି ନ ଥିଲି ଏବଂ ତେଣୁ ସେବିଷୟରେ ମୁଁ ଯେକୌଣସି ପ୍ରସ୍ତାବକୁ ସ୍ୱାଗତ କରୁଛି । ତା'ପରେ ?

*'ଇ' ମୋତେ ଏପରି ଗୋଟିଏ କଥା ବୁଝାଇ କହିଦେଲେ, ଯାହାକି ମୋତେ ଅତ୍ୟନ୍ତ ସୁନ୍ଦର ଲାଗିଲା ଏବଂ ବର୍ତ୍ତମାନ ମୁଁ ସେହି କଥାଟିକୁ ଆପଣଙ୍କ ଆଗରେ ନିବେଦନ କରିଦେବାକୁ ଇଚ୍ଛା କରୁଛି ... ଯେତେବେଳେ ଆପଣ ଏହି କେନ୍ଦ୍ରଟି ବିଷୟରେ କହୁଥିଲେ, ସେତେବେଳେ ବହିର୍ଭାଗଟି ବିଷୟରେ ଆପଣ ପ୍ରକୃତରେ କହିଥିଲେ, ''କାନ୍ଥଗୁଡ଼ିକ ଗଡ଼ାଣିଆ ହେବ ବା ପ୍ରକୃତରେ ଛାତକୁ ଗଡ଼ାଣିଆ କରି ତିଆରି କରାଯିବ, ସେକଥା ମୋତେ ଜଣା ନାହିଁ'' । ଏହି ବିଷୟରେ ଆପଣଙ୍କ ଭିତରେ ସତେଅବା ଏକ କୁଣ୍ଠା ରହିଥିବା ପରି ବୋଧ ହେଉଥିଲା । ତେଣୁ 'ଇ' କହୁଛନ୍ତି ଯେ, ଏହି ସମ୍ବନ୍ଧରେ ସିଏ ମଧ୍ୟ ଗୋଟିଏ ପ୍ରକାରର ପ୍ରେରଣା ପାଇଲେ ଏବଂ ତାଙ୍କୁ ଅତ୍ୟନ୍ତ ସରଳ ଗୋଟିଏ ନମୁନା ଦୃଷ୍ଟିଗୋଚର ହୋଇଥିଲା । ସେଇଟି ତାଙ୍କୁ ଗୋଟିଏ ବୃହତ୍ ଶଙ୍ଖ ପରି ଦେଖାଗଲା, ଯାହାରକି ଗୋଟିଏ ଭାଗ ଉପରକୁ ଦେଖା ଯାଉଥିଲା ଓ ଆଉଗୋଟିଏ ଭାଗ ମାଟିରେ ପୋତି ହୋଇ ରହିଥିଲା । ଏବଂ ସିଏ ତାହାର ଡାଇଗ୍ରାମ ପରି ଗୋଟିଏ କ'ଣ ତିଆରି କରିଛନ୍ତି ଓ ମୁଁ ଆପଣଙ୍କୁ ସେଇଟି ମଧ୍ୟ ଦେଖାଇବାକୁ ଇଚ୍ଛା କରୁଛି ।*

ସେମାନେ 'ଅ' ଙ୍କ ସହିତ ମଧ୍ୟ ସାକ୍ଷାତ୍ କରିଛନ୍ତି କି ? କାରଣ 'ଅ' ଙ୍କର ମଧ୍ୟ ଦୁଇଟି ଧାରଣା ରହିଥିଲା । ସେଇ ଦୁଇଟି ଧାରଣା ସହିତ ସିଏ ମୋ' ସହିତ ଦେଖା କରିବାକୁ ଆସିଥିଲେ । ଏବଂ, ଦୁଇଟି ମଧ୍ୟରୁ ମୋତେ କେଉଁଟି ଅଧିକ ଭଲ ଲାଗୁଛି, ମୁଁ ତାଙ୍କୁ ସେକଥା ମଧ୍ୟ କହିଥିଲି । ମାତ୍ର ତଥାପି ଏପର୍ଯ୍ୟନ୍ତ କିଛି ହେଲେ ଚୂଡ଼ାନ୍ତ ଭାବରେ ନିଷ୍ପତ୍ତି ହୋଇ ନାହିଁ । ଏବଂ 'ଅ' ମଧ୍ୟ ତାଙ୍କର ଧାରଣାଗୁଡ଼ିକ ଅନୁସାରେ ଏକ ନକ୍ସା କରିବାକୁ କହିଛନ୍ତି । ତେଣୁ ପ୍ରଥମେ ମୁଁ ତୁମଠାରୁ 'ଇ' ଙ୍କ କଥା ଶୁଣିବି ଏବଂ ତା'ପରେ ତୁମକୁ 'ଅ' ଙ୍କର ଧାରଣା ଦୁଇଟିର କଥା କହିବି ।

'oaob.nitrkl.ac.in' images reprocessed

*( 'ଉ' ନକ୍ସାଟିକୁ ଖୋଲିଲେ) ତେବେ ଆପଣ ଦେଖନ୍ତୁ, ଏଇଟି ହେଉଛି ବାହାର ପଟ, ଯାହାକୁ ଠିକ୍ ଗୋଟିଏ ଶଙ୍ଖ ଆକାରରେ ତିଆରି କରିବାକୁ ପଡ଼ିବ । ଆପଣ ଯେପରି ଦେଖିଛନ୍ତି, ଭିତର ପଟଟି ଅବିକଳ ସେହିପରି ହେବ : ବଡ଼ ଗାଲିଚାଟି ପଡ଼ିବ, ତା'ଉପରେ କେଉଁଠି କିଛି ହେଲେ ରହିବ ନାହିଁ ଏବଂ କେନ୍ଦ୍ରରେ ସେହି ପିଣ୍ଡୁଳାଟି ରହିବ । ଏବଂ 'ଇ' ଏଇ କଥାଟିରୁ ଆପଣାର ପ୍ରେରଣା ପାଖରେ ଯାଇ ପହଞ୍ଚିଛନ୍ତି ଯେ ଆପଣ କହିଥିଲେ, ପ୍ରଥମେ ଜଣେ ମାଟି ତଳକୁ ଯିବ ଓ ତା'ପରେ ଉପରକୁ ଉଠିଲେ ଯାଇ ଭିତରେ ପ୍ରବେଶ କରିପାରିବ । ତେଣୁ ସିଏ ଏହିଥିରୁ ତଳକୁ ଅନେକ ଦୂର ଗଭୀରକୁ ଯିବାର ଧାରଣାଟିକୁ ଲାଭ କରିଥିଲେ, ଏହି ଅଂଶରେ କୁଣ୍ଡଳୀ ପରି ଏକ ଶିଡ଼ିପଥ ତିଆରି କରିବାକୁ ହେବ ବୋଲି ଧାରଣା କରିପାରିଲେ । ଶିଡ଼ିପଥଟି ତଳକୁ ଯାଇ ତା'ପରେ ପୁନର୍ବାର ଉପରକୁ ଉଠିବ, ଏବଂ ଏଠାରେ ଏକାଦିକ୍ରମେ ଏକାଧିକ ଶିଡ଼ିପଥ ରହିବ, ଯେଉଁଗୁଡ଼ିକ କି ସକଳ ଦିଗକୁ ବାଟ କରି ନେଉଥିବ (ଶଙ୍ଖର ନିମ୍ନତର ଭାଗରେ), ସେହି ବାଟଗୁଡ଼ିକ ମନ୍ଦିର ଭିତରେ ନେଇ ପହଞ୍ଚାଇ ଦେଇ ପାରିବ । ତେଣୁ, ସମୁଦାୟ ନିମ୍ନତର ଭାଗଟି କଳା ଶଙ୍ଖମର୍ମରରେ ହେବ ଏବଂ ସମୁଦାୟ ଊର୍ଦ୍ଧ୍ୱତର ଭାଗଟି ବିଶୁଦ୍ଧ ଧଳା ଶଙ୍ଖମର୍ମର ଦେଇ ତିଆରି ହେବ । ଏବଂ, ସମଗ୍ର ବସ୍ତୁଟି ଏକ ବୃହତ୍ ପୁଷ୍ପକଳିକା ପରି ଦିଶୁଥିବ, ସତେଯେପରି ପୃଥିବୀର ଗର୍ଭରୁ ବିକଶିତ ହୋଇ ଆସୁଥିବା ପରି ଦେଖା ଯାଉଥିବ ।*

ତାଙ୍କର 'ଅ' ଙ୍କ ସହିତ ଦେଖା ହୋଇ ନାହିଁ ବୋଲି ତୁମେ ଭଲକରି ଜାଣିଛ ? କାରଣ 'ଅ' ମୋତେ କହୁଥିଲେ, "ମୁଁ ଏକ ବୃହତ୍ ବୃତ୍ତ ତିଆରି କରିବାକୁ ଇଚ୍ଛା କରୁଛି; ଭିତର ଭାଗଟି ଠିକ୍ ଗୋଟିଏ ଅର୍ଦ୍ଧବୃତ୍ତ ପରି ହେବ ଏବଂ ଅନ୍ୟ ଅର୍ଦ୍ଧବୃତ୍ତଟି ମାଟିତଳେ ରହିବ ।" ସିଏ ପ୍ରାୟ ଏକାଭଳି ଶବ୍ଦମାନ ବ୍ୟବହାର କରି ସେକଥା କହୁଥିଲେ ।

*କାରଣ 'ଇ' ତାଙ୍କୁ ଆପଣାର ଧାରଣାଟି ବିଷୟରେ ସବୁ କହିଛନ୍ତି ।*

ଆଚ୍ଛା, ତେବେ 'ଇ' ସବୁ କହି ସାରିଛନ୍ତି ! ଏଥର ବୁଝିଲି ।

*ତାହା ଠିକ୍ ପୃଥିବୀ ଭିତରୁ ଉଠି ଆସୁଥିବା ଗୋଟିଏ ପୁଷ୍ପକଳିକା ପରି ଦେଖାଯିବ ।*

'oaob.nitrkl.ac.in' images reprocessed

ହଁ, ହଁ, 'ଅ' ମୋତେ ତାଙ୍କର ଏହି ପ୍ରଥମ ଧାରଣାଟି ବିଷୟରେ କହିଥିଲେ । ସିଏ ପ୍ରାୟ ସେହି ଏକା ଶବ୍ଦଗୁଡ଼ିକୁ ବ୍ୟବହାର କରି ସେକଥା କହିଥିଲେ । ଏବଂ, ତାଙ୍କର ଦ୍ୱିତୀୟ ଧାରଣା ହେଉଛି ଯେ, ଏହା ଏକ ପିରାମିଡ୍ ପରି ତିଆରି ହେବ । ମାତ୍ର ମୁଁ ମଧ ଏକ ପିରାମିଡ୍ ବିଷୟରେ ଆଗରୁ ଭାବିଥିଲି, ଏବଂ ତାଙ୍କୁ କହିଲି, ''ମୁଁ ବି ସେହି ପିରାମିଡ୍ ବିଷୟରେ ଭାବିଛି ।'' ମାତ୍ର ସିଏ କହିଲେ ଯେ ସିଏ ଦୁଇଟିଯାକ ନକ୍ସା ତିଆରି କରିବେ ଏବଂ ତା'ପରେ ଆମେ ସେଗୁଡ଼ିକୁ ଦେଖିବା । ମାତ୍ର ଯଦି ତାହା 'ଇ' ଙ୍କ ଧାରଣା ସହିତ ମେଳ ହୋଇ ଯାଉଥାଏ, ତେବେ ତାହା ଅତ୍ୟନ୍ତ ଭଲ କଥା ।

*ମାତ୍ର ପ୍ରକୃତ ପକ୍ଷରେ 'ଅ' ଙ୍କ ଧାରଣାଟି ହେଉଛି 'ଇ' ଙ୍କ ଧାରଣା ।*

ହଁ, ଠିକ୍ ସେହି କଥା ।

*ତେଣୁ ଯେତେବେଳେ ଜଣେ ଯାଇ ''କାଣ୍ଡ'' ଟିର ଉପରେ ପହଞ୍ଚିବ, ସେତେବେଳେ ସକଳ ଦିଗକୁ ବାହାରି ଯାଇଥିବା ଏକାଧିକ ଶିଡ଼ିପଥ ଦେଖିବାକୁ ପାଇବ ଏବଂ ତା'ହେଲେ ଯେ କୌଣସି ପାର୍ଶ୍ୱରୁ ମଧ ସେ ଉପରକୁ ଉଠି ମନ୍ଦିର ଭିତରେ ପ୍ରବେଶ କରି ପାରିବ । ... ... ଏବଂ ତା'ପରେ କେନ୍ଦ୍ରସ୍ଥାନରେ ଆଦୌ କୌଣସି ବସ୍ତୁ ରହିବ ନାହିଁ ଏବଂ ଚତୁର୍ଦ୍ଦିଗରେ ଏକ ପ୍ରକାରର ଗ୍ୟାଲେରି ରହିବ, ଯାହା ଭିତରକୁ କି ଜଣେ ବ୍ୟକ୍ତି ତଳଦେଶରୁ ପ୍ରବେଶ କରି ପାରିବ । ଏହିସବୁ ଶିଡ଼ିବାଟ ଯେଉଁଠାରେ ତିଆରି ହେବ, ଗ୍ୟାଲେରିଟି ମଧ ସେହିଠାରେ ରହିବ । ଏବଂ କେଉଁଠି ହେଲେ ଆଦୌ କୌଣସି ବସ୍ତୁ ରହିବ ନାହିଁ । କେବଳ ଏହି ବୃହତ୍ ଗାଲିଚାଟି ପଡ଼ିଥିବ, ଏହି ସବୁ ଗ୍ୟାଲେରିର ପାଦଦେଶ ପର୍ଯ୍ୟନ୍ତ କୋଣଗୁଡ଼ିକୁ ଆବୃତ କରି ପଡ଼ିଥିବ । ସତେ ଯେପରି ଝୁଲିକରି ରହିଥିବା ପରି ଦେଖା ଯାଉଥିବ । ସବୁକିଛି ଶୁଭ୍ରବର୍ଣ୍ଣର ହେବ, ସରଳ ଢଙ୍ଗର ହୋଇଥିବ ।*

*ଏବଂ, ତା'ପରେ ବାରଗୋଟି ସ୍ତମ୍ଭର କଥା ... 'ଇ' କହିଲେ ଯେ, ସେ ଏହି ସ୍ତମ୍ଭଗୁଡ଼ିକୁ ତଥାପି ପ୍ରକୃତରେ ଗୋଟିଏ ଗୋଟିଏ ପୁରାତନ ପ୍ରତୀକ ବୋଲି ଭାବୁଥିଲେ ଏବଂ ସେଗୁଡ଼ିକ ଶଙ୍ଖଟି ସହିତ ଆଦୌ ଖାପ ଖାଇବ ନାହିଁ । ସେ କହିଲେ, ''ଏହି ବାରଗୋଟି ସ୍ତମ୍ଭ ପରିବର୍ତ୍ତେ ଆମେ ପ୍ରତୀକାତ୍ମକ ଭାବରେ ବାରଗୋଟି ପିଣ୍ଡି ତିଆରି କରି ରଖିପାରିବା ବା ବାରଗୋଟି ସ୍ତମ୍ଭମୂଳ ରଖିପାରିବା, ଯାହାକି ଆଉଜି ବସିବାର କାର୍ଯ୍ୟଟିକୁ ମଧ ସାହାଯ୍ୟ କରି ପାରିବ ।''*

'oaob.nitrkl.ac.in' images reprocessed

ଆଚ୍ଛା ! ମାତ୍ର ସ୍ତମ୍ଭଗୁଡ଼ିକର ମଧ୍ୟ ଏକ ପ୍ରୟୋଜନ ରହିଛି, କାରଣ ସ୍ତମ୍ଭଗୁଡ଼ିକ ଉପରେ ଆମେ ପରା ଉଜ୍ଜ୍ୱଳ ଆଲୋକଗୁଡ଼ିକୁ ରଖିବା ଏବଂ ସେହି ଆଲୋକଗୁଡ଼ିକ ସେଗୁଡ଼ିକରୁ ପ୍ରତିଫଳିତ ହେଉଥିବା ଆଲୁଅକୁ କେନ୍ଦ୍ର ଆଡ଼କୁ ନିର୍ଦ୍ଦେଶିତ କରିଦେବେ । ସେହି ସ୍ଥାନରେ ଅହୋରାତ୍ର ଆଲୋକର ବ୍ୟବସ୍ଥା ରହିବ; ଦିନବେଳେ ଝଲାକବାଟିଗୁଡ଼ିକର ବ୍ୟବସ୍ଥା ରହିବ ଏବଂ, ସୂର୍ଯ୍ୟାସ୍ତ ହୋଇଯିବା ସଙ୍ଗେସଙ୍ଗେହିଁ ଏହି ଉଜ୍ଜ୍ୱଳ ଆଲୋକଗୁଡ଼ିକୁ ଲଗାଇ ଦିଆଯିବ । ଆଲୋକଗୁଡ଼ିକ ବାରୋଟିଯାକ ସ୍ତମ୍ଭ ଉପରେ ଖଞ୍ଜା ହୋଇ ରହିବ ଏବଂ ସେଗୁଡ଼ିକ କେନ୍ଦ୍ରଟି ଉପରେ ଆଲୋକ ସମ୍ପାତ କରୁଥିବେ ।

*ମାତ୍ର, ମାଆ, ଯଦି କେବଳ ଉଜ୍ଜ୍ୱଳ ଆଲୋକଗୁଡ଼ିକ ସକାଶେହିଁ ସ୍ତମ୍ଭଗୁଡ଼ିକର ପ୍ରୟୋଜନ ରହିଛି, ତେବେ ଆମେ ସେଗୁଡ଼ିକ କାନ୍ଥରେ ମଧ୍ୟ ଖଞ୍ଜି କରି ରଖିପାରିବା ।*

ସ୍ତମ୍ଭଗୁଡ଼ିକ କାନ୍ଥ ପାଖରେ ରହିବ ନାହିଁ । ସେଗୁଡ଼ିକ ଏଠାରେ – କେନ୍ଦ୍ର ଏବଂ କାନ୍ଥର ଠିକ୍ ମଧ୍ୟ ସ୍ଥଳରେ ରହିବ ।

*କାରଣଟି ହେଉଛି ଯେ 'ଇ' ଏହି ସ୍ଥାନଟିକୁ ସଂପୂର୍ଣ୍ଣ ଭାବରେ ଖାଲି ଥିବାର ଦେଖିଥିଲେ; ମଝିରେ କେବଳ ପ୍ରତୀକଟି ରହିଥିଲା ଏବଂ ଚାରିଆଡ଼େ ସମତଳ ଭାବରେ ଏହି ଗାଲିଚାଟି ପଡ଼ି ରହିଥିଲା । କୌଣସି ସ୍ତମ୍ଭ ତାହାକୁ ବାଧା ଦେବାକୁ ସେଠାରେ ନ ଥିଲେ । ମାତ୍ର, ତା' ପରିବର୍ତ୍ତରେ ଯଦି ବଡ଼ ବଡ଼ ପିଣ୍ଡିମାନ ରଖାଯାଏ, ଯଦି ଏହିପରି ବାରଗୋଟି ପିଣ୍ଡି ଦ୍ୱାରା ସ୍ତମ୍ଭଗୁଡ଼ିକର ଅବସ୍ଥିତିକୁ କେବଳ ସୂଚାଇ ଦିଆଯାଏ, ତେବେ ସେଗୁଡ଼ିକ ପିଠି ଭରା ଦେଇ ବସିବା ମଧ୍ୟ କାମ ଦେଇ ପାରିବ ।*

ତାହାର ଆଦୌ କୌଣସି ଅର୍ଥ ନାହିଁ ।

*ଆପଣ ଏକ ପ୍ରତୀକାତ୍ମକ ଅର୍ଥର କଥା କହୁଛନ୍ତି ? କାରଣ ଅଧିକ ସମୟ ବସିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନେ ଆଉଜି ବସିବାରେ ଏହି ସ୍ତମ୍ଭଗୁଡ଼ିକ ସାହାଯ୍ୟ କରିବ ବୋଲି ଆପଣ କହୁଥିଲେ ।*

'oaob.nitrkl.ac.in' images reprocessed

ହଁ, ସେମାନଙ୍କର ପିଠିକୁ ଏକ ଭରା ମିଳିବବୋଲି ।

*ତେଣୁ ସେ କହିଲେ ଯେ, ଉଦାହରଣ ସ୍ୱରୂପ ଏହି ବାରଗୋଟି ପିଣ୍ଡିକୁ ହୁଏତ ଭିନ୍ନ ଭିନ୍ନ ଉପାଦାନ-ସାମଗ୍ରୀରେ ତିଆରି କରାଯାଇ ପାରିବ – ତାହା ମଧ୍ୟ ଏକ ପ୍ରତୀକର କାର୍ଯ୍ୟ କରିବ; ସର୍ବମୋଟ ବାରଗୋଟି ପିଣ୍ଡି ରହିବ ।*

କିନ୍ତୁ ମୁଁ ସ୍ତମ୍ଭଗୁଡ଼ିକୁ ଦେଖିଥିଲି ।

ବାହାର ପଟ କାନ୍ଥଗୁଡ଼ିକରେ ସାଧାରଣ ବାୟୁ ଗମନାଗମନର ବ୍ୟବସ୍ଥା ରହିବ, ତାହା ବିଦ୍ୟୁତ୍‌ଶକ୍ତି ଦ୍ୱାରା ହେବ (ଆଦୌ କୌଣସି ଝରକା ରହିବ ନାହିଁ), ଏବଂ ସ୍ତମ୍ଭଗୁଡ଼ିକ ଉପରେ ଆଲୋକଗୁଡ଼ିକ ରହିଥିଲେ । ... ମୁଁ ସେହି ସ୍ତମ୍ଭଗୁଡ଼ିକୁ ଦେଖିଥିଲି, ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିଥିଲି ।

*ଆଚ୍ଛା, ମୁଁ ସେକଥା ତାଙ୍କୁ ଅବଶ୍ୟ କହିବି ।*

ଚାରିପାଖରେ ଗ୍ୟାଲେରି ବିଷୟରେ କହିବାକୁ ଗଲେ, ସେଇଟି ମୋ'ର ଖୁବ୍‌ବେଶୀ ପସନ୍ଦ ହେବକି ନାହିଁ, ମୁଁ ଠିକ୍ କହି ପାରୁ ନାହିଁ । ମୁଁ ସେପରି ଆଦୌ କିଛି ଦେଖି ନ ଥିଲି । କାନ୍ଥଗୁଡ଼ିକ ଗୋଟାସୁଦ୍ଧା ଖାଲି ଥିଲେ, ସେଥିରେ କୌଣସି ଝରକା ନ ଥିଲା । ସ୍ତମ୍ଭଗୁଡ଼ିକ ରହିଥିଲେ, ଏବଂ କେନ୍ଦ୍ରଟି ଥିଲା । ସେସବୁ ବିଷୟରେ ମୁଁ ନିଶ୍ଚିତ, କାରଣ ମୁଁ ସେଗୁଡ଼ିକୁ ଦେଖିଥିଲି – ଏବଂ ଅନେକ ସମୟ ପର୍ଯ୍ୟନ୍ତ ସେଗୁଡ଼ିକୁ ଦେଖିଥିଲି ।

*ଆପଣଙ୍କୁ ଶଙ୍ଖର ଆକୃତିଟି କିପରି ଲାଗୁଛି ?*

ଏହାର ଅର୍ଥ ହେଉଛି ଯେ ଏହା ଏକ ସମଗ୍ର ବୃତ୍ତ ପରି ହୋଇ ରହିବ : ଅଧା ଉପରେ ରହିବ, ଅଧା ତଳେ ରହିବ ... ହଁ, ତାହା ବେଶ୍ ହେବ; ଖାଲି ସୂର୍ଯ୍ୟାଲୋକ ନିମନ୍ତେ କୌଣସି ବ୍ୟବସ୍ଥା ରଖିବାକୁ ପଡ଼ିବ ।

*ହଁ, ପ୍ରିଜ୍‌ମ୍ ଦ୍ୱାରା ଆଲୋକନର ବ୍ୟବସ୍ଥା କରାଇବାର ସମସ୍ୟା 'ର' କୁ ଭଲ ଭାବରେ ଜଣା ଅଛି – କାରଣ ସୂର୍ଯ୍ୟର ଗୋଟିଏ ରଶ୍ମିକୁ ପ୍ରପତିତ କରାଇବାକୁ ହେଲେ ଆମକୁ ପ୍ରିଜ୍‌ମ୍‌ର ସାହାଯ୍ୟ ନେବାକୁ ପଡ଼ିବ । ସେ କହୁଛନ୍ତି ଯେ ଏହି*

'oaob.nitrkl.ac.in' images reprocessed

*ସମସ୍ୟାଟିର ଖୁବ୍ ସହଜରେ ସମାଧାନ ହୋଇଯିବ । ସିଏ ସେହି କଥାଟି ବିଷୟରେ ଚିନ୍ତା କରୁଛନ୍ତି । ସୂର୍ଯ୍ୟର ଗୋଟିଏ ରଶ୍ମିକୁ ପ୍ରପତିତ କରାଇ ପାରିବା ଲାଗି କେବଳ କେତେକ ନିର୍ଦ୍ଦିଷ୍ଟ ଜାଗାରେ କେତୋଟି ପ୍ରିଜ୍‌ମ୍ ଖଞ୍ଜି କରି ରଖିବାକୁ ହୋଇଥାଏ ।*

କେବଳ ଗୋଟିଏ ରଶ୍ମି ପ୍ରପତିତ ହେବାର ବ୍ୟବସ୍ଥା ହେବ । ମୁଁ ଯାହା ଦେଖିଥିଲି, ସେଥିରେ ରଶ୍ମିଟି ଦୃଷ୍ଟିଗୋଚର ହେଉଥିଲା ।

*ହଁ, ଠିକ୍ ସେହି କଥା । ପ୍ରିଜ୍‌ମ୍ ସାହାଯ୍ୟରେ ହିଁ ରଶ୍ମିଟି ଦୃଷ୍ଟିଗୋଚର ହୋଇଥାଏ । ତେଣୁ ସୂର୍ଯ୍ୟର ଗତିପଥ ଅନୁସାରେ କେତେକ ନିର୍ଦ୍ଦିଷ୍ଟ ସଂଖ୍ୟାର ଜ୍ୟାମିତିକ ଜଳାବାଟ ରଖିବାକୁ ପଡ଼ିବ ... ମାତ୍ର ଭିତରେ, କାନ୍ଥଗୁଡ଼ିକର ଭିତର ପଟେ, ବାରଗୋଟି ଫଳକର ନିର୍ମାଣ କରିବାକୁ ପଡ଼ିବ ।*

ହଁ, ସେହିପରି ହେବ ।

*ଏବଂ, ସିଦ୍ଧାନ୍ତତଃ ('ଉ' ବୃତ୍ତାକାର ଗ୍ୟାଲେରିଗୁଡ଼ିକୁ ଦେଖାଇଲେ), ଏହିସବୁ ପ୍ରବେଶଦ୍ୱାର ଦେଇହିଁ ନିମ୍ନସ୍ଥ ପଥଗୁଡ଼ିକରୁ ଉପରକୁ ଆସିହେବ ।*

ସେହିପରି ଭାବରେ ଏତେଗୁଡ଼ାଏ ପ୍ରବେଶଦ୍ୱାର ତିଆରି କରିବା ଦ୍ୱାରା ପ୍ରକୃତରେ ଭଲ ହେବ କି ନାହିଁ, ସେକଥା ମୋତେ ଜଣା ନାହିଁ । ... ଏଠାରେ ଏକ ବାସ୍ତବ ସମସ୍ୟାର ସମାଧାନ କରିବାକୁ ପଡ଼ିବ; ଯଦି କେବଳ ଗୋଟିଏ ପ୍ରବେଶଦ୍ୱାର ରହେ ଏବଂ ସେହି ଦ୍ୱାରଦେଶରେ ଏକ କଡ଼ା ଜଗିବା ବ୍ୟବସ୍ଥାର ପ୍ରଣୟନ କରାଯାଏ, ତେବେ ଏହା ବେଶ୍ ଭଲ ହେବ; ମାତ୍ର ଯଦି ଏକାଧିକ ଦ୍ୱାର ରହେ ଏବଂ ଯଦି ଯଥେଷ୍ଟ ଆଲୋକର ବ୍ୟବସ୍ଥା ନ ଥାଏ, ତେବେ ନାନା ପ୍ରମାଦ ଘଟିବ ।

*ନାହିଁ, ନାହିଁ, ମାଆ, ବାହାରୁ କେବଳ ଗୋଟିଏ ମାତ୍ର ପ୍ରବେଶଦ୍ୱାର ରହିବ । ମାତ୍ର ଶଙ୍ଖର ଭୂମିଦେଶରେ ଯେତେବେଳେ ଆମେ ବାହାରକୁ ବାହାରି ଆସିବା, ସେତିକିବେଳେହିଁ ଆମେ ଏହି ବହୁସଂଖ୍ୟକ ଦ୍ୱାରଗୁଡ଼ିକର ସମ୍ମୁଖୀନ ହେବା । ନାହିଁ, ବାହାରେ ତଳକୁ ଯିବା ପାଇଁ କେବଳ ଗୋଟିଏ ମାତ୍ର ବାଟ ଥିବ, ସେହି*

'oaob.nitrkl.ac.in' images reprocessed

*ବାଟଟି ଏଠାରେ ଆସି ପହଞ୍ଚିବ — କୁଣ୍ଡଳୀର ଆକାରରେ ନିର୍ମିତ ଏହି ଶିଡ଼ି-ପଥର ପାଦଦେଶରେହିଁ ଏହା ରହିବ ।*

(*ମାଆ ନୀରବ ରହିଲେ*)

*ଚାରିପାଖରେ ଏହି ଗ୍ୟାଲେରି ରହିବ ବୋଲି 'ଇ' ଭାବୁଛନ୍ତି, କାରଣ, ସେ କହିଲେ ଯେ, ଏହାଦ୍ୱାରା ମଝିରେ ପଡ଼ିଥିବା ଗାଲିଚା ଆହୁରି ଅଧିକ ପ୍ରଧାନ ହୋଇ ଦେଖାଯିବ, ଚାରିଆଡ଼େ ଖାଲି ଧଳା; ତାହା ସତେଅବା ଭାସୁଥିବା ପରି ଦିଶୁଥିବ, କାହାରି ସହିତ ସଂଲଗ୍ନ ହୋଇ ରହିଥିବା ପରି ମୋଟେ ଲାଗୁ ନ ଥିବ,— କାନ୍ଥ ସହିତ ଲାଗିକରି ରହିଥିବା ପରି ବୋଧ ହେଉ ନ ଥିବ ।*

ଏହା ''କାନ୍ଥ ସହିତ ଯାଇ ଲାଗି ରହିଥିବ'' ବୋଲି ମୁଁ ମଧ୍ୟ ଭାବି ନ ଥିଲି । — କାନ୍ଥର କଡ଼େ କଡ଼େ ସର୍ବଦା ଏକ ବାଟ ରହିଥିଲା ।

*ତେଣୁ, ଆମେ ଏହାକୁ ସେହି ପଥ ବୋଲି କହିପାରିବା; ଏଥିରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ କେତୋଟି ଗ୍ୟାଲେରି ରହିଥିବ । ଏବଂ, ସ୍ଥାନଟି ଯେ ସଂପୂର୍ଣ୍ଣ ଭାବରେ ଖାଲି ରହିବ, ସେହି ଧାରଣାଟି ଥିବାରୁହିଁ ସେ ସ୍ତମ୍ଭଗୁଡ଼ିକୁ ବାଦ୍ ଦେବା ଲାଗି ଚିନ୍ତା କଲେ ।*

ମାତ୍ର ଏହି ଗ୍ୟାଲେରିଗୁଡ଼ିକର କଥା ମୋତେ ମୋଟେ ଭଲ ଲାଗୁ ନାହିଁ । କାରଣ କାନ୍ଥଗୁଡ଼ିକ ଅଗରୁ ମୂଳ ପର୍ଯ୍ୟନ୍ତ ବେଶ୍ ସିଧା ହୋଇ ରହିଥିଲେ ଏବଂ ଶୁଭ୍ର ଶଙ୍ଖମର୍ମରରେ ତିଆରି ହୋଇଥିଲେ ।

*ବୁଝିଲି । ମାତ୍ର ଗ୍ୟାଲେରିଗୁଡ଼ିକ ଆଦୌ ଖୁବ୍‌ବେଶୀ ଉଚ୍ଚ ହେବେ ନାହିଁ । ଭୂଇଁରୁ କେବଳ ପ୍ରାୟ ତିରିଶ ସେଣ୍ଟିମିଟର ଉଚ୍ଚ ହୋଇ ରହିବେ ।*

ଆଚ୍ଛା, ତେବେ ତାହା ଠିକ୍ ହେବ ।

*ତା'ପରେ, ସିଏ କହିଲେ ଯେ, ଏହି ଗ୍ୟାଲେରି ଉପରେ ଅଥବା, ଚତୁର୍ଦ୍ଦିଗରେ*

'oaob.nitrkl.ac.in' images reprocessed

*ରହିଥିବା ପଥକୁ ସୀମାବଦ୍ଧ କରି ଦେଖାଇ ଦେଉଥିବା ଏହି ପ୍ରାନ୍ତରେଖା ଉପରେ ଗାଲିଚାଟି କୋଣର କିଞ୍ଚିତ୍ ଉପର ଯାଏ ଆସିବ, ତାହା କୋଣଗୁଡ଼ିକୁ ଆବୃତ କରି ରଖୁଥିବ ।*

ତାହା ବେଶ୍ ଭଲ ହେବ ।

(*ମାଆ ନୀରବ ରହିଲେ*)

ବେଶ୍ ଭଲ କଥା, ସବୁ ସେହିପରି ହେବ । ତେଣୁ ବର୍ତ୍ତମାନ ସେମାନଙ୍କ ମଧ୍ୟରେ ଏକ ପାରସ୍ପରିକ ବୁଝାମଣା ହୋଇଯିବା ଉଚିତ । ମାତ୍ର, ସେହି କଥାଟି ଅଧା ହୋଇ ସାରିଲାଣି ବୋଲି ବୁଝିବାକୁ ହେବ, କାରଣ 'ଅ' ଏହି କଳ୍ପନାଟି ବିଷୟରେ ମୋ'ସହିତ କଥାବାର୍ତ୍ତା କରୁଥିଲେ । ମୁଁ ଯଦି ଏହା ପ୍ରକୃତରେ 'ଇ' ଙ୍କର କଳ୍ପନା ବୋଲି ଜାଣିଥାନ୍ତି, ତେବେ ସେହି ସମୟରେହିଁ ହଁ ବୋଲି କହି ଦେଇଥାନ୍ତି । ମାତ୍ର ଏହା ବେଶ୍ କାର୍ଯ୍ୟକାରୀ ହୋଇ ପାରିବ । ଏଥିରେ କୌଣସି ଅସୁବିଧା ନାହିଁ ।

*ତେବେ, ଏହାରି ଭିତ୍ତି ଉପରେ ମୁଁ ତାଙ୍କୁ କାର୍ଯ୍ୟ କରିବାକୁ କହିବି । ... କେବଳ ବାହାର ପଟର ପ୍ରଶ୍ନଟି ବିଷୟରେହିଁ ଯାହା ଆଲୋଚନା ହେବାକୁ ବାକୀ ରହିଲା : ଶଙ୍ଖର ଚାରିପଟେ କିଛି ଖାଲି ସ୍ଥାନ ଛଡ଼ାଯିବ କି, ଯେପରିକି ତାହାର ନିମ୍ନଭାଗସ୍ଥ ବକ୍ରଟି ମଧ୍ୟ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇ ପାରିବ ? ତା' ନ ହୋଇ ଯଦି ସବୁ ଅଂଶକୁ ଭର୍ତ୍ତି କରି ଦିଆଯାଏ, ତେବେ ତାହା ଭୂମି ଉପରେ ଅବସ୍ଥିତ ରହିଥିବା କେବଳ ଏକ ଗୋଲାର୍ଦ୍ଧ ପରି ଦେଖାଯିବ । ତେବେ, ସେହି କଥାଟିକୁ ଅତ୍ୟନ୍ତ ପରିଷ୍କାର ଭାବରେ ବୁଝି ହେବ ଯେ, ଆବରଣଟି ଭୂମିର ନିମ୍ନକୁ ଗତି କରୁଛି । ସିଏ ଚତୁର୍ଦ୍ଦିଗରେ ଏକ ଖାଲି ଜାଗା ରଖିବାକୁ ଭାବିଥିଲେ ।*

ମୋତେ କିଛି ଜଣା ନାହିଁ । ମୁଁ ପରା କହିଲି, ବାହାରପଟ ବିଷୟରେ ମୁଁ ଆଦୌ କିଛି ଦେଖି ନାହିଁ । ତେଣୁ ମୋତେ କିଛି ଜଣା ନାହିଁ । ମାତ୍ର ତାହା ବିପଜ୍ଜନକ ହୋଇପାରେ, ପଡ଼ିଯିବାର ଭୟ ବି ରହିପାରେ ।

*ବା, ଚାରିପଟେ ଖାଇ ପରି ଗୋଟାଏ କିଛି ତିଆରି କରାଯିବ, ଯେଉଁଥିରେ କି*

'oaob.nitrkl.ac.in' images reprocessed

*ପାଣି ରହିଥିବ । ସ୍ୱଚ୍ଛ ପାଣି ରହିଥିବ ଓ ତା'ଭିତରୁ ଆବରଣର ନିମ୍ନତର ବକ୍ରଟି ଦୃଷ୍ଟିଗୋଚର ହେଉଥିବ ।*

ହଁ, ତାହା ମଧ୍ୟ ବେଶ୍ ଭଲ ହୋଇପାରେ ।

*ଏହି କ୍ଷେତ୍ରରେ ମାପଗୁଡ଼ିକର ପ୍ରଶ୍ନ ମଧ୍ୟ ରହିଛି । ନକ୍ସା ଅନୁସାରେ, ଆପଣ ଚବିଶ ମିଟର ସ୍ଥାନ ରଖିଛନ୍ତି – ଅର୍ଥାତ୍ ଗୋଲାର୍ଦ୍ଧର ପ୍ରତ୍ୟେକ ପାର୍ଶ୍ୱରେ ବାର ମିଟର କରି ସ୍ଥାନ ରଖିଛନ୍ତି । ମାତ୍ର, ଗୋଟିଏ ବାଟ ରଖିପାରିବା ସକାଶେ, ଆମେ ସେଠାରେ ଆଉ କିଛି ଅଧିକା ସ୍ଥାନ ରଖି ପାରିବା କି ? ନକ୍ସାରେ ବ୍ୟାସକୁ ଚବିଶ ମିଟର ବୋଲି ଦର୍ଶାଯାଇଛି, ଏବଂ ଉଚ୍ଚତା ପନ୍ଦର ମିଟର କୋଡ଼ିଏ ସେଣ୍ଟିମିଟର ରଖା ଯାଇଛି ।*

ଆଚ୍ଛା ?

*ଏହି ଅନୁପାତଗୁଡ଼ିକୁ ବଦଳାଯାଇ ପାରିବ ବୋଲି 'ଇ' ପଚାରିଛନ୍ତି । ଗାଲିଚା ବିଛାହେବାର ସ୍ଥାନ ଲାଗି ଚବିଶ ମିଟର ରହିବ, ମାତ୍ର ବାଟ ପାଇଁ ପ୍ରତ୍ୟେକ ପାର୍ଶ୍ୱରେ ଦୁଇ ବା ତିନି ମିଟର ସ୍ଥାନ ରଖିବାର ସମ୍ଭାବନା ଥିବ ।*

ତେବେ କାନ୍ଥ ପୁଣି କେଉଁଠାରେ ରହିବ ?

*କାନ୍ଥ ସେଠାରେ ରହିବ (*'ଉ' ବୃତ୍ତାକାର ଗ୍ୟାଲେରିର ବହିର୍ଦେଶକୁ ଦେଖାଇ ଦେଲେ*) ।*

କାନ୍ଥହିଁ ଚବିଶମିଟର ଦୂରତାରେ ଅବସ୍ଥିତ ରହିବ ।

*'ଇ' କହୁଛନ୍ତି ଯେ, ସେଠାରେ ବାଟଗୁଡ଼ିକୁ ରଖିବାକୁ ହେଲେ, ଚବିଶ ମିଟର ଆଦୌ ଯଥେଷ୍ଟ ହେବ ନାହିଁ ।*

*(ମାଆ ନୀରବ ରହିଲେ)*

'oaob.nitrkl.ac.in' images reprocessed

*ଉଚ୍ଚତାଟିକୁ ମଧ୍ଯ ବଦଳାଇବାକୁ ପଡ଼ିବ ।*

ପ୍ରକୃତ ପ୍ରଶ୍ନଟି ଥିଲା ଯେ ଏହା ସଂପୂର୍ଣ୍ଣ ଭାବରେ ବୃତ୍ତାକାର ହେବ ।

*ଯଦି ଏହାକୁ ବୃତ୍ତାକାର କରିବାକୁ ହୁଏ, ତେବେ କାନ୍ଥଗୁଡ଼ିକ ମଧ୍ୟରେ ରହିଥିବା ଦୂରତାର ବ୍ୟାସାର୍ଦ୍ଧକୁ ସମାନ କରି ଉଚ୍ଚତା ରଖିବାକୁ ପଡ଼ିବ ।*

ହଁ ।

(*ମାଆ ନୀରବ ରହିଲେ*)

ଯେଉଁ କଥାଟି ହେଲେ ମୁଁ ପ୍ରକୃତରେ ଖୁସୀ ହେବି, ତାହା ହେଉଛି ଯେ, ସେମାନେ ଦୁଇଜଣଯାକ ଏକମତ ହେବେ ଏବଂ ଯୁଗପତ୍ ଭାବରେ ମୋତେ ଗୋଟିଏ ଲେଖାଏଁ ପ୍ରକଳ୍ପ ପ୍ରସ୍ତୁତ କରି ଦେଖାଇବେ । ସେପରି ହେଲେ ଏହାକୁ କାର୍ଯ୍ୟକାରୀ କରିବା ସହଜ ହୋଇଯିବ । ... 'ଅ' କ'ଣ ପ୍ରକୃତରେ 'ଇ' ଙ୍କର କଳ୍ପନାକୁ ଗ୍ରହଣ କରି ନାହାନ୍ତି ? ତେବେ, ତାହାକୁ କିପରି କାର୍ଯ୍ୟକାରୀ କରିବାକୁ ହେବ, ଦୁହେଁ ଏକତ୍ର ହୋଇ ସେକଥାଟିକୁ ମଧ୍ୟ କାହିଁକି ଦେଖୁ ନାହାନ୍ତି ?

*ହଁ, ତଦ୍ଦ୍ଵାରା ସବୁ କଥା ସରଳ ହୋଇଯିବ ।*

କେତେ ସରଳ ହୋଇଯିବ !

(*ମାଆ ନୀରବ ରହିଲେ*)

ସେଠାରେ ସେହି ତଳଭାଗରେ କ'ଣ ସବୁ ଘଟିବ ? (*ମାଆ ଆବରଣଟିର ଭୂମିତଳେ ରହିଥିବା ଅଂଶଟିକୁ ଦେଖାଇଲେ*) ସେହି ସବୁକିଛି ଅବଶ୍ୟ ମାନସିକ ବୋଲି କୁହାଯିବ; ମାତ୍ର, ଯଦି ତୁମେ ଭୂମିସ୍ତରରେ ଗୋଟାସୁଦ୍ଧା ଅନ୍ଧାର ହୋଇ ରହିଥିବା ଏଡ଼େବଡ଼ ଜାଗାଟିଏ ରଖିବାକୁ ଇଚ୍ଛା କରୁଛ, ତେବେ ସେଠାରେ ପ୍ରକୃତରେ କ'ଣ ସବୁ ଘଟିବ ? ତା'ହେଲେ ଏପରି ଅନେକ ଘଟଣା ଘଟିବ, ଯାହାକୁ କି ଉଲ୍ଲେଖ କରାଯାଇ ପାରିବ

'oaob.nitrkl.ac.in' images reprocessed

ନାହିଁ । ଆମେ କଦାପି ଭୁଲି ଯିବା ନାହିଁ ଯେ ମନୁଷ୍ୟସମାଜ ଏବେ ମଧ୍ୟ ଅରୂପାନ୍ତରିତ ସ୍ଥିତିରେ ରହିଛି । ଏବଂ, ସେଠାକୁ ଯାବତୀୟ କିସମର ଲୋକେ ନିଶ୍ଚୟ ଆସିବେ । ... ପ୍ରବେଶଦ୍ୱାରରେ ଏକ ନିୟନ୍ତ୍ରଣ-ବ୍ୟବସ୍ଥା ରହିଥିଲେ ମଧ୍ୟ ତୁମେ ଲୋକମାନଙ୍କୁ ଦେଖିବା ଲାଗି ଭିତରକୁ ଆସିବାରୁ କଦାପି ବନ୍ଦ କରି ରଖି ପାରିବ ନାହିଁ । ତେଣୁ, ସେହି ତଳେ କ'ଣ ସବୁ ଘଟିବ କହିଲ ? ଯେତେବେଳେ 'ଅ' ମୋତେ ''ଆମେ ଭୂମି ତଳେ ଅତ୍ୟନ୍ତ ଚମତ୍କାର ପଥମାନ ତିଆରି କରିବା'' ବୋଲି କହିଲେ, ମୁଁ ସବାଆଗ ସେହି ଆପତ୍ତିଟିକୁ ଉତ୍ଥାପନ କରିଥିଲି । ମୁଁ ତାଙ୍କୁ କହିଥିଲି, ''ସେସବୁ ଭାରି ଉତ୍ତମ କଥା ହେବ, ମାତ୍ର ସେହି ଭୂଇଁତଳେ କ'ଣସବୁ ଘଟିବ, ତାହାକୁ ନିୟନ୍ତ୍ରଣ କରିବା ଲାଗି କିଏ ରହିବ ?''

*ମୁଁ ଭାବିଥିଲି ଓହ୍ଲାଇ ଆସିବା ଲାଗି ବାଟ ରଖିବାର କଳ୍ପନାଟି ଆପଣ କରିଥିଲେ ।*

ମୁଁ ଏକ କ୍ଷୁଦ୍ର ଅବତରଣ-ପଥର କଳ୍ପନା କରିଥିଲି । ବାଟଟି ସେହିଠାରେ ରଖା ଯାଇଥିଲା (*ମାଆ ମୂଳ ନକ୍ସାଟିରେ ଥିବା ଗୋଟିଏ ମାତ୍ର ଦ୍ୱାରକୁ ଦେଖାଇଦେଲେ*) । ଖୁବ୍ ସାନ ଅବତରଣ-ପଥଟିଏ ରହିବ, ସେପରି ଗୋଟିଏ ବଡ଼ ସୁଡ଼ଙ୍ଗ ପରି କିଛି ରହିବ ନାହିଁ । ମାତ୍ର ଏହା ତଥାପି ସମ୍ଭବ, କେବଳ ନିୟନ୍ତ୍ରଣ-ସମସ୍ୟାଟିର ସମାଧାନ କରି ଦେଇ ପାରିଲେ ହେବ । ଗୋଟିଏ ବାଟ ରହିଥିବ ଯେଉଁଥିରେ କି ଦୁଇଧାଡ଼ୀ ଲୋକଙ୍କ ପାଇଁ (ଗୋଟିଏ ଧାଡ଼ି ଉପରକୁ ଯାଉଥିବ ଏବଂ ଆଉଗୋଟିଏ ଧାଡ଼ି ତଳକୁ ଆସୁଥିବ) ଯଥେଷ୍ଟ ସ୍ଥାନ ରହିଥିବ ଏବଂ ସେହି ବାଟଟି ସେଠାରେ ବାହାରକୁ ବାହାରି ଆସିଥିବ; ଏବଂ ଅନ୍ୟ ପକ୍ଷରେ, ଏହି ଆକାରର ଗୋଟିଏ ବଡ଼ ସୁଡ଼ଙ୍ଗଭଳି ପଥ ରହିଥିବ – ଦୁହିଙ୍କ ମଧ୍ୟରେ ପ୍ରକୃତରେ ଏକ ବୃହତ୍ ପାର୍ଥକ୍ୟ ରହିଛି । ଏବଂ, ତା'ପରେ ପୁଣି, ଏହି ସବୁଯାକ ସ୍ଥାନ ଅନ୍ଧାର ଭିତରେ ରହିବ ।

*ହଁ, ତାହା କଳା ଶଙ୍ଖମର୍ମରରେ ତିଆରି ହେବ ।*

ତେବେ ? ତାହାର ଅର୍ଥ ହେଉଛି ଯେ ତା'ଭିତରେ ମୋଟେ ସ୍ପଷ୍ଟ କରି କିଛି ଦେଖା ଯାଉ ନ ଥିବ । ତେବେ ସେଠାରେ ସବୁ କ'ଣ ଘଟିବ କହିଲ ?

*ମାଟି ତଳେ ରହିଥିବା ଏହି ଜାଗାଗୁଡ଼ିକ ଗୋଟିଏ ସୁଡ଼ଙ୍ଗ ଆକାରରେ ଆଦୌ ହେବ ନାହିଁ । ଏହା ମଝିରେ ରହିଥିବା କୁଣ୍ଡଳୀ ଆକାରର ଏକ ଶିଡ଼ିପଥ ପରି*

'oaob.nitrkl.ac.in' images reprocessed

*ହେବ । ଏବଂ ଜଣେ ଯେତେବେଳେ ସେହି ଶିଡ଼ିପଥ ଦେଇ ସବା ଉପରେ ଯାଇ ପହଞ୍ଚିବ, ସେତେବେଳେ ତାହା ସେଠାରେ ନାନା ମୁକ୍ତ ଶିଡ଼ିପଥରେ ବିଭକ୍ତ ହୋଇ ଚାଲି ଯାଇଥିବ । ସେଗୁଡ଼ିକ ସେତୁ ଭଳି ଝୁଲିକରି ରହିବେ । ଏଗୁଡ଼ିକୁ ଚାରିଆଡୁ ବନ୍ଦ ରଖାଯିବ ନାହିଁ, ସେଗୁଡ଼ିକ ଭାସମାନ ହୋଇ ରହିଥିବ ।*

କୌଣସି ଦୁର୍ଘଟଣା ଘଟିବ ନାହିଁ ତ ? ଅନେକ ଲୋକ ଥାଆନ୍ତି, ଯେଉଁମାନଙ୍କର ମୁଣ୍ଡ କେଉଁ ଶୂନ୍ୟରେ ଯାଇ ବୁଲୁଥାଏ ତାହାର କୌଣସି ଠିକଣା ନ ଥାଏ, ଯେଉଁମାନେ କି ଚଟାଣ ଉପରେ ଝୁଣ୍ଟିକରି ପଡ଼ନ୍ତି, ଓ ମୁଣ୍ଡ ଫଟାନ୍ତି । ତୁମେ ବୁଝି ପାରୁଥିବ, ମୋ'ର ରୁଚିକୁ ଏହା କିଞ୍ଚିତ୍ ପରିମାଣରେ ଭାରି ମନଃପ୍ରସୂତ ପରି ଲାଗୁଛି – ଅର୍ଥାତ୍, ମାନସିକ ଦୃଷ୍ଟିରୁ ବିଚାର କଲେ ବଡ଼ ଆକର୍ଷକ ବୋଧ ହେଉଛି, ମାତ୍ର ମୁଁ ପ୍ରକୃତରେ ଯାହା ଦେଖିଥିଲି ...

*ନିମ୍ନତର ଭାଗଟିକୁ ସାମୂହିକ ଭାବରେ ଗୋଟିଏ ପ୍ରତୀକ ପରି ତିଆରି କରିବାର କଥା ଥିଲା, ନୁହେଁ ?*

*(ମାଆ ଦୀର୍ଘକାଳ ନୀରବ ରହିଲେ)*

ଆଚ୍ଛା, ଦେଖିବା । *(ମାଆ ଈଷତ୍ ହସିଲେ)*

*(ମାଆ ନୀରବ ରହିଲେ)*

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ସେମାନେ ଏକାଠି ବସି ବିଚାର କରନ୍ତୁ । ତା'ପରେ ମୁଁ ସବୁକଥା ଦେଖିବି । ସେମାନେ ସବୁ କାଗଜପତ୍ର ଧରି ଥରେ ଏକାଠି ମୋ' ପାଖକୁ ଆସନ୍ତୁ । ତେବେ ତାହା ଅତ୍ୟନ୍ତ ଉତ୍ତମ ହେବ ।

*(ମାଆ ଏକ ଦୀର୍ଘ ଅଭିନିବେଶ ମଧ୍ୟରେ ପ୍ରବେଶ କଲେ)*

ଆମେ ଏସବୁର ସମାଧାନ କରିଦେବା ।

'oaob.nitrkl.ac.in' images reprocessed

*ଏବଂ, ସବା ଉପରଟି ସକାଶେ, ଆମେ ବର୍ତ୍ତମାନ ଏହି ଆବରଣର କଳ୍ପନାଟିକୁ ବାଦ୍ ଦେବା, ନା ସେବିଷୟରେ ଅଧିକ ଅଧ୍ୟୟନ କରି ଦେଖିବା ?*

ଗୋଟାଏ ଆବରଣ ... ଏକ ଗୋଲକର କଳ୍ପନା କରା ଯାଇଥିଲା । ତେବେ ଗୋଟିଏ ଆବରଣ କଥା କାହିଁକି ଆସିଲା ?

*ଏକ ଆବରଣ ... ହଁ, ଗୋଲକାକୃତି, ଏକ ବିଶେଷ ଧରଣର ଗୋଲକାକୃତି ।*

ଡିମ୍ବାକୃତି ହେଲେ ତାହା ଲମ୍ବା ଦେଖାଯିବ, ତାହାକୁ ଗୋଲକାକାର ବୋଲି କୁହାଯାଇ ପାରିବ ନାହିଁ । ପ୍ରକୃତ ଅଣ୍ଡାଟିଏ ଅଧିକତର ପରିମାଣରେ ଏକ ବୁଲୁଥିବା ନଟୁ ପରି ଦେଖାଯାଏ – ତେବେ ଉପରିଭାଗଟି ଅଧିକ ପ୍ରଶସ୍ତ ହେବ ଏବଂ ତଳଭାଗ ଅଧିକ ଅଣଓସାରିଆ ହୋଇ ରହିବ, ଏଠାରେ କେବଳ ଶିଢ଼ିଗୁଡ଼ିକ ରହିବ । ... ସେକଥା ବେଶ୍ ସମ୍ଭବ ।

ମୋତେ ଖଣ୍ଡେ କାଗଜ ଦେଲ ! (*ମାଆ ଗୋଟିଏ ଡିମ୍ବର ଅଙ୍କନ କଲେ ଓ ବୁଝାଇଲେ*) ଏବଂ ତା'ପରେ, ସେଠାରେ, ସେହି ତଳଦେଶରେ, ସେଠାରେ କେବଳ ଶିଢ଼ିଗୁଡ଼ିକ ରହିବ, ସେହିପରି, ନୁହେଁ ?

*ଆପଣ ଜାଣିଛନ୍ତି, ସିଏ ଭାବିଥିଲେ ଯେ ଏହାଦ୍ୱାରା ସେ ବ୍ରହ୍ମ-ଅଣ୍ଡ, ଏହି ସବୁ କିଛିର ଆଦିରେ ରହିଥିବା ଅଣ୍ଡଟିକୁ ଉପସ୍ଥାପିତ କରାଇବେ । ମନ୍ଦିରଟି ସେହି ଆଦି-ଅଣ୍ଡଟିର ପ୍ରତିନିଧିତ୍ୱ କରି ପାରୁଥିବ ।*

ମାତ୍ର, ସେହି ବ୍ରହ୍ମ-ଅଣ୍ଡର ଆକୃତି କାହାଭଳି ?

*ମୁଁ ଜାଣେନା ... ଭାବୁଛି, ତାହା ଅଣ୍ଡା ଭଳି !*

ଯେକୌଣସି ଅଣ୍ଡାର ତଳଭାଗ ଉପରଭାଗ ତୁଳନାରେ ସର୍ବଦା ଅଧିକ ଅଣଓସାରିଆ ହୋଇ ରହିଥାଏ । ତେଣୁ, ଯଦି ଆମେ ସେହିପରି ଗୋଟିଏ ଅଣ୍ଡାକୁ ମଡେଲ୍ ହିସାବରେ ଗ୍ରହଣ କରିବା (*ମାଆ ଆଙ୍କିବାକୁ ଲାଗିଲେ*), ଏବଂ, ପାଦ-ଦେଶରେ ଏଠାରେ ଶିଢ଼ିଟି ରହିବ ଏବଂ କୁଣ୍ଡଳୀର ଆକାରରେ ତାହା ମନ୍ଦିର ପର୍ଯ୍ୟନ୍ତ ଉପରକୁ ଉଠି ଆସିଥିବ । ଉଦାହରଣ ସ୍ୱରୂପ, ଏହି କ୍ଷେତ୍ରରେ ସାତଗୋଟି ଶିଢ଼ିବାଟ ରହିବ ।

'oaob.nitrkl.ac.in' images reprocessed

*ଚାର ବଦଳରେ ସାତ ।*

ଏବଂ ଏଠାରେ (*ମାଆ ଅଣ୍ଡାଟିର ମଧ୍ୟଭାଗଟିକୁ ଆଙ୍କି ଦେଖାଇଲେ*), ଏହା ଚବିଶ ମିଟର ହେବ ଏବଂ ଉଚ୍ଚତାରେ କେବଳ ସାଢ଼େ ପନ୍ଦର ମିଟର ରହିବ । ସେପରି ହେଲେ ତାହା ଅବଶ୍ୟ ଠିକ୍ ହେବ ।

*ପୂରା ଚଉଡ଼ା ଚବିଶ ମିଟର ନା ଖାଲି ଗାଲିଚା ଚବିଶ ମିଟର ?*

ନାଇଁ, କାନ୍ଥଗୁଡ଼ିକ ସିଧା ହୋଇ ତିଆରି ହେବ – ସେଗୁଡ଼ିକୁ ବଙ୍କା ରଖାଯାଇ ପାରିବ ନାହିଁ । ସେଗୁଡ଼ିକୁ ମୁଁ ସିଧା ହିଁ ଦେଖିଥିଲି ।

*ଆଗ ସିଧା ହୋଇ ତା'ପରେ ବଙ୍କା ହୋଇ ଯାଇଥିବ ।*

ମୁଁ ଯେପରି ଭାବରେ ଗଠନଟିକୁ ଦେଖିଛି, ସ୍ତମ୍ଭଗୁଡ଼ିକ କାନ୍ଥମାନଙ୍କ ଅପେକ୍ଷା ଅଧିକ ଉଚ୍ଚ ହୋଇ ରହିଥିଲେ ଏବଂ ସେହି କାରଣରୁ ଛାତଟି କ୍ରମେ ଢାଲୁ ହୋଇ ଆସିଥିଲା । ବିଦ୍ୟୁତ୍ ଆଲୋକଗୁଡ଼ିକ ସ୍ତମ୍ଭ ଉପରେ ରହିଥିଲେ । ଏବଂ, ଅଣ୍ଡାଟିର ସବୁଠାରୁ ଅଧିକ ଚଉଡ଼ା ଜାଗାଟି ଏହିଠାରେ ରହିବ (*ମାଆ ଗାଲିଚାର ପତ୍ତନରେ ଗୋଟିଏ ଗାର ଟାଣିଦେଲେ*) ।

*ଚଟାଣର ପତ୍ତନରେ ।*

ହଁ ।

*ଆପଣ କହିଲେ ସାତ ଆଡ଼କୁ ବାଟ ରହିବ ।*

ହଁ, ସାତଗୋଟି ଶିଡ଼ି ରହିବ । ଏବଂ, ମାଟିତଳେ ଗୋଟିଏ ପଥ ରହିବ, ଯାହାକି ଅଣ୍ଡାଟିର ପାଦଦେଶକୁ ଚାଲି ଯାଇଥିବ ଏବଂ ସେହିଠାରୁ ସାତୋଟିଯାକ ଶିଡ଼ିପଥ ଆରମ୍ଭ ହୋଇଥିବେ । ତାହା ବେଶ୍ ସମ୍ଭବ ହେବ ।


'oaob.nitrkl.ac.in' images reprocessed

*ତେବେ, ମନ୍ଦିରର ଅନ୍ତର୍ଭାଗସ୍ଥ କାଛଗୁଡ଼ିକ ସିଧା ହେବ ?*

ତାହାର ଅର୍ଥ ହେଉଛି ଯେ, ଆମେ ତାହାକୁ ବାହାରୁ ଦେଖିବାକୁ, ତାହା ଯେପରି ଭାବରେ ପ୍ରତୀତ ହେଉଥିବ, ଆମେ ତାହାକୁ ଗୋଲାକାର କରି ରଖିପାରୁ । ମାତ୍ର, ଭିତର ପଟେ କାଛସବୁ ସିଧା ହେବ ।

*କାଛ ସିଧା ହେବ ଏବଂ ସିଧା କାଛ ଉପରେ ଗମ୍ବୁଜ ରହିବ ।*

ହଁ, ସିଧା କାଛ ଉପରେ ଗୋଟିଏ ଗମ୍ବୁଜ ରହିବ । ମାତ୍ର ଏହି ଗମ୍ବୁଜ ଗୋଟିଏ ଅଣ୍ଡାର ହିଁ ଗମ୍ବୁଜ ହୋଇ ରହିପାରେ । ଏବଂ ମୁଁ ଭାବିଥିଲି ଯେ, ଯେଉଁ ସ୍ଥାନରେ ଗମ୍ବୁଜଟି ଆସି କାଛଗୁଡ଼ିକ ସହିତ ସଂଲଗ୍ନ ହେବ, ସେହି ସ୍ଥାନଟି ସ୍ତମ୍ଭଗୁଡ଼ିକ ଦ୍ୱାରାହିଁ ତିଆରି ହେବ । ଏହି ସ୍ତମ୍ଭ ବାରଗୋଟି ରହିବ । ଏବଂ ଏଠାରେ ବାହାର ପଟେ ସେମାନେ କାଛଟିକୁ ସେହିପରି ଭାବରେ ଗୋଲାକୃତି କରି ରଖିପାରନ୍ତି (*ମାଆ ଆଙ୍କି କରି ଦେଖାଇଦେଲେ*) ।




ସବା ବାହାର ପଟ କାଛ ଏବଂ ଭିତର ପଟ କାଛର ମଝିରେ ଏକ ଖାଲିଜାଗା ରହିବା ହୁଏତ ସମ୍ଭବ ହେବ । ସେଠାରେ କିଛି ଖାଲି ସ୍ଥାନ ରହିବ । ଦେଖାଯାଉ, କ'ଣ ହେଉଛି ।

*ଅର୍ଥାତ୍, ସେହି ଚବିଶ ମିଟର ଛଡ଼ା କିଛି ଅଧିକା ଜାଗା ?*

ହଁ, ତାହା ଅତି ସ୍ୱଚ୍ଛ । ସେହି ଚବିଶ ମିଟର ତ କାଛ ପାଖରେ ହିଁ ସରିଯିବ ।

*ଏବଂ ସାତଗୋଟି ଶିଡ଼ିପଥ ଯିବା ପାଇଁ ମଧ୍ୟ ସ୍ଥାନ ?*

ମୁଁ ଭାବୁଛି ସେଗୁଡ଼ିକୁ କାଛର ବାହାରେ ତିଆରି କଲେ ଅଧିକ ଭଲ ହେବ ।

'oaob.nitrkl.ac.in' images reprocessed

*ହଁ, ପ୍ରକୃତରେ ଅଧିକ ଭଲ ହେବ, କାରଣ ତା'ହେଲେ କେନ୍ଦ୍ରସ୍ଥଳରେ ଅଧିକ ଜାଗା ରହିପାରିବ ।*

ହଁ, ଏବଂ ଭିତରର ଭାଗଟି ଅଧିକ ଖୋଲା ରହିବ । ଏହି ଯାବତୀୟ ଶିଡ଼ିପଥର ଦୃଶ୍ୟଟା ମୋତେ ଆଦୌ ଭଲ ଲାଗୁ ନ ଥିଲା । ସେଠାରେ ଗୋଟାଏ ଶିଡ଼ି ରହୁ ବୋଲି ମଧ ମୁଁ ପସନ୍ଦ କରୁ ନ ଥିଲି, ପୁଣି ସାତସାତଟା ଶିଡ଼ି ... ମାତ୍ର ସେଗୁଡ଼ିକ ବାହାରପଟେ ରହିଲେ ବେଶ୍ ଭଲ ହେବ ।

*ତେବେ ବାହାରେ ବାଟଟିଏ ମଧ ରହିବ ।*

ବାହାରେ ବାଟ ରହିବ ।

*ହଁ, ଯେପରି ଭାରତବର୍ଷରେ ମନ୍ଦିରର ପରିକ୍ରମା କରିବା ଲାଗି ବାଟ ରହିଥାଏ ।*

ହଁ, ତାହା ବେଶ୍ ଠିକ୍ ହେବ ।

*ଏବଂ, ଆବରଣର ଠିକ୍ ପାଦଦେଶରୁହିଁ ସାତୋଟିଯାକ ଶିଡ଼ିପଥ ସିଧା ଉପରକୁ ଉଠିଯିବେ । ତେବେ, ତଳୁ ଉପରକୁ ଯାଇଥିବା ଏହି ''କାଣ୍ଡ''ର ଆଉ କୌଣସି ପ୍ରୟୋଜନ ରହିବ ନାହିଁ ।*

ଏହିପରି ହେଉ ବୋଲି ସେମାନଙ୍କର ଇଚ୍ଛା । ତାହା ତଳଭାଗରେ ହେଲେ ମୋ'ର କୌଣସି ଆପତ୍ତି ନାହିଁ । ଯଦି ସେମାନେ ସେପରି ଏକ ଶିଡ଼ିପଥ ରହୁ ବୋଲି ଇଚ୍ଛା କରୁଥାନ୍ତି ଅଥବା ଏପରି ଏକ ଶିଡ଼ିପଥ ... ମାତ୍ର ତାହା ଅତିରିକ୍ତ ପରିମାଣରେ ତିଖ ନ ହୋଇଥିଲେ ହେଲା ।

(*ମାଆ ନୀରବ ରହିଲେ*)

ଆଉ କ'ଣ କିଛି କହିବାର ଅଛି ?

*ସମସ୍ୟାଟିର ଏକ ଦ୍ୱିତୀୟ ଭାଗ ମଧ ରହିଛି ।*

'oaob.nitrkl.ac.in' images reprocessed

ଆଚ୍ଛା ? ତେବେ ତାହା କ'ଣ କହିଲ ?

*'ଗ' ଏବଂ 'ଇ' ଉପଲବ୍ଧି କରିଛନ୍ତି ଯେ, ଯଦି ଅରୋଭିଲ୍‌କୁ, ଅଥବା କେନ୍ଦ୍ରର ଏହି ନିର୍ମାଣକୁ, ଆଶ୍ରମଠାରୁ ନିଜକୁ ସ୍ୱତନ୍ତ୍ର କରି ଦେଖୁଥିବା ଅରୋଭିଲ୍‌ର ଅଧିବାସୀମାନଙ୍କର ହାତରେ ଛାଡ଼ି ଦିଆଯାଏ, ତେବେ ଯୋଜନାଟି ଆଦୌ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ତେବେ ଏହି କ୍ଷେତ୍ରରେ ଯଥାର୍ଥ ଭାବନାଟି କଦାପି ସମ୍ଭବ ହେବ ନାହିଁ; ସେଠାରେ ବାସ କରୁଥିବା ବ୍ୟକ୍ତିମାନେ କାର୍ଯ୍ୟଟିକୁ କରି ପାରିବା ଲାଗି ମୋଟେ ଯଥେଷ୍ଟ ଗ୍ରହଣଶୀଳ ନୁହନ୍ତି । ଆଶ୍ରମ ଏବଂ ଅରୋଭିଲ୍ ମଧ୍ୟରେ ଯଦି ଏହି ବିଭାଜନଟି ରହିବ, ତେବେ ଏହାକୁ କଦାପି କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ, ସେମାନେ ହୁଏତ "ମୁଣ୍ଡରୁ ଆହୁରି ଗୋଟାଏ କିଛି" ବାହାର କରି ଗଢ଼ିବାକୁ ଆରମ୍ଭ କରିଦେବେ, ମାତ୍ର ଯଥାର୍ଥ ବୋଲି କିଛି ଗଢ଼ି ପାରିବେ ନାହିଁ । ସେମାନଙ୍କ ମନରେ ଏହି ଗୋଟିଏ ମାତ୍ର ଆଶାର କାରଣ ରହିଛି ଯେ, ଏହି କେନ୍ଦ୍ରର ନିର୍ମାଣକୁ ହୁଏତ ଅରୋଭିଲ୍‌ର ଅଧିବାସୀମାନଙ୍କ ହାତରେ ଛାଡ଼ି ଦିଆଯିବ ନାହିଁ; ମାତ୍ର ଆଶ୍ରମର ସମସ୍ତେ ତାହାକୁ ସମ୍ମିଳିତ ହୋଇ କରିବେ । ଅରୋଭିଲ୍‌ବାସୀ ଏବଂ ଅଣଅରୋବାସୀଙ୍କ ମଧ୍ୟରେ ଏହି କ୍ଷେତ୍ରରେ କୌଣସି ପାର୍ଥକ୍ୟ ରହିବ ନାହିଁ ଏବଂ ଏହି କେନ୍ଦ୍ରକୁ ନିର୍ମାଣ କରିବାରେ ସମୁଦାୟ ଶକ୍ତିଟି ଏକତ୍ର ଠୁଳ କରି ରଖାଯାଇ ପାରିବ; — ଅରୋଭିଲ୍‌ବାସୀମାନଙ୍କୁ କୌଣସି ବାହ୍ୟ ବିଚ୍ଛିନ୍ନତା ମଧ୍ୟରେ ବର୍ଜନ କରି ରଖା ଯିବ ନାହିଁ । ... ଠିକ୍ ଯେପରି ଶିଷ୍ୟବର୍ଗ ସମସ୍ତେ ଏକତ୍ର ହୋଇ ଗୋଲ୍‌କୋଣ୍ଡ*ର ନିର୍ମାଣ କରିଥିଲେ, ସେହିପରି ଭାବରେ ସେହି ଶିଷ୍ୟମାନେ ସମସ୍ତେ ଏକାଠି ହୋଇ ଅରୋଭିଲ୍‌ର କେନ୍ଦ୍ରଟିକୁ ତିଆରି କରିବେ, ଏବଂ ସେଥିରେ ବାହାରର କୌଣସି ଶ୍ରମର ବିନିଯୋଗ କରା ଯିବ ନାହିଁ ।*

ଗୋଲ୍‌କୋଣ୍ଡରେ ବାହାର ଶ୍ରମର ବିନିଯୋଗ ହୋଇଥିଲା ।

*ସେକଥା ଯାହା ହୋଇଥାଉ ପଛକେ, ବାହାରର ଉପାଦାନକୁ ଯଥାସମ୍ଭବ ଅଧିକ ପରିମାଣରେ ସୀମିତ କରି ରଖାଯିବ, ଯେପରିକି ଏହା ଯଥାର୍ଥ ଉତ୍ସର୍ଗରହିଁ*

---

* ପଣ୍ଡିଚେରୀରେ ଅବସ୍ଥିତ ଆଶ୍ରମ ଅତିଥି-ଭବନ

'oaob.nitrkl.ac.in' images reprocessed

*ଏକ କାର୍ଯ୍ୟ ହୋଇ ରହିପାରିବ । ତା' ନ ହେଲେ, 'ଗ' କହୁଛନ୍ତି, ଅରୋଭିଲ୍‌ର ବ୍ୟକ୍ତିମାନଙ୍କ ମଧ୍ୟରେ ଔଦ୍ଧତ୍ୟ ଭର୍ତ୍ତି ହୋଇ ରହିଛି, ସେମାନେ ଯଥାର୍ଥତଃ ଆଦୌ କିଛି ବୁଝି ନାହାନ୍ତି, ସେମାନେ ବସ୍ତୁଗୁଡ଼ିକର କେବଳ ବାହ୍ୟ ପାର୍ଶ୍ୱଟାକୁହିଁ ଦେଖି ପାରୁଛନ୍ତି । ତେଣୁ ଆଶ୍ରମବାସୀ ବ୍ୟକ୍ତିମାନଙ୍କର ଶକ୍ତି ତାହା ସହିତ ଯାଇ ସମ୍ମିଳିତ ହେବା ଏକାନ୍ତ ଆବଶ୍ୟକ । ଏବଂ, ସେହି ଶକ୍ତିର ସଞ୍ଚାର କରାଇବା ନିମନ୍ତେ ଯଦି ଆଶ୍ରମବାସୀ ସେଠାକୁ ନ ଯିବେ, ତେବେ ପ୍ରକୃତରେ କିଛି ହାସଲ କରାଯାଇ ପାରିବ ନାହିଁ । ... ବର୍ତ୍ତମାନ, 'ଇ' ମୋତେ କହିଲେ, ଅରୋଭିଲ୍ ବାହ୍ୟତଃ ଏକ କବରସ୍ଥାନ ପରିହିଁ ଦେଖାଯାଉଛି । (ମାଆ ହସିଲେ) ଏହା କେବଳ ଅହଂକେନ୍ଦ୍ରିତାର ଜୀବନ୍ତ ଫଳଟିଏ ପରି ହୋଇ ରହିଛି । ଆଶ୍ରମର ଅଧିବାସୀମାନେ ସେଠାକୁ ଯାଇ କାର୍ଯ୍ୟଟିକୁ କରିବେ ଏବଂ ଅନ୍ୟମାନେ ସେମାନଙ୍କ ସହିତ ମିଶି କରି କାର୍ଯ୍ୟ କରିବେ,– କେବଳ ଏହି ଗୋଟିଏ ଉପାୟରେହିଁ ତାହାକୁ ଏହି ବର୍ତ୍ତମାନ ଦଶାରୁ ଉଦ୍ଧାର କରାଯାଇ ପାରିବ ।*

*(ମାଆ ଦୀର୍ଘକାଳ ନୀରବ ରହିଲେ)*

ମାତ୍ର ଆଶ୍ରମରେ ତ ନିର୍ମାଣକାର୍ଯ୍ୟ କରୁଥିବା ତିନୋଟି କେନ୍ଦ୍ର ରହିଛି । ସେଠାରେ 'ଗ' ଅଛନ୍ତି, ନିର୍ମିତ ଗୃହଗୁଡ଼ିକର ରକ୍ଷଣାବେକ୍ଷଣ ଦେଖୁଛନ୍ତି, 'ଏ' ଏବଂ 'ଇ' ମଧ୍ୟ ଅଛନ୍ତି ।

*ମାତ୍ର 'ଗ' ସେହି ଅର୍ଥରେ କିଛି କହି ନାହାନ୍ତି । ନିର୍ମାଣଗତ କୌଣସି ସମସ୍ୟା ବିଷୟରେ ସେ ମୋତେ କିଛି କହି ନାହାନ୍ତି । ସିଏ ପ୍ରକୃତରେ ଯେଉଁ ପ୍ରଶ୍ନଟି ଉପରେ କହୁଥିଲେ, ସେଇଟି ହେଉଛି ଯେ, ଶିଷ୍ୟମାନେ ଅରୋଭିଲ୍‌ବାସୀଙ୍କ ସହିତ ଏକତ୍ର କାର୍ଯ୍ୟ କରିବେ । ଜଣେ ଇଞ୍ଜିନିଅର୍ ହିସାବରେ ସଂଗୃହୀତ ହୋଇଥିବା ଅର୍ଥର ବିନିଯୋଗ କରି 'ଗ' ନିର୍ମାଣର କାର୍ଯ୍ୟଟିକୁ କରିବେ, ମାତ୍ର ଏଥିରେ ସମଗ୍ର ଆଶ୍ରମର ଅଧିବାସୀମାନଙ୍କର ଶ୍ରମର ବିନିଯୋଗ କରାଯିବ ଏବଂ ସେମାନେ ଅରୋଭିଲ୍‌ବାସୀମାନଙ୍କ ସହିତ ମିଶି କାର୍ଯ୍ୟ କରିବେ । ସିଏ ସେହିପରି ଚିନ୍ତା କରୁଥିଲେ ।*

ଏକଥା ସମ୍ଭବ ନୁହେଁ । ଆଶ୍ରମରେ କାର୍ଯ୍ୟ କରିବାର ଉପଯୁକ୍ତ ବୟସର ଯେଉଁମାନେ ଅଛନ୍ତି, ସେମାନେ ତ ସମସ୍ତେ କାର୍ଯ୍ୟ କରୁଛନ୍ତି । ସେମାନଙ୍କର ପ୍ରତ୍ୟେକଙ୍କର ନିଜ ନିଜର କାର୍ଯ୍ୟ ରହିଛି ।

'oaob.nitrkl.ac.in' images reprocessed

*'ଗ' ଏହିପରି ଏକ କାର୍ଯ୍ୟକ୍ରମଧାରାର ଚିନ୍ତା କରୁଥିଲେ । ଉଦାହରଣ ସ୍ୱରୂପ ପ୍ରତ୍ୟେକ ବ୍ୟକ୍ତି ସେଥିଲାଗି ଦିନକୁ ଏକ ଘଣ୍ଟା ବା ସପ୍ତାହରେ ଗୋଟିଏ ଦିନ ସମୟ ଦେବେ । କାରଣ ତା' ନ ହେଲେ ...*

ସେମାନେ ତ ଏହିପରି ଏକ ବ୍ୟବସ୍ଥାକୁ ପ୍ରକୃତରେ ଭାରି ଭଲ ପାଇବେ । ସେମାନଙ୍କ ଲାଗି ତାହା ଏକ ଅସାଧାରଣ ମଜା ଯୋଗାଇ ଦେବାର କାର୍ଯ୍ୟଟିଏ ହୋଇ ରହିବ । ସେମାନଙ୍କୁ ନେଇ କୌଣସି କାର୍ଯ୍ୟ କରାଇବା ଅପେକ୍ଷା କାର୍ଯ୍ୟ ସାରି ଘରକୁ ଯିବାରୁ ସେମାନଙ୍କୁ ନିବର୍ତ୍ତାଇବାରେହିଁ ମୋତେ ଅଧିକ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ସେମାନଙ୍କ ଲାଗି ତାହା ଏକ ଭାରି କୌତୁକର କଥା ହୋଇ ରହିବ ।

*କାରଣ, ସେ କହୁଛନ୍ତି ଯେ, ଆଶ୍ରମବାସୀମାନଙ୍କର ଅନ୍ତର୍ଗତ ଶକ୍ତିଟି ଅରୋଭିଲ୍‌ବାସୀଙ୍କ ସହିତ ସମ୍ମିଳିତ ନ ହେଲେ ଅରୋଭିଲ୍‌ବାସୀମାନେ ବର୍ତ୍ତମାନ ଯେଉଁପରି ଅଛନ୍ତି, ଠିକ୍ ସେହିପରି ରହିଥିବେ ।... ତାଙ୍କର ମତ ଯେ, ତା' ନ ହେଲେ ଆଶା କରିବା ଲାଗି ଆଉ ମୋତେ କିଛି ହେଲେ ରହିବ ନାହିଁ ।*

ନାଇଁ, ନାଇଁ, ସେପରି ମୋଟେ ନୁହେଁ । ସିଏ କିଛି ଜାଣି ନାହାନ୍ତି । ଏହା କେବଳ ମନରେହିଁ ରହିଛି, ଏହା କେବଳ ସେହି ମନରୁ ପ୍ରସୂତ ହୋଇଛି । ସେମାନେ କିଛି ଜାଣି ନାହାନ୍ତି । କିଏ ବା ଜାଣିଛି ? କେବଳ ଦେଖିଲେ ଯାଇ ସିନା ଜାଣି ହୁଅନ୍ତା । ସେମାନେ କେହି କିଛି ହେଲେ ଦେଖୁ ନାହାନ୍ତି । ଏସବୁ କେବଳ ଭାବନା, କେବଳ ଭାବନା ... ଭାବନାମାନେ ଆଦୌ କିଛି ନିର୍ମାଣ କରନ୍ତି ନାହିଁ ।

*ଅରୋଭିଲ୍‌ରେ ଯେଉଁ କିସମର ବ୍ୟକ୍ତି ଅଛନ୍ତି, ସେମାନେ କ'ଣ କାର୍ଯ୍ୟଟିକୁ କରି ପାରିବେ ?*

କାର୍ଯ୍ୟକ୍ଷମ ଶକ୍ତିଚୟକୁ ଏକତ୍ର କରି ଆଣିବା ପାଇଁ ମୁଁ କାର୍ଯ୍ୟ କରୁଛି; ହଁ, ମୁଁ ସେହି କାର୍ଯ୍ୟ କରୁଛି (*ଏକାଠି ଫେଣ୍ଟିଲା ପରି ଇଙ୍ଗିତ*) ଏବଂ ସେଠାରେ କିଛି ଛାଣିବା କାର୍ଯ୍ୟ ମଧ୍ୟ କରିବାକୁ ହେବ ।

(*ମାଆ ନୀରବ ରହିଲେ*)

'oaob.nitrkl.ac.in' images reprocessed

ମାତ୍ର, ତୁମେ ବୁଝିପାରୁଛ ତ, ସେମାନେ ଶାରୀରିକ କାର୍ଯ୍ୟ ବିଷୟରେ କହୁଛନ୍ତି, ଏବଂ ଶାରୀରିକ କାର୍ଯ୍ୟ ସକାଶେ କେବଳ ପିଲାମାନେ ହିଁ ରହିଛନ୍ତି । ସେମାନେ ସମସ୍ତେ ସ୍କୁଲରେ ଅଛନ୍ତି – ଜାଣିଲ, ଆଶ୍ରମବାସୀମାନେ ସମସ୍ତେ ବୁଢ଼ା ହୋଇ ଗଲେଣି, ସମସ୍ତେ ବୁଢ଼ା ହୋଇ ଗଲେଣି । କେବଳ ପିଲାମାନେ ସ୍କୁଲରେ ରହିଛନ୍ତି । ଏବଂ, ଯେଉଁ ପିଲାମାନେ ସ୍କୁଲରେ ଅଛନ୍ତି, ସେମାନେ ଆଶ୍ରମବାସୀ ହେବା ଲାଗି ଏଠାରେ ନାହାନ୍ତି, ଏଠାରେ ସେମାନେ ଶିକ୍ଷା ପାଇବା ଲାଗି ଅଛନ୍ତି । ସେମାନେହିଁ ନିଜର ପଥ ନିଜେ ବାଛିନେବେ । ସେମାନଙ୍କ ମଧ୍ୟରୁ ଅନେକେ, ଅନେକେ ଅରୋଭିଲ୍ ଯିବାକୁ ଇଚ୍ଛା କରୁଛନ୍ତି । ଏଣୁ, ଆଶ୍ରମର ଏହି ଶିକ୍ଷଣଗତ ପକ୍ଷଟିହିଁ ହୁଏତ ଅରୋଭିଲ୍ ଯିବ ।... ସେମାନେ ଅବଶ୍ୟ ବହୁସଂଖ୍ୟାରେ ରହିଛନ୍ତି । ମାତ୍ର, ତୁମେ ମୋତେ ସେମାନଙ୍କର ନାମ ଦେଲ, – କେଉଁମାନେ ସେଠାକୁ ଯାଇ ହାତରେ କାମ କରିପାରିବେ ?

*ମାତ୍ର, ଏହି କ୍ଷେତ୍ରରେ ଏକମାତ୍ର ସମ୍ଭାବନା ହେଉଛି ଯେ, ଆପଣଙ୍କୁ କିଛି କହିବାକୁ ହେବ, ଏବଂ ତା'ପରେ ମୁଁ କାଲି ଅରୋଭିଲ୍ ଯିବି ଓ ସେଠାରେ ଦୁଇ ଘଣ୍ଟା ରହି ''ଝୁଡ଼ି'' ଗୁଡ଼ିକୁ ସଂଗ୍ରହ କରିବି ।*

(*ମାଆ ହସିଲେ*) କିନ୍ତୁ ବାବୁ, ତୁମେ ତ ସବାସାନମାନଙ୍କ ମଧ୍ୟରୁ ଜଣେ ... ମୁଁ 'ଏ୍ଲ' କୁ କେବେ ''ଯାଅ, କାମ କର'' ବୋଲି କହିବାର ଦେଖିଛ ?

*ମାତ୍ର, ତାହା ତ ଅନ୍ୟ ସମସ୍ତଙ୍କୁ ଆକର୍ଷିତ କରି ଆଣି ପାରନ୍ତା !*

(*ମାଆ ହସିଲେ*) ବିଚରା 'ଏ୍ଲ' !

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ତୁମେ ଯଦି ଜାଣନ୍ତ, ତଥାକଥିତ ଅରୋଭିଲବାସୀମାନଙ୍କଠାରୁ କେତେ ଚିଠି ମୁଁ ପାଇଥାଏ, ସେମାନେ ଲେଖିଥା'ନ୍ତି : ''ଓଃ, ଏଥର ମୁଁ ଶାନ୍ତ ସ୍ଥିର ହେବାକୁ ଚାହେଁ, ମୁଁ ଆଶ୍ରମ ଆସିବାକୁ ଚାହେଁ, ମୁଁ ଜଣେ ଅରୋଭିଲବାସୀ ହେବାକୁ ଆଉ ଚାହେଁ ନାହିଁ ।'' ଦେଖ, କଥାଟା ଠିକ୍ ବିପରୀତ, ''ମୁଁ ଶାନ୍ତ ସ୍ଥିର ହେବାକୁ ଚାହେଁ ।'' ବାସ୍ ।

(*ମାଆ ନୀରବ ରହିଲେ*)

'oaob.nitrkl.ac.in' images reprocessed

ତୁମେ ତ ଜାଣିଛ, ବାହ୍ୟ ନିଷ୍ପତ୍ତିଗୁଡ଼ିକ ଉପରେ ମୋ'ର କୌଣସି ବିଶ୍ୱାସ ନ ଥାଏ। ମୁଁ କେବଳ ଗୋଟିଏ କଥା ଉପରେହିଁ ବିଶ୍ୱାସ ରଖିଥାଏ : ପରମ ଚେତନାର ସେହି ଶକ୍ତି ଯାହାକି ସେହିପରି (*ଦଳି ପେଷି ଦେବାର ଇଙ୍ଗିତ*) ଏକ ଚାପ ହେବାରେ ଲାଗିଥାଏ। ଏବଂ ସେହି ଚାପରେ କ୍ରମବୃଦ୍ଧି ଘଟୁଥାଏ ... ତାହାର ଅର୍ଥ ହେଉଛି ଯେ ତାହା ନିଶ୍ଚୟ ଲୋକମାନଙ୍କୁ ଛାଣି ବାହାର କରିଦେବ। ମୁଁ କେବଳ ତାହାରି ଉପରେ ବିଶ୍ୱାସ ରଖିଥାଏ – ପରମ ଚେତନାର ସେହି ଚାପ ଉପରେ। ଏହା ବ୍ୟତୀତ ବାକୀ ଆଉ ଯାହାକିଛି ରହିଲା, ତା'କୁ ମନୁଷ୍ୟମାନେ କରନ୍ତି। ସେମାନେ ଅଳ୍ପ ବହୁତ ଉତ୍ତମ ଭାବରେ ସେସବୁ କରୁଥାନ୍ତି; ତାହା କେତେବେଳେ ବଞ୍ଚିଥାଏ, କେତେବେଳେ ମରିଯାଏ, କେତେବେଳେ ବଦଳି ବି ଯାଉଥାଏ। ଏବଂ ତା'ପରେ ତାହା ବିକୃତ ହୁଏ ଏବଂ ତା'ପରେ ... ସେମାନେ ଯାହା କିଛି କରିଛନ୍ତି, ତାହା କେବଳ ଏହିପରି ହୋଇଛି। ସେଗୁଡ଼ାକରେ ଶକ୍ତି ଖଟାଇ କିଛି ଲାଭ ନାହିଁ। କାର୍ଯ୍ୟ କରିବାର ଅସଲ ଶକ୍ତିଟି କେବଳ ଊର୍ଦ୍ଧ୍ୱରୁ ଆସିବ, ଠିକ୍ ଏହିପରି ଏକ ଆଜ୍ଞା ପରି ଆସି ପହଞ୍ଚିଯିବ, ଯାହାକୁକି ଖଣ୍ଡନ କରାଯାଇ ପାରିବ ନାହିଁ (*ଅବତରଣର ଇଙ୍ଗିତ*)। ଏବଂ ସେଥିଲାଗି, ଏହାକୁ (*ମାଆ ନିଜ ମୁଣ୍ଡ ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କଲେ*) ଚୁପ୍ ହୋଇ ରହିବାକୁ ପଡ଼ିବ। "ତାହା ମୋଟେ ହେବ ନାହିଁ, ଏହା ମୋଟେ ହେବ ନାହିଁ। ଆମକୁ ଅମୁକ କରିବାକୁ ହେବ" ବୋଲି କଦାପି କହିବ ନାହିଁ। ଶାନ୍ତ, ଶାନ୍ତ, ଶାନ୍ତ ହୋଇ ରହିବ। ଯାହା ପ୍ରକୃତରେ ଆବଶ୍ୟକ, ସେକଥା ସିଏ ତୁମଠାରୁ ଅଧିକ ଭଲଭାବରେ ଜାଣନ୍ତି। ବୁଝିଲ ?

ତେଣୁ ବୁଝି ପାରିବାର ବ୍ୟକ୍ତି ଆଦୌ ବହୁସଂଖ୍ୟାରେ ନ ଥିବାରୁ ମୁଁ ପ୍ରକୃତରେ କିଛି ହେଲେ କହେ ନାହିଁ। ମୁଁ ଦେଖୁଥାଏ, ଅପେକ୍ଷା କରି ରହିଥାଏ।

(*ମାଆ ନୀରବ ରହିଲେ*)

ସେ ଦୁହେଁ ଯଦି ପରସ୍ପର ସହିତ ଏକମତ ହୋଇପାରିବେ, ତେବେ କାର୍ଯ୍ୟଟି ଅଧିକ ତ୍ୱରାର ସହିତ ଚାଲିବ। ବୁଝିଲ। ଟିକିନିଖିଗୁଡ଼ିକ ବିଷୟରେ ଉଠୁଥିବା ଆପତ୍ତି- ଗୁଡ଼ିକର ଆଦୌ କୌଣସି ମହତ୍ତ୍ୱ ନାହିଁ। କାରଣ, ଆରମ୍ଭ କଲାବେଳେ ଆମର ଗୋଟାଏ ଧାରଣା ରହିଥାଏ ଓ ପହଞ୍ଚିବା ବେଳକୁ ତାହା ଆଉଗୋଟିଏ ହୋଇଯାଏ।... ମଧ୍ୟବର୍ତ୍ତୀ ସୋପାନରେ ବ୍ୟକ୍ତି କେତେ ନା କେତେ ଅଗ୍ରଗତି କରିଥାଏ। ତେଣୁ ସେବିଷୟରେ ଆଲୋଚନା କରିବାର କୌଣସି ପ୍ରୟୋଜନ ନାହିଁ, କେବଳ ... କାର୍ଯ୍ୟଟି ଯେପରି ଅଧିକ ତ୍ୱରାର ସହିତ ଆରମ୍ଭ ହେବ, ସେଥିଲାଗି ଆପଣାର ଶକ୍ତିଗୁଡ଼ିକୁ ସଂଗୃହୀତ କରିଆଣ। ବାସ୍, ଅସଲ କଥା ସେତିକି।

(*ମାଆ ହସିଲେ*)

'oaob.nitrkl.ac.in' images reprocessed

## "ଅଭୀପ୍ସା" ପ୍ରବଚନାବଳୀ *

*୧୦ ମାର୍ଚ୍ଚ ୧୯୭୦*

*ଅ : 'ଅଭୀପ୍ସା'ରେ ହେଉଥିବା କାର୍ଯ୍ୟ ବିଷୟରେ ଆମେ ଆପଣଙ୍କ ସହିତ କିଛି କଥାବାର୍ତ୍ତା କରିବାକୁ ଇଚ୍ଛା କରୁଛୁ । ଆମେ ଯାହା ଜାଣିବାକୁ ଚାହୁଁଛୁ, ଯାହା ଲାଗି ଆମେ ଅନ୍ୱେଷଣ କରିବାରେ ଲାଗିଛୁ, ସେଇଟି ହେଉଛି,– ସମୁଚିତ ଦୃଷ୍ଟିକୋଣ କହିଲେ ଆମେ କ'ଣ ବୁଝିବା ?*

ଏଥିରେ ଅସୁବିଧା କ'ଣ ହେଉଛି ?

*ଅ : ଅସୁବିଧା ହେଉଛି ...*

ପ୍ରତ୍ୟେକ ବ୍ୟକ୍ତି ତାଙ୍କର ନିଜ ଦିଗରେ ହିଁ ସମସ୍ତଙ୍କୁ ଟାଣିବାରେ ଲାଗିଛନ୍ତି ।

*ଅ : ପ୍ରତ୍ୟେକ ବ୍ୟକ୍ତି ନିଜ ଦିଗରେ ସମସ୍ତଙ୍କୁ ଟାଣିବାରେ ଲାଗିଛନ୍ତି । ଯାହା ସତ୍ୟ, ସେଇଟି ସହିତ କାହାର ସଂସ୍ପର୍ଶ ଘଟି ନାହିଁ ।*

ଆମକୁ ସ୍ମରଣ ରଖିବାକୁ ହେବ ଯେ ଆମେ ମନୁଷ୍ୟ-ଜାତିର ଏହି ବର୍ତ୍ତମାନ ସ୍ତରରୁହିଁ କାର୍ଯ୍ୟ ଆରମ୍ଭ କରୁଛୁ । ତେଣୁ ତୁମକୁ ଯାବତୀୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ : ଏବଂ ତୁମକୁ ହିଁ ସେଗୁଡ଼ିକର ସମାଧାନ ବାହାର କରିବାକୁ ହେବ ।

---

* ୧୯୭୦ ମସିହା ମାର୍ଚ୍ଚ ଓ ଅଗଷ୍ଟ ମଧ୍ୟରେ ମାଆ ନିଜ କୋଠରିରେ ଅଳ୍ପକେତେଜଣ ଅରୋଭିଲ୍‌ବାସୀଙ୍କ ସହିତ ସପ୍ତାହରେ ଥରେ ସାକ୍ଷାତ୍ କରୁଥିଲେ,– ସେଥିମଧ୍ୟରୁ ଅଧିକାଂଶ "ଅଭୀପ୍ସା" ଗୋଷ୍ଠୀରହିଁ ଥିଲେ । ସେଇଥିରୁ ଏହି ପ୍ରକରଣଟିର "ଅଭୀପ୍ସା" ପ୍ରବଚନାବଳୀ ବୋଲି ନାମକରଣ ହୋଇଛି । ପୁଷ୍ପନିବେଦନ ଓ ନୂତନ ବ୍ୟକ୍ତିମାନଙ୍କର ପରିଚୟ-ପ୍ରଦାନ ପରେ ସାଧାରଣତଃ କିଛି ସମୟ ଯାଏ କଥାବାର୍ତ୍ତା ହେଉଥିଲା । ଅବଶ୍ୟ, ବେଳେବେଳେ ମାଆ ଯାହାକୁ ଏକ "ନୀରବତାର ସ୍ନାନ" ବୋଲି କହୁଥିଲେ, କେବଳ ସେତିକି ଘଟୁଥିଲା । ଏହିପରି ବାଇଶିଗୋଟି ବୈଠକର ଟେପ୍-ରେକର୍ଡ଼ିଂରୁ ନିମ୍ନଲିଖିତ ପ୍ରବଚନଗୁଡ଼ିକ ସମ୍ପାଦିତ ହୋଇ ଏଠାରେ ପ୍ରଦତ୍ତ ହୋଇଛି ।

'oaob.nitrkl.ac.in' images reprocessed

(ଟେପ୍‌-ରେକର୍ଡର୍‌ ଆଡ଼କୁ ନିର୍ଦ୍ଦେଶ କରି) ସେଇଟି ପୁଣି କ'ଣ ?

*ଆ : ମାଆ, ମୁଁ ଅରୋମଡେଲ୍‌ର ଅଧିବାସୀମାନଙ୍କ ପାଇଁ କଥାଗୁଡ଼ିକୁ ରେକର୍ଡ କରିନେବି ।*

(*ମାଆ ହସିଲେ*) ଏକଥା ମୋତେ ଆଗରୁ କହି ନ ଥାନ୍ତ !

*ଅ : ମାତ୍ର, ମାଆ, ଆପଣ ତ ଜାଣନ୍ତି, ଆମ ସମ୍ମୁଖରେ ଏକାଧିକ ସମାଧାନ ରହିଛି । ଉଦାହରଣ ସ୍ୱରୂପ, ଗୋଟିଏ ପାଖରେ ...*

ପ୍ରତ୍ୟେକ ବ୍ୟକ୍ତି ପାଖରେ ତା'ନିଜର ସମାଧାନ ଅବଶ୍ୟ ରହିଛି, ଏବଂ ତାହାହିଁ ହେଉଛି ସବୁଠାରୁ ବଡ଼ ଅସୁବିଧା । ପରମ ସତ୍ୟରେ ପ୍ରତିଷ୍ଠିତ ରହିବା ଲାଗି ପ୍ରତ୍ୟେକ ବ୍ୟକ୍ତିର ନିଜର ଏକ ସମାଧାନ ରହିଛି । ମାତ୍ର, ଏହି ସବୁଯାକ ସମାଧାନ ଯେପରି ଏକତ୍ର ମିଶି କାର୍ଯ୍ୟକାରୀ ହୋଇ ପାରିବେ, ସେଥିଲାଗି ଆମକୁ ଅବଶ୍ୟ ଏକ ମାର୍ଗ ବାହାର କରିବାକୁ ହେବ ।

(*ମାଆ ନୀରବ ରହିଲେ*)

ତେଣୁ ଗଠନର ବନ୍ଧଟିକୁ ଅତ୍ୟନ୍ତ ପ୍ରଶସ୍ତ ଓ ଅତ୍ୟନ୍ତ ସ୍ଥିତିସ୍ଥାପକ ହେବାକୁ ପଡ଼ିବ ଏବଂ ସମସ୍ତଙ୍କ ତରଫରୁ ଏକ ବୃହତ୍‌ ସଦିଚ୍ଛା ସମ୍ଭବ ହୋଇ ପାରୁଥିବ : ତାହା ହେଉଛି ପ୍ରଥମ ସର୍ତ୍ତ – ପ୍ରଥମ ବ୍ୟକ୍ତିସ୍ତରୀୟ ସର୍ତ୍ତ – ସଦିଚ୍ଛା । ପ୍ରତ୍ୟେକ ମୁହୂର୍ତ୍ତରେ ଯେଉଁ ସର୍ବୋତ୍ତମ କାର୍ଯ୍ୟଟି କରିବାକୁ ରହିଥିବ, ସେଥିଲାଗି ଯଥେଷ୍ଟ ପରିମାଣରେ ସ୍ଥିତିସ୍ଥାପକ ହୋଇ ରହିପାରିବା ଆବଶ୍ୟକ ।

*ଅ : ମାତ୍ର, ଉଦାହରଣ ସ୍ୱରୂପ, ଆମକୁ କୁହାଯାଉଛି ଯେ, ଆମର ସେଠାରେ କାରଖାନା ଅବଶ୍ୟ ରହିବ, ଆମକୁ କିଛି ଉତ୍ପାଦନ କରିବାକୁ ହେବ ଏବଂ ଆମଭିତରୁ କେତେ ବ୍ୟକ୍ତିଙ୍କର ସେଦିଗକୁ ଆଦୌ କୌଣସି ପ୍ରବୃତ୍ତିହିଁ ନାହିଁ । ଆମେ ହୁଏତ ଏପରି ଏକ ପଥର ସନ୍ଧାନ କରିବାକୁ ଇଚ୍ଛା କରୁଛୁ, ଯାହାକି ଅଧିକ ...*

'oaob.nitrkl.ac.in' images reprocessed

ଅଧିକ ଅନ୍ତର୍ଗତ ହୋଇଥିବ ?

*ଅ : ଅଧିକ ଅନ୍ତର୍ଗତ ହୋଇଥିବ; – ଅର୍ଥ ଉପାର୍ଜନ କରିବା ଲାଗି କାରଖାନା, କାରଖାନାରେ କାର୍ଯ୍ୟ ଏବଂ ଉତ୍ପାଦନ ଆଡ଼କୁ ନିର୍ଦ୍ଦିଷ୍ଟ ନ ହୋଇ ତାହା ଅଧିକ ଅନ୍ତର୍ଗତ ହୋଇଥିବ । ସେଆଡ଼କୁ ଆମେ ଆଦୌ କୌଣସି ରୁଚି ଅନୁଭବ କରୁ ନାହୁଁ, ବର୍ତ୍ତମାନ "ଅଭୀପ୍ସା"ରେ ଆମେ ଆଦୌ ସେପରି କୌଣସି କାର୍ଯ୍ୟ କରିବାକୁ ଇଚ୍ଛା କରୁ ନାହୁଁ । ଏହି ବିଷୟରେ ଆପଣ କ'ଣ ଚିନ୍ତା କରୁଛନ୍ତି, ସେକଥା ଆମେ ଜାଣିବାକୁ ଇଚ୍ଛା କରୁଛୁ ।*

*(ମାଆ ଅଭିନିବିଷ୍ଟ ହୋଇ ରହିଲେ ଓ ଦୀର୍ଘକାଳ ନୀରବତା)*

ବାସ୍ତବଧର୍ମୀ ହେବାକୁ ହେଲେ ତୁମକୁ ନିଜର ଲକ୍ଷ୍ୟ ବିଷୟରେ, ତୁମେ କୁଆଡ଼କୁ ଗତି କରୁଛ, ତାହାରି ବିଷୟରେ ଏକ ଅତ୍ୟନ୍ତ ସ୍ପଷ୍ଟ ଦୃଷ୍ଟି ରଖିବାକୁ ହେବ । ଏହି ଦୃଷ୍ଟିକୋଣରୁ ବିଚାର କଲେ,– ଉଦାହରଣ ସ୍ୱରୂପ ଆମେ ବର୍ତ୍ତମାନ ଅର୍ଥ ବିଷୟରେ ଆଲୋଚନା କରିବା । ଏକ ଆଦର୍ଶ, ଯାହାକି ହୁଏତ ନିଜର ସମୟଟିଠାରୁ ଏକାଧିକ ଶତ ବର୍ଷ ଆଗୁଆ ହୋଇ ରହିଛି : ଅର୍ଥ ଏକ ଶକ୍ତି ହୋଇ ରହିବା ଉଚିତ, ଏହା କାହାରି ନିଜ ସମ୍ପତ୍ତି ହୋଇ ରହିବା ଉଚିତ ନୁହେଁ ଏବଂ ଉପସ୍ଥିତ ସବୁଠାରୁ ଅଧିକ ବିଶ୍ୱଜନୀନ ପ୍ରଜ୍ଞା ଦ୍ୱାରାହିଁ ତାହାର ନିୟନ୍ତ୍ରଣ ହୋଇ ପାରୁଥିବା ଉଚିତ । ଏହି ପୃଥିବୀରେ ଏପରି ଜଣେ ବ୍ୟକ୍ତି ରହିଛି ବୋଲି କଳ୍ପନା କର ଯାହାର କି ବିପୁଳ ଭାବରେ ପ୍ରଶସ୍ତ ହୋଇ ରହିଥିବା ଏକ ଦୃଷ୍ଟି ରହିଛି, ଯିଏକି ତାହା ବଳରେ ଏହି ପୃଥିବୀର ଆବଶ୍ୟକତାଗୁଡ଼ିକ ବିଷୟରେ ସବୁ ଜାଣିପାରୁଛି ଏବଂ ଅର୍ଥଗୁଡ଼ିକ କିପରି ଭାବରେ ଖର୍ଚ୍ଚ ହେବା ଉଚିତ, ସେହି କଥାକୁ ନିର୍ଦ୍ଦିଷ୍ଟ ଭାବରେ କହିଦେଇ ପାରୁଛି – ତୁମେ ସମସ୍ତେ ଭଲ କରି ଜାଣିରଖ, ଆମେ ସେହି ଆଦର୍ଶରୁ ବର୍ତ୍ତମାନ ବହୁ ଦୂରରେ ରହିଛୁ, ନୁହେଁ ? ବର୍ତ୍ତମାନ ଭଦ୍ରବ୍ୟକ୍ତି ତଥାପି "ଏଇଟା ମୋ'ର" ବୋଲି କହୁଛନ୍ତି, ଏବଂ, ଯେତେବେଳେ ସିଏ କିଞ୍ଚିତ୍ ଉଦାର ହୋଇ ପାରୁଛନ୍ତି, ସେତେବେଳେ, "ଆଚ୍ଛା, ମୁଁ ଏଇଟିକୁ ତୁମକୁ ଦେଲି" ବୋଲି କହୁଛନ୍ତି । ଏହା ସେଇକଥା ନୁହେଁ ।

ଆମେ ବର୍ତ୍ତମାନ ଯେଉଁ ଭଳି ହୋଇ ରହିଛୁ ଏବଂ ଯାହା ଅବଶ୍ୟ ହେବା ଉଚିତ, ଦୁଇଟିର ମଝିରେ ଆମ ଲାଗି ଏକ ଦୀର୍ଘ ପଥ ଅତିକ୍ରମ କରିବାକୁ ବାକି ରହିଛି । ଏବଂ ସେଥିଲାଗି ଆମକୁ ଅତ୍ୟନ୍ତ ସ୍ଥିତିସ୍ଥାପକ ହେବାକୁ ପଡ଼ିବ, ଆମର ଚକ୍ଷୁ ସମକ୍ଷରେ

'oaob.nitrkl.ac.in' images reprocessed

ଆମର ଲକ୍ଷ୍ୟଟି ସତତ ବିଦ୍ୟମାନ ରହିଥିବ ସତ, ମାତ୍ର ଆମେ ଯେ ଏକା ଡିଆଁକେ ସେଠାରେ ଆଦୌ ଯାଇ ପହଞ୍ଚି ପାରିବା ନାହିଁ ଏବଂ ଆମକୁ ଯଥାର୍ଥ ପଥଟିକୁ ଏବେ ମଧ ବାହାର କରିବାକୁ ହେବ, ସେଇ କଥାଟିକୁ ମଧ ଆମେ ସର୍ବଦା ମନେ ରଖିଥିବା । ମାତ୍ର ସେଇଟି ହେଉଛି ଅନେକ ଅଧିକ କଷ୍ଟକର, ଏପରିକି ଅନ୍ତର୍ଗତ ସତ୍ୟାବିଷ୍କାରର କାର୍ଯ୍ୟଟି ଅପେକ୍ଷା ଅଧିକ କଷ୍ଟକର । ପ୍ରକୃତ କଥା କହିବାକୁ ଗଲେ, ଏଠାକୁ ଆସିବା ପୂର୍ବରୁହିଁ ସେହି ସାମର୍ଥ୍ୟଟିକୁ ହାସଲ କରିବା ଉଚିତ ଥିଲା ।

କାରଣ ଏହି କ୍ଷେତ୍ରରେ ଏକ ଆରମ୍ଭବିନ୍ଦୁ ରହିଛି : ଯେତେବେଳେ ତୁମେ ଆପଣା ମଧରେ ସେହି କଦାପି ବିଚଳିତ ହେଉ ନ ଥିବା ଆଲୋକଟିକୁ ଆବିଷ୍କାର କରି ପାରିଛ, ଯେଉଁ ଉପସ୍ଥିତିଟି କି ତୁମକୁ ସୁନିଶ୍ଚିତ ଭାବରେ ପଥ ଦେଖାଇ ଆଗକୁ ନେଇଯାଇ ପାରିବ, ସେତେବେଳେ ତୁମେ ଏହି ବିଷୟରେ ମଧ ସଚେତନ ହୋଇପାରିଛ ଯେ, ଘଟୁଥିବା ସକଳ ଘଟଣାରେ ସତତ ତୁମର ଅବଶ୍ୟ କିଛି ନା କିଛି ଶିକ୍ଷା କରିବାକୁ ରହିଛି ଏବଂ ବସ୍ତୁଜଗତର ଏହି ବର୍ତ୍ତମାନ ସ୍ଥିତିରେ ସର୍ବଦା ଅବଶ୍ୟ ଏକ ଅଗ୍ରଗତି କରିବାକୁ ରହିଛି । ପ୍ରତ୍ୟେକ ବ୍ୟକ୍ତି ଏହି ମନୋଭାବ ସହିତ ଆସିଥିବା ଉଚିତ; ପ୍ରତ୍ୟେକ ମୁହୂର୍ତ୍ତରେ ଯେଉଁ ଅଗ୍ରଗତିଟିକୁ ସମ୍ଭବ କରିବାକୁ ରହିଛି, ତାହାରି ଉଦ୍‌ଘାଟନ କରିବା ଲାଗି ଏକ ଯଥାର୍ଥ ଉତ୍ସାହ ନେଇ ଆସିଥିବା ଉଚିତ । ଏପରି ଏକ ଜୀବନର ଅନୁଭବ କରି ପାରୁଥିବା ଯାହାକି ଅଭିବୃଦ୍ଧି ଲାଭ କରିବାକୁ ଏବଂ ଅଧିକରୁ ଅଧିକ ପରିପୂର୍ଣ୍ଣତା ଲାଭ କରିବାକୁ ଇଚ୍ଛା କରୁଛି,— ତାହାହିଁ ଅରୋଭିଲ୍‌ର ସାମୂହିକ ଆଦର୍ଶ ହୋଇ ରହିବା ଉଚିତ ହେବ : ''ଏପରି ଏକ ଜୀବନ ଯାହାକି ଅଭିବୃଦ୍ଧି ଲାଭ କରିବାକୁ ଏବଂ ଆପଣାକୁ ପରିପୂର୍ଣ୍ଣ କରିବାକୁ ଇଚ୍ଛା କରୁଛି'' । ଏବଂ, ସର୍ବୋପରି, ସେଇଟି ମଧ ସମସ୍ତଙ୍କ ଲାଗି ସେହି ଗୋଟିଏ ମାର୍ଗରେ ହେବ ନାହିଁ,— ପ୍ରତ୍ୟେକ ବ୍ୟକ୍ତି ତା'ର ନିଜ ମାର୍ଗରେ ତାହାକୁ ଅର୍ଜନ କରିବ ।

ମାତ୍ର, ସେଠାରେ ବର୍ତ୍ତମାନ ତୁମେମାନେ ତିରିଶଜଣ ଅଛ, ତେଣୁ ଏହା ଅତ୍ୟନ୍ତ କଷ୍ଟକର ହେଉଛି, ନୁହେଁ ? ଯେତେବେଳେ ଏହି ସଂଖ୍ୟା ତିରିଶ ହଜାର ହୋଇଯିବ, ସେତେବେଳେ ତାହା ଅପେକ୍ଷାକୃତ ଅଧିକ ସହଜ ହେବ, କାରଣ, ଅତ୍ୟନ୍ତ ସ୍ୱାଭାବିକ କଥା ଯେ ସେହି କ୍ଷେତ୍ରରେ ଅନେକ ଅଧିକ ସମ୍ଭାବନା ମଧ ଥିବ । ତୁମେମାନେ ହେଉଛ ଅଗ୍ରଗାମୀ ପ୍ରଥମ ପଥିକ, ତୁମର କାର୍ଯ୍ୟହିଁ ସବୁଠାରୁ ଅଧିକ କଷ୍ଟକର; ମାତ୍ର ମୁଁ ଭାବୁଛି ଯେ ତାହା ସେଥିଲାଗି ସବୁଠାରୁ ଅଧିକ ପରିମାଣରେ ଆଗ୍ରହୋଦ୍ଦୀପକ । କାରଣ, ଜଣେ ଯଥାର୍ଥ ଅରୋଭିଲ୍‌ବାସୀ ହେବାକୁ ହେଲେ ଯେଉଁ ଅନୁରୂପ ଦୃଷ୍ଟିକୋଣଟିର ଆବଶ୍ୟକତା ରହିଛି, ତୁମମାନଙ୍କୁ ସେଇଟିକୁହିଁ ଦୃଢ଼, ସ୍ଥାୟୀ ଏବଂ ସଦାବିକଶମାନ ଭାବରେ ପ୍ରତିଷ୍ଠା

'oaob.nitrkl.ac.in' images reprocessed

କରିବାକୁ ପଡ଼ିବ । ଜଣେ ପ୍ରକୃତ ଅରୋଭିଲ୍‌ବାସୀ ହେବାକୁ ହେଲେ ଯେଉଁ ଶିକ୍ଷାର ଆବଶ୍ୟକତା ରହିଛି, ତୁମମାନଙ୍କୁ ପ୍ରତ୍ୟହ ସେହି ଶିକ୍ଷାଟିକୁ ଲାଭ କରିବାକୁ ହେବ ।... ପ୍ରତ୍ୟେକ ଦିନ ସେହି ଦିନର ଶିକ୍ଷାଟିକୁ ଲାଭ କରିବାକୁ ପଡ଼ିବ । ପ୍ରତ୍ୟେକ ଦିବସର ସୂର୍ଯ୍ୟୋଦୟ ତୁମମାନଙ୍କ ଲାଗି ଏକ ନୂତନ ଆବିଷ୍କାର କରି ପାରିବାର ସୁଯୋଗ ଆଣିଦେବ । ଏହିପରି ଭାବରେ, ଏହି ମନୋଭାବଟିର ସାହାଯ୍ୟରେ ତୁମେ ସନ୍ଧାନଟିକୁ ପାଇଯିବ । ପ୍ରତ୍ୟେକ ବ୍ୟକ୍ତି ତାହାହିଁ କରନ୍ତି ।

ଏବଂ ଶରୀର ପାଇଁ ମଧ କର୍ମଠତା ଆବଶ୍ୟକ : ଯଦି ତୁମେ ତାହାକୁ ଅକର୍ମଠ କରି ରଖିବ, ତେବେ ତାହା ବିଦ୍ରୋହ ଘୋଷଣା କରିବ, ଅସୁସ୍ଥ ହେବ ଏବଂ ଆହୁରି କେତେ କ'ଣ କରିବ । ଏହାଲାଗି କର୍ମରତ ହୋଇ ରହିବାର ଏକାନ୍ତ ଆବଶ୍ୟକତା ରହିଛି,– ଏପରି ଅନେକ କର୍ମରତତା, ଯଥା : ଫୁଲଗଛ ଲଗାଇବା, ଘରଟିଏ ତିଆରି କରିବା,– ପ୍ରକୃତ ସ୍ଥୂଳ ସ୍ତରର କୌଣସି ନା କୌଣସି କର୍ମ । ତୁମକୁ ସେହି କର୍ମଠତାକୁ ପ୍ରକୃତରେ ଅନୁଭବ କରି ପାରିବାକୁ ପଡ଼ିବ । କେତେକ ଲୋକ ଅଛନ୍ତି, ଯେଉଁମାନେ ବ୍ୟାୟାମ କରନ୍ତି, ଆଉ କେତେ ଲୋକ ସାଇକେଲ ଚଢ଼ନ୍ତି, – ଏହିପରି ଅଗଣିତ କେତେ କର୍ମଠତା ରହିଛି; ମାତ୍ର, ତୁମମାନଙ୍କର କ୍ଷୁଦ୍ର ଗୋଷ୍ଠୀଟିରେ ତୁମମାନଙ୍କୁ ଏପରି ଗୋଟିଏ ପାରସ୍ପରିକ ନିଷ୍ପତ୍ତିରେ ଆସି ପହଞ୍ଚିବାକୁ ପଡ଼ିବ, ଯେପରିକି ପ୍ରତ୍ୟେକ ବ୍ୟକ୍ତି ନିଜ ଲାଗି ଏପରି ଗୋଟିଏ କାର୍ଯ୍ୟ ଆବିଷ୍କାର କରିନେଇ ପାରିବ, ଯାହାକି ତାହାର ରୁଚି ଓ ମିଜାଜ ଲାଗି ଅନୁକୂଳ ହୋଇଥିବ । ତା'ର ସ୍ୱଭାବ ଏବଂ ତା'ର ଆବଶ୍ୟକତାର ଅନୁକୂଳ ହୋଇଥିବ । ମାତ୍ର ତା' ଧାରଣା ଓ ଖିଆଲର ଅନୁକୂଳ ହୋଇ ନ ଥିବ । ଏହି ଧାରଣା ଓ ଖିଆଲଗୁଡ଼ାକ ମୋଟେ ଖୁବ୍‌ବେଶୀ ଭଲକଥା ନୁହେଁ – ସେମାନେ ତୁମ ଭିତରେ ନାନା ପୂର୍ବକଳ୍ପନାକୁ ବଦ୍ଧମୂଳ କରି ରଖିପକାନ୍ତି । ଉଦାହରଣ ସ୍ୱରୂପ, ''ସେଇଟି ଏକ ଭଲ କାର୍ଯ୍ୟ, ସେହି ଅନ୍ୟ କାର୍ଯ୍ୟଟି ଆଦୌ ମୋ'ର ଉପଯୁକ୍ତ ନୁହେଁ'' – ଏହିପରି ଭାବରେ ଯାବତୀୟ ନିରର୍ଥକ ପୂର୍ବକଳ୍ପନାଗୁଡ଼ିକର ସୃଷ୍ଟି କରନ୍ତି । ଖରାପ କାର୍ଯ୍ୟ ବୋଲି ପ୍ରକୃତରେ ଆଦୌ କିଛି ନାହିଁ – କେବଳ ଖରାପ କାର୍ଯ୍ୟ କଲାବାଲାହିଁ ଅଛନ୍ତି । ଯେକୌଣସି କାର୍ଯ୍ୟ ହେଉ ପଛକେ, ଯଦି ତାହାକୁ ଉଚିତ ମାର୍ଗରେ କରିବାର ଉପାୟଟି ତୁମକୁ ଜଣାଥାଏ, ତେବେ ତାହା ହେଉଛି ଏକ ଭଲ କାର୍ଯ୍ୟ । ଏଠାରେ ମୁଁ ପ୍ରକୃତରେ ପ୍ରତ୍ୟେକ କାର୍ଯ୍ୟର କଥା କହୁଛି । ଏବଂ, ଏହା ହେଉଛି ଏକ ପ୍ରକାରର ସମ୍ପର୍କ ସ୍ଥାପନରହିଁ ସମସ୍ୟା । ଯଦି ତୁମେ ଯଥେଷ୍ଟ ସୌଭାଗ୍ୟବଶତଃ ଏକ ଅନ୍ତର୍ଗତ ଆଲୋକ ବିଷୟରେ ସଚେତନ ହୋଇ ପାରିଥାଅ, ତେବେ ତୁମେ ଅବଶ୍ୟ ଦେଖିବାକୁ ପାଇବ ଯେ, ତୁମେ ନିଜର ହାତ ଦ୍ୱାରା କରୁଥିବା ଯେକୌଣସି କାର୍ଯ୍ୟରେ ସତେ ଯେପରି ତୁମେ ସେହି ଦିବ୍ୟ ପରମସତ୍ତାଙ୍କୁହିଁ

'oaob.nitrkl.ac.in' images reprocessed

ବସ୍ତୁଗୁଡ଼ିକ ମଧ୍ୟକୁ ଆବାହନ କରି ନେଇ ଆସିଛ; ଏହିପରି ଭାବରେ ସଂପର୍କ ସ୍ଥାପନଟି ଅତ୍ୟନ୍ତ ସାକାର ହୋଇଯାଏ, ସତେ ଯେପରି ଏକ ସମୁଦାୟ ପୃଥିବୀ ତୁମର ଆବିଷ୍କାର ନିମନ୍ତେ ଅପେକ୍ଷା କରି ରହିଥାଏ । ଏହା ପ୍ରକୃତରେ ଏକ ଅଦ୍ଭୁତ କଥା ।

ତୁମମାନଙ୍କର ବର୍ତ୍ତମାନ ତରୁଣ ବୟସ, ତୁମ ସମ୍ମୁଖରେ ପ୍ରଚୁର ସମୟ ପଡ଼ିରହିଛି । ଏବଂ, ତରୁଣ ହୋଇ ରହିବାକୁ ହେଲେ, ପ୍ରକୃତରେ ତରୁଣ ରହିବାକୁ ହେଲେ, ଆମକୁ ସର୍ବଦା, ସର୍ବଦା ଅଭିବୃଦ୍ଧି ଲାଭ କରିବାରେହିଁ ଲାଗିଥିବା, ଆମେ ଅଧିକରୁ ଅଧିକ ବିକଶିତ ହେବାରେ ଲାଗିଥିବା, ଅଧିକରୁ ଅଧିକ ଅଗ୍ରଗତି କରିବାରେ ଲାଗିଥିବା । ଏହି ଅଭିବୃଦ୍ଧି ହେଉଛି ତରୁଣ ହୋଇ ରହିଥିବାର ଲକ୍ଷଣ ଏବଂ ଚେତନାର ଅଭିବୃଦ୍ଧି କ୍ଷେତ୍ରରେ ପ୍ରକୃତରେ ଶେଷ ସୀମା ବୋଲି ଆଦୌ କିଛି ନାହିଁ । ମୁଁ କୋଡ଼ିଏ ବର୍ଷର ବୃଦ୍ଧମାନଙ୍କୁ ଦେଖିଛି, ଏବଂ ପଚାଶ, ଷାଠିଏ, ସତୁରି ବର୍ଷର ଯୁବକମାନଙ୍କୁ ମଧ୍ୟ ଦେଖିଛି । ଏବଂ ଯଦି ତୁମେ ଶରୀରର ଶ୍ରମ ଖଟାଇ କୌଣସି କାର୍ଯ୍ୟ କରୁଥିବ, ତେବେ ତୁମର ଉତ୍ତମ ସ୍ୱାସ୍ଥ୍ୟ ଅବଶ୍ୟ ରହିବ ।

ତେଣୁ, ବର୍ତ୍ତମାନ ତୁମମାନଙ୍କୁହିଁ ସମାଧାନ ବାହାର କରିବାକୁ ହେବ ।

*ଅ : ଆଚ୍ଛା ।*

ତୁମେମାନେ ପ୍ରତ୍ୟେକ କାର୍ଯ୍ୟ କରି ପାରିବ । ... ଯାବତୀୟ କେତେ ପ୍ରକାରର କାର୍ଯ୍ୟ ରହିଛି । ଏବଂ, ସେହି କାର୍ଯ୍ୟଗୁଡ଼ିକର କିପରି ସୁବ୍ୟବସ୍ଥା କରା ଯାଇପାରିବ, ତୁମେମାନେ ଏକାଠି ବସି ସେକଥା ସ୍ଥିର କରିବ । ତୁମେମାନେ ପୁଣି ଏଠାକୁ ଆସି ମୋତେ କହିବ, ହେଲା ?

*ଆ : ହଁ, ହେଲା ।*

ତେବେ ବର୍ତ୍ତମାନ ଏତିକି ଥାଉ । ପୁଣି ସପ୍ତାହକ ପରେ ଆସିବ ।

*

'oaob.nitrkl.ac.in' images reprocessed

*୨୪ ମାର୍ଚ୍ଚ ୧୯୭୦*

ଭିତରକୁ ଆସ । (ମାଆ ହସି କହିଲେ)

*(ପ୍ରବେଶକାରୀମାନେ ମାଆଙ୍କ ପାଖରେ ପୁଷ୍ପନିବେଦନ କଲେ । "ସେବା" ବୋଲି ନାମକରଣ କରା ହୋଇଥିବା ଫୁଲଟି ଆଡ଼କୁ ନିର୍ଦ୍ଦେଶ କରି ମାଆ ହସି ହସି କହିଲେ :)*

ଅରୋଭିଲ୍ ପାଇଁ ସେବା ।

*(ମାଆ ଫୁଲଗୁଡ଼ିକୁ ସଜାଇ ବିତରଣ କରିଦେଲେ । 'ସେବା' ଓ 'ରୂପାନ୍ତର' ଫୁଲଗୁଡ଼ିକୁ ଦେଉଥିବା ସମୟରେ କହିଲେ :)*

ସେବାହିଁ ରୂପାନ୍ତର ଆଡ଼କୁ ଅଗ୍ରସର କରାଇ ନିଏ । ମୁଁ ପ୍ରକୃତରେ ଅତ୍ୟନ୍ତ ଗମ୍ଭୀର ଭାବରେ ଏହି କଥାଟିକୁ କହୁଛି ।

*ଅ : ମାଆ, ଆମେ ଏକ ପ୍ରଶ୍ନ ପଚାରି ପାରିବୁ କି ?*

ହଁ ।

*ଅ : ପ୍ରଶ୍ନଟି ସାଧାରଣ ଭାବରେ "ଅଭୀପ୍ସା" ତରଫରୁ ।*

ଆଚ୍ଛା !

*ଅ : ପ୍ରତି ମଙ୍ଗଳବାର ଦିନ "ଅଭୀପ୍ସା" ତରଫରୁ ସେହି ଏକା ଲୋକମାନେ ସବୁଥର ଯେପରି ଆପଣଙ୍କୁ ଭେଟିବା ଲାଗି ନ ଆସିବେ, ଏହା ସମ୍ଭବ ହେବ କି ବୋଲି ସେଠାରେ ବାସ କରୁଥିବା କେତେକ ବ୍ୟକ୍ତି ଜାଣିବାକୁ ଚାହିଁଛନ୍ତି ।*

ଶୁଣ, ସେଥିରେ ମୋ'ର କୌଣସି ଆପତ୍ତି ନାହିଁ । ସେକଥା ତୁମମାନଙ୍କ ଉପରେ ନିର୍ଭର

'oaob.nitrkl.ac.in' images reprocessed

କରୁଛି । (*ମାଆ ହସିଲେ*) ନାଇଁ, ମୁଁ ତୁମମାନଙ୍କ ମଧ୍ୟରୁ ଚାରିଜଣଙ୍କ ସହିତ ଦେଖା କରିବାକୁ ରାଜି ଅଛି ।

(*'ଇ' ଙ୍କ ଆଡ଼କୁ ଅନାଇ*) ତାଙ୍କୁ ମୁଁ ଆଜି ପ୍ରଥମ ଥର ପାଇଁ ଡାକିଛି, ମାତ୍ର ତାଙ୍କ ସ୍ଥାନରେ ଅନ୍ୟ ବ୍ୟକ୍ତିମାନେ ମଧ୍ୟ ପାଳି କରି ନିଶ୍ଚୟ ଆସି ପାରିବେ । ସେକଥା ଯାହା ହେଉ ପଛକେ, ମୁଁ ତାଙ୍କୁ ନିଶ୍ଚୟ ସାକ୍ଷାତ ଦେବି । ମାତ୍ର, ତୁମ ତିନିଜଣଙ୍କ ସହିତ ଜଣେ ଚତୁର୍ଥ ବ୍ୟକ୍ତି ମଧ୍ୟ ଆସି ପାରିବେ । ସିଏ ପାଳି କରି ଆସିବେ, ପ୍ରତ୍ୟେକ ଥର ଜଣେ ଭିନ୍ନ ବ୍ୟକ୍ତି ଆସିବେ ।

*ଅ : ଭାରି ଭଲ କଥା ।*

ମୁଁ କେବଳ ଏତିକି ଆଶା କରିବି ଯେ, ସେମାନଙ୍କର ନିଷ୍ଠା ରହିଥିବ, କେବଳ ଏକ ବାହ୍ୟ କୌତୂହଳ ନେଇ ସେମାନେ ଆସି ନ ଥିବେ । ଯଦି ସେମାନଙ୍କଠାରେ ନିଷ୍ଠା ଥିବ, ଯଦି ସେମାନେ ପ୍ରକୃତରେ ଅଗ୍ରଗତି କରିବାକୁ ଇଚ୍ଛା କରୁଥିବେ, ତେବେ ସେମାନେ ଥରକୁ ଜଣେ ଲେଖାଏଁ ଅବଶ୍ୟ ଆସି ପାରିବେ, ସେଥିରେ ମୋ'ର କୌଣସି ଆପତ୍ତି ନାହିଁ । ମୁଁ ସେମାନଙ୍କର ନାମ ଜାଣିଥିବା ମଧ୍ୟ ଆଦୌ ଆବଶ୍ୟକ ହେବ ନାହିଁ । ତୁମେମାନେ ଜାଣିଛ, ମୁଁ ତାହା ଉପରେ କୌଣସି ମହତ୍ତ୍ୱ ଦିଏ ନାହିଁ । ସେମାନଙ୍କର ଗ୍ରହଣଶୀଳତା ଗୁଣାତ୍ମକ ଦୃଷ୍ଟିରୁ କେତେ ଅଧିକ ବା କେତେ ଊଣା ହୋଇଥିବ, କେବଳ ତାହାରିହିଁ ମୂଲ୍ୟ ରହିଛି । ଯଦି ସେମାନେ ଦ୍ୱାର ଉନ୍ମୁକ୍ତ କରି ରଖିଥିବେ ଏବଂ ଏହା ଦ୍ୱାରା ସେମାନଙ୍କର ଭଲ ହେଉଛି ବୋଲି ଅନୁଭବ କରୁଥିବେ, ତେବେ ତାହାହିଁ ଭଲ ହେବ, ଖୁବ୍ ଚମତ୍କାର କଥା ହେବ ।...

(*'ଇ' ଙ୍କୁ ନିର୍ଦ୍ଦେଶ କରି*) ତେବେ, ଉଦ୍ୟାନ ବିଷୟରେ ସବୁ ସମ୍ବାଦ ଦେବା ଲାଗି ତୁମେ ସପ୍ତାହରେ ଥରେ ମୋ' ପାଖକୁ ଆସିବ ।... ତୁମେ, ତୁମେମାନେ ଅରୋଭିଲ୍‌ରୁ ଆସିବ, ତା'ଙ୍କ କଥା, ସିଏ ତ ଏହିଠାରେ କାର୍ଯ୍ୟ କରୁଛନ୍ତି ... ହେଲା ?

*ଅ : ହଁ, ହେଲା ।*

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ସେଠାରେ ତୁମେମାନେ କେତେଜଣ ଅଛ ?

'oaob.nitrkl.ac.in' images reprocessed

*ଅ : ପ୍ରାୟ ଚାଳିଶ ଜଣ ।*

(*ମାଆ ହସିଲେ*) ବର୍ତ୍ତମାନ ତୁମମାନଙ୍କୁ ଏକ ଅବିବେକୀ ପ୍ରଶ୍ନ ପଚାରିବି । ତୁମ ଭିତରୁ କେତେଜଣଙ୍କର ପ୍ରକୃତ ନିଷ୍ଠା ରହିଛି ? ସେମାନଙ୍କ ମୁହଁକୁ ଚାହିଁ ତ ତୁମେମାନେ ସେକଥା ଜାଣି ପାରିବ ନାହିଁ । କ'ଣ ଚାଳିଶ ଜଣଯାକ ଏଠାକୁ ଆସିବେ ? ଏଠାକୁ ଆସିପାରିବେ ବୋଲି ତୁମକୁ କେତେଜଣ ପଚାରିଥିଲେ ?

*ଆ : ପାଞ୍ଚ, ଛଅ ଜଣ ।*

ବେଶ୍, ତାହା ହେଉଛି ଏକ ଉଚିତ ସଂଖ୍ୟା । କେଉଁମାନେ ?

*ଆ : ସେମାନଙ୍କ ଭିତରେ 'ଇ', 'ଉ', ଓ 'ଉ' ଥିଲେ । ଏବଂ ସେଠାରେ ଥିବା ଅନେକ ବ୍ୟକ୍ତିଙ୍କର ଆପଣଙ୍କ ପ୍ରତି ଅତ୍ୟନ୍ତ ଅନୁରାଗ ଅଛି । ଆପଣ ସେ କଥା ଜାଣନ୍ତି ।*

(*ମାଆ ନୀରବ ରହିଲେ*)

ମୁଁ ଏହି କ୍ଷେତ୍ରରେ ଦୁଇଟି ସର୍ତ୍ତ ରଖିବାକୁ ଯାଉଛି । ଅଗ୍ରଗତି ଲାଗି ଇଚ୍ଛା ରହିଥିବ, ତାହା ତ ପ୍ରକୃତରେ ଏକ ମାମୁଲି ସର୍ତ୍ତ । ଅଗ୍ରଗତି କରିବା ଲାଗି ଇଚ୍ଛା ରଖିବା, ସବୁକିଛି କରିବା ତଥାପି ବାକୀ ରହିଛି ବୋଲି, ସବୁକିଛି ଉପରେ ବିଜୟ ଲାଭ କରିବା ତଥାପି ବାକୀ ରହିଛି ବୋଲି ହୃଦୟଙ୍ଗମ କରୁଥିବା,— ତାହା ପ୍ରଥମ ସର୍ତ୍ତ । ଦ୍ୱିତୀୟ ସର୍ତ୍ତ ହେଉଛି : ପ୍ରତ୍ୟହ ଏପରି କିଛି କରିବା, କୌଣସି କାର୍ଯ୍ୟ କରିବା ବା ଏପରି ଭାବରେ କର୍ମରତ ହୋଇ ରହିବା, ଯାହାକି ତୁମ ନିଜ ଲାଗି ହୋଇ ନ ଥିବ ଏବଂ ସର୍ବୋପରି ତାହା ଏପରି କିଛି ହୋଇଥିବ ଯେଉଁଥିରେ କି ସମସ୍ତଙ୍କ ପ୍ରତି ସଦିଚ୍ଛା ବ୍ୟକ୍ତ ହୋଇ ପାରୁଥିବ — ତୁମେମାନେ ଏକ ଗୋଷ୍ଠୀରେ ବାସ କରୁଛ, ନୁହେଁ ? — ସେହି କାର୍ଯ୍ୟଟି ଦ୍ୱାରା ତୁମେ ଅତ୍ୟନ୍ତ ସହଜ ଭାବରେ ଏତିକି ଦର୍ଶାଇ ପାରୁଛ ଯେ, ସତେ ଯେପରି ତୁମେହିଁ ଏହି ବିଶ୍ୱର କେନ୍ଦ୍ରରେ ରହିଛ, ସେହିପରି ଏକ ଧାରଣା ଦ୍ୱାରା ପ୍ରେରିତ ହୋଇ ସଂପୂର୍ଣ୍ଣ ଭାବରେ କେବଳ ନିଜ ଲାଗି ନିଜ ଜୀବନକୁ ବଞ୍ଚୁ ନାହଁ — ସତେ ଯେପରି ସମସ୍ତ ବିଶ୍ୱ ତୁମର ଚାରିପାଖରେ ବୁଲୁଛି, ସେହି ଧାରଣା ଦ୍ୱାରା ପ୍ରେରିତ ହୋଇ ନିଜର ଜୀବନକୁ

'oaob.nitrkl.ac.in' images reprocessed

ବଞ୍ଚୁ ଅଛ । ସଂସାରର ବହୁସଂଖ୍ୟକ ମନୁଷ୍ୟ ସେହିପରି ଭାବରେ ପ୍ରେରିତ ହୋଇ ଜୀବନ ବଞ୍ଚୁଥାନ୍ତି, ଏବଂ ସେମାନେ ସେହି କଥାଟିକୁ ହୃଦୟଙ୍ଗମ ବି କରି ପାରୁ ନ ଥାନ୍ତି । ପ୍ରତ୍ୟେକ ବ୍ୟକ୍ତିର ଏହି ବିଷୟରେ ଅବଶ୍ୟ ସଚେତନ ରହିବା ଉଚିତ ଯେ,– ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ, ଆମେ ଅଧିକାଂଶତଃ ନିଜକୁ ଏହି ବିଶ୍ୱର କେନ୍ଦ୍ରରେ ନେଇ ଅବସ୍ଥାପିତ କରି ରଖିଥାଉ ଏବଂ, ଯେକୌଣସି ପ୍ରକାରେ ହେଉ ପଛକେ, ଠିକ୍ ସେହିପରି ଭାବରେହିଁ ସବୁକିଛି ଆମ ଲାଗି ଉପଲବ୍ଧ ହେଉ ବୋଲି ଇଚ୍ଛା କରୁଥାଉ । ମାତ୍ର ଆମକୁ ଏହି ସମଗ୍ର ଜଗତର ଅସ୍ତିତ୍ୱକୁ ସ୍ୱୀକାର କରି ପାରିବା ଲାଗି ଏକ ଉଦ୍ୟମ କରିବାକୁ ହେବ, ତେବେ ଯାଇ ହେବ । ଅର୍ଥାତ୍ ଆପଣାର ଚେତନାରେ ପ୍ରସାରଣ ଘଟାଇବାକୁ ହେବ, କିଞ୍ଚିତ୍ ପରିମାଣରେ କମ୍ କ୍ଷୁଦ୍ର ହୋଇ ପାରିବାକୁ ହେବ ।

ଯେଉଁମାନେ ମୋ'ର କାର୍ଯ୍ୟକ୍ରମ ଅନୁସାରେ ଜୀବନକୁ ପରିଚାଳିତ କରୁଥିବେ, ସେମାନେ ପାଳିକରି ସପ୍ତାହକୁ ଥରେ ଲୋଖାଏଁ ଆସିବେ । ତେବେ ଠିକ୍ ହେବ ନା ?

('ଇ' ଙ୍କୁ ଉଦ୍ଦେଶ୍ୟ କରି) ତୁମ ମାଆଙ୍କ ଲାଗି ମୁଁ ଗୋଟିଏ ଗୋଲାପଫୁଲ ଦେବି, କାରଣ ସିଏ ଗୋଲାପଫୁଲକୁ ଅତ୍ୟନ୍ତ ଭଲ ପାଆନ୍ତି । ତେଣୁ ତୁମେ ତାଙ୍କୁ ନେଇ ଏହି ଫୁଲଟି ଦେବ । ଏବଂ ତୁମେ ଆସିବ ... ତୁମେ ଅନ୍ୟମାନଙ୍କ ସହିତ ଏକାଦିନରେ ଆସିବ ନାହିଁ, କାରଣ ତଦ୍ୱାରା ଅନେକ ସମୟ ଲାଗୁଛି । ତେବେ ତୁମେ କେଉଁ ଦିନ ଆସିବ ?

*'ଉ' : ସୋମବାର ଠିକ୍ ହେବ । ଶୁକ୍ରବାର ବି ହୋଇପାରେ ।*

('ଇ' ଙ୍କୁ ଉଦ୍ଦେଶ୍ୟ କରି) କେଉଁ ଦିନଟି ତୁମ ଲାଗି ଅଧିକ ସୁବିଧାଜନକ ?

*'ଇ' : ସୋମବାର, ମାଆ ।*

ତେବେ ସୋମବାର ଦିନ ତୁମେ ତୁମ ଉଦ୍ୟାନର ସମ୍ବାଦ ଆଣିଦେବ ।

ଖୁବ୍ ଭଲ କଥା । ଆମର ଉଦ୍ୟାନଟି ଖୁବ୍ ସୁନ୍ଦର ହେବା ଦରକାର । ତେବେ, ସବୁ ଠିକ୍ ହେଲା ତ ? ଆଗାମୀ ମଙ୍ଗଳବାର ଦିନ ତୁମ ସହିତ ଦେଖା ହେବ, ତୁମ ସାଙ୍ଗରେ ଆଉ କେହିଜଣେ ଆସିବେ, ଆଉ ଯିଏକେହି ଆସିପାରିବେ – ତଦ୍ୱାରା ମୋ'ଲାଗି କୌଣସି ଫରକ ହେବ ନାହିଁ । ଯେତେବେଳେ ସିଏ ଆସିବେ, ତୁମେ ମୋତେ ସେକଥା କେବଳ କହିଦେଲେ ହେଲା ? ... ଏପରି ବ୍ୟକ୍ତି ଆସିବେ, ଯେଉଁମାନେ

'oaob.nitrkl.ac.in' images reprocessed

ଭାବୁଥିବେ ଯେ ଏହି ପୃଥିବୀ ହେଉଛି ସେମାନଙ୍କଠାରୁ ଅଧିକ ବଡ଼, ସେମାନଙ୍କର ନିଜ ଚେତନାଠାରୁ ତାହା ଅନେକ ଅଧିକ ବଡ଼ ।

*(ମାଆ ନୀରବ ରହିଲେ)*

*ର : ମାଆ, ସେମାନେ ସେଠାରେ ଗୋଟିଏ ଜୁଡ଼ୋ ଆଖଡ଼ା ଆରମ୍ଭ କରିଛନ୍ତି । 'ଆ' ଜୁଡ଼ୋ ଶିଖାଉଛନ୍ତି । ସିଏ ସେଥିରେ ଜଣେ ଅଭିଜ୍ଞ ବ୍ୟକ୍ତି ଏବଂ ତେଣୁ ନିଶ୍ଚୟ ଶିଖାଇ ପାରିବେ ।*

ତୁମେ 'ର' ଙ୍କୁ କେବେ ସାକ୍ଷାତ କରିଛ ?

*ଆ : ହଁ , ମୁଁ ତାଙ୍କ ସହିତ ଜୁଡ଼ୋ ଅଭ୍ୟାସ କରିଛି ।*

(*'ର' ଙ୍କୁ ନିର୍ଦ୍ଦେଶ କରି*) ସିଏ ତାଙ୍କ ବିଷୟରେ କ'ଣ କିପରି ଭାବନ୍ତି ?

*ଆ : ଆମକୁ ସେହି ଗୋଟିଏ ପ୍ରଣାଳୀରେ ଆଦୌ ଶିକ୍ଷା ଦିଆ ଯାଇ ନାହିଁ । ମୁଁ ତାଙ୍କ ବିଷୟରେ କ'ଣ ଭାବୁଛି, ସେକଥା ଆପଣଙ୍କୁ କହିବା ପ୍ରକୃତରେ କଷ୍ଟକର, କାରଣ ଆମେ ଆଦୌ ଏକାଭଳି କୌଶଳ ପ୍ରୟୋଗ କରୁ ନାହିଁ ।*

*ର : ମାଆ, ସେମାନେ ଏକାପ୍ରକାର କୌଶଳ ଶିକ୍ଷା କରି ନାହାନ୍ତି । ସେମାନଙ୍କୁ ଆଦୌ ଏକାଭଳି ଶିକ୍ଷା ଦିଆ ଯାଇ ନାହିଁ । ସିଏ ଆଶ୍ରମରେ ଥିବାବେଳେ ଇଏ ତାଙ୍କ ସହିତ ଏକାଠି କାର୍ଯ୍ୟ କରୁଥିଲେ । ଏଠାରେ ତିନିମାସ କାର୍ଯ୍ୟ କରିବା ପରେ ଅରୋଭିଲ୍ ଗଲେ ।*

ସେମାନେ ଏକା କୌଶଳ ଶିକ୍ଷା କରି ନାହାନ୍ତି ?

*ର : ହଁ, ସେମାନେ ଏକା ପ୍ରଣାଳୀରେ କାର୍ଯ୍ୟ କରନ୍ତି ନାହିଁ ।*

(*'ଆ' ଙ୍କୁ ନିର୍ଦ୍ଦେଶ କରି*) ତୁମେ କେଉଁଠାରୁ ଶିକ୍ଷା କରିଛ ?

'oaob.nitrkl.ac.in' images reprocessed

*ଆ : ମୁଁ ଫ୍ରାନ୍ସରେ ଶିଖିଛି । ମୁଁ ଭାବୁଛି 'ର' ଆଲ୍‌ଜେରିଆରେ ଶିଖିଛନ୍ତି ।*

ଏବଂ, ଆହୁରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ଜାପାନରେ ଶିକ୍ଷା କରିଛନ୍ତି ଓ ସେହିମାନେ ହିଁ ପ୍ରକୃତରେ ଜାଣିଛନ୍ତି । (*ସମସ୍ତେ ହସିଲେ*)

*ଆ : ମାଆ, ଆମେ ପ୍ରାୟ ଦଶଜଣ ଜୁଡ଼ୋ ଅଭ୍ୟାସ କରୁଛୁ ।*

ତେବେ, ଯେତେଜଣ ବ୍ୟକ୍ତି ଜୁଡ଼ୋ ଅଭ୍ୟାସ କରୁଛନ୍ତି, ସେତିକି ପ୍ରକାରର ଜୁଡ଼ୋ ଅଛି । ଦଶଜଣ ବେଶ୍ ହେବ । କିପରି ପଡ଼ିବାକୁ ହୁଏ, ସର୍ବପ୍ରଥମେ ସେହି କଥାଟିକୁ ଶିକ୍ଷା କରିବାକୁ ପଡ଼ିବ । (*ସମସ୍ତେ ହସିଲେ*) ଆଚ୍ଛା, ବେଶ୍ ! ତେବେ ମୁଁ ତୁମମାନଙ୍କୁ ଆଗାମୀ ମଙ୍ଗଳବାର ଦିନ ଭେଟିବି । ନମସ୍କାର ।

*

*୩୧ ମାର୍ଚ୍ଚ, ୧୯୭୦*

କୌଣସି ସମ୍ବାଦ ଅଛି କି ?

*ଅ : ହଁ, ଅଛି ।*

କ'ଣ ?

*ଅ : ଆମର ଦୁଇଟି ପ୍ରଶ୍ନ ପଚାରିବାର ଅଛି । ଅବଶ୍ୟ ଯଦି ଆପଣ ଅନୁମତି ଦିଅନ୍ତି । 'ଅଭୀପ୍ସା' କୁ ଲାଗି ଯେଉଁ ତାମିଲ୍ ଗାଆଁଟି ଅଛି, ପ୍ରଥମ ପ୍ରଶ୍ନଟି ସେହି ଗାଆଁର ଗୋଟିଏ ବାଳକ ବିଷୟରେ । ବେଶ୍ କେତେ ଦିନ ହେଲା ସିଏ 'ଅଭୀପ୍ସା'ର ଉଦ୍ୟାନରେ କାର୍ଯ୍ୟ କରିବାକୁ ଆସୁଛି । ଆମେ ତା'କୁ ଖାଇବାକୁ ଦେଉଛୁ, ଏବଂ କ୍ରମେ ସେ ଅଳ୍ପ ଅଳ୍ପ କରି ଆମ ଶିବିରରେ ଅଂଶଗ୍ରହଣ କରିବାକୁ ଓ ବାସ କରିବାକୁ ଆରମ୍ଭ କଲାଣି । ଏବଂ ମୁଁ, 'ଐ' ଓ 'ଓ' ତିନିଜଣ ମିଶି ଏହି ପିଲାଟିର ଦାୟିତ୍ୱ ନେବା ପାଇଁ ଠିକ୍ କରିଛୁ । ଅବଶ୍ୟ ସମଗ୍ର ଗୋଷ୍ଠୀ ମଧ୍ୟ ଆମ ସହିତ ରହିଛନ୍ତି । ମାତ୍ର ଏହି ତିନିଜଣ ବିଶେଷ ଦାୟିତ୍ୱ ଗ୍ରହଣ କରିବେ । ଆମେ ଏହିପରି ଭାବରେ ତା'ର ଦାୟିତ୍ୱ ନେବୁ ଓ ଅଳ୍ପ ଅଳ୍ପ କରି ତାକୁ ଆମର*

'oaob.nitrkl.ac.in' images reprocessed

*ଗୋଷ୍ଠୀଜୀବନ ଭିତରକୁ ମିଶାଇ ଆଣିବୁ । ଆପଣ ଏହାକୁ ଉଚିତ ବୋଲି ମନେ କରୁଛନ୍ତି କି ?*

ହଁ, ଠିକ୍ କଥା । ମାତ୍ର ତା'ର ପିତାମାତାଙ୍କର ସମ୍ମତି ରହିଥିବା ଉଚିତ । କେହି ଜଣେ ଏବିଷୟରେ ତା'ର ପିତାମାତାଙ୍କ ସହିତ କଥାବାର୍ତ୍ତା ହେବ, ସେମାନଙ୍କୁ ସବୁକଥା କହିବ, ସେମାନଙ୍କର ସମ୍ମତି ରହିଛି କି ନାହିଁ ବୋଲି ପଚାରିବ ଏବଂ ସବୁକଥା ବୁଝାଇଦେବ । ତା'ର ପିତାମାତାଙ୍କର ସମ୍ମତି ବ୍ୟତୀତ ତୁମେ ଗୋଟିଏ ପିଲାକୁ କଦାପି ସେମିତି ଗ୍ରହଣ କରି ନେଇ ପାରିବ ନାହିଁ ।

*କ : 'ଔ' ଗ୍ରାମସଂପର୍କ ଦାୟିତ୍ୱରେ ଅଛନ୍ତି । ସିଏ ଦିନେ ଚେଷ୍ଟା କରି ସେହି ପରିବାରକୁ ଭେଟିବେ; ଏକଥା ସମ୍ଭବ ହେବ କି ନାହିଁ, ତାହା ଜାଣିବାକୁ ପିଲାଟିର ବାପାମାଆଙ୍କ ସହିତ ସମ୍ପର୍କସ୍ଥାପନ କରିବେ ।*

ତେବେ ସିଏ ସେଠାକୁ ଯିବେ ?

*କ : ହଁ, ଯିବେ ।*

ମୁଁ ଠିକ୍ ଏହି କଥା କହୁଛି । ତାହା ହେଉଛି ଆବଶ୍ୟକ ସର୍ତ୍ତ । ସିଏ ସେଠାକୁ ଅବଶ୍ୟ ଯିବେ, ବାପମାଆଙ୍କ ସହିତ କଥାବାର୍ତ୍ତା କରିବେ, ସେମାନଙ୍କୁ ସବୁକଥା ବୁଝାଇ ଦେବେ, ସେମାନଙ୍କର ସମ୍ମତି ଅଛି କି ନାହିଁ ପଚାରିବେ । ସେମାନଙ୍କର ସମ୍ମତି ଯଦି ଥାଏ, ତେବେ ସବୁକଥା ଛିଡ଼ିଯିବ ।

*କ : କାରଣ ପିଲାଟିକୁ ତା'ର ଗାଆଁଠାରୁ ଛିନ୍ନ କରି ଆଣିବାର କୌଣସି ପ୍ରଶ୍ନ ଉଠୁ ନାହିଁ ...*

ନାଇଁ, ଆଦୌ ଉଠୁ ନାହିଁ ।

*ଅ : ମାତ୍ର ଅଳ୍ପ ଅଳ୍ପ ଚେଷ୍ଟା କରି ...*

'oaob.nitrkl.ac.in' images reprocessed

ନାଇଁ, ଠିକ୍ ଓଲଟା କଥା ...

*ଅ : ଆମର କଦାପି ...*

ନାଇଁ ନାଇଁ, ଗାଆଁ ସହିତ ତା'ର ଅବଶ୍ୟ ସମ୍ପର୍କ ରହିବ । ତେବେ ଯାଇ ଭଲ କଥା ହେବ ।

ଏବେ, ତୁମର ଦ୍ୱିତୀୟ ପ୍ରଶ୍ନଟି ?

*ଅ : ଦ୍ୱିତୀୟ ପ୍ରଶ୍ନଟି ପରିଦର୍ଶକମାନଙ୍କ ବିଷୟରେ, ଯେଉଁମାନେ ଦେଖିବା ଲାଗି 'ଅଭୀପ୍ସା'କୁ ଆସୁଛନ୍ତି । ଏପରି ଲୋକ ଦୁଇ ପ୍ରକାରର ଅଛନ୍ତି : ଯେଉଁମାନେ ଏଠି ଦିନଯାକ ରହନ୍ତି, ଭୋଜନ କରନ୍ତି; ଏବଂ ଯେଉଁ ଅନ୍ୟମାନେ ରାତ୍ରିଯାପନ କରିବାକୁ ଇଚ୍ଛା କରନ୍ତି ଏବଂ ରହିବାକୁ ଚାହାଁନ୍ତି । ସେମାନଙ୍କ ପ୍ରତି ଆମର ସାଧାରଣତଃ କିଭଳି ଦୃଷ୍ଟିକୋଣ ରହିବ, ଆମେ ତାହା ଜାଣି ପାରୁ ନାହୁଁ ।*

ରାତ୍ରିଯାପନ କରିବା ସମ୍ଭବ ହେଉନି; ସତ ? ତୁମର ସେଠାରେ ଘର ନାହିଁ ?

*ଅ : ନା – ସେମାନଙ୍କ ପାଇଁ ଆମର ଘର ନାହିଁ ।*

ମାତ୍ର ସେମାନେ କେଉଁଠାରୁ ଆସନ୍ତି ? (ଶ୍ରୀଅରବିନ୍ଦ) ସୋସାଇଟି ସେମାନଙ୍କୁ ପଠାଇଥାଏ, ନା ସେମାନେ ସେମିତି ଆସି ପହଞ୍ଚି ଯାଆନ୍ତି ?

*ଅ : ସୋସାଇଟି କେତେକଙ୍କୁ ପଠାଇଥାଏ, ମାତ୍ର ସମସ୍ତଙ୍କୁ ନୁହେଁ । ସେମାନେ ଯେ କେଉଁଠାରୁ ଆସିଛନ୍ତି, ଆମେ ସବୁବେଳେ ତାହା ଜାଣି ନ ଥାଉ ।*

ଏହି କ୍ଷେତ୍ରରେ କିଛି ଅଧୀକ୍ଷଣ ରହିବା ଏକାନ୍ତ ଆବଶ୍ୟକ ।

*ଅ : କାରଣ, ଅନେକ ସମୟରେ ଏଥିରୁ ଭୁଲ୍‌ବୁଝାମଣା ସୃଷ୍ଟି ହୋଇଥାଏ, ଯେଉଁଗୁଡ଼ିକ କି ...*

'oaob.nitrkl.ac.in' images reprocessed

ତୁମର ସେଠାରେ ଗୋଟିଏ ଅଫିସ୍ ରହିବା ଦରକାର, ଅର୍ଥାତ୍, ସେଠାରେ କେହି ନା କେହି ସର୍ବଦା ଉପସ୍ଥିତ ରହିଥିବା ଦରକାର, ଯିଏକି ବାହାରୁ ଆସୁଥିବା ବ୍ୟକ୍ତିମାନଙ୍କୁ ଅଭ୍ୟର୍ଥନା କରି ଆଣିବେ, ସେମାନଙ୍କ ସହିତ କଥାବାର୍ତ୍ତା କରିବେ, ସେମାନଙ୍କୁ କିଏ ପଠାଇଛନ୍ତି ତାହା ଜାଣିବେ; ସେମାନେ କେଉଁଠାରୁ ଆସିଛନ୍ତି, କାହିଁକି ଆସିଛନ୍ତି, ସବୁକଥା ଜାଣିବେ । ସିଏ ଜଣେ ଭାରତୀୟ ହୋଇଥିବା ଉଚିତ । ଏହି ବ୍ୟବସ୍ଥା ଏକାନ୍ତ ଅପରିହାର୍ଯ୍ୟ, ଯିଏକି ଭାଷା ଜାଣିଥିବେ ...

*ଅ : କେତେକ ଭାରତୀୟ ଆସନ୍ତି ସତ, ମାତ୍ର ବହୁସଂଖ୍ୟକ ଇଉରୋପୀୟ ମଧ୍ୟ ଆସନ୍ତି । ଉଦାହରଣ ସ୍ୱରୂପ ଜର୍ମାନ୍ ଆସନ୍ତି, ଇଂରେଜ, ଆମେରିକାନ୍ ଓ ଫରାସୀ ପ୍ରଭୃତି ମଧ୍ୟ ଆସିଥାନ୍ତି । ସେମାନେ ହୁଏତ ସେଇଆଡ଼େ ବୁଲି ଆସିଥାନ୍ତି ଏବଂ ...*

ତେବେ ଜଣେ ଭାରତୀୟ ରହିବେ ଓ ଜଣେ ଇଉରୋପୀୟ ରହିବେ ଯିଏକି ଅନ୍ତତଃ ଫରାସୀ ଓ ଜର୍ମାନ୍ କହି ପାରୁଥିବେ । ସେ ଜର୍ମାନ୍ ଭାଷା କହି ପାରୁଥିଲେ ମଧ୍ୟ ଆହୁରି ଭଲ ହେବ । ମାତ୍ର ଏବେ, ଇଂରାଜୀ ଜାଣି ଥିଲେହିଁ ...

ସେଠାରେ ରାତିରେ ରହିବା ବିଷୟରେ ମୁଁ ରାଜୀ ହୋଇ ପାରୁ ନାହିଁ, କାରଣ, ସେମାନେ କିଭଳି ଲୋକ ହୋଇଥିବେ, କେଉଁ ମତଲବରେ ଆସିଥିବେ ଓ କ'ଣ ଚାହୁଁଥିବେ, ସେ ବିଷୟରେ ଆମେ କିଛି ଜାଣି ନ ଥିବା । ଯେଉଁମାନେ ଏକ ପରିଚୟ-ପତ୍ର ନେଇ ଆସିଥିବେ; ଯଦି କେହି ସେମାନଙ୍କୁ ଜାଣିଥିବେ ବା କେହି ସେମାନଙ୍କୁ ଆମ ପାଖକୁ ପଠାଇଥିବେ, ତେବେ ଅବଶ୍ୟ ଭିନ୍ନ କଥା ହେବ । ମାତ୍ର ଯେଉଁମାନେ ସେମିତି ଆସିଥିବେ, — ଆମେ ଏଠାରେ କାହିଁକି କ'ଣ କରୁଛୁ, ସେମାନଙ୍କୁ ସେକଥା ବୁଝାଇ କହିଦେବାକୁ କେହିଜଣେ ଅବଶ୍ୟ ଉପସ୍ଥିତ ରହିଥିବା ଆବଶ୍ୟକ । ଏହି ସ୍ଥାନ ଯେ କେବଳ ଏକ ନିଜ କୌତୂହଳକୁ ସନ୍ତୁଷ୍ଟ କରିବାର ବସ୍ତୁ ନୁହେଁ, ସେମାନଙ୍କୁ ତାହା କହି ଦିଆଯିବା ଉଚିତ ।

*ଅ : ମାଆ, କିନ୍ତୁ, ଉଦାହରଣ ସ୍ୱରୂପ, ଆମେ ଗୋଟିଏ ଉଦାହରଣ ନେଇ ବିଚାର କରିବା : ଯଦି କେହି ଆଗରୁ 'ଅଭୀପ୍ସା' କୁ ଆସିଥିବେ ଏବଂ ଆଉ କେଉଁଠାରେ କାର୍ଯ୍ୟ କରିବା ଲାଗି ଏଠାରୁ ଚାଲି ଯାଇଥିବେ ଏବଂ ଯଦି ସିଏ ପୁନର୍ବାର ମଝେ ମଝେ ଏଠାକୁ ଆସିବାକୁ ଇଚ୍ଛା କରିବେ, ତେବେ ଆମକୁ କେଉଁ ଦୃଷ୍ଟିକୋଣ ... ସେହି କ୍ଷେତ୍ରରେ ସିଏ ରାତ୍ରିଯାପନ କରି ପାରିବେ କି ?*

'oaob.nitrkl.ac.in' images reprocessed

ସିଏ ଉତ୍ତମ ବ୍ୟକ୍ତି ତ ?

*ଅ : ହଁ, ଉତ୍ତମ ବ୍ୟକ୍ତି ।*

ତେବେ କୌଣସି ଅସୁବିଧା ନାହିଁ । ତାହା ଏକ ସଂପୂର୍ଣ୍ଣ ଅଲଗା କଥା, ଏକ ଅଲଗା କଥା । ମୁଁ ଅପରିଚିତ ବ୍ୟକ୍ତିମାନଙ୍କ କଥା କହୁଛି, ଯେଉଁମାନଙ୍କୁ ଆମେ ଜାଣି ନ ଥିବୁ ଏବଂ ଯେଉଁମାନେ ସେମିତି ଆସି ପହଞ୍ଚି ଯାଉଥିବେ । ସେମାନଙ୍କୁ ଅଭ୍ୟର୍ଥନା କରିବା ଲାଗି କିଏ ରହିବେ ?

*ଅ : ଏହି ବିଷୟରେ ବସ୍ତୁତଃ ମୁଁ ମଧ୍ୟ କିଛି ଜାଣି ନାହିଁ । ଆମର ଏହି ବିଷୟରେ ନିଜ ଭିତରେ ଆଲୋଚନା ହେବା ଉଚିତ । ମୁଁ ନିଜେ କିଛି କହି ପାରୁ ନାହିଁ ।*

ହଁ, ତାହା ଖୁବ୍ ବେଶୀ ଆନନ୍ଦର ବିଷୟ ନ ହୋଇ ବି ପାରେ ।

*ଅ : ସବୁବେଳେ କଦାପି ହେବ ନାହିଁ ।*

ମାତ୍ର ତାହାର ଏକ ଉପଯୋଗିତା ଅବଶ୍ୟ ଥିବ, ଅବଶ୍ୟ ଅନେକ ଉପଯୋଗିତା ଥିବ । ବାସ୍, ଖଣ୍ଡେ ଟେବୁଲ୍ ଓ ଖଣ୍ଡେ ଚେଆର୍ ପଡ଼ିଥିବ – ସେମାନଙ୍କୁ ଭିତରକୁ ଡାକି ଆଣିବ ଓ କଥାବାର୍ତ୍ତା କରିବ । ଆବଶ୍ୟକ ହେଲେ ସେମାନେ ବସିବା ଲାଗି ଖଣ୍ଡେ ଷ୍ଟୁଲ୍ ବି ରହିଥିବ ।

*ଅ : ଆମେ ସେମାନଙ୍କୁ ପାନ କରିବାକୁ ମଧ୍ୟ କିଛି ଦେଇପାରିବା । ...*

(*ମାଆ ହସିଲେ*) ନାଇଁ, ନାଇଁ, ତାହା ଅତିବେଶୀ ହୋଇଯିବ ... ''ଆପଣ ଆମଠାରୁ କ'ଣ ଆଶା କରୁଛନ୍ତି, କିଏ ଆପଣଙ୍କ ଆଗରେ ଆମ ବିଷୟରେ କହିଲେ'' – ଇତ୍ୟାଦି, ଇତ୍ୟାଦି । ଏବଂ ଏହିସବୁ କଥାବାର୍ତ୍ତା କରୁଥିବା ବ୍ୟକ୍ତିଙ୍କଠାରେ କିଞ୍ଚିତ୍ ମନୋଗତ ଅନ୍ତର୍ଦୃଷ୍ଟି ମଧ୍ୟ ରହିଥିବା ଆବଶ୍ୟକ । ଲୋକମାନେ ପ୍ରକୃତରେ ନିଷ୍ଠାଯୁକ୍ତ ଏବଂ ରୁଚି-ଉଦ୍ଦୀପକ ବୋଲି ଯଦି ସିଏ ଦେଖିବାକୁ ପାଆନ୍ତି, ତେବେ ଖୁବ୍ ଭଲ କଥା : ମାତ୍ର ରାତ୍ରିଯାପନ କରିବା,– ସେଥିପାଇଁ ଅନୁମତି ନ ଦେବା ବରଂ ଅଧିକ ଯୁକ୍ତିଯୁକ୍ତ ହେବ ।

'oaob.nitrkl.ac.in' images reprocessed

*ଅ : ଅନ୍ୟପକ୍ଷରେ, ଯେଉଁ ବ୍ୟକ୍ତିମାନେ ସେଠାରେ ଭୋଜନ କରିବେ, ଆମେ ସେମାନଙ୍କୁ ପଇସା ମାଗିବୁ ବୋଲି ନିଷ୍ପତ୍ତି କରିଛୁ ।*

ହଁ, ସେମାନଙ୍କୁ ପଇସା ଦେବାକୁ କହିବ ।

*ଅ : ସେମାନଙ୍କଠାରୁ ପଇସା ମାଗିବା ଉଚିତ ହେବ ?*

ହଁ, ହଁ, ଉଚିତ ହେବ । ତୁମକୁ କେବଳ ଏକ ନିର୍ଦ୍ଦିଷ୍ଟ ଅର୍ଥପରିମାଣ ଠିକ୍ କରିଦେବାକୁ ପଡ଼ିବ । ରାନ୍ଧିବା କାର୍ଯ୍ୟ କିଏ କରୁଛି ?

*ଅ : ମାସକ ସକାଶେ ଲୋକଟିଏ ରହିଛି, ଜଣେ ତାମିଲ ଲୋକ ଯିଏକି ଫ୍ରାନସ୍‌ରେ ତା'ର ପନ୍ଦରବର୍ଷ ରହିଥିବା ସମୟରେ ରାନ୍ଧିବା ଶିଖି ଯାଇଥିଲା । ତାକୁ ସାହାଯ୍ୟ କରିବା ଲାଗି ଅନ୍ୟମାନେ ଅଛନ୍ତି, ମାତ୍ର ସିଏ ସ୍ଥାୟୀ ଭାବରେ ସେହି କାର୍ଯ୍ୟର ଦାୟିତ୍ୱରେ ରହିଛି ।*

(ପରିହାସ କରି) ତେବେ ତୁମେମାନେ ତ ଗୋଟିଏ ସାନ ରେସ୍ତୋରାଁ ମଧ୍ୟ ଖୋଲି ପାରିବ !

ତୁମେ 'ତ' ଙ୍କୁ ଜାଣିଛ ?

*ଅ : ହଁ, ଜାଣିଛି ।*

ବିଭିନ୍ନ ବସ୍ତୁ ବିକ୍ରୟ କରିବା ଲାଗି ତାଙ୍କର କ'ଣ ଦୋକାନଟିଏ ଅଛି ।

*ଅ : ହଁ, ଏକ ବିକ୍ରୟ-ଭଣ୍ଡାର ରହିଛି ।*

ହଁ, ଗୋଟିଏ ବିକ୍ରୟ-ଭଣ୍ଡାର । ମାତ୍ର ରାତିରେ ତାହାର ଦେଖାଶୁଣା କରିବାକୁ କେହି ନାହାନ୍ତି ଏବଂ ସେଥିଲାଗି ଚୋରି ମଧ୍ୟ ହେଲାଣି । ଏବଂ, ମୋତେ ବୋଧ ହେଉଛି, ତୁମର ସେଠାରେ ଲୋକ ଅଧିକ ଅଛନ୍ତି ଓ ରହିବା ଜାଗା କମ୍ ଅଛି । ତେଣୁ ମୁଁ ପ୍ରସ୍ତାବ

'oaob.nitrkl.ac.in' images reprocessed

କରୁଥିଲି ଯେ, ପ୍ରତ୍ୟେକ ମାସରେ ତୁମ ସେଠାରୁ ଜଣେ ବ୍ୟକ୍ତି ସେହି ଅନ୍ୟ ସ୍ଥାନଟିକୁ ରାତିରେ ଶୋଇବାକୁ ଯିବେ ଏବଂ ପୁଣି ସକାଳେ ଫେରି ଆସିବେ । ସେହି ସ୍ଥାନଟି ଅଧିକ ଦୂର ନ ହୋଇଥିଲେ ତାହା ହେବ ।

*ଅ : ତିନି କିଲୋମିଟରର ବାଟ ।*

*ଉ : ମାଆ, ତିନି କି ଚାରି କିଲୋମିଟର ।*

ତେବେ ଆଦୌ ଖୁବ୍‌ବେଶୀ ଦୂର ନୁହେଁ ।

*ଅ : ସାଇକେଲ୍‌ରେ ଗଲେ ମୋଟେ ଦୂର ନୁହେଁ ।*

ସାଇକେଲ୍‌ରେ — ତୁମମାନଙ୍କର ସାଇକେଲ ଅଛି ?

*ଅ : ଅଛି, ଅବଶ୍ୟ ଯଥେଷ୍ଟ ସଂଖ୍ୟାରେ ପ୍ରକୃତରେ ନାହିଁ । ଆମକୁ ଆଉକିଛି ସାଇକେଲ ରଖିବାକୁ ହେବ । ବର୍ତ୍ତମାନ ଯଥେଷ୍ଟ ସଂଖ୍ୟାରେ ସାଇକେଲ ନାହିଁ, ମାତ୍ର ଆଉ କେତୋଟି ଅବଶ୍ୟ ଯୋଗାଡ଼ ହୋଇ ପାରିବ ।*

ତେବେ, ତୁମ ଭିତରୁ କେହି ଜଣେ ରାତିରେ ସେଠାକୁ ଯିବେ, ରାତିରେ ସେଠାରେ ରହି ସକାଳେ ଫେରି ଆସିବେ । ରାତିରେ ତ (ଅଭୀପ୍ସାରେ) ସାଇକେଲର କୌଣସି ପ୍ରୟୋଜନ ନ ଥିବ । ମାତ୍ର, ତୁମେ ଯେତେବେଳେ 'କ' କୁ ଜାଣିଛ, ତେବେ ସିଏ ତୁମମାନଙ୍କ ମଧ୍ୟରୁ କାହାକୁ ଜଣକୁ ସାଙ୍ଗରେ ଡାକିନେଇ ସେଠାରେ ସବୁକଥା ଦେଖାଇ ଦେବେ ଓ ସବୁ ବୁଝାଇଦେବେ ।

*ଅ : ହେଉ ।*

ମୁଁ ଭାବୁଛି, ଏହାଦ୍ୱାରା ସମାଧାନ ହୋଇଯିବ । ସେଠାରେ କିପରି କ'ଣ ସବୁ ବ୍ୟବସ୍ଥା ଅଛି ମୋତେ ଜଣା ନାହିଁ । ତେଣୁ ମୁଁ କିଛି କହି ପାରୁ ନାହିଁ । ମାତ୍ର ମୁଁ ଆଶା କରୁଛି ଯେ ମୋଟେ ଅସୁବିଧା ହେବ ନାହିଁ ।

'oaob.nitrkl.ac.in' images reprocessed

*ଅ : କୋଡ଼ିଏ ବା ପଚିଶ ଜଣ ବ୍ୟକ୍ତି ରହି ପାରିବା ଭଳି ଗୋଟିଏ ବୃହତ୍ କୁଟୀର ତିଆରି କରିବା ବିଷୟରେ ଆପଣ କ'ଣ ଭାବୁଛନ୍ତି ? 'ଖ' ଙ୍କ ମନରେ ଏହିପରି ଏକ କଳ୍ପନାର ଉଦୟ ହୋଇଥିଲା ।*

ମୁଁ ଭାବୁଛି ଯେ, ପ୍ରତ୍ୟେକଙ୍କ ସକାଶେ ଯଥେଷ୍ଟ ସ୍ଥାନ ଯୋଗାଇ ଦେଇ ନ ପାରିବା ପର୍ଯ୍ୟନ୍ତ ଏପରି କରିବା ଅତ୍ୟନ୍ତ ଅପରିହାର୍ଯ୍ୟ । ଏହା ଅତିବେଶୀ ଆରାମଦାୟକ ହେବ ବୋଲି ଅବଶ୍ୟ ମୁଁ କଦାପି କହୁ ନାହିଁ, ମାତ୍ର ଏପରି ଏକ ବ୍ୟବସ୍ଥା କରିବା ଏକାନ୍ତ ଅପରିହାର୍ଯ୍ୟ ।

ସେହି ଅଳ୍ପବୟସ୍କ ପିଲାଟି,– ଯେଉଁ ତାମିଲ ପିଲାଟି ସେଠାକୁ ଆସୁଛି,– ତୁମେ ତାକୁ, ଇଂରାଜୀ ନା ଫରାସୀ, କେଉଁ ଭାଷା ଶିଖାଉଛ ?

*ଅ : ନାଇଁ, ବର୍ତ୍ତମାନ ପାଇଁ ତାକୁ ଆମେ କିଛି ଶିଖାଉ ନାହୁଁ ।*

ବିଚାରା ପିଲାଟି, ତେବେ ତା'କୁ ଖାଲି କାମରେ ...

*ଅ : ନାଇଁ, ଖାଲି କାମ କରାଉ ନାହୁଁ ।*

*ଗ : ମାଆ, ସେମାନେ ତା'କୁ ଖାଇବାକୁ ମଧ ଦେଉଛନ୍ତି ।*

*ଅ : କ୍ରମେ, ସେ ଅଧିକରୁ ଅଧିକ ଆସିବାକୁ ଆରମ୍ଭ କଲେ ଆମେ ଅବଶ୍ୟ କିଛି ବ୍ୟବସ୍ଥା କରିବୁ ଏବଂ ତା'କୁ ଫରାସୀ ଭାଷା ଶିଖାଇବୁ ।*

ତୁମେ ତା'କୁ ସେଠାକାର ଜୀବନ ସହିତ ସଂଶ୍ଳିଷ୍ଟ କରିନେବ ଏବଂ ତେବେ ତାହା ପ୍ରକୃତରେ ରୁଚି-ଉଦ୍ଦୀପକ ହୋଇପାରିବ । ଯେତେବେଳେ ପିଲାମାନେ ତୁମମାନଙ୍କୁ କଥା କହୁଥିବାର ଶୁଣନ୍ତି, ତୁମେମାନେ କ'ଣ ସବୁ କହୁଛ, ସେତେବେଳେ ସେମାନେ ତାହା ଜାଣିବା ପାଇଁ ଇଚ୍ଛା କରନ୍ତି ଓ ଏହିପରି ଭାବରେ ଭାଷାଟିକୁ ଶିଖି ନିଅନ୍ତି । ଭାରତୀୟମାନେ ଭାଷା ଶିଖିବାରେ ଅତ୍ୟନ୍ତ ନିପୁଣ । ସେମାନେ ଏକାବେଳେକେ ଚାରିପାଞ୍ଚଟା ଭାଷା ମଧ ଶିଖି ପାରନ୍ତି ଓ ଗୋଟିଏ ସହିତ ଆଉଗୋଟିକୁ କଦାପି ଗୋଳିଆମିଶା କରି ଦିଅନ୍ତି ନାହିଁ । ସେହି ସାନ ପିଲାଟି ନିଶ୍ଚୟ ଭଲ ଭାବରେ ଶିଖି ପାରିବ – ତାହା ଏକ ଭଲ କଥା ବି ହେବ ।

'oaob.nitrkl.ac.in' images reprocessed

*(ମାଆ ଦୀର୍ଘକାଳ ନୀରବ ରହିଲେ)*

ଆଚ୍ଛା, ତେବେ ଖୁବ୍ ଭଲ କଥା । ତେବେ ... ନମସ୍କାର ।

*

*୭ ଏପ୍ରିଲ୍ ୧୯୭୦*

କିଛି କହିବାକୁ ଅଛି ?

*(ମାଆ ଦୀର୍ଘକାଳ ନୀରବ ରହିଲେ)*

ତୁମେମାନେ ସଙ୍ଗଠନରେ କୌଣସି ପରିବର୍ତ୍ତନ କରିଛ କି ? କରିଛ ବୋଲି ମୋତେ କେହି କହୁଥିଲେ ।

*ଅ : ହଁ, ପରିବର୍ତ୍ତନ ହେବାକୁ ଯାଉଛି ।*

ତେବେ କିଛି ପରିବର୍ତ୍ତନ ହୋଇ ନାହିଁ ।

*ଅ : ନାଇଁ, ହେବାକୁ ଯାଉଛି ।*

*(ମାଆ ଦୀର୍ଘକାଳ ନୀରବ ରହିଲେ)*

ଯଦି କାହାର ଏକ 'ନୀରବତାର ସ୍ଥାନ' ଆବଶ୍ୟକ ଥିବ, ତେବେ ସିଏ ଅବଶ୍ୟ ଆସି ପାରିବ । ସେଥିରେ କୌଣସି କ୍ଷତି ନାହିଁ । ମଝିରେ ମଝିରେ ଥରେ ଅଧେ ଠାରୁ ଯେଉଁମାନଙ୍କର ଅଧିକ ଥର ସକାଶେ 'ନୀରବତାର ସ୍ଥାନ' ଯଦି ଆବଶ୍ୟକ ହେଉଥିବ, ତେବେ ସେମାନେ ଅବଶ୍ୟ ଆସି ପାରିବେ । ସେଥିରେ ଆଦୌ କୌଣସି କ୍ଷତି ହେବ ନାହିଁ । ସେମାନେ ସେହି ପଛ ପାଖରେ ଯାଇ ବସି ପାରିବେ ।

'oaob.nitrkl.ac.in' images reprocessed

ମୁଁ ସେହି ବ୍ୟବସ୍ଥାଗୁଡ଼ିକୁ ତୁମ ଉପରେହିଁ ଛାଡ଼ିଦେଉଛି ।

*(ମାଆ ନୀରବ ରହିଲେ)*

ନମସ୍କାର ।

*

*୧୪ ଏପ୍ରିଲ୍ ୧୯୭୦*

*ଗ : ('ଗ' ଙ୍କ ବିଷୟରେ) ମାଆ, ସିଏ ଜର୍ମାନୀର ଲୋକ । ସେଇ କ୍ଲଦ୍ ଦ ରବୋ-ପିଏର୍‌ଙ୍କ ପରି ବ୍ୟଙ୍ଗଚିତ୍ରଗୁଡ଼ିକୁ ଆଙ୍କନ୍ତି । ମାଆ, ସେଗୁଡ଼ିକୁ ସେ ଅଙ୍କନ କରନ୍ତି ।*

*('ଘ' ଙ୍କ ବିଷୟରେ) ମାଆ, ସିଏ ସଦ୍ୟ ଆସି ପହଞ୍ଚିଛନ୍ତି । ସିଏ ମିସ୍ତ୍ରିକାମ ଜାଣନ୍ତି ।*

ଆଚ୍ଛା !

*ଗ : ସିଏ ଫ୍ରାନସ୍‌ରୁ ଆସିଛନ୍ତି ଓ ମିସ୍ତ୍ରିକାମ ଜାଣିଛନ୍ତି । ବର୍ତ୍ତମାନ ପୁଣି କିଛିଦିନ ପାଇଁ ଚାଲିଯିବେ ଓ ନିଜ ସ୍ତ୍ରୀଙ୍କୁ ନେଇ ଫେରି ଆସିବେ ।*

ଏଠାରେ ତାଙ୍କ ପାଇଁ କାମ ରହିଛି ।

*(ମାଆ ଦୀର୍ଘକାଳ ନୀରବ ରହିଲେ)*

ସମ୍ପର୍କ ରକ୍ଷା କରିବା ନିମନ୍ତେ ମୁଁ ତୁମମାନଙ୍କୁ ପ୍ରତ୍ୟେକଙ୍କୁ କିଛି ସାମଗ୍ରୀ ରହିଥିବା ପ୍ୟାକେଟ୍‌ଟିଏ ଦେବି । ତୁମେମାନେ ଏସବୁ ପ୍ୟାକେଟ୍ ସହିତ ପରିଚିତ ଅଛ । ତୁମକୁ ଏହି ପ୍ୟାକେଟ୍‌ଗୁଡ଼ିକୁ ପାଖରେ ରଖିବାକୁ ପଡ଼ିବ ।

ସେମାନେ ସମସ୍ତେ ଫରାସୀ ଜାଣନ୍ତି ?

*ଗ : 'ଗ' ଜାଣି ନାହାନ୍ତି ।*

'oaob.nitrkl.ac.in' images reprocessed

(ଇଂରାଜୀରେ) ତୁମେ ଇଚ୍ଛା କଲେ ମୁଁ ଇଂରାଜୀ ମଧ୍ୟ କହିପାରିବି ।

*ର : ମାଆ, 'ଗ' ଆପଣଙ୍କ କଥା ବୁଝି ପାରନ୍ତି ନାହିଁ ।*
*ସିଏ ଜର୍ମାନୀର ଲୋକ । ମାତ୍ର ଇଂରାଜୀ ବୁଝିପାରନ୍ତି ।*

(*ଇଂରାଜୀରେ*) ଏଗୁଡ଼ିକ ଭିତରେ କେତେକ ଫୁଲପାଖୁଡ଼ା ରହିଛି । ମାତ୍ର ସେଗୁଡ଼ିକ ମଧ୍ୟରେ ଶକ୍ତି ଭରି ଦିଆଯାଇଛି । ତାହାକୁ ନିଜଠାରେ ବହନ କରୁଥିଲେ ମୋ' ସହିତ ତୁମମାନଙ୍କର ସଂପର୍କ ମଧ୍ୟ ସୁରକ୍ଷିତ ହୋଇ ରହିଥିବ । ତେଣୁ, ଆପଣାକୁ ପ୍ରତ୍ୟାହାର କରି ନେଇଥିବା ସମୟରେ ଯଦି ଭିତରେ କେବେ ଲୋଡ଼ିବାକୁ ଇଚ୍ଛା କରିବ... ଯଦି କେବେ ଇଚ୍ଛା କରିବ, ତେବେ ସେହି ସଂପର୍କର ପୁନଃପ୍ରତିଷ୍ଠା କରିପାରିବ, ଏପରିକି କୌଣସି କୌଣସି ପ୍ରଶ୍ନର ଉତ୍ତର ମଧ୍ୟ ପାଇଯିବ ।

ନିଅ ।

(*ମାଆ ନୀରବ ରହିଲେ*)

କାହାରି କୌଣସି ପ୍ରଶ୍ନ ନାହିଁ ? (*ଇଂରାଜୀରେ*) କିଛି ପ୍ରଶ୍ନ ନାହିଁ ?

(*ମାଆ ନୀରବ ରହିଲେ*)

*

*୨୧ ଏପ୍ରିଲ୍ ୧୯୭୦*

*ର : ('ଔ' ଙ୍କ ସମ୍ବନ୍ଧରେ, ଯିଏକି, ଅରୋଭିଲ୍‌ବାସୀମାନେ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ କିପରି ସମ୍ବନ୍ଧ ରଖିବେ, ସେହି କଥା ପଚାରି ମାଆଙ୍କ ପାଖକୁ ପତ୍ର ଲେଖିଥିଲେ) ଏଇ ହେଉଛନ୍ତି 'ଔ', ସେଇ ଆପଣଙ୍କୁ ପ୍ରଶ୍ନଗୁଡ଼ିକ ପଚାରିଥିଲେ ।*

ବୁଝିଲି । ତୁମ ପ୍ରଶ୍ନଗୁଡ଼ିକ ବିଷୟରେ ମୁଁ ଏତିକି କହିବି ଯେ ଶିକ୍ଷାହିଁ ହେଉଛି ସମ୍ବନ୍ଧ ସ୍ଥାପନର ସର୍ବୋତ୍ତମ ବାଟ । ତୁମେ ସେମାନଙ୍କୁ କଥା କହି କିଂବା ବକ୍ତୃତା ଦେଇ ଶିକ୍ଷା ଦେବ ନାହିଁ, ମାତ୍ର ଦୃଷ୍ଟାନ୍ତ ଦ୍ୱାରା ଶିକ୍ଷା ଦେବ । ଯଦି ତୁମେ ସେମାନଙ୍କୁ ତୁମମାନଙ୍କର ଜୀବନ ଏବଂ କାର୍ଯ୍ୟ ସହିତ ସମ୍ମିଳିତ ହେବା ଲାଗି ଶିକ୍ଷା ଦେଇ ପାରିବ ଏବଂ ଯଦି ସେମାନେ ତୁମମାନଙ୍କ ଜୀବନମାର୍ଗର ପ୍ରଭାବଟିକୁ ଗ୍ରହଣ କରି ପାରିବେ, ତୁମ ବୁଝିବାର

'oaob.nitrkl.ac.in' images reprocessed

ଧାରାଟି ଦ୍ୱାରା ପ୍ରଭାବିତ ହୋଇ ପାରିବେ, ତେବେ ସେମାନେ କ୍ରମେ ବଦଳିବେ । ଏବଂ ତା'ପରେ ସେମାନଙ୍କ ମନରେ ଯେତେବେଳେ ଉତ୍କଣ୍ଠା ଜାତ ହେବ ଓ ସେମାନେ ପ୍ରଶ୍ନ ପଚାରିବାକୁ ଆରମ୍ଭ କରିବେ, ତେବେ ସେମାନଙ୍କୁ ଉତ୍ତର ଦେବାର ଏବଂ, ତୁମେମାନେ ଯାହା ଜାଣିଛ, ସେମାନଙ୍କୁ ତାହା କହିବାର ସମୟ ଆସି ପହଞ୍ଚିବ ।

*ର : ଗ୍ରାମବାସୀମାନେ କିଛି ଭେଟି ପଠାଇଛନ୍ତି, ଆମେ ସେଗୁଡ଼ିକୁ ସାଙ୍ଗରେ ଆଣିଛୁ ।*

ଆଚ୍ଛା !

*ର : 'ଔ' ସେଗୁଡ଼ିକୁ ନେଇ ଆସିଥିଲେ । ସେଗୁଡ଼ିକୁ ସିଏ ଗ୍ରାମବାସୀମାନଙ୍କଠାରୁ ଆଣିଥିଲେ ।*

ଆଚ୍ଛା !

*ଔ : ଦୁଇଜଣ ବ୍ୟକ୍ତି ଏସବୁ ପଠାଇଛନ୍ତି ।*

ମୁଁ ଅଛି ବୋଲି ସେମାନେ ଜାଣନ୍ତି ?

*ଔ : ହଁ ମାଆ, ଜାଣନ୍ତି ! (ସମସ୍ତେ ହସିଲେ)*

ଦୁଇଜଣ ବ୍ୟକ୍ତି ?

*ଔ : ହଁ, ଦୁଇଜଣ ।*

ତେବେ ତୁମେ ସେମାନଙ୍କୁ ଏ ଦୁଇଟି ଜିନିଷ ନେଇ ଦେଇଦେବ । (*ମାଆ ଦୁଇଟି ଆଶୀର୍ବାଦ ପ୍ୟାକେଟ୍ ବଢ଼ାଇଦେଲେ*) ସେମାନଙ୍କୁ କହିବ, ଏସବୁକୁ ମାଆ ତୁମମାନଙ୍କ ପାଖକୁ ପଠାଇଛନ୍ତି । ଏବଂ ସେମାନଙ୍କୁ କହିବ : ଏଗୁଡ଼ିକୁ ନିଜ ପାଖରେ ରଖିଥିବେ, ତଦ୍ୱାରା ତୁମମାନଙ୍କୁ ଅନେକ ସାହାଯ୍ୟ ମିଳିବ ।

'oaob.nitrkl.ac.in' images reprocessed

ଆଉ ଅନ୍ୟ କେହି ଆସିଛନ୍ତି କି ?

*ର : ହଁ, 'ଡ' ଆସିଛନ୍ତି । ସିଏ ଜର୍ମାନୀର ଜଣେ ବାଳିକା ।*
*ସିଏ ମଧ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଛନ୍ତି ।*

ତୁମେ ଇଂରାଜୀ କହିପାର ? ତୁମେ ଡାକ୍ତର 'ଚ' ଙ୍କ ସହିତ କାର୍ଯ୍ୟ କରୁଛ ?

*ର : ହଁ ମାଆ, ଡାକ୍ତର 'ଚ' ଙ୍କ ସହିତ ।*

('ଅ' ଙ୍କୁ) ତୁମେ ଇଂରାଜୀ ବୁଝିପାର ?

*ଅ : ହଁ ।*

ତେବେ ମୁଁ ଇଂରାଜୀରେ କହୁଛି । କାରଣ ମୁଁ ଖବର ପାଇଛି ଯେ 'ଅଭୀପ୍ସା'ରେ ବହୁତ ସଂଖ୍ୟାରେ ବିରାଡ଼ି ଓ କୁକୁରମାନେ ଅଛନ୍ତି । ଏକଥା ସତ କି ? ତୁମେ ତ ଜାଣିଛ, ମୁଁ ବିରାଡ଼ି ଓ କୁକୁରଙ୍କୁ ଖରାପ ବୋଲି ଭାବେ ନାହିଁ । ଏକଦା ମୁଁ ମଧ୍ୟ କେତେକ ବିରାଡ଼ି ଓ କୁକୁର ରଖିଥିଲି । ମାତ୍ର ଏଠାରେ ଜଳବାୟୁ ଅନୁକୂଳ ନୁହେଁ । ଏଠାରେ ସେହି ପ୍ରାଣୀମାନଙ୍କ ଦ୍ୱାରା ସଂକ୍ରମିତ ହୋଇ ଆସୁଥିବା ରୋଗକୁ ଏଡ଼ି ରହିବା ଆଦୌ ସମ୍ଭବ ନୁହେଁ । ପୁଣି, ତୁମମାନଙ୍କର ବୁଝିବା ଉଚିତ, ଏହା ଅତ୍ୟନ୍ତ ବିପଜ୍ଜନକ ମଧ୍ୟ ହୋଇପାରେ । ତେଣୁ ତୁମକୁ ସେମାନଙ୍କୁ ମାରିଦେବାକୁ ପଡ଼ିବ । ତାହା କରିବା ମୋଟେ ପ୍ରୀତିକର ନୁହେଁ । ତେଣୁ ସେମାନଙ୍କର ସଂଖ୍ୟାକୁ ଯଥାସମ୍ଭବ ହ୍ରାସ କରି ଆଣିବାହିଁ ଅଧିକ ଉଚିତ ହେବ । କୁକୁର ରଖିବ ନାହିଁ ବୋଲି କହିବାକୁ ମୁଁ ବାଧ ହେଉଛି; ତଥାପି କେତେ ବ୍ୟକ୍ତି ସେମାନଙ୍କୁ ରଖୁଛନ୍ତି । ମାତ୍ର ସେମାନଙ୍କ ସହିତ ସମ୍ପର୍କ ରଖିବା କଦାପି ସୁଖକର ହେବ ନାହିଁ । ସେମାନେ ରୋଗର ବାହକ ହୋଇ ରହିଥାନ୍ତି । କେତେକ ବେଶ୍ ସାଂଘାତିକ ବେମାରି ଅଛି, କୁକୁର ଓ ବିରାଡ଼ିମାନେ ଯାହାର କି ବାହକ ହୋଇଥାନ୍ତି । ମୁଁ କୌଣସି ଅସୁନ୍ଦର ବର୍ଣ୍ଣନାମାନ ଦେବାକୁ ମୋଟେ ଇଚ୍ଛା କରୁ ନାହିଁ, ମାତ୍ର ... ଏହା ଆଦୌ ନିରାପଦ ନୁହେଁ ଏବଂ ଏଥିରୁ ନାନା ଅଶାନ୍ତି ସୃଷ୍ଟି ହେବାର ଭୟ ରହିଛି । ସେମାନେ କେଉଁ ରୋଗକୁ ବହନ କରି ଆଣନ୍ତି ଜାଣିଛ ? ସେହି ରୋଗ ଦୁଇଟି : ଗୋଟିଏ ପ୍ଲେଗ୍, ଅନ୍ୟଟି କୁଷ୍ଠ ।

'oaob.nitrkl.ac.in' images reprocessed

ସେମାନଙ୍କୁ କୌଣସି ବ୍ୟକ୍ତି ପାଳିଛନ୍ତି ନା ସେମାନେ ସମଗ୍ର ଗୋଷ୍ଠୀର ହୋଇ ରହିଛନ୍ତି ?

*ଅ : କେତେକ ସମଗ୍ର ଗୋଷ୍ଠୀର, ମାତ୍ର ଆଉ କେତେକଙ୍କୁ ବି ବିଭିନ୍ନ ବ୍ୟକ୍ତି ପାଳିଛନ୍ତି ।*

ଏମାନେ ସେମାନଙ୍କ ସହିତ କୁଟୀର ଭିତରେ ରହନ୍ତି ?

*ଅ : କେତେକ ରହନ୍ତି । (ମତପାର୍ଥକ୍ୟର ଗୁଞ୍ଜରଣ ଶୁଭିଲା; 'ଅ' ନିଜର କଥାକୁ ସଂଶୋଧିତ କରିନେଲେ ।) ନାଇଁ, ସେମାନେ ଆଉ କୁଟୀରଗୁଡ଼ିକ ଭିତରେ ବାସ କରୁ ନାହାନ୍ତି ।*

ସେମାନଙ୍କୁ ଭିତରେ ପଶିବାକୁ ଛାଡ଼ି ଦିଆ ଯାଉ ନାହିଁ ତ ?

*ଅ : ନାଇଁ, କୁଟୀର ଭିତରକୁ ଆସିବାକୁ ଦିଆ ଯାଉ ନାହିଁ । ତଥାପି ସେମାନେ ବସତି ଭିତରେ ରହିଛନ୍ତି । ଅନେକ ସମୟରେ ସେମାନେ ଆମର ଭୋଜନଶାଳାରେ ମଧ୍ୟ ବୁଲୁଥାନ୍ତି ।*

ପୁଣି ଏହି ପ୍ରାଣୀମାନଙ୍କର ଛୁଆ ବି ହୁଅନ୍ତି । (*ସମସ୍ତେ ହସିଲେ*) କେତେ ଯେ ଛୁଆ ହୁଅନ୍ତି, ତା'ର କୌଣସି ସୀମା ନାହିଁ । ଏବଂ ଛୁଆ ହେଲେ ଆମେ କ'ଣ କରି ପାରିବା ? ସମସ୍ତଙ୍କୁ ନେଇ ପାଣିରେ ପକାଇଦେବା ? ସେହି କାର୍ଯ୍ୟଟି ମଧ୍ୟ ମୋତେ ସୁଖକର ନୁହେଁ । ଏକଥା ସ୍ୱାଭାବିକ, ତୁମେମାନେ ହୁଏତ ସାଙ୍ଗେସାଙ୍ଗେ ଉତ୍ତର ଦେବ : ଆମେ ସେମାନଙ୍କ ପଛରେ ଗୋଡ଼ାଇ ସେମାନଙ୍କୁ ତଡ଼ିଦେଲେ ସେମାନେ ନିଶ୍ଚୟ ଆଉ କେଉଁଠାକୁ ପଳାଇଯିବେ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ମୁଁ ଏତିକି ଇଚ୍ଛା କରିବି ଯେ ଏହି ଜନ୍ତୁମାନଙ୍କୁ ଆଦୌ କୌଣସି ପ୍ରୋତ୍ସାହନ ଦିଆଯିବ ନାହିଁ । ଜାଣିଛ, କ୍ରମେ ବିରାଡ଼ି ଓ କୁକୁରଙ୍କର ସଂଖ୍ୟା ମଣିଷଙ୍କଠାରୁ ଅଧିକ ହୋଇଯିବ । ହଁ, ଅବସ୍ଥା ଠିକ୍ ଏହିପରି ହୋଇଥାଏ । ତା'ପରେ – ତୁମେମାନେ ଆଉଗୋଟିଏ ଭାରି ବଢ଼ିଆ କଥା ମଧ୍ୟ କରିପାରିବ । ବହୁତ, ବହୁତ ଦୂରରେ, ଆଦୌ କେହି ବାସ କରୁ ନ ଥିବା ଗୋଟିଏ ସ୍ଥାନରେ ତୁମେ ଏକ ସୁରକ୍ଷିତ କ୍ଷେତ୍ରରେ ସମସ୍ତଙ୍କୁ ନେଇ ଛାଡ଼ିଦେବ, ଯେପରିକି

'oaob.nitrkl.ac.in' images reprocessed

ସେମାନେ ଆଉ ସେଠାରୁ ବାହାରକୁ ବାହାରି ପାରିବେ ନାହିଁ । କ୍ରମେ ସେଠାରେ ମଧ୍ୟ ସେମାନଙ୍କୁ କିଛି ଖାଦ୍ୟପଦାର୍ଥ ମିଳିଯିବ । ଉଦାହରଣସ୍ୱରୂପ, ଘୋର ଜଙ୍ଗଲ ଭିତରେ – ସେପରି ଜଙ୍ଗଲ ଭାରତବର୍ଷରେ ଏବେ ମଧ୍ୟ ରହିଛି । ବିରାଡ଼ିମାନଙ୍କର କ୍ଷେତ୍ରରେ ତାହା କରିବା ଅତ୍ୟନ୍ତ ସହଜ । ବିରାଡ଼ି ଛୁଆ ଦେଇଥିବା ସମୟରେ ଯଦି ତୁମେ ଛୁଆମାନଙ୍କୁ ନେଇ ଅନ୍ୟ କେଉଁଠାରେ ଛାଡ଼ିଦେବ, ତେବେ ମାଆ ସେହି ଜାଗାକୁ ଛାଡ଼ି ଆଉ କଦାପି ଫେରି ଆସିବ ନାହିଁ, ସିଏ ମଧ୍ୟ ଛୁଆମାନଙ୍କ ସହିତ ରହିଯିବ । ତେଣୁ ସେହିପରି କୌଣସି ଦୂର ସ୍ଥାନ ଖୋଜି ବାହାର କରିବାକୁ ହେବ । ଏଭଳି ଜାଗାମାନ ଭାରତବର୍ଷରେ ଏବେ ମଧ୍ୟ ରହିଛି । ମାତ୍ର ସେହି ସ୍ଥାନ ଯେପରି ଅରୋଭିଲ୍‌ର ଜମି ମଧ୍ୟରେ ନ ହୁଏ !

ବସ୍ତୁତଃ, ମୁଁ ତୁମମାନଙ୍କୁ କେବଳ ଏତିକି କରିବାକୁ କହୁଛି ଯେ, ତୁମେମାନେ ସେମାନଙ୍କର ସଂଖ୍ୟାବୃଦ୍ଧି ହେବାକୁ ଆଦୌ ଦେବ ନାହିଁ । ତା' ନ ହେଲେ ଦିନେ ମୋ'ପାଖକୁ ଆସି ତୁମକୁ କହିବାକୁ ପଡ଼ିବ, "ଜୀବନ ବଡ଼ ଅସହ୍ୟ ହୋଇଗଲାଣି" ! (*ସମସ୍ତେ ହସିଲେ*) ତେଣୁ ମୁଁ ତୁମମାନଙ୍କୁ ସାବଧାନ କରି ଦେଉଛି ।

ଗାଆଁରେ ମଧ୍ୟ କୁକୁର ଓ ବିରାଡ଼ି ରହିଛନ୍ତି କି ?

*ଔ : ହଁ, କୁକୁର ଅନେକ ଅଛନ୍ତି । ମାତ୍ର ବିରାଡ଼ି, ଏତେ ଅଧିକ ସଂଖ୍ୟାରେ ନାହାନ୍ତି ।*

ତୁମେମାନେ ଅଳ୍ପ କେତେ କ୍ଷଣ ନୀରବତାରେ ରହିବାକୁ ଇଚ୍ଛା କରୁଛ କି ?

(*ମାଆ ଦୀର୍ଘକାଳ ନୀରବ ରହିଲେ*)

ତେବେ, ସମସ୍ତଙ୍କୁ ନମସ୍କାର !

*ସମସ୍ତେ : ନମସ୍କାର ।*

*

'oaob.nitrkl.ac.in' images reprocessed

*୨୮ ଏପ୍ରିଲ୍ ୧୯୭୦*

ନୂଆ କେଉଁମାନେ ଅଛନ୍ତି ?

> *ଗ : ନୂତନ ବ୍ୟକ୍ତିମାନେ ହେଉଛନ୍ତି : 'ଈ', ଆପଣ ତାଙ୍କୁ ଥରେ ତାଙ୍କ ଜନ୍ମଦିନରେ ଦେଖିଛନ୍ତି । 'ଛ', ତାଙ୍କୁ ଆପଣ ଜାଣିଛନ୍ତି, ତାଙ୍କୁ ପୂର୍ବରୁ ଏକାଧିକ ବାର ଦେଖିଛନ୍ତି । 'ଜ' ଆପଣଙ୍କ ପାଖକୁ ଅନେକ ସମୟରେ ଚିଠି ଲେଖିଛନ୍ତି; ସିଏ ଏକାଧିକ ଚିଠି ପଠାଇଛନ୍ତି, ତାଙ୍କ ଜନ୍ମଦିନକୁ ସେ ଏଠାକୁ ବି ଆସିଛନ୍ତି । 'ଝ' ଙ୍କୁ ଆପଣ ଚିହ୍ନି ନାହାନ୍ତି । ସିଏ ହେଉଛନ୍ତି ଜଣେ ମେକାନିକ୍, 'ଞ' ସହିତ୍ ସିଏ ମୋଟରଗାଡ଼ି ବିଭାଗରେ କାର୍ଯ୍ୟ କରନ୍ତି । 'ଟ' ଙ୍କର ବାପା, 'ଖ' । 'ଆ' ଯିଏ ଏଠାକୁ ପ୍ରତ୍ୟେକ ସପ୍ତାହରେ ଆସନ୍ତି । ଏବଂ ସର୍ବଶେଷରେ 'ଅ' । (ମାଆ ହସିଲେ)*

ତେବେ ବର୍ତ୍ତମାନ ଆମେ ନିଶ୍ଚଳ ହୋଇ ଟିକିଏ ବସିବା । ମୁଁ ଆଉଦିନେ ତୁମମାନଙ୍କ ସହିତ କଥାବାର୍ତ୍ତା ହେବି ।

ତାହା ହେବ ... । ତୁମେମାନେ ଆଶ୍ରମର ସାନ ସାନ ବ୍ରୁଚ୍* ଗୁଡ଼ିକୁ କେବେ ଦେଖିଛ ? ଏଥର ଅରୋଭିଲ୍ ପାଇଁ ମଧ୍ୟ ସେହିପରି ଗୋଟିଏ ବ୍ରୁଚ୍ ବ୍ୟବହାର କରାଯିବ । କାରଣ, ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେକି ଆସି ଅରାଭିଲ୍‌ର ଜମି ଉପରେ ବସତି ସ୍ଥାପନ କରି ରହୁଛନ୍ତି ଏବଂ କମିଟି ପାଖକୁ ଯାଇ ଦେଖା କରିବାକୁ ମନା କରି ଦେଉଛନ୍ତି । କହୁଛନ୍ତି, "ଅରୋଭିଲ୍ ହେଉଛି ଏକ ମୁକ୍ତ ଜାଗା !" ଏବଂ ସେମାନେ ସେଇଠାରେ ବସତିସ୍ଥାପନ କରି ରହି ଯାଉଛନ୍ତି । ମାତ୍ର ତଥାପି, ଯେଉଁମାନେ ଅରୋଭିଲ୍‌ବାସୀ ବୋଲି ସ୍ୱୀକୃତ ହୋଇଛନ୍ତି ଓ ଯେଉଁମାନେ ଅଧିକତର ପରିମାଣରେ ଗୋଟାଏ ଖିଆଲ ଦ୍ୱାରା ପ୍ରେରିତ ହୋଇ ଏଠାରେ ଅଛନ୍ତି, ଦୁହିଙ୍କୁ ପରସ୍ପରଠାରୁ ଅଲଗା କରି ଚିହ୍ନି ପାରିବାର ଅବଶ୍ୟ ଏକ ପ୍ରୟୋଜନ ରହିଛି । ତେଣୁ ସେହି ଦିଗରେ କିଛି ପ୍ରସ୍ତୁତି ହେଉଛି, ଅବଶ୍ୟ ଏବେ ମଧ୍ୟ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ପାରି ନାହିଁ । ମୁଁ ତୁମମାନଙ୍କୁ କେବଳ ଦେଖାଇ ଦେବାକୁ ଇଚ୍ଛା କରୁଥିଲି । (*ମାଆ ଟେବୁଲ୍ ଉପରୁ ଖଣ୍ଡେ କାଗଜ ନେଇ ହାତରେ ଧରିଲେ*) ।

ଏହା ପ୍ରାୟ ଏହି ଆକାରର ଗୋଟିଏ ସାନ ବ୍ରୁଚ୍ ହୋଇ ରହିବ । ଏହିପରି

* brooch — ବ୍ରୁଚ୍ — ପୋଷାକ ଉପରେ ସେଫ୍‌ଟି ପିନ୍ ଦ୍ୱାରା ଲଗାଯାଉଥିବା ବ୍ୟାଜ୍ ଭଳି ଜିନିଷ ।

'oaob.nitrkl.ac.in' images reprocessed

ଭାବରେ ହେବ । ବୃତ୍ତଟି ରୂପାରେ ତିଆରି ହେବ; ଏଠାରେ ତାରୋଟି ଯାକ ବିଭାବ ରହିବ ଓ ଶ୍ରୀଅରବିନ୍ଦଙ୍କର ବର୍ଗକ୍ଷେତ୍ର ଏବଂ ପଦ୍ମ ରହିବ । ଏବଂ ଏହାର ଚାରିପାଖରେ ''ଅରୋଭିଲ୍'' ବୋଲି ଲେଖାହୋଇ ରହିବ । ତୁମେ ଏଇଟିକୁ ନିଜର ବୋତାମରେ ପରିଧାନ କରିବ – ତୁମକୁ ସମସ୍ତେ ସ୍ୱୀକୃତ ଅରୋଭିଲ୍‌ବାସୀ ବୋଲି ଚିହ୍ନି ପାରିବେ । (*ମାଆ ଈଷତ୍ ହସିଲେ*) ।

(*ମାଆ ନୀରବ ରହିଲେ*)

ଆଚ୍ଛା, ତୁମମାନଙ୍କ ଲାଗି ଏକ ଭଲ ସପ୍ତାହ କାମନା କରୁଛି ।

*

*୨୬ ମଇ ୧୯୭୦*

କୌଣସି ପ୍ରଶ୍ନ ଅଛି ?

*ଅ : ହଁ ଅଛି । ବିଭିନ୍ନ ଧର୍ମ ବିଷୟରେ ଆପଣ ଆମକୁ ଯେଉଁ ପୁସ୍ତିକାଟି ଦେଇଥିଲେ, ତାହା ବିଷୟରେ କେତେକ ପ୍ରତିକ୍ରିୟା ପ୍ରକାଶ ପାଇଛି, ''ଆମର ଅନ୍ୱେଷଣ କୌଣସି ପ୍ରକାରର ଏକ ରହସ୍ୟବାଦୀ ମାର୍ଗର ଅନ୍ୱେଷଣ ହୋଇ ରହିବ ନାହିଁ,'' – * ଏହି ବାକ୍ୟଟି ବିଷୟରେ ନାନା ପ୍ରତିକ୍ରିୟା ହୋଇଛି ।*

ରହସ୍ୟବାଦୀ ମାର୍ଗ କହିଲେ କ'ଣ ବୁଝାଏ, ସେମାନେ କ'ଣ ସେକଥା ଜାଣି ନାହାନ୍ତି ?

*ଅ : ହୁଏତ ଜାଣି ନାହାନ୍ତି; ମାତ୍ର ଆମେ ସମ୍ଭବତଃ ଏହି ଅନ୍ୟ କଥାଟିକୁ ମଧ ଜାଣି ନାହୁଁ : ରହସ୍ୟବାଦୀ ମାର୍ଗ ଦ୍ୱାରା ନ ହେବ କାହିଁକି ? ମୋତେ ଏହି ପ୍ରଶ୍ନଟିକୁ କରାଯାଇଛି ?*

* ''ଆମର ଅନୁସନ୍ଧାନ କୌଣସି ରହସ୍ୟବାଦୀ ମାର୍ଗ ଦ୍ୱାରା ପ୍ରଭାବିତ ଏକ ଅନ୍ୱେଷଣ ହୋଇ ରହିବ ନାହିଁ । ଆମେ ଜୀବନ ଭିତରେହିଁ ଦିବ୍ୟ ପରମସତ୍ତାଙ୍କର ପରିଚୟ ଲାଭ କରିବାକୁ ଇଚ୍ଛା କରୁଛୁ । ଏବଂ, କେବଳ ସେହି ପରିଚୟଲାଭ ତଥା ଆବିଷ୍କାରର ମାଧ୍ୟମରେହିଁ ଜୀବନର ଯଥାର୍ଥ ରୂପାନ୍ତର ସମ୍ଭବ ହେବ ।''

'oaob.nitrkl.ac.in' images reprocessed

ରହସ୍ୟବାଦୀ ମାର୍ଗ କହିଲେ ମୁଁ ସେହିସବୁ ବ୍ୟକ୍ତିଙ୍କ ଦ୍ୱାରା ଅନୁସୃତ ମାର୍ଗଟିକୁ ବୁଝେ, ଯେଉଁମାନେ କି ନିଜକୁ ଜୀବନ ମଧ୍ୟରୁ ପ୍ରତ୍ୟାହୃତ କରି ନେଇଥାନ୍ତି,— ଏଠାରେ ମୁଁ ଯଦିଓ ମଠବାସୀମାନଙ୍କ ଭଳି ବ୍ୟକ୍ତିଙ୍କର କଥା କହୁଛି,— ସେମାନେ ମଠ ବା ଆଶ୍ରମ ଭିତରେ ନିଜକୁ ପ୍ରତ୍ୟାହୃତ କରି ରଖିଥାନ୍ତି । ଏହି ଦେଶରେ ଥିବା ସନ୍ନ୍ୟାସୀମାନେ ଯେପରି କରିଥାନ୍ତି, ଯେଉଁମାନେ କି ଆଧ୍ୟାତ୍ମିକ ଜୀବନର ଅଧିକାରୀ ହେବେ ବୋଲି ଜୀବନକୁ ପରିତ୍ୟାଗ କରନ୍ତି, ଦୁଇଟି ମଧ୍ୟରେ ଏକ ବିଭାଜନ ସୃଷ୍ଟି କରନ୍ତି ଓ "ଏଇଟି ନଚେତ୍ ସେଇଟି" ବୋଲି କହୁଥାନ୍ତି । ଆମେ କହୁଛୁ "ଏହା ଠିକ୍ ନୁହେଁ" ଏହି ଜୀବନ ଭିତରେ ଓ ଜୀବନକୁ ସଂପୂର୍ଣ୍ଣ ଭାବରେ ବଞ୍ଚିବା ଦ୍ୱାରାହିଁ ଆମେ ଆଧ୍ୟାତ୍ମିକ ଜୀବନକୁ ବଞ୍ଚି ପାରିବା, ଆମକୁ ସେହି ଆଧ୍ୟାତ୍ମିକ ଜୀବନକୁ ବଞ୍ଚିବାକୁହିଁ ପଡ଼ିବ । ସର୍ବୋଚ୍ଚ ଚେତନାକୁ ଏଠାକୁ ଏହି ଭୂମିକୁହିଁ ଆଣିବାକୁ ହେବ । ବିଶୁଦ୍ଧ ଭାବରେ ଜଡ଼ଗତ ଓ ଭୌତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ମନୁଷ୍ୟକୁ କଦାପି ସର୍ବଶେଷ ଜୀବଜାତି ବୋଲି କୁହା ଯିବ ନାହିଁ । ଯେମିତି ଇତର ପ୍ରାଣୀମାନଙ୍କ ପରେ ମନୁଷ୍ୟ ଆସିଲା, ସେହିପରି ଆଉଗୋଟିଏ ସତ୍ତା ମନୁଷ୍ୟ ପରେ ଅବଶ୍ୟ ଆସିବ । ଏବଂ, ପ୍ରକୃତରେ କେବଳ ସେହି ଗୋଟିଏ ପରମଚେତନାହିଁ ଅବସ୍ଥିତ ରହିଥିବାରୁ, ସେହି ଚେତନାହିଁ ମନୁଷ୍ୟଭୂମିର ଅଭିଜ୍ଞତା ଲାଭ କରି ସାରିବା ପରେ ପରବର୍ତ୍ତୀ ସୋପାନରେ ଏକ ଅତିମାନବ ସତ୍ତାର ଅଭିଜ୍ଞତା ଅବଶ୍ୟ ଲାଭ କରିବ । ଏବଂ ତେଣୁ, ଯଦି ଆମେ ପଳାଇଯିବା, ଯଦି ଜୀବନକୁ ଛାଡ଼ି ଚାଲିଯିବା, ଯଦି ଜୀବନକୁ ବର୍ଜନ କରିବା, ତେବେ ସେହି କାର୍ଯ୍ୟଟିକୁ କରିବାକୁ ଆମେ କଦାପି ପ୍ରସ୍ତୁତ ହୋଇ ପାରିବା ନାହିଁ ।

କିନ୍ତୁ, ଯଦି ତୁମେ ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥଗୁଡ଼ିକୁ ଅଧ୍ୟୟନ କରିଥା'ନ୍ତ, ତେବେ କଥାଟିକୁ ନିଶ୍ଚୟ ବୁଝି ପାରିଥା'ନ୍ତ, କଦାପି ଏହି ପ୍ରଶ୍ନଟିକୁ ପଚାରି ନ ଥାନ୍ତ । ଏପରି ହେଉଛି, କାରଣ ବୌଦ୍ଧିକ ଦୃଷ୍ଟିକୋଣରୁ ପ୍ରସ୍ତୁତିର ଏକ ଅଭାବ ରହିଛି । ଅଧ୍ୟୟନ ନ କରି ତୁମେ ସବୁକଥା ଜାଣିବାକୁ ଇଚ୍ଛା କରୁଛ ।

('ଅ' ଙ୍କୁ) ବର୍ତ୍ତମାନ ତୁମର ଆଉ କ'ଣ କହିବାକୁ ଅଛି ?

*ଅ : ନାହିଁ, ଆଉ କିଛି ନାହିଁ । ହଁ, ଯଦି ଆପଣ କିଛି ମନେ ନ କରନ୍ତି, ତେବେ ଆଉ କିଛି ଅବଶ୍ୟ ରହିଛି । 'ଜ' ଏହି ପତ୍ରଟିକୁ ଲେଖିଛନ୍ତି । ସେ ନିଜେ ମଧ୍ୟ ଏଠାରେ ଉପସ୍ଥିତ ଅଛନ୍ତି ଏବଂ ମୋତେ ପତ୍ରଟିକୁ ଆପଣଙ୍କ ଆଗରେ ପଢ଼ି ଦେବାକୁ କହିଛନ୍ତି ।*

'oaob.nitrkl.ac.in' images reprocessed

ଆଚ୍ଛା, ତେବେ ପଢ଼ ।

*ଅ : (ପାଠ କରିବାକୁ ଆରମ୍ଭ କଲେ) ''ବିଭିନ୍ନ ଧର୍ମ ସମ୍ବନ୍ଧରେ ଆପଣ ଯାହାସବୁ ଲେଖିଛନ୍ତି, ସେହି ବିଷୟରେ କହିବାକୁ ଗଲେ, ଆପଣଙ୍କ ଅଭିମୁଖରେ ଏକ ପ୍ରାର୍ଥନା ସମୁତ୍ଥିତ ହୋଇ ଉଠୁଛି । ଆମେ ସେହି ଦିବ୍ୟ ପରମସତ୍ୟର ଯାଚନା କରୁଛୁ, ଆମ ସତ୍ୟର ଯଥାର୍ଥ ସତ୍ୟଟି ଦ୍ୱାରା ପୂର୍ଣ୍ଣପ୍ରେରିତ ହୋଇ ସେହି ଯାଚନାଟିକୁ କରୁଛୁ । ଆମେ ଏତିକି ପ୍ରାର୍ଥନା କରୁଛୁ, ଯେପରି ଆମର ଯାବତୀୟ କର୍ମ କେବଳ ତାଙ୍କରି ସତ୍ୟକୁହିଁ ଅଭିବ୍ୟକ୍ତ କରି ଆଣିବ, ଯେପରି ଆମର ମନ ତଥା ହୃଦୟଗୁଡ଼ିକ କେବଳ ତାଙ୍କରି ସତ୍ୟ ଦ୍ୱାରାହିଁ ସଞ୍ଚାଳିତ ହେବ । ଯାହାକିଛି ଏବେ ମଧ୍ୟ ଅଚେତନ ରହିଛି, ଆମେ ସେଗୁଡ଼ିକୁ ଉପରକୁ ତାଙ୍କରି ସେହି ସତ୍ୟର ଆଲୋକକୁ ଆବାହନ କରୁଛୁ । ତାଙ୍କରି ସତ୍ୟର ସାହାଯ୍ୟରେହିଁ ସବୁକିଛି ଜାଣିବା ପାଇଁ ଇଚ୍ଛା କରୁଛୁ, ତାଙ୍କରି ସତ୍ୟର ମାଧ୍ୟମରେ ଯାବତୀୟ କର୍ମରେ ପ୍ରେରିତ ହେବାକୁ ଇଚ୍ଛା କରୁଛୁ ଏବଂ ସେହି ତାଙ୍କରି ସତ୍ୟର ବିସ୍ତାର ଭିତରେହିଁ ଯାହାକିଛି ହେବାକୁ ଇଚ୍ଛା କରୁଛୁ । ସର୍ବୋଚ୍ଚ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଏହାହିଁ ଅରୋଭିଲ୍‌ର ପ୍ରାର୍ଥନା । ଆପଣ ଆମ ଚେତନାର ବିଜୟିନୀ ଜନନୀରୂପେ ଅଧିଷ୍ଠିତା ହୋଇ ରହିଥା'ନ୍ତୁ ।''*

ଏଇଟିକୁ ନୋଟିସ୍ ବୋର୍ଡ୍‌ରେ ନେଇ ଲଗାଇ ଦିଆଯାଇ ପାରିବ । ଏହା ଖୁବ୍ ଭଲ ହୋଇଛି, ଖୁବ୍ ଭଲ ହୋଇଛି ।

(ତାଙ୍କର ଗୋଟିଏ ପ୍ରଶ୍ନ ପଚାରିବାକୁ ଅଛି ବୋଲି 'ଚ' ସୂଚନା ଦେଲେ ।) ତୁମେ କ'ଣ ପଚାରିବାକୁ ଇଚ୍ଛା କରୁଛ ?

*ଚ : ମାଆ, ମୋର ଗୋଟିଏ ପ୍ରଶ୍ନ ଅଛି । ଏକ ବାସ୍ତବତା ଉପରେ ଆଧାରିତ ପ୍ରଶ୍ନ ।*

ବାସ୍ତବତା ଉପରେ ଆଧାରିତ ?

*ଚ : ଏଣେ କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟର ଉପଲବ୍ଧି କରିବା ଲାଗି ଇଚ୍ଛା କରି ପାରୁଥିବ ଓ ତେଣେ ଯୁଗପଦ୍ ଭାବରେ ସମସ୍ତଙ୍କୁ ଭଲ ବି ପାଇ ପାରିବ –*

'oaob.nitrkl.ac.in' images reprocessed

*ଏହା ପ୍ରକୃତରେ ଭାରି କଷ୍ଟକର । ଯେତେବେଳେ ଆମେ ନିର୍ଦ୍ଦିଷ୍ଟ ଭାବରେ କିଛି ଇଚ୍ଛା କରୁଛୁ ଏବଂ ମନରେ ଏକ ନିର୍ଦ୍ଦିଷ୍ଟ ଫଳପ୍ରାପ୍ତିର ଭାବନା ରଖି କାର୍ଯ୍ୟ କରିବାକୁ ଚେଷ୍ଟା କରୁଛୁ, ସେତେବେଳେ ଆମେ ସଙ୍ଗେସଙ୍ଗେ ନିଜକୁ ସେଇଟି ସହିତ ରାଜୀ ହେଉ ନ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ନିଜକୁ ବିଛିନ୍ନ କରି ରଖୁଛୁ । ବାସ୍ତବ କ୍ଷେତ୍ରରେ ଦୁଇଟିଯାକକୁ କିପରି କରାଯାଇ ପାରିବ ?*

ଯେଉଁମାନେ ତୁମର ଅନୁରୂପ ହୋଇ ଭାବୁ ନାହାନ୍ତି, ତୁମେ ସେମାନଙ୍କଠାରୁ ନିଜକୁ ଛିନ୍ନ କରି ରଖୁଛ ?

*ଚ : ପ୍ରକୃତରେ ... ସର୍ବଦା ତାହାହିଁ କରୁଛି ...*

ମାତ୍ର, ତୁମେ ଯେପରି ଭାବୁଛ, ଆଉ ଜଣେ ହେଲେ ବ୍ୟକ୍ତି ଠିକ୍ ସେହିପରି କଦାପି ଭାବୁ ନାହାନ୍ତି !

*ଚ : ସେକଥା ଅବଶ୍ୟ ସତ ।*

ତେବେ ତୁମେ ଆଉ କିପରି ଭଲ ପାଇ ପାରିବ ?

*ଚ : ଯେ ପର୍ଯ୍ୟନ୍ତ ମୁଁ କୌଣସି ବସ୍ତୁର ଇଚ୍ଛା ନ ରଖୁଛି, ସେପର୍ଯ୍ୟନ୍ତ ସବୁ ଠିକ୍ ରହୁଛି ।*

ଆଚ୍ଛା !

*ଚ : ହଁ !*

*(ମାଆ ଦୁଇ ତିନି ମିନିଟ୍ କାଳ ନିଜକୁ ସଂକେନ୍ଦ୍ରିତ କରି ରଖିଲେ)*

ଏପରି ହେଉଛି, କାରଣ, ତୁମେ ଯେତେବେଳେ କିଛି ଇଚ୍ଛା କରୁଛ, ସେତେବେଳେ ତୁମର ଅହଂହିଁ ତାହାକୁ ଇଚ୍ଛା କରୁଛି । ତେଣୁ, ସେହି ଅହଂ ... ତାହାକୁ ଉପେକ୍ଷା କରି

'oaob.nitrkl.ac.in' images reprocessed

ଚାଲିଯାଇ ପାରିବା ଉଚିତ । ଏଥିପାଇଁ ତୁମେ ସର୍ବପ୍ରଥମେ ଏକଥା କରିବ ଯେ, ତୁମେ ନିଜ ସକାଶେ ଆଦୌ କିଛି କରିବ ନାହିଁ, ମାତ୍ର ସେହି ଦିବ୍ୟ ପରମସତ୍ତାଙ୍କର ନିର୍ଦ୍ଦେଶକୁ ପାଳନ କରି ସବୁକିଛି କାର୍ଯ୍ୟ କରୁଥିବ, ସେହି ଦିବ୍ୟ ପରମ ଇଚ୍ଛାକୁ ବ୍ୟକ୍ତ କରିବା ଲାଗି ଯାହାକିଛି କରିବ । ତୁମେ ନିଜ ପକ୍ଷରୁ ଆଦୌ କୌଣସି ଆଦେଶ ଦେବ ନାହିଁ । ଯେପର୍ଯ୍ୟନ୍ତ ଏହି କ୍ଷେତ୍ରରେ ଏକ ବ୍ୟକ୍ତିଗତ ଇଚ୍ଛା କିଂବା ବ୍ୟକ୍ତିଗତ ବାସନା ରହିଥିବ, ତେବେ ତାହାକୁ କଦାପି ଯଥାର୍ଥ ବୋଲି କୁହାଯିବ ନାହିଁ ଓ ତୁମେ କଦାପି ... ଏହା ଯେ କଦାପି ଯଥାର୍ଥ ହେବ ନାହିଁ ତା' ନୁହେଁ, ତୁମେ ଯଥାର୍ଥ ବସ୍ତୁଟିକୁ ଜାଣିବାରୁ ମଧ ବଞ୍ଚିତ ହୋଇ ରହିଥିବ ।

ତେଣୁ ସେପରି ଅବଶ୍ୟ ହେବା ଉଚିତ (*କୌଣସି ଏକ ପଦାର୍ଥକୁ ଜୋର୍ କରି ପ୍ରତ୍ୟାଖ୍ୟାନ କରିଦେବାର ଇଙ୍ଗିତ*) ... ତାହାକୁ ଅବଶ୍ୟ ବହିଷ୍କୃତ କରି ରଖିବାକୁ ପଡ଼ିବ ।

ସେହି କାରଣରୁହିଁ ଆମେ ଏକୁଟିଆ ପ୍ରକୃତରେ ଆଦୌ କିଛି ହେଲେ ନୋହୁ । ଜୀବନ କହିଲେ ତାହାହିଁ ବୁଝାଏ । ଆମେ ନିଜ ଲାଗି ଆଦୌ କୌଣସି କାର୍ଯ୍ୟ କରୁ ନାହିଁ । ଆମେ କୌଣସି ଏକ ବ୍ୟକ୍ତିଗତ ଇଚ୍ଛା ଦ୍ୱାରା ପ୍ରେରିତ ହୋଇ ଅଥବା ଏକ ବ୍ୟକ୍ତିଗତ ଫଳଲାଭ ପାଇଁ କୌଣସି କାର୍ଯ୍ୟ କରୁ ନାହିଁ । ଆମେ କେବଳ ସେହି ଦିବ୍ୟ ପରମ ଇଚ୍ଛାଙ୍କ ଦ୍ୱାରା ପ୍ରେରିତ ହୋଇ ଏବଂ ସେହି ପରମ ଇଚ୍ଛାର ପୂରଣ ଲାଗିହିଁ କାର୍ଯ୍ୟ କରୁ । ଏହା ପ୍ରକୃତରେ ଏପରି ଅଧିକ ପରିମାଣରେ ହୋଇଥାଏ ଯେ, ଆମେ ଆଦୌ କୌଣସି ବିଶେଷ ଚେଷ୍ଟା ନ କରି ଓ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେହିଁ ଆମର ଜଣେ ବାସ୍ତବ ଶତ୍ରୁ ଲାଗି ମଧ ସବୁଠାରୁ ଅଧିକ କୋମଳତା ଅନୁଭବ କରିବାକୁ ସମର୍ଥ ହେଉ । ତୁମେ ନିଜେ ଯେତେବେଳେ ସେହିପରି ଅନୁଭବ କରିବ, ତେବେ ତାହା ଅବଶ୍ୟ ବୁଝିପାରିବ । ସେଇଟିହିଁ ସମଗ୍ର ସୀମା,– ଏହି କ୍ଷେତ୍ରର ସମଗ୍ର ସୀମା ।

ଯେତେବେଳେ ନାନା ଦ୍ୱନ୍ଦ୍ୱ ଉତ୍ପନ୍ନ ହେବାକୁ ଲାଗେ,– ଏବଂ ତାହା ସର୍ବଦା ଆମ ସମସ୍ତଙ୍କ ଲାଗି ଉତ୍ପନ୍ନ ହେଉଥାଏ,– ସେତେବେଳେ ତତ୍‌କ୍ଷଣାତ୍ ମନେ ହୁଏ, ସତେ ଯେପରି ଆମେ ଆମ ନିଜ ଚର୍ମାବରଣଟି ମଧକୁ ଆପଣାକୁ ପ୍ରତ୍ୟାହୃତ କରି ନେଇଯିବାରେ ଲାଗିଛୁ । କାରଣ, ସେହି କ୍ଷେତ୍ରରେ ତାହାହିଁ ଘଟେ : ପ୍ରତ୍ୟେକ ବ୍ୟକ୍ତି ଆପଣାକୁ ତା'ନିଜ ଭିତରକୁ ପ୍ରତ୍ୟାହୃତ କରି ନେଇଯାଏ । ମାତ୍ର ପ୍ରକୃତ ଅସୁବିଧାଟି ହେଉଛି ଯେ, ଏପରିକି ଯେତେବେଳେ ଜଣେ ବ୍ୟକ୍ତିର ତା'ର ବ୍ୟକ୍ତିଗତ ଇଚ୍ଛା ବୋଲି ପ୍ରକୃତରେ ପ୍ରାୟ ଆଦୌ କିଛି ନ ଥାଏ, ଯଦି ସେତେବେଳେ ତୁମର ସପକ୍ଷରେ ଥିବା ଆଉଜଣେ ବ୍ୟକ୍ତି ତା'ର କୌଣସି ବ୍ୟକ୍ତିଗତ ଇଚ୍ଛାକୁ ପ୍ରକାଶ କରେ, ତେବେ ତାହା ଠିକ୍ ... ପ୍ରଥମତଃ, ତାହା ଏକ ପ୍ରତିକ୍ରିୟା ସୃଷ୍ଟି କରେ ଏବଂ ସେତେବେଳେ ମଧ, ଯଦି

'oaob.nitrkl.ac.in' images reprocessed

ତୁମର ସେଇଟି ସହିତ ଅଙ୍କବହୁତ ଏକ ସହମତି ରହିଥାଏ, ତେବେ ତୁମେ ସେହି ଇଚ୍ଛାଟିକୁ ସ୍ୱୀକାର କରିନିଅ, ଏବଂ ତାହାକୁ ଚତୁର୍ଦ୍ଦିଗରେ ପ୍ରତିଫଳିତ କରିବାକୁ ଆରମ୍ଭ କରିଦିଅ । ତେବେ, ତା'ପରେ ଯାହା ଘଟେ, ତାହାକୁ ତୁମେ ଦେଖିବାକୁ ସମର୍ଥ ହୁଅ । ଏବଂ, ଏହିପରି ଭାବରେ ସର୍ବଦା ଲାଗି ରହିଥାଏ । ପ୍ରଥମେ, ଜଣେ ବ୍ୟକ୍ତିର ଏକ ଇଚ୍ଛା ଜାତ ହୁଏ, ତା'ପରେ ଆଉଗୋଟିଏ ଜାତ ହୁଏ, – ଏବଂ ଏହିପରି ଅଛିଣ୍ଡା ହୋଇ ଲାଗି ରହିଥାଏ । ସେହି କଥା ସର୍ବତ୍ର ଘଟିବାରେ ଲାଗିଛି ଏବଂ ଯେଉଁ ଇଚ୍ଛାଟି ସବୁଠାରୁ ଅଧିକ ବଳବାନ୍, ସେଇଟି ବଳବତ୍ତର ରହୁଛି । ଏଥିରେ ପ୍ରକୃତରେ କୌଣସି ମୂଲ୍ୟ ନାହିଁ, କୌଣସି ମୂଲ୍ୟ ନାହିଁ ।

ଆମେ ଯେତେବେଳେ "ଆମେ ଦିବ୍ୟ ପରମସତ୍ତାଙ୍କରହିଁ କାର୍ଯ୍ୟ କରୁଛୁ" ବୋଲି କହୁ, ସେତେବେଳେ ତାହାକୁ କଦାପି କେବଳ କେତେଗୁଡ଼ିଏ ଶବ୍ଦ ବୋଲି ଗ୍ରହଣ କରିବ ନାହିଁ । ସେହି ପରମ ସତ୍ତାହିଁ ଆମ ମାଧ୍ୟମରେ କାର୍ଯ୍ୟ କରିବେ, ଆମେ ନିଜେ କିଛି କରିବା ନାହିଁ । ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଆପତ୍ତିଟି ହେଉଛି : ଆମେ ସେହି ଦିବ୍ୟ ପରମ ଇଚ୍ଛାକୁ ଜାଣିବା କିପରି ? ମାତ୍ର ମୁଁ ତୁମକୁ ବସ୍ତୁତଃ ଏହାହିଁ କହିବି : ଯଦି ତୁମେ ଆନ୍ତରିକତା ସହିତ ନିଜର ବ୍ୟକ୍ତିଗତ ଇଚ୍ଛାକୁ ତ୍ୟାଗ କରି ପାରିବ, ତେବେ ସେହି କଥାଟିକୁ ଅବଶ୍ୟ ଜାଣିବ ।

*ଚ : ହଁ, ତାହା ପରିଷ୍କାର ହୋଇଗଲା ।*

ହଁ, ଠିକ୍ ସେହି କଥା ।

(*ମାଆ ନୀରବ ରହିଲେ, ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ନିଜକୁ ଅଭିନିବେଶିତ କରି ରଖିଲେ । ଏପରି ପନ୍ଦର ମିନିଟ ସମୟ ଅତିବାହିତ ହୋଇଗଲା । ତା'ପରେ 'ଅ' ଙ୍କୁ କହିଲେ :*) ତେବେ ତୁମେ ସେମାନଙ୍କୁ ସେକଥା ବୁଝାଇଦେବ ।

ଆମେ ଜୀବନକୁ ବଦଳାଇବାକୁ ଚାହୁଁଛୁ – ଆମେ ଏହି ଜୀବନ ମଧ୍ୟରୁ ଆଉ କୁଆଡ଼େ ମୋଟେ ପଳାଇ ଯିବାକୁ ଚାହୁଁ ନାହୁଁ ... ଆଜିପର୍ଯ୍ୟନ୍ତ ଯେଉଁ ବ୍ୟକ୍ତିମାନେ, ସେମାନେ ଯାହାଙ୍କୁ ଈଶ୍ୱର ବୋଲି କହିଛନ୍ତି, ତା'ଙ୍କୁ ଜାଣିବା ଲାଗି କୌଣସି ପ୍ରୟାସ କରିଛନ୍ତି, ସେହି ଈଶ୍ୱରଙ୍କ ସହିତ ସମ୍ବନ୍ଧଯୁକ୍ତ ହେବାକୁ ଚେଷ୍ଟା କରିଛନ୍ତି, ସେମାନେ ସମସ୍ତେ ଜୀବନକୁ ବର୍ଜନ କରିଛନ୍ତି । ସେମାନେ କହିଛନ୍ତି, "ଜୀବନ ହେଉଛି ଏକ ବାଧା । ତେଣୁ ଆମେ ଏହି ଜୀବନକୁ ବର୍ଜନ କରିବା ।" ତେଣୁ ଏହି ଭାରତବର୍ଷରେ

'oaob.nitrkl.ac.in' images reprocessed

ଏଭଳି ସନ୍ନ୍ୟାସୀମାନେ ରହିଥିଲେ, ଯେଉଁମାନେ କି ସବୁକିଛି ତ୍ୟାଗ କରିଥିଲେ; ଇଉରୋପରେ ମଧ୍ୟ ମଠବାସୀ ଏବଂ ବୈରାଗୀମାନେ ରହିଥିଲେ । ହଁ, ସେମାନେ ଇଚ୍ଛା କଲେ ଅବଶ୍ୟ ପଳାଇଯାଇ ପାରିବେ; ଅବଶ୍ୟ ଏକଥା ମଧ୍ୟ ସତ ଯେ, ପୁନର୍ବାର ଶରୀର ଗ୍ରହଣ କରି ସେମାନଙ୍କୁ ସବୁ ସେହି ମୂଳରୁହିଁ ଆରମ୍ଭ କରିବାକୁ ପଡ଼ିବ । ମାତ୍ର, ଜୀବନ ଯେଉଁପରି ରହିଛି, ଠିକ୍ ସେହିପରି ହୋଇ ରହିଥିବ ।

*

*୨ ଜୁନ୍ ୧୯୭୦*

ଅରୋଭିଲ୍‌ର ଅଭୀପ୍ସା କ'ଣ ହେବା ଉଚିତ, ତାହାକୁ ସୂତ୍ରବଦ୍ଧ କରି ଲେଖିଦେବା ପାଇଁ ମୋତେ କୁହାଯାଇଛି । କାରଣ, ସେଠାରେ ଅତୀବ ସଦିଚ୍ଛା ବିଦ୍ୟମାନ ରହିଛି, ମାତ୍ର ତାହା ... ମାତ୍ର ତାହା ସୁସଙ୍ଗଠିତ ହୋଇ ପାରିଥିଲା ପରି ବୋଧ ହେଉ ନାହିଁ । ତେଣୁ ମୁଁ ଉତ୍ତର ଦେଇ କହିଲି : ସବୁଠାରୁ ଉତ୍ତମ କଥା ହେବ, ଅରୋଭିଲ୍ ପ୍ରକୃତରେ କ'ଣ ହେବାକୁ ଇଚ୍ଛା ରଖିଛି, ଆମେ ତାହାକୁ ସୂତ୍ରାକାରେ ସ୍ପଷ୍ଟ କରି ରଖିଦେବା । ତଦ୍ଵାରା ନିଶ୍ଚୟ କିଛି ସମନ୍ଵୟନ ଉପଲବ୍ଧ ହୋଇ ପାରିବ । ମାତ୍ର ଏହା ହେଉଛି ଏକ ଅତି ବଡ଼ କାର୍ଯ୍ୟ ।

ଆମେ ପ୍ରତ୍ୟେକ ଥର ଗୋଟିଏ ଅଭୀପ୍ସାକୁ ସୂତ୍ରବଦ୍ଧ କରି ରଖିବା, ଅଥବା, ତୁମେମାନେ ପ୍ରତିଥର ହୁଏତ ମୋ'ପାଖରେ ଗୋଟିଏ ପ୍ରଶ୍ନ ଆଣି ଉପସ୍ଥାପିତ କରିପାରିବ । ଏହିପରି ଭାବରେ ପ୍ରଶ୍ନଗୁଡ଼ିକ ବହୁସଂଖ୍ୟକ ହୋଇଯିବ ଏବଂ ତେବେ ମୁଁ ସଙ୍ଗେ ସଙ୍ଗେ ସେଗୁଡ଼ିକର ଉତ୍ତର ଦେବି ଅଥବା ତା' ପରବର୍ତ୍ତୀ ଥରକୁ ଉତ୍ତରଟିକୁ କହିଦେବି । ଅଥବା, ତା ନ' ହେଲେ, ଆମେ ସମସ୍ତେ ଏକତ୍ର ବସି ମଧ୍ୟ ଅରୋଭିଲ୍‌ର ଅଭୀପ୍ସାକୁ ଏକ ବ୍ୟକ୍ତ ରୂପ ପ୍ରଦାନ କରି ପାରିବା ।

*ଅ : ଏହି ଅଭୀପ୍ସା ପ୍ରକୃତରେ କ'ଣ, ଆପଣ ପୂର୍ବରୁ ତାହାର କୌଣସି ଦର୍ଶନ ଲାଭ କରିଛନ୍ତି କି ?*

ନିଶ୍ଚୟ, ନିଶ୍ଚୟ ଲାଭ କରିଛି । ମୁଁ ଯାହା ଇଚ୍ଛା କରୁଛି, ଅରୋଭିଲ୍ ଯାହା ହେଉ ବୋଲି ମୁଁ ଚାହୁଁଛି, ମୁଁ ଅବଶ୍ୟ ତାହା ଜାଣିଛି । ମାତ୍ର ଏହି କ୍ଷେତ୍ରରେ ଏକ ପ୍ରଭୂତ ବ୍ୟବଧାନ

'oaob.nitrkl.ac.in' images reprocessed

ରହିଛି ... ଆଉ କେତେ ବର୍ଷ ପରେ ଅରୋଭିଲ୍ ଯାହା ହେବ, ବର୍ତ୍ତମାନଠାରୁ ବହୁବର୍ଷ ପରେ ଯାହା ହେବ, ଏଇଟି ହେଉଛି ତାହାରି ଏକ ଚିତ୍ର ।

*ଅ : ମାତ୍ର, ଆମେ ଏହି ଭବିଷ୍ୟତର ଅରୋଭିଲ୍‌କୁ ଉପଲବ୍ଧି କରିପାରିବୁ ବୋଲି ଆପଣ ଭାବୁଛନ୍ତି କି ?*

ଆମକୁ ଏହିପରି ଭାବରେ ଅଗ୍ରସର ହେବାକୁ ହେବ : ତୁମେମାନେ ଏଠାକୁ ଯେତେ ଥର ଆସିବ, ମୁଁ ପ୍ରତ୍ୟେକ ଥର ତୁମମାନଙ୍କୁ ଅରୋଭିଲ୍‌ର ଅଭୀପ୍ସାରୁ ଗୋଟିଏ କରି ପ୍ରଦାନ କରୁଥିବି । ଏବଂ, ତା'ପରେ ସେଗୁଡ଼ିକୁ ଆମେ କ୍ରମାନ୍ୱୟରେ ସଜାଇ ରଖିବା । ଏବଂ, ପୂର୍ବ ଥର ମୁଁ ତୁମମାନଙ୍କୁ ଯାହା କହିଥିବି, ପରବର୍ତ୍ତୀ ଥରକୁ ତୁମେମାନେ ସେହି ବିଷୟରେ ଗୋଟିଏ ପ୍ରଶ୍ନ ବି ପଚାରି ପାରିବ । ଏଥିରେ ଅବଶ୍ୟ ଗୋଟିଏ କଥାର ଅସୁବିଧା ରହିଛି; ସବୁଥର ଯେ ସେହି ଏକା ବ୍ୟକ୍ତିମାନେ ଆସିବେ, ସେକଥା କେହି କହି ପାରିବ ନାହିଁ । ତୁମ ଭିତରୁ ତିନିଜଣ ସର୍ବଦା ଆସୁଛନ୍ତି । ତୁମକୁ ସେହି ଅବିଚ୍ଛିନ୍ନତାଟିକୁ ରକ୍ଷା କରିବାକୁ ପଡ଼ିବ ।

ଜଣେ ପ୍ରକୃତ ଅରୋଭିଲ୍‌ବାସୀ ହେବାକୁ ହେଲେ ତା'ର ପ୍ରକୃତରେ କ'ଣ ହେବା ଉଚିତ ? ତୁମେ ମୋତେ ଏହିପରି ପ୍ରଶ୍ନ ପଚାରିବ । ଜଣେ ପ୍ରକୃତ ଅରୋଭିଲ୍-ନିବାସୀ ହେବା ପାଇଁ କ'ଣ ହେବାକୁ ପଡ଼ିବ ? (*'ଅ'* କୁ) ତୁମର କୌଣସି ଧାରଣା ଅଛି କି ?

*ଅ : ମୁଁ ଭାବୁଛି, ପ୍ରକୃତରେ ଜଣେ ଅରୋଭିଲ୍-ନିବାସୀ ହେବାକୁ ହେଲେ ସର୍ବପ୍ରଥମ କଥା ହେଉଛି ଯେ, ଆପଣାକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ସର୍ବତୋଭାବେ ଉତ୍ସର୍ଗୀକୃତ କରି ରଖିବାର ଇଚ୍ଛା ରହିଥିବା ଦରକାର ।*

ତାହା ଏକ ଭଲ ଉତ୍ତର, ଏକ ଭଲ ଉତ୍ତର । ମାତ୍ର ସେପରି ବ୍ୟକ୍ତି ତ ବହୁସଂଖ୍ୟାରେ ଆଦୌ ନାହାନ୍ତି । (*'ଗ'* କୁ *ଉଦ୍ଦେଶ୍ୟ କରି*) ମୋତେ ଖଣ୍ଡେ କାଗଜ ଦିଅ । ଏହି କଥାଟିକୁ ମୁଁ ଏକ ନମ୍ବର ରୂପେ ଲେଖି ରଖିବି ।

(*ମାଆ ଲେଖିଲେ*) "ଜଣେ ପ୍ରକୃତ ଅରୋଭିଲ୍‌ନିବାସୀ ହେବାକୁ ହେଲେ ।" ମୁଁ ଇଚ୍ଛା କରି ଏହାକୁ ଗୋଟିଏ ଅଙ୍କରେ "୧" ବୋଲି ଲେଖିଲି ।

ବର୍ତ୍ତମାନ ଦୁଇ ନମ୍ବରଟି ବିଷୟରେ ଚିନ୍ତା କରାଯାଉ ।

'oaob.nitrkl.ac.in' images reprocessed

ଆଚରଣର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଉଦାହରଣ ସ୍ୱରୂପ, ଏହି ଜଗତର ନିତ୍ୟନୈମିତ୍ତିକ ପ୍ରସଙ୍ଗଗୁଡ଼ିକ ସହିତ ସମ୍ବନ୍ଧ ରଖି କହିଲେ : ଆମେ ନୈତିକ ଏବଂ ସାମାଜିକ ଯାବତୀୟ ପରମ୍ପରାରୁ ମୁକ୍ତ ହୋଇ ରହିବାକୁ ଚାହୁଁ । ମାତ୍ର ଠିକ୍ ସେହି କ୍ଷେତ୍ରରେହିଁ ଆମକୁ ଅତ୍ୟନ୍ତ ସାବଧାନ ହେବାକୁ ପଡ଼ିବ ! ଏହାର ଆଦୌ ଅର୍ଥ ନୁହେଁ ଯେ ଆମେ ଆହୁରି ନିମ୍ନକୁ ଯାଇ ଯଥେଚ୍ଛାଚାରରେ ଲିପ୍ତ ରହି ଏହି ସବୁଥିରୁ ମୁକ୍ତିଲାଭ କରିବାକୁ ମନ କରିବା, ଅନ୍ଧଭାବରେ ବାସନାଗୁଡ଼ିକର ପରିତୃପ୍ତି ସାଧନ କରି ତାହା କରିବା । ପରମ୍ପରାଗୁଡ଼ିକରୁ ଆହୁରି ଅଧିକ ଊର୍ଦ୍ଧ୍ୱକୁ ଉଠି ଓ ବାସନାଗୁଡ଼ିକର ବିଲୁପ୍ତିସାଧନ କରି ଏବଂ ନୈତିକ ବିଧାନଗୁଡ଼ିକ ସ୍ଥାନରେ ଦିବ୍ୟ ପରମସତ୍ତାଙ୍କର ନିର୍ଦ୍ଦେଶ ମାନିବାକୁହିଁ ବିକଳ୍ପରୂପେ ଗ୍ରହଣ କରି ଆମକୁ ଏହି ପରମ୍ପରାଗୁଡ଼ିକର କ୍ଷେତ୍ରଗୁଡ଼ିକରୁ ମୁକ୍ତ କରି ଆଣିବାକୁ ପଡ଼ିବ ।

*(ମାଆ ବର୍ତ୍ତମାନ ଯାହା କହିଲେ, ତାହାକୁ ସେ ଲେଖିଦେବେ ବୋଲି 'ର' ତାଙ୍କ ଆଡ଼କୁ ଟିପା ଖାତାଟିଏ ବଢ଼ାଇଦେଲେ ।)*

କଥାଟି ଆଦୌ ଏପରି ଏକ ଆକାରରେ ନାହିଁ, ଯାହାକୁ କି ଲେଖି ନିଆଯାଇ ପାରିବ ।

*ର : ହଁ ମାଆ, ଠିକ୍ କଥା ।*

ଆମେ ବର୍ତ୍ତମାନ ନୀରବ ରହିବା ।

*ର : ଗୋଟିଏ ପ୍ରଶ୍ନ ରହିଛି, ମାଆ !*

ପ୍ରଶ୍ନ ରହିଛି ?

*ର : ହଁ, ପ୍ରଶ୍ନଟିଏ ଅଛି ।*

ପ୍ରଶ୍ନଟିଏ ? କି ପ୍ରଶ୍ନ ? କାହାର ପ୍ରଶ୍ନ ଅଛି ?

*ର : ଏଠାରେ 'ଆ' ଉପସ୍ଥିତ ଅଛନ୍ତି, ସେ 'ଅଭୀପ୍ସା'ରେ ଜୁଡ଼ୋ ଶିକ୍ଷା ଦେଉଛନ୍ତି । ସିଏ ପଚାରୁଛନ୍ତି, ''ମାଆ, ସାଧାରଣତଃ ଅରୋଭିଲ୍‌ରେ କ୍ରୀଡ଼ା ଓ ଅନ୍ୟ*

'oaob.nitrkl.ac.in' images reprocessed

*ଯେକୌଣସି ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମ ଏତେ କଷ୍ଟକର ହୋଇ ପଡୁଛି କାହିଁକି ? ଏବଂ, 'ଅଭୀପ୍ସା'ରେ ତାହା ବିଶେଷ ଭାବରେ କାହିଁକି କଷ୍ଟକର ହେଉଛି ?''*

କଷ୍ଟକର ହେଉଛି ? କାହିଁକି କଷ୍ଟକର ହେଉଛି ?

*ଆ : ମାଆ, କ୍ରୀଡ଼ା ବା ଅନ୍ୟ ଯେକୌଣସି ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମକୁ ତ ଆମେ ଆରମ୍ଭ କରି ଦେଉଛୁ, ମାତ୍ର ତାହାକୁ ସ୍ଥାୟୀ ଭାବରେ ଅବିଚ୍ଛିନ୍ନ କରି ଚଳାଇବା କଷ୍ଟକର ହେଉଛି । କାହିଁକି ଏପରି ହେଉଛି ବୋଲି ମୁଁ ଆପଣଙ୍କୁ ପଚାରୁଛି ।*

ତୁମ ପାଖରେ କ'ଣ ଶିକ୍ଷାର୍ଥୀ ହେଉ ନାହାନ୍ତି ?

*ଆ : ଆମେ ଜୁଡ଼ୋ ଶିକ୍ଷାର କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ଦୁଇମାସ ପୂର୍ବେ ଆମେ ଏହି କାର୍ଯ୍ୟକ୍ରମରେ ଆଠଜଣ ଥିଲୁ, ମାତ୍ର ବର୍ତ୍ତମାନ ଦୁଇ କି ତିନିଜଣ ଅଛୁ । ଅନ୍ୟ ଅନେକ କାର୍ଯ୍ୟକ୍ରମର ମଧ ଠିକ୍ ସେହିପରି ଦଶା ହୋଇଛି ।*

ସେମାନେ ଏଥିପାଇଁ କେଉଁ କାରଣମାନ ଦେଉଛନ୍ତି ? ଏହା ଆଳସ୍ୟ, ନିଷ୍କ୍ରିୟତା ନା ସେମାନେ ନିଜକୁ ଅନ୍ୟମାନଙ୍କଠାରୁ ଅଧିକ ଯୋଗ୍ୟ ବୋଲି ଅନୁଭବ କରୁଛନ୍ତି ?

*ଆ : ମାଆ, ମୁଁ ସେକଥା ଜାଣି ନାହିଁ ।*

ଆଳସ୍ୟ ହେଉଛି କାରଣ । ତୁମକୁ ଧୀରେ ଧୀରେ ଆରମ୍ଭ କରିବାକୁ ହେବ, ଏବଂ ଶରୀର ସେଥିରେ ଅଭ୍ୟସ୍ତ ହୋଇଆସିବା ସଙ୍ଗେ ସଙ୍ଗେ କ୍ରମେ ତାହାକୁ ସଙ୍ଗଠିତ କରି ଆଣିବ । ଯଦି, ସେମାନେ ନିଜକୁ ଅନ୍ୟମାନଙ୍କଠାରୁ ଅଧିକ ଯୋଗ୍ୟ ମନେ କରୁଛନ୍ତି ବୋଲି ଏପରି ହେଉଥାଏ,ତେବେ ତାହାକୁ ପ୍ରକୃତରେ ଏକ ଚିନ୍ତାଜନକ ବ୍ୟାଧି ବୋଲି କୁହାଯିବ । (*ମାଆ ହସିଲେ*) ସେହି ବ୍ୟାଧିର ଆରୋଗ୍ୟ ଅତ୍ୟାବଶ୍ୟକ ।

ଆମକୁ ଯେ ଗୋଟିଏ ଶରୀର ଦିଆଯାଇଛି, ଆମେ ତାହାକୁ କଦାପି ବର୍ଜନ କରିବା ନାହିଁ, ମାତ୍ର ତାହାକୁ ଅଧିକ ସମର୍ଥ କୌଣସି ବସ୍ତୁରେ ପରିଣତ କରିବାକୁ ଚେଷ୍ଟା

'oaob.nitrkl.ac.in' images reprocessed

କରିବା । ଏବଂ ତାହାହିଁ ପ୍ରକୃତରେ ଅରୋଭିଲ୍‌ର ଗୋଟିଏ ଲକ୍ଷ୍ୟ ବୋଲି ଗ୍ରହଣ କରା ଯାଇଛି । ମନୁଷ୍ୟର ଏହି ଶରୀରର ଉନ୍ନତିବିଧାନ କରିବାକୁ ପଡ଼ିବ, ତାହାକୁ ପୂର୍ଣ୍ଣଭାବରେ ଦୋଷମୁକ୍ତ କରି ଗଢ଼ିବାକୁ ପଡ଼ିବ । ଏହା ଏକ ଅତିମାନବୀୟ ଶରୀରରେ ପରିଣତ ହେବ, ଯେପରିକି ତାହା ମନୁଷ୍ୟଠାରୁ ଏକ ଉଚ୍ଚତର ସତ୍ତାକୁ ଅଭିବ୍ୟକ୍ତ କରି ଆଣିପାରିବ । ଏବଂ, ଯଦି ଆମେ ଶରୀରକୁ ଏହିପରି ଭାବରେ ଅବହେଳା କରିବାରେ ଲାଗିଥିବା, ତେବେ ତାହା କଦାପି ସମ୍ଭବ ହେବ ନାହିଁ । ଏକ ସନ୍ଦୀପିତ ଶରୀର-କର୍ଷଣ ଦ୍ୱାରା ତାହା ହୋଇପାରିବ; ଏବଂ, ଆମର ଶାରୀରିକ କ୍ରିୟାତ୍ମକତାଗୁଡ଼ିକୁ — ଶରୀରର ନାନା କାର୍ଯ୍ୟକୁ — ଆମେ ଆମର ବ୍ୟକ୍ତିଗତ କ୍ଷୁଦ୍ର ଆବଶ୍ୟକତା ଏବଂ ପରିତୃପ୍ତିଲାଭ ନିମନ୍ତେ ବ୍ୟବହାର ନ କରି ଶରୀରକୁ ଏକ ଉଚ୍ଚତର ସୌନ୍ଦର୍ଯ୍ୟ ତଥା ଚେତନାର ଅଭିବ୍ୟକ୍ତି ଘଟାଇବାରେ ସମର୍ଥ କରି ଆଣିବାରେ ବ୍ୟବହାର କରିବା । ଏବଂ ସେହି ସକାଶେ ଶାରୀରିକ ଶିକ୍ଷାର ସବୁବେଳେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି ଏବଂ ତାହାକୁ ଅବଶ୍ୟ ସେହି ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦେବାକୁ ପଡ଼ିବ ।

ତା'ପରେ, ''ସେମାନେ କାହିଁକି ଏପରି ହେଉଛନ୍ତି ?''— ଏହି ପ୍ରଶ୍ନଟି, ମୋତେ ସମସ୍ତେ ଆସି କହୁଛନ୍ତି, ''ସେମାନେ ହେଉଛନ୍ତି ଏପରି, ସେମାନେ ହେଉଛନ୍ତି ସେପରି, ସେମାନେ କାହିଁକି ସେପରି ହେଉଛନ୍ତି କହିଲେ ?'' ପ୍ରତ୍ୟେକ କ୍ଷେତ୍ରରେ ମୋତେ ଏହିପରି ପ୍ରଶ୍ନମାନ ପଚରା ଯାଉଛି । ଏବଂ ଠିକ୍ ସେହି କାରଣରୁହିଁ ମୁଁ ଆଗରୁ ଯାହା କହୁଥିଲି, ତାହା ପ୍ରକୃତରେ କରିବି ବୋଲି ଚିନ୍ତା କରିଥିଲି : ଅରୋଭିଲ୍‌ର ଯଥାର୍ଥ ଅଭୀପ୍ସାଟିକୁ ସୂତ୍ରବଦ୍ଧ କରି ଲେଖିଦେବି ।

ଏବଂ ଏକ ସନ୍ଦୀପିତ ମନୋଭାବ ସହିତ ଶରୀର ଏହି କର୍ଷଣକୁ କରିବାକୁହିଁ ପଡ଼ିବ; ଆପଣା ଖିଆଲ ଦ୍ୱାରା ପ୍ରେରିତ ହୋଇ କ'ଣ ମନ କ'ଣ କରି ପାରିବାକୁ ଅଥବା ସମସ୍ତଙ୍କୁ ଚକିତ କରି ଦେବା ପାଇଁ କ'ଣ ସବୁ ଅଦ୍ଭୁତ କାର୍ଯ୍ୟ କରିବା ସକାଶେ ନୁହେଁ, — ମାତ୍ର ଶରୀର ଏକ ଉଚ୍ଚତର ଚେତନାକୁ ବ୍ୟକ୍ତ କରିବା ନିମନ୍ତେ ଯେପରି ଉପଯୁକ୍ତ ଭାବରେ ବଳବାନ୍ ଏବଂ ନମନୀୟ ହୋଇ ପାରିବ, ତାହାକୁ ସେହି ସମ୍ଭାବନା ଆଣି ଯୋଗାଇ ଦେବାକୁହିଁ ଶରୀରର କର୍ଷଣ କରିବାକୁ ହେବ ।

ଦୀର୍ଘ ତାଲିକାଟି ଭିତରେ ତାହା ଏକ ଅଂଶ ହୋଇ ରହିବ ।

ସେମାନଙ୍କୁ ଏହି ବିଷୟରେ କିଛି ବୁଝାଇ କହିଦେବାର ଆବଶ୍ୟକତା ରହିଛି ।... ସେମାନେ ପ୍ରତ୍ୟେକେ ଏକ ଅଭୀପ୍ସା ନେଇ ଏଠାକୁ ଆସିଛନ୍ତି, ଏହି ଧାରଣା ନେଇ ଏଠାକୁ ଆସିଛନ୍ତି ଯେ, ଏଠାରେ ସେମାନେ କିଛି ନୂତନ ବସ୍ତୁ ଲାଭ କରିବେ; ମାତ୍ର ତାହା ସେମାନଙ୍କ ଆଗରେ ତଥାପି ଖୁବ୍ ସ୍ପଷ୍ଟ ହୋଇ ପାରି ନାହିଁ । ତେଣୁ ସେମାନଙ୍କୁ

'oaob.nitrkl.ac.in' images reprocessed

ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିବାକୁ ହେବ; ସେମାନଙ୍କର ସକଳ ଅଭୀପ୍ସା ଯେପରି ନିଜ ନିଜର ସମୁଚିତ ସ୍ଥାନ ତଥା ଅଭିବ୍ୟକ୍ତି ଲାଭ କରି ପାରିବେ, ସେଥିଲାଗି ସେମାନଙ୍କୁ ଯଥେଷ୍ଟ ପରିମାଣରେ ଏକ ସମଗ୍ର ଚିତ୍ର ଦେବାକୁ ପଡ଼ିବ । ଆମକୁ ସେକଥା ଅବଶ୍ୟ କରିବାକୁ ହେବ । ଆମେ ପରସ୍ପରକୁ ସପ୍ତାହରେ ଥରେ ଲେଖାଏଁ ଭେଟୁଛୁ । ଆମେ ଏହି କାର୍ଯ୍ୟଟିକୁ ମଧ୍ୟ ଅଳ୍ପ ଅଳ୍ପ କରି କରିବା ।

(*'ଆ' କୁ ଉଦ୍ଦେଶ୍ୟ କରି*) ତୁମକୁହିଁ ସେମାନଙ୍କ ଆଗରେ ଏସବୁ କଥା କହିବାକୁ ପଡ଼ିବ । ମାତ୍ର ମୁଁ ବର୍ତ୍ତମାନ ଠିକ୍ ସେହି କଥା କହିଲି । ସେମାନଙ୍କୁ ଏକଥା ଅବଶ୍ୟ କହିହେବ, ତୁମେ ସେମାନଙ୍କୁ କହି ପାରିବ : ଶରୀର ଯେପରି ତା'ର ନୂତନ କାର୍ଯ୍ୟଗୁଡ଼ିକ ପାଇଁ ଯୋଗ୍ୟ ହୋଇ ପାରିବ, ତାହାକୁ ସେଥିଲାଗି ପ୍ରସ୍ତୁତ କରିବା ସକାଶେ ଶରୀର-କର୍ଷଣର ଏକ ମହତ୍ତ୍ୱ ମଧ୍ୟ ରହିଛି । ବୁଝିଲ ? (*ମାଆ ହସିଲେ*)

(*ତା'ପରେ ପନ୍ଦର ମିନିଟ ସକାଶେ ଧ୍ୟାନ ହେଲା । ତା'ପରେ ମାଆ "ଜଣେ ପ୍ରକୃତ ଅରୋଭିଲ୍‌ନିବାସୀ ହେବା ଲାଗି" ବିଷୟଟିକୁ ଲେଖିଥିବା ଖାତାଟିକୁ ପୁନର୍ବାର ହାତକୁ ନେଲେ, "ଦୀର୍ଘ ତାଲିକା"ର ପ୍ରଥମ ପ୍ରକରଣଟି ସମ୍ବନ୍ଧରେ ଚର୍ଚ୍ଚା କରି କହିଲେ :*) ଏଠାରେ ମୁଁ ଦ୍ୱିତୀୟ ପ୍ରକରଣଟିକୁ ମଧ୍ୟ ଲେଖି ଦେଇଛି : "ଜଣେ ଅରୋଭିଲ୍‌ବାସୀର ଆପଣା ବାସନାଗୁଡିକର ଦାସ ହୋଇ ରହିବା ଲାଗି ଆଦୌ କୌଣସି ଇଚ୍ଛା ରହିବ ନାହିଁ ।" ଏହା ହେଉଛି ଗୋଟିଏ ମୁଖ୍ୟ ସଂକଳ୍ପ ।

*

୯ ଜୁନ୍ ୧୯୭୦

(*'ଅ' କୁ ଉଦ୍ଦେଶ୍ୟ କରି*) ମୁଁ ତୁମପାଖକୁ କିଛି କାମ ପଠାଇ ଦେଇଛି । (*ମାଆ ତାଙ୍କୁ "ଜଣେ ପ୍ରକୃତ ଅରୋଭିଲ୍-ନିବାସୀ ହେବା ଲାଗି" ବିଷୟଟିକୁ ପଢ଼ିବା ଲାଗି କହିଲେ ।*)

ତେବେ ବର୍ତ୍ତମାନ ତୁମେ କ'ଣ କରିବାକୁ ଅଧିକ ଇଚ୍ଛା କରିବ : ପ୍ରଥମେ ନୀରବରେ ବସି ତା'ପରେ ସେଇଟିକୁ କରିବ ନା ପ୍ରଥମେ ସେଇଟିକୁ କରିସାରି ତା'ପରେ ନୀରବରେ ବସିବ ? ଏଇଟି ଲିଖିତ ଆକାରରେ ରହିଛି : ଜଣେ ଅରୋଭିଲ୍-ନିବାସୀଙ୍କୁ କ'ଣ ହେବାକୁ ପଡ଼ିବ । ଏହା ସହଜ ନୁହେଁ ।

*ଅ : ଆମେ ପରେ ନୀରବରେ ବସିବା ।*

'oaob.nitrkl.ac.in' images reprocessed

('ଅ' ଙ୍କ ଆଡ଼କୁ ଲେଖାଟିକୁ ବଢ଼ାଇଦେଇ) ତୁମେ ପଢ଼ । ଦେଖି ପାରୁଥିବା ଭଳି ଯଥେଷ୍ଟ ଆଲୋକ ଅଛି ତ ?

*ଅ : ହଁ, ଅଛି । (କ "ଜଣେ ପ୍ରକୃତ ଅରୋଭିଲ୍‌-ନିବାସୀ ହେବାକୁ ହେଲେ" ଲେଖାଟିକୁ ପଢ଼ିଲେ ।)*

ଆମେ ଏଇଟିକୁ ପରବର୍ତ୍ତୀ ଥରମାନଙ୍କରେ ମଧ୍ୟ ପଢ଼ିବା । ଯଦି ଇଚ୍ଛା କରୁଛ, ତୁମେ ଏହାର ଗୋଟିଏ ନକଲ କରିନେବ, ଯେତୋଟି ଇଚ୍ଛା କରିବ, ସେତେଗୋଟି ନକଲ କରିନେବ । ମାତ୍ର ସେଥିଲାଗି ଗୋଟିଏ ସର୍ତ୍ତ ଅବଶ୍ୟ ରହିବ ଯେ ସଂପୂର୍ଣ୍ଣ ନିର୍ଭୁଲ ଭାବରେ ସେହି ନକଲ କରାଯିବ ଏବଂ କୌଣସି ସ୍ଥାନରେ କିଛି ପରିବର୍ତ୍ତନ ହେବ ନାହିଁ ।

*ଅ : ନକଲ କରିବା ବିଷୟରେ କହିବାକୁ ଗଲେ, 'ତ' ମୋତେ କହୁଥିଲେ ଯେ, ଆମେ ଏକତ୍ର ବସି ପ୍ରଥମଥର ପାଇଁ ଯେଉଁ କଥାବାର୍ତ୍ତା ହୋଇଥିଲୁ, ଆପଣ ସେଇଟିକୁ ପଢ଼ିଥିଲେ । ସେଇଟି ବର୍ତ୍ତମାନ ଯେଉଁ ଆକାରର ଅଛି, ତାହାକୁ ଠିକ୍ ସେହିପରି ଆକାରରେ ଛାପିବାକୁ ଦେବାକୁ ଆପଣ ଇଚ୍ଛା କରୁ ନ ଥିଲେ ।*

ଏହିସବୁ କଥାଗୁଡ଼ିକୁ ଆଉଥରେ ଲେଖିବାକୁ ପଡ଼ିବ । ତାହା ବର୍ତ୍ତମାନ ଯେଉଁ ଆକାରରେ ଅଛି, ତାହା କେବଳ କେତେକ କଥିତ ଶବ୍ଦ ପରିହିଁ ଲାଗୁଛି । କଥାବାର୍ତ୍ତା ସମୟରେ ଯଦି କଥାଗୁଡ଼ିକୁ ଏହିପରି ଭାବରେ କୁହାଯାଏ, ତେବେ ତାହା ଆଦୌ ସୁରକ୍ଷିତ କରି ରଖିବା ଭଳି କୌଣସି ଆକାରରେ ନ ଥାଏ । କାରଣ, ତୁମର କଥା କହିବାର ଏକ ଭଙ୍ଗୀ ରହିଥାଏ । ତୁମ କଣ୍ଠର ବି ଏକ ନିର୍ଦ୍ଦିଷ୍ଟ ସ୍ୱର ରହିଥାଏ, ତୁମେ ତା'ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଶକ୍ତିର ସଞ୍ଚାର କରାଇ ତାହାକୁ କହିଥାଅ; ଏବଂ ତଥାପି ଯାହା ସ୍ପଷ୍ଟ ଭାବରେ ବ୍ୟକ୍ତ ହୋଇ ପାରୁ ନ ଥାଏ, ଆପଣାର ଅଭିବ୍ୟକ୍ତି ଦ୍ୱାରା ତୁମେ ତାହାର ପୂରଣ କରି ଦେଇଥାଅ । ମାତ୍ର, ସେଇଟିକୁ ଛାପି ବାହାର କଲେ ସେଥିରେ ସେହି ସବୁକିଛିର ଅଭାବ ରହିଥାଏ ଏବଂ ସେତେବେଳେ ତାହା କେବଳ କେତେଗୁଡ଼ିଏ କଥିତ ଶବ୍ଦ ଭଳିହିଁ ବୋଧ ହୋଇଥାଏ । ସେଥିରେ ଅସଲ ବସ୍ତୁଟିର ଅଭାବ ରହିଥାଏ : ଆମର କହୁଥିବା କଥା ମଧ୍ୟକୁ ଆମେ ଯେଉଁ ଚେତନାର ସଞ୍ଚରଣ ଘଟାଇଥାଉ । ଶବ୍ଦଗୁଡ଼ିକ ତାହାକୁ ବ୍ୟକ୍ତ କରିବା ଲାଗି ଆଦୌ ଯଥେଷ୍ଟ ହୁଅନ୍ତି ନାହିଁ ।

'oaob.nitrkl.ac.in' images reprocessed

ଯଦି ମୋ'ର ସମୟ ଥାଆନ୍ତା, ତେବେ ମୁଁ ତୁମ ଲାଗି ସେଇଟିକୁ ଅବଶ୍ୟ ସଂଶୋଧନ କରି ଦିଅନ୍ତି ଏବଂ ତା'ପରେ ତୁମେ ତାହାକୁ ଛାପି ବାହାର କରି ପାରନ୍ତ । ମାତ୍ର ବର୍ତ୍ତମାନ ମୁଁ ଯାହା ଦେଖୁଛି, ଏହା ସମ୍ଭବ ହେବ ନାହିଁ । ପାଠ କଲାବେଳେ ତୁମେ କେବଳ ଶବ୍ଦଗୁଡ଼ିକ ସହିତହିଁ ବାସ କରୁଥାଅ ଏବଂ, ଅନେକ କମ୍ ଲୋକ ଅଛନ୍ତି, ଯେଉଁମାନେକି କିଛି ପାଠ କରୁଥିବା ସମୟରେ ତା'ଭିତରେ ରହିଥିବା ଅସଲ ଶକ୍ତିଟିକୁ ବ୍ୟକ୍ତ କରିବା ନିମନ୍ତେ ସମର୍ଥ ହୁଅନ୍ତି । ମୁଁ ସେଇଥିଲାଗି ଏହାକୁ ଲିଖିତ ଆକାରରେ ପ୍ରସ୍ତୁତ କରି ଦେଇଛି । ଏଇଟି ଶେଷ ହୋଇଗଲେ ମୁଁ ତାହାର ଇଂରାଜୀ ଅନୁବାଦ ମଧ୍ୟ କରିଦେବି; ତେବେ, ଯେଉଁମାନେ ଫରାସୀ ଭାଷା ଜାଣି ନାହାନ୍ତି, ସେମାନେ ମଧ୍ୟ ତା'କୁ ବୁଝି ପାରିବେ ।

*

*୨୩ ଜୁନ୍ ୧୯୭୦*

*ଇ : ବର୍ତ୍ତମାନ 'ଅଭୀପ୍ସା'ରେ ଅନେକ ଲୋକ ଅସୁସ୍ଥ ହୋଇ ପଡ଼ିଛନ୍ତି ।*

ଆଃ !

*ଗ : ସେମାନେ ଆମାଶୟ, ରକ୍ତାମାଶୟ ଏବଂ ପେଟ-ଯନ୍ତ୍ରଣା ପ୍ରଭୃତି ପାକସ୍ଥଳୀର ନାନା ରୋଗରେ ପଡ଼ିଛନ୍ତି ।*

ଓଃ ! ଏସବୁ କ'ଣ ଖାଦ୍ୟ ସକାଶେ ହୋଇଛି ?

*ଇ : ଡାକ୍ତର କହୁଛନ୍ତି ଯେ, ଏହା ପାଣି ସକାଶେ ହୋଇଛି । ମାତ୍ର ଆମେ ପାଣିଟାଙ୍କିରେ କୀଟାଣୁନାଶକ ଔଷଧ ପକାଇଛୁ ।*

ଏଇ ପାଣି କ'ଣ ଭୂଇଁ ଉପରର ପାଣି ?

*ଇ : ନା — ସେ ପାଣି ଗୋଟିଏ ବେଶ୍ ଗଭୀର କୂଅରୁ ଆସୁଛି ।*

'oaob.nitrkl.ac.in' images reprocessed

ସେଇ କୂଅର ପାଣିକୁ ବିଶ୍ଳେଷଣ କରି ଦେଖିବା ଉଚିତ । ତୁମର ସେଠାରେ ଫିଲ୍‌ଟର ନାହିଁ ?

*ଇ : ନା ।*

ଗୋଟିଏ ଫିଲ୍‌ଟର୍ ନିଶ୍ଚୟ ରହିବା ଉଚିତ । କେବଳ ପିଇବା ପାଣି ପାଇଁ । ତା' ନ ହେଲେ ପାଣିକୁ ଫୁଟାଇ ଥଣ୍ଡା କରି ପିଇବା ଉଚିତ । ନୁହେଁ ସେଥିରୁ ଅନେକ ପ୍ରମାଦର ଆଶଙ୍କା ରହିଥିବ । ସବୁଠାରୁ ଭଲ କଥା ହେଉଛି, ପାଣିକୁ ଆଗ ଫୁଟାଇ ନେବ ଓ ତା'ପରେ ତାକୁ ଫିଲ୍‌ଟର୍ କରିବ ।

*ର : ମାଆ, ସିଏ ନିଜେ ଗତ ସପ୍ତାହରେ ଅସୁସ୍ଥ ଥିଲେ; ତେଣୁ ସେ ଏ ବିଷୟରେ କହି ପାରିବେ ।*

*ଇ : ମୁଁ ଏବେ ମଧ୍ୟ ଅସୁସ୍ଥ ଅଛି ।*

*ର : ସିଏ ଏବେ ମଧ୍ୟ ଅସୁସ୍ଥ ଅଛନ୍ତି । ସିଏ ନିଜେ ସେ କଥା କହୁ ନାହାନ୍ତି; ତଥାପି ସିଏ ଅସୁସ୍ଥ ଅଛନ୍ତି ।*

କ'ଣ, ପେଟ ଯନ୍ତ୍ରଣା ?

*ଇ : ହଁ, ମାଆ । ପେଟ ଯନ୍ତ୍ରଣା ।*

*ର : ବର୍ତ୍ତମାନ ଅନେକ ଦିନ ହେଲା ସେ ଏହି ରୋଗ ଭୋଗ କରୁଛନ୍ତି । ପ୍ରାୟ ପନ୍ଦର ଦିନ ହେଲା ।*

ଯଦି, ପାଣି ଖରାପ ଥାଏ, ତେବେ ଦେହ ମଧ୍ୟ ବାରବାର ଖରାପ ହେଉଥିବ । ସେହି ପାଣିକୁ ପରୀକ୍ଷା କରାଇନେବା ଉଚିତ । (*'ଭ' ଙ୍କ ଦ୍ୱାରା ପାଣିକୁ ପରୀକ୍ଷା କରାଇ ନେବା ଲାଗି ମାଆ ପରାମର୍ଶ ଦେଲେ ।*) ତାଙ୍କୁ କିଛି ପାଣି ନେଇ ଦେଇ ଆସିବ ଓ ତାହାକୁ ପରୀକ୍ଷା କରି ଦେଖିବା ଲାଗି କହିବ । ତା'ପରେ ଆମେ ଯାହା ଆବଶ୍ୟକ ତାହା

'oaob.nitrkl.ac.in' images reprocessed

କରି ପାରିବା । ସବୁଠାରୁ ଉତ୍ତମ ଏବଂ ନିରାପଦ କଥା ହେଉଛି ଯେ, ତୁମେ ପାଣିକୁ ପ୍ରଥମେ ଫୁଟାଇ ନେବ ଓ ତା' ପରେ ଫିଲ୍‌ଟର୍ କରିନେବ । ଏବଂ, ସେହି କ୍ଷେତ୍ରରେ, ପାତ୍ରଗୁଡ଼ିକ ବିଷୟରେ ମଧ୍ୟ ସାବଧାନ ରହିଥିବ । ସେମାନେ ଯେପରି ସର୍ବଦା ପରିଷ୍କାର ରହିଥିବେ । ମାତ୍ର ଯଦି ସାବଧାନ ନ ରହିବ,... ପାଣିକୁ ଫୁଟାଇବା ଆଦୌ କଷ୍ଟକାମ ନୁହେଁ । ମାତ୍ର ଫିଲ୍‌ଟର୍ କରିବା,– ତୁମ ପାଇଁ କେହି ଜଣେ ଏକ ଫିଲ୍‌ଟର୍ ତିଆରି କରିଦେଇ ପାରିବ । ତୁମେ ଏହି ବିଷୟରେ ବୁଝିବ ତ ?

*ଇ : ହୁଏତ ମାନ୍ଦ୍ରାଜରୁ ଗୋଟିଏ କିଣି ଆଣିବୁ ।*

*ର : ମାଆ, ହର୍ପାଗୋଁରେ ଜଣେ ବ୍ୟକ୍ତି ଅଛନ୍ତି, ଯିଏକି ଫିଲ୍‌ଟର୍ ତିଆରି କରି ଜାଣିଛନ୍ତି । ଯଦି ସିଏ ସେଠାକୁ ଯାଆନ୍ତି, ତେବେ ସେମାନେ ତାଙ୍କୁ ବୁଝାଇ ସବୁକଥା କହିଦେଇ ପାରିବେ । ମାନ୍ଦ୍ରାଜରୁ କେବଳ ଛଣାବତିଗୁଡ଼ିକୁ କିଣିବାକୁ ପଡ଼ିବ ।*

ତା'ପରେ, ଯେକୌଣସି ଜାଗାରୁ ଆଦୌ ପାଣି ପିଇବ ନାହିଁ । ଏହି ଦେଶରେ ସେହି ଗୋଟିଏ ବିଷୟରେ ତୁମକୁ ସାବଧାନ ରହିବାକୁ ହେବ, ସେହି ଗୋଟିଏ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ଏହି ପାଣି ପିଇବା ବିଷୟରେ । ପାଣିରୁହିଁ ତୁମ ପାଖକୁ ଯାବତୀୟ ପ୍ରକାରର ଅସୁସ୍ଥତା ଆସିଥାଏ । ମୋ'ର ଧାରଣା ଥିଲା ଯେ କେହି ତୁମକୁ ଆଗରୁ ଏ ବିଷୟରେ ସବୁକଥା ବୁଝାଇ କହି ଦେଇଛନ୍ତି । ତୁମେ ନିଜେ ଏକ ଫିଲ୍‌ଟର୍ ତିଆରି ମଧ୍ୟ କରିପାରିବ । ମାତ୍ର ଏକ ବଡ଼ ଫିଲ୍‌ଟର୍‌ଟିଏ କରିବ ।

*

*୭ ଜୁଲାଇ ୧୯୭୦*

*ଅ : 'କ' ଏହି ଚିଠିଟିକୁ ଦେଇଛନ୍ତି । ମୁଁ ଏହାକୁ ଆପଣଙ୍କୁ ପଢ଼ି ଶୁଣାଇଦିଏ ବୋଲି ସେ ଇଚ୍ଛା କରିଛନ୍ତି । ମୁଁ ପଢ଼ିବି ?*

ହଁ, ପଢ଼ ।

'oaob.nitrkl.ac.in' images reprocessed

*କ : (ପାଠ କଲେ) ଦିବ୍ୟ ଜନନି, ଅରୋଭିଲ୍‌ର ସଂଗଠନ ବିଷୟରେ, ଅନ୍ତଃସଂଗଠନ ଓ ବହିଃସଂଗଠନ ଉଭୟ କ୍ଷେତ୍ରରେ ବର୍ତ୍ତମାନ ତୁମୁଳ ବିଭ୍ରାନ୍ତି ଉତ୍ପନ୍ନ ହୋଇଛି । ଏହି ପରିସ୍ଥିତିରେ ଆମେ ଏକ ଉଚ୍ଚତର ଚେତନାର ଉପଲବ୍ଧି ପାଇଁ କିପରି କାର୍ଯ୍ୟ କରି ପାରିବା ? ମୋ'ର ବୋଧ ହେଉଛି, ଅରୋଭିଲ୍‌କୁ ଅପେକ୍ଷାକୃତ ଅଧିକ ପରିମାଣରେ ଏକ ସୁସଂହତ ଗୋଷ୍ଠୀ ରୂପେ ତିଆରି ହେବାକୁ ପଡ଼ିବ ଏବଂ ଏଠାରେ ସମସ୍ତଙ୍କ ମଧ୍ୟରେ ଅପେକ୍ଷାକୃତ ଅଧିକ ଐକ୍ୟବୋଧ ଅବଶ୍ୟ ରହିବ । ଏହି ଲକ୍ଷ୍ୟଟିର ଉପଲବ୍ଧି କରିବାକୁ ହେଲେ, ପ୍ରୋମେସ୍, ହୋପ୍, ଆସ୍ପିରେଶନ୍ ଓ ପିସ୍ ପ୍ରଭୃତି ବସତିର ସମସ୍ତ ଅଧିବାସୀ ଏକ ସାମୂହିକ ଉଦ୍ୟାନ-କ୍ଷେତ୍ରରେ ସପ୍ତାହକୁ ଗୋଟିଏ ଦିନ ଏକତ୍ର କାର୍ଯ୍ୟ କରିବା ଲାଗି ସମ୍ମିଳିତ ହେବା ପ୍ରକୃତରେ ସମ୍ଭବ ହେବ କି ? — ହୁଏତ ଆମର 'ଟ୍ରୁଥ୍' ଉଦ୍ୟାନରେ ସେମାନେ ତାହା କରିପାରିବେ । କିଂବା, ପ୍ରତ୍ୟେକ ବ୍ୟକ୍ତି ଅରୋଭିଲ୍‌ର ଖାଦ୍ୟ-ଉତ୍ପାଦନ ନିମନ୍ତେ ଏକ ସାମୂହିକ କୃଷିକ୍ଷେତ୍ରରେ ସପ୍ତାହକୁ ହୁଏତ ଗୋଟିଏ ଦିନ ସମୟ ଦେଇପାରିବେ । ଏହା ଦ୍ୱାରା ଆମେ ପରସ୍ପରକୁ ଅଧିକ ଭଲ ଭାବରେ ଜାଣି ପାରିବୁ ଏବଂ ଉଚିତ ମନୋଭାବ ସହିତ ଆମକୁ ସଙ୍ଗଠିତ କରି ପାରିବା ସକାଶେ ଏଥିରୁ ଆମକୁ ଅନେକ ସହାୟତା ମଧ୍ୟ ମିଳିଯିବ । ଏବଂ, ଯେଉଁ ଲୋକମାନେ ଅରୋଭିଲ୍‌ର ଅଲଗା ଅଲଗା ପ୍ରକଳ୍ପମାନଙ୍କରେ ନିଯୁକ୍ତ ହୋଇ ରହିଛନ୍ତି, ସମ୍ଭବତଃ ସେମାନେ ମଧ୍ୟ ଅଧିକ ସମୀପବର୍ତ୍ତୀ ଭାବରେ ଏକାଠି କାମ କରି ପାରନ୍ତେ, ଯେପରିକି ତଦ୍ୱାରା ଅରୋଭିଲ୍‌ରେ ଏକ ପ୍ରକାରର ମାର୍ଗଦର୍ଶନକାରୀ ଗୋଷ୍ଠୀଟିଏ ତିଆରି ହୋଇ ପାରନ୍ତା, ଯାହା ଫଳରେ କି ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟରେ ଅଧିକ ଫଳପ୍ରଦ ଭାବରେ ଅଗ୍ରଗତି ସମ୍ଭବ ହୋଇ ପାରନ୍ତା । ଏହିପରି ଏକ ସମ୍ମିଳିତ ପ୍ରୟାସ ଅରୋଭିଲ୍‌ରେ ଆପଣଙ୍କର କାର୍ଯ୍ୟ କରିବା ପାଇଁ ଆମକୁ ସାହାଯ୍ୟ କରି ପାରନ୍ତା କି ?*

*''ପରିପୂର୍ଣ୍ଣତା ପାଇଁ ଆପଣଙ୍କ ପାଖରେ ପ୍ରାର୍ଥନା ସହ । ଇତି ।''*

ଏହା ଏକ ଉତ୍ତମ ଅଭୀପ୍ସା, ମାତ୍ର ... ସେଥିଲାଗି ପ୍ରକୃତରେ ଉପଯୁକ୍ତ ସମୟ ଆସିଲାଣି କି ନାହିଁ, ମୁଁ ସେକଥା କହି ପାରିବି ନାହିଁ ।

*କ : କେବଳ ସିଏ ଜଣେ ବ୍ୟକ୍ତି ଯେ ଏପରି କହୁଛନ୍ତି, ତା' ନୁହେଁ, ଅରୋଭିଲ୍‌ର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଏକାଧିକ ବ୍ୟକ୍ତି ଐକ୍ୟବଦ୍ଧ ହେବାର ଓ*

'oaob.nitrkl.ac.in' images reprocessed

*ଏକାଠି ମିଶି କୌଣସି ଗୋଟିଏ କାର୍ଯ୍ୟ କରିବାର ଆବଶ୍ୟକତାକୁ ଅନୁଭବ କରୁଛନ୍ତି ।*

ହଁ, ବିଚାରଟି ଭଲ, ମାତ୍ର ମୁଁ ଏଇଟିକୁ ଏହିପରି ଭାବରେ ଦେଖୁଛି । ଆମେ ମାତୃମନ୍ଦିରକୁ ନିର୍ମାଣ କରିବାକୁ ଇଚ୍ଛା କରୁଛୁ; ଏବଂ ସେଥିଲାଗି ଆମେ ଏହିପରି ବିଚାର କରିଥିଲେ : ଯେତେବେଳେ ଆମେ ମାତୃମନ୍ଦିରର ନିର୍ମାଣକାର୍ଯ୍ୟ ଆରମ୍ଭ କରିବା, ସେତେବେଳେ ଯେ କୌଣସି ବ୍ୟକ୍ତି ସେହି କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଇଚ୍ଛା କରିବ, ସିଏ ତାହା କରିବାକୁ ଅବଶ୍ୟ ସୁଯୋଗ ପାଇବ । ଏବଂ ତାହା ପ୍ରକୃତରେ ଅସଲ କେନ୍ଦ୍ରଟିରେ ରହିଥିବା କଳ୍ପନାଟିକୁ ନେଇ କାର୍ଯ୍ୟ କରିବା ପରି ଅବଶ୍ୟ ହେବ ।

ଏବଂ ଏହା ଖୁବ୍ ଶୀଘ୍ର ହୋଇପାରିବା ଉଚିତ । ଏଥିମଧ୍ୟରେ ତାହା ଆରମ୍ଭ ହୋଇ ଯାଇଥିବା ଉଚିତ ଥିଲା । ତେଣୁ ସେଠାରେ, ସେଠାରେ ପ୍ରତ୍ୟେକଙ୍କ ପାଇଁ କାର୍ଯ୍ୟ ରହିବ । ଦୀର୍ଘ ଅନେକ ଦିନ ହେଲା ଆମେ ମାତୃମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଦେବା ବିଷୟରେ ଚିନ୍ତା କରୁଛୁ । ବସ୍ତୁତଃ, ସେଠାକୁ ପ୍ରତ୍ୟେକ ବ୍ୟକ୍ତି ଆସିବେ ଓ କାର୍ଯ୍ୟ କରିବେ; ଅବଶ୍ୟ ଯେଉଁମାନେ ଅନ୍ୟକୌଣସି ସ୍ଥାନରେ କାର୍ଯ୍ୟ କରୁଛନ୍ତି, ଏଥିରୁ ସେମାନଙ୍କୁ ବାଦ୍ ଦେବାକୁ ପଡ଼ିବ । ଏଠାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି କାର୍ଯ୍ୟ ରହିବ । ଏହା ଅଧିକ ଭଲ ... ଏଇଟି ସହରର ଠିକ୍ ମଝିରେ ଅବସ୍ଥିତ ।

ତୁମେ ତାଙ୍କୁ ଏହିପରି କହିପାର : ସିଦ୍ଧାନ୍ତ ଦୃଷ୍ଟିରୁ ବିଚାରଟି ଏକ ଉତ୍ତମ ବିଚାର । ତାହାକୁ କାର୍ଯ୍ୟରେ ପରିଣତ କରିବା ବିଷୟରେ କହିବାକୁ ଗଲେ, ଆମେ ବହୁଦିନ ହେଲା, ପ୍ରାୟ ଏକ ବର୍ଷରୁ ଅଧିକ ହେବ, ମାତୃମନ୍ଦିର ନିର୍ମାଣକାର୍ଯ୍ୟ ଆରମ୍ଭ କରିବୁ ବୋଲି ଚିନ୍ତା କରୁଛୁ । ତା'ହେଲେ ସେଠାରେ ସମସ୍ତେ କାର୍ଯ୍ୟ କରି ପାରିବେ । ସେତେବେଳେ ଜଣେ ବ୍ୟକ୍ତିକୁ "ନାଇଁ, ମୁଁ ସେଠାରେ କାର୍ଯ୍ୟ କରିବାକୁ ଚାହୁଁ ନାହିଁ" ବୋଲି କହିବାକୁ ହେବ ଏବଂ ଉପଯୁକ୍ତ କାରଣ ଦର୍ଶାଇବାକୁ ପଡ଼ିବ ।

ଏଇଟି ହେଉଛି ସେହି ବୃହତ୍ ଶକ୍ତି ସଦୃଶ, – ଅରୋଭିଲ୍‌ର କେନ୍ଦ୍ରସ୍ଥ ଅସଲ ଶକ୍ତି, ଅରୋଭିଲ୍‌ର ସଂବଦ୍ଧକାରିଣୀ ଶକ୍ତି ।

ସେଠାରେ ଅନେକ ଉଦ୍ୟାନ ରହିବ; ସବୁକିଛି ରହିବ, ସେଠାରେ ଯାବତୀୟ ସମ୍ଭାବନା ମହଜୁଦ ହୋଇ ରହିଥିବ । ଇଞ୍ଜିନିଅର ରହିବେ, ବାସ୍ତୁକାର ରହିବେ, ସକଳ ପ୍ରକାରର ଶାରୀରିକ ଶ୍ରମର ଅବସର ମଧ୍ୟ ରହିଥିବ । ତେଣୁ, ମୋ ତରଫରୁ ତୁମେ ତାଙ୍କୁ ଏହି କଥା କହିବ ଯେ, ଯେଉଁ ବିଚାରଟି ପରିବେଶ ମଧ୍ୟରେ ରହିଥିଲା, ସିଏ ସେହି ବିଚାରଟିକୁହିଁ ବ୍ୟକ୍ତ କରିଛନ୍ତି; ମାତ୍ର ଆମେ ଇଚ୍ଛା କରୁଛୁ ଯେ, ପ୍ରୟୋଗ କ୍ଷେତ୍ରରେ

'oaob.nitrkl.ac.in' images reprocessed

ତାହା ଯଥାର୍ଥରେ ପ୍ରତୀକାତ୍ମକ ହୋଇ ରହୁ । ଏବଂ, ଆମେ ଯେତେବେଳେ ମାତୃ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ସେତେବେଳେ ଆମେ ସେଠାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ କର୍ମରେ ନିଯୁକ୍ତ କରିପାରିବା । ସବୁଦିନ ଓ ସବୁବେଳେ ଯେ ତାହା ହେବ, ସେକଥା ନୁହେଁ; ମାତ୍ର ତଥାପି ତାହାକୁ ସଂଗଠିତ କରାଯାଇ ପାରିବ ।

ତୁମେ ତେବେ ଏତିକି କହିବାକୁ ଇଚ୍ଛା କରୁଥିଲ ?

(*ମାଆ ନୀରବ ରହିଲେ*)

ମୁଁ ଯାହା ଲେଖିଥିଲି, ସେଇଟିକୁ ନେଇ କ'ଣ କରାଗଲା ?

*ଅ : ଆମେ ତାହାକୁ ନୋଟିସ୍ ବୋର୍ଡରେ ନେଇ ଲଗାଇ ଦେଇଛୁ । ତାକୁ ସମସ୍ତେ ପାଠ କରିଛନ୍ତି ...*

ତାହାର ଖୁବ୍ ବେଶୀ ପ୍ରଭାବ ପଡ଼ିଛି ବୋଲି ମନେ ହେଉ ନାହିଁ ।

*ଅ : କିଛି ପ୍ରଭାବ ଅବଶ୍ୟ ପଡ଼ିଛି, ମାତ୍ର ସେହି ବିଷୟରେ ମୋତେ କେହି କିଛି କହି ନାହାନ୍ତି ।*

ଭଲ କଥା । ତେବେ ବର୍ତ୍ତମାନ ଆମେ ଧ୍ୟାନ କରୁଁ ବୋଲି ତୁମେମାନେ ଇଚ୍ଛା କରୁଛ କି ? ନାହିଁ ଧ୍ୟାନ ନୁହେଁ, ନୀରବ ହୋଇ ବସିବା । ସମ୍ଭବ ହେଲେ ମନର ଭୂମିରେ ନୀରବ ହୋଇ ରହିବା । ଯଥାର୍ଥ ଜ୍ଞାନ ଲାଭ କରିବାକୁ ହେଲେ ଏହି ମନୋଭୂମିର ନୀରବତା ଲାଗି ସାମର୍ଥ୍ୟ ରହିଥିବା ଉଚିତ । ତୁମେମାନେ ତଥାପି ... ତୁମମାନଙ୍କ ଭିତରୁ କିଏ ମନର ଭୂମିରେ ନୀରବ ହୋଇଯାଇ ପାରିବେ ?

ସମସ୍ତେ ଫରାସୀ ବୁଝି ପାରୁଛନ୍ତି କି ?

*ଅ : ନାଇଁ, ସମସ୍ତେ ନୁହନ୍ତି ।*

(*ଇଂରାଜୀରେ*) ମୁଁ ପଚାରୁଥିଲି, ମନର ଭୂମିରେ ସଂପୂର୍ଣ୍ଣ ଭାବରେ ନୀରବ ହୋଇଯିବା ତୁମ ଭିତରୁ କାହାକୁ ଜଣା ଅଛି ? ନାଇଁ ? କାହାକୁ ଜଣା ନାହିଁ ?(*ସମସ୍ତେ ହସିଲେ*) ଆମେ ଏଠାରେ ସେହି କଥାଟି ଲାଗି ଉଦ୍ୟମ କରୁଛୁ ।

'oaob.nitrkl.ac.in' images reprocessed

(‘ଅ’ କୁ ଉଦ୍ଦେଶ୍ୟ କରି) ଆମେ ଚେଷ୍ଟା କରିବା ?

*ଅ : ହଁ, କରିବା ! (ସମସ୍ତେ ହସିଲେ)*

କିଏ ଏଥିରେ ସଫଳତା ଲାଭ କରିଛନ୍ତି ? ଏପର୍ଯ୍ୟନ୍ତ କେହି କରି ନାହାନ୍ତି । ତେବେ ଚାଲ, ନୀରବ ରହିବା ।

*(ମାଆ ଦୀର୍ଘକାଳ ନୀରବ ରହିଲେ)*

ଏକ କୋଳାହଳ-ମିଶ୍ରିତ ନୀରବତା !

*

*୨୮ ଜୁଲାଇ ୧୯୭୦*

କୌଣସି ପ୍ରଶ୍ନ ନାହିଁ ? ଅଛି ? ତୁମର କ'ଣ କହିବାକୁ ଅଛି ?

*ଅ : ପ୍ରଥମ କଥା ହେଉଛି ଯେ, ‘ଖ’ ‘ଅଭୀପ୍ସା’ ପାଇଁ କେତେକ ଗାଈ କିଣିବାକୁ ଯାଉଛନ୍ତି । ସିଏ କାଲି ମାନ୍ଦ୍ରାଜ ଯିବେ ଏବଂ ସେଥିଲାଗି ଆପଣଙ୍କଠାରୁ ଆଶୀର୍ବାଦ ପ୍ରାର୍ଥନା କରିଛନ୍ତି । ତାଙ୍କର ତିନିଗୋଟି ଆଶୀର୍ବାଦ ଦରକାର, ପ୍ରତ୍ୟେକ ଗାଈ ପାଇଁ ଗୋଟିଏ ଗୋଟିଏ ଓ ତୃତୀୟଟି ତାଙ୍କ ନିଜ ପାଇଁ ।*

(*ମାଆ ହସି କହିଲେ*) ସେମାନେ ଆଶୀର୍ବାଦ ନେଇ କ'ଣ କରିବେ ? ସିଏ ଗାଈମାନଙ୍କୁ କେଉଁଠାରୁ କିଣିବାକୁ ଯାଉଛନ୍ତି ?

*ଅ : ମାନ୍ଦ୍ରାଜରୁ ।*

ମାନ୍ଦ୍ରାଜ ତ ସହରର ନାମ । ଗାଈମାନେ ସହରରେ ଜନ୍ମ ହୁଅନ୍ତି ନାହିଁ ।

*ଅ : ମାତ୍ର ସେ ଜଣେ ବିଶେଷଜ୍ଞଙ୍କୁ ସାଙ୍ଗରେ ନେଇ ଯାଉଛନ୍ତି ।*

ମୁଁ ତାଙ୍କୁ ଆଶୀର୍ବାଦର ପୂରା ପ୍ୟାକେଟ୍‌ଟିଏ ଦେବାକୁ ରାଜୀ ଅଛି, ମାତ୍ର ଗାଈମାନଙ୍କ ପାଇଁ ନୁହେଁ ।

ସରିଲା ?

'oaob.nitrkl.ac.in' images reprocessed

*ଅ : ଆଉ ଗୋଟିଏ କଥା ମଧ ରହିଥିଲା । ଆମେ 'ଅଭୀପ୍ସା'ର ବାସିନ୍ଦାମାନେ ଆଉ କାହିଁକି 'ପ୍ଲେ ଗ୍ରାଉଣ୍ଡ୍' କୁ ଯାଇ ପାରିବୁ ନାହିଁ, ଆମେ ତାହାର ଅନ୍ତର୍ନିହିତ କାରଣଟିକୁ ଜାଣିବାକୁ ଚାହୁଁଛୁ । ଗତ ବୁଧବାର ଦିନ, ଶ୍ରୀଅରବିନ୍ଦଙ୍କ କର୍ମଧାରା ବିଷୟରେ 'ଗ' ଙ୍କର ଗୋଟିଏ ଭାଷଣ ଥିଲା ଏବଂ ଆମକୁ ସେଠାରେ ପ୍ରବେଶ କରିବାକୁ ଅନୁମତି ଦିଆ ଗଲା ନାହିଁ ।*

ମୁଁ ସେପରି ଘଟିବ ବୋଲି ଆଶଙ୍କା କରି ନ ଥିଲି । ସେ ଭୁଲ୍ ମୋ'ର । ତା' ନ ହେଲେ, ତୁମମାନଙ୍କୁ ସେଥିଲାଗି ଭିତରକୁ ଛାଡ଼ି ଦେବାକୁ ମୁଁ ସେମାନଙ୍କୁ ନିଶ୍ଚୟ କହିଥା'ନ୍ତି । ମୁଁ ସେପରି ହେବ ବୋଲି ଆଶଙ୍କା କରି ନ ଥିଲି । ମୁଁ ହୁଏତ 'ଗ' ଙ୍କୁ ପଚାରିବି, ଯଦି ସିଏ ତୁମମାନଙ୍କୁ ଏକ ଭାଷଣ ଦେବାକୁ ଆଗ୍ରହ ପ୍ରକାଶ କରିବେ ।

*ଅ : ସିଏ ଆମକୁ ଭାଷଣଟିଏ ଦେଇ ସାରିଛନ୍ତି ।*

ତେବେ ଭଲ କଥା । ...

*ଅ : ନାଇଁ, ତାହା ଭାରି ଭଲରେ ହୋଇଗଲା । ମାତ୍ର ଅନୁମତି ଦିଆ ନ ଯିବାର କାରଣଟି ଆମେ ଜାଣିବାକୁ ଇଚ୍ଛା କରୁଥିଲୁ ।*

ଏହା ପଛରେ ସଂପୂର୍ଣ୍ଣ ଏକ ଭିନ୍ନ କାରଣ ରହିଛି । ସେଇଟି ସହିତ ଏହାର କୌଣସି ସମ୍ବନ୍ଧ ନାହିଁ । ଏହା ପଛରେ ରହିଥିବା ଏକମାତ୍ର କାରଣ ହେଉଛି ଯେ, ଏପରି ଗୋଟିଏ ନିୟମ ତିଆରି କରିବା ପ୍ରକୃତରେ କଷ୍ଟକର, ଯାହାକି ଜଣେ ବ୍ୟକ୍ତି ପାଇଁ ଲାଗୁ ହେଉଥିବ ଓ ଆଉ ଜଣେ ବ୍ୟକ୍ତି ପାଇଁ ଲାଗୁ ହେଉ ନ ଥିବ — ତାହା ପ୍ରକୃତରେ ବଡ଼ ଜଟିଳ କଥା ହୋଇଯିବ । ଏବଂ, ଏକ ଦୁର୍ଭାଗ୍ୟର କଥା ଯେ, ଅରୋଭିଲ୍‌ରେ ଯେଉଁ ବ୍ୟକ୍ତିମାନେ ବାସ କରୁଛନ୍ତି, ସେମାନଙ୍କ ମଧ୍ୟରେ କେତେକ ଏପରି ଅଛନ୍ତି, ଯେଉଁମାନେ କି ମଦ ପିଅନ୍ତି । ଏହା ବ୍ୟତୀତ ଆହୁରି ଅନ୍ୟାନ୍ୟ ନାନା କଥା ମଧ ରହିଛି ।... ମାତ୍ର ସେ କଥା ଯାହା ହୋଇଥାଉ ପଛକେ, ଜଣେ ବ୍ୟକ୍ତିଙ୍କୁ ଥରେ ପ୍ଲେ ଗ୍ରାଉଣ୍ଡରେ ସଂପୂର୍ଣ୍ଣ ମାତାଲ ଅବସ୍ଥାରେ ରହିଥିବାର ଦେଖା ଯାଇଥିଲା । ତେଣୁ, ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଏଠି ଆଶ୍ରମରେ ସୁରାପାନ,— ନିଶାପାନ ନିଷିଦ୍ଧ ହୋଇ ରହିଥିବାରୁ, ତାହା ଫଳରେ ସମସ୍ତେ ଭୟଙ୍କର ଭାବରେ ପ୍ରତିବାଦ କରିଥିଲେ । ଏହାକୁ ଏକ ଅନ୍ତର୍ଗତ କାରଣ ବୋଲି କୁହାଯିବ

'oaob.nitrkl.ac.in' images reprocessed

ନାହିଁ, ଏହା ହେଉଛି ଏକ ଅତ୍ୟନ୍ତ ବ୍ୟାବହାରିକ କାରଣ । "ଅମୁକ ଭିତରକୁ ଯାଇ ପାରିବେ, ସମୁକ ଯାଇ ପରିବେ ନାହିଁ,"– ଏପରି କହିବା ମୋଟେ ସମ୍ଭବ ହେବ ନାହିଁ । ତେଣୁ ଫାଟକରେ ଥିବା ଲୋକମାନେ ଆଉ କ'ଣ କରିପାରନ୍ତେ ? ଏବଂ, ଏହା ଫଳରେ ପ୍ରାୟ ଏକ ବିଦ୍ରୋହ ଜାତ ହୋଇଥିଲା । ଯଦି ସେମାନେ ମୋ'ର ପରାମର୍ଶ ମାଗିବେ, ତେବେ ମୁଁ କହିବି, ସୁରାପାନ ନ କରିବାକୁହିଁ ମୁଁ ତୁମମାନଙ୍କୁ ପରାମର୍ଶ ଦେଉଛି, କାରଣ ସୁରାପାନ ଦ୍ୱାରା ଚେତନା ନିମ୍ନଗାମୀ ହୁଏ ଏବଂ ତାହା ତୁମର ସ୍ୱାସ୍ଥ୍ୟକୁ ମଧ୍ୟ ନଷ୍ଟ କରିଦିଏ । ମାତ୍ର କେତେ ବ୍ୟକ୍ତି ମୋଠାରୁ ପରାମର୍ଶ ନେବାକୁ ଇଚ୍ଛା କରନ୍ତି ନାହିଁ । ଏବଂ ମୁଁ ଆଶ୍ରମ ପରି ଅରୋଭିଲ୍ ସକାଶେ କୌଣସି ନିୟମ ତିଆରି କରି ଦେବାକୁ ଇଚ୍ଛା କରେ ନାହିଁ । ଏହା ଆଦୌ ଗୋଟିଏ କଥା ନୁହେଁ ।

ଯେଉଁ ଅରୋଭିଲ୍‌ବାସୀମାନେ ଆପଣାର ପୁରାତନ ଅଭ୍ୟାସଗୁଡ଼ିକୁ ତଥାପି ବଜାୟ ରଖିବାକୁ ଚାହୁଁଛନ୍ତି,– ପୁରାତନ ଅଭ୍ୟାସ ତଥା ନୂତନ ଅଭ୍ୟାସଗୁଡ଼ିକୁ – ଯେଉଁଗୁଡ଼ିକ ଦ୍ୱାରା ଚେତନାର କ୍ଷତି ହେଉଛି, ଯାହା ଚେତନାକୁ ନିମ୍ନଗାମୀ କରାଉଛି – ଉଦାହରଣ ସ୍ୱରୂପ, ଧୂମପାନ, ସୁରାପାନ ଏବଂ ନିଶା ଔଷଧଗୁଡ଼ିକର ସେବନ,... ଏସବୁ କରି ସେମାନେ ସତେ ଯେପରି ନିଜର ସତ୍ତାକୁହିଁ ଖଣ୍ଡ ଖଣ୍ଡ କରି କାଟି ପକାଉଛନ୍ତି । ଆଶ୍ରମରେ, ଅତି ସ୍ୱାଭାବିକ ଭାବରେ, ମୁଁ ନାହିଁ ବୋଲି କହିଥିଲି । ଆମେ ଚେତନାର କ୍ଷେତ୍ରରେ ବୃଦ୍ଧିଲାଭ କରିବାକୁ ଇଚ୍ଛା କରୁଛୁ; ଆମେ ନାନା ବାସନାର ଗର୍ତ୍ତ ମଧ୍ୟକୁ ଆଦୌ ଓହ୍ଲାଇ ଆସିବାକୁ ଚାହୁଁ ନାହୁଁ, ଯେଉଁମାନେ ବୁଝିବେ ନାହିଁ ବୋଲି ଜିଦ୍ ଧରି ବସିଛନ୍ତି, ସେମାନଙ୍କୁ ମୁଁ କହିବି : ଏକ ନୂତନ, ଗଭୀରତର, ଅଧିକ ସଂପୂର୍ଣ୍ଣ ଓ ଅଧିକ ପରିପୂର୍ଣ୍ଣତା ଯୁକ୍ତ ଜୀବନର ଆବିଷ୍କାର କରିବା ତଥା ଆଗାମୀ କାଲି ଯେ ଆଜିର ତୁଳନାରେ ନିଶ୍ଚୟ ଅଧିକ ଭଲ ହେବ, ପୃଥିବୀ ଆଗରେ ତାହାକୁ ଦର୍ଶାଇ ଦେବା – ଏହାହିଁ ହେଉଛି ଅରୋଭିଲ୍‌ର ଲକ୍ଷ୍ୟ ।

କେତେ ବ୍ୟକ୍ତି ବିଶ୍ୱାସ କରିଥାନ୍ତି ଯେ, ଧୂମପାନ ଓ ସୁରାପାନ ପ୍ରଭୃତି ଅଭ୍ୟାସ-ଗୁଡ଼ିକ ଆଗାମୀ କାଲିର ଜୀବନରେ ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇ ନିଶ୍ଚୟ ରହିବାକୁ ଯାଉଛି । ସେମାନଙ୍କ କଥା ସେମାନେ ବୁଝିବେ । ଯଦି ସେମାନେ ଏହି ଅଭିଜ୍ଞତାଟିର ମଧ୍ୟ ଦେଇ ଯିବାକୁ ଇଚ୍ଛା କରୁଥାନ୍ତି, ତେବେ ସେମାନେ ତାହା କରନ୍ତୁ । ସେମାନେ ଅବଶ୍ୟ ଏହି ଉପଲବ୍ଧିଟିକୁ କରିବେ ଯେ, ଏହାଦ୍ୱାରା ସେମାନେ ଆପଣାକୁ କେବଳ ଆପଣାର ବାସନାଗୁଡ଼ିକ ମଧ୍ୟରେହିଁ କାରାରୁଦ୍ଧ କରି ରଖୁଛନ୍ତି । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ମୁଁ ମୋଟେ ଜଣେ ନୀତିବାଦୀ ନୁହେଁ, ଆଦୌ ନୁହେଁ, ଆଦୌ ନୁହେଁ । ଏହା ହେଉଛି ଏକାନ୍ତ ଭାବରେ ସେମାନଙ୍କର ନିଜର ବ୍ୟାପାର । ସେମାନଙ୍କର

'oaob.nitrkl.ac.in' images reprocessed

ନିଜରହିଁ ବ୍ୟାପାର । ଯଦି ସେମାନେ ଏହି ଅଭିଜ୍ଞତାଟିର ମଧ୍ୟ ଦେଇ ଯିବାକୁ ଇଚ୍ଛା କରୁଥା'ନ୍ତି, ତେବେ ସେମାନେ ତାହା ଅବଶ୍ୟ କରିପାରନ୍ତି । ମାତ୍ର ସେଥିପାଇଁ ଆଶ୍ରମକୁ ଆଦୌ ଏକ ସ୍ଥାନ ରୂପେ ବ୍ୟବହାର କରାଯାଇ ପାରିବ ନାହିଁ । ଭଗବାନଙ୍କୁ ଅନେକ ଧନ୍ୟବାଦ ଯେ ଜୀବନ ପ୍ରକୃତରେ ଆହୁରି ଅନ୍ୟ କିଛି ବୋଲି ଆମେ ଏହି ଆଶ୍ରମରେ ଶିକ୍ଷା କରିଛୁ । ଯଥାର୍ଥ ଜୀବନ କହିଲେ ବାସନାଗୁଡ଼ିକର ପରିତୃପ୍ତିକୁ କଦାପି ବୁଝାଇବ ନାହିଁ । ମୁଁ ନିଜ ଅଭିଜ୍ଞତାରୁ ଏକଥାଟିକୁ ଦୃଢ଼ ଭାବରେ କହି ପାରବି ଯେ, ନିଶା ଔଷଧ ସେବନ କରିବା ଦ୍ୱାରା ଯେଉଁସବୁ ଅଭିଜ୍ଞତାକୁ ସଂଘଟିତ କରାଯାଇଥାଏ ଓ ଅଦୃଶ୍ୟ ଜଗତଟି ସହିତ ଯେଉଁସବୁ ସମ୍ପର୍କ ସ୍ଥାପନ କରାଯାଇଥାଏ, ଆଦୌ ସେସବୁ ଦ୍ରବ୍ୟକୁ ସେବନ ନ କରି ସେଗୁଡ଼ିକୁ ଏକ ଅଧିକ ଭଲ, ଅଧିକ ସଚେତନ ଏବଂ ଅଧିକ ନିୟନ୍ତ୍ରିତ ମାର୍ଗରେ ମଧ୍ୟ ଅବଶ୍ୟ ସମ୍ଭବ କରାଯାଇପାରିବ । ମାତ୍ର, ଏହି କ୍ଷେତ୍ରରେ କେବଳ ଏତିକି ପାର୍ଥକ୍ୟ ରହିଛି ଯେ, ଏଥିଲାଗି ଆପଣାକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ପଡ଼ିବ । ବିଷଗୁଡ଼ାକୁ ଗିଳିଦେବା ଅପେକ୍ଷା ଏହି ମାର୍ଗଟି ପ୍ରକୃତରେ ଅଧିକ କଷ୍ଟକର । ମାତ୍ର ମୁଁ ଆଦୌ କୌଣସି ପ୍ରକାର ପ୍ରଚାର କରିବାକୁ ଇଚ୍ଛା କରୁ ନାହିଁ ।

ଯେତେବେଳେ ଏବଂ ଯଦି ଅରୋଭିଲ୍ ସକଳ ବାସନା ଉପରେ ବିଜୟ ପ୍ରାପ୍ତ କରି ଏବଂ ଆପଣାକୁ ଉଚ୍ଚତର ଶକ୍ତିଗୁଡ଼ିକ ଉଦ୍ଦେଶ୍ୟରେ ଉନ୍ମୋଚିତ କରିଦେଇ ଏକ ଉଚ୍ଚତର ଜୀବନର ଦୃଷ୍ଟାନ୍ତ ହୋଇ ବାହାରି ପାରିବ, ସେତେବେଳେ ଆମେ ଯେକୌଣସି ସ୍ଥାନକୁ ମଧ୍ୟ ଅବଶ୍ୟ ଯାଇ ପାରିବା । ଅରୋଭିଲ୍ ନିବାସୀମାନେ ଯେତେବେଳେ ପୃଥିବୀ ଲାଗି ଗୋଟିଏ ଗୋଟିଏ ଚଳମାନ ଆଲୋକରେ ପରିଣତ ହୋଇ ପାରିବେ, ସେତେବେଳେ ସମସ୍ତେ ସେମାନଙ୍କର ସ୍ୱାଗତ କରିବେ । ବୁଝିଲ ?

ମାତ୍ର ମୋ'ର ବିଶ୍ୱାସ, ମୁଁ ଠିକ୍ ସେହିପରି କିଛି ଲେଖି ମଧ୍ୟ ସାରିଛି । ନୁହେଁ ? ତୁମକୁ ମୁଁ ଯାହା ଲେଖି କରି ଦେଇଥିଲି ? ସେଗୁଡ଼ିକ କେବଳ ଶବ୍ଦ ମୋଟେ ନୁହେଁ, ଏହି ସବୁ କଥା ଅତ୍ୟନ୍ତ ସାକାର, ଅତ୍ୟନ୍ତ ସତ୍ୟ ।

ସରିଲା ? ନା ଆଉକିଛି ପଚାରିବାକୁ ଅଛି ?

*ଅ : ଆଉ କିଛି ନାହିଁ ।*

*(ମାଆ ନୀରବ ରହିଲେ)*

'oaob.nitrkl.ac.in' images reprocessed

## ସର୍ବଶେଷ ପ୍ରବଚନ

*୩୦ ମାର୍ଚ୍ଚ ୧୯୭୨*

ଆମେ ଯେହେତୁ ସକଳ ପରମ୍ପରାକୁ ପରିହାର କରି ଆସିଛୁ, ସେଥିଲାଗି ସମସ୍ତେ ତତ୍‌କ୍ଷଣାତ୍ ଏହିପରି ଭାବୁଛନ୍ତି, ''ଆମର ବାସନାଗୁଡ଼ିକୁ ତୃପ୍ତ କରିବା ଲାଗି ଏହା ପ୍ରକୃତରେ କେଡ଼େ ଚମତ୍କାର ସ୍ଥାନଟିଏ !'' ଏବଂ ସେମାନେ ପ୍ରାୟ ସମସ୍ତେ ସେହି ଅଭିପ୍ରାୟ ନେଇ ଏଠାକୁ ଆସୁଛନ୍ତି ।

ଏବଂ, ଆଶ୍ରମରୁ ଯେଉଁ ଲୋକମାନଙ୍କୁ ମୁଁ ବାହାରକୁ ପଠାଇ ଦେବାକୁ ବାଧ ହେଲି, ସେମାନଙ୍କର ପିଲାମାନଙ୍କ ଲାଗି ଅନୁରୂପ ସ୍ଥାନଟିଏ ଉପଲବ୍ଧ ହୋଇ ପାରିବ ବୋଲି ମୁଁ ଯେହେତୁ ଏକ ମାତୃମଙ୍ଗଳ ଶୁଶ୍ରୂଷାଳୟଟିଏ ତିଆରି କରିଦେଲି, ସେଥିରୁ ଲୋକମାନେ ଭାବୁଛନ୍ତି ଯେ, ସେହି ଶୁଶ୍ରୂଷାଳୟଟି ଯାବତୀୟ ଅବୈଧ ସନ୍ତାନମାନଙ୍କ ଲାଗିହିଁ ତିଆରି କରାଯାଇଛି ।

ବୈଧତା ବିଷୟରେ ମୋ'ର ଆଦୌ କୌଣସି ଚିନ୍ତା ନାହିଁ, କୌଣସି ପ୍ରକାର ଆଇନ୍ ବା ଚଳଣି ବିଷୟରେ ମୋ'ର ମଥା ଆଦୌ ଘୂରୁ ନାହିଁ । ମାତ୍ର ମୁଁ ଏତିକି ଇଚ୍ଛା କରୁଛି ଯେ, ଆମେ ଏକ ଦିବ୍ୟତର ଜୀବନଯାପନ କରିବା ଏବଂ ଏକ ପଶୁତୁଲ୍ୟ ଜୀବନକୁ ପରିହାର କରିବା ।

ଏବଂ ସେମାନେ ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତାରେ ପରିଣତ କରି ଦେଉଛନ୍ତି, ଆପଣାର ବାସନାଗୁଡ଼ିକୁ ଚରିତାର୍ଥ କରିବା ପାଇଁ ସେମାନେ ତାହାକୁ ବ୍ୟବହାର କରିବାରେ ଲାଗିଛନ୍ତି । ଏବଂ, ଯେଉଁସବୁ ବସ୍ତୁ ଉପରେ କର୍ତ୍ତୃତ୍ୱ ଅର୍ଜନ କରିବାକୁ ଆମେ ପ୍ରକୃତରେ ଜୀବନଯାକ ଉଦ୍ୟମ ଓ କାର୍ଯ୍ୟ କରି ଆସିଛୁ, ସେମାନେ ଠିକ୍ ସେହିଗୁଡ଼ିକରେହିଁ ନିଜକୁ ରତ ରହିବାକୁ ଛାଡ଼ି ଦେଉଛନ୍ତି, ଏକ ଅପବ୍ୟୟ ମଧ୍ୟରେ ମଜ୍ଜି ରହିଛନ୍ତି । ଏଥିରେ ମୁଁ ଅତ୍ୟନ୍ତ ବିରକ୍ତ ହୋଇ ପଡ଼ିଲିଣି ।

ସକଳ ବାସନାକୁ ବର୍ଜନ କରି ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ମୁହାଁଇ ହୋଇ ରହିବାକୁହିଁ ଆମେସବୁ ଏଠାରେ ରହିଛୁ, ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ ହେବା ଲାଗି ଏଠାରେ ରହିଛୁ । ଆମେ ଯେଉଁ ଦିବ୍ୟ ପରମସତ୍ତାଙ୍କୁ ଲାଭ କରିବାକୁ ଇଚ୍ଛା କରୁଛୁ, ସିଏ ଆଦୌ ଦୂରରେ ନାହାନ୍ତି, ଆଦୌ ଅପ୍ରାପ୍ୟ ଓ ଅଗମ୍ୟ ହୋଇ ରହି ନାହାନ୍ତି । ସିଏ ତାଙ୍କରି ଆପଣା ସୃଷ୍ଟିର ହୃଦୟ ମଧ୍ୟରେହିଁ ଅବସ୍ଥିତ ରହିଛନ୍ତି ଏବଂ ସିଏ ଆମଠାରୁ କେବଳ ଏତିକି କାର୍ଯ୍ୟସାଧନର ଇଚ୍ଛା ରଖୁଛନ୍ତି ଯେ, ଆମେ ତାଙ୍କର ପରିଚୟ

'oaob.nitrkl.ac.in' images reprocessed

ଲାଭ କରିବୁ ଏବଂ ଆପଣାର ବ୍ୟକ୍ତିଗତ ରୂପାନ୍ତରୀକରଣ ଦ୍ୱାରା ତାଙ୍କୁ ଜାଣିବା ଲାଗି ଯୋଗ୍ୟ ହେବୁ, ତାଙ୍କରି ସହିତ ଯୁକ୍ତ ହୋଇ ପାରିବୁ ଏବଂ ପରିଶେଷରେ, ସଚେତନ ଭାବରେ ତାହାଙ୍କୁହିଁ ଅଭିବ୍ୟକ୍ତ କରି ଆଣିବୁ । ଆମେ ଏହି କାର୍ଯ୍ୟଟି ସକାଶେ ନିଜକୁ ଉତ୍ସର୍ଗ କରି ରଖିବା, ଏହାହିଁ ଆମକୁ ଆମ ଜୀବନ ଧାରଣ ଲାଗି ଯଥାର୍ଥ ଔଚିତ୍ୟଟିକୁ ଆଣି ଦେଇଯିବ । ଏବଂ, ଏହି ମହାନ୍ ଉପଲବ୍ଧିର ସର୍ବପ୍ରଥମ ସୋପାନ ସ୍ୱରୂପ, ଆମେ ଏଠାରେ ଅତିମାନସ ପରମଚେତନାର ଅଭିବ୍ୟକ୍ତି ସଂଘଟିତ କରାଇବୁ ।

ଆମ ନିଜ ଜୀବନରେ ପରମ ଦିବ୍ୟସତ୍ତାଙ୍କର ଉପଲବ୍ଧି କରିବା ଏବଂ ତାହାଙ୍କୁହିଁ ପ୍ରକଟ କରି ଆଣିବା,– ତାହାହିଁ ମାର୍ଗ । ଆମେ କଦାପି ଇତର ପ୍ରାଣୀମାନଙ୍କ ପରି ହୋଇ ରହିବୁ ନାହିଁ, ବିଲେଇ ଓ କୁକୁରଙ୍କ ପରି ଜୀବନ ବଞ୍ଚିବୁ ନାହିଁ ।

ମାତ୍ର ଏହାର ଠିକ୍ ବିପରୀତ ଅବସ୍ଥାହିଁ ହେଲାଣି । ଅରୋଭିଲ୍‌ରେ ବାସ କରୁଥିବା ବ୍ୟକ୍ତିମାନଙ୍କର ଅଧିକାଂଶ ଏକ ଅତିମାନବୀୟ ଜୀବନର ପ୍ରତିନିଧି ହୋଇ ରହିବା ପରିବର୍ତ୍ତେ ଏକ ଅବମାନବୀୟତାର ପ୍ରତିନିଧି ହୋଇ ରହିଛନ୍ତି । ସେସବୁର ଅବସାନ ଘଟାଇବା,– ବର୍ତ୍ତମାନ ତାହାରି ସମୟ ଆସି ପହଞ୍ଚିଲାଣି ।

ସେଠାରେ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ସତେଅବା ସେମିତି ଆସି ପହଞ୍ଚି ଯାଇଛନ୍ତି ଏବଂ ବର୍ତ୍ତମାନ ମୁଁ ଯେତେବେଳେ ସେମାନଙ୍କୁ "ଏସବୁ ରୀତି ଆଦୌ ଚଳିବ ନାହିଁ" ବୋଲି କହୁଛି, ସେମାନେ ଉତ୍ତର ଦେଇ କହୁଛନ୍ତି : "ନାଇଁ, ନାଇଁ, ଆମେ ସେଥିଲାଗି ମୋଟେ ଏଠାକୁ ଆସି ନ ଥିଲୁ ।"

ମୋ'ର ଭାରି ଇଚ୍ଛା ହେଉଛି ଯେ ମୁଁ ସେଠାକୁ ଥରେ ଯାଇପାରନ୍ତି ଏବଂ ସେମାନଙ୍କ ମୁହେଁ ମୁହେଁ କହି ଦିଅନ୍ତି ଯେ ସେମାନେ ପ୍ରକୃତରେ ଭାରି ଭୁଲ୍ ଭିତରେ ଯାଇ ପଡ଼ିଯାଇଛନ୍ତି, ପ୍ରକୃତ ବିଷୟଗୁଡ଼ିକ ଆଦୌ ସେପରି ନୁହେଁ । ମାତ୍ର ମୁଁ ଭାବୁଛି, ବର୍ତ୍ତମାନ ଏହାକୁ ଲିଖିତ ଆକାରରେ କହିବାର ସମୟ ଆସି ପହଞ୍ଚିଛି ।

ଏହା ପ୍ରକୃତରେ କେଡ଼େ ଛୋଟ କଥା, ଏକ ଅତ୍ୟନ୍ତ ନିମ୍ନ ସ୍ତରର ମନୁଷ୍ୟମାନଙ୍କର କଥା !

*ମାତ୍ର ମାଆ, ଆପଣଙ୍କର ଶକ୍ତି ଠିକ୍ ବର୍ତ୍ତମାନ ମୁହୂର୍ତ୍ତରେ ମଧ ଅତ୍ୟନ୍ତ ସକ୍ରିୟ ହୋଇ ରହିଛି ।*

ହଁ, ସେକଥା ମୁଁ ଜାଣିଛି, ଜାଣିଛି; ଏହି ସ୍ଥିତିରେ ରହିଥିବା ସମୟରେ ମୁଁ ସେହି ମହାନ୍ ଶକ୍ତିକୁ ସର୍ବଦାହିଁ ଦେଖିପାରୁଛି,– ଏହା ମୋ'ର ଶକ୍ତି ନୁହେଁ, ଏହା ହେଉଛି ସେହି ଦିବ୍ୟ

'oaob.nitrkl.ac.in' images reprocessed

ଓ ମହାନ୍ ପରମଶକ୍ତି । ମୋ' ନିଜ ବିଷୟରେ କହିବାକୁ ଗଲେ, ମୁଁ ଚେଷ୍ଟା କରୁଛି, ଠିକ୍ ତାହାରି ପରି ହେବା ଲାଗି ଚେଷ୍ଟା କରୁଛି । ଏହି ଶରୀର ଚେଷ୍ଟା କରୁଛି, ଯେପରିକି ତାହା କେବଳ ... କେବଳ ଏକ ପ୍ରେଷକର କାର୍ଯ୍ୟ କରିପାରିବ, ଯଥାସମ୍ଭବ ଅଧିକ ସ୍ୱଚ୍ଛ ଏବଂ ନୈର୍ବ୍ୟକ୍ତିକ ଭାବରେ ସେହି ପ୍ରେଷକର କାର୍ଯ୍ୟଟିକୁ କରିପାରିବ । ଯେପରିକି, ପରମ ଦିବ୍ୟସତ୍ତା ପ୍ରକୃତରେ ଯାହା ଇଚ୍ଛା କରୁଛନ୍ତି, ଏହାରି ମାଧ୍ୟମରେ ସେହି କଥାଟିକୁ କରିପାରିବେ ।

*(ମାଆ ନୀରବ ରହିଲେ)*

କାଲି ମୋ'ର ପ୍ରଥମେ ଏଠାକୁ ଆସିଥିବାର ଅଠାବନ ବର୍ଷ ପୂରିଗଲା । ଅଠାବନ ବର୍ଷକାଳ ମୁଁ କେବଳ ସେଇଥିପାଇଁ କାର୍ଯ୍ୟ କରି ଆସିଛି; ଶରୀର ଯେପରି ଯଥାସମ୍ଭବ ଅଧିକ ସ୍ୱଚ୍ଛ ଏବଂ ଅଧିକ ଅଭୌତିକ ହୋଇ ରହିପାରିବ, ମୁଁ ସେଥିଲାଗି କାର୍ଯ୍ୟ କରି ଆସିଛି । ଅନ୍ୟ ଭାଷାରେ କହିବାକୁ ଗଲେ, ଅବତରଣ କରିଆସୁଥିବା ସେହି ପରମଶକ୍ତି ନିମନ୍ତେ ତାହା ଯେପରି ଆଦୌ କୌଣସି ପ୍ରକାରେ ଏକ ପ୍ରତିବନ୍ଧକ ହୋଇ ନ ରହିବ, ମୁଁ ସେଇଥିଲାଗି କାର୍ଯ୍ୟ କରି ଆସିଛି ।

ବର୍ତ୍ତମାନ, ଶରୀର, ଶରୀରହିଁ ଆପଣାର ସବୁଯାକ କୋଷର ମଧ୍ୟଦେଇ ଠିକ୍ ସେହି କଥାଟିକୁ ଇଚ୍ଛା କରୁଛି । କେବଳ ସେହି କାରଣଟି ସକାଶେହିଁ ଅସ୍ତିତ୍ୱ ଧରି ରହିଛି । ଏହି ଧରଣୀ ପୃଷ୍ଠରେ ତାହା ଏପରି ଏକ ସଂପୂର୍ଣ୍ଣ ସ୍ୱଚ୍ଛ, ସ୍ୱଚ୍ଛପ୍ରାୟ ଉପାଦାନକୁ ଉପଲବ୍ଧି କରିବାକୁ ଚେଷ୍ଟା କରିବ, ଯାହାକି ସେହି ପରମଶକ୍ତିକୁ କାର୍ଯ୍ୟ କରିବା ଲାଗି ବାଟ ଛାଡ଼ି ଦେବ ଓ ତାହାକୁ କୌଣସି ପ୍ରକାରେ ବିକୃତ କରି ପକାଇବ ନାହିଁ ।

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

# ଭାରତବର୍ଷ

*(୧୯୪୭ ମସିହା ଜୁନ୍ ଦୁଇ ତାରିଖ ଦିନ ଭାରତର ଭାଇସ୍‌ରୟ ଲର୍ଡ଼ ଲୁଇସ୍ ମାଉଣ୍ଟବାଟେନ୍ ଏକ ରେଡ଼ିଓ-ଭାଷଣରେ ଭାରତବର୍ଷରୁ ପାକିସ୍ତାନର ଓ ଆଉ କେତେକ ଅଂଶର ବିଭାଜନ ବିଷୟରେ ପ୍ରସ୍ତାବ ଦେଇଥିଲେ । ଭାରତକୁ ହିନ୍ଦୁ ରାଷ୍ଟ୍ର ଓ ମୁସଲମାନ ରାଷ୍ଟ୍ର ରୂପେ ବିଭକ୍ତ କରିବା ଲାଗି ପ୍ରସ୍ତାବ ଦେଇଥିଲେ । ରେଡ଼ିଓ-ପ୍ରସାରଣଟିକୁ ଶୁଣି ସାରିବା ପରେ ମାଆ ନିମ୍ନଲିଖିତ ବିବୃତିଟିକୁ ଦେଇଥିଲେ ।)*

ଭାରତୀୟ ସ୍ୱାଧୀନତାର ବ୍ୟବସ୍ଥା କରିବାରେ ଆମକୁ ସମ୍ମୁଖୀନ ହେବାକୁ ପଡୁଥିବା ଅସୁବିଧାଗୁଡ଼ିକର ସମାଧାନ ଲାଗି ଏକ ପ୍ରସ୍ତାବ ଉପସ୍ଥାପନ କରାଯାଇଛି ଏବଂ ଭାରତବର୍ଷର ନେତାମାନେ ଯେତେ ଯାହା ଅନୁଶୋଚନ ଏବଂ ହୃଦୟ-ସମୀକ୍ଷଣର ତିକ୍ତତା ସହିତ ହେଲେ ମଧ୍ୟ ତାହାକୁ ଗ୍ରହଣ କରିବାକୁ ଯାଉଛନ୍ତି ।

ମାତ୍ର ଆମ ଆଗରେ କାହିଁକି ଏପରି ଏକ ପ୍ରସ୍ତାବକୁ ଆଣି ବାଢ଼ି ଦିଆଯାଇଛି, ତୁମେ ସେକଥା ଜାଣିଛ କି ? ଆମ ଆଗରେ ଆମେ କରୁଥିବା କଳହଗୁଡ଼ିକର ନିରର୍ଥକତାକୁ ପ୍ରମାଣ କରିଦେବାକୁହିଁ ଆମ ଆଗରେ ସେହି ପ୍ରସ୍ତାବଟିକୁ ରଖାଯାଇଛି ।

ଆମକୁ ଏହି ପ୍ରସ୍ତାବଗୁଡ଼ିକୁ କାହିଁକି ଗ୍ରହଣ କରିନେବାକୁ ପଡୁଛି, ତୁମେ ସେକଥା ଜାଣ କି ? ଆମର ଏହି ଯାବତୀୟ କଳହ ଯେ ପ୍ରକୃତରେ କେଡ଼େ ନିରର୍ଥକ, ନିଜ ସକାଶେ ଆମେ ଯେପରି ତାହାରି ପ୍ରମାଣ ପାଇଯିବୁ, ସେହି ସକାଶେ ଏହି ପ୍ରସ୍ତାବଟିକୁ ଆଣି ରଖାଯାଇଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହା ଆଦୌ କୌଣସି ସମାଧାନ ନୁହେଁ, ଏହା ହେଉଛି ଏକ ପରୀକ୍ଷା, ଏକ ଅଗ୍ନିପରୀକ୍ଷା, ଯାହାକି, ଯଦି ଆମେ ସକଳ ଆନ୍ତରିକତା ସହିତ ଏହାକୁ ଉତ୍ତୀର୍ଣ୍ଣ ହୋଇଯାଇ ପାରିବା, ଆମ ଲାଗି ପ୍ରମାଣିତ କରିଦେଇ ଯିବ ଯେ, ଏକ ଦେଶକୁ ସାନ ସାନ ଖଣ୍ଡରେ ବିଭକ୍ତ କରି କାଟି ଆମେ ତାହାର ଏକତା ଏବଂ ମହାନତାକୁ ସମ୍ଭବ କରି ପାରିବା ନାହିଁ; ପରସ୍ପର ବିରୋଧରେ ଯାବତୀୟ ସ୍ୱାର୍ଥର ସଂଘାତ ଘଟାଇ ଆମେ କଦାପି ଏହାର ସମୃଦ୍ଧିକୁ ସମ୍ଭବ କରି ପାରିବା ନାହିଁ, ଗୋଟିଏ ମତାନ୍ଧତାକୁ ଆଉ ଗୋଟିଏ ମତାନ୍ଧତାର ବିରୋଧୀ ରୂପେ ଛିଡ଼ା କରାଇ ଆମେ କଦାପି ପରମ ସତ୍ୟର ସେବା କରି ପାରିବା ନାହିଁ । ଯାହା କିଛି ଘଟୁ ପଛକେ, ଭାରତ ବର୍ଷର କେବଳ ଗୋଟିଏ ଆତ୍ମା ରହିଛି ଏବଂ ଏକ ଅଖଣ୍ଡ ଅବିଭାଜ୍ୟ ଭାରତର କଥା କହି

'oaob.nitrkl.ac.in' images reprocessed

ପାରିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିବାର ଏହି ମଧ୍ୟବର୍ତ୍ତୀ କାଳରେ ଆମ ସମସ୍ତଙ୍କର ଘୋଷଣା ଏହାହିଁ ହୋଇ ରହିବା ଉଚିତ :

ଭାରତ ବର୍ଷର ଆତ୍ମା ଅମର ହୋଇ ରହିଥାଉ !

୩ ଜୁନ୍ ୧୯୪୭

*

ଭାରତବର୍ଷର ଆତ୍ମା ଏକ ଏବଂ ଅବିଭାଜ୍ୟ । ଜଗତରେ ଭାରତବର୍ଷକୁ ଯେଉଁ ମହାନ୍ କର୍ମ କରିବାକୁ ରହିଛି, ଭାରତବର୍ଷ ସେହି ବିଷୟରେ ସର୍ବଦା ସଚେତନ । ସିଏ ଅଭିବ୍ୟକ୍ତିର ବାହ୍ୟ ସାଧନଗୁଡ଼ିକ ଲାଗି ଅପେକ୍ଷା କରି ରହିଛି ।

୬ ଜୁନ୍ ୧୯୪୭

*

## ଆବାହନ

୧୫ ଅଗଷ୍ଟ ୧୯୪୭

ହେ ଆମ ଜନନି ଭାରତବର୍ଷର ଆତ୍ମା, ହେ ଜନନି ଯିଏକି ତମିସ୍ରତମ ନୈରାଶ୍ୟର ଦିନଗୁଡ଼ିକରେ ମଧ୍ୟ ଆପଣାର ସନ୍ତାନବର୍ଗଙ୍କୁ କଦାପି ଛାଡ଼ି ଚାଲି ଯାଇ ନାହିଁ, ଏପରିକି, ସେମାନେ ତୁମର କଥାରେ କର୍ଣ୍ଣପାତ ନ କରୁଥିବା ଏବଂ ତୁମକୁ ଅସ୍ୱୀକାର କରି ଅନ୍ୟ କର୍ତ୍ତାମାନଙ୍କର ପରିଚର୍ଯ୍ୟା କରୁଥିବା ସମୟରେ ମଧ୍ୟ ଯିଏ ତଥାପି ସେମାନଙ୍କୁ ବର୍ଜନ କରି ନାହିଁ,— ବର୍ତ୍ତମାନ ଯେତେବେଳେ ସେମାନେ ଜାଗ୍ରତ ହୋଇଛନ୍ତି ଏବଂ ତୁମ ବନ୍ଧନମୋଚନର ଏହି ଉଷାକ୍ଷଣରେ ଯେତେବେଳେ ତୁମରି ମୁଖମଣ୍ଡଳ ଉପରେ ଆଲୋକର ସମ୍ପାତ ହେଉଛି, ଏହି ମହାନ୍ ମୁହୂର୍ତ୍ତରେ ଆମେ ତୁମକୁ ପ୍ରଣାମ କରୁଛୁ । ତୁମେ ଆମକୁ ବାଟ ଦେଖାଇ ନେଇଯାଅ, ଯେପରିକି ଆମ ସମ୍ମୁଖରେ ଉନ୍ମୋଚିତ ହୋଇ ଯାଉଥିବା ସ୍ୱାଧୀନତାର ଦିଗ୍‌ବଳୟଟି ଯଥାର୍ଥ ମହାନତାର ଏକ ଦିଗ୍‌ବଳୟରେ ମଧ୍ୟ ପରିଣତ ହୋଇପାରିବ, ଜାତିଚୟର ସମାବେଶ ମଧ୍ୟରେ ତୁମର ଯଥାର୍ଥ ଜୀବନର ଏକ ଦିଗ୍‌ବଳୟରେ ପରିଣତ ହୋଇଯାଇ ପାରିବ । ତୁମେ ଆମର ପଥ ପ୍ରଦର୍ଶନ କରାଅ, ଯେପରି କି ଆମେ ନିରନ୍ତର ମହାନ୍ ଆଦର୍ଶଗୁଡ଼ିକର ପକ୍ଷରେହିଁ ରହିଥାଉ ଏବଂ ମନୁଷ୍ୟ-ସମାଜ ଆଗରେ ତୁମର ଯଥାର୍ଥ ମୁଖଟିକୁ ପ୍ରକାଶିତ କରି ଦେଇପାରୁ,— ଅଧ୍ୟାତ୍ମ ମାର୍ଗଚୟର ଯାତ୍ରାରେ ଜଣେ ନେତା ରୂପେ ଏବଂ ସକଳ ଜାତିର ଜଣେ ବନ୍ଧୁ ଏବଂ ସାହାଯ୍ୟକାରୀ ରୂପେ ତୁମର ପରିଚୟଟିକୁ ପ୍ରଦାନ କରିପାରୁ ।

*

'oaob.nitrkl.ac.in' images reprocessed

*('ମାତୃ-ପତାକା' ବିଷୟରେ, ଯେଉଁଥିରେ କି ଏକ ରୌପ୍ୟ-ନୀଳ ପୃଷ୍ଠଭୂମି ଉପରେ ସୁନେଲି ରଙ୍ଗରେ ତାଙ୍କର ପ୍ରତୀକଟି ଠିକ୍ କେନ୍ଦ୍ରରେ ଅଙ୍କିତ ହୋଇ ରହିଛି ।)*

ଏହି ପତାକା ହେଉଛି ଭାରତବର୍ଷର ଆଧ୍ୟାତ୍ମିକ ବ୍ରତର ପତାକା । ଏବଂ ଏହି ବ୍ରତଟିର ସମ୍ପାଦନ ଦ୍ୱାରାହିଁ ଭାରତୀୟ ଏକତାର ଉପଲବ୍ଧି ହୋଇ ପାରିବ ।

*୧୫ ଅଗଷ୍ଟ ୧୯୪୭*

*

ନିଷ୍ପାପର, ସାହସୀ, ସହିଷ୍ଣୁ ଏବଂ ସାଧୁ ହୋଇହିଁ ତୁମେ ସର୍ବୋତ୍ତମ ଭାବରେ ତୁମ ଦେଶର ସେବା କରି ପାରିବ, ତାହାକୁ ପୁଣି ଅଖଣ୍ଡ କରି ପାରିବ, ପୃଥିବୀରେ ତାହାକୁ ବଡ଼ କରି ପାରିବ ।

*ଅକ୍ଟୋବର ୧୯୪୮*

*

*(ଭାରତବର୍ଷର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ପୁନର୍ଜନ୍ମ ଲାଗି ଗଠିତ ସମିତି ଉଦ୍ଦେଶ୍ୟରେ ପ୍ରଦତ୍ତ ସନ୍ଦେଶ)*

ଭାରତୀୟ ଅତୀତର ଐଶ୍ୱର୍ଯ୍ୟ ଓ ମହିମା ତା'ର ଜୀବନ୍ତ ଆତ୍ମାର ସହାୟତା ତଥା ଆଶୀର୍ବାଦକୁ ବହନ କରି ତା'ର ଆସନ୍ନ ଭବିଷ୍ୟତର ଉପଲବ୍ଧି ମଧ୍ୟରେହିଁ ପୁନର୍ଜନ୍ମ ଲାଭ କରୁ ।

*୨୩ ଅଗଷ୍ଟ ୧୯୫୧*

*

ସମଗ୍ର ପୃଥିବୀର କଲ୍ୟାଣ ନିମନ୍ତେ ଭାରତବର୍ଷକୁ ବଞ୍ଚାଇ ରଖିବାକୁ ହେବ, କାରଣ କେବଳ ଭାରତବର୍ଷହିଁ ପୃଥିବୀକୁ ଶାନ୍ତି ଏବଂ ଏକ ନୂତନ ବିଶ୍ୱ ବ୍ୟବସ୍ଥା ଆଡ଼କୁ ଅଗ୍ରସର କରାଇ ନେଇ ପାରିବ ।[§]

*ଫେବ୍ରୁଆରି ୧୯୫୪*

*

କେବଳ ଦିବ୍ୟ ପରମ ଶକ୍ତିମତ୍ତାହିଁ ଭାରତବର୍ଷର ସହାୟ ହେବେ । ଯଦି ତୁମେ ଏହି ଦେଶରେ ବିଶ୍ୱାସ ଏବଂ ସଂବଦ୍ଧତା ନିର୍ମାଣ କରି ପାରିବ, ତେବେ ମନୁଷ୍ୟ ଦ୍ୱାରା ନିର୍ମିତ ଯେକୌଣସି ଶକ୍ତିଶାଳିତା ଅପେକ୍ଷା ତାହା ଅନେକ ଅଧିକ ପରିମାଣରେ ଶକ୍ତିଶାଳୀ ହେବ ।[§]

*ଫେବ୍ରୁଆରି ୧୯୫୪*

*

'oaob.nitrkl.ac.in' images reprocessed

ଭାରତ ତଥା ପୃଥିବୀର ରକ୍ଷା କରିବା ସକାଶେ ଏପରି ଗୋଟିଏ ଶକ୍ତିଶାଳୀ ଗୋଷ୍ଠୀର ନିର୍ମାଣ ହେବ, ଯାହାର ଇଚ୍ଛା ସଂବଦ୍ଧ ରହିଥିବ ଓ ଯିଏ ଆଧ୍ୟାତ୍ମିକ ଜ୍ଞାନର ଅଧିକାରୀ ହୋଇ ରହିଥିବ । କେବଳ ଭାରତବର୍ଷହିଁ ପୃଥିବୀରେ ପରମସତ୍ୟର ସଂସ୍ଥାପନା କରିପାରିବ । କେବଳ ସେହି ଦିବ୍ୟ ପରମ ଇଚ୍ଛା ଏବଂ ପରମ ଶକ୍ତିର ପରିପ୍ରକାଶ ଘଟାଇବା ଦ୍ୱାରାହିଁ ଭାରତବର୍ଷ ଆପଣାର ବାଣୀକୁ ବିଶ୍ୱରେ ପ୍ରଚାର କରି ପାରିବ; ମାତ୍ର ପାଶ୍ଚାତ୍ୟ ଜଗତର ବସ୍ତୁବାଦର ଅନୁକରଣ ଦ୍ୱାରା କଦାପି କରିପାରିବ ନାହିଁ । ସେହି ଦିବ୍ୟ ପରମ ଇଚ୍ଛାର ଅନୁସରଣ କରିହିଁ ଭାରତବର୍ଷ ଆଧ୍ୟାତ୍ମିକତାର ଗିରିଶିଖର ଉପରେ ଜ୍ୟୋତି-ବିଭାସିତ ରୂପରେ ଯାଇ ଦଣ୍ଡାୟମାନ ହୋଇ ପାରିବ, ପରମସତ୍ୟର ପଥଟିକୁ ଦେଖାଇ ଦେଇ ପାରିବ ଏବଂ ବିଶ୍ୱ-ଐକ୍ୟର ସଂଗଠନ କରି ପାରିବ ।[§]

*ଫେବ୍ରୁଆରି ୧୯୫୪*

*

ଭାରତବର୍ଷର ଭବିଷ୍ୟତ ଅତ୍ୟନ୍ତ ସ୍ପଷ୍ଟ । ଭାରତବର୍ଷ ହେଉଛି ପୃଥିବୀର ଗୁରୁ । ପୃଥିବୀର ଭବିଷ୍ୟତ ଗଠନ ଭାରତବର୍ଷ ଉପରେହିଁ ନିର୍ଭର କରୁଛି, ଭାରତବର୍ଷ ଏକ ଜୀବନ୍ତ ଆତ୍ମା । ଭାରତବର୍ଷ ଏହି ପୃଥିବୀପୃଷ୍ଠରେ ଆଧ୍ୟାତ୍ମିକ ଜ୍ଞାନର ଅବତରଣ କରାଇ ଆଣୁଛି । ଏହି ଭୂମିରେ ଭାରତବର୍ଷର ଯେଉଁ ବିଶେଷ ତାତ୍ପର୍ଯ୍ୟ ରହିଛି, ଭାରତ ସରକାର ତାହାକୁ ସ୍ୱୀକୃତି ଦେବା ଉଚିତ ଏବଂ ସେହି ଅନୁସାରେହିଁ ନିଜର କର୍ମଯୋଜନା ସ୍ଥିର କରିବା ଉଚିତ ।[§]

*ଫେବ୍ରୁଆରି ୧୯୫୪*

*

ଏକ ମହାଭୟଙ୍କର ସମରରେ ବିଜୟ ଲାଭ କରି ଭାରତବର୍ଷ ଯେତେବେଳେ ନିଜର କ୍ଷେତ୍ରୀୟ ସମଗ୍ରତାକୁ ପୁନର୍ବାର ଫେରି ପାଇବ, ଯେତେବେଳେ, ଆହୁରି ଅଧିକ ଭୟଙ୍କରତାପୂର୍ଣ୍ଣ ହୋଇ ରହିଥିବା ଏକ ନୈତିକ ସଙ୍କଟରୁ — କାରଣ ଶରୀରକୁ ହତ୍ୟା କରିବା ପରିବର୍ତ୍ତେ ଏହା ଆତ୍ମାକ୍ଷେତ୍ରର ସମ୍ପର୍କଟିକୁ ନଷ୍ଟ କରିଦିଏ ଓ ଏକ ଅଧିକ ବଡ଼ ବିପଦର ସଂଘଟନ କରାଏ, ବିଜୟ ଲାଭ କରି ଭାରତବର୍ଷ ପୃଥିବୀରେ ପୁନର୍ବାର ଆପଣାର ଯଥାର୍ଥ ସ୍ଥାନ ତଥା ବ୍ରତର ଅଧିକାରୀ ହୋଇଯିବ, ସେତେବେଳେ, ବର୍ତ୍ତମାନ ଲାଗି ରହିଥିବା ଶାସନକ୍ଷେତ୍ରଗତ ଓ ରାଜନୀତିକ ପରିପନ୍ଥିତାରୁ ଜାତ ହେଉଥିବା ଏହି ଯାବତୀୟ କ୍ଷୁଦ୍ର କଳହର ଅବସାନ ଘଟିବ । ସଂପୂର୍ଣ୍ଣ ଭାବରେ ବ୍ୟକ୍ତିଗତ ସ୍ୱାର୍ଥ ତଥା ଉଚ୍ଚାକାଙ୍କ୍ଷାର ସଂଘାତରୁହିଁ ସେହି କଳହଗୁଡ଼ିକ ଜାତ ହେଉଛି । ସେତେବେଳେ ଏକ ନ୍ୟାୟପୂର୍ଣ୍ଣ ତଥା ସନ୍ଦୀପିତ ମୈତ୍ରୀସ୍ଥାପନରେହିଁ ସେଗୁଡ଼ିକର ଆପେଆପେ ସମାଧାନ ହୋଇଯିବ ।

*୧୭ ଏପ୍ରିଲ ୧୯୫୪*

*

'oaob.nitrkl.ac.in' images reprocessed

*(୧୯୫୪ ମସିହା ନଭେମ୍ବର ପହିଲାଦିନ ପଣ୍ଡିଚେରୀ ସମେତ ସବୁଯାକ ଫରାସୀ ଉପନିବେଶ ଭାରତୀୟ ଇଉନିଅନ୍‌ରେ ଆସି ମିଶିଥିଲେ । ଆଶ୍ରମରେ ଏହି ଅବସରଟିକୁ ପାଳନ କରିବା ଲାଗି ମଞ୍ଚିରେ ମାଆଙ୍କର ପ୍ରତୀକ ରହିଥିବା ପତାକାଟିର ଉତ୍ତୋଳନ କରାଯାଇଥିଲା । ସକାଳ ୬ । ୨୦ ମିନିଟ୍‌ରେ ଏହି ଅନୁଷ୍ଠାନଟି ହୋଇଥିଲା ଏବଂ ମାଆ ସେତେବେଳେ ନିମ୍ନଲିଖିତ ସନ୍ଦେଶଟିକୁ ପାଠ କରିଥିଲେ ।)*

ଆମମାନଙ୍କ ସକାଶେ ନଭେମ୍ବର ପହିଲାର ଏକ ଗଭୀର ତାତ୍ପର୍ଯ୍ୟ ରହିଛି । ଆମର ଗୋଟିଏ ପତାକା ଅଛି, ଯାହାକୁକି ଶ୍ରୀଅରବିନ୍ଦ ଐକ୍ୟବଦ୍ଧ ଭାରତବର୍ଷର ଆଧ୍ୟାତ୍ମିକ ପତାକା ବୋଲି କହିଥିଲେ । ଏହାର ବର୍ଗାକୃତି, ଏହାର ରଙ୍ଗ ଓ ତାହାର ନମୁନାଟିର ଯାବତୀୟ ଟିଖିନିଖି,– ଏଗୁଡ଼ିକର ପ୍ରତ୍ୟେକଟିର ଏକ ପ୍ରତୀକାତ୍ମକ ଅର୍ଥ ରହିଛି । ଭାରତବର୍ଷ ସ୍ୱାଧୀନତା ହାସଲ କଲା ଦିନ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଏହାର ଉତ୍ତୋଳନ କରାଯାଇଥିଲା । ଏବଂ ବର୍ତ୍ତମାନ, ୧୯୫୪ ମସିହା ନଭେମ୍ବର ପହିଲାରେ ଏହିସବୁ ଉପନିବେଶର ଭାରତବର୍ଷ ସହିତ ସମ୍ମିଶ୍ରଣ ହେଉଥିବା ସମୟରେ ମଧ୍ୟ ସେହି ପତାକାଟିର ଉତ୍ତୋଳନ କରାଯିବ । ଭବିଷ୍ୟତରେ ଯେତେବେଳେ ଭାରତବର୍ଷ ହରାଇଥିବା ଅନ୍ୟ ଅଂଶଗୁଡ଼ିକୁ ମଧ୍ୟ ଫେରି ପାଇବ, ସେତେବେଳେ ମଧ୍ୟ ଏହି ପତାକାଟି ଉତ୍ତୋଳିତ ହେବ । ସଂଯୁକ୍ତ ଐକ୍ୟବଦ୍ଧ ଭାରତବର୍ଷର ଏହି ପୃଥିବୀରେ ଏକ ବିଶେଷ କର୍ମର ସାଧନ କରିବାକୁ ରହିଛି । ଶ୍ରୀଅରବିନ୍ଦ ତାହାରି ପାଇଁହିଁ ନିଜର ଜୀବନକୁ ଉତ୍ସର୍ଗ କରିଛନ୍ତି ଏବଂ ଆମେ ମଧ୍ୟ ତାହା କରିବା ଲାଗି ପ୍ରସ୍ତୁତ ହୋଇ ରହିଛୁ ।

*୧ ନଭେମ୍ବର ୧୯୫୪*


*

*(ଆଶ୍ରମ ପରିଦର୍ଶନରେ ଆସିଥିବା ଭାରତବର୍ଷର ରାଷ୍ଟ୍ରପତି ଡକ୍‌ଟର୍ ରାଜେନ୍ଦ୍ର ପ୍ରସାଦଙ୍କୁ ପ୍ରଦତ୍ତ ସନ୍ଦେଶ)*

ଭାରତବର୍ଷକୁ ତା' ଆପଣା ବ୍ରତର ଉଚ୍ଚତା ପର୍ଯ୍ୟନ୍ତ ଉନ୍ନୀତ ହୋଇଯିବାକୁ ପଡ଼ିବ ଏବଂ ପୃଥିବୀରେ ପରମସତ୍ୟର ଘୋଷଣା କରିବାକୁ ପଡ଼ିବ ।

*୧୫ ନଭେମ୍ବର ୧୯୫୫*

'oaob.nitrkl.ac.in' images reprocessed


India must rise to the height of her mission and proclaim the Truth to the world

*

*ଭାରତବର୍ଷକୁ ଭାରତୀୟମାନଙ୍କର କବଳରୁ ରକ୍ଷା କରିବା ଲାଗି ମୁଁ ଆପଣଙ୍କ ପାଖରେ ପ୍ରାର୍ଥନା କରୁଛି ।*

ହଁ, ପ୍ରକୃତରେ ତାହାହିଁ ଆବଶ୍ୟକ ବୋଲି ବୋଧ ହେଉଛି ।

*୧୯୫୫*

*

ବର୍ତ୍ତମାନ ମୁହୂର୍ତ୍ତର ସକଳ ଅନ୍ଧକାରାଚ୍ଛନ୍ନତା ସତ୍ତ୍ୱେ ଭାରତବର୍ଷର ଭବିଷ୍ୟତ ଜ୍ୟୋତିର୍ମୟ ହୋଇ ରହିଛି ।

*୧୯୫୭*

*

*(୧୯୬୨ ମସିହା ଅକ୍ଟୋବର୍ ୨୦ ତାରିଖ ଦିନ ଚୀନ ଭାରତବର୍ଷ ଉପରେ ତା'ର ଉତ୍ତର-ପୂର୍ବ ଓ ଉତ୍ତର-ପଶ୍ଚିମ ସୀମାକ୍ଷେତ୍ରରେ ଆକ୍ରମଣ କଲା । ଅକ୍ଟୋବର ୨୦ ରୁ ୨୮ ତାରିଖ ମଧ୍ୟରେ ଚୀନ୍‌ର ସୈନ୍ୟମାନେ ଏକାଧିକ ସାମରିକ ଘାଟିମାନ ଦଖଲ କରିନେଲେ ଏବଂ ଭାରତୀୟ ସୈନ୍ୟବାହିନୀକୁ ହଟି*

'oaob.nitrkl.ac.in' images reprocessed

*ଆସିବା ଲାଗି ବାଧ୍ୟ କଲେ, ଏହି ସମୟରେ ମାଆ ନିମ୍ନଲିଖିତ ଚାରୋଟିଯାକ ବିବୃତି ଦେଇଥିଲେ ।)*

*ବେଳେବେଳେ ମୋତେ ଲାଗୁଛି ଯେ ଆମ ନେତାମାନଙ୍କ ମେରୁଦଣ୍ଡ ଦୁର୍ବଳ — କେନେଡ଼ି କ୍ୟୁବା ଉପରେ ସିଦ୍ଧାନ୍ତଗ୍ରହଣ କଲା ବେଳର ସାହସ ତୁଳନାରେ ।*

ବର୍ତ୍ତମାନ ଏହି ପ୍ରକାରର ଭାବନାକୁ ପ୍ରଶ୍ରୟ ଦେବା ଆଦୌ ସଙ୍ଗତି ସଂପନ୍ନ ହେଉ ନାହିଁ । ଆମେ ଯେପର୍ଯ୍ୟନ୍ତ କୌଣସି କଥାକୁ ନିର୍ବିବାଦ ଭାବରେ ପ୍ରତିପାଦିତ କରି ନ ପାରିଛୁ, ଏହିପରି ଏକ ପରିସ୍ଥିତିରେ ଆମେ ଅଧିକ ଭଲ ଭାବରେ କରି ପାରନ୍ତୁ ବୋଲି ଯେପର୍ଯ୍ୟନ୍ତ ସ୍ପଷ୍ଟ ପ୍ରମାଣ ନ ପାଇଛୁ, ସେ ପର୍ଯ୍ୟନ୍ତ ଆମର କାହାକୁ ଅନୁପଯୁକ୍ତ ବୋଲି କହି ସମାଲୋଚନା କରିବା ଆଦୌ ଯୁକ୍ତିଯୁକ୍ତ ହେବ ନାହିଁ ।

ତୁମେ ନିଜକୁ ଭାରତର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରଧାନମନ୍ତ୍ରୀ ପାଇଁ ଉପଯୁକ୍ତ ବୋଲି ଅନୁଭବ କରୁଛ କି ? ମୋର ଉତ୍ତର : ନିଶ୍ଚିତରୂପେ ଏହା ନୁହେଁ, ଏବଂ ତୁମକୁ ମୋର ଉପଦେଶ ଯେ ନୀରବତା ବଜାୟ ରଖ ଓ ଶାନ୍ତ ରୁହ ।

*୨୪ ଅକ୍ଟୋବର ୧୯୬୨*

*

ଦେଶପ୍ରେମ ସୂଚକ ଭାବ ପ୍ରକାଶର ଆମ ଯୋଗ ସହିତ କୌଣସି ଅସଙ୍ଗତି ନାହିଁ । ସେ କଥା ଆଦୌ ନୁହେଁ,— ବରଂ, ଆପଣାର ମାତୃଭୂମି ନିମନ୍ତେ ବଳ ଏବଂ ସୁଦୃଢ଼ତାର କାମନା କରିବାକୁ ଏକ ସଂପୂର୍ଣ୍ଣ ଯୁକ୍ତିଯୁକ୍ତ ଭାବନା ବୋଲି କୁହାଯାଇ ପାରିବ; ଏପରି ଇଚ୍ଛା କରିବା ଯେ, ମାତୃଭୂମିର ଅଗ୍ରଗତି ହେଉ, ଅଧିକରୁ ଅଧିକ ପୂର୍ଣ୍ଣମୁକ୍ତ ଭାବରେ ସିଏ ଆପଣାର ସତ୍ତାଗତ ସତ୍ୟଟିକୁ ବ୍ୟକ୍ତ କରି ଆଣିପାରୁ,— ଏହାକୁ ଅବଶ୍ୟ ଏକ ସୁନ୍ଦର ଏବଂ ମହତ୍ ଇଚ୍ଛା ବୋଲି କୁହାଯିବ, ଯାହାକି ଆମ ଯୋଗର କୌଣସି କ୍ଷତି ଘଟାଇବ ନାହିଁ ।

ମାତ୍ର, ଆମେ ସେଥିଲାଗି ଆଦୌ ଉତ୍ତେଜିତ ହୋଇ ପଡ଼ିବା ନାହିଁ, ଯଥାର୍ଥ ସମୟ ଆସି ପହଞ୍ଚିବା ପୂର୍ବରୁ କୌଣସି କାର୍ଯ୍ୟପନ୍ଥା ଅବଲମ୍ବନ କରିବା ଲାଗି ହୁଁ କରି ଡେଇଁ ପଡ଼ିବା ନାହିଁ । ଆମେ ଅବଶ୍ୟ ସତ୍ୟର ବିଜୟ ନିମନ୍ତେ ପ୍ରାର୍ଥନା କରି ପାରିବା, ସେଥିଲାଗି ଅଭୀପ୍ସା ରଖିପାରିବା ଏବଂ ଇଚ୍ଛା ମଧ୍ୟ ପୋଷଣ କରିପାରିବା । ଏହିଗୁଡ଼ିକ କରିବାହିଁ ଆମ ଲାଗି ଅବଶ୍ୟ ଉଚିତ ହେବ । ଏବଂ ଯୁଗପତ୍ ଭାବରେ, ଆମେ ନିଜର ଦୈନନ୍ଦିନ କର୍ତ୍ତବ୍ୟ ମଧ୍ୟ କରୁଥିବା ‘ଏବଂ ସେହି ସୁସ୍ପଷ୍ଟ ସଙ୍କେତଟି, ଏଥର କାର୍ଯ୍ୟ

'oaob.nitrkl.ac.in' images reprocessed

କରିବାକୁ ହେବ ବୋଲି ସୂଚାଇ ଦେଇ ସେହି ସଙ୍କେତଟି ଆସିବା ପର୍ଯ୍ୟନ୍ତ ସ୍ଥିରଚିତ୍ତ ହୋଇ ଅପେକ୍ଷା କରି ରହିବା ।

ମୋ'ର ଅନେକ ଆଶୀର୍ବାଦ ସହିତ ।

*୨୭ ଅକ୍ଟୋବର ୧୯୬୨*

*

ନୀରବ ରହ ! ନୀରବ ରହ !

ବର୍ତ୍ତମାନ ହେଉଛି ଶକ୍ତି ସଂଗ୍ରହ କରିବାର ବେଳ, ସଂପୂର୍ଣ୍ଣ ନିରର୍ଥକ ଏବଂ ଉପଯୋଗିତାହୀନ ଶବ୍ଦ ପ୍ରୟୋଗରେ ସେଗୁଡ଼ିକୁ ବୃଥା ନଷ୍ଟ କରି ଦେବାର ଆଦୌ ବେଳ ନୁହେଁ ।

ଦେଶର ଉପସ୍ଥିତ ପରିସ୍ଥିତି ସମ୍ବନ୍ଧରେ ଯିଏ ନିଜର ମତଗୁଡ଼ିକୁ ଏତେ ବଡ଼ ପାଟି କରି ଘୋଷଣା କରୁଛି, ତା'ର ଅବଶ୍ୟ ବୁଝିବା ଉଚିତ ଯେ ତା'ର ସେହିସବୁ ମତର ଆଦୌ କୌଣସି ମୂଲ୍ୟ ନାହିଁ ଏବଂ ତାହା ଭାରତ-ଜନନୀଙ୍କୁ ବର୍ତ୍ତମାନର ସଙ୍କଟଗୁଡ଼ିକରୁ ମୁକ୍ତ ହୋଇ ଆସିବାରେ ଏତେ ଟିକିଏ ମଧ୍ୟ ସହାୟତା କରି ପାରିବ ନାହିଁ । ଯଦି ତୁମେ ପ୍ରକୃତରେ କୌଣସି କାର୍ଯ୍ୟରେ ଲାଗିବାକୁ ଇଚ୍ଛା କରୁଥାଅ, ତେବେ ସର୍ବପ୍ରଥମେ ନିଜକୁ ନିୟନ୍ତ୍ରିତ କରି ରଖ ଓ ନୀରବ ହୋଇ ରହ ।

ନୀରବ ରହ ! ନୀରବ ରହ ! ନୀରବ ରହ !

କେବଳ ଏହି ନୀରବତା ମଧ୍ୟରେହିଁ ଯାବତୀୟ ବୃହତ୍ କାର୍ଯ୍ୟର ସାଧନ ସମ୍ଭବ ହେବ ।

*୨୮ ଅକ୍ଟୋବର୍ ୧୯୬୨*

*

*ଯଦି ଆପଣ ଅନୁମତି ଦେବେ, ତେବେ ଆମେ ଆପଣଙ୍କର ସାନ ପିଲାମାନଙ୍କ ଠାରୁ କିଛି ଚାନ୍ଦା ସଂଗ୍ରହ କରିବୁ ଏବଂ ସେହି ଚାନ୍ଦାକୁ ଆପଣଙ୍କର କାର୍ଯ୍ୟ ଲାଗି ଆପଣଙ୍କ ପାଖରେ ଆଣି ନିବେଦନ କରିଦେବୁ ।*

ତାହା ବେଶ୍ ଭଲ କଥା ହେବ । ମୁଁ ଅନୁମତି ଦେଉଛି । ଏହି ଅବସରରେ ତୁମକୁ ଏକଥା ମଧ୍ୟ କହି ଦେବାକୁ ଇଚ୍ଛା କରୁଛି ଯେ, ଭାରତ ବର୍ଷର ପ୍ରତିରକ୍ଷା ସକାଶେ ମୁଁ ଆଶ୍ରମର ଅନୁଦାନକୁ ବର୍ତ୍ତମାନ ସିଧା ଦିଲ୍ଲୀକୁ ପଠାଇ ଦେଇଛି ।

ମୋ'ର ଅନେକ ଆଶୀର୍ବାଦ ସହିତ ।

*୩୧ ଅକ୍ଟୋବର ୧୯୬୨*

*

'oaob.nitrkl.ac.in' images reprocessed

ଯଥାର୍ଥ ଆଧ୍ୟାତ୍ମିକତା କହିଲେ ଜୀବନର ବର୍ଜନକୁ ବୁଝାଏ ନାହିଁ; ସେହି ଦିବ୍ୟ ପରମ-ପରିପୂର୍ଣ୍ଣତା ବଳରେ ଜୀବନକୁ ପରିପୂର୍ଣ୍ଣ କରି ଗଠନ କରିବା,– ତାହାହିଁ ଯଥାର୍ଥ ଆଧ୍ୟାତ୍ମିକତା ।

ବର୍ତ୍ତମାନ ଭାରତବର୍ଷକୁ ସମଗ୍ର ପୃଥିବୀ ସମକ୍ଷରେ ଏହି କଥାଟିକୁହିଁ ଦେଖାଇ ଦେବାକୁ ପଡ଼ିବ ।

୨୬ ଜାନୁଆରି, ୧୯୬୩

True spirituality is not to renounce life, but to make life perfect with a Divine Perfection.

This is what India must show to the world now.

26.1.63.

*

Overgrow your small egoistic personality and become a worthy child of our Mother India; fulfil your duties with honesty and rectitude, and always keep cheerful and confident with a steady trust in the Divine's Grace.

'oaob.nitrkl.ac.in' images reprocessed

*ଉପସ୍ଥିତ ସଂକଟ କାଳୀନ ଅବସ୍ଥା ସମୟରେ ପ୍ରତ୍ୟେକ ଭାରତବାସୀର କ'ଣ କର୍ତ୍ତବ୍ୟ ?*

*

ଆପଣାର ଅହଂକେନ୍ଦ୍ରିତ ବ୍ୟକ୍ତିତ୍ୱର ସୀମାକୁ ଅତିକ୍ରମ କରି ତୁମେ ଅଧିକ ଅଭିବୃଦ୍ଧି ଲାଭ କର ଏବଂ ଆମ ଭାରତ-ଜନନୀଙ୍କର ଜଣେ ଯୋଗ୍ୟ ସନ୍ତାନ ହୁଅ । ସାଧୁତା ଏବଂ ସମ୍ମାନର ସହିତ ଆପଣାର କର୍ତ୍ତବ୍ୟଗୁଡ଼ିକର ସମ୍ପାଦନ କର ଏବଂ ସବୁବେଳେ ପ୍ରସନ୍ନ ରହ, ବିଶ୍ୱାସ-ବଳିଷ୍ଠ ରହ; ଏବଂ, ଦିବ୍ୟ ପରମ ସତ୍ତାଙ୍କର କରୁଣା ଉପରେ ସ୍ଥାୟୀ ଆସ୍ଥା ରଖିଥାଅ ।

*୩ ଫେବୃଆରି ୧୯୬୩*

*

*୧. ଭାରତବର୍ଷ ସମ୍ବନ୍ଧରେ ରହିଥିବା ଆପଣଙ୍କର ଦୃଷ୍ଟିକୁ ଗୋଟିଏ ବାକ୍ୟରେ ପ୍ରକାଶ କରିଦେବା ସକାଶେ ଯଦି ଆପଣଙ୍କୁ କୁହାଯାଏ, ତେବେ ଆପଣ କିପରି ତାହାର ଉତ୍ତର ଦେବେ ?*

ପୃଥିବୀର ଗୁରୁ ହେବା, ତାହାହିଁ ଭାରତବର୍ଷର ଯଥାର୍ଥ ନିୟତି ।

*୨. ଠିକ୍ ସେହିପରି ଭାବରେ, ଭାରତବର୍ଷର ବାସ୍ତବ ସ୍ଥିତି ବର୍ତ୍ତମାନ ଯେପରି ହୋଇ ରହିଛି, ସେହି ବିଷୟରେ ଏକ ମନ୍ତବ୍ୟ ଦେବା ଲାଗି ଯଦି ଆପଣଙ୍କୁ କୁହାଯାଏ, ତେବେ ଗୋଟିଏ ବାକ୍ୟରେ ଆପଣ କିପରି ତାହା କରିପାରିବେ ?*

ତାହାର ଉପସ୍ଥିତ ବାସ୍ତବତା ହେଉଛି ଏକ ବୃହତ୍ ମିଥ୍ୟା — ତାହା ଏକ ଶାଶ୍ୱତ ସତ୍ୟକୁ ଆଚ୍ଛନ୍ନ କରି ରଖିଦେଇଛି ।

*୩. ଭାରତବର୍ଷ ବିଷୟରେ ଆପଣଙ୍କର ଦୃଷ୍ଟି ଏବଂ ଭାରତବର୍ଷର ବର୍ତ୍ତମାନ ବାସ୍ତବ ସ୍ଥିତି,— ଦୁହିଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି କରି ଠିଆ ହୋଇଥିବା କେଉଁ ତିନୋଟି ବାଧାକୁ ଆପଣ ପ୍ରଧାନ ବୋଲି କହିବେ ?*

(କ) ଅଶିକ୍ଷା; (ଖ) ଭୟ; (ଗ) ମିଥ୍ୟା ।

'oaob.nitrkl.ac.in' images reprocessed

*୪. ସ୍ୱାଧୀନତା-ପ୍ରାପ୍ତି ପରେ ଭାରତବର୍ଷ ସମଗ୍ରତଃ ଯେଉଁ ଅଗ୍ରଗତି କରିଛି, ସେଥିରେ ଆପଣ ସନ୍ତୁଷ୍ଟ କି ?*

ନା ।

*୫. ସାଂପ୍ରତିକ କାଳରେ ଆମର ସର୍ବପ୍ରଧାନ କର୍ମ ସିଦ୍ଧି ବୋଲି ଆପଣ କାହାକୁ କହିବେ ? ଆପଣ ତାହାକୁ ଏତେ ଅଧିକ ପରିମାଣରେ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାରୁଛନ୍ତି କାହିଁକି ?*

ପରମସତ୍ୟ ଲାଗି ଅଭିଳାଷକୁ ଜାଗ୍ରତ କରି ଆଣିବା । କାରଣ ସେହି ସତ୍ୟ ବ୍ୟତୀତ କୌଣସି ବାସ୍ତବତା ମଧ୍ୟ ସମ୍ଭବ ହେବ ନାହିଁ ।

*୬. ଠିକ୍ ସେହିପରି, ଆମର ସବୁଠାରୁ ଅଧିକ ଦୁଃଖପୂର୍ଣ୍ଣ ବିଫଳତା ବୋଲି ଆପଣ କାହାକୁ କହିବେ ? କେଉଁ କାରଣରୁ ଆପଣ ତାହାକୁ ଏତେ ଦୁଃଖ ଦାୟକ ବୋଲି ବିଚାର କରୁଛନ୍ତି ?*

ନିଷ୍ଠାର ଅଭାବ । କାରଣ ନିଷ୍ଠାର ଅଭାବରୁହିଁ ସର୍ବନାଶ ଘଟିଥାଏ ।

*୨୬ ଜାନୁଆରି ୧୯୬୪ରେ ପ୍ରକାଶିତ ।*

*

*ମାଆ,*

*ମୁଁ ଏବେ ଶୁଣିଲି, ବଙ୍ଗଳାରେ ସଂପ୍ରତି ଘଟି ଯାଇଥିବା ଘଟଣାଗୁଡ଼ିକ ବିଷୟରେ ଆପଣ କହିଛନ୍ତି ଯେ, ବଙ୍ଗଳା ଆପଣଙ୍କର ଶକ୍ତି ଲାଗି ଗ୍ରହଣଶୀଳ ହୋଇ ପାରି ନାହିଁ ଏବଂ ଆପଣଙ୍କୁ ସ୍ୱୀକାର ମଧ୍ୟ କରି ନାହିଁ । ବଙ୍ଗଳା ପାଇଁ ଏହାଠାରୁ ଆଉ ଅଧିକ ଦୁଃଖପୂର୍ଣ୍ଣ ପ୍ରକୃତରେ କିଛି ନାହିଁ । ମାତ୍ର ମାଆ, ଏହା କିପରି ସମ୍ଭବ ହେଲା ଯେ, ଯେଉଁ ବଙ୍ଗଦେଶ ଯୁଗ ଯୁଗ ଧରି ଆପଣଙ୍କୁ, ସେହି ଦିବ୍ୟ ଜନନୀଙ୍କୁ ପୂଜା କରି ଆସିଥିବା ଓ ସକଳ ସ୍ଥିତିରେ ଆପଣଙ୍କୁହିଁ ପ୍ରାର୍ଥନା କରି ଆସିଥିବା ସତ୍ତ୍ୱେ, ବର୍ତ୍ତମାନ ଏପରି ଏକ ଦୟନୀୟ ଏବଂ ଶୋଚନୀୟ ଅବସ୍ଥାରେ ଆସି ପତିତ ହୋଇଛି ?*

*ମାଆ, ଏଥିଲାଗି ମୁଁ ମଧ କେତେ ଦୂର ଦାୟୀ (କାରଣ, ମୁଁ ମଧ*

'oaob.nitrkl.ac.in' images reprocessed

*ଏଥିଲାଗି ନିଜକୁ ଅପରାଧୀ ପରି ଅନୁଭବ କରୁଛି ବୋଲି ଅବଶ୍ୟ ସ୍ୱୀକାର କରିବି) ଏବଂ, ଆପଣ ଯେପରି ସେହି ଦୁର୍ଭାଗ୍ୟଗ୍ରସ୍ତ ଭୂମିକୁ ପରିତ୍ୟାଗ ନ କରନ୍ତି, ସେଥିଲାଗି ମୋ'ର ପ୍ରକୃତରେ କ'ଣ କରିବା ଉଚିତ ?*

ସ୍ନେହାସ୍ପଦେଷୁ,

ମୁଁ ନିର୍ଦ୍ଦିଷ୍ଟ ଭାବରେ ବଙ୍ଗଦେଶ ବିରୋଧରେ ଆଦୌ କିଛି କହି ନ ଥିଲି । ମୁଁ କହିଥିଲି ଯେ, ବର୍ତ୍ତମାନ ଯାହାସବୁ ଘଟିବାରେ ଲାଗିଛି, ସେହି ଯାବତୀୟ ଘଟଣା ମନୁଷ୍ୟମାନଙ୍କ ମଧ୍ୟରେ ଗ୍ରହଣଶୀଳତାର ଅଭାବ ରହିଥିବା ହେତୁ ଘଟୁଛି; ତିନି ବା ଚାରି ଶହ ବର୍ଷ ପୂର୍ବେ ଚେତନାର ଯେଉଁ ସ୍ଥିତିକୁ ସ୍ୱାଭାବିକ ଓ ସର୍ବସାମାନ୍ୟ ବୋଲି ଗ୍ରହଣ କରା ଯାଉଥିଲା, ବର୍ତ୍ତମାନ ମଧ୍ୟ ସେମାନେ ସେହି ସ୍ଥିତିରେ ଅବସ୍ଥାନ କରୁଥିବା ପରି ବୋଧ ହେଉଛନ୍ତି ।

ନିଃସନ୍ଦେହ ଭାବରେ ଏପରି ଅବଶ୍ୟ ଆଶା କରାଯାଇ ପାରିଥାନ୍ତା ଯେ, ସେମାନଙ୍କ ଭିତରେ ରହିଥିବା ବିଶ୍ୱାସ ହେତୁ, ବଙ୍ଗଦେଶର ଅଧିବାସୀମାନେ ଏକ ବୃହତ୍ତର ଗ୍ରହଣଶୀଳତାର ଦୃଷ୍ଟାନ୍ତ ଦେଖାଇ ପାରିଥାନ୍ତେ ଏବଂ ଏହିସବୁ ଅଚେତନ ହିଂସାର ଆନ୍ଦୋଳନ ପାଖରେ ପରାଜୟ ସ୍ୱୀକାର କରିବାକୁ ନାସ୍ତି କରି ପାରିଥାନ୍ତେ । ମାତ୍ର, ତୁମେ ଯେପରି ଅତ୍ୟନ୍ତ ଯଥାର୍ଥ ଭାବରେ କହିଛ, ପ୍ରତ୍ୟେକ ବ୍ୟକ୍ତି ତା' ନିଜ ଭିତରୁହିଁ ଉତ୍ତରଟିକୁ ପାଇବାକୁ ଚେଷ୍ଟା କରିବ ଏବଂ ଏଠାରେ ଅବସ୍ଥାନ କରିବାରୁ ସିଏ ପ୍ରକୃତରେ କେତେ ଦୂର ଉପକୃତ ହୋଇ ପାରିଛି, ନିଜକୁ ପୂର୍ଣ୍ଣ ଆନ୍ତରିକତା ସହିତ ସେହି କଥାଟିକୁ ପଚାରିବ ! ଯଦି ଏଠାରେ ମଧ୍ୟ ସେହି ଫଳଟି ଅତ୍ୟନ୍ତ ସାମାନ୍ୟ ଏବଂ ସାଧାରଣ ପ୍ରକାରେହିଁ ଫଳି ଥାଏ, ତେବେ, ଯେଉଁମାନେ ଏହି ପ୍ରତ୍ୟକ୍ଷ ଏବଂ ଅପରୋକ୍ଷ ପ୍ରଭାବଟିର ବାହାରେ ଅଛନ୍ତି, ସେମାନଙ୍କଠାରୁ ଆମେ ଆଉ କ'ଣ ଆଶା କରି ପାରିବା ?

ତେଣୁ ଏହାର ଏକମାତ୍ର ପ୍ରତିକାରକ ହେଉଛି : ''ଜାଗୃତ ହୁଅ ଏବଂ ସହଯୋଗ କର'' !

*୩୧ ଜାନୁଆରି, ୧୯୬୪*

*

ନେହରୁ ତାଙ୍କ ଶରୀରକୁ ତ୍ୟାଗ କରିଛନ୍ତି ସତ, ମାତ୍ର ତାଙ୍କ ଆତ୍ମା ଭାରତବର୍ଷର ଆତ୍ମା ସହିତ ଏକାତ୍ମ ହୋଇ ରହିଛି; ଭାରତବର୍ଷର ଆତ୍ମା ଚିରନ୍ତନ କାଳ ଲାଗି ଅବିନାଶୀ ହୋଇ ରହିଛି ।

*୨୭ ମଇ ୧୯୬୪*

*

'oaob.nitrkl.ac.in' images reprocessed

*(ମାଆଙ୍କର "ଭାରତ ମାନଚିତ୍ର" ବିଷୟରେ, ଯେଉଁଥିରେ କି ପାକିସ୍ତାନ, ନେପାଳ, ସିକ୍କିମ୍, ଭୁଟାନ, ବାଙ୍ଗଲାଦେଶ, ବ୍ରହ୍ମଦେଶ ଓ ଶ୍ରୀଲଙ୍କା ଅନ୍ତର୍ଭୁକ୍ତ ହୋଇ ରହିଛି । ନିମ୍ନରେ ପ୍ରଥମ ବାକ୍ୟରେ ଯେଉଁ "ବିଭାଜନ"ର ଉଲ୍ଲେଖ କରାଯାଇଛି, ତାହା ପାକିସ୍ତାନ ଓ ଭାରତବର୍ଷର ବିଭାଜନକୁ ବୁଝାଉଛି ।)*

ବିଭାଜନ ପରେହିଁ ଏହି ମାନଚିତ୍ରଟିକୁ ତିଆରି କରା ଯାଇଥିଲା ।

ସାମୟିକ ସକଳ ପରିବର୍ତ୍ତନ ଓ ପ୍ରତୀତି ସତ୍ତ୍ୱେ ଏହାହିଁ ପ୍ରକୃତ ଭାରତବର୍ଷର ମାନଚିତ୍ର ଏବଂ ତାହା ଚିରକାଳ ଲାଗି ପ୍ରକୃତ ଭାରତବର୍ଷର ମାନଚିତ୍ର ହୋଇ ରହିବ । ଲୋକେ ତାହା ବିଷୟରେ ଯାହା କିଛି ଭାବିଲେ ମଧ ତାହା ସେହିପରି ହୋଇ ରହିବ ।

*୨୯ ଜୁଲାଇ ୧୯୬୪*

*

ଭାରତ ବର୍ଷ ଲାଗି  ଏକ ଜାତୀୟ ଶିକ୍ଷା-ବ୍ୟବସ୍ଥାର ପ୍ରଣୟନ କରିବା ଆମର ଲକ୍ଷ୍ୟ ନୁହେଁ; ସମଗ୍ର ପୃଥିବୀ ଲାଗି ଏକ ଶିକ୍ଷା-ପ୍ରଣାଳୀର ଉଦ୍‌ଭାବନ କରିବାକୁହିଁ ଆମେ ଏହି କ୍ଷେତ୍ରରେ ଲକ୍ଷ୍ୟ ରୂପେ ଗ୍ରହଣ କରିଛୁ ।

*

*ମହୀୟସି ଜନନି,*

*କେବଳ ଭାରତବର୍ଷ ନିମନ୍ତେ ଏକ ଜାତୀୟ ଶିକ୍ଷା-ପ୍ରଣାଳୀର ପ୍ରଣୟନ କରିବା ଆମର ଲକ୍ଷ୍ୟ ନୁହେଁ, ଆମେ ସମଗ୍ର ମାନବଜାତି ନିମନ୍ତେ ଏକ ଯଥାର୍ଥ ଏବଂ ମୂଳଭୂତ ଶିକ୍ଷାର ଉଦ୍ଭାବନ କରିବାକୁ ଲକ୍ଷ୍ୟ ରଖିଛୁ । ମାତ୍ର ମାଆ, ଏକଥା କ'ଣ ସତ ନୁହେଁ ଯେ, ଭାରତବର୍ଷର ଅତୀତ ସାଂସ୍କୃତିକ ଉଦ୍ୟମ ଓ ଫଳସିଦ୍ଧି ହେତୁ ତାହାର ଏହି କ୍ଷେତ୍ରରେ ଯେଉଁ ବିଶେଷ ଯୋଗ୍ୟତାଟି ରହିଛି, ତାହାରି କାରଣରୁହିଁ ଏହାକୁ ଭାରତବର୍ଷର ନିଜ ପ୍ରତି ତଥା ପୃଥିବୀ ପ୍ରତି ଏକ ବିଶେଷ କର୍ତ୍ତବ୍ୟ ଏବଂ ବିଶେଷ ଦାୟିତ୍ୱ ବୋଲି କୁହାଯାଇ ପାରିବ ? ମାତ୍ର, ସେ କଥା ଯାହା ହୋଇଥାଉ ପଛକେ, ମୁଁ ଭାବୁଛି ଏହି ଯଥାର୍ଥ ଶିକ୍ଷା ହେଉଛି ଭାରତବର୍ଷର ଜାତୀୟଶିକ୍ଷା । ବସ୍ତୁତଃ ମୁଁ ଏହାକୁ ପ୍ରତ୍ୟେକ ମହାନ୍ ଦେଶ ଲାଗି,– ପ୍ରତ୍ୟେକ ଜାତିର ସ୍ୱଭାବଗତ ପାର୍ଥକ୍ୟ ଲାଗି ଏହି କ୍ଷେତ୍ରରେ ଅବଶ୍ୟ ଅବକାଶ ରହିବ,– ମୁଁ ଏହାକୁ ଜାତୀୟ ଶିକ୍ଷାପଦ୍ଧତି ବୋଲି ଅବଶ୍ୟ ବିଚାର କରିବି ।*

*ମୋ' କଥା ପ୍ରକୃତରେ ଠିକ୍ କି ନାହିଁ, ମାଆ ସେକଥା କହିଦେବେ କି ?*

'oaob.nitrkl.ac.in' images reprocessed

ହଁ, ଏହା ସମ୍ପୂର୍ଣ୍ଣ ସତ ଏବଂ, ତୁମ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ଲାଗି ଯଦି ମୋ'ର ସମୟ ଥାଆନ୍ତା, ତେବେ ମୁଁ ଯାହାସବୁ କହିଥାନ୍ତି, ତୁମର କଥାଗୁଡ଼ିକ ମଧ୍ୟ ଅବଶ୍ୟ ତାହାର ଅଂଶ ହୋଇ ରହିପାରିବ ।

ଭାରତବର୍ଷ ହେଉଛି **ଆତ୍ମଜ୍ଞାନର** ଅଧିକାରୀ; ଅଧିକ ନିର୍ଭୁଲ୍ ଭାବରେ କହିଲେ ଭାରତ ଏକଦା ସେହି ଜ୍ଞାନର ଅଧିକାରୀ ହୋଇ ରହିଥିଲା; ମାତ୍ର ସେ ଜଡ଼ର ଅବହେଳା କଲା ଏବଂ ସେଥିଲାଗି ଦୁଃଖ ଭୋଗ କଲା ।

ପାଶ୍ଚାତ୍ୟ ଜଗତ ଜଡ଼ବିଜ୍ଞାନର ଅଧିକାରୀ ହୋଇ ପାରିଛି, ମାତ୍ର ଆତ୍ମାକୁ ପ୍ରତ୍ୟାଖ୍ୟାନ କରିଥିବା ହେତୁ ତାହା ଅତ୍ୟନ୍ତ ଶୋଚନୀୟ ଭାବରେ ତାହାର ପରିଣାମକୁ ଭୋଗ କରୁଛି ।

କେତେକ ଆଂଶିକ ପରିବର୍ତ୍ତନ ଓ ଅନୁକୂଳନ ସହିତ ଯେଉଁ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ପୃଥିବୀର ସବୁ ଜାତି ଗ୍ରହଣ କରିପାରିବେ, ତାହାହିଁ ପୂର୍ଣ୍ଣ ବିକଶିତ ଏବଂ ପୂର୍ଣ୍ଣପ୍ରଯୁକ୍ତ ଜଡ଼ ଉପରେ ଆତ୍ମାର ଯଥାର୍ଥ କର୍ତ୍ତୃତ୍ୱଟିକୁ ପୁନର୍ବାର ପ୍ରତିଷ୍ଠିତ କରି ରଖି ପାରିବେ ।

ମୁଁ ସଂକ୍ଷେପରେ ଏତିକି କହିବାକୁ ଚାହୁଁଥିଲି ।

ଅନେକ ଆଶୀର୍ବାଦ ସହିତ ।

*୨୬ ଜୁଲାଇ ୧୯୬୫*

*


*(୧୯୬୫ ମସିହା ଅଗଷ୍ଟ ମାସରେ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ଶିକ୍ଷା-କମିଶନ୍ ଆଶ୍ରମ ପରିଦର୍ଶନ କରିଥିଲେ; ଶିକ୍ଷାକେନ୍ଦ୍ରର ଶିକ୍ଷାଦର୍ଶ ଏବଂ ଶିକ୍ଷା-ପ୍ରଣାଳୀର ମୂଲ୍ୟାୟନ କରିବା ଲାଗି ସେମାନେ ଏଠାକୁ ଆସିଥିଲେ । ସେତେବେଳେ କେତେଜଣ ଶିକ୍ଷକ ମାଆଙ୍କ ପାଖକୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ଲେଖି ପଠାଇଥିଲେ ।)*

### ଭାରତୀୟ ଶିକ୍ଷାର ମୂଳ ସମସ୍ୟାମାନ´

*୧. ଜାତୀୟ ଏବଂ ଅନ୍ତର୍ଜାତୀୟ ଜୀବନଧାରଣର ବର୍ତ୍ତମାନ ତଥା ଭବିଷ୍ୟତ ଦୃଷ୍ଟିରୁ ଶିକ୍ଷାର କ୍ଷେତ୍ରରେ ଭାରତବର୍ଷର କ'ଣ ଲକ୍ଷ୍ୟ ହୋଇ ରହିବା ଉଚିତ ?*

ମିଥ୍ୟାକୁ ବର୍ଜନ କରିବା ପାଇଁ ଏବଂ ପରମସତ୍ୟର ଅଭିବ୍ୟକ୍ତି ଘଟାଇବା ପାଇଁ ତାହାର ପିଲାମାନଙ୍କୁ ପ୍ରସ୍ତୁତ କରିବା ।

'oaob.nitrkl.ac.in' images reprocessed



ଶ୍ରୀମା

ଆଶ୍ରମ ପ୍ଲେ-ଗ୍ରାଉଣ୍ଡରେ ଭାରତର ଆଧ୍ୟାତ୍ମିକ ମାନଚିତ୍ର ସମ୍ମୁଖରେ

ଫେବ୍ରୁଆରି ୨୧, ୧୯୫୨

'oaob.nitrkl.ac.in' images reprocessed

*୨. କେଉଁସବୁ ପଦକ୍ଷେପ ଗ୍ରହଣ କଲେ ଦେଶ ଏହି ଉଚ୍ଚ ଲକ୍ଷ୍ୟଟିର ଉପଲବ୍ଧି ଦିଗରେ ଅଗ୍ରସର ହୋଇ ପାରିବ ? ସେହି ଦିଗରେ ଏକ ପ୍ରାରମ୍ଭ କିପରି ହୋଇ ପାରିବ ?*

ଆତ୍ମାର ଅଭିବ୍ୟକ୍ତି ଘଟାଇବା ନିମନ୍ତେ ଜଡ଼କୁ ପ୍ରସ୍ତୁତ କରିବା ।

*୩. ଭାରତବର୍ଷର ଯଥାର୍ଥ ପ୍ରତିଭା କ'ଣ ଏବଂ ତାହାର ନିୟତି କହିଲେ ଆମେ କ'ଣ ବୁଝିବା ?*

ପୃଥିବୀକୁ ଏହି ଶିକ୍ଷା ଦେବା ଯେ, ଆତ୍ମାର ଅଭିବ୍ୟକ୍ତି ନ ଘଟାଇ ଥିବା ପର୍ଯ୍ୟନ୍ତ ଜଡ଼ କେବଳ ମିଥ୍ୟାମୟ ଏବଂ ଶକ୍ତିହୀନ ହୋଇ ରହିଥିବ ।

*୪. ଭାରତବର୍ଷରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଯେଉଁ ଅଗ୍ରଗତି ହେଉଛି, ମାଆ ତାକୁ ପ୍ରକୃତରେ କିଭଳି ଦୃଷ୍ଟିରେ ଦେଖୁଛନ୍ତି ? ମନୁଷ୍ୟ ମଧ୍ୟରେ ଆତ୍ମାର ଅଭିବୃଦ୍ଧି ନିମନ୍ତେ ଭାରତବର୍ଷର କି ଅବଦାନ ରହି ପାରିବ ?*

ଜଡ଼ଗତ ଭୂମିକୁ ଅଧିକ ଦୃଢ଼, ଅଧିକ ପୂର୍ଣ୍ଣ ଓ ଅଧିକ ଫଳପ୍ରଦ କରି ରଖିବା, ଯେପରିକି ସେଥିରେ ଆତ୍ମାର ଅଭିବ୍ୟକ୍ତି ଘଟିପାରିବ,– ଏହାକୁହିଁ ତାହାର ଏକମାତ୍ର ଉପଯୋଗିତା ବୋଲି କୁହାଯିବ ।

*୫. ଜାତୀୟ ଏକତା ବିଷୟରେ ଦେଶ ଅତ୍ୟନ୍ତ ଉଦ୍‌ବେଗ ଅନୁଭବ କରୁଛି । ମାଆ ଯାବତୀୟ ଘଟଣାର ଭବିଷ୍ୟକୁ କିପରି ଦୃଷ୍ଟିରେ ଦେଖୁଛନ୍ତି ? ଭାରତବର୍ଷ ସ୍ୱୟଂ ତଥା ପୃଥିବୀ ଦ୍ୱାରା ପ୍ରେରିତ ହୋଇ କିପରି ଆପଣାର କର୍ତ୍ତବ୍ୟ କରି ପାରିବ ?*

ପୃଥିବୀର ସକଳ ଜାତି ଏକତାବଦ୍ଧ ହୋଇ ରହିବେ, ଭବିଷ୍ୟତରେ ଏହାକୁ ଅବଶ୍ୟ ସମ୍ଭବ କରିବାକୁ ହେବ । ମାତ୍ର ସକଳ ଜାତିର ଏକତାକୁ ସମ୍ଭବ କରିବାକୁ ହେଲେ, ପ୍ରତ୍ୟେକ ଜାତିକୁ ପ୍ରଥମେ ନିଜର ଏକତା ହାସଲ କରିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

*୬. ଭାଷା-ସମସ୍ୟା ଭାରତବର୍ଷରେ ବହୁତ ଝଞ୍ଜାଳର କାରଣ ହେଉଛି । ଏହି କ୍ଷେତ୍ରରେ ଆମର ଯଥାର୍ଥ ଦୃଷ୍ଟିକୋଣ କ'ଣ ହେବା ଉଚିତ ?*

ଏକତାକୁ ଏକ ବାସ୍ତବ ଜୀବନର ସତ୍ୟରେ ପରିଣତ କରିବାକୁ ପଡ଼ିବ । ସ୍ୱେଚ୍ଛାପ୍ରଣୋଦିତ କୌଣସି ବିଧାନ ଦ୍ୱାରା ତାହାକୁ ଲଦି ଦିଆଯାଇ ପାରିବ ନାହିଁ । ଯେତେବେଳେ ଭାରତବର୍ଷ ଗୋଟିଏ ହୋଇଯିବ, ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ତାହାର ଏପରି ଗୋଟିଏ ଭାଷା ମଧ୍ୟ ଥିବ, ଯାହାକୁ କି ସମସ୍ତେ ବୁଝୁଥିବେ ।

*୭. ଶିକ୍ଷା ବାସ୍ତବ ସାଧାରଣ କ୍ଷେତ୍ରରେ ସାକ୍ଷରତା ଏବଂ ସାମାଜିକ ସ୍ଥାନ ପ୍ରାପ୍ତିରେ ପରିଣତ ହୋଇ ଗଲାଣି । ଏହା ଏକ ଅସ୍ୱାସ୍ଥ୍ୟକର ପ୍ରବୃତ୍ତି ନୁହେଁ କି ? ମାତ୍ର, ଶିକ୍ଷା ମଧ୍ୟକୁ ତାହାର ଅନ୍ତର୍ଗତ ମୂଲ୍ୟ ତଥା ଅନ୍ତର୍ଭୂତ ଉପଭୋଗ୍ୟତାକୁ କିପରି ଆନୟନ କରାଯାଇ ପାରିବ ?*

ଯାବତୀୟ ପରମ୍ପରା ମଧ୍ୟରୁ ବାହାରକୁ ବାହାରି ଯାଅ ଏବଂ ଆତ୍ମାର ଅଭିବୃଦ୍ଧି ଉପରେହିଁ ସବୁଠାରୁ ଅଧିକ ଗୁରୁତ୍ୱ ଦିଅ ।

*୮. ଆମ ଶିକ୍ଷାକ୍ଷେତ୍ରକୁ କେଉଁ ସବୁ ଭ୍ରମାତ୍ମକତା ଏବଂ ମୋହ ଘାରିକରି ରହିଛି ? ଆମେ କିପରି ସେଗୁଡ଼ିକର କବଳରୁ ନିଜକୁ ବଞ୍ଚାଇ ରଖି ପାରିବା ?*

(କ) ସଫଳତା, ଜୀବିକାର କ୍ଷେତ୍ରରେ ସିଦ୍ଧି ଏବଂ ପଇସା ଉପରେ ଯେଉଁ ପ୍ରାୟ ସବୁଯାକ ଗୁରୁତ୍ୱ ଦିଆଯାଉଛି ।
(ଖ) ଆତ୍ମାର କ୍ଷେତ୍ରଟି ସହିତ ସମ୍ପର୍କ ସ୍ଥାପନ ଏବଂ ସତ୍ତାର ପରମ ସତ୍ୟର ଅଭିବୃଦ୍ଧି ତଥା ଅଭିବ୍ୟକ୍ତି ଏହି ଦୁଇଟି କଥାକୁହିଁ ସବୁଠାରୁ ଅଧିକ ମହତ୍ତ୍ୱ ପୂର୍ଣ୍ଣ ବୋଲି ସ୍ୱୀକାର କରିବାରେ ଜୋର୍ ଦିଅ ।

*୪ ଅଗଷ୍ଟ ୧୯୬୪*

*

ମୁଁ ଚାହୁଁଛି, ସେମାନେ (ସରକାର) ଯୋଗକୁ ଶିକ୍ଷା ରୂପେ ସ୍ୱୀକୃତି ଦିଅନ୍ତୁ । ଆମେ କହୁଛୁ ବୋଲି ଯେତେ ନୁହେଁ, ଏହା ଦ୍ୱାରା ଦେଶର ମଧ୍ୟ କଲ୍ୟାଣ ସାଧିତ ହେବ । ଏହି ଜଡ଼ର ରୂପାନ୍ତର ଘଟିବ, ତାହା ଏକ ଦୃଢ଼ ଭୂମି ରୂପେ କାର୍ଯ୍ୟ କରିବ ।

'oaob.nitrkl.ac.in' images reprocessed

ଜୀବନ ଦିବ୍ୟ ଜୀବନରେ ପରିଣତ ହେବ । ଭାରତବର୍ଷ ଏହି କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରୁ ।

*

*(୧୯୬୫ ମସିହା ସେପ୍ଟେମ୍ବର ପହିଲା ଦିନ ଭାରତର ପଶ୍ଚିମ ସୀମାରେ ଜମ୍ମୁ-କାଶ୍ମୀରଠାରେ ପାକିସ୍ତାନ ଭାରତ ଆକ୍ରମଣ କରିଥିଲା । ସେପ୍ଟେମ୍ବର ୨୨ ତାରିଖରେ ଏକ ଯୁଦ୍ଧବିରତି ଦ୍ୱାରା ଏହି ସଂଘର୍ଷର ଅବସାନ ଘଟିଲା । ସେହି ସମୟରେ ମାଆ ନିମ୍ନଲିଖିତ ପାଞ୍ଚଗୋଟି ବିବୃତ୍ତି ଦେଇଥିଲେ ।)*

*ଶ୍ରୀଅରବିନ୍ଦ ତାଙ୍କ* ଗୀତା ନିବନ୍ଧମାଳାରେ *ଲେଖିଛନ୍ତି; "ରୁଦ୍ରଙ୍କର ଋଣ ପରିଶୋଧ ନ ହୋଇଥିବା ପର୍ଯ୍ୟନ୍ତ ବିଷ୍ଣୁଙ୍କର ବିଧାନର କଦାପି ପ୍ରତିଷ୍ଠା ହେବ ନାହିଁ ।" ଏହାର ଅର୍ଥ କ'ଣ ?*

*ମାଆ, ଭାରତବର୍ଷର ଉପସ୍ଥିତ ପରିସ୍ଥିତିକୁ କ'ଣ ସେହି ଋଣ ପରିଶୋଧ ବିଚାର କରାଯାଇ ପାରିବ, ଯାହାକୁ କି ରୁଦ୍ରଙ୍କ ପାଖରେ ପରିଶୋଧ କରିବାକୁହିଁ ପଡ଼ିବ ?*

ଉପସ୍ଥିତ ପରିସ୍ଥିତିର ଉତ୍ସ ସମ୍ବନ୍ଧରେ ହୁଏତ ଯେଉଁମାନେ ମୋତେ ପ୍ରଶ୍ନ କରିବେ, ସେମାନଙ୍କ ଲାଗି ମୁଁ ଏହି ଉଦ୍ଧୃତିଟିକୁ ଆଗରୁ ପ୍ରସ୍ତୁତ କରି ରଖିଥିଲି । ମୁଁ ତୁମ ପାଖକୁ ସେଇଟିକୁ ପଠାଇ ଦେଉଛି । ତାହାହିଁ ତୁମ ପ୍ରଶ୍ନର ଉତ୍ତର ଦେବ ।

"ମନୁଷ୍ୟର ହୃଦୟ ଶାନ୍ତି ଲାଗି ଯୋଗ୍ୟ ହୋଇପାରିବା ପର୍ଯ୍ୟନ୍ତ କୌଣସି ଯଥାର୍ଥ ଶାନ୍ତି ସମ୍ଭବ ହେବ ନାହିଁ । ରୁଦ୍ରଙ୍କର ଋଣ ପରିଶୋଧ ନ କରିଥିବା ପର୍ଯ୍ୟନ୍ତ ବିଷ୍ଣୁଙ୍କର ବିଧାନ ଚଳିବା କଦାପି ସମ୍ଭବ ହେବ ନାହିଁ । ତେବେ କ'ଣ ଆମକୁ ନେପଥ୍ୟକୁ ଚାଲିଯିବାକୁ ହେବ ଏବଂ ତଥାପି ଅସଂଶ୍ଳିଷ୍ଟ ହୋଇ ରହିଥିବା ଏକ ମାନବସମାଜ ଆଗରେ ପ୍ରେମ ଏବଂ ଏକତାର ନିୟମକୁ ପ୍ରଚାର କରିବା ? ପ୍ରେମ ଏବଂ ଏକତାର ବିଧାନକୁ ପ୍ରଚାର କରୁଥିବା ଗୁରୁମାନେ ଅବଶ୍ୟ ରହିବେ, କାରଣ ସେହି ମାର୍ଗରେହିଁ ଚରମ ପରିତ୍ରାଣ ସମ୍ଭବ ହେବ । ମାତ୍ର, ମଣିଷ ଭିତରେ ଥିବା କାଳରୂପୀ ଆତ୍ମା ଯେପର୍ଯ୍ୟନ୍ତ ପ୍ରସ୍ତୁତ ନ ହୋଇଛି, ସେପର୍ଯ୍ୟନ୍ତ ଏହି ବାହ୍ୟ ତଥା ତାତ୍କାଳିକ ବାସ୍ତବସତ୍ୟର ଭୂମିରେ କଦାପି ସେହି ଅନ୍ତର୍ଗତ ଏବଂ ଚରମ ସତ୍ୟର ପ୍ରତିଷ୍ଠା ହୋଇ ପାରିବ ନାହିଁ । ଖ୍ରୀଷ୍ଟ, ବୁଦ୍ଧ,– ଏମାନେ ଆସିଲେ ଏବଂ ଚାଲିଗଲେ, ମାତ୍ର ବର୍ତ୍ତମାନ ତଥାପି ରୁଦ୍ରହିଁ ଏହି ପୃଥିବୀକୁ ତାଙ୍କର ହାତମୁଠା ଭିତରେ ଧରି ରଖିଛନ୍ତି । ଏବଂ, ଇତ୍ୟବସରରେ, ଅହଂକେନ୍ଦ୍ରିତ

'oaob.nitrkl.ac.in' images reprocessed

ଶକ୍ତିଗୁଡ଼ିକ ଦ୍ୱାରା ଲାଭବାନ୍ ହେଉଥିବା ବଳବାନ୍ ଶିବିର ଓ ସେମାନଙ୍କର ଭୃତ୍ୟମାନଙ୍କ ଦ୍ୱାରା ନିର୍ଯାତିତ ଏବଂ ପ୍ରପୀଡ଼ିତ ହେଉଥିବା ମନୁଷ୍ୟସମାଜର ଏହି ଭୟଙ୍କର ଅଗ୍ରବର୍ତ୍ତୀ ଉଦ୍ୟମଟି ସଂଗ୍ରାମର ସେହି ପରମବୀରଙ୍କର ତରବାରି ଏବଂ ତାହାର ପୟଗମ୍ବରଙ୍କ ବାଣୀ ଲାଗି ଆକୁଳ ଭାବରେ ଚିତ୍କାର କରିବାରେ ଲାଗିଛି ।''*

*୮ ସେପ୍ଟେମ୍ବର ୧୯୬୫*

*

ଭାରତବର୍ଷ ପରମସତ୍ୟର ବିଜୟ ଲାଗିହିଁ ସଂଗ୍ରାମ କରୁଛି ଏବଂ, ଭାରତ ଓ ପାକିସ୍ତାନ ପୁନର୍ବାର ଏକ ହେବା ପର୍ଯ୍ୟନ୍ତ ତାହାକୁ ଏହି ସଂଗ୍ରାମ ଅବଶ୍ୟ କରିବାକୁ ପଡ଼ିବ । କାରଣ, ତାହାହିଁ ସେମାନଙ୍କ ସତ୍ତାଗତ ଯଥାର୍ଥ ସତ୍ୟ ।

*୧୬ ସେପ୍ଟେମ୍ବର ୧୯୬୫*

It is for the sake and the triumph of Truth that India is fighting and must fight until India and Pakistan have once more become <u>One</u> because that is the truth of their being.

16.9.65.

*

* ଗୀତା-ନିବନ୍ଧମାଳା, ଶତବାର୍ଷିକୀ ସଂସ୍କରଣ(ଇଂ), ୧୩ଶ ଖଣ୍ଡ, ପୃଷ୍ଠା-୩୭୨

'oaob.nitrkl.ac.in' images reprocessed

*ସେପ୍‌ଟେମ୍ବର ୧୬ ତାରିଖରେ ଆପଣ ପ୍ରଧାନ ମନ୍ତ୍ରୀ, ଏବଂ ସେନାବାହିନୀର ସର୍ବୋଚ୍ଚ ସେନାପତିଙ୍କ ପାଖକୁ ଯେଉଁ ସନ୍ଦେଶ ପ୍ରେରଣ କରିଥିଲେ, ତାହା ସତ୍ତ୍ୱେ ଆମ ସରକାରଙ୍କର ଯୁଦ୍ଧ-ବିରତିକୁ ସ୍ୱୀକାର କରିନେବାକୁହିଁ ବର୍ତ୍ତମାନ ପରିସ୍ଥିତିରେ କରାଯାଇ ପାରିଥିବା ସର୍ବୋତ୍ତମ କାର୍ଯ୍ୟ ବୋଲି କୁହାଯିବ ନାହିଁ କି ?*

ସେମାନେ ଆଉ ଅନ୍ୟ କିଛି କରି ପାରି ନ ଥାନ୍ତେ ।

*୨୯ ସେପ୍‌ଟେମ୍ବର ୧୯୬୫*

*

*ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହେଉଛି ଯେ, ବର୍ତ୍ତମାନ ସ୍ଥୂଳତଃ ଏହି ପୃଥିବୀ ଏକ ପ୍ରକାରର ଅସନ୍ତୁଳନ ଏବଂ ଅରାଜକତାର ଅବସ୍ଥା ମଧ୍ୟଦେଇ ଗତି କରୁଛି । ଏହା କ'ଣ ସୂଚନା ଦେଉଛି ଯେ, ଏହା ନିଜକୁ ଏକ ନୂତନ ଶକ୍ତିର ପ୍ରକାଶ ଘଟିବା ଲାଗି, ପରମସତ୍ୟର ଅବତରଣ ହେବା ଲାଗି ନିଜକୁ ପ୍ରସ୍ତୁତ କରିବାରେ ଲାଗିଛି ? ଅଥବା, ଏହାକୁ ସେହି ଅବତରଣର ବିରୋଧରେ ବିଦ୍ରୋହ ଘୋଷଣା କରିଥିବା ପ୍ରତିକୂଳ ଶକ୍ତିମାନଙ୍କର କାର୍ଯ୍ୟର ପରିଣାମ ବୋଲି କୁହାଯାଇ ପାରିବ ? ଏବଂ, ଏହି ସମଗ୍ର ଚିତ୍ରପଟଟି ମଧ୍ୟରେ ଭାରତବର୍ଷର ସ୍ଥିତି କେଉଁଠାରେ ରହିଛି ?*

ବର୍ତ୍ତମାନ ଯୁଗପତ୍ ଭାବରେ ଦୁଇଟିଯାକ ଘଟଣା ଘଟୁଛି । ଏହାକୁ ପ୍ରସ୍ତୁତିର ଏକ ଅରାଜକତାପୂର୍ଣ୍ଣ ମାର୍ଗ ବୋଲି କୁହାଯାଇ ପାରିବ । ଏହି କ୍ଷେତ୍ରରେ ଭାରତବର୍ଷ ଆଧ୍ୟାତ୍ମିକ ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରିବ, ଯାହାକିଛି ଘଟୁଛି, ତାହାର ଅର୍ଥଟିକୁ ବୁଝାଇ ଦେବ ଏବଂ ବର୍ତ୍ତମାନର ଏହି ଗତିକୁ ହ୍ରସ୍ୱ କରି ଆଣିବାରେ ସାହାଯ୍ୟ କରିବ । ମାତ୍ର, ଦୁର୍ଭାଗ୍ୟବଶତଃ, ପାଶ୍ଚାତ୍ୟ ଜଗତର ଅନୁକରଣ କରିବା ଲାଗି ଏକ ଅନ୍ଧ ଉଚ୍ଚାକାଙ୍କ୍ଷା ଦ୍ୱାରା ପ୍ରେରିତ ହୋଇ ସିଏ ଅତ୍ୟନ୍ତ ବସ୍ତୁବାଦୀ ହୋଇ ପଡ଼ିଛି ଏବଂ ଆପଣାର ଆତ୍ମାକୁ ଅବହେଳିତ କରି ରଖିଛି ।

*୧୩ ଅକ୍‌ଟୋବର ୧୯୬୫*

*

*ମୁଁ ଆଶା କରୁଛି ଯେ କାଶ୍ମୀରରେ ହେଉଥିବା ଗଣ୍ଡଗୋଳ ଭାରତ ଓ ପାକିସ୍ତାନର ଏକତ୍ରୀକରଣ ଦିଗରେ ପ୍ରଥମ ପଦକ୍ଷେପ ରୂପେ କାର୍ଯ୍ୟ କରିବ ।*

'oaob.nitrkl.ac.in' images reprocessed

ସର୍ବୋଚ୍ଚ ପରମପ୍ରଜ୍ଞା ତାହା ବିଷୟରେ ଦୃଷ୍ଟି ରଖିଛନ୍ତି ।

୧୯୬୪

*

*ପୃଥିବୀରେ ଆଧ୍ୟାତ୍ମିକ ଜୀବନର ପ୍ରତିଷ୍ଠା ଲାଗି ଭାରତବର୍ଷ ଗୁରୁ ରୂପେ କାର୍ଯ୍ୟ କରିପାରେ । କିନ୍ତୁ ମାଆ, ଏହି ଉଚ୍ଚ ସ୍ଥାନଟିରେ ଆସୀନ ହୋଇ ପାରିବା ନିମନ୍ତେ ତାହାକୁ ରାଜନୀତି, ନୈତିକତା ଏବଂ ବାହ୍ୟ ବାସ୍ତବ କ୍ଷେତ୍ର – ପ୍ରତ୍ୟେକଟିରେ ଯୋଗ୍ୟ ହେବାକୁ ପଡ଼ିବ, ନୁହେଁ କି ?*

ସେଥିରେ କୌଣସି ସନ୍ଦେହ ନାହିଁ – , ଏବଂ ସେଥିଲାଗି ବର୍ତ୍ତମାନ ମୁହୂର୍ତ୍ତରେ ବହୁତ କିଛି କରିବାକୁ ରହିଛି ।

*୭ ସେପ୍ଟେମ୍ବର ୧୯୬୬*

*

*ଆମର ବର୍ତ୍ତମାନ ସରକାର ମଧ୍ୟରେ ଏପରି ଅରାଜକତାପୂର୍ଣ୍ଣ ଅବସ୍ଥା ଲାଗି ରହିଛି କାହିଁକି ? ଏହାକୁ କ'ଣ ଭଲ ଆଡ଼କୁ, ପରମ ସତ୍ୟର ଶାସନ ଆଡ଼କୁ ପରିବର୍ତ୍ତନ ଘଟୁଥିବାର ଏକ ସୂଚନା ବୋଲି କୁହାଯିବ ?*

ଉପରୁ ପରମସତ୍ୟର ଶକ୍ତି ସମଗ୍ର ପୃଥିବୀ ଉପରେ ଚାପ ଦେବାରେ ଲାଗିଛି ଏବଂ ସେହି କାରଣରୁ, ଯେଉଁଠାରେ ରୂପାନ୍ତରିତ ହେବା ଲାଗି ଅସମ୍ମତି ପ୍ରକଟ କରାଯାଉଛି, ସେହିସବୁ ସ୍ଥାନରେ ବିଶୃଙ୍ଖଳା, ବିଭ୍ରାନ୍ତି ଓ ମିଥ୍ୟା ଉତ୍ପନ୍ନ ହେବାରେ ଲାଗିଛି ।

ପରମସତ୍ୟର ମାର୍ଗ ସୁନିଶ୍ଚିତ ହୋଇ ରହିଛି, ମାତ୍ର, ତାହା ପ୍ରକୃତରେ କେବେ ଓ କିପରି ସମ୍ଭବ ହେବ, ତାହା କହିବା ବଡ଼ କଷ୍ଟକର ।

*୧୪ ସେପ୍ଟେମ୍ବର ୧୯୬୬*

*

*ମାଆ, ମୁଁ ଶୁଣିବାକୁ ପାଇଛି ଯେ ୧୯୬୭ ମସିହାରେ ଭାରତବର୍ଷ "ଜଗତର ଆଧ୍ୟାତ୍ମିକ ଗୁରୁ" ରୂପେ ପ୍ରତିଷ୍ଠିତ ହେବ । କିନ୍ତୁ କିପରି ହେବ ? ଯେତେବେଳେ ଆମେ ଉପସ୍ଥିତ ଅବସ୍ଥା ଉପରେ ଦୃଷ୍ଟିପାତ କରୁଛୁ ... ।*

ଭାରତବର୍ଷର ପୃଥିବୀର ଆଧ୍ୟାତ୍ମିକ ଗୁରୁ ହେବା ଅବଶ୍ୟ ଉଚିତ । ତା'ଭିତରେ ସେହି

'oaob.nitrkl.ac.in' images reprocessed

ସାମର୍ଥ୍ୟଟି ଅବଶ୍ୟ ରହିଛି, ମାତ୍ର ବାହାରେ ... ସିଏ ଯେପରି ପ୍ରକୃତରେ ପୃଥିବୀର ଆଧ୍ୟାତ୍ମିକ ନେତୃତ୍ୱର ଭାର ଗ୍ରହଣ କରିପାରିବ, ସେଥିଲାଗି ବର୍ତ୍ତମାନ ତଥାପି ବହୁତ କିଛି କରିବାକୁ ବାକି ରହିଛି ।

ବର୍ତ୍ତମାନ ମୁହୂର୍ତ୍ତରେ ସେଥିଲାଗି ଏକ ଅତ୍ୟନ୍ତ ଅଦ୍ଭୁତ ସୁଯୋଗ ଆସି ଉପସ୍ଥିତ ହୋଇଛି ! ମାତ୍ର ...

*୮ ଜୁନ୍ ୧୯୬୭*

*

*(ଆଶ୍ରମ ପରିଦର୍ଶନରେ ଆସିଥିବା ଭାରତ ସରକାରଙ୍କର ଏକ ଶିକ୍ଷା-କମିଶନ୍ ଲାଗି ବାର୍ତ୍ତା)*

ଭାରତ ସରକାରଙ୍କ ବିଷୟରେ କହିବାକୁ ଗଲେ, ଆମେ ଗୋଟାଏ କଥା ଜାଣିବାକୁ ଚାହୁଁଛୁ — ଏହା ଭବିଷ୍ୟତ ଲାଗି ବଞ୍ଚିବାକୁ ଇଚ୍ଛା କରୁଛି ନା ବଡ଼ ଅସହାୟ ଓ ନିରାଶାମୟ ଭାବରେ ଅତୀତକୁ ଜାବୁଡ଼ି ଧରି ରହିବାକୁ ଚାହୁଁଛି ?

*୨୦ ଜୁନ୍ ୧୯୬୭*

*

*(ପଣ୍ଡିଚେରୀ ଆକାଶବାଣୀର ଉଦ୍‌ଘାଟନ ଦିବସ ଉପଲକ୍ଷେ ପ୍ରସାରଣ ଲାଗି ପ୍ରଦତ୍ତ ବାର୍ତ୍ତା)*

ହେ ଭାରତବର୍ଷ, ହେ ଆଲୋକ ତଥା ଆଧ୍ୟାତ୍ମିକ ଜ୍ଞାନର ଦେଶ, ତୁମେ ପୃଥିବୀରେ ତୁମର ଯଥାର୍ଥ କର୍ମସାଧନଟି ନିମନ୍ତେ ଜାଗ୍ରତ ହୁଅ, ପୃଥିବୀକୁ ଏକତା ଏବଂ ସୌଷମ୍ୟର ମାର୍ଗଟିକୁ ଦେଖାଇଦିଅ ।

*୨୩ ସେପ୍‌ଟେମ୍ବର ୧୯୬୭*

*

ଭାରତବର୍ଷ ଆଧୁନିକ ମାନବସମାଜର ସମ୍ମୁଖୀନ ହେଉଥିବା ଯାବତୀୟ ସମସ୍ୟା ଓ ଅସୁବିଧାର ଏକ ପ୍ରତୀକାତ୍ମକ ପ୍ରତିନିଧିରେ ପରିଣତ ହୋଇଛି ।

ଭାରତବର୍ଷ ହେବ ପୁନର୍ଜାଗରଣର — ଏକ ଉଚ୍ଚତର ଏବଂ ଯଥାର୍ଥତର ଜୀବନଭୂମିକୁ ପୁନର୍ଜାଗରଣର ଭୂମି ।

*

'oaob.nitrkl.ac.in' images reprocessed

ସମଗ୍ର ସୃଷ୍ଟିରେ ପୃଥିବୀର ଏକ ବିଶେଷ ସ୍ଥାନ ରହିଛି, କାରଣ, ଯାହା ଅନ୍ୟ କୌଣସି ଗ୍ରହରେ ନାହିଁ, ପୃଥିବୀର କେନ୍ଦ୍ରରେ ଏକ ଚୈତ୍ୟ ବସ୍ତୁ ପ୍ରତିଷ୍ଠିତ ରହିଛି ଏବଂ ଏଠାରେ ବିବର୍ତ୍ତନର ଏକ ପ୍ରକ୍ରିୟା ଲାଗି ରହିଛି । ଏହି ପୃଥିବୀ ମଧ୍ୟରେ ଭାରତବର୍ଷକୁହିଁ ପରମ ଦିବ୍ୟସତ୍ତା ବିଶେଷ ଭାବରେ ବାଛିଛନ୍ତି ।

*

କେବଳ ଭାରତବର୍ଷର ଆତ୍ମାହିଁ ଭାରତକୁ ଏକତାବଦ୍ଧ କରି ପାରିବ ।

ବାହାରକୁ ଦେଖିବା ପାଇଁ ଭାରତବର୍ଷର ପ୍ରଦେଶଗୁଡ଼ିକ ସ୍ୱଭାବ, ପ୍ରବୃତ୍ତି, ସଂସ୍କୃତି ତଥା ଭାଷାର କ୍ଷେତ୍ରରେ ପରସ୍ପରଠାରୁ ଅତ୍ୟନ୍ତ ଭିନ୍ନ; ଏବଂ ସେଗୁଡ଼ିକୁ କୌଣସି କୃତ୍ରିମ ଉପାୟରେ ଏକାଠି ଗୋଟିଏ କରି ବାନ୍ଧିବାକୁ ବାହାରିଲେ ତାହାର କେବଳ ଅନର୍ଥକାରୀ ପରିଣାମମାନହିଁ ଘଟିବ ।

ମାତ୍ର ଭାରତବର୍ଷର ଆତ୍ମା ଗୋଟିଏ, ଆଧ୍ୟାତ୍ମିକ ସତ୍ୟ ଲାଗି ତାହାର ଅଭୀପ୍ସା ତୀବ୍ର ହୋଇ ରହିଛି, ସମଗ୍ର ସୃଷ୍ଟିର ମୂଳଭୂତ ଏକତ୍ୱ ଏବଂ ଜୀବନର ଦିବ୍ୟ ପରମମୂଳ ବିଷୟରେ ତାହାର ଗଭୀର ଅଭୀପ୍ସା ରହିଛି ଏବଂ, ଏହି ଅଭୀପ୍ସାରେହିଁ ପରସ୍ପର ସହିତ ମିଳିତ ହୋଇ ଏହି ଦେଶ ଏପରି ଏକ ଏକତ୍ୱର ପୁନରୁପଲବ୍ଧି କରିପାରିବ, ଯାହାକି ଉଚ୍ଚତର ମାନସକ୍ଷେତ୍ରରେ ଅବିଚ୍ଛିନ୍ନ ଭାବରେ ଚିରଦିନ ରହି ଆସିଛି ।

*୭ ଜୁଲାଇ ୧୯୬୮*

*

*(ଆଶ୍ରମ ପରିଦର୍ଶନରେ ଆସିଥିବା ଭାରତର ରାଷ୍ଟ୍ରପତି ଶ୍ରୀ ଭି.ଭି. ଗିରିଙ୍କ ପାଇଁ ବାର୍ତ୍ତା)*

ଭାରତବର୍ଷର ମହାନତା ଲାଗି ଆମେ ସମସ୍ତେ କାର୍ଯ୍ୟ କରିବା ।

*୧୪ ସେପ୍ଟେମ୍ବର ୧୯୬୯*

*

*(ଆଶ୍ରମର ପରିଦର୍ଶନରେ ଆସିଥିବା ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ପାଇଁ ପ୍ରଦତ୍ତ ବାର୍ତ୍ତାଗୁଡ଼ିକ)*

ଭାରତବର୍ଷ ଭବିଷ୍ୟତ ପାଇଁ କାର୍ଯ୍ୟ କରୁ ଏବଂ ଦୃଷ୍ଟାନ୍ତ ଦେଖାଉ । ସେହିପରି ଭାବରେହିଁ ସିଏ ପୃଥିବୀରେ ନିଜର ଯଥାଯୋଗ୍ୟ ସ୍ଥାନଟିକୁ ପୁନର୍ବାର ହାସଲ କରି ପାରିବ ।

'oaob.nitrkl.ac.in' images reprocessed

ଦୀର୍ଘ କାଳରୁ ବିଭାଜନ ଏବଂ ବିରୋଧ ଦ୍ୱାରା ଶାସନ କରିବାହିଁ ରୀତି ହୋଇ ରହି ଆସିଥିଲା ।

ବର୍ତ୍ତମାନ ଏକତା, ପାରସ୍ପରିକ ବୁଝାମଣା ଏବଂ ସହଯୋଗ ଦ୍ୱାରା ଶାସନ କରିବାର ସମୟ ଆସି ଉପସ୍ଥିତ ହୋଇଛି ।


ଜଣେ ସହଯୋଗକାରୀ ବାଛିବାର କ୍ଷେତ୍ରରେ, ଜଣେ ବ୍ୟକ୍ତି କେଉଁ ପାର୍ଟିର ଲୋକ, ତାହା ଅପେକ୍ଷା ସେହି ବ୍ୟକ୍ତିର ପ୍ରକୃତ ମୂଲ୍ୟରହିଁ ଅଧିକ ମହତ୍ତ୍ୱ ରହିଛି ।

ଏକ ପାର୍ଟିର ବିଜୟ ଉପରେ ନୁହେଁ, ମାତ୍ର ସବୁଯାକ ପାର୍ଟିର ଏକତ୍ର ମିଳନ ଉପରେହିଁ ଗୋଟିଏ ଦେଶର ମହାନତା ନିର୍ଭର କରିଥାଏ ।

*୬ ଅକ୍ଟୋବର ୧୯୬୯*

*

ଭାରତବର୍ଷକୁ ଆପଣାର ଆତ୍ମାକୁ ଫେରି ପାଇବାକୁ ହେବ, ତାହାକୁ ଅଭିବ୍ୟକ୍ତ କରି ଆଣିବାକୁ ପଡ଼ିବ ।




*

*ଆପଣଙ୍କର ଗୋଟିଏ ସନ୍ଦେଶରେ ଆପଣ କହିଛନ୍ତି :*

*"ଭାରତବର୍ଷ ନିଜର ଆତ୍ମାକୁ ଫେରି ପାଇବ ଓ ତାହାକୁ ଅଭିବ୍ୟକ୍ତ କରି ଆଣିବ,– ଏଇଟି ହେଉଛି ଭାରତବର୍ଷର ଏକନମ୍ବର ସମସ୍ୟା ।"*

*ଭାରତବର୍ଷର ଆତ୍ମାକୁ ଫେରି ପାଇବା କିପରି ସମ୍ଭବ ହେବ ?*

ସେଥିଲାଗି ତୁମେ ଆପଣାର ଚୈତ୍ୟସତ୍ତା ବିଷୟରେ ସଚେତନ ହୁଅ । ତୁମର ଚୈତ୍ୟସତ୍ତା ଭାରତବର୍ଷର ଆତ୍ମା ବିଷୟରେ ପ୍ରଗାଢ଼ ଭାବରେ ଆଗ୍ରହାନ୍ୱିତ ହେଉ ଏବଂ ତାହାରି

'oaob.nitrkl.ac.in' images reprocessed

ଉଦ୍ଦେଶ୍ୟରେ ଅଭୀପ୍ସା କରୁ ଏବଂ ସର୍ବଦା ଏକ ସେବାର ଦୃଷ୍ଟିକୋଣ ରହିଥାଉ । ଏବଂ, ଯଦି ତୁମର ଯଥାର୍ଥ ନିଷ୍ଠା ରହିଥାଏ, ତେବେ ତୁମେ ନିଶ୍ଚୟ ସଫଳତା ଲାଭ କରିବ ।

*୧୫ ଜୁନ୍ ୧୯୭୦*

*

ଭାରତବର୍ଷ ହେଉଛି ସେହି ଦେଶ, ଯେଉଁଠାରେ କି ଚୈତ୍ୟ ବିଧାନହିଁ ଶାସନ କରି ପାରିବ, ଯେଉଁଠାରେ ତାହାକୁ ସେହି ଶାସନ କରିବାକୁହିଁ ପଡ଼ିବ । ଏବଂ ଏଠାରେ ଠିକ୍ ସେଇଥି ସକାଶେ ସମୟ ଆସି ଉପସ୍ଥିତ ହୋଇଛି । ଏବଂ, ଏହାକୁହିଁ ଏହି ଦେଶ ଲାଗି ପରିତ୍ରାଣର ଏକମାତ୍ର ପଥ ବୋଲି କୁହାଯିବ । ମାତ୍ର, ଦୁର୍ଭାଗ୍ୟବଶତଃ, ଏକ ବିଦେଶୀ ଜାତିର ପ୍ରଭାବ ଓ ପ୍ରଭୁତ୍ୱ ଫଳରେ ତାହାର ଚେତନା ବିକୃତ ହୋଇ ଯାଇଛି । କିନ୍ତୁ, ସେହି ସବୁକିଛି ସତ୍ତ୍ୱେ, ତାହା ଏକ ଅସାଧାରଣ ଅଧ୍ୟାତ୍ମିକ ଐତିହ୍ୟର ଅଧିକାରୀ ହୋଇ ରହିଛି ।

ଅନେକ ଆଶୀର୍ବାଦ ।

*୨ ଅଗଷ୍ଟ ୧୯୭୦*

*

*(ପଣ୍ଡିଚେରୀ ଆକାଶବାଣୀରେ ପ୍ରସାରଣ ନିମନ୍ତେ ପ୍ରଦତ୍ତ ଗୋଟିଏ ବାର୍ତ୍ତା ।)*

ଆମେ ଆଲୋକ ଏବଂ ସତ୍ୟର ବାର୍ତ୍ତାବହ ହେବାକୁ ଇଚ୍ଛୁକ । ଏକ ସଙ୍ଗତିମୟ ଭବିଷ୍ୟତ ଉଦ୍ଦେଶ୍ୟରେ ପୃଥିବୀ ଘୋଷିତ ହେବା ନିମନ୍ତେ ଉଦ୍ୟତ ।

ଭୟ ଜରିଆରେ ଶାସନ କରିବାର ପୁରାତନ ଅଭ୍ୟାସ ସ୍ଥାନରେ ପ୍ରେମ ଦ୍ୱାରା ଶାସନର ସମୟ ଉପସ୍ଥିତ ।

*୫ ନଭେମ୍ବର ୧୯୭୦*

*

*(୧୯୭୧ ଫେବ୍ରୁଆରୀ ୨୧ ତାରିଖ ଦିନ ମାଆଙ୍କର ଜନ୍ମଦିନ ଅବସରରେ ପଣ୍ଡିଚେରୀ ଆକାଶବାଣୀରେ ପ୍ରସାର ନିମନ୍ତେ ପ୍ରଦତ୍ତ ବାର୍ତ୍ତା)*

ଯଥାର୍ଥ ସ୍ୱାଧୀନତା ହେଉଛି ଏକ ଆରୋହଣଧର୍ମୀ ଗତିଶୀଳତା, ତାହା କଦାପି ନିମ୍ନତର ପ୍ରବୃତ୍ତିଗୁଡ଼ିକ ପାଖରେ ବଶ୍ୟତା ସ୍ୱୀକାର କରିବ ନାହିଁ ।

ଯଥାର୍ଥ ସ୍ୱାଧୀନତା ହେଉଛି ଏକ ଦିବ୍ୟ ଅଭିବ୍ୟକ୍ତି ।

ଭାରତବର୍ଷ ଲାଗି ଆମେ ଏହି ଯଥାର୍ଥ ସ୍ୱାଧୀନତା କାମନା କରୁଛୁ, ଯେପରିକି,

'oaob.nitrkl.ac.in' images reprocessed

ସମଗ୍ର ମନୁଷ୍ୟସମାଜକୁ ପ୍ରକୃତରେ ଯାହା ଅବଶ୍ୟ ହେବାକୁ ପଡ଼ିବ, ଭାରତବର୍ଷ ପୃଥିବୀ-ସମକ୍ଷରେ ତାହାରି ଯଥାର୍ଥ ଦୃଷ୍ଟାନ୍ତ ହୋଇ ବାହାରି ପାରିବ ।

*୧୩ ଫେବ୍ରୁଆରି ୧୯୭୧*

*

*(ବାଂଲାଦେଶ ସଙ୍କଟ ସମୟରେ ମାଆ ନିମ୍ନଲିଖିତ ଚାରିଗୋଟି ବିବୃତି ଦେଇଥିଲେ)*

ଅବସ୍ଥା ପ୍ରକୃତରେ ଗମ୍ଭୀର । କେବଳ ଏକ ଶକ୍ତିଶାଳୀ ଏବଂ ସନ୍ଦୀପିତ କାର୍ଯ୍ୟପନ୍ଥା ଗ୍ରହଣ କରିବା ଦ୍ୱାରାହିଁ ଦେଶ ଏହି ସଙ୍କଟ ମଧ୍ୟରୁ ବାହାରକୁ ବାହାରି ଆସି ପାରିବ ।

ଅନେକ ଆଶୀର୍ବାଦ ।

*୩୦ ଏପ୍ରିଲ ୧୯୭୧*

*

*(''ବର୍ତ୍ତମାନର ସଙ୍କଟ ସମୟରେ ଦେଶର ସବୁ ଲୋକଙ୍କ ପାଇଁ ମାଆଙ୍କ ଦ୍ୱାରା ପ୍ରଦତ୍ତ ଏକ ମନ୍ତ୍ର'' — ଏହି ଶୀର୍ଷକରେ ଲିଖିତ ନିମ୍ନଲିଖିତ ସନ୍ଦେଶଟିକୁ ଆଶ୍ରମରେ ବିତରଣ କରାଯାଇଥିଲା)*

ହେ ପରମପ୍ରଭୁ,
ଶାଶ୍ୱତ ସତ୍ୟ,
ଆମେ ଯେମିତି କେବଳ ତୁମରି ଆଦେଶହିଁ ପାଳନ କରୁଁ
ଏବଂ ସତ୍ୟ ଅନୁସାରେ ଜୀବନଯାପନ କରୁଁ ।

*ଜୁନ୍ ୧୯୭୧*

*

ପରମସତ୍ୟରହିଁ ଅନୁଧାବନ କରିବା ଲାଗି ସେମାନେ ସଂକଳ୍ପବଦ୍ଧ ନ ହୋଇଥିବା ପର୍ଯ୍ୟନ୍ତ ମୁଁ ବାହ୍ୟଭୂମିରେ ସେମାନଙ୍କ ସକାଶେ ଆଦୌ କିଛି କରି ପାରିବି ନାହିଁ ।

ସତ୍ୟକୁ ସେମାନେ ଯେପରି ଦେଖୁଛନ୍ତି, ସେହି ସତ୍ୟ ନୁହେଁ, ମାତ୍ର ପରମ ସତ୍ୟ ପ୍ରକୃତରେ ଯାହା, ସେହି ସତ୍ୟ ।

ପରମସତ୍ୟର ପରିଚୟ ଲାଭ କରିବାକୁ ହେଲେ ତୁମ ଭିତରେ ଆଦୌ କୌଣସି ଅଗ୍ରରୁଚି ଅଥବା ବାସନା ରହିବ ନାହିଁ; ଏବଂ, ତୁମେ ଯେତେବେଳେ ପ୍ରକୃତରେ ସେହି ପରମସତ୍ୟ ଲାଗି ଅଭୀପ୍ସା ରଖିବ, ସେତେବେଳେ ତୁମର ମନ ମଧ୍ୟ ସଂପୂର୍ଣ୍ଣ ଭାବରେ ନୀରବ ହୋଇ ରହିବ ।

*୮ ଜୁଲାଇ ୧୯୭୧*

*

'oaob.nitrkl.ac.in' images reprocessed

ଏହାର କାରଣ ହେଉଛି ଯେ ବର୍ତ୍ତମାନ ସମଗ୍ର ଜଗତ ମିଥ୍ୟାରେ ନିମଜ୍ଜିତ ହୋଇ ରହିଛି – ତେଣୁ ବର୍ତ୍ତମାନ ସେଠାରେ ସମ୍ମୁହିତ ହୋଇ ଆସୁଥିବା ସକଳ କ୍ରିୟା ଅବଶ୍ୟ ମିଥ୍ୟା ଦ୍ୱାରା ଆଚ୍ଛନ୍ନ ହୋଇ ରହିବ; ଏବଂ, ଏହି ଅବସ୍ଥା ହୁଏତ ଦୀର୍ଘକାଳ ପର୍ଯ୍ୟନ୍ତ ଏହିପରି ହୋଇ ରହିବ ଏବଂ ତଦ୍ୱାରା ଦେଶ ଓ ଦେଶବାସୀ ଘୋର ଦୁଃଖ ଭିତରେ ପ୍ରପୀଡ଼ିତ ହୋଇ ରହିଥିବେ।

ବର୍ତ୍ତମାନ ପ୍ରାର୍ଥନା କରିବାହିଁ ଏକମାତ୍ର କାର୍ଯ୍ୟ – ଏହି ପ୍ରାର୍ଥନା ଆମ ହୃଦୟ ଭିତରୁ ହୋଇ ପାରୁଥିବା ଉଚିତ। ଆମେ ସେହି ପରମ ଦିବ୍ୟଶକ୍ତି ଆସି ହସ୍ତକ୍ଷେପ କରନ୍ତୁ ବୋଲି ପ୍ରାର୍ଥନା କରିବା, କାରଣ ସେହି ଗୋଟିଏ କଥାହିଁ ଆମର ରକ୍ଷା କରି ପାରିବ। ଏବଂ, ଯେଉଁମାନେ ଏହି ବିଷୟରେ ସଚେତନ ହୋଇ ପାରିବେ, ସେମାନେ ସମସ୍ତେ କେବଳ ସେହି ପରମସତ୍ୟକୁ ନିର୍ଭର କରିହିଁ ଦୃଢ଼ ଭାବରେ ଅବଶ୍ୟ ଦଣ୍ଡାୟମାନ ରହିବେ ବୋଲି ଏକ ନିଷ୍ପତ୍ତି ଗ୍ରହଣ କରିବେ, କେବଳ ସେହି ପରମସତ୍ୟରେ ଅବସ୍ଥିତ ରହି ଯାବତୀୟ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେବେ। ଏହି କ୍ଷେତ୍ରରେ ଆଦୌ କୌଣସି ସାଲିସ ହେବା ଉଚିତ ନୁହେଁ। ଏହା ଏକାନ୍ତ ଆବଶ୍ୟକ। ଏହାହିଁ ଏକମାତ୍ର ପନ୍ଥା।

ଏପରିକି, ଯଦି ଘଟଣାବଳୀ ଆମ ଲାଗି ପ୍ରତିକୂଳ ଏବଂ ମନ୍ଦ ଦିଗରେ ଯାଉଥିବା ପରି ପ୍ରତୀତ ହେବାକୁ ଲାଗେ,– ବସ୍ତୁତଃ ସେହିପରିହିଁ ଘଟିବ, ବର୍ତ୍ତମାନ ମିଥ୍ୟାର ଯେଉଁ ରାଜତ୍ୱ ଚାଲିଛି, ସେହି କାରଣରୁ ତଥାପି, ପରମସତ୍ୟ ଉପରେହିଁ ନିର୍ଭର କରି ରହିବା ଲାଗି ଆମର ନିଜ ସଂକଳ୍ପରୁ ଆମେ କଦାପି ନିବୃତ୍ତ ହୋଇଯିବା ନାହିଁ।

*ଏହାହିଁ ଏକମାତ୍ର ପନ୍ଥା।* [§]

*ଜୁଲାଇ ୧୯୭୧*

*

ସମଗ୍ର ଭାବରେ ଦିବ୍ୟ ପରମଜୀବନର ବାର୍ତ୍ତାବହ ହୋଇପାରିଲେ ଯାଇ ଭାରତବର୍ଷ ପୃଥିବୀରେ ତାହାର ଯଥାର୍ଥ ସ୍ଥାନଟିକୁ ଗ୍ରହଣ କରି ପାରିବ।

*୨୪ ଏପ୍ରିଲ୍ ୧୯୭୨*

*

*ଭାରତବର୍ଷ କହିଲେ କାହାକୁ ବୁଝାଏ ?*

ଭାରତବର୍ଷ କହିଲେ ଏହି ଦେଶର ମାଟି, ନଦୀ ସକଳ ଏବଂ ପର୍ବତଶ୍ରେଣୀଗୁଡ଼ିକୁ ବୁଝାଏ

'oaob.nitrkl.ac.in' images reprocessed

ନାହିଁ, ଏହି ଦେଶର ଅଧିବାସୀମାନଙ୍କୁ ବୁଝାଉଥିବା ଏକ ସାମୂହିକ ନାମ ହିସାବରେ ମଧ୍ୟ ଆମେ ତାହାକୁ ବୁଝିବା ନାହିଁ । ଭାରତବର୍ଷ ଏକ ଜୀବନ୍ତ ସତ୍ତା; ଶିବ ଯେପରି ଭାବରେ ଏକ ଜୀବନ୍ତ ସତ୍ତା, ଠିକ୍ ସେହିପରି । ଶିବ ଯେଉଁପରି ଏକ ଦେବ, ଭାରତବର୍ଷ ସେହିପରି ଏକ ଦେବୀ, ସିଏ ଇଚ୍ଛା କଲେ ନିଜକୁ ଏକ ମନୁଷ୍ୟର ଆକାରରେ ମଧ୍ୟ ପ୍ରକଟ କରି ପାରିବେ ।[§]

*

ଯେତେବେଳେ ତୁମକୁ ସୌନ୍ଦର୍ଯ୍ୟକୁ ବର୍ଜନ କରି ଆସିବା ଲାଗି ଶିକ୍ଷା ଦିଆଯାଏ, ସେତେବେଳେ ଅସୁରର ଗୋଟାଏ ବୃହତ୍ତମ ଅସ୍ତ୍ରର ପ୍ରୟୋଗ କରା ଯାଉଛି ବୋଲି ବୁଝିବାକୁ ହେବ । ଏହା ଭାରତବର୍ଷର ସର୍ବନାଶର କାରଣ ହୋଇଛି । ଚୈତ୍ୟର ଭୂମିରେ ଦିବ୍ୟ ପରମସତ୍ତା ପ୍ରେମରୂପେ ବ୍ୟକ୍ତ ହୁଅନ୍ତି; ମନର ଭୂମିରେ ଜ୍ଞାନ ରୂପେ, ପ୍ରାଣର ଭୂମିରେ ଶକ୍ତିରୂପେ ଏବଂ ଶରୀରର ଭୂମିରେ ସୌନ୍ଦର୍ଯ୍ୟ ରୂପେ ବ୍ୟକ୍ତ ହୁଅନ୍ତି । ଯଦି ତୁମେ ସୌନ୍ଦର୍ଯ୍ୟକୁ ବର୍ଜନ କରିବ, ତେବେ ତାହାର ଏହି ଅର୍ଥ ହେବ ଯେ, ତୁମେ ତଦ୍ଵାରା ଜଡ଼ର ଭୂମିରେ ଦିବ୍ୟ ପରମସତ୍ତାଙ୍କୁ ଅଭିବ୍ୟକ୍ତ ହେବାରୁ ନିବୃତ୍ତ କରି ରଖୁଛ ଏବଂ ସଂପୃକ୍ତ ସେହି ଭାଗଟିକୁ ଅସୁରର ହାତରେ ନେଇ ସମର୍ପି ଦେଉଛ ।[§]

*

ଆବହମାନ କାଳରୁ (କେତେକ ପଣ୍ଡିତଙ୍କ ମତରେ ଖ୍ରୀଷ୍ଟପୂର୍ବ ୮୦୦୦ରୁ) ଭାରତବର୍ଷ ଆଧ୍ୟାତ୍ମିକ ଜ୍ଞାନ ଏବଂ ଆଧ୍ୟାତ୍ମିକ ସାଧନାର ଭୂମି ହୋଇ ରହି ଆସିଛି, ସର୍ବୋଚ୍ଚ ପରମସତ୍ୟର ଜିଜ୍ଞାସା ଓ ଆବିଷ୍କାର କରିବା ଓ ତାଙ୍କ ସହିତ ସମ୍ମିଳିତ ହୋଇ ପାରିବାର ସାଧନାର ଭୂମି ହୋଇ ରହି ଆସିଛି । ଏହି ଦେଶରେହିଁ ଧ୍ୟାନ ଓ ଅଭିନିବେଶର ସର୍ବୋତ୍ତମ ଏବଂ ସର୍ବାଧିକ ଅଭ୍ୟାସ ହୋଇଛି । ସଂସ୍କୃତରେ 'ଯୋଗ' ବୋଲି କୁହା ଯାଉଥିବା ଏହି ମାର୍ଗର ଯେଉଁସବୁ ପଦ୍ଧତି ଏହି ଦେଶରେ ଶିକ୍ଷା ଦିଆଯାଏ ଏବଂ ବ୍ୟବହୃତ ହୁଏ, ତାହା ପ୍ରକୃତରେ ଅଗଣିତ । ସେଥିରୁ କେତେକ କେବଳ ଜଡ଼ଭୂମିର ଆଉ କେତେକ ବିଶୁଦ୍ଧ ଭାବରେ ବୌଦ୍ଧିକ, ଅନ୍ୟଗୁଡ଼ିକ ଧର୍ମମୂଳକ ଏବଂ ଭକ୍ତି ଦ୍ଵାରା ପ୍ରେରିତ । ପରିଶେଷରେ, ଆଉ କେତେକ ପଦ୍ଧତି ଏହିସବୁ ବିଭିନ୍ନ ପ୍ରକ୍ରିୟାକୁ ଏକତ୍ର ଆଣି ଗୁନ୍ଥି ଦେଇଛନ୍ତି ଓ ତଦ୍ଵାରା ଏକ ସମଗ୍ରତର ଫଳ ଲାଭ କରିବେ ବୋଲି ଅଭିପ୍ରାୟ ରଖିଛନ୍ତି ।

*

*"ହାୟ, ଯେହେତୁ ଭାରତବର୍ଷ ଧର୍ମର ଆଦିଭୂମି ହୋଇ ରହିଛି ଏବଂ ଏତେ ଅଧିକ-ସଂଖ୍ୟକ ଦେବଦେବୀ ତା'ର ନିୟତି ଉପରେ ଅଧିଷ୍ଠାତା ହୋଇ ବସିଛନ୍ତି,*

'oaob.nitrkl.ac.in' images reprocessed

*ସେମାନଙ୍କ ମଧ୍ୟରୁ କିଏ ଏହି ନଗରୀର ପୁନରୁଜ୍ଜୀବନ ଘଟାଇବାର କିମିଆଟିକୁ ସମ୍ଭବ କରି ପାରିବ ?''*

*ଏ. ଶୁମେଲ୍ (ପଣ୍ଡିଚେରୀ ବିଷୟରେ ୧୯୨୮ ମସିହାରେ ଲିଖିତ ଗୋଟିଏ ଲେଖାରେ)*

ମିଥ୍ୟା ପ୍ରତୀତିଗୁଡ଼ିକ ଦ୍ୱାରା ଅନ୍ଧ ହୋଇ, ନାନା ମିଥ୍ୟାପବାଦ ଦ୍ୱାରା ପ୍ରତାରିତ ହୋଇ, ଭୟ ଏବଂ ପୂର୍ବଗ୍ରହ ଦ୍ୱାରା ଅଟକି ଯାଇ ସିଏ ସ୍ୱୟଂ ତାହାଙ୍କର ହସ୍ତକ୍ଷେପକୁ ଆବାହନ କରୁଥିବା ଦେବତାଙ୍କର ପାର୍ଶ୍ୱ ଦେଇ ଚାଲି ଯାଇଛନ୍ତି, ମାତ୍ର ତାଙ୍କୁ ଦେଖି ପାରି ନାହାନ୍ତି । ସେ ଦାବି କରୁଥିବା ଅଦ୍ଭୁତ ଘଟଣାଗୁଡ଼ିକୁ ଯେଉଁ ଶକ୍ତିଚୟ ପ୍ରକୃତରେ ସମ୍ଭବ କରିପାରିବେ, ସିଏ ସେହିଗୁଡ଼ିକର ନିକଟବର୍ତ୍ତୀ ହୋଇ ଚାଲିଯାଇଛନ୍ତି, ମାତ୍ର ସେମାନଙ୍କୁ ଚିହ୍ନିବା ନିମନ୍ତେ ଇଚ୍ଛା ପ୍ରକାଶ କରି ନାହାନ୍ତି । ଏହିପରି ଭାବରେ ସେ ତାଙ୍କ ଜୀବନର ବୃହତ୍ତମ ସୁଯୋଗଟିକୁ ହାରାଇଛନ୍ତି – ଏହି ଯାବତୀୟ ରହସ୍ୟ ଏବଂ ବିସ୍ମୟର ସଂସ୍ପର୍ଶରେ ଆସିବାର ଅସାଧାରଣ ସୁଯୋଗଟିକୁ ହରାଇ ଦେଇଛନ୍ତି; ମସ୍ତିଷ୍କ ଦ୍ୱାରା ସିଏ ସେଗୁଡ଼ିକର ଅସ୍ତିତ୍ୱ ବିଷୟରେ ଅନୁମାନ କରି ପାରିଛନ୍ତି ଏବଂ ଅତ୍ୟନ୍ତ ଅସ୍ପଷ୍ଟ ଭାବରେ ତାଙ୍କର ହୃଦୟ ମଧ୍ୟ ସେହିଗୁଡ଼ିକ ଲାଗି ଅଭୀପ୍ସା ରଖିଛି ।

ସକଳ କାଳରେ ଜଣେ ସାଧକକୁ, ଦୀକ୍ଷାପ୍ରାପ୍ତି ପୂର୍ବରୁ, ନାନା ପରୀକ୍ଷା ମଧ୍ୟ ଦେଇ ଯିବାକୁ ପଡୁଥିଲା । ପ୍ରାଚୀନ ସାଧନା-କେନ୍ଦ୍ରମାନଙ୍କରେ ଏହି ପରୀକ୍ଷାସବୁ ଅତ୍ୟନ୍ତ କୃତ୍ରିମ ହୋଇ ରହିଥିଲା ଏବଂ ତାହାରି ଦ୍ୱାରାହିଁ ସେମାନେ ଆପଣାର ଅଧିକାଂଶ ମୂଲ୍ୟକୁ ହରାଇ ବସୁଥିଲେ । ମାତ୍ର ବର୍ତ୍ତମାନ ଆଉ ସେପରି ହେଉ ନାହିଁ । ବର୍ତ୍ତମାନର ପରୀକ୍ଷା କୌଣସି ଏକ ସାଧାରଣ ଦୈନନ୍ଦିନ ସ୍ଥିତିର ପଶ୍ଚାତରେ ଲୁକ୍କାୟିତ ହୋଇ ରହୁଛି ଏବଂ ବାହାରକୁ ଅନୁରୂପତା ଓ ଆକସ୍ମିକତାର ଏକ ନିଷ୍କପଟ ପରିଧାନକୁ ଧାରଣ କରିଛି, ଯାହାକି ତାହାକୁ ଆହୁରି ଅଧିକ କଷ୍ଟସାଧ୍ୟ ଏବଂ ବିପଦଯୁକ୍ତ କରି ପକାଉଛି ।

କେବଳ ଯେଉଁମାନେ ପ୍ରଜାତି ଏବଂ ଶିକ୍ଷାଜନିତ ମନୋଗତ ସକଳ ଅଭିରୁଚି ଏବଂ ପୂର୍ବଗ୍ରହକୁ ଜୟ କରିପାରିବେ, କେବଳ ସେହିମାନଙ୍କ ଲାଗିହିଁ ଭାରତବର୍ଷ ଆପଣା ସମ୍ପଦଗୁଡ଼ିକର ରହସ୍ୟକୁ ଉଦ୍‌ଘାଟିତ କରିଦେବ । ଅନ୍ୟମାନଙ୍କୁ କେବଳ ନିରାଶ ହୋଇ ଯିବାକୁ ପଡ଼ିବ; ସେମାନେ ଯାହା ଖୋଜୁଛନ୍ତି, ତାହାକୁ କଦାପି ପାଇପାରିବେ ନାହିଁ । କାରଣ ସେମାନେ ଭୁଲ୍ ପ୍ରଣାଳୀରେହିଁ ସେଗୁଡ଼ିକର ସନ୍ଧାନ କରିଛନ୍ତି ଏବଂ ଦିବ୍ୟ ପରମାବିଷ୍କାରର ଉଚିତ ମୂଲ୍ୟ ଦେବା ଲାଗି ସମର୍ଥ ହେଉ ନାହାନ୍ତି ।

*୧୧ ସେପ୍‌ଟେମ୍ବର ୧୯୨୮*

*

'oaob.nitrkl.ac.in' images reprocessed

*(ପଣ୍ଡିଚେରୀ ରାଜ୍ୟର ବିଶେଷ ତାତ୍ପର୍ଯ୍ୟଟିକୁ ପ୍ରତୀକାତ୍ମକ ଭାବରେ ରୂପ ଦେଇଥିବା ଆଶ୍ରମର ଜଣେ କଳାକାରଙ୍କ ଦ୍ୱାରା ନିର୍ମିତ ଏକ ମଡେଲ୍‌ର ବର୍ଣ୍ଣନା)*

ଏଠାରେ ନୂତନ ରାଜ୍ୟ ପଣ୍ଡିଚେରୀକୁ ଗୋଟିଏ ମଣ୍ଡପର ଉପସ୍ଥାପନା କରୁଥିବା ଏକ କ୍ଷୁଦ୍ର କୁଟୀରଶିଳ୍ପ ଦ୍ୱାରା ଦର୍ଶାଇବାର ପ୍ରୟାସ କରାଯାଇଛି । ମଣ୍ଡପଟିର ଚାରୋଟି ସ୍ତମ୍ଭ ହେଉଛନ୍ତି ଚାରୋଟି ମହାଦେଶ, – ଏସିଆ, ଇଉରୋପ, ଆଫ୍ରିକା ଏବଂ ଆମେରିକା । ବୁଦ୍ଧଦେବ ଏସିଆ ମହାଦେଶର ପ୍ରତିନିଧିତ୍ୱ କରୁଛନ୍ତି, ପାଲାସ୍ ଏଥିନ୍ ଇଉରୋପର ପ୍ରତିନିଧିତ୍ୱ କରୁଛନ୍ତି, ଇସିସ୍ ଆଫ୍ରିକାର ପ୍ରତିନିଧିତ୍ୱ କରୁଛନ୍ତି ଏବଂ ଷ୍ଟାଚିଉ ଅଫ୍ ଲିବର୍ଟି ଆମେରିକାର ପ୍ରତିନିଧିତ୍ୱ କରୁଛି । ଏହି ଆଧ୍ୟାତ୍ମିକ ଅବଲମ୍ବନଗୁଡ଼ିକ ପୃଥିବୀରୂପୀ ଗୋଲକକୁ ଉତ୍ତୋଳିତ କରି ଧରିଛନ୍ତି, ଯାହା ଉପରେ କି ଶାନ୍ତିର କପୋତ ଉର୍ଦ୍ଧ୍ୱରୁ ଅବତରଣ କରୁଛି । ଗୋଲକର ଉଭୟ ପାର୍ଶ୍ୱରେ ଜଣେ ଭାରତୀୟ ନାରୀ ଦଣ୍ଡାୟମାନା ଅଛନ୍ତି, ସେ ହାତରେ ସ୍ୱାଗତ ଜଣାଇବାର ସୂଚକ ରୂପେ ଗୋଟିଏ ନାରୀକେଳ-ପତ୍ର ଧରିଛନ୍ତି ଏବଂ ଜଣେ ଫରାସୀ ମହିଳା ମଧ୍ୟ ରହିଛନ୍ତି, ଯିଏକି ଶୁଭସୂଚକ ଅଲିଭ୍ ଶାଖା ଧାରଣ କରିଛନ୍ତି । ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ଏହି ସୌହାର୍ଦ୍ଦ୍ୟ ବିଭିନ୍ନ ଜାତି ମଧ୍ୟରେ ସ୍ଥାୟୀ ଶାନ୍ତି ଏବଂ ମୈତ୍ରୀର ଶୁଭସୂଚନା ଆଣି ଦେଇଯାଉଛି ।

ମଣ୍ଡପର ଚାରି ସ୍ତମ୍ଭ ମଧ୍ୟରେ ଯେଉଁ ଖାଲି ଜାଗା ରହିଛି, ତାହାକୁ ପରସ୍ପର ସହିତ ଛନ୍ଦି ହୋଇ ରହିଥିବା ନାନା ଲତା ଦ୍ୱାରା ଖଞ୍ଜି ଦିଆ ଯାଇଛି, ଏବଂ ସେଥିରେ ନାଲି ଓ ଧଳା ପଦ୍ମଫୁଲକୁ ପରିବର୍ତ୍ତିତ କ୍ରମରେ ଖୋସି ଦିଆଯାଇଛି । ନାଲି ଏବଂ ଧଳା ପଦ୍ମଫୁଲ ବିଶ୍ୱର ବିବର୍ତ୍ତନକୁ ପରିଚାଳିତ କରି ନେଉଥିବା ଦୁଇ ଆଧ୍ୟାତ୍ମିକ ଚେତନାର ପ୍ରତିନିଧିତ୍ୱ କରୁଛି ।

ମଣ୍ଡପର ଚାରି କୋଣରେ ଚାରୋଟି ସିଂହ ଜଗୁଆଳ ହୋଇ ବସିଛନ୍ତି । ସେଗୁଡ଼ିକ ହେଉଛନ୍ତି ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ ।

ଆଶା କରାଯାଉଛି ଯେ ପଣ୍ଡିଚେରୀ ରାଜ୍ୟ ଏହି ଅଧ୍ୟାତ୍ମଦୃଷ୍ଟିକୁ ପ୍ରକୃତରେ ସାକାର କରିପାରିବ ଏବଂ ବିଶ୍ୱର ଯାବତୀୟ ସଂସ୍କୃତି ଲାଗି ଏକ ମିଳନ ଭୂମିରେ ପରିଣତ ହେବ । ପୃଥିବୀର ବିଭିନ୍ନ ଲୋକସମୂହକୁ ଏକାଠି ବାନ୍ଧି ରଖିଥିବା ମୂଳସ୍ଥ ଏକତା ବିଷୟରେ ତାହା ପୂର୍ଣ୍ଣ ସଚେତନ ହୋଇ ରହିଥିବ ।

୧୯୫୪

*

'oaob.nitrkl.ac.in' images reprocessed

*(୧୯୬୦ ମସିହାରେ ପ୍ରକାଶିତ ଫରାସୀ ଭାଷାରେ ଲେଖା ହୋଇଥିବା ପଣ୍ଡିଚେରୀ ଇତିହାସର ଲେଖିକା ମାଦାମ୍ ୟନ୍ ରୋବେଆର୍ ଗେବ୍‌ଲେଙ୍କ ପାଇଁ)*

ସ୍ନେହର ସନ୍ତାନ,

ମୁଁ ସେହି ଚମତ୍କାର ଓ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ପୁସ୍ତକଟିକୁ ପାଠ କରି ସାରିବା ପରେହିଁ ଏହି ଚିଠି ଲେଖୁଛି । ମୁଁ ଛବିଗୁଡ଼ିକୁ ମଧ୍ୟ ଦେଖିଛି ଏବଂ ଅନୁଶଂସିତ ଅଂଶଗୁଡ଼ିକ ସମେତ ସେଥିରୁ ଆଉକେତୋଟି ଅଂଶ ମଧ୍ୟ ପଢ଼ିଛି । ସେଗୁଡ଼ିକରେ ରହିଥିବା ତଥ୍ୟଗୁଡ଼ିକ ସକାଶେ ସେସବୁ ଅତ୍ୟନ୍ତ ମୂଲ୍ୟବାନ୍ ହୋଇଛି ।

ପୁସ୍ତକଟି ଭାରି ଚମତ୍କାର ହୋଇଛି ଏବଂ ଏହି ସୁନ୍ଦର ଗ୍ରନ୍ଥଟି ଲାଗି ତୁମକୁ ଅଭିନନ୍ଦନ ଜଣାଇବାକୁ ଯାଇ ମୁଁ ପ୍ରକୃତରେ ଆନନ୍ଦ ଅନୁଭବ କରୁଛି ।

ଆମ ଲାଇବ୍ରେରି ସକାଶେ ଆମେ ସେଥିରୁ ଖଣ୍ଡିଏ ପାଇବୁ କି ? ତା' ହେଲେ, ମୋତେ ଆଉ ମୋ' ପାଖରେ ଥିବା ଖଣ୍ଡଟିକୁ ସେଠାକୁ ଦେବାକୁ ପଡ଼ିବ ନାହିଁ ।

ଏପରି ଗୋଟିଏ ଦିନ ଆସିବ ବୋଲି ମୁଁ ଆଶା କରୁଛି, ଯେତେବେଳେ କି, ଶ୍ରୀଅରବିନ୍ଦଙ୍କର ଏଠାରେ ଉପସ୍ଥିତି ସକାଶେ ପଣ୍ଡିଚେରୀ ସହର ଯେପରି ଭାବରେ ଉପକୃତ ହୋଇଛି, ଆମେ ତାହାକୁ ମୁକ୍ତ ଏବଂ ଯଥାର୍ଥ ଭାବରେ କହିବାକୁ ସମର୍ଥ ହେବା ।

ବର୍ତ୍ତମାନ ମୁଁ ତୁମ ଲାଗି ମୋ'ର ପ୍ରୀତି ଏବଂ ଆଶୀର୍ବାଦ ପ୍ରେରଣ କରୁଛି ।

*୧୨ ଜାନୁଆରି ୧୯୬୧*

*

ଭାରତୀୟ ଭାଷାଗୁଡ଼ିକ ପ୍ରତି ମୋ'ର ଗଭୀରତମ ସମ୍ମାନ ରହିଛି ଏବଂ ମୁଁ ଯେତେବେଳେ ଟିକିଏ ସମୟ ପାଉଛି, ଏବେ ମଧ୍ୟ ସଂସ୍କୃତ ଅଧ୍ୟୟନ କରୁଛି ।

*

ସଂସ୍କୃତ ଭାରତବର୍ଷର ଜାତୀୟ ଭାଷା ହେବା ଉଚିତ ।

ଅନେକ ଆଶୀର୍ବାଦ । *୧୯ ଏପ୍ରିଲ୍ ୧୯୬୧*

*

କେବଳ ହିନ୍ଦୀଭାଷୀ ଅଂଚଳର ଲୋକମାନଙ୍କ ପାଇଁହିଁ ହିନ୍ଦୀ ଉପଯୋଗୀ ହୋଇ ପାରିବ । ସଂସ୍କୃତ ସବୁ ଭାରତୀୟଙ୍କ ଲାଗି ।

*

'oaob.nitrkl.ac.in' images reprocessed

*କେତେକ ସମସ୍ୟା ବିଷୟରେ, ଯେଉଁଥିରେ କି ଆପଣ ଏବଂ ଶ୍ରୀଅରବିନ୍ଦ ପ୍ରତ୍ୟକ୍ଷ ଉତ୍ତରମାନ ଦେଇଛନ୍ତି, ସେହିସବୁ କ୍ଷେତ୍ରରେ ଆମେ (ଶ୍ରୀଅରବିନ୍ଦ କର୍ମଧାରା) ମଧ୍ୟ ଅତ୍ୟନ୍ତ ସୁସ୍ପଷ୍ଟ ହୋଇ ପାରିଛୁ । ଉଦାହରଣ ସ୍ୱରୂପ ... ଭାଷା ସମସ୍ୟାର କ୍ଷେତ୍ରରେ, ଯେଉଁଥିରେ କି ଆପଣ କହିଛନ୍ତି ଯେ ଦେଶ ଲାଗି (୧) ଆଞ୍ଚଳିକ ଭାଷାହିଁ ଶିକ୍ଷାଦାନର ମାଧ୍ୟମ ହେବା ଉଚିତ, (୨) ସଂସ୍କୃତ ଜାତୀୟ ଭାଷା ହେବା ଉଚିତ ଏବଂ (୩) ଇଂରାଜୀ ଅନ୍ତର୍ଜାତୀୟ ଭାଷା ହେବା ଉଚିତ ।*

*ଏହିସବୁ ପ୍ରଶ୍ନର ଏହି ଉତ୍ତରମାନ ଦେଲେ ତାହାକୁ ପ୍ରକୃତରେ ଠିକ୍ ବୋଲି କୁହାଯିବ କି ?*

ହଁ ।

ଅନେକ ଆଶୀର୍ବାଦ ।

*୪ ଅକ୍ଟୋବର ୧୯୭୧*

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

# ଭାରତ ବ୍ୟତୀତ ଅନ୍ୟାନ୍ୟ ଜାତି

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

## ଭାରତ ବ୍ୟତୀତ ଅନ୍ୟାନ୍ୟ ଜାତି

### ଆମେରିକା ଲାଗି ସନ୍ଦେଶ

ଏପରି ଭାବିବ ନାହିଁ ଯେ ତୁମେମାନେ ହେଉଛ ପାଶ୍ଚାତ୍ୟ ଜଗତର ଓ ଅନ୍ୟମାନେ ପ୍ରାଚ୍ୟ ଜଗତର । ସକଳ ମନୁଷ୍ୟସତ୍ତା ସେହି ଏକ ଦିବ୍ୟ ଉତ୍ସରୁ ଜାତ ହୋଇଛନ୍ତି ଏବଂ ଏହି ଉତ୍ସଗତ ଏକତାକୁ ପୃଥିବୀରେ ବ୍ୟକ୍ତ କରିବା ସକାଶେ ଅଭିପ୍ରେତ ହୋଇ ରହିଛନ୍ତି ।

*୪ ଅଗଷ୍ଟ ୧୯୪୯*

*

### ପଣ୍ଡିଚେରୀରେ ଏକ ଫରାସୀ ଇନ୍‌ଷ୍ଟିଚିଉଟ୍‌ର ଉଦ୍‌ଘାଟନ ଅବସରରେ ବାର୍ତ୍ତା

ଯେକୌଣସି ଦେଶରେ ପିଲାମାନଙ୍କୁ ଯେଉଁ ସର୍ବୋତ୍ତମ ଶିକ୍ଷା ଦିଆଯାଇ ପାରିବ, ତାହା ହେଉଛି, ସେମାନଙ୍କର ଦେଶର ଯଥାର୍ଥ ସ୍ୱଭାବ ଏବଂ ତାହାର ନିଜସ୍ୱ ଗୁଣଗୁଡ଼ିକୁ ସେମାନେ ଜାଣିବେ; ପୃଥିବୀରେ ସେମାନଙ୍କର ଜାତିକୁ ଯେଉଁ ବିଶେଷ କର୍ତ୍ତବ୍ୟଟିର ପୂରଣ କରିବାକୁ ରହିଛି, ଏବଂ ଏହି ଜାଗତିକ ଜାତିସମାବେଶରେ ଏହାର ଯଥାର୍ଥ ସ୍ଥାନଟି ପ୍ରକୃତରେ କ'ଣ, ସେମାନେ ତାହାର ପରିଚୟ ଲାଭ କରିବେ । ତା' ସହିତ ଅନ୍ୟ ଜାତିମାନଙ୍କର ଭୂମିକା ବିଷୟରେ ମଧ୍ୟ ସେମାନଙ୍କୁ ଏକ ବ୍ୟାପକ ବୋଧ ଦିଆଯିବ, ମାତ୍ର ସେଥିରେ ଅନୁକରଣ କରିବାର କୌଣସି ମନୋଭାବ ରହିବ ନାହିଁ କିଂବା ନିଜ ଦେଶର ପ୍ରତିଭା ବିଷୟରେ ଅନବହିତ ରହିବା ସକାଶେ ତାହା କୌଣସି ପ୍ରବର୍ତ୍ତନା ଦେବ ନାହିଁ । ଫ୍ରାନ୍ସ୍ ଭାବଗତ ଉଦାରତା, ବିଚାର କ୍ଷେତ୍ରରେ ନୂତନତା ଓ ସାହସିକତା ଏବଂ କର୍ମରେ କ୍ଷାତ୍ରଧର୍ମର ପ୍ରତିନିଧିତ୍ୱ କରି ଆସିଛି । ସେହିସବୁ ଗୁଣ ଦ୍ୱାରା ବିଭୂଷିତ ଫ୍ରାନ୍ସ୍ ଏକଦା ସମସ୍ତଙ୍କର ସମ୍ମାନ ଏବଂ ପ୍ରଶଂସାର ଭାଜନ ହୋଇ ଥିଲା । ଏହିସବୁ ଗୁଣ ହେତୁହିଁ ତାହା ପୃଥିବୀରେ ଆଧିପତ୍ୟ ବିସ୍ତାର କରିଥିଲା ।

ଏକ ପ୍ରୟୋଜନବାଦୀ, ହିସାବ-ସଚେତନ ଏବଂ ବାଣିଜ୍ୟ ମନୋବୃତ୍ତି-ସମ୍ପନ୍ନ ଫ୍ରାନ୍ସ୍‌କୁ ଆଉ ଯଥାର୍ଥରେ ଫ୍ରାନ୍ସ୍ ବୋଲି କୁହାଯିବ ନାହିଁ । ଏସବୁର ତା'ର ପ୍ରକୃତ ସ୍ୱଭାବ ସହିତ ଆଦୌ କୌଣସି ମେଳ ନାହିଁ ଏବଂ ସେଗୁଡ଼ିକର ଅନୁସରଣ କରିବା ଦ୍ୱାରା ତାହାକୁ ବିଶ୍ୱରେ ନିଜର ଉଚ୍ଚ ସ୍ଥାନଟିକୁ ହରାଇବାକୁ ପଡୁଛି ।

'oaob.nitrkl.ac.in' images reprocessed

ବର୍ତ୍ତମାନର ପିଲାମାନଙ୍କୁ ଏହିସବୁ ବିଷୟରେ ଅବହିତ କରାଇ ଦିଆଯିବା ଉଚିତ ।

*୪ ଏପ୍ରିଲ୍ ୧୯୫୫*

*

ଫ୍ରାନ୍ସ୍‌ହିଁ ଇଉରୋପକୁ ଭାରତବର୍ଷ ସହିତ ଯୁକ୍ତ କରି ପାରିବ । ଏହି କ୍ଷେତ୍ରରେ ଫ୍ରାନ୍ସ୍ ଲାଗି ଅନେକ ଆଧ୍ୟାତ୍ମିକ ସମ୍ଭାବନା ଅପେକ୍ଷା କରି ରହିଛି । ବର୍ତ୍ତମାନର ମନ୍ଦ ଅବସ୍ଥା ସତ୍ତ୍ୱେ ସିଏ ଅବଶ୍ୟ ଏକ ବୃହତ୍ ଭୂମିକା ଗ୍ରହଣ କରି ପାରିବ । ଫ୍ରାନ୍ସ୍‌ର ମାଧ୍ୟମରେହିଁ ଭାରତର ଆଧ୍ୟାତ୍ମିକ ବାଣୀ ଇଉରୋପରେ ଯାଇ ପହଞ୍ଚି ପାରିବ । ସେହି କାରଣରୁହିଁ, ଫ୍ରାନ୍ସ୍‌ର ନ ହୋଇଥିଲେ ମଧ୍ୟ ମୁଁ ଫ୍ରାନ୍ସ୍‌କୁହିଁ ମୋ'ର ଜନ୍ମ ସ୍ଥାନ ରୂପେ ବାଛିଥିଲି ।*

*

*ପ୍ରିୟ 'କ',*

*୧୯୬୧ ମସିହା ଅକ୍ଟୋବର ମାସରେ ମୁଁ ୱାର୍ଲ୍ଡ୍ ଇଉନିଅନ୍ ତରଫରୁ ଆଫ୍ରିକାରେ ମୋ'ର ଆସନ୍ନ ଗସ୍ତ ବିଷୟରେ ମୁଁ ମାଆଙ୍କ ପାଖକୁ ଲେଖିଥିଲି । ଯେଉଁ ବହୁ ସଂଖ୍ୟକ ଦେଶ ଏବେ ସେମାନଙ୍କର ସ୍ୱାଧୀନତା ଲାଭ କଲେ ଏବଂ ମୁକ୍ତ ହୋଇ ବାହାରି ଆସିଲେ, ସେଥିରେ ମୁଁ ସେହିମାନଙ୍କ ବିଷୟରେ ଉଲ୍ଲେଖ କରିଥିଲି । ଏହି ସବୁ ଜନସମୂହଙ୍କ ନିମନ୍ତେ ତାଙ୍କର କୌଣସି ସନ୍ଦେଶ ଥିଲା କି ? — ତାଙ୍କୁ ମୁଁ ଏକଥା ପଚାରିଥିଲି । 'ଏହା ତୁମର କାମରେ ଆସିବ କି ?' ଶୀର୍ଷକରେ ମାଆ ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଲେଖି ପଠାଇଥିଲେ :*

ଯଥାର୍ଥ ମୁକ୍ତି ହେଉଛି ବାସନାଗୁଡ଼ିକର କବଳରୁ ମୁକ୍ତି ଲାଭ କରିବା ।

ଯଥାର୍ଥ ସ୍ୱାଧୀନତା ହେଉଛି ଉଗ୍ର କାମନାଗୁଡ଼ିକର ହାତରୁ ସ୍ୱାଧୀନତା ଲାଭ କରିବା ।

ଯଥାର୍ଥ ପ୍ରଭୁତ୍ୱ ହେଉଛି ନିଜ ଉପରେ ପ୍ରଭୁତ୍ୱ ଅର୍ଜନ କରିବା ।

ତାହାହିଁ ଯଥାର୍ଥ ସୁଖଲାଭର ଚାବିକାଠି; ବାକି ଯାହାକିଛି ରହିଲା, ସେସବୁ କେବଳ ସାମୟିକ ଭ୍ରମ ମାତ୍ର ।

ବିଭାଜନ ମଧ୍ୟରେ ନୁହେଁ, ଏକତାରେହିଁ ମନୁଷ୍ୟର ଯାବତୀୟ ସମସ୍ୟାର

---

* ମାଆଙ୍କର ବାପା ତୁରସ୍କର ଓ ମାଆ ମିଶରର ଥିଲେ । ସିଏ ଜନ୍ମ ଗ୍ରହଣ କରିବାର ବର୍ଷକ ପୂର୍ବରୁ ସେମାନେ ୧୮୭୭ ଖ୍ରୀଷ୍ଟାବ୍ଦରେ ମିଶରରୁ ଫ୍ରାନ୍ସ୍‌କୁ ଚାଲି ଆସିଥିଲେ ।

'oaob.nitrkl.ac.in' images reprocessed

ସମାଧାନ ଉପଲବ୍ଧ ହୋଇ ପାରିବ ଏବଂ ମନୁଷ୍ୟ ଭୋଗ କରୁଥିବା ସକଳ ଦୁଃଖରୁ ପ୍ରତିକାର ମିଳି ପାରିବ ।

*ଅକ୍ଟୋବର ୧୯୬୧*

*

*ଦିବ୍ୟଜନନି,*

*ଆମର ଅର୍ଥ ସଂଗ୍ରହ କାର୍ଯ୍ୟରେ ଆମେରିକାର ଯେଉଁ ବ୍ୟକ୍ତିମାନେ ହୁଏତ ସାହାଯ୍ୟ କରିବାକୁ ସମ୍ମତ ହେବେ, ଆପଣ ସେମାନଙ୍କ ଉଦ୍ଦେଶ୍ୟରେ ଏକ ସନ୍ଦେଶ ଦେବେ କି ?*

ଅଧିକ ଅର୍ଥ ଆଣି ଦେବା ଅର୍ଥର ଉଦ୍ଦେଶ୍ୟ ନୁହେଁ । ଅଭିପ୍ରେତ ନୂତନ ସୃଷ୍ଟି ନିମନ୍ତେ ପୃଥିବୀକୁ ପ୍ରସ୍ତୁତ କରିବା,– ସେଇଥିଲାଗିହିଁ ଅର୍ଥର ଆବଶ୍ୟକତା ରହିଛି ।*

*୧୫ ଜୁନ୍ ୧୯୬୬*

*

ଯେଉଁମାନେ ପରମସତ୍ୟର ସେବକ ହେବେ, ସେମାନେ କଦାପି ଏପକ୍ଷର କିଂବା ସେପକ୍ଷର ହେବେ ନାହିଁ ।

ପରମସତ୍ୟ ସକଳ ଦ୍ୱନ୍ଦ୍ୱ ଏବଂ ବିରୋଧର ଊର୍ଦ୍ଧ୍ୱରେ ଅବସ୍ଥିତ ।

ଅଗ୍ରଗତି ଏବଂ ଉପଲବ୍ଧିର ଏକ ସମ୍ମିଳିତ ପ୍ରୟାସରେହିଁ ସକଳ ଦେଶ ସେହି ପରମସତ୍ୟ ମଧ୍ୟରେ ଏକତ୍ୱବଦ୍ଧ ହୋଇ ରହିଛନ୍ତି ।

*୮ ଜୁନ୍ ୧୯୬୭*

*

ଏକ ଜାତି ହିସାବରେ ପୃଥିବୀର ସକଳ ଜାତିମାନଙ୍କ ପରି ଇସ୍ରାଏଲ୍‌ର ମଧ ବଞ୍ଚି ରହିବାର ଅଧିକାର ରହିଛି ।

*୧୨ ଜୁନ୍ ୧୯୬୭*

*

ତୁମେ ଏକଥା କିପରି ବିଶ୍ୱାସ କରି ପାରିବ ଯେ, ପରମ କରୁଣା କୌଣସି ଗୋଟିଏ ଜାତି ଲାଗି କାର୍ଯ୍ୟ କରେ ବା ଆଉ ଗୋଟିଏ ଜାତିର ବିରୋଧରେ କାର୍ଯ୍ୟ କରେ ? ପରମ କରୁଣା ପରମ ସତ୍ୟ ଲାଗିହିଁ କାର୍ଯ୍ୟ କରୁଥାଏ ଏବଂ ପୃଥିବୀର ଅବସ୍ଥା ବର୍ତ୍ତମାନ ଯେଉଁଭଳି ହୋଇ ରହିଛି, ସତ୍ୟ ଏବଂ ମିଥ୍ୟା ଉଭୟେ ପ୍ରତ୍ୟେକ ସ୍ଥାନରେ

---

* ଏହି ସନ୍ଦେଶଟି ପ୍ରଥମେ ଏକ ଭିନ୍ନ ଅବସର ନିମନ୍ତେ ପ୍ରଦତ୍ତ ହୋଇଥିଲା ।

'oaob.nitrkl.ac.in' images reprocessed

ବିଦ୍ୟମାନ ରହିଛନ୍ତି, ପ୍ରତ୍ୟେକ ଜାତି ମଧ୍ୟରେ ବିଦ୍ୟମାନ ରହିଛନ୍ତି । ମନୁଷ୍ୟର ମନଟାହିଁ ଏହିଭଳି ଭାବରେ ଚିନ୍ତା କରିଥାଏ : ଏଇଟା ଠିକ୍ ଓ ସେଇଟା ଭୁଲ୍ ବୋଲି କହେ — ଏହି ଭୁଲ୍ ଓ ଠିକ୍ ସର୍ବତ୍ର ବିଦ୍ୟମାନ ରହିଛି ।

ପରମସତ୍ୟ ଯାବତୀୟ ଦ୍ୱନ୍ଦ୍ୱ ଓ ଯାବତୀୟ ବିରୋଧର ଊର୍ଦ୍ଧ୍ୱରେ ଅବସ୍ଥିତ ।

*୧୩ ଜୁନ୍ ୧୯୬୭*

*

*ଦୁଇଟି ବିଷୟରେ ମୁଁ ଆପଣଙ୍କଠାରୁ ଏକ ସ୍ପଷ୍ଟୀକରଣ ପାଇ ପାରିବି କି ?*

*(୧) କୌଣସି ଏକ ଦ୍ୱନ୍ଦ୍ୱର ଉଭୟ ପକ୍ଷରେ ପରମସତ୍ୟର ଯାହାକିଛି ଅଂଶ ରହିଥାଏ, ପରମ କରୁଣା ପ୍ରକୃତରେ ତାହାରି ଲାଗି କାର୍ଯ୍ୟ କରେ ନାହିଁ କି ?*

ହଁ ।

*ନା, ଉଭୟ ପକ୍ଷ ମିଥ୍ୟାକୁ ମଧ୍ୟ ଆଦରି ରହିଥିବାରୁ ତାହା ସମ୍ପୂର୍ଣ୍ଣ ଭାବରେ ଦୂରବର୍ତ୍ତୀ ହୋଇ ରହିଯାଏ ?*

ନାହିଁ । ମୁଁ କାର୍ଯ୍ୟ କରେ ବୋଲି କହିଥିଲି । ଏହି କାର୍ଯ୍ୟ ସତତ ଲାଗି ରହିଥାଏ ।

*(୨) ବର୍ତ୍ତମାନର ଦ୍ୱନ୍ଦ୍ୱ ଓ ସଂଘର୍ଷଗୁଡ଼ିକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସଦୃଶ ଏକ ସଂଘାତଠାରୁ ମୂଳତଃ ଭିନ୍ନ ପ୍ରକାରର ବୋଲି କୁହାଯିବ କି ? ଦ୍ୱିତୀୟ ମହାଯୁଦ୍ଧରେ ପରମକରୁଣା ନିର୍ଦ୍ଦିଷ୍ଟ ଓ ସୁମୀମାଂସକ ଭାବରେ ଗୋଟିଏ ପଟରେ ରହି କାର୍ଯ୍ୟ କରୁଥିଲା — ଅନ୍ତତଃ ସମଗ୍ର ଭାବରେ ଦେଖିଲେ ତାହାହିଁ କରୁଥିଲା ।*

ତୁମେ ଦୁଇଟା କଥାକୁ ଏକାଠି ମିଶାଇ ପକାଉଛ; ପରମକରୁଣାର କାର୍ଯ୍ୟ ସହିତ ପରମସତ୍ୟର ବିଜୟଲାଭ କରିବାର ଯେଉଁ ଅନିବାର୍ଯ୍ୟ ପରିଣାମ ସ୍ୱରୂପ ପ୍ରାପ୍ତ ହେଉଥିବା ଫଳକୁ ମିଶାଇ ପକାଉଛ । ସେହି ଦୁଇଟି ସମ୍ପୂର୍ଣ୍ଣ ଭାବରେ ଭିନ୍ନ ଭିନ୍ନ ବସ୍ତୁ ଭିନ୍ନ ଭିନ୍ନ ସ୍ତରରେହିଁ ରହି ଥାଆନ୍ତି ।

ପରମସତ୍ୟର ଉତ୍ତରୋତ୍ତର ବିଜୟଲାଭ ଫଳରେ ସ୍ୱତଃ କେତେକ ନିର୍ଦ୍ଦିଷ୍ଟ ପରିଣାମର ଏକ ସମୂହ ସମ୍ଭବ ହୋଇ ଆସିଥାନ୍ତି ଏବଂ ଅଧିକାଂଶ ସମୟରେ ମନୁଷ୍ୟର

'oaob.nitrkl.ac.in' images reprocessed

ମନ ଲାଗି ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେହିଁ ଆସିଥାନ୍ତି । ମନୁଷ୍ୟର ମନ ସର୍ବଦା ସବୁକିଛି ସଂପୂର୍ଣ୍ଣ ଭାବରେ ଅଲଗା କାଟି କାଟି ହୋଇ ଘଟୁଥାଉ ବୋଲି ଆଶା କରୁଥାଏ । ଦେଶ ଓ କାଳ ଉଭୟ ଭୂମିରେ ଏକ ସମଗ୍ର ଦୃଷ୍ଟି ରହିଥିଲେହିଁ ଯଥାର୍ଥରେ ସବୁକିଛିକୁ ବୁଝିହେବ ।

*୧୪ ଜୁନ୍ ୧୯୬୭*

*

*ଇହୁଦୀ ଏବଂ ଆରବମାନଙ୍କ ଭିତରେ ଯୁଗ ଯୁଗ ଧରି (ଅବଶ୍ୟ ସେମାନେ ମୂଳତଃ ଗୋଟିଏ ବଂଶରୁ ଉତ୍ପନ୍ନ ହୋଇଛନ୍ତି) ରହି ଆସିଥିବା ଶତ୍ରୁତାକୁ କିପରି ଭାବରେ ବ୍ୟାଖ୍ୟା କରାଯାଇ ପାରିବ ? ପୁରୁଷ ପୁରୁଷ ଧରି ସେମାନେ ପରସ୍ପରକୁ ଘୃଣା କରି ଆସୁଛନ୍ତି, ବିଗତ କେତେ କାଳ ହେଲା ଆମେ ଯେଉଁ ଅଚଳ ଅବସ୍ଥା ମଧ୍ୟରେ ବାସ କରୁଛୁ, ସେହି ପର୍ଯ୍ୟନ୍ତ ମଧ୍ୟ ସେହି ଘୃଣା ଲାଗି ରହିଛି ।*

ସମ୍ଭବତଃ ସେମାନେ ପରସ୍ପରର ପ୍ରତିବେଶୀ ହୋଇଥିବାରୁହିଁ ଏହି ଶତ୍ରୁତା ବିଦ୍ୟମାନ ରହିଛି ।

ହିଂସା ଓ ଶତ୍ରୁତା ... ଯେତେବେଳେ ଭାଇଭାଇ ପରସ୍ପରକୁ ଘୃଣା କରନ୍ତି, ସେତେବେଳେ ଅନ୍ୟମାନଙ୍କ ତୁଳନାରେ ସେମାନେ ଅନେକ ଅଧିକ ଘୃଣା କରନ୍ତି । ଶ୍ରୀଅରବିନ୍ଦ କହିଛନ୍ତି : ‘‘କୌଣସି କ୍ଷେତ୍ରରେ ଯେ ଏକ ଆହୁରି ଅଧିକ ଭଲ ପାଇବାର ସମ୍ଭାବନା ରହିଥାଏ, ଘୃଣା ପ୍ରକୃତରେ ତାହାରି ସୂଚନା ଆଣି ଦେଇ ଯାଉଥାଏ ।’’

*ଆମେ କ’ଣ ଏପରି ଭାବି ପାରିବା ଯେ, ପରସ୍ପର ସହିତ ସଂଘାତରେ ଜଡ଼ିତ ହୋଇ ରହିଥିବା ଏହି ଦୁଇ ବୃହତ୍ ଜନସମୂହ ଆମ ସଭ୍ୟତାର ଭାଗ୍ୟମୀମାଂସା କରିବା ଲାଗି ଆହୂତ ହୋଇ ଆସିଥିବା ସେହି ପ୍ରତୀକାତ୍ମକ ଶକ୍ତିଗୁଡ଼ିକର ପ୍ରତିନିଧିତ୍ୱ କରୁଛନ୍ତି ?*

ଏହି ସଂଘାତ କଦାପି ଆମ ସଭ୍ୟତାର ଭବିଷ୍ୟମୀମାଂସା କରି ପାରିବ ନାହିଁ ।

ମୁସଲମାନ ଏବଂ ଇସ୍ରାଏଲବାସୀ ଉଭୟେ ଏପରି ଦୁଇଟି ଧର୍ମର ପ୍ରତିନିଧିତ୍ୱ କରୁଛନ୍ତି, ଯେଉଁଠାରେ କି ଭଗବାନଙ୍କଠାରେ ବିଶ୍ୱାସ ରଖିବା ଅତି ଉତ୍କଟ ଭାବରେ ଗ୍ରହଣ କରାଯାଇଛି । କେବଳ ଇସ୍ରାଏଲ୍‌ବାସୀମାନେ ଏକ ନୈର୍ବ୍ୟକ୍ତିକ ଭଗବାନଙ୍କୁ ବିଶ୍ୱାସ କରନ୍ତି ଏବଂ ମୁସଲମାନମାନେ ବ୍ୟକ୍ତି ରୂପେ କଳ୍ପନା କରା ଯାଉଥିବା ଜଣେ ଭଗବାନଙ୍କୁ ବିଶ୍ୱାସ କରନ୍ତି ।

'oaob.nitrkl.ac.in' images reprocessed

ଆରବମାନେ ସ୍ୱଭାବତଃ ଅତିଶୟ ଆବେଗପ୍ରଧାନ । ସେମାନେ ପ୍ରାୟ ଗୋଟାସୁଦ୍ଧା ପ୍ରାଣିକ ସ୍ତରରେ ବାସ କରୁଥା'ନ୍ତି,— ସେଥିରେ ଯାବତୀୟ ତୀବ୍ର ଆବେଗ ଓ ବାସନାମାନ ପୂର୍ଣ୍ଣ ହୋଇ ରହିଥାଏ; ଇସ୍ରାଏଲୀମାନେ ପ୍ରଧାନତଃ ମସ୍ତିଷ୍କର ସ୍ତରରେ ବାସ କରୁଥା'ନ୍ତି,— ସେମାନଙ୍କଠାରେ ଅପେକ୍ଷାକୃତ ଅଧିକ ସଂଗଠନ ଶକ୍ତି ଏବଂ କୌଣସି ବିଚାରକୁ କାର୍ଯ୍ୟରେ ପରିଣତ କରିବାର ଶକ୍ତି ବଳବତ୍ତର ରହିଥାଏ,— ତାହା ପ୍ରକୃତରେ ଅସାଧାରଣ ମାତ୍ରାରେ ରହିଥିବାର ଦେଖିବାକୁ ମିଳେ । ଇସ୍ରାଏଲୀମାନେ ହେଉଛନ୍ତି ଅତ୍ୟନ୍ତ ବୁଦ୍ଧିସମ୍ପନ୍ନ ଓ ତା' ସହିତ ସେମାନଙ୍କର ଏକ ପ୍ରଶଂସାଯୋଗ୍ୟ ଇଚ୍ଛା ଶକ୍ତି ମଧ୍ୟ ରହିଛି । ସେମାନେ ଆଦୌ ଭାବପ୍ରବଣ ନୁହନ୍ତି, ଅର୍ଥାତ୍, ସେମାନେ କୌଣସି ଦୁର୍ବଳତାକୁ ଭଲ ପାଆନ୍ତି ନାହିଁ ।

ମୁସଲମାନମାନେ ଆବେଗ-ପ୍ରଧାନ, ଇସ୍ରାଏଲ୍‌ବାସୀ ବୁଦ୍ଧି-ପ୍ରଧାନ ।

*ଜୁନ୍ ୧୯୬୭*

*

(*ଜାପାନର ଓସାକାଠାରେ ପ୍ରତିଷ୍ଠିତ ଶ୍ରୀଅରବିନ୍ଦ ସୋସାଇଟି ଲାଗି ପ୍ରଦତ୍ତ ବାର୍ତ୍ତା*)

ଭୌତିକ ଜଗତରେ ଜାପାନ ସୌନ୍ଦର୍ଯ୍ୟ ଶିକ୍ଷା ଦେବାର ଗୁରୁ ହୋଇ ରହିଥିଲା ।

ସିଏ ଯେପରି ତା'ର ଏହି ବିଶେଷ ଗୁଣଟିକୁ ପରିତ୍ୟାଗ ନ କରେ !

ଅନେକ ଆଶୀର୍ବାଦ ।

*୧୬ ଅକ୍‌ଟୋବର ୧୯୭୨*

*

ସକଳ ଦେଶ ସମାନ ଓ ମୂଳତଃ "ଏକ" ।

ପ୍ରତ୍ୟେକ ଦେଶ ସେହି ଅଦ୍ୱିତୀୟ ସର୍ବୋଚ୍ଚ ସତ୍ତାଙ୍କର କୌଣସି ଗୋଟିଏ ବିଭାବର ପ୍ରତିନିଧିତ୍ୱ କରୁଛନ୍ତି ।

ଜାଗତିକ ଅଭିବ୍ୟକ୍ତିର କ୍ଷେତ୍ରରେ ଆପଣାର ଏକ ମୁକ୍ତ ଆତ୍ମପ୍ରକାଶ ଲାଗି ସେମାନଙ୍କର ସମାନ ଅଧିକାର ଅବଶ୍ୟ ରହିବ ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ, କୌଣସି ଦେଶର ଆକୃତି, ତାହାର କ୍ଷମତା ବା ଅନ୍ୟାନ୍ୟ ଦେଶ ଉପରେ ରହିଥିବା ତା'ର କର୍ତ୍ତୃତ୍ୱ ଉପରେ ତା'ର ମହତ୍ତ୍ୱ ଆଦୌ ନିର୍ଭର କରେ ନାହିଁ; ମାତ୍ର, ପରମସତ୍ୟର ଉଦ୍ଦେଶ୍ୟରେ ତାହା ଯେତିକି ଅନୁସନ୍ଧାନ ଜଣାଇବାକୁ ସମର୍ଥ ହୁଏ ଓ ତାହାକୁ ସିଏ ଯେତିକି ମାତ୍ରାରେ ବ୍ୟକ୍ତ କରି ଆଣିପାରେ, ତାହାର ମହତ୍ତ୍ୱ ତାହାରି ଉପରେହିଁ ନିର୍ଭର କରିଥାଏ ।

'oaob.nitrkl.ac.in' images reprocessed

Rs. 200/-

'oaob.nitrkl.ac.in' images reprocessed